# ପଣ୍ଡିତ ନୀଳକଣ୍ଠଙ୍କ
# ବିଜ୍ଞାନ ସମ୍ମତ
# ବିଶୁଦ୍ଧ ଓଡ଼ିଆ ବ୍ୟାକରଣ



ଆଲୋଚନା ଓ ସମ୍ପାଦନା
**ଡ଼କ୍ଟର କୁମୁଦିନୀ ମିଶ୍ର**

ପ୍ରକାଶକ
ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠଙ୍କ

# ବିଜ୍ଞାନସମ୍ମତ ବିଶୁଦ୍ଧ ଓଡ଼ିଆ ବ୍ୟାକରଣ

ଆଲୋଚନା ଓ ସଂପାଦନା

ଡକ୍ଟର କୁମୁଦିନୀ ମିଶ୍ର

ପ୍ରକାଶକ

ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

ଏ-୭୬, କଳ୍ପନା, ଭୁବନେଶ୍ୱର-୧୪

Digitized by PPRACHIN, SOA

# ପଂଡ଼ିତ ନୀଳକଂଠଂକ
# ବିଜ୍ଞାନସମ୍ମତ ବିଶୁଦ୍ଧ ଓଡ଼ିଆ ବ୍ୟାକରଣ

ଆଲୋଚନା ଓ ସଂପାଦନା
**ଡକ୍ଟର କୁମୁଦିନୀ ମିଶ୍ର**

ପ୍ରକାଶକ
ପଂଡ଼ିତ ନୀଳକଂଠ ସ୍ମୃତି ସମିତି
ଏ-୭୬, କଳ୍ପନା, ଭୁବନେଶ୍ୱର-୧୪

ପ୍ରଥମ ମୁଦ୍ରଣ—୨୦୧୩

ଅକ୍ଷର ବିନ୍ୟାସ
ବି. ଏନ୍. ଗ୍ରାଫିକ୍ସ
ଏନ୍-୫/୨୩୮, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର

ମୁଦ୍ରଣ :
ପରମା ପ୍ରିଣ୍ଟର୍ସ, କଟକ - ୪

ମୂଲ୍ୟ : ୧୮୦/-

**PANDITA NILAKANTHANKA**
**BIJNANA SAMMATA BISHUDDHA ODIA BYAKARANA**

Editing & Preface
**Dr. Kumudini Mishra**

Published by
**Pandita Nilakantha Smruti Samiti**
A-76, Kalpana, Bhubaneswar-14

Type Setting
**B.N. Graphics**
N-5/238, I.R.C. Village, Bhubaneswar-15

Firt Edition - 2013
***Printed by***

PARAMA PRINTERS, Cuttack-4

**Price : 180/-**

Digitized by PPRACHIN, SOA

# ଉତ୍ସର୍ଗ

"ଯାହା ପରସାଦ ତାଂକୁ ଅରପୁଛି
ହେଲେ ହେଉ ଅପରାଧ"

(ପଂଡ଼ିତ ନୀଳକଂଠଂକ ଅମର ଆତ୍ମା ପ୍ରତି ସମର୍ପିତ)

–କୁମୁଦିନୀ–

Digitized by PPRACHIN, SOA

Digitized by PPRACHIN, SOA

# ସ୍ମୃତି ସମିତି ତରଫରୁ.....

ପଂଡ଼ିତ ନୀଳକଂଠ କେବଳ ସଂସ୍କୃତ ବିଦ୍ୱାନ ନଥିଲେ, ପାଣିନୀ ବ୍ୟାକରଣରେ ତାଂକର ଅଗାଧ ପାଂଡ଼ିତ୍ୟ ଥିଲା । ଏହା ସତ୍ତ୍ୱେ ସେ ଓଡ଼ିଆ ଭାଷାର ସ୍ୱାତଂତ୍ର୍ୟ ରକ୍ଷା ପାଇଁ ଦୃଢ଼ ଯୁକ୍ତି କରୁଥିଲେ । ପଂଡ଼ିତ ନୀଳକଂଠଂକ ମତରେ ଭାଷାକୁ ନେଇ ବ୍ୟାକରଣ ସୃଷ୍ଟି ହୋଇଥାଏ, ମାତ୍ର ବ୍ୟାକରଣକୁ ନେଇ ଭାଷାର ସୃଷ୍ଟି ହୁଏ ନାହିଁ । ଆମେ ଯାହା କହୁ ତାହାହିଁ ଆମର ଭାଷା । ଆମ କଥିତ ଭାଷାର ମୌଳିକତା ହେଲା, ସଂସ୍କୃତ ପରି ଓଡ଼ିଆରେ କୌଣସି ଶବ୍ଦର ଦୀର୍ଘ ଉଚ୍ଚାରଣ ହୁଏ ନାହିଁ । ଓଡ଼ିଆରେ 'ନଦୀ'କୁ 'ନଦି' ଓ 'କୂଳ'କୁ 'କୁଳ' ଉଚ୍ଚାରଣ କରାଯାଏ । ସେହିପରି ଓଡ଼ିଆ ଭାଷାରେ 'ଶ', 'ସ' ଓ 'ଷ'ର ଉଚ୍ଚାରଣ 'ସ' ହିଁ ହୋଇଥାଏ । ଯେପରି ଓଡ଼ିଆରେ 'ଶଗଡ଼'କୁ 'ସଗଡ଼', 'ଷଂଢ'କୁ 'ସଂଢ' ଉଚ୍ଚାରଣ କରାଯାଏ । ପଂଡ଼ିତ ନୀଳକଂଠ ସତ୍ୟବାଦୀ ବନବିଦ୍ୟାଳୟରେ ୧୯୨୧ ମସିହାରେ ଛାତ୍ରମାନଂକୁ ଓଡ଼ିଆ ବ୍ୟାକରଣ ପଢ଼ାଇବା ବେଳେ ସେତେବେଳର ପ୍ରଚଳିତ ଓଡ଼ିଆ ବ୍ୟାକରଣ ପାଠ୍ୟପୁସ୍ତକଟି କେବଳ ସଂସ୍କୃତ ବ୍ୟାକରଣରୁ ଅନୁବାଦ ହୋଇଥିବା ଅନୁଭବ କଲେ । ପଂଡ଼ିତଂକ ଭାଷାରେ ଛାତ୍ରମାନଂକୁ ଯାହା ପଢ଼ାଯାଉଥିଲା, ତାହା ଥିଲା "ଓଡ଼ିଆ ଖୋଳପିଂଧା ସଂସ୍କୃତ ବ୍ୟାକରଣ" । ଓଡ଼ିଆ ଭାଷାର ମୌଳିକତା ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ପଂଡ଼ିତ ନୀଳକଂଠ କହୁଥିଲେ, "ଓଡ଼ିଆ ଭାଷାକୁ ସଂସ୍କୃତ ଖୁଂଟରେ ବାଂଧ ନାହିଁ ।" ଶ୍ରେଣୀରେ ଛାତ୍ରମାନଂକୁ, ପଢ଼ାଉଥିବା ନିଜର ଟିପା ଖାତାଟିକୁ ୧୯୩୫ ମସିହାରେ ଗୋଟିଏ ଖାଂଟି ଓଡ଼ିଆ ବ୍ୟାକରଣ ବହି ରୂପେ ପ୍ରକାଶ କରି ତାକୁ ପାଟନା ବିଶ୍ୱବିଦ୍ୟାଳୟ ଦ୍ୱାରା ସମସ୍ତ ବିଦ୍ୟାଳୟ ପାଇଁ ଓଡ଼ିଆ ବ୍ୟାକରଣର ପାଠ୍ୟପୁସ୍ତକ ରୂପେ ଅନୁମୋଦିତ କରାଇଥିଲେ । ଏହି ଖାଂଟି ଓଡ଼ିଆ ବ୍ୟାକରଣ ବହିଟି ପାଇଁ ସେ ସଂସ୍କୃତକୁ ଅନୁକରଣ କରିନଥିଲେ କିଂବା ଅନୁସରଣ କରିନଥିଲେ । ମାତ୍ର ଦୁଃଖର କଥା, ତତ୍କାଳୀନ ଶିକ୍ଷାବିଭାଗର ସର୍ବୋଚ୍ଚ କର୍ମକର୍ତାମାନଂକର ପଂଡ଼ିତ ନୀଳକଂଠଂକ ସହ ବ୍ୟକ୍ତିଗତ ବିଦ୍ୱେଷ ଯୋଗୁ ସେ ବହିଟି ବଦଳରେ 'ସର୍ବସାର ବ୍ୟାକରଣ' ନାମରେ ସଂସ୍କୃତ ଖୋଳପିଂଧା ଓଡ଼ିଆ ବ୍ୟାକରଣ ବହିଟି ପ୍ରଚଳିତ ହେଲା । ଦୁଃଖର ବିଷୟ, ଏ ପର୍ଯ୍ୟଂତ

Digitized by PPRACHIN, SOA

ଓଡ଼ିଆ ଭାଷା ତା'ର ନିଜସ୍ୱ ବ୍ୟାକରଣଟିଏ ପାଇବାକୁ ସକ୍ଷମ ହୋଇ ନାହିଁ । ଯଦି ପଂଡ଼ିତ ନୀଳକଂଠଂକ ବ୍ୟାକରଣ ବହିଟି ସେତେବେଳର ଓଡ଼ିଆ ଭାଷା ପାଠ୍ୟକ୍ରମର ଅଂତର୍ଭୁକ୍ତ ହୋଇଥାଆଂତା, ତେବେ ଆଜି ଓଡ଼ିଆ ଭାଷାର ଏକ ସଂପୂର୍ଣ ବ୍ୟାକରଣ ଲେଖା ହୋଇସାରଂତାଣି ।

ମୋର ବହୁ ଓଡ଼ିଆ ଅଧ୍ୟାପକ ବଂଧୁମାନଂକଠାରୁ ପଂଡ଼ିତ ନୀଳକଂଠ ଲେଖିଥିବା ବ୍ୟାକରଣ ବହି ସଂବଧରେ ଶୁଣିଥିଲି, ମାତ୍ର ଏହାର ରୂପରେଖ ସଂବଧରେ କୌଣସି ସୂଚନା କାହାରିକୁ ଉପଲବ୍ଧ ନଥିଲା । ବିଶିଷ୍ଟ ଭାଷାବିଜ୍ଞାନୀ ଡଃ ବିଜୟ ପ୍ରସାଦ ମହାପାତ୍ର ଏହି ବ୍ୟାକରଣ ବହିଟି ଲଂଡନସ୍ଥିତ ବ୍ରିଟିଶ୍ ମ୍ୟୁଜିଅମ୍‌ରେ ସ୍କୁଲ ଅଫ୍ ଓରିଏଂଟାଲ ଷ୍ଟଡିଜ୍‌ର ପୁସ୍ତକାଗାରରେ ଉପଲବ୍ଧ ଥିବା କଥା ଲଂଡନ ବିଶ୍ୱବିଦ୍ୟାଳୟର ପ୍ରଖ୍ୟାତ ଗବେଷକ ଜନ୍ ଭିକ୍ଟର ବୋଲଟନ୍‌ଂକଠାରୁ ଜାଣିବାକୁ ପାଇଲେ । ଡଃ ମହାପାତ୍ରଂକ ପରାମର୍ଶରେ ଓ ସ୍ମୃତି ସମିତିର ତତ୍କାଳୀନ ସାଧାରଣ ସଂପାଦକ ସ୍ୱର୍ଗତ ଦୁର୍ଗାମାଧବ ମିଶ୍ରଂକ ଉଦ୍ୟମରେ ନିର୍ଦ୍ଦିଷ୍ଟ ଦେୟ ପଇଠ କରଂତେ ବହିଟିର ଜେରକ୍ସ କପିଟିଏ ଉପଲବ୍ଧ ହେଲା । (ସେହି ମୂଳ ବହିଟିର ଆଭ୍ୟଂତରୀଣ ପ୍ରଥମ ପୃଷ୍ଠାଟି ଓ ପଂଡ଼ିତ ନୀଳକଂଠଂକ ଲିଖିତ ମୁଖବଂଧଟି ଏହି ବହିର ପରିଶିଷ୍ଟରେ ସନ୍ନିବେଶିତ ହୋଇଅଛି ।) ଉତ୍କଳ ସମ୍ମିଳନୀର ପୂର୍ଣ ଆର୍ଥିକ ଅନୁଦାନରେ ସେହି ବହିଟି ୧୯୯୬ ମସିହାରେ ସ୍ମୃତି ସମିତି ଦ୍ୱାରା ପୁନଃମୁଦ୍ରିତ ହେଲା । ପରେ ଜଣାଗଲା, ତାହା ପଂଡ଼ିତ ନୀଳକଂଠଂକ ବ୍ୟାକରଣର ଅସଂପୂର୍ଣ ପ୍ରକାଶନ ଓ ଏହାର ବହୁଅଂଶ ଅପ୍ରକାଶିତ ରହିଛି ।

ଆମର ପରମ ସୌଭାଗ୍ୟ, ସମିତିର ସମ୍ମାନନୀୟା ଆଜୀବନ ସଭ୍ୟା ଡଃ କୁମୁଦିନୀ ମିଶ୍ର ଅସୀମ ଶ୍ରମ ସ୍ୱୀକାର କରି ପଂଡ଼ିତ ନୀଳକଂଠଂକ ଅପ୍ରକାଶିତ ପାଂଡୁଲିପିମାନଂକରୁ ସଂପୂର୍ଣ ବ୍ୟାକରଣ ବହିଟିର ପାଂଡୁଲିପିଟି ଉଦ୍ଧାର କରିବା ସହ ପୂର୍ଣାଂଗ ବ୍ୟାକରଣ ବହିଟିର ସଂକଳନ କରିବାକୁ ସମର୍ଥ ହୋଇଛଂତି । ସେ ମହାଶୟାଂକୁ ସ୍ମୃତି ସମିତି ତରଫରୁ ଅଶେଷ ଧନ୍ୟବାଦ ଜଣାଉଛି । ଏ ବହିଟିର ପ୍ରକାଶନ ନିମଂତେ ପ୍ରଖ୍ୟାତ ଭାଷାବିଜ୍ଞାନୀ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ ସୁଚିଂତିତ ପରାମର୍ଶ ଦେଇଥିବାରୁ ସେ ମହାଶୟ ଆମର ଧନ୍ୟବାଦାର୍ହ । ସ୍ମୃତି ସମିତିର ଦୁର୍ବଳ ଆର୍ଥିକ ସ୍ଥିତି ଏଭଳି ଏକ ଦୁର୍ଲଭ ପୁସ୍ତକର ପ୍ରକାଶନରେ ବାଧା ସୃଷ୍ଟି କଲାବେଳେ, ପଂଡ଼ିତ ନୀଳକଂଠଂକ କନିଷ୍ଠା

Digitized by PPRACHIN, SOA

କନ୍ୟା ଶ୍ରୀମତୀ ରମା ଦେବୀ ଓ ନାତୁଣୀ ଙ୍କାଇଁ ଶ୍ରୀଯୁକ୍ତ ଦେବରାଜ ତ୍ରିପାଠୀଂକର ଆର୍ଥିକ ଅନୁଦାନରେ ଏହି ମହତ୍ କାର୍ଯ୍ୟ ସଂପନ୍ନ ହେବାକୁ ଯାଉଛି । ଉଭୟେ ଏଥିପାଇଁ ଖୁବ୍ ପ୍ରଶଂସାର ପାତ୍ର । ପୁସ୍ତକ ପ୍ରକାଶନରେ ସାହାଯ୍ୟ କରିଥିବା ଡଃ ସୁରେଂଦ୍ର କୁମାର ମହାରଣା, ଶ୍ରୀଯୁକ୍ତ ରବିନାରାୟଣ ମିଶ୍ର, ଶ୍ରୀଯୁକ୍ତ ସରୋଜ କୁମାର ମିଶ୍ର ଓ ଶ୍ରୀଯୁକ୍ତ ଦୀପକ କୁମାର ପରିଡ଼ାଂକୁ ଅଶେଷ ଧନ୍ୟବାଦ । ବିଶିଷ୍ଟ ଭାଷାବିତ୍‌ମାନଂକ ମତରେ ପଂଡ଼ିତ ନୀଳକଂଠ ହେଉଛଂତି ଓଡ଼ିଆ ଭାଷାବିଜ୍ଞାନର ଜନକ ଓ ପଂଡ଼ିତ ନୀଳକଂଠଂକ ବ୍ୟାକରଣକୁ ବାଦ୍ ଦେଇ ଓଡ଼ିଆ ବ୍ୟାକରଣ ଲେଖାଯାଇ ପାରିବ ନାହିଁ । ୧୦୦ ବର୍ଷର ବିଳଂବ ସତ୍ତ୍ୱେ ସଂସ୍କାରକ ପଂଡ଼ିତ ନୀଳକଂଠଂକର ଏଇ ଅମୂଲ୍ୟ ଗ୍ରଂଥଟି ପ୍ରଚଳିତ ଓଡ଼ିଆ ବ୍ୟାକରଣରେ ବ୍ୟାପକ ସଂସ୍କାର ଆଣିଦେଉ, ଏହାହିଁ ପ୍ରଭୁ ଜଗନ୍ନାଥଂକ ନିକଟରେ ପ୍ରାର୍ଥନା ।

ଏ-୭୬, କଞ୍ଚନା ଏରିଆ
ଭୁବନେଶ୍ୱର-୧୪

ଡଃ ପୂର୍ଣ୍ଣେଂଦୁ କୁମାର ଦାସ
ସାଧାରଣ ସଂପାଦକ
ପଂଡ଼ିତ ନୀଳକଂଠ ସ୍ମୃତି ସମିତି

Digitized by PPRACHIN, SOA

## ଭାଷା ଓ ବ୍ୟାକରଣ ସଂପର୍କରେ ନୀଳକଂଠଂକ କେତୋଟି ମଂତବ୍ୟ

(୧) ଭାଷାରୁ ବ୍ୟାକରଣ ହୁଏ । ବ୍ୟାକରଣରୁ ଭାଷା ହୁଏ ନାହିଁ । ବ୍ୟାକରଣରୁ ଯେଉଁ ଭାଷା ହୁଏ ତାହା ଚଳିତ ଭାଷା ନୁହେଁ । ତାକୁ କହଂତି ମୃତ ଭାଷା । (ଓଡ଼ିଆ ଭାଷା ଓ ବ୍ୟାକରଣ-ଆଲୋଚନା ନବଭାରତ-୬/୮)

(୨) ବ୍ୟାକରଣ ଭାଷା ପାଇଁ, ଭାଷାରେ ପ୍ରକାଶିତ ଭାବକୁ କାଳରେ ଓ ଦେଶରେ ଜୀବଂତ ଓ ସ୍ଥାୟୀ କରିବା ପାଇଁ । ଭାଷା ବ୍ୟାକରଣ ପାଇଁ ନୁହେଁ । (ଆଲୋଚନା ନବଭାରତ-୨/୧)

(୩) ଓଡ଼ିଆର ସବୁ ବର୍ଣରେ ସଂସ୍କୃତରେ ନିର୍ଦ୍ଦିଷ୍ଟ ରହିଥିବା ଉଚ୍ଚାରଣ ନାଇ, ଯଥା-ଓଡ଼ିଆରେ 'ବଂଚିବା'ର ଉଚ୍ଚାରଣ ଠିକ୍ 'ବଞ୍ଚିବା' ନୁହେଁ, ବରଂ ଏହା 'ବନ୍‌ଚିବା'; 'ବାଂଛା'-'ବାଞ୍ଛା' ନୁହେଁ, 'ବାନ୍‌ଛା' । ଏଣୁ ଅନୁସ୍ୱାର ଦେଇ ଲେଖିବା ସାଧୁ । (ବର୍ଣ ବିଗ୍ରହ - ଓଡ଼ିଆ ବ୍ୟାକରଣ)

(୪) ମୁଖର ଉଚ୍ଚାରଣ ହିଁ ବର୍ଣ । ଲିଖିତ ଅକ୍ଷର ସଂଗେ ତାହାର କୌଣସି ସାକ୍ଷାତ ସଂବଂଧ ନାହିଁ । ଲିଖିତ ଅକ୍ଷର ବର୍ଣର ଗୋଟିଏ ସଂକେତ ମାତ୍ର । (ବର୍ଣ ବିଗ୍ରହ)

(୫) ସମାଜର ଗତି ସଂଗେ ଓଡ଼ିଆ ଭାଷାରେ ବିକାଶ ହୋଇ ନାଇଁ । ଲିଖିତ ଭାଷାରେ ତ ହୋଇନାଇଁ । କଥିତ ଭାଷାରେ ବି ତା' ହୋଇପାରି ନାଇଁ । କେବଳ ଓଡ଼ିଆରେ ନୁହେଁ, ଭାରତର ଅନ୍ୟାନ୍ୟ ଅନେକ ଭାଷା, ବିଶେଷରେ ସଂସ୍କୃତ ମୂଳକ ଭାଷାର ଏଇ ଅବସ୍ଥା । (ଓଡ଼ିଆ ଭାଷା ଓ ବ୍ୟାକରଣ-ଆଲୋଚନା ନବଭାରତ-୬/୮)

Digitized by PPRACHIN, SOA

# ଆଦ୍ୟ କଥନ

ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ଭାଷାବିଦ୍ ଓ ସାହିତ୍ୟ ସାଧକ ପଂଡ଼ିତ ନୀଳକଂଠଂକ ସାହିତ୍ୟ ସୃଷ୍ଟି ଓ ଭାଷା ଚର୍ଚ୍ଚା ସଂପର୍କରେ ଗବେଷଣା କରି ଡି.ଲିଟ୍. ଉପାଧି ଲାଗି ସଂଦର୍ଭ ପ୍ରସ୍ତୁତ କରିବା ଅବସରରେ ପଂଡ଼ିତଜୀଂକ ସହଧର୍ମିଣୀ ତଥା ମୋର ଚିର ନମସ୍ୟା ରାଧାମଣି ଦେବୀଂକଠାରୁ ଗବେଷଣାର ଉପାଦାନ ଭାବେ ଗୋଟିଏ କନାରେ ବଂଧା ଥିବା ନୀଳକଂଠଂକ ହାତଲେଖା କେତେକ ଛିନ୍ନ ପୃଷ୍ଠା ମୁଁ ପାଇଥିଲି । ତା'ରି ଭିତରୁ ମୁଁ ଉଦ୍ଧାର କଲି ନୀଳକଂଠଂକ ପରିକଳ୍ପିତ ବ୍ୟାକରଣ ଗ୍ରଂଥର ଚ଼ାରିଗୋଟି ଭାଗର ପାଂଡୁଲିପି । ପୃଷ୍ଠାଗୁଡ଼ିକ ଛିନ୍ନବିଚ୍ଛିନ୍ନ ଥିବାରୁ ଏବଂ କୀଟଦଷ୍ଟ ହୋଇ କେତେକ ପୃଷ୍ଠାର ପୃଷ୍ଠାଂକ ଲେଖାଥିବା ଅଂଶ ନ ଥିବାରୁ ପାଂଡୁଲିପିଟି କ୍ରମ-ଅନୁସାରେ ସଜାଇ ତାକୁ ଉତ୍ତାରିବାକୁ ମୋତେ ଦୀର୍ଘ ଚ଼ାରିବର୍ଷ ସମୟ ଲାଗିଥିଲା ।

ପଂଦର ବର୍ଷ ତଳୁ ପାଂଡୁଲିପିଟିର ନକଲ ପ୍ରସ୍ତୁତ କରି ରଖିଥିଲେ ହେଁ ବିଭିନ୍ନ କାରଣରୁ ତାକୁ ପୁସ୍ତକ ଆକାରରେ ପ୍ରକାଶ କରିବା ଲାଗି ସୁଯୋଗ ପାଇନଥିଲି । ଅବଶ୍ୟ ମୋର କେତୋଟି ଗବେଷଣାତ୍ମକ ପ୍ରବନ୍ଧରେ ଓ ମୋର ଡି.ଲିଟ୍. ସଂଦର୍ଭ (ଖ୍ରୀ. ୨୦୦୩ରେ ପ୍ରକାଶିତ "ସତ୍ୟବାଦୀ-ସବ୍ୟସାଚୀ" ଶୀର୍ଷକ ଗ୍ରଂଥ)ରେ ଏହି ବ୍ୟାକରଣ ଗ୍ରଂଥ ସଂପର୍କରେ କେତେକ ତଥ୍ୟ ପରିବେଷିତ ହୋଇଥିଲା ।

ଆଲୋଚ୍ୟ ବ୍ୟାକରଣ ଗ୍ରଂଥର ପ୍ରଥମ ଓ ଦ୍ୱିତୀୟ ଭାଗର ପ୍ରଥମ ସଂସ୍କରଣ ଖ୍ରୀ.୧୯୩୫ରେ (ପ୍ରକାଶକ-କଟକ ଟ୍ରେଡିଂ କଂପାନୀ) ଏବଂ ଦ୍ୱିତୀୟ ସଂସ୍କରଣ ଖ୍ରୀ.୧୯୯୭ରେ (ପ୍ରକାଶକ-ପଂଡିତ ନୀଳକଂଠ ସ୍ମୃତି ସମିତି) ପ୍ରକାଶ ପାଇଥିଲେ ହେଁ, ଏଥିରେ କେତେକ ତ୍ରୁଟି ରହିଯାଇଥିବାର ପାଂଡୁଲିପି ଦେଖି ଜାଣିପାରିଲି । ସେସବୁ ତ୍ରୁଟି ପରିହାରପୂର୍ବକ ନୀଳକଂଠଂକ ବ୍ୟାକରଣର ଚ଼ାରିଗୋଟି ଭାଗ - ବାକ୍ୟ ବିଚ଼ାର, ପଦ ବିଚ଼ାର, ଶବ୍ଦ ବିଚ଼ାର ଓ ବର୍ଣ୍ଣ ବିଚ଼ାର - ଏକତ୍ର କରି ସଂଶିତ ପୁସ୍ତକଟି ପ୍ରସ୍ତୁତ କରିଛି ।

ଆଉ ଦୁଇଟି ଭାଗ - 'ଛଂଦ ବିଚ଼ାର' ଓ 'ତତ୍ତ୍ୱ ବିଚ଼ାର' ଲେଖିବା ପାଇଁ ନୀଳକଂଠ ପରିକଳ୍ପନା କରିଥିଲେ ହେଁ, ତାଂକର ବହୁମୁଖୀ କାର୍ଯବ୍ୟସ୍ତତା ଭିତରେ ତାହା ସଂଭବ ହୋଇପାରି ନଥିଲା । ତେବେ ତାଂକ ସଂପାଦିତ 'ନବଭାରତ'

Digitized by PPRACHIN, SOA

ପତ୍ରିକାର ୧ମ ବର୍ଷ/୧୦ମ ୧୧ଶ ସଂଖ୍ୟା ଓ ୨ୟ ବର୍ଷ/୧ମ ୨ୟ ସଂଖ୍ୟାରେ ତାଂକ ରଚିତ ଛଂଦ ବିଷୟକ ତିନିଗୋଟି ପ୍ରବଂଧ – 'ଓଡ଼ିଆ କବିତା ତଥା ଛଂଦର ପ୍ରଗତି', 'ଓଡ଼ିଆ ଛଂଦ ଓ ଉପାଂତ୍ୟ ମିଳନ' ଏବଂ 'ଓଡ଼ିଆ ଛଂଦର ଇତିହାସ' ପ୍ରକାଶ ପାଇଥିଲା । ଶଂସିତ ବ୍ୟାକରଣ ଗ୍ରଂଥର ପରିଶିଷ୍ଟରେ ସେହି ପ୍ରବଂଧ ଗୁଡ଼ିକୁ ସ୍ଥାନିତ କରାଯାଇଛି ।

ପାଂଡୁଲିପିରେ ବ୍ୟାକରଣର ଶୀର୍ଷକଟି "ବିଜ୍ଞାନ ସମ୍ମତ ବିଶୁଦ୍ଧ ଓଡ଼ିଆ ବ୍ୟାକରଣ" ଉଲ୍ଲେଖ ଥିବାରୁ ଆଲୋଚ୍ୟ ଗ୍ରଂଥରେ ସେଇ ଶୀର୍ଷକଟି ରଖାଯାଇଛି । ବର୍ଗର ପଂଚମ ବ୍ୟଂଜନ ବର୍ଣ ସହ ଅନ୍ୟ ବ୍ୟଂଜନ ଯୁକ୍ତ ଥିଲେ ନୀଳକଂଠ ପଂଚମ ବ୍ୟଂଜନ ବର୍ଣ ସ୍ଥାନରେ ଅନୁସ୍ୱାର (ଂ) ପ୍ରୟୋଗ କରୁଥିଲେ । ସେ ପୁଣି ତାଂକ ଲେଖାରେ '"' (ରେଫ୍) ପରେ ବର୍ଣର ଦ୍ୱିତ୍ୱ ପରିହାର କରିଥିଲେ । ତାଂକର ଏହି ଲିପି ସଂସ୍କାରକୁ ସ୍ୱାଗତ କରି ସଂଶିତ ଗ୍ରଂଥରେ ସେହି ନିୟମ ଅବ୍ୟାହତ ରଖିବା ପାଇଁ ପ୍ରୟାସ କରାଯାଇଛି ।

"ବିଜ୍ଞାନ ସମ୍ମତ ବିଶୁଦ୍ଧ ଓଡ଼ିଆ ବ୍ୟାକରଣ"ର ପ୍ରକାଶନ ଦାୟିତ୍ୱ ପଂଡିତ ନୀଳକଂଠ ସ୍ମୃତି ସମିତି ବହନ କରିଥିବାରୁ ଏହି ଅନୁଷ୍ଠାନ ପ୍ରତି ମୋର ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।

ପାଂଡୁଲିପିର ନକଲ ଓ ଆଲୋଚ୍ୟ ବ୍ୟାକରଣ ଗ୍ରଂଥର ରୂପରେଖ ସଂପର୍କରେ ମୋ ଦ୍ୱାରା ପ୍ରସ୍ତୁତ ମୁଖବଂଧଟି ପାଠକରି ସ୍ୱନାମଧନ୍ୟ ଭାଷାବିଦ୍ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଅନୁକୂଳ ମଂତବ୍ୟ ଦେଇ ଭୂମିକାଟିଏ ଲେଖିଥିବାରୁ ତାଂକଠାରେ ମୁଁ ଚିରକୃତଜ୍ଞ ରହିବି ।

ମୂଳ ପାଂଡୁଲିପି ସହ ମୋର ନକଲକୁ ମିଳାଇ ଦେଖିବାରେ ସହଯୋଗ କରିଥିବାରୁ ପଂଡିତ ନୀଳକଂଠଂକ ପୌତ୍ର ତଥା ନୀଳକଂଠ ସ୍ମୃତି ସମିତିର ସଂପାଦକ ଡକ୍ଟର ପୂର୍ଣେଂଦୁ କୁମାର ଦାସଂକୁ ସାଧୁବାଦ ଜଣାଉଛି । ଶେଷରେ ଗ୍ରଂଥଟିର ସଂଶୋଧ୍ୟ ଫର୍ଦ ପ୍ରସ୍ତୁତି (Proof Sheet Preparing) କାର୍ଯରେ ସହାୟତା କରିଥିବା ଡକ୍ଟର ସୁରେଂଦ୍ର କୁମାର ମହାରଣା, ଶ୍ରୀଯୁକ୍ତ ସରୋଜ କୁମାର ମିଶ୍ର ଓ ଶ୍ରୀଯୁକ୍ତ ରବିନାରାୟଣ ମିଶ୍ରଙ୍କ ଅବଦାନ ଅବଶ୍ୟ ସ୍ମରଣୀୟ ରହିବ ।

ଓଡ଼ିଆ ଭାଷାର ବିଶୁଦ୍ଧ ବ୍ୟାକରଣ ରୂପେ ଏହି ଗ୍ରଂଥ ପାଠକୀୟ ଆଦୃତି ଲାଭକଲେ ମୋର ଦୀର୍ଘଦିନର ପରିଶ୍ରମ ସାର୍ଥକ ହେବ ।

**କୁମୁଦିନୀ ମିଶ୍ର**

Digitized by PPRACHIN, SOA

# ଭୂମିକା

'ଅ' ବା 'ଆ' ପରେ 'ଅ' ବା 'ଆ' ଥିଲେ ଦୁହେଁ ମିଶି 'ଆ' ହୁଅଂତି । ଏହା ଓଡ଼ିଆ ବ୍ୟାକରଣର 'ସଂଧି'ର ପ୍ରଥମ ସୂତ୍ର । କିନ୍ତୁ ପ୍ରକୃତରେ ଏହା ସଂସ୍କୃତ ସଂଧିର ସୂତ୍ର । ଓଡ଼ିଆରେ 'ଅ' ପରେ 'ଅ' ହେଲେ ତହିଁରୁ ପୂର୍ବ 'ଅ'ର ଲୋପ ହୁଏ । ଯଥା-

ବାର+ଅଣା=ବାରଣା; ଷୋଳ+ଅଣା=ଷୋଳଣା

ପୂର୍ବ 'ଅ' ଲୋପର ଆଉ ଏକ ଉଦାହରଣ- କର+ଏକ=କରେକ

"କରେକ ବୁକେ କରେ ଚିବୁକେ ଦେଇ ଗୃଟୁ ଆରଂଭିଲେ ।"

ମୁଁ ପରିହାସ କରି କହେ, ଓଡ଼ିଆରେ ଓଡ଼ିଆ ଶବ୍ଦ ନାହିଁ । ଓଡ଼ିଆ ବ୍ୟାକରଣରେ ଓଡ଼ିଆ ଶବ୍ଦକୁ ତତ୍ସମ, ତଦ୍ଭବ, ଦେଶଜ ଓ ବୈଦେଶିକ ଭେଦରେ ପ୍ରସ୍ତୁତ କରାଯାଇଛି । ଏ ସମସ୍ତ ଯେ ଓଡ଼ିଆ ଶବ୍ଦ ଏ କଥା ଆମେ ମନେ ରଖିବା ଉଚିତ । ଏପରିକି ସାଇକଲ, ମଟର, ଟିକଟ, ଟେବୁଲ, ମେଜ, ସିକା, ସାନ, ଗିନା, ସୱା, ବେୱା ପରି ଶବ୍ଦ ମୂଳତଃ ଯାହା କୁହଂତୁ, ଏସବୁ ଆମର ବ୍ୟବହାରିକ ଓଡ଼ିଆ । ଏ ବିଷୟରେ କାହାରି ସଂଦେହ ରହିବା ଉଚିତ ନୁହେଁ । ଅଥଚ ଓଡ଼ିଆ ଶବ୍ଦଭଂଡାର ଆଲୋଚନାରେ ଏଗୁଡ଼ିକୁ ବିଦେଶୀ ବୋଲି ଗଣାଯାଏ । ଇଂରାଜୀ ଭାଷାରେ ଅଶି ପ୍ରତିଶତ ଶବ୍ଦ ଅଣ ଇଂରାଜୀ ସୂତ୍ରରୁ ଆସିଛି । ଅଥଚ ସମସ୍ତେ ଏଗୁଡ଼ିକୁ ଇଂରାଜୀ ଶବ୍ଦ ବୋଲି କୁହଂତି ।

ସଂସ୍କୃତରେ କାଳ, ବଚନ, ଲିଂଗ ଭେଦରେ ଏକୋଇଶି ଯୁକ୍ତତିନି, ଚବିଶଟି ବିଭକ୍ତି ବାହାରେ ଶବ୍ଦଗଢ଼ଣ ପାଇଁ ଅସଂଖ୍ୟ ବିଭକ୍ତି ବାହାର କରାଯାଏ । ସଂସ୍କୃତରେ ବିଭିନ୍ନ ପ୍ରତ୍ୟୟରୁ ଗୋଟିଏ ଶବ୍ଦ ପଠନକାରୀ ପ୍ରତ୍ୟୟ ସୃଷ୍ଟି ହୋଇଥାଏ । ଉଦାହରଣସ୍ୱରୂପ – ସଂସ୍କୃତ ବ୍ୟାକରଣରେ 'କୃ' ଧାତୁରେ କ୍ତ, କ୍ତବତୁ, ଶତୃ, କ୍ତ୍ୱା, ଲ୍ୟାପ୍, ତୁମୁନ୍, ତବ୍ୟ, ତୃଚ୍, ଲ୍ୟୁଟ୍, ଣିଚ୍, ସନ୍ ଆଦି ପ୍ରତ୍ୟୟ ଲାଗି କୃତ, କୃତବାନ୍, କୁର୍ବନ, କୃତ୍ୱା, ଉପକୃତ୍ୟ, କର୍ତୁମ୍, କର୍ତବ୍ୟ, କର୍ତା, କରଣ, କାରୟତି, ଚିକୀର୍ଷତି ପରି ଶବ୍ଦ ସୃଷ୍ଟି ହୁଏ ।

ଓଡ଼ିଆରେ ଏଗୁଡ଼ିକ କୃତ (ଗତ); କରିଥିବା, କରୁଚି, କରୁକରୁ, କରିକରି, କରି; କରିବାପାଇଁ, କର୍ତବ୍ୟ, କର୍ତା, କରଣ, କରୋଉଚି, କରିବାପାଇଁ ଇଚ୍ଛା ଆଦ

Digitized by PPRACHIN, SOA

ରୂପରେ ଦେଖିବାକୁ ମିଳେ । ତେଣୁ ଓଡ଼ିଆ ବ୍ୟାକରଣର ପ୍ରୟୋଗକୁ ସଂସ୍କୃତ ପ୍ରତ୍ୟୟ ଭିତରେ ଖୋଜିବା ବାଗୁଳତା ଭିନ୍ନ କିଛି ନୁହେଁ ।

ଓଡ଼ିଆ ବ୍ୟାକରଣରେ ଏହାର ପ୍ରୟୋଜନ ବିଷୟରେ ସନ୍ଦେହ ହେବା ସ୍ୱାଭାବିକ । ଓଡ଼ିଆରେ କୁ, ଙ୍କୁ, ମାନଙ୍କୁ ଲଗାଇ ଉଭୟ କର୍ମ ଓ ସଂପ୍ରଦାନ କାରକ ଗଢ଼ିବାର ବିଧି ଅଛି । ଉଭୟରେ ପ୍ରତ୍ୟୟ ସମାନ ହୋଇଥିବାରୁ ଦୁଇଟି କାରକ ଏବଂ ଦୁଇପ୍ରକାର ବିଭକ୍ତି କରିବାର କୌଣସି କାରଣ ନାହିଁ । ଉଦାହରଣ-

ଧୋବାକୁ ଲୁଗା ଦିଅ । (୨ୟା ବିଭକ୍ତି)

ଭୋକିଲାକୁ ଖାଇବାକୁ ଦିଅ । (୪ର୍ଥୀ ବିଭକ୍ତି)

ପ୍ରକୃତରେ ଓଡ଼ିଆରେ ବିଭକ୍ତି ନାହିଁ । ପରପଦ ଦେଇ ସଂପର୍କ ଦେଖାଯାଉଥିବାରୁ ଓଡ଼ିଆରେ ଦୁଇଟି କାରକ ଅଛି ବୋଲି କୁହାଯାଇଥାଏ ।

ଓଡ଼ିଆରେ ଗୋଟିଏ ଆଧାରରେ ପରପଦ ଲାଗୁ ନଥିବାରୁ ଏବଂ ଅନ୍ୟଟିରେ ଲାଗୁଥିବାରୁ ଏଇ ଦୁଇଟି କାରକ ସମ୍ଭବ ହୁଏ । ଉଦାହରଣ-

(୧) ମୁଁ, ତୁ, ସେ ।

(୨) ମତେ, ମୋ ଦ୍ୱାରା, ମୋ ପାଇଁ, ମୋ ଠାରୁ, ମୋର, ମୋ ଠାରେ ଇତ୍ୟାଦି

ଏ ଯାଏଁ ଓଡ଼ିଆ ଭାଷାର ପ୍ରକୃତିକୁ ଧରି ଓଡ଼ିଆ ବ୍ୟାକରଣ ଲେଖା ହୋଇନାହିଁ । ସଂସ୍କୃତ କିମ୍ବା ଲାଟିନ୍ ଆଦର୍ଶରେ ଓଡ଼ିଆ ବ୍ୟାକରଣ ଲେଖା ହେଉଛି । ଓଡ଼ିଆରେ ବ୍ୟାକରଣିକ ଲିଙ୍ଗ ନଥିଲେ ସୁଦ୍ଧା ଓଡ଼ିଆ ବ୍ୟାକରଣରେ ପୁଂଲିଙ୍ଗ, ସ୍ତ୍ରୀଲିଂଗ ଓ କ୍ଲୀବ ଲିଂଗ ଦେଖିବାକୁ ମିଳେ । କୌଣସି କୌଣସି ବ୍ୟାକରଣରେ ଦ୍ୱିବଚନର ମଧ୍ୟ ଉଲ୍ଲେଖ ଅଛି ।

ଓଡ଼ିଆ ଭାଷାର ପ୍ରଥମ ନିରୂଢ଼ା ବ୍ୟାକରଣ ରଚନା ପ୍ରଚେଷ୍ଟା କରିଥିଲେ ପଂଡ଼ିତ ନୀଳକଂଠ ଦାସ । ତାଙ୍କର ରାଜନୀତି ତାଂକୁ ଶିକ୍ଷା କ୍ଷେତ୍ରରୁ ଅପସରାଇ ନେଲା । ତାଙ୍କ ବ୍ୟାକରଣ ରଚନା ତ ସଂପୂର୍ଣ୍ଣ ହେଲାନାହିଁ, ଯାହା ବା ହେଲା ତହିଁରେ ମଧ୍ୟ କେତେକ ସାଲିସ୍ (compromise) ରହିଲା । ପଂଡ଼ିତଜୀ ଓଡ଼ିଆ ବ୍ୟାକରଣ ରଚନାରେ ଯେଉଁ ପୁରୋଦୃଷ୍ଟି, ନୂଆ ପରିକଳ୍ପନା ଏବଂ ନୂଆ ମାପକାଠିର ସୃଷ୍ଟି କଲେ, ତାହା ଅତୁଳନୀୟ । ତାଂକର ଆଲୋଚନାକୁ ଧରି ଆଗେଇବା ତ ଦୂରର କଥା, ତାଂକର ଅସମାପ୍ତ କାର୍ଯ୍ୟକୁ ସମାପ୍ତ କରିବା ପାଇଁ ଓଡ଼ିଶାରେ ଲୋକଂକର ଘୋର ଅଭାବ । ସଂସ୍କୃତ, ପାଲି, ପ୍ରାକୃତ ପଢ଼ି ଓଡ଼ିଆ ଗଢ଼ଣ ଆଲୋଚନା

Digitized by PPRACHIN, SOA

କରିଥିବା ଶେଷ ପଂଡିତ ହେଉଛନ୍ତି ଗୋପୀନାଥ ନଂଦଶର୍ମା । ପଂଡିତ ନୀଳକଂଠ ତାଂକ ଅଧ୍ୟୟନର ଭୂମିକା ଲେଖିଛନ୍ତି ।

ପଂଡିତ ନୀଳକଂଠଂକ ବେଳକୁ ତୁଳନାତ୍ମକ ଭାଷାତତ୍ତ୍ୱ ଥିଲା; ତୁଳନାତ୍ମକ ଭାଷା ବିଜ୍ଞାନ କିମ୍ବା ଭାଷାର ତୁଳନାତ୍ମକ ପୁନର୍ଗଠନ ନଥିଲା । ତେଣୁ ସଂସ୍କୃତ ଓ ପ୍ରାକୃତର ସଂପର୍କ ବିଷୟରେ ଅନେକ ଭ୍ରମାତ୍ମକ ଧାରଣା ଥିଲା । ପ୍ରାକୃତ ଯେ କେବଳ ସଂସ୍କୃତର ବିକୃତ କିମ୍ବା କେତେକ ପ୍ରାକୃତ ସଂସ୍କୃତର ଭଗିନୀ – ଏ ବିଷୟରେ ବିଶେଷ ଆଲୋଚନା ହୋଇନାହିଁ । ଖ୍ରୀ.ପୂ. ପ୍ରଥମ ଶତକରେ ଲିଖିତ ଭରତ ମୁନିଂକ 'ନାଟ୍ୟଶାସ୍ତ୍ର'ରେ ଉଡ୍ର ବିଭାଷା ଏବଂ ଉଡ୍ରମାଗଧୀର ପ୍ରବୃତ୍ତି ଉଲ୍ଲେଖ ଅଛି, ତହିଁରୁ ସ୍ପଷ୍ଟ ସୂଚିତ ହୁଏ ଯେ, ଉଡ୍ରମଗଧ ଗୋଟିଏ ଭାଷା ଅଂଚଳ ଥିଲା । ଏହି ଅଂଚଳର ଭାଷାକୁ ସଂସ୍କୃତର ବିକୃତି କହିବା ପାଇଁ ଉଦାହରଣ ଆମ ପାଖରେ ନାହିଁ, କିନ୍ତୁ ଏହା ଯେ ସଂସ୍କୃତ ଦ୍ୱାରା ପ୍ରଭାବିତ ହୋଇଥିବ, ଏ ବିଷୟରେ ସନ୍ଦେହ ରହିବା ଉଚିତ ନୁହେଁ । ତେଣୁ ସବୁ ଓଡ଼ିଆ ଶବ୍ଦକୁ କେବଳ ସଂସ୍କୃତରୁ କିମ୍ବା କେବଳ ପ୍ରାକୃତରୁ ବାହାର କରିବା ଚେଷ୍ଟା ଠିକ୍ ନୁହେଁ । ଓଡ଼ିଆ ଭାଷାର ଐତିହ୍ୟ ବିଗ୍ରହରେ ଉଭୟ ପଂଡିତ ନୀଳକଂଠ ଦାସ ଓ ଗୋପୀନାଥ ନଂଦଶର୍ମା ବାଟ ଭୁଲିଥିବାର ପ୍ରମାଣ ତାଂକ ରଚନା ଓ ରଚନାର ଅନୁଶୀଳନରୁ ସ୍ପଷ୍ଟ ହୋଇଯାଏ ।

"ଓଡ଼ିଆ ବ୍ୟାକରଣ"ର ମୁଖବଂଧରେ ଶ୍ରୀମତୀ କୁମୁଦିନୀ ମିଶ୍ର ବହୁ ସାହସନୀୟ ପଦକ୍ଷେପ ନେଇଛଂତି, ସେ ବ୍ୟାକରଣର ବିଭିନ୍ନ ଅଧ୍ୟାୟର ସଂକ୍ଷେପୀକୃତ ରୂପ ତାଂକ ମୁଖବଂଧରେ ଦେଇଛଂତି । ଦୁଷ୍ପ୍ରାପ୍ୟ ପୃଷ୍ଠାଗୁଡ଼ିକୁ ଅତି ସାବଧାନତା ସହକାରେ ଏକତ୍ର କରି ସେ ବ୍ୟାକରଣଟିକୁ ଯେପରି ଉପସ୍ଥାପନ କରିଛଂତି; ସେଥିପାଇଁ ସେ ଓଡ଼ିଆଂକର ଧନ୍ୟବାଦାର୍ହ । କିଂତୁ ମୂଳ ବ୍ୟାକରଣରେ ଥିବା ଭ୍ରମଗୁଡ଼ିକ ବିଷୟରେ ସେ ବିଶେଷ ଆଲୋଚନା କରିନାହାଂତି ।

ଓଡ଼ିଆରୁ ବ୍ୟାକରଣିକ ଲିଂଗ ସଂପୂର୍ଣ ଲୋପ ହୋଇଯାଇଥିବାବେଳେ ପଂଡିତ ନୀଳକଂଠ ତିନୋଟି ଲିଂଗର ଉପସ୍ଥାପନ କରିଛଂତି । ଓଡ଼ିଆରେ ଯେଉଁ ପ୍ରତ୍ୟୟଗୁଡ଼ିକ ଲାଗି ସ୍ତ୍ରୀ ଲିଂଗାଂତ ଶବ୍ଦ ଗଠନ କରାଯାଏ, ସେଗୁଡ଼ିକୁ ତାଲିକା କରି ମନେ ରଖିବାଛଡ଼ା ଗତି ନାହିଁ । ତେଣୁ ଏହାକୁ 'List Gender' କୁହାଯାଏ ।

ସଂସ୍କୃତରେ ଧାତୁ+ପ୍ରତ୍ୟୟ=କୃଦନ୍ତ ଓ ଶବ୍ଦ+ପ୍ରତ୍ୟୟ=ତଦ୍ଧିତ । ଓଡ଼ିଆରେ ଏହି ବିଭାଜନ ଏକ ପ୍ରଶ୍ନବାଚୀ । ଆଜିକି ତିରିଶ ବତିଶ ବର୍ଷ ତଳେ ଆଲ୍ଲାହାବାଦର ସେଣ୍ଟ୍ରାଲ ପେଡ଼ାଗଜିକାଲ୍ ଇନ୍‌ଷ୍ଟିଚିଉଟ୍‌ରେ ବକ୍ତୃତା ପ୍ରସଂଗରେ ମୁଁ କହିଥିଲି ଯେ, ହିନ୍ଦୀରେ ସାତୋଟି କାରକ ନାହିଁ । ମାତ୍ର ଦୁଇଟି – Direct ଓ Oblique Direct । Direct ବିଭକ୍ତି ନିଏ ନାହିଁ । Oblique Direct ରେ ବିଭକ୍ତ ଲାଗେ ।

Digitized by PPRACHIN, SOA

ସଭାର ସଭାପତି ବିଜ୍ଞାନ ସଂସ୍ଥାର ଚେୟାରମ୍ୟାନ୍ ରାଗିମାଗି କହିଲେ, ବକ୍ତା ହିଂଦୀ ଜାଣଂତି ନାହିଁ । ଟିକିଏ ତଳେଇକରି ଦେଖିଲେ ସ୍ପଷ୍ଟ ହେବ ଯେ, ହିଂଦୀରେ ସତେଇଶିଟି କାରକ ଅଛି । ଆଜି ଓଡ଼ିଆରେ ଦୁଇଟି କାରକ ଅଛି; କିମ୍ବା କୃଦନ୍ତ ତଦ୍ଧିତ ବିଭାଗର ଆବଶ୍ୟକତା ନାହିଁ କହିଲେ ଓଡ଼ିଆ ବ୍ୟାକରଣକାରମାନଙ୍କର ସେହିପରି ପ୍ରତିକ୍ରିୟା ହେବାରେ ଆଶ୍ଚର୍ଯ କିଛି ନାହିଁ ।

ସଂସ୍କୃତରେ 'ବୈୟାକରଣ' ଓ 'ତ୍ରୈମାସିକ' ହେଲାବେଳେ ଓଡ଼ିଆରେ 'ବ୍ୟାକରଣକାର', 'ବ୍ୟାକରଣିକ' ଓ 'ତ୍ରୟମାସିକ' ହୁଏ । ପ୍ରୟୋଗକୁ ଭୁଲ କରିବା ବଦଳରେ ପ୍ରୟୋଗକୁ ଧରି ବ୍ୟାକରଣ ରଚନା ଯଥାର୍ଥ । ସଂସ୍କୃତରେ କୁହାଯାଇଛି "ପ୍ରୟୋଗଶରଣାଃ ବୈୟାକରଣାଃ ।"

ପଂଡିତ ନୀଳକଂଠ ଓଡ଼ିଆ ପ୍ରୟୋଗକୁ ଧରି ଓଡ଼ିଆ ବ୍ୟାକରଣ ଲେଖିବା ପାଇଁ ଯେଉଁ ଦିଗ୍‌ଦର୍ଶନ ଦେଇଛନ୍ତି ତାହା ଅନନ୍ୟ । ତାଂକ ପଦାଂକ ଅନୁସରଣ କରି ଏହାକୁ ଆଉ ଟିକିଏ ଆଗେଇ ନେବାକୁ ମୁଁ କେତେକ ସୂଚନା ଦେଇଛି ମାତ୍ର ।

ଶ୍ରୀମତୀ କୁମୁଦିନୀ ମିଶ୍ର ବହୁ କଷ୍ଟ ସ୍ୱୀକାର କରି ବ୍ୟାକରଣର ପାଂଡୁଲିପି ପ୍ରସ୍ତୁତ କରିଛନ୍ତି । ଓଡ଼ିଆ ଜାତି ଏଥିପାଇଁ ତାଙ୍କ ପାଖରେ କୃତଜ୍ଞ । ନୀଳକଂଠ ସ୍ମୃତି ସଂସଦର ଯେଉଁ ସଭ୍ୟମାନେ ତାଙ୍କ ସାଂଗରେ ଛିଡ଼ା ହୋଇ ଏ ଗ୍ରଂଥକୁ ପ୍ରକାଶନ ପର୍ଯଂତ ଆଣିଛନ୍ତି, ସେମାନେ ସମସ୍ତେ ଆମର ଧନ୍ୟବାଦାର୍ହ ।

ମୁଁ ଆଶା କରୁଛି ଏ ବହିଟି ଓଡ଼ିଶାର ସବୁ ସ୍କୁଲ କଲେଜ ଲାଇବ୍ରେରୀକୁ ଯିବ । ସଂସ୍କୃତ ଓ ପ୍ରାକୃତ ବ୍ୟାକରଣକାରମାନଂକ ସହଯୋଗରେ ଆଧୁନିକ ଓଡ଼ିଆ ପ୍ରୟୋଗ ଭିତ୍ତିରେ ସଂପୂର୍ଣ ଓଡ଼ିଆ ବ୍ୟାକରଣଟିଏ ଲେଖାହେଲେ ପଂଡିତ ନୀଳକଂଠଂକ ସ୍ୱପ୍ନ ସାର୍ଥକ ହେବ ।

ଦେବୀପ୍ରସନ୍ନ ପଟ୍ଟନାୟକ

Digitized by PPRACHIN, SOA

# ମୁଖବଂଧ

ପଂଡିତ ନୀଳକଂଠ ଓଡ଼ିଆ ଭାଷାର ପ୍ରଥମ ବ୍ୟାକରଣକାର ନୁହଂତି । ତାଂକ ପୂର୍ବରୁ ଯେଉଁ ମନୀଷୀମାନେ ଓଡ଼ିଆ ବ୍ୟାକରଣ ରଚ଼ନାରେ ହାତ ଦେଇଥିଲେ, ସେମାନେ ହେଲେ-

(୧) Amos Sutton - An Introductory Grammar of the Oriya Language - ଖ୍ରୀ.୧୮୩୧ ।

(୨) ବିଶ୍ବଂବର ବିଦ୍ୟାଭୂଷଣ - Oriyah Grammar- ଖ୍ରୀ.୧୮୪୩ ।

(୩) ଲେସିସାହେବ(W.C.Lacey) - Oriya Grammar - ଖ୍ରୀ.୧୮୫୫ ।

(୪) ପଂଡିତ ରଘୁନାଥ ମିଶ୍ର - 'ପ୍ରବେଶିକା ବ୍ୟାକରଣ' - ଖ୍ରୀ.୧୮୫୮ ।

(୫) A. Anderson - A Grammar of the Oriya Language - ଖ୍ରୀ.୧୮୫୯ ।

(୬) ଲକ୍ଷ୍ମୀଜୀ ପଂଡିତ - A Practical Grammar of the Odhra Language - ଖ୍ରୀ.୧୮୬୯ ।

(୭) ବିଚ୍ଛଂଦ ଚରଣ ପଟ୍ଟନାୟକ - 'ଉତ୍କଳ ବ୍ୟାକରଣ ସଂକ୍ଷେପ' - ଖ୍ରୀ.୧୮୬୯ ।

(୮) ବିଦ୍ୟାଭୂଷଣ କପିଳେଶ୍ବର - 'ସୂତ୍ରଧର ବ୍ୟାକରଣ' - ଖ୍ରୀ.୧୮୭୦ ।

(୯) ଗୋବିଂଦ ଚଂଦ୍ର ପଟ୍ଟନାୟକ - 'ବ୍ୟାକରଣ କୌମୁଦୀ' - ଖ୍ରୀ. ୧୮୭୦ ।

(୧୦) N. B. Bhattacharya - 'ଉତ୍କଳ ଭାଷା ବ୍ୟାକରଣ'- ଖ୍ରୀ.୧୮୭୧ ।

(୧୧) କୈଳାସ ଚନ୍ଦ୍ର ଶର୍ମା ଓ ଗୋବିଂଦ ଚଂଦ୍ର ପଟ୍ଟନାୟକ - 'ଓଡ଼ିଆ ବ୍ୟାକରଣ' - ଖ୍ରୀ.୧୮୭୧ ।

Digitized by PPRACHIN, SOA

(୧୨) ଜନ୍ ବିମ୍ସ୍ – A Comparative Grammar of the Modern Aryan Language of India (Three Volumes) ଖ୍ରୀ.୧୮୭୨-୭୯ ।

(୧୩) E. C. B. Hallam – Oriya Grammar for English Students – ଖ୍ରୀ.୧୮୭୪ ।

(୧୪) ଫକୀର ମୋହନ ସେନାପତି – 'ସରଳ ବ୍ୟାକରଣ' – ଖ୍ରୀ.୧୮୭୬ ।

(୧୫) ସଦାନଂଦ ଦାସ – 'ବ୍ୟାକରଣ ସାର ସଂଗ୍ରହ' – ଖ୍ରୀ.୧୮୭୬ ।

(୧୬) N. B. Bhattacharya – 'ସର୍ବସାର ବ୍ୟାକରଣ' – ଖ୍ରୀ.୧୮୭୯ । (ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣଂକ ଦ୍ୱାରା ସଂଶୋଧିତ)

(୧୭) ରାଧାନାଥ ରାୟ – 'ବ୍ୟାକରଣ ପରିଚ଼ୟ' – ଖ୍ରୀ.୧୮୯୭-୯୮ ।

କିନ୍ତୁ, ଏ ସବୁ ବ୍ୟାକରଣ ସଂସ୍କୃତ ବ୍ୟାକରଣର ନିୟମରେ ଲେଖା ଯାଇଥିବାରୁ ଓଡ଼ିଆ ଭାଷାର ସ୍ୱାଭାବିକ ଗତି ପ୍ରତିହତ ହୋଇଛି ବୋଲି ପଂଡିତ ନୀଳକଂଠ ଅନୁଭବ କରିଛଂତି । ତାଂକ ମତରେ ଏହିସବୁ ବ୍ୟାକରଣରେ ଓଡ଼ିଆ ଭାଷାକୁ ସଂସ୍କୃତ ଖୁଂଟିରେ ବାଂଧି ଦିଆଯାଇଛି । ସେ କହଂତି, ଏ ଗ୍ରଂଥଗୁଡ଼ିକରେ ଓଡ଼ିଆର ଶବ୍ଦ, ପ୍ରକୃତି-ପ୍ରତ୍ୟୟ, ଧାତୁ ଓ ଶବ୍ଦରୂପ ସବୁକୁ ସଂସ୍କୃତ ବ୍ୟାକରଣ ଛାଂଚରେ ପକାଇବା ପାଇଁ ପ୍ରୟାସ କରାଯାଇଛି । ତେଣୁ ତାଂକ ବ୍ୟାକରଣ (ପ୍ରଥମ ଓ ଦ୍ୱିତୀୟ ଭାଗ)ର 'ମୁଖବଂଧ'ରେ ସେ ଲେଖିଛନ୍ତି–"ଖ୍ରୀ.୧୯୨୧ରେ ସତ୍ୟବାଦୀ ସ୍କୁଲର ଉଚ୍ଚ ଶ୍ରେଣୀରେ ଓଡ଼ିଆ ବ୍ୟାକରଣ ମତେ ପ୍ରାୟ ଏକ ମାସ ପଢ଼ାଇବାକୁ ହୋଇଥିଲା । ସେତେବେଳେ ପ୍ରଚ଼ଳିତ ଓଡ଼ିଆ ବ୍ୟାକରଣସବୁ ଦେଖି ମନେହେଲା, ସେସବୁ ଇତର ବିଶେଷ ପରିମାଣରେ ସଂସ୍କୃତ ବ୍ୟାକରଣର ଆଭାସ ଅନୁକୃତି ମାତ୍ର । ସେଠାରୁ ମୁଁ ନିଜେ ଅତିମୂଳରୁ ଆରମ୍ଭ କରି ଓଡ଼ିଆ ବ୍ୟାକରଣ ଆଲୋଚ଼ନାରେ ଚିଂତା ଚଳାଇବାକୁ ବାଧ୍ୟ ହେଲି । x x x ପ୍ରଥମରୁ ଶିଶୁଗମ୍ୟ ଭାଷାରେ ଗ୍ରଂଥଟି ଆରମ୍ଭ କରି ପ୍ରତିଦିନର ପଢ଼ାଇବା କାର୍ଯରେ ଅଗ୍ରସର ହେଲି । କେବଳ 'ବାକ୍ୟ ବିଗ୍ରହ' ଓ 'ପଦ ବିଗ୍ରହ' ଭାଗ ଦିଓଟିର କଂକାଳ ମାତ୍ର ପ୍ରସ୍ତୁତ ହୋଇଥିଲା ।"

Digitized by PPRACHIN, SOA

ଓଡ଼ିଆ ବ୍ୟାକରଣ ସମ୍ପର୍କରେ ଆଲୋଚ଼ନା କରିବା ସମୟରେ ନୀଳକଂଠ ଓଡ଼ିଆ ଭାଷାର ସାହିତ୍ୟିକ ରୂପ ଓ ମୌଖିକ ବିଭିନ୍ନତା, ଆଧୁନିକ ମାନକ ଓଡ଼ିଆ ଭାଷାର ପ୍ରୟୋଗ ଓ ତାହାର ଆଂଚ଼ଳିକ ବିବିଧତା ପ୍ରତି ବିଶେଷ ଦୃଷ୍ଟି ଦେଇଛଂତି ସଂସ୍କୃତ ଭାଷାରେ ନିଜର ଅଗାଧ ପାଂଡିତ୍ୟ ଥିବା ସତ୍ତ୍ୱେ ସେ ଓଡ଼ିଆ ଭାଷାକୁ ସଂସ୍କୃତ ଭାଷାର ନିଗଡ଼ରୁ ମୁକ୍ତ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଛନ୍ତି । ତାଂକ ମତରେ, ଓଡ଼ିଆ ଭାଷାର ସଂସ୍କୃତ ଭାଷା ସଂଗେ ସଂବଂଧ ରହିଛି ସତ, କିଂତୁ ବ୍ୟବହାରରେ, ପଦ ବିନ୍ୟାସରେ ତଥା ଉଚ୍ଚାରଣରେ – ଓଡ଼ିଆ କାହିଁରେ ସଂସ୍କୃତ ନୁହେଁ ।" ସଂସ୍କୃତଠାରୁ ଓଡ଼ିଆ ଭାଷାର ସ୍ୱାତନ୍ତ୍ୟ ଦର୍ଶାଇବା ପାଇଁ ସେ ବହୁ ସଭାସମିତିରେ ଭାଷଣ ଦେଇଛଂତି ଏବଂ ଅନେକ ପ୍ରବନ୍ଧ ମଧ୍ୟ ରଚ଼ନା କରିଛଂତି ।

ଓଡ଼ିଆ ଭାଷାକୁ କିପରି ଶୁଦ୍ଧ କରି କହିହେବ ଏବଂ ଶୁଦ୍ଧ କରି ଲେଖିହେବ ସେଇ ଉଦ୍ଦେଶ୍ୟ ନେଇ ନୀଳକଣ୍ଠ ଓଡ଼ିଆ ଭାଷାର ବ୍ୟାକରଣ ଲେଖିବାରେ ମନୋନିବେଶ କରିଛଂତି । "ଭାଷାରୁ ବ୍ୟାକରଣ ହୁଏ, ବ୍ୟାକରଣରୁ ଭାଷା ହୁଏ ନାହିଁ"–ଏହାହିଁ ଥିଲା ତାଂକ ଯୁକ୍ତି । ତେଣୁ ସେ ଭାଷାକୁ ବ୍ୟାକରଣ ଅନୁସାରୀ ନ କରି ବ୍ୟାକରଣକୁ ଭାଷାନୁସାରୀ କରିବାକୁ ପ୍ରୟାସ କରିଛଂତି ।

ବ୍ୟାକରଣର ସଂଜ୍ଞା ନିରୂପଣ କରି ନୀଳକଂଠ କହନ୍ତି–"ଆମେ କଥାରେ କହୁଥିବା ଶବ୍ଦଗୁଡ଼ିକର ପରସ୍ପର ସ୍ଥିତି ଓ ସଂବଂଧ ଯେଉଁ ଶାସ୍ତ୍ରରେ ସ୍ପଷ୍ଟ ଓ ବିଶେଷ ଭାବେ ଜଣାଯାଏ, ତାକୁ ବ୍ୟାକରଣ କହଂତି ।" ଏଥିରୁ ଜଣାଯାଏ, କୌଣସି ଭାଷାର ବ୍ୟାକରଣରେ ସେହି ଭାଷାର ପ୍ରକୃତ ସ୍ୱରୂପ ବା ଚଳଂତି ରୂପର ଆଲୋଚନା ହୋଇଥାଏ । ଓଡ଼ିଆ ଭାଷାର ପ୍ରକୃତ ସ୍ୱରୂପ ଓଡ଼ିଶାର ଲୋକ କଥିତ ଭାଷାରେ ହିଁ ଉପଲବ୍ଧ । ତେଣୁ ସେହି ଲୋକ କଥିତ ଓଡ଼ିଆ ଭାଷାକୁ ଭିତ୍ତିକରି ନୀଳକଂଠ ଓଡ଼ିଆ ଭାଷାର ଏକ ମାନକ ବ୍ୟାକରଣ (Standard Grammar) ଲେଖିବାକୁ ପ୍ରୟାସ କରିଛଂତି ।

ପଂଡିତ ନୀଳକଂଠ 'ଓଡ଼ିଆ ବ୍ୟାକରଣ'କୁ ନିମ୍ନୋକ୍ତ ଛଅ ଗୋଟି ଭାଗରେ ଲେଖିବା ପାଇଁ ପରିକଳ୍ପନା କରିଥିଲେ–

(୧) ବାକ୍ୟ ବିଗ୍ରହ
(୨) ପଦ ବିଗ୍ରହ
(୩) ଶବ୍ଦ ବିଗ୍ରହ
(୪) ବର୍ଣ ବିଗ୍ରହ
(୫) ଛଂଦ ବିଗ୍ରହ ଏବଂ
(୬) ତତ୍ତ୍ୱ ବିଗ୍ରହ

Digitized by PPRACHIN, SOA

ଏଥିମଧ୍ୟରୁ 'ବାକ୍ୟ ବିଗ୍ରହ' ଓ 'ପଦ ବିଗ୍ରହ' - ଏଇ ଦୁଇଟି ଭାଗ 'ଓଡ଼ିଆ ବ୍ୟାକରଣ' ଶୀର୍ଷକ ପୁସ୍ତକ ଆକାରରେ ଖ୍ରୀ.୧୯୩୫ ମସିହାରେ ପ୍ରକାଶ ପାଇଥିଲା । ଏହାର ପ୍ରକାଶକ ଥିଲେ ପଣ୍ଡିତ ଆକୁଳ ମିଶ୍ର କାବ୍ୟତୀର୍ଥ, ମ୍ୟାନେଜର କଟକ ଟ୍ରେଡିଂ କଂପାନୀ । ଏ ସଂପର୍କରେ ବୟାକରଣ ନୀଳକଂଠ କହଂତି- "ସତ୍ୟବାଦୀ ସ୍କୁଲ ଜାତୀୟ ବିଦ୍ୟାଳୟ ହେବାପରେ ମୁଁ ସେଠା କଲେଜ କ୍ଲାସରେ ଓଡ଼ିଆ ପଢ଼ାଇବାକୁ ଯାଇ ୧୫, ୧୬ଟି ପାଠ ଦେଇଥିଲି । ସେଥିରେ କ୍ରିୟା ବିଭକ୍ତିର ପ୍ରୟୋଗ, ବାଚ୍ୟାନ୍ତରର ପ୍ରକାର, ଦ୍ୟୋତକ କ୍ରିୟା (Auxiliary Verb)ର ପ୍ରଭାବ, କ୍ରିୟାର କାଳଭଂଗୀରେ ରୂପ ପ୍ରଭୃତି ପ୍ରସଂଗରେ କେତେକ ସ୍ୱତନ୍ତ ଆଲୋଚନାକରି ସଂକେତ ଦେଇଥିଲି । ପରେ ଜେଲରେ ଥିବାବେଳେ ତାକୁ ପୁସ୍ତକ ଆକାରରେ ଲେଖି 'ଓଡ଼ିଆ ବ୍ୟାକରଣ' ନାମ ଦେଇ ଜେଲରୁ ଆସି ପ୍ରକାଶ କରିଦେଲି ।" ('ବର୍ଣ୍ଣ ଓ ଲିପି' (୨))

ନୀଳକଂଠଂକ ବ୍ୟାକରଣ ଯଥାର୍ଥରେ 'ବିଜ୍ଞାନସମ୍ମତ ବିଶୁଦ୍ଧ ବ୍ୟାକରଣ' । ଏହି ଶୀର୍ଷକ ତାଙ୍କ ରଚିତ ବ୍ୟାକରଣର ପାଂଡୁଲିପିରେ ରହିଅଛି । ବିଜ୍ଞାନ ବିଶ୍ଳେଷଣାଧର୍ମୀ ହୋଇଥାଏ । ନୀଳକଂଠ ମଧ୍ୟ ତାଙ୍କ ବ୍ୟାକରଣକୁ ବିଶ୍ଳେଷଣଧର୍ମୀ କରିଛଂତି । ତେଣୁ ସେ ଆଲୋଚ୍ୟ ଗ୍ରଂଥରେ ପ୍ରଥମେ 'ବାକ୍ୟ ବିଗ୍ରହ' କରିଛଂତି । ତା'ପରେ ବାକ୍ୟକୁ ବିଶ୍ଳେଷଣ କରି ସେଥିରେ ଅନ୍ତର୍ଭୁକ୍ତ ପଦଗୁଡ଼ିକ କିଭଳି ପରସ୍ପର ସଂବଂଧରେ ରହିଛଂତି ତାହା ଦର୍ଶାଇବା ପାଇଁ 'ପଦ ବିଗ୍ରହ' କରିଛଂତି । ପୁଣି ପଦାଂତର୍ଗତ ଶବ୍ଦର ମୂଳ ରୂପ ଦର୍ଶାଇବା ଏବଂ ପଦରେ ବ୍ୟବହୃତ ହେଲେ ମୂଳ ଶବ୍ଦର କିଭଳି ପରିବର୍ତ୍ତନ ଘଟେ ତାହା ବୁଝାଇବା ପାଇଁ 'ଶବ୍ଦ ବିଗ୍ରହ' କରିଛଂତି । ତପ୍ପରେ ଶବ୍ଦକୁ ବିଶ୍ଳେଷଣ କରି ତାହାର ଅନ୍ତର୍ଭୁକ୍ତ ବର୍ଣ୍ଣମାନଙ୍କର ପରିଚିତି, ଉଚ୍ଚାରଣ ପଦ୍ଧତି, ସଂଧିପ୍ରକ୍ରିୟାଦି ଦର୍ଶାଇବା ପାଇଁ ସେ 'ବର୍ଣ୍ଣ ବିଗ୍ରହ' କରିଛଂତି ।

ପଂଡିତ ନୀଳକଂଠ 'ଶବ୍ଦ ବିଗ୍ରହ' ଓ 'ବର୍ଣ୍ଣ ବିଗ୍ରହ'ର ପାଂଡୁଲିପି ପ୍ରସ୍ତୁତ କରିସାରିଥିଲେ ମଧ୍ୟ ତାହା ପ୍ରକାଶ ପାଇନାହିଁ । ତାଙ୍କର ବ୍ୟାକରଣ ଗ୍ରଂଥଟି ଶିକ୍ଷା ବିଭାଗଦ୍ୱାରା ଗୃହୀତ ନ ହେବାରୁ ହତୋତ୍ସାହିତ ହୋଇ ନୀଳକଂଠ ଗ୍ରଂଥଟିକୁ ସଂପୂର୍ଣ୍ଣ କରିପାରିଲେ ନାହିଁ । 'ଶବ୍ଦ ବିଗ୍ରହ' ଓ 'ବର୍ଣ୍ଣ ବିଗ୍ରହ'ର ଲେଖାଯାଇଥିବା ଅଂଶ ମଧ୍ୟ ଅପ୍ରକାଶିତ ରହିଗଲା ।

ପଂଡିତ ନୀଳକଂଠ 'ଓଡ଼ିଆ ବ୍ୟାକରଣ'କୁ ସଂସ୍କୃତ ବ୍ୟାକରଣର ଆଭାସ ଅନୁକୃତି ମାତ୍ର ନ କରି ଇଂରେଜ ଭାଷାର ବ୍ୟାକରଣ ଅନୁସାରୀ କରିବାକୁ ଉଦ୍ୟମ କରିଛଂତି । ତାଙ୍କ ଯୁକ୍ତିରେ, ସଂସ୍କୃତ ଏକ ପ୍ରାଚୀନ ଆର୍ଯ୍ୟଭାଷା, ମାତ୍ର ଓଡ଼ିଆ, ବଙ୍ଗଳା, ହିନ୍ଦି, ଗୁଜୁରାଟି, ମରହଟ୍ଟି, ସିଂଧି, ପଂଜାବୀ ପ୍ରଭୃତି ଇଂରାଜୀ ପର

Digitized by PPRACHIN, SOA

ପ୍ରାଚୀନ ଭାଷାର ବଂଶଧର ବା ସେଥିରୁ ଜାତ ଗୋଟିଏ ଗୋଟିଏ ଚଳଂତି ଭାଷା । ଇଂରାଜୀ ଭାଷା ସହ ଏ ଭାଷାଗୁଡ଼ିକର ସାମ୍ୟ ରହିବା ବିଧେୟ । ତେଣୁ 'ଓଡ଼ିଆ ବ୍ୟାକରଣ'ରେ ପଦର ବିଭାଗ ଓ ବ୍ୟାଖ୍ୟା ସେ ବହୁପରିମାଣରେ ଇଂରାଜୀ ବ୍ୟାକରଣର ଆଦର୍ଶରେ ତିଆରି କରିଛଂତି ।[୧] କିନ୍ତୁ ସାଧୁ ଓ ବିଶୁଦ୍ଧ ଓଡ଼ିଆ ଶବ୍ଦାବଳୀର ଆଲୋଚ଼ନା ସମୟରେ ସେ ସଂସ୍କୃତ ବ୍ୟାକରଣର ଅନୁକର଼ଣ କରିବାକୁ ମଧ୍ୟ ଭୁଲିନାହାଂତି ।

ପ୍ରସଂଗକ୍ରମେ ବାକ୍ୟରେ ପ୍ରଥମ ଛେଦ ବା କମା (,), ଦ୍ୱିତୀୟ ଛେଦ ବା ସେମିକୋଲନ (;), ତୃତୀୟ ଛେଦ ବା କୋଲନ (:), ପ୍ରଶ୍ନ ଚିହ୍ନ (?), ବିସ୍ମୟସୂଚକ ଚିହ୍ନ (!), ଉଦ୍ଧୃତ ଚିହ୍ନ (""), ସଂଯୋଜକ ଚିହ୍ନ ବା ସମାସ ଚିହ୍ନ ବା ହାଇଫେନ୍ (-) ଆଦିର ଉଦାହରଣ ଦେଇ ସେ ଲେଖିଛଂତି-"ଏ ସବୁର ବ୍ୟବହାର ଓଡ଼ିଆରେ ବଡ଼ ନୂତନ, ଇଂରାଜୀରୁ ଏହା ଅନୁକରଣ । ତେଣୁ କ୍ରମେ କ୍ରମେ ଏହା ପ୍ରସାର ଲାଭ କରୁଛି ଓ ପୂର୍ଣ ହେଉଛି ।"[୨] ଏହି ଛେଦାଦି ଚିହ୍ନ କିନ୍ତୁ ପ୍ରକାଶ ପାଇଥିବା ବ୍ୟାକରଣ ଗ୍ରନ୍ଥରେ ସ୍ଥାନ ପାଇନାହିଁ ।

ବୟାକରଣ ନୀଳକଂଠ ଶିଶୁବୋଧଗମ୍ୟ ଭାଷାରେ 'ଓଡ଼ିଆ ବ୍ୟାକରଣ' ଗ୍ରନ୍ଥର ପ୍ରଥମ ଦୁଇଟି ଭାଗ-'ବାକ୍ୟ ବିଗ୍ରହ' ଓ 'ପଦ ବିଗ୍ରହ'ର କଂକାଳ ମାତ୍ର ପ୍ରସ୍ତୁତ କରିଥିବାର ସ୍ୱୀକାର କରି ଲେଖିଛନ୍ତି-"ଏ କଂକାଳରେ ବିଷୟମାନଙ୍କର ଆଲୋଚ଼ନା ପୂର୍ଣାଂଗ ଓ ସର୍ବାଂଗୀନ ନୁହେଁ । ଶିକ୍ଷକ ଓ ଶିକ୍ଷାର୍ଥୀମାନଂକର ଏଥିରୁ ଯଥାର୍ଥ ଓଡ଼ିଆ ବ୍ୟାକରଣର ଆଲୋଚ଼ନା ଓ ଶିକ୍ଷାର ଯଥେଷ୍ଟ ସୂଚ଼ନା ମିଳିବ ଓ ସେହି ସୂତ୍ରରେ ହୁଏତ ଗ୍ରଂଥ ଦିନେ ପୂର୍ଣାଂଗ ହେବ ବୋଲି ଆଶାକରି ଏହା ପ୍ରକାଶକଂକୁ ଦେଲି ।"[୩] 'ଓଡ଼ିଆ ବ୍ୟାକରଣ' ରଚ଼ନା କ୍ଷେତ୍ରରେ ନୀଳକଂଠଂକ ସ୍ୱାତନ୍ତ୍ୟ ନିମ୍ନୋକ୍ତ ଭାବେ ଦର୍ଶାଇ ଦିଆଯାଇପାରେ ।

## ବାକ୍ୟ ବିଗ୍ରହ

ନୀଳକଂଠଂକ ରଚିତ 'ଓଡ଼ିଆ ବ୍ୟାକରଣ'ର ପ୍ରଥମ ଭାଗ ହେଉଛି-'ବାକ୍ୟ ବିଗ୍ରହ' । 'ବାକ୍ୟ'ର ସଂଜ୍ଞା ଏଥିରେ ଅତି ସରଳ ଭାଷାରେ ଦିଆଯାଇଛି । ଯେପରି- "ଗୋଟିଏ ବିଷୟରେ କିଛି କହିଲେ 'ବାକ୍ୟ' ହୁଏ । x x x ପ୍ରତି ବାକ୍ୟରେ କୌଣସି ବିଷୟରେ କିଛି କୁହାଯାଏ, ଯାହା ବିଷୟରେ ବା ଯାହାକୁ ଉଦ୍ଦେଶ୍ୟ କରି କୁହାଯାଏ,

(୧) ଓଡ଼ିଆ ବ୍ୟାକରଣ - ପ୍ରଥମ ଭାଗ ଦ୍ରଷ୍ଟବ୍ୟ ।

(୨) ଓଡ଼ିଆ ବ୍ୟାକରଣ - ପ୍ରଥମ ଭାଗ ଦ୍ରଷ୍ଟବ୍ୟ (ପାଂଡୁଲିପିରୁ ଗୃହୀତ) ।

(୩) ମୁଖବଂଧ - ଓଡ଼ିଆ ବ୍ୟାକରଣ ।

Digitized by PPRACHIN, SOA

ତାହାକୁ 'ଉଦ୍ଦେଶ୍ୟ'; ପୁଣି ସେହି ଉଦ୍ଦେଶ୍ୟ ବିଷୟରେ ଯାହା କୁହାଯାଏ ତାକୁ 'ବିଧେୟ' କହଂତି ।" ବାକ୍ୟ ଯେତେ ବଡ଼ ହେଲେ ମଧ୍ୟ ଏହି ଉଦ୍ଦେଶ୍ୟ ଓ ବିଧେୟ ଛଡ଼ା ଆଉ କିଛି ରହିପାରେ ନାହିଁ ।

ବାକ୍ୟକୁ ଖଂଡଖଂଡ କରି ବାକ୍ୟ ମଧ୍ୟରେ ଥିବା ବିଭିନ୍ନ ପଦ କିପରି ସଂପର୍କରେ ରହି ଉଦ୍ଦେଶ୍ୟ ଓ ବିଧେୟର ଅଂଗ ହୁଅନ୍ତି ତାହା ଦର୍ଶାଇବା ପାଇଁ ବୟାକରଣ କେତୋଟି ବାକ୍ୟର ଉଦାହରଣ ଦେଇଛଂତି । ଯଥା-

"ଦଶରଥଂକ ପୁତ୍ର ବୀର ରାମ ବନବାସ ସମୟରେ ରାବଣ ସୀତାଂକୁ ଅପହରଣ କରିବାରୁ ତାକୁ ବଧକରି ବିଭୀଷଣଂକୁ ଲଂକାର ରାଜା କଲେ ।"- ଏହି ବାକ୍ୟରେ 'ଦଶରଥଂକ ପୁତ୍ର ବୀର ରାମ'-ଉଦ୍ଦେଶ୍ୟ ଏବଂ ଅବଶିଷ୍ଟାଂଶ ବିଧେୟ । ଉଦ୍ଦେଶ୍ୟ ମଧ୍ୟରେ ଥିବା ପଦଗୁଡ଼ିକ ମଧ୍ୟରୁ - 'ରାମ'- କର୍ତ୍ତାପଦ, 'ଦଶରଥଂକ '-'ପୁତ୍ର'ର ବିଶେଷକ, 'ପୁତ୍ର'-ବ୍ୟାଖ୍ୟାନ ବିଶେଷ୍ୟ, 'ବୀର'-ବିଶେଷଣ ପଦ । ସେହିପରି 'ବିଧେୟ' ମଧ୍ୟରେ ଥିବା 'ପଦ'ଗୁଡ଼ିକ ମଧ୍ୟରେ- 'କଲେ'-ସମାପିକା କ୍ରିୟା, 'ବଧକରି'-ଅସମାପିକା କ୍ରିୟା, 'ବନବାସ ସମୟରେ ଅପହରଣ କରିବାରୁ ବିଭୀଷଣଂକୁ'-କାରକ, 'ରାବଣ'-ଅପହରଣ କରିବାର କର୍ତ୍ତା, 'ତାଂକୁ'-'ବଧକରି' କ୍ରିୟାର କର୍ମ, 'ସୀତାଂକୁ'-'ଅପହରଣ କରିବା' କ୍ରିୟାର କର୍ମ, 'ରାଜା'-ବିକୃତ କର୍ମ, 'ଲଂକାର'-'ରାଜା'ର ବିଶେଷକ ।

ଏହିପରି ଭାବେ ପଂଡିତ ନୀଳକଂଠ ଜଟିଳ ବାକ୍ୟରେ ଆଶ୍ରିତ ବାକ୍ୟଗୁଡ଼ିକ କିପରି ଭାବେ 'ଉଦ୍ଦେଶ୍ୟ' ଓ 'ବିଧେୟ'ରେ ସଂପୃକ୍ତ ରହଂତି, ତାହା ଦେଖାଇଦେଇ ସେଗୁଡ଼ିକୁ ପୁଣି ସରଳ ବାକ୍ୟପରି ବିଶ୍ଳେଷଣ କରିଛଂତି । ଯୌଗିକ ବାକ୍ୟ ସଂପର୍କରେ ସେ କହଂତି-"ଯୌଗିକ ବାକ୍ୟରେ ପ୍ରତ୍ୟେକ ବାକ୍ୟ ହିଁ ପ୍ରଧାନ ବାକ୍ୟ; କେହି ଆଶ୍ରିତ ନୁହଂତି । ତେଣୁ ପ୍ରଥମରୁ ବାକ୍ୟଗୁଡ଼ିକ ଭିନ୍ନ ଭିନ୍ନ କରି ସେମାନଂକୁ ସରଳ କିଂବା ଜଟିଳ ବୋଲି ଚିହ୍ନାଇ ଦେବାକୁ ହେବ । ସଂଯୋଜକ ପଦ ଥିଲେ ତାହା ଅଲଗା କରି ଚିହ୍ନାଇ ରଖିବାକୁ ହେବ ।"

**ପଦ ବିଗ୍ରହ**

'ଓଡ଼ିଆ ବ୍ୟାକରଣ'ର ପ୍ରଥମ ଭାଗରେ ପଂଡିତ ନୀଳକଂଠ 'ବାକ୍ୟ'ର ସଂଜ୍ଞା, ସ୍ୱରୂପ ସଂପର୍କରେ ବିଶ୍ଳେଷଣାତ୍ମକ ବିଗ୍ରହ କରିବା ପରେ ଦ୍ୱିତୀୟ ଭାଗରେ ବାକ୍ୟ ମଧ୍ୟରେ ଥିବା 'ପଦ'ଗୁଡ଼ିକର ସ୍ୱତନ୍ତ୍ର ଭାବେ ଆଲୋଚ଼ନା କରିଛନ୍ତି । ସେ କହଂତି, 'ଶବ୍ଦ ସବୁ ବାକ୍ୟରେ ରହିଲେ ସେମାନଂକୁ 'ପଦ' କହଂତି । ଅନେକ

Digitized by PPRACHIN, SOA

ସ୍ଥଳରେ 'ପଦ' ହେଲେ ଶବ୍ଦମାନଂକର ରୂପ ବଦଳିଯାଏ ।" ଏଇ ରୂପ ବଦଳିବାରେ ସେ ଦୁଇଗୋଟି ପ୍ରକାର ବା ଦୁଇ 'ବିଭକ୍ତି ଯୋଗ'ର ଉଲ୍ଲେଖ କରିଛଂତି - (୧) କାରକ ବିଭକ୍ତି ଓ (୨) କ୍ରିୟା ବିଭକ୍ତି ।

**'କ୍ରିୟା ବିଭକ୍ତି'ର ପ୍ରୟୋଗ - ନୀଳକଂଠଂକ ସ୍ୱାତନ୍ତ୍ୟ**

ଓଡ଼ିଆରେ 'କ୍ରିୟା ବିଭକ୍ତି'ର ପ୍ରୟୋଗ ହେଉଛି ନୀଳକଂଠଂକ ସ୍ୱାତନ୍ତ୍ୟ । ଅନ୍ୟାନ୍ୟ ବ୍ୟାକରଣ ଗ୍ରଂଥରେ ବିଭକ୍ତିର ସଂଜ୍ଞା ନିରୂପଣକରି କୁହାଯାଇଛି-"ଯେଉଁ ଚିହ୍ନ ବାକ୍ୟରେ ଥିବା ପଦର ସଂଖ୍ୟା ବା କାରକ ସୂଚାଇଦିଏ ତାହା 'ବିଭକ୍ତି' ।" କିଂତୁ 'ଓଡ଼ିଆ ବ୍ୟାକରଣ'ରେ ନୀଳକଂଠ କହଂତି-"ଯେ ଭଂଗୀ ଚିହ୍ନାଇ ଦିଏ ତାହା ବିଭକ୍ତି ।" ସେ ବିଭକ୍ତିକୁ 'କାରକ ବିଭକ୍ତି' ଓ 'କ୍ରିୟା ବିଭକ୍ତି' ଭେଦରେ ଦୁଇ ଭାଗରେ ବିଭକ୍ତ କରିଛଂତି । ତାଂକ ବିଚାରରେ – 'ସେ କରିବ', 'ମୁଁ ଠେଲିଲି'- ଏଠାରେ 'କର୍' ଓ 'ଠେଲ୍' ଧାତୁ ରୂପରେ 'ଇବ', 'ଇଲି' କ୍ରିୟା ବିଭକ୍ତିମାନ ଲଗାଇ ତାକୁ ପଦ କରାଯାଇଛି । 'କ୍ରିୟା ବିଭକ୍ତି'ର ସଂଜ୍ଞା ନିରୂପଣ କରି ସେ ଲେଖିଛଂତି-

"ମୂଳ ଧାତୁ ସଂଗେ ଲିଂଗ, ବଚନ, ପୁରୁଷରେ କ୍ରିୟାର ରୂପଭେଦ ନିମଂତେ ଯେଉଁସବୁ ପଦ ଭାଗ ଯୋଗ କରାଯାଏ, ତାହାକୁ 'କ୍ରିୟା ବିଭକ୍ତି' କହଂତି ।" ('ବର୍ଣ୍ଣ ବିଚାର'-ଓଡ଼ିଆ ବ୍ୟାକରଣ) ବଚନ ଓ ପୁରୁଷର ଭେଦ ଦର୍ଶାଇବା ପାଇଁ 'କହ୍' ମୂଳ ଧାତୁରେ ଏ, ଅଂତି, ଉଚ, ଉଚି, ଉଚଂତି ଆଦି କ୍ରିୟା ବିଭକ୍ତି ଯୁକ୍ତ ହୋଇ ଯଥାକ୍ରମେ-କହେ (କହ୍+ଏ), କହଂତି (କହ୍+ଅନ୍ତି), କହୁଚ (କହ୍+ଉଚ), କହୁଚି (କହ୍+ଉଚି), କହୁଚନ୍ତି (କହ୍+ଉଚନ୍ତି) ଆଦି କ୍ରିୟାପଦ ଗଠିତ ହୋଇଥିବା ସେ ସୂଚନା ଦେଇଛଂତି ।

'କାରକ ବିଭକ୍ତି' ସଂପର୍କରେ ନୀଳକଂଠ କହଂତି-'ଖଟ୍‌ରେ ଶୋଇଲେ', 'ଗଛରୁ ପଡ଼ିଲା' – ପ୍ରଭୃତି ପଦରେ 'ଖଟରେ', 'ଗଛରୁ' – ଏ ଦୁଇଟି ପଦ କ୍ରିୟାକୁ ବିଶେଷିତ କରୁଚି । ଏ ଦୁଇଟି ଯାକ କାରକ । 'ଖଟ' ଓ 'ଗଛ' ଶବ୍ଦରେ 'ରେ' ଓ 'ରୁ' ବିଭକ୍ତି ଲାଗି ଏଠାରେ ଶବ୍ଦକୁ କାରକ ବୋଲି ଚିହ୍ନାଇ ଦେଉଚି । ଏଇପରି ନାନା କାରକକୁ ଶବ୍ଦରେ ନାନା ଚିହ୍ନ ଦେଇ ଚିହ୍ନାଇ ଦିଆଯାଏ । କର୍ତା ପଦରେ ସାଧାରଣତଃ ବିଭକ୍ତି ଲାଗେ ନାହିଁ । କିନ୍ତୁ ନୀଳକଂଠ ମତରେ, କର୍ତାରେ ବେଳେବେଳେ ବହୁବଚନରେ ବିଭକ୍ତି ଲାଗେ । ଯେପରି – ଲୋକେ (ଲୋକ+ଏ) କହଂତି । ମୂର୍ଖେ (ମୂର୍ଖ+ଏ) ଶୁଣଂତି ନାହିଁ । 'ଅବ୍ୟୟ'ରେ ବିଭକ୍ତି ନ ଲାଗିଲେ ମଧ୍ୟ ବାକ୍ୟରେ ପଦମାନଂକ ସହ ତା'ର ସଂବଂଧ ବା ଅନ୍ୱୟ ଥିବାରୁ ତାହା ଗୋଟିଏ 'ପଦ' ।

Digitized by PPRACHIN, SOA

ସଂସ୍କୃତରେ 'ପଦ' ତିନିପ୍ରକାରର ହୋଇଥାଏ- ବିଶେଷ୍ୟ ପଦ, କ୍ରିୟାପଦ ଓ ଅବ୍ୟୟ ପଦ । କିନ୍ତୁ ନୀଳକଂଠ ଇଂରାଜୀ ବ୍ୟାକରଣର ପଦ ବିଭାଜନ ଅନୁଯାୟୀ ଓଡ଼ିଆରେ 'ପଦ'କୁ ପାଂଚ ଭାଗରେ ବିଭକ୍ତ କରିଛନ୍ତି । ଯଥା- ବିଶେଷ୍ୟ (Noun), ବିଶେଷଣ (Adjective), ସର୍ବନାମ (Pronoun), କ୍ରିୟା (Verb) ଏବଂ ଅବ୍ୟୟ (Indeclinable) । ବାକ୍ୟ ମଧ୍ୟରେ ପଦମାନଂକର ପରସ୍ପର ସହ ସଂବଂଧ ବା ଅନ୍ୱୟ ଥାଏ । ଏହି ସଂବଂଧ ହେତୁ ଅବ୍ୟୟପଦ ଛଡ଼ା ଅନ୍ୟ ପଦମାନଂକର ପରିବର୍ତ୍ତନ ହୁଏ । ଏହି ପରିବର୍ତ୍ତନର ନିୟମ ନୀଳକଂଠ ନିମ୍ନୋକ୍ତ ଭାବେ ଦର୍ଶାଇଛଂତି-

(କ) ଲିଂଗ, ବଚ଼ନ, ପୁରୁଷ, କାରକ ଭେଦରେ 'ବିଶେଷ୍ୟ'ର ପରିବର୍ତ୍ତନ ହୁଏ ।

(ଖ) କାଳ ଓ କର୍ତ୍ତାର ବଚ଼ନ, ପୁରୁଷ ଭେଦରେ 'କ୍ରିୟା'ର ପରିବର୍ତ୍ତନ ହୁଏ ।

(ଗ) ବିଶେଷ୍ୟର ଲିଂଗ ଅନୁସାରେ ଗୁଣ ବାଚ଼କ 'ବିଶେଷଣ'ର ବେଳେବେଳେ ପରିବର୍ତ୍ତନ ହୁଏ ।

ନୀଳକଂଠ ଉପରୋକ୍ତ ମରିବର୍ତ୍ତନ ସଂପର୍କରେ ସବିଶେଷ ଆଲୋଚନା କରିବା ପରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରୁଷରେ ବ୍ୟବହୃତ ସର୍ବନାମଗୁଡ଼ିକ କିପରି ଅଂଚଳ ଭେଦରେ ଓ ଲୋକମୁଖରେ ଭିନ୍ନ ଭିନ୍ନ ରୂପ ନିଅଂତି ତାହା ଦର୍ଶାଇଛଂତି । ଯଥା-

(କ) ଗଂଜାମରେ ପ୍ରଥମା ମାନ୍ୟାର୍ଥ ଏକ ବଚନରେ ୟାଂକେ, ତାଂକେ ଓ ବହୁବଚନରେ ୟାଂକେମାନେ, ତାଂକେମାନେ ପ୍ରଭୃତି ପଦର ପ୍ରୟୋଗ ହୁଏ ।

(ଖ) ସଂବଲପୁରରେ 'ମୁଁ' ସ୍ଥଳରେ 'ମୁଇଁ' ପଦ ବ୍ୟବହୃତ ହୁଏ ।

(ଗ) 'ଏତା' ଶବ୍ଦ ଲୋକମୁଖରେ ଅବିକଳ ରହିଅଛି । ସାଧାରଣ ଲୋକେ 'ସେ ଏହା କଲା' ନ କହି 'ସେ ଏତା କଲା' କହଂତି । 'ଯା', 'ତା', 'ଏତା' - ବିଶେଷଣରେ ମାନ୍ୟାର୍ଥ ପ୍ରଥମା ଆକାର ନେଇ ଯଥାକ୍ରମେ 'ଯେ', 'ସେ', 'ଏ' ହୁଅଂତି ।

ନୀଳକଂଠ ପୁଣି କହଂତି, 'ଆଂଭ', 'ତୁଂଭ' ଛାଡ଼ି ବାକି ସବୁ ସର୍ବନାମ ବିଶେଷଣ ରୂପେ ବ୍ୟବହୃତ ହୋଇପାରଂତି । ଯେଉଁ ଶବ୍ଦଗୁଡ଼ିକର ବିଶେଷଣ ଭାବେ ସର୍ବନାମ ବ୍ୟବହୃତ ହୁଏ ସେ ଶବ୍ଦ ହେଲା-

Digitized by PPRACHIN, SOA

(କ) ସ୍ଥାନାର୍ଥକ 'ଠା' ଶବ୍ଦ - ସେଠାରୁ, ସେଠୁଁ, ଯେଉଁଠୁ, ଯେଉଁଠାରୁ, ଏଠାରୁ, ଏଠୁଁ, କେଉଁଠାରୁ, କେଉଁଠୁ, ସେଠାରେ, ଯେଉଁଠାରେ, କେଉଁଠାରେ ଇତ୍ୟାଦି ।

(ଖ) 'ଥି' - ଏହା ଠିକ୍ ସ୍ଥାନକୁ ନ ବୁଝାଇ ବିଷୟ ଅଭିନ୍ନ ଶଂସିତ ବସ୍ତୁକୁ ବୁଝାଏ - ସବୁଥିରୁ, ଏଥିରୁ, କେଉଁଥିରୁ, ସେଥିରେ, ଯେଉଁଥିରେ, କେଉଁଥିରେ ଇତ୍ୟାଦି ।

(ଗ) 'ଆଡ଼' - ଏଆଡ଼େ, ସେଆଡ଼େ, ଯେଉଁଆଡ଼େ, କେଉଁଆଡ଼େ ଇତ୍ୟାଦି ।

(ଘ) 'ପରି' - ଏପରି, ସେପରି, ଯେଉଁପରି, କେଦ୍ଦଁପରି ।

(ଙ) 'ଟା', 'ଟି' - ଯେଉଁଟା, ସେଇଟା, ଏଇଟା, ଯେଉଁଟି, ସେଇଟି, ଏଇଟି ଇତ୍ୟାଦି ।

ସର୍ବନାମଗୁଡ଼ିକ ମୁଖ୍ୟତଃ ଦୁଇ ମୂଳରେ ରୂପ ହୋଇଥାଆନ୍ତି । ଯଥା- ପ୍ରଥମାମୂଳ ଓ ଷଷ୍ଠୀ ମୂଳ । ପ୍ରଥମାମୂଳଗୁଡ଼ିକ ହେଉଛି - ମୁଁ, ତୁ, ସେ, କିଏ ଇତ୍ୟାଦି । ଜୋର ଦେଇ କହିବା ପାଇଁ 'ହି' ଓ 'ଇ'ର ପ୍ରୟୋଗ ପ୍ରାଚୀନ ଓ ନବୀନ ପ୍ରାକୃତ ଭାଷାଗୁଡ଼ିକରେ ହୋଇଥାଏ ବୋଲି ନୀଳକଂଠ କହିଛଂତି । ଏହି ପ୍ରୟୋଗରେ ମୁହିଁ, ମୁଇଁ, ତୁହି, ତୁଇ, ସେହି, ସେଇ, କେହି, କେଇ ପଦମାନ ବ୍ୟବହୃତ ହେବାର ସେ ଦର୍ଶାଇଛଂତି ।

ସେହିପରି ଷଷ୍ଠୀ ମୂଳରେ ମୋ, ତୋ, ତା, କାହା ଇତ୍ୟାଦି ହୋଇଥାଏ । ଏହି ପ୍ରୟୋଗରେ ମୋରି, ମୋହରି, ତୋରି, ତୋହରି, ତା'ରି, ତାହାରି, କାହାରି ପ୍ରଭୃତି ପଦ ବ୍ୟବହୃତ ହୁଏ । ଅନ୍ୟାନ୍ୟ ବିଭକ୍ତି ଷଷ୍ଠୀ ମୂଳରେ ଯୋଗ ହୁଅଂତି । ଯେପରି-

ଦ୍ୱିତୀୟା ଓ ଚତୁର୍ଥୀରେ - ମୋତେ, ମତେ, ତୋତେ, ତତେ ।

ତୃତୀୟାରେ - ମୋହରେ, ତୋହରେ, ମୋଦେଇ, ତୁମଦେଇ ।

ପଂଚମୀରେ - ମୋଠୁ, ତୋଠୁ, ତାଠୁ, ଆମଠୁ, ତୁମଠୁ ଇତ୍ୟାଦି ।

ସପ୍ତମୀରେ - ମୋଠାରେ, ତୋଠାରେ, ତା'ଠାରେ, ଆମଠାରେ, ତୁମଠାରେ, ସେମାନଂକଠାରେ ଇତ୍ୟାଦି ।

**କ୍ରିୟାର କାଳଭଂଗୀ ବିଚାର**

ପଂଡିତ ନୀଳକଂଠ ଓଡ଼ଆ ଭାଷାର କାଳ ବିଚାର ଅତି ସରଳ ଓ ବିଜ୍ଞାନ ସମ୍ମତ ବୋଲି ଦର୍ଶାଇଛଂତି । ସେ ସଂସ୍କୃତ ଓ ଇଂରାଜୀ ଦୁଇଭାଷାର ବ୍ୟାକରଣର

Digitized by PPRACHIN, SOA

ସଂକେତକୁ କଳନାରେ ମିଶାଇ ଓଡ଼ିଆରେ କାଳ ନିରୂପଣ କରିଛଂନ୍ତି । କାଳରୂପ ଦର୍ଶାଇବା ପାଇଁ ସଂସ୍କୃତରେ ଯେଉଁ ଦଶଗୋଟି 'ଲ' କାର ରୂପ ରହିଛି ତାହାକୁ ସେ ବିଜ୍ଞାନ ସମ୍ମତ ମନେ କରିନାହାନ୍ତି । କାରଣ ଲଂଗ୍, ଲୁଂଗ୍, ଲିଟ୍ ପ୍ରଭୃତି ଅତୀତ କାଳର ରୂପ ଦେଖାଇଲେ ମଧ୍ୟ ତାହା କେଉଁ ଅତୀତ ଜାଣିହୁଏ ନାହିଁ । ଇଂରାଜୀରେ ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ – ଏହି ତିନିକାଳର ରୂପ ପ୍ରତ୍ୟେକଟି ଯେପରି ଚାରିଗୋଟି ଭଂଗୀରେ ପ୍ରକାଶ ପାଆଂତି ତାହାକୁ ସମର୍ଥନ ଜଣାଇ ନୀଳକଂଠ ଓଡ଼ିଆରେ କାଳଭଂଗୀ ବିଚାର କରିଛନ୍ତି । ଯେପରି-

(କ) ସାଧାରଣ ବର୍ତ୍ତମାନ – ସେ କରେ ।
(ଖ) ଚାଲୁଥିବା ବର୍ତ୍ତମାନ – ସେ କରୁଚି ।
(ଗ) ସରିଯାଇଥିବା ବର୍ତ୍ତମାନ – ସେ କରିଚି ।
(ଘ) ସରିଆସୁଥିବା ବର୍ତ୍ତମାନ – ସେ କରିଆସୁଚି ।

ଅତୀତ ଓ ଭବିଷ୍ୟତ କାଳପାଇଁ ମଧ୍ୟ ଏହି ଚାରିଗୋଟି ଭଂଗୀ ପ୍ରଯୁଜ୍ୟ ।

ଅତୀତରେ – ସେ କଲା ।
ସେ କରୁଥିଲା ।
ସେ କରିଥିଲା ।
ସେ କରିଆସୁଥିଲା ।

ସେହିପରି ଭବିଷ୍ୟତରେ – ସେ କରିବ ।
ସେ କରୁଥିବ
ସେ କରିଥିବ ।
ସେ କରିଆସୁଥିବ ।

ଏହି ତିନିଗୋଟି ମୁଖ୍ୟ କାଳ ବ୍ୟତୀତ ଅନୁଜ୍ଞା ଓ ସଂଭାବନାରେ ମଧ୍ୟ ନୀଳକଂଠ କ୍ରିୟାର ଭିନ୍ନ ଭିନ୍ନ ରୂପ ଦର୍ଶାଇଛଂନ୍ତି ।

ଅନୁଜ୍ଞାରେ – ତୁ କର ।
ତୁ କରୁଥା ।
ତୁ କରିଥା ।

ସମ୍ଭାବନାରେ – ତୁ କରଂତୁ ।
ତୁ କରୁଥାଆଂତୁ ।
ତୁ କରିଥାଆଂତୁ ।

Digitized by PPRACHIN, SOA

ଅତୀତ, ବର୍ତ୍ତମାନ, ଭବିଷ୍ୟତ, ଅନୁଜ୍ଞା ଓ ସଂଭାବନା - ଏଥିମଧ୍ୟରୁ ପ୍ରତ୍ୟେକରେ ବର୍ତ୍ତମାନ ଭଂଗୀ ଓ ଅତୀତ ଭଂଗୀକୁ ନେଇ ଓଡ଼ିଆରେ ସର୍ବମୋଟ ପଂଦରଗୋଟି କାଳଭଂଗୀକୁ ନୀଳକଂଠ ସ୍ୱୀକାର କରିଛନ୍ତି ।

ବର୍ତ୍ତମାନ କାଳପାଇଁ ଯେପରି- ମୁଁ କରେ ।
ମୁଁ କରୁଚି ।
ମୁଁ କରିଚି ।

ସେହିପରି ଅତୀତ, ଭବିଷ୍ୟତ, ଅନୁଜ୍ଞା ଓ ସଂଭାବନା ପାଇଁ ପ୍ରଯୁଜ୍ୟ । ନୀଳକଂଠ କହଂତି, ଏଇ ପଂଦରଟି କାଳଭଂଗୀ ବ୍ୟତୀତ ଓଡ଼ିଆରେ ଆଉ ଅଧିକ ବା ଊଣା କାଳରୂପର ପ୍ରକାର ନାଇଁ ।

### ଦ୍ୟୋତକ କ୍ରିୟା ବା Auxiliary Verb

ଇଂରାଜୀରେ ହୋଇଆସିଥିବା କ୍ରିୟାଦି ଚଳିଆସିଥିବା ଅର୍ଥରେ ଆଉ ଗୋଟିଏ ରୂପ ବା ପ୍ରକାର ହୁଏ । ଓଡ଼ିଆରେ ତାହା ସାହାଯ୍ୟକାରୀ କ୍ରିୟା ଦ୍ୱାରା ପ୍ରକାଶିତ ହୁଏ । ଯଥା- କରିଆସୁଅଛି, କରିଯାଉଅଛି, ପାଣିଆଣି ଯାଇଥିଲା ଇତ୍ୟାଦି । ଏହି ସାହାଯ୍ୟକାରୀ କ୍ରିୟାକୁ 'ଦ୍ୟୋତକ କ୍ରିୟା' କହି ନୀଳକଂଠ ଲେଖିଛଂତି- "ଇଂରାଜୀରେ Auxiliary Verb (has, have, can, shall, may, might ଇତ୍ୟାଦି) ଅଛି । ଓଡ଼ିଆରେ ତାହାର ନାମ ସାହାଯ୍ୟକାରୀ କ୍ରିୟା । କିନ୍ତୁ କ୍ରିୟାର ଯଥାର୍ଥ ଅର୍ଥଟି ଦ୍ୟୋତକ ବା ପ୍ରକାଶ କରୁଥିବାରୁ ଏହାକୁ 'ଦ୍ୟୋତକ କ୍ରିୟା' କୁହାଯାଏ । ପ୍ରକୃତରେ ଏହି ଦ୍ୟୋତକ କ୍ରିୟାଟି କାର୍ଯଟିର ଅର୍ଥ ବୁଝାଏ ।"

### ଶବ୍ଦ ବିଗ୍ରହ

'ଓଡ଼ିଆ ବ୍ୟାକରଣ'ରେ ଶବ୍ଦର ବିଗ୍ରହ କରିବା ସମୟରେ ନୀଳକଂଠ ପ୍ରଥମରୁ ଅଭିଧାନ ଅନ୍ତର୍ଭୁକ୍ତ **ଶବ୍ଦ ଓ ବାକ୍ୟ**ରେ ବ୍ୟବହୃତ ଶବ୍ଦ ମଧ୍ୟରେ ପାର୍ଥକ୍ୟ ସୂଗ୍ରଇ ଦେଇଛନ୍ତି । "**ଶବ୍ଦ** ଖାଲିଥିବାତକ ସେମାନେ ଅଭିଧାନର ସାମଗ୍ରୀ, ବ୍ୟାକରଣ କିନ୍ତୁ ଖାଲି ଶବ୍ଦ ଓ ତା' ଧର୍ମର ବିଗ୍ରହ କରେ ନାଇ । ବାକ୍ୟରେ ପ୍ରୟୋଗ ଲାଗି ବ୍ୟାକରଣ ଶବ୍ଦର ବିଗ୍ରହ କରେ । ସେଇ ସୂତ୍ରରେ ଶବ୍ଦର ଅର୍ଥ ଦେଖିବା ମଧ୍ୟ ବ୍ୟାକରଣର କାର୍ଯ ।" ଏହାର ଉଦାହରଣ ଦେଇ ସେ କହଂତି, 'କରିବା' ଗୋଟିଏ ଶବ୍ଦ । ତାହାର ନାନା ଅର୍ଥ ହୋଇପାରେ । ଯେପରି-

(୧) ସାଧିବା - ଆମେ ଏ କାମ କରିବା ।
(୨) କରଣୀୟ - ଏ ଆମର କରିବା କର୍ମ ।

Digitized by PPRACHIN, SOA

(୩) କୃତ ବା କରାହୋଇଥିବା - ଏ ମୋ ହାତରେ କରିବା କାମ ।
(୪) ସାଧନ - ତୋର ଏ କାର୍ଯ କରିବାଟା ମୁଁ ପସଂଦ କରୁନାଇ ।

ଏହାର ଅର୍ଥ ବିଗ୍ରହରୁ ଜଣାଯାଏ, ୧ମଟି ବାକ୍ୟରେ ହେବ କ୍ରିୟା; ୨ୟଟି ବିଶେଷଣ, ମାତ୍ର ଭବିଷ୍ୟ ସୂଚ଼କ; ୩ୟଟି ବିଶେଷଣ, ମାତ୍ର ଅତୀତ ସୂଚ଼କ; ୪ର୍ଥଟି ବିଶେଷ୍ୟ । ଏହିପରି ଭାବ ଓ ସୂଚ଼ନାରେ ଏମାନଙ୍କ ଅର୍ଥ ମଧ୍ୟ କରାଯିବ ।

ଏହିପରି ଶବ୍ଦମାନେ ବାକ୍ୟରେ ଲାଗିବା ବେଳେ ଟିକିଏ ଭିନ୍ନରୂପ ଧରନ୍ତି । ଅବ୍ୟୟ ଛଡ଼ା ସମସ୍ତ ପଦମାନଙ୍କର ଏଇପରି ରୂପ ଦେଖାଯାଏ ।

**ଶବ୍ଦମୂଳ** - ନୀଳକଂଠ କହନ୍ତି, ଯେଉଁ ଶବ୍ଦରେ ୬ଷ୍ଠୀ ବିଭକ୍ତି ଲାଗେ ସେଇ ହେଉଛି ଶବ୍ଦମୂଳ । ଏଇ ମୂଳ ଶବ୍ଦରୁ ଅନ୍ୟ ଶବ୍ଦମାନେ ତିଆରି ହୁଅନ୍ତି । ମୂଳ ଶବ୍ଦ ସବୁ ଧାତୁରୁ ତିଆରି ହୁଏ । ଏଇ ଧାତୁରୁ ପୁଣି କ୍ରିୟା ବିଭକ୍ତିମାନ ଲାଗି କ୍ରିୟାପଦ ସବୁ ସୃଷ୍ଟି ହୁଅଂତି । ଯେପରି 'କରିବା', 'କରେ', 'କର' ପ୍ରଭୃତିରେ 'କର୍' ହେଉଛି ଶବ୍ଦମୂଳ, କ୍ରିୟାମୂଳ ବା ଧାତୁ । ଏଥିରେ କାଳ, ବଚନ, ପୁରୁଷରେ ବିଭକ୍ତି ପ୍ରତ୍ୟୟ ଲାଗିଲେ କ୍ରିୟାପଦମାନ ତିଆରି ହୁଅଂତି ।

**ବାଚ୍ୟ** - ବୟାକରଣ ନୀଳକଂଠ ଧାତୁରୁ ବିଭିନ୍ନ ପ୍ରତ୍ୟୟ ଯୋଗରେ ବିଭିନ୍ନ ଅର୍ଥ ଘେନି କିପରି ଶବ୍ଦମାନ ତିଆରି ହୁଏ ତାହା ଦର୍ଶାଇଛଂତି । ତାଂକ ଯୁକ୍ତିରେ ଧାତୁରୁ ପ୍ରତ୍ୟୟ ହୋଇ ତିଆରି ହୋଇଥିବା ଅର୍ଥ ପ୍ରକାଶକୁ 'ବାଚ୍ୟ' କୁହାଯାଏ । ଅର୍ଥ ଯେଉଁ କାରକକୁ ବୁଝାଏ, ପ୍ରତ୍ୟୟକୁ ସେଇ ବାଚ୍ୟରେ ପ୍ରତ୍ୟୟ ବୋଲି କୁହାଯାଇଥାଏ । ଯେପରି - 'ଗଣ୍' ଧାତୁରୁ ଭାବ ବାଚ୍ୟରେ 'ଅତି' ପ୍ରତ୍ୟୟ ଯୋଗେ 'ଗଣତି' ଶବ୍ଦର ସୃଷ୍ଟି ହୋଇଥାଏ । ସେହିପରି 'ଫଳ୍' ଧାତୁରୁ କର୍ତ୍ତୃବାଚ୍ୟରେ 'ଅଂତି' ପ୍ରତ୍ୟୟ ଯୋଗରେ 'ଫଳଂତି' ଏବଂ 'ଶୁଣ୍' ଧାତୁରୁ କର୍ମବାଚ୍ୟରେ 'ଆ' ପ୍ରତ୍ୟୟ ଲାଗିଲେ 'ଶୁଣା' ଶବ୍ଦର ସୃଷ୍ଟି ହୁଏ । 'କଟ୍' ବା 'କାଟ୍' ଧାତୁରୁ କରଣ ବାଚ୍ୟରେ 'ଉରି' ଯୋଗହେଲେ 'କଟୁରି', 'କତୁର୍' ଧାତୁରୁ କରଣ ବାଚ୍ୟରେ 'ଇ' ପ୍ରତ୍ୟୟ ଯୋଗହେଲେ 'କତୁରୀ', 'ଢାଳ୍' ଧାତୁରୁ ଅପାଦନ ବାଚ୍ୟରେ 'ଅ' ଯୋଗହେଲେ 'ଢାଳ', 'ବସ୍' ଧାତୁରୁ ଅଧିକରଣ ବାଚ୍ୟରେ 'ଆ' ଯୋଗହେଲେ 'ବସା' ହୁଏ ।

**କୃଦଂତ ଓ ତଦ୍ଧିତ ପ୍ରତ୍ୟୟ** - କୃଦଂତ ଓ ତଦ୍ଧିତ ପ୍ରତ୍ୟୟର ସରଳ ବ୍ୟାଖ୍ୟା କରି ନୀଳକଂଠ କହଂତି–''ସଂସ୍କୃତରେ ଧାତୁରୁ ବିଭିନ୍ନ ବାଚ୍ୟରେ ଯେଉଁସବୁ ପ୍ରତ୍ୟୟ ଲାଗେ ତାକୁ 'କୃତ୍' ପ୍ରତ୍ୟୟ ଏବଂ ଏଇ ପ୍ରତ୍ୟୟ ଯୋଗେ ନିଷ୍ପନ୍ନ ପଦକୁ 'କୃଦଂତ ପଦ' କହଂତି । ଏଇ କୃଦନ୍ତ ପ୍ରତ୍ୟୟ ନିଷ୍ପନ୍ନ ଶବ୍ଦରୁ ପୁଣି ପ୍ରତ୍ୟୟ କରି ଶବ୍ଦମାନ

Digitized by PPRACHIN, SOA

ତିଆରି କରାଯାଏ । ଶବ୍ଦରୁ ଏଇସବୁ ଯେ ପ୍ରତ୍ୟୟ ହୁଏ ତାକୁ 'ତଦ୍ଧିତ' ପ୍ରତ୍ୟୟ କହଂତି ।

**ଧାତୁରୂପ** – ଓଡ଼ିଆରେ ଯେଉଁସବୁ ଧାତୁ ସଂସ୍କୃତ ସଂଗେ ସମାନ ତାକୁ 'ତତ୍‌ସମ' ଧାତୁ କହଂତି । ଯଥା – ଗଣ୍, ଗମ୍, ଚର୍, ଜପ୍, ତୁଳ୍, ନମ୍, ଭକ୍ଷ୍, ଭଜ୍, ମଂଥ୍, ରଚ୍ ଇତ୍ୟାଦି । ନୀଳକଂଠ କହଂତି-ସାଧୁ ଓଡ଼ିଆରେ ଅଧିକାଂଶ ଧାତୁ ସଂସ୍କୃତ ସଂଗେ ଠିକ୍ ଏକାପରି ନ ହେଲେ ମଧ୍ୟ ବର୍ଣସାମଂଜସ୍ୟରେ ସେମାନଙ୍କ ସଂବଂଧ ତଭବ-ତତ୍‌ସମ ପରି । ଏସବୁ ଧାତୁକୁ ସେ 'ତତ୍‌ଭବ' ଧାତୁ କହିଛଂତି । ତୁଳନାତ୍ମକ ଭାବେ ସେ ଏହାର ବହୁ ଉଦାହରଣ ଦେଇଛନ୍ତି । ଯେପରି-

| ଓଡ଼ିଆ | ସଂସ୍କୃତ | ଓଡ଼ିଆ | ସଂସ୍କୃତ |
|---|---|---|---|
| ଅଟ୍ | ଅସ୍ | କହ୍ | କଥ୍ |
| କର୍ | କୃ | ଖୋଳ୍ | ଖୋଦ୍ |
| ଫିଙ୍ଗ୍ | କ୍ଷିପ୍ (ବର୍ଣବଦଳି) | ଛେଦ୍ | ଛିଦ୍ |
| ଚଷ୍ ବା ଚସ୍ | କୃଷ୍ | ଘସ୍ | ଘୃଷ୍ |
| ଛୁଁ | ସ୍ପୃଶ୍ | ଜଳ୍ | ଜ୍ୱଳ୍ |
| ଜାଣ୍ | ଜ୍ଞା | ଥା | ସ୍ଥା |
| ଧାଁ | ଧାବ୍ | ପଢ୍ | ପଠ୍ ଇତ୍ୟାଦି |

କେତେକ ସଂସ୍କୃତ ଧାତୁ ଓଡ଼ିଆକୁ ଆସିବାବେଳେ ତାହାର ଅର୍ଥ ବଦଳିଯିବାର ବ୍ୟାଖ୍ୟା କରଣ ନୀଳକଂଠ ଦର୍ଶାଇଛଂତି । ଯେପରି- ବକ୍ (ଗାଳିଦେ), ମାଠ୍ (ଭଲରେ ସଫା କରି ଚକ୍ ଚକ୍ କର), ଶଂପ୍ (ମଂଦ ବିଗୁଡ଼ିବା), ବଳ୍ (ଅଧିକ ହୋ) ଇତ୍ୟାଦି । ଏହା ବ୍ୟତୀତ ସେ ଗଡ୍, ବୁଡ୍, ପାର୍ (ସମର୍ଥ ହୋ), ଛେଚ୍, କଚ୍ ପ୍ରଭୃତି ଦେଶୀ ଧାତୁ ଓ ଭରସ୍, ତିଆର୍, ପଗଡ୍ ପ୍ରଭୃତି ବିଦେଶୀ ଧାତୁ ଓଡ଼ିଆରେ ବ୍ୟବହୃତ ହେବାର ଦର୍ଶାଇଛଂତି ।

ଧାତୁରେ 'ଉପସର୍ଗ' (ଧାତୁ ଆଗରୁ ଯୋଡ଼ାହେବା ଅବ୍ୟୟ ପଦ) ଲାଗିଲେ ଧାତୁର ଅର୍ଥ କିପରି ନାନା ଭାବରେ ବଦଳିଯାଏ ତାହା ନୀଳକଂଠ ଦର୍ଶାଇଛଂତି । ଯେପରି- 'ହୃ' ଧାତୁର ଅର୍ଥ ହର୍ (ହରଣ କରିବା) । କିନ୍ତୁ ସେଥିରେ ପ୍ର, ଆ, ନି, ବି, ପରି ଉପସର୍ଗମାନ ଲାଗି ଯଥାକ୍ରମେ ପ୍ରହାର (ମାଡ଼), ଆହାର (ଖାଦ୍ୟ), ବିହାର (ବୁଲିବା), ପରିହାର (ଛାଡ଼ିବା) ପରି ଭିନ୍ନ ଅର୍ଥର ପଦମାନ ସୃଷ୍ଟି ହୁଅଂତି । କେତେକ ଧାତୁରେ ଏକାଧିକ ଉପସର୍ଗ ଲାଗିଥିବାର ସେ ଦର୍ଶାଇଛଂତି । ଯେପରି-

ଅଭିନିବେଶ – ଅଭି+ନି+'ବିଶ୍' ଧାତୁରୁ 'ଅ' ପ୍ରତ୍ୟୟ ।

ପ୍ରୋତ୍‌ସାହ – ପ୍ର+ଉତ୍+'ସହ' ଧାତୁରୁ 'ଅ' ପ୍ରତ୍ୟୟ ।

Digitized by PPRACHIN, SOA

ବ୍ୟାକରଣ - ବି+ଆ+'କୃ' ଧାତୁରୁ 'ଅନ୍' ପ୍ରତ୍ୟୟ ।

ସୁସମାଧାନ - ସୁ+ସମ୍+ଆ+'ଧା' ଧାତୁରୁ 'ଅନ୍' ପ୍ରତ୍ୟୟ ।

ଓଡ଼ିଆରେ ଅନେକ ତଦ୍‌ଭବ ଧାତୁ ଉପସର୍ଗ ମୂଳ ଧାତୁରୁ ବାହାରିଥିବାର ସେ ଉଦାହରଣ ଦେଇଛନ୍ତି । ଯଥା-

ଆଉଟ୍ - ଆ+ବୃତ୍

ଉଠ୍ - ଉତ୍+ସ୍ଥା

ପୋଡ୍ - ପ୍ର+ଦହ୍, ଦାହ

ଭଣ୍, ବଖାଣ - ବି+ଆ+ଖ୍ୟା (ବ୍ୟାଖ୍ୟାନ କର)

ସମଝ୍ - ସମ୍+ବୁଧ୍ୟ

ଆଉଁସ୍ - ଆ+ଶ୍ୱସ୍ (ଆଶ୍ୱାସ କର)

ଓଳଗ୍ - ଅବ+ଲାଗ୍ (ତଳକୁ ଲାଗି ପ୍ରଣାମ କର)

ଉଗାଳ୍, ଓଗାଳ୍ - ଉତ୍+କୀଳ ଇତ୍ୟାଦି ।

ଉପସର୍ଗ ଛଡ଼ା ଅନ୍ୟ ଶବ୍ଦ ଧାତୁ ପୂର୍ବରେ ବସି ନୂଆ ଧାତୁ ତିଆରି ହୁଏ ଏବଂ ସେଇ ନୂଆ ଧାତୁରୁ ପ୍ରତ୍ୟୟ ଯୋଗେ ଶବ୍ଦ ହୁଏ । ସେଇ ଶବ୍ଦମାନଂକୁ 'ଉପପଦ' କୁହାଯାଏ । ଯେପରି-

ସର୍ବ+ଜ୍ଞା (ସବୁ ଜାଣିବା) - ସେଥିରୁ ଶବ୍ଦ ହୁଏ - ସର୍ବଜ୍ଞ

ଗୃହ+ସ୍ଥା (ଗୃହସ୍ଥ୍ ଧାତୁ) - ସେଥିରୁ ଶବ୍ଦ ହୁଏ - ଗୃହସ୍ଥ

କୌଣସି କୌଣସିଠାରେ ନୂତନ ଧାତୁଟି ବିନା ପ୍ରତ୍ୟୟରେ ଶବ୍ଦ ହୁଏ । ଯେପରି-

ଶାସ୍ତ୍ର+ବିଦ୍ (ଶାସ୍ତ୍ରବିଦ୍ ଧାତୁରୁ ଶବ୍ଦ ହୁଏ ଶାସ୍ତ୍ରବିଦ୍)

ଫୁତ୍+କୃ (ଫୁତ୍‌କୃ ଧାତୁରୁ ଶବ୍ଦ ହୁଏ ଫୁତ୍‌କାର)

ଓଡିଆରେ ଧାତୁ ହେବାପରି ପଦ ଧାତୁ ନ ହୋଇ ହଠାତ୍ ଶବ୍ଦରେ ଚଳିବାର କେତେକ ଉଦାହରଣ ନୀଳକଂଠ ଦେଇଛଂତି । ଯେପରି- 'ଠୋ-କର୍'ରୁ 'ଠୋକ୍', 'ଠୁକ୍' ଧାତୁ ହେଲେ ହେଁ 'ଠୋ-କର' ଶବ୍ଦ ହୁଏ । ସେହିପରି 'ଠୋ-ସହ୍'ରୁ 'ଠୋସ୍' ଧାତୁ ନ ହୋଇ ବିଶେଷଣ ହୁଏ । ଏହାପରେ ସେ ଦେଶୀ ଓଡ଼ିଆରେ ଶବ୍ଦରେ କ୍ରିୟା ଲାଗି ଧାତୁ ତିଆରି ହୋଇଥିବାର ବହୁ ଉଦାହରଣ ଦେଇଛଂତି । ଯଥା-

ବାସ କର୍ - ବଘାର୍      ତୁଳ କର୍ - ତଉଲ୍

ଚଉଠ କର୍ - ଚଉତ୍      ଧବଳ କର୍ - ଧଉଳ୍

Digitized by PPRACHIN, SOA

ଫାଟ କର୍ - ଫାଙ୍କ୍ — ସାଂଦ୍ର କର୍ - ସାଂଧ୍
ଗୁପ କର୍ - ଢାକ୍ — ବଳୁଆ କର୍ - ବଳ୍
ଗଡ଼ଗଡ଼ କର୍ - ରଗଡ୍ — ମୁଠା ଗୁଳ୍ - ମୋଡ୍ ଇତ୍ୟାଦି

କେଁ କେଁ ହେଲା, ଚକ୍‌ଚକ୍ ହେଲା, ମଚ୍‌ମଚ୍ କଲା ପ୍ରଭୃତି ଭାବ ବୋଧକ ବା ଶବ୍ଦର ଅନୁକରଣବୋଧକ ଶବ୍ଦରେ ମଧ୍ୟ ବହୁତ କ୍ରିୟାପଦ ହେବାର ସେ ଦର୍ଶାଇଛଂତି । ଯଥା-

ଝଟ୍ ଝଟ୍ କର୍ - ଝଟକ୍ — ମହ ମହ କର୍ - ମହକ୍
ଫୁସ୍ ଫୁସ୍ କର୍ - ଫୁସୁକ୍ — ଧଡ୍ ଧଡ୍ କର୍ - ଧଡକ୍
ଘୁମ୍ ଘୁମ୍ କର୍ - ଘୁମୁର୍ — ଡହ ଡହ କର୍ - ଡହକ୍
ଟଣ୍ ଟଣ୍ କର୍ - ଟଣକ୍ — ଚକ୍ ଚକ୍ କର୍ - ଚମକ ଇତ୍ୟାଦି

**ସନଂତ ଓ ଯଙ୍‌ନ୍ତ** - ସଂସ୍କୃତରେ 'ସନ୍' ଓ 'ଯଙ୍' ପ୍ରତ୍ୟୟ କରି ନୂଆ ଧାତୁମାନ ତିଆରି ହୁଏ । 'ସନ୍' ଥିବା ଧାତୁକୁ 'ସନଂତ' (ଯେଉଁଥିରେ ଇଚ୍ଛା କରିବା ପ୍ରକାଶ ପାଏ) ଏବଂ 'ଯଙ୍' ଥିବା ଧାତୁକୁ 'ଯଙ୍‌ନ୍ତ' (ଯେଉଁଥିର ଅତିଶୟ ବା ପୁନଃ ପୁନଃ ଅର୍ଥ ପ୍ରକାଶ ପାଏ) କହଂତି । ସନନ୍ତ ଧାତୁଗୁଡ଼ିକ ହେଲା-

ଚିକିତ୍ସ୍ ('କିତ୍'ରୁ ପରିଚର୍ଯା ଇଚ୍ଛା କର)
ଜିଗ୍‌ମିଷ୍ ('ଗମ୍'ରୁ - ଗମନ ଇଚ୍ଛା କର)
ଜିଗୀଷ ('ଜି'ରୁ- ଜୟ ଇଚ୍ଛା କର)
ଜିଜୀବିଷ୍ ('ଜୀବ୍'ରୁ - ବଂଚିବା ଇଚ୍ଛା କର)

ଏସବୁ ସନଂତ ଧାତୁରେ 'ଆ' ପ୍ରତ୍ୟୟ କରି ଓଡ଼ିଆରେ ଚିକିତ୍ସା, ଜିଗମିଷା, ଜିଗୀଷା, ଜିଜୀବିଷା ପ୍ରଭୃତି ତତ୍ସମ ବିଶେଷ ପ୍ରଚଳିତ ଥିବାର ନୀଳକଂଠ ଦର୍ଶାଇଛଂତି ।

ସେହିପରି ସଂସ୍କୃତର 'ଯଙ୍‌ନ୍ତ' ଧାତୁ-

ଦେଦୀପ୍ୟ ('ଦୀପ୍'ରୁ - ଅତିଶୟ ଦୀପ୍ତିକର)
ଚଂଚଲ୍ୟ ('ଚଳ୍'ରୁ - ଅତିଶୟ ଚଳ୍)
ଜଂଗମ୍ୟ ('ଗମ୍'ରୁ - ଅତିଶୟ ଯା)
ଜାଜ୍ୱଲ୍ୟ ('ଜ୍ୱଳ୍'ରୁ - ଅତିଶୟ ଜଳ୍ ବା ଦୀପ୍ତ ହୋ)

ଏସବୁ ଧାତୁରୁ 'ମାନ' (ସଂସ୍କୃତ ଶାନଚ୍) ଓ 'ଅ' ପ୍ରତ୍ୟୟ କରି ଓଡ଼ିଆରେ ଜାଜ୍ୱଲ୍ୟମାନ, ଦେଦୀପ୍ୟମାନ, ଚଂଚଳ, ଜଂଗମ ପ୍ରଭୃତି ବିଶେଷଣ ପଦ ପ୍ରଚଳିତ ଥିବାର ସେ ଦର୍ଶାଇଛଂତି ।

Digitized by PPRACHIN, SOA

ସେ ପୁଣି କହନ୍ତି, ଖାଣ୍ଟି ଓଡ଼ିଆରେ ଭଲକରି ବା ବାରମ୍ବାର କରିବା ଅର୍ଥରେ- 'କଟ୍'ରୁ ଚକଟ, 'ଚୁମ୍'ରୁ ଚୈ୍ଚମ, 'ବୋଲ୍'ରୁ ବୋବାଳ, 'ଘସ୍'ରୁ 'ଘୁସୁର୍', 'ଖସ୍'ରୁ 'ଖସଡ଼୍' ପ୍ରଭୃତି ଶବ୍ଦର ପ୍ରଚଳନ ହୋଇଥାଏ ।

ସେହିପରି ଅଳ୍ପ କରି କରିବା ଅର୍ଥରେ-'ଦୋଳ୍'ରୁ ଦୋହଲ, 'ପଡ୍'ରୁ ପହଡ଼ (ପହୁଡ଼) (ଅଳ୍ପ ଟିକିଏ ପଡ଼ିଛଂତି ବା ଶୋଇଛଂତି), 'ଟଳ୍'ରୁ ଟହଲ ଆଦି ଶବ୍ଦର ପ୍ରୟୋଗ ହୋଇଥାଏ ।

**ପ୍ରୟୋଜକ ଧାତୁ**

ସଂସ୍କୃତରେ 'ଇ' (ଣିଚ୍) ଲାଗି ପ୍ରୟୋଜକ ଧାତୁ ତିଆରି ହୁଏ । ଏଇ 'ଇ' ଲାଗିଲେ ଧାତୁମାନଂକରେ କେତେକ ପରିବର୍ତନ ହୋଇଥାଏ । ସ୍ୱରାଂତ ଧାତୁର ଅନ୍ତସ୍ୱର ଓ ଉପଧା 'ଅ'ର ବୃଦ୍ଧି ହୁଏ । 'ର'ର ଗୁଣ ହୁଏ । 'ର' ଓ 'ଅ' -କାରାଂତ ଧାତୁପରେ 'ପ୍'ର ଆଗମ ହୁଏ । ଉପାନ୍ତ 'ପ୍'ର ଆଗମ ହୁଏ । ଉପାଂତ 'ଉ'ର ଗୁଣ ହୁଏ ଇତ୍ୟାଦି ।

ଓଡ଼ିଆ ପ୍ରୟୋଜକ ଧାତୁ ସଂପର୍କରେ ନୀଳକଂଠ କହଂତି, ଓଡ଼ିଆରେ ପ୍ରୟୋଜକରେ ଧାତୁ ପରେ 'ଉ' ହୁଏ ନାହିଁ, 'ଆ' ପ୍ରତ୍ୟୟ ହୁଏ । ଯଥା-

| ଅପ୍ରୟୋଜକ | ପ୍ରୟୋଜକ |
|---|---|
| କହ୍+ଆ | କୁହା |
| ଖା+ଆ | ଖୁଆ |
| ପି (ପିଇ)+ଆ | ପିଆ |
| ଛୁଁ+ଆ | ଛୁଆଁ |
| ଧୋ (ଧୋଓ)+ଆ | ଧୁଆ |
| ଫାଟ୍+ଆ | ଫଟା ଇତ୍ୟାଦି |

(ଖ) ଓଡ଼ିଆରେ ଅକର୍ମକ ଧାତୁ ପ୍ରୟୋଜକରେ ସକର୍ମକ ହୁଏ ।
ଲୁଗା ଶୁଖୁଚି - ସେ ଲୁଗା ଶୁଖାଇଚି ।

(ଗ) ପି, ପଢ୍, ଦେଖ୍ ପ୍ରଭୃତି କେତେକ ସକର୍ମକ ଧାତୁ ପ୍ରୟୋଜକରେ ଦ୍ୱିକର୍ମକ ହୁଅଂତି ।

ପିଲା ଦୁଧ ପିଉଚି - ମା ପିଲାକୁ ଦୁଧ ପିଆଉଚି ।
ପିଲା ପାଠ ପଢୁଚି - ଶିକ୍ଷକ ପିଲାକୁ ପାଠ ପଢ଼ାଉଛଂତି ।

(ଘ) ସରିଯିବା ଅର୍ଥରେ ଅକର୍ମକ 'ପା' ଧାତୁ ବିକଳ୍ପେ 'ପାହା' ହୁଏ ।

Digitized by PPRACHIN, SOA

ଯଥା- ରାତି ପାଇଲା, ପାହିଲା
କାଳ ପାଇଗଲା, ପାହିଗଲା

ମାତ୍ର 'ପାଇବା' (ସକର୍ମକ ଲଭିବା) ଅର୍ଥରେ ତା ହୁଏ ନାହିଁ ।
ଯଥା- ସେ ବୃତ୍ତି ପାଇଲା । ପାହିଲା ନୁହେଁ ।

(ଙ) 'ଖା' ଅର୍ଥରେ ଓଡ଼ିଆରେ 'ପା' ଚଳେ ।
ସେ ମହାପ୍ରସାଦ ପାଇଦେଲା । (ଖାଇଦେଲା)
'ବାଜା' ଠାରେ ବିକଳ୍ପେ - 'ବା' ହୁଏ ।
ବଜାଇବା - ବାଇବା ।

(ଚ) ପ୍ରୟୋଜକରେ ସକର୍ମକ ହୋଇଥିବା ଧାତୁମାନେ ପୁଣି ପ୍ରୟୋଜକର 'ଆ' ଘେନି 'ଆ' କାରାଂତ ପ୍ରୟୋଜକ ଧାତୁ ତିଆରି କରଂତି । ଯଥା-

| ଅକର୍ମକ | ସକର୍ମକ | ପ୍ରୟୋଜକ |
|---|---|---|
| ଗଳ୍ | ଗାଳ୍ | ଗଳା |
| ଚଳ୍ | ଚାଳ୍ | ଚଳା |
| ଝଡ୍ | ଝାଡ୍ | ଝଡ଼ା |
| ବିଗଡ୍ | ବିଗାଡ୍ | ବିଗଡ଼ା, ବିଗିଡ଼ା |

(ଛ) ଓଡ଼ିଆରେ ପ୍ରାୟ କର୍ମବାଚ୍ୟ ଅର୍ଥରେ କେତେକ ଧାତୁରୁ ଉପଧା ଗୁଣ ବୃଦ୍ଧି ଫେରାଇ ନୂଆଧାତୁ ହୁଏ । ଯଥା-
'କାଟ୍' ରୁ 'କଟ୍' (କଟା ହୋ)
'ଛେଦ୍' ରୁ ଛିଡ୍ (ଛିଂଡ଼ା ହୋ)
'ଦେଖ୍' ରୁ ଦିଶ୍ (ଦେଖା ଯା)
'ଶୋଷ୍' ରୁ ଶୁଖ୍ (ଶୋଷା ହୋ)
'ଫୋଡ୍' ରୁ ଫୁଟ୍ (ଫୋଡ଼ା ହୋ)

(ଜ) ଯେଉଁଠାରେ ପ୍ରୟୋଗରେ ଅର୍ଥ ବରାବର ସମାନ, ସେଠାରେ କର୍ତ୍ତୃବାଚ୍ୟ ସକର୍ମକ ଧାତୁର ପ୍ରୟୋଜକ ରୂପରେ ଦୁହିଂକର ପ୍ରୟୋଜକ ହୁଏ ।

ଶୁଘ୍, ଶୁଭ୍, ଶୁଣ୍ - ଶୁଣା
ଦିଶ୍, ଦେଖ୍ - ଦେଖା
ହୁଗାଳ୍, ହୁଗୁଳ୍ - ହୁଗୁଳା
କଟ୍, କାଟ୍ - କଟା ଇତ୍ୟାଦି

Digitized by PPRACHIN, SOA

(ଝ) କେତେକ ଧାତୁ କେବଳ 'ଆ' କାରାଂତ ପ୍ରଯୋଜକ ରୂପରେ ହିଁ ବ୍ୟବହାରରେ ଦେଖାଯାଏ । ସେମାନଂକର କୌଣସି ମୂଳ ରୂପ ଥିଲେହେଁ ତାହା ବ୍ୟବହାରରେ ଏବେ ନାଇ । ଯଥା– ବତା, ପକା, ଉଜୁଆଁ, ଖଟା, ଘୋଡ଼ା, ଓଳା, ଗ୍ରେବା ଇତ୍ୟାଦି ।

(ଞ) କେତେକ 'ଆ' କାରାଂତ ପ୍ରଯୋଜକ ଧାତୁରୁ 'ତ୍', 'ର୍' ପ୍ରତ୍ୟୟ କରି ଭଲକରି କର ଅର୍ଥରେ ସ୍ୱାର୍ଥ ପ୍ରଯୋଜକ ତିଆରି ହୁଏ, ସେଥିରୁ ପୁଣି ବେଳେବେଳେ 'ଆ' ପ୍ରତ୍ୟୟରେ ପ୍ରଯୋଜକ ଧାତୁ ହୁଏ । ଯଥା–

ଯୋଗା - ଯୋଗାଡ୼୍ - ଯୋଗଡ଼ା
ସଜା - ସଜାଡ଼୍ - ସଜଡ଼ା
କଗ୍ରୁ - କଗ୍ରୁଡ଼୍ - କଚଡ଼ା
ଘସ୍ (ଘୁସୁର୍) - ଘସା (ଘୁସୁରା) - ଘୋସାର୍-ଘୋସରା

**ନାମଧାତୁ**

ଶବ୍ଦରୁ ତିଆରି ହେବା ଧାତୁକୁ ନାମ ଧାତୁ କୁହାଯାଏ । ସଂସ୍କୃତରେ ନାମ ବା ବିଶେଷ୍ୟ ଆଦିରୁ ଆ, ଇ, ଯ ପ୍ରତ୍ୟୟ ଯୋଗେ ନାମଧାତୁ ହେବାପରି ଓଡ଼ିଆରେ ଶବ୍ଦରୁ 'ଆ' ପ୍ରତ୍ୟୟ ହୋଇ ନାମଧାତୁ ହେବାର ନୀଳକଂଠ ଦର୍ଶାଇଛଂତି । ଶବ୍ଦର ଅଂତ୍ୟବର୍ଣ୍ଣ 'ଅ' ଏଇ 'ଆ' ପ୍ରତ୍ୟୟରେ ମିଶି 'ଆ' ହୋଇଯାଏ । ସେହିପରି ଅଂତ୍ୟ 'ଇ' ଏଇ 'ଆ' ସହ ମିଶି ୟା (ଇଆ) ହୋଇଯାଏ । ଯେପରି–

| ଶବ୍ଦ | ନାମଧାତୁ | ଅର୍ଥ |
|---|---|---|
| ମୁଂଡ଼+ଆ | ମୁଂଡ଼ା | ମୁଂଡ଼ରେ ରଖ |
| କାନ+ଆ | କାନା | କାନଦେଇ ଶୁଣ |
| ପାଖ+ଆ | ପାଖା | ପାଖକୁ ଯା |
| କାଖ+ଆ | କାଖା | କାଖରେ ଧ |
| ଲଟି+ଆ | ଲଟିଆ (ଲଟା) | ଗଛରେ ଲଟି ପରି ମାଡ଼ |
| ମୁହଁ+ଆ | ମୁହାଁ | ଆଡ଼କୁ ମୁହଁ କର |
| ବାଡ଼ି+ଆ | ବାଡ଼ିଆ (ବାଡ଼ା) | ବାଡ଼ିରେ ପିଟ୍ |

ନୀଳକଂଠ କହଂତି, ଧାତୁର ପ୍ରକୃତି ଧରି ଓଡ଼ିଆରେ ଯଥାର୍ଥ ନାମଧାତୁ ଚିହ୍ନିବା ଦରକାର । ଯେପରି–

Digitized by PPRACHIN, SOA

'ଘୋଟ୍' ର ସ୍ୱାର୍ଥ ପ୍ରୟୋଜକ କେବେକେବେ 'ଘୋଟା', 'ଘୋଡ଼ା' ହୋଇଯାଏ-

ମେଘ ଘୋଟାଇଲା          ମେଘ ଘୋଡ଼ାଇଲା

ପୁଣି 'ଘୋଡ଼ା' ପ୍ରୟୋଜକ ଧାତୁ ମଧ୍ୟ ହୋଇପାରେ - 'ତୁ ଘୋଡ଼ି ହୋ'- ଏପରି ପ୍ରୟୋଜକ ପ୍ରଚଳିତ ଅଛି । ସେ ପୁଣି କହଂତି - 'ଘୋଡ଼୍' ଗୋଟିଏ ଓଡ଼ିଆ ଶବ୍ଦ । ଏହାର ସଂସ୍କୃତ ମୂଳ ହେଉଛି - ଗୁଢ଼୍ । ଏହା ଓଡ଼ିଆ 'ଘୋଟ୍' ଧାତୁର 'ଅ' ପ୍ରାୟ ନୁହେଁ । 'ଘୋଡ଼୍' ରୁ 'ଘୋଡ଼ା' ହୁଏ । ମାତ୍ର 'ଘୋଡ଼ା'ରୁ ଅର୍ଥଭେଦ ବୁଝିବା ପାଇଁ 'ଘୋଡ଼ମା' ହୁଏ । ଅଂତ୍ୟ 'ଆ' 'ଅ' ହୋଇଯାଏ ଏବଂ ତା'ପରେ 'ମ୍'ର ଆଗମ ହୁଏ । ଗ୍ରାମ୍ୟ ଭାଷାରେ 'ଘୋଡ଼ମ୍' ଶବ୍ଦ ବ୍ୟବହୃତ ହୋଇଥାଏ ।

ନାମଧାତୁର ପ୍ରୟୋଜକ ରୂପ ହୋଇଥାଏ ବୋଲି ମଧ୍ୟ ନୀଳକଂଠ ଦର୍ଶାଇଛଂତି ।

ଯଥା- ମୁହାଁ - ମୁହିଁଆ - ଗଉଡୁଣୀ ଦୁଧ ମୁହାଁଇଲା (ମ୍ୱାହିଁଲା)

ଏଠାରେ ନାମଧାତୁର ଶେଷ 'ଆ' ପୂର୍ବରୁ 'ଇ' ହୁଏ ଓ 'ଆ'ଟି ଅଲଗା ହୋଇଯାଏ । ଯେପରି-

କାଂଧା - କାଂଧିଆ,          ଦାଂତା - ଦାଂତିଆ

କାନା - କାନିଆ,          କାଖା - କାଖିଆ   ଇତ୍ୟାଦି

'କାଂଧା'ରୁ କାଂଧୋଇଚି, କାଂଧେଇଲା ହେଲେ ମଧ୍ୟ ପ୍ରୟୋଜକରେ କାଂଧିଆଉଚି, କାଂଧିଆଇଲା ହୁଏ । ସେହିପରି ଆଂଠୁଆରୁ ଆଂଠୋଇଲା, ଆଂଠୋଉଚି ହେଲେ ବି ପ୍ରୟୋଜକରେ ଆଂଠୁଆଇଲା, ଆଂଠୁଆଉଚି ହୁଏ ବୋଲି ପଂଡିତ ନୀଳକଂଠ ଦର୍ଶାଇଛଂତି ।

## ବର୍ଣ ବିଗ୍ରହ

ନୀଳକଂଠଙ୍କ ବ୍ୟାକରଣର ଚତୁର୍ଥ ଭାଗଟି ହେଉଛି 'ବର୍ଣ ବିଗ୍ରହ' । ଏଥିରେ ସେ ଓଡ଼ିଆ ଭାଷାରେ ବ୍ୟବହୃତ ବର୍ଣମାନଙ୍କର ବୈଶିଷ୍ଟ୍ୟ ଦର୍ଶାଇବା ସହ ଓଡ଼ିଆ ସ୍ୱର ଓ ବ୍ୟଂଜନବର୍ଣର ଲିଖିତ ରୂପ ଓ ଉଚ୍ଚାରଣ ନିୟମ ମଧ୍ୟରେ ଥିବା ପାର୍ଥକ୍ୟ, ବିଭିନ୍ନ ବର୍ଣର ଉଚ୍ଚାରଣ ସ୍ଥଳ, ସଂସ୍କୃତ ବର୍ଣ ନିୟମ ଓ ଓଡ଼ିଆ ବର୍ଣ ନିୟମ ମଧ୍ୟରେ ଥିବା ପ୍ରଭେଦ, ଲୋକମୁଖରେ ବର୍ଣଗୁଡ଼ିକର ଅପଭ୍ରଷ୍ଟ ରୂପ ଆଦି ସଂପର୍କରେ ପୁଂଖାନୁପୁଂଖ ଆଲୋଚନା କରିଛଂତି । ବର୍ଣ, ଲିପି ଓ ଅକ୍ଷର; ଗୁରୁସ୍ୱର, ଦୀର୍ଘସ୍ୱର, ସନ୍ଧିପ୍ରକରଣ, ବର୍ଗର ପଂଚମ ବର୍ଣ ସ୍ଥାନରେ ଅନୁସ୍ୱାରର ପ୍ରୟୋଗ ଆଦି ସଂପର୍କରେ ତାଙ୍କ ମତଗୁଡ଼ିକର ସ୍ୱାତନ୍ତ୍ୟ ସ୍ୱତଃ ବାରି ହୋଇଯାଏ ।

Digitized by PPRACHIN, SOA

ଏଠାରେ ସୂଚାଇ ଦିଆଯାଇପାରେ ଯେ, ଖ୍ରୀ.୧୯୩୯ରେ ଓଡ଼ିଆ ଭାଷାରେ ବର୍ଣ୍ଣର ଶୁଦ୍ଧାଶୁଦ୍ଧତ୍ୱ ବିଚାର ତଥା ପାରିଭାଷିକ ଶବ୍ଦ ତିଆରି କରି ପ୍ରଚାର କରିବାପାଇଁ ସରକାର ଗୋଟିଏ କମିଟି ଗଢ଼ିଥିଲେ ଏବଂ ପଂଡିତ ନୀଳକଂଠ ସେହି କମିଟିର ସଭାପତି ଥିଲେ । ପଂଡିତ ଗୋଦାବରୀଶ ମିଶ୍ର, ଗୋପାଳଚନ୍ଦ୍ର ପ୍ରହରାଜ, ପ୍ରାଣକୃଷ୍ଣ ପରିଜା, ଆର୍ତ୍ତବଲ୍ଲଭ ମହାଂତି, ଗିରିଜାଶଂକର ରାୟ, ଗୁରୁଚରଣ ମହାଂତି ପ୍ରମୁଖ ବିଦ୍ୱାନ୍‌ଗଣ ଏହି କମିଟିର ସଭ୍ୟ ଥିଲେ । ଓଡ଼ିଆ ବର୍ଣ୍ଣ ଓ ଲିପିର ନିର୍ଦ୍ଦିଷ୍ଟ ରୂପ ସଂପର୍କିତ ଆଲୋଚନାରେ ଏହି କମିଟି ରାଜ୍ୟର ବରିଷ୍ଠ ସାହିତ୍ୟିକମାନଙ୍କ ଅଭିମତକୁ ମଧ୍ୟ ସ୍ୱାଗତ କରିଥିଲେ । ଶେଷରେ ଏହି କମିଟି ଓଡ଼ିଆ ବର୍ଣ୍ଣ ଓ ଲିପି ସଂପର୍କରେ ନିମ୍ନୋକ୍ତ ମତ ଉପସ୍ଥାପନ କରିଥିଲା । ତାହା ହେଲା-(ଓଡ଼ିଆ ଭାଷା ଓ ସାହିତ୍ୟ, ପୃ-୯୨, ୯୩ ଦ୍ରଷ୍ଟବ୍ୟ)

(୧) ଓଡ଼ିଆରେ ଅର୍ଥାତ୍ ତଦ୍ଭବ, ଦେଶୀ ଓ ବିଦେଶୀ ଶବ୍ଦରେ ଗୋଟିଏ 'ଇ' କାର ଓ ଗୋଟିଏ 'ଉ' କାର ରହିବ । ତାହାର ଉଚ୍ଚାରଣ ହ୍ରସ୍ୱ ।

(୨) ହାତୀ, ଗୁଣୀ, ଧନୀ, ସପ୍ତଫେଣୀ ପ୍ରଭୃତି 'ଇନ୍' ଭାଗାନ୍ତ ଶବ୍ଦ ଦୀର୍ଘ 'ଇ' ମାତ୍ରାରେ ପ୍ରକାଶ କରାଯିବ ।

(୩) ବ୍ୟଂଜନ ପୂର୍ବରୁ ବର୍ଗର ପଂଚମ ବର୍ଣ୍ଣ ସର୍ବତ୍ର ଅନୁସ୍ୱାରରେ ପ୍ରକାଶିତ ହେବ ।

(୪) ତଦ୍ଭବ, ଦେଶୀ ଓ ବିଦେଶୀ ଶବ୍ଦରେ ସବୁ ପ୍ରକାର 'ସ' କାର କେବଳ 'ସ' (ଦନ୍ତ୍ୟ)ରେ ପ୍ରକାଶିତ ହେବ । ସେହିପରି ଯାହା, ଯେତେ, ଯଥା, ଯମୁନା ପ୍ରଭୃତିର 'ଯ' (ଅନ୍ତ୍ୟସ୍ଥ) 'ଜ' (ବର୍ଗ୍ୟ)ରେ ପ୍ରକାଶିତ ହେବ । 'କ୍ଷ' ସ୍ଥାନରେ 'ଖ୍ୟ' ଏବଂ 'ଜ୍ଞ' ସ୍ଥାନରେ 'ଗଁ୍ୟ' ଲେଖାଯିବ ।

(୫) ସମସ୍ତ ତତ୍ସମ ବା ସଂସ୍କୃତରୁ ଆସୁଥିବା ଶବ୍ଦ ବର୍ତ୍ତମାନ ପାଇଁ ଠିକ୍ ସଂସ୍କୃତରେ ଯେପରି ଅଛି ସେହିପରି ଲେଖିବାକୁ ହେବ ।

ଏସବୁକୁ ପଂଡିତ ନୀଳକଂଠ 'ଲିପିସଂସ୍କାର'ର ଅଂଗୀଭୂତ କରିଛଂତି ।

## ବର୍ଣ୍ଣ, ଲିପି ଓ ଅକ୍ଷର

ବୟାକରଣ ନୀଳକଂଠ ଓଡ଼ିଆ ଭାଷାରେ ବ୍ୟବହୃତ ବର୍ଣ୍ଣଗୁଡ଼ିକର ବିଚାର କରିବା ପ୍ରସଂଗରେ ବର୍ଣ୍ଣ, ଲିପି ଓ ଅକ୍ଷର ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଇଛଂତି । ତାଂକ ଯୁକ୍ତିରେ 'ଲିପି' ଓ 'ବର୍ଣ୍ଣ' ମଧ୍ୟରେ ପାର୍ଥକ୍ୟ ହେଉଛି – "ବର୍ଣ୍ଣ ସ୍ୱର

Digitized by PPRACHIN, SOA

ଯନ୍ତ୍ରରେ ଓ ଲିପିଟା ଲେଖାରେ । ବର୍ଣ୍ଣ କହିବା ଲୋକର ମୁହଁରେ ଅଛି । ତାହାର ଉଚ୍ଚାରଣ ଅଛି । ଲିପି ବା ଲେଖାରେ ସେସବୁ ନାହିଁ । ଲିପି - ବର୍ଣ୍ଣର ଫଂକେ଼ ମାତ୍ର । ସାହିତ୍ୟ ଓ ଭାଷାକୁ ଆପେକ୍ଷିକ ସ୍ଥାୟିତ୍ୱ ଦେବା ଉଦ୍ଦେଶ୍ୟରେ ପ୍ରତୀକ ବା ଚିହ୍ନ ଦ୍ୱାରା ଲିପିର ସୃଷ୍ଟି ।" ସେହିପରି 'ବର୍ଣ୍ଣ' ଓ 'ଅକ୍ଷର' ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ସେ ଲେଖିଛନ୍ତି-"ସଂସ୍କୃତରେ ବର୍ଣ୍ଣ ଓ ଅକ୍ଷର ଦୁହିଁଙ୍କର ଅର୍ଥ ସମାନ । ମାତ୍ର ଓଡ଼ିଆରେ ସାଧାରଣତଃ 'ଅକ୍ଷର' ବୋଇଲେ ଯାହା ଏକ ସ୍ୱରକେ ଉଚ୍ଚାରିତ ହୁଏ । 'କ' ଗୋଟିଏ ଅକ୍ଷର । ମାତ୍ର ସେଥିରେ ବର୍ଣ୍ଣ ଦୁଇଟି - 'କ୍' ଓ 'ଅ' । ସେହିପରି 'କା'=କ୍+ଆ । 'ଅଣା' - ଏଇ ଶବ୍ଦରେ ଯୋଡ଼ିଏ ଅକ୍ଷର - 'ଅ' ଓ 'ଣା' । ମାତ୍ର ଏଥିରେ ତିନୋଟି ବର୍ଣ୍ଣ - ଅ, ଣ୍+ଆ । ଓଡ଼ିଆରେ 'ସ୍ତ', 'ଣ୍ଠ' ପ୍ରଭୃତିକୁ ଗୋଟିଏ ଗୋଟିଏ ଯୁକ୍ତାକ୍ଷର କହନ୍ତି । ଏହା ଗୋଟିଏ ଗୋଟିଏ ଅକ୍ଷର । ମାତ୍ର ଏଥିରେ ଗୋଟିକରେ ତିନୋଟି ଲେଖାଏଁ ବର୍ଣ୍ଣ ଅଛି । ଯଥା- ସ୍ତ=ସ୍+ତ୍+ଅ, ଣ୍ଠ=ଣ୍+ଠ୍+ଅ

## ଗୁରୁସ୍ୱର ଓ ଦୀର୍ଘସ୍ୱର

ସ୍ୱରବର୍ଣ୍ଣର ଉଚ୍ଚାରଣରେ ନୀଳକଂଠ ଏହାର ଗୁରୁତା ଓ ଦୀର୍ଘତା ପ୍ରତି ପାଠକଂକ ଦୃଷ୍ଟି ଆକର୍ଷଣ କରିଛଂତି । ଏ ଦୁଇଟି ମଧ୍ୟରେ ପ୍ରଭେଦ ଦର୍ଶାଇ ସେ କହଂତି-"ସ୍ୱରଟି ଉଚ୍ଚାରଣରେ ଲଂବା ହେଲେ ହୁଏ ଦୀର୍ଘ । ସ୍ୱର ଉପରେ ଜୋର୍ ପଡ଼ିଲେ ଗୁରୁ ହୁଏ । ଯୁକ୍ତବର୍ଣ୍ଣର ପୂର୍ବର ସ୍ୱର ଗୁରୁ । ଅନୁସ୍ୱାର (ଂ) ବିସର୍ଗ (ଃ) ପୂର୍ବରେ ଥିବା ସ୍ୱର ମଧ୍ୟ ଗୁରୁ । ଗୁରୁସ୍ୱର ଓ ଦୀର୍ଘସ୍ୱର ଏକା କଥା ନୁହେଁ । ଦୀର୍ଘ ଓ ହ୍ରସ୍ୱ - ଦୁଇସ୍ୱର ଗୁରୁ ହୁଅଂତି । ସେ ପୁଣି କହଂତି - ଗୁରୁସ୍ୱର, ଦୀର୍ଘସ୍ୱର ଏକା ପ୍ରକାରର ନହେଲେ ବି ଏକା ଜାତିର । ଓଡ଼ିଆ ଉଚ୍ଚାରଣରେ କାଳକ୍ରମେ ବହୁ ଗୁରୁସ୍ୱର ଦୀର୍ଘ ହୋଇଥିବାର ସେ ଦର୍ଶାଇଛଂତି । ଯେପରି - ଶର୍କରା-ସାକର; ପତ୍ତନ-ପାଟଣା; ମକ୍ଷି-ମାଛି; କର୍ଦମ-କାଦୁଅ; ଅଂଗୁଳି-ଆଂଗୁଠି ଇତ୍ୟାଦି ।

## ଓଡ଼ିଆ ବର୍ଣ୍ଣ ଓ ତାହାର ଉଚ୍ଚାରଣରେ ସ୍ୱାତନ୍ତ୍ର୍ୟ

ବୟାକରଣ ନୀଳକଂଠ ଉଚ୍ଚାରଣ ଦୃଷ୍ଟିରୁ ଓଡ଼ିଆରେ ଛ'ଗୋଟି ସ୍ୱର ବର୍ଣ୍ଣ ଦର୍ଶାଇଛଂତି - ଅ, ଆ, ଇ, ଉ, ଏ, ଓ । କାରଣ ଉଚ୍ଚାରଣ ଦୃଷ୍ଟିରୁ ଇ-ଈ, ଉ-ଊ ମଧ୍ୟରେ କୌଣସି ଭେଦ ନାଇ । ସେ କହଂତି, "ସଂସ୍କୃତରୁ ଓଡ଼ିଆ ତତ୍‌ସମରେ ଋ, ଌ, ଐ, ଔ - ଏଇ ଚୁରୋଟି ସ୍ୱର ଚଳେ । କିନ୍ତୁ କଂଗ୍ରୁ ଓଡ଼ିଆରେ ତାହା - ରୁ, ଲୁ, ଅଇ, ଅଉ - ଏହିପରି ଉଚ୍ଚାରିତ ହୁଏ ।

Digitized by PPRACHIN, SOA

ଓଡ଼ିଆରେ ବ୍ୟଂଜନ ବର୍ଣର ଉଚ୍ଚାରଣରେ ମଧ୍ୟ ସେ ନିମ୍ନୋକ୍ତ ସ୍ୱାତନ୍ତ୍ର୍ୟ ଦର୍ଶାଇଛଂତି ।

(କ) ଓଡ଼ିଆରେ 'ଙ୍' ଓ 'ଞ୍'ର ସ୍ୱତନ୍ତ୍ର ସ୍ୱରଯୁକ୍ତ ବ୍ୟଂଜନ ଭାବେ ଉଚ୍ଚାରଣ ନାଇ । 'ଙ୍'କୁ ଆମେ ଶୀଘ୍ର ଉଚ୍ଚାରିତ 'ଉଅଁ' ବା ଅବର୍ଗୀୟ ବ (ବଁ) ପରି କହୁ । 'ଞ୍'କୁ ଆମେ କହୁଁ 'ନ୍ୟଁ' ବା ଶୀଘ୍ର ଉଚ୍ଚାରିତ 'ନିଅଁ' ।

(ଖ) ଓଡ଼ିଆରେ ଶବ୍ଦର ଆଦ୍ୟରେ ଥିବା 'ଯ୍' – 'ଜ' ବା 'ଜ୍ୟ' ପରି ଉଚ୍ଚାରିତ ହୁଏ । ଯଥା– ଯମୁନା–ଜ୍ୟମୁନା ବା ଜମୁନା । ନୀଳକଂଠଂକ ଭାଷାରେ–"ଓଡ଼ିଆରେ ବସ୍ତୁତଃ ଶବ୍ଦର ଆଦ୍ୟରେ 'ଯ'ର ଉଚ୍ଚାରଣ କୁତ୍ରାପି ନାଇ । କେବଳ ସଂସ୍କୃତ ପରି ଉଚ୍ଚାରଣ କରିବା ଅଜ୍ଞାତ ଉଦ୍ୟମରେ ଲୋକେ 'ୟ'କୁ 'ଜ୍ୟ' କହଂତି ମାତ୍ର ।" କିନ୍ତୁ ତତ୍‌ସମ ଓ ତଦ୍‌ଭବ ଶବ୍ଦ ପରି କଂଗ୍ରୁ ଓଡ଼ିଆରେ ଶବ୍ଦର ଶେଷରେ ଓ ମଧ୍ୟରେ 'ୟ'ର ପ୍ରୟୋଗ ସେ ଦର୍ଶାଇଛଂତି । ଯେପରି– କୟାଁ, ମାଡ଼ଗୟାଁ, ଗୟଳ, ବାୟା, ବୟସ ଇତ୍ୟାଦି ।

(ଗ) ଓଡ଼ିଆରେ ମୂର୍ଧନ୍ୟ ବ୍ୟଂଜନ ବର୍ଣ – 'ଡ୍' ଓ 'ଢ୍' ମଧ୍ୟରେ ବା ଶେଷରେ ରହିଲେ ଅଳ୍ପ ତାଲବ୍ୟ ଉଚ୍ଚାରିତ ହୁଅଂତି ('ଡ଼' ଓ 'ଢ଼') ଯଥା– ଡମ, ଢୋଲ (ଉଚ୍ଚାରଣରେ ମୂର୍ଧନ୍ୟ) କିଂତୁ ମଡ଼କ, ବଡ଼, ଗଢ଼ଣ, ବୁଢ଼ା (ଉଚ୍ଚାରଣରେ ତାଲବ୍ୟ)

(ଘ) ଓଡ଼ିଆରେ ଅବର୍ଗୀୟ 'ବ'ର ସ୍ୱତନ୍ତ୍ର ସ୍ୱରଯୁକ୍ତ ବର୍ଗ ପରି ଉଚ୍ଚାରଣ ନାଇ । କେତେକ ବିଦେଶୀ ଶବ୍ଦରେ ଏହା 'ୱ' ପରି ଉଚ୍ଚାରିତ । ('ଉ+ଅ'ର ସଂକ୍ଷିପ୍ତ ଉଚ୍ଚାରଣ ପରି) ଯଥା–ବେୱା, ପରୱାନା ଇତ୍ୟାଦି । ଅନ୍ୟ ବ୍ୟଂଜନ ସହ ଯୁକ୍ତ ହେଲେ ଅବର୍ଗୀୟ 'ବ୍'ର ଉଚ୍ଚାରଣ ଠିକ୍ ରହେ । ଯଥା–ପକ୍ୱ, ସ୍ୱାଦ ଇତ୍ୟାଦି । କଂଗ୍ରୁ ଓଡ଼ିଆରେ କିଂତୁ ଏହା 'ଉଅ' ହୋଇଯାଏ । ଯଥା–ସୁଆଦ, ଅସୁଆଦ, ପରୁଆନା, ବେଉଆ ଇତ୍ୟାଦି ।

(ଙ) ଓଡ଼ିଆରେ 'ଲ୍' ଓ 'ଳ୍' ଉଭୟ ବର୍ଣର ପ୍ରୟୋଗ ରହିଛି । ଏ ଦୁଇ ବର୍ଣର ଉଚ୍ଚାରଣ ଭେଦ ଭିନ୍ନ ଭିନ୍ନ ଶବ୍ଦରେ ଦେଖାଯାଏ । ଯେପରି–

| | |
|---|---|
| କାଳ (ସମୟ), | କାଲ (ଶୁଣିବାରେ ଅକ୍ଷମ) |
| ପାଳ (କୁଟା), | ପାଲ (ଜାହାଜ ବା ନୌକାର ବାୟୁଧାରକ) |
| କୋଳ, | କୋଲ (ଥଣ୍ଟା) ଇତ୍ୟାଦି |

Digitized by PPRACHIN, SOA

(ଚ) ଓଡ଼ିଆରେ 'ଷ'ର ଉଚ୍ଚାରଣ ନାଇ । ଉତ୍ତର ଓଡ଼ିଶାରେ କେତେକ ସ୍ଥଳରେ 'ଶ'ର ଉଚ୍ଚାରଣ ଅଛି । ଯଥା-ଗୃଶ । ଏହାଛଡ଼ା ସମସ୍ତ ଓଡ଼ିଶାରେ ସବୁ 'ସ' (ଦନ୍ତ୍ୟ) ଉଚ୍ଚାରଣ ହୁଏ । ଯଥା-ଗୃସ, ତାସ ।

(ଛ) 'ୟ୍', 'ହ୍'ର ଉଚ୍ଚାରଣ ପ୍ରାୟ ପର ସ୍ୱର ସଂଗେ ମିଶି ଏକାକାର ହୋଇଯାଏ । ଯଥା-

ପାହିଲା-ପାଇଲା

ଜୟୀ-ଜଇ

ଦୟିତା-ଦଇତା ।

ବେଳେବେଳେ 'ହ୍', 'ୟ୍'ରେ ଥିବା ସ୍ୱର ଅନୁନାସିକ ହୁଏ । ଯଥା-କାହିଁ-କାଇଁ, ନାହିଁ-ନାଇଁ, କୟାଁ-କଇଆଁ ।

(ଜ) ଓଡ଼ିଆରେ 'ଅନୁସ୍ୱାର'ର ଉଚ୍ଚାରଣ ସାଧାରଣତଃ ' ଁ ' (ଚନ୍ଦ୍ରବିଂଦୁ) ହୋଇଯାଏ । ଅନେକ ସ୍ଥଳରେ ଏହା ଅନୁନାସିକ ସ୍ୱର ହୋଇଯାଏ । ଯଥା-

ବଂଶ-ବଅଁଶ, ବାଆଁସ, ବାଉଁଶ

ମାଂସ-ମାଆଁସ, ମାଉଁସ ଇତ୍ୟାଦି

(ଝ) ଓଡ଼ିଆରେ 'ରେଫ୍' ଓ 'ହ୍' ପରେ ଥିବା ବ୍ୟଞ୍ଜନର ଦ୍ୱିତ୍ୱ ହୁଏ ନାହିଁ । ତେଣୁ ଲିପି ସଂକେତରେ ମଧ୍ୟ ମୂର୍ଖ, ବର୍ତମାନ, ସୂର୍ଯ ପ୍ରଭୃତି ଲେଖିବା ହିଁ ଠିକ୍ । ମୂର୍କ୍ଖ, ବର୍ତ୍ତମାନ, ସୂର୍ଯ୍ୟ ପ୍ରଭୃତି ଲେଖିବା ଠିକ୍ ନୁହେଁ ।

(ଞ) ଓଡ଼ିଆରେ 'କ୍ଷ୍'ର ଉଚ୍ଚାରଣ 'ଖ୍ୟ' ଓ 'ଜ୍ଞ୍'ର ଉଚ୍ଚାରଣ 'ଗଁ୍ୟ' ପରି ହୋଇଥାଏ । ଯଥା-

| | |
|---|---|
| ସାକ୍ଷାତ-ସାଖ୍ୟାତ | ଯଜ୍ଞ-ଜ୍ୟଗଁ୍ୟ |
| ପକ୍ଷ-ପଖ୍ୟ | ଆଜ୍ଞା-ଆଗଁ୍ୟା |
| ଭକ୍ଷ-ଭଖ୍ୟ | ବିଜ୍ଞାନ-ବିଗଁ୍ୟାନ |

(ଟ) 'ହ୍'ରେ 'ଲ୍', 'ମ୍', 'ନ୍' ଯୁକ୍ତ ହେଲେ ଓଡ଼ିଆରେ 'ହ୍' ମାତ୍ରା ପରେ ଉଚ୍ଚାରିତ ହୁଏ । ଯଥା-

ଆହ୍ଲାଦ-ଆଲ୍‌ହାଦ    ପ୍ରହ୍ଲାଦ-ପ୍ରଲ୍‌ହାଦ

'ବ୍ରାହ୍ମଣ' ଓଡ଼ିଆରେ 'ବ୍ରାମ୍‌ହଣ' ହୋଇ ସେଥିରୁ 'ବାମ୍‌ହୁଣ', 'ବାମୁଣ' ହୁଏ । 'ଜହ୍ନ' ଓଡ଼ିଆ ଉଚ୍ଚାରଣରେ ହୁଏ 'ଜନ୍‌ହ' ।

Digitized by PPRACHIN, SOA

(ଠ) ରେଫ୍ ପରେ 'ହ' ଓଡ଼ିଆରେ ଦ୍ୱିତ୍ୱ ଉଚ୍ଚାରଣ ପାଏ । ଯଥା-
ବାର୍ହା-ବାର୍‌ହ୍‌ହା (ବରାହ)
କୋର୍ହୁଆଁ-କୋର୍‌ହ୍‌ହୁଆ (କୁଟଜ)

## ବର୍ଗର ପଂଚମ ବର୍ଣ୍ଣ ପାଇଁ ଅନୁସ୍ୱାରର ପ୍ରଚଳନ

ପଂଡ଼ିତ ନୀଳକଂଠ ଖ୍ରୀ.୧୯୧୩ରେ ସତ୍ୟବାଦୀ ସ୍କୁଲର ଅଧ୍ୟକ୍ଷ ଥିବାବେଳେ ବର୍ଗର ପଂଚମ ବର୍ଣ୍ଣ ପୂର୍ବରେ ଥାଇ ବର୍ଗ୍ୟ ବର୍ଣ୍ଣମାନଙ୍କ ଯୋଗରେ ଯେଉଁସବୁ ଯୁକ୍ତାକ୍ଷର ହୁଏ ସେସବୁକୁ ଅନୁସ୍ୱାର ଦେଇ ଲେଖିବା ପାଇଁ ଉଦ୍ୟମ ଚଳାଇଥିଲେ । ଯେପରି କଂକଣ, କଂଟକ, ଅଂତର, କଂପ, ସଂନିଧି, ସଂମାନ ଶବ୍ଦ ଯଥାକ୍ରମେ କଙ୍କଣ, କଣ୍ଟକ, ଅନ୍ତର, କମ୍ପ, ସନ୍ନିଧି, ସମ୍ମାନ ଶବ୍ଦ ସ୍ଥାନରେ ଲେଖାଯାଇପାରେ । ତାଙ୍କ ମତରେ ଅନୁସ୍ୱାର ପରେ ଯେଉଁ ବର୍ଗର ବର୍ଣ୍ଣ ଥାଏ, ସେ ଅନୁସ୍ୱାର ସେଇ ବର୍ଣ୍ଣର ପଂଚମ ବର୍ଣ୍ଣର ଉଚ୍ଚାରଣ ପାଏ । କଂକଣ - ଉଚ୍ଚାରଣରେ 'କଙ୍‌କଣ' ହୋଇଯାଏ ।

ନୀଳକଂଠଂକ ଯୁକ୍ତିରେ, ଓଡ଼ିଆର ସବୁ ବର୍ଣ୍ଣରେ ସଂସ୍କୃତରେ ରହିଥିବା ନିର୍ଦ୍ଦିଷ୍ଟ ଉଚ୍ଚାରଣ ନାଇ । ଯେପରି ଓଡ଼ିଆରେ 'ବଂଚିବା'ର ଉଚ୍ଚାରଣ ଠିକ୍ ବଞ୍‌ଚିବା (ବଞ୍ଚିବା) ନୁହେଁ । ବରଂ ଏହା 'ବନ୍‌ଚିବା' ହୁଏ । ସେହିପରି ବାଂଛା-ବାଞ୍‌ଛା (ବାଞ୍ଛା) ନ ହୋଇ 'ବାନ୍‌ଛା' ହୁଏ । ତେଣୁ ଓଡ଼ିଆରେ ଅନୁସ୍ୱାର ଦେଇ ଲେଖିବା ସାଧୁ । କିନ୍ତୁ ଦୁଇଟି ଭିନ୍ନ ଭିନ୍ନ ପଂଚମ ବର୍ଣ୍ଣ ଯୁକ୍ତ ହେଲେ ଅନୁସ୍ୱାର ଦେଇ ଲେଖିବା ଭୁଲ ହେବ ବୋଲି ସେ ଦର୍ଶାଇଛଂତି । ଯଥା- ବାଙ୍‌ମୟ, ମୃଣ୍ମୟ ପ୍ରଭୃତିକୁ ବାଂମୟ, ମୃଂମୟ - ଏପରି ଯଦି ଲେଖାଯାଏ ତେବେ ତାହାର ଉଚ୍ଚାରଣ 'ବାମ୍ନୟ', 'ମୃମ୍ନୟ' ହୋଇଯିବ ।

## ଓଡ଼ିଆରେ ସଂଧି ନିୟମ

ସଂଧିର ସଂଜ୍ଞା ନିରୂପଣ କରି ନୀଳକଂଠ କହଂତି-''ସଂଧି କହିଲେ ଏକାଠି ଯୋଡ଼ି ହୋଇଯିବାକୁ ବୁଝାଏ । ବର୍ଣ୍ଣମାନେ ପାଖେପାଖେ ରହିଲେ ସେଥିରେ ଯାହା ପରିବର୍ତ୍ତନାଦି ହୁଏ ତାହା 'ସଂଧି'ରେ ବିଗ୍ରହ କରାଯାଏ ।'' କହିବାର ଭଂଗୀ ଓ ଆଶୟ ଅନୁସାରେ ଶବ୍ଦମାନଂକର ଅକ୍ଷର ତଥା ବର୍ଣ୍ଣରେ ଜୋର୍ ବସି ନାନାପ୍ରକାର ପରିବର୍ତ୍ତନ ହୋଇଥାଏ । ଏଇପରି ବର୍ଣ୍ଣ ପରିବର୍ତ୍ତନକୁ 'ସଂଧି' କୁହଂତି ।

ନୀଳକଂଠ ସଂସ୍କୃତ ସଂଧି ନିୟମଠାରୁ ଓଡ଼ିଆ ସଂଧି ନିୟମର କେତେକ ପାର୍ଥକ୍ୟ ଦର୍ଶାଇବାକୁ ପ୍ରୟାସ କରିଛଂତି । ତାଂକ ଯୁକ୍ତିରେ ସଂସ୍କୃତ ଭାଷା ହେଉଛ

Digitized by PPRACHIN, SOA

ବ୍ୟାକରଣ-ନିର୍ଦ୍ଦିଷ୍ଟ ଭାଷା । ସେ ଭାଷାରେ ବ୍ୟାକରଣ ନିୟମ ଅନୁସାରେ ହିଁ ସବୁ ଉଚ୍ଚାରଣ କରିବାକୁ ହୋଇଥାଏ । କିଂତୁ ଓଡ଼ିଆ ହେଉଛି ଚଳିତ ଭାଷା । ଏଥିରେ ଏବେ ମଧ୍ୟ ସଂସ୍କୃତ, ଅନାର୍ଯ୍ୟ ଓ ବିଦେଶୀ ଭାଷାରୁ ଶବ୍ଦ ବରାବର ମିଶୁଛି । ତେଣୁ ଓଡ଼ିଆରେ ବ୍ୟାକରଣ ନିର୍ଦ୍ଦେଶରୁ ଭାଷା ଶିଖିବାକୁ ହେବ ନାଇ । ଏଥିରେ ବରଂ ଭାଷାରୁ ବ୍ୟାକରଣ ନିୟମ ଆଲୋଚ଼ନା କରିବାକୁ ହେବ । ଖାଂଟି ଓଡ଼ିଆରେ କହିବାର ଭଂଗୀ ଓ ଆଶୟକୁ ନେଇ ବର୍ଣରେ ଢୋର୍ ବସିଲେ କିପରି ବର୍ଣ ପରିବର୍ତ୍ତିତ ହୋଇଯାଏ ନୀଳକଂଠ ତାହାର କେତୋଟି ଉଦାହରଣ ଦେଇଛଂତି-

(କ) "ଦ୍ୟାଇ ହେଲା ନାଇ କି ରଖେଇ ହେଲା ନାଇ ।" ଏଠାରେ 'ଦ୍ୟାଇ'ର 'ଇ' ଉପରେ ଢୋର୍ ପଡ଼ି 'ଦିଆଇ' ଏକାବେଳକେ 'ଦ୍ୟାଇ' ହୋଇଯାଇଚି । ସେହିପରି

କୁହାଇ-କ୍ୱାହି (ତାକୁ କଣ 'କ୍ୱାହି' ହବ ?)

ସୁହାଇ-ସ୍ୱାହି (ତାକୁ ଏହା ସ୍ୱାହିଲା)

ପିଆଇ-ପ୍ୟାଇ (ଦୁଧ ପ୍ୟାଇ ପ୍ୟାଇ ଥକିଗଲି)

(ଖ) ଓଡ଼ିଆରେ - ଆ+ଇ=ଏଇ । ଯଥା-

ଖଟାଇ-ଖଟେଇ, ମିଠାଇ-ମିଠେଇ

ପକାଇଲା-ପକେଇଲା, ଧରାଇଲା-ଧରେଇଲା

ଆ+ଉ=ଓଉ । ଯଥା-

ଗୋଡ଼ାଉଚି-ଗୋଡ଼ୋଉଚି, ପିଠାଉ-ପିଠୋଉ

ବଥାଉଚି-ବଥୋଉଚି, ପଳାଉଚି-ପଳୋଉଚି

ପୂର୍ବୋକ୍ତ ଶବ୍ଦଗୁଡ଼ିକରେ 'ଆ' ଉପରେ ଢୋର ପଡ଼ିବାରୁ 'ଉ' ବା 'ଇ' 'ଆ' ଆଡ଼କୁ ଘୋଷାରି ହୋଇ ଆସି ସଂଧି ହୋଇଛି । କିଂତୁ ଓଡ଼ିଆରେ ପ୍ରଥମ ଅକ୍ଷରରେ ଢୋର ପଡୁ ନଥିବାରୁ 'ଆ' ବା ବ୍ୟଂଜନ ଯୁକ୍ତ 'ଆ' ଶବ୍ଦର ପ୍ରଥମରେ ଥିଲେ ସଂଧି ହୁଏ ନାହିଁ ବୋଲି ନୀଳକଂଠଂକ ମତ । ଯଥା-ଆଇ, ଆଇଁସ, ଖାଇଲା, ଆଉ, ଆଉଁସା, ଖାଉଚି ଇତ୍ୟାଦି ।

(ଗ) ଓଡ଼ିଆରେ ଶବ୍ଦର ଆଦ୍ୟ ଅକ୍ଷରରେ 'ଏ' କାର ଥାଇ ପରେ 'ଉ' ବା 'ବ' ଥିଲେ ଓ ଆଦ୍ୟ ଅକ୍ଷରରେ ଢୋର ନଥିଲେ 'ଏ' ସ୍ଥାନରେ 'ଅ' ହୁଏ । କ୍ରିୟାପଦ ଗୁଡ଼ିକରେ ଏହା ବିଶେଷ ପ୍ରକାଶ ପାଏ । ଯଥା-

Digitized by PPRACHIN, SOA

ଦେଢ଼ -ଦଉ, ଦେଉଚି-ଦଉଚି, ଦେବ-ଦବ, ଦେବାର-ଦବାର ଇତ୍ୟାଦି ।

(ଘ) ସେହିପରି ଜୋର ନଥିବା 'ଅ' ସ୍ୱରଟି ପରେ ଲାଗିଥିବା 'ଇ' ବା 'ଉ' ସଂଗେ ମିଶି 'ଇ' ବା 'ଉ' ହୋଇଯାଏ । ଯଥା-

କଉଣସି-କୁଉଣସି, ତମକୁ-ତମୁକୁ
କଉଁମତି-କିମିତି, ଯଉଁମତି-ଯିମିତି

(ଙ) ଓଡ଼ିଆରେ ଅସମାପିକା କ୍ରିୟାର 'ଇ' ପରେ 'କରି' ଲାଗିଲେ 'କରି'ରେ ଥିବା 'କ'ର 'ଅ' ଲୋପ ହୋଇ ତା' ସ୍ଥାନରେ 'ଇ' ହୁଏ । ଯଥା-

ପାଇକରି-ଯାଇକିରି, ଯାଇକ୍ରୀ
ଦେଇକରି-ଦେଇକିରି, ଦେଇକ୍ରୀ

(ଚ) ଓଡ଼ିଆରେ ପ୍ରତ୍ୟୟର 'ଅ' ବର୍ଣ୍ଣ (ଅ, ଆ) ଏବଂ 'ଏ' ଧାତୁପରେ ଥିଲେ ଧାତୁର 'ଏ' ଏବଂ 'ଓ' ଦୁଇଟିର ଗୁଣ ଫେର୍ ('ଏ' 'ଓ' ଯଥାକ୍ରମେ 'ଇ' 'ଉ' ହୋଇଯିବା) ହୁଏ । ଯଥା-

ଦେ+ଅଂତି=ଦିଅଂତି, ଦେ+ଏ=ଦିଏ
ଦେ+ଆ=ଦିଆ ଥୋ+ଅଂତି=ଥୁଅଂତି
ଥୋ+ଏ=ଥୁଏ, ଥୋ+ଆ=ଥୁଆ

(ଛ) ଓଡ଼ିଆରେ ପ୍ରତ୍ୟୟର 'ଆ' ପରେ ଥିଲେ ଧାତୁର ଉପଧାର 'ଆ' ହ୍ରସ୍ୱ ହୁଏ । ଯଥା-

କାଟ୍+ଆ=କଟା, ମାଡ୍+ଆ=ମଡ଼ା, କାଂଡ୍+ଆ=କଂଡ଼ା

(ଜ) ଓଡ଼ିଆରେ ସଂଧି ଉପରେ ସଂଧି ମଧ୍ୟ ହୋଇଥାଏ । ଯଥା-

ପି+ଆ+ଇବା=ପିଆଇବା, ପ୍ୟାଇବା, ପେଇବା
ଖା+ଆ+ଇବା=ଖୁଆଇବା, ଖ୍ୱାଇବା, ଖ୍ୱେଇବା, ଖୋଇବା
ରୋ+ଆ+ଇବା=ରୁଆଇବା, ର୍ୱାଇବା, ର୍ୱେଇବା, ରୋଇବା ଇତ୍ୟାଦି

**ବ୍ୟଂଜନ ସଂଧି**

ବୟାକରଣ ନୀଳକଂଠ ସଂସ୍କୃତ ନିୟମାନୁସାରେ ଓଡ଼ିଆରେ ବ୍ୟଂଜନ ବର୍ଣ୍ଣର ସଂଧି ଦର୍ଶାଇବା ପରେ ଖାଂଟି ଓଡ଼ିଆରେ ବ୍ୟଂଜନ ସଂଧିର କେତେକ ସ୍ୱାତନ୍ତ୍ୟ ଦର୍ଶାଇଛଂତି । ଯେପରି-

Digitized by PPRACHIN, SOA

(କ) ସ୍ୱରବର୍ଣ୍ଣ ପରେ 'ମ୍' ପରେ ର୍, ଳ୍, ଡ୍ ରହି କିମ୍ବା ମଝିରେ ଅ, ଉ ପ୍ରଭୃତି ଥାଇ ର୍, ଳ୍, ଡ୍ ରହି ସଂଧି ହେଲେ 'ବ୍'ର ଆଗମ ହୁଏ । ଯଥା-

ଅମୃତ (ଅମ୍ରୁତ)-ଅମ୍ରୁତ ଭଂଡ଼ା, ଅଂବ୍ରୁତ ଭଂଡ଼ା
କୋମଳ-କୋଂବଳ, କଂବଳ
ଯାମଳାର୍ଜୁନ-ଜାଂବଳାର୍ଜୁନ
ଶିର କମଳ-ଶିର କଂବଳ

ସେହିପରି କାମୁଡ୍‌ରୁ କାଂବୁଡ୍; ଆମ୍ରରୁ ଆଂବ, ଆଂବୁଲ; ଅମ୍ଳରୁ ଆଂବିଳ, ଆଂବିଳା, ଆଂବିଳି; ଅମ୍ରାତ୍‌ରୁ ଆଂବେଡ଼ା; ନମ୍ରରୁ ଲଂବ ପ୍ରଭୃତି ହୁଏ ।

(ଖ) ଦୁଇଟି ପଦ ମିଶି ଏକ ପଦ ନ ହେଲେ ବି ପୂର୍ବ ପଦର ବ୍ୟଂଜନାଂତ ଏବଂ 'ଓ' କାରାଂତ ଅକ୍ଷର ପରେ 'କର' ଶବ୍ଦର 'ଅ', ସ୍ୱର 'ଇ' ହୋଇଯାଏ ବା 'ଅ' ଲୋପ ହୁଏ । ପୁଣି ପରବର୍ତ୍ତୀ 'ରି' ର 'ର୍' ବ୍ୟଂଜନ 'ନ୍' ହୋଇଯାଏ । ଯଥା-

ଫଟ୍ କରି-ଫଟ୍‌କିନି ପଡ଼ିଗଲା, ଫଟୋକିନି ପଡ଼ିଗଲା
ଠକ୍ କରି-ଠକ୍‌କିନି, ଠକୋକିନି, ଠକ୍ନୀ ବାଜିଲା
ଠୋ କରି-ଠୋକିନି, ଠୋକ୍ନୀ, ମୁଣ୍ଡ ବାଡ଼େଇ ଦେଲା

(ଗ) ଏସବୁ ବ୍ୟତୀତ ଓଡ଼ିଆରେ କିପରି-

ଶୁଦ୍ଧ-ଶୁଦ୍ଧ୍ୟ, ଶୁଧ୍ୟ (ଶୁଦ୍ଧ୍ୟଘର, ଶୁଧ୍ୟଘର)
ପ୍ରଣବ-ପ୍ରଳଂବ (ପ୍ରଳଂବ ଅଶୁଦ୍ଧ)
କପିତ୍ଥ-କଇଥ, କଇଠ ଇତ୍ୟାଦି ହୁଏ ନୀଳକଂଠ ତା'ର ବିସ୍ତୀର୍ଣ୍ଣ ବିଗ୍ରହ କରିବାର ସଂଭାବନା ସୃଷ୍ଟି କରିଛଂତି ।

## ବିସର୍ଗ ସଂଧି

ସଂସ୍କୃତରେ 'ସ୍' ଓ 'ର୍'ରୁ ବିସର୍ଗ ହେଉଥିବାରୁ ନୀଳକଂଠ 'ସ'-ଜାତ ବିସର୍ଗ ଓ 'ର' ଜାତ ବିସର୍ଗର ଭେଦ ଦର୍ଶାଇଛଂତି । ଯଥା-

'ସ'-ଜାତ=ମନସ୍-ମନଃ, ପୟସ୍-ପୟଃ ଇତ୍ୟାଦି
'ର'-ଜାତ=ପ୍ରାତର୍-ପ୍ରାତଃ, ପୁନର୍-ପୁନଃ, ଅନ୍ତର୍-ଅନ୍ତଃ ଇତ୍ୟାଦି

ତାଂକ ପ୍ରଦତ୍ତ ବିସର୍ଗ ସଂଧିର ନିୟମ ଏହିପରି-

Digitized by PPRACHIN, SOA

(କ) ବିସର୍ଗ ସହ 'ଚ୍', 'ଛ୍'ର ସଂଧି ହେଲେ-'ଶ' ହେବ ।
'ଟ୍', 'ଠ୍'ର ସଂଧି ହେଲେ-'ଷ' ହେବ ।
ବିସର୍ଗ ପରେ କ୍, ଖ୍, ତ୍, ଥ୍, ପ୍, ଫ୍ର ସଂଧି ହେଲେ-'ସ' ହେବ ।

ଯଥା- ନିଃ+ଚୟ=ନିଶ୍ଚୟ, ଶିରଃ+ଛେଦ=ଶିରଶ୍ଛେଦ
ଧନୁଃ+ଟଂକାର=ଧନୁଷ୍ଟଂକାର, ମନଃ+ତାପ=ମନସ୍ତାପ
ମନଃ+କାମ=ମନସ୍କାମ,
ବାଚଃ+ପତି=ବାଚସ୍ପତି

(ଖ) ବିସର୍ଗ ପରେ ଅ; ବର୍ଗର ୩ୟ, ୪ର୍ଥ, ୫ମ ବର୍ଣ୍ଣ; ଯ୍, ର୍, ଲ୍, ବ୍, ହ୍; ଥିଲେ ଅ-ପରସ୍ଥିତ ସ-ଜାତ ବିସର୍ଗ ପୂର୍ବ 'ଅ' ସଂଗେ ମିଶି 'ଓ' ହୁଏ । ଯଥା-

ମନଃ+ଅଭୀଷ୍ଟ=ମନୋଭିଷ୍ଟ, ଶିରଃ+ଦେଶ=ଶିରୋଦେଶ
ପୟଃ+ଧର=ପୟୋଧର, ତେଜଃ+ମୟ=ତେଜୋମୟ
ଯଶଃ+ଲାଭ=ଯଶୋଲାଭ ଇତ୍ୟାଦି

(ଗ) ସ୍ୱରବର୍ଣ୍ଣ, ବର୍ଗର ୩ୟ, ୪ର୍ଥ, ୫ମ ବର୍ଣ୍ଣ; ଯ୍, ର୍, ଲ୍, ବ୍, ହ୍ ପରେ ଥିଲେ ଅ, ଆ ଭିନ୍ନ ସବୁ ବିସର୍ଗ 'ର୍' ହୋଇଯାଏ ।

ନିଃ+ଅଂକୁଶ=ନିରଂକୁଶ,
ନିଃ+ଆହାର=ନିରାହାର
ବହିଃ+ଗତ=ବହିର୍ଗତ, ଦୁଃ+ଯୋଗ=ଦୁର୍ଯୋଗ
ନିଃ+ଭୟ=ନିର୍ଭୟ, ନିଃ+ଉକ୍ତି=ନିରୁକ୍ତି

(ଘ) 'ର୍' ପରେ ଥିଲେ ଏଇ ବିସର୍ଗ ଜାତ-'ର୍'ର ଲୋପ ହୁଏ ଏବଂ ତା ପୂର୍ବ ସ୍ୱର ଦୀର୍ଘ ହୁଏ ।

ନିଃ+ରୋଗ=ନୀରୋଗ, ନିଃ+ରବ=ନୀରବ
ନିଃ+ରସ=ନୀରସ

(ଙ) 'ଅ' ଭିନ୍ନ ସ୍ୱର ପରେ ଥିଲେ 'ଅ' ପରସ୍ଥିତ ବିସର୍ଗ ଲୋପ ହୁଏ ।

ଅତଃ+ଏବ=ଅତଏବ

ଏହାପରେ ବୟାକରଣ ନୀଳକଂଠ ସଂଧି ବା ବର୍ଣ୍ଣ ସମବାୟ ଜନିତ ପରିବର୍ତ୍ତନ ସମୟରେ ଯେଉଁସବୁ ଲୋପ, ଆଗମ, ଆଦେଶ, ବିପର୍ଯ୍ୟୟ ପ୍ରଭୃତ

Digitized by PPRACHIN, SOA

ଉଚ୍ଚାରଣ ସୁବିଧା ଦୃଷ୍ଟିରୁ ସ୍ୱତଃ ସଂଗଠିତ ହୋଇଥାଏ ତାହାର ଉଦାହରଣ ଦେଇ ବିଗ୍ରହ କରିଛଂତି । ଯେପରି-

ଲୋପ - ଖାଁ ଖାଁ କର-ଖାଁକର-ଖାଁକ୍; ଗମ୍+ଇଲୁ=ଗଲୁ

ଆଗମ - କୁହ+ଇଆ=କୁହାଳିଆ ('ଳ୍'ର ଆଗମ)

ଆଦେଶ - ଧାର୍+ଇ=ଧାଡ଼ି (ଏଠାରେ 'ର୍'ଠାରେ 'ଡ଼'ର ଆଦେଶ ହେଲା)

ବର୍ଣ୍ଣ ବିପର୍ଯ୍ୟୟ - ଯୋଖ୍-ଖଂଜ୍, ମଳିଆ-ମଇଳା ଇତ୍ୟାଦି

## କୃଦଂତ

ପଂଡିତ ନୀଳକଂଠ ତାଂକ ବ୍ୟାକରଣର 'ଶବ୍ଦ ବିଗ୍ରହ' ପର୍ଯ୍ୟାୟରେ ଶବ୍ଦମୂଳ ବା କ୍ରିୟାମୂଳ ବା 'ଧାତୁ'ରୁ କାଳ, ବଚନ ଓ ପୁରୁଷ ଭେଦରେ ବିଭିନ୍ନ ବିଭକ୍ତି ପ୍ରତ୍ୟୟ ଯୋଗେ ଭିନ୍ନ ଭିନ୍ନ ପଦ ବା ଶବ୍ଦ ସବୁ ତିଆରି ହେବାର ଦର୍ଶାଇ ଥିଲେ ହେଁ ଏକ ସ୍ୱତନ୍ତ୍ର ପର୍ଯ୍ୟାୟରେ ସେ 'ଓଡ଼ିଆ କୃଦଂତ'ର ବିସ୍ତୃତ ବ୍ୟାଖ୍ୟା କରିଛଂତି । ଏହି ପର୍ଯ୍ୟାୟରେ ସେ ଧାତୁ (କ୍ରିୟାମୂଳ)ରୁ ଭିନ୍ନ ଭିନ୍ନ ବାଚ୍ୟରେ 'କୃତ୍ ପ୍ରତ୍ୟୟ' ଯୋଗକରି କିପରି ଭିନ୍ନ ଭିନ୍ନ ପଦ ସୃଷ୍ଟି ହୁଏ ତାହା ଦର୍ଶାଇବା ସହ କାର୍ଯଟିକୁ ଭଲକରି କରିବା ଅର୍ଥରେ ସମାପିକା କ୍ରିୟାର ବ୍ୟତିହାରୀ ରୂପ, କ୍ରିୟାଯୁଗ୍ମ, ଧାତୁଯୁଗ୍ମ, ନାମଧାତୁ, ଶବ୍ଦ ଓ ଭାବାଦିର ଅନୁକରଣରେ ଧାତୁର ସଂପର୍କ, ବିନା ପ୍ରତ୍ୟୟରେ ଧାତୁରୁ କ୍ରିୟାବିଶେଷ୍ୟ ଓ କ୍ରିୟା ବିଶେଷଣର ସୃଷ୍ଟି ଆଦି ବିଷୟରେ ଆଲୋକପାତ କରିଛଂତି । ସେ ପୁଣି ଧାତୁରେ 'ଇ' ପ୍ରତ୍ୟୟ ଯୋଗେ ଓଡ଼ିଆରେ ଅସମାପିକା କ୍ରିୟାର୍ଥକ ଶବ୍ଦମାନ ତିଆରି ହେବା ଦର୍ଶାଇ ସାଧାରଣ ଅସମାପିକା, ବିଶେଷ ଅସମାପିକା ଓ ଯୋଡ଼ରେ ପ୍ରକାଶିତ ଅସମାପିକା କ୍ରିୟାରେ 'କରି' ଓ 'କିରି'ର ପ୍ରୟୋଗ ସମ୍ପର୍କରେ ଆଲୋଚନା କରିଛଂତି । ଏହାପରେ ସେ ବିଭିନ୍ନ ଅର୍ଥରେ 'ବୋଲି'ର ପ୍ରୟୋଗ; 'ଇବା' ଓ 'ଇଲା' ପ୍ରତ୍ୟୟ ଯୋଗେ କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣର ସୃଷ୍ଟି ଆଦି ବିଷୟରେ ଆଲୋଚ଼ନା କରିଛଂତି । ଶେଷରେ ବିଭିନ୍ନ ବାଚ୍ୟରେ ଅ, ଆ, ଇ, ଉ, ଣ, ଣା, ଣି ଆଦି ପ୍ରତ୍ୟୟ ପ୍ରୟୋଗର ଦୃଷ୍ଟାନ୍ତମାନ ଦେଇଛଂତି ।

ସମାନ୍ତରାଳ ଭାବେ ନୀଳକଂଠ ସଂସ୍କୃତ ନିୟମରେ କୃଦଂତ ପଦର ବିଗ୍ରହ କରିଛଂତି । ଏଥିରେ ସେ 'ଅ', 'ଆ' (ସ୍ତ୍ରୀ ଲିଂଗରେ) 'ଇ', 'ଇଷ୍ଣୁ', 'ଅକ', 'ଉ', 'ଉର', 'ବର', ତ୍ର, ତ୍ରିମ୍, ମନ୍, ଯ, ତ, ଅନ, ଅନୀୟ ଆଦି ପ୍ରତ୍ୟୟ ଯୋଗରେ କୃଦଂତ ପଦ ଗଠନ ସଦୃଷ୍ଟାନ୍ତ ଦର୍ଶାଇଛଂତି ।

Digitized by PPRACHIN, SOA

ଓଡ଼ିଆ 'ତଦ୍ଧିତ' ସଂପର୍କରେ ସ୍ୱତନ୍ତ୍ର ଆଲୋଚନା ନୀଳକଂଠଂକ ବ୍ୟାକରଣର ପାଂଡୁଲିପିରେ ମିଳିନାହିଁ । ସେହିପରି 'ବର୍ଣ୍ଣ ବିଗ୍ରହ' ଭାଗରେ 'ଣ'ତ୍ୱ ବିଧାନ ସ୍ଥାନ ପାଇଥିଲେ ହେଁ 'ଷ'ତ୍ୱ ବିଧାନ ସଂପର୍କରେ ସେ କିଛି ଲେଖି ନାହାଂତି । ମନେହୁଏ, ଓଡ଼ିଆ ଉଚ୍ଚାରଣରେ ନୀଳକଂଠ 'ଶ', 'ଷ' ଓ 'ସ' ମଧ୍ୟରେ କୌଣସି ପ୍ରଭେଦ ନ ଥିବାର ଦର୍ଶାଇ ଥିବାରୁ ଓଡ଼ିଆ ଭାଷାରେ କେଉଁ ନିୟମରେ 'ଶ' ଓ 'ସ'-'ଷ'ରେ ପରିଣତ ହୁଏ ତାହା ଦର୍ଶାଇବାର ଆବଶ୍ୟକତା ସେ ଅନୁଭବ କରିନାହାଂତି । ସେ ନିଜେ ମଧ୍ୟ ତାଂକ ଲେଖାରେ 'ଶ', 'ଷ', 'ସ'ର ଯଥେଚ୍ଛା ପ୍ରୟୋଗ କରି କହଂତି- "ଏ ତିନିଗୋଟିରୁ ଯେଉଁଟି ଲେଖିଲେ ବି ତାହା ଉଚ୍ଚାରଣରେ 'ସ' (ଦଂତ୍ୟ) ହେବ ।"

୪୩୬, ଶହୀଦନଗର
ଭୁବନେଶ୍ୱର

କୁମୁଦିନୀ ମିଶ୍ର
ତା୧୦.୪.୨୦୧୨

Digitized by PPRACHIN, SOA

# ସୂଚୀ


ପୃଷ୍ଠା

ପ୍ରଥମ ଭାଗ

**ବାକ୍ୟ ବିଗ୍ରହ :** ୪୯-୭୮

ବ୍ୟାକରଣ; ବାକ୍ୟ; ଉଦ୍ଦେଶ୍ୟ ଓ ବିଧେୟ; ବିଶେଷ୍ୟ, କ୍ରିୟା ଓ ବିଶେଷଣ; ଉଦ୍ଦେଶ୍ୟ ଓ କର୍ତ୍ତା; ଉଦ୍ଦେଶ୍ୟ ମଧ୍ୟରେ କର୍ତ୍ତା ସଂଗେ ଆଉ କ'ଣ ରହିପାରେ?; ବିଧେୟ ଓ କ୍ରିୟା; ବିଧେୟରେ ସମାପିକା କ୍ରିୟା ସଂଗେ ଆଉ କେଉଁ କେଉଁ ପଦ ରହେ?; ସରଳ, ଜଟିଳ ଓ ଯୌଗିକ ବାକ୍ୟ; ବାକ୍ୟର ପରିବର୍ତ୍ତନ; ବାକ୍ୟର ବିଶ୍ଳେଷଣ ବା ବିଭାଗ; ପଦ; ବିଶେଷ୍ୟ; ବିଶେଷଣ; ସର୍ବନାମ; କ୍ରିୟା; ଅବ୍ୟୟ; ଦ୍ୱୈଧ ପଦ; କ୍ରିୟାବାଚକ ବିଶେଷଣ; କ୍ରିୟାବାଚକ ବିଶେଷ୍ୟ; ଅସମାପିକା କ୍ରିୟା; ବାକ୍ୟରେ ଛେଦାଦି ଚିହ୍ନ ।

ଦ୍ୱିତୀୟ ଭାଗ

**ପଦ ବିଗ୍ରହ :** ୭୯-୧୬୨

ପଦର ସଂଜ୍ଞା ଓ ପ୍ରକାର ଭେଦ; ବିଭକ୍ତି ଯୋଗ; ଅନ୍ୱୟରେ ପଦମାନଂକର ରୂପ; ବିଶେଷ୍ୟର ଲିଂଗ ପରିବର୍ତ୍ତନ; ବିଶେଷ୍ୟର ବଚନ ପରିବର୍ତ୍ତନ; ବିଶେଷ୍ୟର ପୁରୁଷ ପରିବର୍ତ୍ତନ; ବିଶେଷ୍ୟର କାରକ ପରିବର୍ତ୍ତନ; କାଳଭଂଗୀ ପ୍ରକାରେ କ୍ରିୟାର ପରିବର୍ତ୍ତନ; ଦ୍ୟୋତକ କ୍ରିୟା; କ୍ରିୟାର ବଚନ ଓ


Digitized by PPRACHIN, SOA

ପୁରୁଷରେ ପରିବର୍ତନ; ବିଶେଷ୍ୟର ବିଶେଷ ବିବରଣ; ବିଶେଷ ବସ୍ତୁ ବା ବ୍ୟକ୍ତିବାଚକ ବିଶେଷ୍ୟ; ସାଧାରଣ ବସ୍ତୁ ବା ଜାତିବାଚକ ବିଶେଷ୍ୟ; ଗୁଣ, ଅବସ୍ଥା, କ୍ରିୟାବାଚକ ବିଶେଷ୍ୟ; ଲିଂଗ; ବିଶେଷ; ତତ୍ସମ ଶବ୍ଦର ଲିଂଗ ନିର୍ଣୟ; ବଚନ; ବିଶେଷ ବିଧି; ନିର୍ଦିଷ୍ଟ ପରିମାଣ ଓ ସଂଖ୍ୟାବାଚକ 'ସବୁ'; ପୁରୁଷ; କାରକ ବିଭକ୍ତି; ସଂବୋଧନ ପଦ; କାରକ; କାରକ ବିଭକ୍ତିର ଆକାର ଓ ପ୍ରୟୋଗ; ସର୍ବନାମ; ସର୍ବନାମ ବିଶେଷଣ; ଅବ୍ୟୟ; କ୍ରିୟା; କାଳଭଂଗି; ପ୍ରଶ୍ନାର୍ଥକ କ୍ରିୟା; କ୍ରିୟାରେ ନିଷେଧ ଯୋଗ; ନିଷେଧାର୍ଥକ କ୍ରିୟାରୂପ; ସକର୍ମକ ଓ ଅକର୍ମକ କ୍ରିୟା; ସକର୍ମକ କ୍ରିୟା ଅକର୍ମକ ହୁଏ; ବହୁକର୍ମକ କ୍ରିୟା; ପ୍ରୟୋଜକ ଦ୍ୱିକର୍ମକ; ବିଧେୟ କର୍ମବତ୍ ଦ୍ୱିକର୍ମକ କ୍ରିୟା; ସକର୍ମକ ବାକ୍ୟରେ କ୍ରିୟାବାଚକ କର୍ମ; ସାହାଯ୍ୟକାରୀ କ୍ରିୟା; ସାହାଯ୍ୟକାରୀ କ୍ରିୟାମାନଂକ ତାଲିକା; କ୍ରିୟାର ବାଚ୍ୟ; ବହୁକର୍ମକ କ୍ରିୟାର ବାଚ୍ୟାଂତର; କର୍ମ ଓ ଭାବବାଚ୍ୟାର୍ଥକ ପ୍ରୟୋଗ; ନାମଧାତୁ; କ୍ରିୟାବାଚକ ପଦ; କ୍ରିୟାର ବିଶେଷ ବିଶେଷ ଅର୍ଥ ।

### ତୃତୀୟ ଭାଗ

### ଶବ୍ଦ ବିଗ୍ରହ : ୧୬୩–୨୧୦

ସଂଜ୍ଞା; ବ୍ୟାକରଣରେ ଶବ୍ଦର ବ୍ୟବହାର; ଓଡ଼ିଆ ଶବ୍ଦ ଦୁଇପ୍ରକାର; ଶବ୍ଦମୂଳ; ଅର୍ଶାଦି ବିଶେଷଣ; ଶବ୍ଦମୂଳ ଧାତୁ; ପ୍ରତ୍ୟୟରେ କ୍ରିୟା ବିଭକ୍ତି; ଉପସର୍ଗର ପ୍ରୟୋଗ; ଉପପଦର ପ୍ରୟୋଗ; ଶବ୍ଦରୁ ଧାତୁ; ଖା, ଖାପ୍, କାପ୍; ବିଶେଷ୍ୟାଦିର ବିଶ୍ଳେଷ

Digitized by PPRACHIN, SOA

ବିଶେଷ ଅର୍ଥରେ କ୍ରିୟା; ସନଂତ; ଯଙ୍ନ୍ତ; ପ୍ରୟୋଜକ ଧାତୁ; ଶବ୍ଦରୁ ନାମଧାତୁ; ନାମଧାତୁର ପ୍ରୟୋଜକ ରୂପ ।

**ଚତୁର୍ଥ ଭାଗ**

**ବର୍ଣ୍ଣ ବିଗ୍ରହ :** ୧୧୧-୧୫୦

ସଂଜ୍ଞା; ବର୍ଣ୍ଣ ଦ୍ୱିବିଧ; ବର୍ଣ୍ଣର ଉଚ୍ଚାରଣ ସ୍ଥାନ; ଯୁକ୍ତ ବର୍ଣ୍ଣ; ରେଫ୍; 'କ୍ଷ୍' ଓ 'ଜ୍ଞ'; 'ହ୍'ରେ ମାତ୍ରା ଓ ରେଫ୍; ବର୍ଗର ପଂଚମ ବର୍ଣ୍ଣ ପାଇଁ ଅନୁସ୍ୱାର; ବର୍ଣ୍ଣ ଓ ଅକ୍ଷର; ସଂଧି କ'ଣ?; ମୂଳଧାତୁ ଓ ପ୍ରତ୍ୟୟାନ୍ତ ଧାତୁ; ଓଡ଼ିଆ ଧାତୁମାନେ ଶବ୍ଦ; ସଂଧିର ପ୍ରସାର; ବର୍ଣ୍ଣ ବିପର୍ଯ୍ୟୟ; ସଂସ୍କୃତ ଓ ଓଡ଼ିଆରେ ସଂଧି ନିୟମ; ବ୍ୟଂଜନ ବର୍ଣ୍ଣ; ସ୍ୱର ବର୍ଣ୍ଣ; ଗୁରୁସ୍ୱର ଓ ଦୀର୍ଘସ୍ୱର; ଶବ୍ଦର ବର୍ଣ୍ଣ ଉପରେ ଜୋର; ଶବ୍ଦ ଓ ବାକ୍ୟ ସଂକ୍ଷେପରେ ଶବ୍ଦ; ଓଡ଼ିଆରେ ଦୀର୍ଘସ୍ୱର; ଜୋର ପଡ଼ିବାରେ ଏବରଗତି; ସଂଧି; ସମାନ ସ୍ୱରର ସଂଧି; 'ଅ' ସମସ୍ୱର ଓ 'ଅ' ଭିନ୍ନସ୍ୱରର ସଂଧି; 'ଅ' ଭିନ୍ନସ୍ୱର ଓ 'ଅ' ସମସ୍ୱରର ସଂଧି; ଖାଂଟି ଓଡ଼ିଆରେ ସ୍ୱର ସଂଧି; ପ୍ରତ୍ୟୟରେ ସଂଧି; ସଂଧି ଉପରେ ସଂଧି; ବ୍ୟଂଜନ ସଂଧି; ଖାଂଟି ଓଡ଼ିଆରେ ବ୍ୟଂଜନ ସଂଧି; ବିସର୍ଗ ସଂଧି; 'ଣ'ତ୍ୱ ବିଧାନ ।

**ବିଶେଷ ଭାଗ**

**କୃଦଂତ :** ୧୫୧-୧୯୪

ସଂଜ୍ଞା; ବିଭିନ୍ନ ବାଚ୍ୟରେ 'କୃତ୍' ପ୍ରତ୍ୟୟ; କ୍ରିୟା ବ୍ୟତିହାର; କ୍ରିୟା ସମାଧାନ ଅର୍ଥରେ ବ୍ୟତିହାର

Digitized by PPRACHIN, SOA

ରୂପ; ସମାଧାନ ଅର୍ଥରେ କ୍ରିୟାଯୁଗ୍ମ; ଶବ୍ଦ ଓ ଭାବାଦିର ଅନୁକରଣରେ ଧାତୁର ସଂପର୍କ; ବ୍ୟତିହାରୀ ପ୍ରଭୃତି ଶବ୍ଦର ବାଚ୍ୟ; ଧାତୁରୁ ବିନା ପ୍ରତ୍ୟୟରେ ପଦ; ଅସମାପିକା କ୍ରିୟା; କ୍ରିୟାବାଚକ ପଦ (ବିଶେଷ୍ୟ ଓ ବିଶେଷଣ); ଅନ୍ୟାନ୍ୟ କୃଦଂତ ପଦ;

କୃଦଂତ - ସଂସ୍କୃତ ନିୟମରେ ୨୯୫-୩୩୦

'ଅ' ପ୍ରତ୍ୟୟ (ବିଭିନ୍ନ ବାଚ୍ୟରେ); ସନଂତ ଓ ଯଙ୍‌ନ୍ତ; ଉପସର୍ଗ ଯୋଗେ ସନଂତାଦି ଧାତୁ; ପ୍ରତ୍ୟୟହୀନ ପଦ ବା ପ୍ରତ୍ୟୟରୁ ଅଂଶ ଲୋପ ହୋଇଥିବା ପଦ (ଦେଶୀ ଓଡ଼ିଆରେ); ତତ୍‌ସମରେ ସାଦୃଶ୍ୟ; 'ତ' ପ୍ରତ୍ୟୟ; ଯଙ୍‌ନ୍ତ ଓ ନାମଧାତୁରୁ ମାନ ପ୍ରତ୍ୟୟ; ଭାବବାଚ୍ୟରେ 'ତି' ପ୍ରତ୍ୟୟ; 'ତବ୍ୟ' ପ୍ରତ୍ୟୟ; 'ଅନୀୟ' ପ୍ରତ୍ୟୟ; 'ଯ' ପ୍ରତ୍ୟୟ; 'ନ' ପ୍ରତ୍ୟୟ; 'ତା' ପ୍ରତ୍ୟୟ; କର୍ତ୍ତୃବାଚ୍ୟରେ 'ଅକ' ପ୍ରତ୍ୟୟ; 'ଅନ' ପ୍ରତ୍ୟୟ; 'ତ୍ର' ପ୍ରତ୍ୟୟ; 'ତ୍ରିମ୍', 'ମନ', 'ଇ' ଓ 'ଉ' ପ୍ରତ୍ୟୟ ।

**ପରିଶିଷ୍ଟ** ୩୩୧-୩୭୨

ଓଡ଼ିଆ ଛଂଦର ଇତିହାସ

ଓଡ଼ିଆ କବିତା ତଥା ଛଂଦର ପ୍ରଗତି

ଓଡ଼ିଆ ଛଂଦ ଓ ଉପାଂତ୍ୟ ମିଳନ

ନୀଳକଂଠଂକ ହାତଲେଖା ବ୍ୟାକରଣ 'ପାଂଡୁଲିପି'ର କିଛି ଅଂଶ ।

ପ୍ରଥମ ସଂସ୍କରଣର ପ୍ରଥମ ଆଭ୍ୟଂତରୀଣ ପୃଷ୍ଠାର ନକଲ

ମୂଳ ଗ୍ରଂଥରେ ପଂଡିତ ନୀଳକଂଠ ଲେଖିଥିବା ମୁଖବଂଧ

Digitized by PPRACHIN, SOA

## ପ୍ରଥମ ଭାଗ

# ବାକ୍ୟ ବିଗ୍ରହ

Digitized by PPRACHIN, SOA

## ବାକ୍ୟ ବିଗ୍ରହ :

ବ୍ୟାକରଣ; ବାକ୍ୟ; ଉଦ୍ଦେଶ୍ୟ ଓ ବିଧେୟ; ବିଶେଷ୍ୟ, କ୍ରିୟା ଓ ବିଶେଷଣ; ଉଦ୍ଦେଶ୍ୟ ଓ କର୍ତ୍ତା; ଉଦ୍ଦେଶ୍ୟ ମଧ୍ୟରେ କର୍ତ୍ତା ସଂଗେ ଆଉ କ'ଣ ରହିପାରେ?; ବିଧେୟ ଓ କ୍ରିୟା; ବିଧେୟରେ ସମାପିକା କ୍ରିୟା ସଂଗେ ଆଉ କେଉଁ କେଉଁ ପଦ ରହେ?; ସରଳ, ଜଟିଳ ଓ ଯୌଗିକ ବାକ୍ୟ; ବାକ୍ୟର ପରିବର୍ତ୍ତନ; ବାକ୍ୟର ବିଶ୍ଳେଷଣ ବା ବିଭାଗ; ପଦ; ବିଶେଷ୍ୟ; ବିଶେଷଣ; ସର୍ବନାମ; କ୍ରିୟା; ଅବ୍ୟୟ; ଦ୍ୱୈଧ ପଦ; କ୍ରିୟାବାଚକ ବିଶେଷଣ; କ୍ରିୟାବାଚକ ବିଶେଷ୍ୟ; ଅସମାପିକା କ୍ରିୟା; ବାକ୍ୟରେ ଛେଦାଦି ଚିହ୍ନ ।

Digitized by PPRACHIN, SOA

# ବିଜ୍ଞାନସମ୍ମତ ବିଶୁଦ୍ଧ ଓଡ଼ିଆ ବ୍ୟାକରଣ

**ବ୍ୟାକରଣ :**

ଆମେ କଥାରେ କହୁଥିବା ଶବ୍ଦମାନଂକର ପରସ୍ପର ସ୍ଥିତି ଓ ସଂବଂଧ ଯେଉଁ ଶାସ୍ତ୍ରରେ ସ୍ପଷ୍ଟ ଓ ବିଶେଷ ଭାବରେ ଜଣାଯାଏ ତାକୁ **'ବ୍ୟାକରଣ ଶାସ୍ତ୍ର'** ବା ବ୍ୟାକରଣ କହଂତି । ଏଇ ବ୍ୟାକରଣଟିରେ ପ୍ରଥମେ **ବାକ୍ୟଟିର ବିଗ୍ରହ** କରିବାକୁ ହୁଏ । କାରଣ ମନୁଷ୍ୟ ପ୍ରଥମେ ଶିଖେ ଆଉ କହେ ବାକ୍ୟ । ଏଇ ବାକ୍ୟରେ ଯାହା ବିଷୟରେ କୁହାଯାଏ, ଯାହା କୁହାଯାଏ ସେଇସବୁର ସଂବଂଧ ଆଗ ବିଗ୍ରହ କରିବାକୁ ହେବ ।

ବାକ୍ୟ ମଧ୍ୟରେ ଥିବା ଶବ୍ଦଗୁଡ଼ିକ ପରସ୍ପର ସଂବଂଧରେ ରହଂତି । ଏଇ ସଂବଂଧକୁ କହଂତି ଅନ୍ୱୟ । ଅନ୍ୱୟରେ ଥିବା ଶବ୍ଦମାନଂକୁ କୁହାଯାଏ **'ପଦ'** । ବାକ୍ୟବିଗ୍ରହ ପରେ **ପଦ ବିଗ୍ରହ** କରିବାକୁ ହେବ ।

**'ଶବ୍ଦ'** ଅନ୍ୱୟବଦ୍ଧ ନୁହେଁ । ଏହା ଅକ୍ଷର ବା ଅକ୍ଷର ସମଷ୍ଟି । ଏଇ ଅକ୍ଷର ବା ଅକ୍ଷର ସମଷ୍ଟିର ଅର୍ଥ ଥାଏ । ଅର୍ଥ ନଥିଲେ କୌଣସି ଅକ୍ଷର ବା ଅକ୍ଷର ସମଷ୍ଟି ଶବ୍ଦ ହୁଏ ନାଇ । ପଦ ବିଗ୍ରହ ପରେ ଏଇ **ଶବ୍ଦ ବିଗ୍ରହ** କରିବାକୁ ହେବ ।

ବର୍ଣ୍ଣ ବା ବର୍ଣ୍ଣ ସମଷ୍ଟିରେ ଶବ୍ଦ ହୁଏ । **'ବର୍ଣ୍ଣ'** କହିଲେ ଲିଖିତ ଅକ୍ଷର ଓ ଅକ୍ଷରର ଉଚ୍ଚାରଣ ଉଭୟକୁ ବୁଝାଯାଏ । ଭଲକରି ବୁଝିଲେ ଦେଖାଯିବ, ମୁଖଗ ଉଚ୍ଚାରଣ ହିଁ ବର୍ଣ୍ଣ । ଶବ୍ଦ ବିଗ୍ରହ ପରେ ଏଇ **ବର୍ଣ୍ଣ ବିଗ୍ରହ** କରିବାକୁ ହେବ ।

**ଓଡ଼ିଆ** – ପ୍ରାକୃତ ବା ଉତ୍କଳ ସାଧାରଣର କଥିତ ଭାଷା । ଅତଏବ ଏହାର ବର୍ଣ୍ଣ ବିନ୍ୟାସ ସର୍ବଦା ଲୋକମୁଖରୁ ଗୃହୀତ ହେବ । ତାହା ନ ହେଲେ ଭାଷାର ଜୀବ ଶକ୍ତି ଓ ବର୍ଦ୍ଧିଷ୍ଣୁତା ପ୍ରତିବଦ୍ଧ ହେବାର ଆଶଂକା ଅଛି । ସଂସ୍କୃତ ଭାଷାର ଉଚ୍ଚାରଣ ନିୟମରେ ଓଡ଼ିଆର ବର୍ଣ୍ଣବିନ୍ୟାସ କଲେ ଆମମାନଙ୍କ ଉଚ୍ଚାରିତ ଭାଷା ଲୋକରେ ଦୁରାଧିଗମ୍ୟ ହେବ । ସେଥିପ୍ରତି ଦୃଷ୍ଟି ଦେଇ ବର୍ଣ୍ଣ ବିଗ୍ରହ କରିବାକୁ ହେବ ।

Digitized by PPRACHIN, SOA

# ବାକ୍ୟ ବିଗ୍ରହ

**ବାକ୍ୟ :**

**ଧାନ ପାଚୁଚି - ଗାଈ ଚରୁଚି-** ଏ ଗୋଟିଏ ଗୋଟିଏ ବାକ୍ୟ । ଆଗ ବାକ୍ୟଟିରେ 'ଧାନ' ବିଷୟରେ ପାଚିବା କଥା ଓ ପଛ ବାକ୍ୟଟିରେ 'ଗାଈ' ବିଷୟରେ ଚରିବା କଥା କୁହାଯାଇଛି । ଏହିପରି ପ୍ରତି ବାକ୍ୟରେ କୌଣସି ବିଷୟରେ କିଛି କୁହାଯାଏ । ଯାହା ବିଷୟରେ ବା ଯାହାକୁ ଉଦ୍ଦେଶ୍ୟ କରି କୁହାଯାଏ, ତାହାକୁ **'ଉଦ୍ଦେଶ୍ୟ'** ବା ବିଷୟ; ପୁଣି ସେହି ଉଦ୍ଦେଶ୍ୟ ବିଷୟରେ ଯାହା କୁହାଯାଏ, ସେହି କୁହାଯିବା କଥାକୁ **'ବିଧେୟ'** ବା ବାଚ୍ୟ କହଂତି । ଧାନ ପାଚୁଚି - ଏଠାରେ 'ଧାନ ଉଦ୍ଦେଶ୍ୟ; 'ପାଚୁଚି' ବିଧେୟ । ଗାଈ ଚରୁଚି - ଏଠାରେ 'ଗାଈ' ଉଦ୍ଦେଶ୍ୟ; 'ଚରୁଚି' ବିଧେୟ ।

ଖାଲି 'ଗାଈ' ବା 'ଧାନ' କହିଲେ ବାକ୍ୟ ହେଲା ନାଇ । ସେ ସବୁ ଗୋଟିଏ ଗୋଟିଏ ନାମ । ଧାନ କଅଣ ହେଉଚି ? - ପାଚୁଚି; ଗାଈ କଅଣ କରୁଚି ? - ଚରୁଚି; ଏହିପରି କଥାଟି ମାନ ଲଗାଇ ଆମେ ଗୋଟିଏ ଗୋଟିଏ ବାକ୍ୟ କଲୁ ।

ଗୋଟିଏ ବିଷୟରେ କିଛି କହିଲେ ବାକ୍ୟ ହୁଏ । ବିଧେୟରେ ଯାହା କୁହାଯାଏ ତାହା ଗୋଟିଏ ଘଟଣାର ନିର୍ଦ୍ଦେଶ, ଆଦେଶ, ପ୍ରଶ୍ନ, ଇଛା ବା ବିସ୍ମୟ ପ୍ରଭୃତି ଭାବ ପ୍ରକାଶ କରେ । କୌଣସି କୌଣସି ବାକ୍ୟରେ ଉଦ୍ଦେଶ୍ୟ ବା ଉଦ୍ଦେଶ୍ୟର ଅଂଶ, କୌଣସି କୌଣସି ବାକ୍ୟରେ ବିଧେୟ ବା ବିଧେୟର ଅଂଶ ଉହ୍ୟ ବା ଅପ୍ରକାଶିତ ରହେ । ଯଥା-

ଘଟନା ନିର୍ଦ୍ଦେଶ - ଏକାଠେଇ ରହିବାରେ ବଂଧୁତା ହୁଏ ।
କଳିକଜିଆରେ ବଂଧୁତା ହୁଏ ନାଇ ।

ଆଦେଶ, ଅନୁରୋଧ, ପ୍ରାର୍ଥନା ପ୍ରଭୃତି-
(ତୁମେ) ବଂଧୁତା ସ୍ଥାପନ କର ।
(ତୁମେ) ଆପଣାକୁ ବଡ଼ ବୋଲି ବିଗ୍ରହ ନାଇ ।
(ତୁମେ) ତାଂକୁ ବସା କରିଦିଅ ।
(ତୁମେ) ମତେ ଖଂଡିଏ ଗୁକିରୀ କରିଦିଅ ।

Digitized by PPRACHIN, SOA

ପ୍ରଶ୍ନ, ବିସ୍ମୟ ପ୍ରଭୃତି-

(ତୁମେ) କାହିଁକି ଏତେ କଥା କହୁଚ ?
ତୁମେ ଏଠାରେ (ଅଛ) ?
ତୁମେ ଏଠାରେ ଯେ (ଅଛ) ?
ଏଠାରେ ତୁମେ (କାହିଁକି ଅଛ) ?
ଆସିଚ (ତୁମେ) ?
(ତୁମେ) ଜମିଦାରଂକ ପୁଅ କାହିଁକି (ଏଠାକୁ ଆସିଚ) ?

ଏଇପରି ବିସ୍ମୟାଦି ପ୍ରକାଶ କଲେ ବା ଜୋର୍‌ରେ କହିଲେ ଉଦ୍ଦେଶ୍ୟ, ବିଧେୟ ନାନା ଭାବରେ ପ୍ରକାଶିତ ହୁଏ ।

## ଉଦ୍ଦେଶ୍ୟ ଓ ବିଧେୟ :

ଆଂଭେମାନେ ଯେତେ ବାକ୍ୟ ବ୍ୟବହାର କରୁ ସେ ସବୁ ବାକ୍ୟକୁ 'ଉଦ୍ଦେଶ୍ୟ' ଓ 'ବିଧେୟ' - ଏଇପରି ଯୋଡ଼ିଏ ଭାଗରେ ବାଛି ହେବ ।

'ଗାଈ ଚରୁଚି' - ଏ ଗୋଟିଏ ଅତି ଛୋଟ ବାକ୍ୟ । ଏଠାରେ 'ଗାଈ' ଗୋଟିଏ ଜଂତୁର ନାମ - ସମସ୍ତ ଉଦ୍ଦେଶ୍ୟ ପ୍ରକାଶ କରୁଚି । 'ଚରୁଚି' ଗୋଟିଏ କାର୍ଯର ନିର୍ଦ୍ଦେଶ - ସମସ୍ତ ବିଧେୟ ପ୍ରକାଶ କରୁଚି ।

ବାକ୍ୟ ଯେତେ ବଡ଼ ହେଲେ ମଧ୍ୟ ସେଥିରେ ଏଇ ଉଦ୍ଦେଶ୍ୟ, ବିଧେୟ ଛଡ଼ା ଆଉ କିଛି ରହି ନପାରେ । ଯଥା-

| ଉଦ୍ଦେଶ୍ୟ | ବିଧେୟ |
|---|---|
| ଗାଈ | ଚରୁଚି । |
| କାଳି ଗାଈ | ଘାସ ଚରୁଚି । |
| ନୂଆ କିଣା ହୋଇଥିବା କାଳି ଗାଈ | ବିଲରେ କଅଁଳ ଘାସ ଚରୁଚି । |
| କାଲି ସକାଳେ ଯେଉଁ ଗାଈ ହଜିଥିଲା, ନୂଆ ହୋଇ କିଣା ହୋଇଥିବା ସେଇ କାଳିଗାଈ | ଦୁଇଗୁରିଦିନ ତଳେ ହଳ ହୋଇଥିବା ତାଙ୍କ ବିଲରେ କଅଁଳ ଘାସ ଚରୁଚି । |

ଏଇପରି ଉଦ୍ଦେଶ୍ୟ, ବିଧେୟ - ଦୁହେଁ ଗୋଟିଏ କିଂବା ତହିଁରୁ ଅଧିକ ପଦରେ ପ୍ରକାଶିତ ହୁଅଂତି । ବାକ୍ୟରେ ଯାହା ଉଦ୍ଦେଶ୍ୟରେ ଆମେ କିଛି କହୁ,

Digitized by PPRACHIN, SOA

ତାକୁ ସାକ୍ଷାତ ଭାବରେ ବୁଝାଉଥିବା ବା ଲକ୍ଷ୍ୟ କରୁଥିବା ପଦମାନ ଉଦ୍ଦେଶ୍ୟରେ ଅଂତର୍ଗତ ।

ସେଇପରି ବିଧେୟକୁ ସାକ୍ଷାତ ଭାବରେ ବୁଝାଉଥିବା ବା ଲକ୍ଷ୍ୟ କରୁଥିବା ପଦମାନ ବିଧେୟର ଅଂତର୍ଗତ ।

**ବିଶେଷ୍ୟ, କ୍ରିୟା ଓ ବିଶେଷଣ :**

ଧାନ ପାଚୁଚି; ଗାଈ ଚରୁଚି; ଖାଇବା ସରିଲାଣି; ଦେବା ଲାଗିଚି; - ଏ ସବୁରେ ଗାଈ, ଧାନ, ଖାଇବା, ଦେବା ପ୍ରଭୃତି ଗୋଟିଏ ଗୋଟିଏ ନାମ । ଏଇପରି ବାକ୍ୟ ମଧ୍ୟରେ ଥିବା ବସ୍ତୁ, ଜଂତୁ, କାର୍ଯ ପ୍ରଭୃତିର ନାମକୁ **ବିଶେଷ୍ୟ ପଦ** କହଂତି । ରାମ, ମାଂକଡ଼, ଫଳ, ଖାଇବା, ଦେବା, କରିବା - ପ୍ରଭୃତି ପରି ନାମ ଗୁଡ଼ିକ ବାକ୍ୟ ଭିତରେ ଲାଗିଲେ ସେମାନେ ବିଶେଷ୍ୟ ପଦ ହୁଅଂତି ।

ପାଚୁଚି, ଚରୁଚି ପରି ଯେଉଁଗୁଡ଼ିକ ବାକ୍ୟରେ ବିଧେୟର କ୍ରିୟା ବା କାର୍ଯ ନିର୍ଦ୍ଦେଶ କରଂତି ସେଗୁଡ଼ିକୁ **କ୍ରିୟାପଦ** କହଂତି । କଲେ, ଯାଇଥିଲା, ଖାଇଥିବ, ପାଆଂତା, ହସୁଚି, ପାଇଚି ପ୍ରଭୃତି ପରି ପଦମାନ ବାକ୍ୟରେ ଲାଗିଲେ କ୍ରିୟାପଦ ହୁଅଂତି ।

ସରୁଧାନ ପାଚୁଚି; ସରୁଧାନ ଆଗ ପାଚୁଚି; ରୁଆଧାନ ପାଚୁଚି; କାଳିଗାଈ ବହୁତ ଚରୁଚି; କାଲି କିଣା ହୋଇଥିବା ଗାଈ ଭଲରେ ଚରୁଚି । - ଏଇ ବାକ୍ୟମାନଂକରେ 'ସରୁ', 'ରୁଆ' ଦୁହେଁ 'ଧାନ' - ଏହି ବିଶେଷ୍ୟ ପଦକୁ; 'କାଳି', 'କାଲି କିଣା ହୋଇଥିବା' ଦୁହେଁ 'ଗାଈ' - ଏହି ବିଶେଷ୍ୟ ପଦକୁ ବୁଝାଉ ଅଛଂତି ବା ବିଶେଷ କରୁ ଅଛଂତି । 'ଆଗ' ପଦଟି 'ପାଚୁଚି' - ଏଇ କ୍ରିୟାପଦକୁ; 'ବହୁତ' ଓ 'ଭଲରେ' ଏ ଦୁହେଁ 'ଚରୁଚି'- ଏଇ କ୍ରିୟାବଦକୁ ବୁଝାଉ ଅଛଂତି ବା ବିଶେଷ କରୁ ଅଛଂତି ।

ଏଇପରି ବିଶେଷ କରୁଥିବା ପଦମାନଂକୁ **ବିଶେଷକ** ବା **ବିଶେଷଣ ପଦ** କୁହାଯାଏ । ବିଶେଷ୍ୟକୁ ବିଶେଷ କଲେ ବିଶେଷ୍ୟର ବିଶେଷଣ ଓ କ୍ରିୟାକୁ ବିଶେଷ କଲେ କ୍ରିୟା ବିଶେଷଣ ହୁଏ । - ଏଇପରି ବିଶେଷଣର ବିଶେଷଣ ପ୍ରଭୃତି ମଧ୍ୟ ବ୍ୟବହାରରେ ଚଳେ । ଯଥା- ଭାରି କାଳି ଗାଈଟାଏ ଚରୁଚି । - ଏଠାରେ 'ଭାରି' ପଦ 'କାଳି' - ଏଇ ବିଶେଷଣକୁ ବିଶେଷ କରିବାରୁ **ବିଶେଷଣର ବିଶେଷଣ** ହେଲା ।

ବେଳେବେଳେ ବିଶେଷ୍ୟ ପଦ ବଦଳରେ 'ସେ', 'ତାହା', 'ମୁଁ', 'କିଏ' ପ୍ରଭୃତି ପଦ ବସଂତି । ସେମାନଂକୁ ବିଶେଷ୍ୟ ପଦ ନକହି **ସର୍ବନାମ ପଦ** ବୋଲ

Digitized by PPRACHIN, SOA

କହଂତି । ଯଥା- ସେ (ରାମ) କରୁଚି; ମୁଁ (କହିବାବାଲା) ଯାଉଚି; ତୁମେ (କୁହାହେବା ବାଲା) ଆସ; କିଏ (ଅଜଣାଲୋକ) କହିଲା ? ଏଠାରେ ସେ, ମୁଁ, ତୁମେ, କିଏ - ଏ ସବୁ ସର୍ବନାମ ପଦ ।

[**ଦ୍ରଷ୍ଟବ୍ୟ :** ସଂସ୍କୃତରେ କିଂତୁ ପଦ ଦୁଇ ପ୍ରକାର । ଯଥା-

(୧) ସୁବଂତ (ସୁବ୍+ଅଂତ) ବା କାରକ ବିଭକ୍ତ ଯୁକ୍ତ ପଦ ।

(୨) ତିଅଂତ (ତଙ୍+ଅଂତ) ବା କ୍ରିୟା ବିଭକ୍ତି ଯୁକ୍ତ ପଦ ।

ବିଭକ୍ତି ନଥିବାରୁ ଅବ୍ୟୟକୁ ଆଉ ଏକ ପ୍ରକାର ପଦ ବୋଲି ଧରିଥାଂତି । ମାତ୍ର ବିଶେଷଣ ପ୍ରଭୃତିରେ ମଧ୍ୟ ଓଡ଼ିଆରେ ବିଭକ୍ତି ନାଇ । ଏଇପରି କେତେକ ଅସୁବିଧାରୁ ଓ ବୁଝିବାର ସୁବିଧା ପାଇଁ ଓଡ଼ିଆ ବ୍ୟାକରଣରେ ଏବେ ଯେପରି ପଦର ବିଭାଗ ଓ ବ୍ୟାଖ୍ୟା କରାଯାଉଅଛି ତାହା ବହୁ ପରିମାଣରେ ଇଂରେଜି ବ୍ୟାକରଣର ଆଦର୍ଶରେ ତିଆରି ହୋଇଛି । ଏଥିରେ ମଧ୍ୟ ପରେ ଓଡ଼ିଆ ଭାଷାର ବ୍ୟାକରଣ ଚର୍ଚ୍ଚାରେ ବିଶେଷ ସୁବିଧା ହେବ ।

ସଂସ୍କୃତ ଏକ ପ୍ରାଚୀନ ଆର୍ଯଭାଷା । ମାତ୍ର ଓଡ଼ିଆ, ବଂଗଳା, ହିଂଦି, ଗୁଜୁରାଟି, ମରହଟି, ସିଂଧି, ପଂଜାବି ପ୍ରଭୃତି ଇଂରେଜି ପରି ଗୋଟିଏ ଗୋଟିଏ ପ୍ରାଚୀନ ଆର୍ଯଭାଷାର ବଂଶଧର ବା ସେଥିରୁ ଜାତ ଚଳିତ ଭାଷା । ସେଥିପାଇଁ ଇଂରେଜି ଭାଷାର ବ୍ୟାକରଣ ସଂଗେ ଓଡ଼ିଆ ପ୍ରଭୃତିର ସାମ୍ୟ ରହିବାର କଥା ।]

**ଉଦ୍ଦେଶ୍ୟ ଓ କର୍ତା :**

'ଗାଈ ଚରୁଚି' - ଏଇ ବାକ୍ୟରେ 'ଚରୁଚି' - ଏଇ ପଦରେ ବୁଝାଯାଉଥିବା ଚ଼ରିବା କାର୍ଯ 'ଗାଈ' କରୁଚି ଓ ଗାଈ ସଂବଂଧରେ ତାହା କୁହାଯାଉଅଛି । 'ଧାନ ପାଚୁଚି' - ଏଇ ବାକ୍ୟରେ 'ପାଚୁଚି' ପଦରେ ବୁଝାଯାଉଥିବା ପାଚିବା କାର୍ଯକୁ ଧାନ କରୁ ନାଇ । ପାଚିବା କଥା ଧାନ ସଂବଂଧରେ କୁହାଯାଉଛି ମାତ୍ର । 'ଆଂବ ଖାଇ ହେଉଚି' - ଏଇ ବାକ୍ୟରେ 'ଖାଇ ହେଉଚି' - ଏଇ ପଦରେ ବୁଝାଯାଉଥିବା ଖାଇହେବା କାର୍ଯ ଆଂବ କରୁ ନାଇ । ସେତିକି ନୁହେଁ, ବରଂ ଆଉ ଜଣେ (ଆଂବ ଖାଇବା ଲୋକ) ତାହା କରୁଚି । ତଥାପି ଆଂବକୁ ଉଦ୍ଦେଶ୍ୟ କରି 'ଖାଇ ହେଉଚି' ଏଇ କ୍ରିୟାଟି କୁହାଯାଉଚି । ଏଇପରି ଯେ କରେ ବା ଯାହା ସଂବଂଧରେ ବା ଉଦ୍ଦେଶ୍ୟରେ କୁହାଯାଏ - ଉଦ୍ଦେଶ୍ୟର ସେଇ ପ୍ରଧାନ ପଦକୁ **କର୍ତା** କହଂତି । ଯେ କରେ ତାକୁ ଆମେ କର୍ତା ବୋଲି ବୁଝୁ । ମାତ୍ର ବ୍ୟାକରଣରେ ଯାହା ସଂବଂଧରେ ବା ଉଦ୍ଦେଶ୍ୟରେ ବିଧେୟଟି କୁହାଯାଏ ତାକୁ କର୍ତା ବୋଲି ବୁଝିବାକୁ ହେବ ।

Digitized by PPRACHIN, SOA

ଉପର ବାକ୍ୟମାନଂକରେ ଗାଈ, ଆଂବ, ଧାନ - ସମସ୍ତେ କର୍ତା । ସାଧାରଣତଃ ବାକ୍ୟମାନଂକରେ କର୍ତା ଗୋଟିଏ ପଦରେ ହୁଏ । ସେଇଟି ଗୋଟିଏ ବିଶେଷ୍ୟ ପଦ । ଯଥା- 'ଗାଈ ଶୋଇଚି', 'ଡରିବା ଭଲ ନୁହେଁ' - ଏ ବାକ୍ୟମାନଂକରେ 'ଗାଈ' ଓ 'ଡରିବା' ବିଶେଷ୍ୟ ପଦ ।

ସର୍ବନାମ ବି କର୍ତା ହୋଇଥାଏ । ଯଥା- 'ସେ କରୁଅଛି', 'ମୁଁ ଯିବି', 'କିଏ କହିଲା' ? - ଏଠାରେ 'ସେ', 'ମୁଁ ଓ 'କିଏ' - ଏଇ ପଦମାନ କର୍ତା । ଗୋଟିଏ ଗୋଟିଏ ବାକ୍ୟର ଅର୍ଥ ବେଳେବେଳେ ବିଶେଷ୍ୟ ପରି କର୍ତା ହୋଇବସେ । ଯଥା- "ଜଣାଥିଲା, ସେ ଏ କାର୍ଯ୍ୟ କରିପାରିବେ ନାଇ' - ଏ ସମସ୍ତ ପ୍ରକାର ଅର୍ଥଟି 'ଜଣାଥିଲା' କ୍ରିୟାର ଉଦ୍ଦେଶ୍ୟ ବା କର୍ତା ।

## ଉଦ୍ଦେଶ୍ୟ ମଧ୍ୟରେ କର୍ତା ସଂଗେ ଆଉ କ'ଣ ରହିପାରେ ?

କାଳି ଗାଈଟିଏ ଚରୁଚି; - ଏଇ ବାକ୍ୟରେ ଉଦ୍ଦେଶ୍ୟର ପ୍ରଧାନ ପଦ ବା କର୍ତା- ଗାଈ, 'କାଳି' ପଦଟି ସେଇ ଗାଈର ଗୋଟିଏ ଗୁଣ ବୁଝାଇ 'ଗାଈ' ପଦଟିର **ବିଶେଷଣ** । ଏଇପରି ବିଶେଷଣର ବିଶେଷଣ ପଦ ମଧ୍ୟ ଉଦ୍ଦେଶ୍ୟରେ ରହେ । ଯଥା- ଚିକ୍କଣ କାଳି ଗାଈଟିଏ ଚରୁଚି; ଏଠାରେ 'ଚିକ୍କଣ' ପଦଟି 'କାଳି' ଏଇ ପଦର ଗୁଣ ବୁଝାଉଥିବାରୁ **ବିଶେଷଣର ବିଶେଷଣ** ହେଲା ।

କର୍ତାର ଗୁଣ, ଅବସ୍ଥା, ଧର୍ମ ବୁଝାଉଥିବା ବିଶେଷଣମାନେ ପୁଣି ବିଶେଷଣର ଗୁଣ, ଅବସ୍ଥା, ଧର୍ମ ଆଦି ବୁଝାଉଥିବା ବିଶେଷଣର ବିଶେଷଣମାନେ ଉଦ୍ଦେଶ୍ୟର ଅଂଗୀଭୂତ ହୁଅଂତି ।

'ମୋ ଗାଈଟି ଚରୁଚି', 'ତୁମ ଘର ଦିଶୁଚି' - ଏଠାରେ 'ମୋ', 'ତୁମ' ଏମାନେ 'ଗାଈ' ଓ 'ଘର'ର ବିଶେଷଣ ପଦ । ଏଇପରି ମୋର, ତୁମର, ରାମର ପ୍ରଭୃତି ପଦମାନଙ୍କୁ ଅନେକେ ବିଶେଷଣ ବୋଲି କହଂତି ନାଇ । ସଂବଂଧ ବୁଝାଉଥିବାରୁ ଏମାନଂକୁ **ସଂବଂଧ ପଦ** ବୋଲି କହଂତି । ମାତ୍ର କାର୍ଯରେ ଏମାନେ ବିଶେଷଣ ।

'ରାମର ସାନ ଭାଇ ଗୋବିଂଦ ଆସୁଚି' - ଏଠାରେ 'ରାମର ସାନ ଭାଇ'- ଏଇ ପଦଗୁଡ଼ିକ ଏକତ୍ର 'ଗୋବିଂଦ'ର ଅବସ୍ଥାକୁ ବ୍ୟାଖ୍ୟା କରିବା ପାଇଁ ବ୍ୟବହୃତ ହୋଇଅଛଂତି । 'ଭାଈ' ଓ 'ଗୋବିଂଦ' ଏକା ବ୍ୟକ୍ତି । 'ଭାଇ' - ଏଇ ପଦଟି ନିଜେ ବିଶେଷ୍ୟ ହୋଇ 'ଗୋବିଂଦ' - ଏଇ ବିଶେଷ୍ୟ ପଦକୁ ବ୍ୟାଖ୍ୟା କରୁଅଛି ମାତ୍ର ।

ଏଇପରି ଗୋଟିଏ ବିଶେଷ୍ୟ ପଦ ନିଜର ବିଶେଷକ କେତେଗୁଡ଼ିଏ ପଦ ଘେନି କର୍ତାର ପ୍ରକୃତି ବା ଅବସ୍ଥାକୁ ବ୍ୟାଖ୍ୟା କରିବା ପାଇଁ ସେଇ କର୍ତାର ବିଶେଷକ

Digitized by PPRACHIN, SOA

ହୋଇ ବସିପାରେ । ଏହା କାର୍ଯରେ ବିଶେଷଣ ହେଲେ ମଧ୍ୟ ବ୍ୟାକରଣରେ ଏହାକୁ ବିଶେଷଣ ନ କହି **ବ୍ୟାଖ୍ୟାନ ବିଶେଷ୍ୟ** ବୋଲି ମଧ୍ୟ କହଂତି ।

'କାଲି ଯେଉଁ ଗାଇ କିଣା ହୋଇଥିଲା, ସେ (ଗାଇ) ଚରୁଚି ।' ଏଠାରେ 'ସେ ଚରୁଚି' - ଏଇ ବାକ୍ୟର କର୍ତା 'ସେ' ପଦକୁ 'କାଲି ଯେଉଁ ଗାଇ କିଣା ହୋଇଥିଲା'- ଏଇ ସମସ୍ତ ବାକ୍ୟ ବିଶେଷିତ କରୁଅଛି । ଏଠାରେ ଏଇ ସମସ୍ତ ବାକ୍ୟର ଅର୍ଥଟି 'ସେ' - ଏଇ ପଦର ବିଶେଷଣ ପରି ରହିଅଛି । ଅଥଚ୍ ନିଜେ ଗୋଟିଏ ପୂର୍ଣ ବାକ୍ୟ ହୋଇ ପାରୁନାଇ । 'କାଲି ଯେଉଁ ଗାଇ କିଣା ହୋଇଥିଲା'- ଏତିକି କହିଲେ କଥାଟି ସରିଲା ନାଇ । କଥାଟି ନ ସରିବା ଯାଏ ଶୁଣିବା ଲୋକର ଆକାଂକ୍ଷା ପୂର୍ଣ ନ ହେବା ଯାଏ ସେଉଟି ବାକ୍ୟ ରହିଲା ନାଇ । ଅତଏବ ବାକ୍ୟ ପରି ଦେଖାଗଲେ ମଧ୍ୟ ତାହା ଗୋଟିଏ ବିଶେଷଣ । ଏଇପରି ବିଶେଷଣକୁ **'ବାକ୍ୟାର୍ଥ ବିଶେଷଣ'** କହଂତି ।

'କାଲି ଯେ ଗାଇ କିଣା ହୋଇଥିଲା ସେ ଗାଇ ଚରୁଚି' - ଏପରି ନକହି, ସେଇ ବାକ୍ୟର ଅର୍ଥ ଠିକ୍ ପ୍ରକାଶ କରିବା ପାଇଁ ଆଂଭେମାନେ କହିପାରୁ - 'କାଲି କିଣା ହୋଇଥିବା ଗାଇ ଚରୁଛି' - 'ଏଠାରେ କାଲି କିଣା ହୋଇଥିବା' - ଏ ବାକ୍ୟାଂଶଟି ବାକ୍ୟପରି ଦେଖାଯାଉ ନାଇ । ମାତ୍ର ଏଥିରେ ଗୋଟିଏ କ୍ରିୟା ଅଛି । ଏଇପରି ବାକ୍ୟ ପୂର୍ଣ କରୁନଥିବା କ୍ରିୟା ଓ ବେଳେବେଳେ ତାହାର ବିଶେଷକ ପଦମାନେ ଏକତ୍ର କର୍ତାର ବିଶେଷଣ ହୁଅଂତି । ଏଇପରି ବିଶେଷଣକୁ **କ୍ରିୟାବାଚକ ବିଶେଷଣ ପଦ** ବୋଲି କୁହାଯାଏ ।

## ବିଧେୟ ଓ କ୍ରିୟା :

ଉଦ୍ଦେଶ୍ୟରେ ଯେପରି ପ୍ରଧାନ ପଦ କର୍ତା, **ବିଧେୟ**ରେ ସେଇପରି ପ୍ରଧାନ ପଦ **ସମାପିକା କ୍ରିୟା** । ଆଉ ଯେଉଁସବୁ ପଦ ଥାଂତି, ସେମାନେ ସେଇ ସମାପିକା କ୍ରିୟାକୁ ଅବଲମ୍ବନ କରି ରହଂତି ବା ଅର୍ଥରେ ଲକ୍ଷ୍ୟ କରଂତି । - 'ଗଉଡ଼ ଗାଁ ମୁଂତରେ ବାଡ଼ି ହାତରେ ଧରି ଗାଇ ଜଗିଚି' - ଏଇ ବାକ୍ୟରେ **'ଜଗିଚି'** ସମାପିକା କ୍ରିୟା, ଅର୍ଥାତ୍ 'ଜଗିଚି' କ୍ରିୟାରେ ବାକ୍ୟର ଭାବ ସମାପ୍ତ ହେଉଚି ।

ସେ ଗୃଲିଗଲା, ଆଂଭେମାନେ ଯିବା; କାଠ ପଡ଼ିଚି - ପ୍ରଭୃତି ବାକ୍ୟରେ କ୍ରିୟା କର୍ତା ଅନୁସାରେ ଗଢ଼ା ହେଉଅଛି । 'ଆଂଭେମାନେ' କର୍ତାକୁ କ୍ରିୟା ହେଲା 'ଯିବା' । କିଂତୁ 'ମୁଁ' କର୍ତା ହୋଇଥିଲେ କ୍ରିୟା ହୋଇଥାଂତା 'ଯିବି' । ସେ ଗୃଲିଗଲା; କିଂତୁ ସେମାନେ ଗୃଲିଗଲେ । ଏଇପରି ଆଂଭେ, ତୁଂଭେ, ସେ ଏକ ବା ବହୁତ ବୁଝାଇବା ଭେଦରେ କ୍ରିୟା ଭିନ୍ନ ଭିନ୍ନ ହେଉଅଛି । ଆଂଭେ, ତୁଂଭେ, ସେ ପ୍ରଭୃତିରେ

Digitized by PPRACHIN, SOA

କ୍ରିୟାର ଯେ ପରିବର୍ତ୍ତନ ହୁଏ, ତାହାକୁ ଯଥାକ୍ରମେ ଉତ୍ତମ, ମଧ୍ୟମ, ପ୍ରଥମ ପୁରୁଷ ଅନୁସାରେ ପରିବର୍ତ୍ତନ ବୋଲି କହଂତି ଓ କର୍ତ୍ତା ଏକ ଜିନିଷକୁ ବୁଝାଉ ଥିଲେ କ୍ରିୟା ଏକ ବଚନର ଓ କର୍ତ୍ତା ବହୁତ ଜିନିଷକୁ ବୁଝାଉଥିଲେ କ୍ରିୟାକୁ ବହୁବଚନର କ୍ରିୟା କହଂତି ।

କର୍ତ୍ତା ସଂଗେ ଏଇପରି କ୍ରିୟାର ବଚନ ପୁରୁଷରେ ପରିବର୍ତ୍ତନ ହୁଏ । ଯେଉଁଠାରେ କୌଣସି ପଦ କ୍ରିୟା ବୁଝାଇ ମଧ୍ୟ ତାର ସେପରି ପରିବର୍ତ୍ତନ ହୁଏ ନାଇ, ସେଠାରେ ତାହା ସମାପିକା କ୍ରିୟା ନୁହେଁ । କରି, ଦେଇ, ଖାଇ, ଯାଉ (ଯାଉଁ) ପ୍ରଭୃତି କାଳାର୍ଥକ ଅସମାପିକା କ୍ରିୟା । ଦେଲେ, ହୁଅଂତେ, ଦିଅଂତେ, କରଂତେ ପ୍ରଭୃତି ହେତୁ ବା ହାଲ୍ ବୁଝାଉଥିବା ଯଦ୍ୟର୍ଥକ ଅସମାପିକା କ୍ରିୟା । କରିବା, ପାଇବା, ଦେବା ପ୍ରଭୃତି କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣ; ଏସବୁ କ୍ରିୟାବାଚକ ପଦ ହେଲେ ମଧ୍ୟ ସମାପିକା କ୍ରିୟା ନୁହଂତି । କର୍ତ୍ତା ସଂଗେ ସେମାନଙ୍କର ବଚନ ପୁରୁଷରେ ସଂବଂଧ ନଥାଏ । ସେମାନଙ୍କର ଉଦାହରଣ–

**(୧) କାଳାର୍ଥକ ଅସମାପିକା କ୍ରିୟା**

(କ) ମୁଁ ଏହା କରି ସେଠାକୁ ଯିବି ।
ତୁମେ ଏହା କରି ସେଠାକୁ ଯିବ ।
ଆଂଭେମାନେ ଏହା କରି ସେଠାକୁ ଯିବୁ ।

(ଖ) ମୁଁ ଯାଉ ଯାଉ (ଯାଉଁ ଯାଉଁ) କହିଲି ।
ସେମାନେ ଯାଉ ଯାଉ (ଯାଉଁ ଯାଉଁ) କହିଲେ ।
ହରି ଯାଉ ଯାଉ (ଯାଉଁ ଯାଉଁ) କହିଲା ।

**(୨) ଯଦ୍ୟର୍ଥକ ସମାପିକା କ୍ରିୟା–**

(କ) ମୁଁ ବହି ନେଲେ ଯିବି ।
ସେମାନେ ବହି ନେଲେ ଯିବେ ।
ତୁଂଭେମାନେ ବହି ନେଲେ ଯିବ ।

(ଖ) ସେ ଏପରି କହଂତେ ମୋର ରାଗ ହେଲା ।
ଆମେମାନେ ଏପରି କହଂତେ ରାମର ରାଗ ହେଲା ।

[**ଦ୍ରଷ୍ଟବ୍ୟ :** ଏଇ 'ଅଂତେ' ଯୁକ୍ତ ଯଦ୍ୟର୍ଥକ କ୍ରିୟାର ପ୍ରୟୋଗ କଥାରେ ଲୋପ ପାଇଲାଣି । ଏବେ ଏଠାରେ ଏଇ ଅର୍ଥରେ 'କହିବାରୁ' ବୋଲି କହିବା ସାଧୁ ହେବ । ମାତ୍ର ପଦ୍ୟରେ 'ଅଂତେ'ର ବ୍ୟବହାର ଚଳେ । କେବଳ ଭବିଷ୍ୟତ କାଳର

Digitized by PPRACHIN, SOA

ସମାପିକା କ୍ରିୟା ଲାଗିଲେ ଏଇ 'ଅଂତେ' ଯୁକ୍ତ କ୍ରିୟା ଚଳେ ନାଇ । ସେଠାରେ 'ଇଲେ'ର ପ୍ରୟୋଗ ହୁଏ । ଯଥା- ସେ ଏପରି କହିଲେ ମୋର ରାଗ ହେବ ।]

**(୩) କ୍ରିୟା ବାଚକ ବିଶେଷ୍ୟ-**

ମୋର ବୁଲିବା ଭଲ ନୁହେଁ ।
ତୋର ବୁଲିବା ଭଲ ନୁହେଁ ।
ସେମାନଙ୍କର ବୁଲିବା ଭଲ ନୁହେଁ ।

**(୪) କ୍ରିୟା ବାଚକ ବିଶେଷଣ-**

ମୁଁ (ମୋର) ଆଣିବା ବହି ସୁଂଦର ।
ତୁ (ତୋର) ଆଣିବା ବହି ସୁଂଦର ।
ସେମାନେ (ସେମାନଂକର) ଆଣିବା ବହି ସୁଂଦର ।

କର୍ତାର ପରିବର୍ତନ ସଂଗେ ଏଇ ଅସମାପିକା କ୍ରିୟାମାନଂକର କୌଣସି ପରିବର୍ତନ ହୁଏ ନାଇ ।

**ବିଧେୟରେ ସମାପିକା କ୍ରିୟା ସଂଗେ ଆଉ କେଉଁ କେଉଁ ପଦ ରହେ ?** (ବିଧେୟ ବିଶେଷଣ-କାରକ-ସାଧାରଣ କ୍ରିୟା ବିଶେଷଣ)

ମୁଁ ଖାଉଚି, ସେ ଯାଉଚି ପ୍ରଭୃତି ପୂର୍ଣ ବାକ୍ୟ । ଏଇପରି ସମାପିକା କ୍ରିୟାରେ ବାକ୍ୟ ପୂର୍ଣ ହୁଏ । ମାତ୍ର ହୁଏ, ଅଟେ ଅର୍ଥକ କେତୋଟି କ୍ରିୟା ପ୍ରୟୋଗ କଲେ ମଧ୍ୟ ବେଳେବେଳେ ବାକ୍ୟର ଆକାଂକ୍ଷା ପୂର୍ଣ ହୁଏ ନାଇ । ଅର୍ଥାତ୍ କର୍ତା ଓ କ୍ରିୟା ପ୍ରୟୋଗ କଲେ ମଧ୍ୟ ବାକ୍ୟ ଅପୂର୍ଣ ରହେ । ଏଇ ସ୍ଥଳମାନଂକରେ ବେଳେବେଳେ କ୍ରିୟା ପ୍ରକାଶ ହୁଏ ନାଇ । ଯଥା- ମୁଁ ତାଂକ ପୁଅ (ଅଟେ) ।

ଏସବୁ କ୍ରିୟା ମାନଂକ ପାଇଁ ଯେଉଁ ସବୁ ପଦ ଲଗାଇ ବାକ୍ୟ ପୂର୍ଣ କରାଯାଏ, ସେମାନେ କର୍ତାକୁ ବିଶେଷିତ କଲେ ମଧ୍ୟ ବିଧେୟର ଅଂଗ ଥିବାରୁ ସେମାନଂକୁ **ବିଧେୟ ବିଶେଷକ ବା ବିଶେଷଣ** କୁହାଯାଏ । ଏଇ ବିଧେୟ ବିଶେଷକ ବା ବିଶେଷଣ ଚୁରିପ୍ରକାର ହୁଏ । ଯଥା-

(୧) ବିଶେଷ୍ୟ - ସୁନା **କୁଂଡଳ** ହୁଏ ।
କାଠ **ଡାଳ** କରାଗଲା (ହେଲା) ।
ରାମ **ବାଳକ** (ଅଟେ) ।
(୨) ବିଶେଷଣ - ରାମ ବଡ଼ **ସୁଧାର** ।
(୩) ସର୍ବନାମ - ମୁଁ **ସେ** ନୁହେଁ ।
(୪) ବାକ୍ୟାର୍ଥ - ଏଉଟି, **ଯାହା ତୁମେ ଦେଇଥିଲ** ।

Digitized by PPRACHIN, SOA

ଏଇପରି କ୍ରିୟାକୁ **ଅସଂପୂର୍ଣ ସମାପିକା କ୍ରିୟା** ବା **ବିକୃତି ବ୍ୟଂଜକ** ସମାପିକା କ୍ରିୟା କୁହାଯାଏ ।

କାଠ ଡାଳ ହେଲା । ସୁନା କୁଂଡଳ ହେଲା – ପ୍ରଭୃତି ବାକ୍ୟରେ ଯେଉଁଠାରେ ଗୋଟିଏ ଦ୍ରବ୍ୟ ଆଉ ଗୋଟିଏ ଦ୍ରବ୍ୟରେ ବିକୃତ ବା ପରିଣତ ହୁଏ ସେପରି ସ୍ଥଳରେ ବିଧେୟ ବିଶେଷକୁ ମଧ୍ୟ **ବିକୃତି ବ୍ୟଂଜକ ବିଧେୟ ବିଶେଷକ** ବୋଲି କୁହାଯାଏ । କ୍ରିୟା ଯାହାକୁ କରେ ବା ଲକ୍ଷ୍ୟ କରେ ବା ଯାହା ନିମିତ୍ତ କରେ, ଯାହାଦ୍ୱାରା ବା ଯେଉଁଠାରୁ ବା ଯେଉଁଠାରେ, ବିଷୟରେ, କାଳରେ ବା ଭାବରେ ସାଧିତ ହୁଏ ସେ ସବୁକୁ ବୁଝାଉଥିବା ପଦମାନେ କ୍ରିୟାର ବିଶେଷକ । ଅତଏବ ବିଧେୟର ଅନ୍ତର୍ଭୁକ୍ତ । ଯଥା-

ରାମ **ଭାତ** ଖାଇଲା ।
ରାମ **ଗ୍ରାମକୁ** ଗଲା ।
ସେ **ହରିକୁ** ଦେଲା ।
ସେ **ହରିପାଇଁ** କଲା ।
ସେ **ଛୁରିରେ** କାଟିଲା ।
ସେ **ଘରୁ** ଆସିଲା ।
ସେ **ଘରେ** ଖାଇଲା ।
**ରାତିରେ** ଆସିଲି ।
ତା'ର **ପାଠରେ** ମନ ଅଛି ।
ସେ **ରାଗରେ** କହିଲା । – ଏସବୁ ଅର୍ଥର ପଦମାନଂକୁ କ୍ରିୟାର **କାରକ** କହଂତି ।

**କାରକର ନାମ :**

**(୧) କର୍ମ -**

(କ) ଯାହାକୁ, ଯେଉଁଠାକୁ ପ୍ରଭୃତି ବୁଝାଇଲେ ମୁଖ୍ୟ ବା **ପ୍ରଧାନ କର୍ମ** ହୁଏ । ଯଥା- ସେ **ଭାତ** ଖାଇଲା । ସେ **ଘରକୁ** ଆସିଲା ।

(ଖ) ଦାନ ଓ ନିମିତ୍ତ ବୁଝାଇଲେ **ନିମିତ୍ତ କର୍ମ** ହୁଏ । ଯଥା- ରାମକୁ ଦେଲା । ରାମ ପାଇଁ କଲା ।

(ଗ) କୌଣସି କୌଣସିଠାରେ କ୍ରିୟା **ବହୁ କର୍ମକ** ମଧ୍ୟ ହୁଏ । ଯଥା-
ସେ ରାମକୁ ଟଂକା ଦେଲା ।

Digitized by PPRACHIN, SOA

ବଢ଼େଇ କାଠ ଟେବୁଲ କଲା ।
ମଂତ୍ରୀମାନେ ରାଜପୁତ୍ରଂକୁ ରାଜା କଲେ ।

**[ଦ୍ରଷ୍ଟବ୍ୟ : ଟଂକା ଦେଲା, ଟେବୁଲ କଲା, ରାଜା କଲେ – ଏଇସବୁଠାରେ ଟେବୁଲ ଓ ରାଜା ପ୍ରଭୃତି ପଦମାନେ ବିକୃତ କର୍ମ । ବିକୃତ ବା ବିଧେୟ କର୍ତା ସଂଗେ ଏହାର ସାଦୃଶ୍ୟ ଦେଖିନେବାକୁ ହେବ ।]**

(୨) **କରଣ** – ଯାହାଦ୍ୱାରା କ୍ରିୟା ସାଧିତ ହୁଏ, ସେଇ ଅର୍ଥକପଦ କରଣ କାରକ ହୁଏ । ଯଥା– ସେ **ଛୁରିରେ** କାଟିଲା ।

(୩) **ଅପାଦାନ** – କୌଣସିଠାରୁ ଅପାଦାନ, ଅର୍ଥାତ୍ ଭିନ୍ନ ହେବା ବୁଝାଇଲେ, ଯେଉଁଠାରୁ ହୁଏ, ସେଇ ଅର୍ଥକ ପଦ କ୍ରିୟାର ଅପାଦାନ କାରକରେ ରହେ । ଯଥା– ଫଳ **ଗଛରୁ** ପଡ଼ିଲା । ସେ **ଘରୁ** ଆସିଲା ।

(୪) **ଅଧିକରଣ** – ଯେଉଁ ସ୍ଥାନ, କାଳ, ବିଷୟ, ଭାବରେ କ୍ରିୟା ସାଧିତ ହୁଏ ସେଇ ଅର୍ଥକ ପଦମାନେ ଅଧିକରଣ କାରକ ହୁଅଂତି । ଯଥା– ସେ **ଘରେ** ଖାଇଲା । ସେ **ରାତିରେ** ଆସିଲା । ତା'ର **ପାଠରେ** ମନ ଅଛି । ସେ **ରାଗରେ** କହିଲା ।

[**ଦ୍ରଷ୍ଟବ୍ୟ :** ରାଗରେ କହିଲା, ଆନଂଦରେ ହସିଲା ପ୍ରଭୃତିରେ 'ରାଗ' ଓ 'ଆନଂଦ' ପଦ ବିଶେଷଣ ବୋଲି ମଧ୍ୟ ଧରାଯାଏ । ବିରୁଦ୍ଧରେ ଲଢ଼ିଲା – ଏଥିରେ ବିରୁଦ୍ଧ **ସ୍ପଷ୍ଟ** ବିଶେଷଣ । ତେଣୁ ରାଗ ଓ ଆନଂଦ ପରି ପଦ ମାନ ବିଶେଷଣ । 'ସେ ଶୁଣି ଆନଂଦ ହେଲା' । 'ସେ ଭାରି ରାଗ ହେଲା' । ଏଇସବୁ ବ୍ୟବହାର ଓଡ଼ିଆରେ ସାଧାରଣ । ଏଇପରି ଧୂଳିମାଟି ପ୍ରଭୃତି ପଦାର୍ଥ ବାଚକ ବିଶେଷ୍ୟ ମଧ୍ୟ ଓଡ଼ିଆରେ ବିଶେଷଣ ହୁଅଂତି । ଯଥା– ତୁ ମାଟି ହୋ ନା; – ତୁ ଧୂଳି ହୋ ନା ।]

ସଂସ୍କୃତରେ କ୍ରିୟା ବିଶେଷଣ ଅବ୍ୟୟ ହୁଏ ଓ ଦ୍ୱିତୀୟା ବିଭକ୍ତି ନିଏ । ଯଥା– 'ସଃ ବିରୁଦ୍ଧଂ ବଦତି' – ଏଠାରେ ମଧ୍ୟ 'ରେ' ବିଭକ୍ତି ଦ୍ୱିତୀୟାରେ ଚିହ୍ନ ରୂପେ ବସିଥିଲା । ଏବେ ମଧ୍ୟ 'ମତେ', 'ତତେ'ରେ ଦ୍ୱିତୀୟାରେ 'ଏ' ଲାଗେ । 'କାହାରେ କହିବି ସଖି ଏ ଦୁଃଖ ମୋହର' – ଏଥିରେ ମଧ୍ୟ କାହାରେ – ଏଠାରେ ଦ୍ୱିତୀୟାରେ 'ରେ' ଲାଗିଚି । 'ଏ' ଓ 'ରେ' ଏବେ ଓଡ଼ିଆରେ, ତୃତୀୟା ଓ ସପ୍ତମୀର ଚିହ୍ନ । ତେଣୁ 'ଆନଂଦରେ କହିଲା'; 'ବିରୁଦ୍ଧରେ ଉଠିଲା' ପ୍ରଭୃତିକୁ 'ଆନଂଦ ଭାବରେ', 'ବିରୁଦ୍ଧ ଭାବରେ' – ଏପରି ଅର୍ଥ କରି, ସେସବୁକୁ ଭାବାଧିକରଣ ମଧ୍ୟ କରାଯାଇପାରେ ।

Digitized by PPRACHIN, SOA

ଗୋଟିଏ ବାକ୍ୟରେ ଗୋଟିଏ କିଂବା ଅଧିକ କାରକ ପଦ ବିଧେୟକୁ ବିଶେଷିତ କରିପାରେ । ଯଥା–

'ରାମ ରାତିରେ ଘରେ ସିଂଦୁକରୁ ହରି ହାତେ ଦାମକୁ ଟଂକା ଦିଆଇଲା ।'

ଏଇଠାରେ ଦେଖିବାକୁ ହେବ – କୁ, ରେ, ଦ୍ୱାରା, ହାତେ, ପାଇଁ, ରୁ, ଠାରୁ ପ୍ରଭୃତି କେତେଗୁଡ଼ିଏ ପଦ ବିଶେଷ୍ୟରେ ଲାଗି କାରକ ପଦ ତିଆରି କରଂତି । ଏଇସବୁ 'କୁ' ପ୍ରଭୃତିକୁ **କାରକ ବିଭକ୍ତି** କୁହାଯାଏ । କେବଳ ପ୍ରଧାନ କର୍ମରେ ବେଳେବେଳେ କାରକ ବିଭକ୍ତି ପ୍ରକାଶିତ ନଥାଏ । ତାହା ଲଗାଇଦେଇ ଅର୍ଥ କରିବାକୁ ହୁଏ । ଯଥା– 'ରାମ ଭାତ ଖାଇଲା' – 'ରାମ ଭାତକୁ ଖାଇଲା' ।

ଏଇ କାରକ ବିଭକ୍ତି ଥିବା ପଦମାନେ କର୍ତା ପରି ବିଶେଷ୍ୟ, ସର୍ବନାମ, ବାକ୍ୟାର୍ଥ ପ୍ରଭୃତି ହୁଅଂତି । ତେଣୁ କର୍ତା ଯାହାଦ୍ୱାରା ବିଶେଷିତ ହୋଇପାରେ ଏ କାରକ ପଦମାନେ ମଧ୍ୟ ସେସବୁ ଦ୍ୱାରା ବିଶେଷିତ ହୋଇପାରଂତି । ଯଥା–

ରାମ ତାଂକ **ବଡ଼ ଘରେ** ଅଛଂତି ।

ଗୋବିଂଦ ତାଂକ **କକେଇଂକ ଘରକୁ** ଯାଇଚଂତି ।

**ଗୋବିଂଦ ଭାଇ** ଶ୍ୟାମକୁ ତୁମେ ଜାଣ ନାଇ ?

ଭାଇନା **ଆମେ ଯେଉଁ ବଗିଚ୍ଚ ନୂଆ କରି କିଣିଚୁ** ସେଥିରୁ ନଡ଼ିଆ ତୋଳାଉଚନ୍ତି ।

କାରକର ଚିହ୍ନ ନଥାଇ ମଧ୍ୟ କେତେକ କାରକାର୍ଥକ କ୍ରିୟାକୁ ବିଶେଷିତ କରି ବିଧେୟର ଅଂତର୍ଭୁକ୍ତ ହୁଅଂତି । ସେମାନଂକୁ **କ୍ରିୟା ବିଶେଷଣ** କୁହାଯାଏ । ଯଥା–

ସେ ଦୁମ୍ ଦୁମ୍ (ହୋଇ ବା ଭାବରେ) ଗୁଳିଗଲା ।

ସେ ଶୀଘ୍ର (ହୋଇ ବା ଭାବରେ) ଆସୁଚି । ଇତ୍ୟାଦି

[**ଦ୍ରଷ୍ଟବ୍ୟ :** 'ଆନଂଦରେ କହିଲା', 'ବିରୁଦ୍ଧରେ ଉଠିଲା' । – ଏଠାରେ 'ଆନଂଦରେ', 'ବିରୁଦ୍ଧରେ' ପ୍ରଭୃତିର ଭାବାଧିକରଣ ମଧ୍ୟ ଏହିପରି କ୍ରିୟା ବିଶେଷଣ । ଏଇ ଦୁଇ ପ୍ରକାର ପ୍ରୟୋଗର ଅର୍ଥ ଏକ ।]

ସମସ୍ତ କାଳାର୍ଥକ ଓ ଯଦ୍ୟର୍ଥକ ଅସମାପିକା କ୍ରିୟା ଏହିପରି କ୍ରିୟା ବିଶେଷଣ ହୁଅଂତି । ଯଥା– 'ସେ କ୍ଳାନ୍ତ ହୋଇ (ହେବାରୁ) ବସି ପଡ଼ିଲା ।' 'ସୂର୍ଯ ଉଠିଲେ (ଉଠଂତେ) ଉଜ୍ଜ୍ୱଳ ଦିଶିବ ।' 'ସେ ଯାଉଁ ଯାଉଁ (ଯିବାବେଳେ) କହିଲା ।'

Digitized by PPRACHIN, SOA

କ୍ରିୟାବାଚକ ବିଶେଷ୍ୟ, ବିଶେଷଣମାନେ ଉଦ୍ଦେଶ୍ୟ ବା ବିଧେୟ ଯାହାର ଅଂଗୀଭୂତ ହୁଅଂତୁ, ସେମାନେ ଠିକ୍ କ୍ରିୟାପରି ବିଶେଷିତ ହୁଅଂତି । ମାତ୍ର ସେ ସବୁ ସ୍ଥଳରେ କ୍ରିୟାବାଚକ ବିଶେଷ୍ୟ ବା ବିଶେଷଣଟି ଯାହାର ଅଂଗ ଥାଏ, ସେହିସବୁ କ୍ରିୟାବାଚକ ବିଶେଷ୍ୟ ବା ବିଶେଷଣର ବିଶେଷକମାନେ ତାହାର ଅଂଗ ହୁଅଂତି । ଯଥା–

ଭଲ କରି ବୁଝାଇ କହିବା ଉଚିତ ।

ଭଲ କରି ବୁଝାଇ କହିବା କଥାରେ କାହାର ଅସଂତୋଷ ହୁଏ ନାଇ । – ଏଠାରେ ପ୍ରଥମ ବାକ୍ୟରେ 'ଭଲ କରି ବୁଝାଇ' କର୍ତାର ବିଶେଷକ ଥିବାରୁ ଉଦ୍ଦେଶ୍ୟର ଅଂଗ ଓ ଦ୍ୱିତୀୟ ବାକ୍ୟରେ ଅଧିକରଣ କାରକର ବିଶେଷକ ଥିବାରୁ ବିଧେୟର ଅଂଗ ହୋଇଛି ।

ସମସ୍ତ କାଳାର୍ଥକ ଓ ଯଦ୍ୟର୍ଥକ ଅସମାପିକା କ୍ରିୟାମାନେ ମଧ୍ୟ ସମାପିକା କ୍ରିୟା ପରି ବିଶେଷିତ ହୁଅଂତି । ଅସମାପିକା ଓ ସମାପିକା କ୍ରିୟାର ଏକ କର୍ତା ହୁଏ, ଭିନ୍ନ ଭିନ୍ନ କର୍ତା ମଧ୍ୟ ହୁଏ ।

(୧) ଏକ କର୍ତା – **ନଈବଢ଼ି** ଘରଦ୍ୱାର **ଭସାଇ ନେଲା** ।
**ତୁ ଗଲେ ଖାଇବୁ** ।

(୨) ଭିନ୍ନ ଭିନ୍ନ କର୍ତା – **ନଈ** ବଢ଼ିରେ **ଘରଦ୍ୱାର** ଭାସିଗଲା ।
**ସେ** ଗଲେ **ତୁ** ଖାଇବୁ ।

ଯେଉଁଠାରେ ବାକ୍ୟରେ ଥିବା ସମାପିକା କ୍ରିୟା ଓ ଅସମାପିକା କ୍ରିୟା ଓ ତା' କର୍ତା ଘେନିଥିବା ବାକ୍ୟାଂଶଟି ସମାପିକା କ୍ରିୟା ଓ କର୍ତା ଘେନିଥିବା ସମସ୍ତ ବାକ୍ୟାର୍ଥର ବିଶେଷକ ହୁଏ, ଏପରି ସ୍ଥଳେ ସମାପିକା କ୍ରିୟା ଘେନିଥିବା ବାକ୍ୟକୁ **ବିଶେଷିତ ବାକ୍ୟ** ଓ ଅସମାପିକା କ୍ରିୟା ଘେନିଥିବା ବାକ୍ୟାଂଶକୁ **ବାକ୍ୟାର୍ଥ ବିଶେଷଣ** କହଂତି ।

ମତେ ରାମ **ବୋଲି** ଡାକଂତି ।

ତାକୁ ପଂଡିତ **କରି** କିଏ ଗଣେ ?– ପ୍ରଭୃତି ବାକ୍ୟରେ 'ବୋଲି', 'କରି' ପ୍ରଭୃତି ଅସମାପିକା କ୍ରିୟାମାନେ **ସଦୃଶ-ଅର୍ଥକ ପଦାଂଶ** ରୂପେ ପ୍ରୟୋଗ ହୁଅଂତି । ସେମାନେ ଦେଖିବାକୁ ଅସମାପିକା କ୍ରିୟା ପରି ହେଲେ ମଧ୍ୟ ସେମାନଙ୍କର କ୍ରିୟାତ୍ୱ ନାଇ । ସେମାନେ ଯେଉଁ ପଦରେ ଲାଗଂତି ତାହା ବିଶେଷଣ ହୋଇଯାଏ । ଏଠାରେ 'ରାମ ବୋଲି' 'ମତେ'ର ବିଶେଷଣ ଓ 'ପଂଡିତ କରି' 'ତାକୁ'ର ବିଶେଷଣ ହୋଇଅଛି ।

Digitized by PPRACHIN, SOA

**ସରଳ, ଜଟିଳ ଓ ଯୌଗିକ ବାକ୍ୟ :**

**ସରଳ ବାକ୍ୟ** - ଯେଉଁ ବାକ୍ୟର ଉଦ୍ଦେଶ୍ୟ ବା ବିଧେୟରେ ବାକ୍ୟାର୍ଥ ଅଂଗ ରୂପେ ବ୍ୟବହୃତ ହୋଇ ନଥାଏ ତାକୁ **ସରଳ ବାକ୍ୟ** କହଂତି । ଯଥା- ରାମ ଯାଉଅଛି । ମୁଁ ପାଠ ପଢୁଅଛି ।

ଅସମାପିକା କ୍ରିୟା, କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣମାନେ ଉଦ୍ଦେଶ୍ୟ ବା ବିଧେୟର ଅଂଗୀଭୂତ ହେଲେ ମଧ୍ୟ ସରଳ ବାକ୍ୟ ହୁଏ । ଯଥା- 'ମୁଁ ଯାଉ ଯାଉ କହିଲି ।' 'ସେ ଖାଇସାରି ଆସିବ ।' 'ତୁମେ ଗଲେ ଏହା କରିବ ।' 'ମୁଁ ଗଲାରୁ ସେ ଆସିଲା ।' 'ରାମ ଦେଖିଥିବା ଲୋକଟି ଆସିଚି ।'

'ତୁମେ ଗଲେ ଏହା କରିବ' - ଏଇପରି ବାକ୍ୟରେ ଯୋଡ଼ିଏ ସମାପିକା କ୍ରିୟା ଅଛି ବୋଲି କେହି କେହି ମନେ କରିପାରଂତି । ମାତ୍ର 'ଗଲେ' ଏଠାରେ ସମାପିକା କ୍ରିୟା ନୁହେଁ । ତାହା ଯଦ୍ୟର୍ଥକ ଅସମାପିକା କ୍ରିୟା ବା କ୍ରିୟାବାଚକ ପଦ ।

ତୁମେ ଗଲେ (ତୁମେମାନେ ଗଲେ) ଏହା କରିବ ।
ସେ ଗଲେ ଏହା କରିବ ।
ସେମାନେ ଗଲେ ଏହା କରିବେ ।
ମୁଁ ଗଲେ ଏହା କରିବି ।

ଆମେମାନେ ଗଲେ ଏହା କରିବୁ । - ଏଠାରେ 'ଗଲେ' ପଦର କୌଣସି ପରିବର୍ତ୍ତନ ହେଉ ନାଇ । ତାହା କରିବେ, କରିବୁ, କରିବ ପ୍ରଭୃତି ସମାପିକା କ୍ରିୟାର ବିଶେଷକ ମାତ୍ର, ନିଜେ ସମାପିକା କ୍ରିୟା ନୁହେଁ; ତେଣୁ ସ୍ୱତନ୍ତ୍ର ବାକ୍ୟ ଗଢ଼ି ନ ପାରେ । ଏଇପରି ଯେଉଁଠାରେ କର୍ତ୍ତାର ପୁରୁଷ ବଚନ ଅନୁସାରେ କ୍ରିୟାର ପରିବର୍ତ୍ତନ ହୁଏନାଇ, ତାହା ସ୍ୱତଂତ୍ର ସମାପିକା କ୍ରିୟା ନ ହୋଇ କ୍ରିୟାର ବା ବାକ୍ୟାର୍ଥର ବିଶେଷଣ ହୁଏ । ଏହା ବୁଝାଇ ଦିଆଯାଇଚି ।

ଏଇପରି ଯେଉଁ ପଦମାନଂକର ବାକ୍ୟର କୌଣସି ଅବସ୍ଥାରେ ପରିବର୍ତ୍ତନ ହୁଏନାଇ, କିଂବା ସେମାନେ କୌଣସି ବିଭକ୍ତି ନିଅଂତି ନାଇ ସେମାନଂକୁ ଅବ୍ୟୟ କହଂତି । ଅସମାପିକା କ୍ରିୟାମାଂକୁ ଏଇ ହିସାବରେ **କ୍ରିୟାବାଚକ ଅବ୍ୟୟ** କହଂତି ।

**ଜଟିଳ ବାକ୍ୟ** - ଉଦ୍ଦେଶ୍ୟ କିଂବା ବିଧେୟ କିଂବା ଉଭୟତ୍ର କିଂବା ବାକ୍ୟାର୍ଥ ବିଶେଷଣର ଅଂଗ ସ୍ୱରୂପ ବାକ୍ୟାର୍ଥ ଥିଲେ ବାକ୍ୟକୁ **ଜଟିଳ ବାକ୍ୟ** କୁହାଯାଏ ।

'ସେ ଆସିବ, ମୁଁ ଜାଣିଥିଲି ।'

Digitized by PPRACHIN, SOA

କାହାକୁ କହୁଚ ବୋଲି ବିଗୁଚ୍ଚ ?
ରାମ ଆସୁଚି ବୋଲି କହିଲେ, ତାହାର ବିଶ୍ୱାସ ହେବନାଇ ।

ସାଧାରଣତଃ ଜଟିଳ ବାକ୍ୟରେ ଯେବେ, ତେବେ, ଯଦ୍ୟପି, ତଥାପି, ଯାହା, ତାହା, ଯେବେ ହେଁ, ତେବେ ହେଁ, ଯେ, ସେ ପ୍ରଭୃତି ପରସ୍ପରକୁ ଅପେକ୍ଷା କରୁଥିବା ପଦମାନେ ଲାଗଂତି । କୌଣସି କୌଣସିଠାରେ ଏମାନଂକ ମଧ୍ୟରୁ ଗୋଟିଏ ଲାଗିଥିଲେ ଆଉ ଗୋଟିକ ବୁଝିନେବାକୁ ହେବ । ପୁଣି କୌଣସି କୌଣସିଠାରେ ଏହା, ତାହା ପ୍ରଭୃତି ନିର୍ଦ୍ଦେଶ ଅର୍ଥକ ଶବ୍ଦ ଲଗାଇ ବାକ୍ୟର ସ୍ପଷ୍ଟ ଅଂଗ ବୋଲି ବୁଝିନେବାକୁ ମଧ୍ୟ ହୁଏ । ଯଥା-

(କ) ଯେ ତୁମକୁ କହିଥିଲା ସେ ଆସିଚି ।
ଯାହା ଶୁଣିଥିଲ ତାହା କହ ।
ଯାହା ଖୋଜୁଥିଲ ତାହା ଏଇ ।
ଯଦି ତୁମେ ଯାଅ ତେବେ ମୁଁ ଆସିବି ।
ଯଦ୍ୟପି ସେ ଏତେ ଦଂଭରେ କହୁଚି, ତଥାପି ମୋର ବିଶ୍ୱାସ ହେଉନାଇ ।

(ଖ) ମୁଁ ଏତେ ସତର୍କ କଲି, ତେବେ ହେଁ ସେ ମାନିଲା ନାଇ । (ଯଦ୍ୟପି)
ଯେବେ ତୁମେ କହ, ମୁଁ ଯିବି । (ତେବେ)
ସେ ଏତେ କରୁଚି, ତଥାପି କାମ ହେବ ନାଇ । (ଯଦ୍ୟପି)
ତୁ ଯାହା କରିବୁ, ମୋତେ ଜଣା । (ତାହା)

(ଗ) ସେ ଯିବ, ସମସ୍ତଂକୁ ଜଣା । (ଏହା)
ରାମ ଆସୁଚି ବୋଲି କହିଲେ, ସେ ମାନିବ ନାଇ । (ଏହା)
ଜଣା ଥିଲା, ସେ କହିବ । (ଏହା)

ଏଇସବୁ ଜଟିଳ ବାକ୍ୟର ଅଂଶମାନଂକୁ ମଧ୍ୟ ବାକ୍ୟାଂଶ କୁହାଯାଏ ।

**ଯୌଗିକ ବାକ୍ୟ** - ଦୁଇ କିଂବା ତହିଁରୁ ଅଧିକ ସରଳ ବା ଜଟିଳ ବାକ୍ୟ ଓ, ଏବଂ, କିଂତୁ, ପୁଣି ପ୍ରଭୃତି ସଂଯୋଜକ ପଦଦ୍ୱାରା ଯୋଗ ହେଲେ **ଯୌଗିକ ବାକ୍ୟ** ହୁଏ । ଯଥା-

ମୁଁ ସେଠାକୁ ଯିବି, ଓ ତା ସଂଗେ ଦେଖାକରି ଆସିବି ।
ମୁଁ ଗଲି, ପୁଣି ସେ ଆସିଲା ।

Digitized by PPRACHIN, SOA

ପଂଚମ ଶ୍ରେଣୀରେ ଯେଉଁ ରାମ ପଢୁଛି ସେ ବୁଦ୍ଧିମାନ୍, ପୁଣି ପ୍ରଥମ ଶ୍ରେଣୀରେ ଯେଉଁ ରାମ ପଢୁଛି ସେ ବି ବୁଦ୍ଧିମାନ୍ ।

ସେ କହିଲେ ମୁଁ ଯିବି, ଆଉ ତୁମେ କହିଲେ ରାମ ଯିବ ।

ସଂଧ୍ୟା ହେଲେ ଅଂଧାର ହେବ, କିଂତୁ ମେଘ ଛାଡ଼ିଯିବ ।

ସେ ସେଠାକୁ ଯିବ, ବା ମୁଁ ସେଠାକୁ ଯିବି ।

ଯୌଗିକ ବାକ୍ୟର ଅଂଶମାନଂକୁ କୁହାଯାଏ ଖଂଡ ବାକ୍ୟ ।

[**ଦ୍ରଷ୍ଟବ୍ୟ :** 'ଏବଂ' ପଦଟିର ସଂସ୍କୃତରେ ଅର୍ଥ – 'ଏଇପରି' । ମାତ୍ର କୌଣସି ପ୍ରକାର ଭ୍ରମରୁ ବଂଗ ଦେଶରେ ଈଶ୍ୱର ଚଂଦ୍ର ବିଦ୍ୟାସାଗର ପ୍ରଥମେ 'ଆଉ', 'ପୁଣି' ଅର୍ଥରେ ବଂଗଳାରେ 'ଏବଂ' ଚଳାଇଦେଲେ । ସେ ଅନୁକରଣରେ ଓଡ଼ିଆ ଲେଖାରେ ଏବେ ଚଳିଗଲାଣି । ସେଇପରି 'ସୁତରାଂ' – 'ଅତଏବ' ଅର୍ଥରେ ସେଇ କାରଣରୁ ଓଡ଼ିଆରେ ମଧ୍ୟ ଚଳୁଅଛି । ମାତ୍ର ପ୍ରକୃତରେ 'ସୁତରାଂ'ର ସଂସ୍କୃତରେ ଅର୍ଥ – 'ଖୁବ୍'–'ବହୁ ପରିମାଣରେ' ।]

ଏଇ, ଏବଂ, କିଂତୁ, ପୁଣି, ଆଉ ପ୍ରଭୃତି ପଦର ବାକ୍ୟର କୌଣସି ଅବସ୍ଥାରେ କିଛି ପରିବର୍ତନ ହୁଏନାଇ । ସେମାନେ ଅବ୍ୟୟ ।

ବେଳେବେଳେ ସଂଯୋଜକ ପଦମାନେ ବାକ୍ୟରେ ପ୍ରକାଶିତ ହୁଅଂତି ନାଇ ଓ ଜଟିଳ ବାକ୍ୟର ଆପେକ୍ଷିକ ପଦମାନେ ପ୍ରକାଶିତ ନ ହୋଇ ମଧ୍ୟ ବାକ୍ୟକୁ ଯୌଗିକ ବାକ୍ୟ କରି ରଖଂତି । ତେବେ, ଅତଏବ, ଏଣୁ ପ୍ରଭୃତି ଲାଗି ଯୌଗିକ ବାକ୍ୟ ହୁଏ । ବେଳେବେଳେ ସେ ସବୁ ପଦ ଉହ୍ୟ ଥାଏ । ଯଥା–

(କ) ସେତ ଯାଉଚି, ମୁଁ କାହିଁକି ଆସିବି ? (ପୁଣି)
ମୁଁ ସେଠାକୁ ଯିବି, ଦେଖି ଆସିବି । (ଓ)
ସେ କରିବ, ନହେଲେ ମୁଁ କରିବି । (ଓ)

(ଖ) ମୁଁ ବହୁତ କହିଲି, ସେ ମାନିଲା ନାଇ । (ଯଦ୍ୟପି, ତଥାପି)
ମତେ ଏତେ ସରିକଲା, ତା'ର ମନ ଶାଂତ ହେଲା ନାଇ । (ତଥାପି)

(ଗ) ତୁ ଆସିଲୁ, ମୁଁ କହୁଚି । (ତେଣୁ)
ସୁଅରେ ପହଁର, ଭଲ ହେବ । (ତେବେ)

ଏପରି ଯେଉଁଠାରେ କୌଣସି ଆପେକ୍ଷିକ ବା ସଂଯୋଜକ ପଦ ପ୍ରଭୃତି ନଥାଇ ବାକ୍ୟଗୁଡ଼ିକ ବରାବର ସ୍ୱତଂତ୍ର ଥାଏ, ସେଠାରେ ପ୍ରତ୍ୟେକକୁ ଗୋଟିଏ ଗୋଟିଏ ସ୍ୱତଂତ୍ର ବାକ୍ୟ ବୋଲି ବିଚାର କରିବା ସୁବିଧା ଜନକ, କାରଣ କଥିତ

Digitized by PPRACHIN, SOA

ଭାଷାରେ ଜଟିଳ ବାକ୍ୟ ଅଳ୍ପ ବ୍ୟବହୃତ ହୁଏ; ପୁଣି ଯୌଗିକ ବାକ୍ୟ ପ୍ରାୟ ବ୍ୟବହୃତ ହୁଏ ନାଇ । ଯୌଗିକ ବାକ୍ୟ କେବଳ ଲିଖିତ ଭାଷାରେ ବିଶେଷ ଦେଖିବାକୁ ମିଳେ । ଜୋର୍ ଦେଇ କହିଲେ, 'ପୁଣି', 'ଆଉରି' ପ୍ରଭୃତି କେତୋଟି ସଂଯୋଜକ ପଦ୍ ଛଡ଼ା କଥିତ ଭାଷାରେ ଆଉ ସଂଯୋଜକ ପଦର ବ୍ୟବହାର ନାଇ ।

ବେଳେବେଳେ ଗୋଟିକରୁ ଅଧିକ କର୍ତା ଓ ବେଳେବେଳେ ଗୋଟିକରୁ ଅଧିକ କ୍ରିୟା ସଂଯୋଜକ ପଦରେ ଯୋଡ଼ା ହୋଇଥାଏ । ବେଳେବେଳେ ସଂଯୋଜକ ପଦ ବି ପ୍ରକାଶିତ ନଥାଏ । ଯଥା- 'ମୁଁ ଆଉ ସେ (ମୁଁ, ସେ) ଯିବୁ ।' 'ମୁଁ ଯିବି, ପୁଣି ଆସିବି (ଯିବି, ଆସିବି) ।'

ଏଇପରି ବାକ୍ୟମାନଂକରେ ଯେଉଁଠାରେ କର୍ତା ଏକରୁ ଅଧିକ ଥାଏ ସେଠାରେ କ୍ରିୟା ବହୁବଚନ ହୋଇଯାଏ । ଅତଏବ ଦୁଇ ବା ତହିଁରୁ ଅଧିକ ବ୍ୟକ୍ତି ବା ବସ୍ତୁକୁ କର୍ତା ବୋଲି ଧରିଲେ କୌଣସି ଅସୁବିଧା ହୁଏ ନାଇ । ମାତ୍ର କ୍ରିୟା ଏକରୁ ଅଧିକ ଥିଲେ ବାକ୍ୟକୁ **ଅର୍ଧ ଯୌଗିକ ବାକ୍ୟ** କୁହାଯାଏ । ତାହାକୁ ଫିଟାଇକରି ବୁଝିବାକୁ ହୁଏ । ଯଥା- ମୁଁ ଯିବି ପୁଣି ଆସିବି । (ମୁଁ ଯିବି ପୁଣି ମୁଁ ଆସିବି) ।

## ବାକ୍ୟର ପରିବର୍ତନ :

ଅର୍ଥରେ କୌଣସି ପ୍ରକାର ପରିବର୍ତନ ନ ହୋଇ ଏକ ପ୍ରକାର ବାକ୍ୟ ଅନ୍ୟ ପ୍ରକାର ବାକ୍ୟରେ ପରିବର୍ତିତ ହୋଇପାରେ । ଯଥା-

ତୁ ଆସିଲେ ମୁଁ ଯିବି ।
ତୁ ଯଦି ଆସୁ, ମୁଁ ଯିବି ।
ତୁ ଆସ୍ (ଓ) ମୁଁ ଯିବି ।
ସୁଅରେ ପହଁରିବା ଭଲ ।
ଯଦି ସୁଅରେ ପହଁରାଯାଏ, ଭଲ ହୁଏ ।
ସୁଅରେ ପହଁରାଯାଉ, ଭଲ ହେବ ।
ବଳୁଆ ଲୋକ ସବୁ କରିପାରେ ।
ଯାହାର ବଳ ଅଛି ସେ ସବୁ କରିପାରେ ।
ବଳ ଅଛିତ (ତେବେ) ଲୋକ ସବୁ କରିପାରେ । ଇତ୍ୟାଦି

## ବାକ୍ୟର ବିଶ୍ଲେଷଣ ବା ବିଭାଗ :

ବାକ୍ୟର ବିଶ୍ଲେଷଣ କରିବା କହିଲେ ବୁଝାଯାଏ ଯେ, ବାକ୍ୟକୁ ଖଂଡ ଖଂଡ କରି ସେଥିମଧ୍ୟସ୍ଥ ପ୍ରତ୍ୟେକ ପଦ, ବାକ୍ୟାଂଶ ବା ବାକ୍ୟ, ପ୍ରଧାନ ବାକ୍ୟର କର୍ତା

Digitized by PPRACHIN, SOA

ଓ ସମାପିକା କ୍ରିୟା ସଂଗେ କିପରି ସଂପର୍କରେ ରହି ଉଦ୍ଦେଶ୍ୟ ଓ ବିଧେୟର ଅଂଗ ହୁଅଂତି ତାହାଇ ଦେଖାଇ ଦେବା । ଏଥିପାଇଁ ଯୋଡ଼ିଏ ସରଳ ବାକ୍ୟର ଉଦାହରଣ ଦିଆଗଲା । ଯଥା-

(୧) କାଲି ରାତିରେ ମୋ ଘରକୁ ଆସି ମଧୁ ନିର୍ଦୟ ଭାବରେ ଗୋଟିଏ ବାଡ଼ିରେ ମତେ ବହୁତ ମାଇଲା ।

(୨) ଦଶରଥଙ୍କ ପୁତ୍ର ବୀର ରାମ ବନବାସ ସମୟରେ ରାବଣ ସୀତାଂକୁ ଅପହରଣ କରିଥିବାରୁ ତାକୁ ବଧ କରି ବିଭୀଷଣକୁ ଲଂକାର ରାଜା କଲେ ।

| ଉଦ୍ଦେଶ୍ୟ | | | ବିଧେୟ | | |
|---|---|---|---|---|---|
| କର୍ତା | ବିଶେଷକ | କି ପ୍ରକାର ବିଶେଷକ | ସମାପିକା କ୍ରିୟା | ବିଶେଷକ | କି ପ୍ରକାର ବିଶେଷକ |
| ୧. ମଧୁ | | | ମାଇଲା | ଆସି | ଅସମାପିକା କ୍ରିୟା |
| | | | | କାଲି ରାତିରେ }<br>ମୋ ଘରକୁ } | 'ଆସି'ର ବିଶେଷକ<br>କାରକ ବିଶେଷଣ |
| | | | | ନିର୍ଦୟ ଭାବରେ }<br>ବାଡ଼ିରେ }<br>ମତେ } | କାରକ<br>ପଦ |
| | | | | ବହୁତ | କାରକାର୍ଥ କ୍ରିୟା ବିଶେଷଣ |
| | | | | ଗୋଟିଏ | 'ବାଡ଼ି'ର ବିଶେଷଣ |
| ୨. ରାମ | ପୁତ୍ର | ବ୍ୟାଖ୍ୟାନ ବିଶେଷ୍ୟ | କଲେ | ବଧକରି* | ଅସମାପିକା କ୍ରିୟା |
| | ଦଶରଥଙ୍କ | 'ପୁତ୍ର'ର ବିଶେଷକ | | ତାକୁ | ବଧକରିର କର୍ମ |
| | ବୀର | ବିଶେଷଣ | | ବନବାସ ସମୟରେ }<br>ଅପହରଣ କରିବାରୁ }<br>ବିଭୀଷଣକୁ } | କାରକ |
| | | | | ରାବଣ | ଅପହରଣ କରିବାର କର୍ତା |
| | | | | ସୀତାଂକୁ | ଅପହରଣ କରିବାର କର୍ମ |
| | | | | ରାଜା | ବିକୃତ କର୍ମ |
| | | | | ଲଂକାର | ରାଜାର ବିଶେଷକ |

[**ଦ୍ରଷ୍ଟବ୍ୟ :** * 'ବଧକରି' – ଏଠାରେ 'କରି'କୁ ଅସମାପିକା ଅସଂପୂର୍ଣ କ୍ରିୟା ଓ 'ବଧ'କୁ ତାହାର ବିକୃତ କର୍ମ କୁହାଯାଇପାରେ ।]

Digitized by PPRACHIN, SOA

ଜଟିଳ ବାକ୍ୟରେ ବିଶ୍ଳେଷଣ ପ୍ରଣାଳୀ ଏଇ ବିଧାନରେ କରାଗଲେ ମଧ୍ୟ ପ୍ରଥମ ପ୍ରଧାନ ବାକ୍ୟ ଓ ଆଶ୍ରିତ ବାକ୍ୟମାନଙ୍କୁ (ଯେଉଁ ବାକ୍ୟଗୁଡ଼ିକ କର୍ତ୍ତା ବା ସମାପିକା କ୍ରିୟା ବା ସେମାନଂକର ବିଶେଷକମାନଂକୁ ବିଶେଷିତ କରି ଉଦ୍ଦେଶ୍ୟ ବା ବିଧେୟର ଅଂଗୀଭୂତ ହୁଅଂତି ସେମାନଂକୁ) ହିଁ ଭିନ୍ନ କରି ବାଛି ଦେବାକୁ ହେବ । ଆଶ୍ରିତ ବାକ୍ୟଗୁଡ଼ିକ କି ଭାବରେ ଉଦ୍ଦେଶ୍ୟ ବା ବିଧେୟରେ ସଂପୃକ୍ତ ତାହା ଦେଖାଇ ଦେଇ, ପରେ ଗୋଟି ଗୋଟି କରି ବାକ୍ୟଗୁଡ଼ିକର ସରଳ ବାକ୍ୟ ପରି ବିଶ୍ଳେଷଣ ଦେଖାଇବାକୁ ହେବ । ଯାହା, ତାହା ଏହା ପ୍ରଭୃତି ଥିଲେ ସେଗୁଡ଼ିକ ଆପେକ୍ଷିକ ବା ନିର୍ଦ୍ଦେଶକ ପଦ ବୋଲି ବିଶ୍ଳେଷଣ ସମୟରେ ଚିହ୍ନାଇ ଦେବାକୁ ହେବ ମାତ୍ର ।

ଯୌଗିକ ବାକ୍ୟରେ ପ୍ରତ୍ୟେକ ବାକ୍ୟ ହିଁ ପ୍ରଧାନ ବାକ୍ୟ । କେହି ଆଶ୍ରିତ ନୁହଂତି । ଅତଏବ ପ୍ରଥମରୁ ବାକ୍ୟଗୁଡ଼ିକ ଭିନ୍ନ ଭିନ୍ନ କରି ସେମାନଂକୁ ସରଳ କିଂବା ଜଟିଳ ବୋଲି ଚିହ୍ନାଇ ଦେବାକୁ ହେବ । ସଂଯୋଜକ ପଦ ଥିଲେ ତାହା ଅଲଗା କରି ଚିହ୍ନାଇ ରଖିବାକୁ ହେବ । ପରେ ପ୍ରତ୍ୟେକ ବାକ୍ୟରୁ ସ୍ୱତଂତ୍ର, ସରଳ ବା ଜଟିଳ ବାକ୍ୟ ପରି ବିଶ୍ଳେଷଣ କରିବାକୁ ହେବ ।

ଆଂଭେମାନେ ସାଧାରଣ ଭାବରେ ବାକ୍ୟର ବିଶ୍ଳେଷଣ ବିଗ୍ରହ କଲୁ । ପ୍ରଥମରୁ ଶିଖିବା ଲୋକ ପକ୍ଷରେ ଏତିକି ଯଥେଷ୍ଟ ହେବ । ପରେ ପଦ ବିଗ୍ରହ ଭଲକରି ଜାଣିଲେ ବାକ୍ୟର ବିଶ୍ଳେଷଣରେ ଜ୍ଞାନ ଆହୁରି ସ୍ପଷ୍ଟ ସୁଂଦର ହେବ । 'ପଦ' କଥାଟି କିଂତୁ ଭଲରେ ବୁଝାଇଦେବା ଦରକାର । ବାକ୍ୟର ପ୍ରତ୍ୟେକ ଶବ୍ଦ ଗୋଟିଏ ଗୋଟିଏ ପଦ । ତେଣୁ ପଦ ବିଗ୍ରହର ବିଶେଷ ଆଲୋଚ଼ନା କରିବା ପୂର୍ବରୁ ବାକ୍ୟ ମଧ୍ୟରେ କି କି ପଦ ରହିପାରଂତି, ତାହା ସାଧାରଣ ଭାବରେ ଦେଖାଇଦେବା ଉଚିତ । ସେଥିରେ ମଧ୍ୟ ବାକ୍ୟର ବିଶ୍ଳେଷଣ ଜ୍ଞାନ ଟିକିଏ ସ୍ପଷ୍ଟତର ହେବ । ଇଚ୍ଛାକଲେ ଏଇ ସାଧାରଣ ପଦ ପ୍ରକରଣ ଆଗ ପଢ଼ି ମଧ୍ୟ ତା'ପରେ ବାକ୍ୟବିଗ୍ରହ ପଢ଼ାଯାଇପାରେ ।

**ପଦ :**

ନଈ, ପାଣି, ଗଛ, ଗୋଟିଏ ଗୋଟିଏ ଶବ୍ଦ । ଏକ କିଂବା କେତେଗୁଡ଼ିଏ ବର୍ଣ୍ଣ ବା ଅକ୍ଷର ଏକତ୍ର ହୋଇ ଗୋଟିଏ କୌଣସି ଅର୍ଥ ବୁଝାଇଲେ ଶବ୍ଦ ହୁଏ । ଚବ, ତଂଡା, ମଜୀ – ଏସବୁ ଶବ୍ଦ ନୁହେଁ । କାରଣ ଏମାନଂକର ଅର୍ଥ ନାଇ । ଶବ୍ଦମାନେ କୌଣସି ବାକ୍ୟରେ ରହିଲେ, ସେମାନଂକର ପରସ୍ପର ମୁଖ୍ୟ ସଂପର୍କ

Digitized by PPRACHIN, SOA

ରହେ । ସେତେବେଳେ ସେମାନେ ଗୋଟିଏ ଗୋଟିଏ ପଦ । ଶବ୍ଦଟି ବାକ୍ୟରେ ନ ରହିବାଯାଏ ତାହା କି ପଦ ଆମେ କରିପାରୁ ନାଇ ।

'ଧାନ ପାଚୁଚି'; 'ଗାଈ ଚରୁଚି'; – ଏ ଗୋଟିଏ ଗୋଟିଏ ବାକ୍ୟ । ପ୍ରଥମଟିରେ 'ଧାନ' ଓ 'ପାଚୁଚି'; ଦ୍ୱିତୀୟଟିରେ 'ଗାଈ' ଓ 'ଚରୁଚି' – ଏହିପରି ଦୁଇଟି ବାକ୍ୟରେ ଚାରୋଟି କଥା ଅଛି । ଏହି ଚାରୋଟିର ପ୍ରତ୍ୟେକକୁ ପଦ କୁହାଯାଏ । ଏହି ପଦ ଅନେକ ପ୍ରକାର ହୁଏ । ବାକ୍ୟ ଭିତରେ ସେମାନଂକର ବିଶେଷ୍ୟ ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା – ଏଇପରି ନାମମାନ ଅଛି । ସେ କଥା ପରେ କୁହାଯିବ ।

ବାକ୍ୟରେ ଥିବା ପଦଗୁଡ଼ିକୁ ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା– ଏଇ ପାଂଚ ଭାଗରେ ବିଭକ୍ତ କରାଯାଏ ।

**ବିଶେଷ୍ୟ :**

'ବାବୁଗିରି କରିବା ମନୁଷ୍ୟକୁ ଶିଖିବାକୁ ହୁଏ ନାଇ ।' – ଏ ବାକ୍ୟରେ ଥିବା 'ବାବୁଗିରି', 'କରିବା', 'ମନୁଷ୍ୟ' ଓ 'ଶିଖିବା' ଏଇ ଚାରୋଟି ଯାକ ପଦ ଗୋଟିଏ ଗୋଟିଏ ବିଶେଷ୍ୟ । ଏଥିମଧ୍ୟରୁ 'ବାବୁଗିରି' ଗୋଟିଏ ଗୁଣର ନାମ; 'ମନୁଷ୍ୟ' ଗୋଟିଏ ପ୍ରାଣୀର ନାମ; 'କରିବା', 'ଶିଖିବା' ଗୋଟିଏ ଗୋଟିଏ କ୍ରିୟାର ନାମ । ଅତଏବ **ନାମମାତ୍ର ହିଁ ବିଶେଷ୍ୟ** । ବିଶେଷ୍ୟ ନକହି ନାମ କହିଲେ ମଧ୍ୟ ହୁଅଂତା । କିଂତୁ ସଂସ୍କୃତ ବ୍ୟାକରଣରେ ବିଶେଷ୍ୟ ବୋଲି ବ୍ୟବହାର କରାଯାଇଅଛି । ବିଶେଷ୍ୟ– ଅର୍ଥାତ୍ ଯେ କାରକ, ବିଭକ୍ତି ବା ବିଶେଷଣ ପ୍ରଭୃତି ଦ୍ୱାରା ବିଶେଷିତ ହୋଇପାରେ, ସେଇ ପଦ । ନାମ କହିଲେ ବସ୍ତୁ, ବ୍ୟକ୍ତି, ଜାତି, ସ୍ଥାନ, ଗୁଣ, କ୍ରିୟା, ଭାବ ପ୍ରଭୃତି ଯେକୌଣସି ନାମ ବୁଝିବାକୁ ହେବ ।

**ବିଶେଷଣ :**

ସାଧାରଣତଃ ଗୋଟିଏ ନାମ କହିଲେ ସେଇ ନାମର ଠିକ୍ କେଉଁ ପଦାର୍ଥଟି କୁହାଯାଉଛି ଜଣାପଡ଼େ ନାଇ । ମନେକର କିଏ କହିଲା – 'ଘର' । ସେ ହୁଏତ କୌଣସି ବିଶିଷ୍ଟ ଘରକୁ ଲକ୍ଷ୍ୟ କରିପାରେ । ତାହାହେଲେ କହିବ – 'ଏ ଘର' ବା 'ସେ ଘର'; କିଂବା ଘରର କେତେକ ଅଂଶ ବା ଇୟତ୍ତା ପ୍ରତି ସେ ଲକ୍ଷ୍ୟ କରି କହିପାରେ – 'ସମୁଦାୟ ଘର' ବା 'ଅଧେ ଘର'; କିଂବା ସଂଖ୍ୟାକୁ ଲକ୍ଷ୍ୟ କରି କହିପାରେ – 'ଦୁଇଟି ଘର', କି 'ପାଂଚଟି ଘର'; କିଂବା କ୍ରମ ଲକ୍ଷ୍ୟ କରି କହିପାରେ– 'ପ୍ରଥମ ଘର' କି 'ଶେଷ ଘର'; କିଂବା ଘରର ଅବସ୍ଥା ବର୍ଣ୍ଣନା କରି କହିପାରେ –

Digitized by PPRACHIN, SOA

'ପୁରଣା ଘର' କି 'ଛୋଟିଆ ଘର' । ଅନେକ ଘର ଗୋଟି ଗୋଟି କରି ଚିହ୍ନାଇ କହିପାରେ – 'ପ୍ରତ୍ୟେକ ଘର' ।

କୌଣସି ପଦ ବିଶେଷ୍ୟ ସଂଗେ ଏପରି ସଂପର୍କରେ ଆସିଲେ ତାହାକୁ ବିଶେଷଣ କହଂତି । ବିଶେଷ୍ୟ ସାମାନ୍ୟ ବା ସାଧାରଣ ଭାବରେ ଗୋଟିଏ ନାମକୁ ବୁଝାଏ । ବିଶେଷଣ ସେଇ ନାମକୁ ନିର୍ଦ୍ଦିଷ୍ଟ ବା ବିଶେଷିତ କରିଦିଏ । ଏପରି **ବିଶେଷ୍ୟର ଗୁଣ ଅବସ୍ଥାଦି ଯେ ପ୍ରକାଶ କରେ ସେ ବିଶେଷଣ ।**

ବିଶେଷଣ ଯୋଗ ହେଲେ ଅର୍ଥ ବଢ଼ିଯାଏ ସତ, କିଂତୁ ବିଶେଷ୍ୟ ସ୍ୱତଂତ୍ର ଭାବରେ ଯେତେ ପଦାର୍ଥ ବୁଝାଉଥାଏ, ବିଶେଷଣ ଦ୍ୱାରା ବିଶେଷିତ ହେଲେ ତା'ଠାରୁ ଅଳ୍ପ ପଦାର୍ଥ ବୁଝାଏ । ଏଇପରି ଏକାଧିକ ବିଶେଷଣ ଯୋଗରେ ବିଶେଷ୍ୟ ବୁଝାଉଥିବା ବସ୍ତୁର ପରିସର କ୍ରମେ ସଂକୀର୍ଣତର ହୋଇଆସେ । **'ମନୁଷ୍ୟ'** କହିଲେ ଯେକୌଣସି ମନୁଷ୍ୟ ବୁଝାଏ । କିଂତୁ **'ଡେଂଗା ମନୁଷ୍ୟ'** କହିଲେ ମନୁଷ୍ୟର ଗୁଣମାନଂକ ମଧ୍ୟରେ ଡେଂଗା ଗୁଣଟି ଅଧିକ ଯୋଗ ହେଲା । ପୁଣି **'ବୁଦ୍ଧିମାନ ଡେଂଗା ମନୁଷ୍ୟ'** ତା'ର ସଂଖ୍ୟା ଡେଂଗା ମନୁଷ୍ୟଂକ ସଂଖ୍ୟାଠାରୁ **ସଂକୀର୍ଣତର** ହେବ । ସେହିପରି **'ଇଂରାଜୀ ଜାଣିଥିବା ବୁଦ୍ଧିମାନ ଡେଂଗା ମନୁଷ୍ୟ'** କହିଲେ ସଂଖ୍ୟା ଆହୁରି କମିଯିବ ।

ବିଶେଷ୍ୟକୁ ନିର୍ଦ୍ଦିଷ୍ଟ ସୀମାବଦ୍ଧ କରିବା ବିଶେଷଣର ଏକମାତ୍ର କାର୍ଯ୍ୟ । କେବଳ ବିଶେଷ୍ୟକୁ ସୀମାବଦ୍ଧ ବା ବିଶେଷିତ ନକରି ବିଶେଷଣ ଓ କ୍ରିୟାକୁ ବିଶେଷିତ କରିବା ପାଇଁ ମଧ୍ୟ ବିଶେଷଣ ଲାଗେ । ଯଥା– 'ସେ **ବଡ଼ ଭଲ** ଲୋକ ।' **'ହଠାତ୍ ଦେଖିଲା ।'** – ଏଠାରେ 'ବଡ଼' – 'ଭଲ' ଏଇ **ବିଶେଷଣର ବିଶେଷଣ** । 'ହଠାତ୍' – 'ଦେଖିଲା' ଏଇ **କ୍ରିୟାର ବିଶେଷଣ** ।

ସର୍ବନାମ :

> **ମୁଁ ହରିଂକୁ କହିଲି, ତୁମେ ରାମଂକ ବଗିଚ୍ଚରେ ଯେଉଁ ମାଂକଡ଼ଟି ଦେଖିଲ, ଯେବେ ତାଂକର ଗୃହକର ସେଉଟିକୁ ଆପଣା ବାଟରେ ଯିବାକୁ ଛାଡ଼ି ନ ଦିଏ, ତେବେ ସେ ଜଂତୁଟି ତାଙ୍କର ବହୁତ କ୍ଷତି କରିବ ।**

ଏଇ ବାକ୍ୟରେ କହିବା ଲୋକ ପରିବର୍ତରେ 'ମୁଁ', ଯାହାକୁ କୁହାଯାଉଅଛି ତାହା ପରିବର୍ତରେ 'ତୁମେ', 'ରାମ' ପରିବର୍ତରେ 'ତାଂକ' ଓ 'ତାଂକର', ମାଂକଡ଼ ପରିବର୍ତରେ 'ସେଉଟି' – ଏଇ ପଦମାନେ ବ୍ୟବହୃତ ହୋଇଅଛଂତି । ଏଇପର

Digitized by PPRACHIN, SOA

ଅନ୍ୟ ପଦ ପାଇଁ ବା ଅନ୍ୟ ପଦର ପ୍ରତିନିଧି ପରି ଯେଉଁ ପଦ ବାକ୍ୟରେ ବସେ ତାକୁ 'ସର୍ବନାମ' କହଂତି । ସର୍ବନାମ ସାଧାରଣତଃ ବିଶେଷ୍ୟ, ବିଶେଷଣ ଓ ବାକ୍ୟାର୍ଥ ପାଇଁ ବସେ ।

'ହରି ବଡ଼ କଳିହା, ରାମ ତା' ନୁହେଁ ।' ଏଠାରେ 'ତା' ସର୍ବନାମଟି 'କଳିହା'– ଏହି ବିଶେଷଣ ପାଇଁ ବସିଅଛି ।

'ତୁମେ ଗଲ, ମୁଁ ତାହା ଜାଣିପାରିଲି ନାଇ ବୋଲି କହୁଚ, ତୁମର ବାପା ତାହା ଜାଣି ପାରିଚଂତି କି ?' – ଏ ବାକ୍ୟରେ 'ତାହା' – ଏଇ ସର୍ବନାମଟି 'ତୁମେ ଗଲ' – ଏଇ ବାକ୍ୟାର୍ଥ ପାଇଁ ବ୍ୟବହୃତ ହୋଇଅଛି ।

ଯେ କହେ ତାହା ବଦଳରେ ମୁଁ, ଆଂଭେ ପ୍ରଭୃତି ଓ ଯାହାକୁ କହେ ତାହା ପରିବର୍ତ୍ତରେ ତୁ, ତୁଂଭେ ପ୍ରଭୃତି ବସେ । ମୁଁ, ଆଂଭେ ପ୍ରଭୃତିକୁ ପ୍ରଥମ ପୁରୁଷ ଓ ତୁ, ତୁଂଭେ ପ୍ରଭୃତିକୁ ଦ୍ୱିତୀୟ ପୁରୁଷର ପଦ ବୋଲି କହଂତି । ଏଇ ଦୁଇ ପୁରୁଷର ସର୍ବନାମ ବିଶେଷ୍ୟର ବ୍ୟବହାର ଦରକାର କରେ ନାଇ । ମୁଁ, ତୁଂଭେ – ବୋଧକ ପଦ ଛଡ଼ା ବାକି ସବୁ ବିଶେଷ୍ୟ ଓ ସର୍ବନାମ ତୃତୀୟ ପୁରୁଷର ପଦ ।

ଏଇ ତୃତୀୟ ପୁରୁଷର ସର୍ବନାମ କୌଣସି ପଦର ବାରଂବାର ପ୍ରୟୋଗ ନିବାରଣ ପାଇଁ ବସେ ।

ସଂସ୍କୃତ ବ୍ୟାକରଣରେ ପ୍ରଥମ ପୁରୁଷ ନ କହି **'ଉତ୍ତମ ପୁରୁଷ'**, ଦ୍ୱିତୀୟ ପୁରୁଷ ନ କହି **'ମଧ୍ୟମ ପୁରୁଷ'** ଓ ତୃତୀୟ ପୁରୁଷକୁ **'ପ୍ରଥମ ପୁରୁଷ'** କହଂତି ।

### କ୍ରିୟା :

ବାକ୍ୟରେ ଉଦ୍ଦେଶ୍ୟ ସଂବଂଧରେ ଯେଉଁ ପଦ ଦ୍ୱାରା କିଛି କୁହାଯାଏ, ବିଧେୟର ସେଇ ପ୍ରଧାନ ପଦଟି **ସମାପିକା କ୍ରିୟା** । ଏହାଛଡ଼ା କାଳାର୍ଥକ, ଯଦ୍ୟର୍ଥକ ଅସମାପିକା କ୍ରିୟା ଓ କ୍ରିୟା ବାଚକ ବିଶେଷ୍ୟ ଓ ବିଶେଷଣ କଥା ପୂର୍ବେ ବୁଝାଇ ଦିଆଯାଇଚି । କ୍ରିୟା କହିଲେ କୌଣସି କାର୍ଯ୍ୟର ନିର୍ଦ୍ଦେଶ ବୁଝାଯାଏ ।

### ଅବ୍ୟୟ :

ବାକ୍ୟର କର୍ତାଦିର ଯେକୌଣସି ପ୍ରକାର ପରିବର୍ତ୍ତନ ହେଲେ ଯେଉଁ ପଦର କୌଣସି ବ୍ୟୟ ବା ବିକୃତି ଅର୍ଥାତ୍ ବିଭକ୍ତି ଯୋଗ ବା ପରିବର୍ତ୍ତନାଦି ହୁଏ ନାଇ ସେ ସମସ୍ତେ **ଅବ୍ୟୟ** – ଏହା କୁହାଯାଇଅଛି ।

Digitized by PPRACHIN, SOA

ଓ, ଏବଂ, ଆଉ, କିଂତୁ, ପୁଣି, ବା ପ୍ରଭୃତି ସଂଯୋଜକ ପଦ; ସମସ୍ତ ଅସମାପିକା କ୍ରିୟା; ବିଶେଷଣର ଓ କ୍ରିୟାର ବିଶେଷଣ ପ୍ରଭୃତି ଏଇ ଅବ୍ୟୟ ଶ୍ରେଣୀର ଅନ୍ତର୍ଗତ ।

ଓଡ଼ିଆରେ ଅନେକ ବିଶେଷ୍ୟର ବିଶେଷଣ ମଧ୍ୟ କ୍ରମେ ଅବ୍ୟୟ ପରି ହୋଇଯାଉଅଛି । ଯଥା-

ପୁଅଟି ସୁଂଦର ।
ଝିଅଟି ସୁଂଦର ।
ପିଲାଗୁଡ଼ିକ ସୁଂଦର ।

**ଦ୍ୱୈଧ ପଦ :**

କ୍ରିୟାବାଚକ ବିଶେଷଣ, କ୍ରିୟାବାଚକ ବିଶେଷ୍ୟ ଓ ଅସମାପିକା କ୍ରିୟା ବା କ୍ରିୟାବାଚକ ଅବ୍ୟୟ - ଏ ତିନି ପ୍ରକାର ପଦ କ୍ରିୟାବାଚକ ଥିବାରୁ ଏମାନଂକର କ୍ରିୟା ପରି ବିଶେଷକ ନେବାର ଶକ୍ତି ଅଛି । ପୁଣି ଏମାନେ ଯଥାକ୍ରମେ ନିଜେ ବିଶେଷଣ, ବିଶେଷ୍ୟ ଓ ଅବ୍ୟୟ ପରି ମଧ୍ୟ କାର୍ଯ କରଂତି ।

ଆଉରି କ୍ରିୟାବାଚକ ଅବ୍ୟୟମାନେ ମଧ୍ୟ କର୍ତା ଓ କ୍ରିୟା ଦୁହିଂକି ବୁଝାଇ ଦୁହିଂକର ବିଶେଷକ ପରି ହୁଅଂତି ।

**କ୍ରିୟାବାଚକ ବିଶେଷଣ :**

'ମଠରୁ ଭାତ ଖାଇବା ଲୋକ ଗୃଉଳର ଦର କିଆଁ ଜାଣିବ ।' - ଏଠାରେ 'ମଠ' ଓ 'ଭାତ' ଏ ଦୁଇଟି 'ଖାଇବା' କ୍ରିୟାର କାରକ ବିଶେଷକ ଓ ଖାଇବା ପଦଟି ନିଜେ ଲୋକର ବିଶେଷଣ । ଏଇପରି କ୍ରିୟାବାଚକ ବିଶେଷଣମାନେ କର୍ତା କର୍ମ ପ୍ରଭୃତି ସବୁ ପ୍ରକାର କାରକ ଓ କ୍ରିୟାର ଅନ୍ୟ ବିଶେଷକ ଗ୍ରହଣ କରି ପାରଂତି । ଯଥା-

ସେ କହିବା କଥା ମୁଁ ଶୁଣିଚି । (କର୍ତା)
ତାଂକ କହିବା କଥାରେ ଦୋଷ ନାଇ । (କର୍ମ)
ଯଂତ୍ରରେ ଗାଇବା ଗୀତ ଶୁଣିବାକୁ ମଧୁର । (କରଣ)
ତାଠାରୁ ଶୁଣିବା କଥା ସତ ହୋଇପାରେ । (ଅପାଦାନ)
ରାତ୍ରିରେ ଶୁଣିବା କଥା ଦିନରେ ନାଇ । (ଅଧିକରଣ)
ଶୀଘ୍ର ଶୁଣିବା କଥା ମନେ ରହେ ନାଇ । (କ୍ରିୟାବିଶେଷଣ)

Digitized by PPRACHIN, SOA

ତରତର ହୋଇ ଶୁଣିବା କଥା ମନେ ରହେ ନାଇ । (କ୍ରିୟାବାଚକ ଅବ୍ୟୟ)

ଏଇପରି କ୍ରିୟାବାଚକ ବିଶେଷଣ ସବୁ କ୍ରିୟା ଓ ବିଶେଷଣର କାର୍ଯ ଏକ ସଂଗେ ସଂପାଦନ କରଂତି ।

**କ୍ରିୟାବାଚକ ବିଶେଷ୍ୟ :**

'ମଠରୁ ଭାତ ଖାଇବା କାମକା ଲୋକର କାମ ନୁହେଁ ।' - ଏଠାରେ ସେଇପରି 'ଖାଇବା' - ଏଇ କ୍ରିୟାବାଚକ ବିଶେଷ୍ୟ ପଦଟି କ୍ରିୟା ଓ ବିଶେଷ୍ୟ - ଉଭୟର କର୍ମ କରୁଅଛି । କ୍ରିୟାବାଚକ ବିଶେଷ୍ୟ ସାଧାରଣ ବିଶେଷ୍ୟ ପରି ସବୁ ବିଭକ୍ତି ଓ ବିଶେଷଣ ଗ୍ରହଣ କରିପାରେ । ଯଥା-

ପଢ଼ିବା ଭଲ ।
ସେ ପଢ଼ିବାକୁ ସୁଖ ପାଏ ।
ପଢ଼ିବାରେ ଲୋକର ଉନ୍ନତି ହୁଏ ।
ପଢ଼ିବାରେ ଲାଭ ଅଛି ।
ଭଲ ପଢ଼ିବା ଉଚିତ । ଇତ୍ୟାଦି

ପୁଣି କ୍ରିୟାବାଚକ ବିଶେଷଣ ପରି କ୍ରିୟାବାଚକ ବିଶେଷ୍ୟ ସବୁପ୍ରକାର କ୍ରିୟାର ବିଶେଷକ ମଧ୍ୟ ଗ୍ରହଣ କରିପାରେ । ଯଥା-

ସେ କହିବା ମୁଁ ଶୁଣିଚି ।
ତାକୁ କହିବାରେ ଦୋଷ ନାଇ ।
ଯଂତ୍ରରେ ଗାଇବା ସହଜ ।
ତା'ଠାରୁ ଶୁଣିବା ଠିକ୍ ନୁହେ ।
ରାତିରେ ଶୁଣିବା ଠିକ୍ ହେଲା ।
ଶୀଘ୍ର ଶୁଣିବା ସମସ୍ତେ ପାରଂତି ନାଇ ।
ତରତର ହୋଇ ଶୁଣିବା ଉଚିତ ନୁହେ । ଇତ୍ୟାଦି

**ଅସମାପିକା କ୍ରିୟା :**

(୧) ମୁଁ ଗଲେ ଖାଇବି ।
ମୁଁ ଖାଇ ଆସିଚି ।
ସେ ନଗଲେ ମୁଁ ଯିବି ।
ସେ ଯାଉଁ ଯାଉଁ କହିଲା ।

Digitized by PPRACHIN, SOA

- ଏ ସମସ୍ତ ବାକ୍ୟରେ ଅସମାପିକା କ୍ରିୟାଗୁଡ଼ିକ କ୍ରିୟା ବା ବାକ୍ୟାର୍ଥର ବିଶେଷକ ହେବା ସଂଗେ ସଂଗେ ନିଜେ କ୍ରିୟା ପରି କର୍ତା ଗ୍ରହଣ କରି ଅଛଂତି । କର୍ତା ଛଡ଼ା ସେଇପରି ଅନ୍ୟ କାରକ ମଧ୍ୟ ଏମାନେ ଗ୍ରହଣ କରଂତି । ଯଥା-

ସେ ଘରକୁ ଆସି କହିଲା ।
ମୁଁ ଘରକୁ ଗଲେ ସେ ଆସିବ ।
ମୁଁ ବାଟରେ ଯାଉଁ ଯାଉଁ ସେ ପଡ଼ିଗଲା । ଇତ୍ୟାଦି

(୨) ଯେଉଁଠାରେ ବାକ୍ୟରେ ଅସମାପିକା ଓ ସମାପିକା କ୍ରିୟାର କର୍ତା ଏକ ହୁଏ, ସେଠାରେ ଅସମାପିକା କ୍ରିୟାକୁ ଘେନି ଯେଉଁ ବାକ୍ୟାଂଶ ଥାଏ, ତାହା ବାକ୍ୟର ସମାପିକା କ୍ରିୟାକୁ ବିଶେଷିତ କରେ ବୋଲି ସୁବିଧା ପାଇଁ କୁହାଯାଇଅଛି । ମାତ୍ର ତାହାର କର୍ତାର ବିଶେଷକ ବୋଲି ବି ଧରାଯାଇପାରେ ।

**'ସେ ଥକ୍କା ହୋଇ ବସିପଡ଼ିଲା ।'** ଏଠାରେ 'ଥକ୍କା ହୋଇ' ବାକ୍ୟାଂଶ 'ବସି ପଡ଼ିଲା' କ୍ରିୟାକୁ ବୁଝାଉଅଛି । ମାତ୍ର 'ସେ' ଏଇ କର୍ତାକୁ ଏହା ମଧ୍ୟ ବିଶେଷିତ କରୁଅଛି । ଅତଏବ ଏହାକୁ କର୍ତାର ବା କ୍ରିୟାର ବିଶେଷକ କୁହାଯାଇପାରେ । ବସ୍ତୁତଃ ଏହା ବାକ୍ୟାର୍ଥର ବିଶେଷକ । ଯେଉଁଠାରେ ଅସମାପିକା କ୍ରିୟାର କର୍ତା ବାକ୍ୟର ସମାପିକା କ୍ରିୟାର କର୍ତା ସଂଗେ ଏକ ନୁହେ, ସେଠାରେ ଅସମାପିକା କ୍ରିୟାର ଏଇ ବାକ୍ୟାର୍ଥକୁ ବିଶେଷ କରିବା ପ୍ରକୃତି ସ୍ପଷ୍ଟ ଜଣାପଡ଼େ ।

### ବାକ୍ୟର ଛେଦାଦି ଚିହ୍ନ :

ଏବେ ଇଂରେଜି ଭାଷାର ଅନୁକରଣରେ ବାକ୍ୟରେ ଛେଦ ପ୍ରଭୃତି ବୁଝାଇବା ପାଇଁ କେତେକ ଚିହ୍ନ ବ୍ୟବହାର କରାଯାଏ । ସେଗୁଡ଼ିକ ଏଇ-

ପୂର୍ଣଛେଦ (।), ପ୍ରଥମ ଛେଦ ବା କମ୍ମା (,), ଦ୍ୱିତୀୟ ଛେଦ ବା ସେମିକୋଲନ (;), ପ୍ରଶ୍ନ ଚିହ୍ନ (?), ବିସ୍ମୟସୂଚକ ଚିହ୍ନ (!), ଉଦ୍ଧାର ଚିହ୍ନ (" "), ସମାସ ଚିହ୍ନ ବା ହାଇଫେନ୍ (-) । ଏହାଛଡ଼ା ତୃତୀୟ ଛେଦ ବା କୋଲନ (:) କିଂବା କୋଲନ ଓ ତା'ପରେ ରେଖା (:-) ବ୍ୟବହାର କରି ଉଦାହରଣ ଦେଇ ବୁଝାଇ ଦିଆଯାଏ; ପୁଣି ବାକ୍ୟରେ ଭାବର ସମାପ୍ତି ଆସିଗଲେ ତା'ପରେ ଗୋଟିଏ ଗାର ଦେଇ ସେଇ ସଂବଂଧୀୟ କଥାକୁ ପୁଣି ଟିକିଏ ବିଶେଷିତ କରି କୁହାଯାଇଥାଏ ।

**(୧) ପୂର୍ଣଛେଦ (।)** - ଏହା ବାକ୍ୟରେ ଭାବର ସମାପ୍ତି ବୁଝାଏ । ଯଥା-

'କେତେକ ଗଛରେ ଫୁଲ ଫୁଟେ ।'

Digitized by PPRACHIN, SOA

**(୨) ପ୍ରଥମ ଚ୍ଛେଦ ବା କମ୍ମା (,)**

(କ) ଏକାପରି ପଦମାନ ବାକ୍ୟ ମଧ୍ୟରେ ବ୍ୟବହୃତ ହେଲେ ଏଇ ଚ୍ଛେଦ ଦିଆଯାଏ । ଯଥା–

'ବଗିଚ୍ଚାରେ କଳା, ରଙ୍ଗ, ହଳଦିଆ, ବାଇଗଣୀ – ଏଇ ସବୁ ପ୍ରକାର ଫୁଲ ଫୁଟିଥାଏ ।'

(ଖ) ଯୌଗିକ ବାକ୍ୟରେ 'ଓ', 'କିଂତୁ' ପ୍ରଭୃତି କମ୍ମାପରେ ବ୍ୟବହାର କରାଯାଏ । ଯଥା–

'ମୁଁ ସେଠାକୁ ଯିବି, ଓ ତା' ସଂଗେ ଦେଖା କରି ଆସିବି ।' 'ମୁଁ ଗଲି, ପୁଣି ସେ ଆସିଲା ।' 'ସେ କହିଲେ, ମୁଁ ଯିବି, ଆଉ ତୁମେ କହିଲେ, ରାମ ଯିବ ।' ଇତ୍ୟାଦି ।

(ଗ) ଜଟିଳ ବାକ୍ୟର ଅଂଶମାନଂକୁ କମ୍ମା (,) ପରସ୍ପରଠାରୁ ପୃଥକ କରେ । ଯଥା–

'ସେ ଆସିବ, ମୁଁ ଜାଣିଥିଲି ।' 'ରାମ ଆସିଚି ବୋଲି କହିଲେ, ତାହାର ବିଶ୍ୱାସ ହେବନାଇ ।' ଇତ୍ୟାଦି ।

(ଘ) କାହାକୁ ଡାକିଲେ ଯେଉଁ ସମ୍ବୋଧନ ପଦ ହୁଏ, ତାହାପରେ କମ୍ମା (,) ଦିଆଯାଏ । ଯଥା–

'ପଂଡିତେ, ମୋ କଥା ଶୁଣ ।'

(ଙ) କର୍ତ୍ତା କ୍ରିୟା ମଧ୍ୟରେ ଦୂରାନ୍ୱୟ ଦୋଷ ହେଲେ କର୍ତ୍ତା ପାଖେ ଗୋଟିଏ କମ୍ମା ଦିଆଯାଏ । ଯଥା–

'ରାମବାବୁ, ଯେ ବହୁତଦିନ ଧରି ବେମାର ଥିଲେ ଆଜି ମରିଗଲେ ।

**(୩) ଦ୍ୱିତୀୟ ଚ୍ଛେଦ ବା ସେମିକୋଲନ (;)**

ଜଟିଳ ବାକ୍ୟରେ ଖଂଡ ବାକ୍ୟମାନ ସ୍ୱତଂତ୍ର ଭାବ ପ୍ରକାଶ କଲାପରି ବ୍ୟବହୃତ ହେଲେ ସେମାନଂକ ଭିତରେ ଏଇ ସେମିକୋଲନ (;) ରହେ ।

**(୪) ତୃତୀୟ ଚ୍ଛେଦ ବା କୋଲନ (:) ବା ଖାଲି ଗାର (–)**

'ଯଥା' ପରେ ଏଇ କୋଲନ ଓ ତା'ପରେ ଗାର ଦେଇ ଉଦାହରଣମାନ କୁହାଯାଏ । ଖାଲିଗାର ଦେଇ ମଧ୍ୟ ବେଳେବେଳେ ପୂର୍ବ ବର୍ଣିତ ବିଷୟ ବୁଝାଇ ଦିଆଯାଇଥାଏ ।

Digitized by PPRACHIN, SOA

ପଂଚ ପରମେଶ୍ୱର, ଯଥା:- ସାଧୁ, ଆଚାର୍ଯ୍ୟ, ଉପାଧ୍ୟାୟ, ଅର୍ହତ ଓ ସିଦ୍ଧ ।
ସେ ମତେ ବହୁତ କହିଲେ – ବୁଝାଇକରି ମଧ୍ୟ କହିଲେ ।

(୫) ପ୍ରଶ୍ନ ଚିହ୍ନ (?)

କୌଣସି ବାକ୍ୟରେ ପ୍ରଶ୍ନ କରିବା ବା ପଚାରିବା ବୁଝାଇଲେ ଏଇ ଚିହ୍ନ ଦିଆଯାଏ । ଯଥା- ତୁମେ କ'ଣ ପଢୁଚ ?
ତୁମେ କୁଆଡ଼େ ଯିବ ?
ସେଠି କେତେ ଲୋକ ଥିଲେ ?

(୬) ବିସ୍ମୟ ସୂଚକ ଚିହ୍ନ (!)

ବିସ୍ମୟ ପ୍ରକାଶ ବୁଝାଇଲେ ବା ଡାକିଲେ ଏଇ ଚିହ୍ନ ବ୍ୟବହାର କରାଯାଉଥିଲା । ଏବେ ପ୍ରାୟ କମ୍ମା (,) ବ୍ୟବହାର କରାଯାଏ । ଯଥା-

ଆଃ ! ତତେ ମୁଁ ଏହା କହୁଥିଲି ।
ଆ, ତତେ ମୁଁ ଏହା କହୁଥିଲି ।
ରେ ଆତ୍ମନ ! ନିଦ୍ରା ପରିହରି ନିରୀକ୍ଷଣ କର ।
ରେ ଆତ୍ମନ, ନିଦ୍ରା ପରିହରି ନିରୀକ୍ଷଣ କର ।

(୭) ଉଦ୍ଧୃତ ଚିହ୍ନ (" ")

ଅନ୍ୟ ଲେଖକର ବାକ୍ୟ ଉଦ୍ଧାର କଲେ କିଂବା ଠିକ୍ କୁହାଯାଉଥିବା କଥା ଭଳି କହିଲେ, କିଂବା କାହାର କଥା ଉଦ୍ଧାର କଲେ ଏଇ ଉଦ୍ଧୃତ ଚିହ୍ନ ଦିଆହୁଏ । ଯଥା-

କବି କହିଚଂତି, "କ୍ଷୁଦ୍ର ସର୍ପ ବିଷ ଅତି ବଳିଆର ।"
ହରି କହିଲା, "ମୁଁ ସେଠାକୁ ଯିବି ।"

(ଏଠାରେ ଉଦ୍ଧୃତ ବଚନ ପୂର୍ବରୁ କମ୍ମା (,) ବ୍ୟବହାର କରାଯାଏ ।

(୮) ହାଇଫେନ୍ ବା ସଂଯୋଜକ ଗାର (-)

କେତେଗୁଡ଼ିଏ ପଦ ସମାସରେ ଏକତ୍ର ମିଳିତ ହୋଇ ଏକପଦ ହେଲେ ସେମାନଂକ ପରସ୍ପର ମଧ୍ୟରେ ଏଇ ଚିହ୍ନ ଦିଆଯାଏ । ଯଥା-

"କାଳ-ଦଂତ-ଘାତ-ବୀଭତ୍ସ-ପତ୍ନ ମୋହନ କଳା
ସରସ-ଶୀତାଂଶୁ-ପରଶେ କରୁ ଜୀବଂତ ଲୀଳା ।"

Digitized by PPRACHIN, SOA

[**ଦ୍ରଷ୍ଟବ୍ୟ :** ଏ ସବୁର ବ୍ୟବହାର ଓଡ଼ିଆରେ ବଡ଼ ନୂତନ । ଇଂରାଜୀରୁ ଏହାର ଅନୁକରଣ । ତେଣୁ କ୍ରମେ ପ୍ରସାର ଲାଭ କରୁଚି ଓ ପୂର୍ଣ ହେଉଚି । ଅଦ୍ୟାପି ମଧ୍ୟ କୌଣସି ନିର୍ଦେଶ ଦେଲେ ସବୁ ଓଡ଼ିଆ ଲେଖାରେ ଏହା ଦେଖି ବୁଝିବା ସହଜ ନୁହେଁ । ଏଇ ହାଇଫେନ୍ ମଧ୍ୟ ଦୁଇଟି ପଦାଂଶର ସଂବଂଧ ଦେଖାଇଦିଏ ଓ ଦୁଇଟି ଧାଡ଼ିରେ ଗୋଟିଏ ପଦ ଥିଲେ ସେଇ ପଦଟିର ଅକ୍ଷର ସଂବଂଧ ଦେଖାଇଦିଏ ।]

**(୯) ଉଦ୍ଧୃତି ବ୍ୟଂଜକ ପଦ ବା ବାକ୍ୟାଂଶ (‘ ’)**

ଏହା ଏକ ପ୍ରକାର ଅର୍ଧ ଉଦ୍ଧୃତ ଚିହ୍ନ । କୌଣସି ବାକ୍ୟାଂଶ ବା ପଦକୁ ଏଥିରେ ଉଦ୍ଧୃତ ବା ଉଦ୍ଧୃତ ପରି ବିଶେଷିତ କରି ଚିହ୍ନାଇ ଦିଆଯାଏ । ଯେପରି– ‘ଗାଈ ଚରୁଚି’ । ‘ଧାନ ପାଚୁଚି’ । – ଏ ଗୋଟିଏ ଗୋଟିଏ ବାକ୍ୟ ।

❖❖❖

Digitized by PPRACHIN, SOA

## ଦ୍ୱିତୀୟ ଭାଗ

# ପଦ ବିଗ୍ରହ

Digitized by PPRACHIN, SOA

## ପଦ ବିଗ୍ରହ :

ପଦର ସଂଜ୍ଞା ଓ ପ୍ରକାର ଭେଦ; ବିଭକ୍ତି ଯୋଗ; ଅନ୍ୱୟରେ ପଦମାନଂଙ୍କର ରୂପ; ବିଶେଷ୍ୟର ଲିଂଗ ପରିବର୍ତ୍ତନ; ବିଶେଷ୍ୟର ବଚନ ପରିବର୍ତ୍ତନ; ବିଶେଷ୍ୟର ପୁରୁଷ ପରିବର୍ତ୍ତନ; ବିଶେଷ୍ୟର କାରକ ପରିବର୍ତ୍ତନ; କାଳଭଂଗୀ ପ୍ରକାରେ କ୍ରିୟାର ପରିବର୍ତ୍ତନ; ଦ୍ୟୋତକ କ୍ରିୟା; କ୍ରିୟାର ବଚନ ଓ ପୁରୁଷରେ ପରିବର୍ତ୍ତନ; ବିଶେଷ୍ୟର ବିଶେଷ ବିବରଣ; ବିଶେଷ ବସ୍ତୁ ବା ବ୍ୟକ୍ତିବାଚକ ବିଶେଷ୍ୟ; ସାଧାରଣ ବସ୍ତୁ ବା ଜାତିବାଚକ ବିଶେଷ୍ୟ; ଗୁଣ, ଅବସ୍ଥା, କ୍ରିୟାବାଚକ ବିଶେଷ୍ୟ; ଲିଂଗ; ବିଶେଷ; ତତ୍‌ସମ ଶବ୍ଦର ଲିଂଗ ନିର୍ଣ୍ଣୟ; ବଚନ; ବିଶେଷ ବିଧି; ନିର୍ଦ୍ଦିଷ୍ଟ ପରିମାଣ ଓ ସଂଖ୍ୟାବାଚକ 'ସବୁ'; ପୁରୁଷ; କାରକ ବିଭକ୍ତି; ସଂବୋଧନ ପଦ; କାରକ; କାରକ ବିଭକ୍ତିର ଆକାର ଓ ପ୍ରୟୋଗ; ସର୍ବନାମ; ସର୍ବନାମ ବିଶେଷଣ; ଅବ୍ୟୟ; କ୍ରିୟା; କାଳଭଂଗି; ପ୍ରଶ୍ନାର୍ଥକ କ୍ରିୟା; କ୍ରିୟାରେ ନିଷେଧ ଯୋଗ; ନିଷେଧାର୍ଥକ କ୍ରିୟାରୂପ; ସକର୍ମକ ଓ ଅକର୍ମକ କ୍ରିୟା; ସକର୍ମକ କ୍ରିୟା ଅକର୍ମକ ହୁଏ; ବହୁକର୍ମକ କ୍ରିୟା; ପ୍ରୟୋଜକ ଦ୍ୱିକର୍ମକ; ବିଧେୟ କର୍ମବତ୍ ଦ୍ୱିକର୍ମକ କ୍ରିୟା; ସକର୍ମକ ବାକ୍ୟରେ କ୍ରିୟାବାଚକ କର୍ମ; ସାହାଯ୍ୟକାରୀ କ୍ରିୟା; ସାହାଯ୍ୟକାରୀ କ୍ରିୟାମାନଂଙ୍କ ତାଲିକା; କ୍ରିୟାର ବାଚ୍ୟ; ବହୁକର୍ମକ କ୍ରିୟାର ବାଚ୍ୟାଂତର; କର୍ମ ଓ ଭାବବାଚ୍ୟାର୍ଥକ ପ୍ରୟୋଗ; ନାମଧାତୁ; କ୍ରିୟାବାଚକ ପଦ; କ୍ରିୟାର ବିଶେଷ ବିଶେଷ ଅର୍ଥ ।

Digitized by PPRACHIN, SOA

# ପଦ ବିଗ୍ରହ

**ପଦର ସଂଜ୍ଞା ଓ ପ୍ରକାର ଭେଦ :**

ଶବ୍ଦ ସବୁ ବାକ୍ୟରେ ରହିଲେ ସେମାନଂକୁ 'ପଦ' କହନ୍ତି । ବାକ୍ୟରେ ରହିଲେ ଶବ୍ଦମାନଂକର ପରସ୍ପର ସହ ସଂପର୍କ ରହେ । ସେତେବେଳେ ସେମାନେ ଗୋଟିଏ ଗୋଟିଏ ପଦ ହୁଅନ୍ତି । ଗୋଟିଏ ପ୍ରକାର ଶବ୍ଦ ଭିନ୍ନ ଭିନ୍ନ ବାକ୍ୟରେ ଭିନ୍ନ ଭିନ୍ନ ପଦ ରୂପେ ବ୍ୟବହୃତ ହୋଇପାରେ । ଯଥା-

ତମକୁ ଗୋଟିଏ କଥା **କହିବା**;
ଏ **କହିବା** କଥା ନୁହେଁ;
କରିବାଠାରୁ **କହିବା** ସହଜ; - ଏ ତିନିଗୋଟି ବାକ୍ୟରେ 'କହିବା' ଶବ୍ଦ ଲାଗିଅଛି । କିନ୍ତୁ ତିନିବାକ୍ୟରେ ଏହା ତିନି ପ୍ରକାର ପଦ । ପ୍ରଥମ ବାକ୍ୟରେ ଏହା କ୍ରିୟା, ଦ୍ୱିତୀୟ ବାକ୍ୟରେ ଏହା ବିଶେଷଣ ଓ ତୃତୀୟ ବାକ୍ୟରେ ଏହା ବିଶେଷ୍ୟ ।

ଏହିପରି ବାକ୍ୟ ଭିତରେ ଯେତେପ୍ରକାର ପଦ ପଶିପାରେ ସେମାନଙ୍କୁ ମୋଟାମୋଟି ପାଂଚ ଭାଗରେ ବିଭକ୍ତ କରାଯାଏ । ଯଥା- ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ ଓ କ୍ରିୟା ।

**ବିଶେଷ୍ୟ** - ଯେଉଁ ପଦ କୌଣସି ବସ୍ତୁ, ବ୍ୟକ୍ତି, ଜାତି, କ୍ରିୟା କିମ୍ବା ଗୁଣର ନାମ ବୁଝାଏ ସେ **ବିଶେଷ୍ୟ** । ଯଥା- **ଅଯୋଧ୍ୟା, ରାମ, ଗୋର, ଗତି** ଓ **ଗୁରୁତା** ।

**ବିଶେଷଣ** - ବିଶେଷ୍ୟର ଗୁଣ ଓ ଅବସ୍ଥା ପ୍ରଭୃତି ବୋଧକ ପଦ ହେଉଛି **ବିଶେଷଣ** । ଯଥା- **ନୀଳ ଆକାଶ; ଶୁକ୍ଳବସ୍ତ୍ର; ସୁପ୍ତ ଶିଶୁ;** ଏହି ବାକ୍ୟାଂଶ ଗୁଡ଼ିକରେ ଆକାଶ, ବସ୍ତ୍ର ଓ ଶିଶୁ ବିଶେଷ୍ୟପଦ ଏବଂ ନୀଳ, ଶୁକ୍ଳ ଓ ସୁପ୍ତ ବିଶେଷଣ ପଦ । 'ନୀଳ', 'ଶୁକ୍ଳ' ଯଥାକ୍ରମେ ଆକାଶ ଓ ବସ୍ତ୍ରର ଗୁଣ ଏବଂ 'ସୁପ୍ତ' ଶିଶୁର ଅବସ୍ଥା ପ୍ରକାଶ କରୁଅଛି । ତେଣୁ ଏଇ ନୀଳ, ଶୁକ୍ଳ ଓ ସୁପ୍ତ ପଦଗୁଡ଼ିକ **ବିଶେଷଣ ପଦ** । ବିଶେଷ୍ୟ ସାଧାରଣ ଭାବରେ ନାମକୁ ବୁଝାଏ ଏବଂ ବିଶେଷଣ ସେଇ ନାମକୁ ନିର୍ଦ୍ଦିଷ୍ଟ ଓ ବିଶେଷିତ କରେ ।

**ସର୍ବନାମ** - ବିଶେଷ୍ୟର ପୁନରୁକ୍ତି ନିବାରଣାର୍ଥ ଯେଉଁ ଶବ୍ଦ ବ୍ୟବହୃତ ହୁଏ, ସେ ସର୍ବନାମ । ଯଥା- "**ରାମ ଅଯୋଧ୍ୟାର ରାଜା । ସେ ରାବଣକ**

Digitized by PPRACHIN, SOA

**ମାରିଥିଲେ ।**"-ଏଠାରେ ପ୍ରଥମ ବାକ୍ୟରେ 'ରାମ' ବିଶେଷ୍ୟ । ଦ୍ୱିତୀୟ ବାକ୍ୟରେ 'ରାମ' ପଦର ପୁନରୁକ୍ତି ନିବାରଣ ଅର୍ଥରେ ତାହା ସ୍ଥାନରେ 'ସେ' ପଦ ବ୍ୟବହୃତ ହେଲା । ଅତଏବ **'ସେ' ସର୍ବନାମ ପଦ ।**

**ଅବ୍ୟୟ** - ଯେଉଁ ପଦ ସକଳ ଲିଂଗ, ବଚନ, ପୁରୁଷ ଓ କାରକରେ ଏକ ରୂପ ସେ **ଅବ୍ୟୟ** । ଯଥା- ଚିର, ବରଂ, ଯଦି ଇତ୍ୟାଦି ।

**କ୍ରିୟା** - ବ୍ୟକ୍ତି ବା ବସ୍ତୁ ପ୍ରଭୃତିର ଗତି, ସ୍ଥିତି ପ୍ରଭୃତି କ୍ରିୟାକୁ **କ୍ରିୟାପଦ** କୁହାଯାଏ । ଯଥା- **ରାମ ଶୋଇଅଛି । ମେଘ ବର୍ଷୁଅଛି** । - ଏ ଦୁଇ ବାକ୍ୟରେ 'ଶୋଇଅଛି' ରାମର ଶୋଇବା କ୍ରିୟା ଏବଂ 'ବର୍ଷୁଅଛି' ମେଘର ବର୍ଷଣ କ୍ରିୟା ପ୍ରକାଶ କରୁଅଛି । ଅତଏବ 'ବର୍ଷୁଅଛି' ଓ 'ଶୋଇଅଛି' ଦୁଇଟି କ୍ରିୟାପଦ । କ୍ରିୟା କହିଲେ କୌଣସି କର୍ମର ନିର୍ଦ୍ଦେଶକୁ ବୁଝାଏ । ଏହା ବାକ୍ୟର ପ୍ରଧାନ ଉପାଦାନ ।

**ବିଭକ୍ତି ଯୋଗ :**

ଅନେକ ସ୍ଥଳରେ ପଦ ହେଲେ ଶବ୍ଦମାନଂକର ରୂପ ବଦଳିଯାଏ । ଏଇ ରୂପ ବଦଳିବାର ସାଧାରଣତଃ ଦୁଇଗୋଟି ପ୍ରକାର ଅଛି । ସେ ଦୁଇଟିକୁ ଦୁଇପ୍ରକାର ବିଭକ୍ତି ଯୋଗ ବୋଲି ସଂସ୍କୃତରେ କହଂତି । ଓଡ଼ିଆରେ ମଧ୍ୟ ସେଇ ଅନୁକ୍ରମେ କୁହାଯାଏ । ବିଭକ୍ତି ଅର୍ଥ ଯେ ଭଂଗୀ ଚିହ୍ନାଇ ଦିଏ । ଏଇ ଦୁଇ ପ୍ରକାର ବିଭକ୍ତି ହେଉଚି- (୧) କାରକ ବିଭକ୍ତି, (୨) କ୍ରିୟା ବିଭକ୍ତି ।

**(୧) କାରକ ବିଭକ୍ତି**

'ଖଟରେ ଶୋଇଲେ ।'

'ଗଛରୁ ପଡ଼ିଲା ।' - ଏଠାରେ 'ଖଟରେ' ଓ 'ଗଛରୁ' - ଏ ଦୁଇଟି ପଦ କ୍ରିୟାକୁ ବିଶେଷିତ କରୁଛି । ଏ ଦୁଇଟି ଯାକ କାରକ । 'ଖଟ' ଓ 'ଗଛ' ଶବ୍ଦରେ 'ରେ' ଓ 'ରୁ' ବିଭକ୍ତି ଲାଗି ଏଠାରେ ଶବ୍ଦକୁ କାରକ ବୋଲି ଚିହ୍ନାଇ ଦେଉଚି । ଏଇପରି ନାନା କାରକକୁ ଶବ୍ଦରେ ନାନା ଚିହ୍ନ ଦେଇ ଚିହ୍ନାଇ ଦିଆଯାଏ ।

**(୨) କ୍ରିୟା ବିଭକ୍ତି**

'ସେ କରିବ ।'

'ମୁଁ ଠେଲିଲି ।' - ଏଠାରେ 'କର୍' ଓ 'ଠେଲ୍' ଶବ୍ଦରେ 'ଇବ' ଏବଂ 'ଇଲି' କ୍ରିୟା ବିଭକ୍ତିମାନ ଲଗାଇ ଏମାନଙ୍କୁ ପଦ କରାଯାଇଛି । 'କର୍' ଏବଂ 'ଠେଲ୍' ପ୍ରଭୃତି ଶବ୍ଦକୁ 'ଶବ୍ଦମୂଳ' ବା 'ଧାତୁ' କହଂତି ।

Digitized by PPRACHIN, SOA

## ବିଭକ୍ତି ଚିହ୍ନ ନଥିବା ପଦ :

(୧) ଓଡ଼ିଆରେ ସାଧାରଣତଃ କର୍ତ୍ତା ଓ ଏକ ପ୍ରକାର କର୍ମ, ଅର୍ଥାତ୍ ମୁଖ୍ୟ କର୍ମ (ନିମିତ୍ତ ବା ନିର୍ଦ୍ଦେଶ ସୂଚକ 'କୁ' ବିଭକ୍ତି ନ ଲାଗିଥିବା କର୍ମ, ଯଥା- ଭାତ ଖାଇଲା) ବିଭକ୍ତି ଗ୍ରହଣ କରଂତି ନାଇ । ଯଥା- 'ରାମ ପୁରୀ ଗଲା ।' - ଏଠାରେ 'ରାମ' କର୍ତ୍ତା ଓ 'ପୁରୀ' ମୁଖ୍ୟ କର୍ମ । କିଂତୁ ନିର୍ଦ୍ଦେଶ କରି କହିଲେ କୁହାଯିବ, ସେ ପୁରୀକୁ ଗଲା । ପୁଣି କର୍ତ୍ତାରେ ବେଳେବେଳେ ବହୁବଚନରେ ବିଭକ୍ତି ଲାଗେ । ଯଥା-

ଲୋକେ (ଲୋକ+ଏ) କହଂତି ।
ମୂର୍ଖେ (ମୂର୍ଖ+ଏ) ଶୁଣଂତି ନାଇ । ଇତ୍ୟାଦି

(୨) ଏହାଛଡ଼ା ଅବ୍ୟୟ ପଦରେ ବିଭକ୍ତି ଲାଗେ ନାଇ । ଯଥା-

'କହିଲ, ପୁଣି ନାଇ କରୁଚ ?'
'ହଉ ଯାଉଚି, ଆଉ ଆସିବି ନାଇ ।' - ଏଠାରେ 'ପୁଣି' ଓ 'ଆଉ' ଅବ୍ୟୟ ପଦ । 'ଅବ୍ୟୟ' କଥାଟିର ସଂସ୍କୃତରେ ଅର୍ଥ ହେଉଚି ଯାହାର ବ୍ୟୟ ବା ପରିବର୍ତ୍ତନ ନାଇ । ସଂସ୍କୃତରେ ମଧ୍ୟ ଅବ୍ୟୟରେ ବିଭକ୍ତି ଲାଗେ ନାଇ ।

**ଅବ୍ୟୟରେ** ବିଭକ୍ତି ଲାଗେ ନାଇ ସତ; କିଂତୁ ବାକ୍ୟରେ ପଦମାନଂକ ସଂଗେ ତା'ର ସଂବଂଧ ବା ଅନ୍ୱୟ ଥିବାରୁ ସେ **ଗୋଟିଏ ପଦ** ।

## ଅନ୍ୱୟରେ ପଦମାନଙ୍କର ରୂପ :

ବାକ୍ୟ ମଧ୍ୟରେ ପଦମାନଙ୍କର ଯେ ପରସ୍ପର ସଂବଂଧ ଥାଏ, ତାହାକୁ ଅନ୍ୱୟ କହଂତି । ଏହି ସଂବଂଧ ବା ଅନ୍ୱୟ ହେତୁରୁ ଭିନ୍ନ ଭିନ୍ନ ସଂବଂଧ ଘେନି (ଅବ୍ୟୟ ଛଡ଼ା) ପଦମାନଂକର ପରିବର୍ତ୍ତନ ହୁଏ । ଏକଥା ପୂର୍ବରୁ ସୂଚିତ ହୋଇଅଛି । ଏଇ ପଦମାନେ ହେଉଚଂତି- ବିଶେଷ୍ୟ, ବିଶେଷଣ, ସର୍ବନାମ ଓ କ୍ରିୟା ।

(୧) ଲିଂଗ, ବଚନ, ପୁରୁଷ, କାରକ ଭେଦରେ ବିଶେଷ୍ୟର ପରିବର୍ତ୍ତନ ହୁଏ ।

(୨) କାଳ ଓ କର୍ତ୍ତାର ବଚନ, ପୁରୁଷ ଭେଦରେ କ୍ରିୟାର ପରିବର୍ତ୍ତନ ହୁଏ ।

(୩) ବିଶେଷ୍ୟର ଲିଂଗ ଅନୁସାରେ ଗୁଣବାଚକ ବିଶେଷଣର ବେଳେବେଳେ ପରିବର୍ତ୍ତନ ହୁଏ ।

Digitized by PPRACHIN, SOA

**୧-(କ) ବିଶେଷ୍ୟର ଲିଂଗ ପରିବର୍ତ୍ତନ**

ଅବଶ୍ୟ ଲିଂଗ ଭେଦ ସଂଗେ ବାକ୍ୟର ଅନ୍ୱୟ ବିଗ୍ରହ ବେଳେ କିଛି ଭେଦ ପ୍ରକାଶ ପାଏ ନାଇ । -

**ଘୋଡ଼ା ଘାସ ଖାଇଲା । ଘୋଡ଼ୀ ଘାସ ଖାଇଲା ।** ଏ ଦୁଇଟି ବାକ୍ୟରେ ଘୋଡ଼ା ଘୋଡ଼ୀ ଭିତରେ ଲିଂଗ ଭେଦ ଅଛି ସତ, ମାତ୍ର ତା' ଘେନି ପଦ ବିଗ୍ରହରେ କୌଣସି ଇତର ବିଶେଷ ନାଇ । ଏହା ଗୋଟିଏ ଶବ୍ଦଗତ ଭେଦ ମାତ୍ର । ଏଇପରି ଲିଂଗ ଭେଦରେ ଯେଉଁ ରୂପ ପରିବର୍ତ୍ତନ ତାହା ଶବ୍ଦ ବିଗ୍ରହ ବେଳେ ଭଲରେ ଆଲୋଚନା କରାଯିବ । ମାତ୍ର ସଂକ୍ଷେପରେ ଏଠାରେ କିଛି କହିଦେବା ଦରକାର ।

ପୁରୁଷ ବୁଝାଇଲେ ପୁଲିଂଗ, ସ୍ତ୍ରୀ ବୁଝାଇଲେ ସ୍ତ୍ରୀଲିଂଗ, ଆଉ ପୁରୁଷ-ସ୍ତ୍ରୀ କିଛି ନ ବୁଝାଇଲେ କ୍ଲୀବଲିଂଗ । ଓଡ଼ିଆରେ କେବଳ ମନୁଷ୍ୟ, ଦେବତା, ଆଉ କେତେକ ଜୀବଜଂତୁଂକୁ ଛାଡ଼ିଦେଲେ ଅନ୍ୟତ୍ର ପୁଲିଂଗ, ସ୍ତ୍ରୀଲିଂଗ-ଭେଦ ଦେଖାଯାଏ ନାଇ । ସର୍ବନାମ ପ୍ରୟୋଗ କଲାବେଳେ ପୁଲିଂଗ, ସ୍ତ୍ରୀଲିଂଗ ଭେଦ ମାତ୍ର ଦେଖାଯାଏ । ଆଦରାର୍ଥ ବା ସମ୍ମାନରେ ପ୍ରୟୋଗ ଓ ଅନାଦରାର୍ଥ ବା ଅସମ୍ମାନରେ ପ୍ରୟୋଗ ବୋଲି ମଧ୍ୟ ବୁଝାଯାଇପାରେ । ପୁଣି ସର୍ବନାମ ବିଗ୍ରହରେ ଦେଖାଯିବ, ସମ୍ମାନାର୍ଥରେ ସବୁବେଳେ ବହୁ ବଚନର ରୂପ ହୁଏ । ଅସମ୍ମାନାର୍ଥରେ ତା' ହୁଏ ନାଇ । ଯଥା- 'ତାଂକ ଘର; ତା' ଘର ।' 'ସେ ବା ତାଂକେ ଗଲେ, ସେ ଗଲା ।'

ଅନ୍ୟତ୍ର ଓଡ଼ିଆରେ ପୁଲିଂଗ, କ୍ଲୀବଲିଂଗର ଭେଦ ନାଇ । କଳା, କାଳୀ ପ୍ରଭୃତି ପରି ଗୁଣବାଚକ ବିଶେଷଣର ବେଳେବେଳେ ବିଶେଷ୍ୟ ପରି ଭେଦ ପ୍ରକାଶ ପାଏ । ପୁଣି ଆଦର ପ୍ରଭୃତି ପ୍ରକାଶ ପାଇଲେ ସ୍ତ୍ରୀଲିଂଗ ହୁଏ । ଯଥା- 'କାଳୋଇ ଆଂବ ।' ଅପରନ୍ତୁ 'କଖାରୁଆ ଆଂବ', 'ଢିଂକିଆ ଲାଉ ।' 'କଖାରୋଇ' ବା 'ଢିଂକେଇ' ହୁଏ ନାଇ । ପୁରୁଷ ଓ ସ୍ତ୍ରୀ ଉଭୟକୁ ବୁଝାଉଥିବା ବ୍ୟବହାର ବିଶେଷ୍ୟରେ ଖୁବ୍ ହୁଏ । ଯଥା- **'ଏ ସହରରେ କେତେ ଲୋକ ଅଛନ୍ତି ?'** - ଏଠାରେ 'ଲୋକ'ଟି ସ୍ତ୍ରୀ, ପୁରୁଷ ଉଭୟ ଲିଂଗରେ ବ୍ୟବହୃତ ହୋଇଚି । ସେଇପରି - **'ପିଲାଏ ଗୋଳମାଳ କଲେ ।' 'ଏ ପଡ଼ିଆରେ ଘୋଡ଼ା ଚରଂତି ।'** ଇତ୍ୟାଦି ।

ପୁଲିଂଗ ଶବ୍ଦରୁ ନାନାପ୍ରକାର ସ୍ତ୍ରୀଲିଂଗ ଶବ୍ଦ ତିଆରି ହୁଏ । ଏହା ଶବ୍ଦଗତ କଥା - ପଦଗତ ନୁହେ । ଲିଂଗ ଭେଦରେ ବାକ୍ୟର ଅନ୍ୟାନ୍ୟ କ୍ରିୟାଦି ପଦମାନଂକର ପରିବର୍ତ୍ତନ ହୁଏ ନାଇ । ଏ ସବୁକଥା ଶବ୍ଦ ବିଗ୍ରହରେ ବୁଝାଇ ଦିଆଯିବ ।

**(ଖ) ବିଶେଷ୍ୟର ବଚନ ପରିବର୍ତ୍ତନ** - ଗୋଟିଏ ବସ୍ତୁ ବୁଝାଇଲେ ଏକବଚନ, ତହିଁରୁ ଅଧିକ ବସ୍ତୁ ବୁଝାଇଲେ ବହୁବଚନ ହୁଏ । ଯଥା- **'ଲୋକ କହେ ।',**

Digitized by PPRACHIN, SOA

**'ଲୋକେ କହଂତି'** । ଏଇ ଉଦାହରଣରେ 'ଲୋକ' ପଦଟି ଏକ ବଚନରେ ଓ 'ଲୋକେ' ବହୁବଚନରେ ପ୍ରୟୋଗ ହୋଇଚି । ଏଠାରେ ବୁଝି ରଖିବାର ଅଛି - ଓଡ଼ିଆରେ ମାନ୍ୟାର୍ଥରେ ବା କିଂଚିତ୍ ମାନ ବା ସମ୍ମାନ ସୂଚନା କରି କହିଲେ ସର୍ବଦା ବହୁବଚନର କ୍ରିୟା ନିଏ । ଯଥା- **ସେ କହିଲେ । ସେମାନେ କହିଲେ । ପଂଡିତେ କହିଲେ ।** ଇତ୍ୟାଦି ।

**(ଗ) ବିଶେଷ୍ୟର ପୁରୁଷ ପରିବର୍ତ୍ତନ** - ବିଶେଷ୍ୟ ସଂଗେ ସର୍ବଦା ସର୍ବନାମ ବୁଝିବାକୁ ହେବ । **ମୁଁ କହୁଚି; ତୁମେ କହୁଚ; ସେ କହିଲା; ସେ କହୁଚଂତି; ରାମ କହିଲା; ରାମ କହୁଚଂତି ।** - ଏଠାରେ ପୁରୁଷ ଭେଦରେ ପଦମାନଙ୍କର ପରିବର୍ତ୍ତନ ହୋଇଅଛି । ପ୍ରଥମ ଉଦାହରଣଟି ପ୍ରଥମ ପୁରୁଷର; ଦ୍ୱିତୀୟ ଉଦାହରଣଟି ଦ୍ୱିତୀୟ ପୁରୁଷର ଓ ବାକି ଉଦାହରଣଗୁଡ଼ିକ ତୃତୀୟ ପୁରୁଷର । (ପୂର୍ବେ କୁହାଯାଇଚି, ସଂସ୍କୃତରେ ପ୍ରଥମକୁ ଉତ୍ତମ, ଦ୍ୱିତୀୟକୁ ମଧ୍ୟମ ଓ ତୃତୀୟକୁ ପ୍ରଥମ ପୁରୁଷ ବୋଲି କହଂତି ।)

ପ୍ରଥମ, ଦ୍ୱିତୀୟ, ତୃତୀୟ ପୁରୁଷର ଭେଦ କେବଳ ସର୍ବନାମରେ ଦେଖାଯାଏ । ଆଂଭେ ଓ ତୁଂଭେ ବାଚକ ଶବ୍ଦ ଛଡ଼ା ବାକି ସମସ୍ତେ ତୃତୀୟ ପୁରୁଷର ପଦ ହୁଅଂତି । ବିଶେଷ୍ୟ ମାତ୍ରେ ତୃତୀୟ ପୁରୁଷର ପଦ । ତେଣୁ ପୁରୁଷ ବିଗ୍ରହ ବିଶେଷ୍ୟ ପ୍ରକରଣରେ ନ ହୋଇ ସର୍ବନାମ ପ୍ରକରଣରେ କରାଯିବ ।

**(ଘ) ବିଶେଷ୍ୟର କାରକ ପରିବର୍ତ୍ତନ** - ରାମ, ରାମକୁ, ଗଛରୁ, ରାତିରେ ପ୍ରଭୃତି ଭେଦକୁ ବିଶେଷ୍ୟର କାରକଭେଦ କହଂତି । କୁ, ରୁ, ରେ ପ୍ରଭୃତି ଯେଉଁ ଶବ୍ଦ ଯୋଗେ କାରକଭେଦ ଜଣାଯାଏ, ସେମାନଂକୁ **କାରକ ବିଭକ୍ତି** କହଂତି । ଯଥା-

ମୋ **ହାତେ** ଏ କାମ ହେବ ନାଇ ।
ରାମ **ଦେହି** ଏ କାମ ହେବ ନାଇ ।
ସେ**ଠାରୁ** ଟଂକା ଆଣିଲି ।
ଘର**ଠାରେ** ରହିଗଲି । - ଏସବୁ ସ୍ଥଳରେ - ହାତେ, ଦେହି, ଠାରୁ (ସ୍ଥାନରୁ), ଠାରେ (ସ୍ଥାନରେ) ପ୍ରଭୃତି ପଦମାନେ ଠିକ୍ ବିଭକ୍ତି ଚିହ୍ନ ବୋଲି କୁହାଯିବ ନାଇ । କାରଣ ସେଠାରେ ହାତ, ଦେହ, ସ୍ଥାନ ପ୍ରଭୃତିରେ ବିଭକ୍ତିମାନ ଲାଗି ମୋ, ରାମ, ସେ, ଘର ପ୍ରଭୃତି ଷଷ୍ଠି ବିଭକ୍ତି ଯୁକ୍ତ ବିଶେଷଣରେ ଲଗାଇ ପଦ ତିଆରି କରାଯାଇଚି ।

ଯେତେବେଳେ ସେ ସବୁ ପଦ କ୍ରମେ ବ୍ୟବହାରରେ ଏପରି ଶବ୍ଦ ସଂଗେ ଲାଗିଲା ପରି ଦେଖାଯିବ ଯେ ସେ ଆଉ ସ୍ୱତଂତ୍ର ପଦ ବୋଲି ବାରିହେବ ନାଇ,

Digitized by PPRACHIN, SOA

ସେତେବେଳେ ତାକୁ ବିଭକ୍ତି କୁହାଯିବ । ଏହାଇ ବ୍ୟାକରଣର ନିୟମ । ଯଥା- **ମନୁଷ୍ୟମାନେ;** ଏଇ 'ମାନେ' ଶବ୍ଦ ମୂଳତଃ ଥିଲା 'ମାନବେ' । ଏବେ ମଧ୍ୟ ମାଇପେ କହଂତି -

> "ଆଲୁଅ ପକ୍ଷ ପ୍ରତିପଦାଦିନ ଚଂଦ୍ରକୁ ମାଛ, କଇଁଚ ଦେଖଂତି, ଦ୍ୱିତୀୟାଦିନ 'ଜନମାନବେ' ଦେଖଂତି ।"

ଗାଳିଦେବାବେଳେ ଆକ୍ଷେପ କରି କହଂତି, **"ତୋ ଦୁର୍ଦଶା ଜନମାନବେ ଦେଖିବେ ।"** ଏବେ **'ମାନେ'** ବହୁବଚନର ବିଭକ୍ତି ପରି ହୋଇଯାଇଚି । ବିଶେଷରେ କାରଣ ହେଉଚି, କେବଳ ମନୁଷ୍ୟ ବା ମନୁଷ୍ୟ ଭଳି ବସ୍ତୁ, ଜଂତୁ ଠାରେ ଏଇ 'ମାନେ' ଶବ୍ଦ ପ୍ରୟୋଗ ହୁଏ । ଅନ୍ୟତ୍ର ନୁହେଁ । ଯଥା- ଦେବତାମାନେ, ଜଂତୁମାନେ ଇତ୍ୟାଦି ।

ସେଇପରି 'ତା'ଠି', 'ଘରଠି' ପ୍ରଭୃତିରେ **'ଠି'** ଶବ୍ଦଟି **'ସ୍ଥାନରେ'** ଶବ୍ଦଠାରୁ ଭିନ୍ନ ହୋଇ କ୍ରମେ ବିଭକ୍ତି ହୋଇଯାଉଚି । ମାତ୍ର ପୂରା ବିଭକ୍ତି ହୋଇନାଇ । କିଂତୁ - 'ମୋ ହାତେ ଏ କାମ ହେବ' - ଏଠାରେ 'ହାତେ' ଶବ୍ଦ ବିଭକ୍ତି ବୋଲି ଭ୍ରମ ହେଲେ ମଧ୍ୟ 'ମୋ ହାତେ ବହୁତ କାମ ଅଛି' - ଏଠାରେ 'ହାତେ' ଶବ୍ଦ ବିଭକ୍ତି ହୋଇନାଇ । 'ରାମ ଦେହି ଏହା ହେବ ନାଇ' । ଏଠାରେ ଦେଖିବାକୁ ହେବ, 'ଠି', 'ପରି', 'ଦେହି' (ଦେହରେ)ର ସ୍ୱତନ୍ତ୍ର ବ୍ୟବହାର ଆଉ ନାଇ । ଏଇପରି ସ୍ଥଳରେ **ସଂସ୍କୃତରୁ 'ଦ୍ୱାରା' (ଦ୍ୱାରରେ,** ବାଟରେ, ଦେହରେ) ଶବ୍ଦ ପ୍ରୟୋଗ ଏବେ ଓଡ଼ିଆରେ **ଚଳିଗଲାଣି । 'ରାମ ହାତେ** ବା ରାମ ଦେହି' ନକହି ଏବେ ଆମେ କହୁ 'ରାମ ଦ୍ୱାରା **ଏ କାମ** ହେବ ନାଇ ।' ସେଇପରି 'ଠା' (ସ୍ଥାନେ) ଶବ୍ଦ । ଏବେ ମଧ୍ୟ ଆମେ କହୁ- 'ତାଂକ ପାଇଁ 'ଠା' (ଖାଇବାର ସ୍ଥାନ) କର ।

### ଷଷ୍ଠି ବିଭକ୍ତି

**ଏଇଟି ବିଶେଷ୍ୟର ବିଭକ୍ତି ।** କିଂତୁ କାରକ ବିଭକ୍ତି ନୁହେଁ । ଏହା ଲାଗିଲେ ବିଭକ୍ତି ଯୁକ୍ତ ପଦଟି ବିଶେଷଣ ପରି ହୋଇଯାଏ । ଏଥିରେ ବେଳେବେଳେ ବିଭକ୍ତିର ଚିହ୍ନ ମଧ୍ୟ ନଥାଏ । ଯଥା- 'ତାଂକ ଘର', 'ଆମ ଘର', 'ବଣ ନେଉଳ', 'ପ୍ରକୃତିର ତାଡ଼ନା', 'ମନୁଷ୍ୟତାର ପ୍ରତିକୋଣ' ପ୍ରଭୃତି । ସେଇପରି ସେଠାରେ (ତା'ର ସ୍ଥାନରେ), ଘରଠୁଁ (ଘରର ସ୍ଥାନରୁ), ମାଂକଡ଼ଗୁଡ଼ିକ (ମାଂକଡ଼ର ଗୁଡ଼ିକ) ପ୍ରଭୃତି ଅର୍ଥ କଲେ ବିଭକ୍ତି ଠିକ୍ କରିବାରେ ବିଶେଷ ସୁବିଧା ହେବ । 'ଠାରେ', 'ଠାରୁ', 'ଠାକୁ', 'ହାତେ', 'ଦେହି', 'ଗୁଡ଼ା', 'ପଲ' ପ୍ରଭୃତି ସ୍ୱତଂତ୍ର ବିଭକ୍ତି ଚିହ୍ନ ନ ହୋଇ ଏଥିରେ ଷଷ୍ଠୀ ବିଭକ୍ତି ଯୁକ୍ତ ବିଶେଷଣ ପରେ ନିଜେ ପଦ ପରି ଅନ୍ୱିତ ହେବ ।

Digitized by PPRACHIN, SOA

**୨-(କ) କାଳଭଂଗୀ ପ୍ରକାରେ କ୍ରିୟାର ପରିବର୍ତ୍ତନ**

'ଖାଏ', 'ଖାଇଲା', 'ଖାଇବ' ପ୍ରଭୃତି 'ଖା' କ୍ରିୟାମୂଳ ବା ଧାତୁର ଭିନ୍ନ ଭିନ୍ନ କାଳରେ ଭିନ୍ନ ଭିନ୍ନ ରୂପ ହୋଇଅଛି । ଅଥଚ୍, ସେଇ ପ୍ରକାରେ 'ଖାଉ', 'ଖାଆଂତା'- ଏଇ ଯୋଡ଼ିକ ପ୍ରକାର ଠିକ୍ କାଳ ଦ୍ୟୋତକ ନହେଲେ ମଧ୍ୟ କାଳରୂପ ପରି ଗୋଟିଏ ଗୋଟିଏ ରୂପ ପାଆଂତି । ଏଥିରେ ପ୍ରଥମ ତିନୋଟି ହେଉଚି **ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ** - ଏଇ ତିନି କାଳକୁ ବୁଝାଉଥିବା କ୍ରିୟାର ରୂପ । ଶେଷୋକ୍ତ ଦୁଇଟି **ଅନୁଜ୍ଞା ବା ଆଦେଶ ଓ ସଂଭାବନା** - ଏଇ ଦୁଇଟି କ୍ରିୟା ରୂପକୁ ବୁଝାଉଅଛି । ଏହା କ୍ରିୟାର କାଳଭଂଗୀ ବା କାଳରୂପ ସଂଗେ ଏକ ପ୍ରକାରର । **ଏଥିରେ ସଂସ୍କୃତ ଓ ଇଂରେଜି ଦୁଇଟି ବ୍ୟାକରଣର ସଂକେତ, କଳନାରେ ମିଶି ଯାଇଚି ।** ଇଂରେଜୀରେ ବର୍ତ୍ତମାନ, ଅତୀତ, ଭବିଷ୍ୟତ - ଏଇ ତିନି କାଳର ରୂପ - ପ୍ରତ୍ୟେକ ଚାରି ଚାରିଟି ଭଂଗୀରେ ପ୍ରକାଶ ପାଆଂତି । ଯଥା-

| | | |
|---|---|---|
| (୧) ସାଧାରଣ ବର୍ତ୍ତମାନ | - | ସେ କରେ । |
| (୨) ଚାଲୁଥିବା ବର୍ତ୍ତମାନ | - | ସେ କରୁଛି । |
| (୩) ସରିଯାଇଥିବା ବର୍ତ୍ତମାନ | - | ସେ କରିଚି । |
| (୪) ଚାଲି ଆସୁଥିବା ବର୍ତ୍ତମାନ | - | ସେ କରି ଆସୁଚି । |
| ସେଇପରି ଅତୀତରେ | - | ସେ କଲା । |
| | | ସେ କରୁଥିଲା । |
| | | ସେ କରିଥିଲା । |
| | | ସେ କରି ଆସୁଥିଲା । |
| ସେଇପରି ଭବିଷ୍ୟତରେ | - | ସେ କରିବ । |
| | | ସେ କରୁଥିବ । |
| | | ସେ କରିଥିବ । |
| | | ସେ କରି ଆସୁଥିବ । |

ସଂସ୍କୃତରେ ଏଇପରି ରୂପମାନ ଦେଖାଇବା ପାଇଁ ନାମଟି ହେଉଚି, **'ଲ'କାର ରୂପ** । ଏଇ 'ଲ'କାର ରୂପ ସଂସ୍କୃତରେ ଦଶୋଟି । ସେଥିରେ ତା'ର କରିବା ଉଚିତ (କୁର୍ଯ୍ୟାତ୍) ମଧ୍ୟ ଏଇ 'ଲ'କାର ରୂପରୁ ଗୋଟିଏ । କିଂତୁ ତାହା କୌଣସି କାଳରୂପ ନୁହେ । ଏଇପରି ଆଶୀର୍ବାଦ ଆପେକ୍ଷିକ - ସଂଭାବନା ପ୍ରଭୃତି କ୍ରିୟାର ରୂପମାନ ଜଣାଇବା ପାଇଁ 'ଲ'କାରମାନ ଅଛି । ତା' ବାଦ୍, ଲଂଗ୍, ଲୁଂଗ୍, ଲିଟ୍ ପ୍ରଭୃତି 'ଲ'କାରମାନ ଅତୀତ କାଳର ରୂପ ଦେଖାଇଲେ ମଧ୍ୟ ଏହା କେଉଁ ଅତୀତ

Digitized by PPRACHIN, SOA

କାଳ ଜାଣିବା ଦୁଃସାଧ୍ୟ । ପ୍ରୟୋଗରେ ପ୍ରାୟଶଃ ସବୁ ଅତୀତ ପାଇଁ ଏ ତିନୋଟିରୁ ଯେ କୌଣସି 'ଲ୍'କାର ପ୍ରୟୋଗ କରାଯାଏ । ଏଥିରେ ପ୍ରାଗ୍‌ଭୂତ, ପ୍ରତ୍ୟଗ୍‌ଭୂତ ପ୍ରଭୃତି ସଂସ୍କୃତ ବ୍ୟାକରଣରେ ଜଣାଇ ଦିଆଯାଏ ନାଇ । କାରଣ ବସ୍ତୁତଃ ଏ 'ଲ୍'କାର ସବୁ ଇଂରେଜି ପରି କାଳରୂପ ନୁହେ । ଓଡ଼ିଆରେ ଦୁଇଟିର ମିଶାମିଶି । ମୁଖ୍ୟତଃ ବର୍ତମାନ, ଅତୀତ ଓ ଭବିଷ୍ୟତ ଏଇ ତିନୋଟି କାଳରୂପ । ତା'ଛଡ଼ା ଅନୁଜ୍ଞା ଓ ସଂଭାବନାରେ ଠିକ୍ ସେଇ ପ୍ରକାରରେ କ୍ରିୟା ଏକ ଏକ ରୂପ ପାଏ ।

ଏ ସମସ୍ତଂକର ଏଇ ପ୍ରକାର ପ୍ରତ୍ୟେକ କାଳରୂପରେ ଦୁଇ ଦୁଇଟି କରି ପ୍ରକାର ଅଛି । ତହିଁରୁ ଗୋଟିଏ ହେଉଚି କାର୍ଯଟି ଚାଲିଥିବା ପ୍ରକାର । ଅନ୍ୟଟି ହେଉଚି କାର୍ଯଟି ସରିଯାଇଥିବା ବା ନିଷ୍ପନ୍ନ ହୋଇଥିବା ପ୍ରକାର । ଯଥା– 'ମୁଁ କରେ' । ଏହାର କାର୍ଯଟି ଚାଲୁଥିବା ପ୍ରକାରଟି ହେଉଚି – 'ମୁଁ କରୁଚି' । କ୍ରିୟାଟି ନିଷ୍ପନ୍ନ ହୋଇଥିବା ପ୍ରକାର ହେଉଚି – 'ମୁଁ କରିଚି' ।

ସେଇପରି ଅନୁଜ୍ଞାରେ – 'ତୁ କର' – ଏହାର ଚାଲୁଥିବା ପ୍ରକାରଟି ହେଉଚି 'ତୁ କରୁଥା' । ନିଷ୍ପନ୍ନ ହୋଇଥିବା ପ୍ରକାରଟି ହେଉଚି 'ତୁ କରିଥା' । ସଂଭାବନା ପ୍ରକାରଟି ହେଉଛି 'ତୁ କରଂତୁ', 'ତୁ କରୁଥାଂତୁ', ତୁ କରିଥାଂତୁ' । ଏହାଛଡ଼ା ଓଡ଼ିଆରେ ଆଉ ଅଧିକ ବା ଊଣା କାଳରୂପର ପ୍ରକାର ନାଇ ।

**ଦ୍ୟୋତକ କ୍ରିୟା :**

ଇଂରେଜୀରେ ହୋଇଆସିଥିବା କ୍ରିୟାଟି ଚଳିଆସୁଥିବା ଅର୍ଥରେ ଆଉ ଗୋଟିଏ ରୂପ ବା ପ୍ରକାର ହୁଏ । ତାହା ସବୁକାଳରେ ହୁଏ । ଓଡ଼ିଆରେ ସେପରି ଗୋଟିଏ ପ୍ରକାର ନାଇ । ସେଭଳି ଅନେକ ପ୍ରକାର ଅଛି । କିଂତୁ ସେସବୁ ସାହାଯ୍ୟକାରୀ କ୍ରିୟା ଦ୍ୱାରା ପ୍ରକାଶ କରାଯାଏ । ଯଥା– କରି ଆସୁଅଛି; କରି ଯାଉଅଛି; କରି ପାଉ ଯାଉ କହିଲା । ପାଣି ଆଣି ଯାଇଥିଲା ପ୍ରଭୃତି ।

ସାହାଯ୍ୟକାରୀ କ୍ରିୟାକୁ ଦ୍ୟୋତକ କ୍ରିୟା ବୋଲି ନାମ ଦେବା ସୁବିଧା ଜନକ । ଇଂରେଜୀରେ Auxiliary Verb ଅଛି । ଓଡ଼ିଆରେ ତାହାର ନାମ **ସାହାଯ୍ୟକାରୀ କ୍ରିୟା** । କିଂତୁ କ୍ରିୟାର ଯଥାର୍ଥ ଅର୍ଥଟି ଦ୍ୟୋତକ ବା ପ୍ରକାଶ କରୁଥିବାର ଏହାକୁ **ଦ୍ୟୋତକ କ୍ରିୟା** କୁହାଯାଏ । ପ୍ରକୃତରେ ଏଇ ଦ୍ୟୋତକ କ୍ରିୟାଟି କାର୍ଯ୍ୟଟିର ଅର୍ଥ ବୁଝାଏ । ଅନ୍ୟ ପ୍ରୟୋଗ ଗୁଡ଼ିକ ଖାଲି ପ୍ରୟୋଗର ଭଂଗୀ ପାଇଁ ବ୍ୟବହୃତ ହୁଏ । ବାକି ସବୁ ଦ୍ୟୋତକ କ୍ରିୟା ବା ସାହାଯ୍ୟକାରୀ କ୍ରିୟାରେ ପ୍ରକାଶ କରାଯାଏ ।

Digitized by PPRACHIN, SOA

## କ୍ରିୟାର ବଚନ ଓ ପୁରୁଷର ପରିବର୍ତନ :

**ଲୋକ କହେ, ଲୋକେ କହଂତି, ମୁଁ କହୁଚି, ତୁମେ କହୁଚ, ସେ କହୁଚଂତି**– ଏସବୁ ବାକ୍ୟରେ କହେ, କହଂତି, କହୁଚି, କହୁଚ, କହୁଚଂତି ପ୍ରଭୃତି 'କହ୍' ଧାତୁର ବଚନ ଓ ପୁରୁଷ ଭେଦରେ ଭିନ୍ନ ଭିନ୍ନ ରୂପ । ଏହିପରି ମୂଳଧାତୁ ସଂଗେ ଲିଂଗ, ବଚନ, ପୁରୁଷରେ କ୍ରିୟାର ରୂପ ଭେଦ ନିମଂତେ ଯେଉଁସବୁ ପଦ ଭାଗ ଯୋଗ କରାଯାଏ ତାହାକୁ **କ୍ରିୟା ବିଭକ୍ତି** କହଂତି । 'ଏ', 'ଇଲା', ଇବ, ଅଂତି, ଉଚି, ଉଚ, ଉଚଂତି ପ୍ରଭୃତି କ୍ରିୟା ବିଭକ୍ତିର ଉଦାହରଣ ।

ଅତଏବ ବିଶେଷ୍ୟର ପ୍ରଧାନତଃ ଲିଂଗ, ବଚନ, କାରକରେ; ସର୍ବନାମର ବଚନ, ପୁରୁଷ ଓ କାରକରେ; ବିଶେଷଣର ବେଳେବେଳେ କେବଳ ଲିଂଗରେ; କ୍ରିୟାର ବଚନ, ପୁରୁଷ ଓ କାଳରେ ରୂପ ଭେଦ ହୁଏ । ଏହିସବୁ ପଦମାନଂକରେ ଅନ୍ୱୟ ବୁଝାଇଲା ବେଳେ ଏହି ଏହି ଭେଦ ପ୍ରତି ଲକ୍ଷ୍ୟ କରିବାକୁ ହେବ । ଅବ୍ୟୟ ପଦର କାହିଁରେ କୌଣସି ଭେଦ ନାଇ ।

## ବିଶେଷ୍ୟର ବିଶେଷ ବିବରଣ

ନାମ ମାତ୍ରେ ବିଶେଷ୍ୟ ହୁଅଂତି । କୌଣସି ବସ୍ତୁ ବା ପଦାର୍ଥର ନାମ ଥାଏ । ବସ୍ତୁ ବା ପଦାର୍ଥ ଦୁଇ ପ୍ରକାରର । ଯଥା– ଇଂଦ୍ରିୟ ଲବ୍‌ଧ ବସ୍ତୁ ଓ ଧ୍ୟାନ, କଳ୍ପନା, ଅନୁମାନ ପ୍ରଭୃତି ମାନସ ଲବ୍‌ଧ ବସ୍ତୁ । ଇଂଦ୍ରିୟ ଲବ୍‌ଧ ବସ୍ତୁ ସାଧାରଣତଃ ପୁଣି ଦୁଇ ପ୍ରକାର ହୁଏ । ଯଥା–

(୧) ବିଶେଷ ବସ୍ତୁ ବା ବ୍ୟକ୍ତି ।

(୨) ସାଧାରଣ ବସ୍ତୁ ବା ଜାତି ।

ଅତଏବ ବିଶେଷ୍ୟର ବିଭାଗ, ଯଥା–

- ବିଶେଷ୍ୟ
  - ଇଂଦ୍ରିୟ ଲବ୍ଧ ବସ୍ତୁବାଚକ
    - ବିଶେଷ ବସ୍ତୁ ବା ବ୍ୟକ୍ତିବାଚକ
    - ସାଧାରଣ ବସ୍ତୁ ବା ଜାତିବାଚକ
  - କଳ୍ପନାଦି ମାନସ ଲବ୍ଧ ବସ୍ତୁବାଚକ
    - ଗୁଣ (ଧର୍ମ) ବାଚକ
    - ଅବସ୍ଥା ବାଚକ
    - କ୍ରିୟା ବାଚକ

Digitized by PPRACHIN, SOA

ତେଣୁ ମୋଟାମୋଟି ବିଗ୍ଚର କଲେ ବିଶେଷ୍ୟ ସାଧାରଣତଃ ତିନି ପ୍ରକାରର । ଯଥା-

(୧) ବିଶେଷ ବସ୍ତୁ ବା **ବ୍ୟକ୍ତିବାଚକ** ।

(୨) ସାଧାରଣ ବସ୍ତୁ ବା **ଜାତିବାଚକ** ।

(୩) **ଗୁଣ, ଅବସ୍ଥା, କ୍ରିୟାବାଚକ** ।

**(୧) ବିଶେଷ ବସ୍ତୁ ବା ବ୍ୟକ୍ତିବାଚକ ବିଶେଷ୍ୟ**

ରାମ, ଶ୍ୟାମ, ଗଂଗା, ହିମାଳୟ, କଲିକତା ପ୍ରଭୃତି ଏହି ଶ୍ରେଣୀର । ଯେ ଗୋଟିଏ ମାତ୍ର ଜିନିଷକୁ ସେ ଜାତିର ଅନ୍ୟ ସବୁ ଜିନିଷଠାରୁ ଅଲଗା କରି ଚିହ୍ନାଏ ତାହାକୁ ବିଶେଷ ବସ୍ତୁ ବା ବ୍ୟକ୍ତିବାଚକ ବିଶେଷ୍ୟ ବୋଲି କହନ୍ତି । 'ରାମ' ମନୁଷ୍ୟ ଜାତି । କିଂତୁ ରାମ କହିଲେ ଶ୍ୟାମ, ହରି ପ୍ରଭୃତି ଅନ୍ୟ କୌଣସି ମନୁଷ୍ୟ ନୁହେଁ, ଏହା ବୁଝାଯାଉଅଛି । 'ହିମାଳୟ' ପର୍ବତ ଜାତି କିଂତୁ ହିମାଳୟ କହିଲେ, ରକି, ଆଂଡିସ୍, ଆଲଟାଇ ପ୍ରଭୃତି ଅନ୍ୟାନ୍ୟ ପର୍ବତ ନୁହେଁ, ଏହା ବୁଝାଯାଉଅଛି । ବସ୍ତୁତଃ ରାମ, ହିମାଳୟ ପ୍ରଭୃତି ପଦମାନ ଗୋଟିଏ ଗୋଟିଏ ବିଶିଷ୍ଟ ବ୍ୟକ୍ତି ଓ ବସ୍ତୁକୁ ବୁଝାଉଚଂତି ।

ବିଶେଷ ବସ୍ତୁ ବା ବ୍ୟକ୍ତିବାଚକ ବିଶେଷ୍ୟର ବହୁବଚନ ନାଇ । ଲିଂଗର ମଧ୍ୟ ପରିବର୍ତ୍ତନ ନାଇ । ଏସବୁ ବିଶେଷ୍ୟର ଲିଂଗ, ନିର୍ଦ୍ଦିଷ୍ଟ ଥାଏ । **'ମୁଁ କେତେ କେତେ କଲିକତା ଦେଖିଚି'**; - ଏଠାରେ 'କଲିକତା' ପଦଟି ବିଶେଷ ବସ୍ତୁବାଚକ ରୂପେ ବ୍ୟବହୃତ ହୋଇନାଇ । ଏଠାରେ 'କଲିକତା'ର ଅର୍ଥ କଲିକତା ପରି ବଡ଼ ସହରମାନ । ଅତଏବ, ଅର୍ଥରେ 'କଲିକତା' ଏଠାରେ **ସାଧାରଣ ବସ୍ତୁବାଚକ ବିଶେଷ୍ୟ** । ସେହିପରି ଭଂଜ ଓଡ଼ିଶାର ଶ୍ରୀହର୍ଷ । ଏଠାରେ ଶ୍ରୀହର୍ଷ ଅର୍ଥରେ ନୈଷଧକାର ଶ୍ରୀହର୍ଷଂକ ପରି ବଡ଼ କବି - ଏହାଇ ବୁଝିବାକୁ ହେବ । ଅତଏବ ଶ୍ରୀହର୍ଷ ଏଠାରେ ବ୍ୟକ୍ତିବାଚକ ବିଶେଷ୍ୟ ପରି ବ୍ୟବହୃତ ନୁହେଁ ।

**(୨) ସାଧାରଣ ବସ୍ତୁ ବା ଜାତିବାଚକ ବିଶେଷ୍ୟ**

ଏଇ ପ୍ରକାର ବିଶେଷ୍ୟ ଯେ କୌଣସି ସାଧାରଣ ବସ୍ତୁକୁ ବୁଝାଏ ଓ ବଚନ ଭେଦରେ, କଦାଚିତ୍ ଲିଂଗ ଭେଦରେ ମଧ୍ୟ ଭିନ୍ନ ରୂପ ପାଏ ।

ନାମ, ଆତ୍ମା, ଚିହ୍ନ ପ୍ରଭୃତି ଦେଖା ଯାଉ ନଥିବା ବସ୍ତୁ ହେଲେ ମଧ୍ୟ ବିଶିଷ୍ଟ ଓ ନିର୍ଦ୍ଦିଷ୍ଟ ବସ୍ତୁ ହୋଇଥିବାରୁ ସେମାନଂକର ନାମ ଏଇ ଶ୍ରେଣୀର ବିଶେଷ୍ୟ ହୁଅଂତି ।

Digitized by PPRACHIN, SOA

ସୁନା, ରୂପା, ଧାନ, ଗୃଉଳ, ଗୁଡ଼, ରେଶମ ପ୍ରଭୃତି ମୂଳ ପଦାର୍ଥ ବାଚକ ବିଶେଷ୍ୟ ଏଇ ଶ୍ରେଣୀର ହେଲେ ମଧ୍ୟ ସେମାନେ କେବଳ ଏକ ବଚନରେ ବ୍ୟବହୃତ ହୁଅଂତି । ସେମାନଂକୁ ସ୍ୱତଂତ୍ର ଭାବରେ ମୂଳ ପଦାର୍ଥ ବାଚକ ବିଶେଷ୍ୟ ବୋଲି ମଧ୍ୟ କୁହାଯାଇପାରେ । ସୁନା ଗୁଡ଼ିକ କହିଲେ, ଭିନ୍ନ ଭିନ୍ନ ସୁନାଖଂଡ ବା ସୁନା ପ୍ରକାରକୁ ବୁଝାଇବ । ଗୃଉଳ ଗୁଡ଼ିକ କହିଲେ ଗୋଟି ଗୋଟି କରି ଗୃଉଳ ଗଣି ଏକତ୍ର କରିବା ବୁଝାଇବ । ଏସବୁ ସ୍ଥଳରେ ତାହା ମୂଳ ପଦାର୍ଥ ବାଚକ ନ ହୋଇ, ସ୍ପଷ୍ଟ ସାଧାରଣ ବସ୍ତୁବାଚକ ରୂପେ ବ୍ୟବହୃତ ହୋଇଥାଏ ।

ଗୋଷ୍ଠୀ, ଦଳ ବା ପରିମାଣ ବା ସଂଖ୍ୟା ବାଚକ ବିଶେଷଣମାନେ ବେଳେବେଳେ ସ୍ପଷ୍ଟ ବିଶେଷ୍ୟ ପରି ବ୍ୟବହୃତ ହୋଇଥାଅଂତି । ଯଥା-

ଗାଈ ଗୋଠେ ଯାଉଚଂତି ।
ଗୃଉଳ ପାଂଚ ସେର ମିଳିବି ।
ଦିନାଗୃରି ବିତିଗଲା ।

ବିଶେଷଣ ପ୍ରକରଣରେ ଏମାନଂକ ସଂବଂଧରେ ବିଶେଷକରି କୁହାଯିବ । କୁଳ, କଳାପ, ମଂଡଳୀ, ସମୂହ, ସଂଘ ପ୍ରଭୃତି କେତେକ ତତ୍ସମ ଶବ୍ଦ ଗୋଷ୍ଠୀବାଚକ ହେଲେ ମଧ୍ୟ କଦାପି ବିଶେଷଣ ହୁଅଂତି ନାଇ; ବରଂ ଓଡ଼ିଆରେ ଏମାନେ ଅନେକ ସମୟରେ ବହୁବଚନର ବିଭକ୍ତି ପରି କାର୍ଯ କରଂତି । ଯଥା-

କଳାପି କଳାପ ନାଚୁଚଂତି ।
ଜନ୍ମ ମଣ୍ଡଳୀ ଏକତ୍ରିତ ହେଲେ ।

ପୁଣି ବେଳେବେଳେ ଏକ ବଚନର ପ୍ରୟୋଗ ମଧ୍ୟ ହୁଏ । ଯଥା- ଜନ ସଂଘ ଦ୍ୱିଧା ହେଲା ।

**(୩) ଗୁଣ, ଅବସ୍ଥା, କ୍ରିୟା ବାଚକ ବିଶେଷ୍ୟ ପଦ**

**ଗୁଣ** - ବାବୁଗିରି, ସିହାଣିଆପଣ, ସାଧୁତା, ତୁଂଗିମା ପ୍ରଭୃତି ।

**ଅବସ୍ଥା** - ନାଁ ବାଳକି, ପିଲାପଣିଆ, ଦାସତ୍ୱ, ଯୌବନ, ଦୁର୍ଭିକ୍ଷ ପ୍ରଭୃତି ।

ଏଇ ଗୁଣ ବା ଅବସ୍ଥାବାଚକ ବିଶେଷ୍ୟ ପଦମାନେ କଳ୍ପନା ବା ମାନସ ଲବ୍ଧ ବସ୍ତୁକୁ ବୁଝାଂତି ସତ; ମାତ୍ର ନାମ, ଆତ୍ମା, ଚିହ୍ନ ପରି ନିର୍ଦ୍ଦିଷ୍ଟ ବସ୍ତୁକୁ ନ ବୁଝାଇ ସାଧାରଣତଃ କୌଣସି ଏକ ବସ୍ତୁରୁ କୌଣସି ଗୁଣ ବା ଅବସ୍ଥାକୁ ଅଲଗା କରି ବୁଝାଂତି । ସାଧୁତା କହିଲେ କୌଣସି ସାଧୁଲୋକର ଗୋଟିଏ ଗୁଣ ଅଲଗା କରି ବୁଝାଯାଉଅଛି ।

Digitized by PPRACHIN, SOA

**କ୍ରିୟା**- (କ) କରିବା, ଭାଳେଣି, ହାସ୍ୟ, ନାଚ, ଶୟନ, ଭୋଗ ଇତ୍ୟାଦି କ୍ରିୟାବାଚକ ବିଶେଷ୍ୟ ।

(ଖ) ମରାମରି, ଘେନାଘେନି ପ୍ରଭୃତି କ୍ରିୟାବାଚକ ବିଶେଷ୍ୟ ହୁଅଂତି । ଏମାନଂକୁ **ବ୍ୟତିହାରୀ କ୍ରିୟାବାଚକ** ବିଶେଷ୍ୟ କହଂତି ।

ଏଇ ଗୁଣ, ଅବସ୍ଥା, କ୍ରିୟାଦି ବାଚକ ବିଶେଷ୍ୟମାନଂକର ବଚନ ଭେଦ ନାଇ । ଏମାନଂକୁ ବହୁବଚନରେ ପ୍ରୟୋଗ କଲେ ପ୍ରକାର ଭେଦରେ ଜାତିବାଚକ ପରି ଧରାଯାଏ । ଯଥା- 'ମୁଁ ଏପରି ବହୁତ ହାସ୍ୟ ଦେଖିଚି ।' ଇତ୍ୟାଦି ।

ଶବ୍ଦ ଓ କ୍ରିୟାମୂଳ ବା ଧାତୁରୁ ଏଇସବୁ ବିଶେଷ୍ୟ ନାନା ପ୍ରକାରରେ ତିଆରି ହୁଏ । ତାହା 'ଶବ୍ଦ ବିଗ୍ରହ' ପ୍ରକରଣରେ କୁହାଯିବ ।

ଗୁଣ ଅବସ୍ଥା ଓ କ୍ରିୟାବାଚକ ବୋଲି ବିଶେଷ୍ୟର ଭେଦ ସବୁବେଳେ ବାରିବା ସହଜ ନୁହେଁ । ଯଥା- 'ଦାରିଦ୍ର୍ୟ', ଗୁଣ ଓ ଅବସ୍ଥା ଦୁହିଂକି ବୁଝାଉଅଛି । 'ତ୍ୟାଗ'- ଗୁଣ ଓ କ୍ରିୟା ଦୁହିଂକି ବୁଝାଉଅଛି । 'ଭୟ' - ଗୁଣ, ଅବସ୍ଥା, କ୍ରିୟା ତିନିଂକି ବୁଝାଉଅଛି । ଇତ୍ୟାଦି ।

## ଲିଂଗ

ବିଶେଷ୍ୟରେ ତିନିଗୋଟି ଲିଂଗ ଦେଖାଯାଏ । ଯଥା-

(୧) ପୁଂଲିଂଗ- ପୁରୁଷ - ଜଂତୁ ବୋଧକ ଶବ୍ଦ - ଇଂଦ୍ର, ଘୋଡ଼ା, ଷଂଢ଼, ଶୂଦ୍ର ଇତ୍ୟାଦି ।

(୨) ସ୍ତ୍ରୀଲିଂଗ- ସ୍ତ୍ରୀ - ଜଂତୁ ବୋଧକ ଶବ୍ଦ - ଇଂଦ୍ରାଣୀ, ଘୋଡ଼ୀ, ଗାଈ, ଶୂଦ୍ରାଣୀ ଇତ୍ୟାଦି ।

(୩) କ୍ଲୀବଲିଂଗ- ପୁଂଲିଂଗ ଓ ସ୍ତ୍ରୀଲିଂଗର ଶବ୍ଦଗୁଡ଼ିକ ବ୍ୟତୀତ ବାକିସବୁ କ୍ଲୀବ ଲିଂଗର ଶବ୍ଦ ।

କ୍ଲୀବ ଲିଂଗରେ କୌଣସି ପୁରୁଷ, ସ୍ତ୍ରୀ ଭେଦ ଚିହ୍ନ ହୁଏ ନାଇ । ଯେଉଁ ସମସ୍ତ ଜଂତୁ ତଥା ସମସ୍ତ ପ୍ରାଣୀବାଚକ ଶବ୍ଦ ଜାତି ବାଚକ ରୂପେ ବ୍ୟବହୃତ ହୁଏ, ସେ ସବୁ ରୂପରେ ପୁଂଲିଂଗ ପରି ଥିଲେ ମଧ୍ୟ ସେମାନଂକୁ ଉଭୟ ଲିଂଗ ବାଚକ ପଦ ବୋଲି ଧରାଯାଏ । ଯଥା- ସାପ, ବିଲୁଆ ଇତ୍ୟାଦି ।

ସ୍ତ୍ରୀବାଚକ ସ୍ତ୍ରୀଲିଂଗ ଶବ୍ଦ ସାଧାରଣତଃ ଦୁଇପ୍ରକାର ହୁଏ ।

(୧) କେତେକ ପୁଂଲିଂଗରୁ ଭିନ୍ନଭିନ୍ନ ପ୍ରତ୍ୟୟ କରି ତିଆରି ହୁଅଂତି । ଯଥା-

ଛଇଳ - ଛଇଳା (ଛଇଳୀ)

Digitized by PPRACHIN, SOA

ସୁକୁମାର - ସୁକୁମାରୀ
ପାକୁଆ - ପାକୋଇ
ମେହେଂତର - ମେହେଂତରାଣୀ
ଅଂଧ - ଅଂଧୁଣୀ
ପିଶାଚ - ପିଶାଚୀ
ବୁଦ୍ଧିମାନ - ବୁଦ୍ଧିମତୀ

କଦାଚିତ୍ ସ୍ତ୍ରୀଲିଂଗ ବୋଧକ ଶବ୍ଦରୁ ପୁଂଲିଂଗ ବୋଧକ ଶବ୍ଦ ତିଆରି ହୁଏ । ଯଥା- ରାଂଡ଼ - ରାଂଡୁଅ ।

(୨) କେତେକ ଭିନ୍ନ ଭିନ୍ନ ଶବ୍‌ଦରେ ପ୍ରକାଶିତ ହୁଅଂତି । ଯଥା-

(କ) କେତେକ ସ୍ତ୍ରୀଲିଂଗବାଚକ ଶବ୍ଦ ପୁଂଲିଂଗବାଚକ ଶବ୍ଦଠାରୁ ସଂପୂର୍ଣ ଅନ୍ୟପ୍ରକାର ।

ଅଂଡ଼ିରା - ମାଇ
ମରଦ - ମାଇକିନିଆ
ମଣିଷ - ମାଇପ
ଦେଉ - ଦେଈ
ଢେନା (ମଣି) - ଢେମା (ମଣି)
ଷଂଢ଼ (ବଳଦ) - ଗାଈ
ଭାଇ - ଭଉଣୀ
ଦାଂବୁଡ଼ି - ଛଡ଼ା
ପୋଢୁଅ (ପଂଡ଼ା) - ମଈଁଷୀ
ଗଂଢା - ପେଂଠୀ

(ଖ) ପ୍ରାୟ ସମସ୍ତ ପ୍ରାଣୀବାଚକ ଶବ୍‌ଦ ପୂର୍ବରେ ଅଂଡିରା, ମାଇ ଲଗାଇ ଲିଂଗ ଭେଦ ଚିହ୍ନାଇ ଦିଆଯାଏ ।

ଅଂଡ଼ିରା ବାଛୁରୀ - ମାଇ ବାଛୁରୀ
ଅଂଡ଼ିରା ଛେଳି - ମାଇ ଛେଳି
ଅଂଡ଼ିରା ଫୁଲ - ମାଇ ଫୁଲ
ଅଂଡ଼ିରା ଗଛ - ମାଇ ଗଛ

Digitized by PPRACHIN, SOA

ଅଂଡ଼ିରା ଭାଲୁ - ମାଇ ଭାଲୁ
ଅଂଡ଼ିରା ଘୋଡ଼ା - ମାଇ ଘୋଡ଼ା
ଅଂଡ଼ିରା ପିଲା - ମାଇ (ମାଇକିନିଆ) ପିଲା

(ଗ) ପରିବାର ସଂବଂଧ ଘେନି କେତେଗୁଡ଼ିଏ ସ୍ତ୍ରୀଲିଂଗ ଶବ୍ଦ ଭାର୍ଯା ଅର୍ଥରେ ପ୍ରୟୋଗ କରାଯାଏ । ଭାଇର ସ୍ତ୍ରୀଲିଂଗ ଭଉଣୀ ହେଲେ ମଧ୍ୟ ଭାଉଜ ଆଉ ଗୋଟିଏ ସ୍ତ୍ରୀଲିଂଗ ହୁଏ । ସେଇପରି-

| **ପୁଂଲିଂଗ** | **ସ୍ତ୍ରୀଲିଂଗ** | **ଭାର୍ଯାର୍ଥକ ଶବ୍ଦ** |
|---|---|---|
| ଘଇତା | | ମାଇପ |
| ବର | କନ୍ୟା | କନ୍ୟା (ମାଇପ) |
| ବାପ | | ମାଆ |
| **ପୁଂଲିଂଗ** | **ସ୍ତ୍ରୀଲିଂଗ** | **ଭାର୍ଯାର୍ଥକ ଶବ୍ଦ** |
| ମଉସା | | ମାଉସୀ |
| ପିଇସା (ପିଉସା) | | ପିଇସୀ (ପିଉସୀ) |
| ଭିଣୋଇଁ (ଭଉଣୀ ଢୋଇଁ) | ଭଉଣୀ | |
| ଶଳା | ଶାଳୀ | ଶଳାଭାଉଜ |
| ନନା | ନାନୀ | ଭାଉଜ |
| ଭଣଜା | ଭାଣେଜୀ | ଭଣଜା ବୋହୂ |
| ଦାଦି (ଖୁଡୁତା ଦଦେଇ) | ପିଉସୀ | ଖୁଡ଼ି, ଦେଠେଇ |
| ପୁଅ | ଝିଅ | ବୋହୂ |
| ନଣଂଦେଇ | | ନଣଂଦ |
| ନାତି | ନାତୁଣୀ | ନାତୁଣୀ ବୋହୂ |
| ଦେଢୁତାଶୁର | | ଦେଠେଇଶାଶୁ |
| ଢୋଇଁ | | ଝିଅ |
| ଶଢୁ | | ଶାଳୀ (ଦେଢ଼ଶାଶୁ) |
| ସମୁଧି | | ସମୁଧୁଣୀ |

Digitized by PPRACHIN, SOA

ଏଠାରେ ଦେଖିବାକୁ ହେବ, ଏଇ ଶବ୍ଦମାନଂକ ମଧ୍ୟରୁ କେହି କେହି ପୁଂଲିଂଗ ଶବ୍ଦ ସ୍ତ୍ରୀଲିଂଗ ଶବ୍ଦରୁ ତିଆରି ହୁଏ । ଯଥା-

ଭଉଣୀ - ଭିଣୋଇ

ଭାଣେଜୀ - ଭାଣେଜୀ ଢୋଇଁ

କୌଣସି କୌଣସିଠାରେ ନାତୁଣୀ ବୋହୁ ପରି ଶବ୍ଦରେ ଦୋହରୀ ସ୍ତ୍ରୀଲିଂଗ ପଦ ମଧ୍ୟ ଭାର୍ଯାର୍ଥରେ ପ୍ରୟୋଗ ହୁଏ ।

**ବିଶେଷ :**

(୧) କେବଳ ସ୍ତ୍ରୀବାଚକ ଶବ୍ଦମାନେ ସ୍ୱଭାବତଃ ସ୍ତ୍ରୀଲିଂଗ ହୁଅଂତି । ଯଥା- ଅହ୍ୟ (ଅହିଅ), ବାଂଝ (ବାଂଝି), ରାଂଡ଼, ଦୋଗୃରୁଣୀ, ଦାରୀ, ପୋଇଲି (ପୋଇଲୁଣୀ), ଧାଇ, ସଉତୁଣୀ, ଘରଣୀ, ସଜନୀ, ମୁଦୁସୁଲୀ, ଭୁଆସୁଣୀ, କୁଳଟା, ବେଶ୍ୟା ଇତ୍ୟାଦି ।

(୨) ଗୁଣ ଓ ଅବସ୍ଥା ବାଚକ ବିଶେଷଣ ବିକଳ୍ପରେ ସ୍ତ୍ରୀଲିଂଗ ଚିହ୍ନ ଗ୍ରହଣ କରେ । ଯଥା- କଳା ବା କାଳୀ ଗାଈ, ସୁଂଦର ବା ସୁଂଦରୀ ମାଇକିନିଆ, ଯୁବା ବା ଯୁବତୀ ଝିଅ ଇତ୍ୟାଦି ।

ଏମାନଙ୍କ ମଧ୍ୟରୁ ଅନେକେ ବିଶେଷ୍ୟ ପରି ବ୍ୟବହୃତ ହୁଅଂତି । ସେ ସ୍ଥଳମାନଂକରେ ବିକଳ୍ପରେ ନ ହୋଇ ନିତ୍ୟରେ ସ୍ତ୍ରୀଲିଂଗ ଚିହ୍ନ ରହେ । ଯଥା- ବୁଢ଼ୀ, ସୁଂଦରୀ, ଯୁବତୀ, ଯଉବନୀ, ତୁଂଡେଇ ଇତ୍ୟାଦି ।

ଏଇଭଳି ବିଶେଷ୍ୟ ବ୍ୟବହାର ଥିବା ପଦମାନେ ବିଶେଷଣରେ ରହିଲାବେଳେ ମଧ୍ୟ ଅଧିକାଂଶ ସ୍ଥଳରେ ସ୍ତ୍ରୀଲିଂଗ ଚିହ୍ନ ନିତ୍ୟରେ ଗ୍ରହଣ କରି ଥାଆଂତି । ଯଥା- ବୁଢ଼ା ଗାଈ ନୁହେଁ, ବୁଢ଼ୀ ଗାଈ, ତୁଂଡିଆ ମାଇକିନିଆ ନୁହେଁ ତୁଂଡେଇ ମାଇକିନିଆ ଇତ୍ୟାଦି ।

**ତତ୍‌ସମ ଶବ୍ଦର ଲିଂଗ ନିର୍ଣୟ :**

(୧) ତତ୍‌ସମ ଶବ୍ଦମାନେ ବାକ୍ୟରେ ବ୍ୟବହୃତ ହେଲେ ସଂସ୍କୃତ ନିୟମ ଅନୁସାରେ ଓଡ଼ିଆରେ ଅନେକ ସ୍ଥଳରେ ଲିଂଗ ପ୍ରୟୋଗ ହୁଏ । ଯଥା- ବ୍ରାହ୍ମଣୀ, ଦ୍ରୌପଦୀ, ମୃଣ୍ମୟୀ, କୃଶାଂଗୀ, ଷଷ୍ଠୀ, ନର୍ତ୍ତକୀ, ଆଗ୍ନେର୍ଯ୍ୟାଣୀ ପ୍ରଭୃତି ।

(୨) ମତି, ଗତି, ଉନ୍ନତି, ଧୃତି ପ୍ରଭୃତି 'ତି' ପ୍ରତ୍ୟୟାଂତ ପଦ; ସଂସ୍ଥାପନା, ଆରାଧନା, ପ୍ରସ୍ତାବନା, ପ୍ରାର୍ଥନା, ପ୍ରେରଣା, ପ୍ରରୋଚନା ପ୍ରଭୃତ

Digitized by PPRACHIN, SOA

'ଅନ' ଓ 'ଆ' ପ୍ରତ୍ୟୟାଂତ ପଦ; କ୍ରିୟା, ବାଧା, ପୂଜା ପ୍ରଭୃତି 'ଆ' ପ୍ରତ୍ୟୟାଂତ ପଦ; ଜିଗୀଷା, ପିପାସା, ତିତିକ୍ଷା, ଉପଚିକୀର୍ଷା, ଦିଦୃକ୍ଷା ପ୍ରଭୃତି ସନଂତ 'ଆ' ପ୍ରତ୍ୟୟାଂତ ପଦ; ଗୁରୁତା, ଲଘୁତା, ଶତ୍ରୁତା ପ୍ରଭୃତି ତଦ୍ଧିତ 'ତା' ପ୍ରତ୍ୟୟାଂତ ପଦ ସ୍ତ୍ରୀଲିଂଗ ହୁଅଂତି ।

(୩) ସଂସ୍କୃତରେ ମଧ୍ୟ ଯେଉଁମାନେ ସ୍ତ୍ରୀ ଜାତି ବୁଝାଂତି ସେମାନେ ଓଡ଼ିଆରେ ସ୍ତ୍ରୀଲିଂଗ ପଦ ରୂପେ ବ୍ୟବହୃତ ହୁଅଂତି । ଯଥା– ମାତା, କନ୍ୟା, ଦୁହିତା, ଭାର୍ଯା, ଜାୟା, କୁଳଟା, ବେଶ୍ୟା, ବିଧବା, ବାରାଂଗନା, ସ୍ତ୍ରୀ, ଅଂଗନା ପ୍ରଭୃତି ।

(୪) କାଶୀ, କାଂଚି, ଉଜ୍ଜୟିନୀ, ପୁରୀ ପ୍ରଭୃତି କେତେକ ନଗର ବାଚକ ଶବ୍ଦ ଓ ଗୋଦାବରୀ, ଗଂଗା, ନର୍ମଦା ପ୍ରଭୃତି କେତେକ ନଦୀ ବାଚକ ଶବ୍ଦ ସ୍ୱଭାବତଃ ସ୍ତ୍ରୀଲିଂଗ ହୁଅଂତି ।

(୫) ସଂସ୍କୃତ ନିୟମ ଅନୁସାରେ ବିଦ୍ୟୁତ୍, ରାତ୍ରି, ଲତା, ବୀଣା, ଦିକ୍ (ଦିଗ୍), ପୃଥିବୀ, ତୃଷ୍ଣା, ନଦୀ, ଲଜ୍ଜା, ଶୋଭା, ଶ୍ରେଣୀ, ଜ୍ୟୋତ୍ସ୍ନା, ସେନା, ତିଥି, ବୁଦ୍ଧି, ଇଚ୍ଛା, ସଂପଦ, ବିପଦ, ପ୍ରଭା, ଆଶା ପ୍ରଭୃତି ଶବ୍ଦ ସ୍ତ୍ରୀଲିଂଗ ହୁଅଂତି । ସେଇ ସଂସ୍କୃତ ଅନୁକ୍ରମେ ମଧ୍ୟ ବିଜୁଳି, ରାତି, ଦିଗ, ସଂପଦ, ବିପଦ ପ୍ରଭୃତି ତଦ୍ଭବ ଓଡ଼ିଆ ଶବ୍ଦକୁ କେହି କେହି ଓଡ଼ିଆରେ ସ୍ତ୍ରୀଲିଂଗ କରିଥାଂତି ।

(୬) ହରିତକୀ, କଦଳୀ ପ୍ରଭୃତି କେତେକ ବୃକ୍ଷବାଚକ ଶବ୍ଦ ଓ ମଲ୍ଲିକା, ମକ୍ଷିକା, ପିପୀଲିକା, ବଳାକା, ବଡ଼ବା ପ୍ରଭୃତି ଶବ୍ଦ ସଂସ୍କୃତ ନିୟମ ଅନୁସାରେ ସ୍ତ୍ରୀଲିଂଗ ହୁଅଂତି ।

ଏଇପରି ତତ୍‌ସମ ସ୍ତ୍ରୀଲିଂଗ ଶବ୍ଦସବୁ ଓଡ଼ିଆର ବ୍ୟବହାରରେ ବିଶେଷଣାଦିରେ ସ୍ତ୍ରୀଲିଂଗ ଚିହ୍ନ ଗ୍ରହଣ କରିପାରଂତି । ସାଧାରଣ ରୁଚି ଓ ଶ୍ରୁତି ମଧୁରତା ନଥିଲେ ତାହା ହୁଏ ନାଇ । ଯଥା– **'ତାହାର ବଳବତୀ ଇଚ୍ଛା ଥିଲା'** । କିଂତୁ **'ବଡ଼ ମଂଦ ବା ମଂଥର ଗତିରେ ଗୁଲୁଛି'** । ଏପରି ବିଶେଷଣରେ ସ୍ତ୍ରୀଲିଂଗ ଚିହ୍ନର ବ୍ୟବହାର ଓଡ଼ିଆରେ କ୍ରମେ କମିଯାଉଚି ।

ଓଡ଼ିଆ ପରି ସଂସ୍କୃତରେ ମଧ୍ୟ ଭାର୍ଯା ଓ ସ୍ତ୍ରୀବାଚକ ଶବ୍ଦ କୁଟୁଂବାଦି ସଂପର୍କରେ ଦୁଇପ୍ରକାର ସ୍ତ୍ରୀଲିଂଗ ପଦ ତିଆରି କରଂତି । ସେସବୁର କେତେକ ବ୍ୟବହାର ମଧ୍ୟ ଓଡ଼ିଆରେ ହୁଏ । ଯଥା– **ଭ୍ରାତା–ଭଗିନୀ, ଭାତୃଜାୟା** ଇତ୍ୟାଦି ।

Digitized by PPRACHIN, SOA

## ବଚନ

ଏକବଚନରେ ସାଧାରଣତଃ ଶବ୍ଦର କିଛି ପରିବର୍ତ୍ତନ ହୁଏ ନାଇ । ଯଥା- ରାମ ଯାଉଚି, ନଡ଼ିଆ ଆଣ, ଲୋକକୁ ଦେଖିଲି ଇତ୍ୟାଦି ।

ବହୁବଚନରେ କର୍ତ୍ତାରେ 'ଏ' ବିଭକ୍ତି ଲାଗେ । ଯଥା- ଲୋକେ ଆସୁଚଂତି । ମାଇପେ କହଂତି । ଜଂତୁଏ ଆତଯାତ ହୁଅଂତି ।

ଯେଉଁ ବିଭକ୍ତିମାନେ କର୍ତ୍ତାଭିନ୍ନ କାରକ ଚିହ୍ନାଇବାକୁ ବସଂତି, ସେଇ ବିଭକ୍ତି ମାନଂକ ପ୍ରୟୋଗବେଳେ ବହୁବଚନ ଶବ୍ଦରେ ଅନୁସ୍ୱାର ମାତ୍ରା ଲାଗେ । ଯଥା- ଲୋକଂକୁ ଡାକ । ଜଂତୁଂକୁ ପାଣି ଦିଅ । ନିମଂତ୍ରିତ ଲୋକଂକ କଥା ବୁଝ । ଇତ୍ୟାଦି ।

ମାନ୍ୟାର୍ଥେ ଏକବଚନରେ ସବୁବେଳେ ଏଇ ବହୁବଚନର ପ୍ରୟୋଗ ହୁଏ । ଯଥା- ଆପଣେ ଆସୁଚଂତି । ମିଶ୍ରେ ଗଲେ । ଅତିଥିଂକ କଥା ବୁଝ । ଗୁରୁଂକୁ ନମସ୍କାର କର ।

କଦାଚିତ୍ 'ଏ' ବିଭକ୍ତି ମାନ୍ୟାର୍ଥରେ ଲୁପ୍ତ ଥାଏ । ଯଥା- ଅତିଥି ଅସୁଚଂତି- ଅତିଥିଏ ଆସୁଚଂତି । ରାମ ଖାଉଚଂତି । ସଂଗାତ ଶୋଇଚଂତି ।

### ବହୁବଚନରେ ଉପ ବିଭକ୍ତି 'ମାନ' :

ବହୁବଚନରେ 'ମାନ' ବୋଲି ଗୋଟିଏ ଉପ ବିଭକ୍ତି ଲାଗେ । କହିବା ଲୋକର ରୁଚି ଅନୁସାରେ ଏହା ପ୍ରାୟ ଲାଗିଥାଏ । ଯଥା- ଲୋକମାନେ ଆସୁଚଂତି । ଲୋକମାନଂକୁ ଡାକ । ଜଡ଼ ବସ୍ତୁବୋଧକ ଶବ୍ଦରେ 'ଏ' ବିଭକ୍ତି ଲାଗେ ନାଇ । କେବଳ ଏଇ 'ମାନ' ଲାଗେ । ଯଥା- **ବଡ଼ ବଡ଼ କାଠମାନ ପଡ଼ିଚି । ଭଲ ଭଲ ପଦମାନ ବସାଇଚି ।**

ବେଳେବେଳେ ଶ୍ରୁତି ସୁଖ ନିମଂତେ 'ଏ' ବିଭକ୍ତି ସହିତ ଏଇ 'ମାନ' ନିତ୍ୟରେ ମଧ୍ୟ ବସେ । ଯଥା- 'ମାକଡ଼େ ଆସୁଚଂତି', ନ କହି 'ମାକଡ଼ମାନେ ଆସୁଚଂତି' କୁହାଯାଏ ।

### ବିଶେଷ ବିଧି :

#### ଏକବଚନରେ 'ଏ', 'କ', 'ଟା' ଓ 'ଟି' :

ଏକ ଅର୍ଥ ବୁଝାଉଥିବା 'ଏ' ଓ 'କ'; 'ଗୋଟା' ଅର୍ଥ ବୁଝାଉଥିବା ଅନାଦରରେ 'ଟା' ଓ ଆଦର ଅର୍ଥରେ 'ଟି' ସାଧାରଣତଃ ଜୋରଦେଇ କହିଲେ, ବା ନିର୍ଦ୍ଦେଶ କରି କହିଲେ ଏକବଚନର ବିଭକ୍ତି ରୂପେ ଲାଗଂତି ।

Digitized by PPRACHIN, SOA

ପରିମାଣ ନିର୍ଦ୍ଦେଶ କଲେ କର୍ତା ଓ କର୍ମରେ ଏକ ଅର୍ଥରେ 'ଏ' ଓ 'କ', ଓ ଅନ୍ୟ କାରକ ବିଭକ୍ତିରେ 'କ' ଲାଗେ । ଯଥା– ଜଣେ ଆସୁଛି । 'ଘରେ ଲୋକ ଭର୍ତି ହୋଇଚଂତି ।' ଜଣକୁ ଡାକ । ସେରକୁ ପଇସାଏ । ଜଣକୁ (କେ) ଟଂକାଏ ଦିଅ ।

'ମାଲପା ସେରେ ସରିଗଲାଣି' ।
'ମାଲପା ସେରକ ସରିଗଲାଣି' । –

ଏଠାରେ ସେରେ କେବଳ ପରିମାଣ ନିର୍ଦ୍ଦେଶ କରୁଅଛି ଏବଂ ସେରକ କହିଲେ କୌଣସି ନିର୍ଦ୍ଦିଷ୍ଟ ମାଲପା ସେରକୁ ବୁଝାଉଛି । ସେଇପରି ବିଶେଷ ନିର୍ଦ୍ଦେଶ ଦେଖାଇ କହିଲେ– **ଏଇ ଜଣକ** କାଲି ଆସିଥିଲା । **ସେଇ ଜଣକ** ମୁଁ ଦେଖି ଆସିଚି । **ପିଲାଟା** ଖରାପ ହୋଇଗଲା । **ପିଲାଟିକୁ** କହ । **ଗାଈଟି** ଦେଖି ଆସିଲି ।

ଏହି ଟା, ଟି, ପୁଣି 'ଏ' ଓ 'କ' ବିଭକ୍ତି ମଧ୍ୟ ଗ୍ରହଣ କରଂତି । କିଂତୁ ନିଜେ ନିର୍ଦ୍ଦେଶ ବାଚକ ଥିବାରୁ ଏମାନେ କର୍ତା କର୍ମର 'କ' ବିଭକ୍ତି ନିଅଂତି ନାଇ । ଯଥା– '**ଗାଈଟାଏ** (ଟିଏ) ଆସୁଚି (ଦେଖିଲି) ।' '**ପିଲାଟାକର** (ଟିକର) ବଳ କେତେ ?' '**ବଳଦଟାକ** ଠାରୁ ଦୁଧ ମିଳିବ କି ?'

'ଟି' ଓ 'କ' ମିଶି 'ଟିକ' ବିଭକ୍ତି ରୂପ ଛାଡ଼ି, ଅଳ୍ପ ଅର୍ଥରେ ଶବ୍ଦ ଆକାରରେ ବ୍ୟବହୃତ ହେବାର ଦେଖାଯାଏ । ଏ 'ଟିକ' ଶବ୍ଦ ମଧ୍ୟ ବିଶେଷ୍ୟ ଥିଲେ 'ଏ' ଓ 'କ' ବିଭକ୍ତି ଗ୍ରହଣ କରେ ଓ 'କ' ବିଭକ୍ତି ଗ୍ରହଣ କଲେ 'ଟିକିକ', 'ଟିକକ' ଓ 'ଟିକ' ରୂପରେ ପୁଣି ବିଭକ୍ତି ହୋଇଯାଏ । ଯଥା– 'ପାଣି **ଟିକିଏ** ଆଣ' । '**ପିଲାଟିକୁ** କହ' । '**ପିଲାଟିକିକ** (ଟିକେ, ଟିକ) ରୋଗରେ ସଡୁଚି ।' '**କାଠଟିକକ** (ଟିକିକ, ଟିକ) ଦେଲାନାଇ ।'

'କ', 'ଟା' ଓ 'ଟି' ବିଭକ୍ତି ନିର୍ଦ୍ଦେଶ ବାଚକ ଥିବାରୁ ବହୁବଚନରେ 'ମାନ' ବିଭକ୍ତି ଗ୍ରହଣ କରଂତି । ସେଠାରେ 'ମାନ' ବହୁବଚନର 'ଏ' ବିଭକ୍ତି ନିଏ ନାଇ । ଯଥା– 'ତାଂକ **ସେରକମାନ** ସେ ନେଲେ ।' 'କିପରି **ପିଲାଟାମାନ** ହୋଇଚଂତି ?' '**କୁଂଢେଇଟିମାନ** କେଡ଼େ ସୁଂଦର ହୋଇଚି ।' 'ଭଲ **କଥାଟିମାନ** କହିଲା ।' '**ପିଲାଟି ମାନଂକର** ଦେହ ଶୁଖିଗଲାଣି ।' 'କାଠଟିମାନ ଯୋଡ଼ିଦିଅ ।'

ନିର୍ଦ୍ଦିଷ୍ଟ ପରିମାଣ ବାଚକ 'ଯାକ', 'ତକ', ଯେତେକ, ତେତେକ, ଶବ୍ଦର ରୂପାଂତର 'ଯାକ' ଓ 'ତକ' ନିର୍ଦ୍ଦିଷ୍ଟ ପରିମାଣ ବୁଝାଇ ବିଭକ୍ତି ରୂପେ କେବଳ ଏକ ବଚନରେ ବ୍ୟବହୃତ ହୁଅଂତି । ଯଥା– '**ଘରଯାକ** ଧୂଆଁ ।' '**ଭାତଯାକ** ଖାଇଦିଅ ।' '**ବାଟଯାକ** ଜଂଦା ।'

Digitized by PPRACHIN, SOA

ସଂଖ୍ୟାର ପରିମାଣ କଲେ ଏମାନେ 'ମାନ' ବିଭକ୍ତିର କାର୍ଯ କରି ବହୁବଚନର ଅର୍ଥ ଦିଅଂତି; ମାତ୍ର ମାନ ପରି 'ଏ' ବିଭକ୍ତି ନିଅଂତି ନାଇ । ଯଥା-

**ମାଂକଡ଼ଯାକ** ଗୁଲିଗଲେ ।
**ଲୋକତକ** ଶୋଇ ପଡ଼ିଚଂତି ।
**ଆଂବଯାକ** ଝଡ଼ି ପଡ଼ିଲା ।

ଏତକ, ସେତକ ଶବ୍ଦ ସ୍ୱରୂପରେ ବ୍ୟବହୃତ ହୋଇ ପୁଣି 'ଯାକ' ଗ୍ରହଣ କରଂତି । ଯଥା-

'**ଏତକଯାକ** ଭାତ ଖାଇଦିଅ ।'
'**ସେତକଯାକ** ତିଅଣ ଇଡ଼ି ଦେଲା ।'

ଶବ୍ଦରେ 'କ', 'ଟା', 'ଟି' ଥିଲେ ମଧ୍ୟ 'ଯାକ'ର ପ୍ରୟୋଗ ହୁଏ । ଯଥା- **'ଘରଟା (ଟି) ଯାକ ଧୂଆଁ ପୂରିଚି ।' 'ପୋଖରୀଟିଯାକ ପାଣି ଗୋଳିଆ କରିଦେଲା ।'**

**ଯୁଗ୍ମ, ଗୋଷ୍ଠି, ପରିମାଣବାଚକ ଶବ୍ଦ :**

ଯୋଡ଼ା, ହଳ, ସଂଘାତ ପ୍ରଭୃତି ଯୁଗ୍ମବାଚକ ଶବ୍ଦ; ଦଳ, ପଲ, ଗୋଠ, ସଭା, ସଂଘ ପ୍ରଭୃତି ଗୋଷ୍ଠିବାଚକ ଶବ୍ଦ ଓ ସେର, ପାଆ, କାହାଣ, ପଣ, ଗଂଡ଼ା, ପୁଂଜି ପ୍ରଭୃତି ପରିମାଣବାଚକ ଶବ୍ଦସବୁ ଯାହାର ଯୁଗ୍ମ, ଗୋଷ୍ଠି ବା ପରିମାଣ ବୁଝାଂତି ତାହାର ପୂର୍ବେ ଓ ପରେ ବସି ଏକବଚନର 'ଏ', 'କ', 'ଟା', 'ଟି' ପ୍ରଭୃତି ସମସ୍ତ ବିଭକ୍ତି ଗ୍ରହଣ କରଂତି ଏବଂ ଅର୍ଥ ଅନୁସାରେ ଏକତ୍ୱ ବୁଝାଇଲେ ଓ ଜଡ଼ ବସ୍ତୁରେ ପ୍ରୟୋଗ ହେଲେ ଏକବଚନ ଓ ବହୁତ୍ୱ ବୁଝାଇଲେ ବହୁବଚନ ହୁଅଂତି । ଯଥା-

'ଗାଇଗୋଠେ (ଗୋଠେ ଗାଇ) ପଡ଼ିଚି (ପଡ଼ିଚଂତି) ।'
'ବଳଦ ଯୋଡ଼ାକ (ଯୋଡ଼ାକ ବଳଦ) ଭଲ ପଡ଼ିଲେ (ପଡ଼ିଲା) ।'
'ମାଲପା ସେରକ (ସେରକ ମାଲପା) ସାରିଦିଅ ।'

ଏମାନେ ଗୋଷ୍ଠି, ଯୁଗ୍ମ ପ୍ରଭୃତିର ସମୁଦାୟ ପରିମାଣ ବା ସଂଖ୍ୟା ବୁଝାଇବା ପାଇଁ 'ଯାକ' ଗ୍ରହଣ କରଂତି । 'ଯାକ' ଲାଗିଲେ କୁତ୍ରାପି 'ମାନ' ଲାଗେ ନାଇ । ଯଥା- **ଗୋଠକ ଯାକ, ପଲକ ଯାକ** ଇତ୍ୟାଦି ।

ଏଇ ଯୁଗ୍ମାଦିବାଚକ ଶବ୍ଦମାନେ ପୂର୍ବରୁ ରହିଲେ 'ଟା', 'ଟି' ବିଭକ୍ତି ଖାଲି ଗ୍ରହଣ କରଂତି ନାଇ, ସେ ପଦ ହେଲେ ସେମାନେ 'ଯାକ' ଗ୍ରହଣ କରଂତି । ଯଥା- 'ଗାଇ **ଗୋଠଟା** ଗୁଲିଗଲେ ।' 'ମାଲପା **ସେରଟା** ଇଡ଼ିଗଲା ।' କିଂତୁ **ଗୋଠଟାଯାକ** ଗାଇ ଗୁଲିଗଲେ, **ସେରଟାଯାକ** ମାଲପା ଇଡ଼ିଗଲା ।

Digitized by PPRACHIN, SOA

ଏମାନେ ବହୁବଚନ ବୁଝାଇବା ପାଇଁ 'ମାନ' ଗ୍ରହଣ କଲେ 'କ' ଲାଗେ ନାଇ ଏବଂ ଯୁଗ୍ମାଦିବାଚକ ଶବ୍ଦମାନେ ପରେ ଲାଗଂତି । ଯଥା-

'ଗାଈ **ଗୋଠଟାମାନ** କେଡ଼େ କେଡ଼େ ହୋଇଚଂତି ।'
'ମାଲପା **ଯେରଟାମାନ** ଟଂକେ ଲେଖାଏଁ ହୋଇଚି ।'
'ନଡ଼ିଆ **ସଂଘାଟାମାନ** କେତେ ଓଜନ ?'

ଏହି ଯୁଗ୍ମାଦିବାଚକ ପଦମାନେ କର୍ତା, କର୍ମ ଭିନ୍ନ ଅନ୍ୟ କାରକରେ ବରାବର ପରେ ଲାଗଂତି ଏବଂ ପୂର୍ବରୁ ଲାଗିଲେ କେବଳ 'ଏ' ଓ 'କ' ବିଭକ୍ତି ଗ୍ରହଣ କରିଥାଆଂତି । ଯଥା- '**ଗାଈ ଗୋଠକୁ** ଦେଖିଲି ।' '**ଗୋଠେ ଗାଈକୁ** ଦେଖିଲି ।' '**ଗାଈ ଗୋଠଟାକୁ** ଦେଖିଲି ।' କିଂତୁ '**ଗୋଠଟାଯାକ ଗାଈକୁ** ଦେଖିଲି ।'

ସଂଖ୍ୟାବାଚକ ଶବ୍ଦ ସାଧାରଣତଃ ପୂର୍ବରୁ ଲାଗେ ଓ କର୍ତା କର୍ମରେ ସାଧାରଣତଃ ବିଭକ୍ତି ନିଏ ନାଇ । ଜଡ଼ବସ୍ତୁ ବୁଝାଇଲେ ଏକବଚନର ପ୍ରୟୋଗ ହୁଏ । ପ୍ରତ୍ୟେକ ବ୍ୟକ୍ତି ବା ବସ୍ତୁକୁ ଗୋଟି ଗୋଟିକରି ବୁଝାଇବାର ଥିଲେ କିଂବା କେବେକେବେ କେବଳ ଶ୍ରୁତି ସୁଖ ପାଇଁ ସଂଖ୍ୟାବାଚକ ଶବ୍‌ଦରେ 'ଟା' ଓ 'ଟି' ବିଭକ୍ତି ଲାଗେ । ସମଗ୍ର ସଂଖ୍ୟା ବୁଝାଇଲେ, ସଂଖ୍ୟାବାଚକ ଶବ୍ଦ ଯାହାକୁ ବୁଝାଉଥାଏ, ତା'ପରେ 'ଯାକ' ଲାଗେ । ପରେ 'ଯାକ' ଲାଗିଲେ ସଂଖ୍ୟାବାଚକ ଶବ୍‌ଦରେ 'ଟା', 'ଟି' ଲାଗେ ନାଇ । ଯଥା- '**ପାଂଚ ଜଣକୁ** କହ ।' '**ପାଂଚଜଣ ଯାକଂକୁ** କହ ।' '**ଗ୍ବରିଆଡ଼େ** ମହକି ପଡୁଚି ।' '**ପାଂଚଟି ଲୋକ** ଆସୁଚଂତି ।' ଇତ୍ୟାଦି ।

ସମ୍ମାନ ଦେଖାଇଲେ ବେଳେବେଳେ – '**ପାଂଚ ଲୋକେ** କହଂତି' – ଏପରି ପ୍ରୟୋଗ ମଧ୍ୟ ହୁଏ; କିଂତୁ ତାହା ବ୍ୟବହାରରେ ସୀମାବଦ୍ଧ । 'ପାଂଚ ମନୁଷ୍ୟେ କହଂତି' – ଏପରି ପ୍ରୟୋଗ ହୁଏ ନାଇ । କାରଣ ଏହା ଶ୍ରୁତିକଟୁ । ସଂଖ୍ୟାବାଚକ ଶବ୍ଦ ଯାହାକୁ ବୁଝାଉଥାଏ, ତାହା ପରେ କେବେକେବେ ପ୍ରୟୋଗ ହୁଏ । ଏହା ମଧ୍ୟ ବ୍ୟବହାରରେ ସୀମାବଦ୍ଧ । ସେଥିରେ 'ଟା', 'ଟି' ପ୍ରଭୃତି କିଛି ପ୍ରୟୋଗ ହୁଏ ନାଇ । ଯଥା- **ଜଣ ଗ୍ବରି** ଆସୁଚଂତି ।
ଗଛରେ **ଗୋଟା ଗ୍ବରି** ଆଂବ ଅଛି ।
**ଗୋଟା ପଗ୍ବଶ** ନଡ଼ିଆ ଦେଲା ।

'ଦିନ ଗ୍ବରି', 'ଦିନ ପାଂଚ' ନ ହୋଇ 'ଦିନା ଗ୍ବରି', 'ଦିନା ପାଂଚ' ପ୍ରୟୋଗ ହୁଏ । ଦୁଇ, ତିନି, ଗ୍ବରି ଶବ୍ଦ ବିଶେଷ୍ୟ ପରି ପ୍ରୟୋଗ ହେଲେ 'ଏ' ବିଭକ୍ତ ଘେନି ଦୁହେଁ, ତିନିହେଁ, ଗ୍ବରିହେଁ ପ୍ରଭୃତି ପଦ ହୁଏ ।

Digitized by PPRACHIN, SOA

**ନିର୍ଦ୍ଦିଷ୍ଟ ପରିମାଣ ଓ ସଂଖ୍ୟାବାଚକ 'ସବୁ' :**

ବହୁବଚନରେ ଓ ବିଭକ୍ତି ପରେ ଏହି 'ସବୁ' ପଦ ଲାଗେ । ଯଥା- **'ଲୋକମାନେ ସବୁ ଗୁଲିଗଲେଣି ।' 'ଲୋକମାନଂକୁ ସବୁ କହ ।' 'ନଡ଼ିଆ ଯାକ (ଯାକକୁ, ଯାକଂକୁ) ସବୁ ବଢାଇ ଦିଅ ।'**

ଏହି 'ସବୁ' ଯୁଗ୍ମାଦିବାଚକ ଶବ୍‌ଦ ପରି ବୁଝାଉଥିବା ଶବ୍‌ଦର ପୂର୍ବେ ଓ ପରେ ଲାଗେ । ପୂର୍ବରୁ ଆସିଲେ ବୁଝାଉଥିବା ଶବଦରେ ବିଭକ୍ତି ଲାଗେ । ପରେ ଲାଗିଲେ କର୍ତା, କର୍ମରେ ବିଭକ୍ତି ଲାଗେ ନାଇ ଓ ଅନ୍ୟ ବିଭକ୍ତି 'ସବୁ' ଶବଦରେ ଲାଗେ । ପୂର୍ବରୁ ଲାଗିଲେ ବହୁବଚନରେ 'ମାନ' ବା 'ଯାକ' ଲାଗେ । ଯଥା- **ସବୁ ଲୋକେ** ଆସିଚଂତି, **ଲୋକ ସବୁ** ଆସିଚଂତି । **ସବୁ ମାଇପେ** (ମାଇପିମାନେ) ଗୃଲି ଗଲେଣି । **ଲୋକ ସବୁଂକୁ** କହ । **ସବୁ ଲୋକଂକୁ** (ଲୋକମାନଂକୁ, ଲୋକଯାକଂକୁ) ଡାକ ।

'ସବୁ' ଶବଦ ବିଶେଷ୍ୟ ପରି ପ୍ରୟୋଗ ହେଲେ 'ସଭିଏ', 'ସଭିଂକି' ପ୍ରଭୃତି ପଦ ହୁଏ ।

**ଅନିର୍ଦ୍ଦିଷ୍ଟ ପରିମାଣ ଓ ସଂଖ୍ୟାବାଚକ 'ଗୁଡ଼ା' :**

ଏହା ଯୁଗ୍ମାଦିବାଚକ ଶବଦ ପରି ପୂର୍ବରୁ ଓ ପରେ ବସେ ଓ ବହୁବଚନର ବିଭକ୍ତି ପରି କାର୍ଯ କରେ । ପରେ ବସିଲେ ନିର୍ଦ୍ଦେଶବାଚକ 'କ' ଓ ସମସ୍ତ କାରକ ବିଭକ୍ତି ଗ୍ରହଣ କରେ । ପୂର୍ବରୁ ବସିଲେ କେବଳ ବହୁବଚନର 'ଏ' ବିଭକ୍ତି ଗ୍ରହଣ କରେ ଓ କର୍ତା, କର୍ମ ଭିନ୍ନ ଅନ୍ୟାନ୍ୟ କାରକ ବିଭକ୍ତି ସବୁ ବୁଝାଉଥିବା ପଦ ସଂଗେ ଲାଗେ । ଯଥା- **ଲୋକଗୁଡ଼ାଏ** ଯାଉଚଂତି । **ଗୁଡ଼ାଏ ଲୋକ** ଯାଉଚଂତି । **ଲୋକଗୁଡ଼ାଂକୁ** ଦେଖିଲି । **ଗୁଡ଼ାଏ ଲୋକଂକୁ** ଦେଖିଲି । **ଲୋକଗୁଡ଼ାକ** ଭଲ ନୁହଂତି ।

ଆଦି ଓ ପ୍ରଭୃତି ଅର୍ଥରେ **'ହେରିକା'** ବିଭକ୍ତିର ପ୍ରୟୋଗ ହୁଏ । ଏହି ବିଭକ୍ତି ବିକଳ୍ପେ ବହୁବଚନର 'ଏ' ଓ ନିତ୍ୟରେ ଅନୁସ୍ୱାର ଗ୍ରହଣ କରେ । ଯଥା- **ରାମ ହେରିକା** ଆସୁଚନ୍ତି । **ରାମହେରିକାଂକୁ** ଡାକ ।

ମାତ୍ର ତତ୍‌ସମ 'ଆଦି', 'ପ୍ରଭୃତି' 'ଏ' ଗ୍ରହଣ କରଂତି ନାହିଁ । ଯଥା- **ରାମ ପ୍ରଭୃତି ଆସୁଚଂତି ।**

ତତ୍‌ସମ ଶବଦରୁ ଗୃହୀତ କୁଳ, ମଂଡଳୀ, କଳାପ, ବୃଂଦ, ସଂଘ, ଶ୍ରେଣୀ ପ୍ରଭୃତି ଶବଦ ବହୁବଚନରେ ପ୍ରୟୋଗ ହୁଅଂତି । କଦାଚିତ୍ ଜଡ଼ବସ୍ତୁ ବୁଝାଇଲେ, ଏକବଚନର ଅର୍ଥ ଦିଅଂତି । ପୁଣି ଏକତ୍ୱ ବୁଝାଇଲେ ଏକବଚନର ଅର୍ଥ ଦିଅଂତ

Digitized by PPRACHIN, SOA

ଓ 'ଟା' ଓ 'ଟି' ଗ୍ରହଣ କରିଥାଆଂତି । ପ୍ରଥମା ଦ୍ୱିତୀୟାରେ ଅନ୍ୟ କୌଣସି କାରକ ବା ବଚନ ବିଭକ୍ତି ଗ୍ରହଣ କରଂତି ନାହିଁ । ଯଥା- ଭଦ୍ରବୃଂଦ ବସିଚଂତି । ବୃକ୍ଷଶ୍ରେଣୀ ଶୋଭା ପାଉଚି । ଜନସଂଘ (ଟା) ଦ୍ୱିଧା ହେଲା ।

## ପୁରୁଷ

ଯେ କହେ ସେ, ଅର୍ଥାତ୍ **ଆଂଭେ, ମୁଁ, ଆଂଭ** ଓ **ମୋ** ପ୍ରଭୃତି ମୂଳକ ପଦ **ପ୍ରଥମ (ସଂସ୍କୃତରେ ଉତ୍ତମ) ପୁରୁଷର;** ଯାହାକୁ କହେ, ଅର୍ଥାତ୍ **ତୁଂଭେ, ତ, ତୁମେ, ତୋ** ପ୍ରଭୃତି ମୂଳକ ପଦ **ଦ୍ୱିତୀୟ (ସଂସ୍କୃତରେ ମଧ୍ୟମ) ପୁରୁଷର** ଏବଂ **ସେ** ଓ **ତା** ମୂଳକ ବା ସେହି ଅର୍ଥକ ପଦ, ଅର୍ଥାତ୍ ପ୍ରଥମ, ଦ୍ୱିତୀୟ ପୁରୁଷ ଭିନ୍ନ ସମସ୍ତ ବିଶେଷ୍ୟ ଓ ସର୍ବନାମ ପଦ **ତୃତୀୟ (ସଂସ୍କୃତରେ ପ୍ରଥମ) ପୁରୁଷର** ବୋଲି ବୁଝିବାକୁ ହୁଏ । ସର୍ବନାମ ପ୍ରକରଣରେ ଏହି ପୁରୁଷର ବ୍ୟାଖ୍ୟା ବିଶେଷ କରି କୁହାଯିବ ।

## କାରକ ବିଭକ୍ତି

ସଂସ୍କୃତରେ ବାକ୍ୟ ମଧ୍ୟରେ ଥିବା ଯେଉଁ ପଦର କ୍ରିୟା ସଂଗେ ସଂପର୍କ ଥାଏ, ତାହା କାରକ । ସେହି କାରକ ସବୁ ଚିହ୍ନାଇବା ପାଇଁ 'କୁ', 'ଏ', 'ରେ' ପ୍ରଭୃତି କେତେଗୁଡ଼ିଏ ପଦାଂଶର ପ୍ରୟୋଗ ହୁଏ । ସେଗୁଡ଼ିକର ନାମ **କାରକ ବିଭକ୍ତି** । ବିଶେଷ୍ୟ ଓ ବିଶେଷ୍ୟ ପରି ବ୍ୟବହୃତ ହେଉଥିବା ବିଶେଷଣ ଏସବୁ ବିଭକ୍ତି ଗ୍ରହଣ କରଂତି । ସର୍ବନାମ ବିଶେଷ୍ୟର ପ୍ରତିନିଧି ଥିବାରୁ, ତାହା ସବୁ ସଂପର୍କରେ ବିଶେଷ୍ୟ ପରି ବୋଲି ବୁଝିବାକୁ ହେବ । **'ରାମ ଦେଇଥିବା ଟଂକା, ରାମକୁ କହିଥିବା ଲୋକ'** ପ୍ରଭୃତିରେ ରାମର କ୍ରିୟା ସଂଗେ ସଂପର୍କ ନ ଥାଇ ତାହା କାରକର ବିଭକ୍ତି ଗ୍ରହଣ କରିଅଛି । ବସ୍ତୁତଃ ଦେଇଥିବା, କହିଥିବା ପ୍ରଭୃତି ବିଶେଷଣମାନେ କ୍ରିୟାବାଚକ ଥିବାରୁ ସେମାନେ କାରକ ଗ୍ରହଣ କରିଅଛଂତି । ସେହି ସାଦୃଶ୍ୟରେ ବିଶେଷ୍ୟ ଓ ବିଶେଷଣମାନେ ମଧ୍ୟ କାରକ ବିଭକ୍ତି ଯୁକ୍ତ ପଦ ଗ୍ରହଣ କରନ୍ତି । ଯଥା- **ମରଣକୁ ଡର କାହାର ନାହିଁ ? ଦୁର୍ଜନରେ ପ୍ରୀତି ଭଲ ନୁହେଁ । କାଗଜରେ ବହି କିଏ ନ ଦେଖିଚି ?** ଏଠାରେ ଡର, ପ୍ରୀତି ଓ ବହି ପ୍ରଭୃତି ପଦମାନେ କାରକ ବିଭକ୍ତି ଯୁକ୍ତ ପଦ ଗ୍ରହଣ କରିଚଂତି । ପ୍ରଥମ ଦୁଇଟି ଡରିବା ଓ ପ୍ରୀତି କରିବା ଅର୍ଥରେ ପ୍ରଯୁକ୍ତ; ତୃତୀୟଟି 'କାଗଜରେ ତିଆର ହୋଇଥିବା' ପଦର ସଂକ୍ଷେପ ।

Digitized by PPRACHIN, SOA

ଏହିପରି ସ୍ଥଳମାନଙ୍କରେ ବିଶେଷ୍ୟ ବା ବିଶେଷଣମାନେ ସ୍ପଷ୍ଟ କ୍ରିୟାବାଚକ ନୁହଂତି ଏବଂ ବିଭକ୍ତିଯୁକ୍ତ ପଦମାନଂକର ସଂପର୍କ ବା ସଂବଂଧ କୌଣସି କ୍ରିୟା ସଂଗେ ନୁହେ । ଏହିପରି ନାନା ଭାବରେ ବିଶେଷ୍ୟ ଓ ବିଶେଷଣ ସଂଗେ ବିଭକ୍ତିଯୁକ୍ତ ପଦମାନଂକର ସଂବଂଧ ଥାଏ । ସେହି ବିଭକ୍ତିଯୁକ୍ତ ପଦମାନଂକୁ ସଂବଂଧ ପଦ କହନ୍ତି ।

ଏହି ସଂବଂଧମାନଂକ ମଧ୍ୟରୁ ଗୋଟିଏ ପ୍ରକାର ସଂବଂଧର କ୍ରିୟା ସଂଗେ ସଂପର୍କ ମୋଟେ ସ୍ପଷ୍ଟ ନୁହେଁ । **ରାମ କହିଲା, ରାମର କୁହା କଥା ।** ଏଠାରେ ପ୍ରଥମ ବାକ୍ୟର କର୍ତା ଦ୍ୱିତୀୟ ବାକ୍ୟରେ 'କୁହା' ସଂଗେ ସଂବଂଧରେ ଆସିଅଛି । ସେହିପରି ରାମର ପୁସ୍ତକ, ମୋର ଘର ଇତ୍ୟାଦିରେ 'ର' ବିଭକ୍ତିଯୁକ୍ତ ପଦକୁ ସଂସ୍କୃତ ନିୟମ ଅନୁସାରେ ସ୍ପଷ୍ଟତଃ **ସଂବଂଧ ପଦ** ବୋଲି କହଂତି । ଅନ୍ୟ ସଂବଂଧମାନଂକର ବିଭକ୍ତିମାନଂକୁ ସଂସ୍କୃତ ବ୍ୟାକରଣରେ ଅନ୍ୟାନ୍ୟ ଅନେକ ପ୍ରକାରରେ ବ୍ୟାଖ୍ୟା କରଂତି ।

ଏହି 'ର' ବିଭକ୍ତିର କ୍ରିୟା ସଂଗେ କୁତ୍ରାପି ସ୍ପଷ୍ଟ ସଂବଂଧ ନାହିଁ । ଅତଏବ ସଂସ୍କୃତ ନିୟମ ଅନୁସାରେ ତାକୁ ଓଡ଼ିଆରେ **ସଂବଂଧ ପଦ ବା ଷଷ୍ଠୀ ବିଭକ୍ତିଯୁକ୍ତ ପଦ** ବୋଲି କୁହାଯାଏ । କ୍ରିୟାର କାରକ ଓ ଅନ୍ୟ ସଂବଂଧମାନଂକର କାରକ ବିଭକ୍ତି ମାତ୍ର ଚିହ୍ନାଇ ଦେବାକୁ ହେବ । ସଂବଂଧର ଷଷ୍ଠୀ ମଧ୍ୟ ଗୋଟିଏ କାରକ ବିଭକ୍ତି ବୋଲି ଗଣାଯାଏ ।

**ଗଛ ଉଠିଚି, ଗଛ ଦେଖିଲି, ଗଛରେ ପିଟିଲା, ଗଛକୁ କାଣ୍ଡ ମାଇଲା, ଗଛରୁ ପଡ଼ିଲା, ଗଛରେ ଫଳ ପାଚିଚି** – ଏହି ଛଅଟି ବାକ୍ୟରେ ଗଛ ଶବ୍ଦ ଭିନ୍ନ ଭିନ୍ନ ୬ଟି କାରକରେ ବ୍ୟବହୃତ ହୋଇଅଛି । ଏହି କାରକମାନଂକରେ ମଧ୍ୟ ଭିନ୍ନ ଭିନ୍ନ କାରକ ବିଭକ୍ତି ଲାଗିଅଛି । କିଂତୁ **'ଗଛର ପତ୍ର ପାଚି ଯାଇଚି'**, ଏଠାରେ ଗଛ କାରକ ନୁହେଁ ସତ; କଂତୁ ଏହି ସଂବଂଧର ଚିହ୍ନଟି ଗୋଟିଏ କାରକ ବିଭକ୍ତି ବୋଲି ଧରାଯାଏ । ତେଣୁ ଏହିପରି ସାତପ୍ରକାର କାରକ ଭଂଗୀରେ ଶବ୍ଦ ବାକ୍ୟରେ ପ୍ରକାଶିତ ହୁଏ ।

## ସଂବୋଧନ ପଦ

ରାମ, ଆସ; ହେ ରାମ, ତୁମେ ଆସ – ଏଠାରେ ରାମ ପଦର କ୍ରିୟା ବା ଅନ୍ୟ କୌଣସି ପଦ ସଂଗେ ସଂପର୍କ ନାହିଁ; ମାତ୍ର ସମସ୍ତ ବାକ୍ୟର ଅର୍ଥ ସଂଗେ

Digitized by PPRACHIN, SOA

ସ୍ପଷ୍ଟ ରହିଅଛି । ଏହିପରି ପଦକୁ **ସଂବୋଧନ** ବା ଡାକିବା ପଦ କହଂତି । ସଂସ୍କୃତରେ ଏହି ସଂବୋଧନ ପଦକୁ ପ୍ରଥମା ବିଭକ୍ତିଯୁକ୍ତ ପଦ ବୋଲି ଧରାଯାଏ । ସଂବୋଧନର ତତ୍ସମ ଶବ୍ଦମାନଂକରେ କେହି କେହି 'ଆ'କାରାଂତ ଓ 'ଇ'କାରାଂତକୁ 'ଏ'କାରାଂତ, 'ଉ'କାରାଂତକୁ 'ଓ'କାରାଂତ ଲେଖଂତି । ଯଥା- ବିଦ୍ୟେ, ବିଧେ, ପ୍ରଭୋ ଇତ୍ୟାଦି । ପିତୃ ପ୍ରଭୃତି ସଂସ୍କୃତ 'ଋ'କାରାଂତକୁ ପିତଃ ପ୍ରଭୃତି ପରି ଏବଂ ଦେବୀ, ବଧୂ ପ୍ରଭୃତି ଦୀର୍ଘଇ ଓ ଉକାରାଂତକୁ ଦେବି ଓ ବଧୁ ଲେଖିବାର ମଧ୍ୟ ଦେଖାଯାଏ ।

**ହେ** ପ୍ରଭୃତି କେତେଗୁଡ଼ିଏ ଅବ୍ୟୟ ଯୋଗ କରି ଏହି ସଂବୋଧନ ପ୍ରକାଶ କରାଯାଏ । ବେଳେବେଳେ କୌଣସି ଅବ୍ୟୟ ନ ଥାଇ ଶବ୍ଦ ମାତ୍ର ପ୍ରକାଶିତ ହୁଏ । ଏହାଛଡ଼ା ସଂବୋଧନରେ ଶବ୍ଦ ସଂଗେ ଅନ୍ୟ କୌଣସି ବିଭକ୍ତି ଲାଗେ ନାହିଁ ।

ସଂବୋଧନରେ ନିମ୍ନଲିଖିତ ଅବ୍ୟୟଗୁଡ଼ିକ ପ୍ରୟୋଗ କରାଯାଏ । ଯଥା-

| | | |
|---|---|---|
| ସାଧାରଣତଃ - | ପୁଂଲିଂଗରେ - | ହେ |
| | ସ୍ତ୍ରୀଲିଂଗରେ - | ଆଲୋ, ଲୋ |
| ମାନ୍ୟାର୍ଥରେ - | ପୁଂଲିଂଗରେ - | ଆହେ |
| | ସ୍ତ୍ରୀଲିଂଗରେ - | ଗୋ, ଆଗୋ |
| ଅନାଦରାର୍ଥରେ - | ପୁଂଲିଂଗରେ - | ଆରେ, ରେ |
| | ସ୍ତ୍ରୀଲିଂଗରେ - | ଆଲୋ, ଲୋ |

ପ୍ରଶ୍ନ ବୁଝାଇଲେ ଏଥି ସଂଗେ 'କି' ଲାଗି କହେ, କିଲୋ, କିରେ, କିଗୋ ପଦମାନ ହୁଏ ।

ତତ୍ସମ ଶବ୍ଦରେ କେହି କେହି 'ଅୟି', 'ଅୟେ' ବ୍ୟବହାର କରିଥାଆନ୍ତି । ଯଥା- ଅୟି ଶକୁନ୍ତଳେ !

'ହେ' ସମୟ ସମୟରେ 'ଏ' ହୁଏ । ଯଥା- **ଏ ରାମ !**

ଅତି ଆଦରରେ ବାବୁ, ବାପ, ମା ପ୍ରଭୃତି ପଦମାନ ଲାଗେ । ହଇକିରେ, ହଇକିଏ, ହଇହେ, ହଇକିହେ, ହଇଗୋ, ହଇକିଗୋ, ହଇକିଲୋ ପ୍ରଭୃତି ଯୁଗ୍ମ ଅବ୍ୟୟ ନିକଟରେ ଥିବା ଲୋକକୁ କହିଲା ବେଳେ ପ୍ରାୟ ଲାଗିଥାଏ ।

ଅତି ଆତ୍ମୀୟତା ବା ଆଦର ଭାବରେ ଅନାଦର ପ୍ରୟୋଗ ହେଲେ, 'ମ' ଲାଗେ । ଯଥା- ରାମ ମ, ଏଠାକୁ ଆ ।

Digitized by PPRACHIN, SOA

## କାରକ

**କର୍ତା :**

ବାକ୍ୟରେ ଯାହା ସଂବଂଧରେ କିଛି କୁହାଯାଏ, ଉଦ୍ଦେଶ୍ୟରେ ସେହି ପ୍ରଧାନ ପଦଟି କର୍ତାକାରକରେ ରହେ । ଯଥା- ରାମ ଆସୁଚି । ହରି ଖାଉଚି । ଟଂକା ଦିଆଗଲା । ଏଠାରେ ରାମ, ହରି ଓ ଟଂକା ଏହି ପଦମାନେ କର୍ତାକାରକରେ ଅଛଂତି ।

ସଂସ୍କୃତରେ କରିବା ଓ କରାଇବା ଦୁଇପ୍ରକାର ଅର୍ଥର କ୍ରିୟା-ପ୍ରୟୋଗରେ ଯଥାକ୍ରମେ ମୁଖ୍ୟ ଓ ପ୍ରୟୋଜକ ଦୁଇପ୍ରକାରର କର୍ତା ହୁଏ । ଯଥା- **ରାମ ଗୀତ ବୋଲୁଚି;** ଏଠାରେ **'ରାମ' ମୁଖ୍ୟ କର୍ତା । ଆପଣେ ରାମକୁ ଗୀତ ବୋଲାଉଅଛଂତି ।** ଏଠାରେ **'ଆପଣେ' ପ୍ରୟୋଜକ କର୍ତା ।** କିନ୍ତୁ କ୍ରିୟାର ଉଦ୍ଦେଶ୍ୟ କର୍ତା, ଏତିକି ବୁଝିରଖିଲେ ଏ ସବୁ ପ୍ରଭେଦ ବାଛିବା କିଛି ଦରକାର ନାହିଁ । 'ବୋଲୁଚି' କ୍ରିୟା ପ୍ରତି ଯେପରି ଉଦ୍ଦେଶ୍ୟ 'ରାମ', 'ବୋଲାଉଅଛନ୍ତି' କ୍ରିୟା ପ୍ରତି ସେପରି ଉଦ୍ଦେଶ୍ୟ 'ଆପଣେ' ।

**କର୍ମ :**

କ୍ରିୟାର ଅର୍ଥଦ୍ୱାରା ଯାହା ସାଧନ କରିବାର କୁହାଯାଏ ସେ କର୍ମକାରକରେ ରହେ । ଯଥା- **ହରି ବାଘ ଦେଖିଲା, ମୁଁ ଭାତ ଖାଇଲି, ଗୋବିନ୍ଦ ଦୁଧ ଇଡ଼ିଦେଲା, ସେ ଚିଠି ପଠାଇଲା, ମା ପିଲାକୁ ଓଷଦ ଖୁଆଇଲା ।** ଏସବୁ ସ୍ଥଳରେ ବାଘ, ଭାତ, ଦୁଧ, ଚିଠି, ଓଷଦ ଏ ପଦମାନେ **କର୍ମ କାରକରେ** ଅଛଂତି ।

ସଂସ୍କୃତ ବ୍ୟାକରଣରେ କର୍ମର ବିଗୃର ଅନୁସାରେ ପାଇବା, ତିଆରି କରିବା, ବଦଳାଇବା, ଛାଡ଼ିବା - ଏହି ଗୃରି ଅର୍ଥବ୍ୟଂଜକ କ୍ରିୟାମାନେ କର୍ମ ଗ୍ରହଣ କରିଥାଆଂତି । ଯଥା- **ରାମ ପୋଥି କିଣିଲା** (ପାଇବା), **ହରି ଭାତ ରାନ୍ଧୁଚି, କୁଂଭାର ହାଣ୍ଡି ଗଢୁଚି** (ତିଆରି କରିବା), **ଗୋପାଳ ବହି ଟିରି ଦେଲା** (ବଦଳାଇବା), **ଗାଁଲୋକେ ଗ୍ରେ୍ର ତଡ଼ିଦେଲେ** (ଛାଡ଼ିବା) - ଏହି ଗୃରି ଅର୍ଥର କର୍ମକୁ ଯଥାକ୍ରମେ ସଂସ୍କୃତ ବ୍ୟାକରଣରେ ପ୍ରାପ୍ୟ, ଉତ୍ପାଦ୍ୟ, ବିକାର୍ଯ ଓ ଅନୀପ୍‌ସିତ କର୍ମ ବୋଲି କୁହାଯାଏ ।

**କରଣ :**

କ୍ରିୟାର ଅର୍ଥରେ କୁହାଯାଉଥିବା କାର୍ଯ ଯାହା ସାହାଯ୍ୟରେ କରିବାର ବୁଝାଯାଏ, ସେ କରଣ କାରକରେ ରହେ । ଯଥା- **ଦାଆରେ ଧାନ କାଟ । ମୋ**

Digitized by PPRACHIN, SOA

**ହାତେ ଏ କାମ ହେବ ନାହିଁ ।** ଏଠାରେ 'ଦାଆରେ' ଓ 'ହାତେ' ପଦ **କରଣ କାରକରେ** ଅଛି ।

**ସଂପ୍ରଦାନ :**

କ୍ରିୟାରେ କୁହାଯାଉଥିବା କାର୍ଯ ଯାହା ଉଦ୍ଦେଶ୍ୟରେ (ଲକ୍ଷ୍ୟରେ ବା ନିମନ୍ତେ) କରାଯାଉଥିବାର ପ୍ରକାଶ ପାଏ, ତାହା ସଂପ୍ରଦାନ କାରକରେ ରହେ । ଯଥା– **ତାକୁ ଟଂଙ୍କା ଦିଅ । ରାମକୁ ବହି ମାଗିଲା । ସେ ମୋତେ ହିତକୁ କହୁଚି ।** ଏ ସ୍ଥଳମାନଂକରେ 'ତାକୁ', 'ରାମକୁ' ଓ 'ହିତକୁ' ପଦମାନେ **ସଂପ୍ରଦାନ କାରକରେ** ଅଛଂତି ।

ନିବାରଣ ନିମନ୍ତେ ଏହି ଅର୍ଥରେ ମଧ୍ୟ ସଂପ୍ରଦାନ ହୁଏ । ଯଥା– **ନଈବଢ଼ିକି ଦିଅଂକ ଋଣ । ମଶାକୁ ଧୂଆଁ ଦିଅ । ବାଆକୁ ବତେ ।**

**ଅପାଦାନ :**

କ୍ରିୟାଦ୍ୱାରା କୁହାଯାଉଥିବା କାର୍ଯ ଯହିଁରୁ ବିଚ୍ଛିନ୍ନ ହେବା, ଯହିଁରୁ ଆରମ୍ଭ ହେବା ବା ଯେଉଁଠାରୁ ବୋଲି କୁହାଯାଏ, ସେ ଅପାଦାନ କାରକରେ ରହେ । ଯଥା– **ଅଧବାଟରୁ ଉର ହେଲା । ଗାଁ ମୁଂଡରୁ ଡରିଲା । ଗଛରୁ ପତ୍ର ପଡ଼ିଲା । ସେ 'ନଈ' କୂଳରୁ ଅଇଲା । ଏପରି କଥା କାହା ମୁହଁରୁ ବାହାରିଚି ?** ଏସବୁ ବାକ୍ୟରେ 'ବାଟରୁ', 'ମୁଂଡରୁ', 'ଗଛରୁ', 'କୂଳରୁ', 'ମୁହଁରୁ' ପଦମାନେ **ଅପାଦାନ କାରକରେ** ଅଛଂତି ।

ଡରିବା ଅର୍ଥର କ୍ରିୟା ସଂସ୍କୃତରେ ଅପାଦାନ କାରକ ଗ୍ରହଣ କରେ; କିଂତୁ ଓଡ଼ିଆରେ ତାହ ନୁହେଁ । ଯଥା– **ଘରକୁ ଡରିଲେ ରହିବ କେଉଁଠାରେ ?** ଏଠାରେ 'ଘରକୁ' ପଦ ଅପାଦାନ କାରକ ନୁହେଁ – ଏହା ସଂପ୍ରଦାନ; ମାତ୍ର କେହି କେହି ଲେଖକ ସଂସ୍କୃତ ଅନୁକରଣରେ 'ଘରୁ ଡରିଲା' ଏପରି ଭ୍ରମାତ୍ମକ ପ୍ରୟୋଗ କରନ୍ତି । 'ବାଘଠାରୁ ଭୟ ପାଇଲା' ଏପରି ସ୍ଥଳରେ 'ରାମଠାରୁ ଟଂକା ପାଇଲା' ପରି ବୁଝିବାକୁ ହେବ । ଡରିବା ଅର୍ଥ ବ୍ୟଂଜକ କ୍ରିୟାର ବିଶେଷତ୍ୱ ଏଠାରେ କିଛି ନାହିଁ । ବାଘକୁ ଡରିଲା, ଅର୍ଥାତ୍ ବାଘକୁ ଲକ୍ଷ୍ୟ କରି, ଦେଖି ବା ବାଘ ଥିବାର ଜାଣି ଡରିଲା । ଏଣୁ ଏହାକୁ ସଂପ୍ରଦାନ ବୋଲି ଅନ୍ୱୟ କରିବା ହିଁ ଯୁକ୍ତିଯୁକ୍ତ ।

**ଅଧିକରଣ :**

କ୍ରିୟା ଦ୍ୱାରା କରାଯାଉଥିବା କାର୍ଯ ଯେଉଁ ସ୍ଥାନ, କାଳ, ବିଷୟ, ଭାବାଦିରେ ବିହିତ ହୁଏ, ସେହି ସ୍ଥାନ, କାଳ, ବିଷୟ, ଭାବାଦି ବୁଝାଉଥିବା ପଦମାନେ ଅଧିକରଣ କାରକରେ ରହଂତି । ତେଣୁ ଅଧିକରଣ କାରକ ସାଧାରଣତଃ **ସ୍ଥାନାଧିକରଣ,**

Digitized by PPRACHIN, SOA

**କାଳାଧିକରଣ, ବିଷୟାଧିକରଣ, ଭାବାଧିକରଣ** ଏହିପରି ଚାରି ଭାଗରେ ବିଭକ୍ତ କରାଯାଇପାରେ ।

ସ୍ଥାନାଧିକରଣରେ **ଘରେ ଓ ଘରଠାରେ** (ସ୍ଥାନରେ) ଏହିପରି ଦୁଇପ୍ରକାର ସ୍ପଷ୍ଟ ପ୍ରୟୋଗ ହୁଏ ।

କାଳାଧିକରଣରେ ମଧ୍ୟ **ରାତ୍ରିରେ** କହିଲେ, **ରାତ୍ରିକାଳରେ** ଏହିପରି ଅର୍ଥ କରାଯାଇପାରେ ।

ବିଷୟାଧିକରଣରେ ସେହିପରି, **ତାଙ୍କ ଲେଖାରେ ତୁମେ ଦୋଷ ଦିଅ ନାହିଁ;** ଏଠାରେ 'ଲେଖା'ରେ ଲେଖା ବିଷୟ ବା ସଂବଂଧରେ ଏହିପରି ବ୍ୟାଖ୍ୟା କରାଯାଏ ।

ଭାବାଧିକରଣରେ ଭାବ ଶବ୍ଦ ଲଗାଇ କହିଲେ, ଅର୍ଥ ମଧ୍ୟ ସ୍ପଷ୍ଟ ହୁଏ । ଯଥା- **ସେ କ୍ରୋଧରେ (କ୍ରୋଧ ଭାବରେ) କହିଲେ । ସେ ମୋତେ ଭାଇରେ (ଭାଇ ଭାବରେ) ଲେଖିଲା ନାହିଁ । ସେ ମୋତେ ବାପରେ ଗଣିଲା ନାହିଁ ।**

ଏହି ଭାବାଧିକରଣ ଅନେକ ସ୍ଥଳରେ ବିଶେଷଣ ପଦକୁ ବିଶେଷ୍ୟ ପରି ଗ୍ରହଣ କରେ । 'ଭାବ' ଶବ୍ଦ ଲଗାଇ ତାକୁ ବିଶେଷ୍ୟ ପରି ମଧ୍ୟ ବ୍ୟକ୍ତ କରାଯାଏ । ଯଥା- **ରାମ ରାବଣର ବିରୁଦ୍ଧରେ (ବିରୁଦ୍ଧ ଭାବରେ) ଯୁଦ୍ଧ କଲେ । ସେ ଧୀରେ (ଧୀର ଭାବରେ) ଗଲେ ।** 'ରାଗରେ' 'କ୍ରୋଧରେ' - ଏସବୁରେ ମଧ୍ୟ 'ରାଗ' ଓ 'କ୍ରୋଧ' ବିଶେଷଣରେ ପ୍ରୟୋଗ ହୋଇଛି । ଏମାନଂକର ଏଇ ବିଶେଷଣ ପ୍ରୟୋଗ ବୁଝିବା ସହଜ । ଯଥା- ସେ ରାଗ ହେଲା । ସେ କ୍ରୋଧ ହେଲା ।

[**ଦ୍ରଷ୍ଟବ୍ୟ :** ଓଡ଼ିଆରେ ଏଇପରି ବିଶେଷ୍ୟର ବିଶେଷଣ ପ୍ରୟୋଗ ବଡ଼ ସାଧାରଣ । ଯଥା- ପିଲାଟା ଧୂଳି (କାଦୁଅ, ପାଣି) ହଉଚି ।]

କର୍ତା ଛଡ଼ା ସମସ୍ତ କାରକର ପଦ କ୍ରିୟା-ବିଶେଷକ । ଏଣୁ ବସ୍ତୁତଃ ସେମାନେ **କ୍ରିୟା-ବିଶେଷଣ** । ମାତ୍ର ବିଶେଷଣରେ ବିଭକ୍ତିଯୋଗ ହେତୁରୁ ଭାବାଧିକରଣର କ୍ରିୟା-ବିଶେଷଣତ୍ୱ ଏକାବେଳକେ ସ୍ପଷ୍ଟ । ସଂସ୍କୃତ କ୍ରିୟାବିଶେଷଣରେ ଦ୍ୱିତୀୟା ଓ କେବେ କେବେ ତୃତୀୟା ବିଭକ୍ତି ହୁଏ । ଏଠାରେ ଏଇ 'ରେ'କୁ ସେଇ ଦ୍ୱିତୀୟା ଓ ତୃତୀୟାର ଚିହ୍ନ ବୋଲି କହିଲେ ହୁଏ । ପରେ ବିଭକ୍ତି ବିଗ୍ରହରେ ଦେଖ ।

ହେଲେହେଁ 'ବାପରେ ଗଣିଲା ନାହିଁ' ପ୍ରଭୃତିରେ 'ବାପ' ବିଶେଷଣ ନୁହେଁ । ମାତ୍ର ଏଠାରେ ବାପ ବୋଲି (କରି) ଗଣିଲା ନାହିଁ - ଏହିପରି ଅର୍ଥରେ 'ବାପରେ' ପଦଟିର କ୍ରିୟାବିଶେଷଣ ଶକ୍ତି ସ୍ପଷ୍ଟ ପ୍ରକାଶ ପାଉଚି । 'ବାକ୍ୟବିଗ୍ରହ'ରେ ଏହା ବୁଝାଇ ଦିଆ ହୋଇଚି ।

Digitized by PPRACHIN, SOA

**କାରକ ବିଭକ୍ତିର ଆକାର ଓ ପ୍ରୟୋଗ :**

ସଂସ୍କୃତରେ – କର୍ତା କାରକରେ – ପ୍ରଥମା ବିଭକ୍ତି
କର୍ମ କାରକରେ – ୨ୟା ବିଭକ୍ତି
କରଣ କାରକରେ – ୩ୟା ବିଭକ୍ତି
ସଂପ୍ରଦାନ କାରକରେ – ୪ର୍ଥୀ ବିଭକ୍ତି
ଅପାଦାନ କାରକରେ – ୫ମୀ ବିଭକ୍ତି
ସଂବଂଧରେ – ୬ଷ୍ଠୀ ବିଭକ୍ତି
ଅଧିକରଣ କାରକରେ – ୭ମୀ ବିଭକ୍ତି ହୁଏ ।

ଏଠାରେ ସଂବଂଧ କହିଲେ, କେବଳ 'ରାମର ଘର' ପ୍ରଭୃତିରେ ପ୍ରୟୋଗ ହୋଇଥିବା, ସଂସ୍କୃତ ବ୍ୟାକରଣର ସଂବଂଧ ବୁଝିବାକୁ ହେବ । ସେହି ସଂବଂଧର ବିଭକ୍ତିକୁ ୬ଷ୍ଠୀ ବିଭକ୍ତି କୁହାଯାଏ । 'ଭୋଜନକୁ ଡାକ ପଡ଼ିଚି' ପ୍ରଭୃତି ସଂବଂଧ ଅନ୍ୟ ବିଭକ୍ତିରେ ପ୍ରକାଶିତ ହେଉଥିବାରୁ, ତାହାସବୁ ଯେଉଁ ବିଭକ୍ତିରେ ପ୍ରକାଶିତ ହୁଏ, ସେହି ବିଭକ୍ତିରେ ଧରାଯାଏ । ସେହି ହିସାବରେ ଅନ୍ୟାନ୍ୟ ବିଭକ୍ତିମାନଂକର ମଧ୍ୟ ସ୍ଥାନ ବିଶେଷରେ ସଂବଂଧରେ ପ୍ରୟୋଗ ହୁଏ ।

ସଂସ୍କୃତରେ ଏତେ ଗୁଡ଼ିଏ ବିଭକ୍ତି ଥିଲେ ମଧ୍ୟ, ଓଡ଼ିଆରେ ସେସବୁ ବିଭକ୍ତି ନାହିଁ । ତଥାପି ଚଳିଆସୁଥିବାରୁ ସଂସ୍କୃତ ନାମ ଅନୁସାରେ ବିଭକ୍ତିର ନାମ ରଖିବାକୁ ହୁଏ ଏବଂ ସେହି ନାମ ଅନୁସାରେ କହିଲେ କୁହାଯିବ – ଓଡ଼ିଆରେ ପ୍ରଥମା, ଦ୍ୱିତୀୟା ଛଡ଼ା ବାକି ସବୁ ବିଭକ୍ତିର ଆକାର ଅଛି ।

**ପ୍ରଥମା ଓ ଦ୍ୱିତୀୟା–**

ଏ ଦୁଇଟି କାରକ ବିଭକ୍ତି ଓଡ଼ିଆରେ ନାହିଁ । ଯଥା– **ଗଛ ଶୁଖିଗଲା; ଗଛମାନେ ଶୁଖିଗଲେ; ଲୋକେ କହଂତି; ଭାତ ଖାଅ; ପାଠ ପଢ଼;** ଏ ସ୍ଥଳମାନଙ୍କରେ ଗଛ, ଗଛମାନେ, ଲୋକେ, ଭାତ, ପାଠ ପ୍ରଭୃତି କର୍ତା ଓ କର୍ମମାନଂକରେ କୌଣସି ବିଭକ୍ତିର ଚିହ୍ନ ନାହିଁ ।

ଦ୍ୱିତୀୟାରେ 'ଏ' ଓ 'ରେ' ବିଭକ୍ତି ଏବେ ଖାଲି କେବେ କେବେ ପଦ୍ୟ ଓ ପ୍ରବଚନରେ ଦେଖାଯାଏ ।

"**ପରେ ପରେ** ଆଣି ପରଚେ କରାଇ ବିଧାତା ବିଧାନ ଦେଖ"
"**ମନ୍ତ୍ରୀରେ** କହିଲେ ରାଜନ"
"ଯେ **ଦେଶେ** ଯାଇ, ସେ ଫଳ ଖାଇ"

Digitized by PPRACHIN, SOA

ମୋତେ (ମତେ), ତୋତେ (ତତେ) 'ଏ' ଦୁଇଟିରେ ଏ ବିଭକ୍ତି ଓଡ଼ିଆରେ ସର୍ବତ୍ର ପ୍ରଚ଼ଳିତ ।

ଓଡ଼ିଆରେ ଦ୍ୱିତୀୟା ଓ ଚତୁର୍ଥୀ ବିଭକ୍ତିରେ ଭେଦ ନାହିଁ । ଚତୁର୍ଥୀ 'କୁ' ଦ୍ୱିତୀୟାରେ ଚଳେ । ଦ୍ୱିତୀୟାର ଏଇ 'ଏ' ଓ 'ରେ' ଚତୁର୍ଥୀ କୁହାଯାଇପାରେ । ବସ୍ତୁତଃ ଏହା ସପ୍ତମୀର ଚିହ୍ନ । ଏହା ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ସପ୍ତମୀରେ ଚଳିଯାଇଚି ।

**ତୃତୀୟା-**

'ଏ' ଓ 'ରେ' ତୃତୀୟା ବିଭକ୍ତିର ଚିହ୍ନ । ଯଥା- **ମୋ ହାତେ ହେବ ନାହିଁ । ଘୋଡ଼ାରେ ଗଲା । ଦାଆରେ ଧାନ କାଟିଲା ।**

[**ଦ୍ରଷ୍ଟବ୍ୟ :** ତୃତୀୟାରେ 'ରେକରି' ବିଭକ୍ତିର କେହି କେହି ଉଲ୍ଲେଖ କରଂତି । କିଂତୁ 'ରେ' ବିଭକ୍ତିରେ ଈଷତ୍ ନିଶ୍ଚୟାତ୍ମକ 'କରି' ଅବ୍ୟୟର ମିଶ୍ରଣରେ ଏ 'ରେକରି' ହୋଇଅଛି । ବରଂ ଏହି **'କରି'କୁ ଓଡ଼ିଆରେ ବାକ୍ୟାଳଂକାର କୁହାଯାଇପାରେ ।** ଯଥା- **ଖଂଡାରେ ହାଣିଲା । ଖଂଡାରେ କରି ହାଣିଲା । ଦାଂତରେ ମାଇଲା । ଦାଂତରେ କରି ମାଇଲା । ମହୀରେ ଆଉ ସମୁଦ୍ର କରି ରଖିବି ନାହିଁ** (ବିଶ୍ୱନାଥ ଖୁଣ୍ଟିଆ); ଏହିପରି- **ତେଣୁକରି ଏ ଦଶା ହେଲା । ସଅଳ ଆସ । ସଅଳ କରି ଆସ । ଭାତ ଖାଇ ଯିବି । ଭାତ ଖାଇ କରି ଯିବି** ଇତ୍ୟାଦି ।]

**ଚତୁର୍ଥୀ-**

ଚତୁର୍ଥୀରେ 'କୁ' ବିଭକ୍ତି ଲାଗେ । ସ୍ୱର ନିୟମରେ ପଡ଼ି ଏହି 'କୁ' ବେଳେବେଳେ 'କି' ହୁଏ । ଲକ୍ଷ୍ୟ କରୁଥିବା ବା **ଅଭିପ୍‌ସିତ-ଅର୍ଥକ** ସଂପ୍ରଦାନରେ, ଯଥା- **ତାକୁ ଦିଅ । ଗୁରୁଂକୁ ନମସ୍କାର କର ।**

**ନିମିତ୍ତାର୍ଥକ** ସଂପ୍ରଦାନ, ଯଥା- **ଖାଇବାକୁ ଆସ । ଦର୍ଶନକୁ ଯାଇଚି । ଭୋଜନକୁ ଡାକୁଚି । ବଡ଼ଲୋକକୁ ଉତ୍ତର ନାହିଁ । ସ୍ୱର୍ଗକୁ ନିଶୁଣୀ ନାହିଁ ।**

**ନିଷେଧାର୍ଥକ;** ଯଥା- **ନଈବଢ଼ିକି ଦିଅଙ୍କ ରାଣ । ବା'କୁ ବତା । ମଶାକୁ ଧୂଆଁ । ରୋଗକୁ ଔଷଧ । ଗାଈକି ବାଡ଼,** ଇତ୍ୟାଦି ।

ଖାଇବାକୁ, କରିବାକୁ, ଯିବାକୁ ପ୍ରଭୃତି କ୍ରିୟାବାଚ଼କ ପଦମାନେ ନିମିତ୍ତାର୍ଥକ ସଂପ୍ରଦାନ ହୁଅନ୍ତି । ଯେଉଁଠାରେ ସେମାନେ ନିମିତ୍ତାର୍ଥକ ନ ହୁଅନ୍ତି ସେଠାରେ ମଧ୍ୟ ବେଳେବେଳେ ଚତୁର୍ଥୀ 'କୁ' ଲାଗେ । ଯଥା- **ମୋତେ ଯିବାକୁ ହେବ** ଇତ୍ୟାଦି । ଏପରି ସ୍ଥଳରେ କର୍ତାଠାରେ ମଧ୍ୟ ଚତୁର୍ଥୀ ହୁଏ । ଏଠାରେ 'ହେବ' କ୍ରିୟାକୁ ପ୍ରତି 'ଯିବା' କର୍ତା, ଏବଂ 'ଯିବା' କ୍ରିୟାବାଚକ ବିଶେଷ୍ୟକୁ ପ୍ରତି 'ମୋତେ' କର୍ତା ।

Digitized by PPRACHIN, SOA

ଏହି 'କୁ' ବିଭକ୍ତି ଲାଗି ମୁଁ ଓ ତୁ ଶବ୍ଦ 'ମୁଁ କୁ' 'ତୁ କୁ' ନ ହୋଇ 'ମୋତେ', 'ତୋତେ' ହୁଏ । ଯଥା- **ମୋତେ କହିଲା । ତୋତେ ଦିଆଯିବ ।**

କର୍ମକାରକରେ କୌଣସି ଲୋକକୁ ବୁଝାଇଲେ ବରାବର ୪ର୍ଥୀ ବିଭକ୍ତି ହୁଏ । ଯଥା- **ରାମକୁ ଦେଖିଲି; ଗୁରୁଙ୍କୁ ଦେଖିଲି ।** କିନ୍ତୁ 'ବାଘ ଦେଖିଲି' ।

ଯିବା ଆସିବା ପ୍ରଭୃତି ଗମନାଦି ଅର୍ଥର କ୍ରିୟା ଓ କହିବା ପ୍ରଭୃତି କଥନାର୍ଥର କ୍ରିୟା କର୍ମରେ ୪ର୍ଥୀ ଗ୍ରହଣ କରଂତି । ମାତ୍ର ନାମବାଚକ ବିଶେଷ୍ୟ କର୍ମ ହେଲେ ପ୍ରାୟ ୪ର୍ଥୀ ଗ୍ରହଣ କରଂତି ନାହିଁ । ଯଥା- **ବଣକୁ** ଗଲା । **ଗ୍ରାମକୁ** ଗଲା । **ଘରକୁ** ଗଲା । କିନ୍ତୁ **କଲିକତା** ଗଲା । **ପୁରୀ** ଗଲା ।

ଏହି କର୍ମରେ ଚତୁର୍ଥୀ ବ୍ୟବହାର ଅନୁକରଣରେ ସଂପ୍ରଦାନରେ ମଧ୍ୟ ଚତୁର୍ଥୀ ବ୍ୟବହାର ଭାଷାରେ ଚଳି ଯାଇଅଛି । ଯଥା- **ପାରିଧିକୁ** (ପାରିଧି କରିବାକୁ) ଆସ । **ଭୋଜନକୁ** ଗଲେ । ମୂଲିଆ **କାମକୁ** ଆସିଲେଣି । ମାତ୍ର **ଗୋଦାବରୀ** (ଗୋଦାବରୀ ସ୍ନାନ କରିବାକୁ) ଗଲେ । **ଗଂଗା** ଗଲେ ଇତ୍ୟାଦି ।

କର୍ମକୁ ବ୍ୟାଖ୍ୟା କରି, ବିଶେଷ ଲକ୍ଷ୍ୟ କରି ବା ଯୋର ଦେଇ କହିଲେ ୪ର୍ଥୀ 'କୁ' ସର୍ବତ୍ର ଲଗାଯାଇ ପାରେ । ଗୋବିଂଦ ଭାତ ଖାଉଚି । ଅର୍ଥାତ୍ ଗୋବିଂଦ **ଭାତକୁ** ଖାଉଚି । **ଚୋରକୁ** ଧରି ପକାଇଲା; ମାତ୍ର ଚୋର ଧଇଲା । (ସେହି) **ବାଘଟାକୁ** ଦେଖିଲା; ମାତ୍ର ବାଘ ଦେଖିଲା । ସେହିପରି 'କଲିକତାକୁ ଗଲେ କଣ ବସି ହୁଏ' ? ପାଠକୁ ପଢ଼ିଲେ ତ ହେବ । ବାଘକୁ ଦେଖିଲେ କଣ ପୂଜା କରିବ ? ଇତ୍ୟାଦି ।

ବାକ୍ୟର କ୍ରିୟା ସଂଗେ ସଂପର୍କ ସ୍ପଷ୍ଟ ନଥାଇ କେବଳ **ନିମିତ୍ତାର୍ଥରେ** ମଧ୍ୟ ୪ର୍ଥୀ ହୁଏ । ଯଥା- ମୋତେ **ଘରକୁ** ଡାକ ପଡ଼ିଚି । **ମରଣକୁ** ଡର କାହାର ନାହିଁ ? ତାହାର **ଦିହକକୁ** ଖାଇବା ଚଳିଯିବ । **'ବ୍ରାହ୍ମଣକୁ ନାସ, ଗାଈକି ଘାସ'** (ପ୍ରବଚନ) ।

ଅନ୍ୟ କାରକରେ ମଧ୍ୟ ୪ର୍ଥୀର ପ୍ରୟୋଗ ହୁଏ । ଯଥା- **ଶେଷକୁ** (ଶେଷରେ) କହିଲା । **ରାତିକି** (ରାତିରେ) ଆସିବି । ମୋତେ **ଯିବାକୁ** (ମୋର ଯିବାର, ମୁଁ ଯିବାର) ଅଛି । **ଦେଉଳକୁ** (ଠାରୁ) ଗାଁ କେତେ ଦୂର ?

ବହୁବଚନରେ 'ଙ୍କୁ' ଚଳିତ ଭାଷାରେ ଉଚ୍ଚାରଣରେ ବେଳେବେଳେ 'ଉଁ' ହୋଇଥାଏ । ଯଥା- **ତାଉଁ (ଙ୍କୁ)** ଡାକ । **ମାଂକଡ଼ଉଁ (ଙ୍କୁ)** ତଡ଼ିଦିଅ ।

ବର୍ଷକୁ ଭାତ ଅଛି । ବାଟକୁ ପଇସା ନାହିଁ । ଏପରି ସ୍ଥଳରେ ବର୍ଷକ ଖାଇବା ନିମନ୍ତେ, ବାଟରେ ଖର୍ଚ୍ଚ କରିବା ନିମନ୍ତେ ଏପରି ଅର୍ଥ କରି ବର୍ଷକୁ ଓ

Digitized by PPRACHIN, SOA

ବାଟକୁ ଏହି ପଦମାନଂକର ସଂପ୍ରଦାନତ୍ୱ ସିଦ୍ଧ କରିବାର ସୁବିଧା ଥିଲେ ମଧ୍ୟ ଏହା ଏକ ସ୍ୱତନ୍ତ୍ର ପ୍ରୟୋଗ । ଏହା ବସ୍ତୁତଃ ଏକପ୍ରକାର ସଂବଂଧର ଚତୁର୍ଥୀ । ବାଟ ନିମନ୍ତେ ଓ ବର୍ଷ ନିମନ୍ତେ ଏପରି ଅର୍ଥ କରି ଏହାକୁ ସଂପ୍ରଦାନ ଚତୁର୍ଥୀ ବୋଲି ବିଗ୍ରହ କରିବା ଠିକ୍ ହେବ ନାହିଁ ।

ସେହିପରି- ଜଣକୁ ଟଂକାଏ, ମାସକୁ ଦଶଟଂକା; ଏସବୁ ସ୍ଥଳରେ ଚତୁର୍ଥୀ ପ୍ରୟୋଗ ହେଲେ ମଧ୍ୟ 'ନିମନ୍ତେ' ବ୍ୟବହାର କରି ସହଜରେ ଅର୍ଥ କରିହୁଏ ନାହିଁ । ଏଠାରେ ବ୍ୟକ୍ତି, ବସ୍ତୁ, ବା କାଳର ନିର୍ଦ୍ଦିଷ୍ଟ ବିଭାଗ ଭିନ୍ନ ଭିନ୍ନ କରି ଚିହ୍ନାଇବା ପାଇଁ ସଂବଂଧରେ ଚତୁର୍ଥୀର ପ୍ରୟୋଗ ହୁଏ ।

ଏହି ସଂବଂଧରେ ମଧ୍ୟ ବିକଳ୍ପରେ 'ଏ' ଓ 'ରେ' ପ୍ରୟୋଗ ହୋଇଥାଏ, ଓ ନିର୍ଦ୍ଦିଷ୍ଟ ବିଭାଗ ଚିହ୍ନାଇବା ପାଇଁ ଏକ ଅର୍ଥରେ 'କ' ବିଭକ୍ତି ମଧ୍ୟ ସଂଗେ ସଂଗେ ଲାଗିଥାଏ । ଯଥା- **ଜଣକେ ଟଂକାଏ, ମାସକେ** ଦଶଟଂକା ।

ଏହି ସଂବଂଧ ଚତୁର୍ଥୀର ମଧ୍ୟ ନିର୍ଦ୍ଦିଷ୍ଟ ବିଭାଗାର୍ଥ 'କ' ବିଭକ୍ତି ଅର୍ଥରେ ପ୍ରକାଶ ପାଇଲେ ମଧ୍ୟ ବିଭକ୍ତିର 'କୁ'ରେ ଏକ 'କ' ଥିବାରୁ ଓଡ଼ିଆ ସ୍ୱର ସଂଶ୍ଳେଷ ବା ସଂଧି ନିୟମ ଅନୁସାରେ ଏହି ବିଭାଗାର୍ଥ 'କ'ର ଲୋପ ହୁଏ ବୋଲି ବୁଝିବାକୁ ହେବ । ବସ୍ତୁତଃ ଜଣକକୁ ଟଂକାଏ, ମାସକକୁ ଦଶଟଂକା, ଅର୍ଥାତ୍ ଏକଜଣ ନିମନ୍ତେ ଟଂକାଏ ଓ ଏକମାସ ନିମନ୍ତେ ଦଶଟଂକା ଏହିପରି ସ୍ପଷ୍ଟ ବ୍ୟାଖ୍ୟା କରି ବୁଝିଲେ ଏଠାରେ ବିଭକ୍ତିର ପ୍ରୟୋଗ ବୁଝିବା ସୁଗମ ହେବ ।

**ପଂଚମୀ-**

ଉ, ଉଁ, ହୁଁ, ଓ ରୁ ପଂଚମୀ ବିଭକ୍ତିର ଚିହ୍ନ । ଯଥା- **ଘରୁ ଆସିଲା । କେଉଁଠୁ ଆସିଚି ? କାହୁଁ ମିଳିଗଲା । ବଣରୁ ବାହାରିଲା ।**

**ସପ୍ତମୀ-**

ତୃତୀୟା ପରି 'ଏ' ଓ 'ରେ' ସପ୍ତମୀର ଚିହ୍ନ । ଏହା ବ୍ୟତୀତ ଇଁ ମଧ୍ୟ ସପ୍ତମୀରେ ପ୍ରୟୋଗ ହୁଏ । ଯଥା- **ଠାଏ ଗଲା । ପିଣ୍ଡାରେ ବସିଚି । ଘରଠେଇଁ ଅଛି । ଘରଠିଁ ଅଛି ।**

ଅନେକ ସ୍ଥଳରେ ହେତୁ ବୁଝାଇଲେ କେବଳ ପଂଚମୀ ବା ପଂଚମୀ ଓ ସପ୍ତମୀର ପ୍ରୟୋଗ ହୁଏ । ଯଥା- **ତେଣୁ** ମୁଁ ଏହା କହିଲି । **ଦଇବରୁ** (ରେ) ସେ ଦେଖା ପଡ଼ିଗଲା ।

ଭାବ ବୁଝାଇଲେ ହେତ୍ୱର୍ଥରେ ବରାବର ସପ୍ତମୀ ହୁଏ । ଏହା ଭାବାଧିକରଣ । ଯଥା- **ରାଗରେ** କହିଲେ ।

Digitized by PPRACHIN, SOA

ହେତୁ ବା ଅନନ୍ତର କାଳ ବୁଝାଇଲେ ପଂଚମୀ ଓ ସପ୍ତମୀ ଦୁହେଁ ହୁଅଂତି ଏବଂ 'ପର' ଶବ୍ଦ ଯୋଗେ କେବଳ ସପ୍ତମୀ ହୁଏ । ଯଥା- ସେ **ଆସିବା ଉତ୍ତାରୁ** (ରେ) ମୁଁ ଗଲି । ସେ ଆସିବାରୁ (ଆସିବାରେ, ଆସିଲାରୁ, ଆସିଲାରେ) ମୁଁ ଗଲି । ସେ **ଆସିବା ପରେ** ମୁଁ ଗଲି ।

ହେତୁ, କାରଣ, ନିମିତ୍ତ, ସକାଶେ ପ୍ରଭୃତି ହେତ୍ୱର୍ଥକ ଶବ୍ଦ ଲାଗିଲେ ବିକଳ୍ପେ ବିଭକ୍ତିର ଲୋପ ହୁଏ । ଯଥା- ସେ ଆସିବା ହେତୁ (ହେତୁରୁ, ହେତୁରେ) ମୁଁ ଗଲି । ସେହିପରି- କାରଣ (କାରଣରୁ, କାରଣରେ, କାରଣେ), ନିମିତ୍ତ (ନିମିତ୍ତରୁ, ନିମନ୍ତେ), ସକାଶ (ସକାଶୁଁ, ସକାଶରୁ, ସକାଶେ) ଇତ୍ୟାଦି ।

ବୁଲିବା କ୍ରିୟାର ଅଧିକରଣରେ ବିଭକ୍ତି ସ୍ଥଳ ବିଶେଷରେ ଲୋପ ହୁଏ । ଯଥା- **ବେଢ଼ା ବୁଲିଲା । ବଣ ବୁଲିଲା ।** ଇତ୍ୟାଦି ।

**ଷଷ୍ଠୀ-**

ଏକ ବଚନରେ 'ର', ବହୁବଚନରେ 'ଙ୍କ' ବା 'ଙ୍କର' ଷଷ୍ଠୀ ବିଭକ୍ତିର ଚିହ୍ନ । ଯଥା- **ମନୁଷ୍ୟର** ଜ୍ଞାନ ଅଛି । ଜଡ଼ **ପଦାର୍ଥମାନଂକର** ଜ୍ଞାନ ନାହିଁ । **ମାଂକଡ଼ମାନଂଙ୍କ** କଥା କିଏ ଶୁଣିଚି କି ?

ବହୁବଚନରେ ଯେପରି 'ର' ଲୋପ ହୋଇ 'କ' ରହେ, ଏକବଚନରେ ସେହିପରି 'ର' ବରାବର ଲୋପ ହୋଇ ଷଷ୍ଠୀର ଚିହ୍ନ ରହେ ନାହିଁ । ଯଥା- ରାମର ଘର, ରାମ ଘର; ସାଆଂତଂକର ଘର, ସାଆଂତଂକ ଘର ଇତ୍ୟାଦି ।

କ୍ରିୟା ସଂଗେ ସଂବଂଧ ପଦର ସଂପର୍କ ନାହିଁ । ତା ଫଳରେ ଏହା ସଂବଂଧୀ ପଦର ଅର୍ଥାତ୍ ଯେଉଁ ପଦ ସଙ୍ଗେ ସଂବଂଧ ଥାଏ ସେହି ପଦର ବିଶେଷକ ଓ କାର୍ଯରେ ବିଶେଷଣ ସ୍ୱରୂପ । ସେଥିପାଇଁ ବେଳେବେଳେ ତାହା ସଂପୂର୍ଣ ବିଶେଷଣ ପରି ହୋଇ ବିଭକ୍ତି ଚିହ୍ନ ତ୍ୟାଗ କରେ ବୋଲି ବୋଲାଯାଇପାରେ । ଯଥା- ବଡ଼ ଘର, ଆମ ଘର ଓ ରାମ ଘର । ଏଠାରେ ବଡ଼ ବିଶେଷଣ ଓ ଆମ ଏବଂ ରାମ ସେହି ଅନୁକରଣରେ ସଂପୂର୍ଣ ବିଶେଷଣ ପରି ହୋଇ ଯାଇଅଛନ୍ତି ।

ସଂଖ୍ୟା ଓ ପରିମାଣବାଚକ ବିଶେଷଣମାନେ ବିଶେଷ୍ୟ ପରି ବ୍ୟବହୃତ ହେଲେ ପୂର୍ବ ପଦ ଅର୍ଥାତ୍ ସଂଖ୍ୟେୟ ଓ ପରିମେୟ ପଦାର୍ଥବାଚକ ପଦ ଏହିପରି ବିଭକ୍ତି ଚିହ୍ନ ତ୍ୟାଗ କରି ବିଶେଷଣ ପରି ହୁଏ । ଯଥା- ଗାଇ (ର) ଗୋଠ । ଚାଉଳ (ର) ଦଶସେର ଦିଅ । ଦିନା (ଦିନର) ଘୁରି ହେଲା ମୁଁ ଆସିଚି ।

କେବେ କେବେ ସାମାନ୍ୟ ଅର୍ଥ ଭେଦରେ ୫ମୀ ପ୍ରୟୋଗ କରି ଏହି ବିଭକ୍ତି ପ୍ରକାଶ କରାହୁଏ । ସେତେବେଳେ ବିଭକ୍ତି ଲୋପ ହୁଏ ନାହିଁ । ଯଥା- **ଗାଈରୁ**

Digitized by PPRACHIN, SOA

ଗୋଠେ ଯାଉଚନ୍ତି (ଅନ୍ୟ କୌଣସି ଢଂଚୁରୁ ନୁହେଁ, ଏପରି ଅର୍ଥ), **ଗୁଉଳରୁ** (ଅନ୍ୟ କୌଣସି ପଦାର୍ଥରୁ ନୁହେଁ ।) ଦଶସେର ଦିଅ ।

ନିର୍ଦ୍ଦେଶବାଚକ ସର୍ବନାମ ବ୍ୟବହାର କଲେ ଏହି ଅର୍ଥ ସ୍ପଷ୍ଟ ବୁଝାପଡ଼େ । ଯଥା- **ଏଥିରୁ** ଦଶଟି ଦିଅ । **ସେଥିରୁ** ସେରେ ଆଣ ।

ତାରି (ତାଂକରି) ଘରେ ଅଛି । ଏପରି ପ୍ରୟୋଗରେ 'ରି' ଓ 'ଙ୍କରି' ଠିକ୍ ଷଷ୍ଠୀ ବିଭକ୍ତିର ଚିହ୍ନ ନୁହେ, ସେଥିପାଇଁ ଲୋପ ହୋଇନାହିଁ । ନିଶ୍ଚୟାର୍ଥକ 'ହି', ଅବ୍ୟୟ ଜାତ 'ଇ' 'ର' ଓ 'ଙ୍କ' ସଙ୍ଗେ ଲାଗି, ଏହି 'ରି' ଓ 'ଙ୍କରି' ହୋଇଅଛି । ଅନ୍ୟ କାରକ ଓ ବିଭକ୍ତିରେ ମଧ୍ୟ ଏହି 'ଇ' ଲାଗିଥାଏ । ଯଥା- ରାମଇ ମୋର ମିତ୍ର । ରାମକୁଇ ଡାକ । ସେଇ (ହି) କଥାଇ ମୁଁ ଶୁଣିଚି ଇତ୍ୟାଦି ।

### ଅନ୍ୟ ବିଭକ୍ତିରେ ଷଷ୍ଠୀର ବ୍ୟବହାର

ଏହି 'ର' ଲୋପ କରି, ଅନ୍ୟାନ୍ୟ ବିଭକ୍ତିଯୁକ୍ତ ପଦ ବା ଅନ୍ୱୟ ଲଗାଇ, ଷଷ୍ଠୀ ସଂବଂଧରେ ଅନ୍ୟାନ୍ୟ ବିଭକ୍ତିମାନ ପ୍ରକାଶ କରାଯାଏ । ତୃତୀୟା - ହାତେ, ଦେହି ଅର୍ଥାତ୍ ଦେହେ (ଦେହିତ୍, ଦେଇ), ଦ୍ୱାରା ଅର୍ଥାତ୍ ଦ୍ୱାରେ ପ୍ରଭୃତି ତୃତୀୟା ଓ ସପ୍ତମ୍ୟଂତକ ପଦମାନ ଲଗାଇ ୬ଷ୍ଠୀ ବିଭକ୍ତିଯୁକ୍ତ ପଦର ଉତ୍ତର କରଣକାରକ ଓ ତୃତୀୟା ବିଭକ୍ତି ପ୍ରକାଶ କରାଯାଏ । ସାଧାରଣତଃ ବ୍ୟକ୍ତି ବା ବ୍ୟକ୍ତି ସାଦୃଶ୍ୟବୋଧକ ପଦରେ ଏହିସବୁ ପ୍ରୟୋଗ ବହୁଳ ଦେଖିବାକୁ ମିଳେ । ଯଥା- **ରାମ ହାତେ** (ଦେହି, ଦେହିତ୍, ଦେଇ, ଦ୍ୱାରା) ଏ କାମ ହେବ ନାହିଁ । **ତାଙ୍କ ହାତେ** (ଦେହି ଇତ୍ୟାଦି) ଏ କାମ ହେବ ନାହିଁ । ଚତୁର୍ଥୀ, ପଂଚମୀ ଓ ସପ୍ତମୀ - ସ୍ଥାନ ଅର୍ଥକ 'ଠା' ଶବ୍ଦ ଲଗାଇ ଷଷ୍ଠୀ ବିଭକ୍ତିଯୁକ୍ତ ପଦର ଉତ୍ତର ଏହି ସବୁ ବିଭକ୍ତି ପ୍ରକାଶ କରାଯାଏ । ଯେଉଁଠାରେ ଏହି ବିଭକ୍ତିମାନ ପ୍ରୟୋଗ କରାଯାଏ, ସେଠାରେ ଷଷ୍ଠୀ ସଂବଂଧରେ ଥିବା ପୂର୍ବପଦର ପାଖ, ନିକଟ, ବା ସ୍ଥାନ ଅର୍ଥ ପ୍ରାୟ ସର୍ବଦା ପ୍ରଚ୍ଛନ୍ନ ଥାଏ । ବ୍ୟକ୍ତି ବା ବ୍ୟକ୍ତିସାଦୃଶ୍ୟବୋଧକ ପଦରେ ସପ୍ତମୀ, ପଂଚମୀ ଏହି 'ଠା' ଶବ୍ଦରେ ବରାବର ପ୍ରକାଶିତ ହୁଏ । ଯଥା- ତାଙ୍କୁ ଟଂକା ଦିଅ । କିନ୍ତୁ **ତାଂକଠାକୁ** ଲୋକ ପଠାଅ । **ତାଂକଠାରୁ** ଟଂକା ଆଣ । **ଦେଉଳଠାରୁ** ଗାଁ କେତେଦୂର ? **ତାଂକଠାରେ** ଟଂକା ନାହିଁ । ସେ **ଘରଠାରେ** ଥିବା ସଂଭବ । କିଂତୁ ସିଂଧୁକଠାରେ ଟଂକା ଅଛି, କେବେ ହେବ ନାହିଁ ।

'ଆଡ଼' ଶବ୍ଦ ମଧ୍ୟ, ଦିଗ ଅର୍ଥ ପ୍ରଚ୍ଛନ୍ନ ରହି, ଏହିପରି ବ୍ୟବହାର ହୁଏ । ଯଥା- ମୋ **ଆଡ଼କୁ** (ଆଡ଼ିକି, ଆଡ଼େ) ଗୃହଁ । ବାଡ଼ି **ଆଡୁ** (ଆଡ଼େ) ଆସିଲା । ପୋଖରୀ **ଆଡ଼େ** ଗଲା ।

Digitized by PPRACHIN, SOA

[**ଦ୍ରଷ୍ଟବ୍ୟ :** 'ଠା' ଓ 'ଆଡ଼' ଶବ୍ଦ ଦୁଇଟି ନିଜେ ଶବ୍ଦରୂପେ ବ୍ୟବହୃତ ହୁଅଂତି । ଯଥା- ଠାକୁ ଆସ । ତାକୁ ବାସିବାକୁ ଠା (ଠାଇଁ) ମିଳିବ ନାଇଁ । ତାକୁ ଆଡ଼ କରି (ଆଡ଼େଇ) ଦେଲା । ସେ ଆଡୁ ଆସୁଚି । ଆଡ଼ ଆଖିରେ ଗୃହିଁଲା ନାହିଁ । ଗୋଟାଏ ଆଡ଼କୁ ଗୃହାଁ ନା, ଦି' ଆଡ଼କୁ ଗୃହାଁ - ଇତ୍ୟାଦି ।]

**ପାଇଁ, ଲାଗି** ଏହି ଦୁଇଟି ଅବ୍ୟୟ ଓ **ନିମିତ୍ତ, ସକାଶ** ପ୍ରଭୃତି ପଦମାନେ ଏହିପରି ସଂବଂଧରେ ବସି ନିମିତ୍ତାର୍ଥକ ସଂପ୍ରଦାନ ତଥା ଚତୁର୍ଥୀର ଅର୍ଥ ପ୍ରକାଶ କରଂତି । ଯଥା- ତାଂକ ପାଇଁ (ଲାଗି, ନିମଂତେ, ସକାଶେ) ମୁଁ ଏଠାକୁ ଆସିଲି । ଏଠାରେ ପାଇଁ, ଲାଗି ନିମିତ୍ତାର୍ଥକ ଅବ୍ୟୟ ଏବଂ ନିମିତ୍ତ, ସକାଶ ପ୍ରଭୃତି ସ୍ୱତନ୍ତ୍ର ପଦ ପରି ଅନ୍ୱୟ କରାହୁଅଂତି ।

ପଂଚମୀ, ସପ୍ତମୀରେ ସେହିପରି ହେତୁ, ଉତ୍ତାରୁ, ପର ବ୍ୟବହାର କରାହୁଏ । ଯଥା- **ତାଂଙ୍କ ହେତୁ** (ହେତୁରୁ, ହେତୁରେ) ଏହା ହେଲା । **ତାଂଙ୍କ ଉତ୍ତାରୁ** (ଉତ୍ତାରେ, ପରେ) ମୁଁ ଏଠାକୁ ଆସିଲି ।

ବହୁବଚନର **'ମାନ'** ପ୍ରଭୃତି ବିଭକ୍ତି ମଧ୍ୟ ଏହିପରି ଷଷ୍ଠୀଯୁକ୍ତ ବିଶେଷଣ ପରେ ଲାଗେ । ଯଥା- ମାଂକଡ଼ମାନଂଙ୍କୁ (ମାଂକଡ଼ର ମାନଂଙ୍କୁ) ତଡ଼ିଦିଅ ।

ସର୍ବନାମରେ ବେଳେବେଳେ ସଂବଂଧ ବିଶେଷଣ ନ ନେଇ ଏହି ବିଭକ୍ତ୍ୟର୍ଥକ ପଦ ବା ଅବ୍ୟୟମାନେ **ସ୍ୱଷ୍ଟ** ବିଶେଷଣ ଗ୍ରହଣ କରଂତି । ଯଥା- କେଉଁଠାକୁ ଗଲା ? ଇତ୍ୟାଦି ସର୍ବନାମ ପ୍ରକରଣରେ ବିଗୃର କରିବାକୁ ହେବ ।

'ମୋଠାରୁ' ପରିବର୍ତ୍ତରେ **'ମୋ ତହୁଁ' 'ମୋ ତହିଁକି'** ପ୍ରଭୃତି ପଦ ତୁଳନା ବେଳେ କେବେକେବେ ବ୍ୟବହୃତ ହୋଇଥାଏ । ଯଥା- **ତା ତେହିଁକି** ତୁ କ'ଣ ବଳୁଆ ? **ରାମ ତହିଁକି** ଶ୍ୟାମ ଗୃରିବର୍ଷ ବଡ଼ । ସେ **ତୋ ତହୁଁ** (ତହିଁକି) ମୋଟା ଯିବ (ହେବ) । **'ମୋ' ତହୁଁ** ତେଙ୍ଗା ରାମ ଖାତଂଗା ହେବ ବୋଲି ମନ କରିଚି' । (ପ୍ରବଚନ)

## ସର୍ବନାମ

ପ୍ରଥମ (ଉତ୍ତମ) ପୁରୁଷରେ ଆଂଭ, ଦ୍ୱିତୀୟ (ମଧ୍ୟମ) ପୁରୁଷରେ ତୁଂଭ, ତୃତୀୟ (ପ୍ରଥମ) ପୁରୁଷରେ ଯା, ତା, ଏତା, କା, ସବୁ ପ୍ରଭୃତି ସର୍ବନାମ ପଦ ଓଡ଼ିଆରେ ଚଳେ ।

Digitized by PPRACHIN, SOA

ପ୍ରଥମ ପୁରୁଷର ଆଂଭ (ଆମ) ଓ ଦ୍ୱିତୀୟ ପୁରୁଷରେ ତୁଂଭ (ତୁମ, ତମ) ଶବ୍ଦ କେବଳ ମାନ୍ୟାର୍ଥ ଓ ବହୁବଚନରେ ଚଳେ । ବହୁବଚନରେ ଆଂଭମାନ (ଆମମାନ), ତୁଂଭମାନ (ତୁମମାନ, ତମମାନ) ହୁଏ । କେବଳ ପ୍ରଥମାରେ ଆଂଭମାନେ, ତୁଂଭମାନେ ନ ହୋଇ ଆଂଭେମାନେ, ତୁଂଭେମାନେ ହୁଏ । ଚତୁର୍ଥୀରେ ଆଂଭମାନଂକୁ, ତୁଂଭମାନଂକୁ ଓ ଷଷ୍ଠୀରେ ଆଂଭମାନଂକ, ତୁଂଭମାନଂକ ହୁଏ । ଅନ୍ୟ ବିଭକ୍ତିମାନେ ଷଷ୍ଠୀରେ 'ଠା' ପ୍ରଭୃତି ଲଗାଇ ପ୍ରକାଶିତ ହୁଅଂତି । ଅମାନ୍ୟାର୍ଥରେ କେବଳ ଏକବଚନରେ 'ଆଂଭ' ନ ହୋଇ 'ମ' ବା 'ମୋ', 'ତୁଂଭ' ନ ହୋଇ 'ତ' ବା 'ତୋ' ହୁଏ । ୪ର୍ଥୀ ସ୍ଥଳରେ ସପ୍ତମୀ ଲାଗି ମୋତେ, ମତେ, ତୋତେ, ତତେ ପଦମାନେ ହୁଅଂତି । ଅନ୍ୟାନ୍ୟ ବିଭକ୍ତି ଯୋଗବେଳେ 'ମୋ', 'ତୋ' (ଗଂଜାମରେ 'ମ', 'ତ') ହୋଇ ରହେ ।

**'ଆଂଭ'** ଶବ୍ଦର ରୂପ ତଳେ ଦିଆଗଲା

| | **ଏକବଚନ** | | **ବହୁବଚନ** |
|---|---|---|---|
| | ଅମାନ୍ୟାର୍ଥ | ମାନ୍ୟାର୍ଥ | |
| ପ୍ରଥମା | ମୁଁ, | ଆମେ- | ଆମେମାନେ |
| ଦ୍ୱିତୀୟା ଓ ଚତୁର୍ଥୀ | ମୋତେ ମତେ | ଆମକୁ- | ଆମମାନଂକୁ |
| ଷଷ୍ଠୀ | ମୋ, ମୋର | ଆମ- | ଆମମାନଂକ |
| | ମୋହ, ମୋହର | ଆମର- | ଆମମାନଂକର |
| ଅନ୍ୟାନ୍ୟ ବିଭକ୍ତି - | ମୋ+ଠି, ଠାରୁ, ହାତେ, ପାଇଁ ପ୍ରଭୃତି | ଆମ+ଠି, ଠାରୁ ପ୍ରଭୃତି | ଆମମାନଂକ+ଠି, ଠାରୁ ପ୍ରଭୃତି |

[**ଦ୍ରଷ୍ଟବ୍ୟ :** (୧) 'ର' ଲୋପ ହୋଇଥିବା ଷଷ୍ଠୀମୂଳକୁ ସର୍ବଦା ଶବ୍ଦ ବା ପଦମୂଳ ଧରି, ସେଥିରେ ବିଭକ୍ତି ଚିହ୍ନ ଯୋଗ କଲେ, ଶବ୍ଦରୂପ ହେଲା । ଏହା ବିଶେଷ୍ୟ ଓ ସର୍ବନାମ ସର୍ବତ୍ର ନିୟମ । କେବଳ ପ୍ରଥମା 'ଏ' ଆଂଭ (ତୁଂଭ)ମାନ ଶବ୍ଦର ଦୁଇ ଶବ୍ଦାଂଶରେ ଲାଗେ, ଏଠାରେ ଏତିକିମାତ୍ର ବିଶେଷ ଉପରେ କୁହାଯାଇଅଛି ।

(୨) 'ଆଂଭ', 'ତୁଂଭ' ଏପରି ପ୍ରୟୋଗ ଲେଖାରେ ବହୁତ ଥିଲେ ମଧ୍ୟ ତାହା ପ୍ରାଚୀନ ହୋଇପଡ଼ିଲାଣି । 'ଆମ', 'ତୁମ' (ତମ) ବର୍ତ୍ତମାନ ଭାଷାରେ ସ୍ପଷ୍ଟ ଚଳେ ।

(୩) ଅତି ପ୍ରାଚୀନ ପ୍ରାକୃତ (ଲୋକ ପ୍ରଚଳିତ) ଭାଷାରେ, ଅର୍ଥାତ୍ ଯେଉଁ ଭାଷାରୁ ସଂସ୍କୃତ ବାହାର କରାହୋଇଅଛି, ସେହି ପ୍ରାକୃତ ଭାଷାରେ ଅସ୍ମଦ୍, ଯୁସ୍ମଦ୍ ଶବ୍ଦର

Digitized by PPRACHIN, SOA

'ଅହଂ' (ଅସ୍ମ) ଓ 'ମ' ଏବଂ 'ଯୁଷ୍ମ' ଓ 'ତ୍ୱ' ମୂଳକ ଦୁଇ ଦୁଇଟି ଶବ୍ଦ ଚଳୁଥିଲା । ସଂସ୍କୃତ ଅସ୍ମଦ୍, ଶବ୍ଦର ରୂପ ଦେଖିଲେ ଏହା ସ୍ପଷ୍ଟ ଜଣାଯାଏ । ବୋଧହୁଏ ଦୁଇଟି ନିକଟ ନିକଟ ବିଶିଷ୍ଟ ପ୍ରାଦେଶିକ ଭାଷାରୁ ତାହା ସଂଗୃହୀତ ହୋଇ ଭିନ୍ନ ଭିନ୍ନ ବିଭକ୍ତିରେ ପ୍ରୟୋଗ ବାହୁଲ୍ୟ ଓ ଶିଷ୍ଟତା ଅନୁସାରେ ତାହା ସଂସ୍କୃତରେ ରଖାଯାଇଅଛି । ଏହିହେତୁ ଓଡ଼ିଆଠାରୁ ପ୍ରାଚୀନ ପ୍ରାକୃତମାନଂକରେ 'ଅହ୍ମ', 'ମ' ଓ 'ତହ୍ମ', 'ତ' ପ୍ରଭୃତି ମୂଳକ ଶବ୍ଦମାନଂକର ଉତ୍ତମ ଓ ମଧ୍ୟମ ପୁରୁଷରେ ପ୍ରୟୋଗ ଦେଖାଯାଏ । ସେଥିରୁହିଁ ଓଡ଼ିଆରେ ମାନ୍ୟଅମାନ୍ୟ ଭେଦରେ ଦୁଇରୂପ ଦେଖାଯାଏ ।]

ଦ୍ୱିତୀୟ ପୁରୁଷରେ ଅତି ସମ୍ମାନ ଦେଖାଇଲେ 'ଆପଣ' ପଦ ପ୍ରୟୋଗ ହୁଏ । ଷଷ୍ଠୀ ବହୁବଚନରେ 'ଆପଣମାନଂକ' ଓ 'ଆପଣମାନଂକର' ହୁଏ ଏବଂ ଏକବଚନରେ 'ଆପଣଂକ', 'ଆପଣଂକର' ହୁଏ । ଶବ୍ଦରୂପରେ ଆପଣଂକ ଓ ଆପଣମାନଂକ ଏହାର ଶବ୍ଦ-ମୂଳ । ପ୍ରଥମାରେ 'ଆପଣ' ଓ 'ଆପଣମାନେ' ହୁଏ । ଏହା ଦ୍ୱିତୀୟ ପୁରୁଷର ଅର୍ଥ ବୁଝାଇଲେ ମଧ୍ୟ ବାକ୍ୟରେ ସବୁବେଳେ ତୃତୀୟ ପୁରୁଷର କ୍ରିୟା ନିଏ; ପୁଣି ଅତି ମାନ୍ୟାର୍ଥକ ଥିବାରୁ ସର୍ବଦା ବହୁବଚନରେ ପ୍ରୟୋଗ ହୁଏ । ସଂବୋଧନରେ 'ଆପଣ' ଶବ୍ଦ 'ଆପଣେ' ହୁଏ । ଯଥା- ହେ ଆପଣେ; ମିଶ୍ରେ ଆପଣେ; ନଂଦେ ଆପଣେ; ଏପରି ରୂପ ସଂବୋଧନ ତଥା ତୃତୀୟ ପୁରୁଷ ପ୍ରଥମା ଏକବଚନରେ, ଅତି ମାନ୍ୟାର୍ଥରେ ପ୍ରୟୋଗ ହୁଏ ।

[**ଦ୍ରଷ୍ଟବ୍ୟ :** (୧) 'ଆପଣ ଯାଅ', 'ଆପଣମାନେ କର' ଏପରି ଦ୍ୱିତୀୟ ପୁରୁଷର ପ୍ରୟୋଗ ଲୋକମୁଖରେ ଚଳେ । ମାତ୍ର ତାହା ଶିଷ୍ଟ ପ୍ରୟୋଗ ନୁହେ ।

(୨) 'ଆପଣ' ଶବ୍ଦ ସଂସ୍କୃତ 'ଆତ୍ମନ୍' ଶବ୍ଦରୁ ବାହାରିଅଛି । ଏହାର ପ୍ରାଚୀନ ଓଡ଼ିଆ ରୂପ ଆପଣା । ଏବେ ମଧ୍ୟ ସଂବଲପୁରରେ କହଂତି ଆପଣା (ଆପ୍ନା) ପାଆଂତୁ ।]

**ଯା, ତା, ଏତା, କା ଶବ୍ଦ-**

ତୃତୀୟ ପୁରୁଷରେ ଏହିସବୁ ଶବ୍ଦର ପ୍ରୟୋଗ ହୁଏ । ଏକବଚନରେ ଯା, ଯାହା; ତା, ତାହା; ଏହା, ୟା; କାହା, କା; ଏମାନଙ୍କର ଶବ୍ଦମୂଳ । ବହୁବଚନରେ ଯେଉଁମାନଂକ, ଯେମାନଂକ; ସେହିମାନଂକ, ସେମାନଂକ; ଏହିମାନଂକ, ଏମାନଂକ; କେଉଁମାନଂକ, କୁମାନଂକ; ଏମାନଂକର ଶବ୍ଦମୂଳ । ପ୍ରଥମାରେ ସର୍ବତ୍ର 'ଏ' ବିଭକ୍ତି ଲାଗି ଯେ, ଯେଉଁମାନେ; ସେ, ସେମାନେ; ଏ ବା ୟେ, ଏମାନେ; କିଏ ବା କେ, କେଉଁମାନେ - ଯୁମାନେ, ଯୋମାନେ, ସେହିମାନେ, ଏହିମାନେ, କୁମାନେ,

Digitized by PPRACHIN, SOA

କୋମାନେ, ପ୍ରଭୃତି ପଦମାନେ ହୁଅଂତି । କେମାନେ ପଦ ହୁଏ ନାହିଁ । ମାନ୍ୟାର୍ଥ ବହୁବଚନରେ ଯାଂକ, ଯାହାଂକ; ତାଂକ, ତାହାଂକ; ଏହାଂକ, ୟାଂକ, କାହାଂକ ଶବ୍ଦମୂଳମାନେ ହୁଅଂତି । ମାତ୍ର ଏହି ମାନ୍ୟାର୍ଥ ବହୁବଚନ ପ୍ରଥମା ବିଭକ୍ତି ସବୁବେଳେ ରୂପରେ ଅମାନ୍ୟାର୍ଥ ବହୁବଚନ ସଂଗେ ସମାନ; କେବଳ କ୍ରିୟାଦ୍ୱାରା ପ୍ରଭେଦ ଜଣାଯାଏ । ଯଥା- ସେ ଗଲା; ସେ ଗଲେ ।

ଯା, ତା, କା ଶବ୍ଦ ୫ମୀ, ୭ମୀ ରୂପରେ ଯହୁଁ, ତହୁଁ, କାହୁଁ; ଯହିଁ, ତହିଁ, କାହିଁ ରୂପ ପାଇଥାଆଂତି ।

[**ଦ୍ରଷ୍ଟବ୍ୟ :** (୧) ଏସବୁ ଓଡ଼ିଆ ସର୍ବନାମ ପଦମାନେ କେହି ଅବିକଳ, କେହି ସାମାନ୍ୟ ଟିକିଏ ଭିନ୍ନ ଆକାରରେ ପ୍ରାଚୀନ ପ୍ରାକୃତ ଭାଷାମାନଂକରେ ଦେଖାଯାଆଂତି ।

(୨) ଗଂଜାମରେ ପ୍ରଥମା ମାନ୍ୟାର୍ଥ ଏକବଚନରେ ୟାଂକେ, ତାଂକେ ଓ ବହୁବଚନରେ ୟାଂକେମାନେ ଓ ତାଂକେମାନେ ପ୍ରଭୃତି ପଦର ପ୍ରୟୋଗ ହୁଏ ।

(୩) 'ଏତା' ଶବ୍ଦ ଲୋକମୁଖରେ ଅବିକଳ ରହିଅଛି । ସାଧାରଣଲୋକେ 'ସେ ଏହା କଲା' ନ କହି, 'ସେ ଏତା କଲା' କହଂତି । କୌଣସି ବିଷୟ ସ୍ମରଣ କରି କହିଲାବେଳେ ଲୋକେ କହଂତି, 'ମୁଁ ଏହା (ଏତା) କହୁଥିଲି'; କହିସାରି ପରେ ସ୍ମରଣ କରି କଥାଟି କହଂତି । 'ଏହା' ଲୋକମୁଖରେ 'ଇହା', 'ୟାହା', 'ହ୍ୟା' ହୋଇଯାଏ ।]

**'ସବୁ' ଶବ୍ଦ-**

ଏହା ସଂଖ୍ୟା ବୁଝାଇଲେ ବହୁବଚନ ଓ ପରିମାଣ ବୁଝାଇଲେ ଏକବଚନ ହୁଏ । ଅପ୍ରାଣିବାଚକ ବା ଅମାନ୍ୟାର୍ଥ ପ୍ରୟୋଗରେ ଏକବଚନ ପରି ରୂପ ହୁଏ । ପ୍ରାଣିବାଚକ ବୁଝାଇଲେ 'ସବି', 'ସଭି' ରୂପ ହୋଇଯାଏ । ସବୁ, ସବୁଂକ, ସବିଂକ, ସଭିଂକମାନେ ଏହାର ଶବ୍ଦମୂଳ । କେବଳ ପ୍ରଥମାରେ 'ସବୁ'ରେ ବିଭକ୍ତି ଲାଗେ ନାହିଁ । ମାତ୍ର 'ସବି' ଓ 'ସଭି'ରେ 'ଏ' ଲାଗି 'ସବିଏ' 'ସଭିଏଁ' ରୂପ ହୁଏ ।

ସମସ୍ତ, ସକଳ ପ୍ରଭୃତି 'ସବୁ' ବାଚକ ଶବ୍ଦ ଏହି ଶବ୍ଦ ପରି । କେବଳ ପ୍ରଥମା ବହୁବଚନରେ ସମସ୍ତେ, ସକଳେ, ପ୍ରଭୃତି ହୁଏ ।

ସବୁବାଚକ ଶବ୍ଦରେ 'ମାନ' ବିଭକ୍ତି ଲାଗେ ନାହିଁ । କାରଣ, 'ମାନ' ସ୍ଥଳରେ 'ସବୁ' ବିଭକ୍ତିର ମଧ୍ୟ ପ୍ରୟୋଗ ହୋଇଥାଏ । ଏହା ବିଶେଷ୍ୟ ପ୍ରକରଣରେ କୁହାଯାଇଅଛି ।

Digitized by PPRACHIN, SOA

ଯୋରଦେଇ କହିବାରେ 'ହି' ବା 'ଇ' ପ୍ରାଚୀନ ଓ ନବୀନ ପ୍ରାକୃତ ଭାଷାମାନଂକରେ ବହୁତ ପ୍ରୟୋଗ ହୁଏ । ସେହି ପ୍ରୟୋଗରେ ପ୍ରଥମାରେ ମୁହିଁ, ମୁଇଁ; ତୁହି, ତୁଇ; ସେହି, ସେଇ;, କେହି, କେଇ; ସବୁଇ; ଏଇଆ, ସେଇଆ; ପଦମାନ ହୁଏ । ଷଷ୍ଠୀରେ ମୋରି, ମୋହରି, ଆମରି; ତୋରି, ତୋହରି, ତୁମରି; ତାରି, ତାହାରି, ତାଂକରି; ୟାରି, ଏହାରି, ୟାଂକରି; କାହାରି, ଯାହାରି, ସବୁରି ପ୍ରଭୃତି ପଦମାନ ହୁଏ । ମୋରି, ଆଂଭରି, ତାଂକରି ପ୍ରଭୃତି ପଦମାନେ ଏହି ଅର୍ଥରେ ଶବ୍ଦମୂଳ ହୁଅଂତି । ମାତ୍ର 'ମୋତେ', 'ତୋତେ', 'ମୋତେଇ', 'ତୋତେଇ' ହୁଅଂତି; ଏବଂ ସାଧାରଣତଃ ଚତୁର୍ଥୀ 'କୁ'ରେ ଏହି 'ଇ' ଶେଷରେ ବସି ଆଂଭକୁଇ, ୟାଂକୁଇ, ତାଂକୁଇ ପ୍ରଭୃତି ପଦ ହୁଏ । କିଂତୁ ଆଂଭରିମାନଂକୁ ପ୍ରଭୃତି ପଦ ହୁଏ ।

[**ଦ୍ରଷ୍ଟବ୍ୟ :** (୧) ସଂବଲପୁରରେ 'ମୁଁ' ସ୍ଥଳରେ 'ମୁଇଁ' ପଦ ବ୍ୟବହାର ହୁଏ ।

(୨) ସଂସ୍କୃତରେ 'ହି' ଓ 'ଉ' ଅବ୍ୟୟର ଏପରି ପ୍ରୟୋଗ ପ୍ରଚୁର । 'ଯଉ', 'କଉ' ପ୍ରଭୃତି ପଦ ବେଦରେ ବହୁତ ଦେଖାଯାଏ । 'କିମୁ' ସାଧାରଣ ସଂସ୍କୃତରେ ବହୁତ । ଓଡ଼ିଆରେ କେଉଁ, ଯେଉଁ ଦେଖ ।]

ଅନ୍ୟ, ଅପର ପ୍ରଭୃତି କେତେଗୁଡ଼ିଏ ଶବ୍ଦ ସବୁବଚନରେ ବ୍ୟବହୃତ ହୁଅଂତି । ସାଧାରଣ ବିଶେଷ୍ୟ ପରି ସେମାନଂକର ରୂପ ହୁଏ । ଏହି ଶବ୍ଦମାନଂକରୁ ବାହାରିଥିବା, 'ଆଉ', 'ଆର' ଶବ୍ଦ 'ଆଉମାନ' ଓ 'ଆରକ' ରୂପେ ବ୍ୟବହୃତ ହୁଅଂତି, 'ଆଉମାନ' ସବୁବେଳେ ବହୁବଚନ ଓ 'ଆରକ' ସର୍ବଦା ଏକବଚନରେ ବ୍ୟବହୃତ ହୁଏ ।

'ଏକ' ଶବ୍ଦ ସର୍ବନାମରେ ବ୍ୟବହୃତ ହୁଏ । ଏବଂ ବେଳେବେଳେ ଏହି ଏକ ଶବ୍ଦ 'କ' ପ୍ରତ୍ୟୟ ରୂପେ ଦେଖାଯାଏ । ଯଥା- ଏକକୁ ଆରକ କହିଲା ।

ଦୁଇ, ତିନି, ଗ୍ଣରି, ଶବ୍ଦ ଦୁହିଁ, ତିନିହିଁ (ତିହ୍ନି), ଗ୍ଣରିହି (ଗ୍ଣର୍ହିଁ) ରୂପରେ ପ୍ରାଣୀ ବା ମନୁଷ୍ୟବାଚକ ଅର୍ଥରେ ବ୍ୟବହୃତ ହୁଅଂତି । ପ୍ରଥମାରେ ଦୁହେଁ, ତିନିହେଁ (ତନ୍‌ହିଏଁ), ଗ୍ଣରିହେଁ (ଗ୍ଣର୍‌ହିଏଁ) ରୂପ ହୁଅଂତି, ଏବଂ ଦୁହିଂକ, ତିନ୍‌ହିଂକ, ଗ୍ଣର୍‌ହିଂକ ପ୍ରଭୃତି ପଦମୂଳ ହୁଏ । ନିଜ ଓ ଆପଣା ଦୁଇଟି ଶବ୍ଦ ସର୍ବନାମ ରୂପେ ବ୍ୟବହୃତ ହୁଅଂତି । ପ୍ରଥମାରେ ନିଜେ ଓ ଆପେ ହୁଏ । ବାକି ସବୁଥିରେ ନିଜ ଓ ଆପଣା ପଦମୂଳ ରୂପେ ବ୍ୟବହୃତ ହୁଏ । ଏ ଦୁଇ ଶବ୍ଦ ସର୍ବଦା ଏକବଚନରେ ବ୍ୟବହୃତ ହୁଅଂତି । ବହୁବଚନ ଅର୍ଥରେ ବ୍ୟବହୃତ ହେଲେ, ଗୋଟି ଗୋଟିକୁ ବୁଝାଇ, ନିଜ ନିଜକୁ, ଆପଣା ଆପଣାର ଏହିପରି ପ୍ରୟୋଗ ହୁଏ । ଯଥା- **ସୈନ୍ୟମାନେ ନିଜ ନିଜକୁ ନିଂଦା କଲେ । ସମସ୍ତେ ଆପଣା ଆପଣା (ର) କଥା ବିଗ୍ଣରିଲେ ।**

Digitized by PPRACHIN, SOA

ଏହିପରି ପ୍ରତ୍ୟେକ ବସ୍ତୁକୁ ଭିନ୍ନ ଭିନ୍ନ କରି ଚିହ୍ନାଇ ବୁଝାଇବାରେ ଏକ ଶବ୍ଦ 'କ' ପ୍ରତ୍ୟୟରୂପେ ମଧ୍ୟ ବ୍ୟବହୃତ ହୁଏ । ବିକଳ୍ପେ ବିପ୍‌ସା ମଧ୍ୟ ହୁଏ । ଯଥା- **ଜଣକେ ପଇସାଏ । ଜଣ ଜଣକେ ପଇସାଏ । ଜଣକେ ପଇସାଏ ପଇସାଏ । ଜଣ ଜଣକେ ପଇସାଏ ପଇସାଏ ଦିଅ । 'ନଈକେ ବାଂକେ, ଦେଶକେ ଫାଂକେ' ।**

ଏହି ଅର୍ଥରେ ଏକ ଶବ୍ଦର ଭାବ କେବଳ ଏକବଚନ ମାତ୍ରରେ ମଧ୍ୟ ପ୍ରକାଶିତ ହୁଏ । ଯଥା- **ଏକେ ଏକେ** ସମସ୍ତେ ଗୁଳିଗଲେ । **ଜଣ ଜଣ କରି** ପଗୃରି ଯାଅ । **ପଂଝା ପଂଝା ହୋଇ** ଗୁଳିଲେ ।

[**ଦ୍ରଷ୍ଟବ୍ୟ :** ଏପରି ପ୍ରୟୋଗରେ 'କରି' ଓ 'ହୋଇ'ର ବ୍ୟବହାର ଲକ୍ଷ୍ୟ କରିବାକୁ ହେବ ।]

'ପ୍ରତି' ବିଶେଷଣ ରୂପେ ପଛରେ ଲଗାଇ ଏହି ଅର୍ଥ ପ୍ରକାଶ କରାଯାଏ । 'ପ୍ରତି' ସଂଗେ 'ଏକ' ମିଶି '**ପ୍ରତ୍ୟେକ**' ଶବ୍ଦ ବିଶେଷଣ ଓ ବିଭକ୍ତିଯୁକ୍ତ ସର୍ବନାମରୂପରେ ଏହି ଅର୍ଥରେ ବ୍ୟବହୃତ ହୁଏ । ଏହି ଅର୍ଥରେ ବହୁବଚନ ଯେ, ଯାହା ବା ଯେଝା ଶବ୍ଦ ଷଷ୍ଠୀରେ ବା ପଦମୂଳରୂପେ ବ୍ୟବହୃତ ହୁଏ । ଯଥା- **ସମସ୍ତେ ଯେଝା ଘରକୁ ଯାଅ । ଯେଝାଠେଇଁ ସେ ଟଂକା ରଖ ।**

ନିଜ ଓ ଆପଣା ସ୍ଥଳରେ କେହି କେହି ଇଂରେଜି ଅନୁକରଣରେ ବରାବର 'ତା' ଶବ୍ଦ ବ୍ୟବହାର କରିଥାଆଂତି । କିଂତୁ ସେଥିରେ ଅର୍ଥ ବୁଝିବାରେ ବେଳେବେଳେ ଅସୁବିଧା ହୁଏ । ସେତେବେଳେ ତାହା ସାଧୁ ନୁହେ । ରାମ ତା ପୁଅକୁ ମାଇଲା, ତୋର କି ଗଲା ? ଏଠାରେ ନିକଟରେ ଥିବା ହେତୁରୁ ଅର୍ଥ ବୁଝାଯାଉଅଛି । ତଥାପି ଏଠାରେ ମଧ୍ୟ 'ରାମ ତା ନିଜ ପୁଅକୁ ମାଇଲା, ତୋର କି ଗଲା ?' ଏପରି କୁହାଯାଇଥାଏ । ମାତ୍ର 'ସେ ପୁରୀରୁ ଆସି ତା ପୁଅକୁ ସାଂଗେ ଘେନିଗଲା' ଏ ବାକ୍ୟ ସାଧୁ ନୁହେଁ । ଏଠାରେ 'ନିଜ ବା ଆପଣା ପୁଅକୁ' ବ୍ୟବହାର୍ଯ୍ୟ କରିବା ଉଚିତ ।

ନିଜ ଓ ଆପଣା ଶବ୍ଦ ସାଧାରଣତଃ ଯେଉଁ ଶବ୍ଦ ପାଇଁ ବସେ, ତାହାକୁ ବେଶି ଯୋରରେ ପ୍ରକାଶ କରିଥାଏ । ଯଥା- **ସେ ନିଜ୍ଜେ ଗଲା । ସେ ତା ଆପଣା ବାଡ଼ି ଭାଂଗିଦେଲା** ଇତ୍ୟାଦି ।

**ପରସ୍ପର ସଂବଂଧ ବାଚକ 'ଯା' ଓ 'ତା' ଶବ୍ଦ-**

'ଯା' ଶବ୍ଦର ପଦ ଲାଗିଲେ ସେହି ପ୍ରକାରର ଗୋଟିଏ 'ତା' ଶବ୍ଦର ପଦକୁ ଅପେକ୍ଷା ରଖେ । ବେଳେବେଳେ ଏହି ତା' ଶବ୍ଦାତ୍ମକପଦ ଉହ୍ୟ ହେଲେହେଁ ଅର୍ଥରେ ପ୍ରକାଶିତ ହୁଏ ।

Digitized by PPRACHIN, SOA

ପ୍ରସିଦ୍ଧ କୌଣସି ବସ୍ତୁକୁ ବୁଝାଇଲେ କେବଳ ତା' ଶବ୍ଦ ବ୍ୟବହୃତ ହୋଇଥାଏ । ଏଠାରେ ପ୍ରସିଦ୍ଧ ବସ୍ତୁର ପ୍ରସିଦ୍ଧତା ମଧ୍ୟରେ 'ଯା' ଶବ୍ଦାତ୍ମକ ପଦ ପ୍ରତି ଗୁପ୍ତ ଇଂଗିତ ଥାଏ । ଯଥା- ସେପରି ଲୋକ ମିଳିବ ନାହିଁ । ତାର୍‌ପରା ପିଲା ଖରାପ ହୋଇଗଲା । ସେପରି ଅନ୍ୟାୟ ଦେଖାନାହିଁ ।

'ଏତା' ଶବ୍ଦ ସବୁବେଳେ ନିର୍ଦ୍ଦିଷ୍ଟ ବସ୍ତୁବାଚକ ଓ 'କା' ଶବ୍ଦ ଅନିର୍ଦ୍ଦିଷ୍ଟ-ବସ୍ତୁବାଚକ ।

**ପ୍ରଶ୍ନବାଚକ 'କା' ଶବ୍ଦ-**

'କା' ଶବ୍ଦ କିଅଣ, କଅଣ, କିସ, କି ହୁଏ ।

[**ଦ୍ରଷ୍ଟବ୍ୟ :** ସଂସ୍କୃତ କିଂ ଓ କିମୁ ଶବ୍ଦ ସଂଗେ ଏମାନେ ସମାନ । "କୀଦୃଶ" ଶବ୍ଦ ସଂଗେ 'କିସ'ର ସଂପର୍କ ଥାଇପାରେ ।]

ପାଇଁ, ଲାଗି, ନିମନ୍ତେ, ନିମିତ୍ତ, ପ୍ରଭୃତି ନିମିତ୍ତାର୍ଥକ ଶବ୍ଦ ଏବଂ ହେତୁ, କାରଣ ପ୍ରଭୃତି ହେତ୍ୱର୍ଥକ ଶବ୍ଦମାନେ ଏଥିରେ ଲାଗଂତି । ଏହି କଅଣ, କିସ ପ୍ରଭୃତି ଶବ୍ଦମାନେ ବରାବର ପ୍ରଶ୍ନବାଚକ ହୁଅଂତି । 'କିଏ' ପଦ ମଧ୍ୟ ପ୍ରଥମାରେ ସେହିପରି ହୁଏ । 'କା' ଶବ୍ଦରୁ ବାହାରିଥିବା ଅନ୍ୟାନ୍ୟ ଶବ୍ଦମାନେ ବିକଳ୍ପେ ପ୍ରଶ୍ନବାଚକ ହୁଅଂତି । 'କିଏ' ପଦ ଅପ୍ରଶ୍ନବାଚକ ହେଲେ 'କେହି' ହୁଏ ।

[**ଦ୍ରଷ୍ଟବ୍ୟ :** ପ୍ରାଚୀନ ଓଡ଼ିଆରେ 'କିପରି' ଅର୍ଥରେ 'କେହି' ଚଳୁଥିଲା । କବିତାରେ ଏହା ବହୁତ ଦେଖିବାକୁ ମିଳେ ।]

**କୁ, ରେ, ଏ** ପ୍ରଭୃତି ବିଭକ୍ତିମାନଂକ ଛଡ଼ା ଠାରୁ, ପାଇଁ, ହେତୁ ପ୍ରଭୃତି ବିଭକ୍ତ୍ୟର୍ଥକ ପଦାଂଶମାନେ ସର୍ବନାମରେ ସଂବଂଧ ଛଡ଼ା ବିଶେଷଣରେ ଯୁକ୍ତ ହୁଅଂତି । (ପରେ ସର୍ବନାମ ବିଶେଷଣ ଦେଖ) ।

କାହିଁ, ଯହିଁ, ଯେଉଁଥି, କୌଣସିଥି, କାହିଁଥି ପ୍ରଭୃତି ସପ୍ତମ୍ୟର୍ଥକ ପଦରେ **ପାଇଁ, ହେତୁ** ପ୍ରଭୃତି ମଧ୍ୟ ଯୁକ୍ତ ହୁଅଂତି ।

ସାମୟିକ ପତ୍ରର ସଂପାଦକ ଓ ବେଳେବେଳେ ଗ୍ରଂଥକାରମାନେ ମତ ଦେଲାବେଳେ ମୁଁ ସ୍ଥଳରେ 'ଆଂଭେମାନେ' ବ୍ୟବହାର କରଂତି ଏବଂ ରାଜା ପ୍ରଭୃତି ବଡ଼ ଲୋକମାନେ ବେଳେବେଳେ 'ଆଂଭେ' ବ୍ୟବହାର କରଂତି । ଆଉ ସବୁଠାରେ କୌଣସି ବ୍ୟକ୍ତି ନିଜେ କହିଲାବେଳେ କେବଳ 'ମୁଁ' ବ୍ୟବହାର କରଂତି ।

ଆପଣ ସ୍ଥଳରେ ରାଜା ଓ ବିଗ୍ରହପତିମାନଂକୁ ସଂବୋଧନ କଲାବେଳେ ଯଥାକ୍ରମେ 'ଛାମୁଁ', 'ମଣିମା' ପ୍ରଭୃତି ଏବଂ 'ହଜୁର', 'ଧର୍ମାବତାର' ପ୍ରଭୃତି ଲାଗେ ।

Digitized by PPRACHIN, SOA

## ସର୍ବନାମ ବିଶେଷଣ :

'ଆଂଭ', 'ତୁଂଭ' ଛାଡ଼ି ବାକି ସବୁ ସର୍ବନାମ ବିଶେଷଣ ରୂପେ ବ୍ୟବହୃତ ହୋଇପାରଂତି । **ଯା, ତା, ଏତା** ବିଶେଷଣରେ ମାନ୍ୟାର୍ଥ ପ୍ରଥମା ଆକାର ନେଇ ଯଥାକ୍ରମେ **ଯେ, ସେ ଏ** ହୁଅଂତି । **'ଏ କିଏ'** ? ବୋଲି ବିଶେଷ କରି କହିଲେ ଯେଉଁ (ଯୁ, ଯୁଁ), ସେଇ ଏଇ ହୋଇଥାଏ । ବିଶିଷ୍ଟ କିଛି ବୁଝାଇ କହିଲେ କୌଣସି (କୁଣିସି) ହୋଇଯାଏ ।

ଏସବୁ ଶବ୍ଦମାନେ ସ୍ଥାନଅର୍ଥକ 'ଠା' ଶବ୍ଦ ପୂର୍ବରେ ବିଶେଷଣ ହୋଇ ରହି ସେଠାରୁ, ସେଠୁଁ; ଯେଉଁଠୁଁ, ଯେଉଁଠାରୁ; ଏଠାରୁ, ଏଠୁଁ; କେଉଁଠାରୁ, କେଉଁଠୁଁ; ସେଠାରେ, ଯେଉଁଠାରେ, କେଉଁଠାରେ ପ୍ରଭୃତି ତିଆରି କରଂତି । ଠାରୁ ଓ ଠାରେ, ଥିରୁ ଓ ଥିରେ ମଧ୍ୟ ହୁଏ । 'ଉ'କାରାଂତ ଶବ୍ଦ ପରେ ଥିରୁ, ଥୁରୁ ମଧ୍ୟ ହୁଏ । ଯଥା- କୁଥୁରୁ, କୁଁଥିରୁ ଇତ୍ୟାଦି । ଦୁଇ, ତିନି, ଗୃରି କେବଳ ଥିରୁ ଓ ଥିରେ ନିଅଂତି । 'ସବୁ' ଶବ୍ଦ ଠାରୁ, ଥିରୁ, ଠାରେ ଓ ଥିରେ ନିଏ ।

ଏହି 'ଥି' ଠିକ୍ ସ୍ଥାନ ନ ବୁଝାଇ ବିଷୟ ବା ଅଭିନ୍ନଶଂସିତ ବସ୍ତୁକୁ ବୁଝାଏ । 'ସବୁଥିରୁ' ଅର୍ଥାତ୍ ଶଂସିତ ସବୁ ପଦାର୍ଥ ବା ସବୁ ବିଷୟରୁ ଇତ୍ୟାଦି ।

୪ର୍ଥୀର 'କୁ' ବା 'ପାଇଁ', ଲାଗି, ନିମନ୍ତେ, ସକାଶେ ପ୍ରଭୃତି ହେତ୍ୱର୍ଥକ ପଦାଂଶ ଲାଗିଲେ ଯା, ତା, ଏତା କା ଶବ୍ଦର ଯେଉଁଥି, ସେଇଥି, ଏଇଥି, କେଉଁଥି, କୁଉଥି ପ୍ରଭୃତି ହୁଏ । 'ଏଥିକୁ' ଶବ୍ଦ 'ଏଥକୁ' ମଧ୍ୟ ହୁଏ ।

**ରେ, ରୁ, କୁ, ପାଇଁ, ଲାଗି** ଲାଗିଲେ ଏହି ଅର୍ଥରେ ଯା, ତା, କା-ରୁ, ଯେହିଁରୁ, ତହିଁରୁ, କାହିଁରୁ, କାହିଁଲାଗି, ପ୍ରଭୃତି ପଦ ହୁଏ । କିଂତୁ 'କୁ', 'କି' ହୋଇଯାଏ ।

ଅନିର୍ଦ୍ଦିଷ୍ଟ ବିଷୟ ବୁଝାଇଲେ କିପାଇଁ (କିଆଁ, କିପାଁ), କିଲାଗି, କିନିମନ୍ତେ, କିହେତୁ, କିକାରଣ, କିସକାଶେ - ଏହି ହେତ୍ୱର୍ଥବୋଧକ ପଦମାନେ ହୁଅଂତି ।

ପାର୍ଶ୍ୱାର୍ଥକ 'ଆଡ଼' ଶବ୍ଦ ପୂର୍ବରେ ସେହିପରି ବିଶେଷଣ ହୋଇ ରହି ଏସବୁ ଶବ୍ଦମାନେ ଯେ (ଉଁ) ଆଡ଼େ, ଯୁଆଡ଼େ, ଯୁଆଣେ, ଯେଣେ, କେଉଁଆଡ଼େ, କୋଆଡ଼େ, କୁଏଣେ, କେଣେ ପ୍ରଭୃତି ପଦମାନେ ଏବଂ ଶେଷର 'ଏ'କାର ସବୁ 'ଉ'କାର କରି ଏଣୁ, ତେଣୁ, ପ୍ରଭୃତି ପଦମାନଂକୁ ତିଆରି କରଂତି ।

ଲାଗି, ନିମନ୍ତେ, ହେତୁ, ସକାଶେ, କାରଣ ପ୍ରଭୃତି ପଦମାନେ ରହିଲେ ଏହିପରି **ଯା, ତା, ଏତା, କା** ଶବ୍ଦ ଯେ, ଯେଉଁ ପ୍ରଭୃତି ବିଶେଷଣ ରୂପ ନିଅଂତି ।

Digitized by PPRACHIN, SOA

ଗୋଟିଅର୍ଥକ 'ଟି' ନେଇ **ଯେଉଁଟି, ସେଇଟି** (ସେଉଟି), **ଏଇଟି** (ଏଉଟି), **କେଉଁଟି** (କୁଉଟି), **କୌଣସିଟି** (କୁଣିସିଟି) ପ୍ରଭୃତି ଶବ୍ଦ ବିଶେଷ୍ୟ ପରି ବିଭକ୍ତିଯୁକ୍ତ ହୁଅଂତି ।

**ଯେତେ, ତେତେ, ଏତେ, କେତେ** – ଏମାନେ ସଂଖ୍ୟା ଓ ପରିମାଣବାଚକ ବିଶେଷଣ । ଏମାନେ ପରି, ସରି, ଭଳି, ଅନା ପ୍ରଭୃତି ଶବ୍ଦ ମଧ୍ୟ ପରେ ଗ୍ରହଣ କରଂତି । ସ୍ପଷ୍ଟ ସଂଖ୍ୟା ବୁଝାଇଲେ 'ଟା' 'ଟି' ମଧ୍ୟ ନିଅଂତି ।

ନିର୍ଦ୍ଦେଶବାଚକ **'କ'** ନେଇ ଯେତେ (କ), ଯେତକ ପ୍ରଭୃତି ରୂପରେ ଏମାନେ **ବିକଳ୍ପ-ବିଶେଷ୍ୟ** ରୂପରେ ବ୍ୟବହୃତ ହୁଅଂତି ।

ଯେତେ, ତେତେ, ଏତେ, କେତେ – ଏମାନେ କେବଳ ପରିମାଣବାଚକ ବିଶେଷ୍ୟର ବା ବିଶେଷଣର ବିଶେଷଣ ହୁଅଂତି । ହୋଇଅର୍ଥକ **ହେଁ (ହେ) ଶବ୍ଦ ଲାଗିଲେ କ୍ରିୟାବିଶେଷଣ ହୁଅଂତି ।**

ଯେପରି (ଯେଉଁପରି), ସେପରି (ସେହିପରି, ସିପରି, ସେଇପରି), ଏପରି (ଏହିପରି, ଇପରି, ଏଇପରି), କିପରି (କେଉଁପରି, କୁଉପରି) ଏମାନେ **ସଦୃଶାର୍ଥକ ବିଶେଷଣ ।**

ଏହି ଅର୍ଥରେ ଏପରା, ସେପରା, ତା (ର) ପରା – ଏହି ଗୃରୋଟି ଶବ୍ଦ କେବଳ **ବିଶେଷ୍ୟର ବିଶେଷଣ** ରୂପେ ବ୍ୟବହୃତ ହୁଅଂତି ।

ଗୌଣ ଗ୍ରାମ୍ୟ ଭାଷାରେ ଯେଦେରେ, ସେଦେରେ, ଏଦେରେ, କେଦେରେ, ପଦ ମଧ୍ୟ ଏହି ଅର୍ଥରେ ହୁଏ । ଯେଭଳି, ସେଭଳି, କେଉଁ(କି) ଭଳି, ଓ କିୟାତି, ପିୟାତି, ସିୟାତି ପ୍ରଭୃତି ପ୍ରୟୋଗ ମଧ୍ୟ ସେହି ଅର୍ଥରେ ପ୍ରକାଶ ପାଏ ।

ଏଠାରେ **'ୟାତି'** **'ଜାତି'** **ରୁ; 'ଦେରେ'** **'ଦର'** **ରୁ** ଆସିଥିବା ସ୍ପଷ୍ଟ ।

ଏହି ଅର୍ଥରେ ଯେମଂତ, ଯେମିତି (ଯିମିତି), ତେମଂତ, ସେମତି (ସେମିତି), ଏମଂତ, ଏମତି (ଏମିତି), କେମଂତ, କେମତି (କିମିତି) ପଦମାନେ ମଧ୍ୟ ହୁଅଂତି ।

'ସବୁ' ଶବ୍ଦରୁ ସବୁପରି, ସବୁମନ୍ତେ, ସବୁମତି (ସବୁମିତି) ପ୍ରଭୃତି ପଦମାନେ ମଧ୍ୟ ଏହି ଅର୍ଥ ଦିଅଂତି ।

**ଯେବେ, ତେବେ, ଏବେ, କେବେ** – ଏମାନେ କେବଳ **କାଳାର୍ଥକ କ୍ରିୟାବିଶେଷଣ** ହୁଅଂତି । ଅଧିକ ଯୋର ଦେଇ କହିଲେ, ମଧ୍ୟଅର୍ଥକ 'ହେଁ' ଲାଗି **ତେବେହେଁ, କେବେହେଁ, ଯେବେହେଁ** ପ୍ରଭୃତି ପଦମାନ ହୁଅଂତି । ଏଠାରେ 'ହେଁ'

Digitized by PPRACHIN, SOA

ନହୋଇ 'ହେଲେ' ମଧ୍ୟ ହୁଏ । ଏହି 'ହେଁ' 'ହେଲେ'ର ଅବଶେଷ; 'ଏତେହେଁ' ପ୍ରଭୃତିର 'ହୋଇ' ସଂଗେ ଏହାର ସଂପର୍କ ନାହିଁ । **ତେବେକେ, ତେବେହେଲେ** ପଦମାନେ ମଧ୍ୟ ଏହି ଅର୍ଥରେ ହୁଅଂତି ।

ସମୟର ନୈକଟ୍ୟ ଅର୍ଥରେ **କ୍ଷଣ** ଓ **ଲାଗ** ଶବ୍ଦ ଯୋଗେ କାଳାଧିକରଣ ସପ୍ତମୀରେ ଯେଉଁ (ଯୁଁ, ଯୁ) ଲାଗେ (କ୍ଷଣି); ସେହି (ସେଇ, ସିଇ) ଲାଗେ (କ୍ଷଣି), ହି (ଏଇ, ଇ) ଲାଗେ (କ୍ଷଣି) ପ୍ରଭୃତି ପଦମାନେ ହୁଅଂତି । ଏମାନଂକୁ ଅନ୍ୱୟରେ **କ୍ରିୟାବିଶେଷଣ** ବୋଲି କହିବା ସୁବିଧାଜନକ ।

## ଅବ୍ୟୟ

କେତେକ ଗୁଣ, ଅବସ୍ଥା, କ୍ରିୟାଦିବାଚକ ବିଶେଷ୍ୟର ବିଶେଷଣ ଓ କେତେକ ସଂଖ୍ୟା ଓ ପରିମାଣବାଚକ ବିଶେଷଣ ଲିଂଗ ଓ ବିଭକ୍ତିରେ ବିଶେଷିତ ହୁଅଂତି । ଏହାଛଡ଼ା ସମସ୍ତ ବିଶେଷ୍ୟର ବିଶେଷଣ, ବିଶେଷଣର ବିଶେଷଣ ଓ କ୍ରିୟା ବିଶେଷଣ ଅବ୍ୟୟ । ସେମାନଂକର ଲିଂଗ, ବଚନ, ପୁରୁଷ, କାରକରେ କୌଣସି ଭେଦ ହୁଏ ନାହିଁ ।

ଅଧିକରଣବାଚକ ପଦ ବିଭକ୍ତି ନଲାଗି କ୍ରିୟାବିଶେଷଣ ରୂପେ ବ୍ୟବହୃତ ହୁଅଂତି । ସେମାନେ ସମସ୍ତେ ଅବ୍ୟୟ ।

ଲାଗି, ପାଇଁ ପ୍ରଭୃତି ବିଭକ୍ତିସୂଚକ ଅବ୍ୟୟ ପଦ । ଅସମାପିକା କ୍ରିୟାମାତ୍ରେ ଅବ୍ୟୟ ପଦ ।

ପର୍ଯନ୍ତ, ଯାକେ, ଯାଏଁ ପ୍ରଭୃତି ସୀମାର୍ଥକ ଅବ୍ୟୟ ପଦ । ନାହିଁ, ନୋ, ନା ପ୍ରଭୃତି ନିଷେଧାର୍ଥକ ଅବ୍ୟୟ ପଦ । ହେଲେହେଁ, ବି, ମଧ୍ୟ, ସୁଦ୍ଧା, ହି, ଇ, ପ୍ରଭୃତି ବିଶେଷ ନିର୍ଦେଶବାଚକ ଅବ୍ୟୟ ପଦ ।

ଟି, କ ପ୍ରଭୃତି ଏକାର୍ଥ ନିର୍ଦେଶବାଚକ ଅବ୍ୟୟ ପଦ ଓ ତ, ମ ବାକ୍ୟାଳଂକାର ଅବ୍ୟୟ ପଦ । 'ମ' କେବଳ ଅତି ଆତ୍ମୀୟସ୍ଥଳରେ କ୍ରିୟାରେ କିଂବା କ୍ରିୟାପଦ ଉହ୍ୟ ଥିଲେ ପ୍ରୟୋଗ ହୁଏ ।

'କରି' ବେଳେ ବେଳେ ବାକ୍ୟାଳଂକାର ଅବ୍ୟୟ ହୁଏ । ଯଥା– ଖଂଡ଼ାରେ କରି ହାଣିଲା ।

'ଯେ' ଓ 'କି' ବାକ୍ୟାଂଶ **ସଂଯୋଜକ ଅବ୍ୟୟ**; ଓ, ଏବଂ, ତଥା, ଅପିଚ, ପୁଣି, ଆଉ, ଆହୁରି ପ୍ରଭୃତି ପଦ **ବାକ୍ୟସଂଯୋଜକ ଅବ୍ୟୟ** ।

Digitized by PPRACHIN, SOA

କିଂତୁ, ମାତ୍ର, ତଥାପି, ପରଂତୁ, ତେବେହେଁ ପ୍ରଭୃତି ପୂର୍ବବାକ୍ୟାର୍ଥରେ ଆପତ୍ତିବ୍ୟଂଜକ ସଂଯୋଜକ ଅବ୍ୟୟ; ଟି, ହିଁ, ସିନା, ନିତାନ୍ତ ପ୍ରଭୃତି ନିଶ୍ଚୟାର୍ଥକ ଅବ୍ୟୟ ।

କି, ପରା, ତ, ଟିକି, ପ୍ରଶ୍ନାର୍ଥକ ଅବ୍ୟୟ । ହେଟି (ହେଇଟି) ନିର୍ଦ୍ଦେଶାର୍ଥକ ଅବ୍ୟୟ । ହେ, ଲୋ, ଗୋ ପ୍ରଭୃତି ସଂବୋଧନାର୍ଥକ ଅବ୍ୟୟ । କଟ କଟ, ଦୁମ୍ ଦୁମ୍, ଭୁସ୍ ଭୁସ୍ ପ୍ରଭୃତି ଅନୁକରଣ ଶବ୍ଦାର୍ଥକ ଅବ୍ୟୟ ।

ହଁ, ହୁଁ, ହଉ, ଆଜ୍ଞା, ଅବଧାନ ପ୍ରଭୃତି ସମ୍ମତିବାଚକ ଅବ୍ୟୟ । ଓଃ, ଆଃ, ଆହେ, ଆରେ, ଏହେ ପ୍ରଭୃତି ଖେଦ ଓ ବିସ୍ମୟବାଚକ ଅବ୍ୟୟ ।

ଏହେଁ, ଉହୁଁ, ଛି, ଧିକ୍ ପ୍ରଭୃତି ଘୃଣାବାଚକ ଅବ୍ୟୟ । ବାଃ, ସାବାସ୍ ପ୍ରଭୃତି ଅନୁମୋଦନ ଓ ପ୍ରଶଂସାବାଚକ ଅବ୍ୟୟ । ଅତଏବ, ସୁତରାଂ, ପ୍ରଭୃତି, ଏଣୁ, ତେଣୁ, ପରି ହେତ୍ୱର୍ଥକ ସଂଯୋଜକ ଅବ୍ୟୟ ।

ଥରକୁଥର, ପୁନଃପୁନଃ, ବାରମ୍ବାର, ମୁହୁର୍ମୁହୁଃ ଇତ୍ୟାଦି ପୌନଃପୁନିକତାସୂଚକ ଅବ୍ୟୟ । ଏମାନେ ମଧ୍ୟ କ୍ରମେ କ୍ରମେ, ଶନୈଃ ଶନୈଃ, ଉତ୍ତରୋତ୍ତର ପ୍ରଭୃତି ପରି କାଳାର୍ଥକ କ୍ରିୟାବିଶେଷଣ ।

ବା, କିବା, ଅବା, କିଂବା, ଈଅବା, ନତୁବା, ନୋହିଲେ, ନଚେତ୍ ପ୍ରଭୃତି ବିକଳ୍ପାର୍ଥକ ଅବ୍ୟୟ । 'ଏକା' କେବଳାର୍ଥକ ଅବ୍ୟୟ । ମମ, ତବ, ତତ୍ର, ଅଗତ୍ୟା ପ୍ରଭୃତି ସଂସ୍କୃତ ଅବ୍ୟୟର ମଧ୍ୟ ବ୍ୟବହାର ହୁଏ ।

[**ଦ୍ରଷ୍ଟବ୍ୟ :** (୧) ଏହି ଅବ୍ୟୟମାନେ ସଂସ୍କୃତ ଓ ପ୍ରାକୃତ ସଂଗେ ଅଧିକାଂଶ ଘନିଷ୍ଠ ଭାବରେ ସଂବଂଧ ଓ ବେଳେ ବେଳେ ଅଭିନ୍ନ ।

(୨) 'ଏବଂ' ପଦ, 'ଏବଂ ଚ' ଶବ୍ଦ ଅନୁକରଣରେ ପ୍ରଥମରୁ ବଂଗଳାରେ ବିଦ୍ୟାସାଗର ବ୍ୟବହାର କରିଥିଲେ । ଓଡ଼ିଆରେ ତାହା ଅନୁକୃତ ହୋଇଅଛି । 'ସୁତରାଂ'ର ଇତିହାସ ମଧ୍ୟ 'ଏବଂ'ର ଅନୁରୂପ । ଏ ଦୁଇଟିର ବ୍ୟବହାର ପ୍ରମାଦମୂଳକ । ପ୍ରାଚୀନ ଓଡ଼ିଆରେ ଏହାର ବ୍ୟବହାର ନାହିଁ କିମ୍ବା ଲୋକମୁଖରେ ଏ ଦୁଇଟି ଚଳେ ନାହିଁ ।

(୩) 'ସାବାସ' ପାରସିକ ଶବ୍ଦ । ସାହା ଆବାସ୍ ବୋଲି ପାରସ୍ୟରେ ବଡ଼ ପ୍ରଶଂସିତ ସମ୍ରାଟ ଥିଲେ । ଲୋକଂକୁ ପ୍ରଶଂସା କରି କହିଲା ବେଳେ 'ସେ ସାହ୍ ଆବାସ' ଏପରି କହୁଁ କହୁଁ ସାବାସ୍ ଶବ୍ଦ ହୋଇଯାଇଅଛି ।

(୪) ସଂସ୍କୃତ 'ଚ' ପ୍ରାକୃତ 'ଅ' ଓଡ଼ିଆରେ 'ଓ' ହୋଇଅଛି ଏବଂ ସଂସ୍କୃତ 'ଅପି' ପ୍ରାକୃତ 'ଓ' ଓଡ଼ିଆରେ 'ବି' ହୁଏ ।]

Digitized by PPRACHIN, SOA

## କ୍ରିୟା

ଭିନ୍ନ ଭିନ୍ନ ପୁରୁଷ, ବଚନ ଓ କାଳରେ କ୍ରିୟାର ଭିନ୍ନ ଭିନ୍ନ ରୂପ ହୁଏ ।

ପୁରୁଷ - ଆଂଭେ କରୁଁ, ମୁଁ କରେଁ, ତୁଂଭେ କର, ତୁ କରୁ ଇତ୍ୟାଦି ।

ବଚନ - ମୁଁ କରେଁ, ଆଂଭେମାନେ କରୁଁ ଇତ୍ୟାଦି ।

କାଳର କ୍ରିୟାରୂପ କହିଲା ବେଳେ ବଚନ ଓ ପୁରୁଷର ରୂପ ସ୍ପଷ୍ଟ ବୁଝାପଡ଼ିବ ।

କାଳ - କ୍ରିୟାରୂପ କାଳରେ ତିନି ପ୍ରକାର ହୁଏ ।

(୧) ଆଦେଶ, ଅନୁମତି, ଅନୁରୋଧ, ଅନୁଯୋଗ, ଆଶୀର୍ବାଦ ଓ ଇଚ୍ଛା ପ୍ରଭୃତି ବୋଧକ କାଳ ।

(୨) ସଂଭାବନା, ସମ୍ଭାବନାର ଇଚ୍ଛା ବା ଯଦ୍ୟର୍ଥାଦିବୋଧକ କାଳ ।

(୩) ବିଶୁଦ୍ଧ କାଳ ବା ସାଧାରଣ ଭାବବୋଧକ କାଳ । ଏହା ପୁଣି ତିନି ପ୍ରକାର ହୁଏ । ଯଥା-

(କ) ବର୍ତ୍ତମାନ, (ଖ) ଅତୀତ, (ଗ) ଭବିଷ୍ୟତ ।

**(୧) ଆଦେଶାଦି-**

| | |
|---|---|
| ମୁଁ କରେ | ଆମେ (ଆମେମାନେ) କରୁଁ । |
| ତୁ କର୍ | ତୁମେ (ତୁମେମାନେ) କର । |
| ସେ କରୁ | ସେ (ସେମାନେ) କରଂତୁ । |

ଏହି କ୍ରିୟାରେ ପ୍ରୟୋଗ ହେଉଥିବା ୨ୟ ପୁରୁଷ ଏକବଚନର କ୍ରିୟାରେ କିଛି ବିଭକ୍ତି ନଥାଏ । ତାହାକୁ ହିଁ କ୍ରିୟାମୂଳ ବା ଧାତୁ ବୋଲି ଧରାଯାଏ । ଏଠାରେ ଏହି କର୍ ଧାତୁର ଭିନ୍ନ ଭିନ୍ନ କ୍ରିୟାରୂପ ଉଦାହରଣରେ ଦିଆଯାଉଅଛି ।

**(୨) ସଂଭାବନାଦ୍ୟର୍ଥକ-**

| | |
|---|---|
| ମୁଁ କରଂତି | ଆମେ (ଆମେମାନେ) କରଂତୁ । |
| ତୁ କରଂତୁ | ତୁମେ (ତୁମେମାନେ) କରଂତ । |
| ସେ କରଂତା | ସେ (ସେମାନେ) କରଂତେ । |

**(୩) ସାଧାରଣ ଭାବବୋଧକ-**

**(କ) ବର୍ତ୍ତମାନ-**

| | |
|---|---|
| ମୁଁ କରେଁ | ଆମେ (ଆମେମାନେ) କରୁଁ । |

Digitized by PPRACHIN, SOA

| | |
|---|---|
| ତୁ କରୁ | ତୁମେ (ତୁମେମାନେ) କର । |
| ସେ କରେ | ସେ (ସେମାନେ) କରଂତି । |

**(ଖ) ଅତୀତ-**

| | |
|---|---|
| ମୁଁ କଲି (କରିଲି) | ଆମେ (ଆମେମାନେ) କଲୁଁ (କରିଲୁଁ) । |
| ତୁ କଲୁ (କରିଲୁ) | ତୁମେ (ତୁମେମାନେ) କଲ (କରିଲ) । |
| ସେ କଲା (କରିଲା) | ସେ (ସେମାନେ) କଲେ (କରିଲେ) । |

**(ଗ) ଭବିଷ୍ୟତ୍-**

| | |
|---|---|
| ମୁଁ କରିବି | ଆମେ (ଆମେମାନେ) କରିବୁ । |
| ତୁ କରିବୁ | ତୁମେ (ତୁମେମାନେ) କରିବ । |
| ସେ କରିବ | ସେ (ସେମାନେ) କରିବେ । |

ଅନୁଜ୍ଞା ବା ଆଦେଶରେ ବେଳେବେଳେ ଦ୍ୱିତୀୟ ପୁରୁଷ ଏକବଚନରେ ଶୁଦ୍ଧ ଅତୀତର ପ୍ରୟୋଗ ହୁଏ । ସେଠାରେ କ୍ରିୟାର ଅନ୍ୟଭାବ କ୍ରିୟାପ୍ରତି ଅପେକ୍ଷା ପ୍ରକାଶ ପାଉଥାଏ । ଯଥା- **'ତୁ ଦେଖି କଲୁ, କ'ଣ ହେବ ଦେଖାଯିବ ।' 'ତୁ ଆସିଲୁ, କଥାବାର୍ତ୍ତା ହେବା'** ଇତ୍ୟାଦି ।

ଏଠାରେ 'କର' ଧାତୁରୁ ବିଭକ୍ତି ବାହାରକରି ଦେଖିଲେ ଦେଖାଯିବ ସେମାନଂକର ରୂପ ଏହିପରି; ଯଥା-

**(୧) ଅନୁଜ୍ଞାଦି-**

| | **ଏକବଚନ** | **ବହୁବଚନ** |
|---|---|---|
| ପ୍ରଥମ ପୁରୁଷ | ଏ | ଉଁ |
| ଦ୍ୱିତୀୟ ପୁରୁଷ | - | ଅ |
| ତୃତୀୟ ପୁରୁଷ | ଉ | ଅଂତୁ |

**(୨) ସଂଭାବନାଦି ବୋଧକ-**

| | | |
|---|---|---|
| ପ୍ରଥମ ପୁରୁଷ | ଅଂତି | ଅଂତୁ |
| ଦ୍ୱିତୀୟ ପୁରୁଷ | ଅଂତୁ | ଅଂତ |
| ତୃତୀୟ ପୁରୁଷ | ଅଂତା | ଅଂତେ |

Digitized by PPRACHIN, SOA

(୩) ସାଧାରଣ ଭାବବୋଧକ-

(କ) ବର୍ତମାନ-

| | | |
|---|---|---|
| ପ୍ରଥମ ପୁରୁଷ | ଏଁ | ଉଁ |
| ଦ୍ୱିତୀୟ ପୁରୁଷ | ଉ | ଅ |
| ତୃତୀୟ ପୁରୁଷ | ଏ | ଅଂତି |

(ଖ) ଅତୀତ-

| | | |
|---|---|---|
| ପ୍ରଥମ ପୁରୁଷ | ଲି (ଇଲି) | ଲୁ (ଇଲୁ) |
| ଦ୍ୱିତୀୟ ପୁରୁଷ | ଲୁ (ଇଲୁ) | ଲ (ଇଲ) |
| ତୃତୀୟ ପୁରୁଷ | ଲା (ଇଲା) | ଲେ (ଇଲେ) |

(ଗ) ଭବିଷ୍ୟତ୍-

| | | |
|---|---|---|
| ପ୍ରଥମ ପୁରୁଷ | ବି (ଇବି) | ବୁଁ (ଇବୁଁ) |
| ଦ୍ୱିତୀୟ ପୁରୁଷ | ବୁ (ଇବୁ) | ବ (ଇବ) |
| ତୃତୀୟ ପୁରୁଷ | ବ (ଇବ) | ବେ (ଇବେ) |

ଅତୀତ କାଳରେ କର୍+ଲି=କର୍‌ଲି, ଏହିପରି ପଦରୁ କ୍ରମେ କରିଲି, ପରେ କଲି ହୋଇଅଛି । ଏବେ ମଧ୍ୟ କେହି କେହି କରିଲି ଲେଖନ୍ତି । ସେହିପରି ଗମିଲି, ଗଲି ପ୍ରଭୃତି ଦୁଇ ଅର୍ଥରେ ଦୁଇ ପ୍ରକାର ପ୍ରୟୋଗ ମଧ୍ୟ ଦେଖାଯାଏ । ମାତ୍ର 'ଘୋଟିଲି', 'ଭାଂଗିଲି' ପ୍ରଭୃତିରେ 'ଲି'ରୁ 'ଇଲି' ହୋଇ ସ୍ପଷ୍ଟ ପ୍ରକାଶ ପାଇଅଛି । କିଂତୁ ପ୍ରକୃତରେ ସେ ପଦମାନେ ପ୍ରଥମେ ଘୋଟ୍‌ଲି, ଭାଂଗ୍‌ଲି ଏହିପରି ଥିଲେ । ଏବେ ମଧ୍ୟ ସଂବଲପୁରରେ ଏହିପରି କହଂତି ।

ଭବିଷ୍ୟତରେ ମଧ୍ୟ କର୍‌ବି ପ୍ରଭୃତି କ୍ରମେ କରିବି ପ୍ରଭୃତିରେ ପରିଣତ ହୋଇଅଛି । ସଂବଲପୁରରେ ଏବେ ମଧ୍ୟ କର୍‌ବି ପ୍ରଭୃତି କହଂତି ।

ସେଥିପାଇଁ କାଳକ୍ରମେ ଲି, ବି ପ୍ରଭୃତି ବିଭକ୍ତି ଇଲି, ଇବି ପ୍ରଭୃତି ବିଭକ୍ତିରେ ପରିଣତ ହୋଇଅଛି । ଏବଂ ଏବେ ସେହି ଇଲି, ଇବି ପ୍ରଭୃତିକୁ ବିଭକ୍ତି ବୋଲି ଧରିବାକୁ ହେବ ।

ପ୍ରଥମ ପୁରୁଷ ବହୁବଚନରେ ଆପଣା ଆପଣା ମଧ୍ୟରେ କ୍ରିୟାର କାର୍ଯ ହେଲେ, ଓଡ଼ିଆରେ କ୍ରିୟାର ଗୋଟିଏ ସ୍ୱତଂତ୍ର ରୂପ ଥାଏ । ଅନ୍ୟ କାହାକୁ କହିଲାବେଳେ କୁହାଯାଏ 'ଆଂଭେମାନେ କରୁଁ, କଲୁଁ, କରିବୁଁ କିଂତୁ ନିଜ ଭିତରେ

Digitized by PPRACHIN, SOA

କହିଲାବେଳେ 'ଆମେମାନେ କରେଁ, କଲେଁ (କଲେଇଁ), କରିବା' ଇତ୍ୟାଦି ପ୍ରୟୋଗ ହୁଏ । ସେହିପରି ଅର୍ଥରେ କର୍ ଧାତୁର ରୂପ, ଯଥା–

| | ଧାତୁରୂପ | ବିଭକ୍ତି |
|---|---|---|
| ୧ । ଅନୁଜ୍ଞାଦିବୋଧକ – | କରେଁ | ଏଁ |
| ୨ । ସଂଭାବନାଦିବୋଧକ– | କରଂତେଁ (କରଂତେଇଁ) | ଅଂତେଁ (ଅଂତେଇଁ) |
| ୩ । (କ) ବର୍ତ୍ତମାନ– | କରେଁ (କରେଇଁ) | ଏଁ (ଏଇଁ) |
| (ଖ) ଅତୀତ– | କଲେଁ (କଲେଇଁ) | ଏଁ (ଏଇଁ) |
| (ଗ) ଭବିଷ୍ୟତ୍– | କରିବା | ଇବା |

ଅନୁଜ୍ଞା, ବର୍ତ୍ତମାନ କାଳବୋଧକ ଏବଂ ସଂଭାବନା, ଭବିଷ୍ୟତ୍ କାଳବୋଧକ ଥିବାରୁ କେହି କେହି ଏମାନଂକୁ ଅନୁଜ୍ଞା ବର୍ତ୍ତମାନ ଓ ସଂଭାବ୍ୟ ଭବିଷ୍ୟତ୍ ବୋଲି କହଂତି । ମାତ୍ର ସେମାନେ ଯେଉଁ କାଳର ଅଂତର୍ଗତ ହୁଅଂତୁ, ବ୍ୟାକରଣରେ ସେମାନଂକର ବର୍ତ୍ତମାନ, ଅତୀତ, ଭବିଷ୍ୟତ୍ ପରି ଗୋଟିଏ ଗୋଟିଏ ସ୍ୱତଂତ୍ର କାଳରୂପ ଥିବାରୁ ସେମାନଂକୁ ସ୍ୱତଂତ୍ର କରି ଧରିବାକୁ ହେବ ।

## କାଳଭଂଗି

ବିଶୁଦ୍ଧ ଅନୁଜ୍ଞା, ସଂଭାବନା, ବର୍ତ୍ତମାନ, ଅତୀତ, ଭବିଷ୍ୟତ୍ କାଳ ଛଡ଼ା କାଳର କାର୍ଯ୍ୟ ପ୍ରକାର ଭେଦରେ ପ୍ରତ୍ୟେକ କାଳରେ ଅତୀତ ଓ ବର୍ତ୍ତମାନ ଭଂଗିବୋଧକ ଆଉ ଦୁଇ ଦୁଇ ପ୍ରକାର ରୂପ ହୁଏ । ଅତୀତ ଭଂଗିରେ ସେହି କାଳରେ ସରିଯାଇଥିବା ଏବଂ ବର୍ତ୍ତମାନ ଭଂଗିରେ ସେହି କାଳରେ ଗ୍ଭଲୁଥିବା ଅର୍ଥ ବୁଝାଯାଏ । ସେଥିରେ ବର୍ତ୍ତମାନ ଭଂଗିରେ ଧାତୁରେ 'ଉ' ଏବଂ ଅତୀତ ଭଂଗିରେ ଧାତୁରେ 'ଇ' ଲାଗି କରୁ ଓ କରି ପ୍ରଭୃତି ପରି କ୍ରିୟାମୂଳ ବା ମିଶ୍ରଧାତୁରୂପେ ରହଂତି । ଏବଂ ଥା (ଅଛ୍) ଧାତୁଦ୍ୟୋତକ ବା ସାହାଯ୍ୟକାରୀ କ୍ରିୟାରୂପେ କାଳର ଭଂଗି ପ୍ରକାଶ କରଂତି ।

'ଥା' ଧାତୁ ବର୍ତ୍ତମାନ କାଳର କାଳଭଂଗିମାନ ପ୍ରକାଶ କରିବାରେ ଅଛ୍ ହୋଇଯାଏ ଏବଂ ସେହି କାଳର ପ୍ରଥମ ପୁରୁଷ ଏକବଚନରେ 'ଅଛେ' ନ ହୋଇ 'ଅଛି' ହୁଏ ।

ମାତ୍ର ଏହି 'ଥା' ଧାତୁ ସାହାଯ୍ୟକାରୀ କ୍ରିୟା ନହେଲେ ବର୍ତ୍ତମାନ କାଳରେ ବିକଳ୍ପେ ଅଛ୍ ହୋଇ ପ୍ରଧାନ କ୍ରିୟାରୂପେ ଅଛି, ଅଛୁଁ, ଥାଏ, ଥାଉଁ ପ୍ରଭୃତି ରୂପ ମଧ୍ୟ ହୁଏ ।

Digitized by PPRACHIN, SOA

## ଥା (ଅଛ୍) ଧାତୁର ରୂପ

(୧) ଅନୁଜ୍ଞା-

| | ଏକବଚନ | ବହୁବଚନ |
|---|---|---|
| ପ୍ରଥମ ପୁରୁଷ | ମୁଁ ଥାଏ | ଆମେ (ଆମେମାନେ ଥାଉଁ)<br>ନିଜ ମଧ୍ୟରେ ଥାଏଁ (ଥାଇଁ) |
| ଦ୍ୱିତୀୟ ପୁରୁଷ | ଥା | ଥାଅ |
| ତୃତୀୟ ପୁରୁଷ | ଥାଉ | ଥାଆଂତୁ |

(୨) ସଂଭାବନା-

| | | |
|---|---|---|
| ପ୍ରଥମ ପୁରୁଷ | ଥାଂ'ତି | ଥାଂ'ତୁ<br>ନିଜମଧ୍ୟରେ ଥାଆଂତେ (ଥାଆଂତେଇଁ) |
| ଦ୍ୱିତୀୟ ପୁରୁଷ | ଥାଂ'ତୁ | ଥାଂ'ତ |
| ତୃତୀୟ ପୁରୁଷ | ଥାଂ'ତା | ଥାଂ'ତେ |

(୩) ସାଧାରଣ

(କ) ବର୍ତ୍ତମାନ-

| | | |
|---|---|---|
| ପ୍ରଥମ ପୁରୁଷ | ଅଛି (ଥାଏଁ) | ଅଛୁଁ (ଥାଉଁ) ନିଜମଧ୍ୟରେ ଅଛେଁ,<br>ଅଛେଇଁ (ଥାଏଁ, ଥାଇଁ) |
| ଦ୍ୱିତୀୟ ପୁରୁଷ | ଅଛୁ (ଥାଉ) | ଅଛ (ଥାଅ) |
| ତୃତୀୟ ପୁରୁଷ | ଅଛି (ଥାଏ) | ଅଛଂତି (ଥାଆଂତି) |

(ଖ) ଅତୀତ-

| | | |
|---|---|---|
| ପ୍ରଥମ ପୁରୁଷ | ଥିଲି | ଥିଲୁ<br>ନିଜମଧ୍ୟରେ ଥିଲେଁ ଥିଲେଇଁ |
| ଦ୍ୱିତୀୟ ପୁରୁଷ | ଥିଲୁ | ଥିଲ |
| ତୃତୀୟ ପୁରୁଷ | ଥିଲା | ଥିଲେ |

(ଗ) ଭବିଷ୍ୟତ୍-

| | | |
|---|---|---|
| ପ୍ରଥମ ପୁରୁଷ | ଥିବି | ଥିବୁଁ<br>ନିଜମଧ୍ୟରେ ଥିବା |
| ଦ୍ୱିତୀୟ ପୁରୁଷ | ଥିବୁ | ଥିବ |
| ତୃତୀୟ ପୁରୁଷ | ଥିବ | ଥିବେ |

Digitized by PPRACHIN, SOA

ଏହି ଥା (ଅଛ୍) ଧାତୁଦ୍ୟୋତକ, ବା ସାହାଯ୍ୟକାରୀ କ୍ରିୟାରୂପେ ପ୍ରୟୋଗକରି ସବୁ କାଳରେ ଗ୍ଲୁଥିବା ଓ ସରିଯାଇଥିବା କ୍ରିୟାମାନଂକୁ ବୁଝାଇବା ପାଇଁ ପ୍ରତ୍ୟେକ କାଳରେ ବର୍ତମାନ ଓ ଅତୀତ ଭଂଗିରେ ଦୁଇ ଦୁଇଟି ରୂପ ହୁଏ ।

**କର୍ ଧାତୁର କାଳଭଂଗି ରୂପ, ଯଥା–**

**(୧) ଅନୁଜ୍ଞାରେ ଗ୍ଲୁଥିବା କ୍ରିୟା–**

| | ଏକବଚନ | ବହୁବଚନ |
|---|---|---|
| ପ୍ରଥମ ପୁରୁଷ | କରୁଥାଏଁ | କରୁଥାଉଁ |
| | | ନିଜମଧ୍ୟରେ କରୁଥାଏଁ, କରୁଥାଇଁ |
| ଦ୍ୱିତୀୟ ପୁରୁଷ | କରୁଥା | କରୁଥାଅ |
| ତୃତୀୟ ପୁରୁଷ | କରୁଥାଉ | କରୁଥାଆଂତୁ |

**ଅନୁଜ୍ଞାରେ ସରିଥିବା କ୍ରିୟା–**

| | | |
|---|---|---|
| ପ୍ରଥମ ପୁରୁଷ | କରିଥାଏଁ | କରିଥାଉଁ |
| | | ନିଜମଧ୍ୟରେ କରିଥାଏଁ, କରିଥାଇଁ |
| ଦ୍ୱିତୀୟ ପୁରୁଷ | କରିଥା | କରିଥାଅ |
| ତୃତୀୟ ପୁରୁଷ | କରିଥାଉ | କରିଥାଆଂତୁ |

(୨) ସଂଭାବନା (ଗ୍ଲୁଥିବା କ୍ରିୟା)

| | | |
|---|---|---|
| ପ୍ରଥମ ପୁରୁଷ | କରୁଥାଆଂତି | କରୁଥାଆଂତୁ |
| | | ନିଜମଧ୍ୟରେ କରୁଥାଆଂତେ (ଥାଂତେଇଁ) |
| ଦ୍ୱିତୀୟ ପୁରୁଷ | କରୁଥାଆଂତୁ | କରୁଥାଆଂତ |
| ତୃତୀୟ ପୁରୁଷ | କରୁଥାଆଂତା | କରୁଥାଆଂତେ |

ସମ୍ଭାବନାରେ ସରିଥିବା କ୍ରିୟା – କରିଥାଆଂତି ଇତ୍ୟାଦି ।

(୩) (କ) ବର୍ତମାନରେ ଗ୍ଲୁଥିବା କ୍ରିୟା – କରୁଅଛି ଇତ୍ୟାଦି ।

କ୍ରିୟା ଅଧିକ ଲାଗି ରହିବା ଅର୍ଥରେ କରୁଥାଏ ପ୍ରଭୃତି ରୂପ ମଧ୍ୟ ହୁଏ ।

ବର୍ତ୍ତମାନରେ ସରିଥିବା କ୍ରିୟା – କରିଅଛି ଇତ୍ୟାଦି

କ୍ରିୟା ଅଧିକ ଲାଗି ରହିବା ଅର୍ଥରେ କରିଥାଏ ପ୍ରଭୃତି ମଧ୍ୟ ହୁଏ ।

Digitized by PPRACHIN, SOA

(ଖ) ଅତୀତରେ ଚାଲୁଥିବା କ୍ରିୟା - କରୁଥିଲି ଇତ୍ୟାଦି ।
ଅତୀତରେ ସରିଥିବା କ୍ରିୟା - କରିଥିଲି ଇତ୍ୟାଦି ।

(ଗ) ଭବିଷ୍ୟତରେ ଚାଲୁଥିବା କ୍ରିୟା - କରୁଥିବି ଇତ୍ୟାଦି ।
ଭବିଷ୍ୟତରେ ସରିଥିବା କ୍ରିୟା - କରିଥିବି ଇତ୍ୟାଦି ।

ଅର୍ଥଭେଦରେ ଆଉ ଅନେକ ଦ୍ୟୋତକ ବା ସାହାଯ୍ୟକାରୀ କ୍ରିୟା କ୍ରିୟାମୂଳ ରୂପେ ପ୍ରକାଶ ପାଆଂତି । ସେଠାରେ ପ୍ରକୃତ ଧାତୁ ପରେ ସେମାନେ କ୍ରିୟାମୂଳ ରୂପେ ରହି ସ୍ୱତଂତ୍ରଭାବରେ କିଂବା ଥା (ଅଛ୍) ଧାତୁଯୋଗେ ରୂପ ହୁଅଂତି । ପୂର୍ବ କ୍ରିୟା ବା କ୍ରିୟାମୂଳମାନେ କେବଳ ଇକାରାଂତ ମିଶ୍ର କ୍ରିୟାମୂଳ ରୂପେ ପ୍ରକାଶ ପାଆଂତି । ଯଥା- 'ମୁଁ କରି ସାରିଅଛି' ଇତ୍ୟାଦି ।

**ମୁଁ କରି ସାରିପାରିବି ନାହିଁ**, ଏଠାରେ କରି, ସାରି ଦୁଇଟି ମିଶ୍ର କ୍ରିୟାମୂଳ ପ୍ରକାଶ ପାଉଅଛି ସତ, କିଂତୁ ଏଠାରେ 'କରି' ଏହି କ୍ରିୟାମୂଳ ବି ସ୍ୱତଂତ୍ର ଅସମାପିକା କ୍ରିୟାରୂପେ ଅର୍ଥଗ୍ରହଣ କରିଅଛି । '**ସାରିପାରିବି ନାହିଁ**' ଏ ବାକ୍ୟର କ୍ରିୟା । ଏହିପରି ଏକାଧିକ କ୍ରିୟା ଓ ଥା (ଅଛ୍) ଧାତୁ ଯେନି ବାକ୍ୟର ପ୍ରଧାନକ୍ରିୟା ହୁଏ । ପୂର୍ବ କ୍ରିୟାମୂଳ ଅସମାପିକା କ୍ରିୟାରୂପେ ସ୍ୱତଂତ୍ର ହୋଇପଡ଼େ ।

ପରେ ଭିନ୍ନ ଭିନ୍ନ ଅର୍ଥବୋଧକ ସାହାଯ୍ୟକାରୀ କ୍ରିୟାମାନଂକର ନାମ ବିଚାର ହେବ ।

ନିମ୍ନରେ ରୂପ କରିବା ପାଇଁ କେତେକ କ୍ରିୟାର ନାମ ଦିଆଗଲା ।

ଅକାରାଂତ - ଲଅଁ, ହ (ହୋ), ଧ (ଧର୍), ବ (ବସ୍) ।

ଆକାରାଂତ - ଆ, ଥା, ଯା, ଖା, ପା, ପଳା, ଚାହାଁ, ଚାହା, ପାହା, ଯେଡ଼ମା, ଘୁମାଁ, ପଢା ।

ସମସ୍ତ ନାମଧାତୁ ଓ ପ୍ରାୟ ସମସ୍ତ ପ୍ରୟୋଜକଧାତୁ,

ଇକାରାଂତ - ପି, ସିଁ ।

ଉକାରାଂତ - ଛୁଁ ।

ଏକାରାଂତ - ଦେ, ନେ, ଠେଁ ।

ଓକାରାଂତ - ହୋ, ଥୋ, ଶୋ, ଧୋ, ରୋ (ରୋପ୍) ।

କକାରାଂତ - ଥାକ୍, ବକ୍, ଅଟକ୍, ଫୁଂକ୍, ଝିଂକ୍, ଶଂକ୍, ଝୁଂକ୍, ଚଂକ୍, ବିକ୍, ଟେକ୍, ଛିଂକ୍, ଖରକ୍ ।

Digitized by PPRACHIN, SOA

ଖକାରାଂତ - ରଖ୍, ଦେଖ୍, ଯୋଖ୍, ଶୁଖ୍, ଗୃଖ୍, ପରଖ୍, ଶିଖ୍, ଲେଖ୍ ।

ଗକାରାଂତ - ମାଗ୍, ଜାଗ୍, ରାଗ୍, ଲାଗ୍, ଭାଂଗ୍, ପାଗ୍, ହଗ୍, ଢଗ୍, ସଂଗ୍, ଟାଙ୍ଗ୍, ଫିଂଗ୍, ଦୁଆଂଗ୍ ।

ଘକାରାଂତ - ସୁଂଘ୍, ଲଂଘ୍ ।

ଚକାରାଂତ - କଚ୍, ମକଚ୍, ଉକୁଚ୍, ଅରଚ୍, ପଚ୍, ରଚ୍, ପାଚ୍, ନାଚ୍, ଯାଚ୍, ସିଂଚ୍, ଘୁଂଚ୍ ।

ଛକାରାଂତ - ବାଛ୍, ପୋଛ୍, ମୁରୁଛ୍, ବିଂଛ୍, ଗୁଂଛ୍ ।

ଜକାରାଂତ - ମାଜ୍, ହଜ୍, ଭାଜ୍, ଗରଜ୍, ତରଜ୍, ରାଜ୍, ଷରଜ୍, ଖୋଜ୍, ଭୁଂଜ୍, ବାଜ୍, ଭଜ୍, ପୂଜ୍, ଅରଜ୍, ବରଜ୍, ଆଉଜ୍, ସରଜ୍, ସମଜ୍, ପାଜ୍ ।

ଝକାରାଂତ - ବୁଝ୍, ସୁଝ୍ ।

ଟକାରାଂତ - ଖଟ୍, ଘଟ୍, ଚଟ୍, ପଟ୍, ରଟ୍, ହଟ୍, କଟ୍, କାଟ୍, ଛାଟ୍, ଫାଟ୍, ତୁଟ୍, ଗୁଟ୍, ପିଟ୍, ଫିଟ୍, ଫୁଟ୍, ଉକୁଟ୍, ଅକଟ୍, ଚକଟ୍, କୁହାଟ୍, ବାଟ୍, ରେକଟ୍, କୁଟ୍, ଝୁଂଟ୍, ତରାଟ୍, ନିକୁଟ୍, ଅଟ୍ ।

ଠକାରାଂତ - ଉଠ୍, ସଠ୍, ମାଠ୍, ଗେଁଠ୍ ।

ଡକାରାଂତ - ଉଡ୍, ଇଡ୍, ଅଡ୍, ଆଡ୍, ରଡ୍, ପଡ୍, ତଡ୍, ଝଡ୍, ଗଡ୍, ଛାଡ୍, ପାଡ୍, ମାଡ୍, ତାଡ୍, କାଂଡ୍, ଛିଡ୍, ଭିଡ୍, ବିଗିଡ୍, ନିଗାଡ୍, ହାବୁଡ୍, ପଗଡ୍, ଘଉଡ୍, ଦରାଂଡ୍, ଫୋପାଡ୍, କୁରୁଡ୍, ଦଉଡ୍, ଯୋଗାଡ୍, ସଜାଡ୍, ଫୋଡ୍, ଯୋଡ୍, କୋଡ୍, ଛୋଡ୍, ମୋଡ୍, ତୋଡ୍, ରଗଡ୍ ।

ଢକାରାଂତ - ଗଢ୍, ଚଢ୍, ପଢ୍, ବଢ୍, କାଢ୍, ବାଢ୍ ।

ଣକାରାଂତ - ହାଣ୍, ଜାଣ୍, ଆଣ୍, ଗୁଣ୍, ମଣ୍, ପଣ୍, କିଣ୍, ଝୁଣ୍, ଝାଣ୍, ଗଣ୍, ବଖାଣ୍ ।

ତକାରାଂତ - ପୋତ୍, ମୁତ୍, କରତ୍, ଚିଂତ୍, ସାଇତ୍, ମାତ୍, ଚଉତ୍, ଡିଂତ୍ ।

ଥକାରାଂତ - ମଂଥ୍, ଗୁଂଥ୍ ।

ଦକାରାଂତ - ଚଦ୍, କୁଦ୍, ଛେଦ୍, ଭେଦ୍ ।

ଧକାରାଂତ - ବାଧ୍, ରୋଧ୍, ସାଧ୍, ବାଂଧ୍, ରାଂଧ୍ ।

Digitized by PPRACHIN, SOA

ନକାରାଂତ - ଘେନ୍, ବନ୍, ମାନ୍ ।

ପକାରାଂତ - ଜପ୍, ଟପ୍, ଖପ୍, ଛପ୍, କଂପ୍, କାପ୍, ଖାପ୍, ମାପ୍, ରାଂପ୍, ଝାଂପ୍, ସଂପ୍, ଅରପ୍, ସରପ୍, ଚିପ୍, ଲିପ୍, ଖେପ୍, ରୋପ୍ ।

ଫକାରାଂତ- ଗଫ୍, ଫାଂଫ୍ ।

ବକାରାଂତ - ଦବ୍, ଥଂବ୍, ରାବ୍, ଭାବ୍, ଦାବ୍, କୋବ୍ ।

ଭକାରାଂତ - ଲଭ୍, ଆରଂଭ୍, ଶୋଭ୍ ।

ମକାରାଂତ - ଗମ୍, ରମ୍, ଭ୍ରମ୍, କଦମ୍ ।

ରକାରାଂତ - କର୍, ମର୍, ସର୍, ହର୍, ଝର୍, ଡର୍, ଚର୍, ଥର୍, ଧର୍, ଭର୍, ତର୍, ପହର୍, ହ୍ୱାପୁର୍, ଗଜୁର୍, ଉତୁର୍, କତୁର୍, ଘୁଷୁର୍, ବିଗୁର୍, ତିଆର୍, ପଗୁର୍, ଉଡାର୍, ନିଖାର୍, ଡେର୍, ଘୁର୍, ପାର୍, ଉଧୁର୍, ପୂର୍, ହାର୍, ଚୁର୍, ଠାର୍, ଧାର୍ ।

ଳକାରାଂତ - କଳ୍, ଚଳ୍, ଗଳ୍, ଛଳ୍, ଜଳ୍, ଝଳ୍, ଟଳ୍, ମଳ୍, ଫଳ୍, ବଳ୍, ଭଳ୍, ଡୋଳ୍, ଅଂଡ଼ାଳ୍, ତରଳ୍, ଉଛୁଳ୍, ଖୋଳ୍, ଢଳ୍, ପାଳ୍, ଗିଳ୍ ।

ଲକାରାଂତ - ହଲ୍, ଗୁଲ୍, ଝୁଲ୍, ଭୁଲ୍, ବୁଲ୍, ବୋଲ୍, ପେଲ୍, ଟହଲ୍, ଛାଲ୍, ଫୁଲ୍ ।

ଶକାରାଂତ - ପଶ୍, ଦିଶ୍, ପରଶ୍ ।

ସକାରାଂତ - ହସ୍, ରସ୍, ବସ୍, ଭରସ୍, କସ୍, ଘସ୍, ଆସ୍, ଖସ୍, ଆଉଁସ୍ ।

ଷକାରାଂତ - ବରଷ୍, ରୁଷ୍, ଚଷ୍, ତଷ୍ ।

ହକାରାଂତ - ସହ୍, ରହ୍, କହ୍, ବହ୍ ।

କ୍ଷକାରାଂତ - ଭିକ୍ଷ୍ ।

**ସରିଯାଇଥିବା ଅର୍ଥର 'ଣି' -**

ବିଶୁଦ୍ଧ ସଂଭାବନା, ଅତୀତ, ଭବିଷ୍ୟତ୍ ଏବଂ ସଂଭାବନା ଓ ଭବିଷ୍ୟତର ଅତୀତ ଭଂଗିରେ, ସରିଯାଇଥିବା ଅର୍ଥରେ ବେଳେବେଳେ କ୍ରିୟା ଶେଷରେ 'ଣି' ଲାଗେ । ଅନୁଜ୍ଞାରେ ଯେଉଁଠାରେ ଶୁଦ୍ଧ ଅତୀତରୂପ ପ୍ରୟୋଗ ହୁଏ, ସେଠାରେ ମଧ୍ୟ ଏହିପରି 'ଣି' ଲାଗେ । ଯଥା- ସେ **ଖାଆଂତାଣି**, ସେ **ଖାଇସାରଂତାଣ**; ସେ **ଖାଇଥାଆଂତାଣି**; ସେ **ଖାଇଲାଣ**, ସେ **ଖାଇଦବଣି** । ତୁ **ଆସିଲୁଣି** (ଦେଖିବୁ), ସେ **କରିବଣ**, ସେ **କରିସାରିବଣି** ।

Digitized by PPRACHIN, SOA

**ଅନୁଜ୍ଞାରେ 'ନା'-**

ଅନୁଜ୍ଞାରେ ଯୋରଦେଇ କହିଲେ, ଭଦ୍ର ବା କାତର ଭାବରେ କହିଲେ ବେଳେବେଳେ 'ନା' ଲାଗେ । ସେଠାରେ ବାକ୍ୟର ପ୍ରାୟ ଅନ୍ୟ କ୍ରିୟା ବା ଭାବକୁ ଅପେକ୍ଷା ଥାଏ । ଯଥା- ସେ ଆସଂତୁ ନା (କ୍ଷତି କ'ଣ); ତୁ ଟିକିଏ ଆସ୍ ନା (ମୋର କାମ ହେବ); ତୁ କର ନା (କିଏ କ'ଣ କହିବ ବୁଝିବା) ।

ମାଗିଲାବେଳେ 'ଦେ' ଧାତୁର ଦ୍ୱିତୀୟ ପୁରୁଷରେ ଭଦ୍ରଭାବରେ ଦେଇନାରୁ, ଦେଇନାର ଦୁଇଟି ରୂପ ହୁଏ । **ଆତ୍ମୀୟାର୍ଥକ 'ମ'** - ଏହି 'ମ' ସଂବୋଧନ ପଦରୁ ଯାଇ ବେଳେବେଳେ କ୍ରିୟାରେ ମଧ୍ୟ ଲାଗେ ଏବଂ କୌଣସି ଆତ୍ମୀୟଲୋକକୁ ଲକ୍ଷ୍ୟକରି କହିଲାବେଳେ ବାକ୍ୟର କ୍ରିୟା ଶେଷରେ ଲାଗେ । ଯଥା- ରାମ, ତୁ ସେଠାକୁ **ଯାଆମ** । ସେ **ଗଲାଣି ମ** । ସେ **ଖାଇବଣି ମ** । ମୋର କ'ଣ **ହେଲା ମ** ? ଇତ୍ୟାଦି ।

**ପ୍ରଶ୍ନାର୍ଥକ କ୍ରିୟା :**

ବକ୍ତାର କହିବା ଭଂଗି ଅନୁସାରେ ସବୁପ୍ରକାର ବାକ୍ୟ ପ୍ରଶ୍ନାର୍ଥକ ହୁଏ । ପ୍ରଶ୍ନରେ କେବଳ ଅନୁଜ୍ଞାର କ୍ରିୟା ଲାଗେ ନାହିଁ । ଯଥା- ସେ ଖାଇଲା ? ସେ ଯାଉଛି ? ଇତ୍ୟାଦି ।

ପ୍ରଶ୍ନରେ 'ମ' ଲାଗେ ନାହିଁ । କେବଳ ପ୍ରଶ୍ନବୋଧକ କିମ୍ ଶବ୍ଦ ଥିଲେ 'ମ' ଲାଗିପାରେ । ଯଥା- **କିଏ ଗଲା ମ** ?

ଣି ଓ ନା ପ୍ରଶ୍ନରେ ବହୁତ ବ୍ୟବହାର ହୁଏ । ଏଠାରେ 'ଣି'ର କ୍ରିୟା ସରିଯିବା ଅର୍ଥ ଓ 'ନା' ର ସଂଭାବନାର ନିଶ୍ଚୟାର୍ଥ ସ୍ପଷ୍ଟ ପ୍ରକାଶ ପାଏ । ଣି ଓ ନା ଏକସଂଗେ ମଧ୍ୟ ବ୍ୟବହୃତ ହୋଇପାରେ । ଯଥା- **ସେ ଗଲାଣି ? ସେ ଗଲା ନା ? ସେ ଗଲାଣି ନା ?** ଏହି 'ଣି' ଓ 'ନା' ଲାଗିଥିବା ବାକ୍ୟରେ କିମ୍ ଶବ୍ଦର ପ୍ରଶ୍ନାର୍ଥକ ପ୍ରୟୋଗ ହୁଏ ନାହିଁ । ତାହାର ଅନିର୍ଦ୍ଦିଷ୍ଟ ବ୍ୟକ୍ତି ଅର୍ଥକ ପ୍ରୟୋଗ ହୁଏ । ଯଥା- **କିଏ ଗଲାଣି ? କିଏ ଗଲା ନା ? କିଏ ଗଲାଣି ନା ?** ପ୍ରଶ୍ନ ଅର୍ଥରେ ଗଲା କି ?, ଗଲାଣି କି ?, ଗଲା କି ନା ?, ଗଲାଣି କି ନା ?, ସେ ଗଲାଣି **କି ମ ?**, ଯିବ ନାହିଁ କି ମ ? ପ୍ରଭୃତି ପ୍ରୟୋଗ ହୁଏ । ସାଧାରଣ କ୍ରିୟାରେ **ତୁ ଦେଉ କି ନା**, ଦେଲୁ କି ନା, ଦେଲୁଣି କି ନା, ସେଇଥିପାଇଁ କହିଲେ - **ଏପରି ପ୍ରୟୋଗ ମଧ୍ୟ** ହୁଏ ।

ଯୋରଦେବା ଅର୍ଥରେ 'ଇ' - 'ଇ' ଲାଗି ଯୋର ଦିଆଗଲେ, କ୍ରିୟା ଦ୍ୱିତ୍ୱ ହୁଏ । ଯଥା- **ମୁଁ କରିବଇଁ କରିବି । ସେ ଯିବେଇଁ ଯିବେ ।**

Digitized by PPRACHIN, SOA

## କ୍ରିୟାରେ ନିଷେଧ ଯୋଗ :

କ୍ରିୟାରେ ନା ବା ନାହିଁ ଶବ୍ଦ ଲାଗିଲେ କ୍ରିୟା ନିଷେଧ ଅର୍ଥ ପ୍ରକାଶ କରେ । ଯଥା- ମୁଁ କରେଁ, ଏଥିରେ ନିଷେଧ ଅର୍ଥ ପ୍ରକାଶ କରିବାକୁ ଗଲେ କୁହାଯିବ, ମୁଁ ନ କରେଁ ବା ମୁଁ କରେ ନାହିଁ ।

'ଥା' ଧାତୁଛଡ଼ା ନିଷେଧ ଅର୍ଥରେ ସର୍ବଦା, ସର୍ବତ୍ର, ନାହିଁ ବସେ ।

ଯେଉଁ କ୍ରିୟାରେ ବାକ୍ୟର ଅର୍ଥ ସମାପ୍ତ ଓ କହିବା ଲୋକର କହିବାର ଇଚ୍ଛା ବ୍ୟବସିତ ବା ପୂର୍ଣ ହୁଏ, ସେଠାରେ ସାଧାରଣତଃ କ୍ରିୟା ଶେଷରେ 'ନାହିଁ' ଲାଗେ ଏବଂ ଯେଉଁଠାରେ ସେପରି ସମାପ୍ତ ବା ବ୍ୟବସିତ ନ ହୋଇ ବକ୍ତାର ଆକାଂକ୍ଷା ଅନ୍ୟ ବାକ୍ୟର ଅପେକ୍ଷା ରଖେ, ସେଠାରେ 'ନାହିଁ' ପଦର ଯୋଗ ନ କରି କହିଲେ କ୍ରିୟା ପୂର୍ବରୁ କିମ୍ବା କ୍ରିୟାର ଭିନ୍ନ ଭିନ୍ନ ଆଶ୍ରୟବୋଧକ ସାହାଯ୍ୟକାରୀ କ୍ରିୟାର ଠିକ୍ ପୂର୍ବରୁ 'ନ' ଯୋଗ କରାହୁଏ । ଯଥା- **ମୁଁ ଏହା କରେ ନାହିଁ । ମୁଁ ଏହା କରିପାରିବି ନାହିଁ ।** ଏଠାରେ ବକ୍ତାର ଇଚ୍ଛା ପୂର୍ଣ ହେଲା । ମାତ୍ର **ମୁଁ ଏହା କରି ନ ପାରେ ।** ଅର୍ଥାତ୍ (ତୁମେ କର ବା ଆଉ କିଏ କରଂତୁ) ଇତ୍ୟାଦି ଆକାଂକ୍ଷା ଉହ୍ୟ ରହିଲା । କଦାଚ ପ୍ରଭୃତି ପଦଦ୍ୱାରା ଏ ଆକାଂକ୍ଷା ମଧ୍ୟ ବେଳେବେଳେ ପ୍ରକାଶ ପାଏ । ଯଥା- **ମୁଁ କଦାଚ ଏହା କରି ନ ପାରେ ।** ସେହିପରି, ମୁଁ ଯେବେ **କରି ନ ପାରିବି**, ଏ କାମ ହେବ ନାହିଁ, ଏବଂ ମୁଁ ଯେବେ **କରି ପାରିବି ନାହିଁ**, ଏ କାମ ହେବ ନାହିଁ ।

ଅନୁଜ୍ଞା ପ୍ରଥମ ପୁରୁଷ ଉଭୟ ବଚନରେ ଓ ଦ୍ୱିତୀୟ, ତୃତୀୟ ପୁରୁଷର ଏକବଚନରେ 'ନାହିଁ'ର ପ୍ରୟୋଗ ହୁଏ ନାହିଁ । ଏବଂ ଦ୍ୱିତୀୟ ପୁରୁଷରେ ଯୋର ଦେଇ କହିଲେ 'ନାହିଁ' ଠାରେ 'ନା' ପ୍ରୟୋଗ ହୁଏ । ଏହାଛଡ଼ା ଅନୁଜ୍ଞା ତୃତୀୟ ପୁରୁଷ ବହୁବଚନ ଓ ସାଧାରଣ ବର୍ତମାନ ପ୍ରଥମ ପୁରୁଷ ଉଭୟ ବଚନ, ଦ୍ୱିତୀୟ ପୁରୁଷ ବହୁବଚନ ଓ ତୃତୀୟ ପୁରୁଷ ଏକବଚନରେ ଯୋରଦେଇ କହିଲେ 'ନାହିଁ' ଠାରେ 'ନା' ହୁଏ ।

ଥା (ଅଛ୍) ଧାତୁରେ କ୍ରିୟାଭଂଗି ପ୍ରକାଶ ପାଇଲେ 'ଅଛ୍'ଠାରେ 'ନାହ୍ଁ' ହୋଇ ବିଭକ୍ତି ଯୋଗହୁଏ । କିମ୍ବା ଅଛ୍ ଧାତୁ ଯେଉଁ କ୍ରିୟାରେ ଲାଗେ ତାହା ପୂର୍ବରୁ 'ନ' ବସେ । ଏବଂ 'ଥା' ଧାତୁ ପୂର୍ବରୁ ବରାବର 'ନ' ବସେ । 'ଥା' ଧାତୁଠାରେ ନାହିଁର ବ୍ୟବହାର କେବେ ହୁଏନାହିଁ ।

ବେଳେବେଳେ ଶେଷ ସାହାଯ୍ୟକାରୀ କ୍ରିୟାର ପୂର୍ବରେ 'ନ' ନ ବସି ତା'ର ପୂର୍ବରୁ ଥିବା ମିଶ୍ର କ୍ରିୟା ପୂର୍ବରେ 'ନ' ବସେ । ସେଠାରେ ଯେଉଁ କ୍ରିୟା ପୂର୍ବରେ

Digitized by PPRACHIN, SOA

'ନ' ବସେ, ସ୍ୱତଂତ୍ର ଭାବରେ ସେହି କ୍ରିୟାର ନିଷେଧ ସୂଚାଇବା ବକ୍ତାର ଉଦ୍ଦେଶ୍ୟ ଥାଏ । ଯଥା- **ମୁଁ ଏହା ସାରି ନପାରେ; ମୁଁ ଏହା ନ ସାରି ପାରେ ।** ଏଠାରେ ପ୍ରଥମଟିରେ ପାରିବାର ନିଷେଧ ଅର୍ଥାତ୍ କରିବା ଲୋକର କ୍ଷମତାର ଅଭାବ ବୁଝା ଯାଉଅଛି, ଏବଂ ଦ୍ୱିତୀୟଟିରେ ସାରିବାର ନିଷେଧ ଅର୍ଥାତ୍ କରିବା ଲୋକର ଇଚ୍ଛାର ଅଭାବ ବୁଝା ଯାଉଅଛି । ସେହିପରି, **ମୁଁ ଏହା କରିସାରି ପାରିବି ନାହିଁ । ମୁଁ ଏହା ନ କରି ସାରି ପାରିବି ।** ଏହି ଦୁଇ ବାକ୍ୟରେ ନିଷେଧର ଶକ୍ତି ସ୍ପଷ୍ଟ ବୁଝା ଯାଉଅଛି ।

ଗୋଟିଏ ମୂଳକ୍ରିୟା ସଂଗେ ଗୋଟିଏ ମାତ୍ର ଅର୍ଥବ୍ୟଂଜକ ସାହାଯ୍ୟକାରୀ କ୍ରିୟା ଥିଲେ, ବେଳେବେଳେ ଲେଖକମାନେ ନିଷେଧାର୍ଥକ 'ନ'ର ବ୍ୟବହାରରେ ପ୍ରମାଦ କରଂତି । 'ମୁଁ ସାରି ନପାରେ' ଏହି ଅର୍ଥରେ 'ମୁଁ ନ ସାରିପାରେଁ' ପ୍ରୟୋଗ କରଂତି । ତେଣୁ ତାହା କେତେକ ପରିମାଣରେ ଭାଷାରେ ଚଳି ଯାଇଅଛି ।

ଅର୍ଥବୋଧକ ସାହାଯ୍ୟକାରୀ କ୍ରିୟାର ସାଧାରଣ ଅତୀତକାଳରେ ନାହିଁ ପ୍ରୟୋଗ କଲେ; ସେଠାରେ ଅତୀତରେ ସରିଯାଇଥିବା କ୍ରିୟାଭଂଗିର ରୂପ ହୁଏ । ଯଥା- **ସେ ଖାଇ ଦେଇଛି; ସେ ଖାଇଦେଲା;** ଦୁହିଁଙ୍କର ନିଷେଧାର୍ଥକ ରୂପ - **ସେ ଖାଇଦେଇ ନାହିଁ ।** ମାତ୍ର ବକ୍ତାର ଆକାଂକ୍ଷା ଶେଷ ନ ହେଲେ ନାହିଁର ପ୍ରୟୋଗ ସାଧାରଣ କ୍ରିୟାପରି ହୋଇଥାଏ । ଯଥା- **ସେ ଖାଇଦେଲା ନାହିଁ ତ ଆଉ କିଏ ଖାଇଲା ? ସେ ନ ଖାଇ ଦେଲା ତ ଆଉ କିଏ ଖାଇଲା ?**

ସମାପିକା କ୍ରିୟା ଛଡ଼ା ବାକି ସବୁ କ୍ରିୟାର୍ଥବୋଧକ ପଦ ଅର୍ଥାତ୍ ଅସମାପିକା କ୍ରିୟା, ଯଦ୍ୟର୍ଥବୋଧକ କ୍ରିୟା ବିଶେଷଣ ଓ କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣାଦି ପଦମାନେ କଦାପି 'ନାହିଁ' ଗ୍ରହଣ କରନ୍ତି ନାହିଁ । କେବଳ ପୂର୍ବରୁ 'ନ' ଗ୍ରହଣ କରଂତି । ଯଥା- **ନଈ ନ ବଢ଼ି ସବୁ ନଷ୍ଟ ହେଲା । ମୁଁ ଏ କାମ ନ କଲେ କିଏ କରିବ ? ନ କରିବାର କରିବ ନାହିଁ । ନ କରିବା କଥା କହ ନାହିଁ ।**

**ନିଷେଧାର୍ଥକ କ୍ରିୟା ରୂପ (ସାଧାରଣ କର୍ ଧାତୁ) :**

(୧) ଅନୁଜ୍ଞା-

| | ଏକବଚନ | ବହୁବଚନ |
|---|---|---|
| ପ୍ରଥମ ପୁରୁଷ | ନକରେ | ନକରୁ |
| ଦ୍ୱିତୀୟ ପୁରୁଷ | ନକର, କରନା, | କରନାହିଁ, ନକର, କରନା |
| ତୃତୀୟ ପୁରୁଷ | ନ କରୁ | କରଂତୁ ନାହିଁ, କରଂତୁ ନା, ନ କରଂତୁ |

Digitized by PPRACHIN, SOA

(୨) ସଂଭାବନାଦିବୋଧକ-

| | | |
|---|---|---|
| ପ୍ରଥମ ପୁରୁଷ | କରଂତି ନାହିଁ, ନ କରଂତି | କରଂତୁ ନାହିଁ, ନ କରଂତୁ |
| ଦ୍ୱିତୀୟ ପୁରୁଷ | କରଂତୁ ନାହିଁ, ନ କରଂତୁ | କରଂତ ନାହିଁ, ନ କରଂତ |
| ତୃତୀୟ ପୁରୁଷ | କରଂତା ନାହିଁ, ନ କରଂତା | କରଂତେ ନାହିଁ, ନ କରଂତେ |

(୩) (କ) ବର୍ତ୍ତମାନ-

| | | |
|---|---|---|
| ପ୍ରଥମ ପୁରୁଷ | କରେନାହିଁ, ନକରେ, କରେନା | କରୁନାହିଁ, ନକରୁ, କରୁନା |
| ଦ୍ୱିତୀୟ ପୁରୁଷ | କରୁନାହିଁ, ନକରୁ | କରନାହିଁ, ନକର, କରନା |
| ତୃତୀୟ ପୁରୁଷ | କରେନାହିଁ, ନକରେ, କରେନା | କରଂତି ନାହିଁ, ନକରଂତି |

(ଖ) ଅତୀତ-

| | | |
|---|---|---|
| ପ୍ରଥମ ପୁରୁଷ | କଲିନାହିଁ, ନକଲି | କଲୁନାହିଁ, ନକଲୁ |
| ଦ୍ୱିତୀୟ ପୁରୁଷ | କଲୁନାହିଁ, ନକଲୁ | କଲନାହିଁ, ନକଲ |
| ତୃତୀୟ ପୁରୁଷ | କଲାନାହିଁ, ନକଲା | କଲେନାହିଁ, ନକଲେ |

(ଗ) ଭବିଷ୍ୟତ-

| | | |
|---|---|---|
| ପ୍ରଥମ ପୁରୁଷ | କରିବିନାହିଁ, ନକରିବି | କରିବୁନାହିଁ, ନକରିବୁ |
| ଦ୍ୱିତୀୟ ପୁରୁଷ | କରିବୁ ନାହିଁ, ନକରିବୁ | କରିବନାହିଁ, ନକରିବ |
| ତୃତୀୟ ପୁରୁଷ | କରିବନାହିଁ, ନକରିବ | କରିବେନାହିଁ, ନକରିବେ |

ଥା (ଅଛ୍) ଧାତୁ ଯୋଗେ

(୧) ଅନୁଜ୍ଞା-

| | | |
|---|---|---|
| ପ୍ରଥମ ପୁରୁଷ | କରୁ (କରି) ନଥାଏଁ | କରୁ (କରି) ନଥାଉଁ |
| ଦ୍ୱିତୀୟ ପୁରୁଷ | କରୁ (କରି) ନଥା | କରୁ (କରି) ନଥାଅ |
| ତୃତୀୟ ପୁରୁଷ | କରୁ (କରି) ନଥାଉ | କରୁ (କରି) ନଥାଂତୁ |

(୨) ସଂଭାବନାଦି ଅର୍ଥବୋଧକ-

| | | |
|---|---|---|
| ପ୍ରଥମ ପୁରୁଷ | କରୁ (କରି) ନଥାଂତି | କରୁ (କରି) ନଥାଂତୁ |
| ଦ୍ୱିତୀୟ ପୁରୁଷ | କରୁ (କରି) ନଥାଂତୁ | କରୁ (କରି) ନଥାଂତ |
| ତୃତୀୟ ପୁରୁଷ | କରୁ (କରି) ନଥାଂତା | କରୁ (କରି) ନଥାଂତେ |

Digitized by PPRACHIN, SOA

(୩) (କ) ବର୍ତମାନ-

| | | |
|---|---|---|
| ପ୍ରଥମ ପୁରୁଷ | କରୁ (କରି) ନାହିଁ | କରୁ (କରି) ନାହୁଁ |
| | ନକରୁ (କରି) ଛି | ନକରୁ (କରି) ଛୁ |
| ଦ୍ୱିତୀୟ ପୁରୁଷ | କରୁ (କରି) ନାହୁଁ | କରୁ (କରି) ନାହଁ |
| | ନକରୁ (କରି) ଛୁ | ନକରୁ (କରି) ଛ |
| ତୃତୀୟ ପୁରୁଷ | କରୁ (କରି) ନାହିଁ | କରୁ (କରି) ନାହାଂତି |
| | ନକରୁ (କରି) ଛି | ନକରୁ (କରି) ଛଂତି |

(ଖ) ଅତୀତ-

| | | |
|---|---|---|
| ପ୍ରଥମ ପୁରୁଷ | କରୁ (କରି) ନଥିଲି | କରୁ (କରି) ନଥିଲୁ |
| ଦ୍ୱିତୀୟ ପୁରୁଷ | କରୁ (କରି) ନଥିଲୁ | କରୁ (କରି) ନଥିଲ |
| ତୃତୀୟ ପୁରୁଷ | କରୁ (କରି) ନଥିଲା | କରୁ (କରି) ନଥିଲେ |

(ଗ) ଭବିଷ୍ୟତ-

| | | |
|---|---|---|
| ପ୍ରଥମ ପୁରୁଷ | କରୁ (କରି) ନଥିବି | କରୁ (କରି) ନଥିବୁ |
| ଦ୍ୱିତୀୟ ପୁରୁଷ | କରୁ (କରି) ନଥିବୁ | କରୁ (କରି) ନଥିବ |
| ତୃତୀୟ ପୁରୁଷ | କରୁ (କରି) ନଥିବ | କରୁ (କରି) ନଥିବେ |

ଅପୂର୍ଣ ଭାବାତ୍ମକ ବାକ୍ୟରେ **'ନକରୁଛି'** ପ୍ରଭୃତି ପରେ, **ନ କରୁ ଥାଏଁ, ନ କରୁଥାଆଂତି, ନ କରୁଥିଲି, ନ କରୁଥିବି** ପ୍ରଭୃତିର ପ୍ରୟୋଗ ମଧ୍ୟ ଦେଖାଯାଏ ।

## ସକର୍ମକ ଓ ଅକର୍ମକ କ୍ରିୟା :

ଯେଉଁ କ୍ରିୟାରେ କର୍ମ ଥାଏ, ସେ ସକର୍ମକ କ୍ରିୟା । ଯଥା- **ରାମ ଭାତ ଖାଉଛି ।** ଏଠାରେ 'ଖାଉଛି' କ୍ରିୟାର କର୍ମ ଭାତ ଥିବାରୁ 'ଖାଉଛି' ସକର୍ମକ ।

ଯେଉଁ କ୍ରିୟାରେ କର୍ମ ନଥାଏ ସେ ଅକର୍ମକ । ଯଥା- ରାମ ଶୋଇଛି । ଏଠାରେ 'ଶୋଇଛି' କ୍ରିୟାର କର୍ମ ନାହିଁ ।

ଯେତେପ୍ରକାର ପଦ ବିଶେଷ୍ୟ ହୋଇପାରେ ସେ ସମସ୍ତେ ସକର୍ମକ କ୍ରିୟାର କର୍ମ ହୁଅନ୍ତି । ଯଥା-

| | |
|---|---|
| ବିଶୁଦ୍ଧ ବିଶେଷ୍ୟ- | ସେ ବାଡ଼ ଭାଙ୍ଗିଲା । |
| ସର୍ବନାମ- | ହରି ତାକୁ କହିଲା । |

Digitized by PPRACHIN, SOA

| | |
|---|---|
| ବିଶେଷଣ- | ମୁଁ ଗରିବଂକୁ ଦେଖିବି । |
| କ୍ରିୟାବାଚକ- | ସେ ଶୋଇବା ଲୋଡୁଛି । |
| ବାକ୍ୟାର୍ଥ- | ସେ କିଏ ମୁଁ ଜାଣିଛି । |

ସଂବଂଧସୂଚକ ସର୍ବନାମ ଦ୍ୱାରା ବାକ୍ୟାର୍ଥ କର୍ମ ମଧ୍ୟ ପ୍ରକାଶ ପାଏ । ଯଥା- ସେ ଯାହା କରିବ, ମୁଁ (ତାହା) ଜାଣେ ।

**ସମଧାତୁକ କର୍ମ :**

ବେଳେବେଳେ ଅକର୍ମକ କ୍ରିୟା ସମଧାତୁକ ବା ସମଅର୍ଥକ କର୍ମ ଗ୍ରହଣ କରି ସକର୍ମକ ହୁଏ । ଯଥା-

**(୧) ସମଧାତୁକ-** ସେ ଭଲ ହସ (ହସା) ହସିଲା ।
ସେ ଭଲ ଶୁଆ ଶୋଇଲା ।

**(୨) ସମଅର୍ଥକ-** ସେ ଭଲ ନିଦ ଶୋଇଲା ।
ବହୁତ ବାଟ ଗୁଲିଲା ।
ଗୋଇଠା, ଗୁପଡ଼ା, ମୁଥ ମାଇଲା ।

**ପ୍ରୟୋଜକ କର୍ମ :**

ପ୍ରୟୋଜକ ବା କରାଇବା ଅର୍ଥ ହେଲେ ପୂର୍ବ ବାକ୍ୟର କର୍ତା ପ୍ରୟୋଜକ ବାକ୍ୟରେ କର୍ମ ହୋଇଯାଏ । ଯଥା- **ପିଲା** ଶୋଇଲା । ମା **ପିଲାକୁ** ଶୁଆଇଲା ।

କେତେକ ଅକର୍ମକ କ୍ରିୟା ଅନ୍ୟରୂପରେ ପ୍ରୟୋଜକଭାବ ପ୍ରକାଶ କରଂତି । ଯଥା- ମର, ମାର୍; କଟ, କାଟ୍; ଉଜଡ଼, ଉଜାଡ୍ ଇତ୍ୟାଦି ।

**କ୍ରିୟାବାଚକ କର୍ମ :**

ଯେଉଁ କ୍ରିୟାରେ ବାକ୍ୟରେ ଥିବା କର୍ତାର କର୍ତୃତ୍ୱ ବା କିଛି କରିବାର ବୁଝାଯାଏ ସେଠାରେ କ୍ରିୟାଟି 'କର୍' ଧାତୁ ରୂପରେ ପରିଣତ ହୋଇ ନିଜ ମଧ୍ୟରୁ ଗୋଟିଏ କ୍ରିୟାବାଚକ କର୍ମ ବାହାର କରେ । ସେହି କ୍ରିୟାବାଚକ ପଦଟି ମୂଳଧାତୁରୁ କିଂବା ସେହି ଅର୍ଥକ ଧାତୁରୁ ବାହାରିଥାଏ । ଏପରି ପ୍ରୟୋଗ ସାଧାରଣ କଥିତ ଭାଷାରେ ବଡ଼ କ୍ୱଚିତ୍ ଦେଖାଗଲେ ହେଁ ଲେଖକମାନେ ବହୁତ ବ୍ୟବହାର କରଂତି । ଯଥା- **ସେ ଶୋଇଲେ; ସେ ଶୟନ କଲେ । ସେ ଖାଇଲେ; ସେ ଭୋଜନ କଲେ । ସେ ଗଲେ; ସେ ଗମନ କଲେ । ସେ ଦେଖିଲେ; ସେ ଦର୍ଶନ (ଅବଲୋକନ) କଲେ । ସେ ହସିଲେ; ସେ ହାସ୍ୟ କଲେ ।**

Digitized by PPRACHIN, SOA

**କର୍ମରେ ବିଭକ୍ତି ଓ ନିମିତ୍ତ କର୍ମ :**

ସାଧାରଣତଃ କର୍ମରେ ବିଭକ୍ତି ନ ଥାଏ । ଯଥା- ସେ ଭାତ ଖାଇଲେ ।

ବେଳେବେଳେ କର୍ମରେ ଚତୁର୍ଥୀ ବିଭକ୍ତି ଥାଏ । ବିଶେଷତଃ ଗମନାର୍ଥକ କ୍ରିୟାରେ ଏହା ସ୍ପଷ୍ଟ । ଯଥା- **ସେ ପୁରୀ ଗଲେ । ସେ ଘରକୁ ଗଲେ । ସେ ବଣକୁ ଆସିଲେ ।**

ସ୍ପଷ୍ଟ ନିମିତ୍ତ ପ୍ରକାଶ ନ ପାଇଲେ ଓଡ଼ିଆରେ ବିଭକ୍ତିଯୁକ୍ତ ପଦମାନେ **ନିମିତ୍ତ କର୍ମ** ହୁଅଂତି । ଯଥା- ସେ ହରିକୁ କହିଲେ । ସେ ରାମକୁ ଦେଲେ ଇତ୍ୟାଦି ।

**ସ୍ପଷ୍ଟ ନିମିତ୍ତ,** ଯଥା ସେ **ଖାଇବାକୁ** ଗଲେ । ସେ **ଭୋଜନକୁ** ଆସିଲେ । ସେ **ଦର୍ଶନକୁ** ମନ କଲେ ଇତ୍ୟାଦି ।

**ସକର୍ମକ କ୍ରିୟା ଅକର୍ମକ ହୁଏ :**

୧ – ସ୍ପଷ୍ଟ ନିମିତ୍ତାର୍ଥ ପଦ ଛଡ଼ା ବେଳେ ବେଳେ ସକର୍ମକ କ୍ରିୟା ଅନ୍ୟ କର୍ମ ଗ୍ରହଣ କରି ନଥାଏ । ଯଥା- **ସେ ଦର୍ଶନକୁ ଗଲେ ବା ସେ ଦର୍ଶନକୁ ପୁରୀ ଗଲେ । ସେ ଖାଇବାକୁ ଆସିଲେ ବା ସେ ଖାଇବାକୁ ଶ୍ରୀରାମଚନ୍ଦ୍ରପୁର ଆସିଲେ ।**

୨ – ସାଧାରଣ ଭାବରେ ପ୍ରଯୁକ୍ତ ହେଲେ ସକର୍ମକ କ୍ରିୟା ଅକର୍ମକ ହୁଏ । **'ଅଂଧ ଦେଖିବ କାହୁଁ ?' 'ମୁଁ ଶୁଣିବି କେତେବେଳେ ? ମୋତେ ତର ନାହିଁ ।'**

**ଅକର୍ମକ କ୍ରିୟା ବିଧେୟ ପଦ ଗ୍ରହଣ କରେ :**

କୌଣସି ବସ୍ତୁ ବା ବ୍ୟକ୍ତି ଅନ୍ୟ କୌଣସି ବସ୍ତୁ ବା ବ୍ୟକ୍ତି ହବାର ବା ଅନ୍ୟ କୌଣସି ପ୍ରକାର ହବାର କହିଲେ 'ହୋ', 'ଅଚ୍' ପ୍ରଭୃତି ବା ସେହିଅର୍ଥକ ଧାତୁମାନେ କର୍ତାର ଗୋଟିଏ ବିଧେୟ ପଦ ଗ୍ରହଣ କରଂତି । ତାହା କର୍ତାର ବିଶେଷକ ବା ବିଶେଷଣ ହୁଏ । ସାଧାରଣତଃ ବିଶୁଦ୍ଧ ବର୍ତମାନରେ କ୍ରିୟା ଉହ୍ୟ ଥାଏ । ଯଥା-

ସେ ମୋର ପୁଅ । ସେ ବାୟା । ମୁଁ ଯାହା ବିଗ୍ରିଥିଲି ସେ ସେଇଆ ।
ସେ ମୋର ପୁଅ ହେବ । ସେ ବାୟା ହେଲା । ମୁଁ ଯାହା ବିଗ୍ରିଥିଲି ସେ ସେଇଆ ହୋଇଛି ଇତ୍ୟାଦି ।

ଏହି ଅର୍ଥରେ ସାଧାରଣତଃ 'ହୋ' ଧାତୁର ପ୍ରୟୋଗ ହୋଇଥାଏ । 'ହୋ' ଧାତୁ ବିଧେୟରୂପେ ବିଶେଷଣ ବା ବିଶେଷଣ ପ୍ରକୃତିକ ବିଶେଷ୍ୟ ଗ୍ରହଣ କରେ । ଯଥା-

୧ । ସେ ଭାରି ସନ୍ତୁଷ୍ଟ ହେଲା । ସେ ଭାରି ଆନନ୍ଦିତ ହେଲା ।
୨ । ସେ ଭାରି ସନ୍ତୋଷ ହେଲା । ସେ ଭାରି ଆନନ୍ଦ ହେଲା ।

Digitized by PPRACHIN, SOA

ପାଇବା, ହଟିବା ପ୍ରଭୃତି ଯେଉଁ କ୍ରିୟାମାନଂକର ଅର୍ଥରେ କର୍ତାରେ କର୍ତାର କର୍ତୃତ୍ୱ ନଥାଇ କର୍ତା ଉପରେ କୌଣସି କାର୍ଯ ହେବାର ପ୍ରକାଶ ପାଏ, ସେଠାରେ କ୍ରିୟା 'ହୋ' ଧାତୁ ସଂଗେ ସେହି କ୍ରିୟାର୍ଥକ ତତ୍‌ସମ ବିଶେଷ ସାହାଯ୍ୟରେ ମଧ୍ୟ ପ୍ରକାଶିତ ହୁଏ । ଯଥା-

ସେ ହଟିଲା; ସେ ପରାସ୍ତ ହେଲା ।
ସେ ପାଇଲା; ସେ ପ୍ରାପ୍ତ ହେଲା ।
ସେ ମଲା; ସେ ମୃତ ହେଲା ।

କ୍ରିୟାର କର୍ତୃତ୍ୱ ଥିଲେ ମଧ୍ୟ ଅକର୍ମକ କ୍ରିୟାରେ 'କର୍' ଧାତୁ ତତ୍‌ସମ କ୍ରିୟାବାଚକ ବିଶେଷ୍ୟ ଘେନି ଯେପରି କ୍ରିୟାର ଅର୍ଥ ପ୍ରକାଶ କରେ 'ହୋ' ଧାତୁ ତତ୍‌ସମ ବିଶେଷଣ ଘେନି ସେହିପରି କ୍ରିୟାର ଅର୍ଥ ପ୍ରକାଶ କରିଥାଏ । ଯଥା-

ସେ ଶୋଇଲା; ସେ ଶୟନ କଲା; ସେ ଶୁପ୍ତ ହେଲା ।
ସେ ହସିଲା; ସେ ହାସ୍ୟ କଲା; ସେ ହୃଷ୍ଟ ହେଲା ।

[**ଦ୍ରଷ୍ଟବ୍ୟ :** (୧) ଭାଷାର ପ୍ରୟୋଗରେ ଏସବୁ ବାକ୍ୟର ଅର୍ଥରେ କିଂଚିତ୍ ତାରତମ୍ୟ ଥାଇପାରେ । କିନ୍ତୁ ବ୍ୟାକରଣ ରୂପ ହିସାବରେ ସେମାନେ ଏକପ୍ରକାର ବାକ୍ୟ । (୨) ବାକ୍ୟ ବିଗ୍ରହରେ ଏସବୁର ବ୍ୟବହାର ଭଲ ବୁଝାଯିବ ।]

**ବହୁକର୍ମକ କ୍ରିୟା :**

**(୧) ସନିମିତ୍ତ ଦ୍ୱିକର୍ମକ-**

ନିମିତ୍ତ କର୍ମ ସହିତ କ୍ରିୟା ଦ୍ୱିକର୍ମକ ହୁଏ । ଯଥା- ହରି **ରାମକୁ ଲୁଗା** ଦେଲା । ରାମ **ଗୋବିଂଦକୁ ଖବର** କହିଲା ।

ଏଠାରେ ଲୁଗା ଓ ଖବର ବାକ୍ୟମାନଂକର ପ୍ରଧାନ କର୍ମ ଏବଂ ରାମକୁ, ଗୋବିଂଦକୁ ଏ ପଦମାନେ ନିମିତ୍ତ ବା ଅପ୍ରଧାନ କର୍ମ ।

**(୨) ପ୍ରୟୋଜକ ଦ୍ୱିକର୍ମକ-**

ସକର୍ମକ କ୍ରିୟା ପ୍ରୟୋଜକ ହେଲେ ଦ୍ୱିକର୍ମକ ହୁଏ । ପ୍ରଥମ ବାକ୍ୟର କର୍ତା ଦ୍ୱିତୀୟ ବାକ୍ୟରେ କର୍ମ ହୁଏ ଏବଂ ସେହି କର୍ମକୁ 'ପ୍ରଯୁଜ୍ୟ କର୍ମ' କହଂତି । ଯଥା- **ପିଲା ପିଠା ଖାଇଲା । ମା ପିଲାକୁ ପିଠା ଖୁଆଇଲା ।** ଏଠାରେ ଦ୍ୱିତୀୟ ବା ପ୍ରୟୋଜକ ବାକ୍ୟରେ 'ପିଲାକୁ' ପ୍ରଯୁଜ୍ୟ କର୍ମ ଏବଂ ପିଠା ପ୍ରଧାନ କର୍ମ ।

କୌଣସି କୌଣସି କ୍ରିୟାର ପ୍ରୟୋଜକରୂପ ନାହିଁ । ଅନ୍ୟକ୍ରିୟା ଦ୍ୱାରା ତାହାର ପ୍ରୟୋଜକ ଭାବ ପ୍ରକାଶ ପାଏ । ସେଥିମଧ୍ୟରୁ ଯିବା ଆସିବା ଅର୍ଥର

Digitized by PPRACHIN, SOA

ସକର୍ମକ ବା ନିମିତ୍ତ କର୍ମକ ଧାତୁମାନେ ନେ, ଆଣ୍ ଧାତୁରେ ପ୍ରୟୋଜକ ଭାବ ପ୍ରକାଶ କରଂତି । ସେହିପରି ପା, ଦେ ପ୍ରଭୃତି । ଯଥା- **ସେ ବଣକୁ ଗଲା; ରାମ ତାକୁ ବଣକୁ ନେଲା । ସେ ଘରକୁ ଆସିଲା; ରାମ ତାକୁ ଘରକୁ ଆଣିଲା । ସେ ଟଂକା ପାଇଲା; ରାମ ତାକୁ ଟଂକା ଦେଲା ।**

ମର୍, ମାର୍,; ଗଳ୍, ଗାଳ୍; କଟ୍, କାଟ୍; ସର୍, ସାର୍ ପ୍ରଭୃତି ପରି ଯେଉଁମାନେ ପ୍ରୟୋଜକ ଅର୍ଥ ଗ୍ରହଣ କରି ଅକର୍ମକ ଧାତୁକୁ ସକର୍ମକ କରଂତି; କିମ୍ବା ଆସ୍, ଆଣ୍, ଯା (ଗମ୍), ନେ, ପା, ଦେ ପ୍ରଭୃତି ପରି ଯେଉଁମାନେ କେବଳ ପ୍ରୟୋଜକ ଅର୍ଥ ପ୍ରକାଶ କରଂତି ସେମାନଂକର ମଧ୍ୟ ପୁଣି ପ୍ରୟୋଜକ ରୂପ ହୁଏ । ଯଥା- **ସେ ପୂଜାରି ଦ୍ୱାରା ଭାତ ଗଳାଇଲା । ସେ ଲୋକଦ୍ୱାରା ପୁଅକୁ ଘରକୁ ଅଣାଇଲା** ଇତ୍ୟାଦି ।

ଏସବୁ ବାକ୍ୟରେ ଅପ୍ରୟୋଜକ ବାକ୍ୟର କର୍ତାରେ ଦ୍ୱାରା ପ୍ରଭୃତି ଲାଗି ପ୍ରୟୋଜକ ବାକ୍ୟର ପ୍ରଯୁଜ୍ୟ ହୁଏ ।

ମାତ୍ର ପ୍ରୟୋଜକ ଅର୍ଥକ ସକର୍ମକ ବାକ୍ୟ ଛଡ଼ା ଅନ୍ୟ ସକର୍ମକ ବାକ୍ୟ ପ୍ରୟୋଜକ ହେଲେ କର୍ତା ପ୍ରଯୁଜ୍ୟ ହୋଇ ନିମିତ୍ତ କର୍ମରେ ପରିଣତ ହୁଏ ।

**ସ୍ୱାର୍ଥ ପ୍ରୟୋଜକ-**

ସ୍ୱାର୍ଥରେ ପ୍ରୟୋଜକର ବେଳେବେଳେ ପ୍ରୟୋଗ ହୁଏ । ଯଥା- **ମେଘ ଘୋଟିଲା; ମେଘ ଘୋଟାଇଲା ।** ହଗ ମାଡ଼ିଲା; ହଗ ମଡ଼ାଇଲା । ଗୁଉଳ ରଂଧାଇଲା । ବିଂଗୁଇ ହୋଇ ପଡ଼ିଲା । ବିଂଛାଡ଼ି ହୋଇ ପଡ଼ିଲା (ଉତ୍ତର କଟକ ବାଲେଶ୍ୱର) । ଖେଳେଇ ହୋଇଗଲା । ଜର ଆଣିଲା (ଆସିଲା) ।

**(୩) ବିଧେୟ କର୍ମବତ୍ ଦ୍ୱିକର୍ମକ କ୍ରିୟା-**

କୌଣସି କୌଣସି ସକର୍ମକ କ୍ରିୟା ବିକୃତ ବା ବିଧେୟ କର୍ମ ନିଅଂତି । ଏପରି ଗୋଟିଏ ବିଧେୟ କର୍ମ ନ ନେଲେ ବାକ୍ୟର କର୍ମ ପୂର୍ଣ ହୁଏ ନାହିଁ । କୌଣସି ଗୋଟିଏ ଜିନିଷ ଅନ୍ୟ ଜିନିଷରେ ପରିଣତ କରିବା, ଅନ୍ୟ ପ୍ରକାର କରିବା, ଭାବିବା, ବିଗୃରିବା, ଅନ୍ୟ କିଛି କରି ନିଷ୍ପନ୍ନ ବା ଶେଷ କରିବା ଅର୍ଥ ହେଲେ ବିଧେୟ କର୍ମର ପ୍ରୟୋଗ ହୁଏ । ଏହାକୁ ଅର୍ଥ ଅନୁସାରେ ବେଳେବେଳେ ବିକୃତ କର୍ମ ମଧ୍ୟ କହଂତି । କରିବା, କରାଇବା, ଭାବିବା ପ୍ରଭୃତି ଧାତୁରେ ଏହିପରି **ବିଧେୟ ବା ବିକୃତ କର୍ମ** ଲାଗେ । ଯଥା- **ହରି କାଠ(କୁ) ଢାଳ କଲା । ଗୁରୁ ରାମକୁ ପଂଡିତ କଲେ । ରୋଷେୟା ମାଛ(କୁ) ତରକାରି ବନାଇଲା ।**

Digitized by PPRACHIN, SOA

ଏହି ବିଧେୟ କର୍ମକୁ କର୍ମର ବିଧେୟ ବିଶେଷଣ (ବିଶେଷକ) ମଧ୍ୟ କୁହାଯାଇପାରେ । କେବଳ ବିଶେଷ୍ୟ ଛଡ଼ା, ବିଶେଷ୍ୟ ପାଇଁ ବସୁଥିବା ଅନ୍ୟାନ୍ୟ ପଦ ଓ ବାକ୍ୟାର୍ଥମାନେ ମଧ୍ୟ ଏହିପରି ବ୍ୟବହୃତ ହୁଅଂତି । ଯଥା-

**ସର୍ବନାମ** - ମୁଁ ରାମକୁ ଏକା କରିଛି । ତୁ ମତେ କଅଣ ବିଗୃରିଛୁ ?

**ବିଶେଷଣ** - ସେ ମୋତେ ଡରକୁଳା ଠଉରେଇଛି । ଏ ଧଂଦା ମୋତେ ବାୟା କରିଦେଲା ।

**ବାକ୍ୟାର୍ଥ** - ତୁ ମତେ ଯାହା ଭାବିବୁ (ତାହା) ଭାବ । ମୁଁ ତୋତେ ଯାହା କରିବାର (ତାହା) କରିବି ।

**ଅନ୍ୟାନ୍ୟ ବିଶେଷଣ** - ତୁ ମତେ କିଏ କରି ପାଇଛୁ (ଦେଖିଛୁ) । ସେ ମୋତେ ପୁଅ ପରି କରିଥିଲା । ତୁ ମୋତେ ହରି ବୋଲି ବିଗୃରିଛୁ ।

[**ଦ୍ରଷ୍ଟବ୍ୟ :** ପାଂଚ ବେତ୍ ମାଇଲା । ପଗୃଶ ଟଂକା ଜୋରିମାନା କଲେ । ଏପରି ସ୍ଥଳରେ ପାଂଚ ବେତ୍ ଓ ପଗୃଶ ଟଂକା ଯଥାକ୍ରମେ ପରିମାଣବାଚକ କ୍ରିୟା ଓ କର୍ମର ବିଶେଷଣ ।]

**ସକର୍ମକ ବାକ୍ୟରେ କ୍ରିୟାବାଚକ କର୍ମ-**

କର୍ତାର କର୍ତୃତ୍ୱ ବୁଝାଇବା ଅକର୍ମକ କ୍ରିୟା ଯେପରି 'କର୍' ଧାତୁ ଘେନି କ୍ରିୟାବାଚକ କର୍ମ ସୃଷ୍ଟି କରଂତି, କର୍ତାର କର୍ତୃତ୍ୱ ବୁଝାଉଥିବା ସକର୍ମକ ବାକ୍ୟରେ ମଧ୍ୟ ସେହିପରି କ୍ରିୟାବାଚକ କର୍ମ ଲାଗେ ଏବଂ ଏହି କ୍ରିୟାବାଚକ କର୍ମ ଲାଗିଲେ ଦ୍ୱିକର୍ମକ ବାକ୍ୟ ମଧ୍ୟ ତ୍ରିକର୍ମକ ହୁଏ । ଯଥା-

**(୧) ଏକକର୍ମକ ବାକ୍ୟ-**

ସେ ଭାତ ଖାଇଲେ । ସେ ଭାତ ଭୋଜନ କଲେ ।
ସେ ଦିଅଁ ଦେଖିଲେ । ସେ ଦିଅଁ ଦର୍ଶନ କଲେ ।

**(୨) ଦ୍ୱିକର୍ମକ ବାକ୍ୟ-**

ହରି ରାମକୁ ଟଂକା ଦେଲା । ହରି ରାମକୁ ଟଂକା ଦାନ କଲା ।
ରାମ ହରିକୁ ଘରକୁ ଆଣିଲେ । ରାମ ହରିକୁ ଘରକୁ ଆନୟନ କଲେ ।

ଏହୁସିବୁ କ୍ରିୟାରେ କରିବା, ଦେବା ପ୍ରଭୃତି ଓଡ଼ିଆ କ୍ରିୟାବାଚକ ବିଶେଷ୍ୟ କଦାପି ଲାଗେ ନାହିଁ । ଯେଉଁ କ୍ରିୟା କର୍ ଧାତୁ ଯୋଗେ କ୍ରିୟାବାଚକ ବିଶେଷ୍ୟ ଗ୍ରହଣ କରେ ସେ ନିଜର ସଦୃଶ ବା ସମାନାର୍ଥକ ତତ୍ସମ କ୍ରିୟାର କ୍ରିୟାବାଚକ ବିଶେଷ୍ୟ ଗ୍ରହଣ କରିଥାଏ ।

Digitized by PPRACHIN, SOA

'ଦର୍ଶନ କଲେ', 'ଆନୟନ କଲେ' ପ୍ରଭୃତିକୁ କେହି କେହି କ୍ରିୟା ବୋଲି ଧରଂତି । ମାତ୍ର ଦର୍ଶନ, ଆନୟନ - ସ୍ୱତଂତ୍ର ପଦ ଥିବା ସ୍ଥଳେ ତାହା କ୍ରିୟାର ଅଂଶ ବୋଲି ବିଗ୍ରହ କରାଗଲେ ଅନ୍ୱୟ ବେଳେ ଅନେକ ସ୍ଥଳରେ ବହୁତ ଅସୁବିଧା ହେବ । **'ସେ ମୋତେ ହାସ୍ୟ କଲେ'** ପ୍ରଭୃତି ବାକ୍ୟରେ ହାସ୍ୟ ପ୍ରଭୃତି ପଦକୁ କ୍ରିୟାଂଶ ବୋଲି ଧରିବାରେ ପ୍ରମାଦ ଘଟିବ ।

ଅତଏବ ବିକୃତ ବା ବିଧେୟ କର୍ମରେ ଯେପରି **'କାଠକୁ ଜାଳକଲେ'** ଏ ବାକ୍ୟରେ 'କଲେ' କ୍ରିୟା ଦ୍ୱାରା କାଠକୁ ଏହି କର୍ମର ଆକାଂକ୍ଷା ପୂର୍ଣ ନ ହୋଇ, କ'ଣ କଲେ ପ୍ରଶ୍ନ ଉଠୁଅଛି, ସେହିପରି, **'ସେ ଦେବତାଙ୍କୁ କଲେ'** ଏଠାରେ 'କଣ କଲେ' ? ଦର୍ଶନକୁ କଲେ, - ଏହିପରି ବୁଝି 'ଦର୍ଶନ' ପଦକୁ ଗୋଟିଏ ସ୍ୱତଂତ୍ର ବିଧେୟ କର୍ମ ବୋଲି ଧରିବାକୁ ହେବ । କିଂତୁ ପ୍ରଭେଦ ଏତିକି, ଏ ବିଧେୟ କର୍ମ ଉଦ୍ଦେଶ୍ୟ କର୍ମର ସାଧାରଣତଃ ବିଶେଷଣ ହୁଏ ନାହିଁ ।

ମାତ୍ର କଦାଚିତ୍ ଠିକ୍ ଏହି କର୍ମ ସ୍ଥଳରେ ବିଧେୟ ବିଶେଷଣର ବ୍ୟବହାର ମଧ୍ୟ ଚଳିଯାଉଅଛି । ଯଥା- ପୁଲିଶ୍ ଚୋରକୁ **ଧୃତ କଲେ (ଧଇଲେ)**; ରାମ ହରିକୁ ମାଣେ ଜମି **ଦତ୍ତ କଲେ (ଦେଲେ)**; ଯୁଦ୍ଧରେ ଧୃଷ୍ଟଦ୍ୟୁମ୍ନ **ଦ୍ରୋଣଂକୁ ନିହତ କଲେ (ମାଇଲେ)** ।

ଏହିପରି କଦାଚିତ୍ ବିକୃତ ଓ ବିଧେୟ କର୍ମ ମଧ୍ୟ ସ୍ୱତଂତ୍ର କର୍ମ ରୂପେ ଚଳିଯିବାର ଦେଖାଯାଉଅଛି । ଯଥା- **ବିଗ୍ରହପତି ଚୋରକୁ ଜୋରିମାନା କଲେ ।**

ଏଠାରେ ଜୋରିମାନା ପ୍ରକୃତରେ ଜୋରିମାନୀ ବା ଜୋରିମାନାଯୁକ୍ତ ଅର୍ଥକ ହେଲେ ମଧ୍ୟ ରୂପରେ ତାହାର ବିଶେଷକତ୍ୱ ବରାବର ନଷ୍ଟ ହୋଇଅଛି ।

**ସାହାଯ୍ୟକାରୀ କ୍ରିୟା-**

କାଳଭଂଗି ତିଆରି କରିବାରେ ଅଛ୍ ଓ ଥା ଧାତୁର ସାହାଯ୍ୟକାରୀ ପ୍ରୟୋଗ କୁହାଯାଇଅଛି । ସେମାନେ ବର୍ତମାନ, ଅତୀତ - ଦୁଇ ପ୍ରକାର ଅସମାପିକା କ୍ରିୟାମୂଳରେ ଯୋଡ଼ା ହୁଅଂତି ।

ଏହାଛଡ଼ା ଆଉ କେତେକ ଧାତୁ ମୂଳକ୍ରିୟାର ଅର୍ଥ ବିଶେଷିତ କରିବା ପାଇଁ ସାହାଯ୍ୟକାରୀ କ୍ରିୟା ରୂପେ ପ୍ରୟୋଗ ହୁଅଂତି । ଏମାନେ ସର୍ବଦା ମୂଳକ୍ରିୟାର ଅତୀତ କ୍ରିୟାମୂଳ (ଇକାରଂତ କ୍ରିୟାମୂଳ) ସଂଗେ ଯୋଡ଼ା ହୁଅଂତି । ଏହିସବୁ ସାହାଯ୍ୟକାରୀ କ୍ରିୟାମାନେ କେତେବେଳେ ମୂଳ-କ୍ରିୟାର ଅର୍ଥକୁ ବିଶେଷିତ କରଂତି, କେତେବେଳେ ବା ଖାଲି କ୍ରିୟାର ଅଳଂକାର ପରି ପ୍ରୟୋଗ ହୁଅଂତି । ଯଥା- ମୁଁ **ଖାଇପାରେ** । ସେ **କରି ସାରିଲେଣି** । ମୁଁ **ଦେଖି ଆସିଲି** । ସେ **ଖାଇଦେଲା** ।

Digitized by PPRACHIN, SOA

ପ୍ରଥମ ଦୁଇ ବାକ୍ୟରେ ଖାଇବାରେ କ୍ଷମତା ଓ କରିବାରେ ନିଷ୍ଚିନ୍ତତା ପ୍ରକାଶ ପାଉଅଛି । ତୃତୀୟ ବାକ୍ୟରେ, ମୁଁ ଦେଖିକରି ବା ଦେଖା କାର୍ଯ ଶେଷକରି ଆସିଲି- ଏପରି ଅର୍ଥ ମୂଳରୁ ଥିଲେ ମଧ୍ୟ ଏବେ ଆଉ ସ୍ପଷ୍ଟ ନୁହେଁ । ଚତୁର୍ଥ ବାକ୍ୟରେ ଖାଇବା କାର୍ଯ ଶେଷ କରି ଦେଲା (ଦାନ କଲା) ଏପରି ଅର୍ଥ ଆଦୌ ନୁହେଁ । ଖାଇଦେଲା ଅର୍ଥ ଖାଇଲା । କାହାକୁ ନ ପଚାରି ନ ମାନି ବା ତରତର କରି ଖାଇଦେଲା ଏତିକି ମାତ୍ର ଇଂଗିତ ଥାଇପାରେ ।

**ଦେଖି ଆସିଲି,** ଏହାର ଅନ୍ୟ ଅର୍ଥ ମଧ୍ୟ ହୋଇପାରେ । ଯଥା- ମୁଁ ପାଂଚବର୍ଷ ହେଲା ଦେଖି ଆସିଲି, ଏ ଜମି ଫସଲ ଭଲ ହେଉ ନାହିଁ । ଏଠାରେ ଦେଖି କରି ବା ଦେଖିବା କାର୍ଯ ଶେଷକରି ଆସିବା ଅର୍ଥ ମୋଟେ ନାହିଁ । ବସ୍ତୁତଃ ଦେଖିବା କ୍ରିୟାର ଅର୍ଥ, ଭାଂଗି ବା କାଳ ସୂଚନା ବଦଳି ଯାଇଅଛି । 'ଆସ୍' ଧାତୁ ସାହାଯ୍ୟକାରୀ କ୍ରିୟାରୂପେ [illegible] କାଳରେ ଗୃଳି ଆସିବା, ହୋଇ ଆସିବା ଅର୍ଥ ମଧ୍ୟ ପ୍ରକାଶ କରେ ।

**ସାହାଯ୍ୟକାରୀ କ୍ରିୟାମାନଂକ ତାଲିକା :**

ଥା (ଅଛ୍)-

ଏମାନେ କାଳ ନିୟମରେ କ୍ରିୟାର ଭଂଗି ତିଆରି କରଂତି ।

ଯା (ଗମ୍), ଆସ୍ (କଦାଚିତ୍ ପଳା)-

ସେ ଖାଇ ଯାଉଛି । ସେ ଶୋଇଗଲା । ସେ ଦେଖି ଆସିଲା । ସେ ପଢ଼ି ପଳେଇଲା । ସବୁ ଧାତୁରେ ଏମାନଂକର ପ୍ରୟୋଗ ହୁଏ ।

ପାର୍ (କର୍ତାର କ୍ଷମତା ଥିବା ଅର୍ଥରେ)-

ସେ କରିପାରିବ । ମୁଁ ଯାଇ ପାରିବି । ଇତ୍ୟାଦି ।

ସାର୍ (କ୍ରିୟା ଶେଷ ହୋଇଥିବା ଅର୍ଥରେ)-

ସେ ଖାଇ ସାରିଛି; ମୁଁ କରି ସାରିଛି - ଇତ୍ୟାଦି ।

ପଡ୍, ଉଠ୍ (କେବଳ କେତେକ ଅକର୍ମକ ଧାତୁରେ, ଅର୍ଥ ବିଶେଷରେ)-

ଶୋଇ ପଡ଼ିଲା । ଖସି ପଡ଼ିଲା । ବସି ପଡ଼ିଲା । ହୋଇ ପଡ଼ିଲା । ହୋଇ ଉଠିଲା । ରାଗି ଉଠିଲା । ଜଳି ଉଠିଲା । ମାତି ଉଠିଲା । ଗର୍ଜି ଉଠିଲା ।

ପାରି ଉଠିଲା, ମାରି ଉଠିଲା - ସକର୍ମକ ହେଲେ ମଧ୍ୟ ବେଳେବେଳେ ବ୍ୟବହାର ହୁଏ ।

Digitized by PPRACHIN, SOA

ଦେ, ପକା - (କେବଳ ସକର୍ମକ ଧାତୁରେ)-

ସେ ଖାଇ ଦେଲା (ପକାଇଲା) । ମାରି ଦେଲା (ପକାଇଲା) ଇତ୍ୟାଦି ।

ହସି ଦେଲା, ହସି ପକାଇଲା ଅକର୍ମକ ହେଲେ ମଧ୍ୟ ବେଳେବେଳେ ପ୍ରୟୋଗ ହୁଏ ।

**ବସ୍** - ସବୁ ଧାତୁରେ କାର୍ଯ ଚଳାଇବା, ଆରମ୍ଭ କରିବା ଓ ସାରିଦେବା ଅର୍ଥରେ ।

(୧) ଆରମ୍ଭ କରିବା - ମୁଁ ଗଲାବେଳକୁ ସେ କରି ବସିଲା । ଏହି ଅର୍ଥରେ 'କରିବାକୁ ବସିଲା' ମଧ୍ୟ ପ୍ରୟୋଗ ହୁଏ ।

(୨) କ୍ରିୟା ଚଳାଇବା ଅର୍ଥ - ସେ ପଢ଼ି ବସିଛି, ତାକୁ କିଛି କହ ନାହିଁ ।

(୩) 'ସାରିଦେବା ଅର୍ଥ - ମୁଁ ଗଲା ବେଳକୁ ସେ ଦେଇ ବସିଛି । ଏହି ଅର୍ଥରେ 'ଦେ' ଧାତୁ ପ୍ରାୟ ପ୍ରଧାନ ବା ସାହାଯ୍ୟକାରୀ କ୍ରିୟା ରୂପେ ବ୍ୟବହୃତ ହୁଏ ।

ଯଥା- ତାକୁ କେହି କିଛି କହ ନାହିଁ, ସେ କରି ବସିଲା - କରି ଦେଇ ବସିଲା ।

**ନେ, ଆଣ୍** (ସକର୍ମକ ଧାତୁରେ)-

ସେ ଚଳାଇ ନେଲା (ଦେଲା) ।
ସେ ଚଳାଇ ଆଣିଲା ।
ସେ ପାଳି ନେଲା । ସେ ପାଳି ଆଣିଲା ।
ସେ କରି ନେଲା । ସେ କରି ଆଣିଲା ।

**ରଖ୍** (ସକର୍ମକ ଧାତୁରେ)-

ସେ କରି ରଖିଲା । ସେ କହି ରଖିଲା । ସେ ମାଗି ରଖିଲା । ସେ ଜଣାଇ ରଖିଲା ।

(ଜାଣ୍ ସର୍ବତ୍ର ପ୍ରୟୋଗ ହୁଏ, ଜାଣିବା ଅର୍ଥରେ ମଧ୍ୟ ସାହାଯ୍ୟକାରୀ କ୍ରିୟା ହୁଏ)

ମୁଁ କରି ଜାଣେ । ମୁଁ ଖାଇ ଜାଣେ ।

**ହୋ** -

ଏହା ସକର୍ମକ କ୍ରିୟାକୁ ଅକର୍ମକ କରେ ଏବଂ ସର୍ବତ୍ର ପ୍ରୟୋଗ ହୁଏ ।

Digitized by PPRACHIN, SOA

ଏ **କାର୍ଯ କରିହେବ** । ଏତକ **ଖାଇ ହେବ** । ଏହି 'ହୋ' ଧାତୁ ଅର୍ଥରେ ଯା (ଗମ୍)ର ମଧ୍ୟ ପ୍ରୟୋଗ ହୁଏ । ଯଥା- ଭାତ **ଖିଆଯାଏ** । କାର୍ଯ **କରାଯାଏ** । ଯା (ଗମ୍) ଧାତୁର ଏହା ଏକ ସ୍ୱତଂତ୍ର ବ୍ୟବହାର ।

[**ଦ୍ରଷ୍ଟବ୍ୟ** : ଏହାର ବ୍ୟବହାର ବାଚ୍ୟ ପ୍ରସଂଗରେ ବିଶେଷ କରି କୁହାଯିବ ।]

ଏସବୁ ସାହାଯ୍ୟକାରୀ କ୍ରିୟାମାନଂକର ଅର୍ଥ ଓ ବ୍ୟବହାରର ସ୍ୱାତଂତ୍ର୍ୟ ବ୍ୟବହାରରେ କେବଳ ଦେଖିବାକୁ ହେବ ।

## କ୍ରିୟାର ବାଚ୍ୟ :

ଓଡ଼ିଆରେ ସାଧାରଣତଃ କର୍ତ୍ତୃ, କର୍ମ, ଭାବ ତିନିବାଚ୍ୟର ପ୍ରୟୋଗ ହୁଏ ।

**କର୍ତ୍ତୃବାଚ୍ୟ-**

କ୍ରିୟାକୁ ପ୍ରକୃତ ସାଧନ କରୁଥିବା ବ୍ୟକ୍ତି ବା ବସ୍ତୁ ଯେଉଁଠାରେ ବାକ୍ୟରେ କର୍ତ୍ତା ହୁଏ, ସେଠାରେ କ୍ରିୟାର ତଥା ବାକ୍ୟର କର୍ତ୍ତୃବାଚ୍ୟ ହୁଏ । ଯଥା- **ସେ ମୋର ଭାଇ (ଅଟେ) । ମୁଁ ଭାତ ଖାଉଛି । ରାମ ଶୋଇଲା । ହରି ଟଂକା ଦେଲା ।** ଇତ୍ୟାଦି ।

**କର୍ମବାଚ୍ୟ-**

ସକର୍ମକ ବାକ୍ୟରେ କ୍ରିୟା ଦ୍ୱାରା ବୁଝା ଯାଉଥିବା କାର୍ଯର କର୍ମ ଯଦି ବାକ୍ୟରେ କର୍ତ୍ତା ରୂପ ପାଏ, ତେବେ କ୍ରିୟା ତଥା ବାକ୍ୟର କର୍ମବାଚ୍ୟ ହୁଏ । ଯଥା- ମୁଁ ଭାତ ଖାଉଛି ବା ଖାଇ ଜାଣୁଛି ନ କହି, **'ମୋ ହାତେ ଭାତ ଖାଇ ହେଉଛି'**, କହିଲେ 'ଖାଇ ହେଉଛି' - କ୍ରିୟା ତଥା ସମସ୍ତ ବାକ୍ୟଟି କର୍ମବାଚ୍ୟରେ କୁହାଗଲା ।

**ଭାବବାଚ୍ୟ-**

ଅକର୍ମକ ବାକ୍ୟର କ୍ରିୟା ଏହିପରି କର୍ମବାଚ୍ୟ ରୂପ ନେଲେ ଭାବବାଚ୍ୟ ହୁଏ । ଯଥା- **ତା ହାତେ ଶୋଇ ହେଉଛି ।**

କର୍ତ୍ତୃବାଚ୍ୟରେ ଯେ କର୍ତ୍ତା ଥାଏ, କର୍ମ ଓ ଭାବବାଚ୍ୟରେ ସେଠାରେ, ତା ହାତେ, ତା ଦ୍ୱାରା, ତା ଦେଇ (ଦେହି) ଏହିପରି ତୃତୀୟା ଅର୍ଥକ ସପ୍ତମୀ ଲାଗେ । **କର୍ମବାଚ୍ୟରେ କର୍ତ୍ତୃବାଚ୍ୟର କର୍ମ କର୍ତ୍ତା ହୁଏ । ଭାବବାଚ୍ୟରେ କର୍ତ୍ତା ରହେ ନାହିଁ ।**

ଯେଉଁ କ୍ରିୟାମାନଂକରେ, କ୍ରିୟା ସାଧନରେ କର୍ତ୍ତାର **ସ୍ପଷ୍ଟ** କର୍ତ୍ତୃତ୍ୱ ପ୍ରକାଶ ପାଏ ସେଠାରେ କର୍ତ୍ତୃବାଚ୍ୟରେ ମଧ୍ୟ ତତ୍‌ସମ କ୍ରିୟାବାଚକ ବିଶେଷ୍ୟ ସଂଗେ 'କର୍' ଧାତୁ ପ୍ରୟୋଗ କରି କ୍ରିୟା ତଥା ବାକ୍ୟର ଭାବ ପ୍ରକାଶ କରିଯିବା କଥା କୁହାଯାଇଅଛି ।

Digitized by PPRACHIN, SOA

ଭାବ ଓ କର୍ମବାଚ୍ୟ ଅର୍ଥରେ ସେହି କ୍ରିୟାବାଚକ କର୍ମପଦ କର୍ତ୍ତା ହୁଏ। ଏଠାରେ ତାହା ଓଡ଼ିଆ କ୍ରିୟାବାଚକ ପଦ ଗ୍ରହଣ କରିପାରେ। କର୍ମଠାରେ ସଂବଂଧ ଷଷ୍ଠୀ ହୁଏ ଏବଂ ତତ୍‌ସମ କ୍ରିୟାବାଚକ ପଦର ପ୍ରୟୋଗ ହେଲେ ଭାବ, କର୍ମବାଚ୍ୟରେ କର୍ତ୍ତାରେ ସଂବଂଧ ଷଷ୍ଠୀ ହୁଏ। ଯଥା- **ସେ ଭାତ ଖାଇଲା। ତାର ଭାତ (ର) ଭୋଜନ ହେଲା। ତାର ଭାତ (ର) ଖିଆ ହେଲା।**

**ସେ ଶୋଇଲା। ତାର ଶୟନ ହେଲା। ତାର ଶୁଆ ହେଲା।**

ଅକର୍ମକ କ୍ରିୟାରେ ତତ୍‌ସମ ବିଧେୟ ବିଶେଷଣ ଲଗାଇ ଏହି ଭାବବାଚ୍ୟର ଭାବ ପ୍ରକାଶ କରାଯାଏ। ସେଠାରେ କର୍ତ୍ତାର ପରିବର୍ତ୍ତନ ହୁଏ ନାହିଁ। ଏହାକୁ **କର୍ତ୍ତୃଭାବାର୍ଥକ ବାକ୍ୟ** କୁହାଯାଇପାରେ। ଯଥା- **ସେ ଶୋଇଲା। ସେ ଶୁପ୍ତ ହେଲା। ସେ ହସିଲା। ସେ ହୃଷ୍ଟ ହେଲା।**

କର୍ମବାଚ୍ୟ ବାକ୍ୟରେ ଏହିପରି ପ୍ରୟୋଗରେ କର୍ତ୍ତାର **ଷଷ୍ଠୀ** ସଂବଂଧ ନ ହେଲେ ତୃତୀୟାର୍ଥକ ବିଭକ୍ତି ସେଠାରେ ଲାଗେ। ଏବଂ ହୋ ଧାତୁ ସଂଗେ କର୍ମବାଚ୍ୟ ବାକ୍ୟର କର୍ତ୍ତାର ବିଧେୟ ବିଶେଷଣ ଲାଗି ବାକ୍ୟ ହୁଏ।

ଯେଉଁଠାରେ ବାକ୍ୟର ତତ୍‌ସମ ପ୍ରଭୃତି ସ୍ପଷ୍ଟ ସେଠାରେ '**ହାତେ**' ପ୍ରଭୃତି ନ ଲାଗି, **ଦ୍ୱାରା**, **ହି** ଲାଗିଥାଏ। 'ତା ହାତେ ଦେଉଳ ଦର୍ଶନ ହେଲା'; 'ତା ହାତେ ଶୟନ ହେଲା' ନ କହି, **'ତା ଦ୍ୱାରା ଦେଉଳ ଦର୍ଶନ ହେଲା', 'ତା ଦ୍ୱାରା ଶୟନ ହେଲା'**, ଏପରି କହିବା ସୁନ୍ଦର। 'ଦ୍ୱାରା'ଟି ତତ୍‌ସମରୁ ଆମଦାନୀ। ଲୋକ ମୁଖରେ ତାହା ନାହିଁ। ଏସବୁ ବାଚ୍ୟାନ୍ତର ତତ୍‌ସମ ଅନୁକରଣରେ ହୋଇଥିବାରୁ ଏଠାରେ କେବଳ 'ଦ୍ୱାରା'ର ବ୍ୟବହାର ବିଶେଷ ସମୀଚୀନ। ଯଥା- ରାମ ଟଂକା ଦେଲା, **ରାମ ଦ୍ୱାରା ଟଂକା ଦତ୍ତ (ଦିଆ) ହେଲା।** ଏଠାରେ ଦତ୍ତ (ଦିଆ) ଟଂକାର ବିଧେୟ ବିଶେଷଣ। ଏସବୁ ପ୍ରୟୋଗମାନଂକରେ କର୍ମ ଭାବବାଚ୍ୟର ଅର୍ଥ ଥିଲେ ମଧ୍ୟ ବାକ୍ୟରୂପରେ ସେସବୁର ଅନ୍ୱୟ ଅନ୍ୟ ପ୍ରକାରରେ ସୁଗମ ହେଉଅଛି। **ଶୁଆ (ଶୟନ) ହେଲା;** ଏଠାରେ 'ଶୁଆ' (ଶୟନ) ବିଶେଷ୍ୟ, ପ୍ରଥମା ବିଭକ୍ତି, 'ହେଲା' ତାହାର କ୍ରିୟା। ଏବଂ **ଦତ୍ତ (ଦିଆ) ହେଲା**, ଏଠାରେ ଦତ୍ତ (ଦିଆ) ବିଧେୟ ବିଶେଷଣ। ଅତଏବ କ୍ରିୟାବାଚକ ପଦ ସବୁ ସ୍ୱତଂତ୍ର ହେବାରୁ ଦିଆ ହେଲା, ଦତ୍ତ ହେଲା, ଦାନ ହେଲା ପ୍ରଭୃତିକୁ କ୍ରିୟା କରି ବାଚ୍ୟ ଭେଦରେ ସେମାନଂକର ଅନ୍ୱୟ କରିବା କିଛି ଦରକାର ନାହିଁ। ସେମାନେ ସମସ୍ତେ 'ହୋ' ଧାତୁର କର୍ତ୍ତୃବାଚ୍ୟ ପ୍ରୟୋଗ ରୂପରେ ଅଛଂତି।

Digitized by PPRACHIN, SOA

ଏ ସବୁ ସ୍ଥଳରେ ବେଳେ ବେଳେ 'ହୋ' ଧାତୁ ସ୍ଥାନରେ ବିକଳ୍ପେ ସେହି ଅର୍ଥରେ ଯା (ଗମ୍) ଧାତୁର ପ୍ରୟୋଗ ହୁଏ । ଯଥା– **ତା ଦ୍ୱାରା ଟଂକା ଦିଆଗଲା, ଯିବ । ବେଶ୍ ଶୁଆ ଗଲା, ଆଛା ଖେଳା ଗଲା**, ଇତ୍ୟାଦି ।

ଖୋଇ ହେଲା, ଖାଇ ହେଲା ପ୍ରଭୃତି ଓଡ଼ିଆରେ ପ୍ରକୃତ ଭାବ ଓ କର୍ମବାଚ୍ୟର କ୍ରିୟା ।

ଏଠାରେ ତେଣୁ 'ଦ୍ୱାରା' ଅପେକ୍ଷା 'ହାତେ', 'ଦେଇ' (ଦେହି) ପ୍ରଭୃତିର ବ୍ୟବହାର ଅଧିକ ସୁଂଦର ।

ଏହି ଅର୍ଥର କର୍ତ୍ତୃବାଚ୍ୟ କ୍ରିୟା ପ୍ରକାଶ କରିବା ପାଇଁ ଜାଣ୍ ଓ ପାର୍ ଧାତୁ ସାହାଯ୍ୟକାରୀ କ୍ରିୟାରୂପେ ମଧ୍ୟ ଲାଗିଥାଏ, ଏବଂ କର୍ମ-ଭାବବାଚ୍ୟରେ 'ହୋ' ପରିବର୍ତ୍ତରେ 'ଆସ୍' ଲାଗିଲେ କର୍ତ୍ତାରେ 'ହାତେ' ପ୍ରଭୃତି ବିଭକ୍ତି ନ ଲାଗି, ଚତୁର୍ଥୀ 'କୁ' ଲାଗେ । କିମ୍ବା ସେହି ୪ର୍ଥୀ ଅର୍ଥକ ମୋତେ, ତୋତେ ର ପ୍ରୟୋଗ ହୁଏ । ଯଥା–

**କର୍ତ୍ତୃବାଚ୍ୟ–**

(୧) ମୁଁ ଭାତ ଖାଏଁ (ଖାଇ ପାରେ, ଖାଇ ଜାଣେ)

(୨) ମୁଁ ଟଂକା ଦେଇ ପାରେ (ଦେଇ ଜାଣେ, ଦିଏଁ)

(୩) ମୁଁ ଶୋଇ ଜାଣେ (ଶୁଏ, ଶୋଇ ପାରେ)

**କର୍ମବାଚ୍ୟ–**

(୧) ମୋତେ ଭାତ ଖାଇ ଆସେ । ମୋ ହାତେ ଭାତ ଖାଇ ହୁଏ । ମୋର ଭାତ ଖିଆ ହେଉଛି (ଗୁଳିଛି)

(୨) ମୋତେ ଟଂକା ଦେଇ ଆସେ । ମୋ ହାତେ ଟଂକା ଦେଇ ହୁଏ ।

**ଭାବବାଚ୍ୟ–**

(୩) ମୋତେ ଶୋଇ ଆସେ । ମୋ ହାତେ ଶୋଇ ହୁଏ ।

**କର୍ତ୍ତୃକର୍ମ ଓ କର୍ତ୍ତୃଭାବ ବାଚ୍ୟ–**

**ସେ ରଡ଼ି ରାଂପୁଡ଼ି ହେଲା । ସେ ଭାବି ହେଲା । ସେ ବିଦାରି ହେଲା । ସେ ଫଟେଇ ହେଲା** – ପ୍ରଭୃତି ବାକ୍ୟରେ କ୍ରିୟା କର୍ତ୍ତା ଉପରେ କାର୍ଯ୍ୟ କରୁଥିବାରୁ, କର୍ତ୍ତାଠାରେ ଅନ୍ୟ ବିଭକ୍ତି ହୁଏ ନାହିଁ । ତାହାକୁ **ସକର୍ମକ କ୍ରିୟାରେ କର୍ତ୍ତୃକର୍ମବାଚ୍ୟ ଓ ଅକର୍ମକ କ୍ରିୟାରେ କର୍ତ୍ତୃଭାବବାଚ୍ୟ କୁହାଯାଏ ।** ଯଥା

Digitized by PPRACHIN, SOA

**କର୍ତୃକର୍ମବାଚ୍ୟ-**

ଏଥିରେ କର୍ମ ପ୍ରାୟ ଉହ୍ୟ ଥାଏ, ଏଣୁ ଏହା ଅର୍ଥରେ ଭାବବାଚ୍ୟ ପରି ।

(ବିଦାରିଲା) ବିଦାରି ହେଲା; ଦେଇ ହେଲା ।

(ମାଇଲା) ମାରି ହେଲା; ଖାଇ ହେଲା ।

(କହିଲା) କହି ହେଲା; କରି ହେଲା । ଗାଇ ହେଲା ।

**କର୍ତୃଭାବବାଚ୍ୟ-**

(ବୋବାଇଲା) ବୋବାଇ ହେଲା ।

(ରଡ଼ିଲା) ରଡ଼ି ହେଲା ।

(ଚଳିଲା) ଚଳି ହେଲା । **ଭାବି ଚିଂତି ହେଲା, ରବେଇ ଖବେଇ ହେଲା, ଝାଂପୁଡ଼ି କାମୁଡ଼ି ହେଲା ।** ପ୍ରଭୃତି ପ୍ରୟୋଗ ମଧ୍ୟ ଏହିପରି ହୁଏ ।

ମାତ୍ର ସେ ରହ୍ ରହ୍ ହେଲା, ସେ ବସ୍ ବସ୍ ହେଲା, ସେ କହ୍ କହ୍ ହେଲା ପ୍ରଭୃତି ବାକ୍ୟରେ ରହ୍ ରହ୍ ପ୍ରଭୃତି ଏହିପରି ରୂପରେ ଥିଲେ ମଧ୍ୟ ବରାବର କର୍ତାର ବିଶେଷଣରୂପେ ବ୍ୟବହୃତ ହେଉଅଛି ।

[**ଦ୍ରଷ୍ଟବ୍ୟ :** କର୍ମ ଓ ଭାବବାଚ୍ୟରେ ଦେଇ, ଶୋଇ ପ୍ରଭୃତିକୁ ବିଶେଷ୍ୟ ଏବଂ କର୍ତୃକର୍ମ ଓ କର୍ତୃଭାବବାଚ୍ୟରେ ବିଦାରି, ବୋବାଇ ପ୍ରଭୃତିକୁ କର୍ତାର ବିଶେଷଣ ପରି ଅନ୍ୱୟ କଲେ ସୁବିଧାଜନକ ହୋଇପାରେ । ମାତ୍ର ଏହି ରୂପର ବିଶେଷ୍ୟ ଅନ୍ୟତ୍ର ବ୍ୟବହାରରେ ନାହିଁ । **ତାହାର ରଡ଼ି ମୁଁ ଶୁଣିଛି;** ଏପରି କଦାଚିତ୍ ଧାତୁ 'ଇ'କାରାଂତ ହୋଇ ବିଶେଷ୍ୟ ହବାର ଦେଖାଗଲେ ମଧ୍ୟ 'ଶୋଇ ଆସେ' ପ୍ରଭୃତିରେ 'ଶୋଇ'ରେ ସେ ବିଶେଷ୍ୟ ପ୍ରକୃତି ପ୍ରକାଶ ପାଇନାହିଁ । ଅପରଂତୁ 'ବିଦାରି ହେଲା' 'ବୋବାଇ ହେଲା' ପ୍ରଭୃତିରେ ବିଦାରି, ବୋବାଇକୁ ବିଶେଷଣ କରିବା ସମୀଚୀନ ନୁହେ । ତାହା ସାହାଯ୍ୟକାରୀ କ୍ରିୟା ସଂଗେ ଜଡ଼ିତ ହୋଇ ଏକ କ୍ରିୟାର ଅର୍ଥ ପ୍ରକାଶ କରୁଅଛି ।]

ଓଡ଼ିଆରେ କେତେକ ଧାତୁ ବରାବର କର୍ତୃଭାବବାଚ୍ୟ ଅର୍ଥରେ ପ୍ରୟୋଗ ହୁଅନ୍ତି । ତାହାର କର୍ତୃବାଚ୍ୟରେ ରୂପ ହୁଏ, ଏବଂ ତାହାକୁ ତତ୍ସମ ବାକ୍ୟରେ ପରିଣତ କଲେ ବାକ୍ୟର ପ୍ରକୃତି ଜଣାପଡ଼େ । ଯଥା-

| | |
|---|---|
| ସେ ହଟିଲା | ସେ ପରାସ୍ତ ହେଲା । |
| ସେ ମଲା | ସେ ମୃତ ହେଲା । |
| ସେ ପାଚିଲା | ସେ ପକ୍ୱ ହେଲା । |

Digitized by PPRACHIN, SOA

| | |
|---|---|
| ସେ ପଡ଼ିଲା | ସେ ପତିତ ହେଲା । |
| ସେ ଲାଗିଲା | ସେ ଲଗ୍ନ ହେଲା । |

ଯେଉଁସବୁ କ୍ରିୟାରେ କ୍ରିୟାର କାର୍ଯ୍ୟ କର୍ତ୍ତା ଉପରେ ସାଧିତ, ସେ ସବୁ ବାକ୍ୟର କ୍ରିୟା ଏହି ଶ୍ରେଣୀର ।

ଏହି ସବୁ କ୍ରିୟା ପୁଣି ସାଧାରଣ କ୍ରିୟାପରି ବାଚ୍ୟାନ୍ତର ରୂପ ପାଆନ୍ତି, ଯଥା- **ତାକୁ ମରି ଆସେ, ପଡ଼ି ଆସେ, ପାଚି ଆସେ** ଇତ୍ୟାଦି । ସମସ୍ତ ଅକର୍ମକ କ୍ରିୟା ଏହିପରି ହେବାର ପୂର୍ବେ କୁହାଯାଇଅଛି । ଯଥା- **ସେ ଶୋଇଲା; ସେ ଶୁପ୍ତ ହେଲା** । ମାତ୍ର ଏଠାରେ ପ୍ରଭେଦ ଏତିକି ଯେ, ଶୋଇଲା, ହସିଲା ପ୍ରଭୃତି କ୍ରିୟାରେ ଶୟନ କଲା, ହାସ୍ୟ କଲା ପ୍ରଭୃତି ରୂପ ହୋଇପାରେ; ମାତ୍ର ମଲା, ପାଚିଲା ପ୍ରଭୃତିରେ ମରଣ କଲା, ପାକ କଲା ପ୍ରଭୃତି ପ୍ରୟୋଗ ହୁଏ ନାହିଁ । ସେପରି ପ୍ରୟୋଗ ହେଲେ ମାଇଲା, ପଗୁଇଲା ପ୍ରଭୃତି ପ୍ରୟୋଜକ ଅର୍ଥ ହୁଏ ।

**ବହୁକର୍ମକ କ୍ରିୟାର ବାଚ୍ୟାଂତର :**

ସମସ୍ତ ସନିମିତ୍ତ ଦ୍ୱିକର୍ମକ ବାକ୍ୟରେ ଗୋଟିଏ ପ୍ରଧାନ କର୍ମ ଆଉ ଗୋଟିଏ ନିମିତ୍ତ କର୍ମ ଥାଏ । ବାଚ୍ୟାଂତର ବେଳେ ନିମିତ୍ତ କର୍ମର ପରିବର୍ତ୍ତନ ହୁଏ ନାହିଁ । ତାହା ୪ର୍ଥୀ ବିଭକ୍ତି ଘେନି ସେହିପରି ରହେ । ଯଥା- **ସେ ହରିକୁ ଗ୍ରାମକୁ ଆଣିବ । ତା ହାତେ ହରି ଗ୍ରାମକୁ ଆଣିହେବ । ସେ ମୋତେ ଟଂକା ମାଗୁଛି । ତା ହାତେ ମୋତେ ଟଂକା ମାଗି ହେଉଛି ।**

**ବିଧେୟକର୍ମକ ଦ୍ୱିକର୍ମକ କ୍ରିୟା-**

କର୍ତ୍ତୃବାଚ୍ୟରେ କର୍ମର ବିଧେୟ ପଦ, କର୍ମବାଚ୍ୟରେ କର୍ତ୍ତାର ବିଧେୟ ବିଶେଷଣ ବା ବିଶେଷକ ହୁଏ । ଯଥା- **ଗୁରୁଂକ ହାତେ ରାମ ପଂଡିତ ହେଲା ।**

**କ୍ରିୟାବାଚକ କର୍ମ-**

ଏହା ମଧ୍ୟ କର୍ତ୍ତା ହୋଇଯିବା କର୍ମର ବିଧେୟ ବିଶେଷଣ ହୁଏ, ଏହା ପୂର୍ବରୁ ବୁଝାଇ ଦିଆଯାଇଛି ।

**ପ୍ରୟୋଜକ କର୍ମ-**

ପ୍ରୟୋଜକ କ୍ରିୟାର ବାଚ୍ୟ ପରିବର୍ତ୍ତନ ବେଳେ 'ହେଉ' ଧାତୁରେ ଯୁକ୍ତ ହୋଇଥିବା ବିଧେୟ ବିଶେଷଣରେ ସାଧାରଣତଃ କୌଣସି ପ୍ରୟୋଜକ ଚିହ୍ନ ରହେ

Digitized by PPRACHIN, SOA

ନାହିଁ । ଯଥା- **କେଉଟ ଦ୍ୱାରା ମାଛ ମରାହେଲା । ରାମ ଦ୍ୱାରା ହରି ଘରକୁ ଅଣା ହେଲା । କେଉଟ ହାତେ ମାଛ ମାରି ହେଲା । କେଉଟକୁ ମାଛ ମାରି ଆସିଲା । ରାମଦ୍ୱାରା ହରି ଘରକୁ ଆଣିହେଲା । ରାମକୁ ହରିକୁ ଘରକୁ ଆଣି ଆସିଲା ।**

ଅକର୍ମକ କ୍ରିୟାରେ ଆକାର ଲାଗି ପ୍ରୟୋଜକ ହୋଇଥିଲେ କର୍ମବାଚ୍ୟ ଅର୍ଥରେ ତାହାର ସ୍ୱତନ୍ତ୍ର ରୂପ ହୁଏ । ସେଥିରେ କର୍ମବାଚ୍ୟ କ୍ରିୟାରେ ମଧ୍ୟ ପ୍ରୟୋଜକ ରୂପ ହୁଏ ଏବଂ ଅନ୍ୟ ସମସ୍ତ 'ଆ'କାରାଂତ ପ୍ରୟୋଜକ କ୍ରିୟାରେ ଅର୍ଥ ଭେଦରେ ଏହିପରି ରୂପ ବିକଳ୍ପେ ହୁଏ । ଯଥା- **ହରି ଦ୍ୱାରା ରାମକୁ ହସାଇବା ହେଲା । ରାମ ଦ୍ୱାରା ମାଛ ମରାଇବା (ମରା) ହେଲା ।**

ସମସ୍ତ ସକର୍ମକ, ଦ୍ୱିକର୍ମକ, ପ୍ରୟୋଜକ ବାକ୍ୟର କର୍ତାରେ 'ଦ୍ୱାରା' ପ୍ରଭୃତି ଲାଗେ ଏବଂ ଅଣାଇଲା ପ୍ରଭୃତି ଦ୍ୱିରାବୃତ୍ତ ଦ୍ୱିକର୍ମକ ବାକ୍ୟରେ କ୍ରିୟାଛଡ଼ା ଅନ୍ୟ କାହାର ପରିବର୍ତନ ହୁଏ ନାହିଁ । ଯଥା- **ହରି ଦ୍ୱାରା ରାମ ଘରକୁ ଅଣା ହେଲା ।**

କେବଳ 'ଆସ୍' ଧାତୁ ଲାଗି, କ୍ରିୟାର କର୍ମବାଚ୍ୟ ରୂପ ହେଲେ ସାଧାରଣ ନିୟମ ଅନୁସାରେ ପ୍ରଯୁଜ୍ୟ କର୍ତାରେ କୁ ଲାଗି ନିମିତ୍ତ କର୍ମ ହୁଏ ଏବଂ ବାକ୍ୟଟି ଆକାରରେ ତ୍ରିକର୍ମକ ପରି ହୁଏ ।

'ହୋ' ଧାତୁ, 'ଆସ୍' ଧାତୁ ପ୍ରଭୃତି ଲାଗି ଯେତେବେଳେ ବିଶୁଦ୍ଧ କର୍ମବାଚ୍ୟ ରୂପ ହୁଏ, ସେତେବେଳେ କ୍ରିୟାରେ ନିତ୍ୟରେ ପ୍ରୟୋଜକ ରୂପ ରହେ । ଯଥା- **ରାମ ହାତେ ହରିକୁ ହସାଇ ହେଲା । ରାମକୁ ହରିକୁ ହସାଇ ଆସିଲା ।** ଇତ୍ୟାଦି ।

## କର୍ମ ଓ ଭାବବାଚ୍ୟାର୍ଥକ ପ୍ରୟୋଗ :

କେତେକ ସକର୍ମକ କ୍ରିୟା କର୍ମ ଓ ଭାବବାଚ୍ୟ ଅର୍ଥରେ ପ୍ରୟୋଜକ ରୂପରେ ଭାଷାରେ ଚଳିବାର ଦେଖାଯାଏ । ଯଥା- **ତାକୁ ଏକଥା ସୁହାଇଲା । ନବାତ ପାଣିରେ ମିଳାଇଲା । ରାମକୁ ଏକଥା ଯୋଗାଇଲା ନାହିଁ । ତାର ଭେଖ ବିକାଉଛି । ଏ କଟୁରୀରେ ଭଲ କାଟୁଛି ।** ଇତ୍ୟାଦି ।

## ନାମଧାତୁ :

କେତେକ ନାମ ଅର୍ଥାତ୍ ବିଶେଷ୍ୟ ଓ ବିଶେଷ୍ୟ ସଦୃଶ ବିଶେଷଣ 'ଆ'କାରାଂତ ହୋଇ ଧାତୁ ରୂପରେ ପ୍ରୟୋଗ ହୁଅଂତି । ଏମାନଂକର ରୂପ ସର୍ବଥା 'ଆ'କାରାଂତ ପ୍ରୟୋଜକ କ୍ରିୟାପରି ହୁଏ । ଯଥା- **ସେ ଏ କଥାକୁ ଜାନାଇଲା ନାହିଁ । ସେ ଛୋଟାଉଛି ।**

Digitized by PPRACHIN, SOA

କେତେକ ନାମଧାତୁ, ଯଥା-

ପେଟା, ଦାଂତା (ଦାଂତିଆ), ପାଖା (ପାଖିଆ), ଛୋଟା (ଛୋଟିଆ), ନାକା, କାନା (କାନିଆ), ମୁଂଡ଼ା (ମୁଂଡ଼ିଆ), ଆଂଠା (ଆଂଠୁଆ), ପଛା (ପିଛା), ଟିପା, ଘୋଡ଼ମା (ଘୋଡ଼ା ପରି ଆଚରଣ କର୍; ଘୋଡ଼ା ଏହା ଗୋଟିଏ ପ୍ରୟୋଜକ କ୍ରିୟା ଥିବାରୁ ନାମଧାତୁଟି ଘୋଡ଼ା ନ ହୋଇ ଘୋଡ଼ମା ହୋଇଅଛି), କାଂଧା (କାଂଧିଆ), ଗାଂଡା (ଗାଂଡିଆ), ମୁହାଁ, ଗୋବରା, ପିଠିଆ ।

ଅନେକ ସ୍ଥଳରେ ଶେଷରେ 'ଆ' 'ଇଆ' ହୋଇଯାଏ । ସେଠାରେ ସ୍ୱାର୍ଥ ପ୍ରୟୋଜକ୍ ରୂପ ବୋଲି ବୁଝିବାକୁ ହେବ ।

## କ୍ରିୟାବାଚକ ପଦ :

ସମସ୍ତ କ୍ରିୟାବାଚକ ପଦ କ୍ରିୟାପରି କାରକ ପ୍ରଭୃତି ଗ୍ରହଣ କରଂତି ଏବଂ ବାଚ୍ୟ ପ୍ରୟୋଜକ ରୂପ ପାଆଂତି ।

କ୍ରିୟାବାଚକ ପଦ ସାଧାରଣତଃ ବିଶେଷ୍ୟ, ବିଶେଷଣ ଓ ଅବ୍ୟୟ ହୁଏ ।

**(୧) ବିଶେଷ୍ୟ - ସେ ଖାଇବାର ମୁଁ ଦେଖିନାହିଁ । ଗୁଡ଼ାଏ ଖାଇବା ଭଲ ନୁହେଁ ।**

ଔଷଧ ଖାଇବାରେ ହେଳା କରିବା ଠିକ୍ ନୁହେଁ । ଘରୁ ବୃଥାରେ ଟଂକା ଦେବାକୁ କାହାକୁ ସୁଖ ଲାଗେ ? ପିଲାକୁ ଦୁଧ ଖୁଆଇବା ମାଆକୁ ଶିଖିବାକୁ ହୁଏ ନାହିଁ । ଏତେ ଦେଖାଇ ହେବା ଉଚିତ ନୁହେଁ । ଏ କାର୍ଯ ଏପରି କରାହେବା ଉଚିତ ନ ଥିଲା । ବିରି ହେବା ନ ହେବା ବିଗ୍ଭର କର ନାହିଁ । ଏ କାମଟି କରି ଆସିବା (କରି ଜାଣିବା) ସହଜ କଥା ନୁହେ ।

ଏହି ବିଶେଷ୍ୟରେ କର୍ତାଠାରେ ୬ଷ୍ଠୀ ମଧ୍ୟ ହୁଏ । ଯଥା- **ତାର ଖାଇବା (ର) ମୁଁ ଦେଖିନାହିଁ ।**

ଖିଆ, ଦିଆ, ଦେଏଣି, ତରାଣ, ଗାଅଣା ପ୍ରଭୃତି ଓଡ଼ିଆର ବିଶେଷ୍ୟ ଓ ଭୋଜନ, ଦାନ ପ୍ରଭୃତି ତତ୍ସମ ବିଶେଷ୍ୟର ବ୍ୟବହାର ହୁଏ ଏବଂ ଅନ୍ୟାନ୍ୟ କାରକ ଓ ବିଶେଷଣମାନଂକର ମଧ୍ୟ ପ୍ରୟୋଗ ହୁଏ । ଯଥା- **ଗୋବିଂଦର ଖିଆ ମୁଁ ଦେଖିଛି । ରାତ୍ରିରେ ବିଶେଷ ଭୋଜନ ଭଲ ନୁହେଁ । ଏ ଲୋକଂକୁ ଦିଆ ନିଆ କିଏ କରିପାରିବ ? ରାମ ସ୍କୁଲରେ ଅଧ୍ୟାପନା ଶେଷ କରି, ନିଜେ ଅଧ୍ୟୟନ କରି ବସିଲା ।**

Digitized by PPRACHIN, SOA

(୨) **ବିଶେଷଣ** - କର୍ତାରେ ବିକଳ୍ପେ ଷଷ୍ଠୀ ହୁଏ । ବାକି ସବୁ ବିଭକ୍ତି ବିଶେଷଣ ପ୍ରଭୃତି କ୍ରିୟା ପରି ରହେ, ଯଥା- **ସେ କହିବା କଥା, ତାର କହିବା କଥା, ସେ କହିଲା କଥା, ତାର କହିଲା କଥା ।**

ଏହାଛଡ଼ା କୁହା ପ୍ରଭୃତି ଅନ୍ୟାନ୍ୟ ବିଶେଷଣରେ କର୍ତାଠାରେ ନିତ୍ୟରେ ଷଷ୍ଠୀ ହୁଏ । ଯଥା- ତାର କୁହା କଥା, ତାର କଥିତ ବାକ୍ୟ ।

କଥିତ ପ୍ରଭୃତି ତତ୍‌ସମ ବିଶେଷଣରେ କର୍ତାଠାରେ ଦ୍ୱାରା ପ୍ରଭୃତି ମଧ୍ୟ ଲାଗେ । ଯଥା- ତା ଦ୍ୱାରା କଥିତ ବାକ୍ୟ । ଇତ୍ୟାଦି ।

**(୩) ଅବ୍ୟୟ** - ଯାଉ, ଖାଉ ପ୍ରଭୃତି ବର୍ତମାନସୂଚକ; ଯାଇ, ଖାଇ ପ୍ରଭୃତି ଅତୀତସୂଚକ; ହେଲେ, ହୁଅଂତେ ପ୍ରଭୃତି ହାଲ୍‌କା ଅବସ୍ଥାସୂଚକ ଅସମାପିକା କ୍ରିୟାମାନେ ସବୁ କାଳ ଓ ବଚନ ବିଭକ୍ତିରେ ଏକପ୍ରକାର ରହଂତି । ସେମାନେ ସ୍ୱତଂତ୍ର କ୍ରିୟାପରି ବିଭକ୍ତି ପ୍ରଭୃତି ଏବଂ ପ୍ରୟୋଜକ ଓ ବାଚ୍ୟାଦିର ରୂପମାନ ଗ୍ରହଣ କରଂତି ।

(କ) ଯଥା - **ମୁଁ ଯାଉ ଯାଉ ସେ କହିଲା । ମୋର ଯିବା ହେଉ ହେଉ ସେ ଗ୍ଲିଗଲା ।**

ଏପରି ଅର୍ଥରେ କ୍ରିୟା ପ୍ରାୟ ଦୁଇଥର ପ୍ରୟୋଗ କରା ହୋଇଥାଏ ।

(ଖ) **ମୁଁ ଏତକ ପଢ଼ି ଖାଇବାକୁ ଯିବି ।**

ଏପରି ଅତୀତବୋଧକ ଅସମାପିକା କ୍ରିୟାରେ କର୍ମବାଚ୍ୟ ବା ଭାବବାଚ୍ୟ ପ୍ରୟୋଗ ପ୍ରାୟ ହୁଏ ନାହିଁ । ହେଲେ ତାହା ହାଲ ବା ପୂର୍ବ ଅବସ୍ଥା ବୁଝାଉଥିବା ଅସମାପିକା କ୍ରିୟାରେ ପରିଣତ ହୁଏ । ଯଥା- **ମୋର ଏତକ ପଢ଼ା ହେଲେ ବା ପଢ଼ା ସରିଲେ ମୁଁ ଖାଇବାକୁ ଯିବି ।**

(ଗ) **ମୁଁ ଏତକ କଲେ ବା ମୋର ଏତକ କରା ହେଲେ ଘରକୁ ଯିବି । ସୂର୍ଯ ଉଠଂତେ ବା ଉଦିତ ହୁଅଂତେ ସେ ଗ୍ରାମକୁ ଗମନ କଲେ ।**

## କ୍ରିୟାର ବିଶେଷ ବିଶେଷ ଅର୍ଥ :

କ୍ରିୟାମାନେ ବେଳେବେଳେ ଭାଷାର ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ ଅର୍ଥ ପାଆଂତି ।

ଦେ : ସେ ଦ୍ୱାର ଦେଲା (ବନ୍ଦ କଲା) । ସେ ବାଡ଼ ଦେଲା (ବାଡ଼ଦ୍ୱାରା ବନ୍ଦ କଲା) । ସେ କାଂଥ ଦେଲା (ତିଆରି କଲା) । ଜେଲ ଦେଲା (ଜେଲକୁ ପଠାଇଲା, ଜେଲଦଂଡ ଦେଲା) । ରାଣ ଦେଲା (ଶପଥ କରାଇଲା) ।

Digitized by PPRACHIN, SOA

ପାନେ, ପାଗେ, ପଦେ ଦେଲା (ମାଡ଼ ଗାଳି ବା ପ୍ରତିଶୋଧ ଦେବା ଅର୍ଥରେ) । ଗଛ ଚେର ଦେଲାଣି (ଚେରଦ୍ୱାରା ରସ ଶୋଷିଲାଣି) । କୁଟାଗଦା ଦେଉଛି (କରୁଛି) । ସଂଘା ଦେଉଛି (କରୁଛି) । କୁହାଟ ଦେଲା (ଛାଡ଼ିଲା) । ସଂଜ ଦେ (ସଂଧ୍ୟା ଦୀପ ବସା) । ଆଖି ଦେବା (ଯତ୍ନ କରିବା) । ମନଦେଇ କାମ କଲେ ହୁଏ କି (ଲଗାଇ) । ଡେଂଗୁରା ଦେଲା (ବଜାଇଲା) । ମୁଁଦୁରା ପକାଇ ଦେ । ଟଂକାଟେ ପକାଇ ଦେଲେ ହେବ ।

ପଡ୍ : କଳି ଲାଗି ତାର ମୋର ପଡ଼ିଗଲା (କଥାବାର୍ତ୍ତା ବ୍ୟବହାରାଦି ବନ୍ଦ ହେଲା) । ଆମ ଦିହିଂକର ଏବେ ପଡ଼ିଗଲାଣି (ମିତ୍ରତା ହୋଇ ଗଲାଣି) । କଷ୍ଟ ପଡ଼ି (କଷ୍ଟ ସହି–ଗଂଜାମ) ଏ କାମ କଲି । ମରି ପଡ଼ି, ଲାଗି ପଡ଼ି (ଯଥାସାଧ୍ୟ) କଲା । ବାଟ ପଡ଼ିଗଲା, ଦ୍ୱାର ପଡ଼ିଲା (ବନ୍ଦ ହେଲା) । ନଈରେ ମାଛ ପଡୁଛଂତି (ଧଇଲେ ମିଳୁଛଂତି) । ଜାଲ ପଡୁଛି, ଖିଅ ପଡୁଛି, ଘେର ପଡ଼ିଲା । ଆଖି ପଡ଼ିବା (ଦେଖିବା) । ଆଖି ବା ଦୃଷ୍ଟି ପଡ଼ିବା (ଲୋଭଯୁକ୍ତ ହୋଇ କାହାଦ୍ୱାରା ଦେଖାଯିବା) । ଉପରେ ପଡ଼ି କଥା କହନା । ବହିଟି ପାଂଚ ଟଂକା ପଡ଼ିଲା । ମୋ କଥା ପଡ଼ିଛି । ମନେ ପଡୁଛି । ଜିଦ୍ ପଡ଼ିଲେ କିଏ ଛାଡ଼ିବ ? ବାଟ ପଡ଼ିଲା (ଗଲା)ଣି । ରୋଗ ବାଟରେ ପଡ଼ିଲାଣି । ଖରା ପଡ଼ିଲାଣି । ବେଳ ପଡ଼ିଛି । ଯୋଗ, ବାଗ ପଡ଼ିଛି । ନଈରେ ପାଣି ପଡ଼ିଲାଣି । କାନରେ ପଡ଼ିଲା । ଖାଲି, ବିଛାଟିଆ ପଡ଼ିଛି । ତୁନି ପଡ଼ିଲା । ଗୃଳଟା ପଡ଼ିଗଲା (ଲଇଁଗଲା) । ଫିକା, କଳା ପଡ଼ିଗଲା ।

ପହଂଚିବା, ଅପେକ୍ଷା କରିବା ଅର୍ଥ ହୁଏ – ବେଳ ପଡ଼ିଲେ କହିବି । ମୁଂଡମାଡ଼ି ପଡ଼ିଥିଲେ ଫଳ ପାଇବ । ତାକୁ ପିହଲ ପଡ଼ିଗଲା (ସୁବିଧା ମିଳିଲା) । ବାଟରେ ନଇ ପଡ଼ିଲା । ଦୁର୍ଭିକ୍ଷ, ବାଡ଼ି ପଡ଼ିଲା । ତୋଟି ପଡ଼ିଗଲା (ସ୍ୱର ଅସ୍ପଷ୍ଟ ହେଲା) । ପାଟି ପଡ଼ିଗଲା (ବନ୍ଦ ହୋଇଗଲା) । ହାତ, ଗୋଡ଼ ପଡ଼ିଗଲା (ରହିଗଲା) । ତାଡ଼, ତଳି ପଡ଼ିଲା (ସେଥିପାଇଁ ମଂଜି ବୁଣା ହୋଇଛି) । ତା ନା ପଡ଼ିଲା (ଦୁର୍ନାମ ହେଲା) । ମୁଂଡ ପକାଇବା (ସମକକ୍ଷ ହୋଇ ଠିଆ ହେବା) । ମୁଂଡକୁ ମୁଂଡ ପଡ଼ିଛି । ଦୁଆର ପଡ଼ିଗଲାଣି । ଚଅଁର ପଡ଼ିଛି । ଜିନିଷ ଭଲ ପଡ଼ିଲା ।

Digitized by PPRACHIN, SOA

ପକା : ଏହା ପଡ୍‌ର ପ୍ରୟୋଜକ । ପଡ୍‌ରେ ଯେଉଁସବୁ ବିଶେଷ ବିଶେଷ ଅର୍ଥ ହୁଏ, ପକାରେ ସେ ସବୁ ପ୍ରୟୋଜକ ଅର୍ଥ ହୁଏ - ନାଁ ପକାନା । ମୁଁହୁରା ପକାଇ ଦେ । ଟଂକାଟେ ପକେଇ ଦେଲେ ହେବ । ଜାଳ ପକେଇ ଗରା କଲା ।

ଆସ୍ : ମୋତେ ପାଠ ଆସୁଛି (ପଇଟୁଛି) । ଜର ଆସିଲା (ହେଲା) ।

ଦେଖ୍ : ହାତ ନାଡ଼ି ଦେଖୁଚି (ବୈଦ୍ୟ ଯାହା କରେ) । ହାତ, ଜାତକ, କୋଷ୍ଠି ଦେଖୁଚି (ଜ୍ୟୋତିଷ ଯାହା କରେ) । ତତେ ଦେଖି ଦେବି (ଧମକେଇବା ଅର୍ଥରେ) । ଗାଇ ଦେଖା ହୋଇ ନାହିଁ (ଦୁହାଁ) । ଧାନ ଦେଖା ମଣା ହୋଇ ନାହିଁ (ଭାଗ ସ୍ଥିର) । କନ୍ୟା ପାତ୍ର ଦେଖା ଗୃହାଁ ହୋଇ ଯାଇଛି (ବିବାହ ସଂପର୍କରେ) ।

ଧର୍ : ବାଛୁରୀ ଧରା ହୋଇଛି (ଖାସୁ କରା ହୋଇଛି) । ଗାଇ ଧରା ହୋଇଛି (ପିଲା ଜନ୍ମ ହେବା ପରେ ଦୁଧ ଦେବା ପାଇଁ ଗଉଡ଼ ଯାହା କରେ) । ତୋଟି, ମୁଂଡ଼, ଅଂଟା ପ୍ରଭୃତି ଧରିଛି (ପୀଡ଼ା କରିଛି) । ମେଘ ଧରିଛି (ଘୋଟାଇଛି) । ପାଣି ଧଇଲା (ଦେହରେ ଗଲା ନାହିଁ) । ଔଷଧ ଧରିଛି (କାଟୁ କରିଛି) । ବାଟ ଧରି ନାହିଁ (ବାଟରେ ପଡ଼ି ନାହିଁ, ଠିକ୍ ଅବସ୍ଥାକୁ ଆସି ନାହିଁ) । ମନ ଘର ଧରିଲାଣି (ଜ୍ଞାନ ପଶିଲାଣି) । ସର୍ଦି, କଫ, ବାତ ଧରିଛି (ହୋଇଛି) । ଗାମୁଛା ନାଲି ଧରିଛି (ହେବାକୁ ଆରଂଭ ହୋଇଛି) । ରଂଗ ଧରୁ ନାହିଁ (ସ୍ଥାୟୀ ହେଉ ନାହିଁ) । ଖୁର ଭଲ ଧରୁଛି (କାଟୁଛି) । ମୋ ନା ଧରି ସେ ପାର ହୋଇଗଲା (କହି, ବଳରେ) । ନା' କୂଳ ଧଇଲାଣି (କୂଳକୁ ଆସିଲାଣି) । ଈଶ୍ୱରଂକ ନାମ ଧରୁଛି (ନିୟମ କରୁଛି) । ସେ ମୋ କାନ, ତୋଟି ଧରି ନେବାକୁ ବସିଛି । ମୁଁ ତାର ହାତ ଧରିଛି (ତାକୁ ବିଭା ହୋଇଛି) । ସେ ମୋ ଜମି ଧରିଛି (ଭାଗରେ ଗୃଷ କରିଛି) । ମୁଁ ତାର ଧାରିଚି (କରଜ କରିଛି) । ନିଆଁ ଧରୁ ନାହିଁ (ରହିବା ଭଳି ଲାଗୁନାହିଁ) । କଥାଟା ଧରି ପାରୁନାହିଁ (ବୁଝିବାକୁ ଆରମ୍ଭ କରି ପାରୁନାହିଁ) । ବିହନ ଧରୁଛି । ବିଲ ପାଂଚଓଡ଼ ଧରିଲାଣି । ପୋକ (ପୋକରା) ଧଇଲାଣି । ମୋ ପୁଅ ଶୋଧି ଧଇଲାଣି । ଶୁଆ ନା ଧଇଲାଣି । କୁକୁର ଘର ଧଇଲାଣି । ବାଗ ଧଇଲାଣି । ଜାଳ ଧରୁଛି ।

Digitized by PPRACHIN, SOA

ନେ : ସେ ଟିକା ନେଇଛି (ଘେନିଛି) । ଇଜତ୍ ନେଲା । ସମୟ ନେଲା (କଟାଇଲା) । ଅନ୍ୟର ମନ ନେଇ କାମ କଲେ ହେବ (ଅନ୍ୟର କର୍ମ ପ୍ରତି ସହାନୁଭୂତି ରଖି, ସ୍ନେହ ପ୍ରୀତି ନ ହରାଇ) ।

ମାର୍ : ('ମାରିବା'ର ପ୍ରହାର କରିବା, ପ୍ରାଣରେ ମାରିବା ଅର୍ଥ ହୁଏ) । କୁଟା ଗଦା ମାରୁଛି (କରୁଛି) । ଏଉଡ଼ି, ହାଇ, ହାକୁଟି, କୁହାଟ ମାରୁଛି (ଛାଡୁଛି) । 'କେଶୁର ମାଇଲା ଗଜା' (ଗଜାହେଲା) । ପେଟ ମାରୁଛି, ପେଟକୁ ମାରୁଛି (ବ୍ୟଥା ହେଉଛି) । ନଡ଼ିଆ ସଂଘା ମାରୁଛି (ଦେଉଛି) । ଚିଲ, ଚଢ଼େଇ ଝାଂପ ମାଇଲା । ଗୃଇଁ ମାରୁଛି । ସେ ମାଂକଡ଼ଚିତ୍, ତିଆଁ, ଚିରା, ମାଇଲା । କିଳା ମାଇଲା (ପୋତିଲା) ପାରା ମାଇଲା (ଭସ୍ମ କଲା) । ନଡ଼ିଆ ମାଇଲା (ତେଲ କଲା) । ଘିଅ ମାଇଲା (ଲହୁଣି ବା ନଡ଼ିଆକୁ ଘିଅ ଗଲା) । ଆଖିମିଟିକା ମାଇଲା (ଗୁପ୍ତ ଇଂଗିତ, ପ୍ରବର୍ତ୍ତାଇଲା । ଫୁଟିକି ମାଇଲା (ଫୁଟାଇଲା) । ଦଂଭ ମାଇଲା (ନେଲା) । ହାତ, ଗୋଡ଼ ମାଇଲା (ହାତ, ଗୋଡ଼ରେ ବାରିଲା) । ହାତ ମାରିଦେଲା (ଚୋରି କରି ନେଲା) । ଗୋଡ଼ ମାରି ଦେଲା (ଗୋଡ଼ ଲଗାଇ କେହି ନ ଜାଣିବା ଭଳି ପେଲି ଦେଲା) । ଜଳା ମାରି ଦେଲା (ବୁଜି ଦେଲା) । ମନ ମାରି ଦେଲା (ବିମର୍ଷ ହେଲା) । ମୋ ଘରେ ମୁହଁ ମାରି ଯିବୁ (ଦେଖାଇ ଦେଇ ଯିବୁ) । ଗୁମ୍‌ମାରି ବସିଛି (ଗଂଭୀର ହୋଇ) । କଛା ମାରି ଦେ (ଖୋସି ଦେ) । ଦୀପ ମାରି ଦେ (ଲିଭା) । ତିଆସିଲି ମାର (ଲଗା) । ମୁଂଡ଼ ମାଇଲା (ମୁଂଡ଼କୁ ନେଇ ଅନ୍ୟ କାହିଁରେ ଲଗାଇ ପିଟିଲା) । ମହୁ ମାଇଲା (ମଧୁ ସଂଗ୍ରହ କଲା) । ବିରୁଡ଼ି, ମହୁମାଛି, ସାପ ମାଇଲା (କାମୁଡ଼ିଲା) । ତୁଳି ଖଂଜା ମାଇଲେ (ଛପରରେ ତୁଳି ବଂଦ କଲେ) । ଘେର ମାଇଲା (ପକାଇଲା) । ବାଣ ମାଇଲା (ଲଗାଇଲା) । ସେ ଉଂକି ମାଇଲା (ଲୁଚି ଲୁଚି ଚାହିଁଲା) । ପେଟେ ମାରି ଦେଲା । ବିଜୁଳୀ, ଘଡ଼ଘଡ଼ି ମାରୁଛି ।

କର୍ : ପୁଅ କରିବା (ପୋଷ୍ୟ ପୁତ୍ର ନେବା) । ସେ ପାଂଚବର୍ଷ ଘର କରିବା (ସଂସାର ଚଳାଇ ରହିବା) । ଆଖି କରିବା (ଈର୍ଷାରେ ଦେଖିବା) । ନାମ କଲାଣି (ପ୍ରସିଦ୍ଧି ଲଭିଲାଣି) । ଭୋକ କରୁଛି । କେତେ ପ୍ରେମ କରୁଚୁ ମ, ବେଗେରେ ଆ । ଖାଇ ମନ କଲା । ପେଟ କଲା । ଆଶା କରିଛି ।

Digitized by PPRACHIN, SOA

**ବସ୍** : ଘିଅ, ଦହି, ଦୁଧ, ଖିରି, ଡାଲି ବସି ଗଲା (ଘନ ହେଲା) । ମାଟି ବସି ଗଲା (ଦବି ଗଲା) । ଅଳଂକାର ବସି ଗଲା (ଢାକୁଆ ହୋଇଗଲା) । ଚିହ୍ନ ବସିଗଲା (ଦେହରେ ଦାଗ ରହି ଗଲା) । ତୋଟି ବସିଗଲା (ସ୍ୱର ଭାଂଗିଗଲା) । ତାର ହାତ ବସି ଗଲାଣି (ଅକ୍ଷର ଠିକ୍ ହୋଇ ଗଲାଣି) । ଖିଅ, ଢାଲ, ଢଂଟା ବସିଛି । ଡାଡ଼, ଗଛ ବସିଛି (ପୋତା ହୋଇଛି) । ଭେଦା, ଖଢଣା ବସିଛି (ହୋଇଛି) । ପୂଜା, ସପ୍ତାଂଗ ବସିଛି (ଗୁଳିଛି) । ଭାଉ ବସିଛି (ଚଢ଼ିଛି) । ଦିଅଁ ବସି ନାହାଂତି (ପ୍ରଥମ ସ୍ନାନ ପୂଜାଦି ହୋଇ ନାହିଁ) । ହାଟ, ଦୋକାନ, ବଜାର ବସି ନାହିଁ (ଫିଟି ନାହିଁ) । ଦୋକାନ, ବଜାର, ହାଟ ବସିଛି (ନୂଆ ହୋଇ ହୋଇଛି) । ଦୀପ ବସିଛି (ଜଳୁଛି) । ଖଂବ ବସିଲାଣି (ପୋତା ହେଲାଣି) ।

ବାଲେଶ୍ୱରରେ ଥୁଆ ହେବା ଅର୍ଥରେ 'ବସ୍'ର ପ୍ରୟୋଗ ହୁଏ । ଢାଳ ପ୍ରଭୃତି ବସିଛି । ଲାଖ ଠିକ୍ ବସିଲା (ବାଜିଲା) । ମୁଥ, ଗୃପଡ଼ା ପ୍ରଭୃତି ବସିଲା । କଟୁରୀରେ ବେଂଟ ବସାଅ (ଲଗାଅ) । ଭାତ ବସିନାହିଁ (ରଂଧା ହେବାକୁ ଆରଂଭ ହୋଇ ନାହିଁ) ।

**ଦବ୍** : ମାଛ ଦବି ଗଲା (ପୋଚିଆ ହେଲା) । ମନ, ରାଗ, ନିଆଁ, ନଇ ଦବି ଗଲା (ଊଣା ହୋଇ ଗଲା) । ଘର ଦବି ଗଲା, ସେ ଦବି ଗଲାଣି (ତାର ଆଗପରି ଆଉ ବଳ ନାହିଁ) ।

**ରହ୍** : ବୁଢ଼ା ରହି ଗଲାଣି (ଦବି ଗଲାଣି) । ହାତ, ଗୋଡ଼ ରହି ଗଲାଣି (ପଡ଼ି ଗଲାଣି) । ପେଟମରା ରହି ଗଲାଣି (ଊଣା ହେଲାଣି) । ନାଁ ରହିଲା (ଯଶ ହେଲା) । ଫଳ ରହି ଗଲାଣି (ବନ୍ଦ ହୋଇ ଗଲାଣି) । ପାଟି ତୁଂଡ ରହି ଗଲାଣି (କଳି କି କଥାବାର୍ତ୍ତା ବଂଦ ହେଲାଣି) । କଥା ରହିବ (ଯଶ ଥିବ) । ମୁହଁ ରହିବ ନାହିଁ (ଅପମାନିତ ହେବ) । ମୋ କଥା ରହିଲା (ମୋ କଥା ଅନୁସାରେ କାମ ହେଲା) ।

**ରଖ୍** : କଥା ରଖ (ମାନ) । ନାମ ରଖ । ଦମ୍ ରଖି କାମ କର । ପେଟ ରଖି ଖାଉଛି । ଗୁରିଟାକୁ ସମୟ ରଖିଛି । ପାଂଚଜଣଂକ ମନ ରଖି ଚଳିବା ଭଲ । ସେ ଗୁଡ଼ାକ ରଖିଥା । ତାକୁ ଧର୍ମ ରଖିଛି । ପେଟରେ କଥା ରଖିପାରେ ନାହିଁ । ତେଲ ରଖିବ । କୁକୁର, ଶୁଆ, ସାରୀ ରଖିଛି ।

Digitized by PPRACHIN, SOA

ଲାଗ୍ : ତିଅଣ ଲାଗିଗଲା । ଛାଂଦ ଲାଗୁନାହିଁ । ମନ ଲାଗୁନାହିଁ । ଦୁଆର ଲାଗିଗଲାଣି । ନିଆଁ ଲାଗିନାହିଁ । ଗଛ ଲାଗୁଛି । ତିଅଣ ଲାଗୁଛି । କହି ଲାଗିଲେ (ସାହାଯ୍ୟକାରୀ) । ନିଦ, ଘୁମ ଲାଗୁଛି । ଭୂତ ଲାଗିଛି । ବାଇ ଲାଗିଛି । ବାଣ ଲାଗିଲା । ତାକୁ ନିଶା ଲାଗିଲାଣି । ଦୀପ ଲଗାଇ ଦେ । ଚେର ଲାଗି ନାହିଁ । ପେଟ ଲାଗିଗଲାଣି । ଭାତ ଲାଗୁଛି (ଗର୍ବର କାରଣ) । ଅଲଣା, ସ୍ୱାଦ, ପିତା ଲାଗୁଛି । ମୋ ସଂଗେ ଲାଗିଛି । ଖେଳ, ବିଗ୍ରହ, ପଢ଼ା ଲାଗିଛି । ତାଂକର କଥା କଥାକେ ଲାଗୁଛି । ତାର ଟିକିଏ ତୁଂଡ ଲାଗେ । ସଂଢ ଲାଗୁଛି । ଗୁଲି ଲାଗିଲାଣି । ଟଂକା ଲାଗିଛି । ଆଛାକିନା ଲଗେଇଛି । ବିଲରେ ପାଣି ଲଗେଇଲାଣି (ପାଳକ ହେଲାଣି) । ଦିହ ଲଗେଇ କାମ କରୁନାହିଁ ।

ମାଡ୍ : ନିଦ, ଭୟ ମାଡୁଛି । ପଇସା ଗୁଡ଼ାକ ଗୋଟେ ଆଡ଼େ ମାଡ଼ି ହୋଇଗଲା । ନଈ, ଗଛ, ଲତା ମାଡୁଛି । ପାଣି ମଡ଼ାଉଛି । ହଗ, ହସ, କାଂଦ ମାଡୁଛି । କଂଟା, ଗୁହ, ମୂତ ମାଡୁଛି । ମୋ ଟଂକା ମାଡ଼ି ବସିଛି । ବର୍ଷା, ଖରା ମାଡ଼ି ଆସୁଛି । ବାଡ଼, ପହି, ଗୁଳା ମାଡ଼ି ଆସିଛି (ଘୁଂଚି ଆସିଛି) । ବେଗରେ ମାଡ଼ି ଯା ।

ଫିଟ୍ : ବାଟ ଫିଟି ଗଲାଣି । ତାର କପାଳ ଫିଟିଛି । ଆଲୁଅ ଫିଟିଲାଣି । ନାକ ଫିଟୁ ନାହିଁ । ଗାଇ ଫିଟୁ ନାହାଂତି । ହଳଦି ଫିଟିଲା ନାହିଁ । ସାରୁ ଫିଟିଗଲା । ମୋ କବଜରୁ ଫିଟିଗଲା । ରଂଗ ଫିଟୁନାହିଁ । ମନ ଫିଟିଗଲା । ବେଗରେ ଫିଟି ଯା ମ । ସିଂଦୁକ, ଦ୍ୱାର ଫିଟା । ସ୍କୁଲ ଫିଟିନାହିଁ । ସ୍ୱର ଫିଟୁନାହିଁ । ଫରଗୁ ଫିଟିଲାଣି । ଗୁଣି, ରାହା, ରାଣ ଫିଟିଗଲା । ଦୋକାନ ଫିଟିନାହିଁ । ଗରାଖ ଫିଟିଗଲା । ଯୋଡ଼ ଫିଟିଗଲା । ଆଖି ଫିଟିନାହିଁ । ତା ପାଖରୁ (ଦଳରୁ) ଫିଟିଗଲା । ତା ହାତରୁ ଫିଟିଗଲା ।

ଖା : ଖାପ ଖାଉଛି । ସେ ମୋ ବେକ ଖାଉଛି । ଠିକ୍ ମେଳ ଖାଉଛି । ମୂଳକୁ ସୁଧ ଖାଇଲାଣି । ଚଢ଼ା ସ୍ୱର ଖାଇବ । ଓଡନରେ ଆଉ ଗୁଉଳ ଖାଇବ । ଆଉ ଗୁଡ଼, ଲୁଣ, ଚୁନା ଖାଇବ । କାଠ ପୋକ ଖାଇଲାଣି । ମୋତେ ଖାଇ ଯାଉଛି । ନଈ କୂଳ ଖାଉଛି । ମୋ କଳ ଖାଇ ଯାଇଛି । ମାଡ଼ ଖାଇବୁ । ତାଳ ଖାଉଛି ।

Digitized by PPRACHIN, SOA

**ଫାଟ୍ :** ମନ ଫାଟି ଗଲା । ଗଳା ଫାଟି ଗଲା । ଢାଉ ପାଣି ଫାଟି ଗଲା ।

**ଫୁଟ୍ :** ହାଣ୍ଡି ଫୁଟି ଗଲା । ବାଣ ଫୁଟୁଛି । ବାଲି ଫୁଟୁଛି । ଆଖି ଫୁଟିଗଲା । ଭାତ ଫୁଟିଲାଣି । ଫୁଲ ଫୁଟିଲାଣି ।

**ମୋଡ୍ :** ସେ ଭାରି ମୋଡ଼ି ହେଉଛି । ଗୋଡ଼ ମୋଡ଼ି ଦେ । ପେଟ ମୋଡୁଛି ।

**ଭାଂଗ୍ :** ପାଣି ଭାଂଗ । ତୋଡ଼ାଣି ଭାଂଗୁଛି । ସେ ପ୍ରସଂଗ (ବର, କନ୍ୟା ସଂବଂଧ) ଭାଂଗିଗଲା । କଳି ଭାଂଗିଦିଅ । ସ୍କୁଲ ଭାଂଗି ଗଲାଣି । ବାଟ ଭାଂଗି ଗୃଲି ଗଲା । ତୁ ଯା, ମୁଁ ଭାଂଗିବି କାହିଁକି ? ପେଟ ଭାଂଗିବାକୁ ଉପାୟ ହୋଇଛି । ମନ ଭାଂଗି ଗଲା । ଲହରୀ ଭାଂଗୁଚି । ବଂଧ ଭାଂଗୁଚି । ଲୁଗା ଭାଂଗି ରଖିଦେ । ପାନ ଭାଂଗ୍ । ଟଂକା ଭାଂଗି ଆଣ୍ । କେତେରଂଗରେ ବାଳ ଭାଂଗିଛି । ଘର, ଆତ୍ତା, ନଈ ଭାଂଗି ଗଲାଣି । ନିଦ ଭାଂଗି ଗଲାଣି । ସେ ଦଉଡ଼ି ଭାଂଗି ଜାଣେ । କଥା ଭାଂଗ ନା ।

**ଧା :** ଧାଇଁ ଧପଡ଼ି ନ ଲାଗିଲେ କାମ କି ହୁଏ । ଏ କାମରେ ମନ ଧାଉଁ ନାହିଁ । ପେଟ ପୋଷିବାକୁ ଧାଇଁଛି ।

**ଗୃଲ୍ :** ବିଗ୍ଭର ଗୃଲିଛି । ଖରା ଗୃଲି ଯିବ । ମନ ଗୃଲୁନାହିଁ । ଏ ବହି ସ୍କୁଲରେ ଗୃଲୁନାହିଁ । ସେ ସବୁ ଏଠି ଗୃଲିବ ନାହିଁ । ପାଂଚ କୋଶ ଗୃଲି କରି ଆସିଲା । ବଳ ବୟସ ଗୃଲି ଗଲା । ବୁଢ଼ା ଏ ସଂଧ୍ୟାରେ ଗୃଲିଗଲେ ।

**ପା :** କାଳ ପାଇ ଗଲାଣି । ଲୁଗା ପାଉନାହିଁ । ରାତି ପାହିଲାଣି । ମନକୁ ପାଉନାହିଁ । ବୁଦ୍ଧି ପାଉନାହିଁ । ସେ ନାମ ପାଇଲାଣି । ପାର୍ ପାଇଲିଣି । ଛଳ ପାର୍ ପାଇଲିଣି । ସୁଖ ଦୁଃଖ ପାଉଛି । ତିଅଣରେ ଲୁଣ ପାଇନାହିଁ । ଝିଅଟି ଜ୍ଞାନ ପାଇଲାଣି । ମୁଂଡକୁ ହାତ ପାଇଲାଣି । ସେ ଦୁଇ ମାସ ଶିକ୍ଷା ପାଇଲା (ଜେଲ ଖଟିଲା–ଗଂଜାମ) । ବାଟ ପାଉନାହିଁ । ପିଲାଟି ପଇତା ପାଇନାହିଁ । ଆଖି ପାଉନାହିଁ । ଗାଈ ପିଲା ପାଇଲାଣି (ଜନ୍ମ କଲାଣି–ରଣପୁର) ।

**ଦିଶ୍ :** ବୁଦ୍ଧି ଦିଶୁନାହିଁ । ଏ ଅଂକଟା ଦିଶୁନାହିଁ । ରଂଗ ଦିଶିଲା ନାହିଁ । ତାର ଗଠନ ଟିକିଏ ଦିଶି ଗଲାଣି ।

**ପଶ୍ :** ମନ ବୁଦ୍ଧି ପଶୁନାହିଁ । ପଂଦର ପଶିଲାଣି । କଥାରେ ପଶି ହେଉନାହିଁ । କାମରେ ପଶିଲେ, ବୁଦ୍ଧି ଦିଶିବ । ଏଥିରେ ଆଉ ପାଂଚ ସାତ ପଶିଲେ ଅଂଟିବ ।

Digitized by PPRACHIN, SOA

**ବହ୍** : ବଦନ ବହିଛି । ନଈ, ପବନ ବହୁଛି । ଶହେ ଟଂକା କେତେ, ଆହୁରି ବହିଯିବ (ଉଡ଼ିଯିବ) ।

**ପୋଷ୍** : ଆଶା ପୋଷିଛି । ପେଟ ପୋଷ୍ ନାହିଁ ଦୋଷ ।

**ହାଣ୍** : ସେ ପେଟେ ହାଣି ଦେଲା ।

**ପାତ୍** : ଡିଂବ ପାଡ଼ିଲା । ଆଂବ ପାଡ଼ିଲା । ସେ ପାଡ଼ିଲା । ପସରା ପାଡ଼ିଛି । ଶେଜ ପାଡ଼ିଦେ । ବସା ପାତୁଛି ।

**ପୋତ୍** : ନାକ, ଆଖି ପେଟ ପୋତୁଛି । ବାଇଗଣ ପୋତ୍ ।

**ସହ୍** : ଏ ଲୁଗା, ସହିବ ନାହିଁ । ଖରା ସହି ହେବନି । ସହି ସଂଭାଳି କଲେ ହୁଏ । ତାକୁ ପୁଅ ସହୁନାହିଁ । ସେ ମୋତେ ସହି ପାରୁନାହିଁ । ଏଠା ପାଣି ସହି ଗଲାଣି । କାହାକୁ ସେ ଘର ସହୁନାହିଁ । ଆଉ କାଳ ସହିବ ନାହିଁ । ଧର୍ମ ସହିବି ।

**ତୋଳ୍** : ଧାନ ତୋଳି ଦିଅ । ଫୁଲ ତୋଳୁଛି । ନଡ଼ିଆ, ଆଂବ ତୋଳୁଛି । ଲୁଗା ତୋଳି ଆଣ । ଘର ତୋଳୁଛି । ସ୍ୱର ଆହୁରି ତୋଳ ।

**ଲେଖ୍** : ଲେଖା ଯୋଖାରେ ସେ ଦୁହେଁ ମାମୁଁ ଭଣଜା । ମୁଁ କାହିଁରେ ଲେଖା ।

**ଟେକ୍** : କେତେ ଟେକୁଛୁ ମ ! ସାହସ ଟେକୁଛି । ମନ ଟେକୁନାହିଁ । କପାଳ ଟେକିଛି । ନଈ ଟେକୁଛି । ବାଇ ଟେକିଛି ।

**ଗୋଳ୍** : କଥା ଗୋଳେଇ ଦେଲା । କିଏ ଗୋଳାଉଛି ମ ! ପାଣି ଗୋଳା ନା । ମନ ଗୋଳେଇ ହେଉଛି ।

**ଛାଡ୍** : ମୁଁ ଲୁଣ ଛାଡ଼ିଛି । ଗ୍ରହଣ ଛାଡ଼ି ନାହିଁ । ଭୟ ଛାଡ଼ି ଗଲାଣି । ମନ ଛାଡ଼ି ଗଲା । ସେ ଛାଡ଼ି ଛିଂଗୁଡ଼ି ହୋଇ କହିଲା । ରଡ଼ି ଛାଡ଼ିଛି । ସେ ଛାଡ୍ ଛାଡ୍ ହେଉଛି ।

**ମାନ୍** : ସେ ମୋତେ ମାନେ । ମନ ମାନୁ ନାହିଁ । ଦୋଷ ମାନିଗଲା । ଏ ବେଶ ମାନୁ ନାହିଁ । ମୋତେ କୁକୁର ମାନିଲାଣି । ପୋଷା ମାନିଲାଣି । ମନ ମାନିଗଲା ।

**ବଳ୍** : ଦେହ ବଳି ଗଲାଣି । ମନ ବଳୁ ନାହିଁ । ବଳିତା, କତା ବଳ । ବଳିଲେ ଦେବି ।

Digitized by PPRACHIN, SOA

**ଚଲ୍** : ମୋତେ ଚଳାନା । ଏତିକିରେ ଚଳି ହେବ ନାହିଁ । ଏ ଟଂକାଟା ଚଳୁ ନାହିଁ । ତାଂକର ଆମର ଚଳୁ ନାହିଁ । ମୋ ଦେହରେ ପାଣି ଚଳୁ ନାହିଁ । ଏ ବହି ସ୍କୁଲରେ ଚଳୁ ନାହିଁ । କାମ ଚଳି ଗଲାଣି । ଠକାମି ଚଳିବ ନାହିଁ । 'ସର୍ବେ ଚଳିବେ କାଳବେଳେ' ।

**ବଢ଼୍** : ସ୍ନାନ, ଭୋଜନ, ପୂଜା ବଢ଼ିଲା । ପୋଥି, କ୍ଷେତ ବଢ଼ା ହେଲା । ମୋ ଝିଅ ବଢ଼ିଲାଣି । ଟଂକାଟା ବଢୁଛି । ମୁହଁ ବଢ଼ି ଗଲାଣି । ହାତ ବଢ଼ା । ଏ ମାସ ବଢ଼ା ପଡ଼ିଛି ।

**କାଟ୍** : ପେଟ କାଟୁଛି । ସେ ରାତି ଦିନ କେତେ କାଟୁଛି । କିଛି କାଟି ଦେ । ମାଡ଼ କାଟୁନାହିଁ । ଔଷଧ କାଟୁ (କରୁ) ନାହିଁ । ଗୁଣୀ କାଟି ପାରିଲା ନାହିଁ । ସୁଅ କାଟି ପହଁରି ପାରିବୁ ? ବାଜୁରା ପୁଲାଂଗ କାଟୁଛି । ଯୁକ୍ତି କାଟି ଦେଉଛି । ଗାର କାଟନା । ଚିତା, ସୁଁଥା କାଟୁଛି । ନିଆଁ, ଖରା କାଟୁଛି ।

**ବୁଡ୍** : କୂଳ ବୁଡ଼ିଗଲା । ଟଂକା ବୁଡ଼ିଗଲା । ବେଳ ବୁଡ଼ି ଗଲାଣି । ସୂର୍ଯ୍ୟ, ଚଂଦ୍ର ବୁଡ଼ି ଗଲେଣି । ମାନ, ମହତ୍ତ୍ୱ ବୁଡ଼ିଗଲା । ଋଣରେ ବୁଡ଼ିଗଲା । ଘର ବୁଡ଼ି ପାଣି ଆଂଠୁଏ । ଜିନିଷକୁ ଦାମ ବୁଡ଼ି ଗଲା । ସେ ବୁଡ଼ି କରି ଅଛି, ତାକୁ ଚିହ୍ନିବ କିଏ ?

❖❖❖

Digitized by PPRACHIN, SOA

## ତୃତୀୟ ଭାଗ

# ଶବ୍ଦ ବିଗ୍ରହ

Digitized by PPRACHIN, SOA

## ଶବ୍ଦ ବିଗ୍ରହ :

ସଂଜ୍ଞା; ବ୍ୟାକରଣରେ ଶବ୍ଦର ବ୍ୟବହାର; ଓଡ଼ିଆ ଶବ୍ଦ ଦୁଇପ୍ରକାର; ଶବ୍ଦମୂଳ; ଅର୍ଶାଦି ବିଶେଷଣ; ଶବ୍ଦମୂଳ ଧାତୁ; ପ୍ରତ୍ୟୟରେ କ୍ରିୟା ବିଭକ୍ତି; ଉପସର୍ଗର ପ୍ରୟୋଗ; ଉପପଦର ପ୍ରୟୋଗ; ଶବ୍ଦରୁ ଧାତୁ; ଖା, ଖାପ୍, କାପ୍; ବିଶେଷ୍ୟାଦିର ବିଶେଷ ବିଶେଷ ଅର୍ଥରେ କ୍ରିୟା; ସନଂତ; ଯଙ୍‌ନ୍ତ; ପ୍ରୟୋଜକ ଧାତୁ; ଶବ୍ଦରୁ ନାମଧାତୁ; ନାମଧାତୁର ପ୍ରୟୋଜକ ରୂପ ।

Digitized by PPRACHIN, SOA

# ଶବ୍ଦ ବିଗ୍ରହ

**ସଂଜ୍ଞା :**

ଶବ୍ଦ ଅନ୍ୱୟବଦ୍ଧ ନୁହେଁ । ଏହା ଅକ୍ଷର ବା ଅକ୍ଷର ସମଷ୍ଟି । ଏହି ଅକ୍ଷର ବା ଅକ୍ଷର ସମଷ୍ଟିର ଅର୍ଥ ଥାଏ । ଅର୍ଥ ନଥିଲେ କୌଣସି ଅକ୍ଷର ବା ଅକ୍ଷର ସମଷ୍ଟି ଶବ୍ଦ ହୁଏ ନାଇ । ଯଥା– 'ପଦ୍ମ' ଗୋଟିଏ ଶବ୍ଦ । 'ସୁସୁ' ବା 'କେଁ ଗୋଟିଏ ଗୋଟିଏ ଶବ୍ଦ । କାରଣ ସେସବୁର ଅର୍ଥ ଅଛି । 'ତବ', 'ମଦ୍ୱୀ' ପ୍ରଭୃତି ଶବ୍ଦ ନୁହେଁ, କାରଣ ସେ ସବୁର ଅର୍ଥ ନାଇ ।

**ବ୍ୟାକରଣରେ ଶବ୍ଦର ବ୍ୟବହାର :**

ଶବ୍ଦ ଖାଲିଥିବାତକ ସେମାନେ ଅଭିଧାନର ସାମଗ୍ରୀ । ବ୍ୟାକରଣ କିନ୍ତୁ ଖାଲି ଶବ୍ଦ ଓ ତା' ଅର୍ଥର ବିଗ୍ରହ କରେ ନାଇ । ବାକ୍ୟରେ ପ୍ରୟୋଗ ଲାଗି ବ୍ୟାକରଣ ଶବ୍ଦର ବିଗ୍ରହ କରେ । ସେଇ ସୂତ୍ରରେ ଶବ୍ଦର ଅର୍ଥ ଦେଖିବା ମଧ୍ୟ ବ୍ୟାକରଣର କାର୍ଯ । **'କରିବା' ଗୋଟିଏ** ଶବ୍ଦ । ତାହାର ନାନା ଅର୍ଥ ହୋଇପାରେ । ଯଥା–

(୧) ସାଧିବା ଅର୍ଥରେ – ଆମେ ଏ **କାମ କରିବା** ।

(୨) କରଣୀୟ – ଏ ଆମର **କରିବା କର୍ମ** ।

(୩) କୃତ ବା କରାହୋଇଥିବା ଅର୍ଥରେ–ଏ ମୋର ହାତରେ **କରିବା କାମ** ।

(୪) ସାଧନ ଅର୍ଥରେ – ତୋର ଏ **କାର୍ଯ କରିବାଟା** ମୁଁ ପସଂଦ କରୁନାଇ ।

ଏଥିର ଅର୍ଥ ବିଗ୍ରହରୁ ଜଣାଯାଏ, ପ୍ରଥମଟି ବାକ୍ୟରେ ହେବ କ୍ରିୟା; ଦ୍ୱିତୀୟଟି ବିଶେଷଣ, ମାତ ଭବିଷ୍ୟତ ସୂଚ଼କ; ତୃତୀୟଟି ବିଶେଷଣ ମାତ୍ର ଅତୀତ ସୂଚ଼କ ଓ ଚତୁର୍ଥଟି ବିଶେଷ୍ୟ ରୂପେ ବାକ୍ୟରେ ବ୍ୟବହୃତ ହେବ । ଏଇପରି ଭାବ ଓ ସୂଚ଼ନାରେ ଏମାନଙ୍କ ଅର୍ଥ ମଧ୍ୟ କରାଯିବ । ସେଇପରି କରଣୀୟ, କୃତ, କରଣ ପ୍ରଭୃତି ଶବ୍ଦ ମଧ୍ୟ ଶବ୍ଦାର୍ଥ ଅନୁସାରେ ଗ୍ରହଣ କରାଯିବେ ।

ଏଇପରି ଶବ୍ଦ ତିଆରି ପ୍ରତି ଲକ୍ଷ୍ୟକରି ବ୍ୟାକରଣ ଶବ୍ଦର ଅର୍ଥ ଓ ସୂଚ଼ନା ଆଲୋଚ଼ନା କରେ । ମାତ୍ର ଠିକ୍ ପଦ ହେଲାବେଳେ ଅର୍ଥାତ୍ ବାକ୍ୟରେ ଲାଗିଲାବେଳେ

Digitized by PPRACHIN, SOA

ଏଇ ଶବ୍ଦମାନେ ସାଧାରଣତଃ ଆଉ ଟିକିଏ ଭିନ୍ନରୂପ ଧରଂତି । ଅବ୍ୟୟ ଛଡ଼ା ସମସ୍ତ ପଦମାନଂକର ଏଇପରି ରୂପ ଦେଖାଯାଏ । ଅବ୍ୟୟ କଥାଟିର ଅର୍ଥ ହେଉଚି, ଯାହାର ବ୍ୟୟ ବା ଭିନ୍ନ ଭିନ୍ନ ରୂପ ନାଇ । ବ୍ୟବହାରରେ ଆଶୟ ଧରି ତାହାର ପଦତ୍ୱର ସୂଚ଼ନା ନିର୍ଦ୍ଦେଶ କରିବାକୁ ହୁଏ ।

ଅର୍ଥଭେଦରେ ଶବ୍ଦ ତିନି ପ୍ରକାରର । **ଯୌଗିକ, ଯୋଗାରୂଢ଼ ଓ ରୂଢ଼ ।**

ଯେଉଁ ଶବ୍ଦ ପ୍ରକୃତି ପ୍ରତ୍ୟୟର ଅର୍ଥ ପ୍ରକାଶ କରେ ସେ **ଯୌଗିକ** । ଯଥା- ଜାନକୀ ।

ଯେଉଁ ଶବ୍ଦ ପ୍ରକୃତି ପ୍ରତ୍ୟୟର ଅର୍ଥକୁ ଆଂଶିକ ପ୍ରକାଶ କରେ ସେ **ଯୋଗାରୂଢ଼** । ଯଥା- ପଂକଜ ।

ଯେଉଁ ଶବ୍ଦ ପ୍ରକୃତି ପ୍ରତ୍ୟୟର ଅର୍ଥକୁ ନ ବୁଝାଇ ଅନ୍ୟ ଅର୍ଥ ପ୍ରକାଶ କରେ ସେ **ରୂଢ଼** । ଯଥା- ମଂଡପ ।

ଓଡ଼ିଆ ଭାଷାରେ ଶବ୍ଦଗୁଡ଼ିକ ପ୍ରାୟତଃ ସ୍ୱରାଂତ । ସଂସ୍କୃତ ବ୍ୟଂଜନାଂତ ଶବ୍ଦ ସବୁ ଉତ୍କଳ ଭାଷାରେ ସ୍ୱରାଂତ ହୋଇଯାଏ । ଯେପରି-

| **ସଂସ୍କୃତ** | | **ଓଡ଼ିଆ** | **ସଂସ୍କୃତ** | | **ଓଡ଼ିଆ** |
|---|---|---|---|---|---|
| ରାଜନ୍ | - | ରାଜା | ବିଧୁଂତୁଦ୍ | - | ବିଧୁଂତୁଦ |
| ବିଦ୍ୱସ୍ | - | ବିଦ୍ୱାନ୍, ବିଦୁଷ | ସୁହୃଦ୍ | - | ସୁହୃଦ |
| ବେଧସ୍ | - | ବେଧା | ଶ୍ରୀମନ୍ | - | ଶ୍ରୀମାନ, ଶ୍ରୀମଂତ |
| ମନସ୍ | - | ମନ, ମାନସ | ପଥିନ୍ | - | ପଥ, ପଂଥା |
| ଗରୀୟସ୍ | - | ଗରୀୟାନ | ଧୀମନ୍ | - | ଧୀମାନ, ଧୀମଂତ |
| ଧର୍ମନ୍ | - | ଧର୍ମ, ଧରମ | ବିଭ୍ରାଜ୍ | - | ବିଭ୍ରାଟ, ବିଭ୍ରାଜ |
| ଶର୍ମନ୍ | - | ଶର୍ମା | ଶୃଣ୍ୱନ୍ | - | ଶ୍ରୋତା |
| କ୍ଷୁଧ୍ | - | କ୍ଷୁଧା | ଷଟ୍ | - | ଛଅ, ଷଡ଼ |
| ତୃଷ୍ | - | ତୃଷା | ମହାନ୍ | - | ମହାନ, ମହତ |
| ପୟସ୍ | - | ପୟ, ପୟସ | ଯୁବନ୍ | - | ଯୁବା |
| ଗୁଣିନ୍ | - | ଗୁଣୀ, ଗୁଣିନ | ଶ୍ୱନ୍ | - | ଶ୍ୱାନ ଇତ୍ୟାଦି । |
| ମନସ୍ୱିନ୍ | - | ମନସ୍ୱୀ, ମନସ୍ୱିନ | | | |

Digitized by PPRACHIN, SOA

## ଓଡ଼ିଆ ଶବ୍ଦ ଦୁଇ ପ୍ରକାର :

ସଂସ୍କୃତ ଭାଷାରୁ ଯେଉଁ ସବୁ ଭାଷା ବାହାରିଚି, ସେଇ ସବୁ ଭାଷା ସଂଗେ ଓଡ଼ିଆ, ବଂଗଳା, ହିଂଦୀ, ପଂଜାବୀ, ଗୁଜରାଟୀ, ମରହଟୀ ପ୍ରଭୃତି ଭାଷାମାନଂକର ଖୁବ୍ ସଂବଂଧ ଅଛି । ପୁଣି ଓଡ଼ିଆ ପ୍ରଭୃତି ଭାଷାମାନଂକରେ ବ୍ୟବହାର କରିବା ପାଇଁ ସଂସ୍କୃତ ଭାଷାରୁ ବରାବର ନୂଆ ନୂଆ ଶବ୍ଦ ଅଣାଯାଉଅଛି । ସେଥିପାଇଁ ଓଡ଼ିଆ ଭାଷାର ପଦମାନଂକରେ ଯେଉଁ ଶବ୍ଦ ଚଳେ ସେଥିରେ ମୋଟ ଉପରେ ଦୁଇ ପ୍ରକାର ଶବ୍ଦର ବ୍ୟବହାର ଦେଖାଯାଏ । ଏହି ଦୁଇ ପ୍ରକାର ଶବ୍ଦକୁ ଘେନି ବ୍ୟାକରଣରେ ମଧ୍ୟ ଦୁଇଟି ସ୍ୱତଂତ୍ର ପ୍ରକୃତି ଲକ୍ଷ୍ୟ କରାଯାଇପାରେ ।

**(୧) ଖାଣ୍ଟି ସଂସ୍କୃତ ଶବ୍ଦ** – ଏହାକୁ ତତ୍‌ସମ ଶବ୍ଦ ମଧ୍ୟ କହନ୍ତି । ସଂସ୍କୃତରୁ ଠିକ୍ ଅଣାହୋଇଥିବା ଶବ୍ଦ ଏ ଶ୍ରେଣୀର ଅଂତର୍ଗତ । ଏମାନେ ଓଡ଼ିଆ ଭାଷାରେ ଚଳିଲା ବେଳେ କେତେକ ପରିମାଣରେ ଖାଂଟି ଓଡ଼ିଆ ବ୍ୟାକରଣ ନିୟମର ଅଧୀନ ହେଲେ ମଧ୍ୟ ବହୁତ ସଂସ୍କୃତ ନିୟମ ଆଣି ଏମାନେ ଓଡ଼ିଆ ବ୍ୟାକରଣରେ ଭର୍ତି କରଂତି । ଯଥା- ଦେଶ, ଦେଶୀୟ; ପିତୃ, ପୈତୃକ; ବେଦ, ବୈଦିକ; ସଖା, ସଖ୍ୟ; ପତ୍ନୀ, ବିପତ୍ନୀକ; ମିତ୍ର, ମୈତ୍ରୀ; ଇତ୍ୟାଦି ।

**(୨) ଦେଶ ପ୍ରଚଳିତ ଶବ୍ଦ** – ଏ ଦେଶ ପ୍ରଚଳିତ ଶବ୍ଦମାନେ ସାଧାରଣତଃ ତିନି ପ୍ରକାରର ହୁଅନ୍ତି ।

**(କ) ପ୍ରାକୃତ ବା ତଦ୍‌ଭବ** – ସଂସ୍କୃତ ପ୍ରଭୃତି ଯେଉଁ ଭାଷାରୁ ବାହାରିଛି, ସେଇ ଭାଷାର ଶବ୍ଦ ସବୁ, କିଂବା ନୂଆ ହୋଇ ଅଣାଯାଇଥିବା ସଂସ୍କୃତର ଶବ୍ଦସବୁ ଭାଷାରେ ନାନା ରୂପରେ ଚଳଂତି । ସଂସ୍କୃତ ଶବ୍ଦ ସଂଗେ ସେମାନଂକର ସାଦୃଶ୍ୟ ଥିଲେ ମଧ୍ୟ ସେମାନେ ଠିକ୍ ସଂସ୍କୃତ ନୁହଂତି, ଯଥା- ନଈ, ଗାଈ, ସୁନା, ରୂପା, ପିତୁଳା, ବାପା, ମାଆ, ଭଉଣୀ, ବାଉଁଶ, ବିଜୁଳି, ବିଛା, ମାଂକଡ଼, ପଣସ, ହାତ, ବାଉଁଶିଆ, ବେତ, ବେତା ଇତ୍ୟାଦି ।

**(ଖ) ଦେଶ୍ୟ** – ସ୍ଥାନୀୟ ପ୍ରାଚୀନ ଆଦିମ ଭାଷାରୁ ଗୃହୀତ କିଂବା ଲୋକପ୍ରଚଳନରେ ନୂଆ ହୋଇ ତିଆର ହୋଇଯାଇଥିବା ଶବ୍ଦସବୁ ଏହି ଶ୍ରେଣୀର ଅଂତର୍ଗତ । ଅନେକ ତଭବ ଶବ୍ଦ ମଧ୍ୟ, ବରାବର ମୂଳ ସଂଗେ ସଂପର୍କ ହରାଇ, ଏହି ଶ୍ରେଣୀର ବୋଲି ଗୃହୀତ ହୋଇଥାଆଂତି । ଯଥା- ଢିଂକି, ଖାଂଟି, ରୁଅ, କାଂଥ, କୁଂଢେଇ, ପାହାଚ, ଲୁଗା, ପିଲା, ସାନ, ବଡ଼, ବୁଢ଼, ଛଇଳ ଇତ୍ୟାଦି ।

**(ଗ) ବିଦେଶୀୟ** – ଭିନ୍ନ ଜାତି ତଥା ଭାଷାର ସଂପର୍କରେ ଆସିବାରୁ ଅନେକ ବିଦେଶୀୟ ତଥା ଯାବନିକ ଶବ୍ଦ ଭାଷାରେ ପଶିଯାଇଅଛି ଓ ଯାଉଅଛି ।

Digitized by PPRACHIN, SOA

ସେମାନେ କ୍ରମେ ଲୋକମୁଖରେ ରୂପାନ୍ତରିତ ମଧ୍ୟ ହୋଇଯାଉଛନ୍ତି, ଯଥା- ଦରଖାସ୍ତ, ସିଠାମ, ପାଦ୍ରୀ, ଟେବୁଲ୍, କୁର୍ଚି, ଗୃବି, ହୁସିଆର, ସ୍କୁଲ, ବେଶି, ବେଶ୍, ସାବାସ୍, ବାକି, ସାବକ, ତହସିଲ, ଫେର୍, ପସଂଦ, ଗାଲିଗ୍ଣ, ମୁସ୍କିଲ, ତାରିଖ, ଦରଜା, ପହିଲା, ଦୋସରା, ଚିଠି, ଜାଗା, ସଫା, ଖୁସି, ଓକିଲ, ଇଜ୍ଝାର, ଇତାଲା, ବାଲା (ଯଥା-ଥିଲାବାଲା), ଅସଲ, ନକଲ, ତର୍ଜମା, ଆସାମୀ, ଆସ୍ତେ ଇତ୍ୟାଦି ।

ଏହିପରି ସମସ୍ତ ବ୍ୟାକରଣ ମଧ୍ୟ ଦୁଇ ଭାଗ ହୋଇ ଯାଇଅଛି କହିଲେ ଚଳେ । କେତେକ ବରାବର ସଂସ୍କୃତ ବ୍ୟାକରଣ ଛାଞ୍ଚରେ ଢଳା ହୋଇ ଶିଷ୍ଟ ପ୍ରୟୋଗରେ ମିଶିଯାଇଅଛି । ପୁଣି କେତେକ ଭାଷାର ପ୍ରକୃତି ସଂଗେ ଗଢ଼ା ହୋଇ ଆସିଅଛି । ଆମମାନଂକୁ କୌଣସିଟି ଛାଡ଼ିବାକୁ ହେବ ନାହିଁ । ସାଧୁ, ବିଶୁଦ୍ଧ ଓଡ଼ିଆ ବ୍ୟାକରଣର ଆଲୋଚନା କରିବା ସଂଗେ ସଂଗେ ଆମମାନଂକୁ ପୂର୍ଣ ସଂସ୍କୃତ ବ୍ୟାକରଣର ଅନୁକରଣଗୁଡ଼ିକୁ ମଧ୍ୟ ଲକ୍ଷ୍ୟ କରିବାକୁ ହେବ ।

**ଶବ୍ଦମୂଳ :**

ପୂର୍ବେ 'ପଦ ବିଗ୍ରହ'ରେ କୁହାଯାଇଛି ୬ଷ୍ଠୀ ବିଭକ୍ତି ଲାଗେ ଯେଉଁ ଶବ୍ଦରେ ସେଇ ଏକା ଶବ୍ଦମୂଳ । ଅବ୍ୟୟ କଥା ସ୍ୱତନ୍ତ୍ର । ଅବ୍ୟୟ ସର୍ବଦା ଶବ୍ଦମୂଳ ରୂପରେ ଥାଏ । କାରଣ ସେଥିରେ ବିଭକ୍ତି ଲାଗେ ନାଇ । ବରଂ କହିବା ଠିକ୍ ଯେ, ଯହିଁରେ ବିଭକ୍ତି ଲାଗେ ନାଇ - ଅର୍ଥାତ୍, ବାକ୍ୟରେ ବ୍ୟବହାର ହେଲାବେଳେ ଯାହା ସର୍ବତ୍ର ଏକରୂପରେ ଥାଏ ତାହାହିଁ ଅବ୍ୟୟ ।

**ପ୍ରତ୍ୟୟାନ୍ତ ପଦ :**

ଏଇ ମୂଳ ଶବ୍ଦରୁ ଅନ୍ୟ ଶବ୍ଦମାନେ ତିଆରି ହୁଅଂତି । ସେଥିପାଇଁ ଶବ୍ଦରେ ଭିନ୍ନ ଭିନ୍ନ ଅର୍ଥରେ ଭିନ୍ନ ଭିନ୍ନ ପ୍ରତ୍ୟୟ ହୁଏ । ଯଥା-

(ତତ୍ସମ) ପୁତ୍ର+କ (ଅଳ୍ପ ବା କ୍ଷୁଦ୍ର ଅର୍ଥରେ)=ପୁତ୍ରକ;

ଜାତି+ଇୟ୍=ଜାତୀୟ (ବିଶେଷଣ ହେଲା)

(ଓଡ଼ିଆ) ଜାତି+ଆ=ଜାତିଆ (ଯାହାର ଭଲ ଜାତି); ଇତ୍ୟାଦି ।

**ଅର୍ଶାଦି ବିଶେଷଣ :**

କୌଣସି କୌଣସିଠାରେ ଜମା ପ୍ରତ୍ୟୟ ନ ହୋଇ ମଧ୍ୟ ଏକ ପଦରେ ବ୍ୟବହାର ହେବାଭଳି ଶବ୍ଦ ଅନ୍ୟ ପଦରେ ବ୍ୟବହାର ହୁଏ ।

ତତ୍ସମ - ପାପ (ବିଶେଷଣ)

Digitized by PPRACHIN, SOA

ମୁଁ ପାପ (ଅର୍ଥାତ୍ ପାପୀ) – ଏପରି ପ୍ରୟୋଗ ସଂସ୍କୃତ ବ୍ୟାକରଣ ନିୟମରେ ସାଧୁ । ଏହାକୁ ସଂସ୍କୃତରେ **ଅର୍ଶାଦିଗଣ** କହଂତି । ମୁଁ ଅର୍ଶ (ଅର୍ଥାତ୍ ଅର୍ଶ ରୋଗ ଯୁକ୍ତ) ସଂସ୍କୃତରେ ଏହାକୁ ପୁଣି ଅନେକ ବୈୟାକରଣ **'ଆକୃତିଗଣ'** କହଂତି । ଏହା କହିବାର ଅର୍ଥ ହେଉଚି – ଆକୃତି ଦେଖି ଏହାଂକୁ ଜାଣିବ; ଅର୍ଥାତ୍ ଯେଉଁଠାରେ ଏଇପରି ପ୍ରୟୋଗରେ ବିଶେଷ୍ୟ, ବିଶେଷଣ ରୂପେ ବ୍ୟବହାର ହେଉଥିବ, ସେଠାରେ ଏହା ଅର୍ଶାଦି ଗୁଣରୁ ଗୋଟିଏ ବୋଲି ବୁଝିବ ।

**ଓଡ଼ିଆରେ ଅର୍ଶାଦି ଭଳି ଶବ୍ଦ :**

ଓଡ଼ିଆରେ ଏଇ ସଂସ୍କୃତ ଅର୍ଶାଦି ଭଳି ଶବ୍ଦର ବ୍ୟବହାର ବହୁତ । **ସେ ଆନଂଦ ହେଲେ; ଏ ଗଛ ଫଳ ହେଇଚି; ତୁ ଧୂଳି ହୋନା; ସେ ହତ୍ୟା ହୋଇଗଲା;** ଇତ୍ୟାଦି ପରି ବାକ୍ୟରେ ଏହାର ବ୍ୟବହାର ଦେଖି ଚିହ୍ନିବାକୁ ହୁଏ ।

**ପଦ :**

ବାକ୍ୟରେ ବ୍ୟବହାର ହେଲେ ଶବ୍ଦ ପଦ ହୋଇଯାଏ । କାରକ ବିଭକ୍ତିମାନେ ଲାଗି ଶବ୍ଦରୁ ପଦମାନେ ତିଆରି ହୁଅଂତି । ଏପରି ପଦମାନେ ସମସ୍ତେ ବିଶେଷ୍ୟ ବା ସର୍ବନାମ । ରାମଂକୁ, ମୋତେ ପ୍ରଭୃତି ପଦ । ଏହାଛଡ଼ା ବିଭକ୍ତି ହୀନ ବିଶେଷଣ ଓ ଅବ୍ୟୟମାନେ ପଦ । ପୁଣି କ୍ରିୟା ବିଭକ୍ତି ଲାଗି କ୍ରିୟା ପଦମାନେ ହୁଅଂତି ।

**ଶବ୍ଦମୂଳ ଧାତୁ :**

ମୂଳଶବ୍ଦ ସବୁ ଧାତୁରୁ ତିଆରି ହୁଏ । ଏଇ ଧାତୁରୁ ମଧ୍ୟ କ୍ରିୟା ବିଭକ୍ତିମାନେ ଲାଗି କ୍ରିୟାପଦମାନେ ତିଆରି ହୁଅଂତି । ଓଡ଼ିଆରେ ସର୍ବତ୍ର ଶବ୍ଦର ଧାତୁ ବାହାର କରିବା ସଂଭବ ହୋଇନାଇ । ମାତ୍ର ସବୁ କ୍ରିୟାର ମୂଳ, ଧାତୁ । ଏଇ ଧାତୁରୁ ଶବ୍ଦ ଓ ପଦମାନେ ହୁଅଂତି । ଯଥା– ବୁଡ୍ ଧାତୁରୁ କ୍ରିୟା ବୁଡ଼ିବେ, ବୁଡ଼ଂତି ଇତ୍ୟାଦି । **'ବୁଡ଼ ପଡ଼ିଛି'** – ଏଠାରେ 'ବୁଡ଼' ଶବ୍ଦଟି ଏଇ 'ବୁଡ୍' ଧାତୁରୁ 'ଅ' ପ୍ରତ୍ୟୟରେ ବାହାରିଚି ।

ସେହିପରି 'କରିବା', 'କରେ' (କର–ମୂଳ ଶବ୍ଦର) 'କର' ପ୍ରଭୃତିରେ **'କର୍'** ହେଉଚି, **ଶବ୍ଦମୂଳ, କ୍ରିୟାମୂଳ ବା ଧାତୁ** । ଏହା ମଧ୍ୟ ଅତି ମୌଳିକ ଶବ୍ଦ । ଏଥିରେ କାଳ, ବଚ଼ନ, ପୁରୁଷରେ ବିଭକ୍ତି ଲାଗିଲେଁ କ୍ରିୟା ପଦମାନେ ତିଆରି ହୁଅଂତି । ଓଡ଼ିଆରେ ଦ୍ୱିତୀୟ (ମଧ୍ୟମ)ପୁରୁଷ ଅନାଦର, ଅନୁଜ୍ଞା ଏକ ବଚ଼ନରେ ବିଭକ୍ତି ନଥାଇ ଠିକ୍ ଧାତୁ ନିଜ ରୂପରେ ପ୍ରୟୋଗ ହୁଏ । ଏଇ ରୂପକୁ ଧରି ଧାତୁକୁ ଚିହ୍ନି ଠିକ୍ କରିବାକୁ ହୁଏ ।

Digitized by PPRACHIN, SOA

**ପ୍ରତ୍ୟୟରେ କ୍ରିୟାର ବିଭକ୍ତି :**

ଧାତୁରେ ଯେପରି କ୍ରିୟାବିଭକ୍ତିର ପ୍ରୟୋଗ ହୁଏ ତା 'ପଦ ବିଗ୍ରହ' ପ୍ରକରଣରେ ସୂଚିତ ହୋଇଛି । ଏଠାରେ ଖାଲି କ୍ରିୟା ତିଆରିରେ କେତେକ ପରିବର୍ତ୍ତନ ଲକ୍ଷ୍ୟ କରିବାର କଥା । 'ଅଛ' ଧାତୁରେ 'ଏ' ଲାଗିଲେ 'ଏ' 'ଇ' ହୋଇଯାଏ । ଯଥା- କର୍+ଏ=କରେ; ମାତ୍ର ଅଛ+ଏ=ଅଛି ।

[**ଦ୍ରଷ୍ଟବ୍ୟ :** ଏଇ 'ଏ' ବିଭକ୍ତି ପ୍ରାଚୀନ 'ଅଇ'ରୁ ବାହାରିଛି । ଏବେ ମଧ୍ୟ କବିତା ଓ କଂଗ୍ରୁ ଓଡ଼ିଆରେ 'କରଇ', 'ଖାଅଇ', 'ଦେଖଇ' ପ୍ରଭୃତି ବ୍ୟବହାର ହୁଏ ।]

**'ମର୍'** ଓ **'କର୍'** ଧାତୁରେ **'ଇଲ୍' ବିଭକ୍ତି ବା ପ୍ରତ୍ୟୟ** ଲାଗିଲେ ଧାତୁର 'ର୍' ଓ ପ୍ରତ୍ୟୟ ବା ବିଭକ୍ତିର 'ଇ' ଲୋପ ହୁଏ । ଯଥା- କଲା, କଲି, କଲୁ, ମଲା, ମଲି, ମଲୁ ଇତ୍ୟାଦି । ସଂବଲପୁରରେ କହଂତି - କର୍‌ଲି, କର୍‌ଲୁ ଇତ୍ୟାଦି । ଏଥିରେ 'ର୍' ଉଚ୍ଚାରଣ ଠିକ୍ ନୁହେଁ; 'ରି' ର 'ଇ'କାର ଟିକିଏ ଅଳ୍ପ ଉଚ୍ଚାରିତ ହୁଏ ମାତ୍ର ।

'ଗମ୍' ଧାତୁର ମଧ୍ୟ ସେଇପରି 'ମ' ଓ 'ଇ'ର ଲୋପ ହୁଏ । ମାତ୍ର ଅର୍ଥ ଅନୁସାରେ ତାହା ଲୋପ ହୁଏ ନାଇ । ଯଥା- 'ସେ ଗଲା' - ମାତ୍ର, 'ସେ ପାଠରେ ରାମ ଖୁବ୍ ଗମିଲା' । 'ଗମିଲା ପାଠରେ ଆଦର କମିଯାଏ ।'

'ଇଲ୍' ବିଭକ୍ତିରେ କଥା କହିବା ଅର୍ଥରେ **'ବୋଲ୍'** ଧାତୁର 'ଲ୍' ସଂଗେ ବିଭକ୍ତିର 'ଇ' ଲୋପ ହୁଏ । ମାତ୍ର ଗୀତ ବୋଲିବା, ପାଠ ଆବୃତ୍ତି କରିବା ଅର୍ଥରେ ବିକଳ୍ପରେ ହୁଏ । ଯଥା- ମୁଁ ବୋଇଲି, ସେ ଦବ । ମାତ୍ର, ତୁ ପଣକିଆ ବୋଇଲୁ, ବା ବୋଲିଲୁ (ବୋଲ୍‌ଲୁ) ?

**ଆସ୍, ବସ୍ ଓ ଧର୍** ଧାତୁର ମୂଳଧାତୁ ରୂପରେ - ଅର୍ଥାତ୍ ଦ୍ୱିତୀୟ ପୁରୁଷ, ଅନାଦର, ଅନୁଜ୍ଞା, ଏକବଚନରେ - ଅଂତ୍ୟ ବର୍ଣ୍ଣ ବିକଳ୍ପେ ଲୋପ ହୁଏ । ଯଥା- ଆସ୍-ଆ; ବସ୍-ବ; ଧର୍-ଧ । ଏଠାରେ ଆ, ବ, ଧ, ର ଉଚ୍ଚାରଣ ଯଥାକ୍ରମେ ଦୀର୍ଘ ହୋଇ ଅନେକ ପରିମାଣରେ ଆଆ, ବଅ, ଧଅ, ପରି ହୋଇଥାଏ ।

**ମାର୍ ଓ ଧର୍** ର 'ଇଲ୍' - ମୂଳ ପ୍ରତ୍ୟୟରେ ନିତ୍ୟରେ 'ର୍' - ଲୋପ ହୁଏ । ଯଥା- ମାଇଲା, ମାଇଲୁ, ଧଇଲା, ଧଇଲୁ । ଏଇ ଇଲ୍ - ମୂଳ ବିଭକ୍ତିରେ 'ଆସ୍' ର 'ସ୍' ବିକଳ୍ପେ ଲୋପ ହୁଏ ଓ ଏଇ ଲୋପରେ ଧାତୁର ଉପଧା ବିକଳ୍ପେ ହ୍ରସ୍ୱ ହୁଏ । ଯଥା- ଆସିଲା, ଆଇଲା, ଅଇଲା ଇତ୍ୟାଦି । 'ଆଇଲା' ପ୍ରଭୃତି ପ୍ରୟୋଗ ଅତି ଲୌକିକ ଓଡ଼ିଆ । ଇବ୍ - ମୂଳ ବିଭକ୍ତିରେ ମଧ୍ୟ ସେଇପରି ଅତି ଲୌକିକ ଓଡ଼ିଆରେ 'ଆଇବ' ପ୍ରଭୃତି ହୁଏ ।

Digitized by PPRACHIN, SOA

ଧାଁ, ଥା, ଖା ପ୍ରଭୃତି ଏକ ଅକ୍ଷରିଆ ଆକାରଂତ ଧାତୁର ସ୍ୱର ଦୀର୍ଘ ହୋଇ ଧାଆଁ, ଥାଆ, ଖାଆ ପ୍ରଭୃତି ପରି ଉଚ୍ଚାରଣ ହୁଏ । 'ଅଂତୁ' ପ୍ରଭୃତି ବିଭକ୍ତି ମଧ୍ୟ ଥାଆଂତୁ, ଖାଆଂତୁ, ଧାଆଂତୁ ପ୍ରଭୃତି ହୁଏ । ଅନ୍ୟତ୍ର ଏଇ ଦ୍ୱିତୀୟ 'ଆ' ଲୋପ ହୁଏ ।

ଅନ୍ୟ ସ୍ୱରାଂତ ଏକାକ୍ଷର ଧାତୁରେ ସେଇପରି ପିଇ, ସିଇଁ, ଛୁଉଁ, ଦେଏ, ନେଏ, ଶୋଓ, ଧୋଓ ପ୍ରଭୃତି ପରି ଉଚ୍ଚାରଣ ପାଏ । ମାତ୍ର ପ୍ରତ୍ୟୟ ବେଳେ କୌଣସିଠାରେ ଏଇ ଦ୍ୱିତୀୟ ସ୍ୱରଟି ମାନଂକର ଚିହ୍ନ ରହେ ନାଇ ।

ପ୍ରତ୍ୟୟର ମୂଳରେ 'ଇଲ୍', 'ଇବ୍' ଥିଲେ 'ଥା' ଧାତୁର 'ଆ' ଲୋପ ହୁଏ । ଯଥା- ଥିଲି, ଥିବେ; ଥିବାଲୋକ; ଥିଲା ଧନ ଇତ୍ୟାଦି ।

ପୁଣି ଦେ, ନେ, ହେ ଧାତୁ ପରେ ସେଇ 'ଇ'ର ଲୋପ ହୁଏ । ଓ 'ହୋ' ସ୍ଥାନରେ 'ହେ' ହୁଏ । ଦେବା, ଦେଲା, ଦେଲୁ; ହେବା, ହେଲା, ହେଲୁ; ନେବା, ନେଲା, ନେଲୁ ଇତ୍ୟାଦି । ହୋଇଲା, ହୋଇବା, ହୋଇଲୁ ପ୍ରଭୃତି ଏବେ ପଦ୍ୟରେ ଚଳେ । ଏସବୁ ଏବେ ପ୍ରାଚୀନ ।

ବର୍ଣ୍ଣ ବିଗ୍ରହ ସ୍ୱର ସଂଧି ପ୍ରକରଣେ କୁହାଯାଇଚି- ବିଭକ୍ତି ବା ଅନ୍ୟ ପ୍ରତ୍ୟୟର ଏ, ଅ, ଆ ପରେ ଲାଗିଥିଲେ ଧାତୁର 'ଏ', 'ଓ' ର **ଗୁଣ ଫେର୍** ହୁଏ । ଯଥା-

ଦେ - ଦିଏ, ଦିଅ, ଦିଆ
ଧୋ - ଧୁଏ, ଧୁଅ, ଧୁଆ ।

ପ୍ରତ୍ୟୟର 'ଆ' ଲାଗିଲେ, ଧାତୁର ଉପଧା 'ଆ' ହ୍ରସ୍ୱ ହୁଏ । ଯଥା-

କାଟ୍ - ଆ = କଟା (କଟା ଘା)
ବାଟ୍ - ଆ = ବଟା (ବଟା ହଳଦୀ)
ଦରାଂଡ୍ - ଆ = ଦରଂଡା (ଦରଂଡା ପିଲା)

ପ୍ରତ୍ୟୟର 'ଆ' ପରେ ଥିଲେ ଧାତୁର ଅଂତ୍ୟ 'ଅ' ବର୍ଣ୍ଣର 'ଉ' ହୁଏ । 'ଅ' ବର୍ଣ୍ଣର ସ୍ୱର ଅନୁନାସିକ ଥିଲେ ହୁଏ; ମଝିରେ 'ହ' ଥିଲେ ମଧ୍ୟ ବାଧା ପଡ଼େ ନାଇ । ଯଥା-

ଖାଅ - ଆ = ଖୁଆ
ପାଅ - ଆ = ପୁଆ
ଲଅଁ - ଆ = ଲୁଆଁ, ଲୁଆଣ, ଲୁଆଁଣିଆ
କହ - ଆ = କୁହା, କୁହାଳି, କୁହାଳିଆ
ଗୃହଁ - ଆ = ଚୁହାଁ ।

Digitized by PPRACHIN, SOA

ପ୍ରଯୋଜକ ଅର୍ଥର 'ଆ' ପ୍ରତ୍ୟୟ ଛଡ଼ା, ଅନ୍ୟ ପ୍ରତ୍ୟୟର 'ଆ'ରେ 'ଆ'କାରାଂତ ଏକାକ୍ଷର ଧାତୁର 'ଆ', 'ଉ' ହୁଏ ନାଇଁ; 'ଇ' ହୁଏ । ଯଥା- ଖା - ଆ = ଖିଆ । ଥା - ଆ = ଠିଆ । 'ପା' ଧାତୁର 'ପିଆ' ହୁଏ ନାଇ । ତାହେଲେ ପିଆ (ପିଇବା) ସଂଗେ ଗୋଳମାଳ ହେବ । ତାହା 'ମିଳ୍' ବା ଅନ୍ୟ ଧାତୁର ଶବ୍ଦରେ ପ୍ରକାଶ କରାଯାଏ ।

ଏହାଛଡ଼ା ମୂଳରେ ଥିବା 'ଏ' 'ଅ' ହୁଏ । ଯଥା- ହେବ-ହବ; ହେବା-ହବା; ନେବା-ନବା; ଦେବା-ଦବା; ନେଉଚି-ନଉଚି; ଇତ୍ୟାଦି ।

ମାତ୍ର ହେଲା-ହେଲୁ, ନେଲା-ନେଲୁ ପ୍ରଭୃତିରେ 'ଏ'ଠାରେ 'ଅ' ହୁଏ ନାଇ ।

'ଅଛ୍' ଧାତୁର 'ଛ୍' 'ଚ୍' ହୁଏ ନାଇ । ଯଥା- ଅଛି, ଅଛଂତି ଇତ୍ୟାଦି ।

ମାତ୍ର 'ଅଛ୍' ଦ୍ୟୋତକ କ୍ରିୟାର ଧାତୁ ହେଲେ 'ଛ୍' 'ଚ୍' ହୁଏ । ଯଥା- ହେଉଚି, ହଉଚି; ନେଉଚି, ନଉଚି; କରୁଚି, ଧରୁଚି, ହସୁଚି ଇତ୍ୟାଦି ।

ବହିବା-ବୋହିବା, ବାହିବା-ବୋହିବା ପ୍ରଭୃତିରେ ଉଚ୍ଚାରଣରେ 'ଅ', 'ଆ' ଠାରେ 'ଓ' ହୁଏ । ଯଥା- ନଦୀ ବହୁଚି (ବୋହୁଚି) । ନାଆ ବାହୁଚି (ବୋହୁଚି) ଇତ୍ୟାଦି ।

ଏଇସବୁ 'ଏ'ଠାରେ 'ଅ'; 'ଛ୍' ଠାରେ 'ଚ୍'; 'ବ' ଓ 'ବା'ଠାରେ 'ବୋ' ପ୍ରଭୃତି କଥାରେ ସର୍ବତ୍ର ଚଳୁଥିଲେ ମଧ୍ୟ, ଲେଖାରେ, ବିକଳ୍ପରେ ବ୍ୟବହାର ହେଉଚି । ଏଣୁ ଏ ସବୁ ବ୍ୟବହାରରେ ଦେଖି ବୁଝି ନେବାକୁ ହେବ । ଏସବୁ ବର୍ଣ୍ଣ ବିଗ୍ରହ ଏଠାରେ ବିଶେଷ ଦରକାର ନାଇ ।

କ୍ରିୟା ବିଭକ୍ତି ଛଡ଼ା ଧାତୁରୁ ବିଭିନ୍ନ ପ୍ରତ୍ୟୟରେ ବିଭିନ୍ନ ଅର୍ଥ ଘେନି ଶବ୍ଦମାନ ତିଆରି ହୁଏ । ଯଥା- କରିବା (କର୍+ଇବା), ଦେବା (ଦେ+ଇବା), ଗଣତି (ଗଣ୍+ଅତି) ପ୍ରଭୃତି ଧାତୁର ଅର୍ଥ ମାତ୍ର ବୁଝାଏ । ଚଳଂତା, ଫଳଂତି, ମଲା (ଗଛ) ପ୍ରଭୃତି ଯେ ଚଳୁଚି, 'ଯେ ଫଳେ ବା ଫଳିଚି', 'ଯେ ମରିଚି'- **ଏଇପରି ଧାତୁ ଅର୍ଥରେ କର୍ତାକୁ ବୁଝାଏ ।**

'ଶୁଣା' (କଥା), 'କରିଥିବା' (କର୍ମ) ପ୍ରଭୃତି ଯାହାକୁ ଶୁଣିଥାଂତି ବା ଶୁଣାଯାଇଥାଏ; 'ଯାହାକୁ କରିଥାଂତି ବା ଯାହା କରାଯାଇଥାଏ' – **ଏଇପରି ଧାତୁ ଅର୍ଥରେ କର୍ମକୁ ବୁଝାଏ ।** 'କତୁରି', 'ଫୋଡ଼ଣି', 'ତଡ଼ଣି' ପ୍ରଭୃତି 'ଯହିଁରେ କତୁରଂତି ବା କତୁରା ହୁଏ', 'ଯହିଁରେ ଫୋଡ଼ଂତି ବା ଫୋଡ଼ାହୁଏ', 'ଯହିଁରେ ତଡ଼ଂତି ବା ତଡ଼ା ହୁଏ । **ଏଇପରି ଧାତୁ ଅର୍ଥରେ କରଣକୁ ବୁଝାଏ ।**

Digitized by PPRACHIN, SOA

'ଢାଳ', 'ଗଡୁ' - ଯହିଁରୁ ପାଣି ଢଳା ହୁଏ; ଯହିଁରୁ ଗଡ଼େ;

ଏହା ଧାତୁ **ଅର୍ଥରେ ଅପାଦାନକୁ ବୁଝାଏ ।**

ପାଡ଼ିସୁଆ - ପାଡ଼ି (ପକାଇ) ଯହିଁରେ ସୁଆ ଯାଏ;
ପକେଇବସା - ପକେଇ ଯହିଁରେ ବସାଯାଏ;
ଜାଗର - ଯେଉଁଦିନ ରାତିରେ ଜାଗିବାକୁ ହୁଏ;-

ଏଇପରି **ଧାତୁ ଅର୍ଥରେ ଅଧିକରଣକୁ ବୁଝାଏ ।** ଓଡ଼ିଆରେ କର୍ମ ଓ ସଂପ୍ରଦାନରେ ପ୍ରଭେଦ ସ୍ପଷ୍ଟ ନୁହେଁ । ତେଣୁ ଶବ୍ଦ, ଧାତୁ ଅର୍ଥରେ ସଂପ୍ରଦାନକୁ ବୁଝାଇବା ମଧ୍ୟ ଅସ୍ପଷ୍ଟ ।

ଅଧିକରଣ ସ୍ପଷ୍ଟ କରିବା ନିମଂତେ 'ପାଡ଼ି', 'ପକାଇ' ପ୍ରଭୃତି ଅସମାପିକା କ୍ରିୟା ଥାଏ । କିଂତୁ ବସା (ଘର) - ବସାଯାଏ (ବାସ କରାଯାଏ) ଯହିଁରେ ଏପରି ଶବ୍ଦ ମଧ୍ୟ ଅଧିକରଣ ବାକ୍ୟରେ ହୁଏ ।

ଏଇପରି ଅର୍ଥରେ ବୁଝାଇବାକୁ, ଧାତୁରୁ ପ୍ରତ୍ୟୟ ହୋଇ ତିଆରି ହୋଇଥିବା ଅର୍ଥ ପ୍ରକାଶରେ **'ବାଚ୍ୟ'** ବୋଲି କହନ୍ତି । **ଅର୍ଥ ଯେଉଁ କାରକକୁ ବୁଝାଏ, ପ୍ରତ୍ୟୟକୁ ସେଇ 'ବାଚ୍ୟ'ରେ ପ୍ରତ୍ୟୟ ବୋଲି କହଂତି ।**

ଉପରେ ଗଣତି ପ୍ରଭୃତି ଧାତ୍ୱର୍ଥ ମାତ୍ର ବାଚ୍ୟରେ ବା ଭାବ ବାଚ୍ୟରେ ପ୍ରତ୍ୟୟ । 'ଗଣ୍' ଧାତୁରୁ ଭାବ ବାଚ୍ୟରେ 'ଅତି' ପ୍ରତ୍ୟୟ କରି ଶବ୍ଦ ହେଲା- ଗଣତି । ଏଇପରି ଶବ୍ଦର 'ବ୍ୟୁପତ୍ତି' ବା ମୂଳ ଅର୍ଥ ପ୍ରକାଶ କରାଯାଏ । ସେଇପରି-

'ଫଳ୍' ଧାତୁରୁ କର୍ତ୍ତୃବାଚ୍ୟରେ 'ଅଂତି' = 'ଫଳଂତି';
'ଶୁଣ୍' ଧାତୁରୁ କର୍ମ ବାଚ୍ୟରେ 'ଆ' = 'ଶୁଣା'
'କଟ୍' ବା 'କାଟ୍' ଧାତୁରୁ କରଣ ବାଚ୍ୟରେ 'ଉରି' = 'କଟୁରି';
'କତୁର୍' ଧାତୁରୁ କରଣ ବାଚ୍ୟରେ 'ଇ' = 'କତୁରୀ';
'ତଡ୍' ଧାତୁରୁ କରଣ ବାଚ୍ୟରେ 'ଆ' = 'ତଡ଼ା';
'ଢାଳ୍' ଧାତୁରୁ ଅପାଦାନ ବାଚ୍ୟରେ 'ଅ' = 'ଢାଳ';
'ବସ୍' ଧାତୁରୁ ଅଧିକରଣ ବାଚ୍ୟରେ 'ଆ' = 'ବସା';

ଏଇପରି ଧାତୁରୁ ପ୍ରତ୍ୟୟ ଯୋଗେ ବାହାରିଥିବା ଶବ୍ଦର ବ୍ୟୁପତ୍ତି କରାଯାଏ ।

ସଂସ୍କୃତରେ ଏଇପରି ଧାତୁରୁ ବିଭିନ୍ନ ବାଚ୍ୟରେ ପ୍ରତ୍ୟୟ ହୋଇ ସବୁ ମୌଳିକ ଶବ୍ଦ ତିଆରି ହୁଏ । ଧାତୁରୁ ଏଇପରି ପ୍ରତ୍ୟୟକୁ ସଂସ୍କୃତରେ **'କୃତ୍' ପ୍ରତ୍ୟୟ** ଓ ନିଷ୍ପନ୍ନ ପଦକୁ **'କୃଦଂତ ପଦ'** କହନ୍ତି । ଏହି କୃଦଂତ ପ୍ରତ୍ୟୟ ନିଷ୍ପନ

Digitized by PPRACHIN, SOA

ଶବ୍ଦରୁ ପୁଣି ପ୍ରତ୍ୟୟ କରି ଶବ୍ଦମାନ ତିଆରି କରାଯାଏ । ଏଇସବୁ ଯେ ପ୍ରତ୍ୟୟ ହୁଏ, ତାକୁ ତଦ୍ଧିତ ପ୍ରତ୍ୟୟ କହନ୍ତି ।

ସଂସ୍କୃତରେ କିନ୍ତୁ କ୍ରିୟାମୂଳ ବା ଧାତୁ ଠିକ୍ କରିବା ଓଡ଼ିଆ ପରି ସହଜ ନୁହେଁ । ଏପରିକି ପ୍ରାଚୀନ କାଳରେ ସମସ୍ତ ପ୍ରଚଳିତ ଶବ୍ଦ ଧରି ପ୍ରତ୍ୟେକର ଧାତୁ ଓ ଧାତ୍ୱର୍ଥ ଠିକ୍ କରିବାର ଚେଷ୍ଟା କରାଯାଇଥିଲା । ଠିକ୍ କରାଯାଇଥିଲା, ସାଧାରଣତଃ ମନୁଷ୍ୟର ପ୍ରଥମ କଥା ଠାର ପରି ଅଳ୍ପରେ କ୍ରିୟା ମାତ୍ର ପ୍ରକାଶ କରେ । ସେଇ କ୍ରିୟାମାନଂକର ଭିନ୍ନଭିନ୍ନ ଅର୍ଥ ପ୍ରକାଶରେ ମୌଳିକ ଶବ୍ଦମାନ ତିଆରି ହୋଇଥିଲା । ତା'ପରେ ତଦ୍ଧିତ ପ୍ରଭୃତିରେ ଶବ୍ଦ ସଂଖ୍ୟା ବିସ୍ତୀର୍ଣ୍ଣ ହେଲା ।

ତେଣୁ ସଂସ୍କୃତରେ ଧାତୁ ଅନେକ ଓ ସେମାନେ କ୍ରିୟାମୂଳ ହେଲେ ମଧ୍ୟ ପ୍ରୟୋଗରେ ସେମାନଂକର କ୍ରିୟା-ବିଭକ୍ତିହୀନ ରୂପ ନାଇ । **ଯେଉଁ ମୂଳରୁ ସବୁ କ୍ରିୟାପଦ ଓ ସେଇ କ୍ରିୟାର ବାଚ୍ୟବୋଧକ ଶବ୍ଦମାନ ବାହାରେ, ସେଇ ସବୁକୁ ସଂସ୍କୃତରେ ଧାତୁ ବୋଲି ସ୍ଥିର କରାଯାଇଚି**, ସେମାନଙ୍କ ସଂଖ୍ୟା କେବଳ ଅନେକ ନୁହେଁ, ବରଂ ଅସଂଖ୍ୟ । ସଂସ୍କୃତ ବ୍ୟାକରଣରେ ସେସବୁକୁ ଯଥାସାଧ୍ୟ ଗଣି, ଶେଷକୁ ଅଗଣିତ ଓ ଅନେକ ଅଛି ବୋଲି କୁହାଯାଏ ।

ପ୍ରତ୍ୟୟ ମଧ୍ୟ ସେଇପରି ଅସଂଖ୍ୟ । ଯେଉଁ ପ୍ରତ୍ୟୟମାନ ବ୍ୟାକରଣ ଗଣତିରେ କୁହାଯାଇପାରିନାଇ ସେସବୁକୁ ଉଣାଦି ବା 'ଉଣ୍' ପ୍ରଭୃତି ବୋଲି କହି ଛାଡ଼ି ଦିଆଯାଇଚି ।

[**ଦ୍ରଷ୍ଟବ୍ୟ :** ସଂସ୍କୃତ ପଣ୍ଡିତମାନେ କହଂତି, ସବୁ ମୌଳିକ ଶବ୍ଦ ଧାତୁରୁ ବାଚ୍ୟରେ ପ୍ରତ୍ୟୟକରି ବ୍ୟୁତ୍ପତ୍ତି ଘେନି ନିଷ୍ପନ୍ନ କରାଯାଇପାରେ । କଥାରେ ଅଛି, ଜଣେ ଦୁଷ୍ଟ ଲୋକ ପଚାରିଲେ, "ପଂଡିତେ ମହାଶୟ, ମଳିକ (ଚଉକିଆ), ମିଆଁ (ମୁସଲମାନି କଥାରେ ମହାଶୟ), ମୌଲନା (ମୁସଲମାନି କଥାରେ ଗୌରବାନ୍ୱିତ ବ୍ୟକ୍ତି) କିପରି କେଉଁ ଧାତୁରୁ କି ପ୍ରତ୍ୟୟରେ ସିଦ୍ଧ ହେଲା ?" ପଂଡିତ ମହାଶୟ କହିଲେ, 'ମା' (ମାପିବା, ପରିମାପ କରିବା) ଧାତୁରୁ କର୍ତ୍ତୃବାଚ୍ୟରେ ଉଣାଦି **ଡଳିକ (ଅଳିକ)**, **ଡିଆ (ଇଆଁ)**, **ଡୌଲନା (ଔଲନା)** ପ୍ରତ୍ୟୟ ହୋଇ ସିଦ୍ଧ ହେଲା ଯଥାକ୍ରମେ - **ମଳିକ** (ଯେ ମାପିକରି ଠିକ୍ ଭାବରେ ଲୋକଙ୍କ ଘର ଜଗେ), **ମିଆଁ** (ଯେ କାହାସଂଗେ କିପରି ବ୍ୟବହାର କରିବ ସେ ମାପ ଜାଣେ), **ମୌଲନା** (ଯେ ଆତ୍ମଗୌରବର ପରିମାଣ ଜାଣେ) ।]

ଓଡ଼ିଆରେ ଯାହାକୁ 'କର୍' ଧାତୁ କହଂତି, ସଂସ୍କୃତରେ ତାହା 'କୃ' ଧାତୁ । କ୍ରିୟାମାନଂକ ଛଡା କୃତ, କର୍ତ୍ତବ୍ୟ, କରଣ, କାରକ ପ୍ରଭୃତି ସେଇ କୃ ଧାତୁର

Digitized by PPRACHIN, SOA

ହୁଏ । ସେଇପରି ଓଡ଼ିଆର 'ହୋ' ଧାତୁ ହେଉଚି, ସଂସ୍କୃତରେ 'ଭୂ' ଧାତୁ । ଭୂତ, ଭାବ, ଭାବନା, ଭବିତବ୍ୟ ପ୍ରଭୃତି 'ଭୂ' ଧାତୁରୁ ହୁଏ । ଏସବୁ ସଂସ୍କୃତ ଧାତୁ ପ୍ରୟୋଗରେ ଧରି ଜାଣିନେବାକୁ ହେବ ।

## ତତ୍‌ସମ ଓ ତଦ୍‌ଭବ ଧାତୁ :

ଅନେକ ଓଡ଼ିଆ ଧାତୁ ସଂସ୍କୃତ ଧାତୁ ସଂଗେ ସମାନ । ସେମାନେ '**ତତ୍‌ସମ**' । ଯଥା- ବଳ୍, କୁଂଚ୍, ଗଣ୍, ଗମ୍, ଘଟ୍, ଚର୍, ଚଳ୍, ଜପ୍, ଝର୍, ଟଳ୍, ଦଳ୍, ତୁଳ୍, ନମ୍, ଫଳ୍, ଭକ୍ଷ୍, ଭଜ୍, ଭାଗ୍, ମଂଥ୍, ମିଳ୍, ଯା, ରଚ୍, ସହ୍ ।

ସାଧୁ ଓଡ଼ିଆରେ ପ୍ରାୟ ଅଧିକାଂଶ ଧାତୁ ସଂସ୍କୃତ ଧାତୁ ସଂଗେ ଠିକ୍ ଏକାପରି ନହେଲେ ମଧ୍ୟ ବର୍ଣ୍ଣ ସାମଂଜସ୍ୟରେ ସେମାନଂକ ସଂବଂଧ ତଭବ - ତତ୍‌ସମ ପରି । ଏଇସବୁ ଓଡ଼ିଆ ଧାତୁ **ତଦ୍‌ଭବ** । ଯଥା-

| ଓଡ଼ିଆ | ସଂସ୍କୃତ | ଓଡ଼ିଆ | ସଂସ୍କୃତ |
|---|---|---|---|
| ଅଟ୍<br>ଅଚ୍ଛ୍ | ଅସ୍ | ଠାର୍<br>ତୁଟ୍ | ଗୁଳ୍<br>ତ୍ରୁଟ୍ |
| ଇଚ୍ଛ୍ | ଇଷ୍ | ଡର୍ | ଦୃ |
| କର୍ | କୃ | ଥା | ସ୍ଥା |
| କହ୍ | କଥ୍ | ଦେ | ଦା |
| କାଟ୍ | କୃତ୍ | ଦୋହଲ୍<br>ଢଳ୍<br>ଝୁଲ୍ | ଦୁଲ୍ |
| ଖୋଳ୍ | ଖୋଦ୍ | | |
| ଖସ୍ | ସ୍ଖଲ୍ | | |
| ଗପ୍ | ଜଳ୍ପ୍ | ଧାଁ | ଧାବ୍ |
| ଗା | ଗୈ | ନଅଁ | ନମ୍ |
| ଘସ୍ | ଘୃଷ୍ | ନାଚ୍ | ନୃତ୍ |
| ଘୁର୍ | ଘୂର୍ଣ୍ଣ | ନେ | ନୀ |
| ଚସ୍ (ଷ୍)<br>ତସ୍ | କୃଷ୍ | ପଡ୍<br>ପଢ୍ | ପତ୍<br>ପଠ୍ |
| ଛପ୍<br>ଖପ୍ | ସର୍ପ୍ | ପି<br>ଫିଙ୍ଗ୍ | ପା (ପିବ୍)<br>କ୍ଷିପ୍ (ବର୍ଣ୍ଣ ବଦଳି) |
| ଛୁଁ | ସ୍ପୃଶ୍ | ଫୋଡ୍ | ସ୍ଫୋଟୟ |
| ଛିଂଚ୍ | ସିଚ୍ | ବକ୍ | ବଚ୍ |

Digitized by PPRACHIN, SOA

| ଓଡ଼ିଆ | ସଂସ୍କୃତ | ଓଡ଼ିଆ | ସଂସ୍କୃତ |
|---|---|---|---|
| ଛେଦ୍ | ଛିଦ୍ | ବଢ୍, ବଳ୍ | ବୃଧ୍ |
| ଜଳ୍ | ଜ୍ୱଳ୍ | | |
| ଜାଣ୍ | ଜ୍ଞା | ବାଂଟ୍ | ବଂଟ୍ |
| ଜିଣ୍, ଜିତ୍ | ଜି | ବାଂଧ୍ | ବଂଧ୍ |
| | | ବିଂଚ୍ | ବ୍ୟଜ୍ |
| ଜୋଡ଼୍ (ଯୋଡ଼୍) | ଯୁଜ୍ | ବୁଝ୍ | ବୁଧ୍ |
| | | ଭାଂଗ୍ | ଭଂଜ୍ |
| ଝଡ଼୍ | ଝର୍, କ୍ଷର୍ | ଭାଜ୍ | ଭୃଜ୍ |
| | | ଭେଦ୍ | ଭିଦ୍ |
| ଝୁର୍ | ସ୍ମର୍ | ମଣ୍ | ମନ୍ |
| ଟାଂଗ୍ | କାଟ୍ (ବର୍ଣ୍ଣ ବିପର୍ଯ୍ୟୟ) | ମର୍ | ମୃ |
| ମାଗ୍ | ମୃଗ୍ | ବନ୍ | ବର୍ଣ୍ଣ |
| ମାଠ୍, ମାଜ୍ | ମୃଜ୍ (ମାର୍ଜୟ୍) | ବୋଲ୍ | ବଦ୍ |
| | | ଶଂପ୍ | ଶପ୍ |
| ମୁଂଚ୍, ମୁରୁଛ୍ | ମୁଚ୍ | ହୋ | ଭୂ |
| ରୁଂଧ୍ | ରୁଧ୍ | | |

ଓଡ଼ିଆ ଓ ସଂସ୍କୃତ ଧାତୁରେ ବେଳେବେଳେ ଅର୍ଥ ମଧ୍ୟ ଭିନ୍ନ ହୋଇଥିବାର ଦେଖାଯାଏ । ଯଥା– ଛପ୍ (ଲୁଚ୍); ସର୍ପ୍ (ଧୀରେ ଗୁଳିଯିବା); ବକ୍ (ଗୁଡ଼ାଏ କହିବା), ବଚ୍ (କହ); ବକ୍ (ଗାଳି ଦେ – ଏହା (ବକ୍) 'ବାଚ୍ୟକର' – ଏଇ ବାକ୍ୟର ସଂକ୍ଷେପ କ୍ରିୟା ବୋଲି ମନେହୁଏ), ମାଠ୍ (ଭଲରେ ସଫା କରି ଚକ୍ ଚକ୍ କର), ଶଂପ୍ (ମଂଦ ବିଗୁଡ଼ିବା); ବଢ୍ ('ବଡ଼ ହୋ' ବାକ୍ୟର ସଂକ୍ଷେପ ହୋଇପାରେ), ବଳ୍ (ଅଧିକ ହୋ) ଇତ୍ୟାଦି ବିଶେଷ ଅର୍ଥ ମଧ୍ୟ ହୁଏ ।

ଏହାଛଡ଼ା ଗଡ୍, ବୁଡ୍, ହଗ୍, ପାର୍ (ସମର୍ଥ ହୋ) ଛେଚ୍, କଚ୍ ପ୍ରଭୃତି ଦେଶୀ ଧାତୁ; ଭରସ୍, ତିଆର୍, ପଗଡ୍ ପ୍ରଭୃତି ବିଦେଶୀ ଧାତୁ ।

[**ଦ୍ରଷ୍ଟବ୍ୟ :** (୧) ଦେଶୀ ଧାତୁ ବାରିବା ବଡ଼ କଠିନ । 'ଉପର ବା ପର ହୋ' ରୁ 'ପାର୍' ହୋଇପାରେ । 'କୁଟ୍'ରୁ 'କଚ୍' ହୋଇପାରେ । ଗର୍ତ୍ତ ବା ଗାତରେ ହଠାତ୍ ପଡ଼ିଗଲେ ଯେ ଅବସ୍ଥା ହୁଏ, ସେଥିରୁ ('ଗାତରେ ପଡ୍'ରୁ 'ଗଡ୍' ମଧ୍ୟ ହୋଇପାରେ ଏଇପରି ଅନେକ ଦେଶୀ ଧାତୁ ଏବେ ନିଜ ରୂପରେ ଧରା ପଡଂତି ନାଇ ।

Digitized by PPRACHIN, SOA

(୨) ପୁଣି ବିଦେଶୀ ଧାତୁମାନେ ଉଚ୍ଚାରଣ ଓ ପ୍ରକୃତିରେ ଓଡ଼ିଆ ହୋଇ ଯାଇଚଂତି । 'ଭରୋସା'ରୁ 'ଭରସ୍', 'ପକଡ଼ାଓ'ରୁ 'ପଗଡ୍' ପ୍ରଭୃତି ହୁଏ । ବିଦେଶୀ ଓ ଦେଶୀ ଶବ୍ଦ କିଂତୁ ବହୁତ ଓଡ଼ିଆରେ ଚଳେ । ସେ ସବୁରୁ ଏବେ ମଧ୍ୟ ଧାତୁ ହୋଇନାଇ ।]

ସଂସ୍କୃତରେ, ଧାତୁରେ '**ଉପସର୍ଗ**' ବା ଧାତୁ ଆଗରୁ ଯୋଡ଼ା ହେବା ଅବ୍ୟୟ ଲାଗେ । ସେଥିରେ ଧାତୁର ଅର୍ଥ ନାନା ଭାବରେ ବଦଳିଯାଏ । ଉଦାହରଣ ସ୍ୱରୂପ- 'ହୃ' ଧାତୁର ଅର୍ଥ 'ହର୍' (ହରଣ କରିବା); ସେଥିରେ ପ୍ର, ଆ, ନି, ବି, ପରି - ଏଇ ଉପସର୍ଗମାନ ଲାଗି ଭିନ୍ନ ଅର୍ଥର ପଦମାନ ହୁଅଂତି । ଯଥା- ପ୍ରହାର (ମାଡ଼), ଆହାର (ଖାଇବା), ନୀହାର (ବରଫ), ବିହାର (ବୁଲିବା), ପରିହାର (ଛାଡ଼ିବା)- **ଏଇ ଉପସର୍ଗ କୋଡ଼ିଏଟି, ଯଥା-**

(୧) **ପ୍ର** - ପ୍ରଶାନ୍ତ, ପ୍ରକାର, ପ୍ରଣାଳୀ, ପ୍ରସାଦ, ପ୍ରଭୃତି, ପ୍ରଲେପ ଇତ୍ୟାଦି ।
(୨) **ପରା** - ପରାଜୟ, ପରାମର୍ଶ, ପଳାୟନ ଇତ୍ୟାଦି ।
(୩) **ଅପ୍** - ଅପମାନ, ଅପଗତି, ଅପରାଧ ଇତ୍ୟାଦି ।
(୪) **ସମ୍** - ସଂସ୍କାର, ସମ୍ମାନ, ସଂବାଦ ଇତ୍ୟାଦି ।
(୫) **ନି** - ନିବେଦନ, ନିକୃଷ୍ଟ, ନିବାରଣ, ନିବୃତ ଇତ୍ୟାଦି ।
(୬) **ଅଧି** - ଅଧିକାର, ଅଧ୍ୟୟନ, ଅଧିବାସ ଇତ୍ୟାଦି ।
(୭) **ସୁ** - ସୁଗମ, ସୂକ୍ତ, ସ୍ୱଚ୍ଛ, ସୁଲଭ ଇତ୍ୟାଦି ।
(୮) **ନିର୍** - ନିଶ୍ଚୟ, ନିକ୍ଷେପଣ, ନିଃସୃତ, ନିରୁକ୍ତ, ନିଃସ୍ୱନ ଇତ୍ୟାଦି ।
(୯) **ଉତ୍** - ଉଡ୍ଡୀନ, ଉଭିଦ, ଉଦ୍‌ଭବ, ଉଦ୍ଧାର, ଉତ୍ପାତ, ଉତ୍ତୋଳନ ଇତ୍ୟାଦି ।
(୧୦) **ପରି** - ପରୀକ୍ଷା, ପର୍ଯଟନ, ପରିଷ୍କାର ଇତ୍ୟାଦି ।
(୧୧) **ପ୍ରତି** - ପ୍ରତିକାର, ପ୍ରତିପାଳନ, ପ୍ରତିବାଦ ଇତ୍ୟାଦି ।
(୧୨) **ଅବ** - ଅବନତି, ଅବରୋଧ, ଅବଶେଷ ଇତ୍ୟାଦି ।
(୧୩) **ଅନୁ** - ଅନୁଯାୟୀ, ଅନୁଭବ, ଅନୁକରଣ, ଅନୁସରଣ ଇତ୍ୟାଦି ।
(୧୪) **ଦୁର୍** - ଦୁର୍ଗତି, ଦୁଃସ୍ଥ, ଦୁର୍ବୋଧ୍ୟ, ଦୁରୁଚ୍ଚାର୍ଯ ଇତ୍ୟାଦି ।
(୧୫) **ବି** - ବିୟୋଗ, ବିଜୟ, ବିଦ୍ୱେଷ ଇତ୍ୟାଦି ।
(୧୬) **ଅଭି** - ଅଭିଭୂତ୍, ଅଭ୍ୟର୍ଚନା, ଅଭିଶାପ, ଅଭିଷେକ ଇତ୍ୟାଦି ।
(୧୭) **ଅତି** - ଅତିକ୍ରମ, ଅତିସାର, ଅତୀତ ଇତ୍ୟାଦି ।
(୧୮) **ଅପି** - ପିଧାନ (ପିଂଧିବା-'ଅ' ଲୋପ ହୁଏ) ଏହାର ବ୍ୟବହାର ସ୍ୱଳ୍ପ ।

Digitized by PPRACHIN, SOA

(୧୯) **ଉପ** - ଉପସର୍ଗ, ଉପକାର, ଉପନୀତ ଇତ୍ୟାଦି ।

(୨୦) **ଆ** - ଆହ୍ବାର, ଆଦାନ, ଆବୃତ୍ତି, ଆଗତ ଇତ୍ୟାଦି ।

ଶବ୍ଦରେ ଉଦାହରଣମାନ ଦିଆଗଲା । ଧାତୁରେ ବୁଝିଲେ - 'ପରାଜୟ'ର ଧାତୁ - **'ପରା-ଜି'**, 'ସଂବାଦ'ର ଧାତୁ **'ସମ୍-ବଦ'** ଏଇପରି ବୁଝିନେବାକୁ ହେବ । ପରାଜୟ, ପରାଜିତ, ସଂବାଦ, ସଂବାଦନ ପ୍ରଭୃତି ନାନା ପ୍ରତ୍ୟୟରେ ପଦମାନ ଏଇ ଉପସର୍ଗଯୁକ୍ତ ଧାତୁ ମୂଳରୁ ହୁଏ । ଉପସର୍ଗ ସବୁବେଳେ ଧାତୁ ଆଗରୁ ଲାଗେ ।

ଧାତୁରେ ଏକାଧିକ ଉପସର୍ଗ ମଧ୍ୟ ଲାଗେ । ଯଥା-

ସଂନିଧି (ସମ୍+ନି+'ଧା' ଧାତୁରୁ 'ଇ')

ଅଭିନିବେଶ (ଅଭି+ନି+'ବିଶ୍' ଧାତୁରୁ 'ଅ')

ପ୍ରୋତ୍ସାହ (ପ୍ର+ଉତ୍+'ସହ' ଧାତୁରୁ 'ଅ')

ବ୍ୟାକରଣ (ବି+ଆ+'କୃ' ଧାତୁରୁ 'ଅନ୍')

ସୁସମାଧାନ (ସୁ+ସମ୍+ଆ+'ଧା' ଧାତୁରୁ 'ଅନ୍')

ଏଇପରି ପ୍ରତ୍ୟାବର୍ତ୍ତନ, ସମାବେଶ, ବ୍ୟାପାର, ବ୍ୟାଦାନ, ପର୍ଯ୍ୟବେକ୍ଷଣ, ପର୍ଯ୍ୟାଲୋଚନା, ବିପରୀତ ଇତ୍ୟାଦି ।

ଅନେକ ଖାଂଟି (ତଦ୍ଭବ) ଓଡ଼ିଆ ଧାତୁ ଏଇପରି ଉପସର୍ଗ ମୂଳ ଧାତୁରୁ ବାହାରିଚି । ସେ ସବୁ କଦାଚିତ୍ ସଂସ୍କୃତ ସଂଗେ ପ୍ରାୟ ସମାନ ମଧ୍ୟ ରହିଚି । ଯଥା-

ଅପସାର୍ (ସଂସ୍କୃତ ଅପ୍+ସୃ)

ଅବଧର୍ (ସଂସ୍କୃତ ଅବ+ଧା ବା ଅବ+ଧୃ - ମାତ୍ର ସଂସ୍କୃତରେ ଏହାର ଯେ ଅର୍ଥ ଓଡ଼ିଆରେ ତାର ସଂବଂଧ ନାଇ, ଓଡ଼ିଆରେ ତାହାର ଅର୍ଥ, ଆଶ୍ରା କରିବା)

ଅନୁସର୍ (ଉଚ୍ଚାରଣରେ ଅନୁସୋର୍)

ବିଦାର (ବି+ଦୃ, ଦାରି)

ଆଉଟ୍ (ଆ+ବୃତ୍ - ଆବର୍ତ୍ତ)

ଆସ୍ (ଆ+ଗମ୍, ଗଚ୍ଛ୍; ଆ+ଯା);

ଆବର (ଆ+ବୃ);

ଉଠ୍ (ଉତ୍+ସ୍ଥା)

ଉଖାର (ଉତ୍+ଖଦ୍, ଖାଦ୍) (ସେଥିରୁ 'ଉପୁଡ୍' ମଧ୍ୟ ହୁଏ);

Digitized by PPRACHIN, SOA

ଉତୁର (ଉତ୍+ତୃ)
ଉପାଡ୍, ଓପାଡ୍ (ଉତ୍+ପାଟ୍)
ବିଗିଡ୍ (ବି+ପଟ୍ଟ)
ହକାର୍, ଡାକ୍ (ଆ+କୃ, କାରି=ଆକାର)

(ଏକ ଦିଗରେ 'କା' ଉପରେ ଜୋର୍ ପଡ଼ିବାରୁ ହେଲା - ଅକାର । ହକାର୍-ଏଇ 'ହ' ହେବାରେ ମଧ୍ୟ 'ହେ - କର୍'ର ସଂପର୍କ ଅଛି । ସଂସ୍କୃତରେ ମଧ୍ୟ 'ଆ(ହେ)+କୁରୁ, 'କାରୟ'ରୁ ଡାକିବା ଅର୍ଥରେ ଆକାର ହେବାର ମୂଳଲକ୍ଷ୍ୟ କରାଯାଇପାରେ । ଅନ୍ୟ ଦିଗରେ 'ଆ' ଲୋପ ହୋଇ ଯେଉଁ 'କାର୍' ରହିଲା, ତା'ର ବର୍ଣ୍ଣ ବିପର୍ଯ୍ୟାସ ହୋଇ ହେଲା - 'ରାକ୍', 'ଡାକ୍')

ପୋଡ଼୍ (ପ୍ରଦହ୍, ଦାହ୍)
ପୋଡ୍ (ପ୍ର+ଉଡ୍ - ଛ)
ବାହୁଡ଼୍ (ବ୍ୟାବର୍ତ୍ତ - ବି+ଆ+ବୃତ୍
ଭଣ୍, ବଖାଣ (ବ୍ୟାଖ୍ୟାନ କର୍ - ବି+ଆ-ଖ୍ୟା)
ଭୁଲ (ବିହ୍ୱଳ୍ ହୋ - ବି+ହ୍ୱଳ)
ସରପ୍, ସଁଅପ୍, ସଁପ୍ (ସମର୍ପି, ସମ୍+ରି)
ସାଉଁଟ୍ (ସଂହୃତ କର୍ - ସମ୍+ହୃନ୍) କିମ୍ବା (ସଂଯତ୍ କର୍ - ସମ୍+ଯମ୍)
ପରଖ୍ (ପରୀକ୍ଷ୍ - ପରି+ଈକ୍ଷ୍)
ପୋଛ୍ (ପ୍ର+ଉଂଛ୍)
ସମଜ୍ (ସମ୍+ବୁଧ୍ୟ)
ଉଠ୍ (ଉତ୍+ସ୍ଥା, ତିଷ୍ଠ୍)
ଉଡ୍ (ଉତ୍+ଡୀ)
ଆଣ୍ (ଆ+ନୀ)
ପହର୍ (ପ୍ରତର୍ - ପ୍ର+ତୃ)
ନିଖାର୍ (ନିରାଖ ରୁ ବର୍ଣ୍ଣ ବିପର୍ଯ୍ୟାସ - ନି+ଈକ୍ଷ୍)
ଉଧୁର (ଉଦ୍‌ଧର - ଉଦ୍ଧାର ହୋ, ଉଦ୍ଧାର କର - ଉତ୍+ଧୃ)
ଉଚ୍ଛୁଳ (ଉତ୍+ଶଳ୍)
ପଶ୍ (ପ୍ର+ବିଶ୍)
ଆଉଁସ୍ (ଆଶ୍ୱାସ କର - ଆ+ଶ୍ୱସ୍)
ପଳା (ପଳାୟନ କର୍ - ପରା+ଇ, ଅୟ୍)
ପେଷ୍ (ପ୍ରେଷ୍ - ପ୍ର+ଇଷ)

Digitized by PPRACHIN, SOA

ସେହିପରି -

ଓଳଗ୍ (ଓଳକି ବା, ଓଳଗି ହୋ; ଅବ+ଲାଗ୍ - ତଳକୁ ଲାଗି ପ୍ରଣାମ କର୍)

ଉଲାଗ୍ ('ଉଲାଗି ହୋ ବା କର୍' ରୂପେ ଏହାର ବ୍ୟବହାର - 'ଉଲାଗ୍' ବୋଲି ଧାତୁର ଅନ୍ୟତ୍ର ସ୍ପଷ୍ଟ ବ୍ୟବହାର ନାଇ, 'ଉଲାଗି'କୁ ଏଠାରେ ବିଶେଷଣ ବୋଲି ଧରିଲେ 'ଉଲାଗ୍' ଧାତୁ ନାଇ ବୋଲି କୁହାଯିବ । ଧାତୁ ହେଲେ ଏହା ମଧ୍ୟ 'ଅବ+ଲାଗ୍'ରୁ ହୋଇଚି । ଉଲାଗ୍ - ବେଶ ଉତ୍ତାର୍ ।)

ଉତୁର୍ (ଅବ+ତୃ), ଅବତର୍ - 'ଗାଡ଼ିରୁ ଉତୁର୍' - ଏଇପରି ବ୍ୟବହାରରେ ଅନ୍ୟଥା ବିପଦରୁ ଉତୁର୍ ଅର୍ଥରେ, ଉତ୍+ତୃ)

ହୁଗାଳ (ଉତ୍+ଘାଟ୍);

ଉଗାଳ୍, ଓଗାଳ୍ (ଉତ୍+କୀଳ୍)

ଫେର୍ (ପ୍ରତି+ଚଳ୍ ବା ପ୍ରତି+ଆୟ୍=ପ୍ରତ୍ୟାୟ୍ କର୍);

ଓହଳ୍ (ଅବ+ହଲ୍), ପ୍ରୟୋଜକ ରୂପରେ ଓହ୍ଲା, (କିମ୍ବା ଅବତର୍ - ଉତୁର୍-ଓହର୍, ବର୍ଣ୍ଣ ବିପର୍ଯ୍ୟୟରେ ଓର୍ହ୍, ଓଲ୍ହ୍ - ପ୍ରୟୋଜକ ରୂପରେ ଓଲ୍ହା),

କୌଣସି କୌଣସିଠାରେ ଓଡ଼ିଆରେ ମୂଳ ସଂସ୍କୃତ ଉପସର୍ଗର ଚିହ୍ନ ମଧ୍ୟ ନଥାଏ । ଯଥା-

ଟେକ୍, ତୋଳ୍ (ଉତ୍‌ତୋଳ); ଚଢ଼୍ (ଉଚ୍ଚଳ୍); ଟାଣ୍ (ଓଟାର୍ - ଉତ୍ତାର୍);

ସଂସ୍କୃତ ଉପସର୍ଗ ଯୁକ୍ତ କ୍ରିୟାର ଅର୍ଥ ଘେନି ଓଡ଼ିଆରେ ଉପସର୍ଗ ଛାଡ଼ି ସେଇ ଅର୍ଥର କ୍ରିୟା କେବେ କେବେ ହୁଏ । ଯଥା-

ବାଛ୍ (ବାଚ୍ - ନିର୍ବାଚନ କର - ନିଃ+ବାଚ୍ - ବିବିଚ୍ - ବିବେଚନା, ବା ବିଚ୍-ବିଗ୍ଭର, ରୁ ବାଚ୍ ଓ ବାର୍ ଦୁଇଟି ଧାତୁ ହୋଇପାରେ)

ବାଢ଼୍ (ବେଷ୍ - ପରିବେଷଣ କର - ପରି+ବେଷ୍);

ବତା (ବର୍ତ୍ତା - ପ୍ରବର୍ତ୍ତା - ପ୍ର+ବୃତ୍ - 'ବର୍ତ୍ତ' - ସେ ବର୍ତ୍ତିବ ନାଇ, ସ୍ଥିର ରହିବ ନାଇ - ରୁ 'ବର୍ତ୍ତା' ବା 'ବତା' କହି ଠିକ୍ ରଖିବା - ହୋଇପାରେ ।);

ଛା, ଛାଆ - (ଆଚ୍ଛା - ଅଚ୍ଛାଦନ କର୍ - ଆ+ଛଦ୍ - ଛଦ୍‌ର ପ୍ରୟୋଜକ 'ଛାଦ୍'ରୁ ମଧ୍ୟ ଏହା ହୋଇପାରେ ।)

Digitized by PPRACHIN, SOA

ଧାତୁରେ ସ୍ୱତନ୍ତ୍ର ବ୍ୟବହାର ନଥିଲେ ମଧ୍ୟ ଧାତୁରୁ ବାହାରିଥିବା ଶବ୍ଦରେ ହିଁ ଏଇ ଉପସର୍ଗ କେତେ କେବେ ଦେଖାଯାଏ । ଯଥା– 'ଜାଗ୍'ରୁ ବିଶେଷ୍ୟ – 'ଜାଗର୍' ମାତ୍ର '**ଉଜାଗ୍**' ଧାତୁ ପ୍ରୟୋଗରେ ନଥିଲେ ମଧ୍ୟ ସେଥିରୁ ବିଶେଷ୍ୟ ଓ ବିଶେଷଣ '**ଉଜାଗର**' ଶବ୍ଦ ହୁଏ ।

ସଂସ୍କୃତରେ ଉପସର୍ଗ ଲାଗି ଅର୍ଥ ବଦଳି ଗଲାପରି ଓଡ଼ିଆରେ ମଧ୍ୟ ଧାତୁ ପୂର୍ବରେ ଉପସର୍ଗରୁ ହୋଇଥିବା ଭଳି ଅକ୍ଷର ଓ ସେଇଭଳି ଅନ୍ୟ ଅକ୍ଷର ଲାଗି ଅର୍ଥ ବଦଳିଯାଏ । ଯଥା– ଉପରେ କୁହାଯାଇଚି–

ଲଗ୍, ଲାଗ୍‌ରୁ ଓଲାଗ୍, ଉଲାଗ୍

ହଲ୍‌ରୁ ଓହଲ୍;

ଉଜାଗ୍, ଉତାର୍ ପ୍ରଭୃତି ।

ସେହିପରି –

ଲଖ୍ (ଲକ୍ଷ୍ୟକର୍)ରୁ ସଳଖ୍ (ସମାନ ରଖ୍);

'କଚ୍'ରୁ ଉକୁଚ୍, ମକଚ୍;

କୁଟ୍ ବା କଟ୍‌ରୁ ଉକୁଟ୍, ନିକୁଟ୍;

ଗଡ଼୍‌ରୁ ନିଗଡ଼୍, ରଗଡ଼୍;

ଛାଡ଼୍‌ରୁ ଅଜାଡ଼୍, ଉଜାଡ଼୍ ପ୍ରଭୃତି ।

ପରେ ଶବ୍ଦରୁ ଧାତୁ ତିଆରିଲେ ଏହାର ଉଦାହରଣମାନ ମଧ୍ୟ ଲକ୍ଷ୍ୟ କରାଯାଇପାରେ ।

**ଉପପଦର ପ୍ରୟୋଗ :**

ସଂସ୍କୃତରେ ଉପସର୍ଗ ଛଡ଼ା ଅନ୍ୟ ଶବ୍ଦ ଧାତୁ ପୂର୍ବରେ ରହି ନୂଆଧାତୁ ହୁଏ । ଏଇ ଶବ୍ଦମାନଂକୁ ଉପପଦ କହନ୍ତି । ଯଥା–

ସ୍ୱୟଂ+ଭୂ (ନିଜେ ହେବା – ସେଥିରୁ ଶବ୍ଦ – ସ୍ୱୟମ୍ଭୂ – ମହାଦେବ)

ଶଂ+କୃ (ମଙ୍ଗଳ କରିବା – ସେଥିରୁ ଶବ୍ଦ – ଶଂକର – ମହାଦେବ)

ଭୟ+କୃ (ଭୟ କରିବା – ସେଥିରୁ ଶବ୍ଦ – ଭୟଙ୍କର)

ସର୍ବ+ଜ୍ଞା (ସବୁ ଜାଣିବା – ସେଥିରୁ ଶବ୍ଦ – ସର୍ବଜ୍ଞ)

ସେହିପରି ଧର୍ମଜ୍ଞ, ଅଜ୍ଞ, ଭେଷଜଜ୍ଞ ଇତ୍ୟାଦି ।

ସେହିପରି–

ସୂତ୍ର+ଧୃ – ଧାତୁ ହେଲା ସୂତ୍ରଧର୍ – ଶବ୍ଦ ହେଲା ସୂତ୍ରଧାର;

Digitized by PPRACHIN, SOA

କ୍ଲେଶ+ହୃ - ଧାତୁ - କ୍ଲେଶହର୍ - ଶବ୍ଦ - କ୍ଲେଶହରଃ
ଭୂମି+ଶୀ - ଧାତୁ - ଭୂମିଶୟ୍ - ଶବ୍ଦ - ଭୂମିଶୟ;
ଜଳ+ଦା - ଧାତୁ - ଜଳଦ୍ - ଶବ୍ଦ - ଜଳଦ;
ନୃ+ପା - ଧାତୁ - ନୃପ୍ - ଶବ୍ଦ - ନୃପ;
ସେହିପରି-
ଆତପ+ତୈ=ଆତପତ୍ର୍ (ଆତପତ୍ର);
ଗୃହ+ସ୍ଥା=ଗୃହସ୍ଥ୍ (ଗୃହସ୍ଥ);
ସୁ+ସ୍ଥା=ସୁସ୍ଥ୍ (ସୁସ୍ଥ);
ଭୁଜ+ଗମ୍=ଭୁଜଗ୍ (ଭୁଜଗ);
ତ୍ୱରା+ଗମ୍=ତୁରଗ୍ (ତୁରଗ);
ପୁଣି ତୁରଂଗ୍ (ତୁରଂଗ)'
ତୁରଗମ୍ (ତୁରଗମ);
ତୁରଂଗମ୍ (ତୁରଂଗମ);
ସେହିପରି- ଉରଗ, ଉରଂଗ, ଉରଂଗମ, ଉରଗମ;
ଶ୍ରାଦ୍ଧ+ଭୁଜ୍=ଶ୍ରାଦ୍ଧଭୋଜ୍ (ଶ୍ରାଦ୍ଧଭୋଜୀ);
ସତ୍ୟ+ବଦ୍=ସତ୍ୟବାଦ୍ (ସତ୍ୟବାଦୀ);
ମିତ୍ର+ଦ୍ରୁହ୍=ମିତ୍ରଦ୍ରୋହ୍ (ମିତ୍ରଦ୍ରୋହୀ);
ସାମ+ଗୈ=ସାମଗ୍ (ସାମଗ);
ଶତ୍ରୁ+ହନ୍=ଶତ୍ରୁଘ୍ନ୍ (ଶତ୍ରୁଘ୍ନ);
କାମ+ଦୁହ୍=କାମଦୁଘ୍ (କାମଦୁଘା);
ଅରୁସ (ମର୍ମ)+ତୁଦ୍=ଅରୁଂତୁଦ୍ (ଅରୁଂତୁଦ);
ସର୍ବ+ସହ୍=ସର୍ବଂସହ୍ (ସର୍ବଂସହା);
ବସୁ+ଧୃ=ବସୁଂଧର୍ (ବସୁଂଧରା);
କୁକ୍ଷି (ପେଟ)+ଭୃ=କୁକ୍ଷିଂଭର୍ (କୁକ୍ଷିଂଭରି)

ଏ ସବୁଠାରେ ତତ୍ତ୍ୱରେ ଦେଖିରେ ପୂର୍ବପଦ ଘେନି ଗୋଟିଏ ଧାତୁ ତିଆରି ହୁଏ । ପରେ ସେଥିରୁ 'ଆ', 'ଇ' ପ୍ରଭୃତି ଲାଗି ଶବ୍ଦ ହୁଏ । ସଂସ୍କୃତରେ ଧାତୁ ିଜେ ଶବ୍ଦ ରୂପରେ ବ୍ୟବହାରରେ ଦେଖାଦେଇ ନଥିବାରୁ ଭୁଜଗ୍, କାମଦୁଘ୍ ପ୍ରଭୃତି ଧାତୁ ନ କହି ଏକାବେଳକେ ମୂଳପଦ ଓ ଧାତୁରୁ ଶବ୍ଦ ତିଆରି କରି

Digitized by PPRACHIN, SOA

କହନ୍ତି । ବାସ୍ତବରେ ଲୋକମୁଖରେ 'ତ୍ୱର' – 'ଗମ୍' ମିଶି ଆଗ 'ତୁରଗ୍' ହୋଇଯାଏ । ସେଥିରୁ 'ଅ' କାରାନ୍ତ ଶବ୍ଦ 'ତୁରଗ' ହୁଏ । ମାତ୍ର ତିଆରି ଶବ୍ଦରେ ହିଁ ଧାତୁଟି ପ୍ରକାଶ ପଡ଼େ, ସ୍ୱତନ୍ତ୍ର ନୁହେଁ ।

କୌଣସି କୌଣସିଠାରେ ଧାତୁଟି ହିଁ ବିନା ପ୍ରତ୍ୟୟରେ ଶବ୍ଦ ହୁଏ । ହୁଏତ ଟିକିଏ ବଦଳିଯାଏ । ଯଥା–

| ଶବ୍ଦ+ଧାତୁ | ନିର୍ମିତ ଧାତୁ | ସେଥିରୁ ଶବ୍ଦ |
|---|---|---|
| ତ୍ୱରା+ସହ୍ | ତୁର୍ଷା | ତୁରାଷାଟ୍* |
| ଭାର+ବହ୍ | ଭାରବା | ଭାରବାଟ୍ |
| ଶାସ୍ତ୍ର+ବିଦ୍ | ଶାସ୍ତ୍ରବିଦ୍ | ଶାସ୍ତ୍ରବିଦ୍ |
| ଇନ୍ଦ୍ର+ଜି | ଇନ୍ଦ୍ରଜି (ତ୍) | ଇନ୍ଦ୍ରଜିତ୍ |
| (ଓଡ଼ିଆରେ ଜିଣ୍, ଜିତ୍ ଏକା ଧାତୁ) | | |
| ଅଗ୍ନି+ଚି | ଅଗ୍ନିଚି (ତ୍) | ଅଗ୍ନିଚିତ୍ |
| ପାପ+କୃ | ପାପକୃ (ତ୍) | ପାପକୃତ୍ |
| ବୃତ୍ର+ହନ୍ | ବୃତ୍ରହ୍ | ବୃତ୍ରହା |
| ବ୍ରହ୍ମ+ହନ୍ | ବ୍ରହ୍ମହ୍ | ବ୍ରହ୍ମହା |
| ତ୍ୱଦ୍+ଦୃଶ୍ | ତ୍ୱାଦୃଶ୍ | ତ୍ୱାଦୃକ୍ |
| ଅସ୍ମଦ୍ (ଅସ୍ମା)+ଦୃଶ୍ | ଅସ୍ମାଦୃଶ୍ | ଅସ୍ମାଦୃକ୍ |
| ତତ୍+ଦୃଶ୍ | ତାଦୃଶ୍ | ତାଦୃକ୍ |
| ଇଦମ୍+ଦୃଶ୍ | ଇଦୃଶ୍ | ଇଦୃକ୍ |
| କିମ୍+ଦୃଶ୍ | କିଦୃଶ୍ | କିଦୃଶ୍ |
| କି+କୃ | କିଂକର୍ | କିଂକର |
| ଚମତ୍+କୃ | ଚମତ୍କୃ | ଚମତ୍କାର୍ |
| ଚିତ୍+କୃ | ଚିତ୍କୃ | ଚିତ୍କାର |
| ଫୁତ୍+କୃ | ଫୁତ୍କୃ | ଫୁତ୍କାର |
| ସମ୍+କୃ | ସଂସ୍କୃ | ସଂସ୍କାର |
| ସ୍ୱ+କୃ | ସ୍ୱୀକୃ | ସ୍ୱୀକାର |

* ତୁରାଷାଡ୍=ତୁରାଷାଟ; ଭାରବାଡ୍=ଭାରବାଟ୍ – ଏଇପରି 'ଟ'କାର ଆସିଥିଲା ।

Digitized by PPRACHIN, SOA

| ଶବ୍ଦ+ଧାତୁ | ନିର୍ମିତ ଧାତୁ | ସେଥିରୁ ଶବ୍ଦ |
|---|---|---|
| ହୁଂହୁଂ+କୃ | ହୁଂକୃ | ହୁଂକୃତ |
| ଝାଂଝାଂ+କୃ | ଝାଂକୃ | ଝାଂକୃତ |

ବୃ (ହାତି ଶବ୍ଦର ଅନୁକରଣରୁ) ବୃଂହ୍ ଧାତୁ ତହିଁରୁ ବୃଂହିତ ପ୍ରଭୃତି ସଂସ୍କୃତରେ ହୁଏ । 'ହନ୍' ଲାଗିବାରୁ ବୃତ୍ରହା, ଦୁଃଖହା, ଭୂ ଲାଗିବାରୁ ସ୍ୱୟଂଭୂଃ 'ଗମ୍' ଲାଗିବାରୁ 'ଉରଗ୍' ପ୍ରଭୃତି ଯେପରି ହେଲା, ସେଇପରି ସଂସ୍କୃତରେ 'କୃ' ଧାତୁରୁ 'କ୍' (ଅକ୍) ହୋଇଯାଏ । ଶବ୍ଦର ମଧ୍ୟ ସେଥିରେ କିଂଚିତ୍ ବର୍ଣ୍ଣ ପରିବର୍ତ୍ତନ ବି ବେଳେବେଳେ ହୋଇଥାଏ । ଯଥା–

ଦିବା+କୃ=ଦିବାକର, ସେଇପରି ନିଶାକର, ଭାସ୍କରଃ

କିନ୍ତୁ ଭୋଜ+କୃ=ଭୋଜକ୍

ଖନ୍ (ଖନନ)+କୃ=ଖନକ୍

ବିବେଚ୍ (ବିବେକ)+କୃ=ବିବେଚକ୍ ଇତ୍ୟାଦି ।

ଏଇ 'କ୍' (ଅକ୍) ଏକ, 'ଅକ' ପ୍ରତ୍ୟୟ ବା ଅବ୍ୟୟ ହୋଇଯାଏ । ଏଥିରେ ଆଉ 'କୃ'ର ଚିହ୍ନ ନାଇ । ଓଡ଼ିଆରେ ମଧ୍ୟ ସେଇପରି ନାନା ପ୍ରତ୍ୟୟର ମୂଳତତ୍ତ୍ୱ ଆଲୋଚନା କରାଯାଇପାରେ । ସଂସ୍କୃତର ଅନ୍ୟ ପ୍ରତ୍ୟୟମାନ ମଧ୍ୟ ଏଇ ରୀତିରେ ବିଗ୍ରହ କରାହୋଇପାରେ । ମାତ୍ର ସଂସ୍କୃତରେ ମୂଳଧାତୁରୁ କ୍ରିୟାରୂପେ ବ୍ୟବହାର ନଥିବାରୁ ଖନକ୍, ତୁରାଷା ପ୍ରଭୃତି ଧାତୁ ବିଗ୍ରହ ନକରି ମୂଳଧରି ବ୍ୟୁତ୍ପତ୍ତି କରାଯାଏ କିଂବା 'କ'କୁ ପ୍ରତ୍ୟୟ ବୋଲି ଧରାଯାଏ । ମାତ୍ର ଓଡ଼ିଆରେ ସେଇପରି ପରିବର୍ତ୍ତନରେ ଯେଉଁ ଧାତୁଟି ହୁଏ, ତାହା ଅନେକବେଳେ ଠିକ୍ ସେଇପରି ଅନୁଜ୍ଞା, ଅନାଦର, ମଧ୍ୟମପୁରୁଷ ଏକ ବଚନରେ କ୍ରିୟାରୂପେ ସ୍ପଷ୍ଟ ବ୍ୟବହାରରେ ଜଣାପଡ଼େ ।

ସଂସ୍କୃତ ପରି ଓଡ଼ିଆରେ ମଧ୍ୟ ବହୁ ପ୍ରତ୍ୟୟର ମୂଳ ଦେଖିବା ଏବେ ଦୁଷ୍କର । ପୁଣି ଧାତୁରୁ ପ୍ରତ୍ୟୟ ହୋଇ ଧାତୁକୁ ନ ଆସି ଶବ୍ଦ ମଧ୍ୟ ବିଗ୍ରହ କରାଯାଏ । ଶବ୍ଦ ତିଆରିର ଉଦାହରଣରେ ସେ ସବୁ ବହୁତ ମିଳିବ । ଓଡ଼ିଆରେ ମଧ୍ୟ ଧାତୁ ହେବାଭଳି ପଦ ଧାତୁ ନ ହୋଇ ହଠାତ୍ ଶବ୍ଦରେ ଚଳିବାର ଉଦାହଣ ଅଛି । 'ଠୋ-କର୍'ରୁ 'ଠୋକ୍', 'ଠୁକ୍' ଧାତୁ ହେଲେହେଁ 'ଠୋକର' ଶବ୍ଦ ହୁଏ । 'ଠୋକର୍' ବୋଲି ଧାତୁ ସାଧାରଣରେ ଚଳେ ନାଇ । ପୁଣି 'ଠୋ-ସହ'ରୁ 'ଠୋସ୍' ଧାତୁ ନ ହୋଇ ବିଶେଷଣ ହୁଏ । ଏପରି ଉଦାହରଣମାନ ବହୁତ ଅଛି । ତଥାପି ଯେଉଁଠାରେ ଏଇପରି ଶବ୍ଦରେ କ୍ରିୟା ଲଗାଇବାରୁ ଧାତୁ ତିଆରି ହୁଏ ତା'ର ଉଦାହରଣ ଦେଶୀ ଓଡ଼ିଆରେ ବହୁତ । କେତେକ ଉଦାହରଣ ଦିଆଯାଉଚି । ଯଥା–

Digitized by PPRACHIN, SOA

**ଶବ୍ଦରୁ ଧାତୁ**- (ଉପସର୍ଗାଦି ମଧ୍ୟ ଏଥିରେ ଥାଏ) 'ତେଜ'ରୁ 'ତେଜ୍' (ତେଜକର ବା ତେଜିତ କର୍) ସେଇପରି 'ରୋଧକର୍' - **'ରୋକ୍'**, ଭୋଗକର - **'ଭୋଗ୍'** ।

[**ଦ୍ରଷ୍ଟବ୍ୟ :** ସଂସ୍କୃତରେ ମଧ୍ୟ 'ରୁଧ୍'ର 'ରକ୍ଷ୍', 'ଭୁଜ୍'ରୁ 'ଭକ୍ଷ୍', 'ନମ୍'ରୁ ଲମ୍ବ (ରୁଧ୍+କୃ; ଭୁଜ୍+କୃ; ନମ୍+ଭୂ) ପ୍ରଭୃତି ମଧ୍ୟ ହୋଇପାରେ । 'ଖନ୍'ରୁ 'କ୍ଷଣ୍' (କ୍ଷଣ୍ରୁ କ୍ଷତ ଶବ୍ଦ ହୁଏ) ପ୍ରଭୃତି କାଳକ୍ରମେ ହୋଇଛି । ଏଇପରି କେତେ ପ୍ରାକୃତ ଶବ୍ଦ ଓ ଧାତୁ ମଧ୍ୟ ସଂସ୍କୃତ କରାହୋଇ ପରେ ସଂସ୍କୃତରେ ପଶିଚି । 'ଚଳ୍'ରୁ ପ୍ରାକୃତ 'ଟଳ୍' ହୋଇ ପରେ ସଂସ୍କୃତରେ ପଶିଚି । ଏବେ ଓଡ଼ିଆରେ ତହିଁରୁ ପୁଣି 'ଢଳ୍' । 'ଘଟ୍'ରୁ 'ଗଠ୍' ପ୍ରାକୃତ ଧାତୁ ଏବେ ମଧ୍ୟ ସଂଗଠନ ପ୍ରଭୃତିରେ ସଂସ୍କୃତ ଭଳି ଚଳେ । ସଂସ୍କୃତ ଲେଖା ଚଳୁଥିଲେ ଏବେ ତା ହୁଏତ ପଶିଯାଆଂତାଣି । 'ଝର୍' ଓ 'କ୍ଷର୍' ମଧ୍ୟ ଏକ ଧାତୁ । 'ଝର୍' ମଧ୍ୟ ସଂସ୍କୃତରେ ଚଳେ ଇତ୍ୟାଦି । ଏଇ ସଂପର୍କରେ ବେଶି ଜାଣିବା ପାଇଁ ସଂସ୍କୃତ ବ୍ୟାକରଣରେ ଲକ୍ଷ୍ୟ କରାଯାଇପାରେ ।]

ଉତ୍ତୋଳନ ବା 'ତୋଳକର୍'ରୁ-**'ତୋଳ୍'**, **'ଟେକ୍'**; କ୍ଷତକର୍-**ଖାର୍**; 'ଘୁମକର୍' (**ନିଦ ଆସିଲା** ପରି ହେବାର କ୍ରିୟା- ନିଶା ଖାଇଲେ ବା ବିଷ ଚଡ଼ିଲେ ଯାହା ହୁଏ)- **ଘାର୍**; ପଂଗୁକର୍-**ପାଗ୍**, ବାସ (ବାସ୍ନା)କର୍-**ବଘାର୍**; ହଟା (ହଠ)କର୍-**ଠକ୍**; ଚଉଠକର୍-**ଚଉତ୍**; ଜୋଡ଼କର-**ଜୋଖ**, ଫାସଦେ-**ଫାନ୍ଦ୍**; ଗ୍ରସ୍ତ (ଗ୍ରାସ୍)କର-ଘୋଟ୍ (**ତତେ ଅଚିହ୍ନା** ଘୋଟିଚି, ମେଘ ଘୋଟିଚି) ନିର୍ବାଚନ, ବିଗ୍ରହ, ବିବେଚନକର୍-ବାଛ୍, **ବାର୍; ଭାବ** (ଭାବନା)କର୍-**ଭାଳ**; ଠା (ସ୍ଥାନ)କର୍-**ଥାକ**, **ଟାକ**; ବାହାନା (ଭାନ)**କର୍-ଫାଂକ୍**; ଫାଟକର୍-**ଫାଂକ୍** (ଏଇ **ଫାଂକ୍** କ୍ରିୟାରେ ଚଳେ ନାଇ । ଏଥିରୁ **ବିଶେଷ୍ୟ ହୁଏ ଫାଂକ**) ଗୁପକର୍-ଢାକ୍, ଅଧଃକର-**ଢୋକ୍**; ମୁଠାଗ୍ରହ୍-**ମୋଡ୍**; ବଳୁଆକର୍-**ବଳ୍** (ଦଉଡ଼ି ବଳିବା); ରଗ (ରାଗ)କର୍-**ରଗଡ୍**; (ଏଥିରୁ ବିଶେଷ୍ୟ **ହୁଏ** 'ରଗଡ୍' - ଏହା 'ଗଡ଼ଗଡ଼କର'-'ରଗଡ଼'ରୁ ଭିନ୍ନ) ପୁଛାକର୍-**ପଗ୍ରର୍**; କାଟି କଥାକର୍ (କାଟି କରି କଥା କହ୍)-**କଟାଳ୍**; ଠାବ୍ (ଥୟ, ସ୍ଥିର)କର୍-**ଠଉର୍**; ତୁଳକର୍-**ତୌଲ୍**, ତଉଲ୍; ଧବଳ (ଧଳା)କର୍-**ଧଉଳ**, ମୁକୁଳ, ବକୁଳ ଧର (କାଢ଼)- **ବଉଳ**; ମଳିନ (ମଳ, ମଅଳ) ହୋ-**ମଉଳ୍**; ସମାନ୍କର୍-**ସାଉଁଳ**; ସଂହତ, ସଂଗୃହୀତକର୍-**ସାଉଁଟ୍**; ସଂଚିତ କର୍-**ସାଇତ**; ଆଢୁଆଳ (ଢୁଆ, ଢା) କର- **ଢାଂକ୍**; ଲଂବା ନକରି ଠିଆକର୍-ତେର; ସାଫ୍, ସଫାକର୍-ଛାଣ୍, **ଛାଂକ୍** (ବର୍ଣ ବିପର୍ଯ୍ୟୟରେ-ଗ୍ରଂଛ୍); ସାଂଦ୍ରକର୍-**ସାଂଧ**; ମତ୍ତହୋ-**ମାତ**; ଫାଇଁ (ଫୁଲିବାର ଅନୁକୃତି ସ୍ୱର) ହୋ-**ଫାମ୍ପ**; ସିଦ୍ଧକର୍-**ସିଂଝୋଳ୍** ।

Digitized by PPRACHIN, SOA

ସଂପୂର୍ଣ ଭାର୍ (ସଂ-ଭାର୍) ନେ-**ସଂଭାଳ୍;**
ଉପରକୁ ଜଳ (ଉଜ୍ଜଳ) କାଢ୍-**ଉଝାଳ;**
ଅଳ୍ପଉଚ୍ଚ (ଆ-ଉଚ୍ଚ)ହୋ-**ଆଉଚ୍;**
ଉଦ୍ୟାପନକର୍ (ଓସା ଉପରକୁ ଯା) **ଉଜାଁ** (ଉଜୁଆଁ-ଏଇ ପ୍ରଯୋଜକ ରୂପରେ ଏହାର ବ୍ୟବହାର ହୁଏ ।);
ସୁଅରେ ଉପରକୁ ଯା-**ଉଜାଣ୍** (ସଂସ୍କୃତ-ଉଦ୍‌ଯାନ, ପ୍ରାକୃତ-ଉଜ୍ଜାଣ)
ଉପରକୁ ବୁକୁ କର୍ (ଗର୍ବିତ ହୋ)-**ଉବୁକ** କିମ୍ବା ହୁବ୍ (ଆହ୍ୱାବ) କର-ଉବୁକ୍ (ହୁବୁକ୍);
ଗଢ଼ାକର୍ - **ଗଢ଼ୁର;**
ଆଁ ବା ହାଁ କରି ପିଇବା ବା ହାପ୍ (ହାପୁ) କରିବା ଦ୍ରବ୍ୟ ହେଉଚି-'ହାପୁ'; ତାକୁ ଅଳ୍ପ ଅଳ୍ପ କରି ଖାଇବା ଅର୍ଥରେ-**ହାପୁର୍** (ହାପ୍ କର୍)

[ପିଲାଙ୍କୁ ଖୁଆଇବେବେଳେ ମା'ମାନେ ଭାତକୁ 'ହାମୁ' ଓ ଡାଲିକୁ 'ହାପୁ' କହନ୍ତି । ଖାଇବାରେ ହାମୁ (ହାଉଁ) କରିଦେ; ହାପୁ (ହାପ୍) କରିଦେ]

ତୁଳ ବା ଠିକ୍ ଉତ୍ତୋଳନ କର - **ଟାଂକ୍;**
ଠିଆ ବା ଟେକ୍‌କର-ଟାଂକ୍; ପୁଣି ଟାଂକକର୍-**ଟାଂକୁର୍;**
ଗ୍ରେପା ଉଡ୍‌କର-ପାଛୁଡ୍ (ଚପାଉଡ୍-ଗ୍ରପୁଡ୍, ବର୍ଣ ବିପର୍ଯ୍ୟୟରେ ପାଛୁଡ୍);
ବହେ (ବହୁତ) ଗୋରୁ ଯୋଚ୍-ବେଂଗୁଳ୍ (ବହେ ଗୋରୁ-ବଏଗୋର-ବେଁଗୋର-ବେଂଗୁଳ);
ବଢ଼ିକହ୍-**ବଙ୍କ୍** (ଗାଳିଦେ); ବହୁତ କହ-ବକ୍;
ବଳିପଡ୍-**ବହପ୍;** ମାଡିକଚ୍-**ମକଚ** (ମାଡ୍ କଚ୍)
ଗଡ଼ଗଡ଼କର-**ରଗଡ୍;**
ରହି ରହି ଦାନ୍ତରେ କାଟ୍-**ରେକଟ** - ରହ୍‌କଟ୍;
ଗଉ (ଗୋରୁ) ଅଡ଼ା (ଉଡ଼ା) ଇଲା ପରିକର୍-**ଘଉଡ୍** (ଗଉଅଡ୍)
ଘୁରାଇବାଟ୍-**ଘୋଟ୍** (ଘୁରୁବଟ୍-ଭାଙ୍ଗ ଘୋଟିବା)
ଧରିକାଢ୍-**ଦରାଣ୍ଡ,** ଧଉଣ୍ଡ (ଧରକାଢ୍-ଧରାଡ୍, ଦରଂଡ୍, ଧଉଣ୍ଡ-ଏଥିରୁ ବର୍ଣ ବିପର୍ଯ୍ୟୟରେ ଦରାଣ୍ଡ-ଧଉଣ୍ଡ ବର୍ଣ ବିପର୍ଯ୍ୟୟରେ **ଅଣ୍ଡାଳ,** ଦରାଣ୍ଡ;

**ପେଟ ଟୁଂ କରି ଫୁଲିଗଲା; କେଁ କେଁ ହେଲା; ଚକ୍‌ଚକ୍ ହେଲା; ମଚ୍ ମଚ୍ କଲା** ପ୍ରଭୃତି ଭାବବୋଧକ ବା ଶବ୍ଦର ଅନୁକରଣବୋଧକ ଶବ୍ଦରେ ବହୁତ କ୍ରିୟା ହୁଏ । [ସଂସ୍କୃତରେ ମଧ୍ୟ ଧାତୁର ମୂଳ ଦେଖିଲେ ଏଇପରି କେତେ ଶବ୍ଦର ଚିହ୍ନ

Digitized by PPRACHIN, SOA

ଏବେ ନ ଥାଇ ଧାତୁ ହୋଇଥିବାର ଦେଖାଯାଏ । ଯଥା- କୁଂ (କଷ୍ଟରେ କରିବା ଶବ୍ଦର ଅନୁକୃତି) ସ୍ଥା=କୁଂଥ୍, କୁଂଠ ।] ସେଇପରି ଟୁଂକର-ଟୁଂକାର୍, ସୁଂଘାତ୍ (ପେଟ ଟୁଂକାରିଲା, ସୁଂଘାଡ଼ିଲା);

ଝଟ୍ ଝଟ୍ (ଚକ୍ ଚକ୍, ଜକ୍ ଜକ୍)କର-**ଝଟକ୍** । (ଛଟକେ ଆଣିଲା, ଝଟ୍ ଆଣିଲା, ଛଟ୍ କରି ଆଣିଲା, ଝଟ୍ କରି ଆଣିଲା ପ୍ରଭୃତିରେ 'ଝଟ୍' ପ୍ରଭୃତି ଅବ୍ୟୟ ମଧ୍ୟ ଏଇ ଝଟ୍ ବା ଝଟକ୍‌ରୁ ବାହାରିଚି; ଝଟ୍ ଝଟ୍ କଲେ ସେଇ ଝଟ୍‌ରେ ଆଲୋକ ଯେପରି ଦେଖାଯାଏ, ସେଇପରି ଶୀଘ୍ର; ଏଇ ଅର୍ଥ)

ଫୁସ୍ ଫସ୍ କର-**ଫୁସୁକ**, ଫସକ୍ (ଶବ୍ଦକରି ଫୁଟିବାକୁ ହୋଇଥିବା ବାଣ ପ୍ରଭୃତି ବ୍ୟର୍ଥ ହେଲେ, ତାହାର ଶବ୍ଦାନୁକୃତି ହେଉଚି-ଫୁସ୍ ଫୁସ୍);

ହାଚି, ଆଛି ବା ଛି କର୍-**ଛିଂକ୍** ।

ସେଁ ସୋଁକର୍-**ଛୁଂକ୍**;

କେଁକର୍-**କେଂଚ୍**;

ଚଡ଼୍ ଚଡ଼୍ କର, ଚଡ଼୍ କର-**ଚଡ଼କ୍** (ଚଡ଼୍ କରି ଫାଟିଗଲା କହିଲେ ଏଇ ଚଡ଼୍‌ର ବ୍ୟବହାର ହୁଏ । **କାଠ ଚଡ଼କିଲା**-ଶୁଖି ଫାଟିଗଲା ।)

ମଚ୍‌କର-**ମଚକ** (ସେଥିରୁ ବର୍ଣ୍ଣ ବିପର୍ଯ୍ୟୟରେ ମଧ୍ୟ **ମକଚ୍** ହୁଏ-**ଶିର ମକଚି ହୋଇଗଲା**-ଏହା 'ମାଡ଼ିକଚ୍'-'ମକଚ୍'ଠାରୁ ଭିନ୍ନ ।)

ସୁଁକର୍-**ସୁଂଘ୍**; ଫୁଁ (ଫୁତ୍)କର୍-**ଫୁଂକ୍**; ଭୋ ଭୋକର୍-**ଭୁକ୍**; ଖଁକର-**ଖଁକାର୍** (ସ୍ୱାର୍ଥ ପ୍ରୟୋଜକ); ଘୁମ୍‌ଘୁମ୍, ଘୁମ୍‌କର-**ଘୁମୁର**; ଭୁଡ଼୍‌କର କିମ୍ବା ଭୋଭୋରଡ୍-**ଭୁରୁଡ୍**; କୁରୁକୁରୁ (ହସିବାର ଅନୁକରଣ ଶବ୍ଦ)କର୍-**କୁରୁଡ୍**; ଆହାବୋଲ୍-**ହାବୋଡ଼୍**-ହାବୁଡ଼୍, ମହ୍‌ମହ୍‌କର-**ମହକ୍**; ଡହ୍‌ଡହ୍ (ଦହ)କର୍-**ଦହକ୍**; ଧଡ଼୍‌ଧଡ଼୍‌କର-**ଧଡ଼କ୍** (ଏଥିରୁ ବିଶେଷ୍ୟ ହୁଏ 'ଧଡ଼କ'-ଯହିଁରେ ଛାତି ଧଡ଼୍‌ଧଡ଼୍ କରେ; 'ଦକ'ରୁ ମଧ୍ୟ ଧଡ଼କ ହୁଏ ।); ଖର୍‌ଖର୍ (ଓଳାଇକର୍)-**ଖରକ୍**; ପଟକର୍ ('ଆତେ ହୋ' ବା 'ପାଖ ଧ' ଅର୍ଥରେ)-**ପଟକ**; ଦମ୍‌ଦମ୍ ବା ଦୁମ୍‌ଦୁମ୍‌କର୍-**ଦମକ୍**, **ଦୁମୁକ୍** (ଏଇ 'ଦୁମୁକ୍' ବା 'ଦୁମକ୍'ରୁ ପ୍ରୟୋଜକରେ ସକର୍ମକ ଦୁମାକ୍, ଦୁଆଂଗ୍ ଅର୍ଥାତ୍ ଦୁମ୍‌ଦୁମ୍ କରି ମାର୍); ଧମ୍‌ଧମ୍‌କର୍-**ଧମକ୍** (ମୁଣ୍ଡ ଧମକୁଚି); ଛିଟ୍‌କର (ଛିଟ୍‌କରି ଛିଡ୍)-**ଛିଡ଼ିକ୍** । ସେଇପରି -

ଟଣ୍‌ଟଣ୍‌କର୍-**ଟଣକ** (କାନ ଟଣକୁଚି);

ଟବ୍‌ଟବ୍‌କର୍-**ଟବକ୍** (ହାଣ୍ଡିରେ ପାଣି ଟବକୁଚି, ପେଟ ଟବକୁଚି);

ଟମକ୍ (ଏଥିରୁ ବିଶେଷ୍ୟ ଟମକ ନାମକ ବାଦ୍ୟ)

Digitized by PPRACHIN, SOA

ଗୃଉଁକର୍-**ଚମକ୍** (ହଠାତ୍ ବିଚଳିତ ହେବା ସେଥିରୁ ଅଳ୍ପାର୍ଥରେ-'**ଚଁକ୍**', '**ଝୁଂକ୍**' ଓ ପ୍ରୟୋଜକରେ ଝାଂକ୍ ହୁଏ);

ଚକ୍‌ଚକ୍‌କର-**ଚମକ୍**;

ଫଡ୍‌କର୍-**ଫଡ଼କ୍** (ଚଢ଼େଇକୁ ନ ଜଣାଇ ଆସ୍ତେ ଧରିବାକୁ ଗଲେ ସେ 'ଫଡ୍' କରି ଉଡ଼ିଯାଏ । କାର୍ଯରେ ସେଇପରି ଅଜ୍ଞାତ ପ୍ରଭାବ ଧରିପାରି ବିଗିଡ଼ିବାକୁ 'ଫଡ଼କିବା' କହନ୍ତି ।

ହାପ୍‌ହାପ୍, ହାପ୍ (ଲହରୀ ଅତଡ଼ାରେ ବାଜିବା ଶବ୍ଦର ଅନୁକୃତି)କର୍-**ହାବୁକ୍** ।

ଧିକ୍‌କର-**ଧିକାର୍** (ସ୍ୱାର୍ଥ ପ୍ରୟୋଜକ-ଏଥିରୁ ମଧ୍ୟ **ଝିଂଗାସ୍ ହୁଏ** । ଜିଜ୍ଞାସ୍, ଜିଗିଁ୍ୟାସ୍‌ରୁ ଝିଂଗାସ୍ ହୁଏ ମାତ୍ର ଝିଂଗାସ୍‌ର ଅର୍ଥ 'ଧିକାର' । ଧିକାରିବା ଭଳି ଜିଗ୍ୟାଂସିବା ବା ପଗ୍‌ରିବାରୁ ଏହା ହୋଇଚି ବୋଲି ମନେହୁଏ । ଏଇପରି ଦୁଇଟିର ମିଶ୍ରଣରେ ଧାତୁ ବା ଶବ୍ଦ କେବେକେବେ ଗୋଟିକର ପ୍ରଭାବରେ ଅର୍ଥ ଗ୍ରହଣ କରିଥାଏ ।);

ଓହୋରଡ୍-**ହୁରୁଡ୍**; କୁହୁରଟ୍-**କୁହାଟ୍** (କିମ୍ବା କୁହୁକର୍-'କୁହୁଡ୍'ରୁ କୁହାଟ)

ହଂବାକର୍-**ହଂବାଳ୍** (ଗାଈର ଶବ୍ଦ);

ହଂଟ୍ ବା ହଂଟାକର୍-**ହଂଟାଳ୍** (ବାଘ ଶବ୍ଦକୁ ଅନୁକରଣରେ ହଅଁଟ୍ କହିବାରୁ ସେଇ ଶବ୍ଦ-ହେଲା, ହଅଁଟ୍ ବା ହଅଁଟା, ସେଥିରୁ ଯେ ହଅଁଟ୍ କରେ ସେ ହେଲା-ହଅଁଟା ବା ହେଟା, ଏକପ୍ରକାର ବାଘ, ଯେ କି ବେଶି ଶବ୍ଦ କରିବାର ଲୋକେ ଶୁଣିପାରନ୍ତି ।)

କୋହକର୍-**କୋହର**; ଓହୋକର୍-**ଓହର୍** । (ଅବ୍ (ତଳକୁ) ଚଳ୍‌ରୁ ମଧ୍ୟ **ଓହର୍** ହୁଏ-ତା'ର ପ୍ରୟୋଜକ ରୂପ 'ଓଲ୍‌ହା';

ହାଁକର୍-ହାଁ କରି ବା ବଡ଼ ପାଟି କରି ଡାକ୍-'**ହାଁକ୍**' 'ଆ' କର-**ଡାକ୍** (ଆକାରର 'ଆ'ଲୋପରେ ବର୍ଣ୍ଣ ବିପର୍ଯୟ) ।

'ମୁଁ ରାଟ୍' ବା 'ମୁଁ ରଜା'-ଏଇପରି ଠାଣି ଦେଖା-**ମୁରାଟ୍** । ଉପରକୁ ହୁଁ କର୍ ବା ହୁଁ କରି ଉପରକୁ ଉଠ୍-**ଉହୁଂକ୍**; ଧାବିତ ହୋ ବା ଧାବ୍ କର୍-**ଦୌଡ଼୍** (ଦଉଡ଼୍) ('ଧାବଡ଼', 'ଧାଉଡ଼୍' ଓ 'ଧଉଡ଼୍'ରୁ ଦଉଡ଼-'ଏବେ ମଧ୍ୟ ଧାଁଆ ଧଉଡ଼ି ଲଗାଇଚି', 'ନେଉଳ ଧାଉଡ଼ି କିଆ ବଣ ଯାଏ'-ପ୍ରଭୃତି ଭାଷାର ବହୁଶ୍ରୁତ ବ୍ୟବହାରରେ ଅଛି ।-'ଧାଇଁ ଚଳ୍' ବା '**ଧାଁଉଡ଼୍**'ରୁ **ଦଉଡ଼୍** ମଧ୍ୟ ହୋଇପାରେ, ଇତ୍ୟାଦି ।

Digitized by PPRACHIN, SOA

**ଖା, ଖାପ୍, କାପ୍**

ଯେତିକି ଖାଇବ ବା ଠିକ୍ ଦରକାର ହେବ, ସେତିକି ହେବା ଅର୍ଥରେ 'ଖା' ଓ 'ଖାପ୍' ହୁଏ । ଏଠାରେ 'ଖାପ୍' ପରି 'ଖା' ମଧ୍ୟ ଅକର୍ମକ । ସେଇ ଖାପ୍ ମଧ୍ୟ ପୁଣି 'କାପ୍' ହୁଏ । କିନ୍ତୁ ଅର୍ଥ ଟିକିଏ ଭିନ୍ନ ଭିନ୍ନ ହୁଏ । ଯଥା- ଏ ଖାତରେ ଏତକ ମାଟି ଖାଇବ । **ଖପିଲା** (ଖାପ ଖାଇଲା) ଭଳି ଢାଂକୁଣି ତିଆରି କର । ଏ କଥାଟି ଏକା **କାପିଲା** (ଠିକ୍ ଯୁକ୍ତିଯୁକ୍ତ ହେଲା) ବିଶେଷ୍ୟାଦିର ବିଶେଷ ବିଶେଷ ଅର୍ଥରେ କ୍ରିୟା ତିଆର୍ ହୁଏ । ଯଥା-

ଗାଡ଼ (ଗାତ) ଖୋଳି ତହିଁରେ ପୋତିବା ଅର୍ଥରେ ଗାଡ଼୍; ଆହାରରେ ଆଦର ବା ଖାଲି ଆଦରିବା (ଆଦର କରିବା) ଅର୍ଥରେ 'ଆର୍'-ଏ ବାଛୁରୀ ସେ ଗାଈକୁ 'ଆରୁ' (ଆହାରୁ ବା ଆଦରୁ) ନାଇ ।

ବୁଦ୍ଧିର ଖେଳ ବା ଅକଲ (ବିଦେଶି ଶବ୍ଦ) ଦେଖାଇ ହଇରାଣ କରିବା ଅର୍ଥରେ, **'ଅକଡ଼୍'** (ଅକଡ଼ିଆ)-**ଅକଲିଆ ଲୋକ** । ଏଥିରୁ ମଧ୍ୟ 'ଅକଟ୍' ଓ ବର୍ଣ୍ଣ ବିପର୍ଯ୍ୟୟରେ ଅଟକ୍ ହୋଇପାରେ ।

ମାତ୍ର (ନ-କଟ୍-ଅକଟ୍) ଓ (ଅକଡ଼୍-'ଅକଟ୍') ଦୁହେଁ ଭିନ୍ନ; ତେଣୁ 'ଅକଟ୍' ମଧ୍ୟ ଭିନ୍ନ ଭିନ୍ନ ଅର୍ଥରେ ଚଳେ । 'ଅଟକ୍'ର ମଧ୍ୟ ଟିକିଏ ଭିନ୍ନ ଅର୍ଥରେ ପ୍ରୟୋଗ ହୁଏ । 'ଏଇତକ୍' ରୁ ମଧ୍ୟ 'ଅଟକ୍' ହୁଏ - 'ଏଇତକ୍ କର' ବା 'ଏଇତକ୍ ହୋ'- ଏଇପରି ଅର୍ଥ । ପୁଣି **ଅକଳ-ଅକଡ଼**-ଯାହା କଳି ବା ବୁଝିହୁଏ ନାଇ; ସେଇ 'ଅକଡ଼' ବିଶେଷ୍ୟରୁ ମଧ୍ୟ 'ଅକଡ଼୍' କ୍ରିୟା ହୁଏ । ଯଥା- **ସେ ଅକଡ଼ି ଦେଲା** । ଏଇପରି ନାନା ଅର୍ଥ ଓ ଆଶୟରେ **'ଅକଟ୍'**, **'ଅକଡ଼୍'** ଓ **'ଅଟକ୍'** ଧାତୁର ପ୍ରୟୋଗ ହୋଇଥାଏ । 'ଆହତ କର୍'ରୁ **'ଅଟକ୍'** ହୋଇପାରେ । କଦାଚିତ୍ ଭିନ୍ନ ଭିନ୍ନ ଅର୍ଥରେ ମଧ୍ୟ ଏକା ଧାତୁ ଭିନ୍ନ ଭିନ୍ନ ରୂପ ଧରେ । ଯଥା- ଅକଟ୍, ଅକଡ଼୍, ଅଟକ୍ କଥା କୁହାଯାଇଛି ।

**ଢୋକ୍, ଟୋକ୍** (ଛୋଟ ଜିନିଷ ପରି ଏକାବେଳକେ ଗିଳ୍), **ଟୁକ୍** (ଅତି କ୍ଷୁଦ୍ର ଜିନିଷ ଗୋଟି ଗୋଟିଏ କରି ଗୋଟାଇବା ବା ପାଟିକି ପକାଇ ଗିଳିବା- ସେଇଥିରୁ ହୁଏ **ଟୁଂକ୍**, କ୍ଷୁଦ୍ର ଜିନିଷ ଗୋଟି ଗୋଟି କରି ଗୋଟା- ସେଇଥିରୁ ମଧ୍ୟ ବର୍ଣ୍ଣ ବିପର୍ଯ୍ୟାସରେ **'ଖୁଂଟ୍'** ହୁଏ ।

କାଟ୍, ଟାଂଗ୍ (ଡାଳ କାଟ୍ - ଗଛରୁ);

ଟେକ୍, ଖୁଂଟ୍ (ପଥର ପ୍ରଭୃତି ତଳୁ ଉଠାଇବା);

Digitized by PPRACHIN, SOA

'ଠୋକ୍' (ବ୍ୟବହାର ନାଇ);

'ଠୁକ୍' (ଅଳ୍ପକରି ବାଡ଼ିଆ);

ଟାଣ୍, ଆଣ୍ଟ (ପେଚ୍ ପ୍ରଭୃତି ଟାଣକରି ବସାଇବା);

ଚ଼ଳ୍ (ରାଗ ହୋ, କୌଣସି ଥଟା କଥାରେ ରାଗ ହେବା);

ଚିଡ଼୍ (ସାମାନ୍ୟ କଥାରେ ରାଗ ହେବା), ଚଟ୍ (ହଠାତ୍ ବେଶି ରାଗ ହେବା);

ଚଂକ୍ (ସ୍ଥିରତାରୁ ଟିକିଏ ଗ୍ଳିତ ହେବା);

ଝୁଂକ୍ (ଗୋଟିଏ ଆଡ଼କୁ ଅଳ୍ପ ଢଳିବା);

ସଂସ୍କୃତରୁ ମଧ୍ୟ ଚଳ୍, ଟଳ୍, ଢଳ୍ ସେଇପରି;

ପୁଣି କ୍ଷର୍, ଝର୍, ଝଡ଼୍, ସେଇପରି କେଂଚ୍, ଖେଂଚ୍, ଖୁଂଚ୍ ଇତ୍ୟାଦି ।

'ସର୍ପ୍'ରୁ **'ଛପ୍'**, ସେଇ ଅନୁକ୍ରମେ 'ଗୁପ୍'ରୁ ଅକର୍ମକ ରୂପ **'ଚପ୍'** – ଏ ଦୁଇଟି ଭିନ୍ନ ଭିନ୍ନ ଧାତୁ – ଅର୍ଥରେ ମଧ୍ୟ ପୂରା ଏକାପରି ନୁହନ୍ତି । ମାତ୍ର ଦୁଇଟିରୁ 'ଦବ୍' ଓ ସକର୍ମକ 'ଦାବ୍' ହୁଏ । ପ୍ରୟୋଗରେ ମଧ୍ୟ ଦୁଇଟି ମୂଳର ସଂକେତ ସ୍ପଷ୍ଟ ।

ଏଇ **'ଛପ୍'ରୁ ମଧ୍ୟ 'ଖପ୍' ହୁଏ** । ପୁଣି 'ଖାପ୍'ର ଅକର୍ମକ ରୂପ ଅନୁକରଣରେ ହେବା 'ଖପ୍' ସଂଗେ ଏହା ମିଶିଯାଏ । ଭିନ୍ନ ଭିନ୍ନ ଆତୁ ହୋଇଥିବା, ଅତଏବ **ଭିନ୍ନ ଭିନ୍ନ ଅର୍ଥର ଧାତୁ କଦାଚିତ୍ ଏକାପରି ହୁଏ ।** ଯଥା–

ଖୁଂଟ୍ ('ଟୁକ୍'ରୁ – ଅତି କ୍ଷୁଦ୍ର ଜିନିଷ ଦେଖି ଦେଖି ଗୋଟାଇବା)

ଖୁଂଟ୍ ('ଟେକ୍'ରୁ – ପଥର ପ୍ରଭୃତି ଓଜନ ଜିନିଷ ଉଠାଇ ତଳୁ ଛଡ଼ାଇଦେବା)

ଉତୁର୍ (ଉତ୍ତର୍ – ବିପଦ ପ୍ରଭୃତିର ଆରପାଖକୁ ଯିବା)

ଉତୁର୍ (ଅବତର୍ – ବିନା କାରଣରେ ଅତିଶୟ ବିଗିଡ଼ିବା)

ଘୋଟ୍ (ଘୁରାଇ ବାଟିବା – ଭାଙ୍ଗି ଘୋଟିବା)

ଘୋଟ୍ (ଘୋଡ଼ାଇବା – ମେଘ ଘୋଟିବା, ତତେ ଅଚିହ୍ନା ଘୋଟିଛି କି) ଅର୍ଥାତ୍ ତୋ ବିବେକକୁ ଅଚିହ୍ନାରୋଗ ଘୋଡ଼ାଇଚି କି ?

ଟାଂକ୍ (ଉତ୍ତୋଳନ – ତୁଳକର)

ଟାଂକ୍ (ଠିଆକର, ଟେକି ରଖ) ଇତ୍ୟାଦି ।

[**ଦ୍ରଷ୍ଟବ୍ୟ :** ସଂସ୍କୃତରୁ ମଧ୍ୟ ଫୁଟ୍ ସଂସ୍କୃତ ସ୍ଫୁଟ୍ – **(ପ୍ରକାଶେ – ଫୁଲ ଫୁଟିବା)** ଫୁଟ୍ ସଂସ୍କୃତ ସ୍ଫୁଟ୍ **(ବିଦାରଣେ, ଫୋଡ଼ ହେବା)**]

Digitized by PPRACHIN, SOA

ସଂସ୍କୃତରେ ଧାତୁରେ ସନ୍ ଓ ଯଙ୍ ପ୍ରତ୍ୟୟ କରି ନୂଆ ଧାତୁମାନ ତିଆରି ହୁଏ । ସନ୍ ଥିବା ଧାତୁକୁ 'ସନନ୍ତ' କହନ୍ତି । ସେଥିରେ ଇଚ୍ଛା କରିବା ପ୍ରକାଶ ପାଏ । 'ଯଙ୍' ଥିବା ଧାତୁକୁ 'ଯଙ୍ନ୍ତ' କହନ୍ତି । ସେଥିରେ ଅତିଶୟ ବା ପୁନଃ ପୁନଃ ଅର୍ଥ ପ୍ରକାଶ ପାଏ । ଯଥା-

**ସନଂତ** - ଚିକିତ୍ସ ('କିତ୍'ରୁ - ପରିଚର୍ଯା ଇଚ୍ଛା କର୍)

ଜିଗମିଷ୍ ('ଗମ୍'ରୁ - ଗମନ କରିବା ଇଚ୍ଛା କର୍)

ଜିଗୀଷ୍ ('ଜି'ରୁ - ଜୟ ଇଚ୍ଛା କର୍)

ଜିଗୀବିଷ୍ ('ଜୀବ୍'ରୁ - ବଂଚିବା ଇଚ୍ଛା କର୍) ଇତ୍ୟାଦି ।

ଏଇସବୁ ଧାତୁରୁ 'ଆ' ପ୍ରତ୍ୟୟ କରି ଚିକିତ୍ସା, ଜିଗମିଷା, ଜିଗୀଷା, ଜିଜୀବିଷା ପ୍ରଭୃତି ତତ୍ସମ ବିଶେଷ୍ୟ ଓଡ଼ିଆରେ ଚଳେ ।

**ଯଙ୍ନ୍ତ୍** - ଦେଦୀପ୍ୟ ('ଦୀପ୍'ରୁ - ଅତିଶୟ ଦୀପ୍ତିକର)

ଚଂଚଲ୍ୟ ('ଚଳ୍'ରୁ - ଅତିଶୟ ଚଳ୍)

ଜଂଗମ୍ୟ ('ଗମ୍'ରୁ - ଅତିଶୟ ଯା)

ଜାଜ୍ୱଲ୍ୟ ('ଜ୍ୱଳ୍'ରୁ - ଅତିଶୟ ଜଳ୍ - ଦୀପ୍ତ ହୋ) ଇତ୍ୟାଦି ।

ଏଇସବୁ ଧାତୁରୁ 'ମାନ' (ସଂସ୍କୃତ - ଶାନଚ୍) ଓ 'ଅ' ପ୍ରତ୍ୟୟ କରି - ଜାଜ୍ୱଲ୍ୟମାନ, ଦେଦୀପ୍ୟମାନ ପ୍ରଭୃତି ବିଶେଷଣ ଓଡ଼ିଆରେ ଚଳେ ।

ଓଡ଼ିଆରେ ସେଇପରି 'କଟ୍' (କାଟ୍)ରୁ 'ଚକଟ୍' (ଭଲକରି ବା ଟିକ୍ ଟିକ୍ କରି କାଟିବା ଭଳି କର୍);

'ଚୁମ୍'ରୁ ଗ୍ଚେଚମ୍ (ବାରଂବାର ଚୁମ୍)

'ପାଡ଼୍'ରୁ ଫୋପାଡ଼୍ (ଭଲକରି ଫିଂଗ୍)

'ବୋଲ୍'ରୁ ବୋବାଳ, ବୋବା;

'ଥର୍'ରୁ ଥଂଥର୍, ଥଂଥ୍, (ସେଥିରୁ 'ଆ' ପ୍ରତ୍ୟୟରେ ବିଶେଷଣ - ଥଂଥରା, ଥଂତରୀ, ଥଂଥା, ଥଂତା (ଯେ କାଟିବାବେଳେ ଥରେ) ହୁଏ ।)

'ଚଳ୍'ରୁ (ଚଂଚ୍), ଚଂକ୍ (ଚଂଚଳ ହୋ);

ଛାଡ଼୍ (ପ୍ରୟୋଜକ ଛଡ଼ା)ରୁ 'ଗ୍ଚେଚଡ଼୍' - ସେଥିରୁ 'ଆ' ପ୍ରତ୍ୟୟ ବିଶେଷ୍ୟ ହୁଏ - ଗ୍ଚେଚଡ଼ା;

'ଛିଡ଼୍', ଛିଂଡ଼୍; ପ୍ରୟୋଜକ 'ଛେଚଡ଼୍'ରୁ 'ଛେଚ୍' ମାତ୍ର 'ଆ' ପ୍ରତ୍ୟୟରେ ବିଶେଷଣ- ଛେଚଡ଼ା, ଛେଚେଡ଼ା- ଅବାଗିଆ ଛେଗ୍ଚ; ପୁଣି 'ଛେଚ୍'ରୁ ଛେଗ୍ଚ;

Digitized by PPRACHIN, SOA

ଫଳା (ଫଳ ଦେଖାଇ କହ)ରୁ ହୁଏ 'ପାଁପଳା' (ଫଳ ଦେଖାଇକରି ଭୁଲା ବା ନିଜ ମତରେ କର ।)

'ଘସ୍'ରୁ ଘୁସୁର୍;

'କଟ୍' (କାଟ୍)ରୁ କତୁର୍ (ଟିକିଟିକି କରି କାଟ୍ ବା ଅଳ୍ପ ଅଳ୍ପ କରି କାଟ୍);

'ବାଟ୍'ରୁ ବତୁର୍ (ବାଟିବା ପାଇଁ ହୋ);

'ରାଂପ୍'ରୁ ରାଂପୁତ୍;

'ଖସ୍'ରୁ ଖସତ୍ ଇତ୍ୟାଦି ।

ଓଡ଼ିଆରେ ଇଷତ୍ ବା ଅଳ୍ପ ପ୍ରଭୃତି ଅର୍ଥରେ **'ଚଳ୍'ରୁ ଚହଲ୍; 'ଦୋଳ୍' (ଦୁଳ୍)ରୁ ଦୋହଲ୍; 'ଟଳ୍'ରୁ ଟହଲ** – ('ଟଳ୍'ରୁ ପୁଣି 'ଢଳ୍' (ଡହଲ୍) ହୁଏ; ଦୋହଲ୍, ଚହଲ୍, ଟହଲ୍ ପ୍ରଭୃତିର ମୂଳ ଅକ୍ଷର କଟିଯାଇ 'ହଲ୍' ଧାତୁ ହୁଏ ।)

**'ବୋଲ୍'ରୁ ବହଲ୍** (ପ୍ରୟୋଜକ ରୂପରେ ଏହାର ଏକା ପ୍ରୟୋଗ ହୁଏ । ଯଥା– ବହଲେଇ ବହଲେଇ କହୁଚି; କର୍ତୃ କର୍ମବାଚ୍ୟରେ – ବହଲେଇ ହଉଚି । ଏଇ 'ବହଲ୍' 'ବଳ୍' ଧାତୁରୁ ମଧ୍ୟ ହୋଇପାରେ । ଯଥା– ବଳେଇ ବଳେଇ କହୁଚି, ବହଲେଇ ବହଲେଇ କହୁଚି ।

**'ବଢ଼୍'ରୁ ବହକ୍** ('ବହୁକର୍'ରୁ 'ବହକ୍' ହେବା ସମ୍ଭବ; ଏହାର ଅର୍ଥ ବଳିବଳି କହିବା ବା କାର୍ଯରେ ବଡ଼ ବୋଲି ଦେଖାଇ ହେବା); **'ପଡ଼୍'ରୁ ପହଡ଼୍** (ପହୁଡ଼) – (ରାଜାଦି ପୁରୁଷଙ୍କ ଶୋଇବାକୁ ପହୁଡ଼ିବା କହନ୍ତି । ଶୋଇଚନ୍ତି ନ କହି କୁହାଯାଏ– 'ପହୁଡ଼ିଚଂତି ବା ଅଳ୍ପ ଟିକିଏ ପଡ଼ିଚଂତି ।

## ପ୍ରୟୋଜକ ଧାତୁ

**ସଂସ୍କୃତରେ 'ଇ' (ଣିଚ୍) ଲାଗି ପ୍ରୟୋଜକ ଧାତୁ ତିଆର ହୁଏ ।** ଏଇ 'ଇ' ଲାଗିଲେ 'ଆ' ଭିନ୍ନ ସ୍ୱରାଂତ ଧାତୁର ଅଂତସ୍ୱର ଓ ଉପଧା 'ଅ'ର ବୃଦ୍ଧି ହୁଏ । 'ର' ଧାତୁର ଗୁଣ ହୁଏ । 'ର' ଓ ଆ-କାରାଂତ ଧାତୁ ପରେ 'ପ୍' ଆଗମ ହୁଏ । ଉପାଂତ 'ଉ'ର ଗୁଣ ହୁଏ । 'ରୁହ୍' ଧାତୁର 'ହ୍' ଠାରେ 'ପ୍' ହୁଏ । ମାତ୍ର 'ଦୁଷ୍' ଧାତୁ ଠାରେ 'ଦୂଷ୍' ହୁଏ । 'ଇ' ଧାତୁଠାରେ 'ଅଧି' ଉପସର୍ଗ ପୂର୍ବରୁ ଥିଲେ 'ଆ' ହୁଏ । 'ଭୀ' ଧାତୁ ପରେ 'ଷ' ଆଗମ ହୁଏ । 'ହନ୍' ଧାତୁଠାରେ 'ଘାତ୍' ଆଦେଶ ହୁଏ ।

ପାଳନାର୍ଥ 'ପା' ଧାତୁ ପରେ 'ଳ୍' ଆଗମ ହୁଏ । ଧାତୁମାନଂକରେ ଆଉ କେତେକ ପରବର୍ତ୍ତନ ମଧ୍ୟ ହୁଏ । ତା' ଦେଖି ଜାଣିନେବାକୁ ହେବ । କାରଣ ଓଡ଼ିଆରେ ଚଳୁଥିବା ପ୍ରୟୋଗରେ ସେସବୁ ବେଶି ଦରକାର ନାଇ । ଯଥା–

Digitized by PPRACHIN, SOA

| ଅପ୍ରୟୋଜକ | | ପ୍ରୟୋଜକ |
|---|---|---|
| କୃ | - | କାରୀ |
| ସ୍ଥା | - | ସ୍ଥାପି |
| ଜ୍ଞା | - | ଜ୍ଞାପି |
| ଯା | - | ଯାପି |
| ଦୃଶ୍ | - | ଦର୍ଶି (ଗୁଣ) |
| ନଶ୍ | - | ନାଶି |
| ହନ୍ | - | ଘାତି |
| ଶୀ | - | ଶାୟି |
| ରୁହ୍ | - | ରୋପି |
| ଅଧି+ଇ | - | ଅଧ୍ୟାପି |
| ଚଳ୍ | - | ଗୃଳି |
| ପା | - | ପାଳି |
| ଭୂ | - | ଭାବି |
| ସ୍ରୁ | - | ସ୍ରାବି |
| ପଠ୍ | - | ପାଠି |
| ବଦ୍ | - | ବାଦି |
| ଜନ୍ | - | ଜନି (ବୃଦ୍ଧି ନାଇ) |
| ଋ | - | ଅର୍ପି |
| ଭୀ | - | ଭୀଷ |
| ଦୁଷ୍ | - | ଦୂଷି |

ଏସବୁ ସଂସ୍କୃତ କ୍ରିୟାର ଓଡ଼ିଆରେ ପ୍ରୟୋଗ ନାଇ । ତେଣୁ ଏସବୁ କ୍ରିୟାର ପ୍ରୟୋଗ, ଧାତୁରୁ ପ୍ରତ୍ୟୟ କରି ଶବ୍ଦ ତିଆରି କଲେ ଭଲ ବୁଝାଯାଏ । ଯଥା- **ଶୟିତ** (ଶୋଇଥିବା), **ଶାୟିତ** (ଶୁଆ ହୋଇଥିବା), **ଅଧୀତ** (ପଢ଼ା ହୋଇଥିବା), **ଅଧ୍ୟାପିତ** (ପଢ଼ାଇ ଦିଆହୋଇଥିବା) ।

ସେଇପରି -

ଦୁଷ୍ଟ-ଦୂଷିତ; ରୂଢ଼-ରୋପିତ;
ଜାତ-ଜନିତ; ହତ-ଘାତିତ;
ସ୍ଥିତ-ସ୍ଥାପିତ; କୃତ-କାରିତ;
ଚଳିତ-ଗୃଳିତ ଇତ୍ୟାଦି ।

Digitized by PPRACHIN, SOA

**ଓଡ଼ିଆରେ ପ୍ରୟୋଜକରେ ଧାତୁ ପରେ 'ଇ' ହୁଏ ନାଇ ।** ମାତ୍ର 'ଇ' ନ ରହିଲେ ମଧ୍ୟ ସଂସ୍କୃତର ତଦ୍‌ଭବରେ ଓଡ଼ିଆରେ 'ଥା'ରୁ 'ଥାପ୍', 'ରୋ' ବା 'ରୋପ୍', ପୁଣି 'ମାପ୍', 'ଅରପ୍', 'ସରପ୍' ପ୍ରଭୃତି ଧାତୁ ହୁଏ । ମାତ୍ର ଏମାନଂକର ପ୍ରୟୋଜକ ଅର୍ଥ ସ୍ପଷ୍ଟ ନୁହେ । ଏମାନେ ସକର୍ମକ ଧାତୁ ମାତ୍ର । ଏମାନେ ପୁଣି 'ଥପା', 'ରୋପା' ପ୍ରଭୃତି ପ୍ରୟୋଜକ ରୂପ ନିଅନ୍ତି ।

ସଂସ୍କୃତରେ 'ପରା-ଇ (ଗମ୍ ଅର୍ଥ)+ଅନ୍'-'**ପଳାୟନ**' ଶବ୍ଦ ହୁଏ । ସେଥିରୁ ପ୍ରୟୋଜକ ରୂପରେ ଓଡ଼ିଆରେ ଅକର୍ମକ ଧାତୁ ହୁଏ - '**ପଳା**' (ବେଗେ ଯା) ଏଥିରୁ ଆଉ ପ୍ରୟୋଜକ ଧାତୁ ତିଆର ହୁଏ ନାଇ ।

**ପ୍ରୟୋଜକରେ ଓଡ଼ିଆ ଧାତୁ ପରେ 'ଆ' ପ୍ରତ୍ୟୟ ହୁଏ ।** ପ୍ରତ୍ୟୟର 'ଆ' ଲାଗିଲେ ଯାହାସବୁ ବର୍ଣ ପରିବର୍ତନ ହୁଏ ତାହା ପାଇଁ ପୂର୍ବେ ଓ ସଂଧି ପ୍ରକରଣରେ ଦେଖ । ଏବେ ଉଦାହରଣ ଦିଆଯାଉଛି । ଯଥା-

| **ଅପ୍ରୟୋଜକ** | | **ପ୍ରୟୋଜକ** |
|---|---|---|
| ଲଅଁ (ନଅଁ)+ଆ | - | ଲୁଆଁ, ନୁଆଁ; |
| କହ୍+ଆ | - | କୁହା; |
| ସହ୍+ଆ | - | ସୁହା; |
| ଖା (ଖାଆ)+ଆ | - | ଖୁଆ; |
| ପି (ପିଇ)+ଆ | - | ପିଆ; |
| ସିଁ (ସିଇଁ)+ଆ | - | ସିଆଁ; |
| ଛୁଁ (ଛୁଉଁ)ଆ | - | ଛୁଆଁ; |
| ନେ (ନେଏ)+ଆ | - | ନିଆ; |
| ଦେ (ଦେଏ)+ଆ | - | ଦିଆ; |
| ଡେଁ (ଡେଏଁ)+ଆ | - | ଡିଆଁ; |
| ଧୋ (ଧୋଓ)+ଆ | - | ଧୁଆ; |
| ଥୋ (ଥୋଓ)+ଆ | - | ଥୁଆ; |
| ରୋ (ରୋଓ)+ଆ | - | ରୁଆ; |
| ପାଆ / ପାହା +ଆ | - | ପୁଆ, ପୁହା; |
| ଫାଟ୍+ଆ | - | ଫଟା; |
| କର୍+ଆ | - | କରା; |

Digitized by PPRACHIN, SOA

| ଅପ୍ରୟୋଜକ | | ପ୍ରୟୋଜକ |
|---|---|---|
| ବାଜ୍+ଆ | - | ବଜା; |
| ମାପ୍+ଆ | - | ମପା; |
| ଥାକ, ଟାକ୍+ଆ | - | ତକା; |
| ମାଗ୍+ଆ | - | ମଗା; |
| ମର୍+ଆ | - | ମରା; |
| ଧର୍+ଆ | - | ଧରା; |
| ପଗୃର୍+ଆ | - | ପଢ଼ରା; |
| ଉତୁର, ଉତ୍ତାର୍+ଆ | - | ଉତୁରା, ଉତ୍ତରା; |
| ଦରାଂତ୍+ଆ | - | ଦରଂତା; |
| ମିଳ୍+ଆ | - | ମିଳା; |
| କିଳ୍+ଆ | - | କିଳା; |
| ଚୁର୍+ଆ | - | ଚୁରା; |
| ଶୁଣ୍+ଆ | - | ଶୁଣା; |
| ଦେଖ୍+ଆ | - | ଦେଖା; |
| ଠେଲ୍+ଆ | - | ଠେଲା; |
| ତୋଳ୍+ଆ | - | ତୋଳା; |
| ମୋଡ୍+ଆ | - | ମୋଡ଼ା; |
| ଠଉର୍+ଆ | - | ଠଉରା; |
| ଘଉଡ୍+ଆ | - | ଘଉଡ଼ା; |
| ଉକୁଚ୍+ଆ | - | ଉକୁଗ୍ଭ । |

ଅକର୍ମକ ଧାତୁ ପ୍ରୟୋଜକରେ **ସକର୍ମକ** ହୁଏ । ଯଥା-

ଲୁଗା ଶୁଖୁଚି - ସେ ଲୁଗା ଶୁଖାଉଚି ।

ଅନ୍ୟ ହାତରେ କରାଇବା ଅର୍ଥ ହେଲେ ବି ଆଉ କିଛି ପରିବର୍ତ୍ତନ ହୁଏ ନାଇ । ଯଥା- ସେ ଗୃକର ହାତେ ଲୁଗା ଶୁଖାଉଚି ।

**ପି, ପଢ୍, ଦେଖ୍** ପ୍ରଭୃତି କେତେକ ସକର୍ମକ ଧାତୁ ପ୍ରୟୋଜକରେ **ଦ୍ୱିକର୍ମକ** ହୁଅନ୍ତି । ଯଥା- ପିଲା ଦୁଧ ପିଉଚି - ମା ପିଲାକୁ ଦୁଧ ପିଆଉଚି ।

ପିଲା ପାଠ ପଢୁଚି - ଶିକ୍ଷକ ପିଲାକୁ ପାଠ ପଢ଼ାଉଚନ୍ତି ।

Digitized by PPRACHIN, SOA

ଅନ୍ୟହାତେ କରାଇଲେ ମଧ୍ୟ ଅନ୍ୟକିଛି ପରିବର୍ତନ ହୁଏ ନାଇ । ଯଥା-

ମା' ପିଲାକୁ ଧାଇ ହାତେ ଦୁଇ ପିଆଉଚି ।
ଅବଧାନେ ପିଲାକୁ ବଡ଼ ଗୃଟ ହାତେ ପାଠ ପଢ଼ାଉଚନ୍ତି ।

**ନିପାତନ** - ଓହ୍ଲା - ସ୍ୱାର୍ଥ ପ୍ରୟୋଜକ ଓ ଅକର୍ମକ । ଏହାଛଡ଼ା ସକର୍ମକ ଧାତୁ ପ୍ରୟୋଜକ ହେଲେ, ଅନ୍ୟ ହାତେ କରାଇବା ଅର୍ଥ ହୁଏ । ଯଥା-

ରାମ ଟଂକା ଦେଲା - ରାମ ଅନ୍ୟଦ୍ୱାରା ଟଂକା ଦିଆଇଲା ।
ହରି ଡାଳ ଭାଂଗିଲା - ହରି (ଅନ୍ୟହାତେ) ଡାଳ ଭଂଗାଇଲା ।

କେତେକ ଅକର୍ମକ ଧାତୁ ନିଜର ପ୍ରୟୋଜକ ନ ନେଇ ଭିନ୍ନ ଧାତୁରେ ପ୍ରୟୋଜକ ପ୍ରକାଶ କରନ୍ତି । ଯଥା- 'ହୋ', 'କର୍' ('ହୁଆ' ନୁହେଁ); 'ଯା', 'ନେ' ('ଯୁଆ' ନୁହେଁ); 'ଗମ୍', 'ନେ' (ଗମା ନୁହେଁ - ମାତ୍ର ହାବିଳିଟା ଆକାଶକୁ ଗମିଗଲା, ବାଣୁଆ ହାବିଳିଟାକୁ ଆକାଶକୁ ଗମାଇଦେଲା; ସେ ପାଠରେ ଗମିଯାଏ, ତାକୁ ଯେଡ଼େ କଷ୍ଟ ପାଠରେ ମଧ୍ୟ ଗମାଇ ହୁଏ । ଗମିଗଲା (ଗଂଜାମ-ଗମୁ ହୋଇଗଲା)- ଏପରି ପ୍ରୟୋଗ ମାନ ହୁଏ । 'ଆସ୍', 'ଆଣ୍' ('ଅସା' ନୁହେଁ); 'ରହ୍', 'ରଖ୍' ('ରୁହା' ନୁହେ- ମାତ୍ର ଅନ୍ୟ ଦ୍ୱାରା କରାଇବା ଅର୍ଥରେ 'ରଖା' ଓ 'ରୁହା' - ଦୁଇ ପ୍ରୟୋଗ ଦେଖାଯାଏ । 'ରୁହା' ପ୍ରୟୋଗ ପଦ୍ୟରେ ଖୁବ୍ ମିଳେ ।) କୌଣସି କୌଣସିଠାରେ ପ୍ରୟୋଜକ ରୂପର ସୁପ୍ରଚଳିତ ଅନ୍ୟ ଅର୍ଥ ଥିଲେ ହୁଏ ନାଇ ।

'ଧାଁ'ର ପ୍ରୟୋଜକ 'ଦୌଡ଼୍' ଧାତୁରେ ପ୍ରକାଶ କରାଯାଏ । **'ତୁ ଧାଆଁ'**; ମାତ୍ର ତାକୁ ଦୌଡ଼ା (ଧୁଆଁ ନୁହେଁ) । 'ଗା'ର ପ୍ରୟୋଜକ ରୂପ (ଗୁଆ) ଚଳେ ନାଇ । କିଂବା ଅନ୍ୟ ଧାତୁରେ ଏହା ପ୍ରକାଶ କରାଯାଏ ନାଇ । **'ତୁ ଗାଆ.' 'ତୁ ତାକୁ ଗୀତ ବୋଲା'** । **'ତୁ ତାକୁ ଗାନ କରା'** । ଏପରି ସ୍ଥଳରେ ପ୍ରୟୋଜକର ଅର୍ଥ ହିଁ ଅନ୍ୟ ପ୍ରକାର ପ୍ରକାଶ କରାଯାଏ । 'ଧୁଆଁ' ଓ 'ଗୁଆ'ର ଅନ୍ୟ ଅର୍ଥ ଅଛି । ସେହିପରି- 'ପାଳ୍'ରୁ 'ପଳା' ମଧ୍ୟ ହୁଏ ନାଇ ।

ସରିଯିବା ଅର୍ଥରେ ଅକର୍ମକ **'ପା'** ଧାତୁ ବିକଳ୍ପେ **'ପାହା'** ହୁଏ । ଏଠାରେ 'ପାହା' ଆକାରାଂତ ଧାତୁ । ପ୍ରୟୋଜକ ରୂପ ନୁହେଁ । ଏହାର ପ୍ରୟୋଜକ ରୂପ - **'ପୁଆ', 'ପୁହା'** । ଯଥା- **ରାତି ପାଇଲା, ପାହିଲା** । **କାଳ ପାଇଗଲା, ପାହିଗଲା;** ପ୍ରୟୋଜକ - ସେ ପଢ଼ିବାରେ **ରାତି ପୁଆଇଲା, ପୁହାଇଲା** । ମାତ୍ର 'ପାଇବା' (ସକର୍ମକ-ଲଭିବା) ଅର୍ଥରେ ତା ହୁଏ ନାଇ । ଯଥା- 'ସେ ବୃତ୍ତି ପାଇଲା'; 'ପାହିଲା' ନୁହେଁ । ଏଠାରେ ମଧ୍ୟ ପ୍ରୟୋଜକ 'ପୁଆ' ହୁଏ ନାଇ । ବୃତ୍ତି 'ଦେଲା' ବା ଅନ୍ୟଦ୍ୱାରା 'ଦିଆଇଲା' ହୁଏ ।

Digitized by PPRACHIN, SOA

ପିଠାକୁ ଘିଅରେ ଭାଜିବା ବା ଘିଅ ଦେବା ଅର୍ଥରେ **'ପୁଆଇବା'** ହୁଏ । ସେଠାରେ 'ପୁଆଇବା' ଦ୍ୱିକର୍ମକ ନୁହେ । କେବଳ ସକର୍ମକ ରୂପେ ବ୍ୟବହାର ହୁଏ ।

**'ଖା'** ଅର୍ଥରେ ଓଡ଼ିଆରେ **'ପା'** ଚଳେ । ସେ ମହାପ୍ରସାଦ, ଖେଚେଡ଼ି ବା ରସଗୋଲାଡକ **ପାଇଦେଲା** (ଖାଇଦେଲା) । ଏଠାରେ **ପିଠା ପୁଆଇଲା** ମାନେ ପାଇବା ଭଳି କରିବା । କିଂବା ପିଠାକୁ ଘିଅ ପିଆଇବାରୁ ଏହା 'ପି' ଧାତୁରୁ ନିପାତନ ହୋଇପାରେ । **'ନିଆଁ ଘେନିବା'** ବା ଅଗ୍ନି ସେବନ କରିବା ଅର୍ଥରେ ଶରୀର ବା ଅଂଗକୁ ନିଆଁ ଘେନାଇବା ବା ସେବନ କରାଇବା ଅର୍ଥରେ 'ପା'ରୁ 'ପୁଆଇବା' ହୁଏ ।

**'ଛା'**, **'ଛାଆ'** (ଘର ଛପର କର) ଧାତୁରୁ ସ୍ୱାର୍ଥ ପ୍ରୟୋଜକ ହୁଏ – **'ଛିଆ'**, **'ଛୁଆଁ'** (ଅର୍ଥ – ଘର ଛପର କର) । କରାଇବା ଅର୍ଥରେ ମଧ୍ୟ ସେଇ 'ଛିଆ' ଓ 'ଛୁଆଁ' ହୁଏ । କିଛି ପରିବର୍ତ୍ତନ ହୁଏ ନାଇ । 'ବଜା'ଠାରେ ବିକଳ୍ପେ 'ବା' ହୁଏ – **ବଜାଇବା, ବାଇବା;** ଉପଧାରେ ଏକମାତ୍ର ବ୍ୟଂଜନ ବର୍ଣ୍ଣ ସହିତ ଲାଗିଥିବା 'ଅ' ଥିଲେ ଅନେକ ବ୍ୟଂଜନାଂତ ଅକର୍ମକ ଧାତୁ ପ୍ରୟୋଜକ ଅର୍ଥରେ ବଦଳି ଯାଆଂତି । ଏଇ ବଦଳିବାରେ ଉପଧାର 'ଅ' 'ଆ' ହୋଇଯାଏ । ମାତ୍ର ଆଉକିଛି ବଦଳେ ନାଇ । ଯେଉଁ ଧାତୁରୁ ଏହା ହୁଏ ତା ଶେଷରେ ସାଧାରଣତଃ ର୍, ଳ୍, ଡ୍ ଓ କଦାଚିତ୍ ଟ୍, ପ୍ ଓ ବ୍ ଥିବାର ଦେଖାଯାଏ । ଏଥିରେ କେବଳ ଅକର୍ମକ ଧାତୁଟି ସକର୍ମକ ହୋଇଯାଏ । ସର୍ବତ୍ର ଏଇ ପ୍ରୟୋଜକରେ ସକର୍ମକ ହୋଇଥିବା ଧାତୁମାନେ ପୁଣି ପ୍ରୟୋଜକର 'ଆ' ଘେନି **'ଆ'କାରାଂତ ପ୍ରୟୋଜକ ଧାତୁ ତିଆରି କରଂତି ।** ଯଥା–

| **ଅକର୍ମକ** | **ସକର୍ମକ** | **ପ୍ରୟୋଜକ** |
|---|---|---|
| ଗଳ୍ | ଗାଳ୍ | ଗଳା |
| ଚପ୍ | ଗୃପ୍ | ଚପା |
| ଚଳ୍ | ଗୃଳ୍ | ଚଳା |
| ଝଡ଼୍ | ଝାଡ଼୍ | ଝଡ଼ା |
| ଟଳ୍ | ଟାଳ୍ | ଟଳା |
| ଢଳ୍ | ଢାଳ୍ | ଢଳା |
| ଡର୍ | ଡାର୍ | ଡରା |
| ପଡ଼୍ | ପାଡ଼୍, ପାତ୍ | ପଡ଼ା |

Digitized by PPRACHIN, SOA

| **ଅକର୍ମକ** | **ସକର୍ମକ** | **ପ୍ରୟୋଜକ** |
|---|---|---|
| ମର୍ | ମାର୍ | ମରା |
| ସର୍ | ସାର୍ | ସରା |
| ଢଳ୍ | ଢାଳ୍ | ଢଳା |
| ଦବ୍ | ଦାବ୍ | ଦବା |
| ନିଗିଡ଼୍ | ନିଗାଡ଼୍ | ନିଗଡ଼ା |
| ବିଗଡ଼୍ (ବିଗିଡ଼୍) | ବିଗାଡ଼୍ | ବିଗଡ଼ା (ବିଗିଡ଼ା) |

ବର୍ଣ୍ଣ ସହାଚର୍ଯରେ 'ଅ'ର 'ଉ' ହୋଇଥିଲେ ବି ହୁଏ । ଯଥା-

| **ଅକର୍ମକ** | **ସକର୍ମକ** | **ପ୍ରୟୋଜକ** |
|---|---|---|
| ଘୁସୁର୍ (ଘସର୍, ଘୁସର୍) | ଘୋସାର୍ | ଘୋସରା, ଘୁସୁରା |
| ଉତୁର୍ (ଉତର୍) | ଓଟାର୍, ଉତାର୍ | ଓଟରା, ଉତୁରା |
| ଉଧୁର୍ | ଉଧାର୍, ଓଧାର୍ | ଉଧୁରା, ଓଧରା |

[**ଦ୍ରଷ୍ଟବ୍ୟ :** (୧) ସଂସ୍କୃତରେ ଏସବୁର ମୂଳ 'ଘୃଷ୍' (ଘୁସୁର୍), ଉତ୍-ତୃ (ଉତୁର୍), ଉତ୍-ଧୃ (ଉଧୁର୍) ସକର୍ମକ । ମାତ୍ର କର୍ମବାଚ୍ୟ ପ୍ରୟୋଗ ଅନୁସାରେ ଓଡ଼ିଆ ଧାତୁ ହୋଇଛି । ପରେ 'କାଟ୍', 'କଟ୍'; 'ଛେଦ୍', 'ଛିଣ୍ଡ୍'; 'ଦେଖ୍', 'ବଶ୍', 'ଦେଖ୍' ପ୍ରଭୃତି ଦେଖ । (୨) ଆଦ୍ୟ 'ଉ'ର 'ଓ' ମଧ୍ୟ ହୋଇଥାଏ । (୩) 'ଘୁସୁରା', 'ଉତୁରା', 'ଉଧୁରା' ପ୍ରଭୃତି ପ୍ରୟୋଜକ ସକର୍ମକ ଧାତୁ ମଧ୍ୟ ହୁଏ ।]

**'ହାତ ପାତିଚି', 'ହାତ ପତାଇଚି'** - ଦୁଇଟିର ଅର୍ଥ ସମାନ । ଏଠାରେ 'ପତା' ମଧ୍ୟ ପ୍ରୟୋଜକ ରୂପରେ କେବଳ ସକର୍ମକ । ପୁଣି ସେଇ 'ପତା' ମଧ୍ୟ 'ପାତ୍' ଓ 'ପତା' ଦୁଇଂକର ପ୍ରୟୋଜକ । ମାତ୍ର ଅନ୍ୟ ଦ୍ୱାରା 'ହାତ ପତାଇଲା' ମଧ୍ୟ ହୁଏ । ସେଇପରି **ଭାର ଗ୍ଲାଲି ଦେଲା, ଭାର ଚଳାଇ ଦେଲା; କାଠ ଢାଳି ଦେଲା, କାଠ ଢଳାଇଦେଲା ।**

ସାଧାରଣତଃ କିନ୍ତୁ ଏପରି ନୁହେଁ । **'ସଂପତ୍ତି ସରିଲା'** । **'ସେ ସଂପତ୍ତି ସାରିଲା'-'ସରାଇଲା'** ନୁହେଁ । ମାତ୍ର ଅନ୍ୟଦ୍ୱାରା ସରାଇଲା । ମାତ୍ର ବ୍ୟାକରଣରେ ସାଧୁ ହେଲେ ହେଁ 'ସରାଇଲା' ପ୍ରୟୋଗ ପ୍ରାୟ ଦେଖାଯାଏ ନାଇ । 'ଉଡ଼ାଇଲା' ପ୍ରାୟ ସେଇ ଅର୍ଥରେ ଚଳେ । **ନିଜେ 'ଉଡ଼ାଇଲା'** (ସାରିଲା) ଓ **ଅନ୍ୟ ହାତେ 'ଉଡ଼ାଇଲା'** (ସରାଇଲା) ।

ଅର୍ଥ ଭେଦରେ କଦାଚିତ୍ ପ୍ରୟୋଜକରେ ହୋଇଥିବା ସକର୍ମକ ଓ ସକର୍ମକର ପ୍ରୟୋଜକ ମଧ୍ୟ ଭିନ୍ନ ଭିନ୍ନ ଆଶୟରେ ବ୍ୟବହାର ହୁଏ । ଯଥା- **ଶେଯ ପଡ଼ିଲା ।**

Digitized by PPRACHIN, SOA

**ସେ ଶେଯ ପାଡ଼ିଲା** (ପାରିଲା) । ସେଇ ଅର୍ଥରେ ମଧ୍ୟ – '**ସେ ଶେଯ ପକାଇଲା**', କିମ୍ବା '**ସେ ଗୃକର ହାତେ ଶେଯ ପକାଇଲା**' ।

ମାତ୍ର ନଡ଼ିଆ, ଆଂବ ପ୍ରଭୃତି ଓଜନ ଫଳ ସବୁ ଗଛରୁ ତୋଳି ତଳକୁ ପକାଇବା ଅର୍ଥରେ କେବଳ 'ପାଡ୍' ଧାତୁ ଲାଗେ । ଯଥା– '**ସେ ନଡ଼ିଆ ପାଡ଼ିଲା**' । '**ସେ ଲୋକ ହାତେ ନଡ଼ିଆ ପଡ଼ାଇଲା**' । କିନ୍ତୁ 'ଶେଯ ପଡ଼ାଇଲା', ପ୍ରୟୋଗ ହୁଏ ନାଇ । କିମ୍ବା 'ନଡ଼ିଆ ପକାଇବା' କହିଲେ ଗଛରୁ ତୋଳି ବା ତୋଳାଇ ତଳକୁ ପକାଇବା ଅର୍ଥ ହୁଏ ନାଇ ।

'**ଫିଂଗ୍**', '**ଫିଂଗା**' ଦୁଇ ଅର୍ଥରେ ପୁଣି '**ପକା**'ର ବ୍ୟବହାର ହୁଏ ।

ମାତ୍ର ଏସବୁ ଭାଷାର ବହୁ ଶ୍ରୁତ ବ୍ୟବହାରମାତ୍ରରେ ଅତି ଅଳ୍ପ ଧାତୁରେ ମିଳେ ।

ସାଧାରଣତଃ ଗାଳ୍, ଗୃପ୍, ଝାଳ୍ ପ୍ରଭୃତି ଗଳ୍, ଚଳ୍, ଝଳ୍ ପ୍ରଭୃତିର ପ୍ରୟୋଜକ ସକର୍ମକ; ଓ 'ଗଳା', 'ଚପା', 'ଝଳା' ପ୍ରଭୃତି **ସେଇ ସକର୍ମକର ପ୍ରୟୋଜକ – ଅକର୍ମକର ନୁହେ ।**

'**ଥା**' ଧାତୁର ପ୍ରୟୋଜକ ସକର୍ମକ ରୂପ '**ଥୋ**' ଓ '**ଥାପ୍**' ଦୁଇଟି ହୁଏ । ତହିଁରୁ ନିୟମ ଅନୁସାରେ ପୁଣି 'ଥୁଆ' ଓ 'ଥପା' ହୁଏ । କୌଣସି ସ୍ମରଣୀୟ ବସ୍ତୁ ପ୍ରତିଷ୍ଠିତ କରିବାରେ 'ଥାପ୍' – ଯଥା – '**ମୂର୍ତି ଥାପିଲା**', '**ବର ଓସ୍ତ ଥାପିଲା**' ଇତ୍ୟାଦି । ଅନ୍ୟଥା – 'ଥୋ' କିମ୍ବା ଅନ୍ୟଧାତୁ 'ରଖ୍' ।

'**ଥା**'ରୁ ହଦେଇ ରହିଯିବା ଅର୍ଥରେ '**ଥକ୍**' ହୁଏ – 'ଥକ୍'ର ପ୍ରୟୋଜକ ରୂପ ହେଲେହେଁ ସେଇ 'ଥା'ରୁ ପୁଣି **ଅକର୍ମକ 'ଥାକ୍'** ହୁଏ । 'ଥାକ୍'ର ଅର୍ଥ, ଯାଉ ପାଉ ବାଟରେ ରହିଯିବା, କିଂବା ଫେରିବା କଳ୍ପନା ଛାଡ଼ି ରହିବା । 'ଥକ୍'ର ଅର୍ଥ ହଦେଇ ରହିଯିବା ।

'ଥାକ୍'କୁ 'ଥକ୍'ର **ସ୍ୱାର୍ଥ ପ୍ରୟୋଜକ** ରୂପ କୁହାଯାଇପାରେ । 'ଥକ୍'ରୁ ବିଶେଷ୍ୟ ଓ ବିଶେଷଣ 'ଥକା' ହେଲେହେଁ, ଏ ଦୁହିଁଙ୍କର ପ୍ରୟୋଜକ ରୂପ ନାଇ । '**ଥାକ୍**'ର '**ରଖ୍**', '**ରଖା**'; ଓ '**ଥକ୍**'ର '**ଥକାକର୍**' ଦ୍ୱାରା ପ୍ରୟୋଜକ ପ୍ରକାଶ କରାଯାଇପାରେ ।

'ଥକ୍' ପରି ଅନ୍ୟ ଅକର୍ମକ ଧାତୁର ମଧ୍ୟ ସ୍ୱାର୍ଥ ପ୍ରୟୋଜକ ରୂପ ଦେଖାଯାଏ । ଅର୍ଥ ଭିନ୍ନ ହୁଏ । ଯଥା – **ପଚ୍** (ସଡ଼୍, ସଢ଼୍), **ପାଚ୍** (ପକ୍ୱ ହୋ) – ଦୁହିଂକର **ପ୍ରୟୋଜକ – 'ପଚ୍ଚ'** ।

Digitized by PPRACHIN, SOA

**'ତାତି ଲାଲ୍ ହୋ'** ଅର୍ଥରେ ମଧ୍ୟ ଓଡ଼ିଆରେ **'ପାଚ୍'** ଧାତୁର ପ୍ରୟୋଗ ହୁଏ । ସେଠାରେ ପ୍ରୟୋଜକ ରୂପ 'ପଗ୍ଗ' ହେଲେହେଁ, ପୁଣି ଟିକିଏ ଭିନ୍ନ ଅର୍ଥରେ ହୁଏ **'ପଜା'** (ତତାଇ ଦାଢ଼ କର) ।

**ଖଟ୍, ଖାଟ୍** (କାମ କର୍) । ମାତ୍ର ସେବା କରିବା ଅର୍ଥରେ ଖାଲି 'ଖଟ୍' ହୁଏ । 'ଖାଟ୍' ହୁଏ ନାଇ । ଯଥା- **'ଭଂଡ଼ାରି ଖଟୁଚି', 'ସେ ବୋହୂଟି ଦଶ ବରଷ ଖଟିଲାଣି,** କିଛି ସଂତାନ ହୋଇନାଇ' । ଏ ଦୁଇଟିର **ପ୍ରୟୋଜକ ସକର୍ମକ ରୂପ - 'ଖଟା'** । **'ଢେଲ ଖାଟିଲା'; 'ପାଇଖାନା ଖଟୁଚି'** ପ୍ରଭୃତି ବିଶିଷ୍ଟ ପ୍ରୟୋଗରେ 'ଖାଟ୍' ଓ 'ଖଟ୍' ମଧ୍ୟ ସକର୍ମକ ହୁଅନ୍ତି । ସେବା କରିବା ଅର୍ଥକ **'ଖଟ୍'ରୁ ପ୍ରୟୋଜକ 'ଖଟା' ଅର୍ଥ 'ଯୋଗା' ମଧ୍ୟ ହୁଏ** । ଯଥା-

'ତା ଗୋଡ଼ ତଳକୁ ପାଣି ପରିବା ସବୁ **ଖଟାଇ ଦେଲେ** ସେ ଯାଇ ରାନ୍ଧିବ ।'

ସକର୍ମକ ଧାତୁର ମଧ୍ୟ ବେଳେବେଳେ ସ୍ୱାର୍ଥ ପ୍ରୟୋଜକ ହୁଏ । ଅର୍ଥ ଟିକିଏ ବଦଳିଯାଏ । ଯଥା-

'କସ୍' (କଛ୍) - କମ୍ କର୍; ତୁଳନା କର୍ ଅର୍ଥରେ ନୁହେଁ ।

କାଛ୍ ('କାଛି ହୋ' ରୂପେ ଏହାର ପ୍ରୟୋଗ ହୁଏ ।)

ସେ ଖର୍ଚ୍ଚ ବା ଖର୍ଚ୍ଚରେ କାଛି ହେଉଚି, କମ୍ କରିବାକୁ ଯତ୍ନ କରୁଚି; 'କସି ହେଉଚି' ମଧ୍ୟ ହୁଏ । ମାତ୍ର 'ଖର୍ଚ୍ଚ କସ୍' ହୁଏ, 'ଖର୍ଚ୍ଚ କାଛ୍' ହୁଏ ନାଇ । ପ୍ରୟୋଜକ 'କସା', 'କଛା' ନୁହେଁ । ଅର୍ଥ ନ ବଦଳିଲେ ମଧ୍ୟ 'ଛା'ରୁ 'ଛିଆ', 'ଛୁଆଁ' ହୁଏ ।

କେତେଗୁଡ଼ିଏ ଧାତୁ ଗୋଟିଏ ଅନ୍ୟଟିର ପ୍ରୟୋଜକ ରୂପ ପରି ଦେଖାଗଲେ ମଧ୍ୟ ସେମାନଙ୍କର ପରସ୍ପର ସଂବଂଧ ନାଇ । ଯଥା-

**ଗଡ଼୍, ଗାଡ଼୍';** ଗଡ଼୍ (ତଳେ ପଡ଼ି ଏପାଖ ସେପାଖ ହେବା - ଏହାର ଗାଡ଼୍; ଗାତ ବା ଗର୍ତ୍ତ ଶବ୍ଦ ସଂଗେ ସଂପର୍କ ନାଇ) ଏଥିରୁ **ପ୍ରୟୋଜକରେ 'ଗଡ଼ା'** ହୁଏ । ଗାତ୍ (ଗୋଡ଼ କରି ତହିଁରେ 'ପୋତ'), ଏଥିରୁ **ପ୍ରୟୋଜକରେ** ନିପାତନରେ **'ଗାଡ଼ା'** (ଗୋଡ଼ କରି ତହିଁରେ ପୋତା) ହୁଏ । ଯଥା- **ସେମାନେ ମୁର୍ଦାରଟି ସେଇଠାରେ ଗାଡ଼ି ଦେଲେ, ବା ଅନ୍ୟ ହାତେ ଗାଡ଼େଇ ଦେଲେ ।**

**ଚଟ୍, ଗୃଟ୍;** 'ଚଟ୍' (ସଂସ୍କୃତ 'ଚଲ୍'ରୁ-'ରାଗ୍ ହୋ'-'ବିଚଳିତ ହୋ') । ଗୃଟ୍ (ଲେହନ କର୍-ଖାଇବାରେ ଜିଭକୁ ଗୃଳ୍-ଏପରି ମଧ୍ୟ ହୋଇପାରେ । ଦୁଇଟିରୁ **ପ୍ରୟୋଜକରେ ପୁଣି 'ଚଟା'** ହୁଏ ।

Digitized by PPRACHIN, SOA

**ଛପ୍, ଛାପ୍;** ଛପ୍ ('ଲୁଚ୍'-ସଂସ୍କୃତ 'ସର୍ପ୍'-ଘୁଂଚ଼ିଯା) । 'ଛାପ୍' ('ଗୃପ୍', 'ଗୃପ ଦେ'-ଛପାଖାନାରେ ବା ଛପା କାଗଜରେ ଯାହା କରାଯାଏ ।) ଦୁଇଟିରୁ **ପ୍ରୟୋଜକରେ ପୁଣି 'ଛପା'** ହୁଏ ।

**ବଧ୍, ବାଧ୍;** 'ବଧ୍' (ହତ୍ୟା କର୍, ମାରିଦେ - ଏହା ସଂସ୍କୃତ 'ହନ୍' ଧାତୁର ଏକ ରୂପ) । 'ବାଧ୍'-(ସଂସ୍କୃତ-'ବାଧ୍') । ଏ ଦୁଇଟିରୁ ପ୍ରୟୋଜକରେ 'ବଧା' ପ୍ରୟୋଗ ହୁଏ ନାଇ ।

**'ବଧ୍'ର ପ୍ରୟୋଜକ 'ମରା'** । ସଂସ୍କୃତରେ 'ବଧ୍', 'ହନ୍'ର ରୂପାନ୍ତର ହେଲେହେଁ, ଓଡ଼ିଆରେ 'ହାଣ୍' ଓ 'ହଣା'-କେବଳ ପ୍ରାଣରେ ମାରିବା ଅର୍ଥରେ ପ୍ରୟୋଗ ହୁଏନାଇ ।

**ଭଳ୍, ଭାଳ୍;** 'ଭଳ୍' (ବିହ୍ୱଳ, ଭୋଳ ହୋ, ଭୁଲି ରାଜି ହୋ) । ଭାଳ୍ (ଦୁଃଖରେ ବାରଂବାର ଭାବ୍) **'ଭଳ୍'ରୁ 'ଭଳା' ପ୍ରୟୋଜକ** ହୁଏ; ମାତ୍ର 'ଭାଳ୍'ରୁ ହୁଏ ନାଇ ।

**ବଢ଼୍, ବାଢ଼୍;** 'ବଢ଼୍' (ବଡ଼ ହୋ ବା ସଂସ୍କୃତ ବୃଧ୍) ବାଢ଼୍ (ପରିବେଷଣ କର, ଖାଇବା ପାଇଁ ଆଗରେ ଠିକଣା କରି ରଖ୍) । ଦୁଇଟିର **ପ୍ରୟୋଜକ ରୂପ ହୁଏ 'ବଢ଼ା'** ।

**'ଧର୍', ଧାର୍;** 'ଧାର୍' (କରଜ ସୂତ୍ରରେ ରଖିବା, ବା ପାଇବା) ଏ ଦୁଇଟି ଭିନ୍ନ ଧାତୁ । **'ଧର୍' ପ୍ରୟୋଜକ 'ଧରା'** । ମାତ୍ର 'ଧାର୍'ରୁ 'ଧରା' ହୁଏ ନାଇ । 'ଧାର୍ କରାଇବା'ରେ ପ୍ରକାଶ କରାଯାଏ ।

**ଭଜ୍, ଭାଜ୍;** 'ଭଜ୍' (ଭକ୍ତିରେ ଆଶ୍ରା କରି) ଭାଜ୍ (ସଂସ୍କୃତ ଭୃଜ୍; ତାତିଲା ତେଲ କିମ୍ବା ହାଂଡି ପ୍ରଭୃତିରେ ଶୁଖିଲାରେ ସିଦ୍ଧ କର) । ଦୁଇଟିର **ପ୍ରୟୋଜକ 'ଭଜା'** ହୁଏ ।

'ମର୍'ରୁ ପ୍ରୟୋଜକ ସକର୍ମକ **'ମାର୍'**; ମାତ୍ର 'ମାଡ଼୍' (ମର୍ଦ) ଆକୃତିରେ ସମାନ ହେଲେହେଁ, 'ମର୍' ସଂଗେ ତା'ର ସଂପର୍କ ନୁହେ । ବିଶେଷ୍ୟ 'ମାଡ଼୍' କିନ୍ତୁ 'ମାର୍'ରୁ ହୁଏ । 'ମାଡ଼୍'ରୁ ନୁହେ ।

**ତଡ଼୍, ତାଡ଼୍;** 'ତଡ଼୍' (ସଂସ୍କୃତ ତାଡ଼୍; ମାରି ଘଉଡ଼ି ଦବା) । 'ତାଡ଼୍' (ଏହା ଦେଶୀ ଧାତୁ - ହୁଏତ 'ଉପାଡ଼୍' ଓ 'ତଡ଼ା' ଦୁଇ ସଂପର୍କ ମିଶ୍ରଣରେ ହୋଇପାରେ- 'ତାଡ଼୍' - ତଡ଼ାରେ ଉପାଡ଼୍) । ଦୁଇଟିରୁ **ପ୍ରୟୋଜକ 'ତଡ଼ା'** ହୁଏ ।

ପ୍ରୟୋଜକରେ ମଧ୍ୟ ଭିନ୍ନ ଭିନ୍ନ ଧାତୁ ହୋଇଥିବା ସଂପୂର୍ଣ ଭିନ୍ନ ଧାତୁ କଦାଚିତ୍ ଏକ ରୂପ ହୋଇଥାଏ । ଯଥା-

Digitized by PPRACHIN, SOA

'**ଖଟ୍**' ଓ '**ଖାଟ୍**'ରୁ ପ୍ରୟୋଜକ ରୂପ 'ଖଟା' । 'ଅଟକା'ର 'ଅ' ଲୋପ ହେଲେ ବର୍ଣ୍ଣ ବିପର୍ଯ୍ୟୟରେ ହୁଏ - 'ଖଟା' । ଯଥା- '**ବାଛୁରୀ ଖଟା**' । ଏହା 'ଅକଟ୍'ର ବର୍ଣ୍ଣ ବିପର୍ଯ୍ୟୟ । 'ଅଟକ୍'ରୁ 'ଅଟକା' ନୁହେଁ ।

କାଂଥ କାଠିରେ ବେତା ବାଉଁସିଆ ପ୍ରଭୃତି ଅଟକାଇବା ଅର୍ଥରେ ଏଇ 'ଅଟକା'ର ମୂଳ ହେଉଛି - '**କାଠିଆ**' ବା '**କଠା**'ରୁ '**ଖଟା**' (କାଠିରେ ରଖ) ।

ଏଇ 'ଖଟା'ର ବର୍ଣ୍ଣ ବିପର୍ଯ୍ୟୟରେ ଓ ଅଟକ୍-ଅଟକାର ଅନୁକରଣରେ 'ଟକ୍ା'ରୁ 'ଅଟକା' ।

ଏଇ 'ଖଟା'ରୁ ପୁଣି ବର୍ଣ୍ଣ ବିପର୍ଯ୍ୟୟରେ ହୁଏ - '**ଟଂଗା**' ଓ '**ଟାଂଗ୍**' (କାଠିରେ ବେତା ପ୍ରଭୃତି ଟାଂଗିବା ମଧ୍ୟ ହୁଏ ।) 'କାଟ୍'ରୁ ବର୍ଣ୍ଣ ବିପର୍ଯ୍ୟୟରେ ମଧ୍ୟ 'ଟାଂଗ୍' ହୁଏ । ଯଥା- **ଗଛ ତାଳ ଟାଂଗ୍** । 'ଟାଂଗ୍' (ଅଟକା)ରୁ ଏ ଟାଂଗ୍ ଭିନ୍ନ ।

ସଂସ୍କୃତରେ କର୍ମ ବା ଭାବ ବାଚ୍ୟ ପ୍ରୟୋଗରେ '**ଛିଦ୍**'ରୁ '**ଛିଦ୍ୟ**'; '**ଯୁଜ୍**'ରୁ '**ଯୁଜ୍ୟ**', '**ଦୃଶ୍**' (**ପଶ୍ୟ**)ରୁ '**ଦୃଶ୍ୟ**' ପ୍ରଭୃତି ହୁଏ ।

ଓଡ଼ିଆରେ ପ୍ରାୟ କର୍ମବାଚ୍ୟ ଅର୍ଥରେ ସେଇପରି କେତେକ ଧାତୁରୁ ଉପଧାର ଗୁଣ ବୃଦ୍ଧି ଫେରାଇ ନୂଆ ଧାତୁ ତିଆର୍ ହୁଏ । ଯଥା-

'କାଟ୍'ରୁ 'କଟ୍' (କଟା ହୋ)
'ଛେଦ୍'ରୁ 'ଛିତ୍', ଛିଂତ୍ (ଛିଂଡା ହୋ)
'ଢୋଡ଼୍'ରୁ 'ଢୁଟ୍' (ଢୋଡ଼ା ହୋ)
'ଶୁଣ୍'ରୁ 'ଶୁଘ୍', 'ଶୁଭ୍' (ଶୁଣା ହୋ, ଶୁଣା ଯା)
'ଦେଖ୍'ରୁ 'ଦିଶ୍' (ଦେଖା ଯା)
'ଭେଦ୍'ରୁ 'ଭିଜ୍' (ଭିଜା ହୋ)
'ଶୋଷ୍'ରୁ 'ଶୁଖ୍' (ଶୋଷା ହୋ)
'ଫୋଡ଼୍'ରୁ 'ଫୁଟ୍' (ଫୋଡ଼ା ହୋ)
'ହୁଗାଳ୍'ରୁ 'ହୁଗୁଳ୍' (ହୁଗୁଳା ହୋ) ଇତ୍ୟାଦି ।

ଏଠାରେ ଦେଖିବାର ଅଛି, '**କଟ୍**'ରୁ **ପ୍ରୟୋଜକ ସକର୍ମକ** '**କାଟ୍**'; '**ଛିଂତ୍**'ରୁ '**ଛେଦ୍**' ପ୍ରଭୃତି ନୁହେ । ଏମାନେ ସେପରି ଜଣାପଡ଼ିଲେ ମଧ୍ୟ ମୂଳର ଅର୍ଥ ଧରି ବିଗ୍ରହ କଲେ, ଏମାନଙ୍କ ଗତି ଠିକ୍ ବିପରୀତ ଆଡୁ । ଏମାନେ **ସକର୍ମକରୁ ଅକର୍ମକ ତିଆରି କରିଛନ୍ତି** । ମାତ୍ର ଉପଧାର ଗୁଣ ବୃଦ୍ଧିରେ ଏସବୁ ଅକର୍ମକ ଧାତୁ ପ୍ରୟୋଜକ ଅର୍ଥରେ ସକର୍ମକ ହୋଇଛି ବୋଲି ଧଇଲେ କିଛି କ୍ଷତି ନାଇ ।

Digitized by PPRACHIN, SOA

ପୁଣି ଦେଖିବାର ଅଛି, ଏମାନେ କର୍ମବାଚ୍ୟ ରୂପରେ ମୂଳଧାତୁଠାରୁ ଅର୍ଥର ଆଶୟରେ ଅଧିକାଂଶ ସ୍ଥଳରେ ଅନ୍ୟପ୍ରକାର ହୋଇଯାଇଛନ୍ତି ।

**ଗଛ କାଟିଲା**; ହାଣିବାରେ ଗଛ କଟିଗଲା - ଏଠାରେ ଅର୍ଥ ସମାନ । ସେଇପରି **ହାଟରେ ଲୁଗା କଟୁଚି, ଲୁଗାର କାଟ୍‌ତି ଅଛି**, - ଏଠାରେ ଉପରଠାରୁ ଭିନ୍ନ ଅର୍ଥ ହେଲେ ମଧ୍ୟ, 'କଟ୍' ଓ 'କାଟ୍' - ଦୁଇଟିର ପ୍ରୟୋଗ ଅଛି । ସେଇପରି **ସେ ଶୁଣୁଚି, ତାକୁ ଶୁଘୁଚି - ସେ ଦେଖୁଚି, ତାକୁ ଦିଶୁଚି** - ଏ ସବୁରେ ଏକାବେଳକେ ଏକ ଅର୍ଥ ।

ମାତ୍ର ଦଉଡ଼ି ଛିଂଡିଲା; ସେ ଦଉଡ଼ି ଛେଦିଲା ନୁହେଁ । ତାକୁ ଅନ୍ନ ଜୁଟିଲା; ତା ସଂଗେ ଅନ୍ନ ଜୋଡ଼ା ହେଲା ନୁହେଁ । ଇତ୍ୟାଦି ।

ଯେଉଁଠାରେ ପ୍ରୟୋଗରେ ଅର୍ଥ ବରାବର ସମାନ, ସେଠାରେ କର୍ତ୍ତୃବାଚ୍ୟ ସକର୍ମକ ଧାତୁର ପ୍ରୟୋଜକ ରୂପରେ ଦୁଇଂକର ପ୍ରୟୋଜକ ହୁଏ । ଯଥା-

ଶୁଘ୍, ଶୁଭ୍, ଶୁଣ୍ - ଶୁଣା<br>
ଦିଶ୍, ଦେଖ୍ - ଦେଖା<br>
ହୁଗାଳ୍, ହୁଗୁଳ୍ - ହୁଗୁଳା<br>
କଟ୍, କାଟ୍ - କଟା

ଏଠାରେ ଦୁଇଂକର ଅଲଗା ପ୍ରୟୋଜକ ରୂପେ ହେଲେ ମଧ୍ୟ ଦୁହେଁ ଏକ ରୂପ ହେବେ । ମାତ୍ର-

ଛେଦ୍ - ଛେଦା; ଛିଂଡ୍ - ଛିଂଡା ।<br>
ଜୋଡ଼୍ - ଜୋଡ଼ା; ଜୁଟ୍ - ଜୁଟା ।<br>
ଭେଦ୍ - ଭେଦା; ଭିଜ୍ - ଭିଜା ।<br>
ଶୋଷ୍ - ଶୋଷା; ଶୁଖ୍ - ଶୁଖା ।<br>
ଫୋଡ଼୍ - ଫୋଡ଼ା; ଫୁଟ୍ - ଫୁଟା ।

କଣା କରିବା ଅର୍ଥରେ 'ଫୁଟ୍'ର 'ଫୋଡ଼୍' ଓ 'ଫୁଟା' ଦୁଇ ରୂପ ସମାନ ଅର୍ଥରେ ହୁଏ । ମାତ୍ର, ଫୁଲ ଫୁଟାଇବା, ଲିଆ ଫୁଟାଇବା; 'ଫୋଡ଼ିବା' ଏଠାରେ ହୁଏ ନାଇ ।

**ନିପାତନ୍ : ଜାଗ୍, ଜଗ୍**; 'ଜାଗ୍' (ଅକର୍ମକ - ଜଗି ହୋ ସଂସ୍କୃତ 'ଜାଗୃ')ରୁ ଉପଧାର ବୃଦ୍ଧି ଫେର୍ ହୋଇ ଜଗ୍ (ସକର୍ମକ - ଜଗି ଦେଖ୍) ହୁଏ ।

'ଜଗ୍ ଟିକିଏ' ଭିନ୍ନ ଅର୍ଥରେ '**ଛକ୍**' ମଧ୍ୟ ହୁଏ । ତିନୋଟିରୁ ନିୟମ୍ ଅନୁସାରେ ପ୍ରୟୋଜକ ରୂପ 'ଜଗା' ଓ 'ଛକା' ହୁଏ ।

Digitized by PPRACHIN, SOA

କେତେକ ଧାତୁ କେବଳ 'ଆ'କାରାଂତ ପ୍ରୟୋଜକ ରୂପରେ ହିଁ ବ୍ୟବହାରରେ ଦେଖାଯାଏ । ସେମାନଙ୍କର କୌଣସି ମୂଳରୂପ ଥିଲେହେଁ ତାହା ବ୍ୟବହାରରେ ଏବେ ନାଇ । ଯଥା- **ବତା, ପକା, ତକା** ('ଟାକ୍'ରୁ) **ଖଟା**-ଅର୍ଥ ଅଟକା; **ଉଛୁଆଁ; ଘୋଡା; ଓଳା; ବହିଲା; ଗ୍ରେବା** (ଗ୍ରୂବ୍ - ସମ୍ବଲପୁରରେ ଚଳେ); **ଉଘା** ('ଉଗାର'ରୁ ଏହାର ଅର୍ଥ ଅନ୍ୟକୁ କରିଥିବା ଉପକାର ବାନ୍ତି କରିବା ବା ସ୍ମରଣ କରି ପୁଣି କହିବା) ।

ଅକର୍ମକ ପ୍ରୟୋଜକ ରୂପରେ ମଧ୍ୟ କୁଂଥା; ବଥା; ଓହ୍ଲା; ଗୁଂଦୁରା; ପାଁପଲା; ଗାଧୁଆ (ଗା-ଦେହ-'ଧୋ'ରୁ ସ୍ୱାର୍ଥ ପ୍ରୟୋଜକ-ଧୁଆ; ଦୁହେଁ ମିଶି ଅକର୍ମକ ଧାତୁ ହୋଇଚି) ।

କେତେକ 'ଆ'କାରାଂତ ପ୍ରୟୋଜକ ଧାତୁରୁ 'ଡ୍' ('ର୍') ପ୍ରତ୍ୟୟ କରି ଭଲ କରି କର୍ ଅର୍ଥରେ ସ୍ୱାର୍ଥ ପ୍ରୟୋଜକ ତିଆରି ହୁଏ । ସେଥିରୁ ବେଳେବେଳେ 'ଆ' ପ୍ରତ୍ୟୟରେ ପୁଣି ପ୍ରୟୋଜକ ଧାତୁ ହୁଏ । ଯଥା-

ଯୋଗା - ଯୋଗାଡ୍ - ଯୋଗଡ଼ା
ସଜା - ସଜାଡ୍ - ସଜଡ଼ା
କଚ୍ଚ - କଚ୍ଚଡ୍ - କଚଡ଼ା
ଘସ୍ (ଘୁସୁର୍) - ଘସା (ଘୁସୁରା) - ଘୋସାର୍-ଘୋସରା

[ଦ୍ରଷ୍ଟବ୍ୟ : 'ଇବା' ପ୍ରତ୍ୟୟରେ କ୍ରିୟାର ଅର୍ଥ କରାଯାଏ । ଯଥା-କର୍-କରିବା; ଖା-ଖାଇବା; ଚଳ-ଚଳିବା ଇତ୍ୟାଦି । ସେଇପରି ଇଲ୍ ଓ ଇବ୍ ମୂଳ ପ୍ରତ୍ୟୟରେ ଅତୀତ ଓ ଭବିଷ୍ୟତ କ୍ରିୟା ହୁଏ । ଯଥା-ଚଳିଲା, ଚଳିବୁ ଇତ୍ୟାଦି । ସେଇପରି କଚ୍ଚଇବା, ସଡ଼ାଇଲା ପ୍ରଭୃତି ପ୍ରୟୋଗରେ, 'ରାଂପୁଡ଼ିବା', 'କଡୁରିବା' ପ୍ରଭତିର ଅନୁକରଣରେ ଉଚ୍ଚାରଣ ହୋଇଯାଏ-**ଯୋଗାଇବା, ଯୋଗାଡ଼ିବା; ସଜାଇବା, ସଜାଡ଼ିବା** ଇତ୍ୟାଦି । ସେଥିରୁ ପୁଣି ଧାତୁ ହୁଏ - ଯୋଗାଡ଼୍, ସଜାଡ଼୍ ପ୍ରଭୃତି, ପୁଣି 'ରାଂପୁଡ଼ା', 'କଡୁରା' ପ୍ରଭୃତି ପରି, ସଜଡ଼ା ପ୍ରଭୃତି ହୁଏ ।]

**ନାମ ଧାତୁ :**

**'ନାମ ଧାତୁ'** ବୋଇଲେ **ଶବ୍ଦରୁ ତିଆରି ହେବା ଧାତୁ** । ସଂସ୍କୃତରେ ନାମ ବା ବିଶେଷ୍ୟାଦିରୁ ଆ, ଇ, ୟ ପ୍ରଭୃତି ପ୍ରତ୍ୟୟରେ ଧାତୁ ସବୁ ହୁଏ । ଯଥା-

**ଦଂଡ** (ବାଡ଼ି ଓ ଠେଂଗା) ପରି ଆଚରଣ କରିବା ଅର୍ଥରେ **'ଦଂଡାୟ'** ଲଂବ ହୋଇ ଠେଂଗା ପରି ପଡ଼ିଯିବା) ନାମଧାତୁରୁ ଶବ୍ଦ ହୁଏ - **ଦଂଡ଼ାୟମାନ, ଦଂଡ଼ାୟିତ;** ସେଇପରି **ଫେନରୁ ଫେନାୟମାନ; ପଂଡିତରୁ ପଂଡିତାୟମାନ; 'ନମଃ'ରୁ**

Digitized by PPRACHIN, SOA

ନମସ୍ୟମାନ; ବୈରୀରୁ ବୈରାୟିତ; କଳହରୁ କଳହାୟିତ; ଦୁର୍ମନଃରୁ ଦୁର୍ମନାୟମାନ; ସୁଖରୁ ସୁଖାୟିତ; ଧୂମରୁ ଧୂମାୟିତ ଇତ୍ୟାଦି ।

ଏସବୁ ଧାତୁ ଅର୍ଥ ଅନୁସାରେ ସକର୍ମକ, ଅକର୍ମକ ହୁଅନ୍ତି; ପ୍ରୟୋଜକ ଧାତୁ ପରି ସାଧାରଣତଃ ସକର୍ମକ ନୁହନ୍ତି ।

**ଶବ୍ଦରୁ ନାମଧାତୁ :**

ଓଡ଼ିଆରେ ଶବ୍ଦରୁ 'ଆ' ପ୍ରତ୍ୟୟ ହୋଇ ନାମଧାତୁ ହୁଏ । ଶବ୍ଦର ଅନ୍ତ୍ୟ 'ଅ' ବର୍ଣ୍ଣ ଏଇ 'ଆ'ରେ ମିଶି 'ଆ' ହୋଇଯାଏ । ଅଂତ୍ୟ 'ଇ' ମଧ୍ୟ କେବେ କେବେ ଏଇ 'ଆ' ସଂଗେ ମିଶି 'ୟା' ଓ 'ୟା'ରୁ 'ଆ' ହୁଏ । ଅର୍ଥ ଭେଦ ସ୍ପଷ୍ଟ କରି ପରେ ଅନ୍ୟ କିଛି କିଛି ପରିବର୍ତ୍ତନ ହୁଏ । ନଚେତ୍ ପ୍ରାୟ ଅନ୍ୟ ପରିବର୍ତ୍ତନ ହୁଏ ନାଇ । ଯଥା-

| ଶବ୍ଦ | ନାମଧାତୁ | ଅର୍ଥ |
|---|---|---|
| ମୁହଁ | ମୁହାଁ | ଆଡ଼କୁ ମୁହଁଦେ, କର; |
| ମୁଂଡ | ମୁଂଡା | ମୁଂଡରେ ରଖ୍; |
| କାନ | କାନା | କାନ ଦେଇ ଶୁଣ୍; |
| ନାକ | ନାକା | ଆଡ଼କୁ ନାକ କରି ଠିଆ ହୋ; ଲଂଗ୍ ଲଂଗ୍ ହୋ |
| ବେକ | ବେକା | ବେକଯାଏ ହୋ, |
| ପାଖ | ପାଖା | ପାଖକୁ ଯା, ଆ; |
| ପେଟ | ପେଟା | ପେଟରେ ଗୁଳୁଂଡ୍; |
| ପିଠି | ପିଠିଆ | ପିଠି ଆଡ଼କର୍ (ମୋଡ଼ ଗାଳି ପ୍ରଭୃତିକୁ ଖାତର୍ ନକରିବା); |
| ଆଂଠୁ | ଆଂଠୁଆ | ଆଂଠୁପକା; |
| କାଖ | କାଖା | କାଖରେ ଧ; |
| କାଂଧ | କାଂଧା | କାଂଧରେ ଧ; |
| ଗୋଡ଼ | ଗୋଡ଼ା | ଗୋଡ଼ରେ ଦଉଡ଼ି ପଛରେ ଯା; ଖେଳିବା ପାଇଁ ବା ଧରିବା ପାଇଁ ପଛରେ ଦଉଡ଼ିବା; |
| ଗୋଡ଼ | ଗୁଡ଼ା ('ଓ'ଠାରେ 'ଉ') | ଗୋଡ଼ରେ ଛୁଁ; |
| ଗୋଟା | ଗୋଟା | ଗୋଟି ଗୋଟି କରି ତୋଳ୍; |

Digitized by PPRACHIN, SOA

| ଶବ୍ଦ | ନାମଧାତୁ | ଅର୍ଥ |
|---|---|---|
| ଗୋଟା | ଗୁଡ଼ା | ଗୋଟା କର୍ (ପଗଡ଼ି, ଦଉଡ଼ି ଗୁଡ଼ାଇବା); |
| ଗୋଟା | ଗୁରା | ପାଛୁଡ଼ିବାରେ ଗୋଟା ଗୃଉଳ କାଢ଼; |
| ଛେଦା | ଛେଦା | ଗୃଉଳ ପ୍ରଭୃତି ପାଛୁଡ଼ି ଛେଦା (ଛିଂଡା ବା ଛେଗୃ ଖଂଡିଆ ଗୃଉଳ) କାଢ୍; |
| କୁଂଢ଼ | କୁଂଢ଼ା | କୁଂଢ଼ରେ ରଖ୍ (ଆଲିଂଗନ କର); |
| ମେଂଢ଼ା | ମେଂଢ଼ା | ଲଢ଼ାଇରେ ମେଂଢ଼ାକୁ ହାବୁଡ଼ାଇବା ପରି କର୍; |
| ଭୁତ | ଭୁତା | ଭୁତ ବୋଲି କହି ଠକିଲା ପରି କର୍; |
| ପହ୍ଣି | ପହ୍ଣା | ପହ୍ଣିରେ ଦରକାର ଆଡ଼କୁ ପାଣି ମଡ଼ାଇଲା ପରି ପ୍ରଭାବିତ କର । |
| ଘୋଡ଼ା | ଘୋଡ଼ମା | ଘୋଡ଼ା ଗୃରିଗୋଡ଼ରେ ଗୃଲିଲା ପରି ଗୃଲ୍; |
| ଘୋଡ଼ | ଘୋଡ଼ା | ଘୋଡ଼ କର୍; |
| କୁଂଥ | କୁଂଥା | କୁଂଥନ କର୍; |
| ବଥା | ବଥା | ବଥା କର୍; |
| ଗଜା | ଗଜା | ଗଜୁର୍; |
| ଦାଂଡ଼ | ଦାଂଡ଼ା | ସଫାବାଟ ଦେଖା; |
| ପନ୍ହା | ପନ୍ହା | ପନ୍ହାରେ ଦୁଧ ଧ; ପନ୍ହାକୁ ଦୁଧ ଆଣ; |
| ଲଟି(ଲଟା) | ଲଟା | ଗଛରେ ଲଟି ପରି ମାଡ୍; |
| ପେଂଡ଼ା | ପେଂଡ଼ା | ପେଂଡ଼ା ପେଂଡ଼ା ଫଳ ଧର୍; |
| **ଶବ୍ଦ** | **ନାମଧାତୁ** | **ଅର୍ଥ** |
| ମୁଠା | ମୁଠା | ମୁଠାରେ ଧ’; |
| ମଠ | ମଠା | ମଠ କର୍; |
| ପାଟି | ଫଟା (ପାଟିଆ) | ପାଟି କରି ଖୁବ୍ କହ; |

[**ଦ୍ରଷ୍ଟବ୍ୟ :** ଏଇ ‘ଫଟା’ରୁ ମଧ୍ୟ ଅନାମ ଧାତୁ କ୍ରିୟା ‘ପାଟ୍’ କରି କୁହାଯାଏ–‘ମୁଁ କହି କହି ଫାଟି ପୁଟି ଗଲିଣି । ସେ ଶୁଣୁ ନାଇ ।’]

Digitized by PPRACHIN, SOA

| ଶବ୍ଦ | ନାମଧାତୁ | ଅର୍ଥ |
|---|---|---|
| ଢଳ, ଢକ<br>ଢକ୍ ଢକ୍ | ଢକା | ଢୁକ୍ ଢୁକିଆ ଢଳରେ ଓଦା ହୋ; ଅଳ୍ପ ପାଣିରେ ଢୁକ୍ ଢୁକ୍ ହୋ; |
| ଆପଣା | ଆପଣା | ଆପଣାର ପରି କର । |
| ଫେଣ | ଫେଣା | ଫେଣ କରି ବା ଫେଣ କଲାପରି ବତା, (ବଟା ବିରି ଫେଣାଇବା, କଥା ଫେଣାଇବା); |
| ଗୃପଡ଼ା<br>ଗୃପୁଡ଼ା | ଗୃପଡ଼ା<br>ଗୃପୁଡ଼ା | ଧୀରେ ଧୀରେ ଗୃପ୍‌ଡ଼ା ମାର; |
| ବଂଧ | ବଂଧା | ବଂଧ ପକା (ଏହା ବାଂଧ୍‌ର ପ୍ରୟୋଜକ ନୁହେ); |
| ଗଂଧ | ଗଂଧା | ଗଂଧ କର୍; |
| ବାଡ଼ି | ବାଡ଼ିଆ<br>(ବାଡ଼ା ମଧ୍ୟ ହୁଏ) | ବାଡ଼ିରେ ପିଟ୍, ପିଟ୍ |
| **ବିଶେଷଣରୁ** | | |
| ମୋଟା | ମୋଟା | ମୋଟା ହୋ; |
| ଘନ | ଘନା | ଘନ ହୋ; |
| ଭଲ | ଭଲା | ଭଲ ବୋଲି ଦେଖା, (ପ୍ରୟୋଗରେ ପ୍ରାୟ ଦେଖାଯାଏ-ଭଲାଇ ହୋ); |
| ହଦ୍ | ହଦା | ହଦ୍ ହୋ, ଥକ୍; |

[**ଦ୍ରଷ୍ଟବ୍ୟ :** ମୁଁ କହି କହି ହଦ୍ ହୋଇଗଲି । ହଦେଇ ଗଲି, ଥକିଗଲି । ଏଇ ଅର୍ଥରେ କଟକ ବାଲେଶ୍ୱର ଜିଲ୍ଲାର କେତେକ ଅଂଶରେ କହନ୍ତି-'ଅଥା' ବା 'ଅତ୍‌ଥା' ହୋଇଗଲି । ଏଇଭଳି ଅର୍ଥରେ ମଧ୍ୟ କୁହାଯାଏ । ମୁଁ କରି କରି ହତ୍ୟା (ହତ) ହୋଇଗଲି, ଏଇ ହଦ୍ 'ହତ୍' ବା 'ହତ୍ୟା'ରୁ ବାହାରିଚି ।]

| ଶବ୍ଦ | ନାମଧାତୁ | ଅର୍ଥ |
|---|---|---|
| **ଅନୁକରଣ ଶବ୍ଦ** | | |
| ଢକ୍ | ଢକା | |
| ଧକ୍ | ଧକା | ଧକ୍ ଧକ୍ ହୋ (ଶ୍ୱାସ କଷ୍ଟରେ); |
| ସକ୍ | ସକା | ସକ୍ ସକ୍ ହୋ; (ଅଳ୍ପ କାନ୍ଦିବାରେ) |

Digitized by PPRACHIN, SOA

ନିପାତନ

| ଶବ୍ଦ | ନାମଧାତୁ | ଅର୍ଥ |
|---|---|---|
| ଅଥୟ | ଅଥା | ଅଥୟା |
| ବ୍ୟଥା | ବିଥା | ବିଥିଆ, ଯଥା-ଅଥେଇ ବିଥେଇ ହେଲା; କୁଂଥେଇ ବିଥେଇ ହେଲା । |

**କୁଂଥା, ବଥା, ଘୋଡ଼ା** ପ୍ରଭୃତି ପ୍ରୟୋଜକ ରୂପ ହୋଇପାରେ, ମାତ୍ର କୁଂଥ୍, ବଥ୍, ଘୋଡ୍ - ଏପରି ଧାତୁ ଓଡ଼ିଆରେ ଚଳେ ନାଇ । ପୁଣି 'କୁଂଥା', 'ବଥା'- ଏମାନେ ଅକର୍ମକ । 'ଘୋଟ୍'ର ସ୍ୱାର୍ଥ ପ୍ରୟୋଜକ କେବେ କେବେ 'ଘୋଟା', 'ଘୋଡ଼ା' ହୋଇଯାଏ । (ଯଥା-ମେଘ ଘୋଟାଇଲା, ମେଘ ଘୋଡ଼ାଇଲା), **ତୁ ଘୋଡ଼ି ହୋ**- ଏପରି ପ୍ରୟୋଜକ ମଧ୍ୟ ପ୍ରୟୋଗ ହୁଏ । ସେଥିପାଇଁ 'ଘୋଡ଼ା' ପ୍ରୟୋଜକ ଧାତୁ ମଧ୍ୟ ହୋଇପାରେ ।

**'ଗଢା'** ପ୍ରଭୃତି ଧାତୁର ପ୍ରୟୋଜକ ବୋଲି ଭ୍ରମ ହୁଏ । ମାତ୍ର 'ଗଢ୍' ବୋଲି ଧାତୁ ନାଇ; କିମ୍ବା 'ଗଢା' ପ୍ରୟୋଜକ ନୁହେଁ ।

ଶବ୍ଦ ତିଆରିରେ 'ଘୋଡ୍', 'ଗଢ୍' ତଥା 'କୁଂଥ୍', 'ବଥ୍' ବୋଲି ସଂସ୍କୃତ ଅନୁକରଣରେ ଧାତୁ କରିବା ମଧ୍ୟ ଠିକ୍ ନୁହେଁ । ଓଡ଼ିଆରେ ଧାତୁର କ୍ରିୟାରୂପେ ବ୍ୟବହାର ସ୍ପଷ୍ଟ ଅଛି । ତା ନଥିଲେ ଓଡ଼ିଆରେ ଧାତୁ ନିର୍ଦ୍ଦେଶ କରିବା ସହଜ ବା ସଂଗତ ନୁହେ ।

**'ଘୋଡ୍'** ଗୋଟିଏ ଓଡ଼ିଆ ଶବ୍ଦ । ଏହାର ସଂସ୍କୃତ ମୂଳ ହେଉଚି, **'ଗୁଢ୍'** । ଏହା ଓଡ଼ିଆ 'ଘୋଡ୍' ଧାତୁର 'ଅ' ପ୍ରାୟ ନୁହେ ।

ଏଇପରି ଧାତୁର ପ୍ରକୃତି ଧରି ଓଡ଼ିଆରେ ଯଥାର୍ଥ ନାମଧାତୁ ଚିହ୍ନିବା ଦରକାର ହୁଏ । ପୁଣି 'କୁଂଥା' ପ୍ରଭୃତି ପରି ଅକର୍ମକ ଧାତୁମାନଂକୁ ନାମଧାତୁରେ ଧରିବା ବିଶେଷ ସଂଗତ । ହେଲେହେଁ ସଂସ୍କୃତ ଅନୁକରଣରେ 'କୁଂଥ୍', 'ବଥ୍' (ବ୍ୟଥ୍) ପ୍ରଭୃତିର 'ଆ'କାରାଂତ ରୂପକୁ ସ୍ୱାର୍ଥ ପ୍ରୟୋଜକ ଓ ତେଣୁ ଅକର୍ମକ ବୋଲି ଧରାଯାଇପାରେ ।

'ଗୋଡ଼'ରୁ ଧରିବା ବା ବଳିବା ପାଇଁ ଧାଇଁବା ଅର୍ଥରେ ଗୋଡ଼ା (ଗୋଡ଼ାଇବା) ହୁଏ; ମାତ୍ର ମାନ୍ୟବ୍ୟକ୍ତି ବା ବସ୍ତୁକୁ ଗୋଡ଼ରେ ଛୁଇଁବା ଅର୍ଥ ହେଲେ 'ଗୋ'ର 'ଓ', 'ଉ' ହୋଇ **ଗୁଡ଼ା** (ଗୁଡ଼ାଇବା) ହୋଇଯାଏ ।

ଗୋଟି ଗୋଟି କରି ଖୁଂଟିବା ଅର୍ଥରେ **'ଗୋଟା'** (ଗୋଟାଇବା) ହୁଏ । ମାତ୍ର ବଳି, ଗୋଡ଼ି ବା ପଗଡ଼ି ବାନ୍ଧିଲା ପରି ବାନ୍ଧି ଗୋଟା କରିବା ବୁଝାଇଲେ,

Digitized by PPRACHIN, SOA

ଗୁଡ଼ା (ଗୁଡ଼ାଇବା) ହୁଏ । ପୁଣି କୁଲାରେ ଅଳ୍ପ ପାଛୁଡ଼ି ଗୋଟା ଗୁଉଳ ବାଛି ଅଲଗା କରିବା ଅର୍ଥରେ 'ଗୁରା' (ଗୁରାଇବା) ହୁଏ । ଏଠାରେ କେବଳ 'ଗୋ'ର 'ଓ' - 'ଉ' ହେବା ବାଦ୍ 'ଟ'ର ପୂର୍ବପରି 'ଡ଼୍' ନ ହୋଇ ଅର୍ଥ ଭେଦ ସ୍ପଷ୍ଟ କରିବା ପାଇଁ 'ର' ହୋଇଯାଏ ।

**'ଘୋଡ଼୍'ରୁ 'ଘୋଡ଼ା'** ହୁଏ; ମାତ୍ର 'ଘୋଡ଼ା'ରୁ ଅର୍ଥ ଭେଦ ବୁଝାଇବା ପାଇଁ **'ଘୋଡ଼ମା'** ହୁଏ । ଅନ୍ତର 'ଆ', 'ଅ' ହୋଇଯାଏ ଓ ତାପରେ 'ମ୍' ଆଗମ ହୁଏ । ଏଇଠାରେ ଲକ୍ଷ୍ୟ କରିବାର ଅଛି, ଅତି ଗ୍ରାମ୍ୟ ଭାଷାରେ 'ଘୋଡ଼ା' ଶବ୍ଦକୁ ଲୋକେ କେବେକେବେ 'ଘୋଡ଼ମ୍' ବୋଲି ମଧ୍ୟ କହଂତି ।

**ବିକୃତ ହେବା ଭାବ୍**, ଅର୍ଥରେ ଥିବାରୁ 'କଥା', 'ଖତା' ହେବା ସଂଭବ । ନଚେତ୍ 'ଖଟା'ରୁ 'ଖତା' ହେଲେ ମଧ୍ୟ ବିକୃତିର ସୂଚନା ଥିବାରୁ 'ଟ୍'ଠାରେ 'ତ୍' ହୋଇଚି । ଏଇ ସମ୍ପର୍କରେ ଏଇପରି ସୂଚନା ଅତି ସ୍ପଷ୍ଟ କରିବାରେ **ଅନ୍ୟତ୍ର ଶବ୍ଦର ବିକୃତି ମଧ୍ୟ ହୁଏ** । ଯଥା-

ଗଂଧ-ଗେଂଧା, ଗେଂଠା;

ମଂଦ-ମାଂଦା, ମାଉଁଦା;

ଭଲ-ଭଲା, ଭେଲା (ସେଥିରୁ ବିଶେଷ୍ୟ ହୁଏ, 'ଭେଲ' ଅର୍ଥାତ୍ 'ଭଲ' ଧାତୁରେ ମିଶିଥିବା ଅସାର ଧାତୁ)

ସୁଖ-ସଉକ; ସୁଖୀ-ସଉକି;

ଛୋଟ-ଗେ୍ଟ୍ଠା; ପ୍ରେମ-ପେମ;

ଧର୍ମ-ଦରମ; କଂଗ୍ର-କଚମା;

ମଂଥର-ମେଂଥଡ଼ (ମେଂଥଡ଼ି ବୁଢ଼ୀ); ଇତ୍ୟାଦି

'ଢକା'ରେ 'ଢକ'ର ସଂପର୍କ ଅଛି । ତେଣୁ 'ଢ଼୍ଲ'ଠାରେ **'ଢକ'** ହୋଇଛି; ନତୁବା 'ଢକ'ରୁ ମଧ୍ୟ 'ଢକା' ହୋଇଚି ବୋଲି କୁହାଯାଇପାରେ ।

ନିପାତନ - 'ପାଟିଆ' 'ପାଟ୍ୟା' 'ପାଟା'ଠାରେ ନିପାତନରେ 'ଫଟା' ହୁଏ ।

'ହ୍' ଅର୍ଦ୍ଧସ୍ୱର ଥିବାରୁ 'ମୁହାଁ', 'ମ୍ୱାଁହ୍' (ମୁଆହ୍) ହୋଇଯାଏ । ଯଥା- ମ୍ୱାହିବା, ମ୍ୱାହିଲା, (ଏସବୁଠାରେ 'ମ୍ୱ'ର ଉଚ୍ଚାରଣ 'ମୁଅ୍' ପରି ('ଅ୍'ରୁ 'ଅ'ର ଅତି ହ୍ରସ୍ୱ ଉଚ୍ଚାରଣ ବୁଝିବାକୁ ହେବ ।), ମ୍ - ରେ ଅବର୍ଗୀୟ 'ବ୍' - 'ଖଂବ' ପ୍ରଭୃତିର 'ମ୍ୱ' ପରି ନୁହେ) ସେଇପରି ସର୍ବତ୍ର ହୁଏ । ଯଥା- **ତ୍ୱାହ୍ (ତୁହାଁ) - ତ୍ୱାହିଁଲା, ତ୍ୱାହିବା;**

Digitized by PPRACHIN, SOA

**କ୍ୱାହ୍ (କୁହା) – କ୍ୱାହିବା, କ୍ୱାହିଲା**, ଇତ୍ୟାଦି । ମାତ୍ର ସେ ଯୋଗେ ଏକାକ୍ଷର ଧାତୁପରି ଏହାର ଅନ୍ୟ କିଛି ପରିବର୍ତ୍ତନ ହୁଏ ନାଇ । ପରେ ପ୍ରୟୋଜକ ରୂପ ଦେଖ ।

**ନାମ ଧାତୁର ପ୍ରୟୋଜକ ରୂପ :**

ପ୍ରୟୋଜକରେ ନାମ ଧାତୁର ଶେଷ 'ଆ' ପୂର୍ବରୁ 'ଇ' ହୁଏ ଓ 'ଆ'ଟି ଅଲଗା ହୋଇଯାଏ । ଯଥା–**ମୁହାଁ–ମୁହିଁଆ;** ପ୍ରୟୋଗ – **ଗଉଡୁଣୀ ଦୁଧ ମୁହାଁଇଲା (ମ୍ୱାହିଁଲା)** ।

**ଗଉଡ଼ ତା ହାତେ ଦୁଧ ମୁହିଆଁଇଲା**, ସେଇପରି **କାଂଧା–କାଂଧିଆ, ବଂଧା–ବାଂଧିଆ, ଦାଂଡା–ଦାଂଡିଆ, କାନା–କାନିଆ** ଇତ୍ୟାଦି ।

ବଥା, ଗଢା ପ୍ରଭୃତି ପରି ଧାତୁର ପ୍ରୟୋଜକ ଅର୍ଥ କ୍ଲିଷ୍ଟ ହେବାରୁ ସେମାନଙ୍କର ପ୍ରୟୋଜକ ରୂପ ବ୍ୟବହାରରେ ନାଇ ।

ସେଇପରି ବ୍ୟଂଜନାନ୍ତ ଶବ୍ଦରୁ ହୋଇଥିବା ନାମ ଧାତୁର ପ୍ରୟୋଜକ ରୂପ ହୁଏ ନାଇ । 'ଧକିଆ', 'ହଦିଆ' ପ୍ରଭୃତିର ବ୍ୟବହାର ନାଇ ।

ନାମ ଧାତୁର ଶେଷ 'ଆ' ପୂର୍ବରୁ ଅନ୍ୟ ସ୍ୱରବର୍ଣ୍ଣ ଥିଲେ, ପ୍ରୟୋଜକ ରୂପରେ କିଛି ପରିବର୍ତ୍ତନ ହୁଏ ନାଇ । ମାତ୍ର ସେପରି ନାମଧାତୁର ପ୍ରୟୋଗରେ ଯେଉଁ ସଂଧି ହୁଏ, ପ୍ରୟୋଜକରେ ତାହା ହୁଏ ନାଇ । ଏଥିରେ ହିଁ ସେ ସବୁର ପ୍ରୟୋଜକ ଚିହ୍ନି ହୁଏ । ଯଥା–

'କାଂଧା'ରୁ କାଂଧୋଉଚି, କାଂଧେଇଲା ହେଲେ ମଧ୍ୟ ପ୍ରୟୋଜକରେ 'କାଂଧିଆଉଚି', କାଂଧିଆଇଲା' ରହେ । 'ଆଂଠୁଆ', 'ଆଂଠେଇଲା', 'ଆଂଠୋଉଚି', ମାତ୍ର ପ୍ରୟୋଜକରେ 'ଆଂଠୁଆଇଲା', ଆଂଠୁଆଉଚି' ଇତ୍ୟାଦି ।

ପ୍ରାୟ ସକର୍ମକ ନାମଧାତୁର ସ୍ୱାର୍ଥ ପ୍ରୟୋଜକ ରୂପ ହୁଏ । ଯଥା–

| | |
|---|---|
| ଘୋଡ଼ା–ଘୋଡ଼ିଆ; | କାଂଧା–କାଧିଆ; |
| ମୁଂଡା–ମୁଂଡିଆ; | କାଖା–କାଖିଆ; |
| ଗୋଡ଼ା–ଗୋଡ଼ିଆ; | ଗୁଡ଼ା–ଗୁଡ଼ିଆ; |
| କାନା–କାନିଆ; | ଦାଂଡ଼ା–ଦାଂଡ଼ିଆ; |

ଗୋଟା–ଗୋଟିଆ ଇତ୍ୟାଦି ।

❖❖❖

Digitized by PPRACHIN, SOA

## ଚତୁର୍ଥ ଭାଗ

# ବର୍ଣ୍ଣ ବିଗ୍ରହ

Digitized by PPRACHIN, SOA

## ବର୍ଣ୍ଣ ବିଗ୍ରହ :

ସଂଜ୍ଞା; ବର୍ଣ୍ଣ ଦ୍ୱିବିଧ; ବର୍ଣ୍ଣର ଉଚ୍ଚାରଣ ସ୍ଥାନ; ଯୁକ୍ତ ବର୍ଣ୍ଣ; ରେଫ୍; 'କ୍ଷ୍' ଓ 'ଜ୍ଞ'; 'ହ୍'ରେ ମାତ୍ରା ଓ ରେଫ୍; ବର୍ଗର ପଂଚମ ବର୍ଣ୍ଣ ପାଇଁ ଅଂନୁସ୍ୱାର; ବର୍ଣ୍ଣ ଓ ଅକ୍ଷର; ସଂଧି କ'ଣ?; ମୂଳଧାତୁ ଓ ପ୍ରତ୍ୟୟାନ୍ତ ଧାତୁ; ଓଡ଼ିଆ ଧାତୁମାନେ ଶବ୍ଦ; ସଂଧିର ପ୍ରସାର; ବର୍ଣ୍ଣ ବିପର୍ଯ୍ୟୟ; ସଂସ୍କୃତ ଓ ଓଡ଼ିଆରେ ସଂଧି ନିୟମ; ବ୍ୟଂଜନ ବର୍ଣ୍ଣ; ସ୍ୱର ବର୍ଣ୍ଣ; ଗୁରୁସ୍ୱର ଓ ଦୀର୍ଘସ୍ୱର; ଶବ୍ଦର ବର୍ଣ୍ଣ ଉପରେ ଜୋର; ଶବ୍ଦ ଓ ବାକ୍ୟ ସଂକ୍ଷେପରେ ଶବ୍ଦ; ଓଡ଼ିଆରେ ଦୀର୍ଘସ୍ୱର; ଜୋର ପଡ଼ିବାରେ ସ୍ୱରଗତି; ସଂଧି; ସମାନ ସ୍ୱରର ସଂଧି; 'ଅ' ସମସ୍ୱର ଓ 'ଅ' ଭିନ୍ନସ୍ୱରର ସଂଧି; 'ଅ' ଭିନ୍ନସ୍ୱର ଓ 'ଅ' ସମସ୍ୱରର ସଂଧି; ଖାଂଟି ଓଡ଼ିଆରେ ସ୍ୱର ସଂଧି; ପ୍ରତ୍ୟୟରେ ସଂଧି; ସଂଧି ଉପରେ ସଂଧି; ବ୍ୟଂଜନ ସଂଧି; ଖାଂଟି ଓଡ଼ିଆରେ ବ୍ୟଂଜନ ସଂଧି; ବିସର୍ଗ ସଂଧି; 'ଣ'ତ୍ୱ ବିଧାନ ।

Digitized by PPRACHIN, SOA

# ବର୍ଣ ବିଚାର

## ବର୍ଣର ସଂଜ୍ଞା :

'ବର୍ଣ' କହିଲେ ଲିଖିତ ଅକ୍ଷର ଓ ଅକ୍ଷରର ଉଚ୍ଚାରଣ ଉଭୟ ବୁଝାଯାଏ । ମାତ୍ର ଭଲକରି ବୁଝିଲେ ଦେଖାଯିବ, ମୁଖର ଉଚ୍ଚାରଣ ହିଁ ବର୍ଣ । ଲିଖିତ ଅକ୍ଷର ସଂଗେ ତାହାର କୌଣସି ସାକ୍ଷାତ ସଂବଂଧ ନାହିଁ । ଲିଖିତ ଅକ୍ଷର ବର୍ଣର ଗୋଟିଏ ସଂକେତ ବା ଚିହ୍ନ । ଲିଖିତ ଅକ୍ଷରରେ ଉଚ୍ଚାରଣ ନଥାଏ । ଉଚ୍ଚାରଣ ଲୋକ ମୁଖରେ । ସେହି ଲୋକ ମୁଖର ଉଚ୍ଚାରଣ ସବୁବ୍ୟକ୍ତିଂକ ମୁଖରେ ସମାନ କରିବାପାଇଁ ବର୍ଣର ସଂକେତ ସ୍ୱରୂପ ଲିଖିତ ଅକ୍ଷରର ସୃଷ୍ଟି । ଗୋଟିଏ ଗୋଟିଏ ଅକ୍ଷରକୁ ଗୋଟିଏ ଗୋଟିଏ ବିଶିଷ୍ଟ ଉଚ୍ଚାରଣରେ ନାମିତ କରି ସମସ୍ତେ ସେହି ଲିଖିତ ଚିହ୍ନ ଦେଖିଲେ, ଏଥିରେ ଭାଷାର ସାର୍ବଜନୀନତା ଓ ସ୍ଥାୟିତ୍ୱ ଦୃଢ଼ ହୁଏ । ଉଚ୍ଚାରଣ ହିଁ ଅକ୍ଷରର ପ୍ରାଣ । ଉଚ୍ଚାରଣରେ ବ୍ୟତିକ୍ରମ ଘଟିଲେ, ଏକ ଅକ୍ଷର ବିଭିନ୍ନ ମୁଖରେ ବିଭିନ୍ନ ଉଚ୍ଚାରଣ ପାଇଲେ, ଭାଷାର ବ୍ୟାପକତା ବିଶୃଙ୍ଖଳ ହୁଏ ଓ ସ୍ଥିତି ସନ୍ଦେହାପନ୍ନ ହୁଏ ।

ସେଥିପାଇଁ କାଳକ୍ରମେ ପଂଡିତମାନେ ଉଚ୍ଚାରିତ ବର୍ଣ ଓ ଲିଖିତ ଅକ୍ଷର ମଧ୍ୟରେ କୌଣସି ପ୍ରଭେଦ ରଖିପାରି ନାହାନ୍ତି । ମୁଖର ଉଚ୍ଚାରଣ ଓ ଲେଖନର ବିକାଶ ଅନେକଙ୍କୁ ଏକ ବୋଲି ବୋଧ ହେଉଅଛି । ପାଣିନି ପ୍ରଭୃତି ବ୍ୟାକରଣର ସୂତ୍ରକାରମାନେ ଲିଖିତ ଅକ୍ଷର ଧରି ବ୍ୟାକରଣ ଲେଖିନଥିଲେ । ମୁଖର ଉଚ୍ଚାରଣହିଁ ତାଙ୍କ ବ୍ୟାକରଣର ସର୍ବସ୍ୱ ।

## ବର୍ଣ ଦ୍ୱିବିଧ :

ସ୍ୱର ବର୍ଣ ଓ ବ୍ୟଂଜନ ବର୍ଣ । ସ୍ୱତନ୍ତ୍ର ଯେଉଁ ବର୍ଣର ପୂର୍ଣ ଉଚ୍ଚାରଣ ହୁଏ ସେ ସ୍ୱରବର୍ଣ । ଯଥା-ଅ, ଇ, ଉ, ଏ ଇତ୍ୟାଦି । ସ୍ୱର ସହଯୋଗରେ ଯେଉଁ ବର୍ଣର ପୂର୍ଣ ଉଚ୍ଚାରଣ ହୁଏ, ସେ ବ୍ୟଂଜନ । ଯଥା-ଅକ୍, କ (କ୍+ଅ) ।

## ସ୍ୱର ବର୍ଣ :

ଓଡ଼ିଆରେ ଅ, ଆ, ଇ, ଈ, ଉ, ଊ, ଏ, ଓ - ଏମାନେ ସ୍ୱର ବର୍ଣ । ଏମାନେ ନିଜେ ନିଜେ ଗୋଟିଏ ଗୋଟିଏ ସ୍ୱରରେ ଉଚ୍ଚାରିତ ହୁଅଂତି ।

Digitized by PPRACHIN, SOA

'ଅ'ର ଦୀର୍ଘ - 'ଆ', 'ଇ'ର ଦୀର୍ଘ-ଈ; 'ଉ'ର ଦୀର୍ଘ-ଊ । ଅ, ଇ, ଉ **ହ୍ରସ୍ୱ ସ୍ୱର ବର୍ଣ୍ଣ** । ଆ, ଈ, ଊ **ଦୀର୍ଘ ସ୍ୱର ବର୍ଣ୍ଣ** । ତେଣୁ ଅ, ଆ ଦୁହେଁ 'ଅ'-ବର୍ଣ୍ଣ, ଇ, ଈ ଦୁହେଁ 'ଇ'-ବର୍ଣ୍ଣ ଓ ଉ, ଊ ଦୁହେଁ 'ଉ' ବର୍ଣ୍ଣ । ମାତ୍ର ଓଡ଼ିଆରେ ଅ, ଆ ଏକା ବର୍ଣ୍ଣ ବୋଲି ଧରା ଯାଆଂତି ନାଇ । 'ଅ'ର ବୃଦ୍ଧି ହେଲେ 'ଆ' ହୁଏ । 'ଇ'-ବର୍ଣ୍ଣର ଗୁଣ- 'ଏ' ଏବଂ 'ଉ'-ବର୍ଣ୍ଣର ଗୁଣ-'ଓ' ବୋଲି କୁହାଯାଏ ।

ଏଣୁ ଅ, ଆ, ଇ, ଉ, ଏ, ଓ - ଏଇ ଛଅଟି ଓଡ଼ିଆରେ ସ୍ୱର ବା ସ୍ୱର ବର୍ଣ୍ଣ । 'ଈ' ସଂଗେ 'ଇ' ଏବଂ 'ଊ' ସଂଗେ 'ଉ' ଯାଏ । କଂଗ୍ରୁ ବା ଖାଣ୍ଟି (ତଦ୍ଭବ, ଦେଶୀ, ବିଦେଶୀ) ଓଡ଼ିଆ ଶବ୍ଦରେ ମଧ୍ୟ ଇ-ଈ, ଉ-ଊର ସାଧାରଣତଃ କୌଣସି ଭେଦ ନାଇ । ସଂସ୍କୃତର 'ନୀରୋଗ', 'ନୀରସ'ର ଅନୁକରଣରେ 'ନୀରୋଗ', 'ନୀରୋଗୀ', 'ନୀରସା' ଲେଖିଲେ ମଧ୍ୟ ଏସବୁ ଉଚ୍ଚାରଣରେ ନିରୋଗା, ନିରୋଗି, ନିରସା ସଂଗେ ସମାନ । ତେଣୁ ଉଚ୍ଚାରଣ ଅନୁସାରେ ଲେଖିବା ଉଚିତ । 'ସ୍ତ୍ରୀ' ଓଡ଼ିଆରେ ସ୍ତିରି, 'ଶ୍ରୀ' 'ସିରି' ହୁଏ । ଏସବୁ ମଧ୍ୟ ଦେଖିବାର ଅଛି । ହେଲେହେଁ ଓଡ଼ିଆରେ ସଂସ୍କୃତ ଅନୁକରଣରେ ନିରୋଗୀ, ନିର୍ଦ୍ଦୋଷୀ, ଧନୀ, ଘରଣୀ ପ୍ରଭୃତି ଲେଖାଯାଏ । ସେଇପରି ନୁଆ-ନୂଆ, ବୋହୁ-ବୋହୂ, ଉଣା-ଊଣା ପ୍ରଭୃତି ।

ଏଇ ଛଅଟି ଛଡ଼ା ସଂସ୍କୃତରୁ ଓଡ଼ିଆ ତତ୍‌ସମରେ **ଋ, ଌ, ଐ, ଔ** - ଏଇ ଚାରୋଟି ସ୍ୱର ଚଳେ । କଂଗ୍ରୁ ଓଡ଼ିଆରେ ତାହା **ରୁ, ଲୁ, ଅଇ, ଅଉ** - ଏଇପରି ହୁଏ । ଓଡ଼ିଆରେ ମଧ୍ୟ 'କଉଣସି', 'କୌଣସି' ହୁଏ । ଏପରିସ୍ଥଳରେ 'ଅ-ଉ'ର ଉଚ୍ଚାରଣ **ଯୁଗ୍ମସ୍ୱର** ବା ଠିକ୍ 'ଔ' ପରି । ମାତ୍ର କଂଗ୍ରୁ ଓଡ଼ିଆରେ 'କୌଣସି' ନ ହୋଇ 'କୁଣିସି' ହୁଏ । ଏହା ଦେଖିବାର ଅଛି । ସ୍ୱରମାନଂକୁ **ଅ-କାର, ଆ-କାର, ଇ-କାର, ଉ-କାର, ଏ-କାର** ପ୍ରଭୃତି ନାମରେ ମଧ୍ୟ କୁହାଯାଏ ।

ସଂସ୍କୃତରେ 'ଇ' ବର୍ଣ୍ଣର 'ବୃଦ୍ଧି'-ଐ, 'ଉ' ବର୍ଣ୍ଣର ବୃଦ୍ଧି-ଔ । ମାତ୍ର 'ଋ'ର ଗୁଣ 'ଅର୍' ଓ ବୃଦ୍ଧି 'ଆର୍', ପୁଣି '**ଌ**'ର ଗୁଣ 'ଅଳ୍' ଓ ବୃଦ୍ଧି-'ଆଳ୍' ।

[ଦ୍ରଷ୍ଟବ୍ୟ : 'ଋ'ର 'ର୍' ପ୍ରକୃତି ଓ '**ଌ**'ର 'ଲ୍', 'ଳ୍' ପ୍ରକୃତି ଏଠାରେ ସ୍ପଷ୍ଟ ।]

ଓଡ଼ିଆରେ 'ଆ'ର 'ଅ' ହେଲେ 'ହ୍ରସ୍ୱ' ବା '**ବୃଦ୍ଧି ଫେର୍**' ହୁଏ । ସେଇପରି 'ଏ'ର 'ଇ', 'ଓ'ର 'ଉ' ହେଲେ 'ଗୁଣ ଫେର୍' ବା ହ୍ରସ୍ୱ ହୁଏ । **ବାଟ୍-ବଟା, ନେ-ନି, ଥୋ-ଥୁଅ** ପ୍ରଭୃତି ଏହାର ଉଦାହରଣ ।

ଏଇ ସ୍ୱର ଗୁଡ଼ିକ ବ୍ୟଂଜନରେ ଲାଗିଲେ ଲିପିରେ ସେମାନଂକର ସଂକେତ ବଦଳିଯାଏ । ଯଥା- କ୍‌ଆ=କା, କ୍‌ଇ=କି, କ୍‌ଈ=କୀ । ସେଇପରି କୁ, କୂ, କୃ, କେ, କୈ, କୋ, କୌ । ସବୁ ବ୍ୟଂଜନରେ ଏଇପରି । ଏଇ ସ୍ୱର ଚିହ୍ନ ଗୁଡ଼ିକୁ ଓଡ଼ିଆରେ 'ଫଳା' କହଂତି ।

Digitized by PPRACHIN, SOA

**ବ୍ୟଂଜନ ବର୍ଣ :**

କ, ଖ, ଗ, ଘ, ଙ - 'ଏହାକୁ 'କ' ବର୍ଗ କହଂତି ।
ଚ, ଛ, ଜ, ଝ, ଞ - ଏହାକୁ 'ଚ' ବର୍ଗ କହଂତି ।
ଟ, ଠ, ଡ, ଢ, ଣ - ଏହାକୁ 'ଟ' ବର୍ଗ କହଂତି ।
ତ, ଥ, ଦ, ଧ, ନ - ଏହାକୁ 'ତ' ବର୍ଗ କହଂତି ।
ପ, ଫ, ବ, ଭ, ମ - ଏହାକୁ 'ପ' ବର୍ଗ କହଂତି ।
ଯ, ର, ଲ, ବ - ଏହାକୁ ଅବର୍ଗୀୟ ବର୍ଣ କହଂତି ।
ଶ, ସ, ଷ, ହ - ଏହାକୁ ଉଷ୍ମ ବର୍ଣ କହଂତି । ଏବଂ
ଡ଼, ଢ଼, ଳ, ୟ, ଂ, ଃ, ଁ - ଏମାନେ ବ୍ୟଂଜନ ବର୍ଣ ।

ଏମାନେ ପ୍ରତ୍ୟେକେ ବର୍ଣର ଏକ ଏକ ବ୍ୟଂଜନା ବା ସଂକେତ ମାତ୍ର । 'କ' କହଲେ ଏଥିରେ ଗୋଟିଏ 'ଅ' ଉଚ୍ଚାରଣ ଶେଷକୁ ଅଛି । ପ୍ରକୃତ ସ୍ୱରହୀନ ବ୍ୟଂଜନଟିକୁ 'କ୍' ବୋଲି ଚିହ୍ନାଇ ଦିଆଯାଏ । ସେଇପରି 'ଖ୍', 'ଗ୍' ପ୍ରଭୃତି । ଏଇସବୁ ବ୍ୟଂଜନ ନିଜେ ଉଚ୍ଚାରିତ ହୋଇ ପାରଂତି ନାଇ । ଆଗରେ ବା ପଛରେ ସ୍ୱରଟିଏ ଧରି ଉଚ୍ଚାରିତ ହୁଅଂତି । ଯଥା- ଅକ୍, କ (କ+ଅ) ଇତ୍ୟାଦି ।

କ୍, ଚ୍, ଟ୍, ତ୍, ପ୍ - ଏମାନେ ପ୍ରତ୍ୟେକେ ବର୍ଗର ପ୍ରଥମ ବର୍ଣ । ସେହିପରି-
ଖ୍, ଛ୍, ଠ୍, ଥ୍, ଫ୍ - ବର୍ଗର ୨ୟ ବର୍ଣ ।
ଗ୍, ଜ୍, ଡ୍, ଦ୍, ବ୍ - ବର୍ଗର ୩ୟ ବର୍ଣ ।
ଘ୍, ଝ୍, ଢ୍, ଧ୍, ଭ୍ - ବର୍ଗର ୪ର୍ଥ ବର୍ଣ ।
ଙ୍, ଞ୍, ଣ୍, ନ୍, ମ୍ - ବର୍ଗର ୫ମ ବର୍ଣ ।

ଏହିପରି କ୍ ଠାରୁ ମ୍ ପର୍ଯ୍ୟନ୍ତ ବର୍ଗର ବର୍ଣ । ବାକି ସବୁ ବର୍ଗ୍ୟ ବର୍ଣ ନୁହେଁ-ଅବର୍ଗୀୟ ବର୍ଣ ।

**ବର୍ଣର ଉଚ୍ଚାରଣ ସ୍ଥାନ :**

ଓଡ଼ିଆ ଚଳିତ ଭାଷା । ସେଥିରେ ନାନା କାରଣରୁ ବର୍ଣର ଉଚ୍ଚାରଣ ସୂକ୍ଷ୍ମତାରେ ବଦଳି ଯାଉଚି । 'ଫିଂଗ୍' କହିଲେ 'ଇ'-କାରର ଯେ ଉଚ୍ଚାରଣ ହେଉଚି, 'ଫିଂଗା' କହିଲେ ତାହା ହେଉ ନାଇ । ପ୍ରଥମଟି ଦୀର୍ଘ ଓ ସେଥିରେ ପାଟିର କଳ ଦୁଇପାଖ ବେଶି ଦୂରକୁ ଯାଉଚି । ସଂସ୍କୃତରେ ମଧ୍ୟ ସେଇପରି ସ୍ୱରମାନଂକର ୧୮ଟି ଲେଖାଏଁ ପ୍ରକାରରେ ଉଚ୍ଚାରଣ ବାଂଟି ଆଲୋଚନା କରି ବେଦଗାନରେ ତାହାର ବ୍ୟବହାର ଲକ୍ଷ୍ୟ କରାଯାଇଚି ।

Digitized by PPRACHIN, SOA

ମାତ୍ର ସେ ସବୁର ବିଶେଷ ଆଲୋଚନା ପାଇଁ ଏଠାରେ କ୍ଷେତ୍ର ନାଇ । ତେଣୁ ମୋଟା ମୋଟି ତତ୍‌ସମ ନିୟମରେ ଓଡ଼ିଆ ବର୍ଣମାନଂକର ଉଚ୍ଚାରଣ ସୂଚ୍ଇ ଦିଆଯାଉଚି । ସେତିକିରେ ମଧ୍ୟ ସମବର୍ଣ, ଅସମବର୍ଣ ପ୍ରଭୃତି ଭେଦଧରି ବର୍ଣ ତଥା ଶବ୍ଦ ନିର୍ମାଣର ଆଲୋଚନାରେ ସୁବିଧା ହେବ ।

ଅ, ଆ, ହ୍ - ଜିହ୍ୱାମୂଳରୁ ଉଚ୍ଚାରିତ ହୁଅଂତି । ଏଣୁ ଏମାନେ ଜିହ୍ୱାମୂଳୀୟ ।
'କ୍' ବର୍ଗର ବର୍ଣମାନେ କଂଠରୁ ଉଚ୍ଚାରିତ । ଏଣୁ **'କଂଠ୍ୟ'** ବର୍ଣ ।
ଇ ବର୍ଣ, 'ଚ' ବର୍ଗର ବର୍ଣ, ୟ, ଶ୍ - ତାଳୁରୁ ଉଚ୍ଚାରିତ, ଏଣୁ **'ତାଲବ୍ୟ'** ।
ର ବର୍ଣ, 'ଟ' ବର୍ଗ, ର୍, ଷ୍ - ମୂର୍ଧାରୁ ଉଚ୍ଚାରିତ । ଏଣୁ **ମୂର୍ଧଣ୍ୟ** ।
'ତ' ବର୍ଗ, ଲ୍, ସ୍ - ଦାଂତରୁ ଉଚ୍ଚାରିତ । ଏଣୁ **ଦଂତ୍ୟ** ।
ଉ ବର୍ଣ, 'ପ' ବର୍ଗ - ଓଠରୁ ଉଚ୍ଚାରିତ । ଏଣୁ **ଓଷ୍ଠ୍ୟ** ।
ଏ, ଐ - କଂଠ ଓ ତାଳୁରୁ ଉଚ୍ଚାରିତ । ଏଣୁ **କଂଠ - ତାଲବ୍ୟ** ।
ଓ, ଔ - କଂଠ ଓ ଓଠରୁ ଉଚ୍ଚାରିତ । ଏଣୁ **କଂଠୌଷ୍ଠ୍ୟ** ।
ଅବର୍ଗୀୟ 'ବ' - **ଦନ୍ତୌଷ୍ଠ୍ୟ** ।
'ଡ଼୍', 'ଢ଼୍' ପରି 'ଳ୍' - **ମୂର୍ଧଣ୍ୟ** ।

ବର୍ଗର ପଂଚମ ବର୍ଣମାନେ 'କଂଠ', ତାଳୁ ପ୍ରଭୃତିରୁ ଉଚ୍ଚାରିତ ହେଲେହେଁ **ଅନୁନାସିକ**; କାରଣ ସେମାନ ସଂଗେ ସଂଗେ ନାସିକାରୁ ମଧ୍ୟ ବାହାରଂତି ।

ଙ୍ - **କଂଠ୍ୟାନୁନାସିକ**, ନ୍ - **ଦଂତ୍ୟାନୁନାସିକ** । ଏଇପରି ।

'ଂ', ' ଁ ' ଓ 'ଃ' ଯେଉଁ ସ୍ୱରକୁ ଆଶ୍ରୟ କରେ ସେଇ ସ୍ୱର ସଂଗେ ଉଚ୍ଚାରିତ ହୁଏ । ସେମାନେ ଆଶ୍ରିତ । ପୁଣି 'ଂ' ଓ ' ଁ ' **ଆଶ୍ରିତ ହେଲେହେଁ ଅନୁନାସିକ ମାତ୍ର** । ବର୍ଗର ପ୍ରଥମ ବର୍ଣରେ ଟିକିଏ 'ହ୍' ବର୍ଣର ଆଭାଷ ଲାଗିଲେ ଦ୍ୱିତୀୟ ବର୍ଣର ଉଚ୍ଚାରଣ ହୁଏ । ସେଇପରି ତୃତୀୟ ବର୍ଣରେ 'ହ୍'ର ଆଭାଷ ଲାଗି ଚତୁର୍ଥ ବର୍ଣ ହୁଏ । ଯଥା-

କ୍+ହ୍+ଅ=ଖ; ଗ୍+ହ୍+ଅ=ଘ;
ଚ୍+ହ୍+ଅ=ଛ; ଜ୍+ହ୍+ଅ=ଝ ଇତ୍ୟାଦି ।

ଓଡ଼ିଆରେ 'ଙ୍' ଓ 'ଞ୍'ର ସ୍ୱତଂତ୍ର ସ୍ୱରଯୁକ୍ତ ବ୍ୟଂଜନ ଭାବରେ ଉଚ୍ଚାରଣ ନାଇ । ଙକୁ ଆମେ ଶୀଘ୍ର ଉଚ୍ଚାରିତ 'ଉଅଁ' ବା ଅନୁନାସିକ ଅବର୍ଗୀୟ ବ (ବଁ) ପରି କହୁ । 'ଞ୍'କୁ ଆମେ କହୁ 'ନଁ୍ୟ' ବା ଶୀଘ୍ର ଉଚ୍ଚାରିତ 'ନିଅଁ' । ଏହାର ସଂସ୍କୃତ ଉଚ୍ଚାରଣ ନିର୍ଣୟ କରିବା ମଧ୍ୟ ଦୁରୁହ ।

Digitized by PPRACHIN, SOA

[ଦ୍ରଷ୍ଟବ୍ୟ : 'ଆକାଙ୍‌କ୍ଷା' ପ୍ରଭୃତିରେ 'ଙ୍' ଓ 'ଯାଚ୍‌ଞା' ପ୍ରଭୃତିରେ 'ଞ'ର ଉଚ୍ଚାରଣ ଲକ୍ଷ୍ୟ କରାଯାଇପାରେ । ମାତ୍ର ବହୁ ଯତ୍ନରେ ସଂସ୍କୃତ ନିୟମରେ ଉଚ୍ଚାରଣ ନ କଲେ ସେ ସବୁ 'ଆକାମ୍‌ଖ୍ୟା'; 'ଯାଚ୍‌ଗ୍ୟାଁ' ପରି ହୋଇଯାଏ । ପଙ୍‌ଖା, ଲାଞ୍ଛନା ପ୍ରଭୃତି ମଧ୍ୟ ସେଇପରି । 'ପମ୍‌ଖା' ବା ପଙ୍କ୍‌ଖା, ଲାନ୍‌ଛନା ପ୍ରଭୃତି ପରି ହୁଏ । ପରେ ପଂଚମ ବର୍ଣ୍ଣ ପାଇଁ ଅନୁସ୍ୱାର ନିୟମ କୁହାଯିବ ।]

ଓଡ଼ିଆରେ ଶବ୍ଦ ଆଦ୍ୟରେ 'ଯ୍'-'ଜ୍' ବା 'ଜ୍ୟ' ପରି ଉଚ୍ଚାରଣ ହୁଏ । ଯଥା- **ଯମୁନା - ଜ୍ୟମୁନା, ଜମୁନା** । ଓଡ଼ିଆରେ ବସ୍ତୁତଃ ଶବ୍ଦ ଆଦ୍ୟରେ 'ଯ'-ର ଉଚ୍ଚାରଣ କୁତ୍ରାପି ନାଇ । କେବଳ ତତ୍‌ସମ ବା ତଦ୍‌ଭବ ଶବ୍ଦରେ 'ୟମୁନା', 'ୟମ' ପ୍ରଭୃତିର ଉଚ୍ଚାରଣରେ ଆମେ କହୁଁ **ଜ୍ୟମୁନା, ଜ୍ୟମ** । ମାତ୍ର ସାଧାରଣ ଓଡ଼ିଆଙ୍କ ମୁହଁରେ ତାହା ହୁଏ - **ଜମୁନା, ଜମ** ଇତ୍ୟାଦି । କେବଳ ସଂସ୍କୃତ ଭଳି ଉଚ୍ଚାରଣ କରିବା ଅଜ୍ଞାତ ଉଦ୍ୟମରେ ଲୋକେ 'ୟ୍' କୁ 'ଜ୍ୟ' କହନ୍ତି ମାତ୍ର ।

ତତ୍‌ସମ ଓ ତଦ୍‌ଭବ ଶବ୍ଦରେ ମଧ୍ୟ ଶବ୍ଦ ମଧ୍ୟରେ ବା ଶେଷରେ 'ୟ'ର ଉଚ୍ଚାରଣ ଠିକ୍ 'ୟ' ହୁଏ । ଯଥା- **ବାକ୍ୟ** (ବାକ୍+ୟ), **ନୟନ, ବଳୟ** ।

କିଂତୁ ଓଡ଼ିଆରେ ମଧ୍ୟ **ଶବ୍ଦ ଶେଷରେ ଓ ମଧ୍ୟରେ 'ୟ' ହିଁ ଦେଖାଯାଏ** । ଯଥା- **କୟାଁ, ମାଡ଼ଗୟାଁ, ଗୟଳ, ବାୟା, ବୟସ** ଇତ୍ୟାଦି ।

**'ଡ୍' 'ଢ୍' - ଶବ୍ଦ ମଧ୍ୟରେ ବା ଶେଷରେ ରହିଲେ 'ଡ଼', 'ଢ଼' ଉଚ୍ଚାରିତ ହୁଅଂତି** । ଯଥା- ଡମ, ଢୋଲ କିନ୍ତୁ **ମଡ଼କ, ବଡ଼, ଗଢ଼ଣ, ବୁଢ଼ା** ।

ଏଇପରି ନିୟମ ଠିକ୍ ରହିଲେ ହୁଏତ 'ଡ଼' ଓ 'ଢ଼' ବୋଲି ସ୍ୱତନ୍ତ୍ର ଲିପି ଦରକାର ହୁଅଂତା ନାଇ । ମାତ୍ର ଜୋର ନ ଦେଇ କହିଲେ କୁହାଯାଏ -

ଫଡ୍‌କିନି ଉଡ଼ିଗଲା । (ଫଡ଼୍ ନୁହେଁ)
ଦୁଆରଟା ଧଡ୍‌କିନି ପଡ଼ିଲା । (ଧଡ଼୍ ନୁହେଁ)
ବୁଡ୍‌ଢା ମାଂକଡୁଟେ ଦେଖିଲି । ଇତ୍ୟାଦି (ବୁଢ଼୍‌ଢ଼ା ନୁହେଁ)

କିଂତୁ ଜୋର୍ ଦେଇ କହିଲେ ଫଡ଼୍‌କିନି, ବୁଢ଼ା ମାଂକଡ଼ ପ୍ରଭୃତି ହୁଏ । ପୁଣି 'ଉଡ୍ଡୀନ' ପ୍ରଭୃତିରେ **'ଡ'ର ଦ୍ୱିତ୍ୱ ହେଲେ 'ଡ଼' ହୁଏ ନାଇ** ।

ଅବର୍ଗୀୟ 'ବ୍'ର ସ୍ୱତନ୍ତ୍ର ସ୍ୱର ଯୁକ୍ତ ବର୍ଣ୍ଣ ପରି ଉଚ୍ଚାରଣ ଓଡ଼ିଆରେ କେବଳ କେତେକ ବିଦେଶୀ ଶବ୍ଦରେ ମାତ୍ର ଅଛି । ଯଥା- **ପର୍‌ବାନା** । ଏଇ 'ବ୍'ର ଉଚ୍ଚାରଣ ମିଳିତ **'ଉ+ଅ'ର ସଂକ୍ଷିପ୍ତ ଉଚ୍ଚାରଣ** ପରି । କେହି କେହି ଏହାକୁ 'ୱ୍' ଲେଖଂତି । ଯଥା- **ବେୱା, ୱାକବ୍, ପରୱାନା** ଇତ୍ୟାଦି ।

Digitized by PPRACHIN, SOA

ମାତ୍ର ଅନ୍ୟ ବ୍ୟଂଜନର ପରେ ରହି ସେଥିରେ ଯୁକ୍ତ ହେଲେ ଅବର୍ଗୀୟ 'ବ୍'ର ଉଚ୍ଚାରଣ ଠିକ୍ ଥାଏ । ଯଥା- **ପକ୍ୱ, ସ୍ୱାଦ** ଇତ୍ୟାଦି । କିଂତୁ କଂଗ୍ରୁ ଓଡ଼ିଆରେ ଏହା ପ୍ରାୟ **'ଉଅ'** ହୋଇଯାଏ । ଯଥା- **ସୁଆଦ, ଅସୁଆଦ**; ସେଇପରି **ପରୁଆନା** (ପରଉଆନା, ପର୍‌ଉଆନା), **ବେଉଆ** ଇତ୍ୟାଦି ।

'ଲ୍'ର ଉଚ୍ଚାରଣ କେବେ କେବେ 'ଳ୍' ହୁଏ । ଯଥା-'ବିଳ' (ଗାତ), କିଂତୁ 'ବିଲୁଆ' (ଯେ ଗାତରେ ରହେ) । ମାତ୍ର ଏ ଦୁଇଟି ବର୍ଣ୍ଣର ଉଚ୍ଚାରଣ ଭେଦ ପ୍ରାୟ ଭିନ୍ନ ଭିନ୍ନ ଶବ୍ଦରେ ଦେଖାଯାଏ । ଯଥା- **କାଳ** (ସମୟ), **କାଲ** (ଶୁଣିବାରେ ଅକ୍ଷମ); **ପାଳ** (କୁଟା); **ପାଲ** (ଜାହାଜ ବା ନୌକାର ବାୟୁଧାରକ); **କୋଳ; କୋଲ** (ଥଂଡା); **ଲବଂଗ, ବଳୟ** ଇତ୍ୟାଦି ।

**'ଷ୍'ର ଉଚ୍ଚାରଣ ଓଡ଼ିଆରେ ନାଇ** । ଯଥା-ଗୃଶ, ଡାସ । ବରଂ କୁହାଯାଇପାରେ ଉତ୍ତର ଓଡ଼ିଶାରେ କେତେକ 'ଶ୍' ଓ ଏହାଛଡ଼ା ସମସ୍ତ ଓଡ଼ିଶାରେ ସବୁ 'ସ୍' ଉଚ୍ଚାରଣ ହୁଏ ।

'ୟ୍', 'ହ୍' ଉଚ୍ଚାରଣରେ **ଅର୍ଦ୍ଧ ସ୍ୱର ବର୍ଣ୍ଣ** ବା ପ୍ରାୟ 'ଅ' ପରି । ଯଥା-

ପାହିଲା-ପାଇଲା, ଜୟୀ-ଜଇ, ଦୟିତା-ଦଇତା ଇତ୍ୟାଦି ।

ଏହାର ଉଚ୍ଚାରଣ ପ୍ରାୟ ପର ସ୍ୱର ସଂଗେ ମିଶି ଏକ ହୋଇଯାଏ ।

'ଂ' (ଅନୁସ୍ୱାର) ଃ (ବିସର୍ଗ) ଦୁଇଟି ଠିକ୍ ସ୍ୱର ନୁହେ । ସ୍ୱର ସଂଗେ ଏମାନଙ୍କ ଉଚ୍ଚାରଣ ହୁଏ । ଓଡ଼ିଆରେ ତତ୍‌ସମ ଶବ୍ଦରେ ଏ ଦିଓଟିର ଉଚ୍ଚାରଣ ଅଛି । ଯଥା-କଂସ, ବଂଶ, ହଂସ, ଦୁଃଖ, ନିଃଶେଷ, ଦୁଃସହ ଇତ୍ୟାଦି ।

କଂଗ୍ରୁ ଓଡ଼ିଆରେ ଅନୁସ୍ୱାରର ଉଚ୍ଚାରଣ ଅଛି । ଯଥା- **କଂସା, ହଂସା, ହଂସୁଲି** ଇତ୍ୟାଦି । ମାତ୍ର 'ବିସର୍ଗ' (ଃ)ର ଉଚ୍ଚାରଣ ପ୍ରାୟ ନାଇ । 'ଆଃ', 'ଅଃ' ପ୍ରଭୃତି ଖେଦ ସୂଚକ ଅବ୍ୟୟ; ଯାଃ, ଖାଃ ପ୍ରଭୃତି ବିରକ୍ତି ସୂଚକ କ୍ରିୟାରେ ବିସର୍ଗ ଉଚ୍ଚାରଣ ପ୍ରକାଶ ପାଇଥାଏ ।

[**ଦ୍ରଷ୍ଟବ୍ୟ :** ପ୍ରାଚୀନ ଓଡ଼ିଆ ପ୍ରଭୃତି ଭାଷା ବା ପ୍ରାକୃତରେ 'ଅଂ', 'ଅଃ' ବୋଲି ଯୋଡ଼ଏ ସ୍ୱତନ୍ତ୍ର ବର୍ଣ୍ଣ ସ୍ୱର ବର୍ଣ୍ଣ ସଂଗେ ଗଣୁଥିଲେ ।]

ଅନୁସ୍ୱାରର ଉଚ୍ଚାରଣ ଓଡ଼ିଆରେ ସାଧାରଣତଃ (ঁ) ଚଂଦ୍ରବିଂଦୁ ହୋଇଯାଏ । ଖଂଡଚଂଦ୍ରର ଗାର ଉପରେ ବିଂଦୁ ଦିଆଯାଏ ବୋଲି ଏହାକୁ ଚଂଦ୍ରବିଂଦୁ କୁହାଯାଏ । ମାତ୍ର ଏହା ଉଚ୍ଚାରଣରେ ସ୍ୱରର ଅନୁନାସିକ ବା ନାକ, ମୁହଁରୁ ଏକ ସଂଗେ ବାହାରିବାର ପ୍ରକାର । ଓଡ଼ିଆରେ ଅନୁସ୍ୱାର ଓ ଅନ୍ୟ ଅନେକ ସ୍ଥାନରେ ସ୍ୱର ସାଧାରଣତଃ ଏଇପରି ଅନୁନାସିକ ସ୍ୱର ହୋଇଯିବାର ଦେଖାଯାଏ । ଯଥା-

Digitized by PPRACHIN, SOA

**ବଂଶ-ବଅଁଶ, ବାଆଁସ-ବାଉଁଶ, ମାଂସ-ମାଆଁସ, ମାଉଁସ** ଇତ୍ୟାଦି । 'ମ୍'ର ସ୍ୱର ଅନୁନାସିକ ହେବା-**ଉଆଁସ** (ଅମାବାସ୍ୟା), **ଆଇଁସ** (ଆମୀଷ), **ଗୋସାଇଁ** (ଗୋସ୍ୱାମୀ), **ଲଅଁ** (ନମ), **ସଅଁପ୍** (ସମର୍ପି), **କେଉଁ** (କିମ୍) ଇତ୍ୟାଦି ।

'ହ୍' ଓ 'ୟ୍'ରେ ଥିବା ସ୍ୱର ଅନୁନାସିକ ହେବା:-

ମୁହଁ, କାହିଁ, ନାହିଁ (କାଇଁ, ନାଇଁ),

କୟାଁ (କଇଆଁ) ମାଡ଼ଗୟାଁ;

ଗୁଇଁ (ଗୁଇଆଁ-ଗୁୟାଁ);

ଧଇଁ (ଧୟାଁ), ପୁୟାଁ (ପୋଚିଆ); ଝାୟାଁ;

କାଶ (କାଇଁଶ), କାୟିଂଶ (କାଶ୍ୟ) ।

କେହି ଡାକିଲେ ଉତ୍ତର ଦିଅନ୍ତି-ଉଁ, ଏଁ, ହଁ (ସଂସ୍କୃତ-ଓଁ) ଓଡ଼ିଆରେ 'ଓଂ' ମଧ୍ୟ 'ଓଁ' ହୁଏ ।

କାହିଁ, ନାଇଁ, କଇଁଆ, ପୁୟାଁ ପ୍ରଭୃତିର ଉଚ୍ଚାରଣ କାଁହି, ନାଁଇ, କଁଇଆ, ପୁଁୟା-ଏପରି ମଧ୍ୟ ହୋଇପାରେ । ସ୍ୱରଟିମାନ ଅନୁନାସିକ ଥିବାରୁ ପାଖକୁ ପାଖ ଲାଗିଥିବା ଯେ କୌଣସି ସ୍ୱରରେ ଅନୁନାସିକ ଚିହ୍ନ ଦେଲେ ହୁଏ । ମାତ୍ର ଉଚ୍ଚାରଣରେ ସବୁ ସ୍ୱରଗୁଡ଼ିକ ମିଶି ଅନୁନାସିକ ଉଚ୍ଚାରଣ ପାଏ । **ଅନୁନାସିକ ହେବା ସ୍ୱରର ଏକପ୍ରକାର ଉଚ୍ଚାରଣ ମାତ୍ର ।** ଚଂଦ୍ରବିଂଦୁ ତାହାର ଲେଖାରେ ସଂକେତ ।

ଏଇ ସଂପର୍କରେ ଲକ୍ଷ୍ୟ କରାଯାଇପାରେ, କିପରି 'ୟ୍' ଓ 'ହ୍' ଦୁହେଁ ଉଚ୍ଚାରଣରେ ଯଥାର୍ଥରେ ସ୍ୱରପରି ।

## ଯୁକ୍ତ ବର୍ଣ୍ଣ :

ବ୍ୟଂଜନ ବର୍ଣ୍ଣ ସ୍ୱର ବର୍ଣ୍ଣରେ ଯୋଡ଼ି ହୋଇ ରହେ । ମାତ୍ର ଯେଉଁଥିରେ ଏକରୁ ଅଧିକ ବ୍ୟଂଜନ ମିଶି ସ୍ୱର ସଂଗେ ଯୋଡ଼ି ହୋଇଥାଂତି ତାହାକୁ ଯୁକ୍ତ ବ୍ୟଂଜନ ବର୍ଣ୍ଣ ବା ଯୁକ୍ତ ବ୍ୟଂଜନ ବା ଯୁକ୍ତ ବର୍ଣ୍ଣ କହଂତି । ଯଥା-କ୍ୟ (କ୍+ୟ୍+ଅ), କ୍ର (କ୍+ର୍+ଅ) । ସେଇପରି କ୍ଳ, କ୍ୱ, କ୍ଲ, କ୍ନ, ଦ୍ଧ (ବ୍ଦ), ଉ, ଦ୍ଧ, ମ୍ପ, ଙ୍କ, ଣ୍ଡ, ନ୍ତ, ଛ । ପୁଣି ଅଙ୍କ୍, ଉଣ୍ଡ୍ ଇତ୍ୟାଦି । ଏ ପ୍ରତ୍ୟେକରୁ ସ୍ୱରଟିମାନ କାଢ଼ିନେଲେ ଯାହା ରହିବ, ସେ ସବୁ ଗୋଟିଏ ଗୋଟିଏ ଯୁକ୍ତ ବ୍ୟଂଜନ । ଏମାନେ ଗୋଟିଏ ଗୋଟିଏ ବର୍ଣ୍ଣ ବୋଲି ଧରା ହୁଅଂତି । ଯଥା-

(୧) ଙ୍କ୍ (ଙ୍+କ୍), ଙ୍ଖ୍ (ଙ୍+ଖ୍) ସେଇପରି ଙ୍ଗ୍, ଙ୍ଘ୍, ଞ୍ଚ୍, ଞ୍ଛ୍, ଞ୍ଜ୍, ଞ୍ଝ୍, ଣ୍ଟ୍, ଣ୍ଠ୍, ଣ୍ଡ୍, ଣ୍ଢ୍, ନ୍ତ୍, ନ୍ଦ୍, ନ୍ଧ୍, ମ୍ପ୍, ମ୍ଫ୍, ମ୍ବ୍, ମ୍ଭ୍;

Digitized by PPRACHIN, SOA

(୨) ହ୍, ପ୍, ଘ୍, ଢ୍, ଭ୍, କ୍ତ୍, ପ୍ତ୍, ସ୍ତ୍, ଷ୍ଟ୍;

(୩) ଯ୍, ର୍, ଲ୍, ବ୍, ନ୍, ମ୍ – ଏମାନଂକର ମାତ୍ରା ଲାଗେ । ଉଚ୍ଚାରଣରେ ଏମାନେ ସ୍ୱରର ନିକଟବର୍ତ୍ତୀ ବା ସ୍ୱରପରି । ଯଥା–

କ୍ୟ (କ୍ୟ୍), ଖ୍ୟ ଠାରୁ ହ୍ୟ ପର୍ଯ୍ୟଂତ କେବଳ ୟ୍ୟ୍ ନାଇ; 'ର୍ୟ' ନ ହୋଇ 'ର୍ଯ୍' ହୁଏ ।

କ୍ର (କ୍ର୍), ଖ୍ର ଠାରୁ 'ହ୍ର' ପର୍ଯ୍ୟଂତ; କେବଳ ୟ୍ର, ର୍ର, ଲ୍ର, ଳ୍ର ନାଇ ।

'କ୍ଲ' ବା 'କ୍ଲ୍' (କ୍ଲ୍), ଖ୍ଲ୍ ଠାରୁ 'ହ୍ଲ୍' ପର୍ଯ୍ୟଂତ । କେବଳ 'ୟ୍ଲ' ନାଇ । 'ର୍ଲ' ନ ହୋଇ 'ର୍ଲ୍' ହୁଏ ।

କ୍ୱ୍ (କ୍ବ୍) 'ଖ୍ୱ୍' ଠାରୁ 'ହ୍ୱ୍' ପର୍ଯ୍ୟଂତ । କେବଳ 'ବ୍ୱ' ହୁଏ ନାଇ । 'ର୍ୱ' ନ ହୋଇ 'ର୍ବ୍' ହୁଏ ।

କ୍ନ୍ (କ୍ନ୍), ଖ୍ନ୍ (ଖ୍ନ୍) ଠାରୁ ହ୍ନ୍ ପର୍ଯ୍ୟଂତ; 'ଣ୍ନ୍' ଓ 'ୟ୍ନ୍' ହୁଏ ନାଇ । 'ର୍ନ୍' ନ ହୋଇ 'ର୍ନ୍' ହୁଏ ।

କ୍ମ୍ (କ୍ମ୍), ଖ୍ମ୍ ଠାରୁ 'ହ୍ମ୍' ପର୍ଯ୍ୟଂତ । କେବଳ 'ୟ୍ମ' ନାଇ । 'ର୍ମ' ନ ହୋଇ 'ର୍ମ୍' ହୁଏ ।

'ଙ୍', 'ଞ୍'ର ସ୍ୱତନ୍ତ୍ର ଉଚ୍ଚାରଣ ନାଇ । ଏଥିରେ ମାତ୍ରା ଲାଗି ଉଚ୍ଚାରଣ ମଧ୍ୟ ନାଇ । ପୁଣି ଯେଉଁଠାରେ ମାତ୍ରା ଲାଗି ଯୁକ୍ତ ଉଚ୍ଚାରଣ ହେବା ଜିଭ ଓ ମୁହଁରେ ସଂଭବ ନୁହେଁ ସେଠାରେ ମଧ୍ୟ ହୁଏ ନାଇ । ସେସବୁ ପ୍ରାୟ ଉପରେ ସୂଚିତ ହୋଇଅଛି । କଂଗ୍ର ଓଡ଼ିଆରେ କିଂତୁ ଏସବୁ ମାତ୍ରାଯୁକ୍ତ ବ୍ୟଂଜନରୁ ଅନେକ ଦରକାର ହୁଏ ନାଇ । ଅନ୍ୟତ୍ର ଏଇପରି ସଂକେତରେ ସୂଚିତ ହୁଏ । ଯଥା–

ଲ୍କ, ସ୍କ, ଦ୍ଗ ଇତ୍ୟାଦି; କିଂବା ଲ୍‌କ୍, ସ୍‌କ୍, ଦ୍‌ଗ୍ ଇତ୍ୟାଦି ।

ଯାହାପାଇଁ ଲିପିରେ ଯୁକ୍ତ ବର୍ଣ୍ଣ ଅଛି, ତାହା ମଧ୍ୟ ସୁବିଧା ପାଇଁ ଏଇପରି ଲେଖାହୁଏ, ଯଥା–

ଦ୍‌ଭ୍ (ଉଦ୍‌ଭବ), ତ୍‌କ (ଉତ୍‌କଳ), ପ୍‌ତ୍ (ବପ୍‌ତା) ଇତ୍ୟାଦି ।

(୪) **ଦ୍ୱିତ୍ ବର୍ଣ୍ଣ**

ଚ୍ଚ୍ (ଚ୍‌ଚ୍), ଚ୍ଛ୍ (ଚ୍‌ଛ୍), ଜ୍ଜ୍ (ଜ୍‌ଜ୍), ତ୍ତ୍ (ତ୍‌ତ୍), ଣ୍ଣ୍ (ଣ୍‌ଣ୍), ଦ୍ଦ୍ (ଦ୍‌ଦ୍), ଦ୍ଧ୍ (ଦ୍‌ଧ୍) ପ୍ରଭୃତି ପାଇଁ ଲିପିରେ ଏଇପରି ଭିନ୍ନ ଅକ୍ଷର ତିଆରି ହୋଇଯାଇଚି । ଏହାଛଡ଼ା କ୍‌କ୍, କ୍‌ଖ୍, ଟ୍‌ଟ୍ (ଟ୍ଟ), ଟ୍‌ଠ୍,

Digitized by PPRACHIN, SOA

ତ୍‌ତ୍ (ତ୍ତ), ଡ୍‌ଢ୍, ଣ୍‌ଣ୍ (ଣ୍ଣ) ଇତ୍ୟାଦି ହୁଏ । ଏଇପରି **ଯୁକ୍ତ ବର୍ଣରେ ଡ୍ ଓ ଢ୍ ର ଡ଼୍, ଢ଼୍ ଉଚ୍ଚାରଣ ହୁଏ ନାଇ ।**

ଏଠାରେ ଦେଖିବାର ଅଛି, ବର୍ଗର **ଦ୍ୱିତୀୟ ଓ ଚତୁର୍ଥ ବର୍ଣର ଦ୍ୱିତ୍ୱ ହୁଏ ନାଇ** । କେବଳ ପ୍ରଥମ ଓ ତୃତୀୟ ବର୍ଣର ହୁଏ; କିଂବା ପ୍ରଥମ ସଂଗେ ଦ୍ୱିତୀୟ ଓ ତୃତୀୟ ସଂଗେ ଚତୁର୍ଥ ବର୍ଣର ହୁଏ । କାରଣ, ପୂର୍ବେ କୁହାଯାଇଚି ପ୍ରଥମ ଓ ଦ୍ୱିତୀୟ ତଥା ତୃତୀୟ ଓ ଚତୁର୍ଥ ବର୍ଣ ମଧ୍ୟରେ ଉଚ୍ଚାରଣରେ ସାମାନ୍ୟ 'ହ୍' ମାତ୍ରାର ଭେଦ ମାତ୍ର ଅଛି । **'ହ୍' ଅର୍ଦ୍ଧସ୍ୱର । ଏଣୁ ତାହା ଦ୍ୱିତ୍ୱରେ ପ୍ରକାଶିତ ହୁଏ ନାଇ ।**

**ରେଫ୍ :**

'ର୍' କୁ 'ରେଫ୍' କହଂତି । ଓଡ଼ିଆରେ ସ୍ୱର ପରେ ଅନ୍ୟ ବ୍ୟଂଜନ ପୂର୍ବରୁ 'ର୍' ରଖିଲେ ସେଇ 'ର୍'କୁ 'ରେଫ୍' କହଂତି । ଲିପି ସଂକେତରେ ରେଫ୍ ଏଇପରି-

ର୍କ (ର୍‌କ୍)-ଅର୍କ, କର୍କଟ ଇତ୍ୟାଦି । ସେଇପରି ନର୍ମଦା, ପର୍ବତ, ଅର୍ଘ୍ୟ (ଅର୍‌ଘ୍‌ୟ) । ଖାଂଟି ଓଡ଼ିଆରେ ନର୍କ, ବର୍ତ (ବ୍ରତ) ଫର୍ଦ, ଦର୍ଜି, ଅର୍ଖ୍ ଇତ୍ୟାଦି ।

ସଂସ୍କୃତ ଉଚ୍ଚାରଣ ନିୟମରେ ଅଛି, ଏଇ **ରେଫ୍ ଓ 'ହ୍' ପରେ ଯେଉଁ ବ୍ୟଂଜନ ଥାଏ, ଇଚ୍ଛା କଲେ ସେଇ ବ୍ୟଂଜନକୁ ଦ୍ୱିତ୍ୱ ବ୍ୟଂଜନ ବୋଲି ଧରାଯାଇପାରେ** । ଯଥା **ମୂର୍ଖ, ମୂର୍କ୍ଖ** (ମୂର୍‌କ୍‌ଖ); **ବର୍ତମାନ, ବର୍ତ୍ତମାନ** (ବର୍‌ତ୍‌ତମାନ); **ସୂର୍ଯ, ସୂର୍ଯ୍ୟ** (ସୂର୍‌ୟ୍‌ୟ); **ବାହ୍ୟ, ବାହ୍ୟ୍ୟ** (ବାହ୍‌ୟ୍‌ୟ) ଇତ୍ୟାଦି ।

ମାତ୍ର ଓଡ଼ିଆରେ **ରେଫ୍ ଓ ହ୍ ପରେ ଥିବା ବ୍ୟଂଜନର ଦ୍ୱିତ୍ୱ ହୁଏ ନାଇ ।** ତେଣୁ ଲିପି ସଂକେତରେ ମଧ୍ୟ **ମୂର୍ଖ, ବର୍ତମାନ, ସୂର୍ଯ ପ୍ରଭୃତି ଲେଖିବା ହିଁ ଠିକ୍;** ମୂର୍କ୍ଖ, ବର୍ତ୍ତମାନ, ସୂର୍ଯ୍ୟ ପ୍ରଭୃତି ଲେଖିବା ଠିକ୍ ନୁହେଁ ।

**'କ୍ଷ' ଓ 'ଜ୍ଞ' :**

ଓଡ଼ିଆରେ ବ୍ୟଂଜନ ବର୍ଣ ମଧ୍ୟରେ 'ହ୍' ପରେ ଆଗେ 'କ୍ଷ'କୁ ଗଣୁଥିଲେ । ମରହଟି ପ୍ରଭୃତିରେ ସେଇପରି 'କ୍ଷ' ଓ 'ଜ୍ଞ'କୁ ଗଣୁଥିଲେ । ମାତ୍ର ସଂସ୍କୃତରେ 'କ୍ଷ' ହେଉଚି, 'କ୍‌ଷ୍', ଜ୍ଞ ହେଉଛି 'ଜ୍‌ଞ୍' । **ଓଡ଼ିଆରେ କିଂତୁ 'କ୍ଷ'ର ଉଚ୍ଚାରଣ ସ୍ପଷ୍ଟ 'ଖ୍ୟ' ଓ 'ଜ୍ଞ'ର ଉଚ୍ଚାରଣ ସ୍ପଷ୍ଟ 'ଗ୍ଁୟ'** । ଯଥା-

| | |
|---|---|
| ସାକ୍ଷାତ୍-ସାଖ୍ୟାତ୍ | ଯଜ୍ଞ-ଜଗ୍ଁୟ |
| ପକ୍ଷ-ପଖ୍ୟ | ଆଜ୍ଞା-ଆଗ୍ଁୟା |
| ଭକ୍ଷଣ-ଭଖ୍ୟଣ | ବିଜ୍ଞାନ-ବିଗ୍ଁୟାନ ଇତ୍ୟାଦି । |

Digitized by PPRACHIN, SOA

'କ୍ଷ' ଅନ୍ୟ ବ୍ୟଂଜନରେ ଯୁକ୍ତ ହେଲେ 'ଖ୍ୟ' ନ ହୋଇ 'ଖ୍' ହୁଏ । ଯଥା- ପକ୍ଷ୍ମ-ଜ୍ୟଖ୍ମା, ଲକ୍ଷ୍ମଣ-ଲଖ୍ମଣ, ପକ୍ଷ୍ମଳ-ପଖ୍ମଳ ଇତ୍ୟାଦି ।

**'ହ୍'ରେ ମାତ୍ରା ଓ ରେଫ୍**

'ହ୍'ରେ 'ଲ୍', 'ମ୍' 'ନ୍' ଲାଗିଲେ ଓଡ଼ିଆରେ 'ହ୍' ମାତ୍ରା ପରେ ଉଚ୍ଚାରିତ ହୁଏ । ଯଥା- **'ଆହ୍ଲାଦ' ଓଡ଼ିଆରେ 'ଆଲ୍ହାଦ', 'ପ୍ରହ୍ଲାଦ' ଓଡ଼ିଆରେ 'ପ୍ରଲ୍ହାଦ'** । ('ହ୍' ପରେ 'ଲ୍'କୁ ସ୍ପଷ୍ଟ କରିବାର ଉଦ୍ୟମରେ ଓଡ଼ିଆରେ ବରଂ ହୋଇଯାଏ- ଆହ୍ଲାଲାଦ, ପ୍ରହ୍ଲଲାଦ ପ୍ରଭୃତି) **'ବ୍ରାହ୍ମଣ' ଓଡ଼ିଆରେ 'ବ୍ରାମ୍ହଣ'** (ସେଥିରୁ ବାମ୍ହୁଣ, ବାମୁଣ) **'ଜହ୍ନ' ଉଚ୍ଚାରଣରେ 'ଜନ୍ହ'** । **'ରେଫ୍' ପରେ 'ହ୍' ଓଡ଼ିଆରେ ଦ୍ୱିତ୍ୱ ଉଚ୍ଚାରଣ ପାଏ** । ଯଥା- **ବାର୍ହା, ବାର୍ହ୍ହା (ବରାହ), କୋର୍ହୁଆଁ, କୋର୍ହ୍ହୁଆ (କୁଟଢ)** ।

ଦ୍ୱିତ୍ୱ ଉଚ୍ଚାରଣ ନକଲେ ଏସବୁ ବାରା, କେରୁଆଁ ଏଇପରି ହୋଇଯାଏ ।

**ବର୍ଗର ପଂଚମ ବର୍ଣ୍ଣ ପାଇଁ ଅନୁସ୍ୱାର :**

କଂକଣ, କଂଚଣ, କଂଟକ, ଅଂତର, କଂପ, ସଂନିଧି, ସଂମାନ ପ୍ରଭୃତି ଅନୁସ୍ୱାର ଦେଇ ଲେଖାଯାଏ । ସଂସ୍କୃତରେ ମଧ୍ୟ ତାହାଇ ହୁଏ । ମାତ୍ର ଏସବୁଠାରେ ଉଚ୍ଚାରଣରେ ଅନୁସ୍ୱାର ଠିକ୍ ଅନୁସ୍ୱାର ନୁହେଁ । **ଅନୁସ୍ୱାର ପରେ ଯେଉଁ ବର୍ଗର ବର୍ଣ୍ଣ ଥାଏ, ଏ ଅନୁସ୍ୱାର ସେଇ ବର୍ଣ୍ଣର ପଂଚମ ବର୍ଣ୍ଣର ଉଚ୍ଚାରଣ ପାଏ ।** ସେ ଉଚ୍ଚାରଣ ମନକୁ ହୋଇଯାଏ । 'କଂକଣ' ଉଚ୍ଚାରଣରେ 'କଙ୍କଣ' (କଙ୍କଣ); କଂଚଣ-କଞ୍ଚଣ (କଞ୍ଚଣ); କଂଟକ-କଣ୍ଟକ (କଣ୍ଟକ); ଅଂତର-ଅନ୍ତର (ଅନ୍ତର); କଂପ-କମ୍ପ (କମ୍ପ); ସଂମାନ-ସମ୍ମାନ (ସମ୍ମାନ); ସଂନିଧି-ସନ୍ନିଧି (ସନ୍ନିଧି) ଇତ୍ୟାଦି ।

ଏଇସବୁ ଉଚ୍ଚାରଣ ବାରିବାରି ଚିହ୍ନାଇବା ପାଇଁ ଙ୍, ଞ୍, ଣ୍, ନ୍, ମ୍ ଲେଖୁ ଲେଖୁ ଙ୍କ, ଙ୍ଖ, ଙ୍ଗ, ଙ୍ଘ, ଞ୍ଚ, ଞ୍ଛ, ଞ୍ଜ, ଞ୍ଝ, ଣ୍ଟ, ନ୍ଦ, ନ୍ତ, ମ୍ପ ପ୍ରଭୃତି କେତେଗୁଡ଼ିଏ ପଂଚମ ବର୍ଗରେ ପର ବର୍ଣ୍ଣକୁ ମିଶାଇ ଲେଖିବାର ପଦ୍ଧତି ବାହାରି ପଡ଼ିଥିଲା । ମାତ୍ର ସେସବୁ ଲେଖିବା ଓ ଅନୁସ୍ୱାର ନେଇ ଲେଖିବା ଉଚ୍ଚାରଣ ହିସାବରେ ସମାନ ।

ପୁଣି ସଂସ୍କୃତରେ ଦୁଇପ୍ରକାର ଲେଖିବା ସମାନ ନୁହେଁ । **ଓଡ଼ିଆରେ ସବୁ ବର୍ଣ୍ଣରେ ସଂସ୍କୃତରେ ନିର୍ଦ୍ଦିଷ୍ଟ ରହିଥିବା ଉଚ୍ଚାରଣ ନାଇ** । ଯଥା- ଓଡ଼ିଆରେ 'ବଂଚିବା'ର ଉଚ୍ଚାରଣ ଠିକ୍ ବଞ୍ଚିବା (ବଞ୍ଚିବା) ନୁହେଁ, ବରଂ ଏହା **'ବନ୍ଚିବା'**; ବାଂଛା-ବାଞ୍ଛା (ବାଞ୍ଛା) ନୁହେଁ, **ବାନ୍ଛା** । ଏଣୁ ଅନୁସ୍ୱାର ଦେଇ ଲେଖିବା ସାଧୁ । ଞ୍, ଛ୍ର ଯେଉଁ ଉଚ୍ଚାରଣ ନିର୍ଦ୍ଦିଷ୍ଟ ହୋଇଆସିଚି, ତା ଏ ସବୁଠାରେ ନାଇ ।

Digitized by PPRACHIN, SOA

କିଂତୁ **ବାଙ୍ମୟ** (ଓଡ଼ିଆରେ-ବାଗ୍ମୟ ବା ବାଂଗ୍ମୟ), **ମୃଣ୍ମୟ** ପ୍ରଭୃତି ବାଂମୟ, ମୃଂମୟ-ଏପରି ଲେଖିବା ଠିକ୍ ନୁହେଁ । ତାହାର ଅନୁସ୍ୱାରର 'ମ' ଉଚ୍ଚାରଣ ହିଁ ହେବ ଓ ଶବ୍ଦଟିମାନ ବାମ୍ମୟ, ମୃମ୍ମୟ ଏଇପରି ହୋଇଯିବ ।

[**ଦ୍ରଷ୍ଟବ୍ୟ :** (୧) ଏଇ ସଂପର୍କରେ ଲିପି ଓ ବର୍ଣ୍ଣ ମଧ୍ୟରେ ପ୍ରଭେଦଟି ଭଲକରି ବୁଝି ରଖିବାର କଥା । **ବର୍ଣ୍ଣ କହିବା ଲୋକର ମୁହଁରେ ଅଛି** । ତାହାର ଉଚ୍ଚାରଣ ଅଛି । ଲିପି ବା ଲେଖାର ସେସବୁ କିଛି ନାଇ । **ଲିପି ବର୍ଣ୍ଣର ସଂକେତ ମାତ୍ର** । ଲିପିରେ ବର୍ଣ୍ଣର ସଂକେତ ଦେଖି ତାହା ଉଚ୍ଚାରଣ କରାଯାଏ । ମୂର୍ଖ, ମୂର୍କ୍ଖ ବା ମୂର୍କ୍‌ଖ ଯାହା ଲେଖ, ତା ଦେଖି 'ମୂର୍ଖ' ଶବ୍ଦଟି ଠିକ୍ ଉଚ୍ଚାରଣ କରିପାରିଲେ ହେଲା । ଧର ଯଦି 'ର୍', 'ହ୍' ପରେ ସର୍ବତ୍ର ବ୍ୟଂଜନ ଉଚ୍ଚାରଣରେ ଦ୍ୱିତ୍ୱ ପାଏ, ତେବେ ଲିପିରେ ଦ୍ୱିତ୍ୱ ବର୍ଣ୍ଣ ପ୍ରୟୋଗ ମଧ୍ୟ ଦରକାର ନାଇ । ଏଇପରି ଅନ୍ୟତ୍ର ବୁଝିବାକୁ ହେବ । ଲିପି ଦେଖି ଠିକ୍ ଉଚ୍ଚାରଣ କରିପାରିଲେ ହେଲା ।

(୨) ସବୁ ଫଳା, ମାତ୍ରା ଓ ଯୋଗରେ ରୂପାନ୍ତରିତ ଅନ୍ୟ ବ୍ୟଂଜନ ସଂକେତରେ ଲେଖୁ ଲେଖୁ ସୁବିଧା ପାଇଁ ସୃଷ୍ଟ ହୋଇ ଆସିଚି ମାତ୍ର । କ୍‌ଆ=କା, କ୍‌ଏ=କେ; କ୍‌ନ=କ୍ନ ଇତ୍ୟାଦିରେ ଏହା ସ୍ପଷ୍ଟ । ମାତ୍ର ରେଫ୍, ଯ୍ ଓ ର୍ ଫଳାରେ ଏବେ ଏହା ସ୍ପଷ୍ଟ ନାଇ । ହେଲେହେଁ 'କ୍‌ର' ଲେଖିବାରେ ଅସୁବିଧା ତୁଟାଇବା ପାଇଁ କାଳକ୍ରମେ 'କ୍ର' ହୋଇଚି । ସେଇପରି 'ଙ୍‌କ' ହୋଇଚି 'ଙ୍କ' ଇତ୍ୟାଦି ଦେଖି ନେବାକୁ ହେବ । ଯାହାର ବ୍ୟବହାର ଲିପିରେ ବେଶି ନାଇ ସେ ସବୁ ଏବେ ମଧ୍ୟ ଦୁଇଟି ଅକ୍ଷରରେ ପ୍ରକାଶ କରାଯାଏ । ଯଥା-ଟ୍ଟ, ଣ୍ଟ, ଣ୍ଠ, କ୍ସ ପ୍ରଭୃତି । ଏସବୁ ଟ୍‌ଟ, ଣ୍‌ଟ, ଣ୍‌ଠ, କ୍‌ସ-ଏପରି ମଧ୍ୟ ଲେଖାଯାଏ । ଏବେ ସୁବିଧା ପାଇଁ ମାତ୍ରା ଛଡ଼ା ସବୁ ବ୍ୟଂଜନ ବର୍ଣ୍ଣକୁ ଲିପିରେ ସ୍ପଷ୍ଟ କରି ଲେଖିବାର ଉଦ୍ୟମ କ୍ରମେ ପରିସ୍ଫୁଟ ହେଉଚି । ଯଥା- 'ଉତ୍କଳ' ନ ଲେଖି ଲେଖଂତି 'ଉତ୍‌କଳ'; 'ଉତ୍ପଳ' ନ ଲେଖି ଲେଖଂତି 'ଉତ୍‌ପଳ'; 'ଅବ୍ଦ' ନ ଲେଖି ଲେଖଂତି 'ଅବ୍‌ଦ'; 'ଅବ୍ଧି' ନ ଲେଖି ଲେଖଂତି 'ଅବ୍‌ଧି' ଇତ୍ୟାଦି ।

(୩) ଲିପି ବର୍ଣ୍ଣର ଉଚ୍ଚାରଣ ପ୍ରକାଶ କରିବା ପାଇଁ ଠିକ୍ କରି ତାହା କରିପାରିଲେ ଭାଷାରେ ସାର୍ବକାଳିକ ଓ ସାର୍ବଜନୀନ ଦୃଷ୍ଟି ଫିଟେ । ବରଂ ଭାଷାରେ ସାର୍ବକାଳିକ ଓ ସାର୍ବଜନୀନ ଦୃଷ୍ଟି ଥିଲେ ତାହା ହୁଏ । ତା' ନହେଲେ ଶବ୍ଦ ଲେଖି ତା' ପାଖେ ଉଚ୍ଚାରଣ ଲେଖି ଅଭିଧାନ ତିଆରି କରିବା ଦରକାର । ତା' ନହେଲେ ବିଦେଶୀ ଆମ ଲେଖା ପଢ଼ି ଆମରି ପରି ଉଚ୍ଚାରଣ କରିପାରିବ ନାଇ, କିଂବା ଶହେ ଦୁଇଶ ବର୍ଷ ପରେ ଆମ ଭାଷାର ଏବ ଲେଖା ପଢ଼ିଲେ ଉଚ୍ଚାରଣ କ'ଣ ଥିଲା, ଠିକ୍ ଜାଣି ହେବ ନାଇ । ତେଣୁ ଓଡ଼ିଆରେ କ୍ଷତି, ଜ୍ଞାତି, ଯମ ପ୍ରଭୃତି ନ ଲେଖି ଖ୍ୟତି,

Digitized by PPRACHIN, SOA

ଗ୍ୟାଁତି, ଜ୍ୟମ ପ୍ରଭୃତି ଲେଖିବା ଉଚିତ । କିଂବା ଅଭିଧାନରେ ଉଚ୍ଚାରଣ ଚିହ୍ନାଇ- 'କ୍ଷତି' (ଉଚ୍ଚାରଣରେ 'ଖ୍ୟତି') ଏପରି ଲେଖିବା ଉଚିତ । ମାତ୍ର ଓଡ଼ିଆରେ ଏବେ ଏ ଦୁଇଟିରୁ କୌଣସିଟି ହେବାର ସମୟ ଆସିନାଇ ।

(୪) ଏଇ ସଂପର୍କରେ କୌଣସି କୌଣସି ବୈୟାକରଣଂକର ଗୋଟିଏ ଉଲ୍ଲେଖ ପ୍ରତି ଲକ୍ଷ୍ୟ କରାଯାଇପାରେ । ସେମାନେ ଲେଖଂତି-'ରେଫ୍' ଉପରକୁ ଉଠିଯାଏ; 'ଅନୁସ୍ୱାର' ମୋଣ୍ଡୁଳା ହୁଏ; 'ବିସର୍ଗ' ଗାଇଛଂଦ ପରି ଠିଆହୁଏ । ଏସବୁ ଲିପି । ସଂସ୍କୃତର 'ସିଦ୍ଧାନ୍ତ ଚଂଦ୍ରିକା' ପ୍ରଭୃତି ପରି ଅର୍ବାଚୀନ ବ୍ୟାକରଣରେ ମଧ୍ୟ-ଜଳରେ ଫମ୍ପା ତୁଂବା ବୁଡ଼ାଇ ଛାଡ଼ିଦେଲେ ସେ ଯେପରି ଉପରକୁ ଉଠିଯାଏ, ସେଇପରି ରେଫ୍ ଉପରକୁ ଉଠେ । **'ଜଳ ତୁମ୍ବିକା ନ୍ୟାୟେନ ରେଫ୍ ସ୍ୟୋର୍ଦ୍ଧ୍ୱଗମନଂ', 'ଏକ ବିଂଦୁରନୁସ୍ୱାରଃ, ଦ୍ୱିବିଂଦୁବିସର୍ଗ'** ପ୍ରଭୃତି ସୂତ୍ର ଅଛି । ବର୍ଣର ବିଗ୍ରହ ସଂଗେ ଏସବୁର କୌଣସି ଇଲାକା ନାଇ । ଏପରି ସଂକେତମାନ ଅସୁବିଧା ହେଲେ, କାଲି ଏସବୁ ଅନ୍ୟ ସଂକେତରେ ପ୍ରକାଶ କରାଯାଇପାରେ । ମାତ୍ର ସେଥିରେ ବର୍ଣର ଉଚ୍ଚାରଣ ବଦଳିଯିବ ନାଇ । ଲିପି ବ୍ୟାକରଣର ବିଗ୍ରର୍ଯ ବସ୍ତୁ ନୁହେଁ । ଗୃଟଶାଳୀ ଶିକ୍ଷାରେ **ବ-ପୁଡ଼ିଆ 'କୂ', ଓଡ଼ା-ବାଡ଼ି 'କୋ'** ପ୍ରଭୃତିର ବ୍ୟବହାର ଥାଇପାରେ । ମାତ୍ର ବର୍ଣ ବିଗ୍ରହରେ ତା'ର ସ୍ଥାନ ଖୁବ୍ ବେଶି ହେଲେ ଅବାଂତର ମାତ୍ର । ('ଓଡ଼ା' ଅର୍ଥ ବ୍ୟଞ୍ଜନ ବର୍ଣରେ ଯୁକ୍ତ ହେବା 'ଏ'କାର ଚିହ୍ନ ('େ') ଏହା ବର୍ଣର ପୂର୍ବପାଖେ ଲାଗେ-ଦ+ଏ=ଦେ)]

## ବର୍ଣ ଓ ଅକ୍ଷର :

ସଂସ୍କୃତରେ ବର୍ଣ ଓ ଅକ୍ଷର ଦୁହିଁକର ଅର୍ଥ ସମାନ । ମାତ୍ର ଓଡ଼ିଆରେ ସାଧାରଣତଃ **'ଅକ୍ଷର'** ବୋଇଲେ ଯାହା ଏକ ସ୍ୱରକେ ଉଚ୍ଚାରିତ ହୁଏ । 'କ' ଗୋଟିଏ ଅକ୍ଷର । ମାତ୍ର ସେଥିରେ ବର୍ଣ ଦୁଇଟି-'କ୍' ଓ 'ଅ' । ସେଇପରି 'କା'=କ୍+ଆ । 'ଅଣା'-ଏଇ ଶବ୍ଦରେ ଯୋଡ଼ିଏ ଅକ୍ଷର 'ଅ' ଓ 'ଣା' । ମାତ୍ର ଏଥିରେ ତିନୋଟି ବର୍ଣ-ଅ, ଣ୍ ଓ ଆ ।

ଓଡ଼ିଆରେ 'ସ୍ତ', 'ଷ୍ଠ' ପ୍ରଭୃତିକୁ ଗୋଟିଏ ଗୋଟିଏ **ଯୁକ୍ତାକ୍ଷର** କହଂତି । ଏହା ଗୋଟିଏ ଗୋଟିଏ ଅକ୍ଷର । ମାତ୍ର ଏଥିରେ ଗୋଟିକରେ ତିନୋଟି ଲେଖାଏଁ ବର୍ଣ ଅଛି । ଯଥା-ସ୍ତ=ସ୍+ତ୍+ଅ; ଷ୍ଠ=ଷ୍+ଠ୍+ଅ ।

'ଅଂତର'-ଏଥିରେ ତିନୋଟି ଅକ୍ଷର; ମାତ୍ର ଅ, ନ୍, ତ୍, ର୍, ଅ - ଏଇ ପାଂଚୋଟି ବର୍ଣ । ଏହାକୁ ଅନ୍+ତ+ର - ଏପରି ତିନୋଟି ଅକ୍ଷର ବୋଲି କୁହାଯାଇପାରେ । **'ଅନ୍' ଗୋଟିଏ ଅକ୍ଷର;** କାରଣ ତାହା ଗୋଟିଏ ସ୍ୱରରେ

Digitized by PPRACHIN, SOA

ଉଚ୍ଚାରିତ ହେଉଚି । ପରେ 'ତ'ର 'ଅ' ଥିବାରୁ 'ତ୍' ସଂଗେ 'ନ୍'କୁ 'ନ୍ତ୍' ଓ 'ଅ' ଯୋଗେ 'ନ୍ତ' କରି '**ନ୍ତ**'କୁ ଗୋଟିଏ ଅକ୍ଷର ବୋଲି ମଧ୍ୟ କୁହାଯାଏ । ମାତ୍ର '**ବାକ୍**' ଓ '**ଧିକ୍**' ପ୍ରଭୃତିରେ 'କ୍' ପରେ ଆଉ କିଛି ନଥିବାରୁ 'ବାକ୍' ଓ 'ଧିକ୍' ଗୋଟିଏ ଗୋଟିଏ ଅକ୍ଷର ବୁଝିବାକୁ ହେବ । '**କଂଟ୍**' ସେଇପରି ଗୋଟିଏ ଅକ୍ଷର ଓ '**ଦରାଂଡ୍**' ଯୋଡ଼ିଏ ଅକ୍ଷର ବୋଲି ଧରି ନେବାକୁ ହେବ ।

## ସଂଧି କ'ଣ ?

ଶବ୍ଦର ବିଗ୍ରହରେ ବର୍ଣ ସଂଗେ ଏଇସବୁ ଅକ୍ଷରର ବିଗ୍ରହ ବେଳେବେଳେ ଦରକାର ହୁଏ । ଶବ୍ଦର ଉଚ୍ଚାରଣରେ ଭିନ୍ନ ଭିନ୍ନ ଅକ୍ଷରର ସ୍ୱର ଉପରେ ଜୋର୍ ପଡ଼େ । ଏଇ ଜୋର୍ ଅମୁକ ଅକ୍ଷରରେହ ପଡ଼ିଲା ବୋଲି ଚିହ୍ନାଇ ଦିଆଯାଏ । ବାକ୍ୟରେ ଏଇ ଶବ୍ଦ ସବୁ ବ୍ୟବହାର ହେଲେ, କହିବାର ଭଂଗୀ ଓ ଆଶୟ ଅନୁସାରେ ଭିନ୍ନ ଭିନ୍ନ ଶବ୍ଦରେ ମଧ୍ୟ ଜୋର୍ ପଡ଼େ । ପୁଣି ସମସ୍ତ ଶବ୍ଦରେ ଜୋର୍‌ଟି ନ ବସି ସେଇ ଶବ୍ଦର ଅକ୍ଷରରେ ବସେ । ସେଇ ହେତୁ ଶବ୍ଦମାନଂକର ଅକ୍ଷର ତଥା ବର୍ଣର ନାନା ପ୍ରକାର ପରିବର୍ତନ ହୁଏ । ଏଇପରି **ବର୍ଣ ପରିବର୍ତନକୁ ସଂଧି କହଂତି ।**

ସଂସ୍କୃତରେ ବର୍ଣ ପାଖେ ବର୍ଣ ରହିଲେ ସଂଧି ହୁଏ । ଜୋର୍ ପଡ଼ିବାରେ କିପରି ପରିବର୍ତନ ହୁଏ, ତାହା ସଂସ୍କୃତରେ ବିଗ୍ରହ କରାହୁଏ ନାଇ । ମାତ୍ର ଓଡ଼ିଆ ଚଳିତ ଭାଷା ହେବାରୁ, ସ୍ୱର ତଥା ଅକ୍ଷରରେ ଜୋର୍ ପଡ଼ିବାରେ ବର୍ଣ ବଦଳିଯାଏ ।

ବକ୍, କଂଟ୍, ଦରାଂଡ୍, ଖା, ବଂଟା, ଦରଂଡ଼ା, ରାମ, କଖାରୁ ପ୍ରଭୃତି ଗୋଟିଏ ଗୋଟିଏ ଶବ୍ଦ । ଶବ୍ଦର ଶେଷ ବର୍ଣକୁ **ଅଂତ୍ୟ ବର୍ଣ** ଓ ତା' ପୂର୍ବରୁ ଥିବା ବର୍ଣକୁ **ଉପାଂତ୍ୟ ବର୍ଣ ବା 'ଉପଧା'** କହଂତି । **ବାକ୍, କଣ୍ଟ୍, ଦରାଣ୍ଡ୍– ଏଥିରେ କ୍, ଣ୍ଟ୍, ଣ୍ଡ୍–** ଏମାନେ ଅଂତ୍ୟ ବର୍ଣ ଓ ଆ, ଅ, ଆ – ଏମାନେ ଉପାଂତ୍ୟ ବର୍ଣ ବା 'ଉପଧା' । କରା, ଦରଂଡ଼ା, କଖାରୁ ପ୍ରଭୃତିରେ ଅଂତ୍ୟ ବର୍ଣ ସ୍ୱର ଓ ଉପାଂତ୍ୟ ବର୍ଣ ବ୍ୟଂଜନ । ଦିଆ, ନିଆ ପ୍ରଭୃତିରେ ଅଂତ୍ୟ ଓ ଉପାଂତ୍ୟ ଦୁହେଁ ସ୍ୱର ବର୍ଣ । **ଅଂତ୍ୟ ଓ ଉପାଂତ୍ୟ ଦୁହେଁ ବ୍ୟଂଜନ ହୁଅଂତି ନାଇ ।**

ବାକ୍, କଂଟ୍, ଦରାଂଡ୍ ପ୍ରଭୃତି ପରି ଶେଷକୁ ବ୍ୟଂଜନ ଥିବା ଶବ୍ଦରେ ଉପଧାର ପ୍ରୟୋଗ ଦରକାର ହୁଏ । ସେ ସବୁଠାରେ ଶେଷକୁ ଥିବା ଅକ୍ଷରର ସ୍ୱର ହିଁ 'ଉପଧା' । ଖା, ଥୋ ପ୍ରଭୃତିରେ ସେଇପରି ଶେଷ ଅକ୍ଷରର ସ୍ୱର ହେଉଚି ଅଂତ୍ୟବର୍ଣ ।

Digitized by PPRACHIN, SOA

**ମୂଳଧାତୁ :**

ସଂସ୍କୃତରେ ତଥା ଓଡ଼ିଆରେ **ମୂଳଧାତୁମାନେ ଏକ ବା ଦୁଇ ଅକ୍ଷରିଆ ହୁଅଂତି ।** ଯଥା-ସଂସ୍କୃତ ମୂଳଧାତୁ-କୃ, ଭୂ, ଭକ୍ଷ୍, ମସ୍ଜ୍, ଭନ୍ଜ୍, ଦରିଦ୍ର୍ ପ୍ରଭୃତି । ଓଡ଼ିଆ ମୂଳଧାତୁ-ପା, ନେ, ଥୋ, ଚଳ୍, ବସ୍, ଦରାଂଡ଼୍ ପ୍ରଭୃତି ।

**ପ୍ରତ୍ୟୟାଂତ ଧାତୁ :**

ଧାତୁ ବା ଶବ୍ଦରୁ ପ୍ରୟୋଜକ ପ୍ରଭୃତି ଅର୍ଥରେ ପ୍ରତ୍ୟୟ ହୋଇ ତିଆରି ହୋଇଥିବା ଧାତୁ ଦୁଇରୁ ଅଧିକ ଅକ୍ଷରର ହୋଇପାରଂତି । ଯଥା-ସଂସ୍କୃତରେ-'କର୍'ରୁ 'କାରି'; 'ଗମ୍'ରୁ 'ଗାମି'; 'ଜିଗମିଷ୍, 'ଜଂଗମ୍ୟ' ଇତ୍ୟାଦି । 'ଦଂଡ଼' ଶବ୍ଦରୁ 'ଦଂଡ଼ାୟ୍', 'ପୁତ୍ର'ରୁ 'ପୁତ୍ରୀୟ୍', 'ଅଶନ'ରୁ 'ଅଶନୀୟ୍' ପ୍ରଭୃତି ।

ଓଡ଼ିଆରେ-'କର୍'ରୁ 'କରା', 'ପାଡ୍'ରୁ 'ଫୋପାଡ଼୍', 'ଦରାଂଡ଼୍'ରୁ 'ଦରଂଡ଼ା', 'ନାକ'ରୁ 'ନାକା', 'ଘୋଡ଼ା'ରୁ 'ଘୋଡ଼ମା' ପ୍ରଭୃତି ।

**ଓଡ଼ିଆ ଧାତୁ ମାନେ ଶବ୍ଦ :**

ସଂସ୍କୃତରେ ଧାତୁମାନେ ନିଜ ରୂପରେ ଶବ୍ଦ ପରି ବାକ୍ୟରେ ବ୍ୟବହୃତ ହୁଅଂତି ନାଇ । ତେଣୁ ସେମାନେ ଶବ୍ଦ ନୁହଂତି । ମାତ୍ର **ଓଡ଼ିଆ ଧାତୁମାନେ ସର୍ବଦା ଅମାନ୍ୟ- ଦ୍ୱିତୀୟ (ମଧ୍ୟମ) ପୁରୁଷ ଅନୁଜ୍ଞା କାଳର ରୂପ । ତେଣୁ ସେମାନେ ଶବ୍ଦ ।** (ଯେପରି ତୁ କର୍, ତୁ ଦରାଂଡ଼୍)

**ସଂଧିର ପ୍ରସାର :**

ଓଡ଼ିଆରେ ସଂଧି ବା ବର୍ଣ୍ଣ ସମବାୟରେ ପରିବର୍ତ୍ତନ ପ୍ରାୟ ହୁଏ ନାଇ । ମାତ୍ର ଯେଉଁଠାରେ ହୁଏ ସେଠାରେ ଶବ୍ଦ-ସ୍ପଷ୍ଟତଃ ଶବ୍ଦ ବା ପଦ ତିଆରି ଛଡ଼ା ଅନ୍ୟ କୁତ୍ରାପି ହୁଏ ନାଇ ।

**ଲୋପ :**

ଏଇପରି ପରିବର୍ତ୍ତନରେ ଗୋଟିଏ ବର୍ଣ୍ଣ ଲୁଚିଗଲେ ସେଠାରେ ବର୍ଣ୍ଣର ଲୋପ ହେଲା କହଂତି । ଯଥା-ଖାଁ ଖାଁ କର୍ ବା ଖାଁ କର୍='ଖାଁକ୍' । ଏଠାରେ 'କର୍'ର ଅନ୍ତ୍ୟ 'ର୍' ଓ ଉପଧା 'ଅ'ର ଲୋପ ହେଲା । **ଗମ୍+ଇଲୁ='ଗଲୁ'** - ଏଠାରେ ଧାତୁର 'ମ୍' ଓ ପ୍ରତ୍ୟୟର 'ଇ' ଲୋପ ହେଲା ।

Digitized by PPRACHIN, SOA

**ଆଗମ :**

ନଥିବା ବର୍ଣଟିଏ ଆସି ଦେଖାଦେଲେ ସେଇ **ବର୍ଣଟିର ଆଗମ** ହେଲା ବୋଲି କହଂତି । ଯଥା-'ଯୋଗା'ରୁ 'ଯୋଗାତ୍', 'ସଜା'ରୁ 'ସଜାତ୍' ପ୍ରଭୃତିରେ **'ତ୍'ର ଆଗମ** । କୁହା+ଇଆ='କୁହାଳିଆ' - ଏଠାରେ **'ଳ୍'ର ଆଗମ** । ଏହାକୁ ସୁବିଧା ପାଇଁ 'ଳିଆ' ପ୍ରତ୍ୟୟ ମଧ୍ୟ କହଂତି ।

**ଅକ୍ଷରର ଦ୍ୱିତ୍ୱ :**

ବେଳେବେଳେ ଏକା ଅକ୍ଷର ବା ବର୍ଣଟିର ଆଉଥରେ ଆଗମ ହୁଏ । ତାକୁ ସେଇ **ଅକ୍ଷର ବା ବର୍ଣର ଦ୍ୱିତ୍ୱ** ହେଲା ବୋଲି କହଂତି । ଯଥା- 'ଚୁମ୍'ରୁ 'ଚ୍ୱେଚମ୍' (ଚୁଚୁମ୍) 'ଚଳ୍'ରୁ 'ଚଂଚଳ୍' ଇତ୍ୟାଦି ।

**ଆଦେଶ :**

ଗୋଟିଏ ବର୍ଣ ଲୋପ କରି ସେଠାରେ ଆଉ ଗୋଟିଏ ବର୍ଣ ହେଲେ, **ହେବା ବର୍ଣଟି ଲୋପ ହେବା ବର୍ଣଠାରେ 'ଆଦେଶ' ହେଲା** ବୋଲି କହଂତି । ଯଥା-

ଧାର୍+ଇ='ଧାଡ଼ି' - ଏଠାରେ 'ର୍' ଠାରେ 'ଡ଼୍'ର **'ଆଦେଶ' ହେଲା** । 'ଗୁଣ ଫେର୍', 'ବୃଦ୍ଧି ଫେର୍' ପ୍ରଭୃତିକୁ ମଧ୍ୟ ଏଇପରି 'ଏ'ଠାରେ 'ଇ', 'ଓ' ଠାରେ 'ଉ', 'ଆ' ଠାରେ 'ଅ' 'ଆଦେଶ' ବୋଲି କହିଲେ କ୍ଷତି ନାଇ ।

**ବିକଳ୍ପ :**

ଯାହା ହୁଏ, ପୁଣି ନ ହେଲେ ବି ଚଳେ, ତାକୁ **'ବିକଳ୍ପେ' ହେବା** କହଂତି । ଧର୍-ଧ; ବସ୍-ବ; ଏ ସବୁଠାରେ **ବିକଳ୍ପେ** 'ର୍' ବା 'ସ୍'ର ଲୋପ ହୋଇଚି ।

**ବର୍ଣ ବିପର୍ଯ୍ୟୟ :**

ଶବ୍ଦରେ ପାଖେ ପାଖେ ରହିଥିବା ବ୍ୟଂଜନ ଦିଓଟି ବହୁ ସ୍ଥଳରେ ବଦଳା ବଦଳି ହୋଇଯାଂତି । ତାକୁ **'ବର୍ଣ-ବିପର୍ଯ୍ୟୟ'** କହଂତି । ଏ ବିପର୍ଯ୍ୟୟରେ ସ୍ୱର ବର୍ଣମାନେ ସ୍ଥାନ ଛାଡ଼ଂତି ନାଇ । ଅର୍ଥାତ୍ ଗୋଟା ଅକ୍ଷର କେବେ ବିପର୍ଯ୍ୟୟରେ ସ୍ଥାନରୁ ଉଡ଼ିଯାଏ ନାଇ । ମାତ୍ର ବର୍ଣ ସାହଚର୍ଯ୍ୟରେ 'କ୍'ଠାରେ 'ଗ୍' ଓ 'ଛ୍' ଠାରେ 'ଚ୍' ପ୍ରଭୃତି ସାଧାରଣ ପରିବର୍ତନ ହୁଏ । ଯଥା-

**କାଟ୍-ଟାଂଗ୍, ଟାଣ୍-ଆଁଟ୍, ଯୋଖ୍-ଖଂଜ୍, ଇହା-ହିଆ (ହ୍ୟା), ଟୁକିବା-ଖୁଂଟିବା, ଖେପିବା-ଫିଂଗିବା, ଅଟକ୍-ଅକଟ୍, ମଳିଆ-ମଇଳା ଇତ୍ୟାଦି ।**

Digitized by PPRACHIN, SOA

ସଂସ୍କୃତରେ ମଧ୍ୟ 'ହିଂସ୍' (ଯେ ହିଂସାକରେ) ଶବ୍ଦ 'ସିଂହ' ହୁଏ । ଓଡ଼ିଆରେ ଏପରି ବର୍ଣ୍ଣ ଅଦଳ ବଦଳ ହେବାର ଉଦାହରଣ ଅନେକ ମିଳେ ।

ସଂଧି ବା ବର୍ଣ୍ଣ ସମବାୟ ହେତୁକ ପରିବର୍ତ୍ତନରେ ଏସବୁ ଲୋପ, ଆଗମ, ଆଦେଶ, ବିପର୍ଯ୍ୟୟ ପ୍ରଭୃତି ଉଚ୍ଚାରଣ ସୁବିଧା ଅସୁବିଧା ଘେନି ମନକୁ ହୋଇଯାଏ । ଆଲୋଚନାରେ ତାହା କେବଳ ଦେଖିବାକୁ ହୁଏ ମାତ୍ର ।

**ସଂସ୍କୃତ ଓ ଓଡ଼ିଆରେ ସଂଧି ନିୟମ :**

ସଂସ୍କୃତରେ ଏଇ ସଂଧି ବା ବର୍ଣ୍ଣ ପରିବର୍ତ୍ତନର କେତେଗୁଡ଼ିଏ ସାଧାରଣ ନିର୍ଦ୍ଦିଷ୍ଟ ନିୟମ ଅଛି । ତାକୁ ସାଧାରଣତଃ ସଂଧି କହଂତି । ମାତ୍ର ଏହାଛଡ଼ା ପ୍ରତ୍ୟୟାଦିରେ ଏପରି ପରିବର୍ତ୍ତନ ଆହୁରି ଅନେକ ଅଛି । ମାତ୍ର ତାକୁ ସଂଧି ନାମରେ ସାଧାରଣତଃ ନ କହିଲେ ହେଁ ତାହା ସବୁ ସଂଧି ।

ହେଲେ ହେଁ ସଂସ୍କୃତ ବ୍ୟାକରଣରେ ବର୍ଣ୍ଣ ଉଚ୍ଚାରଣରୁ ଯେ ନିୟମ ଧରା ଅଛି, ଏବେ ସେଇ ନିୟମରେ ସେ ସବୁ ଉଚ୍ଚାରଣ କରିବାକୁ ହୁଏ । ତା' ନ କଲେ ଭୁଲ ବା ଅଶୁଦ୍ଧ ହୁଏ । ସଂସ୍କୃତ ଭାଷା ଓ ବ୍ୟାକରଣ ସ୍ଥିର କରିଦେବା ପୂର୍ବରୁ ଯାହାସବୁ ଲୋକମୁଖରେ ପରିବର୍ତ୍ତନ ହୋଇଯାଇଥିଲା ତା'ଠାରୁ ଆଉ ଅଧିକ ପରିବର୍ତ୍ତନ ଏବେ କରାଯାଏ ନାଇ । 'କୃଷକ' ନ କହି ଏବେ 'କୃସକ' କହିଲେ ଅଶୁଦ୍ଧ ହୁଏ । ମାତ୍ର ଧୂଷର, ଧୂସର, ଧୂଶର ତିନି ପ୍ରକାର ଚଳେ ।

ସେ ଯା ହେଉ, **ଓଡ଼ିଆ ଚଳିତ ଭାଷା** । ଓଡ଼ିଆରେ ବ୍ୟାକରଣ ନିର୍ଦ୍ଦେଶରୁ ଭାଷା ଶିଖିବାକୁ ହେବ ନାଇ । ଏଥିରେ ବରଂ **ଭାଷାରୁ ବ୍ୟାକରଣ ନିୟମ ଆଲୋଚନା କରିବାକୁ ହେବ** । କଥାରେ, ବର୍ଣ୍ଣାଦିରେ କିପରି ପରିବର୍ତ୍ତନ ହୋଇ ଆସିଚି ଓ ହୋଇଯାଉଚି, ତାହା ଦେଖିବାକୁ ହେବ ।

ପୂର୍ବେ ଏ ଦେଶର ଚଳିତ ଭାଷାମାନଂକୁ ପ୍ରାକୃତ କହୁଥିଲେ । ବେଦ କାଳରୁ ଏହା ଏ ଦେଶରେ ଅଛି । ସେଇ ପ୍ରାକୃତକୁ ଠିକ୍ ଏକାପରି ଜାତୀୟ ଭାଷାରୂପେ ରଖିବା ପାଇଁ ବହୁକାଳ ତଳେ ଉଚ୍ଚାରଣାଦି ବ୍ୟାକରଣରେ ଠିକ୍ କରିଦେଇ 'ସଂସ୍କୃତ' ବୋଲି ଭାଷା ତିଆରି କରାହୋଇଥିଲା । ପରେ ଭିନ୍ନ ଭିନ୍ନ ପ୍ରାଂତରେ ଏଇ ପ୍ରାକୃତମାନେ କ୍ରମେ ଶାଖା, ପ୍ରଶାଖାରେ ଭିନ୍ନ ହେଲେ ହେଁ ବରାବର ସଂସ୍କୃତରୁ **ଶବ୍ଦ ବା ପ୍ରତ୍ୟୟାଦି** ଗ୍ରହଣ କରି କରି ନିଜ ପ୍ରାକୃତ ପ୍ରକୃତିରେ ତା'ର ଉଚ୍ଚାରଣାଦି ବଦଳାଇ **'ତଦ୍‌ଭବ'** କରି ଭାଷାରେ ଭର୍ତ୍ତି କରି ରଖିଛନ୍ତି । ଯେଉଁ ପ୍ରାକୃତରୁ ସଂସ୍କୃତ ହୋଇଥିଲା, ସେଥିରୁ ମଧ୍ୟ କେତେକ ଶବ୍ଦ ଏବେ 'ତଦ୍‌ଭବ' ପରି ଅଛି । ବାକି ସବୁ ଦେଶୀ ବିଦେଶୀ ଶବ୍ଦରେ ମିଶିଯାଇଚି । ଏବେ ମଧ୍ୟ ଶବ୍ଦ ସଂସ୍କୃତରୁ,

Digitized by PPRACHIN, SOA

ଅନାର୍ଯ ଓ ବିଦେଶୀ ଭାଷାରୁ ବରାବର ମିଶୁଚି ଓ ଭାଷାର ଉଚ୍ଚାରଣ ପ୍ରକାର ହେତୁ ବଦଳି ଯାଉଚି ।

ଏଇସବୁ କାରଣରୁ ଓଡ଼ିଆରେ ସଂଧି ନିୟମ ନିର୍ଦେଶ କରିବା ବଡ଼ ଦୁଷ୍କର । ଏ ପୁସ୍ତକରେ ସେଥିପାଇଁ ସ୍ଥାନ ହୋଇ ନପାରେ । ଏଥିରେ ସଂସ୍କୃତ ରୀତିରେ ସଂଧି ନିୟମ କହି ଓଡ଼ିଆ ସଂଧିର କେତେକ ଅତି ସ୍ପଷ୍ଟ ନିୟମ ମାତ୍ର ସୂଚ୍ଚଇ ଦିଆଯିବ । ପୁଣି ଦରକାର ଅନୁସାରେ ଭିନ୍ନ ଭିନ୍ନ ପ୍ରସଂଗରେ ପ୍ରତ୍ୟୟ ସମାସାଦିରେ କେତେକ ବର୍ଣ ପରିବର୍ତନ ଦେଖାଇ ଦିଆଯିବ । ସଂଧିସ୍ପୃହ ବିଦ୍ୟାର୍ଥୀମାନେ ସେଥିରୁ କିଛି ସୂଚନା ପାଇବେ । ଏହାଛଡ଼ା ସଂସ୍କୃତର ସଂଧି ନିୟମାଦି କହିବା ପୂର୍ବରୁ ଓଡ଼ିଆ ସଂଧି ନିୟମର ଭିତ୍ତି ପ୍ରତି ଟିକିଏ ସୂଚନା ଦିଆଯାଉଚି ।

**ବ୍ୟଂଜନ ବର୍ଣ :**

ଅନୁସ୍ୱାର ଓ ବର୍ଗର ପଂଚମ ବର୍ଣ ପ୍ରସଂଗରେ କୁହାଯାଇଚି, ଓଡ଼ିଆରେ **ବଞ୍ଚନା** ଉଚ୍ଚାରଣ ନ ହୋଇ ଉଚ୍ଚାରଣ ହୁଏ **'ବନ୍‌ଚନା'** । ପୁଣି ସ୍ୱତନ୍ତ୍ର 'ଙ୍' ଓ 'ଞ୍'ର ଉଚ୍ଚାରଣ ଓଡ଼ିଆରେ ନାଇ । 'କଙ୍‌କଣ'ର ଉଚ୍ଚାରଣ **କଂଗ୍‌କଣ**, କମ୍‌ଗ୍‌କଣ । **'କ୍‌ଷ୍'-'କ୍ଷ୍'** ଓ **'ଜ୍‌ଞ୍-ଜ୍ଞ୍'** ଓଡ଼ିଆରେ କଦାପି ଉଚ୍ଚାରିତ ହୁଏ ନାଇ । ସେଥିପାଇଁ ଓଡ଼ିଆ ତତ୍‌ସମରେ ମଧ୍ୟ ମହତ୍‌ଜ୍ଞାନ-'ମହଜ୍‌ଜ୍‌ଞାନ' ନ ହୋଇ ହୁଏ- **'ମହଦ୍‌ଗ୍ୟାନ'** । (ଏଠାରେ 'ନ' ନିଜେ ଅନୁନାସିକ ଥିବାରୁ ପୁଣି 'ଗ୍ୟାଁ'ର ଅନୁନାସିକ ଦରକାର ହେଲା ନାଇ ।)

'କୃଷ୍' ଓଡ଼ିଆରେ ହୁଏ 'ଚଶ୍', ନହେଲେ 'ତସ୍' । ମୂର୍ଦ୍ଧଣ୍ୟ 'ଷ୍'ର ଉଚ୍ଚାରଣ ଓଡ଼ିଆରେ ନାଇ । 'ଶ୍' ତାଲବ୍ୟ, ତେଣୁ 'କ୍'ଠାରେ ହେଲା ତାଲବ୍ୟ 'ଚ୍' । **'କୃଷି' ହେଲା-'ଚଶ୍'** । ପୁଣି 'ସ୍' ଦଂତ୍ୟ, ତେଣୁ 'କ୍'ଠାରେ ହେଲା ଦଂତ୍ୟ-'ତ୍' । **କୃଷି ହେଲା-'ତସ୍'** ।

'ଋ' ବୋଲି ଗୋଟିଏ ସ୍ୱର ଓଡ଼ିଆ ମୁହଁରେ ନାଇ । ଏହାର **ଉଚ୍ଚାରଣ- 'ରୁ'** । ସଂସ୍କୃତର ସ୍ୱର ଉଚ୍ଚାରଣ ରଖିବା ଚେଷ୍ଟାରେ ଏହା **ହୋଇଚି-'ଅ'** । 'କୃଷ୍' ହେଲା-'ତସ୍' । ପୁଣି 'ଷ' ଉଚ୍ଚାରଣ ଚେଷ୍ଟା କରିବାରେ କଣ୍ଠରୁ ସ୍ୱର ବାହାରେ- 'ହ୍' । ତେଣୁ **'କୃଷ୍ଣ'ରୁ କହ୍ନ** (କାହ୍ନୁ, କହ୍ନାଇ) ହୁଏ ।

**'କ୍ଷିପ୍'ର** ଉଚ୍ଚାରଣ ସେଇପରି 'ଖିପ୍'ରୁ ବର୍ଣ ବିପର୍ଯୟରେ ହେଲା-'ପିଖ୍' । ସେଥିରୁ ଏକ ଆଡ଼େ **'ଫିଂଗ୍'** ଓ ଅନ୍ୟଆଡ଼େ **'ପକ୍'ରୁ 'ପକା'** ହେଲା ।

'ଆ'ର ମୁଖ ପ୍ରସାର ଓ 'ତି'ର ଦଂତ୍ୟ ସଂକୋଚ ମଧ୍ୟରେ, ପୁଣି ମାଳତି, ଭାଳଣି ପ୍ରଭୃତିର ଅନୁକ୍ରମେ **'ଆରତି' ହେଲା 'ଆଳତି'**, 'ବେଶ' ବା 'ବେଷ'ର 'ଶ'

Digitized by PPRACHIN, SOA

ବା 'ଷ' ଦଂତ୍ୟ ହେବାରେ **'ବେଶ' ହୁଏ 'ଭେଷ'** । 'ରାତି' ପ୍ରଭୃତିର ବ୍ୟଂଜନ ଲୋପ ହୋଇ 'ଆତି' ପ୍ରଭୃତି ହେବା ସାଧାରଣ ।

ତାଂକୁ-ତାଉଁ; କିପାଇଁ-କିଆଁ; ପ୍ରାପ୍ତିକି-ପାଇଁ; ନ କହୁଁ ନ କହୁଁ-ନ କହୁଁ ନଉ-ନକହୁଣୁଁ; ଧାଉତ୍-ଦଉତ୍ । ଅନ୍ୟ ଦିଗରେ ସିଆଁଇ-ସିଲାଇ; ପାଇଲା-ପାହିଲା; ପାଆଇଆ-ପାହାଣିଆ; ବଢ଼ାଇ-ବଢ଼ାଣି; ଭଡ଼ାଟିଆ, ସିଆଣିଆ, କିନ୍ତୁ କୁହାଳିଆ; ପ୍ରଭୃତିରେ ପ୍ରକାଶ ପାଉଥିବା ତାତ୍ତ୍ୱିକ ସଂଧି ଓ ବର୍ଣ୍ଣ ପରିଣାମ ବିଗ୍ରହ ବଡ଼ ବିସ୍ତୀର୍ଣ୍ଣ ।

## ସ୍ୱର ବର୍ଣ୍ଣ :

ଏହିପରି ଉଚ୍ଚାରଣରେ ସ୍ୱର ପରିଣାମ ପୁଣି ଆଉରି ବିସ୍ତୀର୍ଣ୍ଣତର ଓ ସ୍ପଷ୍ଟ ।

ହରିକୁ-ହରିକି; ଗୃଖଣା-ଗୃଖେଣା; ମାତ୍ର ଗୃଖୁଣିଆ; ପାଟଣା-ପାଟେଣା; ମାତ୍ର ପାଟେଣିଆ (ପାଟୁଣିଆ ନୁହେ); ପିଠିଆ, କିନ୍ତୁ ଆଂଠୁଆ; ଦେଉଳ-ଦଉଳ; କୁଳୁଆଁ-କୁଣିଆ, ମୁଗକଣି-ମୁଗକୁଣି; ଖୁରୁଡ଼-ଖୁରୁଡୁ; ଜଗନ୍ନାଥପୁର୍-ଜଗନ୍ନାଥପୁରୁ; କୋମଳ-କୋହଳ; କଅଁଳ-କଅଳ; ସିଠୋଳ-ସଂତୁଳ; ତିଅଣ-ତୁଉଣ ।

ଏସବୁ ଓ ଏଇଭଳି ଅସଂଖ୍ୟ ସ୍ୱର ପରିବର୍ତ୍ତନ ଅନୁଧ୍ୟାନ କରି ସଂଧି ନିୟମମାନ ବାହାର କରାଯାଇପାରେ । ସେଥିପାଇଁ ସ୍ୱରକୁ କେବଳ ବ୍ୟଂଜନ ଭଳି ଦନ୍ତ୍ୟ, ତାଲବ୍ୟାଦି ଉଚ୍ଚାରଣ ସ୍ଥାନ ପୁଣି ଦୀର୍ଘ ହ୍ରସ୍ୱରେ ଉଚ୍ଚାରଣ ପରିମାଣରେ ନ ଚିହ୍ନି, ସମସ୍ତ ଉଚ୍ଚାରଣ ପ୍ରକାର ଓ ପରିମାଣରେ ବାଂଟି ବିଗ୍ରହ କରିବାକୁ ହେବ ।

**ଆଖି ତରାଟି ଦେଲା, ଆଖି ତରାଟ୍, ତରାଟ ଫୁଲ; କୁଟିଳ ଲୋକ, କାଟି କୁଟି ଦେଲା, କାଟ୍‌କୁଟ୍ କଲା** - ଏସବୁରେ ପ୍ରଥମ ତିନୋଟିରେ 'ରା'ର 'ଆ' ଓ ଦ୍ୱିତୀୟ ତିନୋଟିରେ 'କୁ'ର 'ଉ' ଉଚ୍ଚାରଣର ପ୍ରକୃତି ଓ ପରିମାଣରେ ଏକାପରି ନୁହଂତି । ଏଇସବୁ ପ୍ରକୃତି ଓ ପରିମାଣରେ ସ୍ୱର ଠିକ୍ ରଖିବା ସଂପର୍କରେ ବର୍ଣ୍ଣ ଉପରେ ପଡୁଥିବା ଜୋର ବା 'ଗୃପ'ର ମଧ୍ୟ ସଂବଂଧ ଅଛି ।

## ଗୁରୁସ୍ୱର ଓ ଦୀର୍ଘସ୍ୱର :

ଯେଉଁ ସ୍ୱର ଉପରେ ଜୋର୍ ପଡ଼େ ସେ ଗୁରୁସ୍ୱର । **ଯୁକ୍ତ ବର୍ଣ୍ଣର ପୂର୍ବସ୍ୱର ଗୁରୁ** । ଅନୁସ୍ୱାର-'ମ୍' ଓ ବିସର୍ଗ-'ସ୍' ବା 'ର୍'; ତେଣୁ **ଅନୁସ୍ୱାର ବିସର୍ଗ ପୂର୍ବରେ ଥିବା ସ୍ୱର ମଧ୍ୟ ଗୁରୁ** । ଗୁରୁସ୍ୱର ଓ ଦୀର୍ଘସ୍ୱର କିଂତୁ ଏକା କଥା ନୁହେଁ । **ଦୀର୍ଘ ଓ ହ୍ରସ୍ୱ ଦୁଇସ୍ୱର ଗୁରୁ ହୁଅଂତି ।**

Digitized by PPRACHIN, SOA

'ବକ୍ତୃତା' ଏଠାରେ 'ବ'ର 'ଅ' ଗୁରୁସ୍ୱର-ଦୀର୍ଘସ୍ୱର ନୁହେଁ । 'କଂସ'ରେ 'କ'ର 'ଅ' ମଧ୍ୟ ସେଇପରି । 'ପୂର୍ଣ'ରେ 'ପୂ'ର 'ଉ' ଗୁରୁସ୍ୱର, ଏହା ସଂସ୍କୃତରେ ଦୀର୍ଘସ୍ୱର । 'ଦୁଃଖ'ରେ ମଧ୍ୟ 'ଦୁ'ର 'ଉ' ଗୁରୁସ୍ୱର । ଦୀର୍ଘ ନୁହେ ।

ବ୍ୟଂଜନାଂତ ଅକ୍ଷରରେ ସ୍ୱର ପରେ ବ୍ୟଂଜନ ରହେ, ବ୍ୟଂଜନ ସେଇ ସ୍ୱର ସଂଗେ ଉଚ୍ଚାରିତ ହୁଏ ଓ ସେଇ ସ୍ୱରକୁ ନିଜ ବ୍ୟଂଜନ ପ୍ରକୃତିରେ ଚିପି ଦେଇ ଗୁରୁ କରିଦିଏ । ନିଃଶେଷ, ବଂଚନା, ମସ୍ତ ପ୍ରଭୃତିରେ ନିଃ, ବଂ (ବମ୍), ମସ୍ - ଏଇମାନେ ପ୍ରଥମ ଅକ୍ଷର । ମାତ୍ର ଏସବୁ ବ୍ୟଂଜନାନ୍ତ ଅକ୍ଷର ପରେ ଶବ୍ଦରେ ଅନ୍ୟ ସ୍ୱରାଂତ ଅକ୍ଷର ନରହି ସେଇ **ବ୍ୟଂଜନାଂତ ଅକ୍ଷରରେ ଉଚ୍ଚାରଣର ଅବସାନ ହେଲେ ବା ଯେଉଠାରେ ଶବ୍ଦର ଉଚ୍ଚାରଣ ସରିଗଲେ, ଶବ୍ଦ ଶେଷର ଏଇ ଗୁରୁସ୍ୱର ଉଚ୍ଚାରଣରେ ଦୀର୍ଘ ହୋଇଯାଏ ।** ଯଥା-କୋଚ୍‌ଟ୍, ଦରାଂଡ୍, ବାକ୍, ପଢ୍, କାଟ୍, ଝଡ୍, ବିଂଚ୍, କେଂଚ୍, କୋଡ୍ - ଏ ସବୁଥିରେ ଅନ୍ତ୍ୟସ୍ୱର ଗୁରୁ ଓ ଦୀର୍ଘ । 'କୋଚ୍‌ଟ୍'ରେ 'କୋ'ର 'ଓ' ଗୁରୁ ନୁହେ କି ଉଚ୍ଚାରଣରେ ଦୀର୍ଘ ନୁହେ - ଏହା ଦେଖିବାର ଅଛି ।

**ଐ, ଔ ଯୁକ୍ତସ୍ୱର ହେବାରୁ ଗୁରୁ ଓ ଯୋଡ଼ିଏ ସ୍ୱରର ଉଚ୍ଚାରଣ ଏକତ୍ର ଧରିବାରୁ ମଧ୍ୟ ଦୀର୍ଘ ।** ମାତ୍ର 'ଅଇ', 'ଅଉ' - ଏପରି ଉଚ୍ଚାରଣ ହେଲେ ଦୀର୍ଘ ହୁଅଂତି, ଗୁରୁ ହୁଅଂତି ନାଇ । 'ଗୈରିକ' - ଏଠାରେ 'ଗୈ'ର **'ଐ' ଗୁରୁ ଓ ଦୀର୍ଘ** । ମାତ୍ର 'କଉଣସି'ର **'ଅଉ' ଗୁରୁ ନୁହେ - ଏହା ଦୀର୍ଘ** । ତେଣୁ ଏହା ଓଡ଼ିଆ ଉଚ୍ଚାରଣ ପ୍ରଭୃତିରେ ପଡ଼ି କ୍ରମେ ଶୀଘ୍ର ହ୍ରସ୍ୱ ହୋଇ 'କୁଣିସି' ହୋଇଯାଏ । ମାତ୍ର 'ଗୈରିକ'-ଗେରୁଆ ହେବାରେ ଅନ୍ୟାନ୍ୟ ବହୁ ପରିବର୍ତ୍ତନର ଧାରା ଦରକାର ହୁଏ । ଯଥା-ଗୈରିକ-ଗୈରିଅ-ଗେରୁଆ (ଏଠାରେ ଦୀର୍ଘ ଉଚ୍ଚାରଣ କ୍ରମେ 'ଐ'ରୁ 'ଅ'କୁ ଆସିଗଲା) ତଥାପି ଐ, ଔ ଗୁରୁତ୍ୱ ଛାଡ଼ି 'ଅଇ', 'ଅଉ' ହୋଇଯିବାର ମଧ୍ୟ ଉଦାହରଣ ବହୁତ ।

**ଗୁରୁସ୍ୱର ଓ ଦୀର୍ଘସ୍ୱର** ଏକା ପ୍ରକାରର ନହେଲେ ବି ଏକା ଜାତିର । ଓଡ଼ିଆର ଉଚ୍ଚାରଣରେ ମଧ୍ୟ **ବହୁ ଗୁରୁସ୍ୱର କାଳକ୍ରମେ ଦୀର୍ଘ ହୋଇଚି ।** ମାତ୍ର ଏଇ ଦୀର୍ଘ ପରେ ଉଚ୍ଚାରଣରେ ହୁଏତ ଆଉ ଦୀର୍ଘ ରହି ନାଇ, ଲିପିରେ ମାତ୍ର ଅଛି ।

| | |
|---|---|
| ଶର୍କରା-ସାକର; | ବର୍ତ୍ତନ-ବେତନ; |
| କର୍ତ୍ତନ-କାଟେଣି; | ମକ୍ଷି-ମାଛି; |
| ପତ୍ତନ-ପାଟଣା; | ଦଦ୍ରୁ-ଦାଦୁ; |
| କର୍ଦ୍ଦମ-କାଦୁଅ; | ପୁସ୍ତକ-ପୋଥି; |

Digitized by PPRACHIN, SOA

ସର୍ଷପ-ସୋରିସ; ଭକ୍ତ-ଭାତ;
ଅଂଗୁଳି-ଆଂଗୁଠି; ଅଂକୁଶ-ଆଂକୁସ, ଆଂକୁଡ଼ି;
ଅହଂକାର (ହଂକାର)-ଆଂଗ, ଚଂଦ୍ର-ଗୃଂଦ,

ପଂଚ୍-ପାଂଚ୍; ପ୍ରଭୃତିରେ ଗୁରୁସ୍ୱର ଦୀର୍ଘ ହୋଇଥିଲା । ଏବେ ଯେଉଁଠାରେ ଗୁରୁ ନାଇ, ସେଠାରେ ଦୀର୍ଘ ଉଚ୍ଚାରଣ କ୍ରମେ ଘସି ହୋଇ ହ୍ରସ୍ୱ ହୋଇଯାଉଚି । **ବିଦ୍ୟୁତ୍-ବିଜୁଳି, କର୍କଟ-କକଡ଼ା, କୁବ୍ଜ-କୁଜ, କୁକ୍କୁଟ-କୁକୁଡ଼ା, ନିଦ୍ରା-ନିଦ, ସତ୍ୟ-ସତ** ପ୍ରଭୃତିରେ ଲିପିରେ ମଧ୍ୟ ଦୀର୍ଘ ଲୋପ ପାଇଚି ।

**ସ୍ୱରଟି ଉଚ୍ଚାରଣରେ ଲଂବା ହେଲେ ହୁଏ ଦୀର୍ଘ, ସ୍ୱର ଉପରେ ଜୋର୍ ପଡ଼ିଲେ ହୁଏ ଗୁରୁ ।** କହିଲାବେଳେ ମଧ୍ୟ ଶବ୍ଦର ସ୍ୱର ଉପରେ ଜୋର୍ ପଡ଼ିବା ନିୟମରେ ଜୋର୍ ପଡ଼ିବା ସ୍ୱର ଓଡ଼ିଆରେ କ୍ରମେ ଦୀର୍ଘ ହୋଇଯାଉଚି ଓ ସଂଗେ ସଂଗେ ଗୁରୁତା ମଧ୍ୟ ସ୍ପଷ୍ଟ ହେଉଚି ।

## ଶବ୍ଦର ବର୍ଣ୍ଣ ଉପରେ ଜୋର୍ :

ସଂସ୍କୃତରେ ଶବ୍ଦର ଅକ୍ଷର ଓ ସ୍ୱର ବିଶେଷ ଉପରେ ଯେପରି ଜୋର୍ ପଡ଼େ ଓଡ଼ିଆରେ ତା' ହୁଏ ନାଇ । 'ବର୍ତ୍ତମାନ' ଶବ୍ଦରେ ସଂସ୍କୃତ ନିୟମରେ ଯୁକ୍ତ-ପୂର୍ବ 'ବ'ର 'ଅ' ଦୀର୍ଘ ହୋଇ 'ତ୍' ଦ୍ୱାରା ଚିପି ହୋଇଯାଏ ଓ 'ତ'କୁ ଚିହ୍ନାଇବା ପାଇଁ ତା'ର 'ଅ'କାର ଉପରେ ମଧ୍ୟ ଜୋର୍ ପଡ଼େ । ତେଣୁ **'ବର୍ତ୍ତମାନ' ହୁଏ-ବର୍ତ୍‌ତମାନ ।** ମାତ୍ର ଓଡ଼ିଆ ମୁହଁରେ ତା ହୁଏ-**'ବ୍ରତମାନ'** । ଓଡ଼ିଆରେ 'ର୍ତ୍ତ' ଉପରେ ଜୋର ନ ପଡ଼ି ପରବର୍ତ୍ତୀ 'ମା' ଅକ୍ଷର ଉପରେ ପଡ଼େ । ଓଡ଼ିଆରେ **'କର୍ତ୍ତବ୍ୟ' ହୁଏ-'କର୍‌ତବ୍'** । ଏଥିରେ 'ତ' ଅକ୍ଷରରେ ଜୋର୍ ପଡ଼େ । ସାଧାରଣତଃ ଓଡ଼ିଆରେ ଶେଷ ଅକ୍ଷର ବା ତା'ର ପୂର୍ବ ଅକ୍ଷର ଉପରେ ଜୋର୍ ପଡ଼େ । **'ପୁରୁଷୋତ୍ତମ' ଓଡ଼ିଆରେ ହୁଏ 'ପୁରସ୍ତମ'** । ଏଠାରେ 'ତ' ଉପରେ ଜୋର ପଡ଼ିବାରୁ ଏହା ହେଲା । **ଅବଲଗ୍** (ତଳକୁ ଲଗା) ସେଇପରି 'ଲ' ଉପରେ ଜୋର୍ ପଡ଼ିବାରୁ ହୋଇଯାଏ-**'ଓଳଗ୍', 'ଓଳଗି'** । ସେଇଥିରୁ ଅନ୍ୟ ଅର୍ଥରେ 'ଉଲାଗ' ଓ 'ଉଲାଗି' ହୁଏ । 'ଆକାର'ରେ 'କା' ଉପରେ ଜୋର ପଡ଼ିବାରୁ 'ହକାର୍' ଓ 'କାର୍' ହୁଏ । 'କାର୍' ପୁଣି ବର୍ଣ୍ଣ ବିପର୍ଯ୍ୟୟରେ 'ଡାକ୍' (କାର୍-ରାକ୍-ଡାକି) ହୁଏ ।

ପୁରୀରେ **'ଭୋଗମଂଡପ' ହୋଇଯାଏ 'ଭଅଂଡ'** । ଏଥିରୁ ସ୍ପଷ୍ଟ ହେଉଚି ସମସ୍ତ ଶବ୍ଦଟିର ଉଚ୍ଚାରଣରେ ଜୋର୍ ପଡୁଚି 'ମ' ବା 'ମ'ର 'ଅ' ଉପରେ । ତେଣୁ 'ଭୋ'ର **'ଓ' 'ଅ'** ହୋଇଗଲା । 'ଗ' ଓ 'ପ' ଲୁଚିଗଲା । 'ମ'ର ବ୍ୟଂଜନ ଉଡ଼ିଗଲା ।

Digitized by PPRACHIN, SOA

ମାତ୍ର ଜୋର୍ ପଡୁଥିବାରୁ 'ଅ'ଟି ଦୀର୍ଘ ହୋଇ 'ଷ୍ଟ'ର 'ଅ' ପର୍ଯନ୍ତ ମଧ୍ୟ ଲୋପ କରିଦେଲା । ଗୁରୁସ୍ୱରର ଏ ପ୍ରକୃତି ବୁଝିବା ବଡ଼ ଦରକାର ।

**ବାକ୍ୟର ଶବ୍ଦ ଉପରେ ଜୋର :**

କଥା କହିଲାବେଳେ ବାକ୍ୟର ଶବ୍ଦ ବା ଅଂଶ ବିଶେଷ ଉପରେ ଜୋର ପଡ଼ିଥାଏ । ସେଥିରେ ବାକ୍ୟର ଅନ୍ୟ ଅଂଶମାନ ଚିପି ହୋଇଯାଏ । କ୍ଷୁଦ୍ର ବାକ୍ୟ ବା ଅଳ୍ପକାଳ ବ୍ୟାପି ଦମ୍‌ରେ କୁହାଯିବା ବାକ୍ୟରେ ଉଦାହରଣ ଦେଲେ ସ୍ପଷ୍ଟ ହେବ । ସେଥିରେ ହିଁ ଏଇ ଜୋର ବେଶି ଧରାପଡ଼େ ଓ କାର୍ଯକର ହୁଏ । **'ଯା ଘେନି ଆ'** କହିବାରେ ଖାଲି ଶୁଣାଯାଏ **'ଜାଘ୍ନା'** ବା **'ଜ୍ଘ୍ନା'** । 'ଯା ନେଇଆ', କହିବାରେ ଶୁଣାଯାଏ-'ଜ୍ନା' **'ବହୁତ କରି କହ୍'**ରେ ଶୁଣାଯାଏ-**'ଭକ୍ର୍କ'** ଇତ୍ୟାଦି ।

**ଶବ୍ଦ ଓ ବାକ୍ୟ ସଂକ୍ଷେପରେ ଶବ୍ଦ :**

**ପୁରୁଷୋତ୍ତମ ହେଲା-ପୁରସ୍ତମ** । ସେଥିରୁ ପୁଣି 'ପ୍ରସ୍ତମ୍' । ଲୋକେ କହଂତି, ମୁଁ 'ପ୍ରସ୍ତଂ' ଯାଉଚି । ତାହା ଲେଖାକୁ ଆସି ନାଇ । ସେଥିପାଇଁ **'ଭୋଗମଂଡପ' ହେଲା 'ଭଂଡ୍'** । ବାସନା (ସୁଗନ୍ଧ) ହେଲା ବାସ୍ନା (ବସ୍ନା) ।

କ୍ଷୁଦ୍ର ବାକ୍ୟର ଏଇପରି ଜୋର୍ ପଡ଼ିବା ହେତୁ ହୋଇଯିବା ସଂକ୍ଷେପରେ ଓଡ଼ିଆରେ ଧାତୁ ଆକାରରେ ବହୁ ଶବ୍ଦ ଚଳେ । 'ଫୁଉଁକ୍‌ର୍' କହିବାରେ ହେଲା-**'ଫୁଙ୍କ୍'** (ଫୁଉଁକ୍) । ସେଇପରି 'ମଚ୍ କର' ବା 'ମଚ୍‌ମଚ୍‌କର୍'ରୁ ହେଲା-**'ମଚକ୍'** । ସେଥିରୁ ବର୍ଣ ବିପର୍ଯୟରେ ହେଲା-'ମକଚ୍' । ସେଇପରି ଖାଁ କର-**ଖାଁକ୍**; ବାସନା କର୍-ବାହଁଆଅର୍-ବାହଆଁର୍-ବହ୍‌ଆର୍-**ବଘାର୍** ଇତ୍ୟାଦି ।

**ଓଡ଼ିଆରେ ଦୀର୍ଘସ୍ୱର :**

ଓଡ଼ିଆର ଦୀର୍ଘସ୍ୱର ସଂସ୍କୃତରୁ ନୁହେ କହିଲେ ଚଳେ । ତତ୍‌ସମରେ ଓ ସଂସ୍କୃତ ଅନୁକରଣରେ ଅନେକ ଦୀର୍ଘସ୍ୱର ଓଡ଼ିଆ ଲିପିରେ ପଶିଚି । ମାତ୍ର ଭାଷାରେ ତାହା ସବୁ ନାହିଁ; କିଂବା ରଖିଲେ ରହୁନାଇ । 'ସରସ୍ୱତୀ ପୂଜା'ର ଉଚ୍ଚାରଣ ହୁଏ 'ସରସତି ପୁଜା'; 'ଜା'ର ଆକାର ମଧ୍ୟ ଉଚ୍ଚାରଣରେ ହ୍ରସ୍ୱ । ଦୀର୍ଘ ନୁହେଁ ।

ସ୍ୱରରେ ଜୋର ପଡ଼ିବାରେ ହି ଓଡ଼ିଆରେ ଦୀର୍ଘସ୍ୱର ବିଶେଷରେ ବାହାରେ । ସେଥିରେ ହି ଏଇ ସବୁର ବିକାଶ ସ୍ପଷ୍ଟ । ଉପରେ 'ଭଂଡ' (ଭୋଗମଂଡପ), ପ୍ରସ୍ତମ (ପୁରୁଷୋତ୍ତମ) ପ୍ରଭୃତିରେ **'ଭ'ର 'ଅ' ଦୀର୍ଘ ଓ ଗୁରୁ; 'ସ୍ତ'ର 'ଅ' ସେତେ ଦୀର୍ଘ ନ ହେଲେ ହେଁ ଗୁରୁ ଓ ଦୀର୍ଘ ।**

Digitized by PPRACHIN, SOA

ସେଇପରି 'ଛିଂକ୍', 'ମୁତ୍', 'ଫୁଂକ୍', 'ଅଟକ୍' ପ୍ରଭୃତିରେ ଉପାନ୍ତ୍ୟ ହ୍ରସ୍ୱସ୍ୱର ସବୁ ଗୁରୁ । ଓଡ଼ିଆରେ **ସବୁ ଧାତୁ କ୍ରିୟା ରୂପେ ପ୍ରୟୋଗ ହେଲେ ଶେଷ ଅକ୍ଷରର ସ୍ୱର ଗୁରୁ ଓ ଦୀର୍ଘ ହୁଏ** ।

ତୁ ଯା, ତୁ କର୍, ତୁ ଉଠ୍, ତୁ ପି, ତୁ ପକା, ତୁ ଦେ – ପ୍ରଭୃତିରେ କ୍ରିୟାପଦରେ ଥିବା **ଶେଷ ସ୍ୱର ଗୁରୁ ଓ ଦୀର୍ଘ** । ବ୍ୟଂଜନ ପୂର୍ବର ସ୍ୱରରେ ଗୁରୁତ୍ୱ ସ୍ପଷ୍ଟ । ମାତ୍ର ସ୍ୱରାଂତ ଧାତୁର ଅନ୍ତ୍ୟ ସ୍ୱରରେ ଜୋର ଥିଲେ ମଧ୍ୟ ଦୀର୍ଘତା ହିଁ ସ୍ପଷ୍ଟ ।

ମାତ୍ର ଏଇ ଦୀର୍ଘତା ଏକା ହୋଇ ପଡ଼ିବାର ଫଳ । ବିଶେଷରେ, କ୍ରିୟାରେ ବ୍ୟବହାର ବେଳେ ଧାତୁର ଅନ୍ତ୍ୟସ୍ୱରରେ ବରାବର ଜୋର୍ ପଡ଼େ । ଏଇ ଜୋର୍‌ରେ ସେ ଦୀର୍ଘ ହୁଏ । ମାତ୍ର ଜୋର୍‌ଠାରୁ ଦୀର୍ଘ ହେବା ଟିକିଏ ଭିନ୍ନ । ସେଥିପାଇଁ ଜୋର୍ ସ୍ପଷ୍ଟ କରିବାକୁ ଏଇ ଧାତୁ ତଥା ଶେଷ ସ୍ୱରରେ ଜୋର୍ ପଡୁଥିବା ପଦମାନେ ସ୍ୱର ପରେ ଗୋଟିଏ ବ୍ୟଂଜନ ମାତ୍ର ନିଅଂତି । ସେ ବ୍ୟଂଜନ ପରେ ଆଉ ସ୍ୱର ନିଅଂତି ନାଇ କିଂବା ବ୍ୟଂଜନ ପରେ ସ୍ୱରଟି ପୂର୍ବ ଜୋର୍ ଯୋଗୁ ଲୁଚିଯାଏ ।

ଦେଣ୍, ନେଣ୍, ପିଠିଆଣ୍, ଗୁଜରାଣ୍, ମାତ୍, କସୋଟ୍, କୋଚଟ୍, ହରିବୋଲ୍, ଘଡ୍‌ଘାଡ୍ (ଗଡ୍‌ଗାଡ୍), ବିକଟାଳ, ବଢ଼ିଆଳ, ଦ୍ୟାହୁଳ୍ (ଦିହାଉଳ୍), ରସୁଆଳ୍; ଭଉତ୍ (ବହୁତ୍) କଥା । ବିଖ୍ୟାତ୍ ଲୋକ୍, ବିଦେଶ୍ କରିବି, ପ୍ରବାସ୍‌କୁ ଗଲା ।

କ୍ରିୟାରେ–କୁହାଟ୍, କଗୃତ୍, ଯୋଗାଡ୍, ରାଂପୂତ୍ ପ୍ରଭୃତିରେ ଓଡ଼ିଆରେ ଏଇ ଗତି ଲକ୍ଷ୍ୟ କରାଯାଇପାରେ । ଜୋର୍ ଠିକ୍ ରଖି ଦୀର୍ଘତ୍ୱ ସୃଷ୍ଟି କରିବାରୁ **'କଗ୍ତ' ହେଲା–'କଗୃତ୍'**, **'ବହୁତ' ହେଲା–'ବହୁତ୍'** ଇତ୍ୟାଦି ।

କାଟିଲା ନ କହି **କାଟ୍ କୁଟ୍ କଲା**; 'ଚଟ୍ କଲା' ନ କହି **'ଚଟ୍‌ଗ୍ଟ୍ କଲା'** ପ୍ରଭୃତି ଏଇ ଉଦ୍ୟମର ନିଦର୍ଶନ ।

**ଜୋର୍ ପଡ଼ିବାରେ ଏବର ଗତି :**

**ଏଇ ଜୋର୍ ପଡ଼ି ଦୀର୍ଘହେବା** ଏବେ ସ୍ପଷ୍ଟରୁ ସ୍ପଷ୍ଟତର ହେଉଚି ପୁଣି କ୍ରମେ କ୍ରିୟାଛଡ଼ା ଅନ୍ୟତ୍ର ପଶିଯାଉଚି । 'ବହୁତ୍', 'ବିଖ୍ୟାତ୍' ପ୍ରଭୃତିରୁ ଜଣାପଡୁଚି, ଉପାନ୍ତ୍ୟ ଅକ୍ଷରରେ ଥିବା ସ୍ୱରରେ ଜୋର୍ ପଡୁଚି । ଓଡ଼ିଆରେ ତାହାହି ପ୍ରାୟ ସାଧାରଣ ବିଧି । ଧାତୁ ଶବ୍ଦ ହେଲେ ଅର୍ଥାତ୍ କ୍ରିୟା ହେଲେ ତା'ର ଶେଷ ସ୍ୱରରେ ଏବେ ଜୋର୍ ପଡ଼େ । ମାତ୍ର ଆଗେ ତା' ନଥିଲା । ଏଇ ଶେଷ ସ୍ୱରଟି ଉପାନ୍ତ୍ୟ ଅକ୍ଷରର ସ୍ୱର ଥିଲା । ଆଗେ କୁହାଯାଉଥିଲା–ଏବେ ମଧ୍ୟ ପଦ୍ୟରେ ମିଳେ–'ତ

Digitized by PPRACHIN, SOA

କର' ('କର୍ ନୁହେଁ); ତୁ କରାଅ ଇତ୍ୟାଦି । ପ୍ରଥମ ଦୁଇ ଅକ୍ଷରିଆ ଥିବାରୁ ପ୍ରଥମ ସ୍ୱରରେ ଜୋର୍ ପଡୁଥିଲା ଓ କ୍ରମେ ହେଲା-କର୍; ଦ୍ୱିତୀୟଟି ସେଇପରି ହେଲା-କରା; **ଯୋଗାଅ ହେଲା-'ଯୋଗା', 'ଯୋଗାତ୍', 'କାଉଁକର୍' ହେଲା-'କାଂବୁତ୍'** (କାଉଁକର୍-କାଉଁଅର୍-କାମୁଅତ୍-କାମୁବତ୍-କାମୁତ୍-କାଂବୁତ୍ ।) ସେଇ ଅନୁକ୍ରମେ ରାଂପୂତ୍ ।

ଏଣୁ ଏବେ **ଦୁଇ ଅକ୍ଷର ଶବ୍ଦରେ ଶେଷରୁ ପ୍ରଥମକୁ ଜୋର୍ ଆସୁଚି ।** 'କର୍ଅ' ('ତୁ ନାଥ ମୋତେ କର ପାରି') **'କଅର୍'** ହେବାରେ ଏଇ ଗତିର ସଂକେତ ସ୍ପଷ୍ଟ ମିଳେ ।

**ତିନି ଅକ୍ଷରିଆ ଶବ୍ଦର ଦ୍ୱିତୀୟ ଅକ୍ଷରରେ ଜୋର୍ ପ୍ରାୟ ରହିଛି ।** 'ଆ'କାରାଂତ ଧାତୁ ଓ **'ରାଂପୂତ୍' 'ଜଗ୍ୱତ୍'** ପ୍ରଭୃତିରେ ଶେଷ 'ଆ' ବା ଶେଷ ଅକ୍ଷରର 'ଆ'କୁ ଜୋର୍ ଆସି କ୍ରମେ ଅତି ସ୍ପଷ୍ଟ ହେଉଚି । **ଗ୍ୱରି ଅକ୍ଷରିଆ ଧାତୁ ତିନି ଅକ୍ଷରିଆ ହୋଇ କ୍ରିୟାରେ ବ୍ୟବହାର** ହେଲେ ତା'ର ସେଇପରି **ଶେଷ ଅକ୍ଷରରେ** ଜୋର୍ ପଡୁଚି ସତ, ମାତ୍ର **ପ୍ରଥମ ଅକ୍ଷରରେ ମଧ୍ୟ ପୁଣି ଜୋର୍** ପଡୁଚି । **ଅପ୍ସର୍** (ଘୁଂଚିଯା) ଏହାର ଉଦାହରଣ ।

ଅନ୍ୟ ଗ୍ୱରି ଅକ୍ଷରିଆ ପଦର ମଧ୍ୟ ଗତି ସେଇ ଆଡ଼କୁ, ମାତ୍ର ସ୍ପଷ୍ଟ ନୁହେ । କେବଳ ଉପାଂତ୍ୟ ଅକ୍ଷରରେ ଜୋର୍ ସ୍ପଷ୍ଟ । 'କଟୁଆଳ୍', 'ଚେତୁଆଣ୍', 'ବୁଢ଼ିଆଣି'ରେ ମଧ୍ୟ 'ଆ' ଉପରେ ଜୋର । ମାତ୍ର ଦୁଇପଦ ବା ଦୁଇପଦ ଭଳି ହେଲେ-'ଘର୍ତଳ୍' ।

**ପାଂଚ ଅକ୍ଷରିଆରେ** ଉପାଂତ୍ୟ ଅକ୍ଷରରେ ପଡ଼ିଲେ ମଧ୍ୟ **ଶେଷରେ 'ଆ' ପ୍ରତ୍ୟୟ ଥିଲେ ଜୋର ସେଇ 'ଆ'ରେ ପଡ଼େ** । ଯଥା- **ଦି ଅକ୍ଷରିଆ-'ଦ୍ୟଖ୍ଗା' ହୁଏ** । ସେଇପରି **ତିନି ଅକ୍ଷରିଆ-'ଦ୍ରୀଖ୍ଗା' ହୁଏ ।** ଇତ୍ୟାଦି । ବିଭକ୍ତି ଛାଡ଼ି ମଧ୍ୟ ଏବେ ଶବ୍ଦରେ ସେଇ ଶବ୍ଦ ଏକା ଥିଲେ ଯାହା ହୁଅଂତା ସେଇପରି ଜୋର୍ ସ୍ପଷ୍ଟ ନ ପଡ଼ି ବିଭକ୍ତିରେ ସ୍ପଷ୍ଟ ଜୋର୍ ପଡୁଚି । ଯଥା

ଘର୍କୁ; ପାଣିପାଇଁ (ପାଣ୍ ପେଁ)
ପଇସା ପାଇଁ (ପୈସ୍ପେଁ) ଇତ୍ୟାଦି ।

ବାକ୍ୟରେ ମଧ୍ୟ-'ତାଂକ ଘରକୁ ଯାଇଥିଲି' ହେଉଚି-**'ତାଂଘ୍ରକୁ ଯୈଥିଲି'** । (ଯୈଥିଲି, ପୈଲା ପ୍ରଭୃତି ଆଗେ ଏଇ ସ୍ୱର ମିଶ୍ରଣ ଦେଖାଇବାକୁ ଲେଖା ଯାଉଥିଲା । ଏବେ ମଧ୍ୟ କତିରି ଭାଷାର ଲିପିରେ ପୈଠ (ପଇଠ) ପ୍ରଭୃତି ଚଳେ ।)

Digitized by PPRACHIN, SOA

ସେଇହେତୁ ଶବ୍ଦମାନେ ମଧ୍ୟ ଏବେ ଲିପିରେ ନୂଆ ରୂପ ଧରୁଚଂତି । ଯଥା- **କରିନି-କର୍‌ନି** (କରିନାଇ), **ଭାବ୍‌ବା** (ଭାବିବା) **ବୋ୍ଧେ** (ବୋଧ୍‌ହୁଏ ଠିକ୍ ଲେଖିଲେ ହେବ 'ବଧେ'), **ଇଲେ** (ଏହିଲାଗେ); 'ତୁଂଭେ' ଠାରେ 'ତୁମେ', 'ତମେ'; 'କରୁଅଛି'ଠାରେ କରୁଚି (କର୍‌ଚି) ପ୍ରଭୃତିରେ ଜୋର୍ ଓ ବର୍ଣ୍ଣ ଲୋପାଦିର ସଂକେତ ସ୍ପଷ୍ଟ ।

ଏବେ ପୁଣି ନୂଆ ଆମଦାନୀ ଓ ସ୍ପଷ୍ଟ ଜଣାପଡୁଥିବା ପୁରୁଣା ତତ୍‌ସମରେ ସଂସ୍କୃତର ସ୍ୱର ଉଚ୍ଚାରଣ ଅନୁକରଣର ଗତି ଜଣାପଡୁଚି । ମାତ୍ର ତାହା ଯଥାର୍ଥ ଲୋକମୁଖରେ ଯାଇ ବଦଳିଯିବ, ସଂଦେହ ନାଇ । **'ମହାସଂକଟ'ରେ ପଡ଼ିଲି-** ଏଠାରେ ସଂସ୍କୃତ ସ୍ୱର ଧରି ଉଚ୍ଚାରଣ କରିବା ସତ୍ତ୍ୱେ **'ହା'ର ଦୀର୍ଘ ଉଚ୍ଚାରଣ ହେତୁ 'ମ' ପ୍ରାୟ ଲୁଚିଯାଉଚି ଓ ଶେଷ 'ଟ' ସ୍ୱତଃ ସ୍ୱର ହରାଇ 'ଟ୍' ହୋଇଯାଉଚି ।** ଏପରିକି 'ମହାସଂକଟ' ଯଦି ଏଇପରି ଉଚ୍ଚାରଣରେ ଗୃଲେ, ତେବେ 'ହା' ଓ 'ସଂ'ର ଜୋର୍ ଯଥାର୍ଥ ଓଡ଼ିଆର ସ୍ୱାଭାବିକ 'କ'ର ଜୋରରେ ଲାଗି ଦିନେ ଶବ୍ଦଟି ହୁଏତ 'ଆଛଂଚ' ବା 'ଆଚଂଛ'ରେ ପରିଣତ ହୋଇପାରେ ।

ଏଇପରି ନାନା ଦୃଷ୍ଟିରେ ନାନା ଭାବରେ ବର୍ଣ୍ଣତତ୍ତ୍ୱ ବା ସଂଧି ବିଗୃର କରାଯାଇପାରେ । ଭାଷାର ମୂଳ ଓ ବିକାଶ ଅନୁସଂଧାନ କରି ସାଧୁତା ନିର୍ଣ୍ଣୟ ଓ ଭବିତବ୍ୟ କଳନା କରିବାରେ ଏସବୁ ବଡ଼ ଦରକାର । ତେଣୁ ଅତି କ୍ଷୀଣ ହେଲେହେଁ ଏଠାରେ ଏଇ ସଂକେତ ମାତ୍ର ସୂଗୃଇ ଦିଆଗଲା । ଏଇ ଗ୍ରଂଥରେ ଶବ୍ଦାଦିରେ ବର୍ଣ୍ଣର ବିନ୍ୟାସ ପରିବର୍ତ୍ତନାଦି ଉଦାହରଣରେ କେତେକ କୁହାଯିବ । ସେଥିରେ ସେ ସବୁଦେଖି ମାପି ବୁଝିବାରେ ଏହା ମଧ୍ୟ କିଛି କାମରେ ଲାଗିପାରେ । ହେଲେହେଁ ସଂଧି ପ୍ରତ୍ୟାୟାଦିର କେତେକ ସାଧାରଣ ନିୟମ ଓ ଉଦାହରଣ ଛଡ଼ା ଏ ପୁସ୍ତକରେ ଆଉ ବିଶେଷ ଆଲୋଚ଼ନାର ଅବକାଶ ନାଇ ।

## ସଂଧି :

ସଂଧି ବୋଇଲେ ଏକାଠି ହୋଇ ଯୋଡ଼ି ହୋଇଯିବା । କୁହାଯାଇଚି, ବର୍ଣ୍ଣମାନେ ପାଖେ ପାଖେ ରହିଲେ ସେଥିରେ ଯାହା ପରିବର୍ତ୍ତନାଦି ହୁଏ ତାହା ସଂଧିରେ ବିଗୃର କରାଯାଏ । ଏଇ ପରିବର୍ତ୍ତନ କରିବାକୁ ହୁଏ ନାଇ । ଏହା ଉଚ୍ଚାରଣରେ ମନକୁ ହୋଇଯାଏ । ଖାଲି କଅଣ ହୁଏ କିପରି ହୁଏ ଏସବୁ ବ୍ୟାକରଣର ସଂଧିରେ ବିଗୃର କରାହୁଏ ।

ଏଇ ବିଗୃର ସଂକ୍ରାଂତ କେତେଗୁଡ଼ିଏ ସ୍ଥୂଳ ଓ ବ୍ୟାପକ ପରିବର୍ତ୍ତନକୁ ସଂଧି ବୋଲି ପୂର୍ବ ବୈୟାକରଣମାନେ କହିଚଂତି । ସେଇ ସଂଧି ତିନିଭାଗରେ ବିଗୃର କରାଯାଏ ।

Digitized by PPRACHIN, SOA

(୧) ସ୍ୱର ସଂଧି-

ସ୍ୱର ବର୍ଣରେ ସ୍ୱର ବର୍ଣ ଲାଗିଲେ ଯା ହୁଏ, ସେଇ ବିଗ୍ରହ ।

(୨) ବ୍ୟଂଜନ ସଂଧି-

ବ୍ୟଂଜନ ବର୍ଣରେ ସ୍ୱର ବା ବ୍ୟଂଜନ ବର୍ଣ ଲାଗିଲେ ଯା ହୁଏ, ସେଇ ବିଗ୍ରହ ।

(୩) ବିସର୍ଗ ସଂଧି-

ବିସର୍ଗ ସଂଗେ ବର୍ଣ ଲାଗିଲେ ଯା ହୁଏ, ସେଇ ବିଗ୍ରହ ।

ଏକ ଶବ୍ଦ ବା ପଦ ମଧ୍ୟରେ ଏଇ ସଂଧି ହୁଏ । ଭିନ୍ନ ଭିନ୍ନ ଶବ୍ଦ ମଧ୍ୟରେ ସଂଧି ହେଲେ ମଧ୍ୟ, ତାହା ଏକ ଶବ୍ଦ ବା ପଦ ହୋଇଯାଏ । ଓଡ଼ିଆରେ 'ଅଣ ଉପକାରୀ', 'ଆଉଜ', 'ତିଆର' ପ୍ରଭୃତି ପରି ଶବ୍ଦମାନଂକରେ ସଂଧି ହୁଏ ନାଇ । **ତତ୍‌ସମ ଓ ତତ୍‌ସମ ପ୍ରଭାବିତ ତଦ୍‌ଭବରେ ସଂଧି ହୁଏ । ଯଥା-କ୍ଷୁଧାର୍ତ, ଅଣାକାର ।** କଂଗ୍ର ଓଡ଼ିଆରେ କହିବାର ଭଂଗିରେ ସଂଧି ହୋଇଯାଏ । ଯଥା-ଏହା-ଇହା-ଇଆ-ୟା । ବଡ଼ଠାକୁରେ-ବଟ୍‌ଠାକୁରେ ଇତ୍ୟାଦି ।

**ତତ୍‌ସମ ଛଡ଼ା ଅନ୍ୟତ୍ର ଓଡ଼ିଆରେ ବିସର୍ଗର ପ୍ରୟୋଗ ପ୍ରାୟ ନାଇ । ତେଣୁ ବିସର୍ଗ ସଂଧି ମଧ୍ୟ ନାଇ ।**

**ସମାନ ସ୍ୱରର ସଂଧି :**

ଏକା ସ୍ୱରବର୍ଣ ପରେ ପରେ ରହିଲେ **ଦୁହେଁ ମିଳି ଦୀର୍ଘ** ହୁଅଂତି ।

ଅ+ଅ, ଆ+ଅ, ଅ+ଆ, ଆ+ଆ=ଆ

ଇ+ଇ, ଈ+ଇ, ଇ+ଈ, ଈ+ଈ=ଈ

ଉ+ଉ, ଊ+ଉ, ଉ+ଊ, ଊ+ଊ=ଊ

ଯଥା- ନୀଳ+ଅମ୍ବର=ନୀଳାମ୍ବର
ବିଦ୍ୟା+ଆଳୟ=ବିଦ୍ୟାଳୟ
ଭୟ+ଆବହ=ଭୟାବହ
ଅଣ+ଆକାର=ଅଣାକାର
ଅତି+ଇଛା=ଅତୀଛା
ଗତି+ଈଶ୍ୱର=ଗତୀଶ୍ୱର
ମଧୁ+ଉତ୍ସବ=ମଧୂତ୍ସବ
ବହୁ+ଊର୍ଦ୍ଧ୍ୱ=ବହୂର୍ଦ୍ଧ୍ୱ

Digitized by PPRACHIN, SOA

ଖାଂଟି ଓଡ଼ିଆରେ କେତେକ କ୍ଷେତ୍ରରେ ଅ+ଅ='ଅ' ହୁଏ 'ଆ' ହୁଏ ନାହିଁ ।

ଯଥା- ନ+ଅଷ୍ଟ =ନଅଷ୍ଟ
ଆଠ+ଅଣି=ଆଠଣି
ଅଣ+ଅସର(ଅବସର)=ଅଣସର ।

'ଅ' ସମସ୍ୱର ଓ 'ଅ' ଭିନ୍ନସ୍ୱରର ସଂଧି

'ଅ' ସମସ୍ୱର ପରେ-

'ଇ' ସ୍ୱର ଥିଲେ, ଦୁହେଁ ମିଶି 'ଏ' ହୁଏ ।
'ଉ' ସ୍ୱର ଥିଲେ, ଦୁହେଁ ମିଶି 'ଓ' ହୁଏ ।
'ର' ସ୍ୱର ଥିଲେ, ଦୁହେଁ ମିଶି 'ଅର୍' ହୁଏ ।
'ଏ' ବା 'ଐ' ଥିଲେ, ଦୁହେଁ ମିଶି 'ଐ' ହୁଏ ।
'ଓ' ବା 'ଔ' ଥିଲେ, ଦୁହେଁ ମିଶି 'ଔ' ହୁଏ ।

ଯଥା- ସୁର+ଇଂଦ୍ର=ସୁରେଂଦ୍ର
ମହା+ଈଶ=ମହେଶ
ହିତ+ଉପଦେଶ=ହିତୋପଦେଶ
ମହା+ଊର୍ମି=ମହୋର୍ମି
ଦେବ+ଋଷି=ଦେବର୍ଷି
ମହା+ଋଷି=ମହର୍ଷି
ଜନ+ଏକ=ଜନୈକ
ମହା+ଐରାବତ=ମହୈରାବତ
ଚିତ୍ତ+ଔତ୍ସୁକ୍ୟ=ଚିତ୍ତୌତ୍ସୁକ୍ୟ
ମହା+ଔଷଧି=ମହୌଷଧି

ଖାଂଟି ଓଡ଼ିଆରେ କେତେକ ସ୍ଥଳରେ ଏପରି ସଂଧି ହୁଏ ନାହିଁ । ଯଥା- ମହାଉତ୍ପାତ, ଅଣଉପକାରୀ, ଶୁଭଇଚ୍ଛା, 'ଅ' ପରେ 'ଏକ' ଶବ୍ଦର 'ଏ' ଥିଲେ 'ଅ' ବା 'ଏ' ଗୋଟିଏ ରହେ, ଆରଟି ଲୁଚିଯାଏ ।

ଯଥା- ଆର+ଏକ=ଆରେକ, ଆରକ
ଜଣ+ଏକ=ଜଣେକ, ଜଣକ
ଦିନ+ଏକ=ଦିନେକ, ଦିନକ
ଅଳ୍ପ+ଏକ=ଅଳ୍ପକ
ସ୍ୱଳ୍ପ+ଏକ=ସ୍ୱଳ୍ପକ

Digitized by PPRACHIN, SOA

'ସେ ଅଲ୍ପକ ଲୋକ', 'ଅଲ୍ପକ ସଲ୍ପକ ଲୋକ'।

ମୁହୂର୍ତ୍ତ+ଏକ=ମୁହୂର୍ତ୍ତୈକ, ମୁହୂର୍ତ୍ତକ।

**'ଆ' ପରେ ଏଇ 'ଏ' ଲୋପ ହୁଏ।** ଯଥା–ବୁହାକ, ତୁହାକ, ଅଣାକ, ଛେଗୁକ।

[**ଦ୍ରଷ୍ଟବ୍ୟ :** ଏଇ 'କ' ଏବେ ବିଭକ୍ତି ପରି ହୋଇଗଲାଣି।]

**'ଅ' ଭିନ୍ନ ସ୍ୱରର 'ଅ' ସମସ୍ୱର ସଂଗେ ସଂଧି**

ଭିନ୍ନସ୍ୱର ପରେ 'ଅ' ସମସ୍ୱର ଥିଲେ–

'ଇ' ସ୍ୱରଠାରେ – 'ୟ୍'
'ଉ' ସ୍ୱରଠାରେ – 'ବ୍' (ଅବର୍ଗୀୟ)
'ର' ସ୍ୱରଠାରେ – 'ର୍'
'ଏ' ସ୍ୱରଠାରେ – 'ଅୟ୍'
'ଓ' ସ୍ୱରଠାରେ – 'ଅବ୍' (ଅବର୍ଗୀୟ 'ବ୍')
'ଐ' ସ୍ୱରଠାରେ – 'ଆୟ୍'
'ଔ' ସ୍ୱରଠାରେ – 'ଆବ୍' (ଅବର୍ଗୀୟ 'ବ୍') ହୁଏ।

ଯଥା– ଯଦି+ଅପି=ଯଦ୍ୟପି
ପରି+ଆଲୋଚନା=ପର୍ଯ୍ୟାଲୋଚନା
ଗୁରୁ+ଆଜ୍ଞା=ଗୁର୍ବାଜ୍ଞା
ପିତୃ+ଅର୍ଥ=ପିତ୍ରର୍ଥ
ନେ+ଅନ=ନୟନ
ନୈ+ଅକ=ନାୟକ
ଭୋ+ଅନ=ଭବନ
ପୌ+ଅକ=ପାବକ

**'ଯ୍' (ୟ୍)ର ସ୍ୱରତ୍ୱ ଏଥିରେ ବେଳେବେଳେ ଦେଖାଯାଏ।**

ଯଥା– ଗୋ+ଯ=ଗବ୍ୟ
ନୌ+ଯ=ନାବ୍ୟ

**ଖାଂଟି ଓଡ଼ିଆରେ ସ୍ୱର ସଂଧି**

ଏଇସବୁ ସଂଧି ସାଧାରଣତଃ **ପ୍ରତ୍ୟୟରେ ଥିବା ସ୍ୱର ସହିତ ଧାତୁରେ ଥିବା ସ୍ୱରର ହୁଏ।** ଅନ୍ୟତ୍ର କ୍ୱଚିତ୍ ହୁଏ। ଯେଉଁ ପଦରେ ଏପରି ସଂଧି ହୁଏ, ସେଥିରେ ପୁଣି ଢୋର୍ ପଡୁଥିବା ଅକ୍ଷର ଅନୁସାରେ ଏ ସଂଧି ହୁଏ ବା ନ ହୁଏ।

Digitized by PPRACHIN, SOA

ମୌଳିକ ଧାତୁରୁ ପ୍ରୟୋଜକ ଓ ନାମ ଧାତୁ ପ୍ରଭୃତି ତିଆରି କରିବା ପ୍ରକରଣ ଆଲୋଚନା କରିସାରି, ଏଇ ପ୍ରକାର ସଂଧିର ଆଲୋଚନା କଲେ ସୁବିଧା ହେବ । ତେଣୁ ସେ ସବୁ ପ୍ରକରଣ ଆଗେ ପଢ଼ି ତା'ପରେ ଏହାକୁ ପଢ଼ାଇଯାଇପାରେ ।

ପୁଣି ଏଠାରେ ଏଇସବୁ ସ୍ୱର ପରିଣାମର କେତେକ ଅତି ସ୍ଥୂଳ କଥା ଉଦାହରଣରେ ମାତ୍ର କୁହାଯିବ । ପ୍ରତ୍ୟୟାଦିର ବିଗ୍ରହ ସ୍ଥାନରେ ଆବଶ୍ୟକ ଅନୁସାରେ ଅନ୍ୟାନ୍ୟ କଥା ସବୁ ଦେଖାଇ ଦିଆହେବ ।

**'ଇ'ଠାରେ 'ୟ'**–

ୟା, ହ୍ୟା (ହେଆ, ଏହା; ଏଆ, ଇଆ, ହିଆ)

ୟାଡ଼ (ଏଆଡ଼–ଇ+ଆଡ଼)–ଏଠାରେ ଦୁଇ ଶବ୍ଦ ସଂଧିରେ ଏକ ହେଲା ।

ଏଠାରେ 'ଏହା' ଶବ୍ଦର 'ହା' ଉପରେ ଜୋର ପଡୁଥିବାରୁ 'ଏ' ଲଘୁ (ଗୁଣ ଫେର୍) ହୋଇ 'ଇ' ହୋଇଗଲା । ପ୍ରତ୍ୟୟର 'ଅ' ବର୍ଣ୍ଣ ପରେ ଥିଲେ 'ଏ', 'ଇ' ହୁଏ । ସେଇ 'ଇ'ର ମଧ୍ୟ ଉଚ୍ଚାରଣ ଅତି ହ୍ରସ୍ୱ ହୋଇ ପର 'ଆ' ସଂଗେ ସଂଧିରେ ମିଳିଗଲା ।

ସେଇପରି–

ଦ୍ୟା ('ଦିଆ') – ଦ୍ୟା ହେଲା ।

ଦ୍ୟଂତୁ (ଦିଅଂତୁ); ମାୟା (ମାଇଆ) ।

'ଉ'ଠାରେ 'ବ୍' (ଅବର୍ଣ୍ଣ୍ୟ)

ଭାତ ଖ୍ୱାଇଲା (ଖୁଆଇଲା)

ପିଠା ପ୍ୱାଇଲା (ପୁଆଇଲା)

ଧାନ ର୍ୱାଇଲା (ରୁଆଇଲା) ଇତ୍ୟାଦି ।

'ର୍ବାଇଲା' ନ ଲେଖି 'ର୍ୱାଇଲା' ଲେଖିଲେ ଅବର୍ଗୀୟ 'ବ୍' ସ୍ପଷ୍ଟ ହେବ । ବାକ୍ୟର ଜୋର୍ ଏଥିରେ ମିଶିଲେ ଏହା ଅତି ସ୍ପଷ୍ଟ ହୁଏ । ଯଥା–

'ଦ୍ୟାଇ ହେଲା ନାଇ କି ରଖେଇ ହେଲା ନାଇ' ।

ଏଠାରେ 'ଦ୍ୟାଇ'ର 'ଇ' ଉପରେ ଜୋର୍ ସ୍ପଷ୍ଟ । ବରଂ ଏହା ସଂଗେ ନିଶ୍ଚୟାର୍ଥକ ଅବ୍ୟୟ 'ଇ' (ହି) ଥିବା ସଂଭବ । ତେଣୁ ଏଠାରେ 'ଦିଆଇ' ଏକାବେଳକେ 'ଦ୍ୟାଇ' ହୋଇଯାଇଚି । ସେଇପରି–

ତାକୁ କ'ଣ **'କ୍ୱାହି'** ହବ ?

ତାକୁ ଏହା **'ସ୍ୱାହିଲା'** ।

ଦୁଧ **ପ୍ୟାଇ ପ୍ୟାଇ** ଥକିଗଲି ।

Digitized by PPRACHIN, SOA

**ଅ+ଉ=ଓ**

ଓଲଗ୍ (ଅବଲଗ୍-ଅଉଲଗ୍)
ଓହଲ୍ (ଅବହଲ୍-ଅଉହଳ୍)

**ଅ+ଉ='ଉ'** ମଧ୍ୟ ହୁଏ

ଉଲାଗ୍ (ଅବଲଗା, ଅବ୍‌ଲଗ୍, ଅଉଲାଗ୍)

ଯଥା- ବେଶ ଉଲାଗି ହେଲାଣି, 'ଉତ୍-ଲାଗ'ରୁ ମଧ୍ୟ ଏହା ହୋଇପାରେ ।

**ଅ+ଇ=ଏ**

କରେ (କରଇ), ଖାଏ (ଖାଅଇ) ଇତ୍ୟାଦି ।
'ଇ' ମଧ୍ୟ ହୁଏ - ଅଛି (ଅଛଇ)

**ଆ+ଇ=ଏଇ**

| | |
|---|---|
| ଖଟେଇ (ଖଟାଇ), | ମିଠେଇ (ମିଠାଇ) |
| ଦଦେଇ (ଦଦାଇ), | କକେଇ (କକାଇ) |
| ନିମେଇ (ନିମାଇ), | ସୁରେଇ (ସୁରାଇ) |
| କୁଂଢ଼େଇ (କୁଂଢ଼ାଇ), | କରେଇ (କରାଇ) |
| ଧରେଇଲା (ଧରାଇଲା), | ପକେଇଲା (ପକାଇଲା) |

**ଆ+ଉ=ଓଉ**

| | |
|---|---|
| କଠୋଉ (କଠାଉ), | ପଳୋଉଚି (ପଳାଉଚି) |
| ଗୋଡ଼ୋଉଚି (ଗୋଡ଼ାଉଚି), | ପିଠୋଉ (ପିଠାଉ) |
| ଚିଟୋଉ (ଚିଟାଉ), | ବଥୋଉଚି (ବଥାଉଚି) |

ଏ ସବୁଥିରେ ଶବ୍ଦର 'ଆ' ଉପରେ ଜୋର୍ ପଡ଼ିବାରୁ ସେଇ 'ଆ' ପାଖ 'ଉ'କୁ ନିଜ ଆଡ଼କୁ ଘୋସାରି ନେଇ ସେଥିରୁ କିଛି ନିଜେ ଆତ୍ମସାତ୍ କରୁଚି । ମାତ୍ର **ଓଡ଼ିଆରେ ପ୍ରଥମ ଅକ୍ଷରରେ ପ୍ରାୟ ଜୋର୍ ପଡ଼େ ନାଇ ।** ସେଥିପାଇଁ 'ଆ' ବା ବ୍ୟଂଜନଯୁକ୍ତ 'ଆ' ଶବ୍ଦର ପ୍ରଥମ ଅକ୍ଷର ହେଲେ ଏ ସଂଧି ହୁଏ ନାଇ । ଯଥା- **ଆଇ, ଆଇଁସ, ଖାଇଲା, ଆଉ, ଆଉଁସା, ଖାଉଚି** ଇତ୍ୟାଦି । ମାତ୍ର 'ବାହୁଚି'- 'ବୋହୁଚି' ହୁଏ ।

**'ବ୍' (ଓ ବା ଉଅ) ଠାରେ 'ଓ'; 'ୟ୍' (ଇଅ)ଠାରେ 'ଏ'**

ଜୋର୍ ନ ପଡ଼ିବା ଅକ୍ଷରରେ 'ବ୍' (ଉଅ) ଥିଲେ 'ଓ'; ପୁଣି 'ୟ୍' (ଇଅ) ଥିଲେ 'ଏ' ହୋଇଯାଏ । ଏପରି ପରିବର୍ତ୍ତନରେ ଅର୍ଥର ଅସୁବିଧା ହେଲେ ହୁଏ ନାଇ । ଏଇ 'ଏ', 'ଓ' କେବେକେବେ ଅନୁନାସିକ ହୁଏ । ଯଥା-

Digitized by PPRACHIN, SOA

ପ୍ୟାଉଚି-ପେଉଁଚି । ମାତ୍ର
ପ୍ୟାଇଲା-ପେଇଲା (ପେଇଁଲା ନୁହେଁ)
ଖ୍ୱାଉଚି-ଖୋଉଁଚି, ଖୋଉଚି । ମାତ୍ର
ଖ୍ୱାଇଲା-ଖୋଇଲା (ଖୋଇଁଲା ନୁହେ)
ଢ୍ୱାଉଁଚି-ଢୋଉଁଚି (ଆଗ୍ସର କରିବା ପାଇଁ ଆମ୍ବ ପ୍ରଭୃତିକୁ ଲୁଣ ପାଣିରେ ପକାଉଚି)

ଅର୍ଥର ଅସୁବିଧା ହେତୁରୁ **ଥ୍ୱୋଉଚି, ଥୋଉଚି; ଦ୍ୟୋଉଚି, ଦେଉଚି** ପ୍ରଭୃତି ହୁଏ ନାଇ ।

ଶବ୍ଦର ଆଦ୍ୟ ଅକ୍ଷରରେ 'ଏ' କାର ଥାଇ ପରେ 'ଉ' ବା 'ବ' ଥିଲେ ଓ **ଆଦ୍ୟ ଅକ୍ଷରରେ ଢୋର୍ ନଥିଲେ 'ଏ'ଠାରେ 'ଅ' ହୁଏ ।** କ୍ରିୟାରେ ଏହା ବିଶେଷ ପ୍ରକାଶ ପାଏ । ଯଥା-

ଦେଉ-ଦଉ, ଦେଉଚି-ଦଉଚି
ଦେବ-ଦବ, ଦେବାର-ଦବାର ।
ନେଉଚି-ନବ, ହେଉଚି-ହବ

ଅନ୍ୟତ୍ର - ଦେଉଳ-ଦଉଳ, ସେଉଳ-ସଉଳ (ସଉଳ ମାଛ),
କେଉଣସି-କଉଣସି ଇତ୍ୟାଦି ।

ସେଇପରି **ଢୋର୍ ନଥିବା 'ଅ' ପରେ ଲାଗିଥିବା 'ଇ' ବା 'ଉ' ସଂଗେ 'ଇ' ବା 'ଉ' ହୁଏ ।** ଯଥା-

**କଉଣସି-କୁଉଣିସି, କୁଣିସି,** ତୁମକୁ-ତମୁକୁ;
ପୁଣି କେଉଁମତି-କିମିତି, ଯେଉଁମତି-ଯମତି

ଏଇପରି ଅନେକ ସ୍ୱର ସଂଧି ନିୟମ ବାହାରିପାରେ । ଯଥା- **ଅସମାପିକା କ୍ରିୟାର 'ଇ' ପରେ 'କରି' ଲାଗିଲେ 'କରି'ରେ ଥିବା 'କ'ର 'ଅ' ଲୋପ ହୋଇ ତା' ସ୍ଥାନରେ 'ଇ' ହୁଏ ।** ଯଥା-

ଯାଇକରି-ଯାଇକିର, ଦେଇକର-ଦେଇକିରି
ଯାଇକରି-ଯାଇକ୍‌ରି, ଯାଇକ୍ରୀ, ଦେଇକରି-ଦେଇକ୍‌ରି, ଦେଇକ୍ରୀ ମଧ୍ୟ ହୁଏ । ପୁଣି **'ଇ' ପରେ ବିଭକ୍ତି 'କୁ'ର 'ଉ'-'ଇ' ହୁଏ ।** ଯଥା- ହରିକୁ-ହରକ । ମାତ୍ର ଏସବୁ ସୂକ୍ଷ୍ମ ବିଗ୍ସର ପାଇଁ ଏଠାରେ ସ୍ଥାନ ନୁହେ । ବ୍ୟବହାରରେ ଏସବୁ ଦେଖି ନେବାକୁ ହେବ ।

Digitized by PPRACHIN, SOA

## ପ୍ରତ୍ୟୟରେ ସଂଧି :

ପ୍ରତ୍ୟୟର 'ଅ' ବର୍ଣ୍ଣ (ଅ, ଆ) ପରେ ଥିଲେ ଧାତୁର 'ଏ', 'ଓ' ଦୁହିଁଙ୍କର **ଗୁଣଫେର୍ ହୁଏ ।** ଯଥା-

ଦେ+ଅଂତି=ଦିଅଂତି

ଥୋ+ଅଂତି=ଥୁଅଂତି

ଦେ+ଆ=ଦିଆ

ଥୋ+ଆ=ଥୁଆ

ଏହା=ଇଆ; ଏ+ଆଡ଼େ=ଇଆଡ଼େ; ସେ+ଆଡ଼େ=ସିଆଡ଼େ; କୋ+ଆଡ଼େ=କୁଆଡ଼େ; ଯୋ+ଆଡ଼େ=ଯୁଆଡ଼େ - ଏସବୁଠାରେ 'ଆଡ଼' ଶବ୍ଦଟି ପ୍ରତ୍ୟୟ ପରି ହୋଇଯାଇଚି ।

(ନିପାତନ- ଖା+ଆ=ଖିଆ, ଥା+ଆ=ଠିଆ)

ବାହା+ଅଂତି=ବାହଂତି

ବାହା+ଏ=ବୁହେ

ଅନ୍ୟତ୍ର ମଧ୍ୟ 'ଅ' ବର୍ଣ୍ଣ ('ଅ' ଓ 'ଆ') ପୂର୍ବେ 'ଏ', 'ଓ' ପ୍ରାୟ ଦେଖାଯାଏନାଇ । ଯଥା- ଦିଅର, ଦିଆଳୀ (ଦୀପାବଳୀ), ପୁଅ, ପୁଆଡି, ପୁଆଣି, ଗୁଆ (ଗୁବାକ), କୁଆ, ନୁଆ, ଭୁଆ ଇତ୍ୟାଦି । **ପ୍ରତ୍ୟୟର 'ଆ' ପରେ ଥିଲେ ଧାତୁର ଅ-ବର୍ଣ୍ଣଠାରେ ଉ ହୋଇଯାଏ ।** ମଝିରେ 'ହ' ଥିଲେ ବି ଏପରି ହୁଏ । ଯଥା-

କହ୍+ଆ=କୁହା, କୁହାଳି

ନଅଁ+ଆ=ନୁଆଁ, ନୁଆଣ୍ (ଧାତୁର ଅଂତ୍ୟ 'ଅ' ଲୋପ)

ଗୃହାଁ+ଆ=ଚୁହାଁ, (ଧାତୁର ଅଂତ୍ୟ 'ଆ' ଲୋପ)

ପା+ଆ=ପୁଆ

କହ୍+ଆ=କୁହା

ପାହା+ଆ=ପୁହା

ଏସବୁ ନିତ୍ୟରେ ହୁଏ । 'କହାଯାଏ' ପ୍ରଭୃତି ଓଡ଼ିଆରେ ଅଶୁଦ୍ଧ ।

[ନିପାତନ- 'ଗାଇଆ', 'ଗାୟା' ହୋଇ 'ଗୁଆ' ହୁଏ । ଏଠାରେ 'ୟ୍' ମଧ୍ୟ 'ହ' ପରି ସ୍ୱରତ୍ୱ ପାଏ । ମାତ୍ର 'ମାଇଆ'-'ମାୟା' ହୁଏ, 'ମୁଆ' ହୁଏ ନାଇ । 'ଗୁଇଁଆ-'ଗୁୟାଁ' ହୁଏ, 'ଚୁଆଁ' ହୁଏ ନାଇ । 'କାଇଆ' (କାଇ ପରି ବର୍ଣ୍ଣ, କଷାୟ) 'କାୟା' ହୁଏ 'କୁଆ' ହୁଏ ନାହିଁ ।]

Digitized by PPRACHIN, SOA

'ଗୃହାଁ' (ଦେଖ୍), ବାହା (ବୁହ), ପାଆ – ଏମାନେ ଆ-କାରାଂତ ଧାତୁ । ଏଥିରୁ ପ୍ରୟୋଜକରେ 'ଆ' ପ୍ରତ୍ୟୟ ହୋଇ ଚୁହାଁ, ବୁହା, ପୁଆ ହୁଏ । ତେଣୁ ଗୃହାଣି, ବାହାଣିଆ (ଯେ ମାଛ ବୁହେ), ପାଆଣିଆ (୧-ଯେଉଁଠାକୁ ହାତ ପାଏ, ୨-କ୍ରମନିମ୍ନ) ପ୍ରଭୃତି ହୁଏ । ଏଠାରେ 'ଇ' ଓ 'ଇୟା' ପ୍ରତ୍ୟୟରେ 'ଣ୍' ଆଗମ । ପାହାଂତି-ପାହାଂତିଆ-ପାହାଂତା ('ପାଆ' ଧାତୁରୁ 'ଅଂତି' ପ୍ରଭୃତି ପ୍ରତ୍ୟୟ । ଚଳଂତି, ଗ୍ଲଂତା ପରି) । ପୁଣି-

ପାହାର+ଆଣି=ପାହୁରାଣି, ମାତ୍ର
ମାହାର+ଅଣି=ମାହାରାଣି (ମେହେଂତରାଣି)

ପ୍ରତ୍ୟୟର 'ଆ' ପରେ ଥିଲେ ଧାତୁର ଉପଧାର 'ଆ' ହ୍ରସ୍ୱ ହୁଏ । ଯଥା-

କାଟ୍-କଟା, କଟାଳି
କାଂଡ୍-କଂଡ଼ା
ମାଡ୍-ମଡ଼ା ଇତ୍ୟାଦି ।

ସାଧାରଣତଃ ଧାତୁର ଅଂତ୍ୟ 'ଅ' ବର୍ଣ୍ଣ ଓ ପ୍ରତ୍ୟୟର 'ଅ' ବର୍ଣ୍ଣ ମିଶି ଦୀର୍ଘ (ଆ) ହୁଏ । କେବଳ ମାତ୍ର 'ଅ' ବିଭକ୍ତି ହେଲେ ସଂଧି ହୁଏ ନାଇ । ଯଥା-

ପକ+ଅଂତୁ=ପକାଂତୁ
ଖାଅ+ଅଂତୁ=ଖାଆଂତୁ
ମାତ୍ର ଖା+ଅ=ଖାଅ ଇତ୍ୟାଦି

ଏସବୁ ଧାତୁ ପ୍ରତ୍ୟୟର ଉଦାହରଣ 'ଶବ୍ଦ ବିଗ୍ରହ'ର ଧାତୁ ତିଆରି ଓ ତତ୍‌ପରବର୍ତ୍ତୀ ପ୍ରକରଣମାନଂକରେ ବିଶେଷ ମିଳିବ ।

**ସଂଧି ଉପରେ ସଂଧି :**

ଓଡ଼ିଆରେ ସଂଧି ଉପରେ ସଂଧି ହୁଏ । ଏହା ବାରଂବାର ମଧ୍ୟ ହୁଏ । ଯଥା-

ପି+ଆ+ଇବା=ପିଆଇବା, ପ୍ୟାଇବା, ପେଇବା;
ଦେ+ଆ+ଉଚି=ଦିଆଉଚି, ଦ୍ୟାଉଚି, ଦ୍ୟେଉଚି, ଦେଉଚି;
ଦେ+ଆ+ଇଲା=ଦିଆଇଲା, ଦ୍ୟାଇଲା, ଦ୍ୟେଇଲା;
ଖା+ଆ+ଇବା=ଖୁଆଇବା, ଖ୍ୱାଇବା, ଖ୍ୱେଇବା, ଖୋଇବା;
ଥୋ+ଆ+ଉଚି=ଥୁଆଉଚି, ଥ୍ୱାଉଚି, ଥ୍ୱୋଉଚି (ଥ୍ୱୋଉଁଚି);
କହ୍+ଆ+ଉଚି=କୁହାଉଚି, କ୍ୱାହୁଚି, କ୍ୱୋହୁଚି, କୋହୁଁଚି, କୋହୁଚି;

Digitized by PPRACHIN, SOA

ରୋ+ଆ+ଇବା=ରୁଆଇବା, ର୍‌ୱାଇବା, ର୍‌ୱେଇବା, ରୋଇବା;

ଏ-ଆଡ଼େ, ଇ-ଆଡ଼େ, ୟାଡ଼େ । (ୟେଁଡ଼େ) ଏଣେ;

ସେ-ଆଡ଼େ, ସିଆଡ଼େ, ସ୍ୟାଡ଼େ (ସେଁତେ) ତେଣେ;

କୋ-ଆଡ଼େ, କୁଆଡ଼େ, କ୍ୱାଡ଼େ, (କ୍ୱେଁତେ), କ୍ୱେଣେ

[**ଦ୍ରଷ୍ଟବ୍ୟ :** ପରେ 'ଡ଼େ'ରେ 'ଏ' ଥିବାରୁ 'କ୍ୱା', 'ସ୍ୟା' ପ୍ରଭୃତିର 'ଆ'-'ଏ' ହୋଇଗଲା, ଅନ୍ୟଥା କୁଆଡ଼କୁ, କୁଆଡ଼ିକି ଇତ୍ୟାଦ]

ବଢ଼େଇ-ଉଣି=ବଢ଼େୟୁଣି, ବଢ଼େଉଣି, ବଢ଼ୟୁଣି, ବଢ଼ଉଣି, ବଢ଼ୋଣି ପ୍ରଭୃତି ପରି ଅନେକ ଶବ୍ଦ ଅର୍ଧସ୍ୱର ଘେନି ମଧ୍ୟ ବାରଂବାର ସ୍ୱର ସଂଧି ଉପରେ ସ୍ୱର ସଂଧି ହୋଇ ତିଆରି ହୋଇଥିବାର ଅନୁସଂଧାନ କରାଯାଇପାରେ ।

**ବ୍ୟଂଜନ ସଂଧି :**

'ତ୍' ବା 'ଦ୍' ସ୍ଥାନରେ :

'ଚ୍' ବା 'ଛ୍' ପରେ ଥିଲେ 'ଚ୍' ହୁଏ ।
'ଜ୍' ବା 'ଝ୍' ପରେ ଥିଲେ 'ଜ୍' ହୁଏ ।
'ଟ୍' ବା 'ଠ୍' ପରେ ଥିଲେ 'ଟ୍' ହୁଏ ।
'ଡ୍' ବା 'ଢ୍' ପରେ ଥିଲେ 'ଡ୍' ହୁଏ ।

ଯଥା- ଉତ୍+ଚ୍ରରଣ=ଉଚ୍ଚାରଣ

ଉତ୍+ଛେଦ=ଉଚ୍ଛେଦ

ଉତ୍+ଜ୍ୱଳ=ଉଜ୍ଜ୍ୱଳ

ଉତ୍+ଟଂକନ=ଉଟ୍ଟଂକନ

ଉତ୍+ଡୀନ=ଉଡ୍ଡୀନ

ବୃହତ୍+ଠକ=ବୃହଟ୍‌ଠକ

ବୃହତ୍+ଠାକୁର=ବୃହଟ୍‌ଠାକୁର

ବିପଦ୍+ଜୟ=ବିପଜ୍ଜୟ ଇତ୍ୟାଦି ।

'ଚ୍' ବା 'ଜ୍' ପରେ **'ନ୍'-'ଞ୍' ହୁଏ** । ଯଥା-

ଯାଚ୍+ନା=ଯାଚ୍‌ଞା

ଯଜ୍+ନ=ଯଜ୍ଞ

'ତ୍' ବା 'ଦ୍' ପରେ 'ହ୍' ଥିଲେ **ଦୁହେଁ ମିଶି 'ଦ୍ଧ୍' (ଦ୍‌ଧ୍) ହୁଅଂତି** । ଯଥା-

Digitized by PPRACHIN, SOA

ଉଦ୍+ହୃତ=ଉଦ୍ଧୃତ

ତଦ୍+ହିତ=ତଦ୍ଧିତ

କ୍, ଖ୍, ପ୍, ଫ୍, ସ୍ ପରେ ଥିଲେ ଶବ୍ଦ ଶେଷର 'ଦ୍'-'ତ୍' ହୋଇଯାଏ । ଯଥା-

ତଦ୍+କାଳ=ତତ୍କାଳ

ବିପଦ୍+ଖଣି=ବିପତ୍ଖଣି

ତଦ୍+ପର=ତତ୍ପର

ସଦ୍+ସାହସ=ସତ୍ସାହସ

'ତ୍' ବା 'ଦ୍' ପରେ 'ଶ୍' ଥିଲେ ଦୁହେଁ ମିଶି 'ଚ୍ଛ' ହୁଅଂତି । ଯଥା-

ଉତ୍+ଶୃଂଖଳ=ଉଚ୍ଛୃଂଖଳ

'ଷ୍' ପରେ 'ତ୍'-'ଟ୍' ହୁଏ ଓ 'ଥ୍'-'ଠ୍' ହୁଏ । ଯଥା

ପ୍ରବିଷ୍+ତ=ପ୍ରବିଷ୍ଟ

ଷଷ୍+ଥ=ଷଷ୍ଠ

ଯେଉଁ ବର୍ଗର ବର୍ଣ୍ଣ ପରେ ଥାଏ, 'ମ୍' ଠାରେ ସେଇ ବର୍ଗର ପଂଚମ ବର୍ଣ୍ଣ ହୁଏ । ସେଇ ପଂଚମ ବର୍ଣ୍ଣ ମଧ୍ୟ ଲେଖାରେ ସର୍ବତ୍ର ଅନୁସ୍ୱାରରେ ପ୍ରକାଶ କରାଯାଏ । ଯଥା-

ସମ୍+କର=ସଂକର (ସଙ୍କର)

ସମ୍+ଖ୍ୟା=ସଂଖ୍ୟା (ସଙ୍ଖ୍ୟା)

ସେଇପରି ସଂଜ୍ଞାତ, ସଂଦେହ, ସଂପୂର୍ଣ୍ଣ, ସଂଚୟ, ସଂଜୟ ଇତ୍ୟାଦି । ଅନ୍ୟତ୍ର ଏଇ 'ମ୍' ଅନୁସ୍ୱାରରେ ପ୍ରକାଶ କରାଯାଏ । ଯଥା- ସଂଶୟ, ସଂସାର, ସଂହାର ।

'ଲ୍' ପରେ ଥିଲେ 'ତ୍' ବା 'ଦ୍' ଠାରେ 'ଲ୍' ହୁଏ । ଯଥା-

ତଡ଼ିତ୍+ଲତା=ତଡ଼ିଲ୍ଲତା

ସ୍ୱରବର୍ଣ୍ଣ, ବର୍ଗର ତୃତୀୟ ଚତୁର୍ଥ ବର୍ଣ୍ଣ, ଯ୍, ର୍, ଳ୍, ବ୍, ହ୍ ପରେ ଥିଲେ ବର୍ଗର ପ୍ରଥମ ବର୍ଣ୍ଣ ଠାରେ ସେଇ ବର୍ଗର ତୃତୀୟ ବର୍ଣ୍ଣ ହୁଏ । ଯଥା-

ଦିକ୍+ଅଂତ=ଦିଗଂତ

ଦିକ୍+ଗଜ=ଦିଗ୍ଗଜ

ଦିକ୍+ଭାଗ=ଦିଗ୍ଭାଗ

Digitized by PPRACHIN, SOA

ଷଟ୍+ଆନନ=ଷଡ଼ାନନ

ସତ୍+ଉପାୟ=ସଦୁପାୟ

ସତ୍+ଇଚ୍ଛା=ସଦିଚ୍ଛା

'ନ୍' ବା 'ମ୍' ପରେ ଥିଲେ **ବର୍ଗର ପ୍ରଥମ ବର୍ଣ୍ଣ ସ୍ଥାନରେ ସେଇ ବର୍ଗର ପଂଚମ ବର୍ଣ୍ଣ ହୁଏ ।** ଯଥା-

ବାକ୍+ମୟ=ବାଙ୍ମୟ

ଜଗତ୍+ନାଥ=ଜଗନ୍ନାଥ

ବ୍ୟଂଜନ ବର୍ଣ୍ଣ ପରେ ଥିଲେ **'ଦିବ୍' ସ୍ଥାନରେ 'ଦ୍ୟୁ'** ('ବ୍' ସ୍ଥାନରେ 'ଉ' ହୋଇ ପୁଣି ସଂଧି) ହୁଏ । ଯଥା-

ଦିବ୍+ଲୋକ=ଦ୍ୟୁଲୋକ

'ଉତ୍' ପରେ 'ସ୍ଥା' ଓ 'ସ୍ତଂଭ'ରୁ 'ସ୍' ଲୁଚିଯାଏ । ଯଥା-

ଉତ୍+ସ୍ଥାନ=ଉତ୍ଥାନ

ଉତ୍+ସ୍ତଂଭ=ଉତ୍ତଂଭ

କୃ (କର୍) ଧାତୁ ସଂବଂଧୀୟ ପଦ ପରେ ଥିଲେ **'ସମ୍' ଓ 'ପରି' ପରେ 'ସ୍' ଆଗମ ହୁଏ ।** ଯଥା-

ସମ୍+କାର=ସଂସ୍କାର

ପରି+କାର=ପରିଷ୍କାର

ସମ୍+କୃତ=ସଂସ୍କୃତ

ପରି+କୃତ=ପରିଷ୍କୃତ

(ଏଠାରେ 'ସ'-'ଷ' ହୋଇଛି)

**ଖାଂଟି ଓଡ଼ିଆରେ ବ୍ୟଂଜନ ସଂଧି :**

ସଂସ୍କୃତରେ ହୁଏ - କିଂ+ଉକ୍ତଂ=କିମୁକ୍ତଂ, କିଂବୁକ୍ତଂ । ଓଡ଼ିଆରେ ସେଇପରି ସ୍ୱର ପରେ ଥିବା 'ମ୍'ର ପରେ ର୍, ଳ୍, ତ୍ ରହିଲେ କିଂବା ମଝିରେ ଅ, ଉ ପ୍ରଭୃତି ଥାଇ **ର୍, ଳ୍, ତ୍ ରହିଲେ 'ବ୍'ର ଆଗମ ହୁଏ ।** ଅମୃତ (ଅମୂତ)-ଅଂବୃତ; କୋମଳ-କୋଂବଳ-କଂବଳ; ଅମୂତଭଂଡା-ଅଂବୂତ ଭଂଡା ।

"ଆଶ୍ୱାସି କଂବଳେ (କୋଂବଳେ) କହିବ" (ଯୋଗିଗୀତ) । ଯାମଳାର୍ଜୁନ-ଜାଂବଳାର୍ଜୁନ; ଶିରକମଳ-ଶିରକଂବଳ (ସାରଳା ମହାଭାରତରେ ଭୀମ ପୁତ୍ର ବୀରବଳିର 'ଶିରକଂବଳ' ଦେବା କଥା ଦେଖ)

Digitized by PPRACHIN, SOA

କାମୁତ୍‌ରୁ କାଂବୁତ୍; ଆମ୍ରରୁ 'ଆଂବ', ଆଂବୁଲ; ଅମ୍ଳରୁ ଆଂବିଳ୍, ଆଂବିଳା, ଆଂବିଳ; 'ଅମ୍ରାତ'ରୁ 'ଆଂବେଡ଼ା'; 'ନମ୍ର'ରୁ 'ଲଂବ' ପ୍ରଭୃତି ହୁଏ ।

ତତ୍‌ସମ 'ପରି' ଉପସର୍ଗ ପରେ '**ଥୟ**' ରହିଲେ ହୁଏ-**ପରିଛୟ** ('ସ୍'କାର **ଆଗମ**) ।

ପୁଣି 'ଶୁଦ୍ଧ' ଓଡ଼ିଆରେ 'ଶୁଦ୍ଧ୍ୟ', 'ଶୁଧ୍ୟ' ହୁଏ-'ଶୁଧ୍ୟଘର', ଶୁଦ୍ଧ୍ୟଘର ।

'ପ୍ରଣବ' ହୁଏ-ପ୍ରଳଂବ-'ପ୍ରଳଂବ ଅଶୁଦ୍ଧ'; 'ମେଳ'ରୁ 'ମେଂଟ', 'ଘୋଟ୍‌ଘାଟ୍'ର 'ଘାଟ୍'ରୁ 'ଘାଂଟ'; 'ଟେକିଟାକି' (ଟେକ୍‌ଟାକ୍)ର 'ଟାକ୍'ରୁ ଟାଂକ ହୁଏ ।

ପୁଣି 'ମ୍' ଓ 'ହ୍' ପ୍ରଭୃତିର ଅନୁନାସିକ ହୁଏ । ଯଥା- ଆମିଷ-ଆଇଁସ, ମହିଷ-ମଇଁସି, ଗୋସ୍ୱାମୀ-ଗୋସାଁଇ, ନାମ-ନାଆଁ, ଗ୍ରାମ-ଗାଆଁ, ବାମ-ବାଆଁ, ଚ୍ରମର-ଚଅଁର, ଭ୍ରମର-ଭଅଁର, କୋମଳ, କୋହଳ-କଅଁଳ ଇତ୍ୟାଦି ।

ଦୁଇଟି ପଦ ମିଶି ଏକପଦ ନ ହେଲେ ବି, ପୂର୍ବପଦର ବ୍ୟଂଜନାଂତ ଓ 'ଓ'କାରାଂତ ଅକ୍ଷର ପରେ '**କର**' **ଶବ୍ଦର** '**ଅ**', '**ଇ**' **ହୁଏ ବା** '**ଅ**' **ଲୋପ ହୁଏ** । ପୁଣି ପରବର୍ତ୍ତୀ 'ରି'ର 'ର୍'-'ନ୍' **ହୁଏ** । ଯଥା-

ଫଟ୍‌କରି-ଫଟ୍‌କିନି(କ୍ନୀ) ପଡ଼ିଗଲା; ପଟୋକିନି(କ୍ନୀ) ପଡ଼ିଗଲା ।

ଠକ୍‌କରି-ଠକ୍‌କିନି, ଠକୋକିନି, ଠକ୍ନୀ ବାଜିଲା ।

ଠୋକରି-ଠୋକିନି, ଠୋକ୍ନୀ ମୁଂଡ ବାଡ଼େଇଦେଲା ।

ରଟ୍‌କିନି କାମୁଡ଼ି ଦେଲା । ଫଟାଂଗ୍‌କ୍ନୀ ଲେଉଟି ପଡ଼ିଲା ।

ଚର୍‌ରକିନି(କ୍ନୀ) ମୁଡିଦେଲା ।

ଫର୍‌ରକିନି(କ୍ନୀ) ଉଡ଼ିଗଲା ଇତ୍ୟାଦି ।

ମାତ୍ର **ପୂର୍ବ ପଦଟି ଯୋଡ଼ପଦ ହେଲେ ଏହା ହୁଏ ନାଇ** । ଯଥା-ଚର୍‌ଚର୍‌କରି (କିରି ବା କ୍ରୀ) ମୁଡି ଦେଲା । ଭୋ ଭୋ କରି (କିରି ବା କ୍ରୀ) ରଡ଼ି ଛାଡ଼ିଲା । ଏ ସବୁଠାରେ 'କିନି' ବା 'କ୍ନୀ' ହୁଏ ନାଇ ।

**ଅ-ଭିନ୍ନ ବର୍ଣ୍ଣ ପରେ କ୍ରିୟା ବିଭକ୍ତିର ସ୍ୱରଯୁକ୍ତ** '**ଛ୍**', '**ଚ୍**' **ହୁଏ** । ଯଥା- ଅଛ, ଅଛି, ଦେଉଅଛନ୍ତି । ମାତ୍ର, **ଦେଉଚି, ଖାଉଚଂତି, କରୁଚି, ଭାଂଗୁଚି, ବସିଚି** । ପୁଣି ଉଚ୍ଚାରଣ ଭେଦରେ-ଧର୍‌ଚି, ଭାଂଗ୍‌ଚି, ଘୋଟ୍‌ଚି ଇତ୍ୟାଦି ।

**ଏସବୁ ଛଡ଼ା-ପକ୍ (କ୍ଷିପ୍, ଖୃପ୍)-ଫିଂଗ୍, ପତ୍-ପଡ୍; ବହୁତ୍-ଭଉତ; ବୃହତ୍** ବା ପେଦ୍ଧା-ବଡ଼; ଓକଟି-ଗୋଟି; ଝଟତି-ଜଲ୍‌ଦି, ବାଦ୍ୟ-ବାଜା, ଶିଷ୍ୟ-ଗୃଟ; ବେଶ-ଭେସ; ଘଟ୍-ଗଠ; ଉତ୍‌ଥ-ଉଠ; କପିତ୍‌ଥ-କଇଥ, କଇଠ ପ୍ରଭୃତି ଘେନ

Digitized by PPRACHIN, SOA

ବିସ୍ତୀର୍ଣ୍ଣ ବ୍ୟଂଜନ ସଂଧିର ଆଲୋଚନା କରାଯାଇପାରେ । ମାତ୍ର ସ୍ୱରସଂଧି ସଂପର୍କରେ ଯେପରି କୁହାଯାଇଚି ସେଇପରି ଅକ୍ଷରାଦିରେ ଜୋର୍ ଓ ବର୍ଣ୍ଣ ଉଚ୍ଚାରଣର ସୂକ୍ଷ୍ମତାଦି ବିଗ୍ରହରେ ନୂଆ ନିୟମମାନ ବାହାର କରି ଏସବୁର ମୂଲ୍ୟ ଧାର୍ଯ୍ୟ କରିବାର କ୍ଷେତ୍ର ସ୍ୱତନ୍ତ୍ର । ତେଣୁ ଏଠାରେ ତାହା ପରିହାର କରାଗଲା । ବ୍ୟବହାରରେ ସ୍ୱର ପରି ବ୍ୟଂଜନାଦିର ପରିବର୍ତ୍ତନ ସବୁ ଯେଉଁଠାରେ ମିଳିବ, ସେଠାରେ ଦେଖିନେବାକୁ ହେବ । (ଶବ୍ଦ ବିଗ୍ରହ ପ୍ରକରଣରେ ଧାତୁ ଓ ଶବ୍ଦମାନଂକ ତିଆରି ଲକ୍ଷ୍ୟ କର ।)

## ବିସର୍ଗ ସଂଧି :

'ସ୍' ଓ 'ର୍' ରୁ ସଂସ୍କୃତରେ ବିସର୍ଗ ହୁଏ । ତାକୁ ଯଥାକ୍ରମେ **'ସ'-ଜାତ ବିସର୍ଗ** ଓ **'ର'-ଜାତ ବିସର୍ଗ** କହଂତି ।

ସ-ଜାତ=ମନସ୍-ମନଃ, ପୟସ୍-ପୟଃ, ଇତ୍ୟାଦି

ର-ଜାତ=ପ୍ରାତର୍-ପ୍ରାତଃ, ପୁନର୍-ପୁନଃ, ଅନ୍ତର୍-ଅନ୍ତଃ ଇତ୍ୟାଦି ।

ବିସର୍ଗଠାରେ-

ଚ୍, ଛ ପରେ ଥିଲେ-'ଶ୍' ହୁଏ ।
ଟ୍, ଠ୍ ପରେ ଥିଲେ-'ଷ୍' ହୁଏ ।
ତ୍, ଥ୍ ପରେ ଥିଲେ-'ସ୍' ହୁଏ ।

ଯଥା- ନିଃ+ଚୟ=ନିଶ୍ଚୟ
ନିଃ+ଛତ୍ର=ନିଶ୍ଛତ୍ର
ଶିରଃ+ଛେଦ=ଶିରଶ୍ଛେଦ
ଧନୁଃ+ଟଂକାର=ଧନୁଷ୍ଟଂକାର
ମନଃ+ତାପ=ମନସ୍ତାପ

ବିସର୍ଗଠାରେ-

କ୍, ଖ୍, ପ୍, ଫ୍ ପରେ ଥିଲେ 'ସ୍' (ଷ) ହୁଏ ।

ଯଥା- ମନଃ+କାମ=ମନସ୍କାମ
ବାଚଃ+ପତି=ବାଚସ୍ପତି
ନିଃ+ଫଳ=ନିଷ୍ଫଳ

ଅ; ବର୍ଗର ୩ୟ, ୪ର୍ଥ, ୫ମ ବର୍ଣ୍ଣ କିଂବା ଯ୍, ର୍, ଲ୍, ବ୍, ହ୍, ପରେ ଥିଲେ ଅ-ପରସ୍ଥିତ ସ-ଜାତ ବିସର୍ଗ ସେଇ ପୂର୍ବ 'ଅ' ସଂଗେ ମିଶି 'ଓ' ହୁଏ ।

ଯଥା- ମନଃ+ଅଭୀଷ୍ଟ=ମନୋଭିଷ୍ଟ

Digitized by PPRACHIN, SOA

ମନଃ+ଗତ=ମନୋଗତ
ଶିରଃ+ଦେଶ=ଶିରୋଦେଶ

ସେଇପରି ଶିରୋନାମା, ପୟୋଧର, ମନୋରଂଜନ, ଯଶୋଲାଭ, ତପୋବନ, ମନୋହର, ଶିରୋମଣି, ତେଜୋମୟ ଇତ୍ୟାଦି ।

ସ୍ୱରବର୍ଣ; ବର୍ଗର ୩ୟ, ୪ର୍ଥ, ୫ମ ବର୍ଣ କିଂବା ଯ୍, ର୍, ଲ୍, ବ୍, ହ୍ ପରେ ଥିଲେ ଅ, ଆ ଭିନ୍ନ ସବୁ ବିସର୍ଗ-ର୍ ହୁଏ ।

ଯଥା- ନିଃ+ଅଂକୁଶ=ନିରଂକୁଶ

ସେଇପରି ନିରାହାର (ନିଃଆହାର), ନିରାକାର, ବହିରିନ୍ଦ୍ରିୟ, ନିରୀକ୍ଷଣ, ନିରୁକ୍ତି, ବହିର୍ଗତ, ନିର୍ମଳ, ନିର୍ଜନ, ନିର୍ଦ୍ଦେଶ, ନିର୍ଧନ, ପ୍ରାଦୁର୍ଭାବ, ଦୁର୍ନୀତି, ଦୁର୍ଯୋଗ, ନିର୍ଲୋଭ, ଆଶୀର୍ବାଦ, ନିର୍ଭୟ ଇତ୍ୟାଦି ।

'ର୍' ପରେ ଥିଲେ ଏଇ **ବିସର୍ଗ-ଜାତ 'ର୍'ର ଲୋପ ହୁଏ ଓ ତା' ପୂର୍ବସ୍ୱର ଦୀର୍ଘ ହୁଏ ।**

ଯଥା- ନିଃ+ରୋଗ=ନୀରୋଗ; ନୀରବ, ନୀରସ ଇତ୍ୟାଦି ।

'ଅ'-ଭିନ୍ନସ୍ୱର ପରେ ଥିଲେ **'ଅ'ପରସ୍ଥିତ ବିସର୍ଗ ଲୋପ ହୁଏ ।**

ଯଥା- ଅତଃ+ଏବ=ଅତଏବ

ତତ୍ସମରେ 'ନ୍'-'ଣ୍' ହେବାର ପୁଣି 'ସ୍'-'ଷ୍' ହେବାର ନିୟମ ନିର୍ଦ୍ଦେଶ କରିବାର ଯତ୍ନ କରାଯାଉଛି, ମାତ୍ର ତାହା ସର୍ବତ୍ର ଖଟେ ନାଇ ।

### 'ନ୍' ର 'ଣ୍' ('ଣ'ତ୍ୱ ବିଧାନ)

ର, ର୍, ଷ୍, ପରେ ନ୍, ଣ୍ ହୁଏ । ମଝିରେ ସ୍ୱରବର୍ଣ, 'କ' ବର୍ଗ, 'ପ' ବର୍ଗ, 'ଯ', ବ୍, ହ୍ ମଧ୍ୟରୁ ଗୋଟିଏ କିଂବା ଏକାଧିକ ବର୍ଣ ଥିଲେ ମଧ୍ୟ ହୁଏ । ଯଥା- ଘୃଣା, ଚୂର୍ଣ, ନିର୍ଣୟ, ବିଷ୍ଣୁ, କରଣ, ଭରଣ, ପ୍ରଣାମ, ପ୍ରଣାଳୀ, ପରିମାଣ, ତର୍କଣା, ଗର୍ଭିଣୀ, ଗ୍ରହଣ, ମ୍ରିୟମାଣ, ପରିଣାମ, ଅପରାହ୍ଣ ଇତ୍ୟାଦି ।

ଅନ୍ୟତ୍ର ବେନିୟମ, ଯଥା-କାନ, କିଂତୁ, କାଣ (କଣା); ଗାନ, କିଂତୁ ଗଣ, ଗୁଣ; ପାନ, କିଂତୁ ପଣ; ଆପଣ, ପୁଣ୍ୟ; ଫେନ, କିଂତୁ ଫଣା; ବନ, କିଂତୁ ବେଣୁ, ବୀଣା ଇତ୍ୟାଦି ।

ଖାଂଟି ଓଡ଼ିଆରେ 'ଣ୍'ର ବ୍ୟବହାର ବହୁଳ । ଗାନ-ଗାଉଣା; ଫେନ-ଫେଣ; ବନ-ବଣ; ପାନ-ପିଆଣ ଇତ୍ୟାଦି ।

❖❖❖

Digitized by PPRACHIN, SOA

## ବିଶେଷ ଭାଗ

# କୃଦଂତ

Digitized by PPRACHIN, SOA

## କୃଦଂତ :

ସଂଜ୍ଞା; ବିଭିନ୍ନ ବାଚ୍ୟରେ 'କୃତ୍' ପ୍ରତ୍ୟୟ; କ୍ରିୟା ବ୍ୟତିହାର; କ୍ରିୟା ସମାଧାନ ଅର୍ଥରେ ବ୍ୟତିହାର ରୂପ; ସମାଧାନ ଅର୍ଥରେ କ୍ରିୟାଯୁଗ୍ମ; ଶବ୍ଦ ଓ ଭାବାଦିର ଅନୁକରଣରେ ଧାତୁର ସଂପର୍କ; ବ୍ୟତିହାରୀ ପ୍ରଭୃତି ଶବ୍ଦର ବାଚ୍ୟ; ଧାତୁରୁ ବିନା ପ୍ରତ୍ୟୟରେ ପଦ; ଅସମାପିକା କ୍ରିୟା; କ୍ରିୟାବାଚକ ପଦ (ବିଶେଷ୍ୟ ଓ ବିଶେଷଣ); ଅନ୍ୟାନ୍ୟ କୃଦଂତ ପଦ;

### କୃଦଂତ – ସଂସ୍କୃତ ନିୟମରେ

'ଅ' ପ୍ରତ୍ୟୟ (ବିଭିନ୍ନ ବାଚ୍ୟରେ); ସନଂତ ଓ ଯଙ୍‌ନ୍ତ; ଉପସର୍ଗ ଯୋଗେ ସନଂତାଦି ଧାତୁ; ପ୍ରତ୍ୟୟହୀନ ପଦ ବା ପ୍ରତ୍ୟୟରୁ ଅଂଶ ଲୋପ ହୋଇଥିବା ପଦ (ଦେଶୀ ଓଡ଼ିଆରେ); ତତ୍‌ସମରେ ସାଦୃଶ୍ୟ; 'ତ' ପ୍ରତ୍ୟୟ; ଯଙ୍‌ନ୍ତ ଓ ନାମଧାତୁରୁ ମାନ ପ୍ରତ୍ୟୟ; ଭାବବାଚ୍ୟରେ 'ତି' ପ୍ରତ୍ୟୟ; 'ତବ୍ୟ' ପ୍ରତ୍ୟୟ; 'ଅନୀୟ' ପ୍ରତ୍ୟୟ; 'ଯ' ପ୍ରତ୍ୟୟ; 'ନ' ପ୍ରତ୍ୟୟ; 'ତା' ପ୍ରତ୍ୟୟ; କର୍ତ୍ତୃବାଚ୍ୟରେ 'ଅକ' ପ୍ରତ୍ୟୟ; 'ଅନ' ପ୍ରତ୍ୟୟ; 'ତ୍ର' ପ୍ରତ୍ୟୟ; 'ତ୍ରିମ୍', 'ମନ', 'ଇ' ଓ 'ଉ' ପ୍ରତ୍ୟୟ ।

Digitized by PPRACHIN, SOA

# କୃଦଂତ

ଧାତୁରୁ ଭିନ୍ନ ଭିନ୍ନ ପ୍ରତ୍ୟୟ କରି ଶବ୍ଦ ତଥା ପଦମାନ ତିଆରି ହୁଏ। ଯଥା-ସଂସ୍କୃତ ବା ତତ୍‌ସମରେ-

ଦଂଡାଦଂଡି ('ଦଂଡାୟ' ନାମ ଧାତୁରୁ-ଇ);

କୃତ୍ୱା ('କୃ' ଧାତୁରୁ-ତ୍ୱା);

ପ୍ରସହ୍ୟ (ପ୍ର ଉପସର୍ଗ 'ସହ୍' ଧାତୁରୁ-ଯ); ସେହିପରି

ବର୍ତ୍ତମାନ (ବୃତ୍+ମାନ);

ଚଳତ୍ (ଚଳ୍+ଅତ୍);

ଭାବ (ଭୂ+ଅ);

ଭରଣ (ଭୃ+ଅନ);

କୃତ (କୃ+ତ);

କରଣୀୟ (କୃ+ଅନୀୟ);

ପିତୃ (ପା+ତୃ);

ନାୟକ (ନୀ+ଅକ) ଇତ୍ୟାଦି।

ଖାଂଟି ଓଡ଼ିଆରେ-

ଧରାଧରି ('ଧରା' ପ୍ରୟୋଜକ ଧାତୁରୁ ବ୍ୟତିହାର ବା ପରସ୍ପରକୁ କରିବା ଅର୍ଥରେ-'ଇ');

ବାଡ଼ିଆବାଡ଼ି ('ବାଡ଼ିଆ' ନାମଧାତୁରୁ ବ୍ୟତିହାରରେ-'ଇ');

କରି ('କର୍' ଧାତୁରୁ ଅସମାପିକା ଅର୍ଥରେ 'ଇ');

ଚଳଂତା ('ଚଳ୍' ଧାତୁରୁ କାର୍ଯ ଚଳୁଥିବା ଅର୍ଥରେ-'ଅଂତା');

ଚଳଣ (ଚଳ୍+ଅଣ);

କରିବା (କର୍+ଇବା);

ଗଣତି (ଗଣ୍+ତି) ଇତ୍ୟାଦି।

ସଂସ୍କୃତରେ ଏଇସବୁ ପ୍ରତ୍ୟୟକୁ **'କୃତ୍' ପ୍ରତ୍ୟୟ** ଓ ଏଇସବୁ ତିଆରି ପଦକୁ **'କୃଦଂତ ପଦ'** କହଂତି। ସେଇ ଅନୁକ୍ରମେ ଓଡ଼ିଆରେ ମଧ୍ୟ କୃତ୍ ପ୍ରତ୍ୟୟ ଓ

Digitized by PPRACHIN, SOA

କୃଦଂତ ପଦ ବା ଶବ୍ଦ ବୋଲି କୁହାଯାଏ । ଏଇ **କୃତ୍ ପ୍ରତ୍ୟୟମାନ** ଧାତୁରୁ ଭିନ୍ନ ଭିନ୍ନ ବାଚ୍ୟରେ ହୁଏ ।

**ବିଭିନ୍ନ ବାଚ୍ୟରେ 'କୃତ୍' ପ୍ରତ୍ୟୟ :**

ଧାତୁର ଅର୍ଥ ମାତ୍ର ପ୍ରକାଶ କଲେ ଏଇ ପଦମାନେ ଭାବ ବାଚ୍ୟରେ ହୁଅଂତି । ଯଥା-ଭୂ+ଅ=ଭାବ; କର୍+ଇବା=କରିବା । ଏମାନେ କ୍ରିୟାବାଚକ ଓ ବିଶେଷ୍ୟ ହୁଅଂତି ।

କର୍ତ୍ତୃ, କର୍ମ ପ୍ରଭୃତି ବାଚ୍ୟରେ ଧାତୁରୁ ପ୍ରତ୍ୟୟ ହୋଇ **ବିଶେଷଣ ପଦମାନେ ହୁଅଂତି** । ଯଥା-ତତ୍ସମରେ-

ଚଳନ୍+ଅତ୍=ଚଳତ୍ - ଯେ ଚଳୁଚି;
ବୃତ୍+ମାନ=ବର୍ତ୍ତମାନ - ଯେ ଅଛି;
କୃ+ଅନୀୟ୍=କରଣୀୟ - ଯାହା କରାଯିବ;
କୃ+ତ=କୃତ - ଯାହା କରାଗଲା ।

ସେହିପରି ଓଡ଼ିଆରେ-

କର୍+ଆ=କରା; ଗୁଲ୍+ଅଂତା=ଗୁଲଂତା;
କହ୍+ଇଲା=କହିଲା (କଥା) ।

**ଏଇ ବିଶେଷଣମାନେ କେବେ କେବେ ବିଶେଷ୍ୟ ମଧ୍ୟ ହୁଅଂତି ।**

ଯଥା- ଯେ କରେ ସେ କର୍ତ୍ତା (କୃ+ତୃ)
ଯେ କରାଏ ସେ କାରକ (କାରି+ଅକ)

ଓଡ଼ିଆରେ- ଦେତା (ଦେ+ତା) - ଯେ ଦିଏ
ଗଡ଼ (ଗଡ୍+ଅ) - ଯେ ଗଡ଼େ
ବୁଡ଼ (ବୁଡ୍+ଅ) - ଯେଉଁ ଯୋଗରେ ବୁଡ଼ନ୍ତି ।

ବୁଝିବାର ଅଛି, **ଏସବୁ ପଦ ବ୍ୟବହାରରେ ବିଶେଷ୍ୟ, ମାତ୍ର ପ୍ରକୃତିରେ ବିଶେଷଣ ।**

ବୁଡ଼=ବୁଡ଼କାଳ ବା ଯୋଗ;
ଗଡ଼=ଗଡ଼ ବା ଗଡୁଥିବା କାଠ;
ଦେତା=ଦେତା ଲୋକ;
କର୍ତ୍ତା=କର୍ତ୍ତା ବ୍ୟକ୍ତି ବା ବସ୍ତୁ;
କାରକ=କାରକ ବ୍ୟକ୍ତି, ବସ୍ତୁ ବା ପଦ ଇତ୍ୟାଦି ।

Digitized by PPRACHIN, SOA

## କ୍ରିୟା ବ୍ୟତିହାର :

ପରସ୍ପରକୁ କରିବା, ବା ପରସ୍ପର ପ୍ରତି ପରସ୍ପର ଏକା କ୍ରିୟାର ଆଚରଣ କରିବା ଅର୍ଥରେ ସଂସ୍କୃତରେ ଶବ୍ଦରୁ ଏକପ୍ରକାର କ୍ରିୟାର୍ଥକ ବିଶେଷ୍ୟ ତିଆରି ହୁଏ । ତାକୁ **କ୍ରିୟା ବ୍ୟତିହାର କହଂତି ।**

ଏଥିରେ **ଶବ୍ଦଟିର ଦ୍ୱିରୁକ୍ତି ହୁଏ;** ପୁଣି ପ୍ରଥମ ଶବ୍ଦ ଶେଷରେ 'ଆ' ଓ ଦ୍ୱିତୀୟ ଶବ୍ଦ ଶେଷରେ 'ଇ' ଲାଗେ । ଏଇ 'ଆ' ଓ 'ଇ' ଲାଗିଲେ, 'ଆ' ବା 'ଇ' ପୂର୍ବରେ ଥିବା ଶବ୍ଦର ଅଂତ୍ୟ ସ୍ୱର ପ୍ରାୟ ଲୋପ ହୋଇଥାଏ । ଯଥା-

ଦଂଡ଼ାଦଂଡ଼ି (ଦଂଡ଼ ବା ବାଡ଼ିରେ ପିଟାପିଟି);
ମୁଷ୍ଟ୍ୟାମୁଷ୍ଟି (ମୁଷ୍ଟି ବା ମୁଥରେ ମରାମରି) ଇତ୍ୟାଦି ।

ଓଡ଼ିଆରେ ଏଇ କ୍ରିୟା ବ୍ୟତିହାର ରୂପରେ ଧାତୁମାନଙ୍କର ବ୍ୟବହାର ବହୁତ ଓ ନାନା ପ୍ରକାରର ।

(୧) ପାଡ୍-ପଡ଼ା-ପଡ଼ାପଡ଼ି;
ହାଣ୍-ହଣା-ହଣାହଣି;
ମାର୍-ମରା-ମରାମରି;
ଢାଳ୍-ଢଳା-ଢଳାଢଳି;
କଂଟ୍-କଂଟା-କଂଟାକଂଟି;
ଦେ-ଦିଆ-ଦିଆଦେଇ;
ପା-ପାଆ-ପାଆପାଇ;
ପା-ପୁଆ-ପୁଆପୋଇ;
କହ୍-କୁହା-କୁହାକୁହି, କୁହାକୋହି;
ଥୋ-ଥୁଆ-ଥୋଆଥୋଇ;
ନେ-ନିଆ-ନିଆନେଇ;
ଧୋ-ଧୁଆ-ଧୁଆଧୋଇ;
ଛୁଁ-ଛୁଆଁ-ଛୁଆଁଛୁଇଁ;
ସାର୍-ସରା-ସରାସରି;
ଓଟାର୍-ଓଟରା-ଓଟରାଓଟରି ।

ସେ **ଦୁହେଁ ବା ସେମାନେ ପଡ଼ାପଡ଼ି ହେଲେ ।** ଏଠାରେ ପଡ଼ାପଡ଼ି **ବିଶେଷଣ ।** ମାତ୍ର ପଡ଼ିବା ଅର୍ଥ ଏଠାରେ ନାଇ । ଏ ତାକୁ ପାଡ଼ିଲା ବା ପକାଇଲା । ସେ ୟାକୁ

Digitized by PPRACHIN, SOA

ପାଡ଼ିଲା ବା ପକାଇଲା ଏଇପରି ଅର୍ଥ । 'ପକା'ରୁ ମଧ୍ୟ 'ଟେକା ପକାପକି ହେଲେ', ହେବ । ଏହାର ଅର୍ଥ ଏ ତାକୁ ଟେକା ପକାଇଲା, ସେ ୟାକୁ ଟେକା ପକାଇଲା । ସେମାନେ ପଡ଼ାପଡ଼ି ବା ଟେକା ପକାପକି ଲଗାଇଲେ, ବା ଖେଳିଲେ, ଏପରି **ପ୍ରୟୋଗରେ 'ପକାପକି' ଓ 'ପଡ଼ାପଡ଼ି' ବିଶେଷ୍ୟ ।**

**ପାଣି ଢଳାଢଳି** ହେଲେ, ଲଗାଇଲେ ବା ଖେଳିଲେ – ଏଠାରେ ଏ ତା' ଉପରେ, ସେ ୟା ଉପରେ ପାଣି ଢାଳିଲେ ଏଇପରି ଅର୍ଥ । ସେଇପରି, ବାଲିରେ ଟଂକା ପୋତି, **ଟଂକା ପାଆପାଇ ଖେଳିଲେ** । ଏଠାରେ ୟା ଟଂକା ସେ ପାଇଲା, ତା' ଟଂକା ଏ ପାଇଲା, ଠିକ୍ ଏପରି ଅର୍ଥ ନହେଲେ ମଧ୍ୟ, ପରସ୍ପରର ଟଂକା ପରସ୍ପର ପାଇବାରେ ଲାଗିଲେ ।

**ପିଠା ପୁଆପୋଇ ହେଲେ,** ଅର୍ଥାତ୍ ଏ ଗଢ଼ିଥିବା ପିଠା ସେ ପୋଇଲା; ସେ ଗଢ଼ିଥିବା ପିଠା ଏ ପୋଇଲା । **ନିଆଁ ପୁଆପୋଇ ହେଲେ ।** ଏଠାରେ ଏ ତାକୁ ନିଆଁ ପୁଆଇଲା ବା ପୁଆଇବାରେ ପ୍ରବର୍ତାଇଲା, ସେ ୟାକୁ ସେଇଆ କଲା । କାରଣ ପରସ୍ପରକୁ ନିଆଁ ପୋଇବାର ଅର୍ଥ କିଛି ନାଇ ।

ଗୋଡ଼, ତେଲ ଘସାଘସି ହେଲେ ଅର୍ଥାତ୍ ପରସ୍ପର ପରସ୍ପରର ଗୋଡ଼ ବା ପରସ୍ପର ଦେହରେ ତେଲ ଘସିଲେ । ଟେକା ଫିଂଗାଫିଂଗି ହେଲେ; ମରାମରି, ଧରାଧରି ହେଲେ; ଇତ୍ୟାଦି **ଏଇପରି ଦରକାର ଅନୁସାରେ ଏଇ ସକର୍ମକ ଧାତୁମାନଂକର ପ୍ରୟୋଜନ ଅର୍ଥ ହୁଏ । ନଚେତ୍ ହୁଏ ନାହିଁ; କେବଳ ସକର୍ମକ ଅର୍ଥ ହିଁ ହୁଏ ।** 'ଥୁଆଥୋଇ' ସାଧାରଣତଃ ଗୋଟିଏ କର୍ମ ନିଏ । ଯଥା–ଏ ତା' ବହି ଥୋଇଲା, ସେ ୟା ବହି ଥୋଇଲା । ବହି ଥୁଆଥୋଇ ହେଲେ । ମାତ୍ର ଖାଲି **'ଥୁଆଥୋଇ'ର ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ଅର୍ଥ ଅଛି । କେହି ବିଧବାକୁ ଦୁତିଅ ହେଲେ କୁହାଯାଏ । ସେ ଦୁହେଁ ଥୁଆଥୋଇ ହେଲେ;** ଅର୍ଥାତ୍ ସେ ୟାକୁ ବର କରି ଥୋଇଲା । ଏ ତାକୁ ମାଇପ କରି ଥୋଇଲା । ଏହା ଯଥାର୍ଥ ବିବାହ ନୁହେଁ । ଏ ସଂକେତ ଏଠାରେ ଅଛି ।

**ନଖ କଟାକଟି ହେଲେ,** ଅର୍ଥାତ୍, ୟା ନଖ ସେ କାଟିଲା ଓ ତା' ନଖ ଏ କାଟିଲା । ମାତ୍ର ଖାଲି 'କଟାକଟି ହେଲେ' କହିଲେ ପ୍ରାୟ 'କାଟ୍' ଧାତୁର ତୁଟିକରି ଗାଳିଦେବା ଅର୍ଥ ହୁଏ । ସେଇ ଅର୍ଥରେ ତୁଟାତୁଟି ମଧ୍ୟ ହୁଏ ।

ଖା, ପି, ପଢ୍, ଦେଖ୍ ପ୍ରଭୃତି ଯେଉଁ **ଧାତୁମାନେ ପ୍ରୟୋଜକରେ ଦ୍ୱିକର୍ମକ ହୁଅନ୍ତି ।** ତାଙ୍କର **ବ୍ୟତିହାରରେ ପ୍ରୟୋଜକ ଅର୍ଥ ହିଁ ହୁଏ ।** 'ଖୁଆଖୋଇ' କହିଲେ, ଏ ତାକୁ ଖୁଆଇଲା, ସେ ୟାକୁ ଖୁଆଇଲା, ଏଇପରି ଅର୍ଥ ହୁଏ । ପରସ୍ପରକ

Digitized by PPRACHIN, SOA

ଖାଇବା ସମ୍ଭବ ମଧ୍ୟ ନୁହେଁ । ସେଇପରି ପିଆପିଇ, ପଢ଼ାପଢ଼ି । ମାତ୍ର 'ଦେଉଳ ଦେଖାଦେଖି' କହିଲେ, ଦେଖାଇବା ଅର୍ଥ ହେଲା । କିନ୍ତୁ **'ସେ ଦୁହେଁ ଦେଖାଦେଖି ହେଲେ'**- ଏଠାରେ ଏ ତାକୁ ଦେଖିଲା ଓ ସେ ୟାକୁ ଦେଖିଲା ଅର୍ଥ ମଧ୍ୟ ହୁଏ । 'ଖୋଳାଖୋଳି' ବା ଗଇ ଖୋଳାଖୋଳି ଅର୍ଥରେ ମଧ୍ୟ 'ଗୁଆଗୋଇ' ପ୍ରୟୋଗ ହୁଏ । ଗାଳିଦେବା ଅର୍ଥରେ ମଧ୍ୟ 'ଗୁଆଗୋଇ' ପ୍ରୟୋଗ ହୁଏ । **ଗାଳିଦେବା ଅର୍ଥରେ ମଧ୍ୟ 'ତୁଟ୍' (ହେତ୍‌ମାନ କରି କହ୍)ରୁ 'ତୁଟାତୁଟି'; 'ବକ୍'ରୁ 'ବକାବକି'; 'ବୋଲ୍'ରୁ 'ବୋଲାବୋଲି'; 'କାଟ୍'ରୁ 'କଟାକଟି'** ପ୍ରଭୃତି ହୁଏ ।

(୨) **ଅକର୍ମକ ଧାତୁର ପ୍ରୟୋଜକ ରୂପରେ ବ୍ୟତିହାର ଶବ୍ଦର କେବଳ ସକର୍ମକ ଅର୍ଥ ହୁଏ ।** ଯଥା-

ନଗ୍ନନଚି ହେଲେ - ପରସ୍ପରକୁ ନଗ୍ନଇଲେ ।

ନୁଆଁନୋଇଁ ହେଲେ - ପରସ୍ପରକୁ ନୁଆଇଲେ ।

ଲୁଗ୍ନଲୁଚି ହେଲେ - ପରସ୍ପରକୁ ଲୁଗ୍ନଇଲେ ।

ଛିଂକାଛିଂକି ହେଲେ - ପରସ୍ପରକୁ ଛିଂକାଇଲେ ।

ପଟାପଟି ବା ପଟକାପଟକି ହେଲେ - ପରସ୍ପରକୁ ପଟାଇଲେ, ପଟକାଇଲେ ।

ଗାଳିଦେଇ କହିବା ଅର୍ଥରେ 'ବାବୁ ତୁଂଡ଼େ ହଗାହଗି ହେଲେ' ପ୍ରଭୃତି ହୁଏ । ଏଠାରେ ଅର୍ଥ, ପରସ୍ପର ପରସ୍ପରର ବାବୁ ତୁଂଡ଼େ ହଗିଲେ - ଏପରି ନୁହେଁ । ତାହାହେଲେ ଅକର୍ମକ କ୍ରିୟାରୁ ବ୍ୟତିହାର ଶବ୍ଦ ହେବ ନାହିଁ । ପରସ୍ପର ପରସ୍ପରକୁ ତୋ ବାବୁ ତୁଂଡ଼େ ହଗ ବା ହଗ ହେଉ ବୋଲି କହିଲେ । ସେହିପରି 'ଉଘାଉଘି ହେଲେ' ଅର୍ଥାତ୍ ପରସ୍ପରକୁ ଉଘାଇଲେ; ପରସ୍ପରକୁ କରିଥିବା ଉପକାର ବାଂଡି କଲେ ବା ବାଂଡି କରାକରି ହେଲେ ।

(୩) **ପରସ୍ପରକୁ କରିବା ଅର୍ଥ ଥାଇ ସକର୍ମକ ହେଲେ ନାମଧାତୁରୁ ମଧ୍ୟ ବ୍ୟତିହାର ଶବ୍ଦ ହୁଏ ।** ଯଥା-

ପହଣାପହଣି ହବା - ପରସ୍ପରକୁ ପହଣାଇବା ବା ଗୂଢ଼ ସୂଚନାରେ ପଂଥା ବତାଇବା;

ଘୋଡ଼ାଘୋଡ଼ି ହେବା - ଘୋଡ଼ମାଘୋଡ଼ମି ହବା - ଖେଳିବା;

ଆପଣାଆପଣି ହେବା - ପରସ୍ପରକୁ ଆପଣାଇବା;

ଦୋଷ ଫେଣାଫେଣି ହେବା - ପରସ୍ପରର ଦୋଷ ଫେଣାଇବା;

ଗୁପୁଡ଼ାଗୁପୁଡ଼ି ହେବା - ପରସ୍ପରକୁ ଗୁପୁଡ଼ାଇବା;

Digitized by PPRACHIN, SOA

ବାଡ଼ିଆବାଡ଼େଇ (ବାଡ଼ିଆବାଡ଼ି) ହେଲେ; ଥଂଡାଥଂଡି ହେଲେ - ପରସ୍ପରକୁ ଥଂଡା କଲେ, ରାଗରୁ ନିବର୍ତାଇଲେ । ('ଥଂଡାଇବା ପ୍ରୟୋଗ ଦେଖାଯାଇ ନାଇ - 'ଥଂଡାକରିବା'ରେ ପ୍ରକାଶ କରାଯାଏ);

ଦଂଠାଦଂଠି ହେଲେ - ପରସ୍ପରକୁ ଦଂଠାଇଲେ, ପରସ୍ପରର ଉଗ୍ରତା ବା ଔଦ୍ଧତ୍ୟରେ ବାଧା ଦେଲେ;

ସେହିପରି କୁଂଢାକୁଂଢି, କୋଳାକୋଳି, ହାତାହାତି ହେଲେ, ଲଗାଇଲେ; ଗୋଡ଼ିଆଗୋଡ଼ି (ଗୋଡ଼ିଆଗୋଡ଼େଇ); ମେଂଢ଼ାମେଂଢ଼ି; ମୁହାଁମୁହିଁ; ପାଖିଆପାଖି (ପାଖିଆପାଖେଇ); କାଖାକାଖି (କାଖିଆକାଖେଇ); ଅଂଟାଅଂଟି ଇତ୍ୟାଦି ।

'ପାଖିଆପାଖେଇ' ପ୍ରଭୃତି ସ୍ୱାର୍ଥ ପ୍ରୟୋଜକ । 'ଥଂଡାଥଂଡି' ପରି 'ହାତାହାତି', 'କୋଳାକୋଳି' ପ୍ରଭୃତି ଅନେକ ବ୍ୟତିହାର ଶବ୍ଦର ନାମଧାତୁ 'ହାତା', 'କୋଳା' ପ୍ରଭୃତି ବ୍ୟବହାରରେ ନାଇ । ହାତରେ ମାରିବା, କୋଳ କରିବା ପ୍ରଭୃତି ଅର୍ଥରେ 'ହାତା', 'କୋଳା' ପ୍ରଭୃତି ନାମଧାତୁ ରୂପପାଇ, ଏକାବେଳକେ ବ୍ୟତିହାର ଶବ୍ଦ ତିଆରି କରନ୍ତି ।

**କ୍ରିୟା ସମାଧାନ ଅର୍ଥରେ ବ୍ୟତିହାରୀ ରୂପ :**

ପରସ୍ପର ପ୍ରତି ଏକ କ୍ରିୟା ସାଧନ କରିବା, ଅର୍ଥ ନ ଥାଇ ଧାତୁର ଅର୍ଥରେ ହେଉଥିବା କାର୍ଯ୍ୟଟିର ଭଲ ସମାଧାନ ହେବା ବା **ଭଲକରି ହେବା ବା କରିବା ଅର୍ଥରେ ସକର୍ମକ ଧାତୁର ବ୍ୟତିହାରି ରୂପ ହୁଏ**, ଏଥିରେ ଧାତୁର କ୍ରିୟା ସହିତ ଅନ୍ୟ ଅନୁସଂଗି କାର୍ଯ ସମାଧାନ କରିବା ଅର୍ଥ ମଧ୍ୟ ଥାଏ । କେବେକେବେ ପ୍ରାୟ ସେଇଭଳି କାର୍ଯ ବା ସେଇ କାର୍ଯ ଭଳି କାର୍ଯ ଅର୍ଥ ହୁଏ । ଯଥା-

ପରିବା 'ଧୁଆଧୋଇ' କଲା; କଥାଗୁଡ଼ାକ ଆଉ 'ଫେଣାଫେଣି' କରନା; ଅଳିଆଗୁଡ଼ାକ 'ପାଖିଆପାଖେଇ' କରିଦେ; ତାଳଗୁଡ଼ାକ 'ନୁଆନୋଇ' କରିଦେଲା; ତାଂକୁ 'ଦାଂଡ଼ାଦାଂଡ଼ି' କରିଦେ; ସେ ଆମକୁ 'ଦାଂଡ଼ିଆଦାଂଡ଼େଇ' (ସ୍ୱାର୍ଥ ପ୍ରୟୋଜକ) କରିଦେଇଗଲା ('ଦାଂଡ଼ିଆଦାଂଡ଼ି' ମଧ୍ୟ ହୁଏ) ।

ଅର୍ଥ ଅନୁସାରେ, ଅର୍ଥାତ୍ **ନିଜେ କରିପାରିବା ଭଳି ଅର୍ଥ ହେଲେ ଅକର୍ମକ ଧାତୁରେ ମଧ୍ୟ କେବେ କେବେ ହୁଏ** । ଯଥା-ନଚ୍ଚାନଚି କର୍; ଛିଂକାଛିଂକି କର; ଏଠାରେ 'ନଚ୍ଚା' ଓ 'ଛିଂକା' ଧାତୁରୁ 'ନଚ୍ଚାନଚି' ଓ 'ଛିଂକାଛିଂକି' ନୁହେଁ । ଏମାନେ 'ନାଚ୍' ଓ 'ଛିଂକ୍' ଧାତୁରୁ ।

Digitized by PPRACHIN, SOA

ଏଇପରି ସବୁ ଅକର୍ମକ ଧାତୁରେ 'କର୍' ପ୍ରଭୃତି ଧାତୁର ପ୍ରୟୋଜକ ଲଗାଇ ଏଇ **ବ୍ୟତିହାରି ରୂପରେ ଥିବା ପଦକୁ ସକର୍ମକ କରାଯାଏ ।** ଯଥା–

'ତାଂକୁ ନଗ୍ନନଚି କରା'; 'ତାଂକୁ ଛିଂକାଛିଂକି କରା' ଇତ୍ୟାଦି ।

କର୍ତ୍ତୃ କର୍ମ ବାଚ୍ୟରେ 'ସେ ଧୋଇ ହେଲା', 'ସେ ପାଖେଇ ଗଲା' ପ୍ରଭୃତି ପରି, ଏଇ **ବ୍ୟତିହାରି ପଦ କେବେକେବେ କର୍ତ୍ତୃ କର୍ମ ବାଚ୍ୟରେ ବିଶେଷଣ ହୁଏ ।** ଯଥା–ସେ **'ଧୂଆଧୋଇ ହେଲା'**, (ଭଲକରି ଧୋଇ ହୋଇ ସାଫ୍ ସୁତୁରା ହେଲା); 'ଦେଉଳ **ପାଖାପାଖି ହୋଇଗଲା** (ପ୍ରାୟ ନିକଟ ହୋଇଗଲା) ।

ଏଇପରି ପ୍ରୟୋଗ ହେତୁରୁ ବ୍ୟତିହାରି ଶବ୍ଦ ଓ ବ୍ୟତିହାରି ରୂପର ଶବ୍ଦମାନେ କେବେକେବେ ସ୍ପଷ୍ଟ ବିଶେଷଣ ହୋଇଯାଆଂତି । ଯଥା– **ଦେଉଳ ପାଖାପାଖି ଗଛ** (ପ୍ରାୟ ପାଖରେ ଥିବା ଗଛ) **ଆପଣାଆପଣି** ଲୋକ (ସ୍ପଷ୍ଟ ଆପଣାର ନୁହେଁ), **ଗୋଡ଼ିଆଗୋଡ଼ି** ଖେଳ (ପରସ୍ପରକୁ ଘୋଡ଼ାଇବାର ଖେଳ); **ଅଗନାଅଗନି** (ଘନାଘନି) ବନସ୍ତ ।

ବ୍ୟତିହାରି ଶବ୍ଦ ଓ ବ୍ୟତିହାରି ରୂପର ଶବ୍ଦମାନେ ପ୍ରାୟ ଅନେକ ସ୍ଥଳରେ **ସ୍ପଷ୍ଟ ବିଶେଷ୍ୟ ହୁଅଂତି ।** ଯଥା–

**ନଗ୍ନନଚି ବାବାଜିଂକ କାମ ନୁହେଁ; ଆଉ ଧୂଆଧୋଇକି ପଗ୍ରେ କିଏ ?; କଥା ଫେଣାଫେଣିରୁ ସୁଆଦ ବାହାରିଲା; ଗୋଡ଼ିଆଗୋଡ଼ିରେ କିଏ ଜିଣିଲା ?;** ସ୍ୱାମୀ ସ୍ତ୍ରୀ ସଂବଂଧର ପ୍ରୀତି ଅର୍ଥରେ 'ଘେନାଘେନି'–

> "ପ୍ରାଣରୁ ଅଧିକ ଯେଉଁ ଘେନାଘେନି
> ତାକୁ ଯାହା କରେ ଭିନ୍ନ" (ଲାବଣ୍ୟବତୀ)

ସେହିପରି ମିଶାମିଶି; ବତୁରାବତୁରି; ଫୁସୁଲାଫୁସୁଲି; ଭିଡ଼ାଭିଡ଼ି; ଘୁଡ଼ି ଉଡ଼ାଉଡ଼ି; ଘଣା ପେଲାପେଲି; ଗୋଡ଼ି ଦିଆଦେଇ (ଖେଳର ନାମ); କିଣାକିଣି; କମାକମି; ପାଁପଳାପାଁପଳି; ପ୍ରଭୃତି ।

ସେଇପରି **ବିଶେଷ୍ୟାଦିର ବ୍ୟବହାରରେ** ମଧ୍ୟ–

'ଢିମାଢ଼ିମି' କରି ପଥର ଜମା କରିଚି, ଅର୍ଥାତ୍ ବଡ଼ସାନ ଢିମାପଥର ସବୁ ଜମା କରିଚି ।

'ଢିପାଢ଼ିପି' କରି ଜମି ଖଂଡ଼େ କରିଚି ।

'ପିଲାପିଲି' ଘେନି ଆସିଛି ।

ଏସବୁଠାରେ 'ଢିମି', 'ଢିପି', 'ପିଲି' ପ୍ରଭୃତିର ବିଶେଷ କୌଣସି ଅର୍ଥ ନାଇ । ମାତ୍ର **'ଅନୁସଂଗିକ ସେଇଭଳି ସବୁ'**, ଏଇ ସୂଚନା ଅଛି ।

Digitized by PPRACHIN, SOA

ସେଇ ସୂଚନା ଅନୁକ୍ରମେ ବହୁତ ଆନୁସଂଗିକ ଶବ୍ଦ ଓଡ଼ିଆରେ ଶବ୍ଦଯୁଗ୍ମ ତିଆରି କରଂତି । ଯଥା-

ପିଲାକବିଲା (ପିଲାମାଇପ ଆଦି-ପିଲାପିଲି);

ପିଲାଝିଲା (ପୁଅଝିଅ ଆଦି-ପିଲାପିଲି);

ଦାନପୁଣ୍ୟ (ଦାନ ଓ ତା'ର ସଂଗରେ ଥିବା ଅନୁଷ୍ଠାନମାନ);

ଦାନଧ୍ୟାନ (ଦାନପୁଣ୍ୟ);

ଘରଦ୍ୱାର (ଘରଦ୍ୱାର ଲିପିଲା, ଅର୍ଥାତ୍ ଘରଲିପା କାର୍ଯକୁ ଠିକ୍‌ଭାବେ ସମାଧାନ କଲା);

କାଂଥବାଡ଼ (ପବନରେ କାଂଥବାଡ଼ ଦୋହଲିଗଲା, ଅର୍ଥାତ୍ କାଂଥ ଓ ସେଇଭଳି ଜିନିଷ ସବୁ; ପିଲାଟି କାଂଥବାଡ଼ ଧରି ଗୁଲିଲାଣି);

ଗଛପତ୍ର (ଗଛପତ୍ରରେ ଖରା ପଡ଼ିଲାଣି, ଗଛଭଳି ଉଚ୍ଚ ଜାଗା ମାନଂକରେ);

ମାଛକଇଁଛ (ପ୍ରତିପଦ ଜହ୍ନକୁ ମାଛକଇଁଛ ଦେଖଂତି, ଅର୍ଥାତ୍ ଜଳଜନ୍ତୁମାନେ ଦେଖଂତି); ଇତ୍ୟାଦି ।

ପ୍ରାସଂଗିକ ଅର୍ଥ ଥିବା ଭିନ୍ନ ଧାତୁରେ ଏଇ ବ୍ୟତିହାରି ରୂପଯୁଗ୍ମ ଭଳି ଯୁଗ୍ମ ପ୍ରକାଶ ମଧ୍ୟ ହୁଏ । ସେଠାରେ ଶେଷଟି 'ଇ'କାରାଂତ ନ ହୋଇ 'ଆ'କାରାଂତ ହୁଏ । ସମଧାତୁରେ ତିଆରି ହୋଇଥିବା ବ୍ୟତିହାରି ରୂପର ଯୁଗ୍ମକଠାରୁ ଅର୍ଥରେ କିଛି ବିଶେଷ ଭେଦ ହୁଏ ନାଇ । ସ୍ୱରରେ ମଧ୍ୟ ଦୁଇ ଧାତୁରେ ପ୍ରାୟ ସମତା ଥାଏ । ଯଥା-

ଭିଡ଼ାଓଟରା, ଟଣାଓଟରା (ଭିଡ଼ାଭିଡ଼ି, ଟଣାଟଣି) ଲାଗିଚି;

ଟଂକା, ଧାନ ପ୍ରଭୃତିର ବଢ଼ାକୁଢ଼ା (ବଢ଼ାବଢ଼ି) ହେଉଚି;

ଘଂଟାଚକଟା (ଘଂଟାଘଂଟି) ଲାଗିଚି;

ରଂଧାବଢ଼ା (ରଂଧାରଂଧି); ଖିଆପିଆ, ଖୁଆପିଆ (ଖିଆଖୋଇ, ଖୁଆଖୋଇ) ଖାଇବା ପ୍ରଭୃତି କାମ ଖୁଆଇବା ପ୍ରଭୃତି କାମ;

ଦିଆନିଆ (ଦିଆଦେଇ); କଟାବଟା (କଟାକଟି); ଧରାପରା (ଧରାଧରି); ଛିଂଗୁବିଂଗୁ (ଛିଂଗୁ ପ୍ରଭୃତି କାର୍ଯ, ବିଂଗୁ ସେଥିରେ ଅଛି); ଦେଦଉଣି (ଦିଆଦେଇ) ଗୁଲିଛି ।

ସେଇ ଅନୁକ୍ରମେ ସ୍ପଷ୍ଟ ବିଶେଷ୍ୟାଦିରେ-

ବଂଧାଛଂଦା ପକେଇ ଟଂକା ଆଣିଲା;

ସଟାବଟା (ସାଇତାବିକା) କରି କିଣି ପକାଇଲି;

Digitized by PPRACHIN, SOA

ସେ ମତେ କୁଆବୁଆ (କୁହାବୁହା) - ଏଣେ କହିବା ତେଣେ ବୋହିବା, ଅସ୍ତବ୍ୟସ୍ତ କରିବା; କିମ୍ବା 'କୁଆଭୁଆ' (କୁଆ ସଂଗେ ଭୁଆ ଏକାଠି ହେଲେ ଯେପରି ହୁଏ) କଲା ।

ବ୍ୟତିହାର ରୂପ ପଦ **କେବେ କେବେ ଷଷ୍ଠ ବିଶେଷଣ** ମଧ୍ୟ **ହୁଏ** । ଯଥା-ଏ ଆଂବ ଗୁଡ଼ାକ **'ଗୋଟିଆଗୋଟି' ଆଂବ; ଦେଦଉଣି** (ଦିଆଦେଇ ପାଇଁ ହୋଇଥିବା) ପିଠା, ଏହା 'ଦିଆଦେଣି'ର ସ୍ୱର ପରିବର୍ତ୍ତନ ରୂପ ।

## ସମାଧାନ ଅର୍ଥରେ କ୍ରିୟା ଯୁଗ୍ମ :

**କ୍ରିୟାର ସମାଧାନାଦି ଅର୍ଥରେ ଧାତୁଟି ଦୁଇଥର କୁହାଯାଏ ଓ ଦୁଇଟିଯାକ ଅସମାପିକା କ୍ରିୟାପରି 'ଇ' କାରାନ୍ତ ହୁଏ ।** ମାତ୍ର ଯୁଗ୍ମର ଦ୍ୱିତୀୟଟିର ମୂଳ ଅକ୍ଷରଟିର ସ୍ୱରଟି 'ଆ' ହୋଇଯାଏ । ମାତ୍ର **ଧାତୁର ମୂଳ ଅକ୍ଷରଟି 'ଆ' ଥିଲେ, ଦ୍ୱିତୀୟ ଧାତୁରେ ସେଇ 'ଆ'ଠାରେ 'ଉ' ହୁଏ ।** ମୂଳଧାତୁର ପ୍ରଥମ ଅକ୍ଷରରେ 'ଅ' ଥିଲେ ଓ ଦ୍ୱିତୀୟ ଅକ୍ଷରରେ 'ଆ' ଥିଲେ, ଦ୍ୱିତୀୟ ଧାତୁଟିରେ ଦୁଇଟିଯାକ 'ଉ' କିଂବା କେବଳ ଦ୍ୱିତୀୟ ଅକ୍ଷରରେ 'ଆ' ଥିଲେ ତାହା ଦ୍ୱିତୀୟ ଧାତୁରେ 'ଅ' ହୁଏ ଓ ପୂର୍ବେ 'ଉ' ଥିଲେ ଏଇ 'ଅ'ର 'ଉ' ଉଚ୍ଚାରଣ ହୁଏ । 'ଇ' କାରାଂତ କ୍ରିୟା ଯୁଗ୍ମ ଠିକ୍ ଅସମାପିକା କ୍ରିୟାପରି ପ୍ରୟୋଗରେ ରହେ ଓ 'ଦେ', 'ଗମ୍', 'ଯା' ପ୍ରଭୃତି ଦ୍ୟୋତକଧାତୁ ରୂପେ ପ୍ରୟୋଗ ହୁଏ ।

**ସକର୍ମକ**

ପରିବା କାଟିଦେଲା;
ପରିବା କାଟିକୁଟି ଦେଲା;
ସେଇପରି ପିଠୋଉ ବାଟିଦେଲା;
ପିଠୋଉ ବାଟିବୁଟି ଦେଲା;
ବାଢ଼େଇ ସମାନ କଲା;
ବାଢ଼େଇବୁଢ଼େଇ ସମାନ କଲା ।

ପହଣେଇ ପାହ(ହା)ଣେଇ; ଧୋଇଧାଇ; ମିଶିମାଶି; କହିକାହି; ଦରାଂଡିଦୁରୁଂଡି; ତରାଟିତୁରୁଟି; ମୁରାଟିମୁରୁଟି; ଉଗାରିଉଗୁରି; ନେଇନାଇ (ଗଲା); ପିଇପାଇ (ଦେଲା); ସିଇଁସାଇଁ; ପୋଛିପାଛି; ଘୋଡ଼େଇଘାଡ଼େଇ ଦେଲା; କୋଡ଼ିକାଡ଼ି ଦେଲା; କୋଡ଼େଇକାଡ଼େଇ ଦେଲା (ଅନ୍ୟ ଦ୍ୱାରା); ଉତାରିଉତୁରି ଦେଲା; ମୋଡ଼ିମାଡ଼ି ଦେଲା; କସିକାସି; ଭିଡ଼ିଭାଡ଼ି ଦେଲା; କାଛିକୁଛି ଖର୍ଚ୍ଚ କଲା; ପିଟିପାଟି ସାଧ୍ୟ କରିଦେଲା; ଖୋଳିଖାଳି ଦେଲା; ପଟକିପାଟକି ଗଲା; ପଟେଇପାଟେଇ ଦେଲା ।

Digitized by PPRACHIN, SOA

**ଅକର୍ମକ**

ତାଳଗୁଡ଼ାକ ଲଇଁଲାଇ ଗଲା;
ସଡ଼ିସାଡ଼ି ଗଲା (ପ୍ରୟୋଜକରେ ସଡ଼େଇସାଡ଼େଇ ଦେଲା);
ପୋଡ଼ିପାଡ଼ି ଗଲା (ସକର୍ମକ-ପୋଡ଼ିପାଡ଼ି ଦେଲା; ପ୍ରୟୋଜକ-ଅନ୍ୟଦ୍ୱାରା ପୋଡ଼େଇପାଡ଼େଇ ଦେଲା) ।

**କର୍ତ୍ତୃକର୍ମରେ**

କସିକାସି ହେଲା; କାଛିକୁଛି ହେଲା; ମୋଡ଼ିମାଡ଼ି ହେଲା; ଘୋଡ଼ିଘାଡ଼ି ହେଲା; ଗୁଇଁଗାଇଁ (ଗୁଣିଗାଣି) ହେଲା; ଗାଇଁଗୁଇଁ ହେଲା (ଗାଇହେଲା ଓ ଅଳ୍ପ ସ୍ୱରରେ କହିଦେଲା) ।

**ନାମଧାତୁ**

କହିକହି 'ଫାଟିଫୁଟି' ଗଲା; ଦାଂତେଇଦୁଂତେଇ ଦେଲା; ଭଲେଇଭାଲେଇ ହେଲା; ବିଲ ବଂଧେଇବାଂଧେଇ ଦେଲା; ହଦେଇହାଦେଇ ଗଲା; ମୋଟେଇମାଟେଇ ଗଲା; ବାଡ଼େଇବୁଡ଼େଇ (ବାଡ଼ିଆଇବୁଡ଼ିଆଇ) ହେଲା; ଗଂଧେଇଗାଂଧେଇ ଗଲା; କୁଂଥେଇକାଂଥେଇ ହେଲା; ଜକେଇଜାକେଇ ଗଲା; ସକେଇସାକେଇ ହେଲା; ପହଣେଇପାହାଣେଇ ଦେଲା ।

ବେଳେବେଳେ ଏଇ ଯୁଗ୍ମରେ ଦ୍ୱିତୀୟଟି ପ୍ରାୟ ସମାନାର୍ଥକ ବା କିଂଚିତ୍ ସାଦୃଶ୍ୟବୋଧକ **ଅନ୍ୟ ଧାତୁର ଅସମାପିକା କ୍ରିୟା ରୂପରେ ପ୍ରକାଶ କରାଯାଏ ।** ଯଥା-

କାଟିଛାଟି ଦେଲା; ଲଇଁସଇଁ (ସହି) ଗଲା; ଗାଇଁବାଇଁ (ବଜେଇ) ହେଲା; ବଂଧେଇଛଂଦେଇ, ବାଂଧିଛଂଦି ଦେଲା; ଧକେଇସକେଇ ହେଲା; ମୋଡ଼ିଭିଡ଼ି ହେଲା; କାଂଦିକୁଂଥେଇ ହେଲା; କୋଡ଼ିକଗୁଡ଼ି ହେଲା; କାଖେଇକୋଡ଼େଇ ନେଲା; କୁଂଥେଇବିଥେଇ ହେଲା; ଅଥେଇବଥେଇ (ଅଥୟବ୍ୟଥିତ) ହେଲା ।

ପଶ୍ଚିମ ଓଡ଼ିଶାରେ ଏପରି କ୍ରିୟାଯୁଗ୍ମରେ **ପ୍ରଥମଟି ଅସମାପିକା କ୍ରିୟାରୂପି ଓ ଦ୍ୱିତୀୟଟି ସର୍ବଦା ପ୍ରୟୋଜକ ନାମଧାତୁ ପ୍ରତ୍ୟୟହୀନ ହୋଇ ଆକାରାନ୍ତ ବ୍ୟଂଜନ ହୁଏ;** ପୁଣି ମୂଳ ଅକ୍ଷରର ସ୍ୱର ବରାବର 'ଉ' ହୁଏ । ଯଥା-

କରିକୁରା ଦେଲା; ଖାଇଖୁଆ ଦେଲା; ଲଇଁଲୁଆଁ ଗଲା; ବାଡ଼େଇବୁଡ଼ା ଦେଲା; କୁଟିକୁଟା ଦେଲା; କାଟିକୁଟା ଦେଲା; କୁଟେଇକୁଟା ଦେଲା; ଗଂଧେଇଗୁଂଧା ଗଲା; ମରିମୁରା ଗଲେ; ମାରିମୁରା ଦେଲା ଇତ୍ୟାଦି ।

Digitized by PPRACHIN, SOA

ସେଇ [illegible] ରେ କହନ୍ତି-

ଡାଂଗିଡୁଂଗା [illegible] ଲା; କାଠିକୁଟା ଆଣିଲା; ଭାତଭୁତା କିଛି ନାଇ; ବାଡ଼ବୁଡ଼ା ଲାଗିଚି (ଗ୍ରାମରେ ଯେଉଁ ବାଡ଼ ବା ଦଳ ହୁଏ); ଭାଗଭୁଗା ଅସୁଲ କଲା; ପାଖପୁଖା ଲୋକ; ପାଣିପୁଣା (ପଣା) କିଛି ନାଇ; ମାତ୍ର 'ପାଣିପଣା ପ୍ରାନ୍ତରେ ବୁଝିବ'-ଏଠାରେ ଅର୍ଥ ଭିନ୍ନ; ଜମିଜୁମା (ଜମା) କିଛି ନାଇ-ଏଠାରେ 'ଜମା' ଖଜଣାର ପ୍ରଭାବରେ 'ଜୁମା' ପ୍ରାୟ 'ଜମା' ହୋଇଯାଏ ।

**ଧାତୁ ଯୁଗ୍ମ**

ସେଇପରି ସମାଧାନାଦି ଅର୍ଥ ବା ସେଇ ସଂପର୍କୀୟ ଆନୁସଂଗିକ କ୍ରିୟା ସହିତ ସାଧନ କରିବାଦି ଅର୍ଥରେ ଠିକ୍ ଅସମାପିକା କ୍ରିୟା ଯୁଗ୍ମ ହେବା ନିୟମରେ ମୂଳଧାତୁର ଯୁଗ୍ମରୂପ ହୁଏ । ପ୍ରୟୋଜକ ବା ନାମଧାତୁର ଏ ରୂପ ହୁଏ ନାଇ । କଦାଚିତ୍ ହେଲେ ଶେଷର 'ଆ'କାର ଉଠିଯାଇ ଧାତୁଟି ବ୍ୟଂଜନାଂତ ହୁଏ । **ଏଇ ଯୁଗ୍ମରୂପଗୁଡ଼ିକ ପୁଣି ଷଷ୍ଟ ବିଶେଷ୍ୟ, ବିଶେଷଣ ବା କ୍ରିୟା ବିଶେଷଣ-ଅବ୍ୟୟ ହୁଏ ।** ଏଇପରି ଅବ୍ୟୟରେ ପ୍ରାୟଶଃ ଧାତୁର କ୍ରିୟାଜନିତ ଶବ୍ଦର ଅନୁକରଣ ପ୍ରକାଶ ପାଏ । ଯଥା-

କାଟ୍କୁଟ୍ ଲାଗିଚି; ଏପରି କାଟ୍କୁଟ୍‌ରେ କାମ ସରିବ ନାଇ; ଜିନିଷ ବଡ଼ କସ୍କାସ୍ ହେଲା; ଭିଡ଼୍ଭାଡ଼୍ କିଛି ନାଇଁ; ବାଟ୍ବୁଟ୍ କରିଦେଲା; କୁଂଥ୍କାଂଥ୍ (ପ୍ରୟୋଜକ ରୂପ) ହେଲା; ବାଂଟ୍ବୁଂଟ୍ କରିଦେଲା; ପହଣ୍ପାହଣ୍ (ପହଣାପହଣି) ଲାଗିଚି (ନାମଧାତୁ); କାଂଦ୍କୁଂଦ୍ କରୁଚି; ମୋଟ୍ମାଟ୍ ହୋଇଗଲା (ମୋଟେଇଗଲା-ନାମଧାତୁ); କାଢ଼୍କୁଢ଼୍ କଲା; ଝାଡ଼୍ଝୁଡ଼୍ ହେଲା; ଛାଡ଼୍ଛୁଡ଼୍ କଲା; ଥୋଥୋ କରୁଚି; ଖଂଜ୍ଖାଂଜ୍‌ରେ ଅଛି ।

ସେଇଭଳି ଅର୍ଥର **ଅନ୍ୟ ଧାତୁରେ ମଧ୍ୟ ଏଇ ଯୁଗ୍ମ ବେଳେବେଳେ ପ୍ରକାଶ କରାଯାଏ ।** ସେଥିରେ ମଧ୍ୟ ବେଳେବେଳେ ଉପର ଯୁଗ୍ମର ସ୍ୱର ସାଦୃଶ୍ୟ ଥାଏ । ଯଥା-

ଗୁଲ୍ବୁଲ୍ କରୁଚି; ହାଣ୍କାଟ୍ ଲାଗିଚି; କୋଡ଼୍ମାଡ଼୍ ଲାଗିଚି; ମାର୍ପିଟ୍ ହେଉଚଂତି; କୁଟ୍କାଂଡ଼୍ ଗୁଳିଚି; ମାର୍ଧର କରୁଚଂତି; ଖୋଳ୍ତାଡ଼୍, ଘୋଟ୍ମାଟ୍ (ମାଡ଼); ଛାଡ଼୍ବାଡ଼୍ (ବାର୍) କିଛି ନାଇଁ; ଘାଂଟ୍ଚକଟ୍ ଲାଗିଚି; ଦେଣନେଣ (ଦେନେ); ରାଂଧ୍ବାଢ଼୍; ଖାଣ୍ପିଣ୍ (ଖାପିଇ); ଚୁର୍ମାର୍ କରିଦେଲା ।

Digitized by PPRACHIN, SOA

**ନିପାତନ**

କୁତ୍‌କୁତା (କୁଟ୍‌କୁଟା) କରିଦେଲା; (କୁଟି ବା କାଟି ଟିକ୍‌ଟିକ୍ କଲାପରି କରିଦେଲା ।) (ପଶ୍ଚିମ ଓଡ଼ିଶାର କ୍ରିୟା ଯୁଗ୍ମ ଦେଖ)

**ଶବ୍ଦ ଓ ଭାବାଦିର ବର୍ଣନା ଓ ଅନୁକରଣରେ ଧାତୁର ସଂପର୍କ**

କଟ୍‌କଟ୍, ଭଅଁଭଅଁ, ସଅଁସଅଁ, ମଡ଼୍‌ମଡ଼୍ ପ୍ରଭୃତି ଶବ୍ଦର ଅନୁକରଣରେ ଅବ୍ୟୟମାନେ ହୁଅନ୍ତି । ଏମାନଙ୍କର ଦ୍ୱିରୁକ୍ତି ନ ହୋଇ ମଧ୍ୟ ଫଡ୍‌କିନି (କରି) ଉଡ଼ିଗଲା; ମଡ୍‌କିନି ଭାଜିଗଲା; ପ୍ରଭୃତିରେ ଥରେ ବ୍ୟବହାର ହୁଏ । ଏମାନଂକର ମୂଳତଃ କୌଣସି ଧାତୁ, ଶବ୍ଦ ବା ଏକାଧିକ ଧାତୁ ବା ଶବ୍ଦର ମିଶ୍ରଣ ସଂଗେ ସଂବଂଧ ଥାଏ । ସବୁଠାରେ ସେ ସଂବଂଧ ବାହାର କରି ବୁଝିବା ଏବେ କଠିନ ହେଲେହେଁ, ପୁଣି ଏଇ ଶବ୍ଦଗୁଡ଼ିକ ମୂଳ ଅର୍ଥରୁ ବେଳେବେଳେ ବ୍ୟବହାରରେ ବହୁଦୂରକୁ ଗୁଲିଯାଇଥିଲେହେଁ ମୂଳ ପ୍ରକୃତି ବୁଝିବାପାଇଁ ତଳେ କେତୋଟି ଉଦାହରଣ ଦିଆଗଲା । ଏମାନେ ବେଳେବେଳେ ବ୍ୟବହାର ଓ ପ୍ରତ୍ୟୟାଦିରେ ଧାତୁ ପରି ମଧ୍ୟ ବ୍ୟବହାର୍ ହୁଅଂତି । ଯଥା-

**ଘୁର୍**-ଘଡ଼୍‌ଘଡ଼୍ (ସଂସ୍କୃତ-ଘର୍ଘର) ମୂଳରେ ଚକ ଘୁରିବା ଶବ୍ଦର ଅନୁକରଣ । ପାରାର ଶବ୍ଦରେ ଅନୁନାସିକ ଲଗାଇ ହୁଏ-'ଘୁମ୍‌ଘୁମ୍' (ଘୁଁଉଘୁଁଉ)

**କିଳ୍**-ଘିଡ଼୍, ଘିଡ଼୍‌ଘିଡ଼୍-ଦ୍ୱାର କିଳିବା ଶବ୍ଦର ଅନୁକରଣ । ଏଥିରେ 'ଘଡ଼୍'ର ମଧ୍ୟ ସାଦୃଶ୍ୟରୁ ସଂବଂଧ ଅଛି ।

**ବୁଡ଼୍**-ଭୁଡ଼୍‌ଭୁଡ଼୍ (ବୁଡ଼ିଲେ ଯେପରି ଶବ୍ଦ ବାହାରେ) ସେଥିରୁ ପୁଣି 'ଭଡ଼୍‌ଭଡ଼୍'; 'ଭଡ଼୍‌ଭଡ଼୍ ପୋଚିଆ' । ଟିକିଏ ଅଳ୍ପ ଓ ନରମ ହେବାରେ 'ଭୁଟ୍‌ଭୁଟ୍' ମଧ୍ୟ ହୁଏ । ସେଥିରୁ ଗନ୍ଧର ଅନୁକରଣ 'ଭଣ୍‌ଭଣ୍' ହୁଏ ।

**ଭାଙ୍ଗ୍**-ଭଡ଼୍, ଭଡ଼୍‌ଭଡ଼୍-କଠିନ ଶୁଖିଲା ଜିନିଷ ଭାଜିବାର ଶବ୍ଦ, ଉପରର 'ଭଡ଼୍' ସଂଗେ ଏହାର ହୁଏତ ସଂବଂଧ ଅଛି ।

**ମାଡ଼୍**-ମଡ଼୍, ମଡ଼୍‌ମଡ଼୍ । ଏହା ସଂଗେ ଉପର 'ଭଡ଼୍'ର ସଂବଂଧ ସ୍ପଷ୍ଟ । ଶୁଖିଲା ଭଂଗପ୍ରବଣ ଜିନିଷ ମାଡ଼ିଲେ ତାହା ଭାଜି ଯେପରି ଶବ୍ଦ ହୁଏ ।

**କାଟ୍**-କଟ୍‌କଟ୍ । ଏଥିରେ 'କସ୍'ର ସଂପର୍କ ଅଛି । କସିଦେଲେ ଯେପରି କାଟେ ସେଇ ଶବ୍ଦର ଅନୁକରଣ । ଦାଂତରେ କାଟିବାର ଶବ୍ଦ ଅନୁକ୍ରମରେ ମଧ୍ୟ 'କଟ୍‌କଟ୍' 'କଡ଼୍‌କଡ଼୍' ହୁଏ । ନରମ ହେବା ବୁଝାଇଲେ 'କୁଟ୍‌କୁଟ୍', 'କୁଡ଼୍‌କୁଡ଼୍' ପ୍ରଭୃତି ହୁଏ ।

Digitized by PPRACHIN, SOA

**ଭ୍ରମ୍**-ଭଁଅଭଁଅ । ଭ୍ରମର ଭ୍ରମିଲେ ଯେ ଶବ୍ଦ ହୁଏ, ତାହାର ଅନୁକରଣ ।

**ଶ୍ୱସ୍**, ସ୍ୱନ୍-ସଁଅସଁଅ । ଏହା ଶ୍ୱାସ-ସ୍ୱନର ଅନୁକରଣ ।

**ପତ୍**, ଫାଟ୍-ପଟ୍, ଫଟ୍ (ଜୋର ଦେଇ କହିଲେ 'ଫଟୋ' ମଧ୍ୟ ହୁଏ) ଫତ୍, ପତ୍ (ଲୁଗା ଫାଟିବା ବା ଚିରିଯିବା ଶବ୍ଦ) ପଟ୍‌କିନି ପଡ଼ିଗଲା; ଫଟ୍‌କିନି ପଡ଼ିଗଲା; ଫଟୋକିନି ପଡ଼ିଗଲା; ଏ ସବୁଠାରେ ଫାଟିଗଲା ମଧ୍ୟ ଚଳେ ।

**ପକ୍ଷୀ ଉଡ୍**, ଚଳ୍-ଫଟ୍, ଫଡ୍, ଫଡ୍‌ଫଡ୍ । ଉପର 'ଫଡ୍' ସଙ୍ଗେ ଏହାର ଶବ୍ଦ ସାଦୃଶ୍ୟର ସଂବଂଧ ଅଛି । 'ଫର୍‌ଫର୍', ଫୁର୍‌ର୍-'ଫୁର୍ରେ ବାୟା' । ସେଇଥିରୁ ମଧ୍ୟ ଲୁଗା ଫର୍‌ଫର୍ ଉଡ଼ିଲା; ଧୋବ ଫର୍‌ଫର୍ ଦିଶୁଚି ।

**ଢଳ୍**-ଢଳ୍‌ଢଳ୍, ଢଳିପଡ଼ିବା ଭଳି ପାଣିକୁ ବର୍ଣ୍ଣନା କରି ଏଇ ଶବ୍ଦ; ପଦ୍ମପତ୍ରରେ ପାଣି ଯେପରି ଥାଏ । ଏହା ମଧ୍ୟ ଠିକ୍ ଶବ୍ଦ ନୁହେ । ଶବ୍ଦରେ ଭାବର ବର୍ଣ୍ଣନା ।

**ଖୋଲ୍ ହସ୍** (ଖୋଲା ହସ)-ଖଳ୍‌ଖଳ୍, ଖିଲ୍‌ଖିଲ୍, କିର୍‌କିର୍ ହୋଇ ହସୁଛି । ସେଇ ଅନୁକରଣରେ ପୁଣି ଖିଡ଼ିକି ବାଟେ ସେବିତ ବାୟୁସ୍ରୋତ ସଂବଂଧରେ କୁହାଯାଏ-'କିଲ୍‌କିଲ୍ ପବନ ବହୁଚି ।'

**ଗଳ୍**-ଗଳ୍‌ଗଳ୍, ଗୁଳ୍‌ଗୁଳ୍ ।

**ଗଡ୍** (ପାଣି ଗଡ଼ିବା)-କଳ୍‌କଳ୍, କୁଳ୍‌କୁଳ୍, ନଦୀ ଧୀରେ ବହିବାର ଶବ୍ଦ । ପେଟ 'କଳ୍‌କଳ୍' ବା 'କୁଳ୍‌କୁଳ୍' ବା 'କୁଡ୍‌କୁଡ୍' ।

**ଛାଟ୍**-ଛଟ୍‌ଛଟ୍, 'ପଡ୍' ମିଶି - ଛଟ୍‌ପଟ୍ ।

**ଶବ୍ଦରୁ ମଧ୍ୟ ଅନୁକରଣାତ୍ମକ ଯୁଗ୍ମଧାତୁ ହୁଏ । ଯଥା-**

**ଗରମ** (ଘର୍ମ)ରୁ 'ଗମ୍‌ଗମ୍' ଝାଳ ବହିଲା । ସେଥିରୁ 'ଗୁମ୍‌ଗୁମ୍' ଖରା; ଗୁମୁଗୁମିଆ ପାଗ; ଗୁଳୁଗୁଳିଆ ପାଗ-ଗୁଳୁଗୁଳି ।

ସେହିପରି 'ଦବ୍', 'ଦାବ୍'ରୁ କିମ୍ବା 'ଦବାଇମାଡ୍' କିଂବା 'ଦବ୍‌ମାର୍'ରୁ ଦମ୍‌ଦମ୍, ଦୁମ୍‌ଦୁମ୍; 'ଝାଡ୍'ରୁ 'ଝମ୍‌ଝମ୍', 'ଝୁମ୍‌ଝୁମ୍';

**'ଧର୍'ରୁ** 'ଧମ୍‌ଧମ୍'-ମୁଂଡ଼ ଧମ୍‌ଧମ୍ ହେଉଚି (ମୁଂଡ଼ ଧରିବାରେ ଯାହା ହୁଏ ।)

**ଟାଣ୍**-'ଟଣ୍'-ଟାଣିଲେ ଯେପରି ଶବ୍ଦରେ ଛିଡ଼େ । କଡ୍‌ଟାଣ୍-କଟ୍ କଟ୍ ହଉଚି ।

Digitized by PPRACHIN, SOA

**ଝର**-ଝର୍‌ଝର୍; ଝୁର୍‌ଝୁର୍; ଝୁଡ଼୍‌ଝୁଡ଼୍, ଚର୍‌ଚର୍ ।

**ଝଡ଼୍**-ଝଡ଼୍‌ଝଡ଼୍; ଟିକିଏ ନରମ ହେଲେ ଝୁଡ଼୍‌ଝୁଡ଼୍ ।

**ଚୁର୍**-ଝୁର୍‌ଝୁର୍, ଝୁଡ଼୍‌ଝୁଡ଼୍ । ଏଥିରେ 'ଝର୍'ର ସଂବଂଧ ଅଛି । ମେଂଗୃମେଂଗୃ ନୁହେ, ଝୁଡ଼୍‌ଝୁଡ଼ା, ଏପରି ପ୍ରୟୋଗରେ ଏଇ 'ଝୁଡ଼୍‌ଝୁଡ଼୍'ରୁ 'ଝଡ଼୍‌ଝୁଡ଼ା' ହୁଏ । ମାତ୍ର ବର୍ଷାର 'ଝୁଡ଼୍‌ଝୁଡ଼ିଆ' ପାଗ । ଏଠାରେ 'ଝଡ଼୍' ଓ 'ଝର୍' ସଂଗେ 'ଚୁର୍'ର ସଂବଂଧ ନାଇ ।

**ଗୁପ୍ତ**, ଗୋପନ (ଗୁପ୍)ରୁ 'ଗୁମ୍'; ଗୁମ୍ କରିଦେଲା ।

'ଚପ୍'ରୁ 'ଚୁପ୍'; 'ଚୁପ୍' ରହ ।

**ପୂରୁଣାରୁ ପୁର୍;** ପୁର୍ କିନି ଚିରିଗଲା, ପର୍‌କିନି ଚିରିଗଲା; ପର୍ର୍ (ପରର) କିନି ଚିରିଗଲା ।

**ଫୁଲ୍**-ଫାମ୍, ଫାଇଁ ।

**ଚଳ୍** (ଚଚଳ)-ଝଟ୍, ଝଟ୍‌ଝଟ୍ ।

**କଂଟା ଫୁଟ୍**-ପଟ୍, ଟପ୍, ଟପ୍‌ଟପ୍ ।

**ଦ୍ୱାରପଡ଼୍**-ଧଡ଼୍ ।

**ଶୋଷ୍**, ଗୃଟ୍-ସଡ଼୍, ସଡ଼୍‌ସଡ଼୍ ।

**ଦହ୍**-ଡହ୍‌ଡ଼ହ୍-ଦହଡ଼ (ଦଗ୍ଧ ବିଶେଷଣ)

**ମାଡ଼୍** (ମର୍ଦ୍ଦ)-ମଚ୍‌ମଚ୍ । 'କଳା ମଚ୍‌ମଚ୍'-ଯେଉଁ କଳାକୁ ମାଡ଼ି ଚକଟିଲେ ମଧ୍ୟ କମିବ ନାହିଁ । ଉପରେ ଲାଗିଥିବା କଳା ନୁହେଁ । ସେଇପରି ଅନ୍ଧାର କଟ୍‌କଟ୍, କଳା କଟ୍‌କଟ୍-କିଟିକିଟିଆ ଅନ୍ଧାର-ଯେଉଁ ଅନ୍ଧାର ଏତେ ଘନ ଯେ ତାହା କଟାଯାଇପାରେନି; ସଂସ୍କୃତରେ ମଧ୍ୟ କହନ୍ତି-**'ସୂଚ୍ୟଭେଦ୍ୟତମଃ'** ।

ପଦାର୍ଥ ଶବ୍ଦ ବା ଉତ୍ତରରେ ବାହାରିବା ଶବ୍ଦରୁ କେତେ ଅନୁକରଣ ଶବ୍ଦ ମଧ୍ୟ ହୁଏ । ଏଇ ଶବ୍ଦମାନେ ଅତି ମୌଳିକ । ଯଥା-

**ଫୁଉଫୁଉଁ**-ଓଷ୍ଠ୍ୟ ଶ୍ୱାସ ଶବ୍ଦ (ସଂସ୍କୃତ-'ଫୁତ୍') ଫୁଂକ୍ ଏହାର ଧାତୁରୂପ ।

**କେଁ, କେଁକେଁ**-କୌଣସି କାଟିବା ପରି ଆଘାତରେ କିଂ, କଅଣ ବୋଲି ପଗୃରଂତି । 'ସେଥିରୁ କେଁ । ଏଥିରୁ ଧାତୁ କେଁଚ୍, ଖେଁଚ୍, ଖୁଁଚ୍ ।

**କୁଉଁ-କେଁର** ଅନ୍ୟ ରୂପ-ସଂସ୍କୃତ 'କିମୁ', କଅଣ ?

Digitized by PPRACHIN, SOA

**କାଁ, କାଉଁ**–କେଁ ବା କୂଉଁ କରାଇବାରୁ ସେଥିରୁ ଧାତୁ 'କାମୁଡ୍' ।

**ଛି, ଛିକ୍, ଛିକ୍‌ଛିକ୍**–'ଧିକ୍'ରୁ କିଂବା ଛିଂକ୍ ଶବ୍ଦ, ବା ପାଖରୁ ଯା, ବା ଛାଡ୍ ବୋଲି ଜଣାଇବାର ଶବ୍ଦାନୁକରଣ ।

**ଚୁଉଁ–ଚୁମ୍‌ରୁ**–ଦୀର୍ଘ ଚୁଂବନ ସ୍ୱରର ଅନୁକରଣ ।

**ଧାଧୋ**–'ଧର୍'ରୁ ମାଂକଡ଼ ଘଉଡ଼ିବା ଶବ୍ଦ ।

**ଭୋ**–ସଂସ୍କୃତ 'ଭବନ୍'ରୁ, ଡାକିବା ବା କାଂଦ (କାଂଦିବାର) ଶବ୍ଦ ।

**ଶବ୍ଦ ସାଦୃଶ୍ୟରେ ମଧ୍ୟ** – 'ଛାଡି'ରୁ 'ଚିତ୍' ପିଠି ଅଂଗରୁ ଫଟାଂଗ୍, ପଟାଂଗ୍ । ପୁଣି ସଂସ୍କୃତ 'ଝଣତ୍, ଖନତ୍' ପ୍ରଭୃତିର ସାଦୃଶ୍ୟରେ **ହୁଏ**–ଝପାଚ୍, ଫଟାତ୍, ପଟାତ୍, ଝଟାତ୍ ପ୍ରଭୃତି **ହୁଏ** ।

ଏଇସବୁ ଶବ୍ଦମାନଂକର ଧାତୁ ସଂଗେ **ସ୍ପଷ୍ଟ** ସଂପର୍କ ପ୍ରକାଶ ପାଉଥିଲେ ଓ କ୍ରିୟାଟି ଶୀଘ୍ର ହେବା ବୁଝାଇଲେ **ଏମାନଙ୍କର ଏକପ୍ରକାର ବ୍ୟତିହାର ରୂପ ହୁଏ ।** ମାତ୍ର **ଶେଷରେ 'ଇ' ରହେ ନାଇ ।** ଯଥା-

ସେମାନେ ପଟାପଟ୍ (ଫଟାଫଟ୍) ପଡ଼ିଗଲେ (ପିଟିଦେଇ ଗଲା) ।

ସେ ଗଛଗୁଡ଼ାକ ପଟାପଟ୍ କାଟି ଦେଇଗଲା (ପକାଇ ଦେଲା) ।

ଖପାଖପ୍ ଡେଇଁ ପଡ଼ିଲେ (କ୍ଷିପ୍ର ହେଲେ) ।

ଝପାଝପ୍ ପାଣିରେ ପଡ଼ିଲେ (ଝାଂପି ପଡ଼ିଲେ) ।

ଟଣାଟଣ୍ ଛିଡ଼ିଗଲା (ଟାଣି ହୋଇ ଛିଡ଼ିଲା) ।

ଧଡ଼ାଧଡ୍ ଦୁଆର ପଡ଼ିଲା ବା ଉଠି ଗୁଲିଗଲା ।

ଫଡ଼ାଫଡ୍ ଲୁଗା ଫାଡ଼ିଦେଲା ବା ଚଢ଼େଇ ଉଡ଼ିଗଲେ ।

ତଡ଼ାତଡ୍ ବାହାର କରିଦେଲା (ତଡ଼ିଦେଲା) ।

ଖପାଖପ୍ ଖେପିଗଲା ।

ଟପାଟପ୍ ଟପିଗଲା ବା ଟିପିଦେଲା ବା କଂଟା ଗଳିଗଲା ।

ଖଟାଖଟ୍ (କଟାକଟ୍) ଲଗେଇଚି, କଳିକଲାପରି କଟ୍‌କଟ୍ ହେଉଚି ।

ଝଟାଝଟ୍/ଝଟାପଟ୍/ଚଟାପଟ୍ ଗୁଲିଗଲା ।

ଧମାଧମ୍/ଦମାଦମ୍ କାମ କଲା ।

**ସ୍ପଷ୍ଟ** କ୍ରିୟାରେ – ଜଗାଜଗ୍, ଛକାଛକ୍ ହେଲା; ଜଗାଜଗ୍‌ରେ, ଛକାଛକ୍‌ରେ ଅଛି (ଏଠାରେ 'ରେ' ଭାବାଧିକରଣ–ବିରୁଦ୍ଧରେ ଅଛି ଯେପରି ଏହା ସେଇପରି–ଏହା କ୍ରିୟାର ବିଶେଷଣ)

Digitized by PPRACHIN, SOA

ଜିନିଷ 'କସାକସ୍' ହେଲା (ଏଠାରେ କସାକସ୍ ଜିନିଷର ବିଶେଷଣ) ବିଶେଷଣରେ-କଡ଼ାକଡ଼୍ ବଢେଇଲା । (ଖୁବ୍ କଠିନ ବା କଷ୍ଟ ହେବାଭଳି କଡ଼ାକଥା କହିଲା ।)

ପୁଣି ସର୍ବଦା ଏମାନେ ଧାତୁ ଯୁଗ୍ମରେ ତିଆରି ହୋଇଥିବା ଶବ୍ଦ ଓ ପଦ ପରି ଠିକ୍ ସେଇ ସ୍ୱର ପରିବର୍ତ୍ତନ ନିୟମରେ ହୁଅଂତି । ଯଥା-

ଘଡ଼୍ଘାଡ଼୍, ଘିଡ଼୍ଘାଡ଼୍, ଘୁମ୍ଘାମ୍, ଘୁଁଉଘାଁଆ, ହୁଁହାଁ-କିଛି ଶୁଘୁନାଇ ।

ଘିଡ଼୍ଘାଡ଼୍ ଦୁଆର ପଡ଼ିଗଲା ।

ଭୁଟ୍ଭାଟ୍ କିଛି ଶୁଘୁନାଇ । ଫୁର୍ର୍ ଫାର୍ର୍ କିଛି ନାଇ ।

ସେଇପରି ଖଦ୍ଖାଦ୍, ସତ୍ସାତ୍ (ଗ୍ଳିଗଲେ, ବାହାରି ପଡ଼ିଲେ ।);

ଗୁଳ୍ଗାଳ୍; ଭଟ୍ଭାଟ୍, ଭୁଟ୍ଭାଟ୍, ଛଟ୍ଛାଟ୍; ଦୁମ୍ଦାମ୍; ଝୁଡ଼୍ଝାଡ଼୍; ଝଡ଼୍ଝାଡ଼୍; କଚ୍କାଚ୍; ଗୁମ୍ଗାମ୍; ଚୁପ୍ଚୃପ୍; କେଁକାଁ; କୁଁଉକାଁଆ; ଚେଁଗୃଁ; ଚୁଉଁଗୃଆଁ; ଭେଁଭାଁ; ଛିଛା; ଛିକ୍ଛାକ୍; ଫୋଫା; ଫୁଁଫା (ଫୋଫା କରି କହିଲା, ଫୁଂକି ବା ଫୁତ୍କାରରେ ଉଡ଼ାଇ ଦେଲାପରି କଥା କହିଲା ।

ଏଥିସଂଗେ 'ପଡ଼୍'ରୁ ହୋଇଥିବା 'ଫୋପାଡ଼୍' କ୍ରିୟା ତିଆରି ହେବାର ସଂବଂଧ ଥାଇପାରେ ।)

ଧୋଧାକଲା- ମାଂକଡ଼ ଘଉଡ଼ିଲା ପରି ଘଉଡ଼ିବାର ଅଭିନୟ କଲା ।
ଚିତ୍ଗୃତ୍, ଚିତ୍ପାତ୍ - ଚିତ୍ପଟାଂଗ୍ ହୁଏ ।

ସେଇ ଅନୁକ୍ରମେ ବିଶେଷ୍ୟାଦିରେ-

ଭୋଟ୍ଭାଟ୍ କାମ ଲାଗିଚି (ଭୋଟ୍ ଦେବା ସଂଗ୍ରହ କରିବା ଓ ତତ୍ସଂବଂଧୀୟ କାମ ଲାଗିଛି),

ସୋର୍ସାର୍ ନାଇ; ସମସ୍ତେ ତୁନ୍ତାନ; ସବୁ ସୁନ୍ସାନ୍;

ପୋଡ଼ପାଡ଼ (ପୋଡ଼୍ପାଡ଼୍) ଲୋକ (ପୋଡ଼ା ହେବା ଯୋଗ୍ୟ ଲୋକ) ।

ସେଇ ଅନୁକ୍ରମେ ଆନୁସଂଗିକ ଧାତୁରେ - ପେଟପାଟଣା, ସୋର୍ଶବଦ ।

(ନିପାତନ - 'ଭାତ୍ଭୀତ୍' କିଛି ନାଇ ।)

**ବ୍ୟତିହାରୀ ପ୍ରଭୃତି ଶବ୍ଦର ବାଚ୍ୟ :**

ବ୍ୟତିହାରୀ, ବ୍ୟତିହାରୀରୂପ, ଯୁଗ୍ମଧାତୁକ ପ୍ରଭୃତି ଶବ୍ଦମାନେ ପ୍ରାୟ **ଭାବବାଚ୍ୟରେ କ୍ରିୟାର ଅର୍ଥମାତ୍ର ପ୍ରକାଶ କରଂତି** । ଯଥା-

Digitized by PPRACHIN, SOA

ତାଂକ ଦୌଡ଼ାଦୌଡ଼ି (ଦଉଡ଼ିବା କାର୍ଯ୍ୟ) ଦେଖ ।
ସେ ଘୋଟମାଟରେ (ଘୋଟିବାରେ) ଅଛଂତି ।
ସେ ଲଇଁଲାଇ (ଲଇଁବା ଅବସ୍ଥାକୁ) ଗଲା । ଇତ୍ୟାଦି ।

'ହୋ' ଧାତୁ ପ୍ରୟୋଗ କରି ଏ ସବୁକୁ ବିଶେଷଣ କଲେ ସେଠାରେ ପ୍ରାୟ **କର୍ତ୍ତୃବାଚ୍ୟ ହୁଏ** । ଯଥା-

ସେ ଗୋଡ଼ିଆଗୋଡ଼ି ହେଉଚଂତି; ଅର୍ଥାତ୍, ପରସ୍ପରକୁ ଗୋଡ଼େଇ ହେଉଚଂତି ।

ସେ ଧୁଆଧୋଇ ହେଲେ; ଅର୍ଥାତ୍, ସେ ଧୋଇହେଲେ ।

ପୋଡ଼୍‌ପାଡ଼୍ ପରି ଶବ୍ଦ - 'ଯାହାକୁ ପୋଡ଼ିବା ଉଚିତ୍'-ଏଇପରି ଅର୍ଥରେ କେବେକେବେ **କର୍ମବାଚ୍ୟ ହୁଏ** । ମାତ୍ର ସେସବୁ ସାଧାରଣ ନୁହେ । ପୁଣି ଏପରି ଶବ୍ଦମାନେ ମଧ୍ୟ ଯୁଗ୍ମଶବ୍ଦ ହୋଇପାରନ୍ତି । 'ପୋଡ଼୍‌ପାଡ଼୍' କହିଲେ, ପୋଡ଼ ବା ପୋଡ଼ିବାର ଯୋଗ୍ୟ ଅର୍ଥ ହୋଇପାରେ । 'ଖିଆପିଆ' ପ୍ରଭୃତି ମଧ୍ୟ ଖାଇବାପିଇବା ଅର୍ଥରେ ସ୍ପଷ୍ଟ ଭାବବାଚ୍ୟରେ **'ଆ' ପ୍ରତ୍ୟୟାନ୍ତ କ୍ରିୟାବାଚକ ବିଶେଷ୍ୟ** ବୋଲି ଠିକ୍ କରାଯାଇପାରେ ।

## ଧାତୁରୁ ବିନା ପ୍ରତ୍ୟୟରେ ପଦ :

ଅନୁକରଣ ଶବ୍ଦରେ ବିଶେଷ୍ୟ ଓ ବିଶେଷଣ ତିଆରି ହୁଏ । **ବିଶେଷ୍ୟରେ ପ୍ରାୟ ଭାବବାଚ୍ୟ ଓ ବିଶେଷଣରେ କର୍ତ୍ତୃବାଚ୍ୟର ଅର୍ଥ ଦିଏ** । ଯଥା-

**ବିଶେଷ୍ୟ-** ଦୁଆର ଖଡ଼୍‌ଖାଡ଼୍ ଶୁଣିଲା ।
ଦାଂତ କଟ୍‌କଟ୍ ରହିଗଲାଣି ।
କିଏ ଫଡ଼୍‌ଫଡ଼୍ କରୁଚି ?
କାହା ତର୍‌ତର୍‌କୁ ମୁଁ ଗୃହିଁ ବସିଛି ?

**ବିଶେଷଣ-** ଦୁଆର ଖଡ଼୍‌ଖାଡ଼୍ ହେଉଚି ।
ସେ ଦୁମ୍‌ଦୁମ୍ ହୋଇ ଗୁଲୁଚି ।
ସେ ଆଖି ମିଟ୍‌ମିଟ୍ କରୁଚି ।

ସେଇପରି ଧାତୁରେ କିଛି ପ୍ରତ୍ୟୟ ନ ହୋଇ **ଭାବବାଚ୍ୟରେ ବିଶେଷ୍ୟ ଓ କର୍ତ୍ତୃବାଚ୍ୟରେ ବିଶେଷଣ ହୁଏ** । ଧାତୁ ଯୋଡ଼ ହୁଏ । ଯଥା-

**ବିଶେଷ୍ୟ (ଭାବବାଚ୍ୟ)-**

ତା ରହ୍‌ରହ୍ ଦେଖିହଉ ନାଇ ।
ବସ୍‌ବସ୍ କରି ଆଉ ଲାଭ କଣ ?

Digitized by PPRACHIN, SOA

ଥାଥା କଲା ।
ଥାଥା ମାମା କଲା (ମା'ର ଅର୍ଥ 'ନା'-ଏହା ତତ୍ସମ ଅବ୍ୟୟ)
ଥୋଥୋ କରୁଚି ଥୋଉନାଇ ।
ଗୁହାଁଗୁହାଁ କଲା ।
ବକ୍‌ବକ୍ କଲା ।
ମାର୍‌ମାର୍ ଧର୍‌ଧର୍ କରୁଚି ।

**ବିଶେଷଣ (କର୍ତ୍ତୃବାଚ୍ୟ) ପ୍ରାୟ ଅକର୍ମକ ଧାତୁରୁ-**

ସେ ରହ୍‌ରହ୍ ହେଲା;
ବସ୍‌ବସ୍ ହେଲା;
ଶୋଶୋ ହେଲା;
ବକ୍‌ବକ୍ ହଉଚି;
ଉଠ୍‌ଉଠ୍ ହଉଚି;
ମର୍‌ମର୍ ହେଲା;
ଟଳ୍‌ଟଳ୍ (ମଳ୍) ହେଲା;
ଢଳ୍‌ଢଳ୍ ଦିଶୁଚି;
ଛୁଉଁଛୁଉଁ ହଉଚି;
ଥର୍‌ଥର୍ ହଉଚି;
ସେ ଧର୍‌ଧର୍ ହଉଚି, ଧରୁ ନାଇ; (ଛୁଉଁ, ଧର୍ ପ୍ରଭୃତି ଏଠାରେ ଅକର୍ମକ ପରି ପ୍ରୟୋଗ ହେଉଚଂତି ।)

**କର୍ମବାଚ୍ୟରେ ମଧ୍ୟ-**

ସେ ଭାତକୁ ଖାଖା କରୁଚି, ଖାଉ ନାଇ ।
ବୋଝକୁ ନେନେ କରୁଚି, ନଉ ନାଇ ।

ସେଇ ଅନୁକ୍ରମେ **ବିଶେଷଣରୁ ମଧ୍ୟ-**

ସେ ମଠ୍‌ମଠ୍ କରୁଚି ।
ତା ମଠ୍‌ମଠ୍ ଆଉ ଦେଖି ହଉନାଇ ।

ଯୋଡ଼ ନ ହୋଇ ମଧ୍ୟ କଦାଚିତ୍ ହୁଏ । ଯଥା-

ସେ ମାତ୍ କଲା । ଗୃଳ୍ ଦେଖାଉଚି ।

'ମାତ୍'ରୁ 'ଗମାତ୍' ମଧ୍ୟ ହୁଏ । ଯଥା- ଭାରି ଗମାତ୍ ହେଲା ।

Digitized by PPRACHIN, SOA

**ବିଶେଷଣ**-ସେ ତାକୁ ମାରି ଫେତ୍ (ପାତ୍) କରିଦେଲା ।

ଗଛଯାକ କାଟି ନିପାତ୍ କରିଦେଲା (ଏହା ସଂସ୍କୃତ ନିପାତରୁ ନୁହେ)

ମାଗ୍ ମାଗୁଣିଆଂକର ପିଠା ବହୁତ ।

ହରଣ୍‌ଗୃଳି-ହରଣ୍‌ଗୃଳି ଶୁନ୍ ।

(ଅବଧାନମାନେ ଅଂକ କଷିବାରେ ଦେଖିବା ପାଇଁ କିଛି କାରଣ ନଥାଇ କୌଣସି ଅଂକ ଲେଖିଦେଇ ସୂତ୍ର ଅନୁସାରେ ଗଣନା କରିବାରେ ଏହା କହିଥାଂତି ।) 'ସବୁତକ ରସଗୋଲା ହରଣଗୃଳ କରିଦେଲା' ।

## ଅସମାପିକା କ୍ରିୟା :

### ଅତୀତ ସୂଚକ 'ଇ'-

ସଂସ୍କୃତରେ କର୍ତ୍ତୃବାଚ୍ୟରେ ଖାଲି ଧାତୁରୁ 'ତ୍ୱା' ଓ ଉପସର୍ଗଯୁକ୍ତ ଧାତୁରୁ 'ଯ' ପ୍ରତ୍ୟୟ କରି ଅସମାପିକା କ୍ରିୟାର୍ଥକ ଶବ୍ଦମାନ ହୁଏ । ଯଥା-କୃତ୍ୱା-କରି । ପ୍ରସହ୍ୟ-ବିଶେଷରେ ସହି ।

### ସାଧାରଣ ଅସମାପିକା-

ଓଡ଼ିଆରେ ସେହିପରି ଧାତୁରେ 'ଇ' ପ୍ରତ୍ୟୟ କରି ସାଧାରଣ ଅସମାପିକା କ୍ରିୟାର୍ଥକ ବିଶେଷଣମାନ ହୁଏ । ଯଥା-ରାଂଧି ଖାଅ (ଏଠାରେ ରାଂଧ୍+ଇ=ରାଂଧି, ଅସମାପିକା କ୍ରିୟାର୍ଥକ ବିଶେଷଣ ହେଲା ।)

[**ଦ୍ରଷ୍ଟବ୍ୟ :** ଅସମାପିକା କ୍ରିୟା କିପରି ବିଶେଷଣ, ସେଥିପାଇଁ 'ପଦ ବିଗ୍ରହ' ପ୍ରକରଣରେ 'ଅସମାପିକା କ୍ରିୟା' ଓ 'ସାହାଯ୍ୟକାରୀ କ୍ରିୟା' ଦେଖ ।]

ଜୀବନଯାକକୁ ଖାଇ ବସ (ବସିଥାଅ);

ଦେଇସାରି ଆସ । ଇତ୍ୟାଦି ।

### ବିଶେଷ

(୧) ଦ୍ୟୋତକ ବା ସାହାଯ୍ୟକାରୀ ଧାତୁରେ କ୍ରିୟା ପ୍ରକାଶ ହେଲେ ସମସ୍ତ **ଧାତୁ ଅସମାପିକା କ୍ରିୟାରୂପ ପାଆଂତି** । ଯଥା-

ସେ ଖାଇଗଲା (ଖାଇଲା-ଅନ୍ୟ କୌଣସି କଥାକୁ ଅପେକ୍ଷା ନକରି କେବଳ 'ଖାଇବା' ଅର୍ଥ); ସେଇପରି-

ସେ **ନେଇ** ଯିବ; ସେ **ଉଠି** ପଡ଼ିବ; ସେ **କରି** ଦେଲା; ମଞ୍ଜି **ଗଜୁରି** ଉଠିବ; ସେ **ହସି** ଦେବ; ସେ **କରି** ଆସୁଚି; ସେ **ରାନ୍ଧି** ସାରୁ; ସେ **ଯାଇ** ପାରିବ; ଇତ୍ୟାଦି ।

Digitized by PPRACHIN, SOA

(୨) ଭାବ ବା କର୍ମବାଚ୍ୟରେ କ୍ରିୟାଦି ପ୍ରୟୋଗ ହେଲେ, **ଭାବବାଚ୍ୟରେ** ଧାତୁରୁ 'ଇ' ପ୍ରତ୍ୟୟ ହୋଇ ଧାତୁର ଅର୍ଥ ମାତ୍ର ପ୍ରକାଶ କରି ବିଶେଷ୍ୟ ହୁଏ । ଯଥା-

ମତେ କରି (କରିବା) ଆସେ;
ମୋ ହାତେ ଖାଇ (ଖାଇବା) ହୁଏ;
ରୋଇ (ରୋଇବା) ହୁଏ ।

(୩) **କର୍ତ୍ତୃକର୍ମ ବା କର୍ତ୍ତୃଭାବ ବାଚ୍ୟରେ** ବାକ୍ୟର କ୍ରିୟାଦି ପ୍ରୟୋଗ ହେଲେ, କର୍ତ୍ତୃବାଚ୍ୟରେ ଏଇ 'ଇ' ପ୍ରତ୍ୟୟ ହୁଏ; ଅସମାପିକା କ୍ରିୟା ରୂପରେ ଥିବା ପଦଟି ଷଷ୍ଠ କର୍ତାର ବିଶେଷଣ ହୁଏ । ଯଥା-

ସେ ଦେଇ ହେଲା; ସେ ସୋଇ ହଉଚି ।

(୪) ନିମିତ୍ତାର୍ଥକ 'କୁ' ବିଭକ୍ତି ବା 'ପାଇଁ' ପ୍ରଭୃତି ଛାଡ଼ିଦେଇ କେବଳ **କ୍ରିୟାର୍ଥ ମାତ୍ର ପ୍ରକାଶ କରି ଭାବ ବାଚ୍ୟରେ ଧାତୁରୁ 'ଇ' ପ୍ରତ୍ୟୟ ହୁଏ ।** ଯଥା-

ବାଣୁଆ ମୃଗୟା କରି (କରିବା-କୁ) ଯାଇଚି;
ସେ ପାଣି ଆଣି (ଆଣିବା-କୁ) ଯିବ;
ରାମହରି ଘରକୁ ଖିରି ପିଠା ଖାଇ (ଖାଇବା-କୁ) ଯାଇଚି;
ବାବୁ ଆଜି ସ୍କୁଲକୁ ପରୀକ୍ଷା କରି (କରିବା-ପାଇଁ) ଆସିବେ;
ଖାଇ (ଖାଇବା-କୁ) ବସୁଚି;
'ଦେଇ ପାରୁଚି' ମଧ୍ୟ ଦେବାକୁ ପାରୁଚି (ସମର୍ଥ ହେଉଛି);
ରାମ ଗୀତ ବୋଲି (ବୋଲିବା-କୁ) ଯାଇଚି ଇତ୍ୟାଦି ।

କ୍ରିୟାଟି ବାରଂବାର ବା ବରାବର ହେବାର ସୂଚନା ଥିଲେ **'ସାଧାରଣ' ଅସମାପିକା କ୍ରିୟା ଦୁଇଥର କୁହାହୁଏ ।** 'ବିଶେଷ' ବୋଲି ଉପରେ ଚିହ୍ନାଇ ଦିଆହୋଇଥିବା ଅସମାପିକା କ୍ରିୟାର ସେପରି ହୁଏ ନାଇ । ଯଥା-

ଦେଉଳ **ଦେଖି ଦେଖି** ବାଟ ଗ୍ଲିଲା;
ଖାଲି **ବସି ବସି** ଖାଇଲା;
**ଗୃହିଁ ଗୃହିଁ** ଗଲା; ଖେଳରେ ହାରି ହାରି ଗଲା;
ପରୀକ୍ଷାରେ ଫେଲ **ହୋଇ ହୋଇ** ତା କାଳ ପାଇଗଲା;
ନମସ୍କାର **କରି କରି** ଗ୍ଲିଗଲା;
ଡାଳ **ନୁଆଁଇ ନୁଆଁଇ** ଫୁଲ ତୋଳିଲା;
ସେ **ଲଇଁ ଲଇଁ** ଗ୍ଲିଗଲା, ଇତ୍ୟାଦି ।

Digitized by PPRACHIN, SOA

ଅର୍ଥ ସ୍ପଷ୍ଟ କରିବା ପାଇଁ 'ସାଧାରଣ' ଅସମାପିକା କ୍ରିୟା ପରେ 'କରି' (କର୍+ଇ) ଲାଗେ । ସାଧାରଣ ଓ ବିଶେଷ ଅସମାପିକା ଓ ଯୋଡ଼ରେ ପ୍ରକାଶିତ ଅସମାପିକା ଛଡ଼ା ନାନା ଅର୍ଥରେ 'କରି' ଓ 'ହୋଇ' ଲାଗେ । ସେଠାରେ 'ଇ' ଓ ବ୍ୟଞ୍ଜନ ପରେ ଉଚ୍ଚାରଣରେ **'କରି'-'କିରି'; ହୋଇ-'ହେଇ'** ହୋଇଯାଏ । ଏଇ 'କିରି' ପୁଣି କ୍ରମ ଓ ସ୍ଥଳ ବିଶେଷରେ **'କିନି'** ଓ **'କ୍ନୀ'** ହୋଇଯାଏ । **'ହେଇ'** ମଧ୍ୟ **'ହ୍ୱୀ'** ହଏ । ଅସମାପିକା କ୍ରିୟା ଦୁଇଥର କୁହାହେଲେ ମଧ୍ୟ ଏଇ 'କରି' ଲାଗିଥାଏ । ଯଥା-

**ଖାଇ କିରି ଗଲା, ଦେଇକିରି ବସିଲା** (ଏଠାରେ 'ଦେଇ ବସିଲା' ବା 'ଦେବାକୁ ବସିଲା' ଅର୍ଥ ନୁହେଁ) ।

ଏସବୁରେ 'କିରି'ର ଅର୍ଥ-'ସାରି' । ମାତ୍ର **ରାନ୍ଧି କିରି ଖାଅ; ଜୀବନ ଯାକକୁ ଖାଇକିରି ବସ;** ପ୍ରଭୃତିରେ କେବଳ ଅର୍ଥକୁ ସ୍ପଷ୍ଟ କରିବାର ସୂଚନା । ଦୁଇଥର କୁହାଗଲେ ମଧ୍ୟ ସେଇପରି, ଯଥା-

ପରୀକ୍ଷାରେ ଫେଲ ହେଇ ହେଇକିରି ତା କାଳ ପାଇଯିବ;
ଖାଲି ବସିବସିକିରି ଖାଇଲା; ନ୍ୱାଇଁନ୍ୱାଇଁକରି ଫୁଲ ତୋଳିଲା;
ଲଇଁଲଇଁକିରି ଗୁଲିଗଲା;
ଖେଳରେ ହାରିହାରି କିରି ଗଲା; କରିକିରି ଗଲା (ଏହାର ଅର୍ଥ କରି ବା କରିସାରି ଗଲା); ଏହା 'କରି'ର ଯୋଡ଼ ନୁହେ । ତାହା ହେଲେ **'କରିକରି' ହେବ, 'କର୍କିରି' ହେବ ନାଇ** ।

ଯାହା ତର୍କଣା ବା କଳ୍ପନା କରାଯାଇ ନଥିଲା-ଏପରି ସୂଚନାରେ 'ଆସିକିରି', 'ଯାଇକିରି' ଓ ବିଶେଷରେ 'ପହଁଚିକିରି' ପ୍ରୟୋଗ ହୁଏ । 'କରି' ଛଡ଼ା 'ଆସି', 'ଯାଇ', 'ପହଁଚି' ମଧ୍ୟ ପ୍ରୟୋଗ ହୁଏ । ଏଠାରେ 'ଅସ୍', 'ଯା'ରେ ହୁଏତ ଗତି କରିବାର ଲକ୍ଷଣ ସୂଚନା ଥାଏ । ମାତ୍ର 'ପହଁଚ୍'ରେ ସେପରି କିଛି ନଥାଏ । ଯଥା-

ତୁ ଆସି, ଆସିକିରି, ଇଠେଇଁ ହାଜର ?; ଅର୍ଥାତ୍, ତୁ ଇଠେଇଁ ହାଜର ?;
ତୁ ଯାଇ, ଯାଇକିରି, ତାକୁ ମାରୁଚୁ ? (ତୁ ତାକୁ ମାରୁଚୁ ?);
ତୁ ପହଁଚି, ପହଁଚିକିରି ମତେ ଜବାବ୍ ଦଉଚୁ ?
ସେ ଯାଇ, ଯାଇକିରି, ପହଁଚିକିରି ରାମ ଘରଠାକୁ ଗଲା ?;
ସେ ଆସିକିରି, ପହଁଚିକିରି ସେରେ ରସଗୋଲା ଗିଳି ଦେଲାଣି !
ରାମ ପହଁଚି, ପହଁଚିକିରି ଆମ ଧାନ ଗୁଡ଼ାକ କାଟିନେଲା !

Digitized by PPRACHIN, SOA

ଏସବୁ **ଆଶ୍ଚର୍ଯ ବା ପ୍ରଶ୍ନବାଚକ ବାକ୍ୟରେ** ପ୍ରାୟ ପ୍ରକାଶ କରାହୁଏ ।

ଅନ୍ୟଥା- ସକାଳକୁ ଯାଇ (ଯାଇକିରି) ପହଁଚିବ;
ତୁ ପହଁଚି କିରି ହରି ଘରକୁ ଗଲୁ ଦେଖି ।
ସେ ଆସିକିରି, ଯାଇକିରି, ପହଁଚିକିରି ଜଟଣି ଧରିବଣି;
ସେ ଖାଇଲେ ଯାଇ ହବ ।

**'କରି', 'ହୋଇ'**

ଖପ୍, ଝପ୍ ପ୍ରଭୃତି କ୍ରିୟାର୍ଥ ପ୍ରକାଶକ ଅବ୍ୟୟରେ ନିତ୍ୟରେ 'କରି' ଲାଗେ, ଏଇ 'କରି', 'କିନି' ହୋଇଯାଏ ; ଯଥା-

ଖପ୍ କିନି ଡେଇଁଗଲା; ଝପ୍‌କିନି ପଡ଼ିଗଲା;
ଟପ୍‌କିନି ଗଳି ଗଲା, ଗଳାଇ ଦେଲା ।

ଏଇ ଅବ୍ୟୟ **ଯୋଡ଼ ହେଲେ ବିକଳ୍ପେ ସକର୍ମକ** ଅର୍ଥରେ କରି (କିରି), ପୁଣି ଅକର୍ମକ ଅର୍ଥରେ ହୋଇ, (ହେଇ, ହୀ) ଲାଗେ । ଯଥା-

ଟପ୍ ଟପ୍ ଗଳିଗଲା, ଟପ୍ ଟପ୍ ହେଇ ଗଳିଗଲା;
ଟପ୍ ଟପ୍ ଗଳାଇ ଦେଲା, ଟପ୍ ଟପ୍ କିରି ଗଳାଇ ଦେଲା;
ମଡ଼୍ ମଡ଼୍ ଗ୍ରେବାଇଲା, ମଡ଼୍ ମଡ଼୍ କିରି ଗ୍ରେବାଇଲା;
ମଡ଼୍ ମଡ଼୍ ଗ୍ରେବାଇ ହୋଇଗଲା, ମଡ଼୍ ମଡ଼୍ ହେଇ ଗ୍ରେବାଇ ହୋଇଗଲା ।

ଏଇ **ଅବ୍ୟୟମାନେ ବ୍ୟତିହାରୀ ରୂପ ଧଇଲେ** ଏଇ 'କରି' ବା 'ହେଇ' କଦାଚିତ୍ ଲାଗେ; ଅର୍ଥାତ୍, ନ ଲାଗିଲେ ସୁଂଦର ହୁଏ । ଯଥା-

(୧) ଟପ୍ ଟାପ୍ ଗଳିଗଲା, ଗଳାଇଦେଲା ।
(୨) ଟପାଟପ୍ ଗଳିଗଲା, ଗଳାଇଦେଲା ।

ମାତ୍ର **ଟପ୍‌ଟାପ୍ ହେଇ** ଗଳିଗଲା, କରି ଗଳାଇଦେଲା; **ଝପାଝପ୍ ହେଇ** ପାଣିରେ ପଡ଼ିଗଲେ-ଏପରି କେବେ କେବେ କୁହାଯାଇଥାଏ ।

**ସ୍ୱାର୍ଥରେ କରି, କା**

ଯିବା ଆସିବା ବା ଲାଗିରହିବା ଭଳି ଅର୍ଥର କ୍ରିୟା ଲାଗିଲେ, ଯୋଡ଼ରେ ଥିବା ଅସମାପିକା କ୍ରିୟାପଦ ପରେ **ସ୍ୱାର୍ଥରେ ବିକଳ୍ପେ 'କରି' (କିରି) ହୁଏ । ଏଇ 'କିରି' ପୁଣି ବିକଳ୍ପେ 'କା' ହୁଏ ।** ଯଥା-

ଲଇଁ ଲଇଁ ଗଲା; ଲଇଁ ଲଇଁ କିରି ଗଲା, ଲଇଁ ଲଇଁକା ଗଲା;
କହି କହି, କହି କହି କିରି, କହି କହିକା ବାଟ ଗୁଲିଲା;

Digitized by PPRACHIN, SOA

ଥଟା କରି, ଥଟା କରିକିରି, ଥଟା କରିକରିକା ଅଇଲା । ଇତ୍ୟାଦି ।

ସେଇ ଅନୁକ୍ରମେ ବିଭକ୍ତିର **'ଇ'କାରଂତ ପଦ ପରେ 'କା' ପ୍ରତ୍ୟୟ ସ୍ୱାର୍ଥରେ ହୁଏ** । ଏଇ 'କା', 'କରି'ରୁ ବାହାରିଥିବା ଆଉ ଜଣାପଡ଼େ ନାଇ । ଯଥା-

ମୋ ପାଇଁ, ମୋ ପାଇଁକା ଲୁଗା ଆଣିବ;
ଇଛୁଣି (ଏକ୍ଷଣି) ଇଛୁଣିକା ଯିବା;
ମୋ ଲାଗି, ମୋ ଲାଗିକା (କିରି) କେତେ ଦୁଃଖ ପାଇଲେ ?

ଯୋଡ଼ରେ ପ୍ରକାଶ ହେବା ଅସମାପିକାରେ ମଧ୍ୟ ଏଇ 'କା' ଲାଗେ । ଯଥା-

କରିକରିକା (କରିକିରିକା ନୁହେ);
ଧାଇଁଧାଇଁକା ।

'ଧରି'ର କର୍ମ ପରେ 'ଧରିକରି'ରୁ 'ହେରିକା' ହୋଇ ତାହା ବହୁବଚନରେ ବିଭକ୍ତି ପରି ଚଳେ । ଯଥା- ରାମ ହେରିକା ଆସିଲେ (ରାମକୁ ଧରିକରି ସମସ୍ତେ ଆସିଲେ) ।

'ଧରି' ନ ହୋଇ 'ଘେରି'ରୁ ମଧ୍ୟ 'ହେରିକା' ହୋଇପାରେ ।

ଗଣତି ବା ମାପରେ ନିର୍ଦ୍ଦିଷ୍ଟ ବିଭାଗ ବୁଝାଇଲେ ଏଇପରି ସକର୍ମକ ଅର୍ଥ ଥିବା ବାକ୍ୟରେ 'କରି' (କିରି) ଓ ଅକର୍ମକ ଅର୍ଥ ଥିବା ବାକ୍ୟରେ 'ହୋଇ' (ହେଇ) ଲାଗେ । ଗଣତି ବା ମାପ ବୁଝାଉଥିବା ଶବ୍ଦ ଯୋଡ଼ରେ ପ୍ରକାଶ କରାହୁଏ । ବିଭାଗ ନିର୍ଦ୍ଦିଷ୍ଟ ନ ହେଲେ ଲାଗେ ନାଇ । ଯଥା-

ଶହ୍ ଶହ୍ କରି ଗଣିଲା;
ମାଇଲ୍ ମାଇଲ୍ କରି ମାପିଲା;
ହାତ୍ ହାତ୍ କରି କାଟିଲା;
ଶହ୍ ଶହ୍ ହେଇ ଗଣାହେଲା;
ଗଜ୍ ଗଜ୍ ହେଇ ମପାହେଲା;
ହାତ୍ ହାତ୍ ହେଇ କଟାହେଲା ।

ମାତ୍ର ଗଣତି ବା ମାପର ବିଭାଗ ନିର୍ଦ୍ଦିଷ୍ଟ ନ ବୁଝାଇ ହୁଏ- **ଶହ ଶହ ଗଣିଲା, ଗଣାହେଲା** (ଏଠାରେ ଠିକ୍ ଶହେ ଶହେ ସଂଖ୍ୟା ବୁଝାଉ ନାଇ-ଶହ ଶହ ବୋଇଲେ ଏଠାରେ ଦୁଇ ଗୁରି ଦଶ ନୁହେ - ବହୁତ ବେଶି); ସେଇପରି ମାଇଲ୍ ମାଇଲ୍ ମାପିଗଲା, ମପାହେଲା ।

Digitized by PPRACHIN, SOA

ମାତ୍ର ସଂଖ୍ୟାବାଚକ ଶବ୍ଦ ଯୋଡ଼ ପୂର୍ବରେ ରହିଲେ 'କରି', 'ହେଇ' ବିକଳ୍ପେ ଲାଗେ; କିନ୍ତୁ ଏପରି 'କରି'ର ପ୍ରୟୋଗ ଠିକ୍ ନୁହେ । ଯଥା–

ଦଶ୍ ଦଶ୍ ହାତ୍ ମାପିଲା, ମପାହେଲା;
ଦଶ୍ ଦଶ୍ ହାତ୍ କିରି ମାପିଲା;
ଦଶ୍ ଦଶ୍ ହାତ୍ ହେଇ ମପାହେଲା;
ପାଂଚ୍ ପାଂଚ୍ ଶହ୍ ଗଣିଲା, ଗଣାହେଲା;
ପାଂଚ୍ ପାଂଚ୍ ଶହ୍ କରି ଗଣିଲା;
ପାଂଚ୍ ପାଂଚ୍ ଶହ୍ ହେଇ ଗଣାହେଲା;
ସେହିପରି ପୁଂଜାଏ ପୁଂଜାଏ ଗଣିଲା, ଗଣାହେଲା;
ପୁଂଜାଏ ପୁଂଜାଏ କରି ଗଣିଲା;
ପୁଂଜାଏ ପୁଂଜାଏ ହେଇ ଗଣାହେଲା;

**ଗଜ୍ ଗଜ୍ କିରି ମପାହେଲା; ପାଂଚ୍ ପାଂଚ୍ ଶହ କରି ଗଣାହେଲା** – ଏପରି କେହି କେହି ପ୍ରୟୋଗ କରିବାର ଦେଖାଯାଏ । ମାତ୍ର 'ହେଇ'ଠାରେ ଏହା 'କିରି'ର ଅଶୁଦ୍ଧ ପ୍ରୟୋଗ ।

**ନିଶ୍ଚୟାର୍ଥକ 'କିରି' ଓ 'ହେଇ'–**

ତୃତୀୟା ଓ ସପ୍ତମୀର 'ଏ' ବା 'ରେ' ବିଭକ୍ତି ପରେ ଏଇପରି ସକର୍ମକ ଓ ଅକର୍ମକ ବାକ୍ୟରେ ଯଥାକ୍ରମେ ନିଶ୍ଚୟ ଅର୍ଥରେ ବିକଳ୍ପେ 'କିରି' ଓ 'ହେଇ' ଲାଗେ । 'ହେଇ'ଠାରେ କେବେ କେବେ ଭୁଲରେ ମଧ୍ୟ 'କରି' ପ୍ରୟୋଗ ହୁଏ । ଯଥା–

ଦାଆଟାରେ, ଦାଆଟାରେ କରି, କାଟିଦେଲା;
ଠେଂଗାରେ, ଠେଂଗାରେ କରି, ପିଟିଦେଲା;
ଦାଆଟାରେ, ଦାଆଟାରେ ହେଇ, କଟା ହେଇଚି'
ଠେଂଗାରେ, ଠେଂଗାରେ ହେଇ, ପିଟା ହେଇଚି;
ଘର ମଝିରେ, ମଝିରେ ହେଇ, ବସିଲା;
ଘର ଭିତରେ, ଭିତରେ କରି, ପରିବା କାଟିଲା;
ଘର ଭିତରେ, ଭିତରେ ହେଇ, ପରିବା କଟାହେଲା;

ଭୁଲରେ – ଘର ଭିତରେ କିରି ଶୋଇ ପଡ଼ିଲା;
ଶୁଦ୍ଧ କରି କହିଲେ – ଘର ଭିତରେ ହେଇ ଶୋଇଲା ।

Digitized by PPRACHIN, SOA

ଏଇ 'ହେଇ' ଉଚ୍ଚାରଣରେ 'ହି' ଓ 'ଇ' ହୋଇଯାଏ; ପୁଣି ଘରେ ହି ଶୋଇଲା, ଅର୍ଥାତ୍ ବାହାରେ ବା ଅନ୍ୟ କେଉଁଠି ଶୋଇଲା ନାଇ; ଏଇ ଅର୍ଥର ନିଶ୍ଚୟାର୍ଥକ ଅବ୍ୟୟ 'ହି' ସଂଗେ ଏହା ବେଳେବେଳେ ଏକ ହୋଇଯାଏ ।

**ଅନାଦରରେ 'ହେଇ'**

ଅନାଦର ବୁଝାଇଲେ 'ହେଇ' ଲାଗେ, ଯଥା–

'ହରି ହେଇ ଯୁଁ ମଣିଷ !'; 'ଯେ ହେଇ ଘର !'

ଏଇ 'ହେଇ' ସଂଗେ ସ୍ୱାର୍ଥରେ 'କିରି' ବା 'ପୁଣି' ଓ 'କିରି ପୁଣି' ଦୁହେଁ ଲାଗନ୍ତି । ଯଥା– ହରି ହେଇ କିରି ମଣିଷ !
ହରି ହେଇ ପୁଣି ମଣିଷ !
ହରି ହେଇ କିରି ପୁଣି ମଣିଷ !
ହରି ହେଇ ମଣିଷ !

ଏଇ 'ହେଇ' ସ୍ଥାନରେ ପୁଣି ଠିକ୍ ଏଇ ଅର୍ଥରେ 'ବୋଲି'ର ପ୍ରୟୋଗ ହୁଏ । ଯଥା– ହରି ବୋଲି ମଣିଷ !
ହରି ବୋଲି ପୁଣି ମଣିଷ !
ହରି ବୋଲି କିରି ମଣିଷ !
ହରି ବୋଲି କିରି ପୁଣି ମଣିଷ !

**'ବୋଲି'**

ଓଡ଼ିଆରେ 'ବୋଲି'ର ବିଶେଷ ବ୍ୟବହାର ବିସ୍ତୀର୍ଣ୍ଣ । ସବୁଠାରେ 'ବୋଲି' ସଂଗେ ସ୍ୱାର୍ଥରେ 'କିରି' ବିକଳ୍ପେ ଲାଗେ । ଉଦାହରଣରେ କେତେକ ଦେଖାଇ ଦିଆଯାଉଚି । ଯଥା–

(୧) କଅଣ ବୋଲି (ବୋଲିକିରି) ଗାଳିଦେଲା ?
ଛତରା ବୋଲି (ବୋଲିକିରି) ଗାଳିଦେଲା;

(୨) ରାମ ବୋଲି (ବୋଲିକିରି) ଗୋଟିଏ ଲୋକ ଥିଲା;
ହରି ବୋଲି (ବୋଲିକିରି) ମୋର ଭାଇ ଅଛି;

(୩) ସେ ମତେ କିଏ ବୋଲି (ବୋଲିକରି) ବିଗୁରିଚି ?
(ଅର୍ଥାତ୍ ମତେ ଖାତିର୍ କରୁନାଇ) କଅଣ ବୋଲି ବିଗୁରିଚୁ ?
(ଖାତିର କରୁନାଉ)

Digitized by PPRACHIN, SOA

ମୁଁ ତାକୁ କିଏ ବୋଲି (ବୋଲିକିରି) ଜାଣିଚି । (ଖାତିର କରୁନାଇ)
ତୁ ତାକୁ କିଏ ବୋଲି (ବୋଲିକିରି) ଜାଣିନାଉ ? (ଖାତିର ନ କରିବା ଠିକ୍ ନୁହେ ।)

(୪) ସେ ବୋଲି (ବୋଲିକରି) ଏତେ ମାଡ଼ ସହିଲା; (ଆଉ କିଏ ପାରନ୍ତା ନାଇ-ଅର୍ଥ)

(୫) ଯାହାକୁ ବୋଲି (ବୋଲିକରି) ବର ଗଛୁଟେ; (ବରଗଛ ବୋଲି ଯଥାର୍ଥରେ କହିବାର ଯୋଗ୍ୟ ବରଗଛୁଟେ-'ଯାହାକୁ ବୋଲି' ଗୋଟିଏ ସାଧାରଣ ବିଶେଷଣ ପରି ପ୍ରୟୋଗ ହୁଏ ।)

(୬) କାହାର ବୋଲି ବିଗୁରିଲୁ ? (ବିଗୁରି ଠିକ୍ କଲୁ);
ସେ ଗଲା ବୋଲି ଜାଣ;
ମୋର ବୋଲି ଘିନି ଅଇଲି (ବିଗୁରି) ।
କଅଣ ବୋଲି ବୁଝିଲା କେଜାଣି ?

(୭) ସେ ବୋଲି ପୁଣି ପିଲା ! (ପୂର୍ବେ 'ହେଇ'ର ବ୍ୟବହାର ଦେଖ)
ଯୋଡ଼ାଏ ବୋଲି ମଣିଷ; ଗୋଟାଏ ବୋଲି ଘର; (ବେଖାତିରିରେ)

(୮) କେତେ ବୋଲି କହିଥିଲା ?
ବହୁତ୍ ହେବ ବୋଲି କହିଚି;

(୯) ଗୁମର ଫିଟିଗଲା ବୋଲି ବ୍ୟସ୍ତ ହେଉଚି (ହେତ୍ୱର୍ଥରେ)
ବାମ୍ହୁଣ ବୋଲି ତାକୁ ନମସ୍କାର କଲା (ଏଠାରେ ବ୍ରାହ୍ମଣ ବିଗୁରି ନମସ୍କାର କଲା, ଅର୍ଥ ନୁହେ; ବ୍ରାହ୍ମଣ ହୋଇଥିବାରୁ ନମସ୍କାର କଲା-ଏଇ ଅର୍ଥ)
(ମାତ୍ର ଭୁଲ୍‌ରେ ବ୍ରାହ୍ମଣ ବିଗୁରି ନମସ୍କାର କଲା, ଅର୍ଥରେ ମଧ୍ୟ ଠିକ୍ ଏଇପରି ହେବ; ତେଣୁ ପୂର୍ବାପର ସଂଗତି ବା ବକ୍ତାର ଆଶୟ ବୁଝି ଅର୍ଥ କରିବାକୁ ହେବ)

(୧୦) କଅଣ ବୋଲି ସେଠାକୁ ଯିବି ? (କି ପାଇଁ, କାହିଁକି)

(୧୧) ଯାଉଥିଲା ବୋଲି କହୁଥିଲା । (ହେତୁ ଅର୍ଥ)
ଦେଖିଲା ବୋଲି କହିଲା ।
ଶୁଣିଲା ବୋଲି ଗଲା ।

Digitized by PPRACHIN, SOA

**ଦେଖି-ଦେଖି ଦେଖିବା :**

କୌଣସି କ୍ରିୟା ସାଧନର ଚେଷ୍ଟା ପରୀକ୍ଷା କରିବା, ବାରଣର ସୂଚନା ଦେଇ ଧମକାଇବା ପ୍ରଭୃତି ଆଶୟରେ '(ଆମେ) ଦେଖିବା' ଅର୍ଥରେ ଦେଖି, ଦେଖିବା ଓ ଦେଖି ଦେଖିବା ବ୍ୟବହାର ହୁଏ । ଯଥା-

ତୁମେ ଦେଖି ଗଲ ସେଠାକୁ; ସେଠାକୁ ଗଲ ଦେଖି;
ସେଠାକୁ ଗଲ ଦେଖି ଦେଖିବା; ମୁଁ ଯାଏଁ ଦେଖି;
ମୁଁ ଯାଏଁ ଦେଖି ଦେଖିବା; ଦେଖି କିଏ ସେ ପଶିବ ?;
ଦେଖି ଦେଖିବା କିଏ ସେ ପଶିବ ?, କିଏ ପଶୁଚି ଦେଖି;
କିଏ ପଶୁଚି ଦେଖି ଦେଖିବା; ଦେଖି କିଏ ସେ ପଶୁଚି ଦେଖିବା;
ଦେଖିବା ଦେଖି କିଏ ସେ ପଶୁଚି - ଇତ୍ୟାଦି ବାକ୍ୟରେ ନାନାପ୍ରକାର ଗଠନରେ ଏଇ ପଦମାନଂକର ବ୍ୟବହାର ହୁଏ ।

[**ଦ୍ରଷ୍ଟବ୍ୟ :** ଏଇ ପ୍ରକାର ପ୍ରୟୋଗରେ ଦେଖି ସ୍ଥାନରେ 'ଭଲା' ଅବ୍ୟୟର ପ୍ରୟୋଗ ହୁଏ ।]

**ବର୍ତ୍ତମାନ ବୋଧକ 'ଉ' :**

ଥା, ଅଛ୍ ଦ୍ୟୋତକ କ୍ରିୟା ହୋଇ କ୍ରିୟାର କାଳଭଂଗି ତିଆରି କରନ୍ତି । (କ୍ରିୟାର କାଳଭଂଗି 'ବାକ୍ୟ ବିଗ୍ରହ'ରେ ଦେଖ ।) ଏଇ ଦ୍ୟୋତକ କ୍ରିୟା ଲାଗିଲେ କ୍ରିୟା ସରିଯାଇଥିବା ସୂଚନାରେ ଧାତୁରୁ 'ଇ' ପ୍ରତ୍ୟୟ ହୋଇ ମୁଖ୍ୟ କ୍ରିୟାଟି ଅସମାପିକା କ୍ରିୟାରୂପରେ ରହେ । ମାତ୍ର କ୍ରିୟାଟିର କାର୍ଯ ଗ୍ଲୁଥିବାର ସୂଚନା ରହିଲେ ମୁଖ୍ୟ ଧାତୁରେ 'ଉ' ଲାଗି ଏକ ପ୍ରକାର ଅସମାପିକା କ୍ରିୟା ରୂପ ହୁଏ । ଯଥା- ଖାଉଅଛି, ଖାଉଥିବ, ଦେଉଥିଲା ଇତ୍ୟାଦି । ଏକ କ୍ରିୟା ଗ୍ଲୁଥିବା ଅବସ୍ଥାରେ ଅନ୍ୟ କ୍ରିୟା ହେବାର ଅର୍ଥ ପ୍ରକାଶ କରିବା ପାଇଁ ଏଇପରି ଧାତୁରେ 'ଉ' ପ୍ରତ୍ୟୟ କରି ଅସମାପିକା କ୍ରିୟାରୂପ ହୁଏ । ଏଇ ଅସମାପିକାଟି ନିତ୍ୟରେ ଯୋଡ଼ ବା ଯୁଗ୍ମରେ ପ୍ରକାଶ କରାଯାଏ । ଏଇ 'ଉ' ପ୍ରତ୍ୟୟାନ୍ତ ପଦର 'ଉ' ପ୍ରାୟ ଅନୁନାସିକ ହୋଇଯାଏ । ଯଥା-

ସେ ଯାଉଁ ଯାଉଁ କହିଲା;
ଦେଖୁଁ ଦେଖୁଁ ଗ୍ଲିଗଲା; ଇତ୍ୟାଦି ।

କ୍ରିୟାଟିର ନିଷେଧ ବୁଝାଇଲେ ଏଇ 'ଉ' ପ୍ରତ୍ୟୟାଂତ ପଦଟି ପୂର୍ବେ 'ନ' ନିଏ ଓ ଯୋଡ଼ରେ ପ୍ରକାଶିତ ହୁଏ ନାଇ । ଏଇ 'ଉ' ଉପରେ ଯୋଡ଼ର ଶକ୍ତି ପ୍ରକାଶ ପାଇଁ ଗୋଟିଏ 'ମୁଁ' ମଧ୍ୟ ବିକଳ୍ପେ ଲାଗେ । ଯଥା-

Digitized by PPRACHIN, SOA

ମୁଁ ନ କହୁଣୁଁ ସେ ଗୁଲିଗଲା;
ମୁଁ ନ କହୁଁ ସେ ଗୁଲିଗଲା ।

**'ଇଲେ' :**

ଧାତୁରୁ 'ଇଲେ' ପ୍ରତ୍ୟୟ ହୋଇ ଏକ ପ୍ରକାର ଅସମାପିକା କ୍ରିୟା ହୁଏ । ଯେଉଁ ଧାତୁରେ ଏଇ ପ୍ରତ୍ୟୟ ଲାଗେ ସେଇ ଧାତୁର କ୍ରିୟା ଶେଷ ହେବାପରେ ବାକ୍ୟର ପ୍ରଧାନ କ୍ରିୟାର କାର୍ଯ ଆରଂଭ ହେବା ବୁଝାଯାଏ । ବାକ୍ୟର ପ୍ରଧାନ କ୍ରିୟାର ଭବିଷ୍ୟତ ଅର୍ଥ ହୁଏ । ଯଥା-

ତୁ **ଖାଇଲେ** ମୁଁ ଯିବି; ଏଇ ତ ସେ **ଖାଇଲେ;**
(ଗମ୍‌+ଇଲେ) **ଗଲେ** ବୋଲି ଜାଣ; ସେ **ଗଲେ** ଯାଇ ଏକଥା ଶୁଣାଯିବ;

**'ଯଦି'** ଅର୍ଥ ପ୍ରକାଶ କରେ, ଯଥା-

ସେ **କଲେ** ତୁ କାହିଁକି ଯିବୁ ?; ତାକୁ **ମିଳିଲେ** ତୋର କି ଥାଏ ?;
**ଖାଇଲେ** ମିଳିବ ଯେ; **କହିଲେ** କଅଣ ହେବ, ସେ କଅଣ ବୁଝିବ ?

**ଇଚ୍ଛା ଅର୍ଥରେ** ମଧ୍ୟ ହୁଏ । ଯଥା-

ସେ ଖାଇଲେ ଖାଇଲା ନ ଖାଇଲେ ନାଇ;

ସେଇପରି **ଇଚ୍ଛାର ଅର୍ଥ ଗୂଢ଼ ଥାଇ-**

ହେଲେ ହେଲା; ଗଲେ ଗଲା; ନ ହେଲେ ନାଇ;

**ବ୍ୟାଖ୍ୟା କରିବା ଅର୍ଥରେ** କହିଲେ, ବୋଇଲେ (ବୋଲିଲେ) ହୁଏ । ଯଥା-

ହିଂସା ବୋଇଲେ (କହିଲେ) ମାରିବାର ବା ବ୍ୟଥା ଦେବାର ଇଚ୍ଛା ।

**'ମଧ୍ୟ' ଅବ୍ୟୟର ଅର୍ଥ** ଥାଇ ହୁଏ । ଯଥା-

କହିଲେ ହବ ନାଇ । ଖାଇଲେ ସରିବ ନାଇ ।

**ବହୁତ ଅର୍ଥରେ** ଏଥିରେ 'ଯେତେ', 'କେତେ' ଲାଗେ । ଯଥା-

ଯେତେ ଦେଲେ କଅଣ ହବ ? କେତେ ଦେଲେ କଅଣ ହେବ ?
ଯେତେ ହେଲେ ସେ ରଜାପୁଅ (ବହୁତ ଦରିଦ୍ର ବା ଦୁର୍ବଳ ହେଲେ ମଧ୍ୟ) ଏଥିରେ ପୁଣି ହେଲେ ଲାଗେ, ହେଲେ 'ହେଁ' ହୋଇଯାଏ । ଯଥା- ଯେତେ ଦେଲେ ହେଲେ, ହେଲେହେଁ କଅଣ ହେବ ?

Digitized by PPRACHIN, SOA

## କ୍ରିୟାବାଚକ ପଦ (ବିଶେଷ୍ୟ ଓ ବିଶେଷଣ) :

ସ୍ପଷ୍ଟ କାରକାର୍ଥକ ପଦ ପୂର୍ବରେ ନ ଥାଇ ଧାତୁ, ଉପସର୍ଗ ବା ସେଇଭଳି ଶବ୍ଦାଂଶ ପୂର୍ବରେ ଥିବା ଧାତୁରୁ ଯେଉଁସବୁ ପଦ ତିଆରି ହୁଅଂତି, ସେମାନେ ସମସ୍ତେ ଧାତୁର କ୍ରିୟାର୍ଥ ଅବଲଂବନରେ କାରକାର୍ଥକ ପଦ ଓ କ୍ରିୟା ବିଶେଷଣମାନ ଗ୍ରହଣ କରିପାରଂତି । ଯଥା-

ଘାତ-ବ୍ରହ୍ମଘାତ; କର୍ତା-କର୍ମକର୍ତା; ଆଗତ-ଗୃହାଗତ ।

ଖାଣ୍ଟି ଓଡ଼ିଆରେ ସେଇପରି -

ରହିଢଳା, କିଂଭିରଖିଆ, ସୂତାକଟାଳି, ନଡ଼ିଆ ଗଣତି ଇତ୍ୟାଦି ।

ବୃତ୍ରହା, କୁକ୍ଷିଂଭରି ପ୍ରଭୃତିରେ ସ୍ପଷ୍ଟ କାରକାର୍ଥ ପଦ ପୂର୍ବରେ ଅଛି ।

ଏଇ ହିସାବରେ ପଦମାତ୍ରେ ଇତର ବିଶେଷ; କ୍ରିୟାବାଚକ ବିଶେଷ୍ୟ ବା ବିଶେଷଣ । ମାତ୍ର ଓଡ଼ିଆରେ କେତେଗୁଡ଼ିଏ ପଦ କାରକାଦି ଅର୍ଥର ପଦଛଡ଼ା କ୍ରିୟାର ଅନ୍ୟ ସ୍ପଷ୍ଟ ପ୍ରକୃତି ଗ୍ରହଣ କରଂତି । କାଳଭଂଗି ଅନୁସାରେ ଠିକ୍ କ୍ରିୟାପରି ସେମାନଂକର ପରିବର୍ତନ ହୁଏ । ସେମାନଂକୁ ଓଡ଼ିଆରେ **କ୍ରିୟାବାଚକ ବିଶେଷ୍ୟ ବା ବିଶେଷଣ** କହଂତି ।

**'ଇବା'** ଓ **'ଇଲା'** ପ୍ରତ୍ୟୟ ହୋଇ ଏଇ କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣ ତିଆରି ହୁଏ । ରୂପରେ ପ୍ରଭେଦ ନଥିଲେ ମଧ୍ୟ ପ୍ରୟୋଗ ଅନୁସାରେ ଏମାନଂକୁ ବିଶେଷ୍ୟ ବା ବିଶେଷଣ ବୋଲି ଚିହ୍ନାଯାଏ । ଅନ୍ୟାନ୍ୟ ବିଶେଷ୍ୟ, ବିଶେଷଣ ପରି କ୍ରିୟାବାଚକ ବିଶେଷ୍ୟ **ଭାବ ବାଚ୍ୟରେ** ଓ କ୍ରିୟାବାଚକ ବିଶେଷଣମାନେ ଭିନ୍ନ ଭିନ୍ନ **ଅନ୍ୟାନ୍ୟ ବାଚ୍ୟରେ** ହୁଅଂତି । ସବୁ କ୍ରିୟାରୁ ଏଇ ପ୍ରତ୍ୟୟମାନେ ହୁଅଂତି । ଯଥା-

**କ୍ରିୟାବାଚକ ବିଶେଷ୍ୟ :**

ତାଂକ 'ଖାଇବା' ମୁଁ ଦେଖିଚି;
ତାଂକ ଖାଇଥିବାକୁ ତୁ କାହିଁକି ଏତେ ବୟାନ କରୁଚୁ ?
ତାଂକ କହୁଥିବା ଏକ ଦେଖିବା ଜିନିଷ ।
ତାଂକ ଖୁଆଇବା, ବାଡ଼େଇବା, ବାଡ଼ୋଉଥିବା, ଧରାଇଥିବା ମୁଁ ଦେଖିଛି ।

'ଇଲା' ପ୍ରତ୍ୟୟର କ୍ରିୟାବାଚକ ବିଶେଷ୍ୟ କଦାଚିତ୍ ବ୍ୟବହାରରେ ଦେଖାଯାଏ । ଯଥା-**ତାଙ୍କ ଗାଇଲା ପରି ଗାଇଲା ଆଉ କାହାର ଅଛି ?**

Digitized by PPRACHIN, SOA

କହିଲାବାଲା, ଦେଲାବାଲା, କରାଇଲାବାଲା ପ୍ରଭୃତି ତଦ୍ଧିତ ପଦରେ କହିଲା, ଦେଲା ପ୍ରଭୃତି ବିଶେଷ୍ୟରୁ **'ବାଲା' ପ୍ରତ୍ୟୟ** ହୋଇଅଛି । ଏଠାରେ ମନେ ରଖିବାର ଅଛି, 'ବାଲା' ବୋଲି ସ୍ୱତନ୍ତ୍ର ଶବ୍ଦର ବ୍ୟବହାର ନଥିବାରୁ ଏହା ଏକ ପ୍ରତ୍ୟୟ ମାତ୍ର । ଏସବୁକୁ 'ବ୍ୟକ୍ତି' ଅର୍ଥକ 'ବାଲା' ଶବ୍ଦର ବିଶେଷଣ ବୋଲି ଅର୍ଥ କରିବା ଠିକ୍ ହେବନାଇ ।

**କ୍ରିୟାବାଚକ ବିଶେଷଣ :**

କ୍ରିୟାବାଚକ ବିଶେଷଣରେ କ୍ରିୟାର କାଳାଦି ପ୍ରକୃତି ଏକାବେଳକେ **ସ୍ପଷ୍ଟ** । ଯଥା–

କରିବା, କରାଇବା ଲୋକ, କରୁଥିବା, କରାଉଥିବା ଲୋକ, କରିଥିବା, କରାଇଥିବା ଲୋକ (କର୍ତ୍ତୃବାଚ୍ୟ)
ଦେବାଧନ, ଦେଇଥିବା, ଦେଉଥିବା ଧନ (କର୍ମବାଚ୍ୟ)
ବାଉଁଶ ହାଣିବା କଟୁରି, ବାଉଁଶ ହାଣିଥିବା, ହାଣୁଥିବା କଟୁରୀ (କରଣବାଚ୍ୟ)
ସେଇପରି ବାଡ଼େଇବା ଠେଂଗା (କରଣ ବାଚ୍ୟ)
ମୁଂଡାଇବା ବୋଝ, ଖୁଆଇବା ଭାତ (କର୍ମବାଚ୍ୟ)
ଶୋଇବା ଶେଯ, ଶୋଇଥିବା, ଶୋଉଥିବା ଶେଯ (ଅଧିକରଣ ବାଚ୍ୟ)
ଖାଇଲା ପିଲା (କର୍ତ୍ତୃବାଚ୍ୟ), ଖୁଆଇଲା ପିଲା, ଖୁଆଉଥିଲା ପିଲା, ଖାଉଥିଲା ପିଲା, ଖାଇଥିଲା ପିଲା ।

"ଖାଇଲା ପୁଅ ଝିଅ ରଂକ" – ପ୍ରବଚନ ।
"ହସିଲା ହସିଲା ହୋଇ ସଜନିଏ ବୋଲି" – ଲାବଣ୍ୟବତୀ ।
"ମାଇଲା ଘରେ ଭୂତ ପଶେ ନାଇ" – ପ୍ରବଚନ ।
"ଆଉଁସିଲା କୁକୁର ମୁହଁରେ ବୁକୁ" – ପ୍ରବଚନ ।
"ଗରଜିଲା ବାଘ ମଣିଷ ଖାଏ ନାଇ" ।
"ହଲିଲା ପାଣି କି ଗୋଡ଼ ଦିଏ ନାଇ" ।
"ମଲା ମାଛି କି ମଅ' ବୋଲେ ନାଇ" ।
"ଗଲାଣିତ ଗଲାକଥାରେ ସଂଗାତ" । – (କିଶୋର ଚଂଦ୍ରାନଂଦ ଚଂପୂ)
ସେଇପରି–
ମଲାପିଲା, ପାଚିଲା ଆମ୍ବ, ଶୁଖିଲା ଲୁଗା, ଶୁଖିଲା ପାଚିଲା ବାଟ,
ଶୋଇଥିବା, ଶୋଇଥିଲା, ଲୋକକୁ ଉଠାଇବ ନାଇ ।
ବହୁଥିଲା, ବହୁଥିବା ପାଣିରେ ଗାଧୋଇବ ।

Digitized by PPRACHIN, SOA

ଏହି କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣରେ ଚତୁର୍ଥୀ ବିଭକ୍ତିର ଚିହ୍ନ 'କୁ' ଲାଗେ । 'ଇଲା'ରେ ଏଇ 'କୁ'ର ହେତୁ ଅର୍ଥ । ପୁଣି 'ଇବା'ରେ 'ପାଇଁ' ବା 'ନିମଂତେ' ଅର୍ଥ ହୁଏ । **'ଇଲା'ରେ 'କୁ' ଠାରେ 'ରୁ' ଓ 'ଇବା'ରେ 'କୁ'ଠାରେ 'ପାଇଁ'** ପ୍ରଭୃତି ମଧ୍ୟ ଲାଗିପାରେ । ଯଥା-

ବିଶେଷଣରେ- ମୁଁ ଗଲାକୁ ଦେଖିଲି, ମୁଁ ଗଲାରୁ ଦେଖିଲି ।
ମୁଁ ଦବାକୁ ଆସିଛି, ମୁଁ ଦବା ପାଇଁ ଆସିଚି ।
ସେ ଗଲାକୁ, ଗଲାରୁ, ମୁଁ ଆସିଲି ।

ଅନ୍ୟାନ୍ୟ ଅର୍ଥରେ ଅନ୍ୟାନ୍ୟ ବିଭକ୍ତି ମଧ୍ୟ ହୁଏ । ଯଥା-

ମୁଁ ଦବାକୁ (ଦବାବେଳକୁ) ସେ ଗୁଲିଗଲା ।
(ଏଠାରେ 'କୁ'ର 'ପାଇଁ' ଅର୍ଥ ହୁଏ ନାଇ)

ଅନ୍ୟାନ୍ୟ ବିଭକ୍ତି ମଧ୍ୟ ଲାଗେ-

ମୁଁ ଦବାରୁ, ଦେଲାରୁ (ଦେବାପରେ) ସେ ଗଲା ।
ମୁଁ ଦବାରେ, ଦେଲାରେ (ଦବାହେତୁରୁ) ତା କାମ ହେଲା ।

ଏସବୁଠାରେ **କ୍ରିୟାବାଚକ ବିଶେଷଣରେ ବିଭକ୍ତି ଲାଗେ । ଏଇ ବିଶେଷଣଗୁଡ଼ିକ ବିଶେଷ୍ୟ ପରି ହୁଅନ୍ତି ।**

**ବିଶେଷଣ ବିଶେଷଣ ପରି ଠିକ୍ ଥାଇ ମଧ୍ୟ ଉଚିତ ବା ଯୋଗ୍ୟ ଅର୍ଥରେ ଷଷ୍ଠୀ ଏକବଚନର 'ର' ବିଭକ୍ତି ଲାଗେ ।** ଯଥା-

କରିବା, କରିବାର ଲୋକ ଏଠାରେ ନାଇ ।
"ଖାଇବାର ପୁତ୍ର ଗଲା ମଥୁରା ପୁରକୁ ଲୋ କୋଇଲି" (କେଶବ କୋଇଲି)

'ଇଲା' ପ୍ରତ୍ୟୟାନ୍ତ କ୍ରିୟାବାଚକ ବିଶେଷଣଠାରେ ଏଇ 'ର' ଉତ୍ତର ଓଡ଼ିଶାରେ ଏବେ ପ୍ରାୟ ଚଳେ ନାଇ । ଦକ୍ଷିଣ ଓଡ଼ିଶାରେ ଚଳେ । ମାତ୍ର ଉତ୍ତର ଓଡ଼ିଶାରେ ମଧ୍ୟ ଭାଷାରେ ସାଇତା ଭାବ ପ୍ରକାଶରେ ଏବେ ଦେଖାଯାଏ । ଉଚିତ ବା ଯୋଗ୍ୟ ଅର୍ଥ ଏଥିରେ ସ୍ପଷ୍ଟ ନଥାଏ । ଏହା ସ୍ୱାର୍ଥରେ 'ର' କହିଲେ ଚଳେ । ଯଥା-

ଦୈବି କଲାର ବ୍ରାହ୍ମଣ ସେ, ରାଜା କଲାର ନୁହଂତି ।
ସଖୀଂକ ସଂଗେ ବିରସେ ନିକୁଂଜେ ।
ଥିଲାର ରାଧାଂକୁ ମନେ ପକାଏ । (ରାଧାମାଧବ ନାଟକ-ଜୟପୁର)

ଅତିମାନ୍ୟରେ କୁହାଯାଏ- **ଆପଣ ଆସିବା ହୁଅନ୍ତୁ ।** ଏଠାରେ 'ଆସିବା' 'ଆପଣ'ର ବିଶେଷଣ ।

Digitized by PPRACHIN, SOA

ଦକ୍ଷିଣ ଓଡ଼ିଶାରେ ସବୁ ପ୍ରକାର କର୍ତାରେ ଏଇପରି 'ହୋ' ଧାତୁ ଲାଗି 'ଇବା' ପ୍ରତ୍ୟୟାନ୍ତ ବିଶେଷଣ ହୁଏ । 'ହୋ' ଧାତୁର କ୍ରିୟା ଲୋପ ହୁଏ । ପୁଣି ସ୍ୱାର୍ଥ 'ର' ବିଭକ୍ତି ଲାଗେ । ଯଥା-

ସେ କଅଣ କହିବାର (ହେଲା)
ତାଂକେ କାହିଁ ଯିବାର (ହେଲେ)
ମୁଁ ଏହା ଖାଇବାର; ଇତ୍ୟାଦି ।

**କ୍ରିୟାବାଚକ ବିଶେଷ୍ୟରେ ଭିନ୍ନ ଭିନ୍ନ ବିଭକ୍ତିର ଉଦାହରଣ-**

ସେ ମୋ ଯିବାକୁ ଗୃହିଁଚି (ଯିବାପାଇଁ);
ମୋ ଥିଲାକୁ ତାର ବହୁତ ଅପେକ୍ଷା (ଥିବାପାଇଁ);
ମୋ ଥିଲାକୁ ସେ ଖସିଗଲା (ହେତୁ);
ମୋ ଥିଲାରୁ ସେ ଖସିଗଲା (ହେତୁ);
ମୋ ଥିଲାରେ, ଥିବାରେ, ଏପରି କିଛି ହୋଇନାଇ । (ଥିଲାବେଳେ)
ମୋ ଗଲାରୁ, ଯିବାରୁ, ଏ କଥା ପଡ଼ିଲା । (ଗଲାପରେ)

**'ଇବା' ପ୍ରତ୍ୟୟାନ୍ତ ବିଶେଷ୍ୟରେ କର୍ତାରେ 'କୁ' ଓ 'ର'-**

ମୋର ଯିବାର ଅଛି, ହେବ, ଥିଲା;
ମୋର ଯିବାକୁ ଅଛି, ହେବ, ଥିଲା;
ମତେ ଯିବାକୁ ଅଛି, ହେବ, ଥିଲା;
ମତେ ଯିବାର ଅଛି, ହେବ, ଥିଲା;

**କ୍ରିୟାବାଚକ ବିଶେଷ୍ୟମାନେ ଭାବବାଚ୍ୟରେ ଓ ବିଶେଷଣମାନେ ଭିନ୍ନ ଭିନ୍ନ ବାଚ୍ୟରେ ହୁଅଂତି ।** ସବୁ କ୍ରିୟାରୁ ଏହି ବିଶେଷ୍ୟ ବିଶେଷଣମାନେ ହୁଅଂତି । କେବଳ 'ଥିଲା' ଲୋକ ଏଠାରେ ଯାହାର ଅଛି (ଯେ ଥୋଇଚି ବା ରଖିଚି) ଏଇପରି ବ୍ୟୁତ୍ପତ୍ତି କର୍ତୃବାଚ୍ୟରେ ହୁଏ । ଯଥା-

ଭାବବାଚ୍ୟ - କରିବା, ହେବା ପ୍ରଭୃତି; ଓ

'ମୋ ଗଲାକୁ'ରେ 'ଗଲା' (ଅର୍ଥ-ଯିବା) ପ୍ରଭୃତି ସବୁ କ୍ରିୟାବାଚକ ବିଶେଷ୍ୟ ।

**ବିଶେଷଣ :**

**କର୍ତୃବାଚ୍ୟ** - ଥିଲା ଲୋକ; ଥିବା ଲୋକ; ମଲାପିଲା; ଭାଙ୍ଗିଲା ଘର; ଖସିବା ପଥର ଇତ୍ୟାଦି ।

Digitized by PPRACHIN, SOA

**କର୍ମବାଚ୍ୟ** - 'ଥିଲାଧନ' (ଯାହାକୁ ରଖିଥାନ୍ତି), [ଯା ଥାଏ ବୋଲି ବ୍ୟୁତ୍ପତ୍ତି କରି ଏହାକୁ କର୍ତ୍ତୃବାଚ୍ୟ କରାଯାଇପାରେ । ମାତ୍ର ତା'ହେଲେ 'ଥିଲାଲୋକ'ରେ 'ଥିଲା'ର ବ୍ୟୁତ୍ପତ୍ତି ସଂଗେ ଖାପ ଖାଇବ ନାଇ ।] କହିଲା, କହିବା କଥା; ବସାଦହି (ଯାହାକୁ ବସାଇଥାନ୍ତି), ଖାଇଲା, ଖାଇବା ଭାତ ଇତ୍ୟାଦି ।

**କରଣବାଚ୍ୟ** - ଖୁଅ ଧଇଲା ଲୁଗା, ଖୁଅ ଧରିବା ଲୁଗା; ବାଉଁସ ହାଣିଲା, ହାଣିବା କଟୁରି; ମାପିଲା, ମାପିବା ଫିତା ବା ନଳ; ଇତ୍ୟାଦି ।

**ଅଧିକରଣ ବାଚ୍ୟ** - ଶୋଇବା ଶେଯ; ଶୋଇଲା ଶେଯ; ଚେଇଁଲା ରାତି; ଇତ୍ୟାଦି ।

**ଅପାଦାନ ବାଚ୍ୟ** - ଧାନ କାଢ଼ିଲା କୋଠି; ବାହାରିଲା ଘର; ଇତ୍ୟାଦି ।

**ପ୍ରୟୋଜକ** (ବିଶେଷ୍ୟ)- ଖୁଆଇବା, ଖୁଆଇଲା ଇତ୍ୟାଦି ।

(ବିଶେଷଣ)- ଥୁଆଇଲା ଧନ; ଚିଆଁଇଲା ରାତି; ଇତ୍ୟାଦି ।

**ନାମଧାତୁ** - ବାଡ଼େଇବା; ବାଡ଼େଇଲା; ନାକେଇଲା ପିଲାଟା; ଇତ୍ୟାଦି ।

## ଅନ୍ୟାନ୍ୟ କୃଦଂତ ପଦ

**'ଆ' ପ୍ରତ୍ୟୟ**

ଠିକ୍ କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣ ପରି ସମସ୍ତ ଓଡ଼ିଆ ଧାତୁରୁ 'ଆ' ପ୍ରତ୍ୟୟ ହୋଇ ଭାବ ଓ ଅନ୍ୟାନ୍ୟ ବାଚ୍ୟରେ ବିଶେଷ୍ୟ ଓ ବିଶେଷଣମାନେ ତିଆରି ହୁଅଂତି । ଅର୍ଥରେ ମଧ୍ୟ ଏମାନେ କ୍ରିୟାବାଚକ ପଦ ପରି । ମାତ୍ର ଭାବଛଡ଼ା ଅନ୍ୟାନ୍ୟ ବାଚ୍ୟରେ ଏମାନେ ପ୍ରକୃତିରେ ବିଶେଷଣ ହେଲେ ମଧ୍ୟ ବେଳେବେଳେ ବିଶେଷ୍ୟ ରୂପେ ବ୍ୟବହାର ହୋଇ ପୂରା ବିଶେଷ୍ୟ ହୁଅଂତି । ମନେ ରଖିବାର ଅଛି, ଦେଶୀ ଓ ତତ୍ସମ ସବୁ କୃଦଂତ ପଦରେ ସେଇପରି ହୋଇଥାଏ । ଯଥା-

**ଭାବବାଚ୍ୟ ବିଶେଷ୍ୟ-** କି ହସା ହସିଲା ?;
ଭଲ ଖିଆଟାଏ ହେଲା;
ଆମର ଗାଧୁଆ ହବ;
ସେଦିନ ବୁଲାଟା ମନେ ରହିଗଲା;

ଏଇପରି କଚଡ଼ା, ମକଗ୍, ଫୋପଡ଼ା, ମୁଂଡିଆ ଇତ୍ୟାଦି ।

**ବିଶେଷଣ କର୍ତ୍ତୃବାଚ୍ୟ** - ବଢ଼ାମାସ; ପୁରାଣ ପଢ଼ାଲୋକ; ପଢ଼ା ପିଲା; କଡ଼କା ଲୋକ; ମସକା କାଠ; ଚଡ଼କା କାଠ; ବୋଲକରା ପିଲା; ଏଇପରି ଚଟା;

Digitized by PPRACHIN, SOA

ରଟା; ମଠା ('ମାଠ୍'ରୁ); ଗେଁଠା; ଅଡ଼ା (ଯେ ଅଡ଼େ); ହାବୁଡ଼ା-ଝଟକା; ହୁରୁଡ଼ା; କୁରୁଡ଼ା; ଝଡ଼ା ନଡ଼ିଆ (ଯେ ଝଡ଼ିଚି)-କର୍ତ୍ତୃବାଚ୍ୟ । ନଚେତ୍ ଯାହାକୁ ଝଡ଼ାଇଚନ୍ତି ବା ଝାଡ଼ିଚନ୍ତି (ଏପରି ଅର୍ଥରେ କର୍ମବାଚ୍ୟ); କାନକୁହା; ଆଗଚଲା; ଆଗବୋଲା; ପାଣିଦିଆ ।

**କର୍ମବାଚ୍ୟ** - ବସାଦହି; ଘସାଦହି; ମଡ଼ାଖିଆ; ଛଡ଼ା ନଡ଼ିଆ; କିମ୍ବୀରଖିଆ-ମଣିଷ ଇତ୍ୟାଦି ।

**କରଣ ବାଚ୍ୟ** - କାଠହଣା କୁର୍‌ହାଡ଼ି; ଘାସକଟା ଦାଆ; ସଂଖୋଳା ବୋଝ ଇତ୍ୟାଦି ।

**ଅଧିକରଣ ବାଚ୍ୟ** - ପାଡ଼ିଶୁଆ ଲୁଗା; ଦୀପଲଗା ବେଳ ଇତ୍ୟାଦି ।

**ପ୍ରୟୋଜକରେ ଭିନ୍ନରୂପ ହୁଏ ନାଇ ।** ଯଥା-

ମଣିଷମରା - ଯେ ମଣିଷ ମାରେ ଓ ଯେ ମଣିଷ ମରାଏ ।
ଝଡ଼ା - ଯେ ଝଡ଼େ ଓ ଯାହାକୁ ଝଡ଼ାଂତି ।

ମାତ୍ର 'ଖୁଆ' ଓ 'ପୁଆ' ଦୁଇଟି ହୁଏ । ଯଥା-

ବାମ୍‌ହୁଣ ଖୁଆ ହେଉଚି (ବ୍ରାହ୍ମଣଙ୍କୁ ଖୁଆଇବା ଦେଖୁଚି-ଅନ୍ୟଥା ବ୍ରାହ୍ମଣ ଖାଇବା ଅର୍ଥରେ ବାମ୍‌ହୁଣ ଖିଆ ଦେଖୁଚି)
ସେ ପିଠାପୁଆ ଦେଖୁଚି (ପିଠାକୁ ଘିଅ ପିଆଇବା ଦେଖୁଚି)

'ହା' ଶେଷରେ ନଥାଇ 'ଆ'କାରାଂତ ଧାତୁ ଏକାଧିକ ଅକ୍ଷରର ହେଲେ 'ଆ' ପ୍ରତ୍ୟୟରେ ଧାତୁର ଶେଷ 'ଆ' ମିଶି 'ଆ' ହୁଏ । ଯଥା-

କଟୁରୀ ପଢା ଦେଖୁଚି; ପଢା କଟୁରୀ; ଘୁମା ଲୋକ; ଘୋଡ଼ମା ଗୁଳି; ଚକଟା ଚୁଡ଼ା; ଗୋଟିଆ ଲୋକ (ଯେ ଗୋଟିଆ ହୋଇ ଆସିଥାଏ । ଅଜ୍ଞାତ କୁଳଶୀଳ ଲୋକ); ବରଧରା (ଯେ ବରଧରି ଆଣେ) ।

**ସବୁ ନାମଧାତୁରୁ ପ୍ରତ୍ୟୟ ହୁଏ ନାହିଁ; ହେଲେ ପ୍ରୟୋଜକ ରୂପରେ ହୁଏ ।** ଯଥା-

କୁକୁର ବାଡ଼ିଆ ଲାଗିଚି;
ଆମ୍ବ ଗୋଟିଆ ସରିଲାଣି;
ପଗଡ଼ି ଗୁଡ଼ିଆ ଦେଖୁଚି;
ଗୋବର ଗୋଟେଇ ଟୋକି ('ଗୋଟିଆ'ର ସ୍ତ୍ରୀଲିଙ୍ଗ-'ଗୋଟେଇ');
ଅଦାଂଡିଆ ବଳଦ ଇତ୍ୟାଦି ।

Digitized by PPRACHIN, SOA

**ନାମଧାତୁ ତିନି ଅକ୍ଷରିଆ ହେଲେ ପ୍ରୟୋଜକ ରୂପ ନ ହୋଇ ନିଜର 'ଆ'କାରାଂତ ରୂପ ନିଏ । ଯଥା-**

ଭାରି 'ପଢ଼ଣା' ଲାଗିଚି;

ତା 'ଘୋଡ଼ମା' କିଏ ଦେଖିବ ? ଇତ୍ୟାଦି ।

**ଓଡ଼ିଆ କ୍ରିୟା ତିଆରି, କୃଦଂତ, ତଦ୍ଧିତ ପ୍ରଭୃତିରେ ଏଇ 'ଆ' ପ୍ରତ୍ୟୟର ପ୍ରସାର ବଡ଼ ବେଶି । ଏ କଥା ଲକ୍ଷ୍ୟ କରିବାର ଅଛି ।**

ପୁଣି କ୍ରିୟାବାଚକ ଓ 'ଆ' ପ୍ରତ୍ୟୟାଂତ ବିଶେଷଣ ପୂର୍ବାପର ସଂଗତି ବା ବକ୍ତାର ଆଶୟ ଅନୁସାରେ ଅତୀତ, ବର୍ତମାନ, ଭବିଷ୍ୟତ-ତିନିକାଳର ଅର୍ଥରେ ପ୍ରୟୋଗ ହୁଏ । ଯଥା-

ଅତୀତ- ଗଲାକଥା ଗଲାଣି;

ମୋ କହିବା କଥା ସରିଲାଣି;

ମୋ କୁହାକଥା ସରିଲାଣି ।

ବର୍ତ୍ତମାନ- କଲାକାମ କରିବାରେ ମନ ବଳେ;

କରିବା କାମ ଲୋକେ କରଂତି;

ଏ କରାକଥା ନୁହେଁ ।

ଭବିଷ୍ୟତ- ଏ ତା' କଲାକାମ, ମୁଁ କିଆଁ କରିବି ?

ଏ ତା' କରିବା କାମ, ମୁଁ କିଆଁ କରିବି ?

ଏ ତା' କରାକାମ, ମୁଁ କିଆଁ କରିବି ?

'ଇଥିବା'-ସବୁବେଳେ ଅତୀତାର୍ଥକ । ଯଥା-

କେହି କରିଥିବା କାମ ଲୋକେ କରଂତି;

ମୋ କହିଥିବା କଥା ସରିଲାଣି ।

'ଉଥିବା'-ବର୍ତମାନ ଓ ଅତୀତରେ ହୁଏ । ଯଥା-

ତା' କହୁଥିବା କଥା ଶୁଣ ।

ମୋ କରୁଥିବା କାମ କିଏ କଲା ?

ହେଲେହେଁ, 'ଇଲା' ଓ 'ଆ' ପ୍ରତ୍ୟୟାଂତ ବିଶେଷଣ ପ୍ରାୟ ଅତୀତ ଅର୍ଥରେ ପ୍ରୟୋଗ ହୁଏ । ପୁଣି 'ଇବା' ପ୍ରତ୍ୟୟାଂତ ପଦ ମଧ୍ୟ ଅନେକ ସ୍ଥଳରେ ତାହାଇ ହୁଏ ।

Digitized by PPRACHIN, SOA

**'ଅ' ପ୍ରତ୍ୟୟ**

ଏଇପରି ଧାତୁରୁ 'ଅ' ପ୍ରତ୍ୟୟ ମଧ୍ୟ ହୁଏ । ଯଥା-

ହସ; ଖେଳ; ମାଡ଼ ('ମାର୍'ରୁ); ବୁଡ଼, ବାଡ଼ ('ବାର୍'ରୁ); ଛାଡ଼; କାଟ; ଦଉଡ଼; ଫୁଂକ; ଝୁଂକ; ଡାକ; ଢୋଖ; ଲାଖ; ଲାଗ; ମାଗ; ଭାଂଗ; ନାଚ; ମାତ; କୁଂଥ; ଫଳ; ପହଡ଼; ନାଟ; ଛାଟ; କାଢ଼ (ଯଥା-କାଢ଼ ଦେଖାଉଚି); ହାଣ; ହୁଡ଼; ଦୋଳ; ମେଳ ('ମିଳ୍'ରୁ); ଦୋହଲ; ମାପ; ଖାପ; ଖେପ; ଭାଂଗ ('ଭାଗ୍'ରୁ); କୁହାଟ; ଉକୁଟ; ଅକଟ; ଦୁଆଂଗ ଇତ୍ୟାଦି ।

ଏଇ 'ଆ' ଓ 'ଅ' ପ୍ରତ୍ୟୟାଂତ ବିଶେଷଣମାନେ କେବେ କେବେ ବ୍ୟବହାରରେ ବିଶେଷ୍ୟ ହୁଅଂତି । ଯଥା-

ବୁଲାବିକା; କଳିକତୁରା ('କଳିକରା'ର ନିପାତନ); ମଣିଷମରା; ବଢ଼ା (ବାଢ଼ଂତି ଯହିଁରୁ ବା ଯହିଁରେ); ବୁଡ଼ (ବୁଡ଼ଂତି ଯେଉଁ ଯୋଗରେ); ଛାଟ (ଛାଟଂତି ଯାହାକୁ ବା ଛାଟି ବାଡ଼ିଆନ୍ତି ଯହିଁରେ); ହୁଡ଼ (ହୁଡ଼ଂତି ଯହିଁରେ); ମେଳା (ମିଳଂତି ଯହିଁରେ); ଦୋଳ (ଦିଅଁ ଦୋଳଂତି ଯହିଁରେ); ବାଡ଼ (ବାରଂତି ବା ବାରଣ କରଂତି ଯାହାଦ୍ୱାରା); ଓହଳ (ଓହଳେ ଯାହା-ବର ଓହଳ); ଫୋପଡ଼ା (ଫୋପାଡ଼ଂତି ଯାହାକୁ); ଗଡ଼ (ଯାହା ଗଡ଼େ); ହୁରୁଡ଼ା (ଯେ ହୁରୁଡ଼େ); ବିଗିଡ଼ା (ଯେ ବିଗିଡ଼େ); ଗଡ଼ା (ଯେ ନାଇ ନାଇ ବୋଲି ମୁହଁକୁ ଏପାଖ ସେପାଖ କରେ କିମ୍ବା ତଳେ ପଡ଼ି ମୁଂଡ଼ ଏପାଖ ସେପାଖ କରେ-ଦବାରେ କୁଂଠିତ); ତଡ଼ା (ଯହିଁରେ ତାଡ଼ଂତି ବା ତାଡ଼ନ କରଂତି, ତଡ଼ଂତି); ରଗଡ଼ା ବା ରେଗେଡ଼ା (ଯାହା ରଗଡ଼ିଲା ଜିନିଷ ପରି ହୋଇଥାଏ) ।

**ଦେଶୀ ଓଡ଼ିଆରେ 'ଉଆ'**

ଅଭ୍ୟାସ ବା ପ୍ରକୃତି ବୁଝାଇଲେ କେତେକ ଓଡ଼ିଆ-ଧାତୁରୁ କର୍ତ୍ତୃ ବାଚ୍ୟରେ **'ଉଆ'** ପ୍ରତ୍ୟୟ ହୁଏ । ଯଥା-

କାଢ୍-କାଢୁଆ; ଚଳ୍-ଚଳୁଆ; ରାଗ୍-ରାଗୁଆ; ଅଡ୍-ଅଡୁଆ; ପଢ୍-ପଢୁଆ; ଚିଡ୍-ଚିଡୁଆ; ଲାଗ୍-ଲାଗୁଆ; 'ଶୁଖା' ବା ଶୁଖିଲା ମାଛ ଅର୍ଥରେ-ଶୁଖୁଆ; ବକ୍-ଭକୁଆ, ବକୁଆ; ଝଂପ୍-ଝାଂପୁଆ, ଝଂପୁଲା ('ଲ'ର ଆଗମ) ।

**'ଆ'** ପ୍ରତ୍ୟୟ ମଧ୍ୟ ଏଇ ଅର୍ଥରେ ହୁଏ । ଯଥା- ରଟ୍-ରଟା; ଚ୍‌ଟ୍-ଚଟା; ଚ୍‌ଖ୍-ଚଖା; ଗଡ୍-ଗଡ଼ା; ପିଟ୍-ପିଟା (କର୍ମବାଚ୍ୟ) । ଏଇ ଦୁଇ ପ୍ରତ୍ୟୟ ('ଉଆ' ଓ 'ଆ')ରେ ପାରିବା ଅର୍ଥ ବା ସେଇପରି କରିବାର କାର୍ଯ-ଏଇ ଅର୍ଥ ବୁଝାଇବାକୁ ଆଉ ଗୋଟିଏ 'ଳି' ଶେଷରେ ଲାଗି-**'ଉଆଳି'** ଓ **'ଆଳି'** ପ୍ରତ୍ୟୟ ହୁଏ । ଯଥା-

Digitized by PPRACHIN, SOA

ଦେଖ-ଦେଖାଳି; ଗୃଖ୍-ଚଖାଳି (ଗୃଖିବା ଯାହାର କାର୍ଯ୍ୟ); ପରଖ-ପରଖାଳି; ଲେଖ୍-ଲେଖାଳି; କାଟ୍-କଟାଳି (ସୂତା, ଧାନ); ଚଢ୍-ଚଢାଳି (ଗଛ) ।

ସେହିପରି ଜଗ୍+ଉଆଳି=ଜଗୁଆଳି; ରଖ୍+ଉଆଳି=ରଖୁଆଳି ପ୍ରଭୃତି ଏଇ 'ଉଆଳି'ର ଶେଷ 'ଇ' କାର ବିକଳ୍ପେ 'ଅ' ହୋଇ ବା ଲୋପ ହୋଇ **ଜଗୁଆଳ; ରଖୁଆଳ; ଜଗୁଆଳ୍; ରଖୁଆଳ୍** ପ୍ରଭୃତି ମଧ୍ୟ ହୁଏ ।

ମାତ୍ର 'ଆ' ପ୍ରତ୍ୟୟାଂତ ଓ 'ଉଆ' ପ୍ରତ୍ୟୟାଂତ କୃଦଂତ ପଦରୁ 'ଳି' (ଳ୍) ପ୍ରତ୍ୟୟ କରି ଏ ସବୁକୁ ତଦ୍ଧିତରେ ମଧ୍ୟ ନିଷ୍ପନ୍ନ କରାଯାଇପାରେ ।

**'ଉଅ' ପ୍ରତ୍ୟୟ**

କର୍ମବା[illegible] ପଡ୍'ର ସ୍ୱାର୍ଥ ପ୍ରୟୋଜକ 'ପାଡ୍'ରୁ 'ଉଅ' ପ୍ରତ୍ୟୟରେ **'ପୋଡୁଅ'** (ମା[illegible] ପାଇଁ ଯାହାକୁ ପାଣିରେ ପକାନ୍ତି); 'କୋର୍'ରୁ **'କୋରୁଅ'** (ଯାହାକୁ କୋରି କୋରି କାଢ଼ଂତି) ହୁଏ ।

ସେଇପରି **କର୍ତ୍ତୃବାଚ୍ୟରେ ଅନୁକରଣ ଶବ୍ଦର ଧାତୁରୁ** -

ଧାର୍+ଉଅ=ଦୋରୁଅ (ଯାହା ଧାର୍‌ଧାର୍ ହୋଇପଡ଼େ)

ସର୍+ଉଅ=ସୋରୁଅ (ଯାହା ସର୍‌ସର୍ ହୋଇ ଗଳିପଡ଼େ) ଇତ୍ୟାଦି ହୁଏ ।

ତତ୍‌ସମରେ ସେହିପରି ଶୀଳାଦି ଅର୍ଥରେ **'ଉକ'** ପ୍ରତ୍ୟୟ ଯୋଗ ହୁଏ ।

**କର୍ତ୍ତୃବାଚ୍ୟ**- କମ୍+ଉକ=କାମୁକ; ଭୂ+ଉକ=ଭାବୁକ;
ବୃଷ୍+ଉକ=ବର୍ଷୁକ; ହନ୍+ଉକ=ଘାତକ;
ଜାଗୃ+ଉକ=ଜାଗରୁକ ଇତ୍ୟାଦି ।

**ଅତିଶୟ ଅର୍ଥରେ ହୁଏ** - ବଦ୍+ଉକ=ବାବଦୂକ ।

**କର୍=କା**

କର୍ମକାରକ ଅର୍ଥର ଉପପଦ ପୂର୍ବରେ ଥିଲେ 'କର୍' ଧାତୁର 'ର୍' ଲୋପ ହୁଏ ଓ ଉପାନ୍ତ୍ୟ 'ଅ'ଠାରେ 'ଆ' ହୁଏ । ଉପପଦଟି ଅନେକ ସ୍ଥଳରେ ଶବ୍ଦାନୁକୃତି ବ୍ୟଂଜକ ଶବ୍ଦ ହୁଏ । ଏହା କର୍ତ୍ତୃବାଚ୍ୟରେ ହୁଏ । (ସଂସ୍କୃତ କ୍ୱିପ୍ ପ୍ରତ୍ୟୟାଂତ ବୃତ୍ରହା ପ୍ରଭୃତି ପରି) ଯଥା-

କାମକା (କାମ କରେ ଯେ, କାମକୁ ପାରେ ଯେ); ଠେକା (ଠେକ କରେ ଯେ-'ଠେକ୍କା' ଗୋଟିଏ କ ଲୋପ); ବାଧକି (ଯେ ବାଧା- ରୋଗ-'ବାଧକା' ହୁଏ ନାହିଁ । ଏହା ନିପାତନ); ଫଟ୍‌କରେ-ଫୋଟକା, ଫଟକା; ଫଡ୍ କରେ-ଫଡ଼କା;

Digitized by PPRACHIN, SOA

ଧକ୍ କରେ-ଧକା, ଧକ୍କା; ଭତ୍‌କରେ-ଭଡ଼କା; ଚଡ୍ କରେ-ଚଡ଼କା; ଚଂଚଳ କରେ-ଚମକା (ନିପାତନ); ଛପିକରି କରେ-ଛଉକା (ନିପାତନ)

ଏଠାରେ ଫଡ଼କ୍+ଆ=ଫଡ଼କା; ଚଡ଼କ୍+ଆ=ଚଡ଼କା; ଭଡ଼କ୍+ଆ=ଭଡ଼କା; ପ୍ରଭୃତି ଧାତୁରୁ 'ଆ' ପ୍ରତ୍ୟୟ ହୋଇ ନିଷ୍ପନ୍ନ ହୋଇପାରେ ।

ସେଇପରି 'ଚମକ୍' ଧାତୁରୁ **ଚମକା** ଓ 'ଛକ୍' ଧାତୁରୁ **ଛକା**; ଏବଂ ସେଥିରୁ ଅର୍ଥ ଭେଦ ଜଣାଇବା ପାଇଁ ଛଉକା ବା ଛେଉକା ହୋଇପାରେ । ପୁଣି ଛା (ଛାଆ ବା ଘୋଡ଼ାଇବା); ଧାଁ (ଧାଁଆ) ଓ ପା (ପାଆ) ଧାତୁରୁ 'ର' ପ୍ରତ୍ୟୟ ହୁଏ । ପ୍ରତ୍ୟୟ ପୂର୍ବରୁ 'ପ' ଆଗମ ହୁଏ । 'ପା' ଛଡ଼ା ଅନ୍ୟ ଧାତୁର 'ଆ'-'ଅ' ହୁଏ । ଯଥା-

ଛା-ଛପର-ଭାବ ଓ କର୍ତ୍ତୃବାଚ୍ୟ;
ଧାଁ-ଧପଡ଼-ଭାବବାଚ୍ୟ (ର=ଡ଼, ଚଂଦ୍ରବିଂଦୁ ଲୋପ) ।

ଏହାର ଧାଉଡ଼ି ଓ ଦଉଡ଼ ସଂଗେ ସଂବଂଧ । ସଂସ୍କୃତ ଦ୍ରବ ଓ ଧାବ ଧାତୁର ସଂବଂଧ; ଏଠାରେ ଲକ୍ଷ୍ୟ କରିବାର ଅଛି ।

ପା-ପାଁପଳ (ର=ଳ, ଚଂଦ୍ରବିଂଦୁ ଆଗମ) ପ୍ରୟୋଗ-ସେ ପାଁପଳ କରିଛି- ଅର୍ଥାତ୍ ପାଇବାର ଏକ ଢଂଗ କରିଚି ।

**ଦେଶୀ ଓଡ଼ିଆରେ 'ଣା'**

ଏହା ପ୍ରାୟ ଭାବ ଓ କର୍ମବାଚ୍ୟରେ ହୁଏ । ଅନ୍ୟ ବାଚ୍ୟରେ ମଧ୍ୟ ହୁଏ । 'ଆ'କାରାଂତ ଧାତୁପରେ ଗୋଟିଏ 'ଆ' ବା 'ଉ' ଆଗମ ହୁଏ । ଥାପ୍ ଧାତୁରୁ 'ନା' ହୁଏ । 'ପାଳ୍', 'ମାନ୍' ପ୍ରଭୃତି ଧାତୁରୁ ମଧ୍ୟ 'ନା' ହୁଏ । ଧାତୁ ଶେଷ ବ୍ୟଂଜନ ଉଚ୍ଚାରଣରେ 'ଅ'କାରାଂତ ହୁଏ । କେବେ କେବେ ଏଇ 'ଅ'କାର ପୁଣି 'ଇ' ବା 'ଏ' ହୁଏ । ଯଥା-

ପା-ପାଉଣା (ପ୍ରାପ୍ୟ ଅର୍ଥରେ କର୍ମବାଚ୍ୟ ମଧ୍ୟ);

ଗା-ଗାଆଣା, ଗାଉଣା (ଯାହା ଗାଆଂତି ସେ ଅର୍ଥରେ କର୍ମବାଚ୍ୟ);

ଖା-ଖାଆଣା ('ଖାନା' ଅର୍ଥରେ କର୍ମବାଚ୍ୟ);

ବାଜ୍-ବାଜଣା, ବାଜେଣା (ଏହା କର୍ତ୍ତୃବାଚ୍ୟରେ ମଧ୍ୟ ହୁଏ, ତାହାହେଲେ ଅର୍ଥ ହୁଏ ଯାହା ବାଜେ-ବାଇଦ);

ମାଜ୍-ମାଜଣା, ମାଜେଣା (ଦେବୀଙ୍କୁ ଗାଧୁଆଇ ବେଶ ପୂଜାଦି କରିବା);

ରାଂଧ୍-ରାଂଧଣା, ରାଂଧେଣା;

Digitized by PPRACHIN, SOA

କାଟ୍-କାଟେଣା (କର୍ମବାଚ୍ୟ-ଯାହାକୁ କାଟଂତି) କାଟେଣା କାଟିଲା;

ବାଟ୍-ବାଟେଣା (କର୍ମବାଚ୍ୟ-ବାଟେଣା ବାଟିଲା);

ସେହିପରି କୁଟ୍-କୁଟଣା (ମସଲା ପ୍ରଭୃତି ଯାହାକୁ କୁଟଂତି; ଏହା ଭାବବାଚ୍ୟରେ ମଧ୍ୟ ହୁଏ - ସେ ଭାରି କୁଟଣାଟାଏ ଖାଇଲା);

ଭର୍-ଭରିଣା; ଗୃଖ୍-ଗୃଖେଣା (କର୍ମବାଚ୍ୟ - ଯାହା ଗୃଖଂତି);

ଘର+କର୍=ଘରକରଣା; ଥପ୍-ଥାପନା; ମାନ୍-ମାନନା, ମାନଣା;

ଫୁଟ୍-ଫୁଟଣା (କର୍ମବାଚ୍ୟ-ଫୁଟା ବା ବଘରାରେ ଯାହା ଫୁଟାଂତି);

ପାଳ୍-ପାଳଣା, ପାଳନା, (ଯହିଁରେ ବା ଯାହା ଖାଇବା କରି ଉପବାସ ପରେ ସେଇ ଉପବାସର ପାଳଣା କରାଯାଏ, ତାକୁ 'ପାରଣା' କହଂତି-କରଣବାଚ୍ୟ);

ବିଗୃର୍-ବିଗୃରଣା; ବୋଲ୍-ବୋଲଣା (ଗାଳି-ବୋଲଣାକଲା);

ଦେଏଣା (କର୍ମବାଚ୍ୟ-ଯାହା ଦିଅଂତି-କରଢ);

ପିଟଣା (କରଣବାଚ୍ୟ), ଘୋରଣା (କର୍ତୃବାଚ୍ୟ କିମ୍ବା ଯାହାକୁ ଘୁରାଂତି-ସ୍ୱାର୍ଥ ପ୍ରୟୋଜକ କର୍ମବାଚ୍ୟ)

ଚଉତ୍-ଚଉତନା (କର୍ତୃ ବା କର୍ମବାଚ୍ୟ-ଯେ ଚଉତିଲାପରି ବା ଯାହାକୁ ଚଉତ୍ କଲାପରି କରିଥାଆଂତି-'ଓରମାନ' ବା 'ରୁମାଲ୍');

ବଳଣା, ବର୍ହଣା (କର୍ମବାଚ୍ୟ-ଯାହାକୁ ବଳି ଥାଆଂତି-ସୂତା କାଟିବା ପରି ତିଆରି ତୂଳା, 'ଶୀଳ')

କୋରଣା (କରଣ ବାଚ୍ୟ)

**ପ୍ରୟୋଜକ ଧାତୁ ଓ ନାମଧାତୁରୁ 'ଣା' ପ୍ରତ୍ୟୟ ହୁଏ ନାଇ ।**

**ଦେଶୀ ଓଡ଼ିଆରେ 'ଣ' ଓ 'ଣି' :**

ସାଧାରଣତଃ ଭାବ ଓ ଅନ୍ୟାନ୍ୟ ବାଚ୍ୟରେ ପ୍ରୟୋଜକ ଓ ନାମଧାତୁ ସମେତ ପ୍ରାୟ ସକଳ ଧାତୁରୁ 'ଣ' ବା 'ଣି' ପ୍ରତ୍ୟୟ ହୁଏ । ଧାତୁଟି 'ଅ'କାରାଂତ ହୁଏ । ପୁଣି ଏଇ 'ଅ' କେବେ କେବେ ଉଚ୍ଚାରଣରେ 'ଏ' ହୁଏ । 'ଛା' ଧାତୁପରେ 'ଆ' ଓ 'ଉ' ହୁଏ । ଯଥା-

ଚଳ୍-ଚଳଣ, ଚଳଣି; ରହ୍-ରହଣ, ରହଣି

(ତାଂକର ସେଠାରେ ଦୁଇଦିନ ରହଣ, ରହଣି ହେଲା । ମାତ୍ର 'ରହଣ ବଂଧକ' ଓ 'ରହଣି ମାଲ' ପ୍ରୟୋଗରେ, 'ରହଣ' ଓ 'ରହଣି' କର୍ତୃବାଚ୍ୟ);

Digitized by PPRACHIN, SOA

ସେଇପରି

ଭାଳ୍-ଭାଳଣି (ଭାଳେଣି, ଭାଳୁଣି);

ଗଢ୍-ଗଢ଼ଣ; ଧର୍-ଧରଣ, ଧରଣି (ତା ଧରଣ ପ୍ରକାର ସେଇୟା; ସେ ଧରଣି-ଧୃତି-ଧଇଲା; ଏ ବିପତ୍ତିରେ ସେ କି ଧରଣି ଧରିବ ?)

ଭର୍-ଭରଣ (ଭରଣପୋଷଣ);

କର୍-କରଣି, ସ୍ୱାର୍ଥ ପ୍ରୟୋଜକରେ କାରେଣି;

ବସ୍-ବସଣି (ଦାମ୍ ବସିଯିବା ବା ବଢ଼ିଯିବା, କର୍ମବାଚ୍ୟରେ ମଧ୍ୟ ଯାହା ବସାଂତି-'ଧାନରେ ଭରଣକେ ଟଙ୍କାଟିଏ ବସଣି ହେଲାଣି');

ଗୁହାଁ-ଗୁହାଣି (ଗୁହାଣି ମଂଡପ-ଏଠାରେ ପୁରୀ ଦେଉଳ ଭିତରେ ଯେଉଁ ମଂଡପରୁ ଲକ୍ଷ୍ମୀ ରଥରେ ଫେରୁଥିବା ଜଗନ୍ନାଥଂକୁ ଗୁହାଂତି-ଅପାଦାନବାଚ୍ୟ);

ମାଗ୍-ମାଗଣ, ମାଗୁଣି (ମାଗଣ-ଚଟଶାଳୀ ପାଠରେ ଆବୃତ୍ତି ବା ଗୁଣାଣ-ପୁଣି କର୍ମ ବା ଅଧିକରଣ ବାଚ୍ୟରେ ଯାହାକୁ ବା ଯେଉଁ ପାଠରେ ମାଗଂତି; 'ମାଗଣ'-'ମାଗ୍' ମଧ୍ୟ ହୁଏ, ତାସ୍ ଖେଳରେ ମାଗିଲେ ଯାହା ଦିଅଂତି, କର୍ମବାଚ୍ୟ; ପୁଣି ଯେଉଁ ଖେଳରେ ମାଗଂତି ସେଇ ଖେଳ; ମାଗୁଣି ଖେଳ ବି ହୁଏ-ଅଧିକରଣବାଚ୍ୟ; ଏଇ ଅର୍ଥରେ 'ମାଗୁଣି' ମଧ୍ୟ ହୁଏ; 'ମାଗୁଣି' (ଲୋକର ନାମ)-କର୍ତୃବାଚ୍ୟ ମଧ୍ୟ ହୁଏ-ଯେ ମାଗେ);

ଦେ-ଦେଏଣି (କର୍ମବାଚ୍ୟ-ତାକୁ ପାଂଚଶହ ଟଂକା ଦେଏଣି ପଡ଼ିଲା;

ଖଟ୍-ଖଟଣି (ଯେ ଖଟେ କର୍ତୃବାଚ୍ୟ ମଧ୍ୟ ହୁଏ; 'ଖଟା'-ସ୍ୱାର୍ଥ ପ୍ରୟୋଜକ-କର୍ମବାଚ୍ୟ, ଭୋଗରେ ରାଂଧିବା ପାଇଁ ଯାହା ଖଟାଇ ଦିଅଂତି);

ଖାଟ୍-ଖାଟେଣି; କୁଟ୍-କୁଟଣ;

ମାଠ୍-ମାଠେଣି (ମାଠେଣି ଖିଅର-ମାଠଂତି ଯେଉଁ ଖିଅରରେ-ଅଧିକରଣବାଚ୍ୟ-'ମାଠଖିଅର' ବି ହୁଏ);

କାଟ୍-କାଟେଣି (ବାଧିବା ଭଳି ଗାଳି-କର୍ତୃବାଚ୍ୟ);

ଝୁଲ୍-ଝୁଲଣ (ଅଧିକରଣ ବାଚ୍ୟ);

ପରଶ୍-ପରଶଣ; ବେଉଷ୍-ବେଉଷଣ; ତାସଣ (ତସ୍-ସ୍ୱାର୍ଥ ପ୍ରୟୋଜକ-ଲୁଗା ବୁଣିବା ପାଇଁ ତନ୍ତ ଉପରେ ସୂତା ଠିକ୍ ରଖିବା) ।

Digitized by PPRACHIN, SOA

**ଅନ୍ୟାନ୍ୟ ଭାବ ଭିନ୍ନ ବାଚ୍ୟ -:**

**ଚଟଣି** (କର୍ମବାଚ୍ୟ-'ଗୃଟ୍'ରୁ 'ଆ'-କାରର ବୃଦ୍ଧି ଫେର୍, ଯାହା ଗୃଟଂତି);

**ଛାଟେଣି** (ଛାଟଣି), ଛାଟଣ-କର୍ମବାଚ୍ୟ;

**ଖୋସଣି** (କର୍ମ ବା କରଣ ବାଚ୍ୟ); **ଝାଡ଼ଣ** (କରଣ ବାଚ୍ୟ);

**ଫୋଡ଼ଣି** (କରଣ ବାଚ୍ୟ), **ବାଢେଣି** (କର୍ତୃବାଚ୍ୟ-ବାଢେଣି ନଡ଼ିଆ)

**ବାଂଧଣ** (ଏକ ପ୍ରକାର କାଠ, ଏଥିରେ ଶଗଡ଼ ଚକଡ଼ା କରଂତି-କର୍ତୃ ବା କରଣ ବାଚ୍ୟ);

**ଜାଳେଣି** (କର୍ମବାଚ୍ୟ-ଜାଳେଣି କାଠ), **ସହଣ** (ସହଣ ଲୁଗା-କର୍ତୃବାଚ୍ୟ);

**ସୁଂଥାଣି** (ସୁଂଥା-ମଡ଼ା ପୋଡ଼ିବା ପାଇଁ ମୁଂଡ଼ ପାଖରେ ଯେଉଁ କାଠ ଦିଆଯାଏ । 'ସୁଂଥା' ଏଠାରେ ନାମଧାତୁ ପରି)

**ଖଂଜଣି** (କର୍ମବାଚ୍ୟ-ଯେଉଁ ବାଦ୍ୟକୁ ଖଂଜ କରି ତିଆରି କରଂତି);

ତରଣ (ପିଲାଜନ୍ମର ଷଷ୍ଠଦିନ-ବୋଧହୁଏ ଏହା ପ୍ରସୂତିର ସୂତିକା ଜ୍ୱରରୁ ତରିଯିବା ଦିନ ବା ପିଲାର ଜନ୍ମ ବିପଦରୁ ତରିଯିବା ଦିନ-ଅଧିକରଣବାଚ୍ୟ) ।

ମୁହାଁଣ - ନଇ ମୁହାଁଏ ଯେଉଁଠି (ଅଧିକରଣ ବାଚ୍ୟ)

'ଆ'କାରାଂତ ସମସ୍ତ ପ୍ରୟୋଜକ ଧାତୁ ଓ କେତେକ ନାମଧାତୁରୁ ଭାବବାଚ୍ୟରେ ପ୍ରାୟ 'ଣ', 'ଣି' ହୁଏ । ଏଇ 'ଆ' ପୁଣି ବେଳେବେଳେ ସ୍ୱାର୍ଥ ପ୍ରୟୋଜକ ଅର୍ଥ ପ୍ରକାଶ କରେ । ଯଥା- ଗୁଣାଣ (ଗୁଣିବା-ସ୍ୱାର୍ଥ ପ୍ରୟୋଜକ), ସେଇପରି-

ଧରାଣ (ଧରାଇବା); ତରାଣ (ତରାଇବା); ଦେଖାଣ; ଶିଖାଣ; ଲଗାଣ (ପାଣି ବେଉସଣ ପାଇଁ ଲଗାଇବା ବର୍ଷା ଅର୍ଥରେ ମଧ୍ୟ କର୍ତୃବାଚ୍ୟରେ ହୁଏ); ଭିଆଣ (ବିଧାନ); ଉଠାଣ (ଉଠାଣ ପବନ, ପାଣି-ସ୍ୱାର୍ଥ ପ୍ରୟୋଜକ-କର୍ତୃବାଚ୍ୟ); ଉଡ଼ାଣ; ଝଡ଼ାଣ; ମଡ଼ାଣ (ମଡ଼ାଣ ପାଣି-କର୍ମବାଚ୍ୟ); ବଢ଼ାଣ; ମଣାଣ (ମଣିବା-ସ୍ୱାର୍ଥ ପ୍ରୟୋଜକ-ମଣାଇବା ଅର୍ଥ ମଧ୍ୟ ହୁଏ); ଫୁଟାଣ; କୁଟାଣ; ଭୁଲାଣ, ଭୁଲାଣି; ଫୁଲାଣ, ଫୁଲାଣି; ଗୋଡ଼ାଣ, ଗୋଡ଼ାଣି; ଫଟାଣ; ଉଠାଣି; କୁଂଥାଣ; ଆଡ଼େଣି, ଆଡ଼ାଣି (ଯହିଁରେ ଆଡ଼

Digitized by PPRACHIN, SOA

କରାଯାଏ-ଏଇ ଅର୍ଥରେ ମଧ୍ୟ କରଣବାଚ୍ୟରେ - 'ଢାଲ' ଅର୍ଥ ହୁଏ-''ଖଡ୍‌ଗ ଚର୍ମ-ଆଢ଼େଣି ସାୟକ''- 'ଲାବଣ୍ୟବତୀ'); ଉଧୁରାଣ; ତିଆରଣ-ପୁଣି ପ୍ରୟୋଜକ-ତିଅରାଣ ।

**'ଆଳ' ପ୍ରତ୍ୟୟ :**

ସଂସ୍କୃତରେ ଦୟ୍-ଦୟାଳୁ ପ୍ରଭୃତି କୃଦଂତରେ ମଧ୍ୟ ହୁଏ । ମାତ୍ର ଓଡ଼ିଆରେ ସେସବୁ 'ଦୟା+ଆଳୁ' ପ୍ରଭୃତି ତଦ୍ଧିତ ।

**କିନ୍ତୁ 'ସ୍ପୃହି' ପ୍ରଭୃତି ପ୍ରୟୋଜକ ଓ ସ୍ୱାର୍ଥ ପ୍ରୟୋଜକ ଧାତୁରୁ 'ଆଳୁ' ପ୍ରତ୍ୟୟାନ୍ତ ପଦ ଓଡ଼ିଆରେ ଚଳେ । ଅନ୍ତ୍ୟ 'ଇ'ର ଗୁଣ ହୁଏ ।** ଯଥା-

ସ୍ପୃହି-ସ୍ପୃହୟାଳୁ; ଗୃହି-ଗୃହୟାଳୁ; ପତି-ପତୟାଳୁ ।

ଓଡ଼ିଆରେ ସେଇପରି-

ଦୁଧିଆଳି ଗାଇ (ସ୍ତ୍ରୀଲିଙ୍ଗରେ 'ଇ')
କଂଟିଆଳି କାକୁଡ଼ି (ସ୍ତ୍ରୀଲିଙ୍ଗରେ 'ଇ')
ଘଡ଼ିଆଳ୍ କିଂଭୀର;

ଦିହାଉଳ୍ (ଦ୍ୟାହୁଳ) ପିଲା; ପ୍ରଭୃତିକୁ 'ଦୁଧିଆ', 'କଂଟିଆ', 'ଘଡ଼ିଆ', 'ଦିହା' ପ୍ରଭୃତି ନାମଧାତୁରୁ 'ଆଳ' ପ୍ରତ୍ୟୟ କରି କରାଯାଇପାରେ ।

'ବଢ୍' ଧାତୁରୁ ପ୍ରୟୋଜକ 'ବଢ଼ା' ଓ ତାର ପୁଣି ସ୍ୱାର୍ଥ ପ୍ରୟୋଜକ 'ବଢ଼ିଆ'ରୁ ହୁଏ ବଢ଼ିଆଳ୍ (ବଢ଼ିଆଳ୍ ପିଲା) ।

ମାତ୍ର ମଡୁଆଳ୍, ରସୁଆଳ୍ ପରି ଏ ସବୁକୁ ଶବ୍ଦରୁ ପ୍ରତ୍ୟୟ କରି ତଦ୍ଧିତରେ ନିଷ୍ପନ୍ନ କରିବା ସୁଗମ । ଏଇ ସଂପର୍କରେ ଚଖାଳି, ଦେଖାଳି, ଢଗୁଆଳି (ଢଗୁଆଳ୍) ପ୍ରଭୃତି ଦେଖ ।

❖❖❖

Digitized by PPRACHIN, SOA

# 'କୃଦଂତ'-ସଂସ୍କୃତ ନିୟମରେ (ତତ୍‌ସମରେ)

ସଂସ୍କୃତ ନିୟମରେ ଭାବବାଚ୍ୟରେ 'ଅ' ଓ ସମସ୍ତ ବାଚ୍ୟରେ ଅତୀତ ଅର୍ଥରେ 'ତ' ପ୍ରତ୍ୟୟ ହୁଏ । କେବେ କେବେ ଭାବବାଚ୍ୟରେ 'ତ' ଓ ଅନ୍ୟାନ୍ୟ ବାଚ୍ୟରେ 'ଅ' ମଧ୍ୟ ହୁଏ ।

**'ଅ' ପ୍ରତ୍ୟୟ :**

(୧) **କେତେକ ସ୍ଥଳରେ ଧାତୁର ଅଂତ୍ୟସ୍ୱର ଓ ଉପଧା 'ଅ'କାରର ବୃଦ୍ଧି ହୁଏ । ଉପଧା ଅନ୍ୟହ୍ରସ୍ୱ ସ୍ୱରର ଗୁଣ ହୁଏ ।** ଧାତୁ ଶେଷର ଚ୍, **କ୍ ହୁଏ** ଓ ଜ୍ 'ଗ୍' ହୋଇଯାଏ ।

**ଭାବବାଚ୍ୟ-**

ରୁ+ଅ=ରାବ; ଭୂ+ଅ=ଭାବ; ବି-ହୃ+ଅ=ବିହାର; ଇ+ଅ=ଆୟ; ସ୍ରୁ+ଅ=ସ୍ରାବ; ବି-ସ୍ତୃ+ଅ=ବିସ୍ତାର; ବି-ଆ-ପୃ+ଅ=ବ୍ୟାପାର; ଅବ-ତୃ+ଅ=ଅବତାର; ପଚ୍+ଅ=ପାକ; ପତ୍+ଅ=ପାତ; ହନ୍+ଅ=ଘାତ ('ହନ୍' ଧାତୁଠାରେ 'ଘାତ୍' ଆଦେଶ ହୁଏ); ନଶ୍+ଅ=ନାଶ; ହସ୍+ଅ=ହାସ; ଶ୍ୱସ୍+ଅ=ଶ୍ୱାସ; ସମ୍-ଅସ୍+ଅ=ସମାସ; ହ୍ରସ୍+ଅ=ହ୍ରାସ; ସେହିପରି ଭଜ୍-ଭାଗ; ଯଜ୍-ଯାଗ; ତ୍ୟଜ୍-ତ୍ୟାଗ; ବଦ୍-ବାଦ; ସ୍ୱଦ୍-ସ୍ୱାଦ; ଶପ୍-ଶାପ; ତପ୍-ତାପ; ଦହ୍-ଦାହ; ବି-ବହ୍=ବିବାହ; ଲଭ୍-ଲାଭ; ପଠ୍-ପାଠ; ଆ-ଚର୍=ଆଚାର; ଶୁଚ୍-ଶୋକ; ଭୁଜ୍-ଭୋଗ; ସୁ-ରଜ୍=ସ୍ୱର୍ଗ; ଇତ୍ୟାଦି ।

**କର୍ମବାଚ୍ୟ-**

ଲଭ୍-ଲାଭ (ଲବ୍ଧ ଧନାଦି); ଭଜ୍-ଭାଗ (ବଣ୍ଟା ଧନାଦି); ପଠ୍-ପାଠ (ଯାହା ପଢ଼ାଯାଏ); ଆ-କୃ=ଆକାର (ଯାହା ଦେଖଂତି); ନି-ହୃ=ନିହାର (ତୁଷାର); ନି-ବୃ-ନୀବାର (ଉପସର୍ଗର ସ୍ୱର କଦାଚିତ୍ ଏପରି ଦୀର୍ଘ ହୁଏ); ଅଧି-ଇ=ଅଧ୍ୟାୟ; ବୃଜ୍-ବର୍ଗ; ବି-ଦା-ବିଦାୟ (ୟ୍ ଆଗମ) ଇତ୍ୟାଦି ।

Digitized by PPRACHIN, SOA

ଉପପଦ ଓ ଉପସର୍ଗ ପୂର୍ବରୁ ରହିଲେ ଆକାରାଂତ ଓ ଜନ୍, ଗମ୍ ପ୍ରଭୃତି ଧାତୁର ଏଇ 'ଅ' ପ୍ରତ୍ୟୟରେ ଅଂତ୍ୟସ୍ୱର ଓ ତତ୍‌ପରବର୍ତ୍ତୀ ବ୍ୟଂଜନ ଲୋପ ହୁଏ । ଯଥା-

ସୁଖ-ଦା=ସୁଖଦ, ଜଳଦ, ଫଳଦ, କରଦ; ପ୍ର-ଜ୍ଞା=ପ୍ରାଜ୍ଞ, ବିଜ୍ଞ, ରସଜ୍ଞ, ଭେଷଜଜ୍ଞ, ଗଣିତଜ୍ଞ; ଭୂମି-ପା (ପାଳନାର୍ଥ)=ଭୂମିପ, ନୃପ, ଭୂପ, ମଧୁପ (ପାନାର୍ଥ); ମଦ୍ୟପ; ସୁ-ସ୍ଥା=ସୁସ୍ଥ; ମଧ୍ୟସ୍ଥ; ପ୍ରକୃତିସ୍ଥ; ବି-ଆ-ଘ୍ରା=ବ୍ୟାଘ୍ର (ଯେ ଭଲ ଶୁଂଘେ ଓ ବାସ୍ନାରେ ଜାଣିପାରେ); ଆତପ-ତୈ=ଆତପତ୍ର; ପୁତ୍ (ନାମର ନରକ ତହିଁରୁ)-ତ୍ରୈ=ପୁତ୍ର; ପତତ୍ (ପଡ଼ିବାରୁ)-ତ୍ରୈ=ପତତ୍ର; କ୍ଳେଶ-ଅପ-ହନ୍=କ୍ଳେଶାପହ (ହନ୍ ଧାତୁରୁ ଠିକ୍ ପୂର୍ବରେ 'ଅପ' ଉପସର୍ଗ ନଥିଲେ ଏପରି ହୁଏ ନାଇ); ଶୋକାପହ, ତମୋପହ; ପଂକ-ଜନ୍=ପଂକଜ; ଆତ୍ମଜ, ଅନୁଜ, ତନୁଜ, ଦନୁଜ, ଅଜ (ଅନାଦି); ଅଂଡ଼ଜ, ଦ୍ୱିଜ; ପାର-ଗମ୍=ପାରଗ, ନଗ, ଖଗ, ନିମ୍ନଗ, ଭୁଜଗ ।

ପାର, ତ୍ୱରା, ଉରସ୍, ଭୁଜ, ପତତ୍, ବିହାୟସ୍ ପ୍ରଭୃତି ଶବ୍ଦ ପରେ **'ଗମ୍'** ଧାତୁରୁ ନିମ୍ନଲିଖିତ ତିନିପ୍ରକାର ଶବ୍ଦ ହୁଏ । **ତ୍ୱରା=ତୁର; ଉରସ୍=ଉର; ପତତ୍=ପତ୍ର; ବିହାୟସ୍ (ଆକାଶ)=ବିହ ହୁଏ** । ଯଥା-

ପାର+ଗମ୍+ଅ=ପାରଗ, ପାରଂଗ, ପାରଂଗମ;
ତ୍ୱରା+ଗମ୍+ଅ=ତୁରଗ, ତୁରଂଗ, ତୁରଂଗମ;
ଉରସ୍ (ଛାତି) - ଉରଗ, ଉରଂଗ, ଉରଂଗମ; ସେହିପରି-
ଭୁଜ - ଭୁଜଗ, ଭୁଜଂଗ, ଭୁଜଂଗମ;
ପତତ୍ - ପତଗ, ପତଂଗ, ପତଂଗମ;
ବିହାୟସ୍ - ବିହଗ, ବିହଂଗ, ବିହଂଗମ;

**କରଣବାଚ୍ୟ-**

ବହ୍+ଅ=ବାହ (ଯାନବାହନାଦି);
ବି-ଅବ-ହୃ+ଅ=ବ୍ୟବହାର; ଉପ-ଇ+ଅ=ଉପାୟ;
ପଦ୍+ଅ=ପାଦ; ଇତ୍ୟାଦି ।

Digitized by PPRACHIN, SOA

**ଅଧିକରଣ-**

ବସ୍ +ଅ =ବାସ; ପ୍ର - ଆ - ସଦ୍ +ଅ =ପ୍ରାସାଦ;
ଆ-ଧୃ+ଅ=ଆଧାର; ସମ୍-ସୃ+ଅ=ସଂସାର ଇତ୍ୟାଦି ।

(୨) **ଧାତୁର ଅଂତ୍ୟସ୍ୱର ଓ ଉପାଂତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ ।** ଯଥା-

**ଭାବବାଚ୍ୟ-**

ଜି+ଅ=ଜୟ; ସମ୍-ଚି+ଅ=ସଂଚୟ; ପ୍ରତି-ଇ+ଅ=ପ୍ରତ୍ୟୟ;
ବି-ସ୍ମି+ଅ=ବିସ୍ମୟ; କ୍ଷି+ଅ=କ୍ଷୟ; ଲୀ+ଅ=ଲୟ;
ପ୍ର-ଲୀ+ଅ=ପ୍ରଳୟ; ବି-ନୀ+ଅ=ବିନୟ; ଭୀ+ଅ=ଭୟ;
କ୍ରୀ+ଅ=କ୍ରୟ; ସ୍ତୁ+ଅ=ସ୍ତବ; ସ୍ରୁ+ଅ=ସ୍ରବ, ସ୍ରାବ;
ଦ୍ରୁ+ଅ=ଦ୍ରବ; ଅନୁ-ଭୂ+ଅ=ଅନୁଭବ; ଖିଦ୍+ଅ=ଖେଦ;
ସ୍ନିହ୍+ଅ=ସ୍ନେହ; ଶ୍ଲିଷ୍+ଅ=ଶ୍ଲେଷ; ଦୁଷ୍+ଅ=ଦୋଷ;
ରୁଷ୍+ଅ=ରୋଷ; କୁପ+ଅ=କୋପ; ମୁହ୍+ଅ=ମୋହ;
ଦ୍ରୁହ୍+ଅ=ଦ୍ରୋହ; କ୍ରୁଧ୍+ଅ=କ୍ରୋଧ; ତୁଷ୍+ଅ=ତୋଷ;
କ୍ଷୁଭ୍+ଅ=କ୍ଷୋଭ; ହୃଷ୍+ଅ=ହର୍ଷ; ଦୃପ୍+ଅ=ଦର୍ପ;
ସ୍ପୃଶ୍+ଅ=ସ୍ପର୍ଶ; ପରା-ମୃଶ୍+ଅ=ପରାମର୍ଶ; ଇତ୍ୟାଦି ।

**କର୍ତ୍ତୃବାଚ୍ୟ 'ଅ'**

**ଅଂତ୍ୟସ୍ୱର ଓ ଉପାଂତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ ।** କର୍ମ ପଦ ପରେ 'ହନ୍' 'ଘ୍ନ' ହୁଏ । ଯଥା-

ସମ୍-ଇ+ଅ=ସମୟ; ସହ୍-ଇ+ଅ=ସହାୟ; ଧୃ+ଅ=ଧାର;
ହୃ+ଅ=ହାର; ଆ-ତପ୍+ଅ=ଆତପ; ପ୍ର-ଚଲ୍+ଅ=ପ୍ରଚଳ;
ଦିବ୍+ଅ=ଦେବ (ଯେ ପ୍ରକାଶ ପାଏ); ହିଂସ୍+ଅ=ସିଂହ
(ବର୍ଣ୍ଣ ବିପର୍ଯ୍ୟୟ); ସୃପ୍+ଅ=ସର୍ପ; ଅତିଶୟ ଅର୍ଥରେ-
ସରି-ସୃପ+ଅ=ସରିସୃପ; ପୀଡ଼ା-କୃ+ଅ=ପୀଡ଼ାକର;
ସେଇପରି ପୁଷ୍ଟିକର; ସ୍ୱାସ୍ଥ୍ୟକର; ବଳକର; ଦିବାକର;
ନିଶାକର; ବିଭାକର; ଭାସ୍କର; ଲିପିକର; ଚିତ୍ରକର
(ଚିତ୍ରକାର); ଯଶସ୍କର; କ୍ଲେଶକର; ଅଗ୍ରସର; ପୁରଃସର;
ଦୁଃଖହର; କ୍ଲେଶହର; ତାପହର; ପୂଜା-ଅର୍ହ+ଅ=ପୂଜାର୍ହ;
ସେହିପରି ନିଂଦାର୍ହ; ସତ୍କାରାର୍ହ; ବନ-ଚର୍+ଅ=ବନଚର;
ବନେଚର; ସେହିପରି ସ୍ଥଳଚର; ଉଭୟଚର; ଭୂଚର;

Digitized by PPRACHIN, SOA

ଖେଚ଼ର; ନିଶାଚ଼ର; ରାତ୍ରିଚ଼ର; ଭୂ-ପାଲ୍+ଅ=ଭୂପାଳ;
ନରପାଳ; ଲୋକପାଳ; ଦୋଷ-ହନ୍+ଅ=ଦୋଷଘ୍ନ;
ସେହିପରି ବାତଘ୍ନ; କୃତଘ୍ନ; ଶତ୍ରୁଘ୍ନ; ପାପଘ୍ନ; ଇତ୍ୟାଦି ।

ଏଇ କର୍ତ୍ତୃବାଚ୍ୟ 'ଅ' ପ୍ରତ୍ୟୟରେ କେତେକ ଧାତୁର ଅଂତ୍ୟସ୍ୱର ଓ ଉପାଂତ୍ୟ 'ଅ'କାରର ବୃଦ୍ଧି ହୁଏ । ଯଥା-

ଜଲ୍+ଅ=ଜାଳ; ବ୍ୟଧ-ବ୍ୟାଧ; କୁଂଭ-କୃ+ଅ=କୁଂଭକାର;
ସେହିପରି ଶସ୍ତ୍ରକାର; ମାଳାକାର; ସ୍ୱର୍ଣ୍ଣକାର;
କର୍ମକାର; ସୂତ୍ର-ଧୃ+ଅ=ସୂତ୍ରଧାର; କର୍ଣ୍ଣଧାର;
ବାରି-ବହ୍+ଅ=ବାରିବାହ; ତନ୍ତୁ-ବପ୍+ଅ=ତନ୍ତୁବାୟ
(ଲୁଗାଦି ବୁଣିବା ଅର୍ଥରେ 'ବପ୍' 'ବୟ୍' ହୁଏ - ବୟନ,
ବପନ ଦେଖ) । ପୁଣି କେତେକ ଧାତୁର ଗୁଣ, ବୃଦ୍ଧି ପ୍ରଭୃତି
କିଛି ହୁଏ ନାହିଁ । ପ୍ରୀ, ପ୍ରିୟ ହୁଏ । ଯଥା- ପ୍ରୀ+ଅ=ପ୍ରିୟ;
ବୁଧ୍-ବୁଧ; ଶୁଭ୍-ଶୁଭ; ଭୂ-ରୁହ୍-ଭୂରୁହ ।

କେତେକ ଧାତୁର **ପୂର୍ବ ଉପପଦ ପରେ 'ମ୍' ଆଗମ ହୁଏ** । ଯଥା-

ବିହଂଗ-ବିହଂଗମ ପ୍ରଭୃତି କୁହାଯାଇଚି ।
ଏହାଛଡ଼ା ବିଧୁ-ତୁଦ୍ (ଖାଇବା)+ଅ=ବିଧୁଂତୁଦ;
ପର-ତପ୍+ଅ=ପରଂତପ; ପ୍ରିୟ-ବଦ୍+ଅ=ପ୍ରିୟଂବଦ;
ବଶ-ବଦ୍+ଅ=ବଶଂବଦ; ଅଭ୍ର-ଲିହ୍+ଅ=ଅଭ୍ରଂଲିହ;
ଅଭ୍ର-କଷ୍+ଅ=ଅଭ୍ରଂକଷ; ସର୍ବ-କଷ୍+ଅ=ସର୍ବଂକଷ;
ଇତ୍ୟାଦି ।

ଏଇ 'ମ୍' ଆଗମରେ **'ନାମ' ବୁଝାଇଲେ** କେତେକ ଧାତୁର ଅନ୍ତଃସ୍ୱର ଗୁଣ ହୁଏ । ଯଥା-

ବିଶ୍ୱ-ଭୃ+ଅ=ବିଶ୍ୱଂଭର (ମହାଦେବ);
ସର୍ବ-ସହ୍+ଅ=ସର୍ବଂସହା (ପୃଥିବୀ-ସ୍ତ୍ରୀଲିଂଗ, ଆ);
ବସୁ-ଧୃ=ବସୁଂଧରା (ପୃଥିବୀ); ଧନ-ଜି=ଧନଂଜୟ
(ଅର୍ଜୁନ); ପୁର-ଦୃ=ପୁରଂଦର (ଇନ୍ଦ୍ର) ।

ନାମ ନ ବୁଝାଇଲେ ବି କେବେକେବେ ହୁଏ -

ପ୍ରିୟ-କୃ=ପ୍ରିୟଂକର; କ୍ଷେମଂକର; ଭୟଂକର; ଅରିଂଦମ;
ସ୍ତନ-ଧେ=ସ୍ତନଂଧୟ; ସ୍ୱୟଂ-ବୃ=ସ୍ୱୟଂବର ।

Digitized by PPRACHIN, SOA

ଅରୁସ୍ (ମର୍ମ), ଦ୍ୱିଷତ୍ (ଶତ୍ରୁ) ଶବ୍ଦଦ୍ୱୟ ଯଥାକ୍ରମେ 'ଅରୁ' ଓ 'ଦ୍ୱିଷ' ହୋଇଯାଏ । ଯଥା-ଅରୁଂତୁଦ (ମର୍ମଭେଦୀ) (ମର୍ମଂତୁଦ ପଦ ସଂସ୍କୃତରେ ନାଇ; ମାତ୍ର ଓଡ଼ିଆରେ ଏବେ କେହି କେହି ଭୁଲ୍‌ରେ ଲେଖନ୍ତି); ଦ୍ୱିଷଂତୁଦ ।

**କର୍ମବାଚ୍ୟ-**

ରୁ+ଅ=ରବ (ବୋବାଳି); ବୃ+ଅ=ବର (ଯାହାକୁ ବରଣ କରନ୍ତି ବା ଦେବତାଙ୍କଠାରୁ ନିଅନ୍ତି); ସ୍ତୃ+ଅ=ସ୍ତର (ପ୍ରସ୍ଥ); ଦିହ୍+ଅ=ଦେହ; ଇତ୍ୟାଦି ।

**ସୁ ଓ ଦୁର୍ ଉପସର୍ଗ ପରେ-** ସୁକର; ଦୁଷ୍କର; ସୁଗମ; ଦୁର୍ବହ; ସୁଲଭ; ଦୁର୍ଲଭ; ଦୁର୍ବାର; ଦୁର୍ଦମ; ଦୁର୍ଘଟ ଇତ୍ୟାଦି ।

**କରଣବାଚ୍ୟ-**

ପରା-କ୍ରମ୍+ଅ=ପରାକ୍ରମ (ଯହିଁରେ ଅତିକ୍ରମ ବା ଆକ୍ରମଣ କରନ୍ତି); ପଦ୍+ଅ=ପଦ ('ପାଦ' ବି ହୁଏ) ଇତ୍ୟାଦି ।

**ଅଧିକରଣବାଚ୍ୟ-**

ଭୂ+ଅ=ଭବ (ଯେଉଁଠାରେ ହୁଅଂତି ବା ଜନ୍ମଂତି, ରହଂତି); ସମ୍-ର=ସମର; ଆ-ଲୀ+ଅ=ଆଳୟ; ପ୍ର-ଲୀ+ଅ=ପ୍ରଳୟ (ଯହିଁରେ ବିଶେଷରେ ଲୀନ ହୁଅଂତି); ସେହିପରି ନି-ଲୀ+ଅ=ନିଳୟ; ରଣ୍-ରଣ; ଇତ୍ୟାଦି ।

ଏଇ 'ଅ' ପ୍ରତ୍ୟୟରେ **କେତେକ ଧାତୁର ଉତ୍ତର ସ୍ତ୍ରୀଲିଂଗର 'ଆ' ହୁଏ** ଓ 'ଅ'+'ଆ'='ଆ' ହୋଇଯାଏ । ସାଧାରଣତଃ ଧାତୁର ଗୁଣ ବୃଦ୍ଧିରେ ପରିବର୍ତ୍ତନ ହୁଏ ନାଇ । ଯଥା-

ଚିଂତ୍+ଅ=ଚିଂତା; ସେଇପରି ପୂଜ୍-ପୂଜା (ଭାବ ଓ କରଣବାଚ୍ୟ); ସ୍ପୃହ୍-ସ୍ପୃହା; ପୀଡ୍-ପୀଡ଼ା (ଭାବ ଓ କରଣବାଚ୍ୟ); ଘଟ୍-ଘଟା; ବ୍ୟଥ୍-ବ୍ୟଥା (ଭାବ ଓ କରଣବାଚ୍ୟ) ତ୍ୱର୍-ତ୍ୱରା; ତ୍ରପ୍-ତ୍ରପା; କୃପ୍-କୃପା; କ୍ଷମ୍-କ୍ଷମା; ଦୟ୍-ଦୟା; ନିନ୍ଦ୍-ନିନ୍ଦା; ରକ୍ଷ୍-ରକ୍ଷା; ଶଂକ୍-ଶଂକା; ଲଜ୍ଜ୍ (ଲସ୍‌ଜ୍)-ଲଜ୍ଜା; ଅନୁ-କଂପ୍+ଅ=ଅନୁକଂପା; ହିଂସ୍-ହିଂସା; ପୁଣି କେତେତ ବର୍ଣ୍ଣ ପରିବର୍ତ୍ତନରେ ପ୍ର-ଶନସ୍+ଅ=ପ୍ରଶଂସା; ପ୍ରିଛ୍-ପୃଛା; ଇଷ୍-ଇଚ୍ଛା; ଇତ୍ୟାଦି ।

Digitized by PPRACHIN, SOA

କେତେକ ସ୍ଥଳରେ **ଅଂତ୍ୟଉପଧା ସ୍ୱରର ଗୁଣ ହୁଏ** । ଯଥା-

ଦୁଲ୍-ଦୋଳା (ଭାବ ଓ କରଣବାଚ୍ୟ); ଶୁଭ୍-ଶୋଭା; ଜୃ-ଜରା (ଅଧିକରଣବାଚ୍ୟ-ଜୀର୍ଣ୍ଣ ହୁଅଂତି ଯେଉଁ ଅବସ୍ଥାରେ) ଇତ୍ୟାଦି ।

**ଉପସର୍ଗ ପରେ ଥିବା 'ଆ'କାରାଂତ ଧାତୁର ଓ ଗୁରୁସ୍ୱର ବିଶିଷ୍ଟ ବ୍ୟଂଜନାଂତ ଧାତୁର ଏଇପରି 'ଅ' ପରେ ସ୍ତ୍ରୀଲିଂଗ 'ଆ' ହୁଏ ।** 'ଆ'କାରାଂତ ଧାତୁର ଶେଷ 'ଆ' ଓ ପ୍ରତ୍ୟୟର 'ଅ', 'ଆ' ସବୁ ମିଶି 'ଆ' ହୁଏ । ଯଥା-

ଉପ-ମା=ଉପମା (ଭାବ ଓ କର୍ମବାଚ୍ୟ); ଆ-ଭା=ଆଭା; ବି-ଭା=ବିଭା; ପ୍ରତି-ଭା=ପ୍ରତିଭା; ନି-ଦ୍ରା=ନିଦ୍ରା; ବି-ଧା=ବିଧା; ଅଭି-ଧା=ଅଭିଧା; ଶ୍ରତ୍ (ଉପପଦ)-ଧା=ଶ୍ରଦ୍ଧା; ଉପ-ଧା=ଉପଧା (କର୍ମବାଚ୍ୟ); ପ୍ର-ଜ୍ଞା=ପ୍ରଜ୍ଞା; ଏଇପରି ଅନୁଜ୍ଞା, ସଂଜ୍ଞା, ଅବଜ୍ଞା, ପ୍ରତିଜ୍ଞା, ଆଜ୍ଞା; ଆ-ଖ୍ୟା=ଆଖ୍ୟା, ସେଇପରି ସଂଖ୍ୟା; ଅବ-ସ୍ଥା=ଅବସ୍ଥା (ଭାବ ଓ ଅଧିକରଣବାଚ୍ୟ); ନି-ଷ୍ଠା=ନିଷ୍ଠା; ପ୍ରତି-ଷ୍ଠା=ପ୍ରତିଷ୍ଠା (ଭାବ ଓ ଅଧିକରଣବାଚ୍ୟ); ଆ-ସ୍ଥା=ଆସ୍ଥା; ଆ-କାଂକ୍ଷ୍-ଆକାଂକ୍ଷା; ପରି-ଈକ୍ଷ୍=ପରୀକ୍ଷା (ଭାବ ଓ କରଣବାଚ୍ୟ) ।

ସେଇପରି ଧାତୁରୁ 'ଅ' ବା 'ଆ' ପ୍ରତ୍ୟୟ ଯୋଗରେ- ଭିକ୍ଷ୍+ଆ=ଭିକ୍ଷା; ସେବ୍+ଆ=ସେବା; ଦୀକ୍ଷ୍-ଦୀକ୍ଷା; ଖେଳ୍-ଖେଳା (ଭାବ, କର୍ମ ଓ କରଣବାଚ୍ୟ); ମୂର୍ଚ୍ଛ୍-ମୂର୍ଚ୍ଛା; କ୍ରୀଡ୍-କ୍ରୀଡ଼ା; ବାଧ୍-ବାଧା; ବାଂଛ୍-ବାଂଛା ଇତ୍ୟାଦି ।

**ସମସ୍ତ ସନନ୍ତ ଧାତୁ, କେତେକ ଯଙନ୍ତ, ପ୍ରୟୋଜକ ଓ ନାମଧାତୁରୁ ଭାବବାଚ୍ୟରେ ଏଇପରି 'ଅ' ଓ ସ୍ତ୍ରୀଲିଂଗରେ 'ଆ' ହୁଏ ।** ଯଥା-

**ସନଂତ-**

ଜ୍ଞା-ଜିଜ୍ଞାସ୍-ଜିଜ୍ଞାସା;

ପା-ପିପାସ୍-ପିପାସା;

କୃ-ଚିକୀର୍ଷ-ଚିକୀର୍ଷା;

ଜି-ଜିଗୀଷ୍-ଜିଗୀଷା;

ଲିପ୍-ଲିପ୍ସ୍-ଲିପ୍ସା;

Digitized by PPRACHIN, SOA

ହନ୍-ଜିଂଘାସ୍-ଜିଂଘାସା;
କିତ୍-ଚିକିତ୍ସ୍-ଚିକିତ୍ସା;
ମନ୍-ମୀମାଂସ୍-ମୀମାଂସା;
ଗୁପ୍-ଜୁଗୁପ୍ସ୍-ଜୁଗୁପ୍ସା;
ଭୁଜ୍-ବୁଭୁକ୍ଷ୍-ବୁଭୁକ୍ଷା;
ଶ୍ରୁ-ଶୁଶ୍ରୂଷ୍-ଶୁଶ୍ରୂଷା;
ଜୀବ୍-ଜିଜୀବିଷ୍-ଜିଜୀବିଷା;
ମୃ-ମୁମୂର୍ଷ୍-ମୁମୂର୍ଷା;
ଧା-ଧିତ୍ସ୍-ଧିତ୍ସା;
ଦା-ଦିତ୍ସ୍-ଦିତ୍ସା;
ଗମ୍-ଜିଗମିଷ୍-ଜିଗମିଷା;
ମୁଚ୍-ମୁମୁକ୍ଷ୍-ମୁମୁକ୍ଷା;
ଦୃଶ୍-ଦିଦୃକ୍ଷ୍-ଦିଦୃକ୍ଷା;
ଯୁଧ୍-ଯୁଯୁତ୍ସ୍-ଯୁଯୁତ୍ସା; ଇତ୍ୟାଦି ।

**ଯଙ୍ଲୁକ୍ତ-** 'ଯ' ଲୋପ ହୁଏ । ଯଥା- ଲସ୍-ଲାଳସ୍ୟ, ଲାଳସା ।

**ନାମଧାତୁ-** ତପ୍-ତପସ୍ୟ, ତପସ୍ୟା । 'ଜ୍ୱଲ୍' ଧାତୁର ପ୍ରୟୋଜକ 'ଜ୍ୱାଳି'ର ଭାବ ଓ କର୍ମବାଚ୍ୟରେ ହୁଏ - ଜ୍ୱାଳା (ପ୍ରୟୋଜକ 'ଇ' ସର୍ବଦା ଲୋପ ହୁଏ)

**ଉପସର୍ଗ ଯୋଗେ ସନଂତାଦି ଧାତୁ**

ଅନୁଚିକୀର୍ଷା (ଅନୁକରଣ କରିବା ଇଚ୍ଛା);
ଉପଚିକୀର୍ଷା (ଉପକାର କରିବା ଇଚ୍ଛା);
ବିଜିଗୀଷା (ବିଜୟ ଇଚ୍ଛା);
ପ୍ରତିବିଧିତ୍ସା (ପ୍ରତିବିଧାନ ଇଚ୍ଛା);
ଅନୁସଂଧିତ୍ସା (ଅନୁସଂଧାନ କରିବା ଇଚ୍ଛା); ଇତ୍ୟାଦି ।

ଉପମାନ ବୁଝାଉଥିବା 'ତଦ୍' (ତା), ଯଦ୍ (ଯା), ଏତଦ୍ (ଏତା), ଇଦମ୍ (ଈ), କିମ୍ (କୀ), ଯୁଷ୍ମଦ୍ (ଯୂଷ୍ମା ଓ 'ତ୍ୱା'), ଅସ୍ମଦ୍ (ଅସ୍ମା ଓ ମା), ଅଦସ୍ (ଅମୂ), ଭବତ୍ (ଭବା), ଅନ୍ୟ (ଅନ୍ୟା), ସମାନ (ସ) **ଶବ୍ଦ ପରେ 'ଦୃଶ୍' ଧାତୁରୁ କର୍ତ୍ତୃବାଚ୍ୟରେ 'ଅ' ପ୍ରତ୍ୟୟ ହୁଏ । ଅନ୍ୟ କୌଣସି ବର୍ଣ୍ଣ ପରିବର୍ତ୍ତନ ହୁଏ ନାଇ ।** ଯଥା-

Digitized by PPRACHIN, SOA

ତଦ୍ (ତା)+ଦୃଶ୍=ତାଦୃଶ୍ (ସେଇପରି, ତା ପରି),
ସଦୃଶ (ସମାନପରି, ପରି);
ଯାଦୃଶ୍ (ଯେଉଁପରି, ଯାପରି);
ଏତାଦୃଶ୍ (ଏପରି);
ଇଦୃଶ୍ (ଏଇପରି);
କୀଦୃଶ୍ (କିପରି);
ତ୍ୱାଦୃଶ୍ (ତୋପରି);
ଅସ୍ମାଦୃଶ୍ (ଆମପରି);
ମାଦୃଶ୍ (ମୋପରି);
ଅମୂଦୃଶ୍ (ସେପରି);
ଭବାଦୃଶ୍ (ଆପଣଙ୍କ ପରି);
ଅନ୍ୟାଦୃଶ୍ (ଅନ୍ୟପରି) ।

ଯାଦୃଶ୍, ତାଦୃଶ୍ ପ୍ରଭୃତିରେ ପ୍ରତ୍ୟୟର 'ଅ' ନଥାଇ ଠିକ୍ ସେଇ ଅର୍ଥରେ ହୁଏ । ଯଥା-

ଯାଦୃକ୍; ତାଦୃକ୍; ଏତାଦୃକ୍; ଇଦୃକ୍; କୀଦୃକ୍; ଯୁଷ୍ମାଦୃକ୍; ତ୍ୱାଦୃକ୍; ଅସ୍ମାଦୃକ୍; ମାଦୃକ୍; ଅମୂଦୃକ୍; ଭବାଦୃକ୍; ଅନ୍ୟାଦୃକ୍; ସଦୃକ୍ ।

[**ଦ୍ରଷ୍ଟବ୍ୟ :** ଏଠାରେ ଅନ୍ୟାନ୍ୟ ପରିବର୍ତ୍ତନ ଭିତରେ ଯେଉଁସବୁ ପ୍ରତ୍ୟୟହୀନ ପଦ ଦିଆହେଲା, ସେ ସବୁଥିରେ ସଂସ୍କୃତ ଶବ୍ଦରେ ପ୍ରାୟ କିଛି ପରିବର୍ତ୍ତନ ନାଇ । ସଂସ୍କୃତରେ ଆଖୁଭୁଜ୍, ପାପଭାଜ୍, ତୁରାସାହ୍, ଭାରବାହ୍, ସମ୍ରାଜ୍, ଯାଦୃଶ୍ ପ୍ରଭୃତି ଶବ୍ଦ ହୁଏ । ଆଖୁଭୁକ୍, ପାପଭକ୍, ତୁରାସାଟ୍, ଭରବାଟ୍, ସମ୍ରାଟ୍, ଯାଦୃକ୍ ପ୍ରଭୃତି ସଂସ୍କୃତ ପ୍ରଥମା ବିଭକ୍ତି ଏକବଚ଼ନ ରୂପ । ଓଡ଼ିଆରେ ସେଇ ପ୍ରଥମା ଏକବଚନ ରୂପରେ ଶବ୍ଦଟି ରହେ । ସେଥିରେ ଅନ୍ୟ ବିଭକ୍ତିମାନେ ଲାଗଂତି ।]

ପୁଣି- ବି-ଦିବ୍ (ଦ୍ୟୁ)=ବିଦ୍ୟୁତ୍ (ଯେ ବିଶେଷରେ ପ୍ରକାଶ ପାଏ);
ଖାଲି ଧାତୁରୁ-ମୃ-ମୃତ୍ (ସର୍ବଦା ମରିଥାଏ ଯେ)-ମାଟି;

ମାତ୍ର **'ମୃତ୍' ଶବ୍ଦ ଖାଲିରେ ଚଳେ ନାଇ; ଅନ୍ୟ ପଦ ସଂଗେ ସମାସାଦିରେ ଚଳେ ।** ଯଥା- ମୃତ୍‌ପିଣ୍ଡ, ମୃଦ୍‌ଘଟ, ମୃଣ୍ମୟ ଇତ୍ୟାଦି ।

ଦିଶ୍ (ଲକ୍ଷ୍ୟ ବା ସଂକେତ କରିବା)ରୁ ଶବ୍ଦ ହେଲା ଦିଗ୍; ଓଡ଼ିଆରେ ଏହା 'ଦିକ୍' (ଯେ ଲକ୍ଷ୍ୟ ଦିଏ ବା ଯାହାଦ୍ୱାରା ସଂକେତ କରଂତି, ଏପରି କରଣବାଚ୍ୟ; କିମ୍ବା ଯାହାକୁ ଲକ୍ଷ୍ୟ କରନ୍ତି-କର୍ମବାଚ୍ୟ ହୋଇପାରେ) ।

Digitized by PPRACHIN, SOA

**ତତ୍‌ସମରେ ସଂସ୍କୃତର ଏଇପରି ପଦମାନ ଓଡ଼ିଆରେ ଚଳେ । ଏହାକୁ** ସଂସ୍କୃତ ବ୍ୟାକରଣର ସୂତ୍ର ଶୃଂଖଳା ଅନୁସାରେ 'କ୍ୱିପ୍' ଓ ଅନ୍ୟାନ୍ୟ ପ୍ରତ୍ୟୟାନ୍ତ **ପଦ କହଂତି ।** ଏଇ 'କ୍ୱିପ୍' ଆଦି ପ୍ରତ୍ୟୟର କିଛି ରହେ ନାଇ-ଅର୍ଥାତ୍ ଏସବୁ ପ୍ରତ୍ୟୟର ଅଭାବ । ଏହା **କେବଳ କର୍ତ୍ତୃବାଚ୍ୟରେ ହୁଏ । ଖାଲି ଧାତୁରେ ପ୍ରାୟ ହୁଏ ନାଇ । ପୂର୍ବରୁ ଉପସର୍ଗ ବା ଉପପଦ ଥାଏ ।** ଯଥା

ବୀର-ସୂ=ବୀରସୂ (ବୀର ପ୍ରସବ କରେ ଯେ);
ଅଗ୍ନି-ଭୂ (ଅଗ୍ନିରୁ ହୋଇଚ଼ି ଯେ);
ସେନା-ନୀ (ସେନା ନିଏ ବା ଚଳାଏ ଯେ);
ଅଗ୍ର-ଣୀ (ଆଗରେ ନିଜକୁ ନିଏ ଯେ);
ଶାସ୍ତ୍ର-ବିଦ୍ (ଶାସ୍ତ୍ରବେତ୍ତା); ତତ୍ତ୍ୱବିଦ୍, ଧର୍ମବିଦ୍, ବ୍ରହ୍ମବିଦ୍;
ସଭା-ସଦ୍ (ସଭାରେ ବସେ ଯେ);
ଗୋତ୍ର-ଭିଦ୍ (ଗୋତ୍ର ବା ପର୍ବତ ଭେଦେ ଯେ);
ମର୍ମ-ଭିଦ୍; ଉତ୍-ଭିଦ୍=ଉଦ୍‌ଭିଦ (ଉଦ୍ଭିଦ) (ଉପରକୁ ଭେଦକରି ଉଠେ ଯେ) ।

**ଧାତୁର ହ୍ରସ୍ୱସ୍ୱର ପରେ 'ତ' ଆଗମ ହୁଏ ।** ଯଥା-ଇନ୍ଦ୍ର-ଜି=ଇନ୍ଦ୍ରଜିତ୍; ରଣଜିତ୍; ଅଗ୍ନିଚିତ୍ (ଅଗ୍ନି ସଂଚୟ କରି ରଖିଥିବା ବୈଦିକ ଗୃହସ୍ଥ); ପାପକୃତ୍; ସୁକୃତ୍ (ସୁକୃତୀ); ସଂପଦ୍ (ସମ୍ୟକ ହୁଏ ଯେ); ବିପଦ୍;

'ହନ୍', 'ହ' ହୁଏ-

ବୃତ୍ର-ହନ=ବୃତ୍ରହା (ବୃତ୍ର ଘାତୀ);
ବ୍ରହ୍ମନ୍-ହନ୍=ବ୍ରହ୍ମହା (ବ୍ରହ୍ମନ୍=ବ୍ରହ୍ମ);
ଆତ୍ମନ୍-ହନ୍=ଆତ୍ମହା; (ଆତ୍ମନ୍=ଆତ୍ମ)
ଭ୍ରୂଣ-ହନ୍=ଭ୍ରୂଣହା ।

**ଅନ୍ୟାନ୍ୟ ପରିବର୍ତନ-**

**ଭୁଜ୍=ଭୁକ୍**

ଆଖୁ (ମୂସା)-ଭୁଜ୍=ଆଖୁଭୁକ୍ (ବିରାଡ଼ି);
ଅହି-ଭୁଜ୍=ଅହିଭୁକ୍ (ଗରୁଡ଼);
ହବିଷ୍-ଭୁଜ=ହବିର୍ଭୁକ୍ (ଅଗ୍ନି, ଦେବତାମାନେ);
ସୁଖ-ଭଜ୍=ସୁଖଭାକ୍ (ସୁଖଭାଗୀ); ପାପଭାକ୍ (ପାପଭାଗୀ)
ତୁରା (ତ୍ୱରା)-ସହ୍-ତୁରାଷାଟ୍ (ଇନ୍ଦ୍ର-ଶୀଘ୍ରତାରେ ପଟୁ);
ଭାର-ବହ୍=ଭାରବାଟ୍; ସମ୍-ରାଜ୍=ସମ୍ରାଟ୍ ।

Digitized by PPRACHIN, SOA

**ପ୍ରତ୍ୟୟହୀନପଦ ବା ପ୍ରତ୍ୟୟରୁ ଅଂଶ ଲୋପ ହୋଇଥିବା ପଦ**

ଏପରି ପଦର ବ୍ୟବହାର ଦେଶୀ ଓଡ଼ିଆରେ ଖୁବ୍ ହୁଏ । ଯଥା-

**ଭାବବାଚ୍ୟ-**

ଦେଣ୍, ନେଣ୍ ଲାଗିଚି;
ଖାଆଣ୍, ପିଇଣ୍ ସରିଲାଣି;
ଗଣ୍ଡଗୋଳ୍ ହେଉଚି;
କୁଟ୍‌କାଂଡ୍ ଲାଗିଚି;
ସେ ହରିବୋଲ୍ ପକେଇଲା;
ତା' ଗୁଲ୍ ଦେଖ;
ସେ ଛାଁଟ୍ ଦେଖାଉଚି;
ସେ କଥାକୁ ଧରୋଟ୍ ନାଇ ।

**'ଆ', 'ଆଣ୍' ଧାତୁରୁ ଉପପଦ ଯୋଗେ-**

ମତେ ତୋଟିଆଣ୍, ତଂଟିଆଣ୍ ହୋଇଗଲାଣି; (ଏସବୁ ତୋଟିଆ ପ୍ରଭୃତି ନାମଧାତୁରୁ ମଧ୍ୟ ହୋଇପାରେ । ମାତ୍ର ଅର୍ଥରେ ତା' ନୁହେ । ତୋଟିଆଣ୍=ତୋଟିଯାଏ, ତୋଟି ସରିକି ଆସିବା ବା ଆଣିବା) ।

'ଆଡ଼ା' ବା 'ଆଡ଼ିଆ' ନାମଧାତୁରୁ - 'ଏ ପିଠିଆଣ୍ (ପିଠିଆଡ଼େଇବା)କୁ ମୋର ବଳ ନାଇ ।'

ଏହାଛଡ଼ା **ସବୁ ବ୍ୟଂଜନାନ୍ତ ଧାତୁ ଯୋଡ଼ ଏଇ ଶ୍ରେଣୀର** । ପୁଣି ଧାତୁ ଅର୍ଥରେ ସଂବଂଧ ଥାଇ ଯେତେ କଟ୍‌କଟ୍, ଭୁଟ୍‌ଭାଟ୍ ପ୍ରଭୃତି ପଦ ହୁଅଂତି ସେମାନେ ଏଇ ଶ୍ରେଣୀର ।

**କର୍ତ୍ତୃ, କର୍ମାଦି ବାଚ୍ୟରେ** ମଧ୍ୟ ଏଇପରି ପଦମାନ ଚଳେ । ଯଥା-

ଲଂଡ଼୍‌ଭଂଡ଼୍ ହୋଇଗଲା (ଲଡ଼ବଡ଼ ହେଲା);
ପୋଡ଼୍‌ପାଡ଼୍ ମଣିଷ;
ମାଗ୍ ମାଗୁଣିଆଂକ ପିଠା (କର୍ତ୍ତୃବାଚ୍ୟ);
ମାଗ୍‌ମାଗୁଣିଆ ପିଠା (କର୍ମବାଚ୍ୟ);
ହରଣ୍‌ଗୁଳି ଶୂନ; ମାରି ଫେଡ୍ କଲା;
କାଟି ନିପାତ୍ କଲା;

Digitized by PPRACHIN, SOA

ଏ କଥାକୁ ପିଠିଆଣ୍ କରିଦେଲା (ପିଠିଆଡ଼୍);
ମତେ ତଂଟିଆଣ୍ କଲା (ତଂଟିକୁ ଆସିବା ଭଳି);
ମୁହଁପାଟ୍ ଭର୍ତି କରିଦେଲା (ମୁହଁକୁ ପାଇବା ଭଳି);
ସେ ବଡ଼ କସୋଟ୍ ଲୋକ (କର୍ତୃବାଚ୍ୟ);
ତାଂକ ଖର୍ଚ୍ଚ ବଡ଼ କସୋଟ୍ (କର୍ମବାଚ୍ୟ);
ଯୋଗାଡ଼ ବଡ଼ କସ୍ ହେଲା (କର୍ମବାଚ୍ୟ);
ଦୁଆରଟି ଘିଡ୍‌ଘାଡ୍ କିଳିଦେଲା;
ଦୁହିଂକୁ ପଟ୍‌ପାଟ୍, ପଟାପଟ୍ ପକାଇଦେଲା;
ସାମଗ୍ରୀ ବଡ଼ କସ୍‌କାସ୍ (କସାକସ୍) ହେଲା;
ପ୍ରବଂଧଟି କାଟ୍‌ଛାଁଟ୍ କରିଦେଲା ।

**ତତ୍‌ସମରେ ସାଦୃଶ୍ୟ**

ତତ୍‌ସମରେ ଯେଉଁଠାରେ 'ଅ' ପ୍ରତ୍ୟୟରେ ଅନ୍ତସ୍ୱର ଓ ସ୍ୱର ସହିତ ବ୍ୟଂଜନ ଲୋପ ହୁଏ – 'ମଦ୍ୟପ', 'ବିଜ୍ଞ', 'ପଂକଜ', 'ଶୋକାବହ', 'ପାରଗ', 'ସୁଖଦ' ପ୍ରଭୃତି ପରି ସେଇସବୁ ପଦ ଅନେକ ପରିମାଣରେ ଏଇ ଶ୍ରେଣୀର । ମାତ୍ର ଏସବୁ ଛଡ଼ା ସଂସ୍କୃତରେ **ବିନା ପ୍ରତ୍ୟୟରେ ଧାତୁରୁ କର୍ତୃବାଚ୍ୟରେ ପଦ ହୁଏ** । ତାହା କୁହାଯାଉଛି–

**କର୍ତୃବାଚ୍ୟ–'ଇ'**

କୁକ୍ଷି, ଉଦର, ଆତ୍ମନ ଶବ୍ଦରୁ **କର୍ତୃବାଚ୍ୟରେ 'ଇ' ହୁଏ** । 'ଆତ୍ମନ୍'ର 'ନ୍' ଲୋପହୁଏ । ଉପପଦ ପରେ 'ମ୍' ଆଗମ ହୁଏ । ଯଥା–

କୁକ୍ଷିଂଭର, ଉଦରଂଭରି, ଆତ୍ମଂଭରି ।

**କର୍ତୃବାଚ୍ୟ 'ଉ'**

ଅଭ୍ୟାସ, ସ୍ୱଭାବ ପ୍ରଭୃତି ଅର୍ଥରେ ଇଷ୍, ଭିକ୍ଷ୍ ଓ ସନନ୍ତ ଧାତୁରୁ କର୍ତୃବାଚ୍ୟରେ 'ଉ' ହୁଏ । ଯଥା–

ଇଷ୍–ଇଚ୍ଛୁ (ଷ୍=ଛ୍); ଭିକ୍ଷ୍–ଭିକ୍ଷୁ;

ଜିଜ୍ଞାସୁ; ପିପାସୁ; ଚିକୀର୍ଷୁ; ଉପଚିକୀର୍ଷୁ; ବୁଭୁକ୍ଷୁ; ବୁଧ୍–ବୁଭୁତ୍ସୁ (ବୁଝିବାକୁ ଲୋଡ଼ିବା ଲୋକ); ଯୁଯୁତ୍ସୁ; ଜିଘାଂସୁ; ମୁମୂର୍ଷୁ; ମୁମୁକ୍ଷୁ (ମୁକ୍ତି ଇଚ୍ଛୁ); ଜିଗୀଷୁ ଇତ୍ୟାଦି ।

Digitized by PPRACHIN, SOA

ସ୍ୱୟଂ, ଶଂ, ବି, ପ୍ର, ପରେ 'ଭୂ' ଧାତୁର 'ଉ' ପ୍ରତ୍ୟୟରେ ଧାତୁର ଅନ୍ତ୍ୟସ୍ୱର ଲୋପ ହୁଏ । ଯଥା-

ସ୍ୱୟଂଭୁ, ଶଂଭୁ, ବିଭୁ, ପ୍ରଭୁ ଇତ୍ୟାଦି ।

**କର୍ତ୍ତୃବାଚ୍ୟ 'ଇ'**

ତତ୍‌ସମରେ **କର୍ତ୍ତୃବାଚ୍ୟରେ 'ଇ' ପ୍ରତ୍ୟୟ**-ସଂସ୍କୃତରେ ଏହା 'ଇନ୍', ମାତ୍ର ଓଡ଼ିଆରେ ଏବେ ଲେଖାରେ 'ଈ' ହେଲେହେଁ, ଏହା ଯଥାର୍ଥରେ ଉଚ୍ଚାରଣରେ ହ୍ରସ୍ୱ 'ଇ' । ପ୍ରାୟଶଃ ଉପସର୍ଗ ଓ ଅନ୍ୟପଦର ପରେ ଏଇ ପ୍ରତ୍ୟୟ ହେଲେ, ପ୍ରକୃତି ବା ଅଭ୍ୟାସ ସୂଚନା କରେ । ଏ ପ୍ରତ୍ୟୟରେ 'ଅକ' ପ୍ରତ୍ୟୟ ପରି ଧାତୁର ବର୍ଣ୍ଣ ପରିବର୍ତ୍ତନାଦି ପ୍ରାୟ ହୁଏ । ଯଥା-

କୃ-କାରୀ, ହିତକାରୀ, ବେଶକାରୀ-ପୁଣି ଅହଂକାରୀ, ଅଧିକାରୀ ଇତ୍ୟାଦି ।

ସଂ-ସାରୀ; ବାଦୀ-ସତ୍ୟବାଦୀ, ପ୍ରତିବାଦୀ;
ବାସୀ-ପ୍ରତିବାସୀ, ପ୍ରବାସୀ, ଅଧିବାସୀ;
ଅଭି-ଅଭିଳାଷୀ; ଦ୍ୱିଷ୍-ଦ୍ୱେଷୀ, ବିଦ୍ୱେଷୀ;
ଦ୍ରୋହୀ-ଗୁରୁଦ୍ରୋହୀ, ପିତୃଦ୍ରୋହୀ;
ସ୍ଥା-ସ୍ଥାୟୀ, କ୍ଷଣସ୍ଥାୟୀ, ଅସ୍ଥାୟୀ;
ମନ୍ତ୍-ମନ୍ତ୍ରୀ; ବି-ରୋଧୀ; ଅପ-ରାଧୀ ।
ଉଷ୍ଣ-ଭୋଜୀ, ମାଂସଭୋଜୀ; ଅନୁ-ଯାୟୀ;
ଅନୁଜୀବୀ, ଉପଜୀବୀ, ଭିକ୍ଷାଜୀବୀ; ମିଥ୍ୟାବାଦୀ, ବିବାଦୀ;
ମନୋହାରୀ, ବନ-ବିହାରୀ; ବି-ଳାସୀ;
ଉତ୍‌ସାହୀ; ଅନୁଗାମୀ; ହୃଦୟଗ୍ରାହୀ;
ଚକ୍ର-ଧାରୀ; ସତ୍ୟଭାଷୀ; ମର୍ମଭେଦୀ;
ବୃତ୍ତିଚ୍ଛେଦୀ; ଚକ୍ରବର୍ତ୍ତୀ; ପକ୍ଷପାତୀ;
ବିଶ୍ୱପୋଷୀ; ଲକ୍ଷଶୋଷୀ; ମଦ୍ୟପାୟୀ;
ଅଗ୍ରଯାୟୀ; ପଥ୍ୟସେବୀ; ହିତୈଷୀ ।

**ଅତୀତ ଅର୍ଥରେ-** ପିତୃଘାତୀ, ଆତ୍ମଘାତୀ, ମିତ୍ରଘାତୀ ।

**ଭବିଷ୍ୟତ୍ ଅର୍ଥରେ-** ଭାବୀ, ସ୍ଥାୟୀ, ଆଗାମୀ, ପ୍ରତିରୋଧୀ ।

କେବେକେବେ 'ଚ୍' ର 'କ୍' ଓ 'ଜ୍' ର 'ଗ୍' ହୁଏ ।

ଯୁଜ୍+ଇ=ଯୋଗୀ, ସେଇପରି ବିଯୋଗୀ, ପ୍ରତିଯୋଗୀ;

Digitized by PPRACHIN, SOA

ତ୍ୟଜ୍-ତ୍ୟାଗୀ; ଭଜ୍-ଭାଗୀ;

ରନ୍‌ଜ୍-ରାଗୀ ('ନ୍' ଲୋପ), ବିରାଗୀ, ଅନୁରାଗୀ;

ବି-ବିଚ୍=ବିବେକୀ; ସଂ-ପୃଚ୍=ସଂପର୍କୀ; ସଂ-ସୃଜ୍=ସଂସର୍ଗୀ ।

କେବେକେବେ **ଅନ୍ତସ୍ୱର ଗୁଣ ଓ ଉପାଂତ୍ୟ 'ଅ' ବୃଦ୍ଧି ହୁଏ ନାଇ ।**

ଜି-ଜୟୀ, ବିଜୟୀ; ବି-କ୍ରୟୀ, ମାଂସ ବିକ୍ରୟୀ; ପରି-ଶ୍ରମୀ; ବିକ୍ରମୀ; ପରା-କ୍ରମୀ; ଉଦ୍ୟମୀ; ଇତ୍ୟାଦି ।

**କର୍ତ୍ତୃବାଚ୍ୟରେ ସ୍ୱଭାବ ଧର୍ମ ପ୍ରଭୃତି ଅର୍ଥର ପ୍ରତ୍ୟୟମାନ-**

**'ଇଷ୍ଣୁ' ପ୍ରତ୍ୟୟ-** କର୍ତ୍ତୃବାଚ୍ୟରେ 'ଇଷ୍ଣୁ' ପ୍ରତ୍ୟୟ ହୁଏ । ଅଂତ୍ୟସ୍ୱର ଓ ଉପାଂତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ । ଯଥା-

ସହ୍-ସହିଷ୍ଣୁ; ବୃଧ୍-ବର୍ଧିଷ୍ଣୁ ।

**'ରୁ' ପ୍ରତ୍ୟୟ - 'ଭୀ', 'ମା' ପ୍ରଭୃତି ଧାତୁରୁ କର୍ତ୍ତୃବାଚ୍ୟରେ 'ରୁ' ପ୍ରତ୍ୟୟ ହୁଏ ।**

ଯଥା- ଭୀରୁ; ମା (ମେ)-ମେରୁ; ଦା-ଦାରୁ; ଶଦ୍-ଶତ୍ରୁ (ଦ୍=ତ୍) ।

**'ଉର୍' ପ୍ରତ୍ୟୟ** -ଭଂଜ୍-ଭଂଗୁର (ଜ୍=ଗ୍); ଭାସ୍-ଭାସୁର (ଉଜ୍ଜ୍ୱଳ); ମିଦ୍-ମେଦୁର (ସ୍ନିଗ୍ଧ, ସୁନ୍ଦର) ।

**ଗୁଣ, ବୃଦ୍ଧି କିଛି ନ ହୋଇ**-ଭିଦୁର; ଛିଦୁର; ବିଦୁର (ଜାଣିବା ସ୍ୱଭାବର) ।

**ବର ପ୍ରତ୍ୟୟ -** ସ୍ଥା-ସ୍ଥାବର; ଈଶ୍-ଈଶ୍ୱର; ଭାସ୍-ଭାସ୍ୱର; ନଶ୍-ନଶ୍ୱର; ଅତିଶୟ ଅର୍ଥରେ ଯା-ଯାଯାବର (ପର୍ଯଟକ) ।

**ର ପ୍ରତ୍ୟୟ -** ନମ୍-ନମ୍ର; ହିଂସ୍-ହିଂସ୍ର; ସ୍ମି-ସ୍ମେର; କମ୍-କମ୍ର; କ୍ଷୁଦ୍-କ୍ଷୁଦ୍ର; ପତ୍-ପତ୍ର; ଉଗ୍-ଉଗ୍ର; ରୁଦ୍-ରୁଦ୍ର; ଭଦ୍-ଭଦ୍ର; ସ୍ଥା-ସ୍ଥିର ।

କର୍ମବାଚ୍ୟରେ ମଧ୍ୟ ହୁଏ । ଯଥା- ଛିଦ୍-ଛିଦ୍ର; ଇତ୍ୟାଦି ।

**'ତ' ପ୍ରତ୍ୟୟ :**

ଏହା **ପ୍ରାୟ ଅତୀତ ଅର୍ଥରେ ଭିନ୍ନ ଭିନ୍ନ ବାଚ୍ୟରେ ହୁଏ ।** ଧାତୁରେ ପ୍ରାୟ ଗୁଣ ବୃଦ୍ଧି କିଛି ହୁଏ ନାଇ ।

ସମସ୍ତ ଅକର୍ମକ ଧାତୁରୁ, ପ୍ରାପ୍ତି ଓ ଗମନାର୍ଥକ ଧାତୁରୁ, ପୁଣି ଜନ୍, ରୁହ୍, ଭୁଜ୍ ପ୍ରଭୃତି ଧାତୁରୁ କର୍ତ୍ତୃବାଚ୍ୟରେ ହୁଏ ।

ସମସ୍ତ ସକର୍ମକ ଧାତୁରୁ କର୍ମବାଚ୍ୟରେ ହୁଏ । ଗତି ପ୍ରାପ୍ତି ଅର୍ଥ, ଭୁଜ୍ ପ୍ରଭୃତି ଧାତୁରୁ ମଧ୍ୟ ହୁଏ । ଯଥା-

Digitized by PPRACHIN, SOA

ଭୁକ୍ତ (ଭୁଜ୍+ତ) ବ୍ରାହ୍ମଣ-ଯେ ଖାଇଚି;
ଭୁକ୍ତ ଅନ୍ନ-ଯାହାକୁ ଖିଆଯାଇଚି;
ଗ୍ରାମଗତ ବ୍ୟକ୍ତି-ଯେ ଗ୍ରାମକୁ ଆସିଚି;
ଗତ କଥା-ଯେଉଁ କଥାକୁ କୁହାଯାଇଚି; ଇତ୍ୟାଦିରେ ଦୁଇବାଚ୍ୟ (କର୍ତ୍ତୃ ଓ କର୍ମ)ର ପ୍ରୟୋଗ ।

ଅନ୍ୟାନ୍ୟ ବାଚ୍ୟରେ ମଧ୍ୟ କଦାଚିତ୍ ହୁଏ । ଯଥା-

ହୁତ ଯଜ୍ଞ - (କର୍ମବାଚ୍ୟ; ପୁଣି "ଯେଉଁ ଯଜ୍ଞରେ ହୋମ ସରିଚି"-ଏପରି ଅଧିକରଣ ବାଚ୍ୟ ବି ହୋଇପାରେ ।)

ହୁତ ସଂଗ୍ରହ କର - 'ହୁତ' ଅର୍ଥ ଯହିଁରେ ହୋମ ହୁଏ । ଏଠାରେ କରଣବାଚ୍ୟ । (ଏଇ 'ହୁତ' ଖାଏ ବୋଲି ଅଗ୍ନିର ନାମ 'ହୁତ ଭୁକ୍' ।)

ଭାବବାଚ୍ୟରେ ମଧ୍ୟ କ୍ରିୟାର୍ଥ ପ୍ରକାଶ କରି କେବେକେବେ 'ତ' ପ୍ରତ୍ୟୟାନ୍ତ ପଦର ପ୍ରୟୋଗ ହୁଏ । ଯଥା- ସ୍ମିତ (ହସ); ଗୀତ (ଗାନ); ଜୀବୀତ (ଜୀବନ); ଚରିତ (ଆଚରଣ, କାର୍ଯକଳାପ); ହସିତ (ହାସ-ଓଡ଼ିଆରେ 'ଜାଣି ପୁଚ୍ଛିଲଇଁ ଦର ହସିତେ"-'କୋଣାର୍କେ') ।

**କର୍ତ୍ତୃ ଓ କର୍ମବାଚ୍ୟରେ 'ତ'**

(୧) ଧାତୁରେ ପରିବର୍ତ୍ତନ ନଥାଇ 'ତ' ପ୍ରତ୍ୟୟ ହୁଏ ।

ଖ୍ୟା+ତ=ଖ୍ୟାତ; ଜି+ତ=ଜିତ, ବିଜିତ;
ସେଇପରି ଜ୍ଞାତ; ଯାତ (ଓଡ଼ିଆରେ ଆତଯାତ);
ସ୍ନାତ; ଚିତ-ସଂଚୀତ; ଇତ-ଅଧୀତ;
ପ୍ରେତ-ଅଭିପ୍ରେତ; ସ୍ମିତ-ବିସ୍ମିତ;
କ୍ରୀତ; ନୀତ-ଆନୀତ, ବିନୀତ, ଅନୁନୀତ, ପ୍ରଣୀତ;
ପ୍ରୀତ; ଭୀତ; ଦ୍ରୁତ; ଧୂତ-ଅବଧୂତ; ଶ୍ରୁତ-ବିଶ୍ରୁତ;
ସ୍ତୁତ-ପ୍ରସ୍ତୁତ, ସ୍ରୁତ-ନିଃସ୍ରୁତ; ସୃତ-ନିଃସୃତ, ଅନୁସୃତ;
କୃତ-ଉପକୃତ, ଅନୁକୃତ, ପ୍ରକୃତ, ବିକୃତ, ଅଧିକୃତ, ସଂସ୍କୃତ ('ସମ୍' ଉପସର୍ଗ ପରେ 'ସଂସ୍' ହୁଏ); ନମସ୍କୃତ; ଅହଂକୃତ;
ଧୃତ; ଭୃତ; ମୃତ; ସ୍ମୃତ-ବିସ୍ମୃତ;
ହୃତ-ଅପହୃତ, ସଂହୃତ, ପରିହୃତ; କ୍ଷିପ୍ତ-ବିକ୍ଷିପ୍ତ; ପ୍ରକ୍ଷିପ୍ତ;
ତପ୍ତ-ପରିତପ୍ତ, ଅନୁତପ୍ତ; ତୃପ୍ତ-ପରିତୃପ୍ତ;

Digitized by PPRACHIN, SOA

ଲିପ୍ତ-ଅବଲିପ୍ତ; ଲୁପ୍ତ; ଶପ୍ତ-ଅଭିଶପ୍ତ; କୃଷ୍ଟ-ଆକୃଷ୍ଟ, ପ୍ରକୃଷ୍ଟ;
ତୁଷ୍ଟ-ସଂତୁଷ୍ଟ, ପରିତୁଷ୍ଟ; ଭୂତ-ଅନୁଭୂତ ଇତ୍ୟାଦି ।

(୨) 'ତ' ପ୍ରତ୍ୟୟ ହେଲେ ଧାତୁର ଶେଷ 'ଚ୍', 'ଜ'ଠାରେ 'କ୍' ଏବଂ 'ଛ୍', 'ଶ୍'ଠାରେ 'ଷ୍' ହୁଏ । ମାତ୍ର ଯଜ୍, ସୃଜ୍, ଶୃଜ୍ ଧାତୁର 'ଜ୍'ଠାରେ 'ଷ୍' ହୁଏ । ପୁଣି 'ତ' ପ୍ରତ୍ୟୟ ସହ ମିଶି ଧାତୁର ଶେଷ 'ଦ୍'-'ତ୍ତ' ଓ 'ଧ୍'-'ଦ୍ଧ' ହୁଏ ଏବଂ 'ଭ'-'ବ୍ଧ' ଓ 'ହ୍'-'ଗ୍ଧ' ହୋଇଯାଏ ।

ପୁଣି ଗାହ୍, ଗୁହ୍, ରୁହ୍, ଲିହ୍, ବହ୍ ଧାତୁର 'ହ୍' ଏଇ 'ତ' ପ୍ରତ୍ୟୟ ସହ ମିଶି 'ଢ଼' ହୁଏ ଓ ପୂର୍ବ ସ୍ୱର ଦୀର୍ଘ ହୁଏ । ଯଥା-

ମୁଚ୍+ତ=ମୁକ୍ତ; ରିଚ୍+ତ=ରିକ୍ତ, ଅତିରିକ୍ତ;
ସିଚ୍+ତ=ସିକ୍ତ, ଅଭିଷିକ୍ତ; ତ୍ୟଜ୍+ତ=ତ୍ୟକ୍ତ, ପରିତ୍ୟକ୍ତ ।

ସେହିପରି- ଭଜ୍-ଭକ୍ତ; ଭୁଜ୍-ଭୁକ୍ତ; ଯୁଜ୍-ଯୁକ୍ତ;
ଯଜ୍-ଇଷ୍ଟ (ଯ-ଇ); ସୃଜ୍-ସୃଷ୍ଟ; ପ୍ରଚ୍ଛ୍-ପୃଷ୍ଟ (ପ୍ର-ପୃ);
ଦିଶ୍-ଦିଷ୍ଟ, ଉପଦିଷ୍ଟ; ବିଶ୍-ବିଷ୍ଟ, ଉପବିଷ୍ଟ, ପ୍ରବିଷ୍ଟ, ନିବିଷ୍ଟ;
ବିଦ୍-ବିତ୍ତ; (ଯହିଁରେ ଲୋକ ଜଣାଯାଏ-କରଣବାଚ୍ୟ);
ମଦ୍-ମତ୍ତ; କ୍ରୁଧ୍-କ୍ରୁଦ୍ଧ; ବୁଧ୍-ବୁଦ୍ଧ;
ବ୍ୟଧ୍-ବିଦ୍ଧ (ବ୍ୟ-ବି); ଯୁଧ୍-ଯୁଦ୍ଧ;
ରୁଧ୍-ରୁଦ୍ଧ; ଶୁଧ୍-ଶୁଦ୍ଧ; ସିଧ୍-ସିଦ୍ଧ;
ରଭ୍-ରବ୍ଧ, ଆରବ୍ଧ; ଲଭ୍-ଲବ୍ଧ;
କ୍ଷୁଭ୍-କ୍ଷୁବ୍ଧ (ଦହିକୁ କ୍ଷୁଭିତ କରାଯାଏ ଯହିଁରେ-ମନ୍ଥନ ଦଣ୍ଡ ବା ଦହିଖୁଆ-କରଣବାଚ୍ୟ);
ଦହ୍-ଦଗ୍ଧ; ଦିହ୍-ଦିଗ୍ଧ, ସଂଦିଗ୍ଧ;
ଦୁହ୍-ଦୁଗ୍ଧ; ଗାହ୍+ତ=ଗାଢ଼;

ସେହିପରି- ଗୁହ୍-ଗୂଢ଼; ରୁହ୍-ରୂଢ଼, ଆରୂଢ଼;
ଲିହ୍-ଲୀଢ଼; ମୁହ୍-ମୂଢ଼; (ବିକଳ୍ପେ ମୁଗ୍ଧ) ।

'ତ' ପ୍ରତ୍ୟୟ ହେଲେ, ବଚ୍, ବପ୍, ବଦ୍, ବସ୍, ବହ୍, ସ୍ୱପ୍ ପ୍ରଭୃତି କେତେକ ଧାତୁର 'ବ୍'ଠାରେ 'ଉ' ହୁଏ; ଏବଂ ଦିବ୍ ଓ ସିବ୍ (ସିଇଁବା) ଧାତୁର 'ବ୍'ଠାରେ 'ଊ' ହୁଏ । ଯଥା-

ବଚ୍+ତ=ଉକ୍ତ; ବପ୍+ତ=ଉପ୍ତ (ରୋପା-ଉପ୍ତବୀଜ);

Digitized by PPRACHIN, SOA

ସେହିପରି- ବଦ୍‌-ଉଦିତ, ଅନୂଦିତ ('ଇ'କାର-ସ୍ୱାର୍ଥ ପ୍ରୟୋଜକ);
ବସ୍‌-ଉଷିତ, ଅଧ୍ୟୁଷିତ, ପ୍ରୋଷିତ, ଉପୋଷିତ;
ବହ୍‌-ଉଢ଼, ପୌଢ଼; ସ୍ୱପ୍‌-ସୁପ୍ତ ।
ଦିବ୍‌+ତ=ଦ୍ୟୁତ; ସିବ୍‌+ତ= ସ୍ୟୁତ ।

'ତ' ପ୍ରତ୍ୟୟ ଯୋଗେ ;

(କ) କ୍ଷମ୍‌, ଦମ୍‌, କ୍ଳମ୍‌ ପ୍ରଭୃତି 'ମ୍‌' କାରାଂତ ଧାତୁର ଉପଧା 'ଅ'ର ବୃଦ୍ଧି ହୁଏ । ଯଥା
କ୍ଷମ୍‌-କ୍ଷାଂତ; ଦମ୍‌-ଦାଂତ; କ୍ରମ୍‌-କ୍ରାଂତ (ଅତିକ୍ରାଂତ, ପରାକ୍ରାଂତ);
କ୍ଳମ୍‌-କ୍ଳାନ୍ତ; ଶମ୍‌-ଶାଂତ; ଶ୍ରମ୍‌-ଶ୍ରାଂତ (ପରିଶ୍ରାଂତ, ବିଶ୍ରାଂତ) ।

(ଖ) ଗମ୍‌, ରମ୍‌, ହନ୍‌, ତନ୍‌ ପ୍ରଭୃତି ଧାତୁର ଅଂତ୍ୟ ବର୍ଣ୍ଣ ଲୋପ ହୁଏ । ଯଥା-
ଗମ୍‌-ଗତ, ରମ୍‌-ରତ, ନମ୍‌-ନତ, ହନ୍‌-ହତ, ମନ୍‌-ମତ, ସଂମତ;
ଯମ୍‌-ଯତ, ସଂଯତ; କ୍ଷଣ୍‌-କ୍ଷତ; ତନ୍‌-ତତ-ସଂତତ, ବିତତ ।

(ଗ) 'ଦନ୍‌ଶ୍‌' ପ୍ରଭୃତି ଧାତୁର ଉପାଂତ୍ୟ 'ନ୍‌' ଲୋପ ହୁଏ । ଯଥା-
ଦନ୍‌ଶ୍‌-ଦଷ୍ଟ; ରନ୍‌ଜ୍‌-ରକ୍ତ, ବିରକ୍ତ, ଅନୁରକ୍ତ;
ସନ୍‌ଜ୍‌-ସକ୍ତ, ଆସକ୍ତ; ବନ୍‌ଧ୍‌-ବଦ୍ଧ, ଆବଦ୍ଧ;
ସ୍ତନ୍‌ଭ୍‌-ସ୍ତବ୍ଧ, ନିସ୍ତବ୍ଧ; ଭ୍ରନ୍‌ସ୍‌-ଭ୍ରଷ୍ଟ;
ଧ୍ୱନ୍‌ସ୍‌-ଧ୍ୱସ୍ତ; ଶନ୍‌ସ୍‌-ଶସ୍ତ, ପ୍ରଶସ୍ତ;
ଗ୍ରଂଥ୍‌-ଗ୍ରଥିତ (ସ୍ୱାର୍ଥ ପ୍ରୟୋଜକ 'ଇ'); ମଂଥ୍‌-ମଥିତ ।

(ଘ) ଖନ୍‌, ଜନ୍‌, ପା, ଗୈ ପ୍ରଭୃତି ଧାତୁର ନିମ୍ନଲିଖିତ ପରିବର୍ତ୍ତନମାନ ହୁଏ । ଯଥା -
ଖନ୍‌-ଖାତ; ଜନ୍‌-ଜାତ; ପା-ପାତ;
ସ୍ଥା-ସ୍ଥିତ, ଉପସ୍ଥିତ, ପ୍ରସ୍ଥିତ; ମା-ମିତ, ନିର୍ମିତ, ପରିମିତ;
ଶୋ-ଶିତ (ପ୍ରୟୋଜକରେ ଶାଣିତ);
ଧା-ହିତ, ବିହିତ, ଅଭିହିତ; ଗୈ-ଗୀତ;
ଶୈ-ଶୀତ; ଦା-ଦତ୍ତ, ପ୍ରଦତ୍ତ; ସ୍ଫାୟ୍‌-ସ୍ଫୀତ;
ଧାବ୍‌-ଧୌତ; ଫୁଲ୍‌-ଫୁଲ୍ଲ, ପ୍ରଫୁଲ୍ଲ;
ବ୍ୟଧ୍‌-ବିଦ୍ଧ; ଯଜ୍‌-ଇଷ୍ଟ; ହ୍ୱେ-ହୁତ, ଆହୁତ ।

Digitized by PPRACHIN, SOA

(ଙ) 'ମଦ୍' ପ୍ରଭୃତି ଭିନ୍ନ 'ଦ୍'କାରାଂତ ଧାତୁ ଓ ଅନ୍ୟ କେତେକ ଧାତୁ ପରେ ଏଇ 'ତ୍'-'ନ୍' ହୁଏ । ଏଇ 'ନ୍' ପୂର୍ବରୁ 'ଦ୍' ମଧ୍ୟ 'ନ୍' ହୋଇଯାଏ । ଧାତୁରେ 'ତ୍' ପ୍ରତ୍ୟୟର ଅନ୍ୟ ପରିବର୍ତ୍ତନ ମଧ୍ୟ ହୁଏ । ଯଥା-

କ୍ଲିଦ୍-କ୍ଲିନ୍ନ; ଅଦ୍-ଅନ୍ନ; କ୍ଷୁଦ୍-କ୍ଷୁଣ୍ଣ;
ଖିଦ୍-ଖିନ୍ନ; ଛିଦ୍-ଛିନ୍ନ; ଭିଦ୍-ଭିନ୍ନ;
ପଦ୍-ପନ୍ନ, ବିପନ୍ନ; ସଦ୍-ସନ୍ନ, ଆସନ୍ନ, ପ୍ରସନ୍ନ, ବିଷଣ୍ଣ;
ରୁଜ୍-ରୁଗ୍ଣ; ବିଜ୍-ବିଗ୍ନ, ଉଦ୍‌ବିଗ୍ନ;
ଭନଜ୍-ଭଗ୍ନ; ମସ୍‌ଜ୍-ମଗ୍ନ ('ସ୍' ଲୋପ);
ସୂ-ସୂନ, ପ୍ରସୂନ; ଲୂ-ଲୂନ (ଲୂନ ପୁଷ୍ପ-ଗଛରୁ ଛିଣ୍ଡା ଫୁଲ);
ଦୀ-ଦୀନ; ଡୀ-ଡୀନ, ଉଡ୍ଡୀନ;
କ୍ଷତ୍-କ୍ଷୀଣ (ଅ-ଇ, 'ତ୍' ଲୋପ);
ପ୍ୟାୟ୍-ପୀନ, (ଆୟ୍=ଇ); ହା-ହୀନ;
ମ୍ଲୈ-ମ୍ଲାନ (ଐ-ଆ); ଗ୍ଲୈ-ଗ୍ଲାନ ।

(ଚ) 'ତ' ପ୍ରତ୍ୟୟରେ ଧାତୁର ଅଂତ୍ୟ 'ର' ବର୍ଣ୍ଣର 'ଇର୍' ହୁଏ । ପୁଣି 'ର୍' ପରେ 'ତ୍'-'ନ୍' ହୁଏ । ଯଥା-

ଜୃ-ଜୀର୍ଣ୍ଣ; କୃ-କୀର୍ଣ୍ଣ, ବିକୀର୍ଣ୍ଣ, ସଂକୀର୍ଣ୍ଣ;
ଗୃ-ଗୀର୍ଣ୍ଣ, ଉଦ୍‌ଗୀର୍ଣ୍ଣ; ତୃ-ତୀର୍ଣ୍ଣ, ଉତ୍ତୀର୍ଣ୍ଣ;
ଦୃ-ଦୀର୍ଣ୍ଣ, ବିଦୀର୍ଣ୍ଣ; ପୂର୍-ପୂର୍ଣ୍ଣ; ଚୂର୍-ଚୂର୍ଣ୍ଣ;

ପୁଣି- ପଚ୍+ତ=ପକ୍ୱ; ଶୁଷ୍+ତ=ଶୁଷ୍କ;
ଶୀ+ତ=ଶୟିତ; ହୁଏ ।

(ଛ) 'ଇ' ପ୍ରତ୍ୟୟାଂତ ପ୍ରୟୋଜକ ଧାତୁର ଏଇ 'ତ' ପ୍ରତ୍ୟୟ ହେଲେ ପ୍ରୟୋଜକ ଅର୍ଥ ହୁଏ । ଯଥା-

କୃ-କୃତ (କରିଥିବା); କାରି-କାରିତ (କରାଇଥିବା);
ଶ୍ରୁ-ଶ୍ରୁତ; ଶ୍ରାବି-ଶ୍ରାବିତ ।

ସେହିପରି- ନଷ୍ଟ-ନାଶିତ; ଶୟିତ-ଶାୟିତ;
ରୂଢ଼-ରୋପିତ; ରତ-ରମିତ;
ଶିଷ୍ଟ-ଶାସିତ; ଶାନ୍ତ-ଶମିତ;
ତ୍ୟକ୍ତ-ତ୍ୟାଜିତ; ଜ୍ଞାତ-ଜ୍ଞାପିତ;
ସ୍ଥିତ-ସ୍ଥାପିତ; ଜାତ-ଜନିତ ।

Digitized by PPRACHIN, SOA

କେତେକ ଧାତୁର କେବଳ ପ୍ରୟୋଜକ ରୂପ ହୁଏ । ଯଥା- ର-ଅର୍ପିତ; କ୍ଷାଳିତ; ପାଳିତ; ଗ୍ରେଦିତ; ପ୍ରଗ୍ରେଦିତ ଇତ୍ୟାଦି ।

କେତେକ ଧାତୁରୁ ଗୋଟିଏ 'ଇ' ଲାଗି ସ୍ୱାର୍ଥେ ପ୍ରୟୋଜକ ରୂପ ହୁଏ । ପ୍ରୟୋଜକରେ ସାଧାରଣତଃ ଅନ୍ୟରୂପ ହୁଏ ନାଇ । ମାତ୍ର ଉପଧା 'ଅ'ର 'ଆ' ଓ ଲଘୁସ୍ୱରର ଗୁଣ ପ୍ରଭୃତି କରି କେବେକେବେ ପ୍ରୟୋଜକ ଅର୍ଥ ମଧ୍ୟ ପ୍ରକାଶ କରାଯାଏ । ଯଥା-

ଲିଖ୍+ତ=ଲିଖିତ (ପ୍ରୟୋଜକ ଲେଖିତ);
ଲଂଘ୍-ଲଂଘିତ; ଅର୍ଚ୍-ଅର୍ଚିତ;
ଯାଚ୍-ଯାଚିତ; ବଂଚ୍-ବଂଚିତ;
ବାଂଛ୍-ବାଂଛିତ; ଗର୍ଜ୍-ଗର୍ଜିତ;
ତର୍ଜ୍-ତର୍ଜିତ; ରାଜ୍-ରାଜିତ, ବିରାଜିତ;
ଘଟ୍-ଘଟିତ; ଚେଷ୍ଟ୍-ଚେଷ୍ଟିତ;
ବେଷ୍ଟ୍-ବେଷ୍ଟିତ; ସ୍ଫୁଟ୍-ସ୍ଫୁଟିତ, ପ୍ରସ୍ଫୁଟିତ;
କୁଂଠ୍-କୁଂଠିତ; ପଠ୍-ପାଠିତ, ପ୍ରପାଠିତ;
ଲୁଂଠ୍-ଲୁଂଠିତ; କ୍ରୀଡ୍-କ୍ରୀଡ଼ିତ;
ମୁଂଡ୍-ମୁଂଡିତ; ଲୋଡ୍-ଲୋଡ଼ିତ, ଆଲୋଡ଼ିତ;
ଘୂର୍ଣ-ଘୂର୍ଣିତ; ପତ୍-ପତିତ, ପ୍ରପାତିତ;
ପ୍ରଥ୍-ପ୍ରଥିତ; ବ୍ୟଥ୍-ବ୍ୟଥିତ;
କ୍ରଂଦ୍-କ୍ରଂଦିତ; ଖାଦ୍-ଖାଦିତ;
ନିଂଦ୍-ନିଂଦିତ; ନଂଦ୍-ନଂଦିତ, ଆନଂଦିତ;
ମୁଦ୍-ମୁଦିତ ('ମୋଦିତ' ଠିକ୍ ପ୍ରୟୋଜକ ନୁହେଁ, ଏହା 'ମୋଦ' ଶବ୍ଦରୁ ତଦ୍ଧିତରେ 'ଇତ' ପ୍ରତ୍ୟୟ ହୋଇ 'ମୋଦିତ' ହୋଇଛି);
କୁପ୍-କୁପିତ ('କୋପିତ' ନୁହେଁ, ଏହା 'ମୋଦିତ' ପରି ତଦ୍ଧିତ ପଦ);
କ୍ଷୁଭ୍-କ୍ଷୁଭିତ (କ୍ଷୋଭିତ-ମୋଦିତ ପରି; ପୁଣି କ୍ଷୁବ୍ଧ ମଧ୍ୟ ହୁଏ)
ବିଦ୍-ବିଦିତ (ପ୍ରବେଦିତ);
ବାଧ୍-ବାଧିତ; କଂପ୍-କଂପିତ;
ଗୁଂଫ୍-ଗୁଂଫିତ; ଚୁଂବ୍-ଚୁଂବିତ;

Digitized by PPRACHIN, SOA

ଲଂବ୍-ଲଂବିତ; କ୍ଷର୍-କ୍ଷରିତ, (ପ୍ର-କ୍ଷାରିତ);
ଚର୍-ଚରିତ, (ପ୍ର-ଗ୍ଭରିତ); ତ୍ୱର-ତ୍ୱରିତ, (ପ୍ର-ତ୍ୱାରିତ);
ସ୍ଫୁର୍-ସ୍ଫୁରିତ, (ପ୍ର-ସ୍ଫୋରିତ, ବିସ୍ଫୋରିତ); ଗଳ୍-ଗଳିତ;
ଚଳ୍-ଚଳିତ, (ପ୍ର-ଗ୍ଭଳିତ); ଜ୍ୱଳ୍-ଜ୍ୱଳିତ, (ପ୍ର-ଜ୍ୱାଳିତ);
ଦଳ୍-ଦଳିତ; ଫଳ୍-ଫଳିତ (ଫଳ ହୋଇଚି ଯାହାର ସେ ଫଳିତ) ।
ଏହିପରି 'ଇତ' ପ୍ରତ୍ୟୟରେ ତଦ୍ଧିତ ଶବ୍ଦ 'ଫଳିତ' ମଧ୍ୟ ହୁଏ);
ମିଳ୍-ମିଳିତ, (ପ୍ର-ମେଳିତ, ସଂମେଳିତ); ସ୍ଖଳ୍-ସ୍ଖଳିତ;
ଖର୍ବ୍-ଖର୍ବିତ; ଗର୍ବ୍-ଗର୍ବିତ (ଗର୍ବ ହୋଇଚି ଯାହାର-ଏହି ଅର୍ଥରେ ତଦ୍ଧିତ ମଧ୍ୟ ହୁଏ - ପ୍ରଭେଦ ଏଇ 'ଗର୍ବିତ ବାକ୍ୟ'-ଏଠାରେ କୃଦଂତ; 'ଗର୍ବିତ ଲୋକ' ଏଠାରେ ତଦ୍ଧିତ) ।
ଜୀବ୍-ଜୀବିତ; ଧାବ୍-ଧାବିତ; ସେବ୍-ସେବିତ;
ଇକ୍ଷ୍-ଇକ୍ଷିତ, ପ୍ରେକ୍ଷିତ, ସମୀକ୍ଷିତ, ବୀକ୍ଷିତ, ନିରୀକ୍ଷିତ, ପ୍ରତୀକ୍ଷିତ, ପରୀକ୍ଷିତ;
କାଙ୍କ୍ଷ୍-କାଙ୍କ୍ଷିତ, ଆକାଙ୍କ୍ଷିତ; ତୃଷ୍-ତୃଷିତ;
ଭିକ୍ଷ୍-ଭିକ୍ଷିତ; ରକ୍ଷ୍-ରକ୍ଷିତ;
ଶିକ୍ଷ୍-ଶିକ୍ଷିତ; ଭର୍ତ୍ସ୍-ଭର୍ତ୍ସିତ;
ଶ୍ୱସ୍-ଶ୍ୱସିତ, (ପ୍ର-ଶ୍ୱାସିତ, ଆଶ୍ୱାସିତ);
ଶନ୍ସ୍-ଶଂସିତ, ପ୍ରଶଂସିତ; ହସ୍-ହସିତ;
ହିଂସ୍-ହିଂସିତ; ଗର୍ହ୍-ଗର୍ହିତ;
ରହ୍-ରହିତ; ଗ୍ରହ-ଗୃହୀତ (ର=ର, ଇ=ଈ); ଇତ୍ୟାଦି ।

**ସନଂତ ଓ ନାମଧାତୁର ଏଇପରି ସ୍ୱାର୍ଥରେ 'ଇ' ହୁଏ;** ପୁଣି ଅଂତ୍ୟ ଅ କାର ଥିଲେ, ତା' ଲୋପ ହୁଏ । ଯଥା-ଚିକିତ୍ସିତ; ପିପାସିତ; ଚିକୀର୍ଷିତ; ମୀମାଂସିତ; ଜିଜ୍ଞାସିତ; ଦ୍ୱୀପାୟ୍-ଦ୍ୱୀପାୟିତ; ଲାଳାୟ୍-ଲାଳାୟିତ, ତରଙ୍ଗାୟିତ; ଫେନାୟିତ; ଦଂତାୟିତ ଇତ୍ୟାଦି ।

ଭାବବାଚ୍ୟ ଭିନ୍ନ ବାଚ୍ୟର 'ତ' ପ୍ରତ୍ୟୟାଂତ, ଅଥଚ 'ଇ' ପ୍ରତ୍ୟୟହୀନ ପଦମାନେ ବ୍ୟବହାରରେ କେବେକେବେ ବିଶେଷ୍ୟ ବି ହୁଅଂତି । ଯଥା- କ୍ଷୁବ୍ଧ, ଗୀତ, ଶୀତ, ରକ୍ତ, ଭୂତ, ବୁଦ୍ଧ, ଦୁଗ୍ଧ, ଦୁଷ୍ଟ, ଦ୍ୟୂତ, ଯୁଦ୍ଧ, ସିଦ୍ଧ, ଭକ୍ତ, ଲବ୍ଧ, ମୂଢ଼, ସୁକୃତ, ଦୁଷ୍କୃତ ଇତ୍ୟାଦି ।

Digitized by PPRACHIN, SOA

ବର୍ତ୍ତମାନ କାଳରେ, ଅର୍ଥାତ୍ **ଚଳୁଥିବା ଅର୍ଥରେ** (ପ୍ରାୟ ଅକର୍ମକ ଧାତୁରୁ କର୍ତ୍ତୃବାଚ୍ୟରେ ଓ ସକର୍ମକ ଧାତୁରୁ କର୍ମବାଚ୍ୟରେ ଓ କର୍ତ୍ତୃବାଚ୍ୟରେ) ଓଡ଼ିଆରେ ଧାତୁରୁ 'ଅଂତା', 'ଅଂତି' ପ୍ରତ୍ୟୟ ହୁଏ । ଯଥା-

ଚଳ୍-ଚଳଂତା, ଚଳଂତି;

ଫଳ୍-ଫଳଂତା, ଫଳଂତି;

ପାହା-ପାହାଂତା, ପାହାଂତି (ରାତି);

ମାତ୍ର 'ଅଂତି' ସର୍ବତ୍ର ହୁଏ ନାଇ-'ଅଂତା' ସର୍ବତ୍ର ହୁଏ । ଯଥା- ଗୃଳଂତା, ବହଂତା, କହଂତା, ଥାଆଂତା (ଭାତ), ଖାଆଂତା (ଲୋକ), ଦିଅଂତା (ଲୋକ ଓ ଟଂକାଦି), ଶୁଅଂତା ଇତ୍ୟାଦି । ପ୍ରୟୋଜକରେ କରଂତା, ପାଳଂତା, ବତାଂତା, ଚଳାଂତା ପ୍ରଭୃତି ହୁଏ ।

**ତତ୍‌ସମ (ସଂସ୍କୃତ)ରେ ଏଇ ଅର୍ଥରେ ଅକର୍ମକ ଧାତୁରୁ କର୍ତ୍ତୃବାଚ୍ୟରେ ଓ ସକର୍ମକ ଧାତୁରୁ କର୍ମବାଚ୍ୟରେ 'ଅତ୍', 'ଆନ୍', 'ୟମାନ୍' ଓ କର୍ମବାଚ୍ୟରେ 'ୟମାନ' ପ୍ରତ୍ୟୟ ହୁଏ । 'ଆସ୍' ଧାତୁରୁ 'ଆନ'ଠାରେ 'ଇନ' ହୁଏ ।** ଓଡ଼ିଆରେ ଏପରି ଶବ୍ଦ ବଡ଼ ଅଳ୍ପ ଚଳେ । ଯଥା-

**କର୍ତ୍ତୃବାଚ୍ୟ-**

ଗମ୍+ଅତ୍=ଜଗତ୍;

ଜୀବ୍+ଅତ୍=ଜୀବତ୍ (ଜୀବନ୍ମୁକ୍ତ) ।

ସେଇପରି- ଗଲ୍-ଗଳତ୍ (ଗଳତ୍‌ଘର୍ମ);

ଅସ୍-ସତ୍ (ଧାତୁର 'ଅ' ଲୋପ);

ଜାଗୃ-ଜାଗ୍ରତ୍ (ଜାଗ୍ରଦ୍ ଗୌରୀ-ଜାଗୁଳେଇ);

ଆସ୍-ଆସୀନ; ଧାବ୍-ଧାବମାନ;

ବୃତ୍-ବର୍ତ୍ତମାନ; ଶୀ-ଶୟାନ;

ମୁହ୍-ମୁହ୍ୟମାନ; ବିଦ୍-ବିଦ୍ୟମାନ;

ଦୀପ୍-ଦୀପ୍ୟମାନ; ମୃ-ମ୍ରିୟମାଣ ('ର'-'ରି' ହୁଏ);

ଲଂବ୍-ଲଂବମାନ; ବୃଧ-ବର୍ଧମାନ;

ବହ୍-ବହମାନ; ପରା-ଇ=ପଳାୟମାନ ।

Digitized by PPRACHIN, SOA

**ଯଙ୍ଗନ୍ତ ଓ ନାମଧାତୁରୁ 'ମାନ' ପ୍ରତ୍ୟୟ**

**କର୍ତ୍ତୃବାଚ୍ୟ-**

ଦଣ୍ଡାୟ-ଦଣ୍ଡାୟମାନ; ଅମୃତାୟ-ଅମୃତାୟମାନ;
ଦେଦୀପ୍ୟ-ଦେଦୀପ୍ୟମାନ; ଜାଜ୍ୱଲ୍ୟ-ଜାଜ୍ୱଲ୍ୟମାନ;
ଫେନାୟ-ଫେନାୟମାନ ।
ସେହିପରି ଶବାୟମାନ, ରୋରୁଦ୍ୟମାନ (ଯେ ଖୁବ୍ କାନ୍ଦୁଚି), ଦୋଦୁଲ୍ୟମାନ ଇତ୍ୟାଦି ।

**କର୍ମବାଚ୍ୟ-** ଏହାର ବ୍ୟବହାର ଓଡ଼ିଆରେ ଖୁବ୍ ହୁଏ । ଯଥା-

ଘୂର୍ଣ-ଘୂର୍ଣ୍ୟମାନ; ଉପ-ଆସ୍-ଉପାସ୍ୟମାନ;
ଦୁହ୍-ଦୁହ୍ୟମାନ; ସେବ୍-ସେବ୍ୟମାନ;
ପଠ୍-ପଠ୍ୟମାନ; କୃ-କ୍ରିୟମାଣ (ଧାତୁର 'ର'-ରି);
ଧୃ-ଧ୍ରିୟମାଣ, ଧ୍ରିୟମାନ; ଶ୍ରୁ-ଶ୍ରୂୟମାଣ;
ଦୃଶ୍-ଦୃଶ୍ୟମାନ; ଗୈ (ଗା)-ଗୀୟମାନ;
ଦା-ଦୀୟମାନ (ଧାତୁର 'ଆ' 'ଈ' ହୁଏ); ପା-ପୀୟମାନ;
ଜିଜ୍ଞାସ୍-ଜିଜ୍ଞାସ୍ୟମାନ; ବହ୍-ଉହ୍ୟମାନ (ବ୍=ଉ) ।

**ପ୍ରୟୋଜକ ଧାତୁରୁ କର୍ମବାଚ୍ୟରେ 'ମାନ' ପ୍ରତ୍ୟୟ ହୁଏ ଓ 'ଇ' ଲୋପ ହୁଏ ।** ଯଥା-

ସ୍ଥାପି-ସ୍ଥାପ୍ୟମାନ; ଯାପି-ଯାପ୍ୟମାନ;
ଗ୍ଲାନି-ଗ୍ଲାନ୍ୟମାନ; ଭ୍ରାମି-ଭ୍ରାମ୍ୟମାଣ ।

ଓଡ଼ିଆରେ 'ଭ୍ରମ୍'ରୁ କର୍ତ୍ତୃବାଚ୍ୟରେ 'ଭ୍ରାମ୍ୟମାଣ' ପ୍ରୟୋଗ ହୁଏ ।

ଓଡ଼ିଆରେ ଭାବବାଚ୍ୟରେ ଓ ସେଇ ଆଶୟରେ ଅନ୍ୟବାଚ୍ୟରେ ମଧ୍ୟ କେବେକେବେ **ଧାତୁରୁ 'ତି' ପ୍ରତ୍ୟୟ ହୁଏ ।** ଉଚ୍ଚାରଣରେ ଧାତୁଟି ଏଇ 'ତି' ଯୋଗେ କେବେକେବେ 'ଅ'କାରାଂତ ହୋଇଥାଏ । 'ଆ'କାରାଂତ ଧାତୁପରେ 'ଉ' ଆଗମ ହୁଏ । ନେ, ନଉ ଓ ଲଗ୍, ଲଗୁ ପ୍ରଭୃତି ଅନ୍ୟ କେତେକ ପରିବର୍ତ୍ତନ ହୋଇଥାଏ । ଯଥା-

ବଢ୍-ବଢ୍ତି; କମ୍-କମ୍ତି;
କାଟ୍-କାଟ୍ତି; ଗଲ୍-ଗଲ୍ତି;

Digitized by PPRACHIN, SOA

ଭଣ୍-ଭଣ୍ତି; ଭର୍-ଭର୍ତି;

ଚଳ୍-ଚଳତି; ଗଣ୍-ଗଣତି;

ମାନ୍-ମାନ୍ତି; ପା-ପାଉତି;

ଖା-ଖାଉତି; ଲାଗ୍-ଲଗୁତି;

ନେ-ନଉତି (ଯେଉଁଥିରେ ପାଣି ବା ଧାନ ପ୍ରଭୃତି ନିଆଯାଏ-କରଣ ବା ଅଧିକରଣ ବାଚ୍ୟ);

ପାଉତି (ପାଇବାର ଚିହ୍ନ); ଖାଉତି, ଲଗୁତି (ଖାଇବା ଓ ଲାଗିବାର ମୂଲ୍ୟ) ଏଇପରି ଅର୍ଥ ହୁଏ । କିମ୍ବା ଖାଉତି (ଯାହାକୁ ଖାଇବାରେ ଲଗାଂତି);

ପାଉତି (ଖଜଣାଦେଲେ ଯାହା ପାଆଂତି)-ଏସବୁ ଅର୍ଥରେ କର୍ମବାଚ୍ୟ ହୋଇପାରେ ।

ଥୋ-ଥାତି (ଯାହା ଥୋଇଥାଂତି); ଧୋ-ଧୋତି (ଯାହାକୁ ଧୁଅନ୍ତି-ପିନ୍ଧିବା ଲୁଗା) କର୍ମବାଚ୍ୟ ।

ଏଇ 'ତି' (ଅତି, ଉତି) ଠାଏ ଠାଏ 'ଓଟ୍' ଓ 'ଟ୍' ହୋଇଯାଏ । ଏଇ 'ଓଟ୍' ବା 'ଟ୍'ର ପୂର୍ବସ୍ୱର ଖୁବ୍ ଦୀର୍ଘ ଉଚ୍ଚାରଣ ହୁଏ । ଯଥା-

ଧର୍-ଧରୋଟ୍ (ଧରା ଧରୋଟ ନାଇ-ଭାବବାଚ୍ୟ);

ମଂଥ୍-ମଥୋଟ୍ (ଅନୁସନ୍ଧାନରେ ଠିକ୍ କରିବା ଅର୍ଥ), ହିସାବ, ଭାବବାଚ୍ୟ);

କସ୍-କସୋଟ୍ (ଭାବ, କର୍ତ୍ତୃ ଓ କର୍ମବାଚ୍ୟ ସବୁପ୍ରକାର ବ୍ୟବହାର ହୁଏ-ତା' କସୋଟ୍ରେ କାମ ହେବନାଇ, ସେ କସୋଟ୍ ଲୋକ, ତା'ର ବଡ଼ କସୋଟ୍ ଖର୍ଚ୍ଚ) । ଏହା କୋଚ୍ଟ୍ ମଧ୍ୟ ହୁଏ।

ଭର୍-ଭରୋଟ୍ (ଭର୍ତି-କର୍ମବାଚ୍ୟ);

ମୁହଁପାଟ୍ (ମୁହଁକୁ ପାଇବା ପରି-କର୍ମବାଚ୍ୟ);

ଜମ୍-ଜମାଟ୍ (ଭାବ, କର୍ତ୍ତୃ, କର୍ମବାଚ୍ୟରେ ବ୍ୟବହାର ହୁଏ । ଏଇ ଅନୁକ୍ରମେ ଶବ୍ଦାନୁକୃତି ଧାତୁରୁ - ପଟାଟ୍, ଝପାଟ୍ ପ୍ରଭୃତି ହୋଇଚି ।

**ଏଇ 'ତି' ଅନୁକ୍ରମେ ସାଧାରଣତଃ ଭାବବାଚ୍ୟରେ ଓଡ଼ିଆରେ 'ଇ' ହୁଏ ।** ଅନ୍ୟାନ୍ୟ ବାଚ୍ୟରେ ମଧ୍ୟ ହୁଏ । ଅନେକ ସ୍ଥଳରେ ଏଇ 'ଇ' ପ୍ରତ୍ୟୟାନ୍ତ ପଦଗୁଡ଼ିକ ଧାତୁର ଅର୍ଥକୁ ନିର୍ଦ୍ଦିଷ୍ଟ ସ୍ୱତନ୍ତ୍ର ସୂଚନାରେ ପ୍ରକାଶ କରଂତି । ସଂସ୍କୃତରେ **ଏଇପ୍ରକାର**

Digitized by PPRACHIN, SOA

**ଅର୍ଥ ପ୍ରକାଶ କରିବାକୁ 'ଯୋଗରୂଢ଼' କହଂତି ।** ପଂକରୁ ଜନ୍ମ ହୁଏ ବୋଲି ନାମ ହେଲା 'ପଂକଜ' । 'ପଂକଜ' ଅର୍ଥ ପଦ୍ମ । ମାତ୍ର ପଦ୍ମଛଡ଼ା ଆଉ କେତେ ପଂକରୁ ଜନ୍ମହେବା ବସ୍ତୁ ପୋଖରୀରେ ଅଛି । ସେସବୁକୁ ପଂକଜ କୁହାଯାଏ ନାଇ । ତେଣୁ **ପଦ୍ମ ଅର୍ଥରେ ପଂକଜ ଯୋଗରୂଢ଼ ।** ଏଇପରି ବୁଝିବାକୁ ହେବ । ଶବ୍ଦାଦି ପୂର୍ବରେ ଥାଇ ଧାତୁ ପ୍ରତ୍ୟୟ 'ଯୋଗ'ରେ ତିଆରି ହେଲେହେଁ ଅର୍ଥରେ ଏହା **'ରୂଢ଼', ଅର୍ଥାତ୍ ନିର୍ଦ୍ଦିଷ୍ଟ ଓ ସୀମାବଦ୍ଧ । ସାଧାରଣ 'ଯୋଗ'ରେ ଅର୍ଥ ହେବା ଶବ୍ଦ ଯୌଗିକ ।** ଯୋଗରେ ଅର୍ଥ ନ ଥାଇ ଅନ୍ୟ ଅର୍ଥ ହେବା ଶବ୍ଦକୁ 'ରୂଢ଼' କହଂତି । 'ମଂଡପ' ମଂଡ ପିଏ ଯେ, ମାତ୍ର 'ମଂଡପ'ରେ ଏ 'ଯୋଗ'ରେ ଅର୍ଥ ମୋଟେ ନାଇ । ତେଣୁ ଏହା 'ରୂଢ଼' ଶବ୍ଦ ।

'ଇ' ପ୍ରତ୍ୟୟରେ କେବେକେବେ ବର୍ଣ୍ଣର ସୁଖୋଚ୍ଚାରଣ ଜନିତ ଆଗମ, ଆଦେଶାଦି ହୋଇଥାଏ । ଯଥା-

**ଭାବବାଚ୍ୟ-**

ଧୋ-ଧୋଇ (ବିଲ ଧୋଇଗଲା-ଧୋଇରେ ଗଲା);
ରେଂଠ୍-ରେଂଟି (ଠ=ଟ);
ରଡ୍-ରଡ଼ି; କୁରୁଡ୍-କୁରୁଡ଼ି;
ଢୋଡ୍-ଢୋଡ଼ି (ଢୋଡ଼ା, ଢୋଡ଼);
ବଢ୍-ବଢ଼ି (ନଇବଢ଼ି);
ଗୁଣ୍-ଗୁଣି (ଏକ ପ୍ରକାର ମନ୍ତ୍ର ଗୁଣିବା-ଯେଉଁ ବିଦ୍ୟାରେ ଗୁଣଂତି-ଅଧିକରଣ ବାଚ୍ୟ);
ଜଳ୍-ଝଳି (ଜ-ଝ, ତେଜ);
ଗ୍ଲୁଲ୍-ଗ୍ଲୁଲି; ବୋଲ୍-ବୋଲି;
ତିଆର୍-ତିଆରି (କର୍ମବାଚ୍ୟ ମଧ୍ୟ ହୁଏ);
'ଲଢ୍'ର ସ୍ୱାର୍ଥ ପ୍ରଯୋଜକ 'ଲଢ଼ା'-ଲଢ଼ାଇ;
ସେଇପରି ଜୁଝ୍-ଜୁଝାଇ (ମେଂଢା ଜୁଝେଇ);
ପଳା-ପଳାଇ (ପଲୋଣି-କଅଣ ପଲେଇ ପଡ଼ିଚି କି ?);
ନିପାତନ- ସିଁଇ-ସିଲାଇ ।

**ଖା, ଆକାରାଂତ ପ୍ରଯୋଜକ ଓ ନାମ ଧାତୁରୁ** ଖର୍ଚ୍ଚ ବା ମୂଲ୍ୟ ନିରୂପଣ ଅର୍ଥରେ ପ୍ରାୟ ସର୍ବତ୍ର ଏଇ **ଭାବବାଚ୍ୟର 'ଇ' ହୁଏ ।** ଯଥା-

Digitized by PPRACHIN, SOA

ଖାଇ (ଖାଇବା) ଖରଚ; ସେଇପରି ଲେଖାଇ, କଟାଇ, ଛଟାଇ, ବଟାଇ, ମଡାଇ, କୁଟାଇ, ସୁଖାଇ, ଗୋଟାଇ (ଯଥା- ଏତକ ନଡ଼ିଆରେ ଗୋଟେଇ କେତେ ପଡ଼ିବ, ରଖେଇ କେତେ ପଡ଼ିବ ?)

ନିପାତନ- ଧକା-ଧକଲି, ଦଉଡ୍-ଧାଉଡ଼ି (ନେଉଳ ଧାଉଡ଼ି କିଆବାଡ଼ ଯାଏଁ)

**କର୍ତୃବାଚ୍ୟ-**

ଖାଂଟ୍-ଖାଂଟି; ଫୁଟ୍-ଫୁଟି (ଫୁଟିକାକୁଡ଼ି);

ଥା-ଥାଇର୍ ('ର୍' ଆଗମନ-ସେ ବିଭା ହେଇ ଥାଇର୍ ହୋଇଗଲା);

ଛାଆ-ଛାଲି ('ଲ୍' ଆଗମ-ଛାଲ, ଯେ ଛାଏ ବା ଘୋଡ଼ାଏ, ମାତ୍ର 'ଛାଲ୍'ରୁ କର୍ମବାଚ୍ୟରେ ମଧ୍ୟ ହୋଇପାରେ-ଯାହାକୁ ଛାଲନ୍ତି);

ଘୁସୁର୍-ଘୁସୁରି (ଯେ ଘୁସୁରେ-ସଂସ୍କୃତ 'ଘୃଷ୍ଟି' ସଂଗେ ଏହାର ସ୍ପଷ୍ଟ ସଂବଂଧ) ।

**କର୍ମବାଚ୍ୟ-**

ଗୃହା-ଗୃହି (ଯାହା ଲୋଡ଼ଂତି); ଖୁଂଟ୍-ଖୁଂଟି;

ପଡ଼୍-ପଡ଼ି (ପଡ଼ି ରହି ଯାହା ଖର୍ଚ୍ଚ କରଂତି);

କାଂଡ଼୍-କାଂଡ଼ି (ଯାହାକୁ କାଂଡି ଥାଂତି);

ମଳି (ଯାହାକୁ ମଳି କରି କାଢ଼ଂତି);

ଗଡ଼ି (ଗଡ଼-ଯାହାକୁ ଗଡ଼ାଂତି, ବା କର୍ତୃବାଚ୍ୟ-ଯେ ଗଡ଼େ)

**କରଣବାଚ୍ୟ-**

କୋଡ଼ି (ଯହିଁରେ କୋଡ଼ଂତି);

କତୁରି, କଟୁରି (ଯହିଁରେ କାଟଂତି-କାଟ୍-କଟ୍);

ଆଡ଼ି (ଯହିଁରେ ପାଣି ଆଡ଼େଇ ରଖଂତି-ଧାତୁର 'ଆ' ଲୋପ; କିମ୍ବା ଭାବବାଚ୍ୟ-ଆଡ଼େଇ ହେବାର ବା ଆଡ଼େଇ ଦେବାର ଭଂଗି ବିଶେଷ-ସେ ଆଡ଼ି ଦେଖାଉଚି) ।

**ଅପାଦାନବାଚ୍ୟ-**

ଝର୍-ଝରି (ଢାଳ; ଯହିଁରୁ ପାଣି ଝରେ) ଯଥା-

Digitized by PPRACHIN, SOA

"ରଂକେ ପାଇଲେ ଝରି,
ନା, ପାଣି ପିଇ ପିଇ ମରି" - ପ୍ରବଚନ

**ଅଧିକରଣବାଚ୍ୟ-**

ଝଡ଼ି (ଯେଉଁ ପାଗରେ ପାଣି ଝଡ୍ ଝଡ୍ ହୋଇ ଝରେ);
ବାଟି (ଯହିଁରେ ରଖି ବାଟଂତି);
ଗଳି (ଯହିଁରେ ଗଳିକରି ଯାଆଂତି) ।

ଧାତୁ ସଂପର୍କରେ ଯେଉଁ ଅନୁକରଣ ଶବ୍ଦ ତିଆରି ହୁଏ, ସେଥିରୁ ମଧ୍ୟ ଏଇ 'ଇ' ପ୍ରତ୍ୟୟ ହୁଏ । ଯଥା-

ପଟ୍-ପଟି (ପଟ୍‌କିନି ପକେଇଦେବା-ସେ ମତେ ପଟି ଚଢ଼ାଇଲା);
ଚଟ୍-ଚଟି (ଯେ ଚଟ୍ ଚଟ୍ ଶବ୍ଦ କରେ-ଚଟିଯୋତା-କର୍ତ୍ତୃବାଚ୍ୟ କିଂବା ଯାହାକୁ ମାଡ଼ି ଚଟ୍‌ଚଟ୍ ଶବ୍ଦ କରଂତି-କର୍ମବାଚ୍ୟ) ।

**ଭାବବାଚ୍ୟରେ 'ତି' ପ୍ରତ୍ୟୟ**

**ତତ୍‌ସମ (ସଂସ୍କୃତ)ରେ ଭାବବାଚ୍ୟରେ ଧାତୁରୁ 'ତି' ପ୍ରତ୍ୟୟ ହୁଏ ।** 'ତ' ପ୍ରତ୍ୟୟରେ ଯାହା ପରିବର୍ତ୍ତନାଦି ହୁଏ, ଏଥିରେ ତାହା ହୁଏ । ମାତ୍ର ଏ ପ୍ରତ୍ୟୟରେ ପ୍ରୟୋଜକ ବା ସ୍ୱାର୍ଥ 'ଇ' ପ୍ରତ୍ୟୟ ହୁଏ ନାଇ । ଯଥା-

ଖ୍ୟା-ଖ୍ୟାତି; ମା-ମିତି, ପରିମିତି; ସ୍ଥା-ସ୍ଥିତି;
ନୀ-ନୀତି; ପ୍ରୀ-ପ୍ରୀତି; ଭୀ-ଭୀତି;

ସେଇପରି- ଚ୍ୟୁତି, ବିଚ୍ୟୁତି; ଶ୍ରୁତି,
ସ୍ତୁତି; ଭୂତି, ଅନୁଭୂତି;
କୃତି; ପ୍ରକୃତି; ଅନୁକୃତି;
ବିକୃତି; ସୁକୃତି; ପ୍ରତିକୃତି;
ଧୃତି; ସ୍ମୃତି; ଶକ୍ତି;
ମୁକ୍ତି; ଉକ୍ତି; ଯୁକ୍ତି; ସୃଷ୍ଟି,
ବୃତ୍ତି; ଆ-ପତ୍ତି; ବିପତ୍ତି; ଭିତ୍ତି;
ବୁଦ୍ଧି; ଶୁଦ୍ଧି; ସିଦ୍ଧି;
ପ୍ର-ଆପ୍ତି (ପ୍ରାପ୍ତି); ବ୍ୟାପ୍ତି; ସମାପ୍ତି;
ତୃପ୍ତି; ଦୀପ୍ତି; ସୁପ୍ତି; ସୁଷୁପ୍ତି;

Digitized by PPRACHIN, SOA

ଉପ-ଲବ୍ଧି; କ୍ଳାନ୍ତି; ସଂକ୍ରାନ୍ତି; କ୍ଷାନ୍ତି;
ଗତି, ପ୍ର-ଗତି, ଅପ-ଗତି; ବି-ନତି,
ଉନ୍ନତି; ଭ୍ରାନ୍ତି; ଶ୍ରାନ୍ତି;
ଦୃଷ୍ଟି; ତୁଷ୍ଟି; ପୁଷ୍ଟି; ବୃଷ୍ଟି;
ଗ୍ଲାନି; ମ୍ଲାନି; ହା-ହାନି (ହା-'ହୀ' ହୁଏ ନାଇ);
ଅନୁ-ରକ୍ତି, ବି-ରକ୍ତି; ଆ-ସକ୍ତି ।

ତତ୍‌ସମରେ ଉଚିତ ବା ଯୋଗ୍ୟ ଅର୍ଥରେ ପ୍ରାୟଶଃ **ଭବିଷ୍ୟତ ଅର୍ଥରେ** ଓ **କର୍ମବାଚ୍ୟରେ** ଧାତୁରୁ 'ତବ୍ୟ', 'ଅନୀୟ', 'ଯ' ପ୍ରତ୍ୟୟ ହୁଏ । ଯଥା-

କୃ+ତବ୍ୟ=କର୍ତବ୍ୟ; କୃ+ଅନୀୟ=କରଣୀୟ;
କୃ+ଯ=କାର୍ଯ-ଅର୍ଥାତ୍ 'କରିବାର';

ସେହିପରି- ଗମ୍-ଗନ୍ତବ୍ୟ, ଗମନୀୟ, ଗମ୍ୟସ୍ଥାନ (ଯିବାର ସ୍ଥାନ) ।

ଏ ସ୍ଥାନ **ଗଂତବ୍ୟ** ନୁହେଁ - ଏ ସ୍ଥାନକୁ **ଯିବାର** ନୁହେ । ଏ କାମ **କରଣୀୟ** ନୁହେ - ଏ କାମ **କରିବାର** ନୁହେ । ଓଡ଼ିଆ କ୍ରିୟାବାଚକ ବିଶେଷଣରେ ଷଷ୍ଠୀ ଚିହ୍ନ 'ର'ର ବ୍ୟବହାର ପୂର୍ବେ କୁହାଯାଇଚି ।

**'ତବ୍ୟ' ପ୍ରତ୍ୟୟ**

ଏଥିରେ **ଧାତୁର ଅଂତ୍ୟସ୍ୱର ଓ ଉପାଂତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ ।** ଦୃଶ୍ ପ୍ରଭୃତି ଧାତୁର 'ର', 'ର' ହୁଏ; ପୁଣି 'ଗ୍ରହ୍' ପ୍ରଭୃତି କେତେ ଧାତୁର ସ୍ୱାର୍ଥ ପ୍ରୟୋଜକ 'ଇ' ହୁଏ । ଅନ୍ୟଥା 'ତ' ପ୍ରତ୍ୟୟରେ ହେଲାପରି ବର୍ଣ ପରିବର୍ତନାଦି ପ୍ରାୟ ହୁଏ । ଯଥା-

ଦା-ଦାତବ୍ୟ; ସ୍ଥା-ସ୍ଥାତବ୍ୟ;
ଶ୍ରୁ-ଶ୍ରୋତବ୍ୟ; କୃ-କର୍ତବ୍ୟ;
ବଚ୍-ବକ୍ତବ୍ୟ; ପୃଚ୍ଛ୍-ପ୍ରଷ୍ଟବ୍ୟ;
ତ୍ୟଜ୍-ତ୍ୟକ୍ତବ୍ୟ; ଭୁଜ୍-ଭୋକ୍ତବ୍ୟ;
ଦୃଶ୍-ଦ୍ରଷ୍ଟବ୍ୟ; ସ୍ପୃଶ୍-ସ୍ପ୍ରଷ୍ଟବ୍ୟ;
ଗ୍ରହ୍-ଗ୍ରହିତବ୍ୟ; କ୍ଷମ୍-କ୍ଷନ୍ତବ୍ୟ ।

ହନ୍, ଗମ୍ ପ୍ରଭୃତିର ଅଂତବର୍ଣ ଲୋପ ହୁଏ ନାଇ । ଯଥା- ମନ୍ତବ୍ୟ, ଗନ୍ତବ୍ୟ, ହନ୍ତବ୍ୟ ।

Digitized by PPRACHIN, SOA

ପ୍ରଯୋଜକରେ 'ଇ' କେବେକେବେ 'ଅୟି' ହୁଏ । ଉପଧା 'ଅ'ର ବୃଦ୍ଧି, ଅନ୍ୟ ଉପଧା ଲଘୁ ସ୍ୱରର ଗୁଣ ହୁଏ । ଯଥା-

ଦ୍ରଷ୍ଟବ୍ୟ-ଦର୍ଶୟିତବ୍ୟ, ଦର୍ଶିତବ୍ୟ;
ତକ୍ତବ୍ୟ-ତ୍ୟାଜିତବ୍ୟ;
କର୍ତବ୍ୟ-କାରୟିତବ୍ୟ;
ଭୋକ୍ତବ୍ୟ-ଭୋଜୟିତବ୍ୟ;
ଶ୍ରୋତବ୍ୟ-ଶ୍ରାବୟିତବ୍ୟ;
ଶୋଧିତବ୍ୟ ('ଶୁଧ୍' ଅକର୍ମକ);
ବି-ଜ୍ଞାପିତବ୍ୟ, ସ୍ଥାପିତବ୍ୟ, ଯାପିତବ୍ୟ, ପାଳିତବ୍ୟ ।

**'ଅନୀୟ' ପ୍ରତ୍ୟୟ**

ଧାତୁର ଅଂତ୍ୟସ୍ୱର ଓ ଉପଧା ହ୍ରସ୍ୱସ୍ୱରର ଗୁଣ ହୁଏ, ପୁଣି ପ୍ରଯୋଜକ ଧାତୁର 'ଇ' ଲୋପ ହୁଏ । ଯଥା-

ପା-ପାନୀୟ; ସ୍ଥା-ସ୍ଥାନୀୟ; ଚି-ଚୟନୀୟ;
ଶ୍ରୁ-ଶ୍ରବଣୀୟ; କୃ-କରଣୀୟ; ସ୍ମର୍-ସ୍ମରଣୀୟ;
ହର୍-ହରଣୀୟ; ବର୍-ବରଣୀୟ; ସିଚ୍-ସେଚନୀୟ;

ସେହିପରି- ଶୋଚନୀୟ, ଭୋଜନୀୟ, ଯୋଜନୀୟ,
ଛେଦନୀୟ, ତୋଷଣୀୟ, ଦର୍ଶନୀୟ ।
ହସ୍-ହସନୀୟ; ଆ-ରାଧ୍-ଆରାଧନୀୟ;

ସେହିପରି- ବଂଦନୀୟ; ନିଂଦନୀୟ; ରକ୍ଷଣୀୟ;
କମନୀୟ; ଚିନ୍ତନୀୟ; ବର୍ଦ୍ଧନୀୟ;
ପୂଜନୀୟ; ଅର୍ଚ୍ଚନୀୟ; ଯାପି-ଯାପନୀୟ;
ସ୍ଥାପନୀୟ; ପାଳି-ପାଳନୀୟ; ରୋପି-ରୋପନୀୟ;
ଜ୍ଞାପି-ଜ୍ଞାପନୀୟ; ଅଧ୍ୟାପି-ଅଧ୍ୟାପନୀୟ (ଅଧି-ଇ-ପ୍ରଯୋଜକ);
ଶୋଧି-ଶୋଧନୀୟ; ଲୋଭି-ଲୋଭନୀୟ ('ଲୁଭ୍'-ଅକର୍ମକ)

ମାତ୍ର, ମନ୍-ମାନନୀୟ (ମାନର ଯୋଗ୍ୟ) ।

ପୁଣି ଶୀ-ଶୟନୀୟ (ଅଧିକରଣବାଚ୍ୟ)

Digitized by PPRACHIN, SOA

**'ଯ' ପ୍ରତ୍ୟୟ**

ସ୍ୱରାଂତ, ପ-ବର୍ଗାଂତ, ଶକ୍, ସହ ଓ ଗଦ୍ ପ୍ରଭୃତି କେତେକ ଧାତୁର 'ଯ' ପ୍ରତ୍ୟୟରେ ଅଂତ୍ୟସ୍ୱର ଓ ଉପାଂତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ । ଅଂତ୍ୟ 'ଆ', 'ଏ' ହୁଏ । ଗୁଣରେ 'ଓ' ହୋଇ ପୁଣି 'ଅବ୍' ହୁଏ । ଯଥା-

ଜି-ଜେୟ; ନୀ-ନେୟ; ହୁ-ହବ୍ୟ;
ପା-ପେୟ; ଦା-ଦେୟ; ମା-ମେୟ, ଅନୁମେୟ;
ଅ-ପ୍ର-ମେୟ; ଗୈ (ଗା)-ଗେୟ; ଜ୍ଞା-ଜ୍ଞେୟ;
ହା-ହେୟ; ଧା-ଧେୟ, ପରି-ଧେୟ, ଅଭିଧେୟ; ବିଧେୟ;
ଶକ୍-ଶକ୍ୟ; ଭକ୍ଷ୍-ଭକ୍ଷ୍ୟ; ସହ୍-ସହ୍ୟ; ଧ୍ୟୈ (ଧ୍ୟା)-ଧ୍ୟେୟ;
ଲଭ୍-ଲଭ୍ୟ; ନମ୍-ନମ୍ୟ; ଗଦ୍-ଗଦ୍ୟ ।

'ଋ'କାରାଂତ ଓ ବ୍ୟଂଜନାଂତ ଧାତୁର ଅଂତ୍ୟସ୍ୱର, ଉପାଂତ୍ୟ 'ଅ'କାରର ବୃଦ୍ଧି, ଉପାଂତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ; ପୁଣି କେବେକେବେ ଧାତୁର ଅଂତ୍ୟ 'ଚ୍', 'ଜ୍' ଓ 'ଢ୍' 'ଗ୍' ହୁଏ । ଯଥା-

କୃ-କାର୍ଯ୍ୟ; ଧୃ-ଧାର୍ଯ୍ୟ; ସ୍ମୃ-ସ୍ମାର୍ଯ୍ୟ;
ହୃ-ହାର୍ଯ୍ୟ; ଋ-ଆର୍ଯ୍ୟ; ବଚ୍-ବାଚ୍ୟ;
ସିଚ୍-ସେଚ୍ୟ; ତ୍ୟଜ୍-ତ୍ୟାଜ୍ୟ; ଯଜ୍-ଯାଜ୍ୟ;
ଯୁଜ୍-ଯୋଜ୍ୟ; ଭଜ୍ (ଭନ୍ଜ୍)-ଭାଜ୍ୟ; ଭୁଜ୍-ଭୋଜ୍ୟ;
ବୁଧ୍-ବୋଧ୍ୟ; ଛିଦ୍-ଛେଦ୍ୟ; ଭିଦ୍-ଭେଦ୍ୟ;
ବିଦ୍-ବେଦ୍ୟ; ମନ୍-ମାନ୍ୟ; ଶ୍ୱସ୍-ଶ୍ୱାସ୍ୟ,
ବିଶ୍ୱାସ୍ୟ; ହସ୍-ହାସ୍ୟ, ପରିହାସ୍ୟ, ଉପହାସ୍ୟ;
ଦହ୍-ଦାହ୍ୟ; ଗ୍ରହ୍-ଗ୍ରାହ୍ୟ ।

ପୁଣି, ଅର୍ଥ ଭେଦରେ - ବଚ୍-ବାକ୍ୟ; ଭୁଜ୍-ଭୋଗ୍ୟ; ଯୁଜ୍-ଯୋଗ୍ୟ ।

ହ୍ରସ୍ୱ ସ୍ୱରାଂତ ଧାତୁରୁ 'ତ୍' ଆଗମ ହୋଇ ସ୍ତୁ-ସ୍ତୁତ୍ୟ; ଭୃ-ଭୃତ୍ୟ; କୃ-କୃତ୍ୟ (କାର୍ଯ୍ୟ) ପ୍ରଭୃତି ହୁଏ । ଶାସ୍-ଶିଷ୍ୟ ହୁଏ ।

କେତେକ ଧାତୁର ଗୁଣ ବୃଦ୍ଧି କିଛି ହୁଏ ନାଇ; ପୁଣି ସର୍ବତ୍ର ପ୍ରୟୋଜକ **'ଇ'ର ଲୋପ ହୁଏ ।** ଯଥା-

ଗୁହ୍-ଗୁହ୍ୟ; ଗୋପି-ଗୋପ୍ୟ;
ଦୁହ୍-ଦୁହ୍ୟ; ଦୋହି-ଦୋହ୍ୟ;
ଶୋଧି-ଶୋଧ୍ୟ; ପାଳି-ପାଳ୍ୟ ।

Digitized by PPRACHIN, SOA

ଅନ୍ୟାନ୍ୟ ବାଚ୍ୟରେ ମଧ୍ୟ ଏଇ 'ଯ' କେବେକେବେ ହୋଇଥାଏ । ଯଥା-

କର୍ତୃବାଚ୍ୟ - ଭୂ+ଯ=ଭବ୍ୟ (ଯେ ଭଲ ହୁଏ)

କରଣବାଚ୍ୟ - ମଦ୍+ଯ=ମଦ୍ୟ (ଯହିଁରେ ମାତ୍ ହୁଏ)

ଅଧିକରଣବାଚ୍ୟ - ରମ୍+ଯ=ରମ୍ୟ (ଯେଉଁଥିରେ ରମଂତି),
ରାଜନ୍-ସୁ+ଯ=ରାଜସୂୟ (ଯହିଁରେ ରାଜା ଯଥାର୍ଥରେ ହୁଅଂତି)

ଭାବବାଚ୍ୟ - କୃତ୍+ଯ=କୃତ୍ୟ, କାର୍ଯ;
ହସ୍+ଯ=ହାସ୍ୟ; ନୃତ୍+ଯ=ନୃତ୍ୟ

**କର୍ତୃ, କର୍ମ ଭିନ୍ନ ବାଚ୍ୟରେ 'ଯ' ପ୍ରତ୍ୟୟ ହୋଇ ସ୍ତ୍ରୀଲିଂଗର 'ଆ' ହୁଏ ।** ସେଥିରେ ବେଳେବେଳେ ଧାତୁର ନାନାପ୍ରକାର ପରିବର୍ତ୍ତନ ହୁଏ । ଯଥା-

ଭାବବାଚ୍ୟ - ଚର୍-ଚର୍ଯା, ପରିଚର୍ଯା; କୃ-କ୍ରିୟା;

କରଣବାଚ୍ୟ - ବିଦ୍-ବିଦ୍ୟା;

ଅଧିକରଣବାଚ୍ୟ - ଶୀ-ଶଯ୍ୟା; ମୃଗ୍ (ଖୋଜିବା)-ମୃଗୟା;
ଅମା-ବସ୍-ଅମବସ୍ୟା, ଅମାବାସ୍ୟା (ଯହିଁରେ 'ଅମା'-ଅନ୍ଧାର ବାସ କରେ)

**କର୍ତୃବାଚ୍ୟରେ 'ଯ' ପ୍ରତ୍ୟୟର ବିଶିଷ୍ଟ ପ୍ରୟୋଗ**

"ଆପଣାକୁ 'ସେଇୟା' ବୋଲି ମଣେ ।" ଏଇପରି ଅର୍ଥରେ, ଯାହା ବୋଲି ମଣେ, ସେଇପଦ କର୍ମ ଉପପଦ ଥାଇ, 'ମନ୍' ଧାତୁରୁ 'ଯ' ପ୍ରତ୍ୟୟ ହୁଏ । ଉପପଦଟି ନିଷ୍ପନ୍ନ ପଦରେ ମଧ୍ୟ ସଂସ୍କୃତ କର୍ମକାରକରେ ବିଭକ୍ତି ଘେନି ରହେ । ଯଥା-

ଆପଣାକୁ ପଂଡ଼ିତ୍ କରି ମଣେ ଯେ ସେ ପଂଡିତଂମନ୍ୟ ।

ଆପଣାକୁ ଧନ୍ୟ ବୋଲି ମଣେ - ଧନିନଂମନ୍ୟ ।

ଆପଣାକୁ କର୍ତା ବୋଲି ମଣେ - କର୍ତାରଂମନ୍ୟ ।

ଆପଣାକୁ 'ବେତ୍ତା' (ଜାଣିବାବାଲା) ବୋଲି ମଣେ - ବେତ୍ତାରଂମନ୍ୟ, ଜ୍ୟୋତିର୍ବେତାରଂମନ୍ୟ ।

ସେଇପରି ଭିଷଜଂ (ଭିଷକ୍, ବୈଦ୍ୟ) ମନ୍ୟ, ଦୈବତଂମନ୍ୟ, ରାଜାନଂମନ୍ୟ, ଧନାଢ୍ୟଂମନ୍ୟ, କୁଳିନଂମନ୍ୟ, ଇତ୍ୟାଦି ।

Digitized by PPRACHIN, SOA

**'ନ' ପ୍ରତ୍ୟୟ**

ତତ୍‌ସମରେ ଭାବବାଚ୍ୟରେ କେତେକ ଧାତୁର 'ନ' ପ୍ରତ୍ୟୟ ହୁଏ । ଏମାନେ କେବେକେବେ ସ୍ତ୍ରୀଲିଂଗର 'ଆ' ନିଅଂତି । ଯଥା-

ସ୍ୱପ୍-ସ୍ୱପ୍ନ; ଯଜ୍-ଯଜ୍ଞ; ଯତ୍-ଯତ୍ନ;
ଯାଚ୍-ଯାଚ୍ଞା; ତୃଷ୍-ତୃଷ୍ଣା; ପ୍ରଚ୍ଛ୍-ପ୍ରଶ୍ନ ହୁଏ ।

**'ତା' ପ୍ରତ୍ୟୟ**

**ଦେଶୀ ଓଡ଼ିଆରେ -**

କର୍ତୃବାଚ୍ୟରେ ପ୍ରାୟଶଃ କ୍ଷମ ବା ସମର୍ଥ ହେବା ସୂଚନା ଥାଇ ଓଡ଼ିଆରେ **ସକର୍ମକ ଧାତୁରୁ 'ତା' ପ୍ରତ୍ୟୟ ହୁଏ** । ଯଥା-

ନେ-ନେତା (ଯେ ନେଇପାରେ); ଦେ-ଦେତା;
ମାଗ୍-ମାଗ୍‌ତା; ଦେଖ୍-ଦେଖ୍‌ତା; ଲେଖ୍-ଲେଖ୍‌ତା;
ସମଜ୍-ସମଜ୍‌ତା; ରଖ୍-ରଖ୍‌ତା; ଇଡ଼୍-ଇଡ଼୍‌ତା;
ଧାର୍-ଧାର୍‌ତା; କହ୍-କହ୍‌ତା; ମାର୍-ମାର୍‌ତା ।

ପ୍ରଯୋଜକ ଓ ନାମଧାତୁରୁ ଏଇ 'ତା' ହେଲେ ଧାତୁପରେ 'ଇ' ଆଗମ ହୁଏ । ଯଥା-

ପଳା-ପଳେଇତା; କରା-କରେଇତା;
ମରା-ମରେଇତା; ମଗା-ମଗେଇତା;
ରଖା-ରଖେଇତା; କାନା-କାନେଇତା; ଗୋଟା-ଗୋଟେଇତା ।

**ତତ୍‌ସମରେ**

**କର୍ତୃବାଚ୍ୟରେ ତତ୍‌ସମରେ ସଂସ୍କୃତ ଧାତୁରୁ 'ତା' ପ୍ରତ୍ୟୟ ହୁଏ** । ଏଇ 'ତା' ସଂସ୍କୃତରେ 'ତୃ' । ତତ୍‌ସମରେ ମଧ୍ୟ ଏଇ 'ତା' ପ୍ରତ୍ୟୟାଂତ ପଦରେ ଅନ୍ୟପଦ ବା ପ୍ରତ୍ୟୟ ପ୍ରଭୃତି ଯୋଗକଲେ, 'ତା' 'ତୃ' ହୁଏ । ବିଭକ୍ତି ଯୋଗକଲେ 'ତା' 'ତୃ' ହୁଏ ନାଇ । 'ତ' ଓ 'ତି' ପ୍ରତ୍ୟୟରେ ବର୍ଣର ଯେ ପରିବର୍ତନ ହୁଏ, ଏଥିରେ ଅନେକ ସ୍ଥଳରେ ତାହା ହୁଏ । କେବେକେବେ ଅନ୍ୟପ୍ରକାର ମଧ୍ୟ ହୁଏ । ଧାତୁର ଅଂତ୍ୟ ଓ ଉପାଂତ୍ୟ ସ୍ୱରର ଗୁଣ ହୁଏ । ଯଥା-

ଦା-ଦାତା; ଧା-ଧାତା, ବିଧାତା;
ପା-ପାତା (ଯେ ପିଏ); ପା-ପିତା (ଯେ ପାଳେ);

Digitized by PPRACHIN, SOA

ଜି-ଜେତା; ନୀ-ନେତା; କ୍ରୀ-କ୍ରେତା;
ଶ୍ରୁ-ଶ୍ରୋତା; ହୁ-ହୋତା; କୃ-କର୍ତ୍ତା;
ଭୃ-ଭର୍ତ୍ତା; ଗୈ (ଗା)-ଗାତା, ଉଦ୍‌ଗାତା;
ତ୍ରୈ-ତ୍ରାତା; ବପ୍-ବପ୍ତା (ବ୍ 'ଉ' ହୁଏନା);
ହନ୍-ହନ୍ତା; ଯମ୍-ଯନ୍ତା, ନିୟନ୍ତା;
ଦ୍ୱିଷ୍-ଦ୍ୱେଷ୍ଟା; ବଚ୍-ବକ୍ତା; ଭୁଜ୍-ଭୋକ୍ତା;
ପୃଚ୍ଛ୍-ପ୍ରଷ୍ଟା; ଦୃଶ୍-ଦ୍ରଷ୍ଟା; ସୃଜ୍-ସ୍ରଷ୍ଟା;
ବିଦ୍-ବେତ୍ତା; ବୁଧ୍-ବୋଦ୍ଧା; ଯୁଧ୍-ଯୋଦ୍ଧା ।

**'ଇ' ଆଗମ**

ଦୁହ୍-ଦୁହିତା; ସୂ-ସବିତା; କାରି-କାରୟିତା (କାରେ-ଇ-ତା);
ସ୍ଥାପି-ସ୍ଥାପୟିତା; ରଚି-ରଚୟିତା (ସ୍ୱାର୍ଥ ପ୍ରଯୋଜକ);
ଶିକ୍ଷି-ଶିକ୍ଷୟିତା; ଅଧ୍ୟାପି-ଅଧ୍ୟାପୟିତା;
ଜନି-ଜନୟିତା; ଗ୍ରହ୍-ଗ୍ରହୀତା (ଇ=ଈ) ।

**ଅନ୍ୟପଦ ବା ପ୍ରତ୍ୟୟ ସଂପର୍କରେ**

କର୍ତ୍ତୃତ୍ୱ; କର୍ତ୍ତୃବାଚ୍ୟ; ଜନୟିତୃତ୍ୱ ଇତ୍ୟାଦି । ସମାସରେ ମଧ୍ୟ ଓଡ଼ିଆରେ, କର୍ତ୍ତାକାରକ; ବିଧାତାବିଧାନ ପ୍ରଭୃତି ହୁଏ । ବିଭକ୍ତିରେ ବରାବର 'ତା' ରହେ । ଯଥା- ଯୋଦ୍ଧାମାନେ, ଯୋଦ୍ଧାଂକର ଇତ୍ୟାଡି ।

**ତତ୍‌ସମରେ କର୍ତ୍ତୃବାଚ୍ୟରେ 'ଅକ' ପ୍ରତ୍ୟୟ**

ଅଂତ୍ୟସ୍ୱର ଓ ଉପାଂତ୍ୟ 'ଅ'ର ବୃଦ୍ଧି ଓ ଉପଧା ଲଘୁସ୍ୱରର ଗୁଣ ହୁଏ । 'ଆ'କାରାଂତ ଧାତୁ ପରେ 'ୟ' ଆଗମ ହୁଏ । ପ୍ରଯୋଜକ ଧାତୁର ଗୁଣ ବୃଦ୍ଧି ନ ହୋଇ ପ୍ରଯୋଜକ 'ଇ'ର ଲୋପ ହୁଏ । ଧାତୁ ଶେଷରେ ଯୁକ୍ତ ବ୍ୟଂଜନ ଥିଲେ, ତା' ପୂର୍ବ ସ୍ୱରର ପରିବର୍ତ୍ତନ ହୁଏ ନାଇ । ଯଥା-

ପରି-ଚି+ଅକ=ପରିଚାୟକ; ନୀ-ନାୟକ;
ସ୍ତୁ-ସ୍ତାବକ; ଶ୍ରୁ-ଶ୍ରାବକ; ପୂ-ପାବକ;
କୃ-କାରକ; ତୃ-ତାରକ; ଦୃ-ଦାରକ, ବିଦାରକ;
ହନ୍-ଘାତକ; ପଚ୍-ପାଚକ; ପଠ୍-ପାଠକ;
ଗ୍ରହ୍-ଗ୍ରାହକ; ଭଜ୍ (ଭନ୍‌ଜ୍)-ଭାଜକ;
ପରି-ଚର୍-ପରିଚାରକ; ବହ୍-ବାହକ;

Digitized by PPRACHIN, SOA

ଯଜ୍-ଯାଜକ; ଚଲ୍-ଗୁଳକ; ସିଚ୍-ସେଚକ;
ରିଚ୍-ରେଚକ; କ୍ଷିପ୍-କ୍ଷେପକ; ଲିପ୍-ଲେପକ;
ବୁଧ୍-ବୋଧକ; ରୁଧ୍-ରୋଧକ; ଦୃଶ୍-ଦର୍ଶକ;
କୃଷ୍-କର୍ଷକ, କୃଷକ (ବିକଳ୍ପେ); ଦା-ଦାୟକ;
ଗା (ଗୈ)-ଗାୟକ; ଶା (ଶୋ)-ଶାୟକ;
ସ୍ମର୍-ସ୍ମାରକ; ଜନି-ଜନକ; ଯୋଜି-ଯୋଜକ;
ପାଳି-ପାଳକ; ବାହି-ବାହକ; ଜ୍ଞାପି-ଜ୍ଞାପକ;
ପାତି-ପାତକ; ରୋଚି-ରୋଚକ; ବାରି-ବାରକ, ନିବାରକ;
ଚିନ୍ତ୍-ଚିନ୍ତକ; ଶିକ୍ଷ୍-ଶିକ୍ଷକ; ରଂଜ୍-ରଂଜକ;
ଅର୍ଚ୍-ଅର୍ଚକ; ରକ୍ଷ୍-ରକ୍ଷକ; ଭକ୍ଷ୍-ଭକ୍ଷକ;
ଯାଚ୍-ଯାଚକ; ନିଂଦ୍-ନିଂଦକ; ସେବ୍-ସେବକ;
ଚୀକ୍-କୀଚକ (ବର୍ଣ୍ଣ ବିପର୍ଯ୍ୟୟ) ।

କେବେକେବେ ଅନ୍ୟାନ୍ୟ ପରିବର୍ତ୍ତନ ମଧ୍ୟ ହୁଏ । ଯେପରି ଶିଳ୍ପୀକୁ ବୁଝାଇଲେ-ନୃତ୍-ନର୍ତ୍ତକ; ଖନ୍-ଖନକ; ରଂଜ୍-ରଜକ; ଗୈ-ଗାୟକ ହୁଏ ।

**ତତ୍ସମରେ 'ଅନ' ପ୍ରତ୍ୟୟ**

ତତ୍ସମରେ ଭାବ ଓ ଅନ୍ୟାନ୍ୟ ବାଚ୍ୟରେ 'ଅନ' ହୁଏ । ଏଇ 'ଅନ' ପ୍ରତ୍ୟୟ ପରେ କେବେକେବେ ସ୍ତ୍ରୀଲିଂଗ 'ଆ' ମଧ୍ୟ ଲାଗେ । ସ୍ଥାନେ ସ୍ଥାନେ ବର୍ଣ୍ଣାଦିର ପରିବର୍ତ୍ତନ ହୁଏ । ଯଥା-

**ଭାବବାଚ୍ୟ-** ଅଂତ୍ୟସ୍ୱର ଓ ଉପାଂତ୍ୟ ହ୍ରସ୍ୱସ୍ୱରର ଗୁଣ-

ଚି-ଚୟନ; ଅଧ-ଇ-ଅଧ୍ୟୟନ; ଶୀ-ଶୟନ;
ଶ୍ରୁ-ଶ୍ରବଣ; ସ୍ତୁ-ସ୍ତବନ; କୃ-କରଣ;
ମୃ-ମରଣ; ଭୃ-ଭରଣ; ସ୍ମୃ-ସ୍ମରଣ;
ହୃ-ହରଣ; ଲିଖ୍-ଲେଖନ, ଲିଖନ;
ଛିଦ୍-ଛେଦନ; ଭିଦ୍-ଭେଦନ; ଶୁଧ୍-ଶୋଧନ;
ବୁଧ୍-ବୋଧନ, ପ୍ରବୋଧନା; ଶୁଚ୍-ଶୋଚନ;
ମୁଚ୍-ମୋଚନ; ଭୁଜ୍-ଭୋଜନ; ରୁଦ୍-ରୋଦନ;
ରୁହ୍-ରୋହଣ, ଆରୋହଣ, ଅବରୋହଣ, ଅଧିରୋହଣ;
ଦୃଶ୍-ଦର୍ଶନ; କୃଷ୍-କର୍ଷଣ; ତୃପ୍-ତର୍ପଣ, ସଂତର୍ପଣ;

Digitized by PPRACHIN, SOA

ନୃତ୍-ନର୍ତନ; ସ୍ପୃଶ୍-ସ୍ପର୍ଶନ;
ବପ୍-ବପନ (ବିହନ ବୁଣିବା, ଗଛ ପୋତିବା);
ବୟନ (ଲୁଗା ବୁଣିବା); କୃ-କିରଣ (ଋ-ଇର୍);
ଉତ୍-ଗୃ-ଉଦ୍‌ଗୀରଣ (ଋ=ଇର୍) ।

ପ୍ରାୟ 'ଆ'କାରାଂତ, 'ଅ'ଉପାଂତ, ବା ଦୀର୍ଘସ୍ୱର କିଂବା ଯୁକ୍ତପୂର୍ବ ହ୍ରସ୍ୱସ୍ୱର ଉପାଂତ୍ୟ ହେଲେ ପରିବର୍ତନ ନାଇ । ଯଥା-

ଦା-ଦାନ; ମା-ମାନ (ଏହା ସଂମାନାର୍ଥକ-ମନ୍+ଅ=ମାନ ନୁହେଁ);
ପା-ପାନ; ସ୍ନା-ସ୍ନାନ; ଧା-ଧାନ, ବିଧାନ;
ଜ୍ଞା-ଜ୍ଞାନ; ଘ୍ରା-ଘ୍ରାଣ, ଆଘ୍ରାଣ; ପଠ୍-ପଠନ;
ଚଳ୍-ଚଳନ; ଗମ୍-ଗମନ; ସ୍ଖଳ୍-ସ୍ଖଳନ;
କ୍ଷର୍-କ୍ଷରଣ; ଭ୍ରମ୍-ଭ୍ରମଣ; ପତ୍-ପତନ;

ସେହିପରି- ଜୀବନ, ପୂଜନ, ସୂଚନ, ଭୂଷଣ, ଶାସନ,
ସେବ-ସେବନ; ଖେଳନ; ଲୋକ୍-ଲୋକନ;
ସ୍ପଂଦ୍-ସ୍ପଂଦନ; ଖଂଡନ, ରଂଜ୍-ରଂଜନ;
ମଂଥ୍-ମଂଥନ; ଅଂକନ; ଗର୍ଜନ; ନିଂଦ୍-ନିଂଦନ;
ରକ୍ଷଣ; ଇକ୍ଷ୍-ଇକ୍ଷଣ, ଆବେକ୍ଷଣ;
ଭକ୍ଷଣ; ଲଂଘନ; ମୁଂଡନ; ଲୁଂଠନ ।

**ଅଂତ୍ୟ ଏ, ଓ, ଔ - 'ଆ' ହୁଏ ।** ଯଥା-

ଆ-ହ୍ୱେ-ଆହ୍ୱାନ; ଗୈ-ଗାନ; ଶୋ-ଶାଣ; ଦୋ-ଦାନ (ଛେଦନ); ଓଡ଼ିଆରେ ଗଠ୍-ଗଠନ (ଗଢ଼ଣ) ହୁଏ । ପ୍ରୟୋଜକ ରୂପରେ **ପ୍ରୟୋଜକ 'ଇ' ଲୋପ ହୁଏ ।** କାରି-କାରଣ (କରାଇବା); ମାରି-ମାରଣ (ମରାଇବା); ସେହିପରି ପାତନ (ପକାଇବା); ପାଚନ (ସିଝାଇବା-ଯାହା ପାକ କରାଏ ଅର୍ଥରେ କର୍ତୃବାଚ୍ୟ ମଧ୍ୟ ହୁଏ) ।

ଜ୍ଞାପନ; ଅଧ୍ୟାପନ; ସ୍ଥାପନ (ଓଡ଼ିଆ-ସ୍ଥାପନା, ଥାପନା);
ଯାପନ; ପ୍ରେରଣ; ଗ୍ଲେଦି-ଗ୍ଲେଦନ;
ତର୍ପି-ତର୍ପଣ (ତୃପ୍ତ କରାଇବା, ତୃପ୍ତ କରିବା ମଧ୍ୟ 'ତର୍ପଣ');
ଗ୍ଲରଣ; ଗ୍ଲଳନ; ପାଠନ; ଅବତାରଣ; ସଂତାପନ; ରୋପଣ; ଶୋଧନ;
ଘାତନ; ଦୂଷଣ; ସାଧନ; ବାଦନ; ପ୍ରବୋଧନ; ପ୍ରବୋଧନା ।

Digitized by PPRACHIN, SOA

**ସ୍ତ୍ରୀଲିଂଗ 'ଆ' ଯୋଗ-ପ୍ରୟୋଜକ-**

ଅଧ୍ୟାପନା; ପ୍ରେରଣା; ଗ୍ଲେଦନା;

ଶୋଚନା; ବିଜ୍ଞାପନା; ପ୍ରବଂଚନା; ପ୍ରବର୍ତ୍ତନା;

ପ୍ରତାରଣା; ଧାରଣା; ଯାତନା ।

**ଅପ୍ରୟୋଜକ -**

ସୂଚନା; ବଂଦନା; ବର୍ଣ୍ଣନା;

ଗଣନା; ଯଂତ୍ରଣା; କଳନା; ବି-ଡଂବନା;

ଆ-ରାଧନା; ଅବ-ମାନନା; ବେଦନା ।

**କର୍ତ୍ତୃବାଚ୍ୟ 'ଅନ'**

ନନ୍ଦ୍-ନନ୍ଦନ (ପୁତ୍ର-ଯେ ଆନନ୍ଦ କରାଏ-ସ୍ୱାର୍ଥ ପ୍ରୟୋଜକ-ନନ୍ଦି; ନନ୍ଦ୍-ଅକର୍ମକ ଧାତୁ); ସେଇପରି ମଦନ (କଂଦର୍ପ); ଶମନ (ଯମ); ମଧୁ-ସୂଦନ; କଂସ-ନିସୂଦନ; ଦୁଃଖ-ନାଶନ; ଶଂକଟ-ମର୍ଦ୍ଦନ; ଦୁଃଖ-ବାରଣ; ବିପତ୍-ତାରଣ; ପାପ-ନାଶନ; ସୀତା-ରମଣ; ଭାଗ୍ୟ-ବର୍ଦ୍ଧନ; ଶୋଭନ (ଯେ ସୁନ୍ଦର ଦିଶେ) ଭୀଷଣ ।

ଅପ୍ରୟୋଜକ- ଦହ୍-ଦହନ (ନିଆଁ); ସହନ (ଯେ ସହେ-ଓଡ଼ିଆ-ସହଣ ଲୁଗା, ଦୁଃଖ ସହନ ଲୋକ); ତପନ (ସୂର୍ଯ୍ୟ); ଶତ୍ରୁ-ଦମନ-ବୀର; ଜ୍ୱଳନ (ଅଗ୍ନି); କ୍ରୋଧନ (କ୍ରୋଧଯୁକ୍ତ); କୋପନ, କୋପନା (କୋପଯୁକ୍ତ); ଲୁ-ଲବଣ; ଶିରଃ-ତ୍ରୈ-ଶିରସ୍ତ୍ରାଣ । ସେଇପରି ବୋଧନ, ଶୋଧନ ପ୍ରଭୃତି ମଧ୍ୟ କର୍ତ୍ତୃବାଚ୍ୟରେ ପ୍ରୟୋଗ ହୁଏ ।

**କର୍ମବାଚ୍ୟ-** (ଲୋକର ନାମ ହୁଏ) - ସୁ, ଦୁର ଆଦି ଉପସର୍ଗ ଲାଗେ । ସୁଦର୍ଶନ; ଦୁଃଶାସନ; ଦୁର୍ଯ୍ୟୋଧନ ଇତ୍ୟାଦି ।

**କରଣବାଚ୍ୟ-** ନୀ-ନୟନ (ଚକ୍ଷୁ-କରଣବାଚ୍ୟ); ଇକ୍ଷ୍-ଇକ୍ଷଣ (ଚକ୍ଷୁ-କରଣବାଚ୍ୟ); ଲୋଚ୍-ଲୋଚନ (ଚକ୍ଷୁ-କରଣବାଚ୍ୟ); ଏଇପରି ଦର୍ଶନ (ଚକ୍ଷୁ); ଚରଣ (ଗୋଡ଼); ସାଧନ (ଯନ୍ତ୍ରାଦି କ୍ରିୟା ନିଷ୍ପନ୍ନ କରିବାର ସାମଗ୍ରୀ); ଭୂଷଣ (ଅଳଂକାର); ମଣ୍ଡନ (ଭୂଷଣ); ଯାନ (ଯିବାର ସାଧନ); ବାହନ (ବହିବାର ସାଧନ); ଆନନ; ରସନା; ମାର୍ଜନ (ମର୍ଜନୀ-ଛାଂଚୁଣି) ।

**ଅଧିକରଣବାଚ୍ୟ-** ଶୀ-ଶନୟ (ଶେଜ); ଭବନ (ଘର); ସ୍ଥାନ ।

Digitized by PPRACHIN, SOA

**'ତ୍ର' ପ୍ରତ୍ୟୟ**

**'ନୀ' ପ୍ରଭୃତି କେତେକ ଧାତୁରୁ କରଣ ବାଚ୍ୟରେ 'ତ୍ର' ପ୍ରତ୍ୟୟ ହୁଏ ।** ଧାତୁର ଅଂତସ୍ୱର ଓ ଉପାଂତ ହ୍ରସ୍ୱସ୍ୱରର ଗୁଣ ହୁଏ । ଯଥା-

ନୀ-ନେତ୍ର; ଲୂ-ଲବିତ୍ର (ଦାଆ); ସ୍ତୁ-ସ୍ତୋତ୍ର;
ଶାସ୍-ଶାସ୍ତ୍ର; ଦଂଶ୍-ଦଂଷ୍ଟ୍ର, ଦଂଷ୍ଟ୍ରା (ଦାନ୍ତ);
ବଚ୍-ବକ୍ତ୍ର (ମୁଖ୍ୟ); ସିବ୍-ସୂତ୍ର (ସିବ=ସୂ);
ଛଦ୍-ଛତ୍ର ('ଦ୍' ଲୋପ); ବୀ-ବେତ୍ର; ପା-ପାତ୍ର;
ଶସ୍-ଶସ୍ତ୍ର; ବସ୍-ବସ୍ତ୍ର ଇତ୍ୟାଦି । ଅନ୍ୟ ବାଚ୍ୟରେ ବି ହୁଏ ।

ଭାବବାଚ୍ୟରେ- ମା-ମାତ୍ର, ମାତ୍ରା; ଯା-ଯାତ୍ରା ।
ଅଧିକରଣବାଚ୍ୟରେ- ପା-ପାତ୍ର; କ୍ଷି-କ୍ଷେତ୍ର ।
କର୍ତ୍ତୃବାଚ୍ୟରେ- ଗମ୍-ଗାତ୍ର (ଗମ୍-ଗା) ।
କର୍ମବାଚ୍ୟରେ- ଅସ୍ (କ୍ଷେପଣ କର୍)-ଅସ୍ତ୍ର ।
କରଣବାଚ୍ୟରେ- ପୂ, ଖନ୍ ପ୍ରଭୃତିରୁ ତ୍ର ପ୍ରତ୍ୟୟରେ ଧାତୁରେ 'ଇ' ଆଗମ ହୁଏ । ଯଥା- ପୂ-ପବିତ୍ର; ଚର୍-ଚରିତ୍ର; ବହ୍-ବହିତ୍ର (ନୌକା, ଜାହାଜ-ବୋଇତ); ଖନ୍-ଖନିତ୍ର ।

**'ତ୍ରିମ୍' ପ୍ରତ୍ୟୟ**

କର୍ମବାଚ୍ୟରେ କୃ ଧାତୁରୁ 'ତ୍ରିମ୍' ପ୍ରତ୍ୟୟ ହୋଇ 'କୃତ୍ରିମ' ହୁଏ ।

**'ମନ୍' ପ୍ରତ୍ୟୟ**

**କୃ, ଧୃ ପ୍ରଭୃତି କେତେକ ଧାତୁରୁ ବିଭିନ୍ନ ବାଚ୍ୟରେ 'ମନ୍' ପ୍ରତ୍ୟୟ ହୁଏ ।** 'ମନ୍'ର 'ନ୍' ପ୍ରାୟ ଲୋପ ହୁଏ; କଦାଚିତ୍ ମନ୍-'ମା' ହୁଏ । ଏଥିରେ ଅଂତ୍ୟସ୍ୱର ଓ ଉପାଂତ୍ୟ ହ୍ରସ୍ୱସ୍ୱରର ଗୁଣ ହୁଏ । ଯଥା-

ଭାବ ଓ କର୍ତ୍ତୃବାଚ୍ୟରେ- ଶୃ (ସୁଖଲାଗିବା)-ଶର୍ମ (ସୁଖ) ।
କର୍ତ୍ତୃବାଚ୍ୟରେ- ଧୃ-ଧର୍ମ; ଭସ୍-ଭସ୍ମ (ଯେ ପବନରେ ଭାସିଯାଏ ବା ଉଡ଼ିଯାଏ); ଶ୍ଳିଷ୍-ଶ୍ଳେଷ୍ମା (ଯେ ସ୍ୱାସ୍ଥ୍ୟକୁ ଧରି ରଖେ) ।
କର୍ମବାଚ୍ୟ- କୃ-କର୍ମ (ଯାହା କରାଯାଏ ବା କରାଯାଇଛି) ।
କରଣବାଚ୍ୟରେ- ବୃ-ବର୍ମ (ଯହିଁରେ ଆବୃତ ହୁଏ); ଚର୍-ଚର୍ମ (ଯହିଁରେ ଜାଣି ଚଳିବାକୁ ହୁଏ) ।
ଭାବବାଚ୍ୟରେ- ଜନ୍-ଜନ୍ମ ।

Digitized by PPRACHIN, SOA

**ଅଧିକରଣବାଚ୍ୟରେ 'ଇ' ପ୍ରତ୍ୟୟ**

**ଉପପଦ ବା ଉପସର୍ଗର ପରବର୍ତ୍ତୀ 'ଧା' ଧାତୁରୁ 'ଇ' ପ୍ରତ୍ୟୟ ହୁଏ । 'ଧା'ର** 'ଆ'କାର ଲୋପ ହୁଏ । ଯଥା-

ଜଳ-ଧା+ଇ=ଜଳଧି; ନି-ଧା+ଇ=ନିଧି;

ବାରି-ଧା+ଇ=ବାରିଧି; ପୟଃ-ଧା+ଇ=ପୟୋଧି;

ବାରି-ନି-ଧା+ଇ='ବାରାନିଧି' ହୁଏ । ସେଇପରି ଜଳନିଧି, ଗୁଣନିଧି ।

ଉପସର୍ଗପରେ ଭାବବାଚ୍ୟରେ ବି ହୁଏ । ଯଥା- ନିଧି, ବିଧି, ସଂଧି, ଆଧି ।

କର୍ତ୍ତୃବାଚ୍ୟରେ- ପ୍ରଣିଧି (ଦୂତ) ।

**କର୍ତ୍ତୃବାଚ୍ୟରେ 'ଇ'**

**କୁକ୍ଷି, ଉଦର, ଆତ୍ମନ୍ ଶବ୍ଦରୁ କର୍ତ୍ତୃବାଚ୍ୟରେ 'ଇ' ହୁଏ ।** ଆତ୍ମନ୍ 'ର 'ନ୍' ଲୋପ ହୁଏ । ଉପପଦରେ 'ମ୍' ଆଗମ ହୁଏ । ଯଥା- କୁକ୍ଷିଂଭରି, ଉଦରଂଭରି, ଆତ୍ମଂଭରି ।

**କର୍ତ୍ତୃବାଚ୍ୟରେ 'ଉ'**

**ଅଭ୍ୟାସ, ସ୍ୱଭାବ ପ୍ରଭୃତି ଅର୍ଥରେ 'ଇଷ୍', 'ଭିକ୍ଷ୍' ଓ ସନଂତ ଧାତୁରୁ କର୍ତ୍ତୃବାଚ୍ୟରେ 'ଉ' ହୁଏ ।** ଯଥା-

ଇଷ୍-ଇଚ୍ଛୁ (ଷ୍-ଛ),

ସେହିପରି- ଭିକ୍ଷୁ; ଜିଜ୍ଞାସୁ; ପିପାସୁ;

ଚିକୀର୍ଷୁ; ଉପଚିକିର୍ଷୁ; ବୁଭୁକ୍ଷୁ;

ବୁଧ୍-ବୁଭୁତ୍ସୁ (ବୁଝିବାକୁ ଲୋଡ଼ିବା ଲୋକ);

ଯୁଯୁତ୍ସୁ; ଜିଘାଂସୁ, ମୁମୂର୍ଷୁ,

ମୁମୁକ୍ଷୁ (ମୁକ୍ତିଇଚ୍ଛୁ); ଜିଗୀଷୁ ଇତ୍ୟାଦି ।

ସ୍ୱୟଂ, ଶଂ, ବି, ପ୍ର ପରେ 'ଭୂ' ଧାତୁରୁ 'ଉ' ପ୍ରତ୍ୟୟରେ ଧାତୁର ଅଂତ୍ୟସ୍ୱର ଲୋପ ହୁଏ । ଯଥା- ସ୍ୱୟଂଭୁ; ଶଂଭୁ; ବିଭୁ; ପ୍ରଭୁ ।

❖❖❖

Digitized by PPRACHIN, SOA

# ପରିଶିଷ୍ଟ

Digitized by PPRACHIN, SOA

ଓଡ଼ିଆ ଛଂଦର ଇତିହାସ

ଓଡ଼ିଆ କବିତା ତଥା ଛଂଦର ପ୍ରଗତି

ଓଡ଼ିଆ ଛଂଦ ଓ ଉପାଂତ୍ୟ ମିଳନ

ନୀଳକଂଠଂକ ହାତଲେଖା ବ୍ୟାକରଣ 'ପାଂଡୁଲିପି'ର କିଛି ଅଂଶ ।

ପ୍ରଥମ ସଂସ୍କରଣର ପ୍ରଥମ ଆଭ୍ୟଂତରୀଣ ପୃଷ୍ଠାର ନକଲ

ମୂଳ ଗ୍ରଂଥରେ ପଂଡିତ ନୀଳକଂଠ ଲେଖିଥିବା ମୁଖବଂଧ

Digitized by PPRACHIN, SOA

# ଓଡ଼ିଆ ଛଂଦର ଇତିହାସ*

କଥା ମାନବର ବିଶେଷତା । ଏହା ଚିଂତାର ସଂଗୀ । ସ୍ୱର ତାନ ପ୍ରକୃତିରେ ବିକ୍ଷିପ୍ତ ଓ ବିଶୃଂଖଳ । ହେଲେହେଁ ଏହା ଅନୁଭୂତିର ପୀଠ । ଏହାରି ଶୃଂଖଳିତ ସଂକେତରେ ମାନବର ଅନୁଭୂତି ବିକଶିତ ହୁଏ । ପୁଣି କ୍ରିୟାର ଶୃଂଖଳିତ ଅଭିବ୍ୟକ୍ତି ଓ ବିକାଶହିଁ ଶିଳ୍ପ । ଚିଂତାର ଆଦର୍ଶ ବିଜ୍ଞାନ । ଅନୁଭୂତିର ଆଦର୍ଶ ସୌଂଦର୍ଯ । କ୍ରିୟାର ଆଦର୍ଶ ସୃଷ୍ଟି । ଏ ସମସ୍ତ ଭିତରେ ମାନବର ଚରମ ଆଦର୍ଶ ସଂତୋଷ ଓ ଶାନ୍ତି । ତେଣୁ ଚିଂତା, ଅନୁଭୂତି ଓ କ୍ରିୟା, ମାନବାତ୍ମାର ଭିନ୍ନ ଭିନ୍ନ ବିଭାବ ହେଲେହେଁ, କେହି କାହାଠାରୁ ବିଚ୍ଛିନ୍ନ ନୁହଂତି । ମାନବର ଆଦର୍ଶ ଲାଭରେ ଏ ସମସ୍ତେ ଓତପ୍ରୋତ ଭାବରେ ଜଡ଼ିତ ।

କଥାର ତାନ ଲୟରେ ଭାବର ଅଭିବ୍ୟକ୍ତି । ଏଇ ଭାବର ଭଂଗୀ ଦେଖାଇବା ପାଇଁ ଏକ କଥା ବା କଥାସମୂହକୁ ଭିନ୍ନ ଭିନ୍ନ ଭାବରେ ପ୍ରକାଶ କରାଯାଏ । କଥାର ଏଇ ସ୍ୱର ମାତ୍ରାର ଯଥା ସଂଶ୍ଳେଷରେ ଯେଉଁ ସୃଷ୍ଟି ଫୁଟେ, ତାହା କବିତା । ସ୍ୱରପୀଠରେ ଏଇ ସୃଷ୍ଟି, ସଂଗୀତ । କ୍ରିୟାପୀଠରେ ଏଇ ସୃଷ୍ଟି ହେଉଚି, ଚିତ୍ର ଓ ଗଠନ । ମାତ୍ର ଏଠାରେ ସ୍ୱରଶିଳ୍ପ ବା ସଂଗୀତ, ପୁଣି କ୍ରିୟାଶିଳ୍ପ ବା ଚିତ୍ରଗଠନ କଥା ମୁଖ୍ୟତଃ ଆଲୋଚନା କରାଯାଉ ନାହିଁ । ଏଠାରେ କେବଳ କଥାଶିଳ୍ପ ବା କବିତାର ସ୍ୱରସଂଶ୍ଳେଷଣ ବିଭାଗହିଁ ଆଲୋଚନା କରାଯିବ । **ଏଇ ସ୍ୱରସଂଶ୍ଳେଷଣ ବା ସ୍ୱରସୃଷ୍ଟି ଯହିଁରେ ପ୍ରକାଶ ପାଏ, ତାର ସାଧାରଣ ନାମ ଛଂଦ ।**

ବୁଝି ରଖିବା ଉଚିତ, ମାନବ ସ୍ୱରଯନ୍ତ୍ରର ଉଚ୍ଚାରଣରେ ଏଇ ସ୍ୱର ବିଭିନ୍ନ ପରଂପରା ଓ ପରିସ୍ଥିତିରେ ବିଭିନ୍ନ ଭାବରେ ପ୍ରକାଶ ପାଏ । କଥା ଆଶୟବଦ୍ଧ ହେଲେ ମଧ୍ୟ ଉଚ୍ଚାରଣର ଭଂଗୀରେ ତାହା ଭିନ୍ନ ଭିନ୍ନ ଭଂଗୀ ଭାବରେ ପ୍ରକାଶ ପାଏ । କୌଣସି କୌଣସିଠାରେ ସ୍ୱର ଉପରେ ଜୋର ପଡ଼ି ବା ପରବର୍ତ୍ତୀ ବର୍ଣ୍ଣବିରାମ ବା ସ୍ୱଳ୍ପୋଚ୍ଚାରଣରେ ଚିପି ହୋଇଯିବାରୁ ସ୍ୱରଟିରେ ଜୋର ପଡ଼ି ତାହା ଗୁରୁ ହୋଇଯାଏ ଇଂରେଜିରେ ଏହା ସାଧାରଣତଃ ହୁଏ । ଏହି ଜୋରକୁ

---

* ୨ୟ ବର୍ଷ ୧ମ ଓ ୨ୟ ସଂଖ୍ୟା, ୧୩୪୨ ମିଥୁନ ଓ କକଡ଼ା (ଜୁନ୍, ଜୁଲାଇ, ୧୯୩୫) 'ନବଭାରତ'ରେ ପ୍ରକାଶିତ ।

Digitized by PPRACHIN, SOA

ଆକ୍‌ସେଣ୍ଟ୍ (accent) କହନ୍ତି । ବଂଗଳାରେ ବହୁପରିମାଣରେ ତାହାହିଁ ସ୍ପଷ୍ଟ । ସଂସ୍କୃତରେ ଯୁକ୍ତବର୍ଣ୍ଣପୂର୍ବ ସ୍ୱର ବା ହଳଂତ-ପୂର୍ବ-ସ୍ୱରର ସେହି ପ୍ରକୃତି ଅଂତର୍ନିହିତ ଥିଲେ ମଧ୍ୟ ଉଚ୍ଚାରଣଶୈଳୀର ସାମଂଜସ୍ୟରେ ସେ ଜୋର୍‌ଟି ସ୍ପଷ୍ଟ ନୁହେଁ । ସ୍ୱରର ଦୀର୍ଘତା ସଂଗେ ସେ ଗୁରୁତ୍ୱ ମିଶି ଏକ ହୋଇଯାଏ । ସଂସ୍କୃତର ଛଂଦ ବିଚାରରେ ସ୍ୱରର ଦୀର୍ଘତା ଓ ଜୋର ହେତୁକ ଗୁରୁତ୍ୱର କୌଣସି ପ୍ରଭେଦ ନାହିଁ । ଏହି ହିସାବରେ ବଂଗଳା ଓ ସଂସ୍କୃତର ଛଂଦର ସ୍ୱର ବିଚାରରେ ପ୍ରକୃତିଗତ ଘୋର ପ୍ରଭେଦ ଅଛି । ଓଡ଼ିଆର କିଂତୁ ଏ କ୍ଷେତ୍ରରେ ଆହୁରି ସ୍ୱାତଂତ୍ର୍ୟ ଅଛି । ଏହାର ଉଚ୍ଚାରଣଶୈଳୀ ବଂଗଳା ବା ଇଂରେଜି ପରି ତ ନୁହେଁ; ସଂସ୍କୃତ ପରି ମଧ୍ୟ ଏହାର ଦୀର୍ଘ ହ୍ରସ୍ୱ ନିୟମ ଏବେ ନାହିଁ । ଓଡ଼ିଆରେ ଶବ୍ଦର କୌଣସି ସ୍ୱର ଉପରେ ହୁଏତ ଜୋର ପଡ଼େ । ସଂସ୍କୃତ ଯେଉଁ ପ୍ରାକୃତରୁ ବାହାରିଥିଲା, ସେଥିରେ ହୁଏତ ତାହା ପଡୁଥିଲା । ମାତ୍ର ସଂସ୍କୃତ କୃତ୍ରିମ ଓ କଳ୍ପିତ ସ୍ୱର ନିୟମରେ ବଂଧା ଥିବାରୁ, ବଂଧାଗତରେ ତାହାର ସ୍ୱର ସଂକେତ ପର୍ଯ୍ୟବସିତ ହୋଇ ସେଇ ସ୍ୱର ସଂକେତରେ ଛଂଦ ବିଜ୍ଞାନ ଫୁଟିଥିଲା ଓ ସେଇ ବିଜ୍ଞାନ କଥାର ଆଶୟାଦିକୁ ଅନୁକରଣ ନ କରି, ବରଂ କଥାର ଆଶୟାନୁକୂଳ ଛଂଦ ବା ସ୍ୱର ବ୍ୟବହାର କରି ଲୋକେ କବିତାର ଭାବ ଫୁଟାଉଥିଲେ । ଉଦାହରଣସ୍ୱରୂପ, ରଘୁବଂଶରେ ଅଜ କାଂଦିଛଂତି ଯେଉଁ ସୁଂଦରୀ ବୃତ୍ତରେ, କୁମାରସଂଭବରେ ରତି କାଂଦିଛଂତି ସେହି ସୁଂଦରୀ ବୃତ୍ତରେ । ସେଇ ବୃତ୍ତ ମଧ୍ୟରେ ପୁଣି ଶବ୍ଦ ତଥା ଗୁରୁ ଲଘୁ ବର୍ଣ୍ଣମାନଂକର ବିନ୍ୟାସରେ ସ୍ୱର ସଂକେତ ଧରି ଭାବ ଫୁଟାଇବା କବିର ବିଶେଷ ଗୁଣ ଉପରେ ନିର୍ଭର କରେ । ତାହା ଯେଉଁ କବିତାରେ ଯେତେ ସାର୍ବଜନୀନ ହୁଏ, ସେ କବିତା ସେତେ ସ୍ଥାୟୀ । ଓଡ଼ିଆ ଛଂଦ ଇତର ବିଶେଷ ଏହ ନିୟମରେ ଗତି କରେ । କିଂତୁ ସେଥିରେ ଶବ୍ଦର ସ୍ୱର ତାଦୃଶ ସ୍ଥାୟୀ ନୁହେ । ଭାବ ଅନୁସାରେ ଉଚ୍ଚାରଣରେ ସ୍ୱର ଫୁଟେ । ତେଣୁ ତାହା ପାଠକର ଉଚ୍ଚାରଣ ଉପରେ ବିଶେଷ ନିର୍ଭର କରେ । ଉଦାହରଣ ସ୍ୱରୂପ, **ସଂସ୍କୃତର ସୁଂଦରୀ ପରି ଓଡ଼ିଶାର ଚିଂତାଦେଶାକ୍ଷ ଛାଂଦ ଅନୁସଂଧାନ କରାଯାଇପାରେ** । ହେଲେହେଁ, ବର୍ଣ୍ଣର ଉଚ୍ଚାରଣ ନିର୍ଦ୍ଦିଷ୍ଟ ନ ଥିବାରୁ ଓଡ଼ିଆ ଛଂଦ ସାର୍ବଜନୀନ ବା ସ୍ଥାୟୀ ନୁହେ । କେତେକ ନୂତନ କବି ବଂଗଳାର ଅନୁକରଣରେ ଓଡ଼ିଆ ଛଂଦକୁ ଏହି ସ୍ଥାୟିତ୍ୱ ଦେବାକୁ ଲୋଡୁଛନ୍ତି ସତ, କିଂତୁ ଓଡ଼ିଆ ଭାଷାର ପ୍ରକୃତି, ପରଂପରା ଓ ପରିସ୍ଥିତି ଉପରେ ତାକୁ ପ୍ରତିଷ୍ଠା କରିବାର ଉଦ୍ୟମ ନ ଥିବାରୁ ତାହା ଓଡ଼ିଶାରେ ସାର୍ବଜନୀନ ହୋଇପାରୁ ନାହିଁ । କାହିଁକି, ତାହା କ୍ରମେ ବିଚାର କରାଯିବ ।

Digitized by PPRACHIN, SOA

ହେଲେହେଁ, ଓଡ଼ିଆ ବଂଗଳା ଦୁହିଂକର ମୂଳ, ସଂସ୍କୃତ । ସଂସ୍କୃତର ଛଂଦ ଗତି ପ୍ରଥମେ ଆଲୋଚନା କଲେ ଓଡ଼ିଆ ବଂଗଳା ଦୁଇଟିର ଛଂଦଗତିର ତୁଳନାତ୍ମକ ଆଲୋଚନା ସୁଗମ ହେବ । ଏ କଥା ସତ୍ୟ ଯେ, ଏ ଯୁଗରେ ଆଲୋଚନାର ଚତୁର ପ୍ରୟୋଗ ବିନା ମୌଳିକତା ମଧ୍ୟ ମଳିନ ଓ ହ୍ରସ୍ୱ ହେବାର କଥା । ଯେଉଁ ଦିନ ବିନା ଆଲୋଚନାରେ ଋଷିକଂଠ ଭେଦି ଅପୌରୁଷେୟ ମୌଳିକ ଛଂଦ ବେଦଗାନରେ ଫୁଟିଥିଲା, ସେ ସ୍ୱତଂତ୍ର କଥା । ସେଇ କାଳରୁ ବିକାଶର ଧାରା ଦେଖିଲେ ନୂତନ ଗଠନ ଓ ଆହରଣର ପୀଠ ଦୃଢ଼ ହେବ । ଗୋଟିଏ ବୈଦିକ ମଂତ୍ରଗାନ ଦେଖାଯାଉ–

ଅସତୋ ମାଂ ସଦ୍‌ଗମୟ ତମସୋ ମାଂ ଜ୍ୟୋତିର୍ଗମୟ
ଆବିରାବିର୍ମଏଧି
ରୁଦ୍ର ଯତ୍ତେ ଦକ୍ଷିଣଂ ମୁଖଂ ତେନ ମା ପାହି ନିତ୍ୟଂ

ଏଥିରେ ଅକ୍ଷରର କୌଣସି କଳ୍ପିତ ସାମଂଜସ୍ୟ ନାହିଁ । ପଦବିନ୍ୟାସରେ କବିତାର ସ୍ୱାଧୀନତା ନାହିଁ । ଏହା ଠିକ୍ କଥା ପରି; ତଥାପି ଏହା ସୁଂଦର ଗୀତ । ଭାବର ଯଥା ଅଭିବ୍ୟକ୍ତିରେ ସ୍ୱରର ଆରୋହାବରୋହ ଏଥିରେ ସଂକେତମୟ ଓ ରମଣୀୟ । ଯେଉଁ ଭାବ ଘେନି ଏହା ବାହାରିଚି, ସେଇ ଭାବ ଧରି ନ ଗାଇଲେ, ଏହା କେବଳ କଥାଗୁଡ଼ିଏ ନୁହେ, ବରଂ ନୀରସ ବାକ୍ୟସମଷ୍ଟି ବା ଶୁଷ୍କ ଗଦ୍ୟ ।

କଥାର ଏଇ ଆଶୟ ଓ ସଂକେତଜନିତ ଛଂଦକୁ ପରେ ମନୀଷୀ ପଂଡିତମାନେ ଆଲୋଚନା କରି ନିୟମରେ ପକାଇଲେ । କାରଣ, **କଥାରେ ପ୍ରକାଶିତ ଭାବ ସଂକେତକୁ ନିୟମରେ ପକାଇ ଠିକ୍ ନ କଲେ, ଛଂଦ ଏକାବେଳକେ ବ୍ୟକ୍ତିଗତ ହୋଇ ପଡ଼ିବ । ସେଥିରେ ସାର୍ବଜନୀନତା ଓ ସାର୍ବକାଳିକତା ଫୁଟିବ ନାହିଁ ।** ତା ନ ହେଲେ ସଭ୍ୟତାର ବିକାଶରେ ତାହାର ପରଂପରା ରହିବ ନାହିଁ । ସାହିତ୍ୟ ଓ ସଭ୍ୟତା ମଧ୍ୟ ସେ ମୁଖରେ ବିକାଶ ପାଇବ ନାହିଁ । ଏଥିପାଇଁ **କବିତାର ଛଂଦ ଓ କଥାର ଭଂଗୀ ସାର୍ବଜନୀନ ହେବା ଦରକାର ।** ଆମେ ଯାହା ଯେଉଁ ଭାବରେ ଲେଖୁ ବା କହୁ, ତା ସେଇ ଭାବରେ ଅନ୍ୟ ନ ପଢ଼ିଲେ ବା ନ ବୁଝିଲେ, ଆମ ଲେଖା ବା କୁହାର କିଛି ଅର୍ଥ ନାହିଁ । ଲେଖା ଓ କଥାର ଭଂଗୀ ବା କବିତାର ଛଂଦରେ ଏଇ ପଢ଼ିବା ବା ବୁଝିବା ଯେତେ ଜନ ଓ କାଳରେ ବ୍ୟାପକ, ସେ ଲେଖା ଓ କୁହାର ମୂଲ୍ୟ ସେତିକି ବେଶି ।

Digitized by PPRACHIN, SOA

ସେ ଯାହାହେଉ, ଛଂଦ ନିୟମରେ ପକାଇବା ପାଇଁ ସେକାଳେ ବେଦମଂତ୍ରର ବଡ଼ ଗଭୀର ଓ ବ୍ୟାପକ ଆଲୋଚନା ହୋଇଥିଲା । ସ୍ୱର ବ୍ୟଂଜନର ଉଚ୍ଚାରଣ ସ୍ଥାନ ଓ କାଳ ନିର୍ଦ୍ଦିଷ୍ଟ ହେଲା । **ପ୍ରତ୍ୟେକ ସ୍ୱର ଛଂଦୋଚ୍ଚାରଣ ଭଂଗୀରେ ହ୍ରସ୍ୱ, ଦୀର୍ଘ, ପ୍ଳୁତ, ଉଦାତ୍ତ, ଅନୁଦାତ୍ତ, ସ୍ୱରିତ, ସଂବୃତ ଓ ବିବୃତ ଭେଦରେ ୧୮ ପ୍ରକାରରେ ଠିକ୍ କଲାପରେ ପୁଣି ପ୍ରତ୍ୟେକ ପ୍ରକାର ଅନୁନାସିକ ନିରନୁନାସିକ ଭେଦରେ ଦୁଇ ପ୍ରକାର କରାହେଲା । ଏଇପରି ପ୍ରତ୍ୟେକ ସ୍ୱର ୩୬ଟି ପ୍ରକାରରେ ବିଭକ୍ତ ହେଲା ।** ୩୬ ପ୍ରକାର ଅ, ୩୬ ପ୍ରକାର ଇ, ୩୬ ପ୍ରକାର ଉ – ଇତ୍ୟାଦି । ବର୍ତ୍ତମାନ ମଧ୍ୟ ଏଇପରି ବଂଗଳାର କଥାଭଂଗୀର ଉଚ୍ଚାରଣ ବିଶ୍ଳେଷଣ କରି ଅଧ୍ୟାପକ ସୁନୀତିକୁମାର ଚଟ୍ଟୋପାଧ୍ୟାୟ କେବଳ 'ଅ'-କୁ ପାଞ୍ଚ ପ୍ରକାରରେ ବିଭକ୍ତ କରିଚଂତି ।

ବେଦ-ଗୀତି ଲୋକେ ପୂର୍ବେ ଶୁଣି ଶୁଣି ଗୁରୁ ଶିଷ୍ୟ ପରଂପରାରେ ଶିଖୁଥିଲେ । ସେଥିରେ ଏଇ ସ୍ୱର-ଭେଦ ଲୋକେ ଅତ୍ୟଂତ ଅବହିତ ଭାବରେ ଶୁଣି ଶୁଣି ଅଭ୍ୟାସରେ ଜାଣି ରଖୁଥିଲେ । ଯେ ଏଇ ସ୍ୱରଭେଦ ଭଲ କରି ଶିଖି ପାରୁ ନ ଥିଲା, ତାର ବେଦପାଠ ଅଗ୍ରାହ୍ୟ ହେଉଥିଲା । ଏବେ ମଧ୍ୟ ବେଦ-ଗୀତି ପାଠରେ ସେଇ ରୀତି ଚଳୁଚି । ଛାପା ପୁସ୍ତକରେ ବେଦ ପଢ଼ିବା ପାଇଁ ମଧ୍ୟ ନାନା ପ୍ରକାର ଠିଆ (।) ଓ ଶୁଆ (–) ରେଖା ସବୁ କାଟି ସ୍ୱର-ଭେଦରେ ସଂକେତ ଦେଖାଇ ଦିଆ ଯାଉଚି । କିଂତୁ ସେଥିରୁ ସବୁ ବେଦ-ଗୀତିର ଉଚ୍ଚାରଣ ଭଂଗୀ ଶିଖିବା ଦୁଃସାଧ୍ୟ । ହେଲେହେଁ, କଥାଭଂଗୀର ଏଇ ବିପୁଳ ସ୍ୱର ସଂକେତହିଁ ବେଦ-ଗୀତିର ପ୍ରାଣ । **ଏଇ ସ୍ୱର ସଂକେତ ଭଂଗୀମାନ ଶିଖିବା ପାଇଁ 'ଶିକ୍ଷା' ବୋଲି ଗୋଟିଏ ବେଦାଂଗର ସୃଷ୍ଟି ହୋଇଥିଲା ।** ବେଦାଂଗ ସହିତ ନ ପଢ଼ିଲେ ବେଦପାଠ 'ସାଂଗ' ହେଉ ନ ଥିଲା । ଏ 'ସାଂଗ' ଶବ୍ଦ ସେଥିପାଇଁ ଏବେ ଭାଷାରେ 'ସଂପୂର୍ଣ୍ଣ' ଅର୍ଥରେ ଚଳି ଯାଇଚି । ଆମେ ଏବେ କହୁ, ସେ ମାନବଲୀଳା 'ସାଂଗ' କଲେ ।

କ୍ରମେ ବେଦଗୀତିର ଆଲୋଚନାରେ ଦେଖାଗଲା, ଅକ୍ଷର ଗଣନା ଧରି କେତୋଟି ଗାନଭଂଗୀର ନାମ କରାଯାଇ ପାରେ । କିଂତୁ ସେ ସବୁ ଭଂଗୀ ଅକ୍ଷର ନିୟମରେ ସ୍ଥିର ନୁହେ । 'ଅନୁଷ୍ଟୁଭ୍' ଛଂଦ ଆଠ ଅକ୍ଷରର ହେଲେ ମଧ୍ୟ ସ୍ୱରମାନଂକ ସଂକେତ ଭେଦରେ ଏକ ଅନୁଷ୍ଟୁଭ୍ ଠାରୁ ଅପର ଅନୁଷ୍ଟୁଭ୍ ସଂପୂର୍ଣ୍ଣ ଭିନ୍ନ । ସେଥିପାଇଁ **ଅକ୍ଷର ସଂଖ୍ୟା ଧରି ଗାନଭଂଗୀର ଯେଉଁ ନାମ ଦିଆ ହେଲା, ତାର ନାମ ହେଲା 'ଛଂଦ', ଅର୍ଥାତ୍, ଯାହା ଆଚ୍ଛାଦନ କରେ ବା ଭାବକୁ ଘୋଡ଼ାଇ ରଖେ । ଏଇ ଛଂଦ ଯଥାଯଥରୂପେ ଭେଦ କରିପାରିଲେ, ଗାନର ଭାବ-ସଂକେତ ଧରାଯାଏ । ଅକ୍ଷର**

Digitized by PPRACHIN, SOA

ଗଣି 'ଛଂଦ'ର ନାମଟି କହିଦେଲେ କିଛି ଜଣାଯାଏ ନାହିଁ – 'ଛଂଦ' ବା ଘୋଡ଼ଣୀ ଫିଟାଇବା ଦରକାର ।

ବେଦର ତ ଛଂଦ ଫିଟାଇ ଶିଖିବାକୁ ହୁଏ । ମାତ୍ର ସବୁ କବିତାରେ ତାହା କ୍ରମେ ସହଜ ହେଲା ନାହିଁ । ବୋଲିବାର ଭଂଗୀ ସ୍ଥିର ନ ରହିବାରୁ ସାହିତ୍ୟ ସାର୍ବଜନୀନ ହେଲା ନାହିଁ । କ୍ରମେ ଅତି କ୍ଷୁଦ୍ର କ୍ଷୁଦ୍ର ପ୍ରାକୃତର ବିକାଶ ହେଲା । ପରସ୍ପରର ଭାଷା ଓ କବିତା ପରସ୍ପରକୁ ଅବୋଧ୍ୟ ହେଲା । ସଭ୍ୟତା ବିଧ୍ୱସ୍ତ ହେବାକୁ ଲାଗିଲା । ଦେଖାଗଲା, ଭାଷା ତଥା ଛଂଦରେ ସାର୍ବଜନୀନତା ଆଣିବାକୁ ହେବ । ନ ହେଲେ ଜାତୀୟତା ରହିବ ନାହିଁ ।

ଭାଷାରେ ସମୂହଭାବରେ ଏଇ ସାର୍ବଜନୀନତା ଆଣିବା ପାଇଁ ସଂସ୍କୃତ ଭାଷାର ଉଦ୍ଭବ କରାହେଲା । ନାନା ବୈୟାକରଣଂକ ପ୍ରଚେଷ୍ଟାରେ ତାହା ସ୍ଥିର ହୋଇ ଶେଷରେ ପାଣିନଂକ ସ୍ୱରବିଜ୍ଞାନ ସଂମତ ବ୍ୟାକରଣରେ ପ୍ରତିଷ୍ଠିତ ହେଲା । ମାତ୍ର ସେ କଥା ଏଠାରେ ଠିକ୍ ପ୍ରାସଂଗିକ ନୁହେ । ଛଂଦର କି ପରିଣାମ ହେଲା, ତାହାହିଁ ଦେଖାଯାଉ ।

ଅକ୍ଷର ସଂଖ୍ୟାରେ ଯେଉଁ ସବୁ ଛଂଦର ନାମକରଣ ହୋଇଥିଲା, ତାହାର 'ବୃତ୍ତ' ଠିକ୍ କରିବାର ଉଦ୍ୟମ ହେଲା । **'ବୃତ୍ତ' ଅର୍ଥାତ୍, ନିର୍ଦ୍ଦିଷ୍ଟ ପ୍ରକାର ବା ଯେ ଯେପରି ଅଛି ସେଇ ତାର ବୃତ୍ତ ।** ପ୍ରତ୍ୟେକ ଭାବ ଧରି ରଖିବା ପାଇଁ ଛଂଦର ଏକ ଏକ ବୃତ୍ତ ହୋଇପାରେ । ମାତ୍ର ତାହା ନ କରି ଅକ୍ଷର-ସଂଖ୍ୟାବଦ୍ଧ ଛନ୍ଦର ସାଧାରଣ ବୃତ୍ତ ବାହାର କରି ଲୋକେ ଶ୍ଳୋକ ଲେଖିଲେ । ଏଇ ବୃତ୍ତ ପ୍ରଥମେ ଅନୁଷ୍ଟୁଭ୍ ଛଂଦ ଧରି ବାହାର କରାଯାଇ ଥିବାର ଅନୁମାନ ହୁଏ । ଏଠାରେ କିଂତୁ ଗୋଟିଏ ସାର୍ବଜନୀନ ବୃତ୍ତି କାଢ଼ିବାକୁ ଯାଇ ଭାବ ସଂକେତ ଠିକ୍ ରଖି ହେଲା ନାହିଁ । କ୍ରମେ ଅନୁଷ୍ଟୁଭ୍‌ର ନାନା ପ୍ରକାର ଭେଦ ବାହାରି ପ୍ରତ୍ୟେକେ ଏକ ଏକ ବୃତ୍ତ ହେଲେ । ଉଦାହରଣ ସ୍ୱରୂପ, ଗୋଟିଏ ବୈଦିକ ଅନୁଷ୍ଟୁଭ୍ ଛଂଦ ଏହି-

| | |
|---|---|
| ଆପୋହିଷ୍ଠା ମୟୋ ଭୁବଃ | ତାନ ଉର୍ଜେ ଦଧାତନ |
| ମହେରଣାୟ ଚକ୍ଷସେ | ଯୋବଃ ଶିବତମୋ ରସଃ |
| ତସ୍ୟ ଭା ଜୟତେହ ନ | ଉଶତୀରିବ ମାତରଃ |
| ତସ୍ମା ଅରଂଗମାମ ବୋ | ଯସ୍ୟ କ୍ଷୟାୟ ଜିନ୍‌ବଥ |

ଆପୋଜନୟଥାଚନଃ ।

ଏ ମଂତ୍ରଟି ଆଠ ଅକ୍ଷରିଆ ନଅ ଧାଡ଼ି । ଏହା ଅନୁଷ୍ଟୁଭ୍ ଛଂଦ । କିଂତୁ ଏହା ସଂଗେ ତୁଳନା କରି ପରବର୍ତ୍ତୀ କାଳର ଏକ ଅନୁଷ୍ଟୁଭ୍ 'ବୃତ୍ତ' ଦେଖ-

Digitized by PPRACHIN, SOA

ବାଗର୍ଥାବିବ ସଂପୃକ୍ତୌ ବାଗର୍ଥ ପ୍ରତିପତ୍ତୟେ
ଜଗତଃ ପିତରୌ ବଂଦେ ପାର୍ବତୀପରମେଶ୍ୱରୌ ।

ଏଇପରି କିଂତୁ ସବୁ ଅନୁଷ୍ଟୁଭ୍ ବୃତ୍ତ ନୁହେ । ବହୁ ପ୍ରକାର ଅନୁଷ୍ଟୁଭ୍ ବୃତ୍ତ କ୍ରମେ ବାହାରି ପଡ଼ିଲା । ମାତ୍ର ସାଧାରଣ ଅନୁଷ୍ଟୁଭ୍ ବୃତ୍ତ ସଂବଂଧରେ ନିୟମ ଏହି-

ଶ୍ଳୋକେ ଷଷ୍ଠଂ ଗୁରୁ ଜ୍ଞେୟଂ ସର୍ବତ୍ର ଲଘୁ ପଞ୍ଚମଂ
ଦ୍ୱିଚତୁଷ୍ପାଦୟୋ ର୍ହ୍ରସ୍ୱଂ ସପ୍ତମଂ ଦୀର୍ଘମନ୍ୟୟୋଃ ।

ଅର୍ଥାତ୍, ଶ୍ଳୋକ ବା ଅନୁଷ୍ଟୁଭ୍ ବୃତ୍ତର ସବୁ ପାଦରେ ୬ଷ୍ଠ ବର୍ଣ୍ଣ ଗୁରୁ ଓ ୫ମ ବର୍ଣ୍ଣ ଲଘୁ ହେବ, ୨ୟ ଓ ୪ର୍ଥ ପାଦରେ ୭ମ ବର୍ଣ୍ଣ ଲଘୁ ଓ ଅନ୍ୟ ଦୁଇ ପାଦରେ ଗୁରୁ ହେବ । ହେଲେହେଁ, ଅନୁଷ୍ଟୁଭ୍ ବୃତ୍ତର ଏଇ ଗୋଟିଏ ନିୟମ ନୁହେ । ଏହାର ଉଦାହରଣ ସହଜରେ ଦେଖିହେବ ।

ଏହିଠାରେ କିଂତୁ ଛଂଦ ବୃତ୍ତ କାଢ଼ିବାରେ ଗୁରୁ ଲଘୁର ସ୍ପଷ୍ଟ ବିଗ୍ରହ ହେଲା । କ୍ରମେ ଏହି ଗୁରୁ ଲଘୁ ଦୁଇ ରୂପରେ ବର୍ଣ୍ଣ ବିଗ୍ରହ କରି ଭିନ୍ନ ଭିନ୍ନ ଭାବ ଭଂଗୀର ପ୍ରକାଶ ପାଇଁ ଭିନ୍ନ ଭିନ୍ନ ବୃତ୍ତ ଫିଟି ପଡ଼ିଲା । ଗୁରୁ ବର୍ଣ୍ଣର ସ୍ୱର ଦୀର୍ଘ ଓ ଲଘୁ ବର୍ଣ୍ଣର ସ୍ୱର ହ୍ରସ୍ୱ ବୋଲି ଧରାହେଲା । ସ୍ୱରର ଅନ୍ୟ ସବୁ ବିକାଶଭଂଗୀ ସାର୍ବଜନୀନ କବିତାରେ ଏକାବେଳକେ ଲୋପ ପାଇଲା । ଏଇମାନେ ଗୁରୁବର୍ଣ୍ଣ ।

ସାନୁସ୍ୱାରଶ୍ଚ ଦୀର୍ଘଶ୍ଚ ବିସର୍ଗୀ ଚ ଗୁରୁର୍ଭବେତ୍
ଯୁକ୍ତବର୍ଣ୍ଣସ୍ୟ ପୂର୍ବଶ୍ଚ ତଥା ପାଦାଂତଗୋଽପିବା ।

ଅର୍ଥାତ୍, ଯହିଁରେ ଅନୁସ୍ୱାର ଥାଏ, ଯହିଁରେ ଦୀର୍ଘସ୍ୱର ଥାଏ ବା ନିଜେ ଦୀର୍ଘସ୍ୱର ବର୍ଣ୍ଣ, ଯହିଁରେ ବିସର୍ଗ ଥାଏ, ଯୁକ୍ତ ବର୍ଣ୍ଣର ପୂର୍ବ-ଏମାନେ ଗୁରୁ; ପୁଣି ପାଦ ଶେଷ ବର୍ଣ୍ଣ ଦରକାର ହେଲେ ଗୁରୁ ବୋଲି ଧରାଯାଏ । ଏଇ ସ୍ୱରମାନେ ବା ଏଇମାନଂକର ସ୍ୱର ଗୁରୁ ବା ଦୀର୍ଘ, ବାକୀ ସବୁ ବର୍ଣ୍ଣ ଲଘୁ ବା ହ୍ରସ୍ୱ ବା ସେମାନଂକର ସ୍ୱର ହ୍ରସ୍ୱ ।

ଏଇ ସରଳ ସର୍ବବୋଧ୍ୟ ନିୟମରେ କବିତାର ସ୍ୱରଭଂଗୀ ବାଂଧି ଦେଇ କବିତାକୁ ଜନସାଧାରଣରେ ସଂପତ୍ତି କରିବାର ପ୍ରଯତ୍ନ ହେଲା । ଏଥିରେ ବୈଦିକ ଛଂଦମାନ ଧରି ଧରି ସେଥିରୁ ନାନା ବୃତ୍ତ ବାହାର କରାଗଲା । କ୍ରମେ ବୃତ୍ତର ବର୍ଣ୍ଣ ସ୍ୱାଧୀନତା ବରାବର ବଂଦ ହୋଇଗଲା ଅନୁଷ୍ଟୁଭ୍‌ରେ କେତୋଟି ମାତ୍ର ବର୍ଣ୍ଣର ଗୁରୁତ୍ୱ ବା ଲଘୁତ୍ୱ ନିର୍ଦ୍ଦିଷ୍ଟ ଥିଲା; ମାତ୍ର ସେଇ ଅନୁଷ୍ଟୁଭ୍ ଛଂଦରୁ ବାହାରିଥିବା

Digitized by PPRACHIN, SOA

ଅନ୍ୟ ବୃତ୍ତମାନଂକରେ ଆଉ ସେ ସ୍ୱାଧୀନତା ରହିଲା ନାହିଁ । ଅନ୍ୟ ଛଂଦମାନଂକରୁ ବାହାରିଥିବା ବୃତ୍ତମାନଂକ ସଂବଂଧରେ ମଧ୍ୟ ନ୍ୟୂନାଧିକ ସେଇ କଥା । କେତୋଟି ମାତ୍ର ଉଦାହରଣ ଦିଆଯାଉଛି-

**୬ ଅକ୍ଷରର ଗାୟତ୍ରୀ ଛଂଦରୁ ତନୁମଧ୍ୟମା ବୃତ୍ତ-**

ଗୁରୁ, ଗୁରୁ, ଲଘୁ, ଲଘୁ, ଗୁରୁ, ଗୁରୁ ।
ମୂର୍ତ୍ତିର୍ମୁର-ଶତ୍ରୋରତ୍ୟଦ୍ଭୁତ-ରୂପା
ଆସ୍ତାଂ ମମ ଚିତ୍ତେ ନିତ୍ୟଂ ତନୁମଧ୍ୟା ।

**ଶଶିବଦନା ବୃତ୍ତ-**

ଲଘୁ, ଲଘୁ, ଲଘୁ, ଲଘୁ, ଗୁରୁ, ଗୁରୁ ।
ଶଶିବଦନାନାଂ ବ୍ରଜତରୁଣୀନାଂ
ଅଧରସୁଧୋର୍ମିଂମଧୁରିପୁରୈଚ୍ଛତ୍ ।

**୭ ଅକ୍ଷରର ଉଷ୍ଣିକ୍ ଛଂଦରୁ ମଦଲେଖା ବୃତ୍ତ-**

ଗୁରୁ, ଗୁରୁ, ଗୁରୁ, ଲଘୁ, ଲଘୁ, ଗୁରୁ, ଗୁରୁ ।
ରଂଗେ ବାହୁ ବିରୁଗ୍ଣାଦ୍ ଦଂତୀଂଦ୍ରାନ୍ ମଦଲେଖା
ଲଗ୍ନାଭୂନ୍ ମୁରଶତ୍ରୌ କସ୍ତୁରୀରସ ଚର୍ଚ୍ଚା ।

**ମଧୁମତୀ ବୃତ୍ତ-**

୬ଟି ଲଘୁ, ଏକ ଗୁରୁ ।
ରବିଦୁହିତୃତଟେ ବନକୁସୁମତତିଃ
ବ୍ୟଧିତ ମଧୁମତୀ ମଧୁମଥନ ମୁଦଂ ।

**୮ ଅକ୍ଷରର ଅନୁଷ୍ଟୁଭ୍ ଛଂଦ-**

(ଅନୁଷ୍ଟୁଭ୍ ବୃତ୍ତ ବା ଶ୍ଳୋକ ଛଡ଼ା)

**ଗଜପତି-**

ତିନି ଲଘୁ, ଏକ ଗୁରୁ, ତିନି ଲଘୁ, ଏକ ଗୁରୁ ।
ରବିସୁତା-ପରିସରେ ବିହରତୋ ଦୃଶି ହରେଃ
ବ୍ରଜବଧୂ ର୍ଗଜଗତି ର୍ମୁଦମଳଂ ବ୍ୟତନୁତ ।

**ଏଇପରି ପ୍ରମାଣିକା, ମାଣବକ, ବିଦ୍ୟୁନ୍ମାଳା ପ୍ରଭୃତି ।**

Digitized by PPRACHIN, SOA

**୯ ଅକ୍ଷରର ବୃହତୀ ଛଂଦରୁ-**

ଭୁଜଂଗସଂଗତା, ମଣିମଧ୍ୟା ପ୍ରଭୃତି ବୃତ୍ତ ।

**୧୦ ଅକ୍ଷରର ପଂକ୍ତି ଛଂଦରୁ-**

ତ୍ୱରିତଗତି, ଦଣ୍ଡ ପ୍ରଭୃତି ବୃତ୍ତ ।

**୧୧ ଅକ୍ଷରର ତ୍ରିଷ୍ଟୁଭ୍ ଛଂଦରୁ-**

ଇଂଦ୍ରବଜ୍ରା, ଉପେଂଦ୍ରବଜ୍ରା, ଉପଜାତି, ଭ୍ରମରବିଳସିତା, ବାତୋର୍ମି, ଶାଳିନୀ, ସ୍ୱାଗତା ପ୍ରଭୃତି ବୃତ୍ତ ।

**୧୨ ଅକ୍ଷରର ଜଗତୀ ଛଂଦର-**

ଇଂଦ୍ରବଂଶା, ଚଂଦ୍ରବର୍ମ୍ମ, ତାମରସ, ଦ୍ରୁତବିଳମ୍ବିତ ପ୍ରଭୃତି ବୃତ୍ତ । ଇତ୍ୟାଦି ଇତ୍ୟାଦି ।

ଏଇପରି ସମବୃତ୍ତ ବା ସବୁ ପାଦରେ ଅକ୍ଷର ଥିବା ବୃତ୍ତ, ପୁଣି ଏଇମାନଂକର ପାଦମାନ, ଏଥିରୁ ପାଦେ ସେଥିରୁ ପାଦେ ସୁବିଧା ଓ ସୁଶ୍ରାବ୍ୟତା ଅନୁସାରେ ମିଶାଇ ଅର୍ଧସମ ଓ ବିଷମ ବୃତ୍ତମାନ ବହୁତ ବାହାରିଲା ।

ଏ ସବୁରେ ଏକାବେଳକେ ଭାବର ବିସ୍ତୃତ ପରିସର ଘେନି ଏକ ପ୍ରକାର କାବ୍ୟ-ଭାଷାର ଭଂଗୀ ନିବନ୍ଧ ଓ ନିର୍ଦ୍ଦିଷ୍ଟ ହେଲା । କିଂତୁ ଏଥି ସଂଗେ ସ୍ୱରଶିଳ୍ପର ଯେ ସହଯୋଗ ଥିଲା, ତାହା ଦୂରକୁ ଚାଲିଗଲା । ସେଥିପାଇଁ ମନୀଷୀମାନେ ଏଇ ନିବନ୍ଧ ଶୈଳୀ ଭିତରେ ତରଳତା ଓ ସ୍ୱରକ୍ରମର ଶୃଂଖଳିତ ସ୍ୱାଧୀନତା ଲୋଡ଼ିଲେ । ସେଥିରୁ ବାହାରିଲା **ମାତ୍ରାମିତା 'ଜାତି'** । ଏହା କେବେ ବାହାରିଚି, କହି ହେବ ନାହିଁ । ମାତ୍ରା ଗୁରୁ ଲଘୁ ନିୟମ ଉପରେ ପ୍ରତିଷ୍ଠିତ ଥିବାରୁ ଅନୁମାନ ହୋଇପାରେ, ଏହା ବୃତ୍ତ ପରେ ବାହାରିଚି - ବୃତ୍ତ ବଂଧନର ପ୍ରତିକ୍ରିୟାରେ ଫିଟି ପଡ଼ିଚି । କିଂତୁ ତାହା ନ ହୋଇପାରେ । କାହିଁକିନା, ଏଥିରେ ସ୍ୱର ସ୍ୱାଧୀନତାର ଯଥେଷ୍ଟ ଉପାଦାନ ରହିଚି । ବୈଦିକ ଛଂଦର ସ୍ୱର ସ୍ୱାଧୀନତାରୁ ଏହା ଆଗ ବାହାରି ପରେ ବୃତ୍ତ ବାହାରିଚି ବୋଲି ମଧ୍ୟ କୁହାଯାଇପାରେ । ହେଲେହେଁ, **'ଆର୍ଯା'** ପରି ବିଶୃଂଖଳ ବିଷମ ପାଦ 'ଜାତି' ଛଡ଼ା ଅନ୍ୟ ଜାତି, ବୃତ୍ତ ପରେ କଳ୍ପିତ ହୋଇଚି ବୋଲି ମନେହୁଏ ।

କୁହାଯାଇଚି, ଏଇ ଜାତି, ମାତ୍ରାମିତା ବା ବର୍ଣ୍ଣ ବା ସ୍ୱରର ମାତ୍ରାରେ ଏହାର ପରିମାଣ ବା ନିୟମ ଧରା ହୋଇଚି । **'ମାତ୍ରା' ବୋଇଲେ, ପରିମାଣ ।**

Digitized by PPRACHIN, SOA

ଦେଖାଗଲା, ସ୍ୱରକ୍ରମରେ ବର୍ଣର ଗୁରୁତା ବା ଲଘୁତା ଗୋଟିଏ ନିର୍ଦ୍ଦିଷ୍ଟ ପରିମାଣରେ ଠିକ୍ ଥାଏ । ଲଘୁର ପରିମାଣ ଏକ ହେଲେ, ଗୁରୁର ପରିମାଣ ଦୁଇ । ସ୍ୱରଯଂତ୍ରରେ ଆଉ ଇତର ବିଶେଷ ହୁଏ ନାହିଁ । ତେଣୁ ଲଘୁ ବର୍ଣ ବା ହ୍ରସ୍ୱସ୍ୱର ଓ ହ୍ରସ୍ୱସ୍ୱରଯୁକ୍ତ ବର୍ଣ ଏକମାତ୍ରକ, ପୁଣି ଗୁରୁ ବର୍ଣ ଦ୍ୱିମାତ୍ରକ ଏଇ ନିୟମରେ ମାତ୍ରା ଧରି କବିତାରେ ଭାଷାର ଯେଉଁ ଭଂଗୀ ବିକାଶ ପାଇଲା ତାହା 'ଜାତି' । ଏଇ ଜାତିର ପାଦମାନଂକରେ କେଉଁ ବର୍ଣ ଗୁରୁ, କେଉଁ ବର୍ଣ ଲଘୁ, ତାହାର ନିର୍ଦ୍ଦେଶ ନାହିଁ । ପାଦଟିମାନଂକରେ ମାତ୍ରାର ପ୍ରମାଣ ଠିକ୍ ରହିଲେ ହେଲା ।

ଏତେ ନିୟମ ଥିଲେହେଁ ଏଇ 'ଆର୍ଯା' ଏକ ପ୍ରକାର କଥାବୃତ୍ତ । ସାଧାରଣତଃ ଏହାର ପ୍ରଥମ ଓ ତୃତୀୟ ପାଦରେ ୧୨ ମାତ୍ରା ଲେଖାଏଁ, ପୁଣି ଦ୍ୱିତୀୟରେ ୧୮ ମାତ୍ରା ଓ ଚତୁର୍ଥ ପାଦରେ ୧୫ ମାତ୍ରା ଥାଏ, ଯଥା–

ଗୁଣିଗଣଗଣନାରଂଭେ     ନ ପତତି କଠିନୀ ସସଂଭ୍ର ମାତ୍ ଯସ୍ୟ
ତେନାଂବା ଯଦି ସୁତିନୀ     ବଦ ବଂଧ୍ୟା କୀଦୃଶୀ ଭବତି ।

ମାତ୍ର ଏହା କଥାର ସ୍ୱର ସଂକେତରେ ଗତି କରିବାରୁ ଏଥିରେ ପାଦମାନଂକର ଏଇ ମାତ୍ରା ନିୟମ ଠିକ୍ ରହିପାରେ ନାହିଁ । ପଥ୍ୟା, ବିପୁଳା, ଚପଳା, ମୁଖଚପଳା, ଜଘନଚପଳା, ଗୀତି, ଉପଗୀତି, .ଉଦ୍‌ଗୀତି, ଆର୍ଯାଗୀତି – ଏଇପରି ନଅ ପ୍ରକାର 'ଆର୍ଯା'ର ଗଣନା ସାଧାରଣତଃ ଦେଖାଯାଏ । ସେଥିରେ ପାଦମାନଂକର ଉପରଲିଖିତ ମାତ୍ରା ନିୟମ ଠିକ୍ ନ ଥାଏ ।

ଉଦାହରଣ ସ୍ୱରୂପ–

ଗୀତିରେ ୪ର୍ଥ ପାଦ ମଧ୍ୟ ୧୮ ମାତ୍ରା, ଉପଗୀତିରେ ୨ୟ ଓ ୪ର୍ଥ ୧୫ ମାତ୍ରା ଲେଖାଏଁ, ଉଦ୍‌ଗୀତିରେ ୨ୟ ପାଦ ୧୮ ଓ ୪ର୍ଥ ୧୫ ମାତ୍ରା, ଆର୍ଯାଗୀତିରେ ୩ୟ ଓ ୪ର୍ଥ ପାଦ ୨୦ ମାତ୍ରା ଲେଖାଏଁ ।

ଏହା ଛଡ଼ା ମାତ୍ରା ସଂଗେ କେତେକ ଗୁରୁ ବା ଲଘୁ ବର୍ଣର ନିୟମ ସ୍ଥିର ରଖି ମିଶ୍ରଜାତିମାନ ବିକାଶ ପାଇଥିଲା । ଗୀତଗୋବିଂଦ ପ୍ରଭୃତି ସଂସ୍କୃତ ଗୀତିକାରେ ମାତ୍ରାର ନିୟମ ନିରବଲଂବ । ଅର୍ଥାତ୍, ସେଥିରେ କଥା ବା ଆଶୟର ଅବଲଂବ ନାହିଁ । ସେଥିରେ ନିୟମ ନିର୍ଦ୍ଦିଷ୍ଟ । ଏହା କଥାବୃତ୍ତ ନୁହେ ।

ଏଇପରି ନାନା ବର୍ଣ ସ୍ୱର ଓ ଭାବ ସଂକେତର ଆଲୋଚନା ମଧ୍ୟରେ ସଂସ୍କୃତର ସାର୍ବଜନୀନ କବିତାର ଛଂଦ ବିକାଶ ପାଇଚି । ଏଥିରେ ପ୍ରଧାନ ଲକ୍ଷ୍ୟ, ସଂସ୍କୃତଭାଷୀ ମାତ୍ରେ କିପରି କବିତାର ଛଂଦ ଆୟତ୍ତ କରି ଭାବ ଗ୍ରହଣ କରିବେ ।

Digitized by PPRACHIN, SOA

ପୁଣି ବୃତ୍ତ ଓ ମାତ୍ରା ନିୟମ ଛଡ଼ା ସ୍ୱରଭଂଗୀର ଆଉ ଗୋଟିଏ ନିର୍ଦ୍ଦିଷ୍ଟ ନିୟମ ପ୍ରତି ଲକ୍ଷ୍ୟ ରଖି ଆଲୋଚନାରେ ଅଗ୍ରସର ହେବା ବାଂଛନୀୟ । **ସଂସ୍କୃତ ଭାଷାରେ ଯେତେ ବୃତ୍ତ ଓ ଜାତିର ସୃଷ୍ଟି ହୋଇଥିଲା, ସେଥିରେ ବୃତ୍ତର ଗୁରୁ ଲଘୁ ଗଣନିୟମ ଓ ଜାତିର ମାତ୍ରାନିୟମ ଯାହାହେଉ, ମୂଳ ପଦ ସର୍ବଦା ଦୁଇ, ତିନି, କିଂବା ଦୁଇ+ଦୁଇ=ଚାରି ଅକ୍ଷରରେ ଗତି କରେ ।** ଇଂରେଜିର ପଦ୍ୟବିଧି ମଧ୍ୟ ଏଇ ନିୟମରେ ଚାଳିତ । ହୁଏତ ଏହା ଆର୍ଯଭାଷାମାନଂକର ମୌଳିକ ବିଧି । ହୋଇପାରେ, ଏହା ମାନବ ଭାଷାର ସ୍ୱର ସଂକେତର ମୂଳପିଂଡ । ମାତ୍ର ସେ ବିଷୟରେ ମତ ଦେବାର ଅଧିକାର ଏଠାରେ ଲୋଡ଼ା ପଡୁନାହିଁ । ସଂସ୍କୃତ ଭାଷାର ସ୍ୱର ସଂକେତରେ ଏଇ ନୀତି ସ୍ପଷ୍ଟ । ଉଦାହରଣ, ଯଥା-

ମାନି । ଷାଦ । ପ୍ରତି । ଷ୍ଠାଂତ୍ୱ । ମଗମଃ । ଶାଶ୍ୱତୀଃ । ସମାଃ ।
ଯତ୍କ୍ରୌଞ୍ଚ । ମିଥୁନା । ଦେକ । ମବଧୀଃ । କାମ ମୋ । ହିତଂ ।
ଅସ୍ତ୍ୟ । ଉରସ୍ୟାଂ । ଦିଶି ଦେ । ବତାତ୍ମା
ହିମା । ଲୟୋନା । ମ ନଗା । ଧିରାଜଃ
ପୂର୍ବା । ପରୌ ତୋ । ୟନିଧୀ । ବଗାହ୍ୟ
ସ୍ଥିତଃ । ପୃଥିବ୍ୟା । ଇବ ମା । ନଦଣ୍ଡଃ
ତଂବୀ । କ୍ଷ୍ୟବେ । ପଥୁମତୀ । ସରସା । ଙ୍ଗଯଷ୍ଟିଃ
ନିକ୍ଷେ । ପଣାୟ । ପଦମୁ । ଦ୍ଧୃତମୁଦ୍ । ବହନ୍ତୀ
ଅହ୍ନା । ୟ ସା । ନିୟମଜଂ । କ୍ଲମମୁତ୍ । ସସର୍ଜ
କ୍ଲେଶଃ । ଫଳେ । ନ ହି ପୁନ । ର୍ନବତାଂ । ବିଧତ୍ତେ ।
ଅଥ ମୋ । ହପରା । ୟଣା । ସତୀ
ବିବଶା । କାମବଧୂ । ର୍ବିବୋ । ଧିତା
ବିଧିନା । ପ୍ରତିପା । ଦୟି । ଷ୍ୟତା
ନବବୈ । ଧବ୍ୟମସ । ହ୍ୟବେ । ଦନଂ ।
ଫଳପୂ । ରକୁଗ୍ଣ । ଘନନୀ । ଳକଗ୍ଣ
ନୃପତି । ଉବଶଂ । କରଗ୍ଣ । ରୁବଗ୍ଣ
ନସମୈ । ତିଦୃଶୋ । ର୍ବିଷୟଂ । ମହିଳା
ପୁରୁଷ । ସ୍ୟ ତଦା । ଧିଷଣା । ନଚଳା ।
ଗୁଣିଗଣ । ଗଣନା । ଭମ୍ଭେ
ନପତିତ । କଠିନୀ । ସସଂଭ୍ରମାତ୍ । ଯସ୍ୟ

Digitized by PPRACHIN, SOA

ତେନାମ୍ବା । ଯଦିସୁ । ତିନୀ
ବଦ ବଂଧ୍ୟା । କୀଦୃଶୀ । ଭବତି ।
ମୂଢ଼ ଜ । ହୀହି ଧ । ନାଗମ । ତୃଷ୍ଣାଂ
କୁରୁତନୁ । ବୁଦ୍ଧେ । ମନସି ବି । ତୃଷ୍ଣାଂ ।
ଯଲ୍ଲଭ । ସେ ନିଜ । କର୍ମୋ । ପାତ୍ତଂ
ବିତ୍ତଂ । ତେନ ବି । ନୋଦୟ । ଚିତ୍ତଂ ।
ଧୀର । ସମୀରେ । ଯମୁନା । ତୀରେ
ବସତି ବ । ନେ ବନ । ମା । ଳୀ
ପୀନପ । ୟୋଧର । ପରିସର । ମର୍ଦନ
ଚଂଚଳ । କରଯୁଗ । ଶା । ଳୀ ।

ବୃତ୍ତର ଗଣ ବା ଜାତିର ମାତ୍ରା ଯେ ପରିମାଣରେ ହେଉନା କାହିଁକି, ସମସ୍ତ ପଦ୍ୟ ବା କବିତାର ସ୍ୱର ଗୁଳନାରେ ବିରାମ ଏଇପରି । ଯେପରି ବିରାମ ରଖି ରଖି ବୋଲିବାକୁ ହୁଏ, ଉଦାହରଣମାନଂକରେ ସେଇପରି ବିରାମ ଚିହ୍ନ ଦିଆଯାଇଚି । ଏଥିରୁ ସ୍ପଷ୍ଟ ହେଉଚି, **ସମସ୍ତ କାବ୍ୟ ଶିଳ୍ପର ମୂଳ ପାଦ ଦୁଇ (ଗ୍ୱରି) ବା ତିନି ବର୍ଣରେ ହୁଏ । ଏକ ସ୍ୱର ଥିବା ବର୍ଣକୁ ଏଠାରେ ଗୋଟିଏ ବର୍ଣ ବୋଲି ଧରିବାକୁ ହେବ ।** ବେଦରେ ମଧ୍ୟ ସେଇ ନିୟମ । ପ୍ରାଚୀନ ଓଡ଼ିଆ ଓ ବଂଗଳାରେ ଏଇ ନିୟମରେ ସଂସ୍କୃତ ଛଂଦମାନ ଧରି ପ୍ରଥମେ କବିତା ଫୁଟିଥିଲା । ସେସବୁ ପରେ କ୍ରାମିକ ଆଲୋଚନା କରାଯିବ ।

## ଓଡ଼ିଆ ଛଂଦର ଇତିହାସ (୨)

ସଂସ୍କୃତର ଛଂଦମାନ ବିଶ୍ଳେଷଣ କରି ସେମାନଂକର ସୂକ୍ଷ୍ମ ଯତିପାତ ଓ ବିରାମର ସ୍ଥାନ ଆଲୋଚନା କରି ଦେଖାଯାଇଚି, ସେଥିରେ ଗ୍ୱରି, ତିନି ଓ ଦୁଇ ଅକ୍ଷରରେ ସର୍ବତ୍ର ବିରାମ ଘଟେ । ପୁଣି ଆଉରି ସୂକ୍ଷ୍ମ ଭାବରେ ଦେଖିଲେ ଦେଖାଯିବ, **ଗ୍ୱରି ଅକ୍ଷରର ଉଚ୍ଚାରଣରେ ଦୁଇ ଅକ୍ଷର ଠାରେ ଗୋଟିଏ ଅତି କ୍ଷୀଣ ବିରାମ ହୁଏ । ପୁଣି ତିନି ଅକ୍ଷରରେ ମଧ୍ୟ ସେଇପରି ସ୍ୱରର ଆବଶ୍ୟକତା ଅନୁସାରେ ବିଶେଷରେ ପାଦ ଶେଷରେ ତାହା ଦୁଇ ଓ ଏକ ଅକ୍ଷରରେ ଫିଟିଯାଏ । ଏପରିକି ସ୍ୱର ଅନୁରୋଧରେ ଶେଷରେ ଦୁଇ ଅକ୍ଷର ମଧ୍ୟ ଏକ ଏକ ହୋଇ ଫିଟିଯାଏ । ସେତେବେଳେ ପାଦ ଶେଷର ପୂର୍ବ ବର୍ଣ ଗୁରୁ ଉଚ୍ଚାରଣ ହୁଏ ।**

Digitized by PPRACHIN, SOA

ଉଦାହରଣ, ଯଥା-

ତିନି ଅକ୍ଷର- ତଂ ବୀକ୍ଷ୍ୟ ବେପଥୁମତୀ ସରସାଂ । ଗ ଯ । କ୍ଷିଃ
ନିକ୍ଷେପଣାୟ ପଦମୁଦ୍ଧୃତମୁଦ୍ । ବ ହ । ନ୍ତୀ
ଅହ୍ଲାୟ ସା ନିୟମଭଂ କ୍ଲମମୁତ୍ । ସସ । ର୍ଜ
କ୍ଲେଶଃ ଫଳେନ ହି ପୁନ ର୍ନବତାଂ । ବିଧ । ତ୍ତେ ।

ଦୁଇ ଅକ୍ଷର- ଦିନମପି ରଜନୀ ସାୟଂ । ପ୍ରା । ତଃ
ଶିଶିରବସନ୍ତୌ ପୁନରା । ୟା । ତଃ
କାଳଃ କ୍ରୀଡ଼ତି ଗଚ୍ଛ । ତ୍ୟା । ୟୁଃ
ତଦପି ନ ମୁଂଚତ୍ୟାଶା । ବା । ୟୁଃ ।

ପାଦର ଶେଷ ବର୍ଣ୍ଣ ବୋଲିବା ବେଳେ ଲଂବା ହୋଇଯିବାର କଥା । ସେଥିପାଇଁ ତାହା ଦରକାର ହେଲେ, ଅର୍ଥାତ୍, ତାହା ଅନ୍ୟତ୍ର ହ୍ରସ୍ୱ ହେଉ ଥିଲେ ବି ପାଦାଂତରେ ଗୁରୁ ବା ଦୀର୍ଘ ହେବା ବ୍ୟବସ୍ଥାର ଅଭିପ୍ରାୟ ଏହି । ଏହି ଶେଷ ବର୍ଣ୍ଣରେ ଯତି ସ୍ପଷ୍ଟ ବା ବିରାମ ସ୍ଥିର । ପରେ ଭାଷାରେ, ବିଶେଷତଃ ଓଡ଼ିଆରେ ଯେଉଁ ସ୍ୱାଧୀନ ଓ ସ୍ୱତଂତ୍ର ଛଂଦମାନ ପ୍ରକାଶ ପାଇଲା, ସେଥିରେ ଏଇ ପାଦଶେଷ ବର୍ଣ୍ଣର ବିଶେଷତା ଯଥେଷ୍ଟ ବଢ଼ି ଯାଇଚି । ତାହା ପରେ ଯଥାସ୍ଥାନରେ କୁହାଯିବ ।

ପୁଣି ସଂସ୍କୃତ ଛଂଦରେ ଆଉ ଗୋଟିଏ କଥା ଏଠାରେ ଲକ୍ଷ୍ୟ କରିବାକୁ ହେବ । **ସଂସ୍କୃତ କବିତାରେ ଯେଉଁଠାରେ ଗ୍ବରୋଟି ଲଘୁ ବର୍ଣ୍ଣ ଏକାଠି ଥାଆଂତି, ସେଇଠାରେହିଁ ଗ୍ବରି ଅକ୍ଷରରେ ବିରାମ ହୁଏ । ପୁଣି ତିନି ଅକ୍ଷରରେ ମୂଳରେ ବା ଶେଷରେ ଗୁରୁ ଥିଲେ ସେଇଟି ଫିଟି ଅଲଗା ହୋଇଯାଏ । ଫଳରେ ଗୋଟିଏ ଗୁରୁ ବା ଦୁଇଟି ଲଘୁ ମାତ୍ରାହିଁ ସମସ୍ତ ବିରାମର ମୂଳ ।** ପାଦାଂତ ବର୍ଣ୍ଣ ଲିପିରେ ହ୍ରସ୍ୱ ବା ଦୀର୍ଘ ଯାହା ହେଉ, ଉଚ୍ଚାରଣରେ ସର୍ବଦା ଗୁରୁ ହେଉଥିବାରୁ ତାହା ସବୁବେଳେ ଅଲଗା ହୋଇ ଲଂବା ହୋଇଯାଏ । ଏଇଠାରେ ତେଣୁ ଏକାକ୍ଷର ବିରାମ ସ୍ପଷ୍ଟ । ଫଳରେ ସଂସ୍କୃତରୁ ସ୍ୱତଂତ୍ର ସମସ୍ତ ଓଡ଼ିଆ ଛଂଦରେ ମଧ୍ୟ ଏହାର ବ୍ୟବହାର ଓ ଉପଯୋଗିତା ଯଥେଷ୍ଟ ପ୍ରକାଶ ପାଇଚି ।

'ସଂସ୍କୃତରୁ ସ୍ୱତଂତ୍ର ଓଡ଼ିଆ' – ଏ କଥାଟିର ଅର୍ଥ ଏଠାରେ ଟିକିଏ ବୁଝାଇ କହିଦେବା ଦରକାର । ହିଂଦୀ, ମରାଠୀ, ଗୁଜରାଟୀ, ବଂଗଳା ପରି ଓଡ଼ିଆ ଏକ ପ୍ରାକୃତ ଭାଷା । ମାତ୍ର ଛଂଦ ହିସାବରେ ଓଡ଼ିଆର ସ୍ୱାତଂତ୍ର୍ୟ ଅନ୍ୟ କୌଣସି ପ୍ରାକୃତର ନାହିଁ । ହିଂଦୀ ପ୍ରଭୃତିର ଛଂଦ ଏବେ ମଧ୍ୟ ସଂସ୍କୃତ ଗୁରୁ ଲଘୁ ନିୟମର

Digitized by PPRACHIN, SOA

ଅନୁବର୍ତନ କରେ । ହିଂଦୀରେ ଏବେ ସଂସ୍କୃତ ଛଂଦମାନଂକର ନାମ ପର୍ଯଂତ ଦେଇ ସେଇ ଛଂଦରେ ପ୍ରାୟଶଃ କବିତା ଲେଖା ହେଉଚି । ଯାହା ନୂତନ ଛଂଦ ହେଉଚି, ସେସବୁ ମଧ୍ୟ ସେଇ ସଂସ୍କୃତ ଛଂଦମାନଂକର ଭାବ ସଂଶ୍ଳେଷଣରେ ତିଆରି ହେଉଚି ମାତ୍ର ।

କେବଳ ଆଜିର ହିଂଦୀ ନୁହେ, ବର୍ତମାନ ଯେଉଁ ଅଚଂଳରେ ହିଂଦୀ ଚଳେ, ସେସବୁ ଅଂଚଳରେ ପୂର୍ବେ ଅବଧୀ, ରାଜସ୍ଥାନୀ, ବ୍ରଜଭାଷା, ଛତିଶଗଡ଼ୀ ପ୍ରଭୃତି ନାନା ଭାଷା ଥିଲା । ଲୋକମୁଖରେ ସେଇସବୁ ଭାଷା ମଧ୍ୟ ଏବେ ସାମାନ୍ୟ ପରିବର୍ତିତ ଆକାରରେ ଚଳେ । ପଂଚଦଶ ଶତାବ୍ଦୀରେ ଅବଧୀ ଭାଷାରେ ତୁଳସୀଦାସ 'ରାମଚରିତ ମାନସ' (ଯାହାକୁ ଏବେ ଲୋକେ 'ତୁଳସୀ ରାମାୟଣ' ବୋଲି କହଂତି) ଲେଖିଥିଲେ । ସେ ଦୁଇଟି ଛଂଦର ବିଶେଷ ବ୍ୟବହାର କରିଚଂତି । ସେଥିରୁ ଗୋଟିଏ 'ଦୋହାଁ' ଗାନ, ଅନ୍ୟଟି ଚୌପାହି ପଦ୍ୟ । ଏ ଦୁଇଟି ଠିକ୍ ସଂସ୍କୃତ ଛଂଦ ନୁହେ । ମାତ୍ର ଦୁଇଟିଯାକ ସଂସ୍କୃତ ମାତ୍ରା ନିୟମକୁ ଧରି ଲେଖା ହୋଇଚି ଓ ବୋଲା ହୁଏ । ଦୋହାଁଟି ୪୮ ମାତ୍ରା । ପ୍ରଥମ ଓ ତୃତୀୟ ପାଦ ୧୩ ମାତ୍ରା ଲେଖାଏଁ ଏବଂ ଦ୍ୱିତୀୟ ଓ ୪ର୍ଥ ପାଦ ଦୁଇଟି ପ୍ରତ୍ୟେକେ ୧୧ ମାତ୍ରା ଲେଖାଏଁ ବୋଲି ହିଂଦୀ ଛଂଦର ପଂଡ଼ିତମାନେ କହଂତି । ମାତ୍ର ଠିକ୍ ଏପରି ତାର ବିଗ୍ରହ ନୁହେ । **ଦୋହାଁର ଆକ୍ଷରିକ ଅର୍ଥ ଦୁଇପାଦବିଶିଷ୍ଟ ଗୀତ । ତେଣୁ ଏହା ଦୁଇ ପାଦ ଓ ପ୍ରତି ପାଦରେ ୨୪ଟି ଲେଖାଏଁ ମାତ୍ରା ଥାଏ । ଏଇ ୨୪ ମାତ୍ରାର ୧୩ ମାତ୍ରା ଶେଷରେ ଗୋଟିଏ ସ୍ପଷ୍ଟ ଦୀର୍ଘ ବିରାମ ହୁଏ ।**

ଏଇ ଦୋହାଁ ତୁଳସୀଦାସଂକ ଉଦ୍‌ଭାବିତ ନୁହେଁ । ପ୍ରାକୃତ ଭାଷାମାନଂକରେ ଠିକ୍ ଏହି ପ୍ରକାର ଗୀତ ଲୋକମୁଖରେ ଚଳୁଥିଲା । ଅତି ପ୍ରାଚୀନ ବଂଗଳା କବିତା ଓ ଗୀତ ବୋଲି ସ୍ୱର୍ଗତ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ନିଜେ ନେପାଳରୁ ପାଇଥିବା ଚାରୋଟି ପୋଥି 'ବୌଦ୍ଧଗାନ ଓ ଦୋହାଁ' ନାମରେ ପ୍ରକାଶ କରିଅଛଂତି । ସେ ଏ ଗାନଗୁଡ଼ିକ ଅଂତତଃ ଦଶମ ଶତାବ୍ଦୀରୁ ଆଧୁନିକ ନୁହେ ବୋଲି ସ୍ଥିର କରିଥିଲେ । ପରେ ସ୍ୱର୍ଗତ ରାଖଲ ଦାସ ବାନାର୍ଜି ଏହାକୁ ଆହୁରି ୨/୩ ଶହ ବର୍ଷ ଆଧୁନିକ ବୋଲି କହିଛଂତି । ଏବେ ସ୍ପଷ୍ଟ ଜଣାପଡ଼ିଛି, କାହ୍ନୁପାଦ ବା କୃଷ୍ଣାଚାର୍ଯପାଦଂକର ଦୋହାଁ କୋଷ ବରଂ ପ୍ରାଚୀନ ଓଡ଼ିଆ । ଏହା ପୁଣି ନିଶ୍ଚୟ ସାରଳା ଦାସଂକର ବହୁ ପୂର୍ବବର୍ତୀ; କାରଣ କୃଷ୍ଣାଚାର୍ଯ ଓଡ଼ିଶାର ଲୋକ ଥିଲେ ଓ ସେହି କାଳର ଓଡ଼ିଆ ପ୍ରାକୃତରେ ନିଜର ଦୋହାଁ କୋଷ ରଚନା କରିଥିଲେ । ଏହା ପ୍ରମାଣିତ ହୋଇଅଛି । ସାରଳା ଦାସଂକ ବେଳକୁ ଓଡ଼ିଆ ଭାଷା ବରାବର

Digitized by PPRACHIN, SOA

ଆଧୁନିକ ହୋଇଯାଇଥିଲା । କିଂତୁ, କୃଷ୍ଣାଗ୍ର୍ଯଂକର ଭାଷା ମାଗଧୀ ପ୍ରାକୃତର ଓଡ଼ିଆ ଅପଭ୍ରଂଶ ମାତ୍ର । ଯାହାହେଉ ଏହ କୃଷ୍ଣାଗ୍ର୍ଯ ତୁଳସୀ ଦାସଂକର ଅନ୍ତତଃ ୩ ଶହ ବର୍ଷ ପୂର୍ବର ଲୋକ । ମାତ୍ର ସେ ଯେଉଁ ଦୋହାଁ ଲେଖିଥିଲେ, ତାହା ମାତ୍ରା ଓ ଯତି ନିୟମରେ କୌଣସିମତେ ତୁଳସୀ ଦାସଂକ ଦୋହାଁରୁ ଭିନ୍ନ ନୁହେ । ଉଦାହରଣ, ଯଥା–

ତୁଳସୀଦାସ–

ଦୋହାଁ

ରାମ ବାମ ଦିସି ଜାନକୀ । ଲକ୍ଷନ ଦାହିନୀ ଓର
ଧ୍ୟାନ ସକଳ କଲ୍ୟାଣମୟ । ସୁରତରୁ ତୁଲସୀ ତୋର ।

କାହ୍ନୁପାଦ–

ଲୋ ଅହ ଗଦ୍ଧ ସମୁ କହଇ । ଇଉ ପରମେଥେ ପବିନ
କୋଟିହ ମାହ ଏକ ଜତ । ହୋଇ ନିରଂଜନ ଲୀଣ ।

ଏ ଦୁଇଟି ଦୋହାଁର ମାତ୍ରା ନିୟମ, ଯତିପାତ, ବିରାମରେ କୌଣସି ପ୍ରଭେଦ ନାହିଁ । ପ୍ରଭେଦ ଏତିକି ଅଛି ଯେ, ତୁଳସୀ ଦାସଂକ ଦୋହାଁ ବରାବର ସ୍ୱରକ୍ରମରେ ସଂସ୍କୃତ ମାତ୍ରା ନିୟମର ଅନୁବର୍ତନ କରିଅଛି । କିଂତୁ କାହ୍ନୁପାଦଂକ ବର୍ଣ ସ୍ୱରର ଉଚ୍ଚାରଣ ସଂସ୍କୃତ ନିୟମ ଧରି ଚଳି ନାହିଁ । ତୁଳସୀ ଦାସଂକ ଦୋହାଁରେ ଦୀର୍ଘ ସ୍ୱରଯୁକ୍ତ ବର୍ଣ ଓ ଯୁକ୍ତ ବର୍ଣର ପୂର୍ବସ୍ୱର, ଯୁକ୍ତବର୍ଣ ବା ହସଂତ ଅନୁସ୍ୱାରାଦି ଯୁକ୍ତ ବର୍ଣ ସର୍ବଦା ଗୁରୁ ବା ଦ୍ୱିମାତ୍ରକ । କିଂତୁ କାହ୍ନୁପାଦଂକ ଗାନଟିରେ ତାହା ନୁହେ । 'ପବିନ' ପଦଟି ଚାରି ମାତ୍ରା କରି ଓ ଦ୍ୱିତୀୟ ପାଦର ହୁଏତ 'ଜତ' ପଦଟି ତିନିମାତ୍ରା କରି କିଂବା କୋଟିହ ପଦଟି ପାଂଚମାତ୍ରା କରି ନ ପଢ଼ିଲେ ଦୋହାଁର ଛଂଦ ଠିକ୍ ରହିବ ନାହିଁ । ହୁଏତ 'ପବିନ' ଶବ୍ଦଟି 'ପ୍ରବୀଣ'ର ଅପଭ୍ରଂଶ ଥିବାରୁ ତାହା ଗୃରି ମାତ୍ରାରେ ଚଳୁଥିବ । କିଂତୁ 'ଜତ' ତିନିମାତ୍ରା କିଂବା 'କୋଟି' ଗୃରିମାତ୍ରା ହେବାର ସେପରି କୌଣସି କାରଣ ଦେଖାଯାଉ ନାହିଁ । ତୁଳସୀ ଦାସଂକର ଅନ୍ୟ ପଦଟି ଚୌପାହୀ ବା ଚୌପଦୀ । ଏହା ଷୋଳ ମାତ୍ରାର ଗୃରୋଟି ପଦ । ଯଥା–

ଭୂପ ପ୍ରତାପ ଭାନୁ ବଲ ପାଇ । କାମଧେନୁ ଭଇ ଭୂମି ସୁହାଇ
ସବ ଦୁଖ ବର୍ଜିତ ପ୍ରଜା ସୁଖାରୀ । ଧର୍ମଶୀଳ ସୁଂଦର ନରନାରୀ ।

ସଂସ୍କୃତ ମାତ୍ରା ସମକ ଜାତି ସଂଗେ ଏହା ଏକାବେଳକେ ଏକ ଓ ଅଭିନ୍ନ । ମାତ୍ରା ସମକ ଜାତି । ଯଥା–

Digitized by PPRACHIN, SOA

ଦେବି ସୁରେଶ୍ୱରି ଭଗବତି ଗଂଗେ
ତ୍ରିଭୁବନତାରିଣି ତରଳତରଂଗେ
ଶଂକରମୌଳି-ବିଳାସିନି ବିମଳେ
ମମ ମତିରାସ୍ତାଂ ତବ ପଦକମଳେ ।

ଏହା ଚୌପାହୀ ବା ଚୌପଦୀ । ଓଡ଼ିଆରେ ମଧ୍ୟ ମଫସଲରେ ଚତୁର୍ଦଶାକ୍ଷରୀ ପଦ୍ୟକୁ ଚୌପଦୀ କହଂତି । **ଓଡ଼ିଆ ଓ ବଂଗଳାର ଏହି ଚତୁର୍ଦଶାକ୍ଷରୀ ସଂସ୍କୃତର ମାତ୍ରା-ସମକରୁ ବାହାରିଅଛି । ଏହି ଚୌପଦୀକୁ ବଂଗଳାରେ 'ପୟାର' କହଂତି ।** ଅଧ୍ୟାପକ ସୁନୀତିକୁମାର ଚଟ୍ଟୋପାଧ୍ୟାୟ ସ୍ଥିର କରିଛଂତି, ପ୍ରାଚୀନ ମାଗଧୀ ଅପଭ୍ରଂଶ ବା ଓଡ଼ିଆ ବଂଗଳା ପ୍ରଭୃତିର ପ୍ରାଚୀନ ଭାଷାରେ ଏହାକୁ **'ପଦାକୁଳକ'** କହୁଥିଲେ । **ପଦାକୁଳକ ଅର୍ଥ ପଦସମୂହ ।**

ସ୍ୱର୍ଗତ ଶ୍ରୀଯୁକ୍ତ ହରପ୍ରସାଦ ଶାସ୍ତ୍ରୀଂକ ପ୍ରକାଶିତ ଯେଉଁ 'ବୌଦ୍ଧଗାନ ଓ ଦୋହାଁ'ର କଥା ଉଲ୍ଲେଖ କରାଯାଇଅଛି, ସେଥିରେ 'ଚର୍ଯାଚର୍ଯବିନିଶ୍ଚୟ' ବୋଲି ଗୋଟିଏ ଗ୍ରଂଥ ଅଛି । ତାହା ଏହି ପଦାକୁଳକରେ ଲିଖିତ ।

ଧାମାର୍ଥେ ଗୃଟିଲ ।     ସାଂକମ ଗଢ଼ଇ
ପାରଗାମୀ ଲୋଅ ।     ନିଭର ତରଇ ।

ଏହା ନିମ୍ନଲିଖିତମତେ ବୋଲିବାକୁ ହେବ (ଯେଉଁଠାରେ ଦୀର୍ଘ ବା ଦ୍ୱିମାତ୍ରକ ସେଠାରେ ଶୁଆ ଗାର ଦିଆହୋଇଛି ।)-

ଧା ମାର୍ଥେ ଗୃ-ଟିଲ ସାଂ-କମ ଗଢ଼ଇ-
ପାରଗାମୀ ଲୋ-ଅ-ନି-ଭର ତରଇ-

ଏହି ଆଠ ଆଠମାତ୍ରକ ପଦାକୁଳକରୁ ବଂଗଳା ପୟାର, ଓଡ଼ିଆ ଚୌପଦୀ ବାହାରିଛି । ସେ ଯାହା ହେଉ ଏବେ ଦେଖାଗଲା, **ଦୋହାଁ ଓ ଚୌପଦୀ ଏହି ଦୁଇଟି ଛଂଦ ମୁଖ୍ୟତଃ ପ୍ରାକୃତ ଭାଷାମାନଂକରେ ଚଳୁଥିଲା । ଦୋହାଁରୁ ବଂଗଳାର ତ୍ରିପଦୀ ଓ ଓଡ଼ିଶାର ମଟୁଆରୀ ବା ବଂଗଳାଶ୍ରୀ ବାହାରିବା କଥା ମଧ୍ୟ ଏଥି ସଂଗେ କହି ରଖିବା ଉଚିତ ।** ପରେ ଯଥାସ୍ଥାନରେ ତାହା କିପରି ବାହାରିଲା, କି ଭାବରେ ବିକାଶ ପାଇଲା ତାହା କୁହାଯିବ ।

କୁହାଯାଇଚି, **ତୁଳସୀ ଦାସ ସଂସ୍କୃତ ଗୁରୁ ଲଘୁ ନିୟମରେ କବିତା ଲେଖିଛଂତି ।** ଉତ୍ତର ଭାରତର ଅନ୍ୟାନ୍ୟ କବି ଓ ମହାପୁରୁଷମାନଂକର କାବ୍ୟ ବଚନ ମଧ୍ୟ ଇତର ବିଶେଷ ଠିକ୍ ସେହି ଛାଂଚରେ ଢଳା । ବର୍ତମାନ ମଧ୍ୟ

Digitized by PPRACHIN, SOA

ଓଡ଼ିଆ ବଂଗଳା ଛଡ଼ା ହିଂଦୀ ପ୍ରଭୃତି ଉତ୍ତର ଭାରତର ଅନ୍ୟାନ୍ୟ ପ୍ରାକୃତମାନେ ସେହି ଶୈଳୀ ଧରି ପଦ୍ୟ ଲେଖଂତି । ଓଡ଼ିଆ ବଂଗଳାରେ ଏକା ଏ ଶୈଳୀ ଆଦୌ ନାହିଁ । ଏମାନେ କୌଣସି ପ୍ରଚଳିତ ରୀତିବଦ୍ଧ ବିଧିରେ ବର୍ଣ ସଂକେତ ଧରି ବର୍ଣର ଉଚ୍ଚାରଣ କରଂତି ନାହିଁ । ସଂସ୍କୃତର ନିୟମରେ ସମସ୍ତ ବର୍ଣର ଉଚ୍ଚାରଣ ହେଉଥିଲା । ପରେ ସେସବୁ ମାଗଧୀ-ପ୍ରସୂତ ପ୍ରାକୃତମାନଂକରେ ଉଚ୍ଚାରଣ ହରାଇଥିବାର ଅନୁମାନ କରି ପଂଡିତମାନେ ସିଦ୍ଧାଂତ କରଂତି, ପୂର୍ବ ପ୍ରାକୃତ ଭାଷାମାନଂକରେ ବହୁ କାଳରୁ ସଂସ୍କୃତର ଉଚ୍ଚାରଣ-ନିୟମ ବଦଳି ଯାଇଥିଲା, ପୁଣି ଗୀତ ଓ ପଦ୍ୟରେ ଲୋକେ ଗାନ ଓ ଯତିର ସୁବିଧା ଅନୁସାରେ ସ୍ୱରକୁ ଯଥେଚ୍ଛା ଚିପି ଲମ୍ବାଇ ଲେଖୁଥିଲେ ଓ ଉଚ୍ଚାରଣ କରୁଥିଲେ ।

କିଂତୁ ତାହା ଠିକ୍ ନୁହେ । କୁହାଯାଇଛି, ଆର୍ଯ ଭାଷା ଯେତେବେଳେ ନାନା ପ୍ରାକୃତରେ ଭିନ୍ନ ହେଲା, ସେତେବେଳେ ସଂସ୍କୃତ ଭାଷା ତିଆରି ହୋଇଥିଲା । ବେଦର ଭାଷା ସଂସ୍କୃତ ନୁହେ । ବେଦ ମଧ୍ୟ କଥିତ ଭାଷା ବା ଗଦ୍ୟ ନୁହେ । ବେଦ ସେହି କାଳର ପ୍ରାକୃତ ଭାଷାଭାଷୀ ଲୋକଂକର ଗାନ । ବେଦରେ ସଂଧି ନାହିଁ । କଦାଚିତ୍ ସଂଧି ଥିବାର ସଂଦେହ ହେଲେ ମଧ୍ୟ ତାହା ସ୍ପଷ୍ଟ ନୁହେ, କିଂବା ସ୍ପଷ୍ଟ ହୋଇଥିଲେ ମଧ୍ୟ ତାହା ପ୍ରାଚୀନ ନୁହେ । ସ୍ୱର୍ଗତ ଅଧ୍ୟାପକ ମ୍ୟାକ୍‌ଡୋନେଲ୍ ସାହେବ ନିଜର ବୈଦିକ ବ୍ୟାକରଣରେ ଅତ୍ୟଂତ ଅନୁସଂଧାନ ପରେ ସମସ୍ତ ଋଗ୍‌ବେଦ ସଂହିତାର ମଂତ୍ରମାନଂକ ମଧ୍ୟରେ ଗୋଟିଏ ମାତ୍ର ସ୍ଥାନରେ ସଂଧି ଥିବାର ଆଶଂକା କରିଛଂତି । ଏଥିପୂର୍ବେ ପ୍ରସଂଗାଂତରରେ ଯେଉଁ ମଂତ୍ରଟି ଉଦ୍ଧୃତ ହୋଇଥିଲା ସେଥିରେ ଉଦାହରଣ ସ୍ୱରୂପ ଦେଖାଇ ଦିଆଯାଇପାରେ 'ତସ୍ମାଃରଂଗମାମବୋ' ନ ହୋଇ ଅନୁଷ୍ଟୁଭ୍ ଛଂଦ ଠିକ୍ କରି ପଢ଼ିଲେ ପଢ଼ାଯିବ 'ତସ୍ମାଅରଂଗମାମବୋ' ।

ଏହା କହିବାର ଅଭିପ୍ରାୟ ଯେ ଜାନପଦ ଲୋକମାନଂକର ସ୍ୱଭାବସରଳ ଗାନ ହିଁ ବେଦ । ଆଜିକାଲି ଶଗଡ଼ିଆ ମଧ୍ୟ ବଳଦ ଓଡ଼େଇଲାବେଳେ ରାମାୟଣ ଚରିତ ଏକ ସ୍ୱରରେ ଗାନ କରେ । ପୁରୁଷାନୁକ୍ରମେ ସେହି ସ୍ୱର ସେ ସେହିପରି ଗାନ କରି ଆସୁଅଛି । ଏହିପରି ପାଣି ବୋହିବାଠାରୁ କୋଠା ବାଡ଼େଇବା ପର୍ଯଂତ ସର୍ବତ୍ର ଛାଂଦ ସମନ୍ୱିତ ଗାନ ମାନବର କର୍ମକୁ ସରସ କରିବାର ଦେଖାଯାଏ । ସେସବୁ ଗାନରେ ସାଧାରଣ ଜୀବନର କ୍ରିୟା ଭାବ ଆଶା ଆଶଂକାମାନ ପ୍ରତିଫଳିତ ହୁଏ । ଇଂଲଂଡରେ ଏହିପରି ଗାନ ଶୁଣି କବି ୱାଡ଼ସ୍‌ବାର୍ଥ A Solitary Reaper (ଗୋଟିଏ ଏକୁଟିଆ ଗହମ କଟାଳି) ବୋଲି ପଦ୍ୟ ଲେଖିଛଂତି । ସର୍ବତ୍ର ସବୁ

Digitized by PPRACHIN, SOA

ସମାଜରେ ଏହାହିଁ ସ୍ୱାଭାବିକ ରୀତି । ସେହି ରୀତିରେ ସେକାଳର ପ୍ରାକୃତରେ ବେଦଗାନ ସବୁ ବାହାରି ପଡ଼ିଥିଲା । ଗୀତର ଯତି ବିରାମ ଓ ସ୍ୱରତାନ ଅନୁସାରେ ତାହାର ହ୍ରସ୍ୱ ଦୀର୍ଘାଦି ପରେ ଧରା ହୋଇ ସଂସ୍କୃତ ବ୍ୟାକରଣରେ ପରିବଦ୍ଧ ହେଲା । **ଯେଉଁଠାରେ 'ଅ' ସ୍ୱରଟି କ୍ଷୀଣ ସେଠାରେ ତାହା ହେଲା ହ୍ରସ୍ୱ, ଯେଉଁଠାରେ ଦୀର୍ଘ ସେଠାରେ ଦୀର୍ଘ, ଯେଉଁଠାରେ ଦୀର୍ଘତମ ସେଠାରେ ପ୍ଳୁତ ।** ଏହି ରୀତିରେ ପାଣିନୀଙ୍କ 'ଶିକ୍ଷା'ରେ ତାହା କ୍ରମେ ସ୍ଥାନ ପାଇଲା । ବ୍ୟଂଜନାଂତ ସ୍ପଷ୍ଟ ଉଚ୍ଚାରଣରେ ଦୀର୍ଘ ହୋଇ ଯିବାର କଥା । ସେଥିପାଇଁ ତାହା ଦୀର୍ଘ ହେଲା । ଯେଉଁଠାରେ ଦୀର୍ଘ ନ ହେଲେ ସେଠାରେ ତାହା ଫିଟି ଅଲଗା ହୋଇଗଲା କିଂବା ହଳଂତ ବର୍ଣଟି ଲୋପ ପାଇଲା । ଏକ ଶବ୍ଦ ଭିନ୍ନ ଭିନ୍ନ ଓ ହ୍ରସ୍ୱଦୀର୍ଘ ଭେଦରେ ମଧ୍ୟ ଚଳିଗଲା । ଯଥା–ଶ୍ଳଥ, ଶିଥିଳ, ଭୂୟାତ୍ କେତେବେଳେ ହେଲା ଭୂୟ । ଧୂଷର, ଧୂଶର, ଧୂସର–ତିନି ପ୍ରକାର ସାଧୁ ହେଲା । ଶ୍ରେଣୀ, ରାଜି ପ୍ରଭୃତି ହ୍ରସ୍ୱ ଓ ଦୀର୍ଘ ଦୁଇ ପ୍ରକାରରେ ଲେଖା ହେଲା । ଏସବୁ ବୈଦିକ ବ୍ୟାକରଣରୁ ଆରମ୍ଭ କରି ଭାଷା ସଂସ୍କାରେ ବହୁତ ଦେଖାଯାଇପାରେ । ବେଦରେ ଅନେକ ଶବ୍ଦ ନିଜର ସରଳତା ଛାଡ଼ି ଭାଷାରେ କ୍ରମେ ଯୁକ୍ତ ବର୍ଣ, ଯୁକ୍ତ ଓ ଜଟିଳ ହୋଇପଡ଼ିଲେ ।

ବେଦ ଗୀତକୁ ଲକ୍ଷ୍ୟ କରି ସଂସ୍କୃତ ଭାଷା ଗଢ଼ା ହେଲା ସତ, କିଂତୁ ବେଦ ଯେଉଁ ପ୍ରାକୃତ ବା ପ୍ରାକୃତମାନଂକରୁ ଗାନରୂପେ ବାହାରିଥିଲା, ସେ ସବୁ ପ୍ରାକୃତର କଥାରେ ଶବ୍ଦମାନଂକର ଉଚ୍ଚାରଣରେ କୌଣସିଠାରେ ହୁଏତ ଜୋର ପଡୁଥିଲା । ସେ ହିସାବରେ ବର୍ଣ ହ୍ରସ୍ୱ ଦୀର୍ଘ ହେଉଥିଲା ସତ, କିଂତୁ ପରେ ନିର୍ମିତ ସଂସ୍କୃତ ପରି ସେଥିରେ ଏତେ କଟକଣା ନ ଥିଲା । **କଥାରେ ଆଶୟ ପ୍ରକାଶ ଘେନି କିଂବା ଲୋକମୁଖର ଉଚ୍ଚାରଣରେ ବର୍ଣ ଉପରେ ପଡୁଥିବା ଜୋର ଘେନି ଶବ୍ଦମାନଂକରେ ଗୁରୁ ଲଘୁ ସ୍ୱର ପ୍ରକାଶ ପାଏ । ସଂସ୍କୃତ ଭାଷାର କବିତାରେ ତାହା ଆଦୌ ନାହିଁ । ସଂସ୍କୃତରେ ଗୁରୁ ଲଘୁ ସ୍ୱରର ଯେଉଁ ଶୈଳୀ ନିର୍ଦ୍ଦେଶ କରି ଦିଆଗଲା, ତାକୁହିଁ ଧରି କବିମାନେ ନିଜର ଆଶୟ ବ୍ୟକ୍ତ କଲେ ।** ସଂସ୍କୃତର ଗଦ୍ୟ ପଦ୍ୟ ବ୍ୟବହୃତ ଶବ୍ଦମାନଂକରେ ଏହି ରୀତିକୁ ଅନୁକରଣ କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା । କାରଣ ବୈଦିକ କାବ୍ୟ ଭାଷାର ଅନୁକରଣରେ ପ୍ରଥମେ ସଂସ୍କୃତ ବ୍ୟାକରଣ ଆଲୋଚିତ ହୋଇ ସେଥିରେ ହ୍ରସ୍ୱ ଦୀର୍ଘାଦିର ନିୟମ ଠିକ୍ କରି ଦିଆଯାଇଥିଲା । 'ଦୀପନ୍' କଥାଟି କହିଲେ ତହିଁରେ 'ଦୀ'ଟିକୁ ଦୀର୍ଘ ଉଚ୍ଚାରଣ କରିବାକୁ ହେବ ଏବଂ ସେହିପରି ଲେଖିବାକୁ ହେବ । ବ୍ୟାକରଣ ମଧ୍ୟ ପୂର୍ବରୁ ସ୍ଥିର କରି କହିଯାଇଛଂତି, 'ଦୀପ୍' ଧାତୁରେ 'ଈ' ଦୀର୍ଘ ।

Digitized by PPRACHIN, SOA

ଏ ସବୁ ସଂସ୍କୃତର ରୀତି ବାହାର କରା ହୋଇଥିଲା କାହିଁକି ? ମାନବର ମୁଖ-ଯଂତ୍ରକୁ ନିର୍ଦ୍ଦିଷ୍ଟ ରୀତିରେ ସଂଯତ କରି ଭାଷା ତଥା ସେହି ମୁଖରେ ସଭ୍ୟତା ପ୍ରତିଷ୍ଠିତ ରଖିବାପାଇଁ ବ୍ରହ୍ମାବର୍ତ୍ତ, ମଧ୍ୟଦେଶର ମନୁଷ୍ୟମାନେ ଏହା କରିଥିଲେ । ଏହା ଏକାବେଳକେ କପୋଳକଳ୍ପିତ ବା ଯଥେଚ୍ଛାକୃତ ନ ଥିଲା । ସାଧାରଣତଃ ସେକାଳର ଭାରତୀୟ ଆର୍ଯଭାଷୀମାନଂକର ମୁଖଯଂତ୍ରର ସ୍ୱାଭାବିକ ଉଚ୍ଚାରଣଶୈଳୀ ପୁଂଖାନୁପୁଂଖ ଅନୁଧାବନ କରାଯାଇ ସେସବୁ ଏଇ ଭାଷାରେ ନିୟମବଦ୍ଧ କରାଯାଇଥିଲା । ତେଣୁ ବହୁ ପରିମାଣରେ ତାହା ସେହି ଦେଶର ଲୋକୋଚ୍ଚାରଣରେ ସହଜ ହୋଇଥିଲା । ପୁଣି ସେହି ଦେଶର ଲୋକେ ସେହି ଉଚ୍ଚାରଣ ଜାଗ୍ରତ ରଖିବାରେ ସର୍ବଥା ପ୍ରଯତ୍ନପର ଥିଲେ । କିଂତୁ ପାର୍ଶ୍ୱବର୍ତ୍ତୀ ଭୂମିମାନଂକରେ ତଥା ସେହି ଦେଶର ଅତିଜାନପଦ ଜନତା ମଧ୍ୟରେ ପ୍ରାକୃତ ଶୈଳୀ ନିଜର ସ୍ୱାଭାବିକ ରୀତିରେ ଯେ ବିକାଶ ପାଉଥିଲା ଏହା ବୁଝାଇ କହିବା ଦରକାର ନାହିଁ । ସେଥିପାଇଁ ତୁଳସୀ ଦାସ ମଧ୍ୟେ ମଧ୍ୟେ ଗୁରୁ ଲଘୁ ନିୟମ ଠିକ୍ ରଖିପାରି ନାହାଂତି । ଏବେ ମଧ୍ୟ ହିଂଦୀ କବିତାରେ କଦାଚିତ୍ ତାହାର ବ୍ୟତିକ୍ରମ ଦେଖାଯାଏ । ଗୀତରେ ଗୁରୁ ଲଘୁ ବାହାରିବା ସ୍ୱାଭାବିକ । ତାହା ବାହାରେ । କିଂତୁ ପାଣିନି ବା ଅନ୍ୟ କୌଣସି ବ୍ୟାକରଣର ଆଦେଶ ଘେନି ମାନବର ଭାବ ସ୍ୱରରେ ଫିଟିବା ବଡ଼ ସହଜ ନୁହେ । ଏହା ବରଂ କୃତ୍ରିମ ।

ମଗଧର ପ୍ରାକୃତ ଭାଷାମାନଂକ ମଧ୍ୟରେ ଏ କୃତ୍ରିମତା ସ୍ଥାନ ପାଇ ନ ଥିଲା । ଜାନପଦ ଜନର ଯେଉଁ ସ୍ୱର ଧରି ବା ସଂଗୀତ ସ୍ୱରମାନଂକୁ ଅନୁକରଣ କରି ସଂସ୍କୃତ କବି ସଂସ୍କୃତରେ ମାତ୍ରା-ସମକ ଲେଖିଥିଲେ ବା ତୁଳସୀ ଦାସ ପ୍ରଭୃତି ଦୋହାଁ ଲେଖିଥିଲେ, ସେହି ପ୍ରାକୃତ ସ୍ୱର ଚର୍ଯାଚର୍ଯବିନିଶ୍ଚୟରେ ଦୋହାଁ ରୂପେ ବାହାରିଅଛି । କିଂତୁ ମଗଧ ପ୍ରଭାବିତ ଭୂମିର ଦୋହାଁରେ ସଂସ୍କୃତର ପରିବଦ୍ଧ ସ୍ୱରଶୈଳୀ ନାହିଁ । ଚଉପଦୀ ସଂବଂଧରେ ମଧ୍ୟ ଠିକ୍ ସେହି କଥା । ଏ ସବୁର ବିକାଶ ଓ ସେଥି ସଂଗେ ତିନି ଦୁଇ ଏକ ବର୍ଣ୍ଣରେ ବିରାମର ଉପଯୋଗିତା ପରେ ପ୍ରସଂଗକ୍ରମେ ବୁଝାଇ କୁହାଯିବ ।

❖❖❖

Digitized by PPRACHIN, SOA

# ଓଡ଼ିଆ କବିତା ତଥା ଛଂଦର ପ୍ରଗତି*

ପ୍ରାଚୀନ ଓଡ଼ିଶା କଳାନିପୁଣ ଥିଲା । ପ୍ରାଚୀନ ସ୍ଥାପତ୍ୟ ତାର ନିଦର୍ଶନ । ଓଡ଼ିଆ ମଧ୍ୟ ବଣିକ୍ ଓ ବିଜୟୀ ଥିଲେ । ବ୍ରହ୍ମ ଓ ପୂର୍ବଭାରତୀୟ ଦ୍ୱୀପମାନଂକରେ ତାର ଚିହ୍ନ ଏବେ ସୁଂଦର ଅନୁସଂଧାନ କରାଯାଇପାରେ । ପୁରୀର ଜଗନ୍ନାଥ ସେଇ ସାର୍ବଜନୀନ ସଂସ୍କୃତି ଓ ସଭ୍ୟତାର ଜୀବଂତ ବିଗ୍ରହ କହିଲେ ଚଳେ । କବିତା କଳାରେ ଉଦ୍‌ଭାବନୀ ଲେଖନୀ ଚଳାଇଥିବାର ତାଦୃଶ ନିଦର୍ଶନ ମିଳିନାଇ । ସାହିତ୍ୟଦର୍ପଣ, ଏକାବଳୀ, ପ୍ରାକୃତସର୍ବସ୍ୱ ପ୍ରଭୃତି ମୌଳିକ ଗ୍ରଂଥ ନୁହେ । ପୁଣି ସେସବୁ ବିଶ୍ଳେଷଣ କ୍ରିୟାରେ ସଂଶ୍ଳେଷ ପ୍ରବଣତା ଓ ସମୂହ ଗଠନଗୃତୁରୀ ଖୋଜିବାର ଅବକାଶ ନାହିଁ । ସ୍ଥାପତ୍ୟ ବିଦ୍ୟାରେ ସେ ସମୂହଗଠନ ଗୃତୁରୀ ଓଡ଼ିଆ ପକ୍ଷରେ କେତେଦୂର ମୌଳିକ, ତା ଏବେ ମଧ୍ୟ ପ୍ରମାଣ ହୋଇଛି ବୋଲି ମନେହୁଏ ନାହିଁ । ବର୍ତ୍ତମାନର କଟକ ଜିଲାସ୍ଥ ନଳିତଗିରି, ଉଦୟଗିରି ଓ ରତ୍ନଗିରିର ଭଗ୍ନ ସ୍ତୂପ ଖୋଦିତ ହେଲେ, ଏହାର ପ୍ରମାଣ ମିଳିବ ବୋଲି ପ୍ରାତ୍ନତାତ୍ତ୍ୱିକମାନେ ଆଶା କରଂତି । ହେଲେହେଁ, ମଗଧର ଛାଂଚ ଓଡ଼ିଶାର ପ୍ରାଚୀନ ମଂଦିରମାନଂକର ବିକାଶପୀଠ ବୋଲି ଏବେ ଅନେକଂକର ମତ । ଏ ସବୁ ସତ୍ତ୍ୱେ, ଉତ୍କଳକଳାର ବର୍ଣ୍ଣନାତ୍ମକ ବା ଚିତ୍ରଣବିନ୍ୟାସର ଗୃତୁରୀ ଏକପ୍ରକାର ଅତୁଳନୀୟ କହିଲେ ଚଳେ ।

ସ୍ଥାପତ୍ୟରେ ଯେପରି ଗଠନ ବିକାଶ ଓ ସେଇ ଗଠନର ସୌଷ୍ଠବ ସଂପାଦନରେ ଚିତ୍ରବିନ୍ୟାସ, କବିତାରେ ସେହିପରି ବିଷୟ ବିକାଶ ଓ ବର୍ଣ୍ଣନ ଭଂଗୀ । ଏଇ ବର୍ଣ୍ଣନ ଭଂଗୀରେ ଉତ୍କଳ କାବ୍ୟକଳାର ଚିରଂତନ ବିଶିଷ୍ଟତା ରହିଚି । କୋଣାର୍କର ବର୍ଣ୍ଣନ କଳାର ଅତି ପରିଣତି ଯେପରି ଉତ୍କଳ ସ୍ଥାପତ୍ୟର ବିଶ୍ୱମାନଦଂଡ ନୁହେ, ଉପେଂଦ୍ର ଭଂଜଂକ ବର୍ଣ୍ଣନାର ଅତି ବିଶ୍ଳେଷଣ ଗୃତୁରୀ ସେଇପରି ଉତ୍କଳକଳା ଚିହ୍ନିବାର ପ୍ରକୃଷ୍ଟ ଉପାଦାନ ନୁହେ । ଏ ଦେଶର ନବଯୁଗର ପ୍ରଥମ କବି ରାଧାନାଥଂକ କବିତା ଇଂରେଜି ତଥା ସେ କାଳ ବଂଗଳା ପ୍ରଭାବ, ଅନୁକୃତି ଓ ଅନୁବାଦ ପୀଠ ଉପରେ ସେଇ ଉପେଂଦ୍ର ଭଂଜଂକର ଅର୍ଦ୍ଧୋନ୍ମେଷ ମାତ୍ର । ଗଂଗାଧରଂକ କବିତା ଏକ ପ୍ରକାର ରୁଚି ମାର୍ଜିତ ଉପେଂଦ୍ର ଭଂଜ କଳାର ପୁନର୍ବିକାଶ ।

* ପ୍ରଥମ ବର୍ଷ ୧୦ମ ସଂଖ୍ୟା, ୧୩୪୧ ମୀନ (୧୯୩୫ ଅପ୍ରେଲ) 'ନବଭାରତ'ର ଆଲୋଚନାରେ ପ୍ରକାଶିତ ।

Digitized by PPRACHIN, SOA

ଏବର ନବୀନ ନବୀନାମାନେ ବେଳେ ବେଳେ ବର୍ଣନାରୁ ସୂଚନାକୁ ଉଠିବାର ଉଦ୍ୟମରେ ବରାବର ଛିନ୍ନବଂଧନ ଓ ବିଶୃଂଖଳ ହେବାର ଦେଖାଯାଏ । ଉଦାହରଣ ଦେବାର ଅବକାଶ ଏଠାରେ ନାହିଁ । ତଥାପି ଶୃଂଖଳାର ଶୈଳୀ ସ୍ୱାଧୀନତାକୁ ଯେ ସୁଂଦର କରେ, ଏହା କେହି ଅସ୍ୱୀକାର କରିବେ ନାହିଁ । ଓଡ଼ିଆର ପ୍ରତିଷ୍ଠିତ ଓ ସୁଗଠିତ ପ୍ରାଣ ଭାବ ଓ ଭାଷାରେହିଁ ଏଇ ଶୃଂଖଳାର ଧାରା ଖୋଜିବାକୁ ହେବ । ସେଥିପାଇଁ ଏ ଯୁଗରେ ସାଧାରଣ କବିକୁ ସର୍ବଦା ସମାଲୋଚନାର ଦିଗ୍‌ଦର୍ଶନ ମଧ୍ୟ ରଖିବାକୁ ହେବ । ବିଶିଷ୍ଟ ମନୀଷୀସଂପନ୍ନ କବିଙ୍କ କଥା ସ୍ୱତଂତ୍ର ହୋଇପାରେ, କିଂତୁ ସେପରି କବି ସାଧାରଣତଃ ଦେଖାଯାଂତି ନାଇ । ଓଡ଼ିଶାରେ ଏବେ ଦେଖାଯାଇ ନାହାଂତି ।

ଭାଷାରେ ଏଇ ବର୍ଣନ ଓ ବିଶ୍ଳେଷଣ ଗୃତୁରୀର ବିକାଶ ଛଂଦରେ ପ୍ରତିଭାତ ହୁଏ । ବୈଦିକ ଭାଷା ଓ ସଂସ୍କୃତର ପୁଷ୍କଳ ଛଂଦୋବିକାଶ 'ଶିକ୍ଷା'ର ସ୍ୱରସଂକେତ ବିଧି ସଂଗେ ଆଲୋଚନା କରି ଦେଖିଲେ ବିସ୍ମିତ ହେବାକୁ ହେବ । ଶିକ୍ଷାର ସଂକେତ ବିଧିରେ ବର୍ଣମାତ୍ରେ ସ୍ୱରର ଗୁରୁତ୍ୱ ନିୟମରେ ବଂଧା ଥିଲେହେଁ, ସ୍ୱର ନିୟମବଦ୍ଧ ଛଂଦ ସଂଗେ ସ୍ୱାଧୀନ ଗୀତିକାର ବିକାଶ ପାଇଁ ଯେଉଁ ମାତ୍ରାବଦ୍ଧ ଜାତି ବାହାରିଥିଲା, ସେଥିରେ ସ୍ୱାଧୀନତା ମଧ୍ୟରେ ଶୃଂଖଳାହିଁ କାବ୍ୟର ପ୍ରାଣରୂପେ ପ୍ରତିଷ୍ଠିତ ରହିଅଛି ।

କିଂତୁ ଓଡ଼ିଆ ବର୍ଣମାଳା ଏକ ପ୍ରକାର ସଂସ୍କୃତର ଅପଭ୍ରଂଶ ବୋଲି ଧରାଗଲେ ମଧ୍ୟ, ତାହା ସଂସ୍କୃତର ଶିକ୍ଷା ନିୟମରେ ଆବଦ୍ଧ ନୁହେ । ସେଥିରେ ପୁଣି ବ୍ୟଂଜନାଂତ ସ୍ୱରର ବ୍ୟଂଜନ, ସ୍ୱରର ଗୁରୁତ୍ୱ ସଂପାଦନ କରିବାର କଦାଚିତ୍ ଦେଖାଯାଏ । ଐ, ଔ, ଦୁଇଟି ମଧ୍ୟ ଗୁରୁମାତ୍ରକ ସ୍ୱର ନ ହୋଇ ଫିଟିଯାଇ 'ଅଇ', 'ଅଉ' ହୋଇଯାଏ । 'ହନୁମାନ୍' ମଧ୍ୟ 'ହନୁମାନ' ପୁଣି 'ହନୁମଂତ' ହୋଇଯାଏ । 'ସାକ୍ଷାତ୍' ନ କହି ଲୋକେ କହଂତି 'ସାକ୍ଷାତ' । 'କଂଟକ'କୁ 'କନ୍‌ଟକ' ନ କହି ଲୋକେ ଏପରି କହଂତି ଯେ ତାହା ତିନୋଟି ମାତ୍ର ମାତ୍ରାରେ ପ୍ରକାଶ ପାଏ । ଅତଏବ ଓଡ଼ିଆରେ **ଯୁକ୍ତ ଅଯୁକ୍ତ ସ୍ୱର ବ୍ୟଂଜନ ସବୁ ପ୍ରାୟ ଏକ ମାତ୍ରକ ବର୍ଣ । ବରଂ ଦ୍ୱିମାତ୍ରକ ବର୍ଣସବୁ ବେଳେବେଳେ ଫିଟି ଅଲଗା ହୋଇଯାଏ** । ଯଥା–

ପରବ, ପୁନିଅ, ସିନିଅ, ଦରବ, ଗରବ, ଖରଗ୍, ଚରଗ୍, ବାକସ, ସିଠାମ, ପାଦେରୀ ଇତ୍ୟାଦି ।

ଏ ସବୁ ଓଡ଼ିଆ ଭାଷା ପ୍ରକାଶର ଦ୍ରାବିଡ଼ ରୀତି ଓ ପ୍ରକୃତି ବିଶେଷ ଭାବରେ ପ୍ରକାଶ କରୁଚି । ହେଲେହେଁ, ଏ ବିଷୟରେ ଆଲୋଚନାର ଏଇଠାରେ ଶେଷ ନୁହେଁ । ହିମାଳୟର ପାର୍ବତ୍ୟ ଭାଷା ମଧ୍ୟ ଏବେ ଏଇ ରୀତିରେ ପ୍ରକାଶିତ ହେବାର

Digitized by PPRACHIN, SOA

ଜଣାପଡ଼େ । ପୁଣି ସ୍ୱରାଂତ ଶବ୍ଦକୁ ହଳଂତ କରି କହିବା ବଂଗ ଓ ଉତ୍ତର-ପଶ୍ଚିମାଂଚଳରେ ଦେଖାଗଲେହେଁ, ଏହା ବୈଦିକ ଓ ଭାଷା ସଂସ୍କୃତର ପ୍ରକୃତି ନୁହେ । ପ୍ରାଚୀନ ବଂଗ ଓ ଉତ୍ତରପଶ୍ଚିମାଂଚଳର ଭାଷା ମଧ୍ୟ ଏ ପ୍ରକାରରେ ପ୍ରକାଶିତ ହେଉ ନ ଥିଲା । ତେବେ ସ୍ୱରାଂତ ଶବ୍ଦର ହଳଂତତ୍ୱ ଓ ଭାଷାର ବର୍ଣମାନଂକର ଏକମାତ୍ରକତ୍ୱ ଏକା କଥା ନୁହେ । ଶେଷୋକ୍ତ ପ୍ରକୃତିଟି ଦ୍ରାବିଡ଼ ବୋଲି ସ୍ପଷ୍ଟ ଜଣାପଡ଼େ ।

ଓଡ଼ିଆର ଏଇ ଦ୍ରାବିଡ଼ ପ୍ରକୃତି କିଂତୁ ସଂସ୍କୃତ ପଂଡିତମାନଂକର ବର୍ଣ ପ୍ରକାଶ ବିଳାସକୁ ତୃପ୍ତି ଦେଉ ନ ଥିବାର ଅନୁମାନ ମଧ୍ୟ ହୁଏ । ସେଥିପାଇଁ ବର୍ଣମାନଂକର ମାତ୍ରା ଭାଷାରେ ପ୍ରକାଶ କରି କବିତା ଲେଖିବାର ସେମାନଂକୁ ବେଳେ ବେଳେ ଦେଖାଯାଏ ।

ଯଥା–

"ପଂଡା ପିଂଡାତଳକୁ ବସିଲେ ମଂଡପେ ଶାସନୀଏ
ଗୁଂଡେ ଗୁଂଡେ ବସି ବସି ଗଲେ ଚତ୍ୱରେ ପାଢ଼ୀଧାଡ଼ୀ ।
ଗଂଡା ଗଂଡା ଲଡୁ ଗଡୁ ସମେ ଖଂଡ ପାକେ ସଜାଡ଼ୀ
ଭେଂଡା ଭେଂଡା ଦ୍ୱିଜ ପରଶିଲେ ପୂର୍ଣ ପତ୍ରେ ଅଜାଡ଼ୀ ।"

ମାତ୍ର କୌଣସି ସଂସ୍କୃତ ପଂଡିତ ମଧ୍ୟ ଓଡ଼ିଆ ଛଂଦରେ କଦାପି ଏପରି ବର୍ଣରେ ମାତ୍ରା ବିକାଶର ଉଦ୍ୟମ କରିନାହାଂତି । ଏବେ କିଂତୁ ଏ ଦେଶରେ ବଂଗଳାର ବିଶେଷ ପ୍ରଭାବ ପଡ଼ିବାରୁ କେହି କେହି ଏଇ ପ୍ରକାଶରେ ନୂତନତ୍ୱ ଦେଖି ତା ପ୍ରବର୍ତାଇବାର ଉପକ୍ରମ କରଂତି । ଅନୁକରଣ ସର୍ବଦା ଗର୍ହଣୀୟ ନୁହେ । ମାତ୍ର ଖାଇ ଜୀର୍ଣ କଲେ ଦିହରେ ଲାଗେ, ଦିହ ସବଳ, ସୁସ୍ଥ ଓ ପୁଷ୍ଟ ହୁଏ । ତା ନ ହେଲେ ଅଜୀର୍ଣ ଏଉଡ଼ି ଉଠେ । ସେଥିରେ ହୁଏତ ଖାଦ୍ୟର ସ୍ୱାଦଗଂଧ ଥାଏ ଓ ଅଧିକ ଅଜୀର୍ଣ ହୁଏ । ହେଲେ ସେଇ ଏଉଡ଼ି ଅତ୍ୟଂତ ବିସ୍ୱାଦ ଓ ଦୁର୍ଗଂଧଯୁକ୍ତ, ସେଥିରେ ପ୍ରାଣୀର ଅମଂଗଳ ହୁଏ ।

ଏଇ ଅଯଥା ଅନୁକୃତି ରାଧାନାଥ ଓ ତାଂକ ରୀତିର ତାଂକ ସମସାମୟିକ ଲେଖକମାନେ ଆରଂଭ କରିଥିଲେ । ସେତେବେଳେ ବାମଂଡାର ବିଦ୍ୟୋତ୍ସାହୀ ରାଜା ଶ୍ରୀ ବାସୁଦେବ ସୁଢ଼ଳ ଦେବଂକ ପଂଡିତ ସଭାରେ ଆଳଂକାରିକ ଭାଷାରେ ନାମକରଣ ହୋଇଥିଲା 'ପୂର୍ଣମିତ୍ରାକ୍ଷର' । ମନେ ଅଛି ସେ କାଳେ ସ୍କୁଲ ଇନସ୍‌ପେକ୍ଟର ଥାଇ ରାଧାନାଥ ବାବୁ ସ୍କୁଲ ପରିଦର୍ଶନ ବେଳେ ପଗ୍ରୁରୁ ଥିଲେ– ଗୋଟିଏ ଦୁଷ୍ଟ ମିତ୍ରାକ୍ଷରର ଉଦାହରଣ ଦେଲ ? ଛାତ୍ର ହୁଏତ କହୁଥିଲା–

Digitized by PPRACHIN, SOA

"ବାଟେ ଦେଖି ଅବଧାନ ତରିଗଲେ ପୁଏ
ଗୃଟଶାଳୀ ପାଠ ଛାଟ କାହାକୁ ଯୋଗାଏ ।"

ପୁଣି ପ୍ରଶ୍ନ ହେଉଥିଲା-

ଗୋଟିଏ ଅପୂର୍ଣ ମିତ୍ରାକ୍ଷରର ଉଦାହରଣ ଦେଲ ? ଛାତ୍ର ହୁଏତ କହୁଥିଲା-

"ଦୁଇଟିଯାକ ଚୁଂଗୁଡ଼ି ନେଇଗଲା କାଉ
ପୁଅପାଇଁ ଚୁଂଗୁଡ଼ି ତ ନ ମିଳିବ ଆଉ ।"

ସ୍କୁଲର ପଂଡିତେ ବାବୁଂକ ମନର ଗତି ଜାଣି ପିଲାଂକୁ ଏହା ବହୁ ଯତ୍ନରେ ଶିଖାଇ ରଖୁଥିଲେ । 'ପୁଏ', 'ଗାଏ' – ଏଠାରେ 'ଉଏ' ସଂଗେ 'ଆଏ' ପଡ଼ିଲା । ଏହା ଦୋଷଯୁକ୍ତ ବା ଦୁଷ୍ଟ ମିତ୍ରାକ୍ଷର । 'କାଉ' ସଂଗେ 'ଆଉ' ପକାଇଲେ ହେଲା ଅପୂର୍ଣ ମିତ୍ରାକ୍ଷର, କାହିଁକିନା ଉପରର ଉପଧା ଆ-ଟି କ୍-ରେ ଯୋଡ଼ା ହୋଇଛି; ମାତ୍ର ତଳର ଉପଧା ଆ-ଟି କାହାରି ସଂଗେ ଯୋଡ଼ା ନୋହି ଶୂନ୍ୟରେ ଲଂବିଚି ।

ବର୍ଣଶିଳ୍ପର ଏ ଆଲୋଚନାରେ ବୈଜ୍ଞାନିକ ବିଶେଷତ୍ୱ ଥାଇପାରେ, ମାତ୍ର ଏହା ଓଡ଼ିଆ ନୁହେ । ଏହା ବଂଗଳା ଗ୍ରାସର ଆତ୍ୟଂତିକ ଅଜୀର୍ଣ । ଏଥିରେ ପୁଣି ଇଂରେଜି ଖାଦ୍ୟର ଦୋଷ ବି କିଂଚିତ୍ ରହିଚି । ବଂଗଳାରେ ଅଧିକାଂଶ ଶବ୍ଦ – ପ୍ରାୟ ବିଶେଷ୍ୟ ଓ ଅବ୍ୟୟ ମାତ୍ରେ – ଉଚ୍ଚାରଣରେ ଶେଷ ସ୍ୱର ହରାଂତି । ଯଥା- ବେଶ୍, ଆର୍ ଇତ୍ୟାଦି । ଇଂରାଜିରେ ମଧ୍ୟ ସେଇ କଥା ଆଉରି ବେଶି ପରିମାଣରେ ସତ୍ୟ । କିଂତୁ ଓଡ଼ିଆରେ ତା ନୁହେ ।

ମିତ୍ରାକ୍ଷର ଏକ ଶ୍ରେଣୀର ପଦ୍ୟ କବିତାର ଏକ ଅତି ଆବଶ୍ୟକୀୟ ବିଧି । ଏହା ଅଳଂକାର ନୁହେ । ଶେଷ ସ୍ୱରଯୁକ୍ତ ବର୍ଣ ଇଂରାଜିରେ (Syllable) ଦୁଇଟି ଏଥିରେ ସମାନ ରହିବାର କଥା । ବଂଗଳାରେ 'କେଶ୍'-ର ଶେଷ ସ୍ୱରଯୁକ୍ତ ବର୍ଣ 'ଶ୍' ନୁହେ । ଏହା 'ଏଶ' । ତେଣୁ ଏହା 'ଦେଶ୍' ବା 'ବେଶ୍'-ର 'ଏଶ୍' ସଂଗେ ମିଳିଲେ ମିତ୍ରାକ୍ଷର ଠିକ୍ ରହିବ । ଏଇ ହେତୁରୁ ବଂଗଳାରେ ଉପଧା ବା ଅଂତ୍ୟବର୍ଣର ପୂର୍ବସ୍ୱର ମିଳାଇବା ବିଧିଟି କାଳକ୍ରମେ ବିକାଶ ପାଇଚି । ଇଂରେଜିରେ ମଧ୍ୟ ସେଇ କଥା । ପୁଣି ଇଂରେଜିରେ ଶେଷରେ ସ୍ୱର ଥିଲେ ସେଇ ସ୍ୱର ସଂଗେ ମିଳି ରହିଥିବା ବ୍ୟଂଜନ ମିଳନ ଦରକାର ହୁଏ ନାଇ । ଇଂରେଜିରେ କେ-(Kay) ସଂଗେ ଡେ-(Day), ରେ-(Ray) ବା ଟ୍ରେ-(Tray) ମିଳିଲେ ପୂର୍ଣ ଓ ଅଦୁଷ୍ଟ ମିତ୍ରାକ୍ଷର ହୁଏ ।

**ମାତ୍ର ଓଡ଼ିଆ ଭାଷାର ଉଚ୍ଚାରଣରେ କୁତ୍ରାପି ଶେଷରେ ହଳଂତ ଉଚ୍ଚାରଣ ନାହିଁ । ତେବେ ଉପଧାର ମିଳନ ମିତ୍ରାକ୍ଷର ପାଇଁ କି ଦରକାର ? କୌଣସି ଅଳଂକାର**

Digitized by PPRACHIN, SOA

ପାଇଁ ତାହା ଲୋଡ଼ା ହୋଇପାରେ । ସେଥିପାଇଁ ଓଡ଼ିଆରେ ସର୍ବଯମକ ପର୍ଯଂତର ବ୍ୟବସ୍ଥା ମଧ୍ୟ ଅଛି । ଯଥା-

"ଅହି - ମକର ତାପନାଶେ ଶୋଭା ସାରସ ଚକ୍ରେ
ଅହିମ - କର ତାପନାଶେ ଶୋଭା ସାରସ ଚକ୍ରେ ।"

-ଲାବଣ୍ୟବତୀ

ଅଳଂକାର କଥା ସ୍ୱତଂତ୍ର । ତାହା ସବୁ ପଦ୍ୟରେ ଲୋଡ଼ା ନାହିଁ । ତେବେ ପୂର୍ଣ ମିତ୍ରାକ୍ଷର ପାଇଁ ଉପଧା ମିଳନର ଲୋଡ଼ା କେଉଁଠାରେ ? ର ସଂଗେ ର ପଡ଼ିଲେ ଓଡ଼ିଆରେ ହେଲା । ର (ର୍+ଅ) ଓଡ଼ିଆରେ ବ୍ୟଂଜନ ନୁହେ । ଏହା ସ୍ୱରାଂତ ବ୍ୟଂଜନ । ଇଂରେଜି ରୀତିରେ ମଧ୍ୟ ଓଡ଼ିଆରେ ର (ର୍+ଅ) ସଂଗେ କ (କ୍+ଅ) ପଡ଼ିଲେ ପୂର୍ଣ ମିତ୍ରାକ୍ଷର ହୁଅଂତା । କାହିଁକିନା, **ଉପଧା ହେଉ ବା ଅଂତ୍ୟ ହେଉ ଶେଷ ସ୍ୱରର ମିଳନହିଁ ମିତ୍ରାକ୍ଷରର ପ୍ରାଣ** । 'ଦେଶ' ସଂଗେ 'ହାସ' ମିଳାଇଲେ ବଂଗଳାରେ ଯାହା, ର (ର୍+ଅ) ସଂଗେ କ (କ୍+ଅ) ମିଳାଇଲେ ଓଡ଼ିଆରେ ତାହାହିଁ । ବହୁକାଳ ପ୍ରଚଳିତ ବିଧିରେ ପଡ଼ି ବଂଗଳାରେ ଯେପରି ହାସ୍ ସଂଗେ ବେଶ୍ ପକାଇଲେ ଦୁଷ୍ଟ ମିତ୍ରାକ୍ଷର, ଓଡ଼ିଆରେ ସେହିପରି 'କ' ସଂଗେ 'ର' ପକାଇଲେ ଦୁଷ୍ଟ ହୁଏ । ମାତ୍ର ଓଡ଼ିଆରେ ଉପଧା ମିଳନ ରୂପ ଆଉ ଏକ ପ୍ରଚଳିତ ବିଧି ତିଆରି କରିବାର କିଛି ଦରକାର ନ ଥିଲା କି ନାହିଁ ।

ବଂଗଳାରେ ଦ୍ରାବିଡ଼ର ପ୍ରଭାବ ଯଥେଷ୍ଟ ଅଛି । ମହିମାମୟ ସେନ ରାଜବଂଶ ଦ୍ରାବିଡ଼ ଥିଲେ, ପୁଣି ଓଡ଼ିଶା ପରି ବଂଗଳାର ଲୋକେ ବହୁଶଃ ଦ୍ରାବିଡ଼ରକ୍ତସଂଭୂତ । ଭାଷାରେ ମଧ୍ୟ ଦ୍ରାବିଡ଼ ଶବ୍ଦର ସଂଖ୍ୟା ଖୁବ୍ ବେଶି । ସେଥିପାଇଁ ଓଡ଼ିଆ ପରି ବଂଗଳାରେ ସ୍ୱରମାନେ ପ୍ରାୟ ଦ୍ରାବିଡ଼ ରୀତିରେ ଉଚ୍ଚାରିତ ହୁଅଂତି । ମାତ୍ର ଏ ପ୍ରଭାବ ବଂଗଳାରେ ଓଡ଼ିଆ ପରି ବ୍ୟାପକ ନୁହେ । ବଂଗଳାରେ ଐ, ଔ ଏବେ ମଧ୍ୟ ଉଚ୍ଚାରଣରେ ଗୁରୁ । ପୁଣି ଶବ୍ଦମାନେ ହଳଂତଯୁକ୍ତ ଥିବାରୁ ବର୍ଣର ପୂର୍ବସ୍ୱର ଗୁରୁ ଉଚ୍ଚାରଣ ପାଏ ।

'ମନ' କହିଲେ 'ମ'-ର 'ଅ'-ଟି ହ୍ରସ୍ୱ । ମାତ୍ର 'ମନ୍' କହିଲେ ମ-ର ଅ-ଟି ଦୀର୍ଘ ହେଲା । ହେଲେହେ ମନ ଯେପରି ଦୁଇଟି ମାତ୍ରା, 'ମନ୍' ମଧ୍ୟ ସେଇପରି ଦୁଇଟି ମାତ୍ରା । କିଂତୁ 'ମନ୍'-ର 'ଅ'-ଟି ଏକାବେଳକେ ଦ୍ୱିମାତ୍ରକ । 'ମ୍' ଓ 'ନ୍'ର ବ୍ୟଂଜନା ସେଇ 'ଅ'-ସଂଗେ ମିଶିଯାଏ । ସେଇ ଅନୁକ୍ରମେ 'ନଂଦନ୍' କହିଲେ ବଂଗଳାରେ ନନ୍+ଦନ୍ ହୁଏ, ଏହା ଚାରି ମାତ୍ରା । ଓଡ଼ିଆରେ ନନ୍ଦନ ତିନି ମାତ୍ରା । 'ନ୍ଦ'-ଟିରେ ନ୍-ଦ ମିଶି ତରଳ ହୋଇ ଗୋଟିଏ ମାତ୍ରାରେ ଉଚ୍ଚାରିତ ହୁଏ ।

Digitized by PPRACHIN, SOA

ବଂଗଳାର ଏଇ ବିଶେଷତ୍ୱଟି ରବୀନ୍ଦ୍ରନାଥ ପ୍ରଥମେ ଭଲକରି ବାହାର କରି ଦେଖାଇଦେଲେ । ହେଲେହେଁ ଭାରତଚନ୍ଦ୍ର ପ୍ରଭୃତିରେ ମଧ୍ୟ ଏହାର ଆଭାସ ସ୍ପଷ୍ଟ ମିଳେ । ସେଠାରେ ମଧ୍ୟ ଏହା ବୈଜ୍ଞାନିକ ରୀତିରେ କରାହୋଇଚି । ଏଇ ରୀତିରେ **ଐ, ଔ ହଳଂତ ଆ-ଯୁକ୍ତ ବର୍ଣର ପୂର୍ବ ବା ସେଥିସଂଗେ ଅନୁସ୍ୱାରଯୁକ୍ତ ଓ ବିସର୍ଗଯୁକ୍ତ ସ୍ୱର ଗୁରୁ, ଆଉ ସବୁ ହ୍ରସ୍ୱ ବା ଏକ ମାତ୍ରକ ।**

ରବୀଂଦ୍ର ନାଥ ମଧ୍ୟ ଏଇ ରୀତିରେ ସବୁ କବିତା ଲେଖଂତି ନାହିଁ । ପୁଣି ଏଇ ରୀତିର ସୌଷ୍ଠବ ରଖିବାରେ ରବୀଂଦ୍ରନାଥଂକ ପରି ସିଦ୍ଧହସ୍ତ ମନୀଷୀ ବାଟ ଦେଖାଉଚଂତି ।

ଓଡ଼ିଆରେ କିଂତୁ ଏଇ ରୀତିର ଅନୁକରଣ ମହାନଦୀ ବଢ଼ି ପରି ଗ୍ରଳିଚି । ସେଥିରେ ପୁଣି ଲୋକଂକ ଭିତରେ ଏ ଶୈଳୀ ପୂରାଇବାର ଉଦ୍ୟମ ଥିଲାପରି କୌଣସି ପ୍ରମାଣ ମିଳୁନାହିଁ । ଖାଲି କବିତା ଲେଖିଦେଇ କେତେ ଜଣ ବଂଗଳା ପଢ଼ାଂକ ଭିତରେ ବସି ଖୁସି ହୋଇ ପରସ୍ପରର ଶ୍ଲାଘା କରିବାରେ ଓଡ଼ିଆ ଭାଷାର ପ୍ରାଣ ଫୁଟିବ ନାହିଁ । ଅନ୍ୟଠାରୁ ଭଲ ଜିନିଷଟିଏ ଆଣିବାରେ ଆପତ୍ତି ନାହିଁ, ତାହା ପୁଣି ଜାଣିଲେ ମଧ୍ୟ ଖୁବ୍ ଭଲ । ମାତ୍ର ଆଣିବାର ଜିନିଷ ବାଛିବାରେ, ତାକୁ ଚଳାଇବାର ପ୍ରଣାଳୀ ଓ ପଦ୍ଧତିରେ କିଛି ଚିଂତା ଗ୍ରଳନା କରିବାର ଅଛି । ପୁଣି ଓଡ଼ିଆରେ ଏଇ ରୀତିରେ ଲିଖିତ ଅଳ୍ପମାତ୍ର କବିତାରେ ଏଇ ରୀତିର ଯଥାର୍ଥ ଆଲୋଚନାମୂକ ବିଜ୍ଞାନ ଥିବାର ପ୍ରମାଣ ମିଳେ ।

ଏ ସବୁକୁ ଉଦାହରଣ ଦେଇ ବୁଝାଇବାର ଏଠାରେ ଅବକାଶ ନାହିଁ । ଏହାଛଡ଼ା ସ୍ୱର ଛଂଦ ବିଷୟରେ ମଧ୍ୟ କହିବାର ଅଛି, ପରେ କୁହାଯିବ । ଏ ମଧ୍ୟରେ କେହି ଏ ବିଷୟରେ ସଂଯତ ଆଲୋଚନା କଲେ ପ୍ରକାଶ କରାଯିବ ।

❖❖❖

Digitized by PPRACHIN, SOA

# ଓଡ଼ିଆ ଛଂଦ ଓ ଉପାଂତ୍ୟ ମିଳନ*

ଶ୍ରୀଯୁକ୍ତ ବିନାୟକ ଦାସଙ୍କ 'ଓଡ଼ିଆ ଛଂଦ ଓ ଉପାଂତ୍ୟ ମିଳନ' ନାମକ ଲେଖାଟି ଅନ୍ୟତ୍ର ପ୍ରକାଶ ପାଇଲା । ଆମେ ଗତ ଥର 'ଓଡ଼ିଆ କବିତା ତଥା ଛଂଦର ପ୍ରଗତି' ବିଷୟରେ ଆଲୋଚନାର ଟିକିଏ ସୂଚନା ଦେଇଥିଲୁ । ସେଥିରେ କହିଥିଲୁ, "କେହି ଏ ବିଷୟରେ ସଂଯତ ଆଲୋଚନା କଲେ ପ୍ରକାଶ କରାଯିବ" । ଶ୍ରୀଯୁକ୍ତ ବିନାୟକ ଦାସ ଲେଖିଛନ୍ତି, "ଛଂଦ ସଂବଂଧେ ସଂଯତ ଲେଖା ପାଇଲେ ପ୍ରକାଶ କରିବି ବୋଲି 'ନବଭାରତ'ରେ ଲେଖାଯାଇଚି । ତେଣୁ ଏହି ଲେଖାଠି ପଠାଇଲି ।" ତାଂକ ଲେଖାଟି ତେଣୁ ଆମ ଲେଖାର ଆଲୋଚନାତ୍ମକ ଭୂୟୋବିକାଶ ରୂପେ ସେ କଳ୍ପନା କରିଛଂତି, ଅତଏବ ନିମ୍ନଲିଖିତ କେତୋଟି କଥା ଲେଖାଯାଉଛି ।

'ଏହା କେହି ସ୍ୱପ୍ନରେ ବି ବିଶ୍ୱାସ କରିବେ ନାହିଁ ।' 'ଯେ ଚେଇଁ ଶୋଇଥିବ, ତାକୁ ଉଠାଇବା ଯେପରି ମୁସ୍କିଲ, ଯେ ନ ବୁଝିବାର ଭାଣ (ବାହାନା ?) ବା ଅଭିନୟ କରିବ, ତାକୁ ସେପରି ଯୁକ୍ତିତର୍କ ଦେଖାଇ ବୁଝାଇବା ବି ଦୁରୂହ ବ୍ୟାପାର ।'-ଏଭଳି କଥା, ସୂଚନା ଓ ବାକ୍ୟମାନ ଗଭୀର, ସଂଯତ ସାହିତ୍ୟ ଆଲୋଚନାର ଅନୁକୂଳ ନୁହେ । ଅନୁସଂଧିତ୍ସୁମାନେ ଏ ସବୁରେ ବିଜ୍ଞତର ହୁଅଂତି ନାଇ, ତେଣୁ ଏ ସବୁ ବଳରେ ଯେଉଁଠାରେ ଲେଖକ ନିଜ ଲେଖାକୁ ଉପାଣିତ ବା ଟାଣୁଆ କରିବାକୁ ବସଂତି, ସେଠାରେ ଚିଂତାଶୀଳ ଅନୁସଂଧିତ୍ସୁମାନେ ଲେଖାକୁ ହେୟ ମନେ କରଂତି । 'ଏହା ନିଃସଂଦେହରେ କୁହାଯାଇପାରେ'-ପ୍ରଭୃତି କହିବାରେ ଯୁକ୍ତି ଦୃଢ଼ତର ହୁଏ ନାଇ । ଅନ୍ତତଃ ସାହିତ୍ୟ ପତ୍ରର ସଂଯତ ଆଲୋଚନା ସେସବୁର ସ୍ଥାନ ନୁହେ ।

ପ୍ରଥମରୁ ଲେଖକ ସଂଗୀତ ଓ ଛଂଦର ସୀମା ଠିକ୍ ରଖି ନପାରି ଆଲୋଚନାରେ ଅବିମିଶ୍ର ଧାରା ଧରି ପାରି ନାହାଂତି । **ସଂଗୀତ, ସ୍ୱରଶିଳ୍ପ; ସେଥିରେ ଭାଷାର ଭାବ ଘେନି ବଂଧନ ନଥାଏ । ଛଂଦ, କାବ୍ୟଶିଳ୍ପ; ସେଥିରେ ସ୍ୱର ଭାଷାର ଭାବକୁ ଅନୁସରଣ କରେ ।** ପ୍ରାଚୀନ ଓଡ଼ିଆ ଛଂଦ ପାଇଁ ଗାଇବାଲୋକ ଦରକାର

* ପ୍ରଥମ ବର୍ଷ ୧୧ଶ ସଂଖ୍ୟା, ୧୩୪୨ ମେଷ (୧୯୩୫, ମେ) 'ନବଭାରତ'ର ଆଲୋଚନାରେ ପ୍ରକାଶିତ ।

Digitized by PPRACHIN, SOA

ହେଲେହେଁ, କେବଳ ସଂଗୀତଜ୍ଞର ଲୋଡ଼ା ନାହିଁ । ଛଂଦର ଗତି ସଂଗେ ଚିତ୍ରିତ ଭାବର ଧାରା ମିଳାଇ ବୋଲିଜାଣିବା ସବୁ ଛଂଦରେ ଲୋଡ଼ା-ପ୍ରାଚୀନ, ଆଧୁନିକ, ମିତ୍ରାକ୍ଷର, ଅମିତ୍ରାକ୍ଷର-ସର୍ବତ୍ର ଏହି ନିୟମ ଅନୁସଂଧାନ କରାଯାଇପାରେ । ଭାଷାର ପ୍ରକୃତି ଘେନି ମନୀଷୀମାନେ ଭିନ୍ନ ଭିନ୍ନ ବେଷ୍ଟନୀରେ ବିଭିନ୍ନ ଭାବରେ ତାକୁ ପ୍ରକାଶ କରଂତି । ପରଂପରାରେ ମାନବର ସମୂହ ମନୀଷା ଏ କ୍ଷେତ୍ରରେ ବହୁ ସାହାଯ୍ୟ କରେ । ସେ ଯାହା ହେଉ, "ଗାଇ ବଜାଇ ପାରିବା ଲୋକ" ଓଡ଼ିଆ ପ୍ରାଚୀନ ଛଂଦ ପାଇଁ ଲୋଡ଼ା ନାଇ । ଉଦାହରଣ ସ୍ୱରୂପ ଦେଖାଯାଇପାରେ-

"ମଦନା ମା ମଦନା ମା (ମତେ) କିଏ ଡାକୁଛି ?
ବେମାରିଆ ପୁଅ ମୋର ଘରେ ପଡ଼ିଚି ।
ବୋହୂକୁ ଷୋଳ ସତର, ପୁଅକୁ କରିଚି ଜର
ବଇଦ ଡାକକୁ ମୁଁ ତ କାନ ପାଡ଼ିଚି ।
ମଦନା ମା ମଦନା ମା (ମତେ) କିଏ ଡାକୁଚି ?"

ଓଡ଼ିଆ ଯାତ୍ରାର ଏଇ ଛଂଦଗାନଟି ସଂଗୀତର ସ୍ୱର ଲୟଠାରୁ କଥାବୃତ୍ତ ପର୍ଯ୍ୟଂତ-ସବୁଥିରେ ସୁଂଦର ପ୍ରକାଶ କରାଯାଇପାରେ । ଏଇ ରୀତିରେ ଛଂଦତତ୍ତ୍ୱ ଆଲୋଚନା କରି ନୂତନ ଓ ନବାଗତ ଛଂଦମାନ ଚଳାଇବା ଉଚିତ । ସ୍ୱର୍ଗତଃ ଶ୍ୟାମସୁନ୍ଦର ରାଜଗୁରୁ ଏ ରୀତିର ବୈଜ୍ଞାନିକ ଆଲୋଚନା ଆରଂଭ କରିଥିଲେ ।

**ଭାଷାର ପ୍ରକୃତି ଉପରେ ପୁଷ୍କଳ ଛଂଦ ବିଭବ ଫୁଟାଇବାରେ ଓଡ଼ିଆର ବିଶେଷତ୍ୱ ଭାରତର ଦେଶୀଭାଷାମାନଂକ ଭିତରେ ଅନନ୍ୟସାଧାରଣ ।** ଓଡ଼ିଆ ସଭ୍ୟତା ମଧ୍ୟ ଭାରତରେ ଅନନ୍ୟସାଧାରଣ । ତାହାର ସ୍ପଷ୍ଟ ନିଦର୍ଶନ ଜଗନ୍ନାଥ । ସେଇପରି ଓଡ଼ିଆର କାବ୍ୟକଳା ପ୍ରକାଶ କରିବାରେ ଛଂଦ । **ଓଡ଼ିଆରେ କାବ୍ୟର ନାମ ଛାଂଦ, ଯଥା-ସେ ଛାଂଦ ପଢୁଛି । ସର୍ଗର ନାମ ଛାଂଦ, ଯଥା-ଲାବଣ୍ୟବତୀରୁ ତିନି ଛାଂଦ ପଢ଼ିଚି । ମଧୁବାବୁ ଲେଖିଥିଲେ ଛାଂଦମାଳା, ଅର୍ଥାତ୍ କବିତାସମୂହ । ଭାରତର ଅନ୍ୟ କୌଣସି ଦେଶୀଭାଷାରେ ଏ ବିଭବ ନାଇ ।** ଏଥିରେ ସ୍ୱରଶିଳ୍ପ ଯେ ଭାବ ବିକାଶରେ ସାହାଯ୍ୟ ନ କରେ ତା ନୁହେ । ମାତ୍ର ଛାଂଦର ଛଂଦ ଓ ସ୍ୱରଶିଳ୍ପମୟ ସଂଗୀତ ଏକ ବସ୍ତୁ ନୁହେ । ଛାଂଦ କିଂତୁ ଦରକାର ହେଲେ ସଂଗୀତ ପରି ବୋଲାଯାଇପାରେ । ଅନ୍ୟାନ୍ୟ ଅନେକ କବିତା-ଏପରିକି କଥାଛାଂଦ ମଧ୍ୟ ସେପରି ବୋଲାଯାଇପାରେ । ସାହିତ୍ୟ-ପୂର୍ଣ୍ଣ ସଂଗୀତ ରଚନା ମଧ୍ୟ ବିରଳ ନୁହେ । ବରଂ ଅଧିକାଂଶ ସଂଗୀତ ଲେଖକଂକର ଏହାହିଁ ଆଦର୍ଶ ।

Digitized by PPRACHIN, SOA

ଓଡ଼ିଆ ଛଂଦ ବା ଛାଂଦରେ "କୋଷ ଅଭିଧାନ ବା ବ୍ୟାକରଣ ଅଥବା ଅନ୍ୟ ପକ୍ଷରେ ସ୍ୱରଲୟ ବା ତାଳ ସମନ୍ୱୟ" ଦରକାର ନାହିଁ । 'ଜୀବନଚିଂତା', 'ନିଶୀଥଚିଂତା' ପରି ଦିଓଟି ଗୋଟିଏ ପଦ୍ୟ ଛାଡ଼ିଦେଲେ ମଧୁବାବୁଂକର ସବୁ ପଦ୍ୟ ଓଡ଼ିଆ ଛାଂଦର ଛଂଦରେ ଲେଖା । ରାଧାନାଥ ଓଡ଼ିଆ ଛାଂଦର ଛଂଦ ଛଡ଼ା ଅନ୍ୟ ଛଂଦରେ କଦାପି ଲେଖି ନାହାଂତି ।

"ଯାହାକୁ ରଖିବେ ଅନଂତ ।    ତାକୁ କି କରେ ବଳବଂତ ।।"

ଏ ନବାକ୍ଷରୀ ଭାଗବତ ବୃତ୍ତରେ କୌଣସି ଗୁରୁ ଲଘୁ ଉଚ୍ଚାରଣ କଳ୍ପନା ନାଇ । ଏଠାରେ ଅନଂତ ତିନିମାତ୍ରା ଓ ବଳବଂତ ଗୃରିମାତ୍ରା । ରାଧାନାଥଂକ ଲେଖାରେ କୁତ୍ରାପି ଏଇ ଓଡ଼ିଆ ମାତ୍ରାଶୈଳୀର ବ୍ୟତିକ୍ରମ ନାଇ । ତେବେ ଯମକ ଅନୁପ୍ରାସାଦି ନିମଂତେ ବେଳେ ବେଳେ ଓଡ଼ିଆରେ ବର୍ଣ୍ଣ ବ୍ୟବହାରରେ ସୁଂଦର କ୍ରମ ଓ ସାମଂଜସ୍ୟ ଥାଏ । ସେଥିରେ ଉଚ୍ଚାରଣର ପରିମାଣ ଘେନି ବର୍ଣ୍ଣବିନ୍ୟାସର କ୍ରମରେ ଛଂଦଗତିର ନିୟମ ନାଇ । ସେଥିରେ ଯାହା ନାଇ ତାହା ସେଥିରୁ ଅର୍ଥ କରି ଟାଣିବା ଠିକ୍ ନୁହେ । 'ଭାରତବଂଦନା' ଗୀତଗୋବିଂଦ-ପ୍ରସିଦ୍ଧ ଭୈରବୀ ନାମକ ସଂଗୀତ ବୃତ୍ତ । ଏହା ମାତ୍ରାମିତା-ଜାତି । ମୋହମୁଦ୍‌ଗରାଦିରେ ଏଇ 'ଜାତି' କିପରି ଗୃରୁ ସଂଗୀତମୟ ଛଂଦରେ ଗତି କରେ ତାହା ଦେଖିପାରି, 'ଭାରତବଂଦନା'ର "ସ୍ତୂପ ବିଚିତ୍ରେ" ଓ "କୀର୍ତ୍ତି ପବିତ୍ରେ" ଉଦ୍ଧାର କରିବାରେ ବିଶେଷତା କିଛି ନାଇ । ଲେଖକ ଯେଉଁ ବାଟେ ଏ ସବୁ ଆଲୋଚନା କରୁଚଂତି, ସେବାଟେ ତହିଁରେ ପ୍ରବେଶ ନୁହେ ।

ଉପଧା ସ୍ୱର ମିଳନ ବରାବର ଅସଂଗତ ଏହା କେହି କହୁନାଇ । ଆମେମାନେ କହିଥିଲୁ, "ଓଡ଼ିଆ ଭାଷାର ଉଚ୍ଚାରଣରେ କୁତ୍ରାପି ଶେଷରେ ହଳଂତ ଉଚ୍ଚାରଣ ନାଇ । ତେବେ ଉପଧାର ମିଳନ ମିତ୍ରାକ୍ଷର ପାଇଁ କି ଦରକାର ? କୌଣସି ଅଳଂକାର ପାଇଁ ତାହ ଲୋଡ଼ା ହୋଇପାରେ । x x x ଅଳଂକାର କଥା ସ୍ୱତଂତ୍ର । ସବୁ ପଦ୍ୟରେ ତାହା ଲୋଡ଼ା ନାଇ ।"

ପୁଣି ଆମେ କହୁଛୁ, "ଅନୁକରଣ ସର୍ବଦା ଗର୍ହଣୀୟ ନୁହେ ।" ମାତ୍ର ଅନୁକରଣରେ ଅନୁକୃତ ବସ୍ତୁଟିକୁ ନିଜର କରି ନ ପାରିଲେ ଅନୁକରଣ ବିଡ଼ଂବନା ହୁଏ । ରବୀଂଦ୍ରଂକୁ ଅନୁକରଣ କରିବାରେ ଆପତ୍ତି ନାଇ । ରବୀଂଦ୍ର ପ୍ରତିଭାର ଜ୍ୟୋତିଃ ଓଡ଼ିଆରେ କିଂଚିତ୍ ମାତ୍ର ପ୍ରତିଫଳିତ ହୋଇପାରିଲେ ଓଡ଼ିଆର ପ୍ରଭୂତ ଉପକାର ହେବ । ମାତ୍ର ଯେଉଁମାନେ ସେ ପ୍ରତିଭାର ଜ୍ୟୋତିଃ ଓଡ଼ିଆକୁ ଆଣିବାରେ

Digitized by PPRACHIN, SOA

ନିଜକୁ ମାଧ୍ୟମ (medium) ବୋଲି ବିଗ୍ଣଂତି, ସେମାନଂକର ଏ ଦାୟିତ୍ୱ ଯଥାଯଥରୂପେ ବୁଝି କାର୍ଯରେ ହାତଦେବା ଉଚିତ ।

ରବୀଂଦ୍ରନାଥଂକ ଛଂଦଗୃତୁରୀ ଓ କାବ୍ୟକଳାରେ ଉୟୁରୋପୀୟ ରୀତିରୁ ଯଥାଯଥ ଆହରଣ ଥାଇପାରେ, କିଂତୁ ତାହା ସର୍ବଥା ସର୍ବତୋଭାବରେ ବଂଗଳା ଭିତ୍ତି ଉପରେ ପ୍ରତିଷ୍ଠିତ । ଆହରଣ ଯେଉଁଠାରେ ଦେଖାପଡ଼େ ସେଠାରେ ସଂସ୍କୃତ ଓ ପ୍ରାକୃତ ଛାପ ସେଥିରେ ସ୍ପଷ୍ଟ । ସଂସ୍କୃତର ବୃତ୍ତ, ଜାତି ପ୍ରଭୃତିରୁ ରବୀଂଦ୍ରଂକର ସମସ୍ତ ଛଂଦଗୃତୁରୀ-ଏପରି କି କଥାଛଂଦର ବିଶିଷ୍ଟ ଶୈଳୀ ବାହାରିଚି, କିଂତୁ ଛାଂଚ ସବୁବେଳେ ବଂଗଳା । ଯେ କୈଶୋରରେ 'ଭାନୁସିଂହର ପଦାବଳୀ' ଭିତରେ ନିଜର ବିକାଶୋନ୍ମୁଖ ବିରାଟ ବ୍ୟକ୍ତିତ୍ୱ ପର୍ଯନ୍ତ ଲୁଗ୍ଣଇ ପାରିଥିଲେ, ତାଙ୍କ କବିତା ଓ ଲେଖାରେ ଇୟୁରୋପୀୟ ଶୈଳୀର ଶବ୍ଦ ବାରିବା ସାଧାରଣ ସମାଲୋଚକର ଶକ୍ତିର ବହିର୍ଭୂତ । ସେ ଯହିଁରୁ ଯାହା ନିଅଂତୁ, ବଂଗଳା ରବୀଂଦ୍ର ସବୁ ଉତ୍ତମରୂପେ ଗ୍ଣେବାଇ ଖାଇ ଜୀର୍ଣ୍ଣ କରିପାରିଚଂତି, ସେଥିରେ ଅଜୀର୍ଣ୍ଣ ଏଉଡ଼ି ନାଇ ।

ଓଡ଼ିଆର ଛଂଦଗୃତୁରୀ ଭାରତ ଭାଷାମାନଂକ ମଧ୍ୟରେ ଅନନ୍ୟସାଧାରଣ ବୋଲି କୁହାଯାଇଚି । ଏଡ଼େ ପୁଷ୍କଳ ମୌଳିକ ଛଂଦ ବିଭବ ମଧ୍ୟରେ ସେ କାଳ ଓଡ଼ିଆ ଆହରଣ ପାଇଁ ଉତ୍କଂଠ ଥିଲେ । ନିଜର ମତୁଆରୀ ଛଂଦକୁ ସେମାନେ ନାମ ଦେଇଥିଲେ 'ବଂଗଳାଶ୍ରୀ'; ୧୪ ଅକ୍ଷରୀ ମଂଗଳ ରାଗର 'ପୟାର' ଛଡ଼ା ବଂଗଳାରେ ଏହି ବିଂଶୋକ୍ଷରୀ 'ତ୍ରିପଦୀ' ବଂଗଳାର ବିଶେଷତ୍ୱ । ଏହି ତ୍ରିପଦୀ ବଡ଼ ସୁଂଦର । ତେଣୁ **ଓଡ଼ିଆ ଏହାର ନାମ ଦେଲେ ବଂଗଳାଶ୍ରୀ ବା ବଂଗ ଛଂଦର ଲକ୍ଷ୍ମୀ । ଏହି ବଂଗଳାଶ୍ରୀ ଛଂଦଟିର ବିକାଶ କରି ଓଡ଼ିଆ ଅନେକ ରଚନା କରିଛଂତି । ପ୍ରାୟ କୋଡ଼ିଏଟି ଛଂଦ ଏହି ବଂଗଳାଶ୍ରୀରୁ ବାହାରିଥିବାର ଆଂଭେମାନେ ଗଣନା କରିପାରିଅଛୁ ।** ଏହି ଛଂଦ ଏବଂ ଏହାର ଶାଖାମାନେ ମଧ୍ୟ ସର୍ବଦା କଥାଛଂଦଠାରୁ ସଂଗୀତର ସ୍ୱର ଲୟ ପର୍ଯଂତ ସବୁଥିରେ ପ୍ରକାଶିତ ହୋଇପାରଂତି । ଶ୍ରୀଯୁକ୍ତ ବିନାୟକ ଦାସ ଯେଉଁ ନବ ଛଂଦଟି ଉଦାହରଣରେ ଦେଖାଇଛଂତି, ତାହା ମଧ୍ୟ ଏଇ ବଂଗଳାଶ୍ରୀର ରୂପାଂତର । ବୈଦେହୀଶବିଳାସରେ ଛଂଦସ୍ୱର ଘେନି ଏହି ରୂପାଂତରଟିର ନାମ ଲଳିତକାମୋଦୀ । ଏହି ସବୁ ଭାବରେ ଆଲୋଚନା କରି ଦେଖିଲେ ନୂତନ କଥାଛଂଦରେ ମଧ୍ୟ ଓଡ଼ିଆ ପଲ୍ଲିବାସୀଂକର ପ୍ରାଣ ଆକର୍ଷଣ କରାଯାଇପାରେ । ତାହା ହୋଇ ନାହିଁ । ଏହାହିଁ ଆକ୍ଷେପ ।

ଗୁରୁ ଲଘୁ ଓଡ଼ିଆ ସ୍ୱରଯଂତ୍ରର ବର୍ଣ୍ଣ ଉଚ୍ଚାରଣରେ ନାହିଁ । ସେଥିରେ ତତ୍ସମ ମଧ୍ୟ ଉଚ୍ଚାରଣରେ ତଦ୍‌ଭବ ହୋଇଯାଏ । 'ଖଂତଗିରି ଗୁଂଫା ଦେଖଛି'

Digitized by PPRACHIN, SOA

ଏଠାରେ ଖଣ୍ + ଡ଼ ଗିରି ଗୁମ୍ + ଫା ଦେଖୁଛି, ଏପରି କେହି ତତ୍ସମ ମାତ୍ରାମିତ ଉଚ୍ଚାରଣ କରଂତି ନାହିଁ । ତାହା କିପରି କରିବେ କବି ଲେଖିବା ପୂର୍ବରୁ ସେ କଥାର ଯଥାଯଥ ବିଗ୍ଭର କରି ଲୋକଭାଷାରେ ଅନୁପ୍ରାଣିତ ରହିବା ଦରକାର । **ଇଂରାଜିରେ ଯାହାକୁ (Syllable) କହଂତି, ସଂସ୍କୃତ ବା ତଦ୍‌ଭବ ଭାଷାରେ ତାହା ଏକସ୍ୱର ଯୁକ୍ତବର୍ଣ,** ଯଥା–ଅ, ର, ବାନ୍ । (Quantity) ବା ଉଚ୍ଚାରଣ ପରିମାଣ ଇଂରାଜିରେ accent ସଂସ୍କୃତର ବର୍ଣର ଗୁରୁତ୍ୱରେ ପ୍ରକାଶିତ ହୁଏ । ଓଡ଼ିଆରେ ତାହା ନାହିଁ । ତେବେ କଥା କବିତାରେ ସର୍ବତ୍ର ଗୁରୁତ୍ୱ ପ୍ରକାଶ ପାଏ । ଓଡ଼ିଆରେ ତାହାର କିଂତୁ ମାନ ସ୍ୱତଂତ୍ର । ନିମ୍ନରେ ବଂଗଳାଶୀର ଏକ ରୂପାଂତର କଥା କବିତାରୁ ଦିଆଗଲା ।

ଟୁ - କୁ ମୁସି        ଟୁକେଇ ମୁସି,
ତୁ - ଥା ମୁଁ -        ଯାଉଚି ରୁସି-
ଧାନ ଭରଣକ ଖାଉଥା ବସି ।

ଏ ସବୁ ଛଂଦରେ ଉଚ୍ଚାରଣରେ ପରିମାଣ ସ୍ପଷ୍ଟ । ଏହିସବୁ ବକ୍ତାର ଆଶୟସଂବଳିତ ବର୍ଣର ପରିମାଣକୁ ଧରି ଓଡ଼ିଆର ଗୁରୁ ଲଘୁ ନିୟମ ସଂସ୍କୃତ, ବଂଗଳା ପ୍ରଭୃତି ଭାଷାର ସାମଂଜସ୍ୟରେ ଫୁଟାଇ ପାରିବାର ମନୀଷା, ପାଂଡିତ୍ୟ ଓ ଅଧ୍ୟବସାୟ ଦରକାର । ଓଡ଼ିଆ କବିତା, ଓଡ଼ିଆ ଲୋକଂକ ପାଇଁ ଲେଖିବାକୁ ହେବ । ଏ କଥା ସବୁବେଳେ ମନେରଖିବା ଉଚିତ । 'ଭାନୁସିଂହର ପଦାବଳୀ'ରେ ପ୍ରଥମ ପଦକ୍ଷେପ ପୂର୍ବକ ଯେଉଁ ବିଶ୍ୱ ମନୀଷୀ ନୂତନ ଛଂଦ ସୋପାନରେ ଆରୋହଣ କରି ଆଜି ବଂଗଭାଷା ଓ ସାହିତ୍ୟକୁ ଜୀବଂତ କରିଅଛଂତି ତାଂକର ଜୀବନବ୍ୟାପୀ ମହାପାଂଡିତ୍ୟ ଓ ସାଧନାର ସିଦ୍ଧିକୁ ଆଜି ଅନ୍ୟଭାଷୀ ଲୋକେ ହଠାତ୍ ଚିଂତା ଓ ଗଣନାହୀନ ଭାବରେ ଅନୁକରଣ କରି ବସିବାହିଁ ଦୂଷଣୀୟ – ଯଥାର୍ଥ ଓ ଯଥାଯଥ ଅନୁକୃତି ଦୂଷଣୀୟ ନୁହେ ।

❖❖❖

Digitized by PPRACHIN, SOA

## ଶବ୍ଦ ବୃଦ୍ଧି

ଏହି [illegible] ଏବଂ ଶବ୍ଦ [illegible]
[illegible] କରିଅଛି [illegible]
୨ଟା ଶବ୍ଦ-ମୂଳ । [illegible] ।
ଦେଖନ୍ତୁ [illegible] ଶବ୍ଦ-ମୂଳ [illegible] ।
[illegible] କରିଅଛି [illegible] ।
[illegible]
କରିଅଛି [illegible] ନାହିଁ — [illegible]
[illegible]
[illegible] — [illegible] ଦେଖନ୍ତୁ ।

## ଉପସର୍ଗ [illegible]

ଏହି [illegible] ଶବ୍ଦ [illegible]
[illegible] । [illegible] ଶବ୍ଦରେ
ଭିନ୍ନ ଭିନ୍ନ ଅର୍ଥରେ ଭିନ୍ନ ଭିନ୍ନ ପ୍ରକାର
ହୁଏ । ଯଥା:— (ତେଣୁ) [illegible] + [illegible]
([illegible] ଅର୍ଥରେ) = [illegible] ; [illegible] + [illegible]
= [illegible] ([illegible]) ; [illegible] ।
[illegible] + [illegible] = [illegible] ([illegible]) ; [illegible] ।
[illegible]

Digitized by PPRACHIN, SOA

(ନ [illegible] ମାନ [illegible] ଏବଂ [illegible] ରୂପ
ଉଚ୍ଚ [illegible], ଅନ୍ୟ ବର୍ଣ୍ଣ ସଙ୍ଗରେ ହୁଏ ।

ଅର୍ଦ୍ଧ [illegible]

[illegible] — ଙାର (କଣ୍ଠ୍ୟଙ)
ମୁଁ ଙାର (ଅର୍ଦ୍ଧ ଙାର); ସେହି ଉଚ୍ଚାରଣ
ସଂସ୍କୃତ ବ୍ୟାକରଣ ଗ୍ରନ୍ଥରେ ନାହିଁ । ସେଥିପାଇଁ
ସଂସ୍କୃତରେ ଅର୍ଦ୍ଧ ଙାର ନାହିଁ । ମୁଁ ଅର୍ଦ୍ଧ
(ଅର୍ଦ୍ଧ, ଅର୍ଦ୍ଧ [illegible]) । ସଂସ୍କୃତରେ
ସେଥିପାଇଁ ଏହି ଅନେକ [illegible] ଅନୁଚ୍ଚ
ଙାର ନାହିଁ । ସେହି [illegible] ଅର୍ଦ୍ଧ [illegible],
ଅନୁଚ୍ଚ [illegible] ସେଥିପାଇଁ [illegible] ; ଅର୍ଦ୍ଧ,
(ଅର୍ଦ୍ଧ, ଅର୍ଦ୍ଧ [illegible]) । ସଂସ୍କୃତରେ
ସେଥିପାଇଁ ଏହି ଅନେକ [illegible] ଅନୁଚ୍ଚ
ଙାର ନାହିଁ । ସେହି [illegible] ଅର୍ଦ୍ଧ [illegible],
ଅନୁଚ୍ଚ [illegible] ସେଥିପାଇଁ [illegible] ; ଅର୍ଦ୍ଧ,
[illegible] ଉଚ୍ଚାରଣ [illegible],
[illegible], [illegible] [illegible]
[illegible], [illegible] ସେହି ଅର୍ଦ୍ଧ [illegible]
[illegible] [illegible] [illegible] ।

ଓଡ଼ିଆରେ ଅର୍ଦ୍ଧ [illegible]

ଓଡ଼ିଆରେ ଏହି ସଂସ୍କୃତ
ଅର୍ଦ୍ଧ [illegible] [illegible] [illegible] [illegible] ।

Digitized by PPRACHIN, SOA

[illegible]

Digitized by PPRACHIN, SOA

[illegible]

Digitized by PPRACHIN, SOA

## ବର୍ଣ୍ଣସ୍ମୃତି

### ସ୍ୱର

#### ମୂଳସ୍ୱର

ଓଡ଼ିଆରେ ଅ, ଆ, ଇ, ଈ, ଉ, ଊ, ଏ, ଓ — ଏମାନେ ସ୍ୱର ବର୍ଣ୍ଣ। ଏମାନେ ନିଜେ ନିଜେ ~~ସ୍ୱର~~ ଗୋଟିଏ ଗୋଟିଏ ସ୍ୱରରେ ଉଚ୍ଚାରିତ ହୁଅନ୍ତି।

'ଅ'ର ଦୀର୍ଘ, 'ଆ'; 'ଇ'ର ଦୀର୍ଘ, 'ଈ'; 'ଉ'ର ଦୀର୍ଘ, 'ଊ'। ~~ଅ~~ ଅ, ଇ, ଉ, ହ୍ରସ୍ୱ ସ୍ୱରବର୍ଣ୍ଣ। ଆ, ଈ, ଊ, ଦୀର୍ଘ ସ୍ୱର ବର୍ଣ୍ଣ। ତେଣୁ ଅ, ଆ ଦୁଇଟି ଅ-ବର୍ଣ୍ଣ; ଇ, ଈ ଦୁଇଟି ଇ-ବର୍ଣ୍ଣ, ଉ, ଊ ଦୁଇଟି ଉ-ବର୍ଣ୍ଣ। ମାତ୍ର ଓଡ଼ିଆରେ ଅ, ଆ ଏକା ବର୍ଣ୍ଣ ବୋଲି ହେଉ ସାବ୍ୟସ୍ତ ନାହିଁ। ଅ-ର 'ବୃଦ୍ଧି' ହେଲେ 'ଆ' ହୁଏ।

* ଇ-ବର୍ଣ୍ଣର 'ଗୁଣ' ଏ, ~~ଉ~~ ଉ-ବର୍ଣ୍ଣର 'ଗୁଣ' ଓ ବୋଲି ସ୍ୱୀକୃତ।

Digitized by PPRACHIN, SOA

୪୨ ଅ, ଆ, ଇ, ଉ, ଏ, ଓ
୪୩ ଛୁଟିକି ଓଡ଼ିଆରେ ହ୍ରସ୍ୱ ବା ଦୀର୍ଘ।
ଉ ହ୍ରସ୍ୱ ଉ, ଊ ହ୍ରସ୍ୱ ଊ ନାହିଁ।
ସଂସ୍କୃତ ବା ଅନ୍ୟ (ବଙ୍ଗଳା, ବୋଲା
ସବୋଲ) ଓଡ଼ିଆ ଶବ୍ଦରେ ଯେଉଁ ଇ, ଈ,
ଉ, ଊ, ଉ, (ସ୍ୱତନ୍ତ୍ରରେ) ଗୋଟିଏ ଭେଦ ନାହିଁ।
[illegible] ଏହିପରି ନାରୀଙ୍କ ନାରୀର
ଅନୁସାରରେ ନାରୀବା, ନାରୀଣୀ,
ନାରୀଯା ଲେଖିବେ ନାହିଁ, ଏହିପରି ଉଚ୍ଚାରଣରେ
ନଦୀଆ, ନଦୀଟି, ନଦୀଯା ଇତ୍ୟାଦି ଥାଉ।
ତେଣୁ ଉଚ୍ଚାରଣ ଅନୁସାରେ ଲେଖିବା ଉଚିତ।
[illegible] ଯୁଗ୍ମ ଓଡ଼ିଆରେ ସ୍ତ୍ରୀଙ୍କ, ସ୍ତ୍ରୀ, ଦ୍ରିର
ନାହିଁ। ଏହିପରି ଶବ୍ଦ ବ୍ୟବହାର ଅଛି।
ଲୋକଙ୍କ" ଓଡ଼ିଆରେ ଏହିପରି ଅନୁକରଣ
ନଦୀଶୋ, ନଦୀଆ, ଦଶ, ଏକଶୀ ଏହିପରି
ଶବ୍ଦ ଲେଖା ଯାଏ। ଆଉ ଏହି
'ଦୁଆ' 'ଦୁଆ'; 'ଲୋକୁ', 'ଲୋକୁ';
ଉଣା', ଊଣା ଇତ୍ୟାଦି।

## କୃଦନ୍ତ

ଧାତୁରୁ ଭିନ୍ନ ଭିନ୍ନ ପ୍ରତ୍ୟୟ ଯୋଗ ହୋଇ ଏହି ସବୁ ଶବ୍ଦ ହୁଏ । ଯଥା:—

ସଂସ୍କୃତ ପ୍ରତ୍ୟୟରେ — ~~ଦୃଷ୍ଟି, ଶ୍ରଦ୍ଧା, ପ୍ରଜ୍ଞା, ବର୍ତ୍ତମାନ, ନନ୍ଦନ~~, ଓ

ଦୃଷ୍ଟି ('ଦୃଶ୍' ଧାତୁରୁ-ତି); ଶ୍ରଦ୍ଧା (ଶ୍ରତ୍ ଧାତୁ ଧା ~~ଧାତୁ~~); ପ୍ରଜ୍ଞା (ପ୍ର-ଜ୍ଞା+ଅ); ବର୍ତ୍ତମାନ (ବୃତ୍+ମାନ); ନନ୍ଦନ (ନନ୍ଦ+ଅନ); ଭୂତ (ଭୂ+ତ); ଭବନ (ଭୂ+ଅନ); କୃତ (କୃ+ତ); ସ୍ମରଣୀୟ (ସ୍ମୃ+ଅନୀୟ); ଗୀତ (ଗା+ତ); ଗାୟକ (ଗା+ଅକ) - ଇତ୍ୟାଦି

ଖାଣ୍ଟି ଓଡ଼ିଆରେ —

ଅଳସୁଆ ('ଅଳସ' ଧାତୁରୁ ପ୍ରତ୍ୟୟ ସମ୍ବନ୍ଧୀୟ ବାଚକରୁ ସଂଜ୍ଞା ଅର୍ଥରେ - ଉ); ଗଢ଼ିଆଣି ('ଗଢ଼ିଆ' ଶବ୍ଦ ଧାତୁରୁ ସଂଜ୍ଞା ରୂପରେ 'ଣି'); ପଢ଼ୁଆ ('ପଢ଼' ଧାତୁରୁ ଅଭ୍ୟାସ ଅର୍ଥେ 'ଉଆ'); ରାନ୍ଧଣା ('ରାନ୍ଧ' ଧାତୁରୁ ଶବ୍ଦ ନିର୍ମାଣ ଅର୍ଥରେ 'ଅଣା'); ରାନ୍ଧଣ (ରାନ୍ଧ+ଅଣ); ପଢ଼ିବା (ପଢ଼+ଇବା) ଚାଲନ୍ତା (ଚାଲ୍+ନ୍ତା) - ଇତ୍ୟାଦି ।

Digitized by PPRACHIN, SOA

[illegible]

ଦେଶଜ ଶବ୍ଦମାନଙ୍କରେ 'ଅଣ'

[illegible]

Digitized by PPRACHIN, SOA

[illegible] ([illegible]) ; ନା - [illegible] ; [illegible]
([illegible]) - [illegible] ; ~~[illegible]~~ [illegible] ([illegible]) - [illegible] ;
~~[illegible]~~ ; ~~[illegible]~~ ; [illegible] ;
[illegible] - [illegible] ; [illegible] - [illegible] ;
[illegible] - [illegible] ; [illegible] - [illegible] ;
~~[illegible]~~ ; [illegible] - [illegible] ;
[illegible] - [illegible] ; [illegible] - [illegible] ;
[illegible] - [illegible] , [illegible] ;
[illegible] - [illegible] ; [illegible] - [illegible] ;
[illegible] - [illegible] ; [illegible] - [illegible] ;
[illegible] ; [illegible] ; [illegible] - [illegible] ;
[illegible] ; [illegible] - [illegible] ; [illegible] -
[illegible] ([illegible]) ;

~~[illegible]~~ [illegible] :—
[illegible] - [illegible] - [illegible] ;
[illegible] - [illegible] ; [illegible] - [illegible] ; [illegible] ;
[illegible] ।

Digitized by PPRACHIN, SOA

# ଓଡ଼ିଆ ବ୍ୟାକରଣ

( ପ୍ରଥମ ଓ ଦ୍ୱିତୀୟ ଭାଗ )

ପ୍ରଣେତା—

ପଣ୍ଡିତ ନୀଳକଣ୍ଠ ଦାସ ଏମ୍. ଏ.

ପ୍ରଥମ ସଂସ୍କରଣ

୧୯୩୫

ପ୍ରକାଶକ—

ପଣ୍ଡିତ ଶ୍ରୀ ଆତୁଳ ମିଶ୍ର କାବ୍ୟତୀର୍ଥ

ମେନେଜର, କଟକ ଟ୍ରେଡ଼ିଂ କଂପାନୀ

ବାଲୁବଜାର

କଟକ

ମୂଲ୍ୟ—୪ • ।୵ ଚାରି ଅଣା ମାତ୍ର

SCHOOL OF ORIENTAL STUDIES LONDON

(ପ୍ରଥମ ସଂସ୍କରଣର ପ୍ରଥମ ଆଭ୍ୟନ୍ତରୀଣ ପୃଷ୍ଠାର ନକଲ)

Digitized by PPRACHIN, SOA

# ମୁଖବଂଧ

୧ ୯ ୨ ୧ ଖ୍ରୀଷ୍ଟାବ୍ଦରେ ସତ୍ୟବାଦୀ ସ୍କୁଲର ଉଚ୍ଚ ଶ୍ରେଣୀରେ ଓଡ଼ିଆ ବ୍ୟାକରଣ ମତେ ପ୍ରାୟ ଏକ ମାସ ପଢ଼ାଇବାକୁ ହୋଇଥିଲା । ସେତେବେଳେ ପ୍ରଚଳିତ ଓଡ଼ିଆ ବ୍ୟାକରଣ ସବୁ ଦେଖି ମନେ ହେଲା, ସେସବୁ ଇତର ବିଶେଷ ପରିମାଣରେ ସଂସ୍କୃତ ବ୍ୟାକରଣର ଆଭାସ ଅନୁକୃତି ମାତ୍ର । ସେଠାରୁ ମୁଁ ନିଜେ ଅତି ମୂଳରୁ ଆରମ୍ଭ କରି ଓଡ଼ିଆ ବ୍ୟାକରଣ ଆଲୋଚନାରେ ଚିଂତା ଚଳାଇବାକୁ ବାଧ ହେଲି । ବାକ୍ୟ ବିଚାର, ପଦ ବିଚାର, ଶବ୍ଦ ବିଚାର, ବର୍ଣ୍ଣ ବିଚାର, ଛଂଦ ବିଚାର ଓ ତତ୍ତ୍ୱ ବିଚାର ଏହିପରି ଛଅ ଭାଗରେ ଗ୍ରଂଥଟିର କଳନା କଲି । ପ୍ରଥମରୁ ଶିଶୁଗମ୍ୟ ଭାବରେ ଗ୍ରଂଥଟି ଆରଂଭ କରି ପ୍ରତିଦିନର ପଢ଼ାଇବା କାର୍ଯରେ ଅଗ୍ରସର ହେଲି । କେବଳ ବାକ୍ୟବିଚାର ଓ ପଦବିଚାର ଭାଗ ଦିଓଟିର କଂକାଳ ମାତ୍ର ପ୍ରସ୍ତୁତ ହୋଇଥିଲା । ମଧ୍ୟେ ମଧ୍ୟେ ଅନ୍ୟାନ୍ୟ ଭାଗ ପାଇଁ କେତେକ ଅତି ସାମାନ୍ୟ ସୂଚନା ଲେଖିଥିଲି । ସେହି କଂକାଳଟି ଏବେ ଏ ପୁସ୍ତକାକାରରେ ପ୍ରକାଶ କରୁଅଛି । ଅନ୍ୟାନ୍ୟ ଭାଗସବୁ ଆଉ କରିବାର ଅବକାଶ କେବେ ପାଇବି, ଜାଣେ ନାହିଁ । ଏ କଂକାଳରେ ବିଷୟମାନଙ୍କର ଆଲୋଚନା ପୂର୍ଣ୍ଣ ସର୍ବାଂଗୀନ ନୁହେଁ । ଶିକ୍ଷକ ଓ ଶିକ୍ଷାର୍ଥୀମାନଂକର ଏଥିରୁ ଯଥାର୍ଥ ଓଡ଼ିଆ ବ୍ୟାକରଣର ଆଲୋଚନା ଓ ଶିକ୍ଷାର ଯଥେଷ୍ଟ ସୂଚନା ମିଳିବ ଓ ସେହି ସୂତ୍ରରେ ହୁଏତ ଗ୍ରଂଥ ଦିନେ ପୂର୍ଣ୍ଣାଂଗ ହେବ ବୋଲି ଆଶା କରି ଏହା ପ୍ରକାଶକଂକୁ ଦେଲି । ଏସବୁ ବିଷୟ ଅନୁଧାବନ ଫଳରେ ଶିକ୍ଷକ ଓ ଶିକ୍ଷାର୍ଥୀମାନେ ମୋତେ ଯଥେଷ୍ଟ ସୂଚନାମାନ ଦେଇ ସାହାଯ୍ୟ କଲେ ମୁଁ ନିଜେ ଗ୍ରଂଥଟି ପୂର୍ଣ୍ଣ କରିବା ପାଇଁ ମଧ ପ୍ରସ୍ତୁତ ହେବି ।

ସତ୍ୟବାଦୀ ସ୍କୁଲର ତତ୍କାଳୀନ ଓଡ଼ିଆ ଭାଷା ଓ ସାହିତ୍ୟ ଶିକ୍ଷକ ଶ୍ରୀମାନ୍ ବାସୁଦେବ ମହାପାତ୍ର ଏସବୁ ସୂଚନାର ସଂକଳନରେ ମତେ ସେତେବେଳେ ଯଥେଷ୍ଟ ସାହାଯ୍ୟ କରିଥିଲେ । ପାଂଡୁଲିପି ପ୍ରସ୍ତୁତ କରିବାରେ ଶ୍ରୀମାନ୍ ମୋହନ ଦାସ ମଧ ମୋତେ ବିଶେଷ ସାହାଯ୍ୟ କରିଛଂତି । ପୁଣି କଟକ ଟ୍ରେଡ଼ିଂ କଂପାନୀର ଅଧକ୍ଷ ପଂଡ଼ିତ ଶ୍ରୀ ଆକୁଳ ମିଶ୍ର ଏ ପୁସ୍ତକ ଦେଖି ଆଗ୍ରହ ସହିତ ପ୍ରକାଶ ଭାର ଗ୍ରହଣ କରିଛଂତି । ତାହା ନ କରିଥିଲେ ଏ ସୂଚନାଗୁଡ଼ିକ ହୁଏତ କେବେ ପ୍ରକାଶ ପାଇଥାଂତା କି ନା ସଂଦେହ । ଏସବୁ ପାଇଁ ମୁଁ ଆଂତରିକ କୃତଜ୍ଞତା ଜଣାଉଅଛି ।

ନୀଳକଂଠ ଦାସ

(ମୂଳ ଗ୍ରଂଥରେ ପଂଡିତ ନୀଳକଂଠ ଲେଖିଥିବା ମୁଖବଂଧ)

Digitized by PPRACHIN, SOA

## ପଣ୍ଡିତ ନୀଳକଣ୍ଠ ଦାସ

ଆବିର୍ଭାବ : ୦୫-୦୮-୧୮୮୪ ତିରୋଧାନ : ୦୬-୧୧-୧୯୬୭

| ପ୍ରକାଶିତ ଗ୍ରନ୍ଥ | | ପ୍ରକାଶ କାଳ |
|---|---|---|
| ପ୍ରଣୟିନୀ | ... | ୧୯୧୯ |
| କୋଣର୍କେ | ... | ୧୯୧୯ |
| ଖାରବେଳ | ... | ୧୯୨୦ |
| ଆର୍ଯ୍ୟ ଜୀବନ | ... | ୧୯୨୧ |
| ଦାସ ନାଏକ | ... | ୧୯୨୩ |
| ଓଡ଼ିଆ ବ୍ୟାକରଣ (୧ମ, ୨ୟ ଭାଗ) | ... | ୧୯୩୫ |
| ଗୀତା (ଭାଷ୍ୟ) | ... | ୧୯୩୬ |
| ଓଡ଼ିଆ ସାହିତ୍ୟର କ୍ରମପରିଣାମ (୧ମ, ୨ୟ ଭାଗ) | ... | ୧୯୪୮, ୧୯୫୩ |
| ଓଡ଼ିଆ ଭାଷା ଓ ସାହିତ୍ୟ | ... | ୧୯୫୪ |
| ଆତ୍ମ ଜୀବନୀ | ... | ୧୯୬୩ |
| ନୀଳକଣ୍ଠ ଗ୍ରନ୍ଥାବଳୀ(୧ମ, ୨ୟ, ୩ୟ) | ... | ୧୯୬୩/ ୬୫/ ୬୭ |
| Speeches & Remarks of Pt. Nilakantha Das | | 1959 |
| **ପିଲାଙ୍କ ସାହିତ୍ୟ** | | |
| ପିଲାଙ୍କ ରାମାୟଣ | ... | ୧୯୨୩ |
| ପିଲାଙ୍କ ମହାଭାରତ | ... | ୧୯୨୪ |
| ପିଲାଙ୍କ ଭାଗବତ | ... | ୧୯୨୫ |
| **ସଂପାଦନା** | | |
| ସେବା | ... | ୧୯୨୧-୧୯୨୩ |
| ଦୈନିକ ସମାଜ | ... | ୧୯୨୮ |
| ନବ ଭାରତ | ... | ୧୯୩୪-୧୯୪୧, ୧୯୪୬-୧୯୫୦ |

Digitized by PPRACHIN, SOA